

ମାନସତୀର୍ଥ ପରିକ୍ରମା



ମୂଳ ବଙ୍ଗଳା ରଚନା :

ସୁଶୀଲଚନ୍ଦ୍ର ବସୁ

ଭାଷାନ୍ତର:

ଦୋଳଗୋବିନ୍ଦ ପଣ୍ଡା

Scanned with CamScanner

ମାନସତୀର୍ଥ ପରିକ୍ରମା

ଲେଖକ : ସୁଶୀଲ ଚନ୍ଦ୍ର ବସୁ

ଅନୁବାଦକ : ଦୋଳଗୋବିନ୍ଦ ପଣ୍ଡା.
୧୮୬ / ସି,ଚକେଇସିଆଣି
ଭୁବନେଶ୍ୱର - ୧୦

ପ୍ରକାଶକ : ଅକ୍ଷୟ କୁମାର ନାୟକ
ଗ୍ରାମ : ସୁନ୍ଦିରା
ପୋ.ଅ. : ମହତୀପୁର
ଭାୟା : ଖଇରା
ଜିଲ୍ଲା : ବାଲେଶ୍ୱର - ୭୫୬୦୪୮

ଶୁଭେଚ୍ଛା : ଅବଲ୍ୟ କୁମାର ପରିଡ଼ା
ପି.ପି.ଏଲ୍, ପାରାଦୀପ

© : ଦୋଳଗୋବିନ୍ଦ ପଣ୍ଡା

ପ୍ରଥମ ପ୍ରକାଶ : ୧୯୯୭

ଦ୍ୱିତୀୟ ମୁଦ୍ରଣ : ୨୦୦୧

ପ୍ରଚ୍ଛଦ : ଶଶିକାନ୍ତ ରାଉତ

ଲିପି-ସଂଯୋଜନା : ଜେ.କେ. ପ୍ରିଣ୍ଟର୍ସ
ମଧୁସୂଦନ ନଗର, କଟକ - ୮

ମୁଦ୍ରଣ : ରାଜଧାନୀ ଅଫ୍‌ସେଟ ପ୍ରା.ଲିଃ
ମଞ୍ଚେଶ୍ୱର, ଭୁବନେଶ୍ୱର.

ମୂଲ୍ୟ : ଟ ୪୮.୦୦ (ଅଠଚାଳିଶ ଟଙ୍କା)

MANASATEERTHA PARIKRAMA

Author :
Sushil Chandra Basu

Translated by :
Dolagovinda Panda
186/C, Chakeisiani
Bhubaneswar - 10

First Publication : 1997

Second Printing : 2001

Published by :
A.K. Nayak
At. - Sundira
P.O. - Mahatipur
Via. - Khaira
Dist.- Balasore
Pin - 756048

© : Translator

Printed at :
Rajdhani Offset (P) Ltd.,
Mancheswar, BBSR.
Price : Rs. 48 /- (Forty eight only)

ପ୍ରସ୍ତାବନା

ମାତୃଭାଷା ବ୍ୟତୀତ ଆମର ଅନ୍ୟ ଯେତେ ଭାଷାରେ ଯେତେ ଜ୍ଞାନ ଥାଉ ନା କାହିଁକି, ମାତୃଭାଷାରେ କୌଣସି ଜିନିଷ ପଢ଼ି ବୁଝିବା ଆମ ପକ୍ଷେ ସର୍ବାପେକ୍ଷା ସହଜସାଧ୍ୟ । ସେହି ଦୃଷ୍ଟିରୁ ବଙ୍ଗଳା ଭାଷା ଆମେ ଯେତେ ଜାଣି ଥାଉନା କାହିଁକି, ଶ୍ରୀଶ୍ରୀଠାକୁରଙ୍କର ଜୀବନୀ ବା ବାଣୀ-ପୁସ୍ତକ ଆଦି ଓଡ଼ିଆ ଭାଷାରେ ପଢ଼ିବାକୁ ପାଆନ୍ତି କି - ଏଇ ଅଭିଳାଷ ଆମ ପ୍ରତ୍ୟେକଙ୍କ ଭିତରେ ଅଛି ନିଶ୍ଚୟ । ତା'ଛଡା ଯେଉଁମାନେ ବଙ୍ଗଳା ଜାଣି ନାହାନ୍ତି, ସେମାନଙ୍କପାଇଁ ଓଡ଼ିଆ ପୁସ୍ତକ ତ ଏକାନ୍ତ ପ୍ରୟୋଜନ ।

ଆଦ୍ୟାବଧି ଶ୍ରୀଶ୍ରୀଠାକୁରଙ୍କର ଏବଂ ଶ୍ରୀଶ୍ରୀଠାକୁର, ତାଙ୍କର ଭାବଧାରା ଓ ସତ୍‌ସଙ୍ଗ-ବିଷୟକ ଅନେକ ବହି ଓଡ଼ିଆରେ ପ୍ରକାଶ ପାଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ । ତେଣୁ ଓଡିଶାର ଗୁରୁଭ୍ରାତା ତଥା ଅନୁରାଗୀ ଜନସାଧାରଣଙ୍କର ଏଇ ଅଭାବ ପୂରଣ କରିବାପାଇଁ ମୁଁ ମଧ୍ୟ କିଛି ଉଦ୍ୟମ କରିବି ଏଇ ଇଚ୍ଛା ମୋର ରହି ଆସିଛି ଅନେକ ଦିନରୁ । ସେଇ ଇଚ୍ଛାକୁ ରୂପ ଦେବାର ପ୍ରଥମ ପ୍ରୟାସ ଏଇ 'ମାନସତୀର୍ଥ ପରିକ୍ରମା'।

ମଦୀୟ ଇଷ୍ଟଭ୍ରାତା ତଥା ପ୍ରିୟ ସୁହୃଦ୍ ଅବଲ୍ୟକୁମାର ପରିଡ଼ାଙ୍କର ସର୍ବବିଧ ପୂର୍ଣ୍ଣ ସାହାଯ୍ୟ-ସହଯୋଗର ଫଳଶ୍ରୁତି-ସ୍ୱରୂପ ଜାନୁଆରୀ ୨, ୧୯୯୭ ରେ ଏହି ପୁସ୍ତକ ପ୍ରଥମ ପ୍ରକାଶଲାଭ କରିଥିଲା । ଏହାର ଦ୍ୱିତୀୟ ମୁଦ୍ରଣପାଇଁ ଇଷ୍ଟଭ୍ରାତା ଅକ୍ଷୟ କୁମାର ନାୟକ ଆଗ୍ରହ ପ୍ରକାଶ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

ତା ୨.୧.୨୦୦୧ — ଦୋଳଗୋବିନ୍ଦ ପଣ୍ଡା

Scanned with CamScanner

ଲେଖକ-ପରିଚିତି

ମୋର ଋତ୍ୱିକ୍‌ଦେବ, ସ୍ୱର୍ଗତ ସୁଶୀଲଚନ୍ଦ୍ର ବସୁଙ୍କର ଲେଖା ଏଇ ସ୍ମୃତିକଥା, ସତ୍‌ସଙ୍ଗର ମୁଖପତ୍ର 'ଆଲୋଚନା' ପତ୍ରିକାରେ ଧାରାବାହିକଭାବେ ପ୍ରକାଶିତ ହୋଇଥିଲା । ୧୩୭୩ ସାଲ୍ର ଭାଦ୍ରମାସରେ (ଅଗଷ୍ଟ ୧୯୬୬) ତା'ର ଶେଷ କ୍ରମ ପାଠ କରି ମନରେ ଏଇ ଧାରଣା ହୁଏ ଯେ ଏଇ କାହାଣୀ ଆହୁରି କେତେ ପରିଚ୍ଛେଦ ବିସ୍ତୃତ ହୋଇ ଥା'ନ୍ତା, କିନ୍ତୁ ତାଙ୍କର ଶେଷ ବୟସର ଅସୁସ୍ଥତା, ବିଶେଷ କରି ଦୃଷ୍ଟିଶକ୍ତିର କ୍ଷୀଣତା ହେତୁ ବୋଧହୁଏ ତାହା ସମ୍ଭବ ହୋଇ ପାରିନି ।

ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶରେ ସେ ଦୁଇଟି ବିଷୟରେ ଗବେଷଣା କରିଥିଲେ,— ଜାତିସ୍ମରତା (ମଣିଷର ମୃତ୍ୟୁଭେଦୀ ସ୍ମରଣଶକ୍ତି) ଓ ଭୃଗୁରଚିତ ଜ୍ୟୋତିଷଶାସ୍ତ୍ର । ଏଇ ଗବେଷଣାର ତଥ୍ୟ ସଂଗ୍ରହପାଇଁ ତାଙ୍କୁ ଭାରତର ବିଭିନ୍ନ ସ୍ଥାନ ବୁଲିବାକୁ ହୋଇଛି, ସେଇ ବିବରଣ ସେ 'ଆଲୋଚନା' ସମ୍ପାଦକଙ୍କ ଅନୁରୋଧରେ ଉକ୍ତ ପତ୍ରିକାରେ କ୍ରମାନ୍ୱୟରେ ପ୍ରକାଶ କରିଥିଲେ । ପରେ ଆମମାନଙ୍କର ବିଶେଷ ଆଗ୍ରହରେ, 'ଜାତିସ୍ମର କଥା' ଓ 'ରାଜସ୍ଥାନେର୍ ପଥେ' ଏଇ ଦୁଇଟି ବହି ଆତ୍ମପ୍ରକାଶ କରେ । ତାଙ୍କର ଏଇ ଶେଷ ଏବଂ ହୁଏତ ଅସମ୍ପୂର୍ଣ୍ଣ ରଚନାଟିର ବହି ଛପା ହୋଇପାରିନଥିଲା,— ବର୍ତ୍ତମାନ ତାଙ୍କର ତିରୋଧାନ ପରେ, ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏଇ କାର୍ଯ୍ୟରେ ବ୍ରତୀ ହୋଇଛି ।

ଶ୍ରୀଶ୍ରୀଠାକୁରଙ୍କର ସେବା ଓ ସାହଚର୍ଯ୍ୟରେ ଶ୍ରଦ୍ଧେୟ ସୁଶୀଲଦା ପଚ୍ଚିଶ ବର୍ଷରୁ ଅଧିକ କାଳ କଟେଇଛନ୍ତି । ଏତେ ଦୀର୍ଘକାଳ ତାଙ୍କ ସାନ୍ନିଧ୍ୟରେ କଟେଇବାପରେ ଆଉ କେହି ଲିଖିତ ବିବରଣ ରଖିଯାଇ ନାହାନ୍ତି, ସେଦିଗରୁ ଏହାର ଗୋଟାଏ ସ୍ଥାୟୀ ମୂଲ୍ୟ ଅଛି । ତା'ଛଡ଼ା ଏ ବହିରେ ଯାହା କିଛି ଅଛି ତା'ର ଅନେକାଂଶ ତାଙ୍କ ନିଜର ପ୍ରତ୍ୟକ୍ଷ ଓ ବ୍ୟକ୍ତିଗତ ଅଭିଜ୍ଞତାର ଧାରା-ବିବରଣୀ, ଅନ୍ୟ କାହାପାଖରୁ ସଂଗୃହୀତ ତଥ୍ୟ-ସଂକଳନ ନୁହେଁ । ଆଉ ଗୋଟିଏ ବୈଶିଷ୍ଟ୍ୟ ଲକ୍ଷଣୀୟ ଯେ ଏଥିରେ ଶ୍ରୀଶ୍ରୀଠାକୁରଙ୍କର ମତବାଦ, ବାଣୀ ବା ଶିକ୍ଷାର ପ୍ରସଙ୍ଗ ଆଦୌ ଆଲୋଚିତ ହୋଇନି, କିନ୍ତୁ ଯେଉଁ ଗୁଣ ପ୍ରତି ଆକୃଷ୍ଟ ହୋଇ ବିଭ୍ରାନ୍ତ ମଣିଷ ତାଙ୍କୁ ଏକାନ୍ତ ନିର୍ଭରଯୋଗ୍ୟ ଆଶ୍ରୟ ବୋଲି ଗ୍ରହଣ କରିଛି, ଶ୍ରୀଶ୍ରୀଠାକୁରଙ୍କର ସେଇ ଅପାର କରୁଣା, କ୍ଷମା ଓ ଧୈର୍ଯ୍ୟର ଚିତ୍ର ହିଁ ଲେଖକ ଆଙ୍କିବାରେ ପ୍ରୟାସୀ ହୋଇଛନ୍ତି । '...ପରମ କାରୁଣିକ ଯିଏ, ତାଙ୍କୁ ହୃଦୟରେ ପ୍ରତିଷ୍ଠିତ କର, ତୁମର ନିଶ୍ଚଳା ବୁଦ୍ଧି ତାଙ୍କର ମତବାଦକୁ ଆଲିଙ୍ଗନ କରି ଧନ୍ୟ ହେବ'— ଏଇ ଇଙ୍ଗିତ ହିଁ ଯେପରି ତାଙ୍କ ଲେଖା ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି ।

ଭକ୍ତିର ଗୋଟିଏ ଲକ୍ଷଣ କୁଆଡ଼େ ନିର୍ବିଘ୍ନରତା, କିନ୍ତୁ ତା'ସହ ବିଶ୍ଳେଷଣୀ ବୁଦ୍ଧିର ପରିଚୟ ମିଳେ ଲେଖକଙ୍କ ଚରିତ୍ରରେ । ଶ୍ରୀଶ୍ରୀଠାକୁର ତାଙ୍କୁ ଯେତେବେଳେ ଯାହା ନିର୍ଦ୍ଦେଶ



ଦେଇଛନ୍ତି ତାହା ନିର୍ବିଘ୍ନରରେ ପାଳନ କରିଲେ ମଧ୍ୟ, ସବୁକ୍ଷେତ୍ରରେ କାର୍ଯ୍ୟ-କାରଣର ସମାଧାନ ମଧ୍ୟ ପରେ ପଚ୍ଚରି ବୁଝିନେଇଛନ୍ତି; କାହାଣୀରେ ତା'ର ଉଲ୍ଲେଖ ଥିବାରୁ ଅଲୌକିକତ୍ୱର ଗ୍ଲାନି ଏଥିରେ କୋଉଠି ହେଲେ ନାହିଁ । ଆଉ ନାହିଁ ମଧ୍ୟ କୌଣସି ଅହମିକାର ପ୍ରକାଶ,— 'ବିଦ୍ୟା ଦଦାତି ବିନୟମ୍'— ଏଇ ଉକ୍ତି ଯେପରି ତାଙ୍କ ବ୍ୟକ୍ତିତ୍ୱରେ ସାର୍ଥକ ହୋଇ ଉଠିଥିଲା ।

'ବିନୟ' କଥାଟିର ପ୍ରଚଳିତ ଅର୍ଥ 'ନମ୍ରତା', କିନ୍ତୁ ଶ୍ରୀଶ୍ରୀଠାକୁର ତାହା ସ୍ୱୀକାର କରନ୍ତି ନାହିଁ । ତାଙ୍କ ମତରେ, ଏହାର ଧାତୁଗତ ଅର୍ଥ ହେଉଛି, ଅପରକୁ ସ୍ୱୀୟ ମତରେ 'ଆନୟନ' କରିବାର କୌଶଳ ('ବିନୟ' ଓ 'ଆନୟନ' ଗୋଟିଏ ଧାତୁରୁ ଉତ୍ପନ୍ନ) । ଅପରର ମନୋଭାବ ଓ ଦୃଷ୍ଟିଭଙ୍ଗୀ ନିୟନ୍ତ୍ରଣର ଚତୁରତା ଓ ପରାକ୍ରମ ନ ଥିଲେ ବିଦ୍ୟା ନିଷ୍ଫଳା । ସୁଶୀଲଦାଙ୍କ ଚରିତ୍ରରେ ଏଇ ସଂସ୍କାର ହିଁ ରୂପ ଦେଖିଛି, ତାରି ଉଦାହରଣସ୍ୱରୂପ ଗୋଟିଏ ଘଟଣାର ଉଲ୍ଲେଖ କରି ଏଇ ଭୂମିକାର ଉପସଂହାର କରିବି ।

ବିହାରରେ ସାଁଓତାଳ ପରଗଣାର ଜିଲ୍ଲା କଂଗ୍ରେସ କମିଟିର ପ୍ରାକ୍ତନ ସେକ୍ରେଟାରୀ ଶ୍ରୀ ବିଷ୍ଣୁପ୍ରସାଦ ରାୟ ଥରେ ଦେଓଘରୁ ଦୁମକା ଯା'ନ୍ତି । ନାନା କାମ ସାରୁ ସାରୁ ଲାଷ୍ଟ ବସ୍‌ର ସମୟ ଗଡ଼ିଗଲା, ଅଥଚ ସେଇ ରାତିରେ ହିଁ ଦେଓଘର ନ ଫେରିଲେ ନ ହୁଏ । ଅଗତ୍ୟା ସେ ବନ୍ଧୁ ଓକିଲ କୁମାରୀଶବାବୁଙ୍କ ଘରକୁ ଗଲେ ତାଙ୍କୁ ସାଇକେଲ ମାଗିବାକୁ । କିନ୍ତୁ ବନ୍ଧୁଙ୍କର ଘୋର ଆପତ୍ତି,— ରାତିରେ ୪୨ମାଇଲ ନିର୍ଜନ ରାସ୍ତା ସାଇକେଲ୍‌ରେ ଯିବା କୌଣସିମତେ ଚଳିବ ନାହିଁ । ତାଙ୍କୁ ବସେଇ ଜଳପାନର ବ୍ୟବସ୍ଥା କରି କହିଲେ, "ଦେଖନା, ତୁମର ଫେରିବାପାଇଁ ଭଲ ବ୍ୟବସ୍ଥା କରିଦଉଛି ।"

ଆଶ୍ରମ ସେତେବେଳେ ଏକ ମିଥ୍ୟା ମାମଲାରେ ଜଡ଼ିତ, ସେଇ କେସ୍ ବୁଝାଶୁଝା

Scanned with CamScanner

କରିବାପାଇଁ ସୁଶୀଲଦାଙ୍କର କୁମାରୀଶବାବୁଙ୍କ ପାଖକୁ ଆସିବା କଥା। ସେ ଆସିବାରୁ ତାଙ୍କ ସହିତ ବିଷ୍ଣୁବାବୁଙ୍କର ପରିଚୟ କରେଇଦେଇ କହିଲେ, ''ଯାଙ୍କର କାମ ସରିଗଲେ, ଯାଙ୍କ ଗାଡ଼ିରେ ତୁମେ ଗ୍ଳଲିଯିବ।'' ତା'ପରର କଥା ବିଷ୍ଣୁବାବୁଙ୍କ ନିଜ ମୁହଁରୁ ଯାହା ଶୁଣିଚି, ତାହା ହେଲା ଏଇ—

''ସତ୍‌ସଙ୍ଗର ଅନେକ ନିନ୍ଦା ମୁଁ ଆଗରୁ ଶୁଣିଥିଲି, ଏଇ ମାମଲା ପରେ ଧାରଣା ଆହୁରି ବିରୂପ ହୁଏ। ମୋର ଇତସ୍ତତଃ କରିବା ଦେଖି ସୁଶୀଲଦା କହିଉଠିଲେ,—'ଦେଖନ୍ତୁ ବିଷ୍ଣୁବାବୁ, ଆପଣ ତ ଆସିବାବେଳେ ବସ୍‌ରେ ଆସିଛନ୍ତି; ଆପଣଙ୍କ ସହ ଏକା ଗାଡ଼ିରେ ଯେପରି କିଛି ଭଲ ଲୋକ ଆସିଛନ୍ତି, କିଛି ମନ୍ଦଚରିତ୍ରର ଲୋକ ମଧ୍ୟ ନିଶ୍ଚୟ ଆସିଥିବେ। ସେମାନଙ୍କର ପାପ ଯେତେବେଳେ ଆପଣଙ୍କୁ ସ୍ପର୍ଶ କରିନି, ସେତେବେଳେ ଗୋଟିଏ ମନ୍ଦ ପ୍ରତିଷ୍ଠାନର ତତୋଽଧିକ ମନ୍ଦ ଲୋକ ସହିତ ଏକା ଗାଡ଼ିରେ ଯଦି ଫେରନ୍ତି, ସେଥିରେ ବା ଦୋଷ ହେବ କାହିଁକି? ଆପଣ ନିଃସଙ୍କୋଚରେ ମୋ' ଗାଡ଼ିରେ ଗ୍ଳଲନ୍ତୁ।

''ଗାଡ଼ିରେ ଯେଉଁସବୁ କଥା ହେଲା ତାହା ଆଜି ମୋର ମନେ ନାହିଁ, ତେବେ ଏହା ପରେ ଦେଓଘରର ଜଣେ ବିଶିଷ୍ଟ ବ୍ୟକ୍ତି, ସତ୍‌ସଙ୍ଗ ସମ୍ବନ୍ଧରେ କୁତ୍ସା ରଚନା କରିବାରୁ ମୁଁ କହିଥିଲି, ଆପଣ କ'ଣ ଏକଥା ନିଜର ପ୍ରତ୍ୟକ୍ଷ ଅଭିଜ୍ଞତାରୁ ଜାଣିଛନ୍ତି? ଲୋକମୁଖରୁ ଶୁଣି କହିବା ଅତି ଗର୍ହିତ କାର୍ଯ୍ୟ।

''ସତ୍‌ସଙ୍ଗର ନିନ୍ଦାବାଦ ସେତେବେଳେ ଦେଓଘରେ ଏକ ସର୍ବଜନ-ଉପଭୋଗ୍ୟ ଜିନିଷ, ହଠାତ୍ ଏଇ ଛନ୍ଦପତନରେ ଚକିତ ହୋଇ ସେ କହିଉଠିଲେ,—ସତ୍‌ସଙ୍ଗର ଏତେବଡ଼ ଭକ୍ତ ତୁମେ କେବେଠାରୁ ହେଲ?

''ମୁଁ ତା'ର ଉତ୍ତର ଦେଲି,— ଆପଣ ଭଲଭାବେ ଜାଣନ୍ତି, ମୁଁ ଆଜିଯାଏ ସତ୍‌ସଙ୍ଗର ପାଖଦେଇ ବି ଯାଇନି। ତେବେ ସେଇ ପ୍ରତିଷ୍ଠାନ ସହିତ ଯୁକ୍ତ ଜଣେ ମଣିଷର ନୈତିକ ମେରୁଦଣ୍ଡ ଏତେ ମଜବୁତ ଥିବାର ଦେଖିଛି ଯେ ମୋର ଦୃଢ଼ ଧାରଣା, ସହସ୍ର ପ୍ରତିକୂଳ ଶକ୍ତି ମଧ୍ୟ ଏ ପ୍ରତିଷ୍ଠାନକୁ ଏତେ ଟିକିଏ ବି ଟଳେଇପାରିବ ନାହିଁ।

''ବସ୍ତୁତଃ, ଅନ୍ୟାୟ ବିରୋଧରେ ବାଧା ଦେଇ ଠିଆ ହେବାର ପ୍ରବୃତ୍ତି ସେ ମୋ' ଭିତରେ ଏତେଦୂର ଜଗେଇତୋଳିଥିଲେ ଯେ ମୁଁ ସ୍ୱେଚ୍ଛାରେ ସମଗ୍ର ଜିଲ୍ଲାର ବର୍ଦ୍ଧିଷ୍ଣୁ ଲୋକମାନଙ୍କ ଘରକୁ ଯାଇ ସତ୍‌ସଙ୍ଗ-ସମ୍ବନ୍ଧରେ ସେମାନଙ୍କର ବିରୂପ ମନୋଭାବ ନିରସନ ନ କରି କ୍ଷାନ୍ତ ହୋଇନି।''

... ଶ୍ରଦ୍ଧେୟ ବିଷ୍ଣୁଦା ବର୍ତ୍ତମାନ ଆମର ଜଣେ ଅନ୍ତରଙ୍ଗ ଇଷ୍ଟଭ୍ରାତା।

ଗୁରୁପୂର୍ଣ୍ଣିମା
କଲିକତା-୧୦ ଶ୍ରାବଣ, ୧୩୭୯

ବିନୀତ
ମଧୁସୂଦନ ବନ୍ଦ୍ୟୋପାଧ୍ୟାୟ

ସୂଚୀ-ପତ୍ର

ବିଷୟ	ପୃଷ୍ଠା
ପ୍ରଥମ ଅଧ୍ୟାୟ	
ଦୀକ୍ଷାଲାଭ	୧୧
କୀର୍ତ୍ତନ ଓ ଭାବସମାଧି	୧୫
ଆଶ୍ରମରେ ଯୋଗଦାନ	୨୭
ପିତୃଦେବ	୩୯
ମୋର ପାରିବାରିକ ଜୀବନ	୪୧
କୁଷ୍ଟିଆ ମହୋତ୍ସବ	୪୪
ବହିର୍ବିଶ୍ୱେ ପ୍ରଗ୍ଧର	୫୨
ତପୋବନର ମୂଳକଥା	୫୮
ହରିଣାକୁଣ୍ଡୁରେ ଶ୍ରୀଶ୍ରୀଠାକୁର	୬୧
ବରାହନଗର ଓ ନୈହାଟି	୬୮
ସନ୍ନ୍ୟାସିନୀ	୭୦
ଦୁର୍ଗାନାଥଦାଙ୍କର ରୋଗମୁକ୍ତି	୭୩
ସର୍ବଜୀବେ ପ୍ରେମ	୭୬
New Era Publishing	୮୩
ଦ୍ୱିତୀୟ ଅଧ୍ୟାୟ	
କଲିକତା ଯାତାୟାତ	୮୬
ମାସିକ ପତ୍ରିକା	୯୭
ହରିତକୀ ବାଗାନ୍ ଲେନ୍‌ରେ	୧୦୧
ହେମ କବି	୧୧୦
ଶ୍ରୀଶ୍ରୀଠାକୁରଙ୍କର ଅସୁସ୍ଥତା	୧୧୩
ସତ୍ୟାଶ୍ରୟୀ କୃଷ୍ଣ ଦାସ	୧୨୨
ପୁରୀଧାମରେ	୧୨୯
ଶିକ୍ଷା ଓ ବିଜ୍ଞାନ	୧୩୩
ମନୋମୋହନ ଥିଏଟର୍	୧୩୮
ତପୋବନ	୧୪୯
ପଦ୍ମା	୧୫୩
ଟିଉବ୍‌ୱେଲ୍	୧୫୭
ତୃତୀୟ ଅଧ୍ୟାୟ	
ଦେଶବନ୍ଧୁ ଚିତ୍ତରଞ୍ଜନ	୧୬୧
ମହାତ୍ମାଜୀ	୧୮୪
ନେତାଜୀ ସୁଭାଷ	୧୯୦
କୁତ୍ସା ଓ କୃତଘ୍ନତା	୧୯୫
ପ୍ରତିକୂଳ ଅବସ୍ଥା ଓ ସଙ୍ଗଠନ	୨୧୨
ମାସିକ ପତ୍ରିକା	୨୩୦
ଋତ୍ୱିକ-ସଂଘ	୨୩୩
ମା'ଙ୍କର ମହାପ୍ରୟାଣ	୨୩୫
ଚତୁର୍ଥ ଅଧ୍ୟାୟ	
ପୁସ୍ତକ ପ୍ରଣୟନ	୨୩୯
ବିଜ୍ଞାନ ଓ ଗବେଷଣା	୨୪୮
ଜାତିସ୍ମର ଓ ଭୃଗୁ	୨୫୦
ରାଜନୈତିକ ସ୍ୱାଧୀନତା	୨୫୭
ସ୍ୱଜନ ବିୟୋଗ	୨୬୨
ଭାରତ ବାହାରେ	୨୬୫
ବୈଦ୍ୟନାଥଧାମରେ	୨୬୭

Scanned with CamScanner

ମାନସତୀର୍ଥ ପରିକ୍ରମା

ଜୀବନର ଯେଉଁ ଦିନଗୁଡ଼ିକ ଅତୀତ ହୋଇଯାଏ, ସେଗୁଡ଼ିକ ପ୍ରତ୍ୟେକେ ହିଁ ଆମର ମାନସପଟରେ କିଛି ନା କିଛି ଛାପ ରଖିଯାଏ, ତାକୁହିଁ ଆମେ 'ସ୍ମୃତି' କହୁ। ଅତୀତର ସ୍ମୃତି ଆମ ପାଖରେ ଅତି ମଧୁର ବୋଲି ବୋଧହୁଏ। କାହିଁକି ଏପରି ହୁଏ? ଅତୀତରେ ଯାହା ଅଙ୍କୁରରୂପେ ଦେଖା ଦେଇଥିଲା,, ଯାହାର ଆକାର ଥିଲା ରୂଢ଼, ଗତି ଥିଲା ଆବିଳ, ତାହା ମଧ୍ୟ ଭବିଷ୍ୟତ ବିକାଶର ଆଶାରେ ହୁଏତ ଥିଲା ପୂର୍ଣ୍ଣଗର୍ଭା। ଅତୀତରେ ଯିଏ ଥିଲା ମୂକ, ଭବିଷ୍ୟତରେ ସେ ମୁଖର ହୋଇ ଆତ୍ମପ୍ରକାଶ କରେ।

ଅଭ୍ୟସ୍ତ ପଥରେ ଗ୍ଲୁଲୁ ଗ୍ଲୁଲୁ ଆମେ ଭୁଲ୍‌ରେ ବି ପ୍ରଥମ ପଥିକକୁ ମନେ ପକାଉ ନାହିଁ। ସେ ପଥ କାଟେ, ପଥର ହଟାଏ, ଜଙ୍ଗଲ ସଫା କରେ,— ପରେ ଯେଉଁମାନେ ଆସନ୍ତି ସେମାନେ ଭାବନ୍ତି, ବରାବର ବୋଧହୁଏ ଏହିପରି ଥିଲା। ସାଫଲ୍ୟର, ସାର୍ଥକତାର ଗୋଟାଏ ଟ୍ରାଜେଡ଼ୀ ହେଲା ଏଇ ଯେ, ସେମାନେ ପୂର୍ବତନଙ୍କୁ ଭୁଲିଯାଆନ୍ତି; ପୂର୍ବେ ଯେଉଁମାନେ ଦେହରେ କାଦୁଅ ବୋଳି ଗଳଦ୍‌ଘର୍ମ ହୋଇ ପ୍ରହର ପରେ ପ୍ରହର ଜାଗି କାମ କରି ବାଟ କରି ଦିଅନ୍ତି, ସେଇ ପଥିକୃତ୍‌ମାନଙ୍କ କଥା ମନେ ପକେଇ, ସେମାନଙ୍କ ଅବସ୍ଥାର କଥା ଚିନ୍ତା କରି, କେହି ମନ ଖରାପ କରିବାକୁ ଚାହାନ୍ତିନି।

ତା'ହେଲେ ମଧ୍ୟ ଅତୀତର କଥା ସ୍ମରଣ ରଖିବା ବୋଧହୁଏ ଆମର ଦରକାର। କାରଣ, ଅତୀତ ନ ଥିଲେ ବର୍ତ୍ତମାନ ବା ଭବିଷ୍ୟତ ଠିଆହୁଏ କାହା ଉପରେ? ଅତୀତର ପ୍ରଦୀପ୍ତ ଆଲୋକ-ବର୍ତ୍ତିକା ହିଁ ବର୍ତ୍ତମାନର ପଥ-ପ୍ରଦର୍ଶକ। ସେଇକଥା ମନେ କରି ହିଁ ଅତୀତର କାହାଣୀ ଲେଖିବାକୁ ଆରମ୍ଭକଲି, ହୁଏତ ବା କାହାର ବି ଉପକାରରେ ଆସିପାରେ। ସ୍ମୃତିର ଲେଖାରେ ଯାହା ଆଜି ଅସ୍ପଷ୍ଟ ହୋଇ ଅଛି, ଲେଖିବାକୁ ଆରମ୍ଭ କଲେ କ୍ରମେ ତାହା ହୁଏତ ସ୍ଫୁଟତର ହୋଇ ଉଠିବାକୁ ଆରମ୍ଭ କରିବ...।

ପ୍ରଥମ ଅଧ୍ୟାୟ

ଦୀକ୍ଷାଲାଭ

—୭ ନଭେମ୍ବର ୧୯୧୭—

... ସେ ଆଜି ଅନେକଦିନର କଥା।

୧୯୧୭ମସିହା ନଭେମ୍ବର ମାସ,— କଲିକତା ବିଶ୍ୱବିଦ୍ୟାଳୟର ଏମ.ଏ.ଏବଂ ଲ' ପରୀକ୍ଷାପାଇଁ ପ୍ରସ୍ତୁତ ହେଉଛି। ନଭେମ୍ବର ଛଅ ତାରିଖରେ କୁଷ୍ଟିଆ ସହରକୁ ଆସିଥିଲି ମୋର ଭଉଣୀକୁ ଦେଖିବାପାଇଁ। ମୋର ଭିଣୋଇ ଅଶ୍ୱିନୀକୁମାର ବିଶ୍ୱାସଙ୍କ ଘରେ ପ୍ରବେଶ କରୁ କରୁ ବାହାର ଘରେ ଦେଖିଲି ଜଣେ ସୁଠାମ ସୁଦର୍ଶନ ବ୍ରାହ୍ମଣ ଯୁବକ ବସିଛନ୍ତି। ଖାଲି ଦେହ, ବକ୍ଷେ ଯଜ୍ଞୋପବୀତ ଲମ୍ବମାନ। ତାଙ୍କର ସ୍ନେହଳ ତୀକ୍ଷ୍ଣଦୃଷ୍ଟି ମୋତେ ଆକର୍ଷଣ କଲା।

ମୋତେ ଘରେ ପ୍ରବେଶ କରିବାର ଦେଖି ସେ ଉଠି ଚିର ପରିଚିତ ପରି ମୋତେ ଗାଢ଼ ଆଲିଙ୍ଗନରେ ଆବଦ୍ଧ କଲେ। କିଛିକ୍ଷଣ ତାଙ୍କର ସ୍ନେହାଲିଙ୍ଗନରେ ଆବଦ୍ଧ ରଖି ସେହି ଅବସ୍ଥାରେ ହିଁ ମୋତେ ପ୍ରଶ୍ନ କଲେ,— ''ମୋତେ କେମିତି ଲାଗେ ଦାଦା?''

ତାଙ୍କର ଗାଢ଼ ଆଲିଙ୍ଗନରେ ଅଭିଭୂତ ହୋଇ ହେଉ ବା ଯେକୌଣସି କାରଣରେ ବି ହେଉ କହିପକେଇଲି,— ''ଆପଣଙ୍କ ସଙ୍ଗେ ମୋର ଏଇ ଯେ ପ୍ରଥମ ପରିଚୟ ତା'ତ ମନେ ହେଉନାହିଁ, ମନେ ହେଉଚି ଯେ ଆପଣ ମୋର ବହୁଦିନର ପରିଚିତ ବନ୍ଧୁ।''

ସେ କିଛିସମୟ ଚୁପ୍ ରହି କହିଲେ,— ''ପ୍ରଥମେ ଆପଣଙ୍କୁ ଅପରିଚିତ ଭଦ୍ରଲୋକ ବୋଲି ମନେ ହୋଇଥିଲା, କିନ୍ତୁ ମନେ ହେଉଛି ଯେ ଆପଣ ବି ମୋର ବହୁଦିନର ପରିଚିତ ବନ୍ଧୁ।''

Scanned with CamScanner

ସେପର୍ଯ୍ୟନ୍ତ ଜାଣିନି ସେ କିଏ, ତାଙ୍କର ନାମ ହିଁ ବା କ'ଣ, କେଉଁଠୁ ଆସିଛନ୍ତି, କ'ଣ ବା କରନ୍ତି । କିଛି ସମୟପାଇଁ ତାଙ୍କ ନିକଟରୁ ବିଦାୟ ନେଇ ହାତମୁହଁ ଧୋଇବାପାଇଁ ଭିତରକୁ ଗଲି ।

ସେଠି ମୋର ଭିଣେଇ ଅଶ୍ୱିନୀବାବୁଙ୍କ ପାଖରୁ ପ୍ରଥମେ ଜାଣିଲି ଯେ ଯାଙ୍କର ନାମ ଶ୍ରୀଅନୁକୂଳଚନ୍ଦ୍ର ଚକ୍ରବର୍ତ୍ତୀ, ସେମାନେ ଯାଙ୍କୁ 'ଶ୍ରୀଶ୍ରୀଠାକୁର' ବୋଲି ଡାକନ୍ତି । କୀର୍ତ୍ତନ କରୁ କରୁ ଯାଙ୍କର ଭାବସମାଧି ହୁଏ, ସେତେବେଳେ ବାହ୍ୟଜ୍ଞାନ ରହେ ନାହିଁ; ସେଇ ଅବସ୍ଥାରେ ଥରେ କିଏ ଜଣେ ତପ୍ତ ଅଙ୍ଗାର ଦେହରେ ଲଗେଇ ଧରିଥିଲା, ସେଥିରେ ମଧ୍ୟ ତାଙ୍କର ବାହ୍ୟଜ୍ଞାନ ଫେରି ଆସିନି । ଭାବସମାଧି ଅବସ୍ଥାରେ ଅନେକ କଥା ବି କହିଛନ୍ତି, ଯାହା ଲିଖିତ ଅଛି ।

ହାତମୁହଁ ଧୋଇ କିଞ୍ଚିତ୍ ଜଳଯୋଗ କରି ପୁଣି ବାହାର ଘରେ ଆସି ତାଙ୍କ ନିକଟରେ ବସିଲି । ସେଠି ଏପରି କେତେଜଣ ଲୋକଙ୍କୁ ଦେଖିଲି ଯେଉଁମାନଙ୍କର ନୈତିକ ଚରିତ୍ର ଅତି ନିକୃଷ୍ଟ ଧରଣର ବୋଲି ମୁଁ ପୂର୍ବରୁ ଜାଣିଥିଲି । ସେମାନଙ୍କ ମଧ୍ୟରୁ ଜଣେ ମୋତେ କହିଥିଲା, 'ଫୌଜଦାରୀ ଦଣ୍ଡବିଧିର ଏପରି କୌଣସି ଧାରା ନାହିଁ ଯେଉଁ ଅପରାଧ ମୁଁ ଜୀବନରେ ନ କରିଛି' । ଏମାନଙ୍କୁ ଏପ୍ରକାର ସାଧୁପୁରୁଷଙ୍କ ସଂସ୍ପର୍ଶରେ ଦେଖି ବିସ୍ମିତ ହେଲି । ପରେ ପଚାରି ବୁଝିଥିଲି,— ଏଇ ମହାପୁରୁଷଙ୍କ ସଂସ୍ପର୍ଶରେ ଆସି ଏମାନଙ୍କର ଚରିତ୍ରର ଆମୂଳ ପରିବର୍ତ୍ତନ ସାଧିତ ହୋଇଛି, ରତ୍ନାକର ବାଲ୍ମୀକିରେ ପରିଣତ ହୋଇଛି ।

ଶ୍ରୀଶ୍ରୀଠାକୁରଙ୍କ ସହ ନାନା କଥାବାର୍ତ୍ତା ହେବାକୁ ଲାଗିଲା । ସେତେବେଳେ ସଂଧ୍ୟା ଆଗତପ୍ରାୟ,— ମୁଁ ତାଙ୍କୁ କହିଲି,— 'ଆପଣଙ୍କ ସହ ନିରୋଳାରେ କିଛି ଆଳାପ କରିବାକୁ ଚାହେଁ, ସେ ତତ୍‌କ୍ଷଣାତ୍ କହିଲେ, 'ଆସନ୍ତୁ' । ଏହା କହି ବାହାର ଘରକୁ ଲାଗିଥିବା ଗୋଟିଏ ଛୋଟ ଘରକୁ ଉଠିଗଲେ । ସେଇଠି ସେ ଶୟନ କରୁଥିଲେ । ମୁଁ ତାଙ୍କ ଶଯ୍ୟା ପାର୍ଶ୍ୱରେ ଉପବେଶନ କଲି ।

ଦୀପ ଜଳା ହେଲା । ମୁଁ ପ୍ରଶ୍ନ ପରେ ପ୍ରଶ୍ନ କରିଯିବାକୁ ଲାଗିଲି । ସେ ମୁହୂର୍ତ୍ତମାତ୍ର ଚିନ୍ତା ନ କରି ସ୍ୱତଃସ୍ରୋତା ନଦୀର ଗତିରେ ଅନର୍ଗଳ କହିଯିବାକୁ ଲାଗିଲେ । ରାତି ଅଧିକ ହେବାରୁ ଖାଇବାପାଇଁ ଡକା ହେଲା, ସେ ଓ ମୁଁ ଏକ ସଙ୍ଗେ ଯାଇ ଖାଇ ଆସିଲୁ । ଆସି ପୁଣି ତାଙ୍କ ଶଯ୍ୟା ପାଖରେ ପୂର୍ବପରି ବସିଲି ।

ପୁଣି ପ୍ରଶ୍ନୋତ୍ତର ଚାଲିବାକୁ ଲାଗିଲା; କଥାବାର୍ତ୍ତାରେ ଆଳାପ-ଆଲୋଚନାରେ କିଭାବେ ଯେ ରାତି ଅତିବାହିତ ହେଇଗଲା ତାର ସୁରାକ ବି ପାଇଲୁ ନାହିଁ । ଭୋର ବେଳା କୁଆ ଡାକିବାର ଶବ୍ଦ ଶୁଣି ସେ କହିଲେ, ଭୋର୍ ହେଇଯାଇଛି, କୁଆ ଡାକୁଛି । ଝରକା ଖୋଲି ଦେଖିଲି, ପୂର୍ବାକାଶ ଫର୍ଚ୍ଚା ହେଇଯାଇଛି ।

ଦର୍ଶନ-ଶାସ୍ତ୍ରର ଛାତ୍ର ହିସାବରେ ଏବଂ ନିଜ ଜୀବନରେ ଏପର୍ଯ୍ୟନ୍ତ ଯେତେ ପ୍ରଶ୍ନ ଜମା ହେଇ ରହିଥିଲା— ବ୍ୟକ୍ତିଗତ ଜୀବନ, ପାରିବାରିକ, ସାମାଜିକ୍ ଓ ରାଷ୍ଟ୍ରୀୟ

ସମସ୍ୟା ପ୍ରଭୃତି ସମ୍ବନ୍ଧରେ ସବୁ ପ୍ରଶ୍ନ ହିଁ ଉଜାଡ଼ କରିଦେଇ ଯଥାର୍ଥ ସମାଧାନ ପାଇ ତୃପ୍ତ ହେଲି । ଭାବିଲି, ଜଣକ ପକ୍ଷରେ ଏପ୍ରକାର ବହୁବିଧ ପ୍ରଶ୍ନର ସମାଧାନ ଦେବା କିପରି ସମ୍ଭବ, ବିଶେଷତଃ ଯିଏ କହିବାକୁ ଗଲେ ଉଚ୍ଚଶିକ୍ଷାର ଧାର ହିଁ ଧାରି ନାହାନ୍ତି । ତା' ହେଲେ ବି, ସାରା ରାତିର ଆଲୋଚନାରେ ଏଇ କଥାହିଁ ମନେହେବାକୁ ଲାଗିଲା ଯେ, ସେ ସର୍ବବିଧ ଶିକ୍ଷାରେ ଶିକ୍ଷିତ । ଆହୁରି ମଧ୍ୟ ଅନୁଭବ କଲି ସମସ୍ତ ମାନବ ପ୍ରତି ତାଙ୍କର ପ୍ରାଣଭରା ଦରଦ, ଯାହା ଜାତି, ଧର୍ମ ବା ଦେଶକାଳଦ୍ୱାରା ସୀମିତ ନୁହେଁ ।

ସକାଳେ ହାତମୁହଁ ଧୋଇ ତାଙ୍କ ପାଖରେ ଆସି ବସିଲି । ସେ ପ୍ରୀତି-ପ୍ରସନ୍ନ ଦୃଷ୍ଟିରେ ମୋର ଆପାଦ-ମସ୍ତକ ନିରୀକ୍ଷଣ କରିବାକୁ ଲାଗିଲେ । ତାଙ୍କର ସେଇ ଦୃଷ୍ଟିରେ କି ଆକର୍ଷଣ ଥିଲା ଜାଣିନି । ଶ୍ରୀରାମକୃଷ୍ଣଙ୍କୁ ମୁଁ ଦେଖିନି, ଶୁଣିନି ତାଙ୍କର କଣ୍ଠସ୍ୱର । ପ୍ରଥମ ଯେଉଁଦିନ 'ଶ୍ରୀରାମକୃଷ୍ଣ କଥାମୃତ' ପଢ଼େ ସେତେବେଳେ ମୁଁ ସ୍କୁଲ୍‌ର ଛାତ୍ର; ଅପୂର୍ବ ଅନୁଭୂତି ହୋଇଥିଲା ସେଦିନ । ଆଜି ତାଙ୍କ ଦୃଷ୍ଟିରେ ସ୍ପଷ୍ଟ ଉପଲବ୍ଧି କଲି ଯେପରି ଶ୍ରୀରାମକୃଷ୍ଣ ହିଁ ମୋ' ଆଡ଼କୁ ସ୍ନେହଳ ଦୃଷ୍ଟିରେ ଚାହିଁ ରହିଛନ୍ତି । ସେ କହିଲେ ତାଙ୍କ ଆଡ଼କୁ ଆଗେଇଯିବାକୁ । ମନେ ହେଲା ଯେପରି ଶ୍ରୀରାମକୃଷ୍ଣଙ୍କର କଣ୍ଠସ୍ୱର, କେଜାଣି କାହିଁକି ଅଭିଭୂତ ହୋଇପଡ଼ିଲି । ଆଗେଇଯାଇ ପ୍ରଣାମ କରି କହିଲି,— 'ମୋତେ ଦୀକ୍ଷା ଦିଅନ୍ତୁ, ପଥ ଦେଖେଇ ଦିଅନ୍ତୁ' ।

ସେଦିନ ନଭେମ୍ବର ସାତ ତାରିଖ । ସେହି ସମୟରେ ହିଁ ସେ ନିଜେ ମୋତେ ଦୀକ୍ଷା ଦେଲେ । ମୋର ଜନ୍ମ ହୋଇଥିଲା ନଭେମ୍ବର ସାତ ତାରିଖରେ, ପୁଣି ଦ୍ୱିତୀୟ ଜନ୍ମ ବି ହେଲା ସେଇ ତାରିଖରେ ।

କଲିକତାରେ ସ୍କୁଲ୍‌ରେ ଯେତେବେଳେ ପଢୁଥିଲି ସେତେବେଳେ 'ରାମକୃଷ୍ଣ କଥାମୃତ' ପଢ଼ି ମୋ' ମନରେ ଯେଉଁ ଭାବାନ୍ତର ହୁଏ, ସେ କଥା ଉଲ୍ଲେଖ କରିଛି । ଏଇ ପ୍ରସଙ୍ଗରେ ଏହାବି ଉଲ୍ଲେଖଯୋଗ୍ୟ ଯେ ତା'ପରେ ଯେତେବେଳେ କଲେଜ୍‌କୁ ପଢ଼ିବାକୁ ଆସିଲି ସେତେବେଳେ ଶ୍ରୀମା ସାରଦାଦେବୀ, ଶ୍ରୀରାମକୃଷ୍ଣଦେବଙ୍କ ପୁତୁରା ରାମଲାଲ୍‌ଦାଦା ଓ ବେଲୁଡ଼ ମଠର ତଦାନୀନ୍ତନ ପ୍ରେସିଡେଣ୍ଟ ରାଖାଲ-ମହାରାଜଙ୍କ ସହ ବିଶେଷଭାବେ ପରିଚିତ ହେଲି । ରାଖାଲ-ମହାରାଜ ମତେ ଖୁବ୍ ସ୍ନେହ କରୁଥିଲେ ।

ସେହି ସମୟରେ ମୋର ଜଣେ ସହପାଠୀ ରାଖାଲ-ମହାରାଜଙ୍କ ପାଖକୁ ଯାଉଥିଲେ, ସେ ସେଠାରେ ଦୀକ୍ଷା ନେଇ ସନ୍ନ୍ୟାସୀ ହେଇଗଲେ । କିନ୍ତୁ କାହିଁକି ଜାଣିନି, ଘଟଣାଚକ୍ରରେ ମୋର ଶ୍ରୀମା ବା ରାଖାଲ-ମହାରାଜଙ୍କ ପାଖରୁ ଦୀକ୍ଷା ନେବା ଆଉ ହେଲା ନାହିଁ ।

ତା'ପରେ ଶାରୀରିକ ଅସୁସ୍ଥତାପାଇଁ ଯେତେବେଳେ ଭାଗଲପୁର କଲେଜରେ ବି.ଏ. ପଢ଼ିବାକୁ ଗଲି ସେତେବେଳେ ସେଠିକି ଆସି ଜଣେ ସାଧୁଙ୍କ ସହ ମୋର ସାକ୍ଷାତ୍‌କାର ହୁଏ । ତାଙ୍କ ସହ ଆଲୋଚନାରେ ଜାଣିଥିଲି ଯେ ସେ କେଶବ ସେନ୍‌ଙ୍କର ମାମୁ ହୁଅନ୍ତି ।

Scanned with CamScanner

ଶ୍ରୀରାମକୃଷ୍ଣଦେବ ଯେତେବେଳେ ପଞ୍ଚମୁଣ୍ଡୀ ଆସନ କରି ଦକ୍ଷିଣେଶ୍ୱରରେ ବସିଲେ ସେତେବେଳେ ସେ ପଶ୍ଚିମାଞ୍ଚଳକୁ ସାଧନାପାଇଁ ଚାଲିଯା'ନ୍ତି । ଶ୍ରୀରାମକୃଷ୍ଣ ଦେବଙ୍କ ସହ ତାଙ୍କର ଘନିଷ୍ଠ ପରିଚୟ ଥିଲା ।

ମୋର ଆଉ ଜଣେ ସହପାଠୀ ମୋ' ପାଖରୁ ଏଇ ସାଧୁଙ୍କ କଥା ଶୁଣି ତାଙ୍କ ସାଥିରେ ଦେଖା କରିବାକୁ ଉଦ୍‌ଗ୍ରୀବ ହୋଇଉଠେ । ଛାତ୍ରବନ୍ଧୁଟିକୁ ତାଙ୍କ ପାଖକୁ ନେଇଯାଏ । ମୋର ବନ୍ଧୁଟିକୁ ସାଧୁଜୀ ଦେଖିବାମାତ୍ରେ କହିଲେ, "ଆଗକୁ ତୁମର ଯେ ଘୋର ବିପଦ ଦେଖୁଛି ।" ଏହା କହି ସେ ତାକୁ ଏକାନ୍ତକୁ ଡାକିନେଇ କି ମନ୍ତ୍ର ଦେଲେ ଏବଂ ତାହା ଜପ କରିବାକୁ କହିଲେ । ସେ ଆହୁରି କହିଲେ ଯେ, ଏଥିରେ ତା'ର ବିପଦ କଟିଯିବ ।

ସେତେବେଳେ ମୁଁ ସାଧୁଜୀଙ୍କୁ କହିଲି, "ବାଃ, ବେଶ୍‌ତ ମଜା! ମୁଁ ଯାହାକୁ ନେଇ ଆସିଲି ତାକୁ ଆପଣ ଦୀକ୍ଷା ଦେଲେ କିନ୍ତୁ ମୁଁ ଯେ ଏତେ ଦିନ ଧରି ଆପଣଙ୍କ ପାଖକୁ ଯାଆ-ଆସ, ମିଳାମିଶା କରୁଛି, ଆଉ ଆପଣ ମୋତେ ତ କିଛି କହିଲେନି?"

ତାଙ୍କ ସହ ଆଳାପ-ଆଲୋଚନାରେ ମୋର ଦୃଢ଼ ଧାରଣା ଜନ୍ମିଥିଲା ଯେ ସେ ଖୁବ୍ ଉଚ୍ଚ ସ୍ତରର ସାଧକ । ତାଙ୍କ ପାଖରୁ ମନ୍ତ୍ର ନେବା କଥା କହିବାରୁ ସେ ମୋତେ କହିଲେ, "ତୁମର ଗୁରୁ ଯିଏ ହେବେ ତାଙ୍କ ସହ ତୁମର ଆଜିଠାରୁ ଚାରି ବର୍ଷ ପରେ ଦେଖା ହେବ । ସେ ହିଁ ତୁମକୁ ଦୀକ୍ଷା ଦେବେ ।"

ତାହା ଥିଲା ୧୯୧୩ ମସିହାର ନଭେମ୍ବର ୬ତାରିଖ । ମୁଁ ସେତେବେଳେ ତାଙ୍କୁ କହିଥିଲି,— "ଆପଣଙ୍କର ଏହି କଥା ପ୍ରହେଳିକା ପରି ଲାଗୁଛି ।"

ଉତ୍ତରରେ ସେ କହିଲେ, "ବର୍ତ୍ତମାନ ଏଇ କଥା ତୁମକୁ ପ୍ରହେଳୀ ପରି ଲାଗିପାରେ କିନ୍ତୁ ଚାରିବର୍ଷ ଯେଉଁଦିନ ପୂର୍ଣ୍ଣ ହେବ, ସେଦିନ ତୁମେ ଏ କଥାର ସତ୍ୟତା ବୁଝିପାରିବ ।"

ସାଧୁଜୀଙ୍କର ଏଇକଥା ଅକ୍ଷରେ ଅକ୍ଷରେ ମିଳିଯାଇଥିଲା । ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ଆସି ଯେତେବେଳେ ସାଧୁଜୀଙ୍କର ଏଇ କଥା ମନେ ପଡ଼ିଲା, ସେତେବେଳେ ଖୁବ୍ ଆଶ୍ଚର୍ଯ୍ୟ ବୋଧ କରିଛି । ମଣିଷର ସଦ୍‌ଗୁରୁ-ଗ୍ରହଣ ବି destined (ନିୟତି-ନିୟନ୍ତ୍ରିତ) କି ନା କିଏ ଜାଣେ । ତା' ନହେଲେ ଶ୍ରୀମା ସାରଦାଦେବୀ, ରାଖାଲ-ମହାରାଜ ବା ସାଧୁଜୀଙ୍କ ପାଖରୁ ଦୀକ୍ଷା ଗ୍ରହଣ ନ କରି, ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି ବା ଆତ୍ମସମର୍ପଣ କଲି କାହିଁକି? ତା'ର ଉତ୍ତର କ'ଣ ତାହା ଜାଣେନା ।

□□□

କୀର୍ତ୍ତନ ଓ ଭାବସମାଧି

୧୦ ନଭେମ୍ବର ୧୯୧୭

ନଭେମ୍ବର ସାତ, ଆଠ ଦୁଇଦିନ ତାଙ୍କ ସାଥିରେ କଟେଇଲି, କେତେ ଲୋକ ଆସୁଥିଲେ କେତେ ପ୍ରଶ୍ନ ଓ ସମସ୍ୟା ନେଇ । ଇତର, ଭଦ୍ର, ମୂର୍ଖ, ବିଦ୍ୱାନ୍, ଧନୀ, ଦରିଦ୍ର ସମସ୍ତଙ୍କୁ ସ୍ନେହାଲିଙ୍ଗନରେ ଆବଦ୍ଧ କରି ସସ୍ନେହ ସେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ । ତାଙ୍କର ଅସୀମ ଧୈର୍ଯ୍ୟର ପରୀକ୍ଷା ବି ହେଉଥିଲା । ସମସ୍ତଙ୍କ ପ୍ରତି ତାଙ୍କର ସମାନ ଭଲପାଇବାରେ ମୁଗ୍ଧ ହେଇଗଲି । କିପରିଭାବେ ସମୟ କଟିବାକୁ ଲାଗିଲା ବୁଝିବି ପାରିଲି ନାହିଁ ।

ନଭେମ୍ବର ୯ତାରିଖ ସକାଳବେଳା ସେ କହିଲେ, "ମୁଁ ରାତୁଲପଡ଼ା ଯିବି" (ରାତୁଲପଡ଼ା ବୋଧହୁଏ କୁଷ୍ଟିୟାରୁ ଚାରି ମାଇଲ୍ ଦୂର) ।

ସେ ମୋତେ ତାଙ୍କ ସହ ଯିବାର ଇଙ୍ଗିତ କରୁଛନ୍ତି ବୁଝି ମୁଁ କହିଲି, "ଆଜି କଲିକତା ଫେରିବା କଥା ଅଛି ।"

ତାର ଉତ୍ତରରେ ସେ କହିଲେ, "ତେବେ ଥାଉ ।"

ସେ ଚାଲିଯିବା ପରେ ମନେହେଲା,— ତାଙ୍କ ସହ ଯାଇଥିଲେ ତ ହେଇଥାନ୍ତା । ଏ କେଇଦିନ ତାଙ୍କ ସାନିଧ୍ୟରେ କଟେଇ ଆଜି ଏକାକୀ ହେଇପଡ଼ିବାରୁ ତାଙ୍କର ଅଭାବଟା ବିଶେଷଭାବେ ଅନୁଭବ କରିବାକୁ ଲାଗିଲି । ଭାବିଲି, କଲିକତାକୁ ଗୋଟାଏ ଟେଲିଗ୍ରାମ୍ କରିଦେବି ଯେ— ମୋର ଯିବାକୁ ଡେରି ହେବ । କିନ୍ତୁ ତାଙ୍କପାଖକୁ ଯିବି କେମିତି? ରାତୁଲପଡ଼ାକୁ ବାଟ ତ ଜାଣିନି । ସେଇଦିନ ଉପରବେଳା ଜଣେ ଭଦ୍ରଲୋକ ଆସି

Scanned with CamScanner

କହିଲେ, "ଆଜି ଶ୍ରୀଶ୍ରୀଠାକୁରଙ୍କ ସହ ମୁଁ ରାତୁଲପଡ଼ା ଯାଇ ପାରିନି, କାଲି ସକାଳେ ଯିବି। ଆପଣ ଇଚ୍ଛାକଲେ ମୋ' ସହ ଯାଇ ପାରିବେ।" ତାଙ୍କର ସେଇ କଥା ଶୁଣି ତତ୍‌କ୍ଷଣାତ୍ ମୋର ଯେପରି ମନେ ହେଲା— ମୋର ଅଭୀଷ୍ଟ-ପୂରଣର ଯୋଗାଯୋଗ ସେ ହିଁ ଯେପରି କରିଦେଲେ।

ପରଦିନ ନଭେମ୍ବର ୧୦ତାରିଖ। ସେଇ ଭଦ୍ରଲୋକଙ୍କ ସାଙ୍ଗରେ ବାହାରି ଅନ୍ଦାଜ ବେଳା ୯ଟାରେ ରାତୁଲପଡ଼ାରେ ପହଞ୍ଚିଲି। ଶ୍ରୀଶ୍ରୀଠାକୁର ସେତେବେଳେ ଗୋଟିଏ ଘରେ କେତେଜଣଙ୍କ ସହ ଆଳାପ କରୁଥିଲେ। ମୁଁ ଘରର ଅଗଣାରେ ଠିଆ ହୋଇ ଶୁଣିଲି,— କିଏ ଯେପରି ତାଙ୍କୁ କହୁଛନ୍ତି— "ସୁଶୀଲଦା ଆସିଛନ୍ତି।" ସେକଥା ଶୁଣିବାମାତ୍ରେ ସେ ଗୋଟାଏ ଡିଆଁରେ ବାହାରକୁ ଆସି ମୋତେ ଗାଢ଼ ଆଲିଙ୍ଗନରେ ଜଡ଼େଇ ଧରିଲେ ଏବଂ କହିଲେ,— "ଆପଣଙ୍କ କଥା ହିଁ ଭାବୁଥିଲି,— ଆପଣ ଆସିଲେ ଖୁବ୍ ଆନନ୍ଦ ହେବ, ତେଣୁ ପରମ-ପିତା ମିଳେଇଦେଲେ।"

ମୁଁ କହିଲି— "ଆପଣ ଚାଲି ଆସିବାପରେ ଆପଣଙ୍କୁ ଦେଖିବାପାଇଁ କାହିଁକି ଜାଣିନି ମନଟା ଖୁବ୍ ବ୍ୟଗ୍ର ହେଇଉଠିଲା। ତେଣୁ ଏଇ ଭଦ୍ରଲୋକଙ୍କ ସଙ୍ଗ ପାଇ ଚାଲି ଆସିଲି।"

"ଖୁବ୍ ଭଲ ହେଲା"— ଏଇ କଥା କହି ସେ ମୋତେ ଧରିନେଇ ଘରକୁ ଆସିଲେ। ମୁଁ ଆସିବାରୁ ତାଙ୍କର ଯେଉଁ ଭାବବେଗ ଓ ଆନନ୍ଦୋଚ୍ଛ୍ୱାସ ଦେଖିଲି ସେଥିରେ ଚମତ୍କୃତ ହେଲି। ଭାବିଲି, ନିତାନ୍ତ ଆପଣାର ଲୋକ ନ ହେଲେ କେହି କାହାର ଦର୍ଶନରେ ଏତେ ଆନନ୍ଦିତ ହୁଏନା। ଘରଭର୍ତ୍ତି ଲୋକ। ତା'ମଧ୍ୟରେ ମୋତେ ସ୍ନେହାଲିଙ୍ଗନରେ ବଦ୍ଧ କରି ସମସ୍ତଙ୍କୁ କହିବାକୁ ଲାଗିଲେ,— "ଆଜି ଖୁବ୍ ଖୁସି ଲାଗୁଚି।" ତାଙ୍କର ଆଖି-ମୁହଁରେ ଅଭୂତପୂର୍ବ ଆନନ୍ଦୋଚ୍ଛ୍ୱାସ ଫୁଟି ଉଠିଲା। ମୁଁ ଭାବି କୂଳ-କିନାରା ପାଇଲିନି— କିପରି ଜଣେ ଲୋକର ଦର୍ଶନରେ ଆଉ ଜଣକର ଏପ୍ରକାର ଆନନ୍ଦର ଅଭିବ୍ୟକ୍ତି ହୁଏ। ତାଙ୍କର ଏହି ଭାବଟା ହିଁ ମୋତେ ବିଶେଷଭାବେ ମୁଗ୍ଧ ଓ ଅଭିଭୂତ କଲା।

ନାନା କଥାବାର୍ତ୍ତା ଚାଲିବାକୁ ଲାଗିଲା ଦିପହର ପର୍ଯ୍ୟନ୍ତ। ଦିପହରେ ସ୍ନାନାହାର ସାରି କିଞ୍ଚିତ୍ ବିଶ୍ରାମ ପରେ ପୁଣି ଆଲୋଚନା ଚାଲିଲା। ସଂଧ୍ୟାବେଳକୁ ଘରର ଅଗଣାରେ କୀର୍ତ୍ତନ ଆରମ୍ଭ ହେଲା। କୀର୍ତ୍ତନ କହିଲେ ଆମେ ଯାହା ବୁଝୁ— ଖୋଳକରତାଳ ବଜେଇ କୀର୍ତ୍ତନ— ଇଏ ତା' ନୁହେଁ। ଦି'ତିନିଟା ଡ୍ରମ୍ ବାଜି ଉଠିଲା; ଶଙ୍ଖ, ଘଣ୍ଟା, କଂସାଳ ବାଜି ଉଠିଲା। ସମସ୍ତେ ମିଶି ତାଣ୍ଡବ ନର୍ତ୍ତନ ଓ କୀର୍ତ୍ତନ ଆରମ୍ଭ କଲେ।

କୀର୍ତ୍ତନ ଆରମ୍ଭ ହେବାର କିଛି ସମୟପରେ ଶ୍ରୀଶ୍ରୀଠାକୁର ଘର ଭିତରୁ ଛୁଟିଆସି ଦିବାହୁ ତୋଳି ନାଚି ନାଚି କୀର୍ତ୍ତନରେ ଯୋଗଦେଲେ। ସଙ୍ଗେ ସଙ୍ଗେ ଅଦ୍ଭୁତ ପଟ-ପରିବର୍ତ୍ତନ ହେଲା। ଏପରି ଉଦ୍ଦୀପନାର ସୃଷ୍ଟି ହେଲା ଯେ ସମସ୍ତେ ଭାବରେ ମତୁଆଲା ହୋଇ ଉଦଣ୍ଡ କୀର୍ତ୍ତନ ଆରମ୍ଭ କରିଦେଲେ।

କୀର୍ତ୍ତନ ମଝିରେ ଶ୍ରୀଶ୍ରୀଠାକୁର ଦିବାହୁ ତୋଳି ମୋହନ ଭଙ୍ଗୀରେ ପ୍ରାଣର ଉଚ୍ଛଳ ପ୍ରାଚୁର୍ଯ୍ୟରେ ନୃତ୍ୟରତ, ତାଙ୍କର ବଦନମଣ୍ଡଳ ଅପୂର୍ବ ଜ୍ୟୋତିବିଭାରେ ମଣ୍ଡିତ। ସେ ଅପୂର୍ବ ସୁଠାମ ମନୋହର ନୃତ୍ୟଭଙ୍ଗୀ ଯେ ନ ଦେଖିଛି ତାକୁ ଭାଷାରେ ବୁଝାଇବା କଷ୍ଟକର। ସେ କୀର୍ତ୍ତନର ଏପରି ମୋହନୀୟ ଆକର୍ଷଣୀ ଶକ୍ତି ଯେ ଶହ ଶହ ଲୋକ ସେ ଆକର୍ଷଣରେ ଆକୃଷ୍ଟ ହୋଇ କୀର୍ତ୍ତନରେ ଯୋଗଦେଲେ। କୋଉଦିନ କୀର୍ତ୍ତନରେ ଯୋଗ ଦେଇ ମୁଁ ବି ସ୍ଥିର ରହିପାରିଲି ନାହିଁ। ଦିବାହୁ ତୋଳି କୀର୍ତ୍ତନରେ ଝାମ୍ପି ପଡ଼ିଲି।

କୀର୍ତ୍ତନରେ ଏପରି ଆଲୋଡ଼ନ ସୃଷ୍ଟି ହେଲା ଯେ— ଦେଖିଲି ତିନିଚାରିଟି କୁକୁର ସେ କୀର୍ତ୍ତନରେ ଯୋଗ ଦେଇ ନାଚୁଛନ୍ତି, ମଣିଷ ତ କି ଛାର! ଦୂରରେ ଗାଈମାନେ ହମ୍ବାହମ୍ବା ରବ କରିବାକୁ ଲାଗିଲେ। ଏପରି ଅପୂର୍ବ କୀର୍ତ୍ତନ ମୁଁ ପୂର୍ବେ କେବେବି ଦେଖିନି ବା ମୋର କଳ୍ପନାରେ ବି ନ ଥିଲା। ଶୁଣିଛି ମହାପ୍ରଭୁ ଶ୍ରୀକୃଷ୍ଣଚୈତନ୍ୟ କୀର୍ତ୍ତନରେ ଏହିପରି ମତୁଆଲା ହେଉଥିଲେ। ମନେ ହେଲା— ସେ କୀର୍ତ୍ତନ ଏଇ ଧରଣର ହିଁ ହୁଏତ ହୋଇଥିବ।

କୀର୍ତ୍ତନରେ ନାଚୁ ନାଚୁ ସହସା ଶ୍ରୀଶ୍ରୀଠାକୁରଙ୍କର ଦେହଟି ବାହ୍ୟଜ୍ଞାନଶୂନ୍ୟ ଓ ବିବଶ ହୋଇ ମାଟିରେ ଢଳି ପଡ଼ିଲା। ମନେ ହେଲା— ତାଙ୍କର ଦିବ୍ୟ ଦେହଟି ବାହ୍ୟ ଚୈତନ୍ୟହୀନ ହୋଇ ଶବ ପରି ପଡ଼ିରହିଛି। ଶରୀରରେ ଯେ ଚୈତନ୍ୟ ଅଛି ତାହା ସେତେବେଳେ ବୁଝିପାରିଲି, ଯେତେବେଳେ ଦେଖିଲି— ତାଙ୍କର ଡାହାଣ ପାଦର ବୁଢ଼ା ଆଙ୍ଗୁଠିଟି ଥର ଥର କରି କମ୍ପୁଛି। ମୁଁ ତ ହତଚକିତ ହେଇଯାଇଥିଲି। ମନେ ହେଲା— କୀର୍ତ୍ତନ ମଝିରେ ଇଏ କ'ଣ ଘଟିଲା। ପାର୍ଶ୍ୱବର୍ତ୍ତୀ ଜଣେ ମୋତେ ତଦବସ୍ଥାରେ ଦେଖି ମୋର ଦୃଷ୍ଟି ତାଙ୍କର ଡାହାଣ ପାଦର ବୁଢ଼ା ଆଙ୍ଗୁଠି ଆଡ଼କୁ ନିର୍ଦ୍ଦେଶ କରି ଦେଖାଇଦେଲେ। ଏପରି ଅବସ୍ଥା ହେଲେ କେହି ତାଙ୍କର ଶରୀର ସ୍ପର୍ଶ କରୁନଥିଲେ, କରିଲେ କୁଆଡ଼େ ତାଙ୍କର ଖୁବ୍ କଷ୍ଟ ହେଉଥିଲା।

ମୁଁ ଆଗେଇ ଆସି ତାଙ୍କର ମୁଣ୍ଡ ପାଖରେ ବସିଲି। ଦେଖିଲି, ଚକ୍ଷୁ ପଲକହୀନ, ଚକ୍ଷୁତାରକା ସ୍ଥିର, ଅଚଞ୍ଚଳ, କପାଳଟା ଯେପରି ଚକ୍ ଚକ୍ କରୁଛି। କୌତୂହଳୀ ହୋଇ ତାଙ୍କ ଦେହରେ ହାତ ଦେଲି, କେହି ମୋତେ ବାରଣ କଲେନାହିଁ। ଦେହରେ ହାତ ଦେଇ ଦେଖେ ଶରୀରଟା ହିମଶୀତଳ। ହୃତ୍‌ପିଣ୍ଡର କ୍ରିୟା ଅନୁଭବ କରିବାପାଇଁ ଛାତିରେ ହାତ ଦେଲି। ଏତେ ଉଦଣ୍ଡ କୀର୍ତ୍ତନ ପରେ ହୃତ୍‌ପିଣ୍ଡର କ୍ରିୟା ଦ୍ରୁତତର ହେବା ସ୍ୱାଭାବିକ। କିନ୍ତୁ କି ଆଶ୍ଚର୍ଯ୍ୟ! ହୃତ୍‌ପିଣ୍ଡ କ୍ରିୟାର କୌଣସି ଲକ୍ଷଣ ହିଁ ଅନୁଭବ କରିପାରିଲି ନାହିଁ। ଆଶ୍ଚର୍ଯ୍ୟ ହୋଇ ତାଙ୍କ ଦେହ ଆଡ଼କୁ ଅନେଇ ରହିଲି।

ଏପରି ଅବସ୍ଥାରେ ହଠାତ୍ ବିଦ୍ୟୁତ୍-ଝଙ୍କାର ପରି ତାଙ୍କ କଣ୍ଠରେ ଉଦ୍‌ଘୋଷିତ ହୋଇ ଉଠିଲା ଉଦାତ୍ତ ବାଣୀ— "ରଖ, ଓଗୋ ରଖ— କେବଳ ରକ୍ତ, ରକ୍ତଗଙ୍ଗା ବହିଗଲା, ଏକ୍ଷଣି ବି ନୀରବ, ନିଷ୍ପନ୍ଦ? ଏକ୍ଷଣି ବି ଘାତକ ପରି ଭୁଲି ରହିଛ? ପ୍ରେମର ସନ୍ତାନ

Scanned with CamScanner

ତୁମେମାନେ! ଏଇ ଦେଶର ମାଟିରେ, ବୁକୁରେ ଧରି, ହୃତ୍‌ପିଣ୍ଡ ଧରି କିଏ ପ୍ରେମ ଦେଇ ଯାଇଛି ରେ ? ଆରେ, ସେ ଯେ ମୋରହିଁ... ନିର୍ଦ୍ଦୟରୂପେ ଶ୍ରେର ପରି କ୍ରୁଶବିଦ୍ଧ ହେଇଥିଲା ! ଆଉ ତୁମେମାନେ ଏକ୍ଷଣି ବି ନୀରବ-ନିସ୍ତବ୍ଧ ? ପଶୁ ପରି କାମାସକ୍ତ, ଆମୋଦପ୍ରିୟ ?''

ସେ ଦିନଟା ୧୦ ନଭେମ୍ବର, ୧୯୧୭ ମସିହା । ସେତେବେଳେ ଇଉରୋପରେ ପ୍ରଥମ ବିଶ୍ୱ-ମହାଯୁଦ୍ଧ ଚାଲିଛି । ସେଇ ରକ୍ତକ୍ଷୟୀ ମହାସଂଗ୍ରାମକୁ ଯେ ଲକ୍ଷ୍ୟ କରି ଏଇ ବାଣୀ ତାହା ବୁଝିବାକୁ କଷ୍ଟ ହେଲାନି । ଉଦାତ୍ତ କଣ୍ଠରେ ଏଇ ବାଣୀ ମୋତେ ଏବଂ ପାର୍ଶ୍ୱବର୍ତ୍ତୀ ସମସ୍ତଙ୍କୁ ଭାବାବେଗରେ ଆପ୍ଲୁତ କରି ଦେଲା । କାହିଁକି ଏପରି କରି ଦେଲା, ତାଙ୍କର ସେ ବାଣୀର ଅପୂର୍ବ ସ୍ୱରଲହରି ଯିଏ ନ ଶୁଣିଛି ତାକୁ ବୁଝାଇବା କଷ୍ଟସାଧ୍ୟ ।

ତା'ପରେ ପୁଣି ବାଣୀ ନିର୍ଗତ ହେବାକୁ ଲାଗିଲା— ''ଯାହା କିଛି ହେଉଛି ସବୁ ଶବ୍ଦ ତରଙ୍ଗରୁ, ଚୈତନ୍ୟ ତରଙ୍ଗ ହିଁ ବ୍ରହ୍ମ । ସହସ୍ରଦଳରୁ ବାହାରର ଧାରା ପିଣ୍ଡକୁ ଆସିଛି ।'' ବୁଝିଲି, ସୃଜନ-ପ୍ରଗତିକୁ ଲକ୍ଷ୍ୟ କରି ହିଁ ଏକଥା କହୁଛନ୍ତି ।

ସେଦିନ ତାଙ୍କର ଏଇ ଅବସ୍ଥା ଅନୁମାନ ଚାଳିଶ ମିନିଟ୍ ସ୍ଥାୟୀ ହୋଇଥିଲା । ବାହ୍ୟଜ୍ଞାନ ଫେରିଆସିବାର ପୂର୍ବ ମୁହୂର୍ତ୍ତରେ କହି ଉଠିଲେ— ''ପାଣି ପିଇବି ରେ, ପାଣି ପିଇବି ।'' ଅନନ୍ତ-ମହାରାଜ ନିକଟରେ ଥିଲେ । ସେ ପରିଷ୍କାର ଗୋଟାଏ ତମ୍ବା ପାତ୍ରରେ ପାଣି ନେଇ ଆସି ପିଇବାକୁ ଦେଲେ ।

ଶ୍ରୀରାମକୃଷ୍ଣ ପରମହଂସଦେବଙ୍କର ଭାବସମାଧି ହେଉଥିଲା ଶୁଣିଛି । ସେ ସମାଧି ଅବସ୍ଥାରୁ ସାଧାରଣ ଅବସ୍ଥାକୁ ଫେରିଆସିବା ସମୟରେ ଗୋଟାଏ ପାର୍ଥିବ ଆକାଙ୍କ୍ଷାର ବିଷୟକୁ ଆଶ୍ରୟ କରି ସାଧାରଣ ଭୂମିକୁ ଓହ୍ଲେଇ ଆସୁଥିଲେ । ସେ ମଧ୍ୟ ସମାଧିଭଙ୍ଗର ପୂର୍ବ ମୁହୂର୍ତ୍ତରେ ''ପାଣି ପିଇବି'' ବା ''ତମାଖୁ ଖାଇବି'' ଏହିପରି କଥା କହି ସାଧାରଣ ଭୂମି ବା ସବିକଳ୍ପ ଅବସ୍ଥାକୁ ଓହ୍ଲେଇ ଆସୁଥିଲେ । ଏ ଦିଗରୁ ଶ୍ରୀଶ୍ରୀଠାକୁରଙ୍କ ସାଥିରେ ଶ୍ରୀରାମକୃଷ୍ଣଙ୍କର ଅପୂର୍ବ ମେଳ ଦେଖିବାକୁ ପାଇଲି । କିନ୍ତୁ ଶ୍ରୀରାମକୃଷ୍ଣଦେବ ସମାଧି ଅବସ୍ଥାରେ କୌଣସି କଥା କହୁ ନଥିଲେ ।

କିନ୍ତୁ କାହିଁକି? ଏଇ ପ୍ରଶ୍ନ ମନରେ ଜାଗିଲା । ନିର୍ବିକଳ୍ପ ସମାଧିରେ ଯେଉଁଠାରେ ଜ୍ଞାନ, ଜ୍ଞେୟ, ଜ୍ଞାତା ସବୁ ଲୟ ହୋଇଯାଏ, ନିଜର ଅସ୍ତିତ୍ୱର କୌଣସି ବୋଧ ହିଁ ରହେ ନାହିଁ ବୋଲି ଶୁଣାଯାଏ, ଶ୍ରୀରାମକୃଷ୍ଣଙ୍କ ଭାଷାରେ, ଲବଣ କଣ୍ଢେଇ ସମୁଦ୍ର ମାପିବାକୁ ଗଲେ ଯେଉଁ ଅବସ୍ଥା ହୁଏ, ସେ ଅବସ୍ଥାରେ କଥା କହିବା ସମ୍ଭବ କିପରି? ମନେ ହେଲା, ତାହା ଏକମାତ୍ର ସମ୍ଭବ ହୋଇପାରେ ଯଦି ଲବଣର କଣ୍ଢେଇ ନ ହୋଇ ପଥରର କଣ୍ଢେଇ ହେବା ସମ୍ଭବ ହୁଏ । ଶ୍ରୀଶ୍ରୀଠାକୁରଙ୍କର ସମାଧି ଅବସ୍ଥାରେ ଜଣେ ଦର୍ଶକର ମନରେ ଏହିପ୍ରକାର ପ୍ରଶ୍ନ ଉଠିଥିଲା । ସେତେବେଳେ ସମାଧି-ଅବସ୍ଥାରେ ହିଁ ସେ କହିଥିଲେ, ''ଭାବର ଚରମରେ 'ମୁଁ' ପୃଥକ୍ ରଖିଲେ କଥା କୁହାଯାଏ ।'' କହିବା ବାହୁଲ୍ୟ, ସମାଧି-ଅବସ୍ଥାରେ ତାଙ୍କର ଏଇ ଉକ୍ତି ମୋର ପ୍ରଶ୍ନର ବା ଚିନ୍ତାର ସମାନାର୍ଥ-ଦ୍ୟୋତକ ।

ମହାଭାରତର କଥା ବି ମନେ ପଡ଼ିଲା । ଭଗବାନ୍ ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧ ସମୟରେ ଯୋଗଯୁକ୍ତ ଅବସ୍ଥାରେ ଗୀତା କହିଥିଲେ । ଯୁଦ୍ଧ ଶେଷରେ ଅର୍ଜୁନ ଯେତେବେଳେ ଶ୍ରୀକୃଷ୍ଣଙ୍କୁ କହନ୍ତି ଯେ, ''ସେତେବେଳେ ତୁମେ ମୋତେ ଯେଉଁ 'ଗୀତା' ଉପଦେଶ ଦେଇଥିଲ ତାହା ମୋର ବିଶେଷ କିଛି ମନେ ନାହିଁ । ବର୍ତ୍ତମାନ ଆଉ ଥରେ ଦୟାକରି ଗୀତାର କଥା ମୋତେ କୁହ ।''

ତା'ର ଉତ୍ତରରେ ଶ୍ରୀକୃଷ୍ଣ କହିଥିଲେ, ''ସେତେବେଳେ ମୁଁ ସମାଧି ଅବସ୍ଥାରେ ତୁମକୁ 'ଗୀତା' କହିଥିଲି, ବର୍ତ୍ତମାନ ମୋର ସେ ଅବସ୍ଥା ନାହିଁ, ତେଣୁ ତୁମକୁ ଆଉ 'ଗୀତା' କହିପାରିବି ନାହିଁ । ତେବେ ଗୀତାର ସାରମର୍ମ କ'ଣ ତାହା ତୁମକୁ ଶୁଣାଉଛି ।'' ଏହା କହି ସେ ଅର୍ଜୁନକୁ ସେତେବେଳେ ଯାହା କହିଥିଲେ ତାହା 'ଅନୁଗୀତା' ନାମରେ ପ୍ରସିଦ୍ଧ ।

ଶ୍ରୀଶ୍ରୀଠାକୁରଙ୍କର ସମାଧି ଭଙ୍ଗ ହେଲା । ସମାଧି ପରେ ତାଙ୍କୁ ଖୁବ୍ କ୍ଲାନ୍ତ ବୋଧ ହେଲା । ଯେପରି ଗୋଟାଏ ପ୍ରଳୟଙ୍କର ଝଡ଼ ତାଙ୍କ ଦେହ ଉପରଦେଇ ବହିଯାଇଛି । ଅନନ୍ତ-ମହାରାଜଙ୍କୁ ବେଷ୍ଟନ କରି ତାଙ୍କ କାନ୍ଧରେ ହାତ ଦେଇ ସେ ଘର ଭିତରେ ଆସି ବସିଲେ । ମୁଁ ମଧ୍ୟ ତାଙ୍କ ପାଖରେ ଆସି ବସିଲି । କିନ୍ତୁ ସେତେବେଳେ ତାଙ୍କର ସେଇ ଅପୂର୍ବ ଅବସ୍ଥାର କଥା ମୋର ମନେ ପଡ଼ିବାକୁ ଲାଗିଲା ।

ତାଙ୍କର ଏଇ ଭାବସମାଧି ସମ୍ବନ୍ଧରେ ଅନେକ ପ୍ରଶ୍ନ ମନରେ ଉଠିଲା । କିନ୍ତୁ ସେତେବେଳେ ତାଙ୍କ ଶରୀରର ଅବସ୍ଥାର କଥା ବିବେଚନା କରି କୌଣସି ପ୍ରଶ୍ନ ପଚାରିଲି ନାହିଁ । ବେଶ୍ କିଛିସମୟ ପରେ ସେ ସୁସ୍ଥ ବୋଧ କରନ୍ତେ ଆହାରର ଆୟୋଜନ କରି ତାଙ୍କୁ ଖାଇବାକୁ ଡକା ହେଲା । ସେ ଖାଇବାକୁ ଗଲେ । ତାଙ୍କର ଆହାରାଦି ଶେଷ ହେବା ପରେ ଆମମାନଙ୍କୁ ଖାଇବାକୁ ଡକାହେଲା । ଖାଇସାରି ଆସି ତାଙ୍କ ଶଯ୍ୟା ପାର୍ଶ୍ୱରେ ବସିଲି । ସେତେବେଳେ ଦେଖିଲି, ସେ ସ୍ୱାଭାବିକ ଭାବରେ କଥାବାର୍ତ୍ତା କରୁଛନ୍ତି ।

ସୁଯୋଗ ଦେଖି ତାଙ୍କୁ ପଚାରିଲି— ''ଆପଣଙ୍କର ଯେଉଁ ଅବସ୍ଥା କିଛିସମୟ ପୂର୍ବେ ଦେଖିଲି, ସେଇଟା କ'ଣ? ଏହାକୁ କ'ଣ ସମାଧି ଅବସ୍ଥା କୁହାଯାଏ ? ସାଧନାର ଚରମରେ କ'ଣ ଏଇ ଅବସ୍ଥା ହୁଏ ?

ଉତ୍ତରରେ ସେ କହିଲେ— ''ମୋର ଏଇ ଅବସ୍ଥାର କଥା ଯଦି ପଚାରନ୍ତି ତାହେଲେ ମୁଁ କିଛି ହିଁ କହିପାରିବି ନାହିଁ । ମୁଁ ଅଚୈତନ୍ୟ ଅବସ୍ଥାରେ ଯାହା କୁହେ, ତା'ର ଜ୍ଞାନ ମୋର ନ ଥାଏ । ସେଇ ଅବସ୍ଥାରେ ଯେଉଁସବୁ କଥା କୁହେ ବା କହିଛି, ସେଥିପାଇଁ ମୁଁ ଦାୟିତ୍ୱ ନେଇ ପାରେ ନାହିଁ । ମୁଁ ସହଜ ବା ସ୍ୱାଭାବିକ ଅବସ୍ଥାରେ ଯା' କୁହେ ତା'ର ଦାୟିତ୍ୱ ମୋର । ମୋର ଯେତେବେଳେ କୌଣସି ଜ୍ଞାନ ବା ଚୈତନ୍ୟ ନ ଥାଏ, ସେ ଅବସ୍ଥାରେ ମୁଁ ନିଜକୁ ଦାୟୀ କରିପାରେ କି? ସେଇଟା ଆପଣମାନେ ବିଚାର କରି ବୁଝିବେ ।''

Scanned with CamScanner

ମୁଁ କହିଲି— "ଅବସ୍ଥାଟା ହୁଏ ଆପଣଙ୍କର। ଆପଣ ଯଦି ସେ ବିଷୟରେ କିଛି କହି ନ ପାରିବେ, ତେବେ ଆମେ ବିଚାର କରି କ'ଣ ବା ବୁଝିବୁ? ଏହା ଗୋଟିଏ rare phenomenon (ଦୁର୍ଲଭ ଘଟଣା), ବହୁ ଯୁଗ ପରେ କ୍ୱଚିତ୍ କଦବା ସଂଘଠିତ ହୁଏ ଏବଂ ତାହା ଶ୍ରୀକୃଷ୍ଣ, ବୁଦ୍ଧ, ଚୈତନ୍ୟ, ରାମକୃଷ୍ଣ ପ୍ରଭୃତି ଅବତାର ବା ଅବତାରକଳ୍ପ ପୁରୁଷମାନଙ୍କ ମଧ୍ୟରେ ସୀମାବଦ୍ଧ। ଫଳତଃ ଏସବୁର ବ୍ୟାଖ୍ୟା ବୁଦ୍ଧି-ବିଚାର କରି ଠିକ୍ କରିବା ସାଧାରଣ ମଣିଷର ସାଧ୍ୟାୟତ୍ତ ନୁହେଁ। ମୋର ତ ମନେ ହୁଏ, ଏକଥା କହିବାର ବା ବୁଝେଇଦେବାର ଯୋଗ୍ୟତା ଆପଣଙ୍କର ହିଁ ଅଛି। ଅବଶ୍ୟ ଆପଣ ଯଦି ନ କହନ୍ତି, ସେ କଥା ସ୍ୱତନ୍ତ୍ର।"

ଉତ୍ତରରେ ସେ କହିଲେ— "ମୋର ଯାହା କହିବା କଥା, ତାହା ପୂର୍ବେ ହିଁ କହିଛି।"

ଏ-କଥା ନେଇ ଆଉ କିଛି ନ କହି ତାଙ୍କୁ ଜିଜ୍ଞାସା କଲି— "ଆଚ୍ଛା ଆପଣ କ'ଣ ଏକାନ୍ତରେ, ନିର୍ଜନରେ ବସି ସାଧନା କରିଛନ୍ତି?"

ଉତ୍ତରରେ ସେ ଯାହା କହିଲେ ତାହା ଯେପରି ଚମକପ୍ରଦ ସେହିପରି ଅନନ୍ୟସାଧାରଣ। କୌଣସି ମହାପୁରୁଷ ବା ଅବତାରପୁରୁଷଙ୍କ ଜୀବନରେ ସେପରି ଘଟିଛି ବୋଲି ମୋର ଜଣାନାହିଁ। ସେ କହିଲେ ଯେ, ଏକାନ୍ତରେ, ନିର୍ଜନରେ ବସି ସେ ସାଧନା କରନ୍ତିନି। ଜ୍ଞାନୋନ୍ମେଷର ସଙ୍ଗେ ସଙ୍ଗେ ସ୍ୱତଃସ୍ଫୂର୍ତ୍ତଭାବେ ସତ୍‌ନାମର ପ୍ରକାଶ ତାଙ୍କ ଭିତରେ ହୋଇଥିଲା ଏବଂ ଅହର୍ନିଶ ଏଇ ନାମ ଜପ କରୁଥିଲେ ଏବଂ ସେ ଭାବୁଥିଲେ ଯେ, ପ୍ରତ୍ୟେକଙ୍କ ଭିତରେ ସତ୍‌ନାମ ଏହିପରି ସ୍ୱତଃସ୍ଫୂର୍ତ୍ତଭାବେ ହିଁ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକେ ବୋଧହୁଏ ଏଇ ନାମ ତାଙ୍କପରି ଦିବା-ନିଶି ଜପ କରନ୍ତି। ବଡ଼ ହେବା ପରେ ତାଙ୍କର ଏଇ ଭ୍ରମ ଦୂର ହୁଏ।

ସେ କହିଲେ ଯେ, ବାଲ୍ୟକାଳରେ ଜଗନ୍ମାତା କାଳୀ, ଶ୍ରୀକୃଷ୍ଣ ଓ ଅନ୍ୟାନ୍ୟ ଦେବାଦେବୀ ଦିବ୍ୟ-ଜ୍ୟୋତିରେ ତାଙ୍କୁ ଦର୍ଶନ ଦେଉଥିଲେ, ତାଙ୍କ ସହ କଥାବାର୍ତ୍ତା କରୁଥିଲେ। ବେଳେବେଳେ ଜ୍ୟୋତିର ଅପରୂପ ପ୍ରକାଶ ଓ ଅନାହତ ନାଦଧ୍ୱନି ଶୁଣି ସେ ବାହ୍ୟ ଜ୍ଞାନଶୂନ୍ୟ ହୋଇ ପଡୁଥିଲେ। ନାମ ଜପ କରୁ କରୁ ଶରୀରର ଉତ୍ତାପ ଏତେ ବଢ଼ିଯାଉଥିଲା ଯେ, ଶରୀରରେ ଜଳବିନ୍ଦୁ ପଡ଼ିଲେ ତାହା ବାଷ୍ପ ହୋଇ ଉଭେଇ ଯାଉଥିଲା। ଯୋଗୀଜନ-ଦୁର୍ଲଭ ସାଧନ-ଜୀବନର ଏଇସବୁ ଅନୁଭୂତି ତାଙ୍କର ବାଲ୍ୟକାଳରେ ହିଁ ହୋଇଥିଲା। ତାଙ୍କର ସେଇସବୁ ଅନୁଭୂତିର ବର୍ଣ୍ଣନା କଥା ସ୍ମରଣ କଲେ ବର୍ତ୍ତମାନ ମଧ୍ୟ ମୋ' ଶରୀରରେ ରୋମାଞ୍ଚ ଜାତ ହୁଏ।

ତାଙ୍କର ଏଇସବୁ ବର୍ଣ୍ଣନା ଶୁଣି ମୁଁ ସ୍ତମ୍ଭିତ ହୋଇଗଲି। ମୁହଁରେ କୌଣସି ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ, କିଛିକ୍ଷଣ ଏଇଭାବେ ବସିରହି ମୁଁ ପୁନରାୟ କହିଲି— "ଆପଣଙ୍କ

କଥା ଅବିଶ୍ୱାସ କରୁନି, କିନ୍ତୁ ଗୋଟାଏ ସଂଶୟ ମୋ' ମନରେ ଆସୁଛି। ତାହା ଆପଣଙ୍କୁ ଖୋଲାଖୋଲି ନ କହି ରହିପାରୁ ନାହିଁ।

"ଶ୍ରୀଚୈତନ୍ୟଙ୍କ ଜୀବନ ପର୍ଯ୍ୟାଲୋଚନା କଲେ ଦେଖିବାକୁ ମିଳେ ଯେ, ତାଙ୍କ ଜୀବନର ପ୍ରଥମ ଭାଗରେ ତାଙ୍କର ପରବର୍ତ୍ତୀ ଦିବ୍ୟ-ଜୀବନର ସେପରି ଆଭାସ ନାହିଁ, ଗୟାଧାମକୁ ପିତୃକାର୍ଯ୍ୟ ସମ୍ପାଦନ କରିବାକୁ ଯିବା ପରଠାରୁ ତାଙ୍କର ଦିବ୍ୟ-ଜୀବନର ବହିଃପ୍ରକାଶ ହୁଏ ଏବଂ ସନ୍ନ୍ୟାସ ଜୀବନର ପରଠାରୁ ହିଁ ତାହା ପରିପୂର୍ଣ୍ଣରୂପେ ଆତ୍ମପ୍ରକାଶ କରେ। ଭଗବାନ ଶ୍ରୀବୁଦ୍ଧଦେବଙ୍କ ଜୀବନରେ ମଧ୍ୟ ଦେଖିବାକୁ ମିଳେ ଯେ, ୨୯ବର୍ଷ ବୟସରେ ଗୃହତ୍ୟାଗ କରି କଠୋର ସାଧନାରେ ଦୀର୍ଘଦିନ ଅତିବାହିତ କରିବା ପରେ ତାଙ୍କର ଦିବ୍ୟ-ଜୀବନର ପ୍ରକାଶ। ଭଗବାନ୍ ଯୀଶୁଙ୍କ ଜୀବନର ୧୨ରୁ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ଇତିହାସ ଅଜ୍ଞାତ। ଅନେକେ କୁହନ୍ତି, ସେଇ ସମୟରେ ସେ ଯୋଗଶିକ୍ଷାନିମନ୍ତେ ଭାରତକୁ ଆସି କଠୋର ସାଧନା କରିଥିଲେ। ଏଇ କଠୋର ସାଧନାର ଫଳସ୍ୱରୂପ ୩୦ବର୍ଷ ବୟସରେ ତାଙ୍କର ଦିବ୍ୟ-ଜୀବନର ଆରମ୍ଭ। ହଜରତ ରସୁଲଙ୍କ ପ୍ରଥମ ଜୀବନରେ ଆମେ ତାଙ୍କର ପରବର୍ତ୍ତୀ ଦିବ୍ୟ-ଜୀବନର କୌଣସି ଇଙ୍ଗିତ ପାଉନାହିଁ। ଆଧୁନିକ କାଳରେ ଶ୍ରୀରାମକୃଷ୍ଣଙ୍କ ଜୀବନରେ, ଦିବ୍ୟ-ଜୀବନର ପ୍ରକାଶ ପ୍ରକୃତପକ୍ଷେ ଆରମ୍ଭ ହୁଏ, ଯେତେବେଳେ ସେ ଦକ୍ଷିଣେଶ୍ୱରରେ କାଳୀ ମାତାଙ୍କର ପୂଜାରୀରୂପେ ନିଯୁକ୍ତ ହୁଅନ୍ତି। ଆଉ ଆପଣ କହୁଛନ୍ତି ଯେ ଜ୍ଞାନୋନ୍ମେଷ ହେବା ସଙ୍ଗେ ସଙ୍ଗେ ଆପଣ ନାମ କରୁଥିଲେ, ଅନେକ ଜ୍ୟୋତିର୍ମୟ ଦେବ-ଦେବୀଙ୍କର ଦର୍ଶନ ପାଉଥିଲେ ଏବଂ ଆପଣଙ୍କ ସାଥିରେ ସେମାନେ କଥା କହୁଥିଲେ, ଜ୍ୟୋତିର ଅପୂର୍ବ ବିକାଶ ହେଉଥିଲା ଏବଂ ଅନାହତ ନାଦଧ୍ୱନି ଶୁଣି ଆପଣ ଅଚୈତନ୍ୟ ହୋଇ ପଡୁଥିଲେ। କୌଣସି ପ୍ରକାର ସାଧନା ବ୍ୟତିରେକେ ସ୍ୱତଃସ୍ଫୂର୍ତ୍ତଭାବେ ଦିବ୍ୟ-ଜୀବନର ଏଭଳି ଅପୂର୍ବ ପ୍ରକାଶ କେଉଁଠି ବି ଦେଖିବାକୁ ପାଏ ନାହିଁ ବୋଲି ମନର ଏ ସଂଶୟ।"

ଉତ୍ତରରେ ସେ କହିଲେ— "ମୁଁ ନିଜକୁ କୌଣସି ଅବତାରପୁରୁଷ ବା ମହାପୁରୁଷ ବୋଲି ଜାଣିନି। ସେମାନଙ୍କ ସହ ମୋ' ପରି ମୂର୍ଖ ଏବଂ ନଗଣ୍ୟ ବ୍ୟକ୍ତିର ତୁଳନା ମଧ୍ୟ ଅନ୍ୟାୟ ବୋଲି ମନେ କରେ। ମୁଁ—ମୁଁ ହିଁ। ମୋ' ନିଜ ଜୀବନରେ ଯା' ଘଟିଛି, ତାହା ଆପଣଙ୍କୁ କହିଛି। କାହାରି ସଙ୍ଗେ ମୋ' ଜୀବନର ଅଭିଜ୍ଞତା ଯଦି ନ ମିଳେ, ତା'ହେଲେ ମୁଁ କ'ଣ କରିପାରିବି, କୁହନ୍ତୁ।"

ମନୀଷୀ କାର୍ଲାଇଲ୍‌ଙ୍କର Hero Worship ବହିରେ ପଢ଼ିଥିଲି ଯେ 'Great men are unconsciously great'— ଏହା କ'ଣ ତାରି ଏକ ଉଦାହରଣ? ଅବଶ୍ୟ ଏ କଥା ମନେ ମନେ ହିଁ ଭାବିଥିଲି।

ଏହିସବୁ କଥା ହେବା ପରେ ସେ ଶୟନ କଲେ ଏବଂ ମୁଁ ବି ଉଠିପଡ଼ିଲି। ପରଦିନ ଭୋଜନାଦି ପରେ ଅପରାହ୍ଣରେ ଶ୍ରୀଶ୍ରୀଠାକୁର ଓ କୀର୍ତ୍ତନଦଳ ସାଥିରେ ଆମେ

Scanned with CamScanner

କମଲାପୁର ବାହାରିଲୁ । ରାତୁଲପଟ୍ଟଠାରୁ କମଲାପୁରର ବ୍ୟବଧାନ ଅନୁମାନ ତିନି ମାଇଲ୍ । ବାଟସାରା କୀର୍ତ୍ତନ କରି କରି ଶ୍ରୀଯୁକ୍ତ ସୁରେନ୍ଦ୍ରଭୂଷଣ ବିଶ୍ୱାସଙ୍କ ଘରେ ଆସି ପହଞ୍ଚିଲୁ ।

ସୁରେନ୍ଦ୍ରଭୂଷଣ ଗାଁର ପ୍ରବଳପ୍ରତାପୀ ଜମିଦାର । ତା'ଛଡ଼ା ତାଙ୍କର ପିତୃଦେବ ରେଶମ, ପାଟ, ଧାନ, ଚୈତାଳୀର କାରବାର କରି ପ୍ରଭୁତ ଧନ ସଞ୍ଚୟ କରି ରଖିଯାଇଛନ୍ତି । ସେତେବେଳକାର ଦିନରେ ତାଙ୍କର ପିତୃଦେବ କଲିକତାର ଜଣେ ନାମୀ ସୌଦାଗର ଥିଲେ । ଚିତ୍‌ପୁରରେ ଗଙ୍ଗା ଧାରରେ ତାଙ୍କର ଦପ୍ତର ଥିଲା । ଅଳ୍ପ ବୟସରେ ପ୍ରଭୂତ ଅର୍ଥ ଓ ପ୍ରଚୁର ଜମିଦାରିର ମାଲିକ ହେବାରୁ ସେ ବିଳାସବ୍ୟସନରେ ପ୍ରଭୂତ ଅର୍ଥ ବ୍ୟୟ କରୁଥିଲେ । ଦୁର୍ଦ୍ଦଣ୍ଡ ପ୍ରତାପରେ ସେ ଗ୍ରାମରେ ବାସ କରୁଥିଲେ ଏବଂ ତାଙ୍କ ଦାପଟରେ ପୁଲିସ କର୍ମଚାରୀମାନେ ମଧ୍ୟ ସନ୍ତ୍ରସ୍ତ ହୋଇ ରହୁଥିଲେ ।

ସୁରେନ୍ଦ୍ରଭୂଷଣ, ଗିରୀନ୍ଦ୍ରଭୂଷଣ ଦୁଇଭାଇ କିଛିଦିନ ପୂର୍ବେ ଶ୍ରୀଶ୍ରୀଠାକୁରଙ୍କ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି । ଦୀକ୍ଷା ଗ୍ରହଣ ପରେ ସୁରେନ୍ଦ୍ରଭୂଷଣଙ୍କ ଚରିତ୍ରର ଆମୂଳ ପରିବର୍ତ୍ତନ ହୁଏ ।

କମଲାପୁରରେ ପହଞ୍ଚି ତାଙ୍କ ସାଥିରେ ମୋର ପ୍ରଥମ ପ୍ରଥମ ଆଳାପ-ପରିଚୟ ହୁଏ । ତାଙ୍କର ସୌଜନ୍ୟରେ, ତାଙ୍କର ବିନୟ-ନମ୍ର ବ୍ୟବହାରରେ ମୁଁ ମୁଗ୍ଧ ହେଲି । ଭାବିବାକୁ ଲାଗିଲି— ଯେଉଁ ଦାମ୍ଭିକ, ଏକଜିଦିଆ, ଉଦ୍ଧତ ପ୍ରକୃତିର ସୁରେନ୍ଦ୍ରଭୂଷଣର କଥା ଶୁଣିଥିଲି, ସେ ବ୍ୟକ୍ତି କ'ଣ ଏଇ ସୁରେନ୍ଦ୍ରଭୂଷଣ? ପୂର୍ବେ ଯେଉଁ ସୁରେନ୍ଦ୍ରଭୂଷଣର କଥା ଲୋକମୁଖରେ ଶୁଣି ତାଙ୍କ ସମ୍ବନ୍ଧରେ ଗୋଟାଏ ବିରୂପ ଧାରଣା ମୋ' ମନ ଭିତରେ ବଦ୍ଧମୂଳ ହୋଇଥିଲା, ତାଙ୍କ ସହ ସାକ୍ଷାତ୍ ପରିଚୟରେ ସେଇ ଧାରଣାର ଆମୂଳ ପରିବର୍ତ୍ତନ ହୋଇଗଲା । ଭାବିଲି, ଯାହାଙ୍କର ସ୍ନେହମୟ ଅମୃତ ସ୍ପର୍ଶରେ ଚରିତ୍ରର ଏଇ ଅଦ୍ଭୁତ ପରିବର୍ତ୍ତନ, ଜାଣିନି ସେ କେତେ ମହାନ, କେତେ ବିରାଟ ପୁରୁଷ! ସୁରେନ୍ଦ୍ରବାବୁଙ୍କର ଚରିତ୍ରର ଅତ୍ୟାଦ୍ଭୁତ ପରିବର୍ତ୍ତନ ଦେଖି ଶ୍ରୀଶ୍ରୀଠାକୁରଙ୍କ ପ୍ରତି ମୋର ଶ୍ରଦ୍ଧା, ଭକ୍ତି, ପ୍ରୀତି ଆହୁରି ଦୃଢ଼ତର ହେଲା ଏବଂ ସେଇଟା ହିଁ ମୋର ପରମ ଲାଭ ।

କମଳାପୁରରୁ ପାର୍ଶ୍ୱବର୍ତ୍ତୀ ଗ୍ରାମ 'ଦୁଧକୁମଡ଼ା'ରେ ଅଶ୍ୱିନୀଦା (ବିଶ୍ୱାସ) ଓ ଅବିନାଶ ବସୁଙ୍କ ଘରକୁ ଆମେମାନେ ଯାଇଥିଲୁ । କମଲାପୁରରେ ବି କୀର୍ତ୍ତନ ହୋଇଥିଲା, କିନ୍ତୁ ସେ କୀର୍ତ୍ତନରେ ଶ୍ରୀଶ୍ରୀଠାକୁର ଯୋଗ ଦେଇ ନଥିଲେ । କମଲାପୁରରୁ ଶ୍ରୀଶ୍ରୀଠାକୁରଙ୍କ ସହ ଆମେ କୁଷ୍ଟିଆ ଆସିଲୁ । କୁଷ୍ଟିଆ ଆସି ତତ୍‌ପରଦିନ ହିଁ ଶ୍ରୀଶ୍ରୀଠାକୁର ପାବନା ଚାଲିଗଲେ ଏବଂ ମୁଁ ମଧ୍ୟ କଲିକତା ଚାଲିଆସିଲି । ଏଇ କେତେଦିନ ତାଙ୍କର ଏବଂ ସତ୍‌ସଙ୍ଗୀ ଭାଇମାନଙ୍କର ସାହଚର୍ଯ୍ୟରେ ଯେପରି ଏକ ଆନନ୍ଦଲୋକରେ ବିଚରଣ କରୁଥିଲି । କିପରି ଯେ ଦିନ-ରାତି କଟିଯାଉଥିଲା ତାହା ବୁଝି ହିଁ ପାରୁ ନଥିଲି । ତାଙ୍କର ପ୍ରୀତିର ଧାରାରେ ସ୍ନାତ ହୋଇ ଶରୀର ଓ ମନ ଅପୂର୍ବ ଶାନ୍ତି ରସରେ ଅଭିଷିକ୍ତ ହେଲା, ଯାହା ଏହା ପୂର୍ବରୁ କେବେ ବି ଅନୁଭବ କରିନି । ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ବିଦାୟ ନେବାବେଳେ

ଖୁବ୍ କଷ୍ଟ ବୋଧ କଲି । ଥରେ ଭାବିଲି, ତାଙ୍କ ସାଥିରେ ପାବନା ଚାଲିଯିବି । ଅନେକ ବୁଦ୍ଧି-ବିବେଚନା କରି ସେଥିରୁ ମନକୁ ନିରସ୍ତ କଲି ।

କଲିକତାରେ ସେତେବେଳେ ମୁଁ ବାଗବଜାରରେ ନନ୍ଦଲାଲ୍ ବସୁ ଲେନ୍‌ରେ ରହୁଥିଲି । ୧୯୧୭ ମସିହା ଡିସେମ୍ବର ମାସର ବଡ଼ଦିନ ସମୟ, ବୋଧହୁଏ ବଡ଼ଦିନର ଦିନେ-ଦୁଇଦିନ ପୂର୍ବେ, ହଠାତ୍ ଦିନେ ଅପରାହ୍ଣରେ ଗଙ୍ଗା ଧାରରେ ବୁଲିବାପାଇଁ ବାହାରେ ଆସି ଦେଖେ, ଘର ସାମନାରେ ଶ୍ରୀଅନନ୍ତ-ମହାରାଜ ଓ ଗୋସାଇଁଦା ଠିଆ ହୋଇଛନ୍ତି ।

ସେମାନଙ୍କୁ ହଠାତ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ଭାବିଲି, ଏମାନେ ଏଠିକି ଆସିଲେ କିପରି? ପୂଜ୍ୟପାଦ ଗୋସାଇଁଦା ମୋତେ ଜଡ଼େଇ ଧରିଲେ ଏବଂ କହିଲେ— "ଆମେ ତୁମକୁ ଖୋଜିବାକୁ ଏଠିକି ଆସିଚୁ । ଶ୍ରୀଶ୍ରୀଠାକୁର ବି ଆସିଛନ୍ତି । କାଲି ଆମେ ସମସ୍ତେ ମଜିଲ୍‌ପୁରେ ବିରାଜଦା (ଭଟ୍ଟାଚାର୍ଯ୍ୟ)ଙ୍କ ଘରକୁ ଯାଉଛୁ । ତୁମକୁ ବି ଆମ ସହ ଯିବାକୁ ପଡ଼ିବ ।"

ମାସକ ପରେ ପୁଣି ଯେ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା ହେବ ଏକଥା କଳ୍ପନାରେ ବି ଆଣିପାରିନି । କହିଲି— "ଚାଲନ୍ତୁ, ଆପଣମାନଙ୍କ ସହ ଯାଇ ଆଗେ ଶ୍ରୀଶ୍ରୀଠାକୁରଙ୍କୁ ଦେଖିଆସେଁ ।"

ସେମାନେ କହିଲେ— "ଆମେ ବର୍ତ୍ତମାନ ଅନ୍ୟତ୍ର ଯାଉଛୁ । କାଲି ଷ୍ଟେସନରେ ହିଁ ଶ୍ରୀଶ୍ରୀଠାକୁରଙ୍କ ସାଥିରେ ଦେଖାହେବ ।" ଅନନ୍ତ-ମହାରାଜ କହିଲେ— "ବେଲେଘାଟା ଷ୍ଟେସନରୁ (ବର୍ତ୍ତମାନ ଶିଆଲଦହ ସାଉଥ୍ ଷ୍ଟେସନ) ଅନୁମାନ ଦିନ ୧୧ଟା ସମୟରେ ବାହାରିବୁ । ସେଇ ସମୟରେ ଷ୍ଟେସନରେ ରହିଥିଲେ ଆମ ସମସ୍ତଙ୍କ ସାଥିରେ ଦେଖା ହେବ ।

ପରେ ଯଥାସମୟରେ ବେଲେଘାଟା ଷ୍ଟେସନରେ ଉପସ୍ଥିତ ହେଉ ହେଉ ଶ୍ରୀଶ୍ରୀଠାକୁର ମୋତେ ଜଡ଼େଇ ଧରି କହିଲେ— "ଆପଣ ଆସିଛନ୍ତି ଦେଖି ଖୁବ୍ ଖୁସୀ ହେଲି ।"

ମୁଁ କହିଲି— "ଓୟେଲିଂଟନ-ସ୍କୋୟାର୍‌ରେ ମିସେସ୍ ଏନି ବେସାନ୍ତଙ୍କ ସଭାପତିତ୍ୱରେ ଏଥର କଲିକତାରେ କଂଗ୍ରେସର ଅଧିବେଶନ ହେଉଛି । କଂଗ୍ରେସର ଅଧିବେଶନ ଦେଖିବି ବୋଲି ଦର୍ଶକର ଟିକେଟ୍ କିଣିଥିଲି । ଆପଣ ମଜିଲପୁର ଯାଉଛନ୍ତି ଶୁଣି ମନଟା ଏଇଆଡ଼କୁ ଟାଣିଲା, ତେଣୁ ଚାଲି ଆସିଲି ।"

ଷ୍ଟେସନରେ ଦେଖିଲି— ଗୋସାଇଁଦା ଓ ମହାରାଜ ତ ଅଛନ୍ତି, ତା'ଛଡ଼ା କିଶୋରୀଦା, କେଷ୍ଟ ଦାସ, କୃଷ୍ଣ ରାୟଚୌଧୁରୀ, ସତୀଶ ଜୋୟାରଦାର, ସତ୍ୟ ଦତ୍ତ, ତ୍ରୈଲୋକ୍ୟ କୋନ୍ନର, ତରଣୀ ପ୍ରଭୃତି ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ ସହ ଚାଲିଛନ୍ତି । ସମଗ୍ର ଷ୍ଟେସନଟି ସେମାନଙ୍କର ଆନନ୍ଦ-କଳରୋଳରେ ମୁଖରିତ । ବିରାଜଦା ଷ୍ଟେସନ ଆସିଛନ୍ତି ସମସ୍ତଙ୍କୁ ସାଙ୍ଗରେ ନେଇ ଯିବାପାଇଁ ।

Scanned with CamScanner

ମଜିଲପୁର ଗ୍ରାମରେ ଶ୍ରୀଶ୍ରୀଠାକୁରଙ୍କ ସହ ଆମେ ସାତଦିନ ଥିଲୁ । ଶ୍ରୀଶ୍ରୀଠାକୁରଙ୍କ ଉପସ୍ଥିତିରେ ସମଗ୍ର ଗାଁ ଆନନ୍ଦରେମୁଖର ହେଇଉଠିଲା । ଗ୍ରାମର ଇତର-ଭଦ୍ର, ଶିକ୍ଷିତ-ଅଶିକ୍ଷିତ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କୁ ଦେଖିବାପାଇଁ ସମବେତ ହେଲେ । ବିରାଜଦାଙ୍କ ଘର ଗୋଟାଏ ତୀର୍ଥକ୍ଷେତ୍ରରେ ପରିଣତ ହେଲା ।

କେତେ ଲୋକ କେତେ ପ୍ରଶ୍ନ ନେଇ ଆସୁଥିଲେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ତାର ସମାଧାନ ପାଇବାପାଇଁ, ସେମାନେ ତାଙ୍କର ଉତ୍ତର ଶୁଣି ସମାଧାନ ପାଇ ଫେରିଯାଉଥିଲେ । ବିଭିନ୍ନ ଦଳରେ ବିଭକ୍ତ ହୋଇ ଗ୍ରାମବାସୀମାନେ ଦିନ ପରେ ଦିନ ଆଲୋଚନା କରୁଥିଲେ । ସେଇସବୁ ଆଲୋଚନାରେ ଅନନ୍ତ-ମହାରାଜ, କିଶୋରୀଦା, ଗୋସାଇଁଦା, ସତୀଶଦା, କେଷ୍ଟ ଦାସ ଏବଂ ମୁଁ ବି କେବେ କେବେ ଯୋଗ ଦେଉଥିଲୁ ।

କୀର୍ତ୍ତନରେ, ଗାନରେ, ଆଲୋଚନାରେ ଦିନ-ରାତି ଯେ କି ଆନନ୍ଦରେ କଟିଯାଉଥିଲା ତାହା ଆଉ କହିବାର ନୁହେଁ । ବେଳେବେଳେ ଡ୍ରମ୍, କଂସାଳ, ଘଣ୍ଟା ଇତ୍ୟାଦି ବାଦ୍ୟ-ସମନ୍ୱିତ ତୁମୁଳ କୀର୍ତ୍ତନ ସମସ୍ତ ଗ୍ରାମବାସୀଙ୍କୁ ମତେଇ ତୋଳୁଥିଲା । ଦିନେ ମଜିଲପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ-ମହାଶୟଙ୍କର ସଭାପତିତ୍ୱରେ ଗୋଟିଏ ବକ୍ତୃତାର ଆୟୋଜନ ହେଲା । ବକ୍ତବ୍ୟ ବିଷୟ ଥିଲା ଶ୍ରୀଶ୍ରୀଠାକୁରଙ୍କର ଜୀବନ ଓ ମତବାଦ । ବକ୍ତୃତା ଶୁଣି ସମସ୍ତେ ମୁଗ୍ଧ ହେଲେ ।

ଦିନେ କଥାପ୍ରସଙ୍ଗରେ ମଜିଲପୁରର ଜମିଦାର ସତ୍ୟେନ୍ଦ୍ରନାଥ ବସୁ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— "ଏକଦା ଗଙ୍ଗାନଦୀ ଏଇ ବାଟ ଦେଇ ପ୍ରବାହିତ ହେଉଥିଲା । ନଦୀ ଶୁଖିଯାଇ ଏଇ ଗ୍ରାମର ସୃଷ୍ଟି ହୋଇଛି, ତେଣୁ ଏଇ ଗ୍ରାମର ନାମ ହୋଇଛି 'ମଜିଲପୁର' (ବଙ୍ଗଳାରେ 'ମଜା' ବା 'ମଜିବା' ଶବ୍ଦର ଅର୍ଥ ଶୁଖିଯିବା ବା ଜଳଶୂନ୍ୟ ହେବା) । ମହାପ୍ରଭୁ ଶ୍ରୀକୃଷ୍ଣଚୈତନ୍ୟଦେବ ନୀଳାଚଳକୁ ଯିବା ସମୟରେ ଏଇ ବାଟଦେଇ ଯାଇଥିଲେ । ଯେଉଁ ସ୍ଥାନରେ ସେ ଅବସ୍ଥାନ କରିଥିଲେ ସେ ସ୍ଥାନ ଚକ୍ରତୀର୍ଥ ନାମରେ ପରିଚିତ । ମଜିଲପୁରରୁ ତା'ର ଦୂରତ୍ୱ ହେବ ସାତ ମାଇଲ୍ । ଆପଣ ଆମ ଗ୍ରାମକୁ ଆସିବାଦ୍ୱାରା ଆମ ଗ୍ରାମଟି ଯେପରି ତୀର୍ଥକ୍ଷେତ୍ରରେ ପରିଣତ ହୋଇଯାଇଛି, ଅନୁମାନ ସାଢ଼େ ଚାରିଶହ ବର୍ଷ ପୂର୍ବେ ଶ୍ରୀଚୈତନ୍ୟଦେବ ଯେତେବେଳେ ଆସିଥିଲେ ସେତେବେଳେ ହୁଏତ ତାଙ୍କ ଆଗମନରେ ଉକ୍ତ ସ୍ଥାନ ଲୋକ ସମାଗମରେ ତୀର୍ଥକ୍ଷେତ୍ରରେ ପରିଣତ ହୋଇଥିଲା । ସେହିଯୋଗୁଁ ତାହା ଚକ୍ରତୀର୍ଥ ନାମରେ ଖ୍ୟାତି ଅର୍ଜନ କରିଛି ।

ଶ୍ରୀଶ୍ରୀଠାକୁର ସେଇ କଥା ଶୁଣି କହିଲେ— "ଯେତେବେଳେ ଏତେ ପାଖକୁ ଆସିଚି, ସେତେବେଳେ ଶ୍ରୀଚୈତନ୍ୟଦେବଙ୍କର ପଦରଜପୂତ ସେଇ ପବିତ୍ର ସ୍ଥାନ ଥରେ ଦେଖି ଆସିବାକୁ ହେବ ।" ସେହି ସମୟରେ ହିଁ ସ୍ଥିର ହେଲା ପରଦିନ ପ୍ରାତଃକାଳରେ କୀର୍ତ୍ତନଦଳ ସହ ପଦବ୍ରଜରେ ଚକ୍ରତୀର୍ଥକୁ ଯାତ୍ରା କରାହେବ ।

ପ୍ରଭାତ ହେଉ ନ ହେଉଣୁ କୀର୍ତ୍ତନର ଦାମାମା-ଜୟଢକ୍କା ବାଜି ଉଠିଲା । ଅନନ୍ତ-ମହାରାଜ, କିଶୋରୀଦା ପ୍ରଭୃତି ଗାନ ଆରମ୍ଭ କଲେ । ଯିଏ ଯେଉଁଠି ଥିଲେ ସମସ୍ତେ ଆସି

କୀର୍ତ୍ତନରେ ଯୋଗ ଦେଲେ । ପ୍ରଭାତ ହେବା ସଙ୍ଗେ ସଙ୍ଗେ ହିଁ ସମଗ୍ର ଗ୍ରାମଟି କୀର୍ତ୍ତନର ଝଙ୍କାରରେ ଆଲୋଡ଼ିତ ହୋଇଉଠିଲା । ଶ୍ରୀଶ୍ରୀଠାକୁର ଆଗେ ଆଗେ ଚାଲିଲେ । ତାଙ୍କ ପଛେ ପଛେ ଆମେ କୀର୍ତ୍ତନଦଳସହ ଅଗ୍ରସର ହେବାକୁ ଲାଗିଲୁ ।

ଶ୍ରୀଶ୍ରୀଠାକୁର ଅପୂର୍ବ ନୃତ୍ୟଭଙ୍ଗୀରେ ଦୁଇ ବାହୁ ତୋଳି ଦ୍ରୁତ ତାଳରେ ଚାଲିବାକୁ ଲାଗିଲେ । ଆମେ କୀର୍ତ୍ତନ କରି କରି ଦୌଡ଼ିଯାଇ ବି ତାଙ୍କୁ ଧରି ପାରୁ ନଥାଉ— ଏପରି ବେଗରେ ସେ ଯିବାକୁ ଲାଗିଲେ । କୀର୍ତ୍ତନର କଳରୋଳ ଶୁଣି ଯେଉଁସବୁ ଗ୍ରାମବାସୀ ଛୁଟି ଆସୁଥିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରେମାଲିଙ୍ଗନ ଦେଇ ନାଚି ନାଚି ସେ ଛୁଟି ଚାଲିଛନ୍ତି । ତାଙ୍କ ନାଚର ତାଳେ-ତାଳେ ଗ୍ରାମବାସୀମାନେ ମଧ୍ୟ ଅନେକେ କୀର୍ତ୍ତନଦଳ ସହିତ ଚାଲିଥାନ୍ତି । ଯେତେ ହିଁ ଅଗ୍ରସର ହେଉଥାଉ ସେତେ କୀର୍ତ୍ତନ ଦଳ ବଢ଼ି ଚାଲିଥାଏ । ଗାଁ ପାଖଦେଇ ଯିବା ସମୟରେ ଗ୍ରାମବାସୀମାନଙ୍କର ହୁଳହୁଳି ଓ ହରିବୋଲ ଧ୍ୱନିରେ ଚାରିଦିଗ ମୁଖରିତ ହୋଇଉଠିଲା । କେହି କେହି ଭୂ-ଲୁଣ୍ଠିତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ ଜଣାଇବାକୁ ଲାଗିଲେ ।

ମଝିରେ ମଝିରେ କିଶୋରୀଦା ଓ ଗୋସାଇଁଦା କୀର୍ତ୍ତନରେ ଗାନ କରୁ କରୁ ହୁଙ୍କାର ଦେଇ ଡେଇଁ ପଡୁଥାନ୍ତି । ସେମାନଙ୍କର ଦୀର୍ଘ କେଶପାଶ ଗୋଛା-ଗୋଛା ମୁଣ୍ଡର ଚାରିପଟକୁ ବିଛାଡ଼ି ହୋଇ ପଡୁଥାଏ, ଚକ୍ଷୁ ଆରକ୍ତିମ, ବଦନ-ମଣ୍ଡଳଦିବ୍ୟ ବିଭାରେ ସମୁଜ୍ଜ୍ୱଳ । ସେମାନଙ୍କର ସେଇ ହୁଙ୍କାର ଓ ଉତ୍ତେଜନାରେ ସମସ୍ତେ ଚକିତ ହୋଇ ଆହୁରି ଉତ୍ତେଜିତ ହୋଇ କୀର୍ତ୍ତନ କରୁ କରୁ ଦ୍ରୁତ ତାଳରେ ଅଗ୍ରସର ହେବାକୁ ଲାଗିଲେ । ଶ୍ରୀଶ୍ରୀଠାକୁରଙ୍କ ସହ କୀର୍ତ୍ତନଦଳ ଏପରି ଉନ୍ମାଦନା ସୃଷ୍ଟି କରି ଛୁଟି ଚାଲିଛନ୍ତି, ଯେଉଁମାନେ ଦେଖିବାକୁ ଆସୁଛନ୍ତି, ସେମାନେ ସେଇ କୀର୍ତ୍ତନ ସ୍ରୋତରେ ନିଜକୁ ହଜାଇ ନଦେଇ ରହିପାରୁ ନାହାନ୍ତି । କୀର୍ତ୍ତନ ସ୍ରୋତ ବନ୍ୟାଭଳି ସମସ୍ତଙ୍କୁ ଯେପରି ଭସାଇ ନେଇଚାଲିଛି । ସେ ଏକ ଅପୂର୍ବ ଦୃଶ୍ୟ ।

ଦୀର୍ଘ ସାତ ମାଇଲ ପଥ ଏହିପରିଭାବେ ଅତିକ୍ରମ କରିବା ପରେ ଆମେ ଚକ୍ରତୀର୍ଥରେ ଆସି ପହଞ୍ଚିଲୁ । ଶ୍ରୀଶ୍ରୀଠାକୁର କୀର୍ତ୍ତନଦଳ ପହଞ୍ଚିବା ଆଗରୁ ଚକ୍ରତୀର୍ଥରେ ଆସି ପହଞ୍ଚି ଯାଇଥିଲେ ।

ସେଠାରେ କୀର୍ତ୍ତନ କରି କରି ତାଙ୍କର ଭାବସମାଧି ପରି ଅବସ୍ଥା ହେଲା । 'ସମାଧି ପରି' କହୁଚି ଏଇଥିପାଇଁ, ପୂର୍ବେ ଯେଉଁ ସମାଧି ଅବସ୍ଥା ଦେଖିଛି ସେପରି ଇଏ ନୁହଁ । ମନେ ହେଲା, Semi-unconscious state ଅର୍ଥାତ୍ ଅର୍ଦ୍ଧ-ବାହ୍ୟଦଶା । ସେ ଅବସ୍ଥାରେ ଗୋଟିଏ ମାତ୍ର ବାକ୍ୟ ଉଚ୍ଚାରିତ ହେଲା— ""One is equal to various and various is equal to one""

ଶ୍ରୀଶ୍ରୀଠାକୁର ପ୍ରକୃତିସ୍ଥ ହେବା ପରେ କିଞ୍ଚିତ୍ ବିଶ୍ରାମାନ୍ତେ ଆମେ ସେହିଭଳି କୀର୍ତ୍ତନ କରି କରି ପୁନରାୟ ମଜିଲପୁରରେ ଆସି ପହଞ୍ଚିଲୁ । ସେଦିନ ଚକ୍ରତୀର୍ଥରୁ ଫେରି

Scanned with CamScanner

ଆସି ଆମେ ସମସ୍ତେ କ୍ଳାନ୍ତ ହୋଇ ପଡ଼ିଥିଲୁ । ଆହାରାଦି ପରେ ସେଦିନ ରାତିରେ ବେଳାବେଳି ଶଯ୍ୟା ଗ୍ରହଣ କଲି ।

ପରଦିନ ସକାଳେ ଶ୍ରୀଶ୍ରୀଠାକୁର ଏକାନ୍ତରେ ବସିଛନ୍ତି ଦେଖି ତାଙ୍କ ପାଖରେ ଆସି ବସିଲି । କହିଲି,— "ଗୋଟାଏ କଥା ପଚାରି ପାରିବି କି?" ସେ କହିଲେ— "ସ୍ୱଚ୍ଛନ୍ଦରେ ।"

ମୁଁ କହିଲି— ଆଜି ଆପଣଙ୍କର ସମାଧିସ୍ଥ ଅବସ୍ଥାର ଗୋଟାଏ ବାଣୀ ପଢ଼ିଲି,— "ସେ ଏକ ଅବ୍ୟକ୍ତ ପରମାନନ୍ଦ । ନିତ୍ୟ, ବୁଦ୍ଧ, ଶୁଦ୍ଧ, ପ୍ରାଣର ପ୍ରାଣ, ଜଗତ୍‌ର ଜଗତ୍, ଅଣୁର ଅଣୁ । ତାକୁ ଆଉ କୁହାଯାଇପାରେନା ରେ! ଯେତେବେଳେ ନଥିଲାର ସତ୍ତା ଥିଲା, କାଳ ଆସି ନାହିଁ, ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ରର ସୃଷ୍ଟି ହୋଇ ନାହିଁ, ଯେତେବେଳେ ବିରାଟ ଆକାଶର ସୃଷ୍ଟି ହୋଇ ନାହିଁ, ସେତେବେଳେ ଏକ ବିରାଟ ଧ୍ୱନି ସୋଽହଂ ପୁରୁଷ ଭେଦ କରି ସୃଷ୍ଟି କରି କରି ଚାଲିଆସିଲା"... ଇତ୍ୟାଦି ।— ଏହା ବିଶ୍ୱସୃଷ୍ଟିର ଆଦିମ ଅବସ୍ଥା । କିପରି କିଛି ନାହିଁରୁ ସୃଷ୍ଟି ପ୍ରସୂତ ହେଲା ତାହାହିଁ କହିଛନ୍ତି । ସମାଧି ଅବସ୍ଥାରେ ପୂର୍ଣ୍ଣ ଚୈତନ୍ୟର ବିକାଶ ହୋଇ ନଥିଲେ ଏସବୁ କହିପାରନ୍ତେ କିପରି? ତେଣୁ ମନେହୁଏ, ବାହ୍ୟତଃ ଆପଣଙ୍କର ଅଚୈତନ୍ୟ ଅବସ୍ଥା ଥିଲେ ମଧ୍ୟ ଭିତରେ ଚୈତନ୍ୟ ପୂର୍ଣ୍ଣମାତ୍ରାରେ ଥାଏ । ତାହାକୁ ବୋଧହୁଏ ପୂର୍ଣ୍ଣ-ଚୈତନ୍ୟମୟ ଅବସ୍ଥା କୁହାଯାଇପାରେ । ତେଣୁ ସେ ଅବସ୍ଥାରୁ ଅବତରଣ କରି ସ୍ୱାଭାବିକ ଅବସ୍ଥାକୁ ଆସି ସେ ସମ୍ବନ୍ଧରେ କୌଣସି କଥା କହିପାରନ୍ତିନି କାହିଁକି, ତାହା ମୁଁ ବୁଝି ପାରୁନି । ଆଉ ଏଇ ବାଣୀରେ ଯାହା କହିଛନ୍ତି, ସେଥିରେ ତ ସନ୍ଦେହର ଅବକାଶ ରହେନା ଯେ, ଆପଣ ଚରମତତ୍ତ୍ୱ ସାକ୍ଷାତ୍‌କାର କରିଛନ୍ତି— ଯଦିଚ ଆପଣଙ୍କ କଥାରୁ ବୁଝିପାରୁଛି ଯେ, ସେ ବିଷୟରେ ଆପଣ କିଛି କହିବାକୁ ଚାହାନ୍ତି ନାହିଁ ।— ଏ ବିଷୟରେ କୌଣସି ପ୍ରକାରେ ଆଲୋକପାତ କରି ମୋର ସନ୍ଦେହ ନିରସନ କରାଯାଇ ପାରିବ ନାହିଁ କି?

ଶ୍ରୀଶ୍ରୀଠାକୁର କହିଲେ— "ଏ ବିଷୟରେ ମୋର କଥା ତ କହିଛି, ତା'ଠୁ ବେଶୀ ମୋର କିଛି କହିବାର ନାହିଁ ।" ବୁଝିଲି, ଏ ବିଷୟରେ ସେ କିଛି କହିବାକୁ ଚାହାନ୍ତିନି । ତେଣୁ ଚୁପ୍ ରହିଲି ।

ସାତଦିନ ପରେ ଗାଁ ଛାଡ଼ି ଚାଲି ଆସିବା ସମୟରେ ଅତି କରୁଣ ଦୃଶ୍ୟ ଦେଖାଗଲା । ଶ୍ରୀଶ୍ରୀଠାକୁରଙ୍କୁ ଶେଷଥରପାଇଁ ଦର୍ଶନ କରିବା ଉଦ୍ଦେଶ୍ୟରେ ଗ୍ରାମର ଆବାଳବୃଦ୍ଧବନିତା ସମବେତ ହୋଇଛନ୍ତି । ସମସ୍ତଙ୍କର ଚକ୍ଷୁ ଅଶ୍ରୁସିକ୍ତ । ଶ୍ରୀଶ୍ରୀଠାକୁର ମଧ୍ୟ ସେମାନଙ୍କ ଆଡ଼କୁ ଚାହିଁ ସାଶ୍ରୁ ନୟନରେ କରଯୋଡ଼ି ସେମାନଙ୍କ ପାଖରୁ ବିଦାୟ ନେଉଛନ୍ତି । ଦୃଶ୍ୟଟା ଅତ୍ୟନ୍ତ ମର୍ମସ୍ପର୍ଶୀ ।

□□□

ଆଶ୍ରମରେ ଯୋଗଦାନ

ଜୁଲାଇ ୧୯୧୮



(ଲେଖକଙ୍କର ଆଶ୍ରମରେ ଯୋଗଦାନ ସମୟରେ)

ମଜିଲପୁରରୁ ମୁଁ କଲିକତା ଫେରିଗଲି । ଶ୍ରୀଶ୍ରୀଠାକୁର ଦଳବଳ ସହ ପାବନାଭିମୁଖେ ଯାତ୍ରା କଲେ । କଲିକତା ଆସି କିଛିଦିନ ପରେ ମାନସିକ ଚାଞ୍ଚଲ୍ୟରେ ବଡ଼ ଅସ୍ଥିରତା ମଧ୍ୟରେ ସମୟ କଟିଲା । ତାଙ୍କର ଅକୃତ୍ରିମ ଓ ଅପାର୍ଥିବ ଭଲ ପାଇବାର କଥା ମନେ ପଡ଼ିଲେ ତାଙ୍କ ପାଖକୁ ଛୁଟିଯିବାକୁ ଇଚ୍ଛା ହେଉଥିଲା । ତାଙ୍କୁ ତ ନିକଟରେ ପାଉ ନାହିଁ, ତେଣୁ ତାଙ୍କ କଥା ସ୍ମରଣ ମନନରେ ଦୀର୍ଘ ସମୟ ଅତିବାହିତ ହେବାକୁ ଲାଗିଲା । ନାମଧ୍ୟାନଟା ଯେପରି ନିଶାପରି ମୋତେ ଘାରି ବସିଲା । ବୁଝିଲି, ତାଙ୍କ କଥା ହୃଦୟର ଅତି ଗଭୀର ପ୍ରଦେଶରେ ଚେର ବାନ୍ଧିଯାଇଛି । ଲେଖାପଢ଼ାରେ କୌଣସି ପ୍ରକାରେ ମନ ଦେଇ ପାରୁ ନାହିଁ । ସେ ସମୟରେ ମନର ଭାବାବେଗରେ ଚାରି ଧାଡ଼ିର ଗୋଟିଏ କବିତା ଲେଖି ପ୍ରାର୍ଥନା ଜଣାଇଲି— ତୁମଠାରେ ଯେପରି ମୋର ସମ୍ପୂର୍ଣ୍ଣ ନିର୍ଭରତା ଆସେ, ତୁମରି ପ୍ରେମର ଆଲୋକରେ ମୋର ଗନ୍ତବ୍ୟ ପଥ ଯେପରି ଆଲୋକିତ ହୁଏ, ଅନ୍ୟ କୌଣସି ଲକ୍ଷ୍ୟ ଯେପରି ମୋତେ ପଥଭ୍ରଷ୍ଟ ନକରେ ।— ସେତେବେଳେ ଭାବର

Scanned with CamScanner

ଆବେଗରେ ଯେଉଁ କବିତାଟି ଲେଖିଥିଲି ବର୍ତ୍ତମାନ ତାହା ଆଉ ମନେ ନାହିଁ, ତେବେ ତା'ର ମର୍ମାର୍ଥ ଥିଲା ଏହିପରି ।

ମୋର କବିତାଲିପି ପାଇ ଶ୍ରୀଶ୍ରୀଠାକୁର ମୋତେ ଯେଉଁ ସ୍ନେହପୂର୍ଣ୍ଣ ଉଦ୍ଦୀପନାମୟ ପ୍ରଥମ ପତ୍ର ଲେଖିଥିଲେ ତାହା ମୁଁ ଅତି ସଂଗୋପନରେ ରକ୍ଷା କରିଥିଲି; କିନ୍ତୁ ଅତୀବ ଦୁଃଖର ବିଷୟ, ପାବନାରୁ ଚ୍ଚାଲିଆସିବା ସମୟରେ ସେ ପତ୍ରଟି ଯେ କେଉଁଠି ହଜିଗଲା ତାହା ଆଉ ପାଇଲି ନାହିଁ ।

ମନେ ମନେ ସଂକଳ୍ପ-ବିକଳ୍ପ ଚ୍ଚାଲିବାକୁ ଲାଗିଲା । ମନେ ହେଲା, ଆଇନ୍ ପଢ଼ି ଆଉ କ'ଣ ହେବ? ଓକିଲାତି ତ କରିବି ନାହିଁ— ଏହା ପ୍ରାୟ ସ୍ଥିର କରି ଦେଇଥିଲି । ଆଇନ୍. ଦୁଇବର୍ଷ ପଢ଼ିବା ପରେ ବି ତୃତୀୟ ବର୍ଷ ଆଉ ପଢ଼ିଲି ନାହିଁ । ୧୯୧୮ ମସିହା ଜୁଲାଇ ମାସରେ ସ୍ଥିର କଲିନେଲି ଯେ, ଆଶ୍ରମ ଯାଇ ସ୍ଥାୟୀଭାବରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ରହିବି । ଏମ୍.ଏ. କୋର୍ସ୍ ତ କଲିକତା ବିଶ୍ୱବିଦ୍ୟାଳୟରେ ଶେଷ କରିଛି, ଆଶ୍ରମରୁ ଆସି ଫାଇନାଲ୍ ପରୀକ୍ଷାଟା ଖାଲି ଦେଇଯିବି । ତା'ପରେ ଶ୍ରୀଶ୍ରୀଠାକୁର ଯେପରି ଯାହା କରିବାକୁ କହିବେ, ତାହା କରିବି ।

ତାରିଖଟା ଠିକ୍ ମନେ ପଡୁନି, ଖୁବ୍ ସମ୍ଭବ ୧୯୧୮ ମସିହା ଜୁଲାଇ ମାସର ମଝାମଝି, କଲିକତାରୁ ବାହାରି କୁଷ୍ଟିୟାରେ ପହଞ୍ଚିଲି । ଠିକ୍ ତା'ପରଦିନ ଷ୍ଟିମର୍‌ଯୋଗେ ପାବନା ଯାତ୍ରା କଲି ଏବଂ ସକାଳବେଳା ଆସି ପାବନା ଷ୍ଟିମର୍ ଷ୍ଟେସନରେ ପହଞ୍ଚିଲି । ଷ୍ଟିମର ଷ୍ଟେସନରୁ ଆମ୍ବ-ଜାମୁ-ପଣସ-ବାଉଁଶବଣ ଭିତରଦେଇ ଅଙ୍କା-ବଙ୍କା ପଥରେ କିଛିଦୂର ଆସି କିଶୋରୀଦାଙ୍କ ଘରେ ପହଞ୍ଚିଲି ।

କିଶୋରୀଦା ମୋତେ ଦେଖି ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ମୋତେ ଆଦର କରି ଆମ୍ବ-ବଗିଚ୍ଚା ଭିତରେ ଭରା ପଦ୍ମା ନଦୀର ତଟଦେଶରେ ଯେଉଁ ଘରେ ସେ ଓ ଅନ୍ୟାନ୍ୟ ସମସ୍ତେ କୀର୍ତ୍ତନ କରନ୍ତି, ସେଇ ଘରର ବାରଣ୍ଡାରେ ବସାଇଲେ । କିଶୋରୀଦା ଜଣେ ଲୋକକୁ ବିଗୁଲ୍ ବଜେଇବାକୁ କହିଲେ । ସେ ବିଗୁଲ୍‌ର ଶବ୍ଦ ଶୁଣି କିଛି ସମୟ ପରେ ଆଶ୍ରମରୁ ଗୋଟିଏ ନୌକା ଆସି ପହଞ୍ଚିଗଲା । ନୌକାରେ ବସି ଆଶ୍ରମ ଅଭିମୁଖେ ଚ୍ଚାଲିଲି । କିଛି ଦୂର ଆଗେଇବା ପରେ ଦେଖିଲି, ଗୋଟାଏ ପ୍ରବଳ ଜଳସ୍ରୋତ ପଦ୍ମାରୁ ଗୋଟାଏ ନିମ୍ନଭୂମି ଅତିକ୍ରମ କରିଚ୍ଚାଲିଛି ଦକ୍ଷିଣ ଦିଗକୁ । ସେଇ ଜଳସ୍ରୋତର ପୂର୍ବଦିଗର ଗ୍ରାମ ହିମାଇତପୁର ଓ ପଶ୍ଚିମ ଦିଗର ଗ୍ରାମ ପ୍ରତାପପୁର— ଯେଉଁ ଗ୍ରାମରେ କିଶୋରୀଦାଙ୍କ ଘର । ଏଇ ଜଳସ୍ରୋତ ଦେଖି ଅନୁମାନ କରିନେଲି— କାହିଁକି ଏଇ ବିଗୁଲ୍ ବଜେଇବାର ବ୍ୟବସ୍ଥା । କାହିଁକିନା, ଚ୍ଚାଲି ଚ୍ଚାଲି ଏଇ ଜଳସ୍ରୋତ ପାରି ହେବା ଅସମ୍ଭବ । ମନେ ହେଲା ଗୋଟା ଶରୀର ବୁଡ଼ିଯିବା ପରି ଗଭୀର ଜଳ ।

ଜଳସ୍ରୋତ ପାରିହୋଇ କିଛିଦୂର ଯିବାପରେ ଆଶ୍ରମ ଘାଟରେ ନୌକା ଲାଗିଲା । ନୌକା ଛାଡ଼ି ଆଶ୍ରମ ପ୍ରାଙ୍ଗଣକୁ ଉଠିବାମାତ୍ରେ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା । ପ୍ରଣାମ କରନ୍ତେ

ସ୍ମିତ ହାସ୍ୟରେ ମୋତେ ଜଡ଼େଇ ଧରି କହିଲେ— "ଆସିଛନ୍ତି, ବେଶ୍ ଭଲ ହୋଇଛି । ବେଶ୍ ସ୍ଫୁର୍ତ୍ତିରେ ରହିହେବ ।" ନଫରଭାଇଙ୍କୁ କହିଲେ ମୋର ଜିନିଷପତ୍ର ସବୁ ଗୁଛେଇ ନେଇ ରଖିବାକୁ ।

ଆଶ୍ରମ କହିଲେ ସେତେବେଳେ ସୁବିସ୍ତୀର୍ଣ୍ଣ ପଦ୍ମାତୀରରେ ବାବଲା-ଗଛର ବଣ ଭିତରେ ତିନିଟି ମାତ୍ର ଛୋଟ ଘର । ପଦ୍ମା ଆଡ଼କୁ ମୁହଁ କରିଥିବା ଦକ୍ଷିଣପଟର ଛୋଟ ଘରଟିରେ ପ୍ରଥମେ ରହୁଥିଲେ ଶ୍ରୀଶ୍ରୀଠାକୁର ଓ ଅନନ୍ତ-ମହାରାଜ । ଘରଟିର ମେଜିଆ ମାଟିର, ଚିରା-ବାଉଁଶର ବେଢ଼ ଏବଂ ଖଡ଼ର ଛପର । ଆଉ, ପଶ୍ଚିମମୁଖୀ ଘରଟା ଥିଲା ଶ୍ରୀଶ୍ରୀଠାକୁରଙ୍କର ଡିସ୍‌ପେନ୍‌ସାରି । ତା'ର ମେଜିଆ ମାଟିର, ଉପରଟା କିରୋସିନି ଟିଣ ଦେଇ ଛପର । ଆଉ ପଦ୍ମାର କୂଳକୁ ଲାଗି ଥିଲା ପଶ୍ଚିମମୁଖୀ ଘର । ଘରଗୁଡ଼ିକ ଛବିପରି ଉଜ୍ଜ୍ୱଳ, ସୁନ୍ଦର ଓ ପରିଷ୍କାର ପରିଚ୍ଛନ୍ନ । ପ୍ରାଙ୍ଗଣଟି ଗୋବର ମାଟି ଦେଇ ଲିପା ହୋଇଛି, ବେଶ୍ ଶୃଙ୍ଖଳା ଓ ସୁନ୍ଦର ଦେଖାଯାଉଛି ।

ମୋର ଶୋଇବାର ସ୍ଥାନଟି ଠିକ୍ ହେଲା ପଦ୍ମା-କୂଳକୁ ଲାଗି ପଶ୍ଚିମମୁଖୀ ଘରଟିରେ । ସେଇ ଘରର ବାଉଁଶ-ମଞ୍ଚାରେ ସେତେବେଳେ ଶ୍ରୀଶ୍ରୀଠାକୁର ଓ ଅନନ୍ତ-ମହାରାଜ ଶୟନ କରୁଥିଲେ । ସେ ଦୁଇଜଣଙ୍କ ମଝିରେ ମୋର ଶୋଇବାର ସ୍ଥାନ ହେଲା । ଶଯ୍ୟା ଉପରୁ ଅସୀମ ନୀଳ ଆକାଶ ତଳେ ଗୈରିକ ବସନା ପଦ୍ମାର ସୁନେଲି ସୂର୍ଯ୍ୟକିରଣରେ ଝଲମଲ କରୁଥିବା ରୂପଟି ଅପଲକ ନେତ୍ରରେ ଚ୍ଚାହିଁ ଦେଖୁଥିଲି । ନଦୀ ବକ୍ଷରେ ଶତ ଶତ ଛୋଟ ନୌକା ଫେଣ ସୃଷ୍ଟିକରି ଆଗେଇ ଚ୍ଚାଲିଛନ୍ତି । ସେଗୁଡ଼ିକ ମଧ୍ୟରୁ କେଉଁଟିର ପାଲ ଧଳା, କେଉଁଟି ନୀଳ, କେଉଁଟି ଅବା ଲାଲ୍ । ଏକ ଅପୂର୍ବ ଦୃଶ୍ୟ । ପୁଣି ତାର ମଝିରେ ମଝିରେ ଗୋଟିଏ ଗୋଟିଏ ପ୍ରକାଣ୍ଡ ସୌଦାଗରୀ ନୌକା ଡବଲ ପାଲ ଟାଣି ମନ୍ଥର ଗତିରେ ଚ୍ଚାଲିଛି । ଦୂର ଆକାଶରେ ଚିଲମାନେ ଉଡୁଛନ୍ତି । ପାଖରେ, ନଦୀକୂଳରେ ଖରଜଳ ମଧ୍ୟରେ ବାଉଁଶ ଉପରେ ମାଛରଙ୍କା ପକ୍ଷୀ ବସେ ।

ଏସବୁ ଦେଖୁ ଦେଖୁ ମନ କୁଆଡ଼େ ଯେପରି ହଜିଯାଏ । ପ୍ରକୃତିର ଏଇ ନୟନାଭିରାମ ଶାନ୍ତ-ସମାହିତ ପରିବେଶ ଓ ତା ସହ ଶ୍ରୀଶ୍ରୀଠାକୁରଙ୍କର ଅମିୟ ସଙ୍ଗ ଓ ତାଙ୍କର ସେ ସମୟର ପ୍ରାଣମତାଣିଆ କଥାବାର୍ତ୍ତା— ଏସବୁ ମନେ ପଡ଼ିଲେ ଏବେ ବି ଯେପରି ତା'ର ମାଦକତାରେ ଦିଗହରା ହୋଇଯାଏ । ସେଇ ପରିବେଶ ଓ ହରେଇଥିବା ଦିନଗୁଡ଼ିକପାଇଁ ମନ ଆର୍ତ୍ତ ହୋଇଉଠେ ।

ଯେଉଁ ସମୟରେ ମୁଁ ପ୍ରଥମେ ବାହାରୁ ଆସି ସ୍ଥାୟୀଭାବେ ଆଶ୍ରମରେ ରହିବାକୁ ଆରମ୍ଭ କଲି, ସେତେବେଳେ ଆଶ୍ରମରେ ରହୁଥିଲେ ଆଉ ଦୁଇଜଣ । ଜଣକର ନାଁ ଶ୍ରୀନଫରଚନ୍ଦ୍ର ଘୋଷ । ତାର ଘର ପାବନାର ଏକଦନ୍ତ ଗ୍ରାମରେ । ସେ ପ୍ରଥମେ କିଶୋରୀଦାଙ୍କର ସେଠାକାର ଘରେ ରହୁଥିଲା । ପରେ ଠାକୁରଙ୍କ ପାଖକୁ ଚ୍ଚାଲିଆସିଲା । ଆଉ ଜଣେ ଥିଲା— ତା'ର୍ ନାମ ଯତୀନ୍ଦ୍ରନାଥ ସରକାର । ସେ ଥିଲା ଶ୍ରୀଶ୍ରୀଠାକୁରଙ୍କର

Scanned with CamScanner

କମ୍ପାଉଣ୍ଡର୍ । ସେ ଦୁଇଜଣଯାକ ନୌକା ନେଇ କିଶୋରୀଦାଙ୍କ ଘରୁ ମୋତେ ଆଣିବାକୁ ଯାଇଥିଲେ ।

ଯେତେବେଳେ ଆଶ୍ରମରେ ପହଞ୍ଚିଲି ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ମାତା ମନୋମୋହିନୀଦେବୀ ଆଶ୍ରମରେ ଉପସ୍ଥିତ ନଥିଲେ । ଜଣେ ଗ୍ରାମବାସୀର ଅସୁସ୍ଥତାର ସମ୍ବାଦ ପାଇ ତାକୁ ଦେଖିବାକୁ ଯାଇଥିଲେ । ବହୁ ସମୟ ପରେ ସେ ଆଶ୍ରମକୁ ଫେରି ଆସିଲେ । ଅନନ୍ତ-ମହାରାଜ ଏଥର ମୋତେ ଦେଖାଇ ମାଙ୍କୁ କହିଲେ— "ଏଇ ଯେ, ସୁଶୀଲଦା ଆସିଛନ୍ତି ।"

ମା'ଙ୍କୁ ପ୍ରଣାମ କରନ୍ତେ ମା' ଯେପରି ଚିର-ପରିଚିତ ସନ୍ତାନ ପରି ମୋତେ ସମ୍ବୋଧନ କରି କହିଲେ— "ସମୟ ଅନେକ ହେଲାଣି, ଚାଲ୍— ତେଲ ଲଗେଇ ପଦ୍ମାରେ ଗାଧୋଇ ଆସିବା ।"

ଏଇଆ କହି କହିଲେ— "ତୁ ପହଁରା ଜାଣିଚୁତ?" ଏ ପ୍ରକାର ଜିଜ୍ଞାସିତ ହୋଇ କହିଲି, "ହଁ ମା, ମୁଁ ଭଲ ପହଁରା ଜାଣେ ।"

ପିଲାବେଳେ ମାତୃହରା ହୋଇଥିଲି । ତା'ପରେ ଏତେଦିନ ପର୍ଯ୍ୟନ୍ତ କାହାକୁ ମା'ବୋଲି ଡାକିନି ବା ଡାକି ପାରିନି । ଦୀର୍ଘସମୟ ପରେ ମା' ମନୋମୋହିନୀ ଦେବୀଙ୍କର ହାବଭାବରେ, ଆଚାର-ବ୍ୟବହାରରେ, ନିଜ ଜନନୀ ସୁଲଭ ସ୍ନେହର ପ୍ରତିଛବି ଦେଖିପାରି ଏଇ ପ୍ରଥମ 'ମା' ବୋଲି ସମ୍ବୋଧନ ମୁହଁରୁ ବାହାରି ଆସିଲା ଏବଂ 'ମା' ସମ୍ବୋଧନ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ଜନନୀ ସମ୍ବନ୍ଧରେ ଯେଉଁ ଏକ ରୁଦ୍ଧ ଭାବାବେଗ ଅନ୍ତର ଭିତରେ ଜମା ହୋଇ ରହିଥିଲା ତା'ର ବହିଃପ୍ରକାଶ ହେଲା ଅଶ୍ରୁ ରୂପରେ ।

ଅକସ୍ମାତ୍ ମୋ' ଆଖିରେ ଅଶ୍ରୁ ଦେଖି ମା' ମୋ' ହୃଦୟର ଭାବ ବୁଝିପାରି ମୋର ଗଳା ଜଡ଼େଇ ଧରି କହିଲେ— "ତୋର ବୋଧହୁଏ ମା' ନାହିଁ? ତେବେ ମୁଁ ତୋ'ର ମାଆ ।"

ମା'ଙ୍କର ଏଇ କଥା କେଇପଦ ମୋର ହୃଦୟମନରେ ଯେପରି ଅମୃତ ପ୍ରଲେପ ବୋଳିଦେଲା । ସେଇଦିନୁ ଏଇ ମାତୃହୀନ ସନ୍ତାନର ମା' ହରେଇବାର ଦୁଃଖ ପୋଛି ହୋଇଗଲା । ମା'ଙ୍କ ସହ ପଦ୍ମାରେ ସ୍ନାନ କରିବାରେ ଓ ପହଁରିବାରେ ଅନେକ ସମୟ ଡେରି ହୋଇଗଲା । ଶ୍ରୀଶ୍ରୀଠାକୁର ଓ ଅନନ୍ତ-ମହାରାଜ ଗାଧୋଇବାକୁ ଆସିଲେ । ଆମେ ସମସ୍ତେ ଏକସଙ୍ଗେ ଗାଧୋଇ ସାରି ଉଠିଲୁ ।

ସେତେବେଳେ ଆଶ୍ରମ ପ୍ରାଙ୍ଗଣରୁ ଶ୍ରୀଶ୍ରୀଠାକୁରଙ୍କର ବାସଗୃହକୁ ଯିବାକୁ ସିଧା ରାସ୍ତା ନଥିଲା । ଆଶ୍ରମ ପ୍ରାଙ୍ଗଣର ପୂର୍ବଦିଗଦେଇ ପାଦରେ ଚାଲିଚାଲି ଯିବାର ରାସ୍ତା ଥିଲା । ସେଇ ରାସ୍ତାଦେଇ ହେମ ଚୌଧୁରୀଙ୍କ ବଗିଚାପଟେ ବୁଲି ବାସଭବନରେ ପହଞ୍ଚିବାକୁ ପଡୁଥିଲା । ସେଇ ରାସ୍ତା ଦେଇ ଶ୍ରୀଶ୍ରୀଠାକୁର, ଅନନ୍ତ-ମହାରାଜ ଓ ମୁଁ ଖାଇବାପାଇଁ ଚାଲିଲୁ ।

ବାସଭବନର ଚାରି-ଭିଟା ଉପରେ ଚାରିଟି ଘର, ମଝିରେ ପ୍ରାଙ୍ଗଣ । ଦକ୍ଷିଣଦିଗ ଭିଟାର ଘରଖଣ୍ଡିକ କାଠର ଦୋତାଲା, ଉପରେ କରଗେଟ୍‌ର ଛାଉଣି । ଦୋତାଲାରେ

ସେତେବେଳେ ରହୁଥିଲେ ଶ୍ରୀଶ୍ରୀବଡ଼ମା ଆଉ ତଳ ମହଲାରେ ରହୁଥିଲେ କର୍ତ୍ତାମା । ପୂର୍ବ ପଟର କରଗେଟ୍ ଘରଟିରେ ରହୁଥିଲେ ମାତା ମନୋମୋହିନୀଦେବୀ । ଉତ୍ତର ପଟ ଭିଟାରେ ବେଲଗଛ ତଳେ କରଗେଟ୍‌ର ଘରଥିଲା, ସେଥିରେ ରହୁଥିଲେ ଶ୍ରୀଶ୍ରୀଠାକୁରଙ୍କର ପିତୃଦେବ । ପଶ୍ଚିମପଟେ ଯେଉଁ ଘର ଥିଲା, ତାହାଥିଲା ରୋଷେଇପାଇଁ । ସେଠାରେ ରୋଷେଇ ହେଉଥିଲା, ଆଉ ତା'ର ବାରଣ୍ଡାରେ ଖିଆପିଆ ହେଉଥିଲା ।

ଶ୍ରୀଶ୍ରୀବଡ଼ମା ହିଁ ଆମକୁ ପରିବେଷଣ କରି ଖାଇବାକୁ ଦେଲେ । ସେତେବେଳେ ଘର-ଗୃହସ୍ଥାଳୀର ଯାବତୀୟ କାର୍ଯ୍ୟ ସେ ନିଜ ହାତରେ କରୁଥିଲେ । ବିଶ୍ରାମ ବୋଲି କିଛି ଜିନିଷ ତାଙ୍କ ଭାଗ୍ୟରେ ଜୁଟୁ ନଥିଲା ଏବଂ ତାଙ୍କୁ କୌଣସିଦିନ ବିଶ୍ରାମ ନେବାର ବି ମୁଁ ଦେଖିନି । ସେ ଥିଲେ ଯେପରି ମୂର୍ତ୍ତିମତୀ ଗୃହଲକ୍ଷ୍ମୀ ।

ଖାଇସାରି ଆସି ମାଙ୍କ ଘରେ (ମନୋମୋହିନୀଦେବୀଙ୍କ ଘରେ) ବସିଲି । କିଛି ସମୟପରେ ମା' ଖିଆପିଆ ସାରି ଆସି ମୋ' ସହ ଗଳ୍ପ କରିବାକୁ ଲାଗିଲେ । ଟିକିନିଖି କରି ଆମ ଘରର ଆତ୍ମୀୟ-ପରିଜନ ସମସ୍ତଙ୍କ ଖବର ନେବାକୁ ଲାଗିଲେ । ଅଳ୍ପ ବୟସରେ ପିତୃ-ମାତୃହୀନ ହୋଇଛି ବୋଲି ଗଭୀର ଦୁଃଖର ସହ କହିଲେ— ପିଲାବେଳୁ ବାପା-ମାଙ୍କୁ ହରାଇବାଠାରୁ କଷ୍ଟ ଆଉ ନାହିଁ ।

ଯାହାଁ ହେଉ, ମା'ଙ୍କ କଥାବାର୍ତ୍ତା, ସ୍ନେହ-ଯତ୍ନ ଓ ସମସ୍ତଙ୍କର ଆଦର-ଆପ୍ୟାୟନାର ଭିତରଦେଇ ମୋର କେବେ ମନେ ହେଲାନି ଯେ ମୁଁ ପରଲୋକ ପାଖକୁ ଆସିଛି । ବରଂ ମନେ ହେଲା ଯେପରି ନିଜ ଘରକୁ ନିଜ ମା'ପାଖକୁ ହିଁ ଆସିଛି । ସମସ୍ତଙ୍କୁ ଆତ୍ମୀୟ ବୋଲି ବୋଧ କରିବାର ପ୍ରଥମ ପାଠ ଆରମ୍ଭ ହେଲା ମୋର. ଏଇଠାରୁ । ଏହାକୁ ମୁଁ ମୋ' ଜୀବନର ମଧୁର ଲଗ୍ନ ବୋଲି ମଧ୍ୟ କହି ପାରିବି ।

ରାତିରେ ପଦ୍ମା-ତଟଦେଶସ୍ଥ ଘରଟିରେ ମଞ୍ଚା ଉପରେ ଶ୍ରୀଶ୍ରୀଠାକୁରଙ୍କ ଶଯ୍ୟା ପାର୍ଶ୍ୱରେ ମୋ'ପାଇଁ ନିର୍ଦ୍ଦିଷ୍ଟ ଶଯ୍ୟାରେ ଶୟନ କଲି । କିଛି ସମୟ ପରେ ଶ୍ରୀଶ୍ରୀଠାକୁର ମୋତେ ଟାଣି ତାଙ୍କ ଛାତି ଉପରକୁ ନେଇଗଲେ । ପରମୁହୂର୍ତ୍ତରେ ମୋ' ଛାତି ଉପରେ ଆସି ଶୋଇ ପଡ଼ିଲେ । କେତେବେଳେ ପୁଣି ପ୍ରାଣପ୍ରିୟ ସଖା ପରି ଗାଢ଼ ଆଲିଙ୍ଗନରେ ମୋତେ ଆବଦ୍ଧ କରି ରଖିଲେ । କେତେବେଳେ ବା ଆବେଗଭରା ଶତଚୁମ୍ବନରେ ମୋର ପାପତାପ ଯେପରି ବିଧୌତ କରିଦେବାକୁ ଲାଗିଲେ । ତାଙ୍କର ସେଇ ନବନୀତ କୋମଳ ସ୍ନେହ-ଶୀତଳ ଅଙ୍ଗସ୍ପର୍ଶରେ ମୋର ମନର ସମସ୍ତ ଗ୍ଲାନି କୁଆଡ଼େ ଯେପରି ପଳେଇଗଲା । ମନେ ହେଲା, ମୁଁ ଯେପରି ଅମିୟ ସାଗରରେ ଅବଗାହନ କରି ଏକ ଅଦ୍ଭୁତ ଆନନ୍ଦଲୋକରେ ବିଚରଣ କରୁଛି । ଏଇ ହୃଦୟ ଦେଇ ଅନୁଭବ କରିଥିବା ଜିନିଷ, ବାକ୍ୟରେ ବୁଝେଇବା ସମ୍ଭବ ନୁହେଁ । ଏହିପରିଭାବେ ଯେ କେତେ ସମୟ କଟିଗଲା ତା' ଆଉ ଖିଆଲ ହିଁ ନଥିଲା । ଶେଷରେ ଶୋଇ ପଡ଼ିଲି । ଯେତେବେଳେ ନିଦ ଭାଙ୍ଗିଲା ସେତେବେଳେ ଦେଖିଲି— ସଦ୍ୟ ଜାଗ୍ରତ ତପନଦେବ ରକ୍ତରଙ୍ଗୀ ଚକ୍ଷୁ ମେଲି ଚାହିଁ ରହିଛନ୍ତି ତୃଷିତ ଧରଣୀ ଆଡ଼କୁ ଆଉ

Scanned with CamScanner

ତାଙ୍କର ଏଇ ପ୍ରଥମ ଶୁଭଦୃଷ୍ଟିର ମିଳନରାଗିଣୀ ବାଜିଚାଲିଛି— ପକ୍ଷୀର କାକଳୀରେ, ବନମର୍ମରରେ ଆଉ ନଦୀର ଜଳ-କଲ୍ଲୋଳରେ ।

ସକାଳବେଳା ଯେତେବେଳେ ପ୍ରାତଃକୃତ୍ୟାଦି ସାରି ଶ୍ରୀଶ୍ରୀଠାକୁର ଓ ମହାରାଜଙ୍କ ସହ ଛୋଟ ଚାଳଘରଟିରେ ବସି ଗଳ୍ପ କରୁଛି, କିଶୋରୀଦା ତାଙ୍କର ଦଳବଳ ସହ ଜୟ-ଢକ୍କା, କଂସାଳ, ଘଣ୍ଟା, ବଡ଼ କରତାଳ ନେଇ ପଦ୍ମାତୀରବର୍ତ୍ତୀ ଆଶ୍ରମ ପ୍ରାଙ୍ଗଣକୁ ଆସି ହାଜର ହେଇଗଲେ ଶ୍ରୀଶ୍ରୀଠାକୁରଙ୍କ ରଚିତ ଏଇ ଗାନଟି ଗାଇ-ଗାଇ—

"ହରେ କୃଷ୍ଣ ନାମେ ଉଠରେ ମାତିୟା
ବଲ ବ୍ୟୋମ୍ ବ୍ୟୋମ୍ ହରେ କୃଷ୍ଣ ହରି
ଦିୟେ କରତାଲି ନାଚିୟା ନାଚିୟା ।"

କୀର୍ତ୍ତନଦଳ ଉପସ୍ଥିତ ହୁଅନ୍ତେ ଶ୍ରୀଶ୍ରୀଠାକୁର, ମହାରାଜ ଓ ମୁଁ ଘରୁ ବାହାରି ଆସିଲୁ ଓ ଆମେ ତିନିଜଣ ବି କୀର୍ତ୍ତନରେ ଯୋଗ ଦେଲୁ । ଶ୍ରୀଶ୍ରୀଠାକୁର ମହାରାଜଙ୍କ ଗଳାରେ ହାତଦେଇ ଜଡ଼େଇ ଧରି ନାଚି ନାଚି ଗାନର ସୁର ଧରିଲେ । ତାଙ୍କ କଣ୍ଠର ସ୍ୱର ସମସ୍ତଙ୍କର ସମବେତ କଣ୍ଠ ଓ ବାଜା ଆଦିର ଶବ୍ଦକୁ ଅତିକ୍ରମ କରି ସ୍ପଷ୍ଟ ଶୁଣାଯାଉଥିଲା । ଜୟଢକ୍କା ରଣଭେରୀ ପରି ଗୁରୁ-ଗମ୍ଭୀର ଗର୍ଜନ କରି ବାଜି ଉଠିଲା । ପ୍ରକାଣ୍ଡ କରତାଳ, ଝାଞ୍ଜ ସମାନ ତାଳରେ ବାଜି ଚାଲିଲା । ସହକାରୀ ଗାୟକଗଣ ଚଡ଼ା ଗଳାରେ ପାଳି ଧରିଲେ । ଦୁଇ ତିନିଟା ଜୟଢକ୍କା, ଝାଞ୍ଜ, କରତାଳ ଆଦିଂ ବାଦ୍ୟ ଓ ସମବେତ କଣ୍ଠସ୍ୱର ଯେପରି ସମସ୍ତ ପ୍ରାଙ୍ଗଣ ଓ ନଦୀତଟକୁ ଶବ୍ଦାୟିତ କରି ପକେଇଲା । ଉଦାତ୍ତ ଗାୟନ ସହିତ ଚାଲିଲା ଉଦ୍ଦଣ୍ଡ ନୃତ୍ୟ । ସେ ନୃତ୍ୟର ଠାଣିରେ ମାଟି ଯେପରି କମ୍ପି ଉଠିବାକୁ ଲାଗିଲା ।

କିଛିସମୟ ପରେ ଦେଖେ ଶ୍ରୀଶ୍ରୀଠାକୁର ମହାରାଜଙ୍କ କାନ୍ଧଉପରୁ ହାତ ଉଠେଇନେଇ ଦୁଇ ବାହୁ ଟେକି ତ୍ରିଭଙ୍ଗିମ-ଠାଣିରେ ନାଚି ନାଚି ଚାଲିଛନ୍ତି । ତାଙ୍କର ମୁଖମଣ୍ଡଳରୁ ନିର୍ଗତ ହେଉଛି ଅପୂର୍ବ ଆଭା । ଆଉ ସମସ୍ତେ ତାହା ଦେଖି, ସେଇ ତାଳରେ ଉନ୍ମତ୍ତ ହୋଇ ନାଚିବାକୁ ଲାଗିଲେ । ହଠାତ୍ ଦେଖେ କିଶୋରୀଦା ତାଙ୍କର ଝାମ୍ପୁଡ଼ା ବାଳ ସହ ମଥା ଭୂ-ଲୁଣ୍ଠିତ କରି ଶ୍ରୀଶ୍ରୀଠାକୁରଙ୍କର ପାଦତଳେ ଆସି ଲୋଟିପଡ଼ିଲେ । ଶ୍ରୀଶ୍ରୀଠାକୁର ନାଚି ନାଚି ତାଙ୍କୁ ବୁକୁରେ ଟାଣି ନେଇ ଗଭୀର ଆଲିଙ୍ଗନରେ ଆବଦ୍ଧ କରି ତାଙ୍କର ଦାଢ଼ିଭର୍ତ୍ତି ମୁହଁରେ ଭାବାବେଗରେ ଚୁମ୍ବନ ଦେବାକୁ ଲାଗିଲେ । ଶ୍ରୀଶ୍ରୀଠାକୁରଙ୍କର ଆବେଗ-ଚୁମ୍ବନରେ ବିଶାଳ ଶକ୍ତି ନେଇ କିଶୋରୀଦା ଝାମ୍ପିପଡ଼ିଲେ ସେଇ କୀର୍ତ୍ତନରେ ଏବଂ ଏକ ବିରାଟ ଆଲୋଡ଼ନ ସୃଷ୍ଟି କଲେ । କେତେବେଳେ ଲମ୍ଫ ଦେଇ ହୁଙ୍କାର ଛାଡ଼ି ଉପରକୁ ଡେଉଁଛନ୍ତି, କେତେବେଳେ ଲମ୍ଫଦେଇ ବାବଲାଗଛରେ ଚଢ଼ି ଆରକ୍ତିମ ନୟନରେ ହସ ହସ ମୁହଁରେ ଚାହୁଁଛନ୍ତି । ପୁଣି କେତେବେଳେ ବା ଲମ୍ଫ ଦେଇ କୋକନର ଜୟ ଢକ୍କାର ଉପରେ ବସୁଛନ୍ତି, ଆଉ ନାଚର ତାଳେ ତାଳେ ଶରୀର ଝୁଲାଉଛନ୍ତି । କୋକନ ମଧ୍ୟ କିଶୋରୀଦାଙ୍କ ସହ ଜୟଢକ୍କା ନେଇ ଡେଇଁ ପଡୁଛନ୍ତି ଆଉ ସଙ୍ଗେ ସଙ୍ଗେ ଜୟଢକ୍କା ଆହୁରି ଜୋର୍‌ରେ ବଜେଇ ଚାଲିଛନ୍ତି ।

ବାଜଣା ଶବ୍ଦରେ ଯେପରି ଚାରିଦିଗ ପ୍ରକମ୍ପିତ ହେବାକୁ ଲାଗିଲା । ଶ୍ରୀଶ୍ରୀଠାକୁର ମଝିରେ ମଝିରେ ଜଣ-ଜଣକୁ ଆଲିଙ୍ଗନ କରି ଛାଡ଼ିଦେଉଛନ୍ତି ଆଉ ସେ ଉଦ୍ଦାମ ହୋଇ କୀର୍ତ୍ତନରେ ଯୋଗ ଦେଉଛି । ସେ ପୁଣି ଆଉ ଜଣକୁ ଧରି ନାଚୁଛି । ଯେପରି ଚାଲିଛି ଜୋର୍‌ଦାର ନାଚ, ସେହିପରି ଜୋରଦାର କୀର୍ତ୍ତନ ଆଉ ସେହିପରି ଜୋରଦାର ବାଦ୍ୟ । ନାଚ, ଗାନ, କୀର୍ତ୍ତନରେ ସମସ୍ତେ ଯେପରି ବେହୋସ୍ । ମଝିରେ-ମଝିରେ ଗୋସାଇଁଦା ବି ହୁଙ୍କାର ଦେଇ ଡେଇଁ ପଡୁଛନ୍ତି । ପଦ୍ମାନଦୀର ତୀରରେ ପ୍ରତିହତ ହୋଇ ସେ ଧ୍ୱନି ଫେରି ଆସୁଛି । ନଦୀରେ ନୌକାଯୋଗେ ଯେଉଁମାନେ ଯାଉଛନ୍ତି ସେମାନେ ସ୍ଥିର ଦୃଷ୍ଟିରେ ବିସ୍ମୟ-ବିସ୍ଫାରିତ ନୟନରେ ଅନେଇ ଦେଖୁଛନ୍ତି କୀର୍ତ୍ତନର ଏ ଅପୂର୍ବ ଉନ୍ମାଦନା । କୀର୍ତ୍ତନ କେତେବେଳେ ଉଦାର ଦ୍ରୁତତାରେ ବଢ଼ି ଚାଲିଛି ତ କେତେବେଳେ ଧିମେଇ ପଡୁଛି କୋମଳତାରେ, ପୁଣି ତାଠାରୁ ନୂତନ ବେଗ ନେଇ ବଢ଼ି ଉଠୁଛି । ସମୁଦ୍ରର ଢେଉ ଯେପରି ନିରବଚ୍ଛିନ୍ନ ପତନ-ଅଭ୍ୟୁଦୟର ଭିତର ଦେଇ ଚାଲିଛି ।

ଏ ପ୍ରକାର କୀର୍ତ୍ତନ ଚାଲୁଥିବାବେଳେ ହଠାତ୍ ଚାହିଁ ଦେଖେ କୀର୍ତ୍ତନର ମଧ୍ୟମଣି ଶ୍ରୀଶ୍ରୀଠାକୁର କୁଆଡ଼େ ଅନ୍ତର୍ଧାନ ହେଇଯାଇଛନ୍ତି । କୀର୍ତ୍ତନ ଯେପରି ଜମାଟ ବାନ୍ଧି ଉଠିଥିଲା ତାହା ଦେଖି ପ୍ରତି ମୁହୂର୍ତ୍ତରେ ମନେ ହେଉଥିଲା । ଏଥର ବୋଧହୁଏ ଶ୍ରୀଶ୍ରୀଠାକୁର ମହାସମାଧିସ୍ଥ ହେଇପଡ଼ିବେ । ଶ୍ରୀଶ୍ରୀଠାକୁରଙ୍କର କୀର୍ତ୍ତନରୁ ଅପସରି ଆସିବା ପରେ ତାଙ୍କ ସ୍ଥାନରେ ଦେଖେ ଗୋସାଇଁଦା ଓ ମହାରାଜ କୁଣ୍ଢାକୁଣ୍ଢି ହୋଇ ନାଚି ଚାଲିଛନ୍ତି । କିନ୍ତୁ ସେତେବେଳେ ମଧ୍ୟ କୀର୍ତ୍ତନ ପୂର୍ଣ୍ଣ ଉଦ୍ୟମରେ ଚାଲୁ ରହିଥିଲା । ଶ୍ରୀଶ୍ରୀଠାକୁରଙ୍କର ଏପରି ଅନ୍ତର୍ଧାନର କାରଣ କ'ଣ କିଛି ଠିକ୍ କରି ପାରିଲିନି । ପରେ ଜାଣିଲି— ଶ୍ରୀଶ୍ରୀଠାକୁରଙ୍କର କୀର୍ତ୍ତନରେ ଭାବସମାଧି ହେବାର ଦେଖି କେତେଜଣ ଭକ୍ତଙ୍କର ମଧ୍ୟ କୀର୍ତ୍ତନରେ ଭାବସମାଧି ହେବାକୁ ଲାଗିଲା । ତାହା ଦେଖି ଶ୍ରୀଶ୍ରୀଠାକୁର କୀର୍ତ୍ତନରେ ଯୋଗ ଦେବା ପ୍ରାୟ ବନ୍ଦ କରିଦେଲେ ଓ ଯୋଗଦେଲେ ବି ଏହିପରି ଅନ୍ତର୍ଧାନ ହେଇଯାଉଥିଲେ । ପ୍ରକୃତପକ୍ଷେ ଏହାପରେ ଶ୍ରୀଶ୍ରୀଠାକୁରଙ୍କର ଆଉ ମାତ୍ର ତିନିଦିନ ଭାବ ସମାଧି ହୋଇଥିଲା । ତା ଭିତରେ ଦୁଇଦିନ ସମାଧି ହୁଏ ମୋ' ନିଜ ଘରେ— ଯଶୋହର ଜିଲ୍ଲାର ହରିଣାକୁଣ୍ଡୁ ଗ୍ରାମରେ— କାର୍ତ୍ତିକ ୨ ଓ ୩, ୧୩୨୫ ସାଲରେ । ଶେଷଟି ହୁଏ କୁଷ୍ଟିୟାରେ ୨୪ ଜ୍ୟେଷ୍ଠ, ୧୩୨୬ ସାଲରେ ।

ଦିନ ୨ଟାରେ କୀର୍ତ୍ତନ ଶେଷ ହେଲା । କୀର୍ତ୍ତନ ଶେଷ ହେବାପୂର୍ବରୁ କେବଳ ଉଚ୍ଚସ୍ୱରରେ ନାମ-କୀର୍ତ୍ତନ ଆରମ୍ଭ ହେଲା । ତାପରେ ସେ ନାମ କୀର୍ତ୍ତନ କ୍ରମଶଃ ଧିମେଇ ଆସି ବନ୍ଦହେଲା । ସେତେବେଳେ ସମସ୍ତେ ନୀରବରେ ଧ୍ୟାନାସନରେ ବସିଲେ । ପ୍ରାୟ କୋଡ଼ିଏ ମିନିଟ୍ ଧ୍ୟାନ କରିବା ପରେ କୀର୍ତ୍ତନର ଚରମ ପରିସମାପ୍ତି ଘଟିଲା । କୀର୍ତ୍ତନ ଶେଷରେ ଧ୍ୟାନ କରିବା ହିଁ ବିଧି, କାରଣ କୀର୍ତ୍ତନରେ ସୁରତର ଊର୍ଦ୍ଧ୍ୱଗତି ଖୁବ୍ ଦ୍ରୁତ ହୁଏ । ସେହିପରି, ହଠାତ୍ କୀର୍ତ୍ତନ ଛାଡ଼ିଦେଲେ ସୁରତ ନିମ୍ନାଭିମୁଖୀ ହୋଇ କାମଭାବ ଉଦ୍ରେକ କରେ । ତେଣୁ ଯେପରି ତାହା ଘଟି ନପାରିବ, ସେଥିପାଇଁ କୀର୍ତ୍ତନ ପରେ ଧ୍ୟାନ ବିଧେୟ । ଆଉ, କୀର୍ତ୍ତନ

Scanned with CamScanner

ସମୟରେ ମଧ୍ୟ ଭ୍ରୂଦ୍ୱୟ ମଧ୍ୟବର୍ତ୍ତୀ ସ୍ଥାନରେ ଅର୍ଥାତ୍ ତ୍ରିକୂଟିରେ ଇଷ୍ଟଧ୍ୟାନ ସହ କୀର୍ତ୍ତନ କରିବା ବିଧେୟ ।

ଆଶ୍ରମକୁ ଆସିବାର କିଛିଦିନ ପରେଦିନେ ନଫରଭାଇକୁ ନେଇ ଗ୍ରାମ-ପରିକ୍ରମାରେ ବାହାରିଲି । ହିମାଇତପୁର ଗ୍ରାମର ଅଦୂରରେ ଏକ ବନାକୀର୍ଣ୍ଣ ସ୍ଥାନ ଦେଖେଇ ନଫରଭାଇ କହିଲେ— ଏ ସ୍ଥାନରେ ରାଜା ମାନସିଂହଙ୍କ ଘରର ଭଗ୍ନାବଶେଷ ଅଛି । ଜଙ୍ଗଲ ଭିତରେ ପ୍ରବେଶ କରି ଦେଖିଲି ଯେ ବିସ୍ତୀର୍ଣ୍ଣ ସ୍ଥାନ ବ୍ୟାପି ଧ୍ୱଂସାବଶେଷର ଚିହ୍ନ ବିଦ୍ୟମାନ । ଶୁଣାଯାଏ, ପୂର୍ବେ ପଦ୍ମାନଦୀ ଏଇ ବାଟ ଦେଇ ପ୍ରବାହିତ ହେଉଥିଲା । ପ୍ରଥମେ ନୌକା ପଥରେ ଆଶ୍ରମ ଆସିବାବେଳେ ଯେଉଁ ଦକ୍ଷିଣମୁଖୀ ପ୍ରବଳ ଜଳସ୍ରୋତ ଦେଖିଥିଲି, ପୂର୍ବେ ପଦ୍ମାନଦୀ ସେଇ ବାଟଦେଇ ପ୍ରବାହିତ ହେଉଥିଲା । ଆଉ ତାର ଧାରରେ ରାଜା ମାନସିଂହଙ୍କର ସୁବୃହତ୍ ଅଟ୍ଟାଳିକା ଓ କାଳୀ ମନ୍ଦିର ଥିଲା । ରାଜା ମାନସିଂହ ସମ୍ରାଟ୍ ଆକବରଙ୍କ ଅଧୀନରେ ସୁଦୀର୍ଘ ଏକୋଇଶ ବର୍ଷ ଧରି ବଙ୍ଗଳାର ଶାସନକର୍ତ୍ତା ଥିଲେ । ଶାସନ କାର୍ଯ୍ୟରେ ସୁବିଧା ପାଇଁ ସେ ସମ୍ଭବତଃ ଏଇଠାରେ ତାଙ୍କର ବସତିର ସ୍ଥାନ ମନୋନୀତ କରିଥିଲେ । ରାଜବାଟୀ ନିକଟରେ ତାଙ୍କର ସୈନ୍ୟମାନଙ୍କର ଶିବିର-ସମାବେଶ ବା ଛାଉଣି ଥିଲା । ସେଇ ଗ୍ରାମଟି ବର୍ତ୍ତମାନ 'ଛାତନି' ନାମରେ ପରିଚିତ । 'ଛାଉଣି' ଶବ୍ଦର ଅପଭ୍ରଂଶ ହୋଇ 'ଛାତନି' ନାମ ହୋଇଥିବ । ରାଜା ମାନସିଂହଙ୍କର ପୁଅର ନାଁ ଥିଲା ହିମ୍ମତ ସିଂହ । ତାର ନାମ ଅନୁସାରେ ତତ୍‌ପାର୍ଶ୍ୱବର୍ତ୍ତୀ ଗ୍ରାମର ନାମ ହୁଏ ହିମ୍ମତପୁର ବା ହିମାଇତପୁର— ଯେଉଁ ଗ୍ରାମରେ ଶ୍ରୀଶ୍ରୀଠାକୁରଙ୍କର ବାସଗୃହ ।

ହିମାଇତପୁରର ଉତ୍ତର-ପଶ୍ଚିମସ୍ଥ ଗ୍ରାମର ନାମ ନାଜିରପୁର । ଏଠାରେ ରାଜା ମାନସିଂହଙ୍କର ନାଜିର ଓ ଉଜିର (ମନ୍ତ୍ରୀ) ଗଣଙ୍କର ବସତି ଥିଲା । ସେଇଥିପାଇଁ ଏଇ ଗ୍ରାମଟି 'ନାଜିରପୁର' ନାମରେ ଅଭିହିତ । ଏଇ ନାଜିରପୁର ଗ୍ରାମରେ ଆମର ଶ୍ରଦ୍ଧେୟ ଦୁର୍ଗାନାଥ ସାନ୍ୟାଲଦାଙ୍କ ଘର ଥିଲା ।

ସେଇଦିନ ଉପରବେଳା ନୌକାଯୋଗେ ହିମାଇତପୁରର ଉତ୍ତରପଟେ କାଶୀପୁର ଗାଁ ଦେଖିବାକୁ ଗଲୁ । ସେତେବେଳେ ବର୍ଷାଦିନେ ନୌକା ଯୋଗେ କାଶୀପୁର ଗାଁକୁ ଯିବାକୁ ପଡୁଥିଲା । କାଶୀପୁରରେ ଅନନ୍ତ-ମହାରାଜ କୃଷ୍ଣଦାସ ଓ ଶ୍ରୀଯୋଗେଶ ରାୟଚୌଧୁରୀଙ୍କ ଘର— ଏ ସମସ୍ତଙ୍କ ଘରକୁ ଗଲି । ସେମାନେ ସମସ୍ତେ ମୋତେ ସେମାନଙ୍କର ଅନ୍ତରର ପ୍ରୀତି ଜଣାଇଲେ । ଅନନ୍ତ-ମହାରାଜଙ୍କର ଯେଉଁ ଘରେ ବସି ଅନୁମାନ ରାତି ଦିଟାରେ ଶ୍ରୀଶ୍ରୀଠାକୁର ବିବେକାନନ୍ଦଙ୍କର ଏଇ ଗୀତଟି— "ନାହିଁ ସୂର୍ଯ୍ୟ, ନାହିଁ ଜ୍ୟୋତି, ନାହିଁ ଶଶାଙ୍କ ସୁନ୍ଦର, ଭାସେ ବ୍ୟୋମ ଛାୟାସମ ବିଶ୍ୱ ଚରାଚର"— ଗାଇ ଗାଇ ସମାଧିସ୍ଥ ହୋଇଥିଲେ— ସେଇ ସ୍ଥାନଟି ଦେଖିଲି । ସେଇଦିନଠାରୁ ତାଙ୍କର ଭାବସମାଧିର ବାଣୀସମୂହର ପ୍ରଥମ ଲେଖା ଆରମ୍ଭ ହୁଏ । ଏଇ ଦିନର ଲିପିବଦ୍ଧ ବାଣୀସମୂହର ପ୍ରଥମ ବାଣୀ ହେଲା— "ଆମି ଶୁଦ୍ଧ ଆତ୍ମା" । ଏହା ହୁଏ ୧୩୨୧ ମସିହା ୩୧ ଜ୍ୟେଷ୍ଠ ବା ଇଂରାଜୀ ୧୪ ଜୁନ୍, ୧୯୧୪.

ତାରିଖରେ । କିଶୋରୀଦାଙ୍କ ପାଖରୁ ଶୁଣିଥିଲି ଯେ ଏହାପୂର୍ବରୁ ଅର୍ଥାତ୍ ପ୍ରଥମ ପ୍ରତାପପୁରରେ ତାଙ୍କ ନିଜ ଘରେ ଦୁଇଦିନ ଏବଂ ମାଝିପଡ଼ାର ଯଦୁ ପାଲ୍‌ଙ୍କ ଘରେ ଦିନେ ତାଙ୍କର ଭାବସମାଧି ହୋଇଥିଲା । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ନିଜ ମୁହଁରୁ ଶୁଣିଛି ଯେ ତାଙ୍କର ଏ ଅବସ୍ଥା ପ୍ରଥମ ଆରମ୍ଭ ହୁଏ ତାଙ୍କ ନିଜ ଘରେ କାଠର ଦୋତାଲା ଘରର ଦୋତାଲାରେ, ଅନୁମାନ ରାତି ଦଶଟା ସମୟରେ । ସେତେବେଳେ ସେ ଭଜନର ଆସନରେ ବସି ଗୁଦର ଘୋଡ଼ିହୋଇ ଧ୍ୟାନ କରୁଥିଲେ । ସେଇ ସମୟରେ ହଠାତ୍ ଢେଲା ଫୋପାଡ଼ିବା ପରି ତାଙ୍କର ସମସ୍ତ ଶରୀର ଧ୍ୟାନାସନରୁ ଆଠ ହାତ ଦୂରକୁ ନିକ୍ଷିପ୍ତ ହୁଏ । କିନ୍ତୁ ଏଭାବେ ନିକ୍ଷିପ୍ତ ହୋଇ ମଧ୍ୟ ସେ କୌଣସି ବ୍ୟଥା ଅନୁଭବ କରିନାହାନ୍ତି । ଏହା ତାଙ୍କର ଭାବସମାଧିର ପ୍ରଥମ ସୂଚନା । କିଭଳି ଯେ ସେ ଦୂରକୁ ନିକ୍ଷିପ୍ତ ହେଲେ ତାହା ସେ ନିଜେ ମଧ୍ୟ କହିବାକୁ ଅକ୍ଷମତା ପ୍ରକାଶ କରନ୍ତି ।

କି ସୁନ୍ଦର ଥିଲା ସେଇ ଦିନଗୁଡ଼ିକ! ମନଗହନରେ କେତେ ଘଟଣା ବିସ୍ମୃତିର ସାଗରରେ ବିଲୁପ୍ତ । କିନ୍ତୁ ସେ ଦିନଗୁଡ଼ିକର ସ୍ମୃତି ଏପରି ଉଜ୍ଜ୍ୱଳ, ମନେ ହୁଏ ଯେପରି ଏଇ ସେଦିନର କଥା । ମନର ପତ୍ରରେ ତାହା ଆଜି ମଧ୍ୟ ଅମଳିନ । ସାରା ଦିନରାତି ଯେ କିପରିଭାବେ କଟିଯାଉଥିଲା, ତା'ର କୌଣସି ଠିକଣା ନଥିଲା । ଆଶ୍ରମ-ପ୍ରାଙ୍ଗଣ ଓ ନଦୀତୀର ଗଗନ-ପବନରେ ଗୋଟାଏ ଉଦାସ ମଧୁର ଗାନର ସୁର ଯେପରି ଭାସି ବୁଲୁଥିଲା । ସେଇ ସୁରର ଆନନ୍ଦ ଖୁବ୍ ସହଜ ମନେ ହେଉଥିଲା ଆଉ ତାର ଅଭାବ ତୁଚ୍ଛ ମନେ ହେଉଥିଲା । କାରଣ-ଅକାରଣରେ ବୁକୁ ଭିତରେ ସଙ୍ଗୀତ ଗୁଞ୍ଜରିତ ହେଉଥିଲା । ସମସ୍ତଙ୍କୁ ଭଲପାଇବାକୁ ଆକୁଳ ଆଗ୍ରହ ଜାଗୁଥିଲା ।

ରାତିରେ ଶୋଇ ନିତ୍ୟ ଶ୍ରୀଶ୍ରୀଠାକୁରଙ୍କର ସେଇ ଅପୂର୍ବ ଆନନ୍ଦମୟ ସ୍ପର୍ଶ ଓ ସ୍ନେହାଲିଙ୍ଗନ, ବ୍ରାହ୍ମମୁହୂର୍ତ୍ତରେ ଉଠି— କୌଣସି-କୌଣସି ଦିନ ଅବା ଗଭୀର ରାତିରୁ ଉଠି ନାମ ଓ ଧ୍ୟାନ, ବେଳ ହେଲେ ଶ୍ରୀଶ୍ରୀଠାକୁରଙ୍କର ସ୍ନେହ ମଧୁର ସଙ୍ଗ ଓ ଉଦ୍ଦୀପୀ ଆଲୋଚନା, ତାପରେ ପୁଣି ବେଳ ହେଲେ ଶ୍ରୀଶ୍ରୀଠାକୁରଙ୍କ ସହ ପଦ୍ମାନଦୀରେ ସ୍ନାନ ଓ ସନ୍ତରଣ, ଭୋଜନାନ୍ତେ ବିଶ୍ରାମ ପରେ ଶ୍ରୀଶ୍ରୀଠାକୁରଙ୍କ ସହ ବିଭିନ୍ନ ବିଷୟରେ ଆଳାପ, କୌଣସି-କୌଣସି ଦିନ କୀର୍ତ୍ତନ, କୌଣସି-କୌଣସି ଦିନ ଶ୍ରୀଶ୍ରୀଠାକୁରଙ୍କ ସହ ପଦ୍ମାବକ୍ଷରେ ନୌକାଯୋଗେ ଭ୍ରମଣ— ଏମିତି କରି ମହା ଆନନ୍ଦରେ ଦିନଗୁଡ଼ିକ କଟିଯିବାକୁ ଲାଗିଲା । ଦିନାନ୍ତେ ଅସ୍ତରବିର କିରଣର ସମସ୍ତ ବର୍ଣ୍ଣର ଆଭାରେ ଦିଗନ୍ତ ଉଦ୍ଭାସିତ ହୋଇ ଉଠୁଥିଲା । ମୃଦୁମନ୍ଦ ପବନ ପଦ୍ମା ଜଳରେ ଅପୂର୍ବ ଶିହରଣ ତୋଳୁଥିଲା । ସେଇ ଆନ୍ଦୋଳିତ ଜଳରାଶିରେ ସୂର୍ଯ୍ୟର ସମସ୍ତ ଆଭା ପତିତ ହୋଇ ରଙ୍ଗର ଇନ୍ଦ୍ରଜାଲ ରଚନା କରୁଥିଲା । ପକ୍ଷୀମାନେ ଅସ୍ଫୁଟ କଳ-କାକଳିରେ ଦିଗନ୍ତ ମୁଖରିତ କରି ବସାକୁ ଫେରୁଥିଲେ । ମନ୍ଦିରରେ ଶଙ୍ଖ-ଘଣ୍ଟା ବାଜି ଉଠୁଥିଲା । କୁଳବଧୂମାନେ ତୁଳସୀ-ଚଉରାରେ ସନ୍ଧ୍ୟା ପ୍ରଦୀପ ଦେଉଥିଲେ । ମନ ମୁଗ୍ଧ-ବିସ୍ମୟରେ ସ୍ତବ୍ଧ ଓ ସବୁ ମିଶି ଗୋଟିଏ ଗମ୍ଭୀର ପରିବେଶ ସୃଷ୍ଟି ହେଉଥିଲା । ମନ ମୁଗ୍ଧ-ବିସ୍ମୟରେ ସ୍ତବ୍ଧ ଓ

Scanned with CamScanner

ଶାନ୍ତ ହୋଇ ଆସୁଥିଲା । କେଉଁ ଅସୀମ-ଅନନ୍ତ ଅଭିମୁଖେ ଛୁଟି ଯାଉଥିଲା । ଧୀରେ-ଧୀରେ ଦିନର ଆଲୁଅ ଲିଭିଆସୁଥିଲା । ସଂଧ୍ୟାବଧୂ ତା'ର ଅନ୍ଧକାରର ଅବଗୁଣ୍ଠନରେ ବିଶ୍ୱଚରାଚର ଢାଙ୍କି ଦେଉଥିଲା । ଆମ୍ଭେମାନେ ଉଠି ଆସି ସେଇ ଶାନ୍ତ-ସମାହିତ ମନ ନେଇ ଧ୍ୟାନରେ ବସୁଥିଲୁ । ପୂର୍ଣ୍ଣିମାଦିନ ସଂଧ୍ୟାବଧୂ ଯେପରି ଖିଲିଖିଲି କରି ଉଚ୍ଛଳ ହସରେ ଫାଟିପଡୁଥିଲା । ତାର ସେଇ ହସର ଚମକରେ ସମସ୍ତ ନଦୀତୀର, ଜଳ-ସ୍ଥଳ ଯେପରି ଉଚ୍ଛଳିତ ଆନନ୍ଦରେ ମଜ୍ଜିଯାଉଥିଲା । ଆମେ ମଧ୍ୟ ସେଇ ଆନନ୍ଦରେ ଭରପୂର ହୋଇ ଧ୍ୟାନରେ ବସୁଥିଲୁ । ଧ୍ୟାନ ସହଜ ହେଉଥିଲା ।

ଏହିଭଳି ଦିନଗୁଡ଼ିକ କଟିଯିବାକୁ ଲାଗିଲା । ଦିନେ ଘରୁ ହଠାତ୍ ଗୋଟାଏ ଚିଠି ପାଇଲି । ସେଥିରେ ଲେଖା ହୋଇଛି ଯେ ଗୋଟିଏ ତାଲୁକର ପ୍ରଜାମାନେ ଖଜଣା ଦେବା ବନ୍ଦ କରିଦେଇଛନ୍ତି । ଅନେକ ମାମଲା-ମକଦ୍ଦମା ସୃଷ୍ଟି ହୋଇଛି, ମୋର ଘରକୁ ଯିବା ନିହାତି ଦରକାର ।

ଚିଠି ପାଇ ଭାବିଲି— କ'ଣ କରାଯିବ, ମୁଁ ନ ହେଲେ କ'ଣ ଘର ଚଳିବନି? ବାପା ଥିଲେ । ସେ ବହୁତ ରୋଜଗାର କରୁଥିଲେ, ବହୁ ଲୋକ ପ୍ରତିପାଳନ କରୁଥିଲେ । ସେ ଚାଲିଗଲେ, ଆମର ସଂସାର ତ ଅଚଳ ହୋଇ ରହିଲାନି । ବଡ଼ଭାଇ ଥିଲେ, ସେ ଚାଲିଗଲେ, ସଂସାର ତ ଅଚଳ ହେଇନି । ମୁଁ ଯଦି ଆଜି ଚାଲିଯାଏ— ମଣିଷର ମୃତ୍ୟୁର କୌଣସି ସମୟ-ଅସମୟ ନାହିଁ, ତା'ହେଲେ କ'ଣ ସଂସାର ଅଚଳ ହେଇ ରହିବ? ନା, ତା କେବେ ନୁହେଁ! ମନେ ମନେ ଭାବିଲି— ମୁଁ ମରିଯାଇଛି— ଏଇଆ ଭାବି ଯେମିତି କରି ଚଳାଇବାକୁ ହୁଏ ସେମାନେ ସେମିତି କରନ୍ତୁ ଏବଂ ଲେଖିଦେଲି ମଧ୍ୟ ସେଇଆ ।

ଲେଖିଦେଇ ପରେ ଶ୍ରୀଶ୍ରୀଠାକୁରଙ୍କୁ ନିର୍ଜନରେ ଦିନେ କହିଲି,— 'ଘରକୁ ଯିବାକୁ ମୋର ତାଗିଦ ଆସିଛି । କ'ଣ କରିବାକୁ ହେବ? ସଙ୍ଗେ-ସଙ୍ଗେ ଏହା ବି ଜଣାଇଲି, 'ଆପଣଙ୍କ ସହ କିଛିଦିନ ଆଗରୁ ଯଦି ମୋର ଦେଖା ହୋଇଥାନ୍ତା ତା'ହେଲେ ଖୁବ୍ ଭଲ ହୋଇଥାନ୍ତା । ବିବାହ-ବନ୍ଧନରେ ଜଡ଼େଇ ହୋଇ୍ ପଡ଼ିବାକୁ ହୋଇ ନ ଥାନ୍ତା ।

ସବୁ କଥା ଶୁଣି ସେ କହିଲେ— 'ବିବାହ କରିଛନ୍ତି, ସେଥିରେ କ'ଣ ହେଲା? ତେବେ ହଁ— ବୋଝ ବେଶୀ ହେଲେ ଅର୍ଥାତ୍ ପୁଅ-ଝିଅ ଇତ୍ୟାଦି ବେଶୀ ହେଲେ କାମ କରିବାରେ ଅସୁବିଧା ହୁଏ, ତେଣୁ cell division (କୋଷ-ବିଭାଜନ) ଯେପରି ନ ହୁଏ ସେଇଭାବେ ବିବାହିତ ଜୀବନ ଯାପନ କରିବେ । ମୁଁ ବୁଝିଲି ଯେ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରି ବିବାହିତ ଜୀବନ ଯାପନ କରିବାର ନିର୍ଦ୍ଦେଶ ସେ ଦେଉଛନ୍ତି ।

ଘର ବିଷୟରେ କହିଲେ— 'ଦେଖନ୍ତୁ, ଘରୁ ଗୋଟିଏ ପଇସା ବି ଆପଣ ନେବେନି ବରଂ ପାରିଲେ ସେମାନଙ୍କୁ ଦେବେ । ସେମାନେ ବିଷୟ-ସମ୍ପତ୍ତି ଯେପରି ଚଳେଇବାକୁ ହୁଏ ତାହା ସେମାନଙ୍କର ଇଚ୍ଛାନୁଯାୟୀ ଚଳାନ୍ତୁ । ମୁଁ ଦେଖିଲି, ମୁଁ ଯେଉଁଭାବେ ସେମାନଙ୍କୁ ଚିଠି ଦେଇଛି, ଶ୍ରୀଶ୍ରୀଠାକୁର ସେଇଭାବେ ଇଙ୍ଗିତ କରୁଛନ୍ତି ।

ତୃତୀୟ କଥା ଏଇଆ କହିଲେ— 'କେତେ ଆବର୍ତ୍ତନର ଭିତର ଦେଇ ଘୂରି-ଘୂରି ଆପଣ ଆଜି ଏ ଦେହ ଧାରଣ କରି ଆସିଛନ୍ତି । ଆପଣଙ୍କର କେତେ ଜନ୍ମ ତ ଯାଇଚି— ଏ ଜୀବନଟା ନ ହେଲା ଏ ବ୍ରାହ୍ମଣ ପାଖରେ ଦେଇଗଲେ— ଦେଖନ୍ତୁ ନା କ'ଣ ହଉଚି?'

ମୋର ସମସ୍ତ ପ୍ରଶ୍ନର ସମାଧାନ ଏଇ ତିନିଟି କଥାରେ କରିଦେଲେ । ସେ ସମୟରେ ଛୁଟିଛାଟିର ଦିନ ହେଲେ କୁଷ୍ଟିୟାରୁ ବୀରୁଦା (ବୀରେନ୍ଦ୍ରନାଥ ରାୟ), ଅଶ୍ୱିନୀଦା (ଅଶ୍ୱିନୀକୁମାର ବିଶ୍ୱାସ), ପ୍ରଫୁଲ୍ଲଦା (ପ୍ରଫୁଲ୍ଲ କୁମାର ରାୟ), ଗୋକୁଳଦା (ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ), ସତୀଶଦା (ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର), ସତ୍ୟଦା (ଡାକ୍ତର ସତ୍ୟଚରଣ ଦତ୍ତ), ତ୍ରୈଲୋକ୍ୟଦା (ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀ) ପ୍ରଭୃତି ଆସୁଥିଲେ । ସେମାନଙ୍କ ଉପସ୍ଥିତିରେ ଶ୍ରୀଶ୍ରୀଠାକୁର ଯେପରି ଆନନ୍ଦରେ ଆତ୍ମହରା ହୋଇପଡୁଥିଲେ ।

ସେମାନଙ୍କ ସହ ଏପରି ବହୁ ମୂଲ୍ୟବାନ୍ ଓ ସାରଗର୍ଭ କଥାର ଆଲୋଚନା ହେଉଥିଲା ଯାହା ଲିପିବଦ୍ଧ କରି ରଖିବାର କୌଣସି ଚିନ୍ତା କାହାରି ଆସିନି । ସେତେବେଳେ ତାଙ୍କର ସଙ୍ଗ-ଲୋଲୁପତା ଓ ଅମୃତୋପମ ବାଣୀ ସମସ୍ତଙ୍କୁ ମସ୍‌ଗୁଲ୍ କରି ରଖିଥିଲା । ସେସବୁ କଥା ଧରି ରଖା ହୋଇଥିଲେ ସମ୍ଭବତଃ ଅବିଶ୍ୱାସୀମାନଙ୍କର ମଧ୍ୟ ବିଶ୍ୱାସ ଜନ୍ମାଇବା ସମ୍ଭବ ହୋଇଥାନ୍ତା,— ଯାହା ଆମର ଶାସ୍ତ୍ରାଦିରେ କୁହାଯାଇଛି,— "ତସ୍ମିନ୍ ଜ୍ଞାତେ ସର୍ବମ୍ ଜ୍ଞାତମ୍ ଅସ୍ତି" ବା "ତତ୍ର ନିରତିଶୟଂ ସର୍ବଜ୍ଞତ୍ୱ ବୀଜମ୍ ।" ଯିଏ ଚରମ କାରଣକୁ ଜାଣିଛନ୍ତି ସେ ସବୁ ଜାଣନ୍ତି, ସେ ହିଁ ସର୍ବଜ୍ଞ ।

ଦିନେ କୁଷ୍ଟିୟାରୁ ଭାଇମାନେ ସବୁ ଆସିଛନ୍ତି, ନାନା କଥାବାର୍ତ୍ତା । ଚାଲିଛି ସେମାନଙ୍କ ମଧ୍ୟରୁ ଜଣେ, ବୋଧହୁଏ ପ୍ରଫୁଲ୍ଲଦା, ଶ୍ରୀଶ୍ରୀଠାକୁରଙ୍କୁ କହିଲେ,— "ଖବରକାଗଜରେ ବାହାରିଛି,— ସୂର୍ଯ୍ୟଙ୍କଠାରୁ ପ୍ରତିନିୟତ ଯେଉଁ ପରିମାଣର ତାପ ବିକୀରଣ ହେଉଛି ତା' ଦ୍ୱାରା କାଳକ୍ରମେ ସୂର୍ଯ୍ୟ ତାପହୀନ ହୋଇଯିବ । ଫଳରେ ଜୀବଜଗତର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ ।"

ଉତ୍ତରରେ ଶ୍ରୀଶ୍ରୀଠାକୁର କହିଲେ,— "ମୋର ତ ତାହା ମନେ ହୁଏ ନାହିଁ । ସୂର୍ଯ୍ୟଠାରୁ ଯେଉଁ ପରିମାଣର ତାପ ବିକୀରଣ ହେଉଛି ଠିକ୍ ସେଇ ପରିମାଣର ତାପ ସୂର୍ଯ୍ୟ ଭିତରେ ଉଦ୍ଭବ ହେବାର ବ୍ୟବସ୍ଥା ଅଛି । ଫଳରେ ସୂର୍ଯ୍ୟର ଉତ୍ତାପହୀନ ହେବାର ଆଶଙ୍କା ନାହିଁ ।"

ଏଇ ପ୍ରସଙ୍ଗରେ ପୁଣି ଆଉ ଜଣେ କହିଲେ,— "ଆଚ୍ଛା ଠାକୁର! କୋଇଲାଖଣିରେ ଯେଉଁ କୋଇଲା ମହଜୁଦ ଅଛି ସେ ବିଷୟରେ ବିଶେଷଜ୍ଞମାନେ କହୁଛନ୍ତି ଯେ ଆଉ ଶହେ ବର୍ଷ ପରେ ସବୁ କୋଇଲା ସରିଯିବ; ସେତେବେଳେ ରେଳ, ଷ୍ଟିମର୍ ପ୍ରଭୃତି ଓ ଆଉ ଯେଉଁସବୁ କାମରେ କୋଇଲାର ବ୍ୟବହାର ହୁଏ, ତାହା ଚଳିବ କିପରି?"

ଶ୍ରୀଶ୍ରୀଠାକୁର କହିଲେ,— "ସେତେବେଳେ ଅନ୍ୟ ଶକ୍ତିର ଉଦ୍ଭାବନ ହେବ । ପରମାଣୁ ଭାଙ୍ଗି ମଧ୍ୟ ଅନେକ ଶକ୍ତି ବାହାର କରାଯାଇ ପାରେ ।"

Scanned with CamScanner

ଏଇକଥା ପରେ ମୁଁ କହିଲି— "ଆଟମ୍ ତ ବସ୍ତୁର କ୍ଷୁଦ୍ରତମ ଅଂଶ, ତାକୁ ପୁଣି ଭଙ୍ଗାଯିବ କିପରି?"

ଉତ୍ତରରେ ସେ କହିଲେ,— "ବର୍ତ୍ତମାନ ଅସମ୍ଭବ ବୋଲି ମନେ ହେଲେ ମଧ୍ୟ ଭବିଷ୍ୟତରେ ତାହା ସମ୍ଭବ ହେବା ଆଶ୍ଚର୍ଯ୍ୟ କ'ଣ?"

ଯେଉଁ ସମୟର କଥା କୁହା ହେଲା ତା'ର ଅନେକ ବର୍ଷ ପରେ ବୈଜ୍ଞାନିକମାନଙ୍କ ପାଖରୁ ଆମେ ଜାଣିବାକୁ ପାଇଲୁ ଯେ ପ୍ରକୃତିରେ ସୂର୍ଯ୍ୟଦେହରେ ଏଇଭାବରେ ପଦାର୍ଥର ରୂପାନ୍ତର ହେଉଛି। ସେମାନେ କହିଲେ ଯେ ସୂର୍ଯ୍ୟ ଦେହର ତାପମାତ୍ରା ପ୍ରାୟ ଏକକୋଟି ଡିଗ୍ରୀ। ଆମର ଏଇ ପୃଥିବୀ ସୂର୍ଯ୍ୟଠାରୁ ବିଚ୍ଛିନ୍ନ ହୋଇ ଦୁଇ ଶହ କୋଟି ବର୍ଷ ଧରି ସୂର୍ଯ୍ୟର ଚାରିପଟେ ଘୂରିବୁଲୁଛି। ଆଉ ଏଇ ସୁଦୀର୍ଘକାଳ ଧରି ପୃଥିବୀ ସୂର୍ଯ୍ୟଠାରୁ ଯେଉଁ ଉତ୍ତାପ ପାଉଛି ତା'ର କୌଣସି ବ୍ୟତିକ୍ରମ ହୋଇନି। କାହିଁକି ହୋଇନି ତା'ର କାରଣ ନିର୍ଦ୍ଦେଶ କରି ବୈଜ୍ଞାନିକମାନେ କହିଲେ ଯେ— ହାଇଡ୍ରୋଜେନ୍, ନାଇଟ୍ରୋଜେନ୍, କାର୍ବନ୍ ଇତ୍ୟାଦିର ପରମାଣୁ ଇଲେକ୍ଟ୍ରନ୍,-ବିମୁକ୍ତ ହୋଇ ପରମାଣୁର କେନ୍ଦ୍ରରେ ପରସ୍ପର ଆଘାତ-ପ୍ରତିଘାତ କରେ। ଏଇ ପ୍ରତିକ୍ରିୟାରେ ଚାରିଟା ହାଇଡ୍ରୋଜେନ୍ କେନ୍ଦ୍ର ଗୋଟିଏ ହିଲିୟମ୍ କେନ୍ଦ୍ରରେ ପରିଣତ ହୁଏ। ହାଇଡ୍ରୋଜେନ୍‌ରୁ ହିଲିୟମ୍ ସୃଷ୍ଟି ଫଳରେ ଯେଉଁ ଶକ୍ତିର ଉଦ୍ଭବ ହୁଏ ସେଥିପାଇଁ ସୂର୍ଯ୍ୟ ଦେହରୁ ତାପ ବିକୀରଣ ହେଲେ ମଧ୍ୟ ତାର ତାପ କେବେହେଲେ କମିଯାଉ ନାହିଁ।

ଏଣେ ପରମାଣୁ-ବିଭାଜନର ଚେଷ୍ଟା ବୈଜ୍ଞାନିକମାନେ ଅନେକ ଦିନରୁ କରି ଆସିଥିଲେ। କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ ହେତୁ ପରମାଣୁ ବିଭାଜନ ଓ ତା'ର ଶକ୍ତି-ନିୟନ୍ତ୍ରଣ ସମ୍ବନ୍ଧୀୟ ସମସ୍ତ କଥା ଗୋପନ ରଖା ଯାଇଥିଲା। ୧୯୪୫ ମସିହାର ଅଗଷ୍ଟ ୬ତାରିଖରେ ଜାପାନର ହିରୋସୀମା ଓ ନାଗାସାକୀରେ ଯେଉଁ ପରମାଣୁ ବିସ୍ଫୋରଣ ହୁଏ ସେଥିରେ ସାଧାରଣ ଲୋକ ପରମାଣୁ ଶକ୍ତି ଓ ତା'ର ଭୀଷଣ ଧ୍ୱଂସାତ୍ମକ କ୍ଷମତା ସହ ପ୍ରଥମ ପରିଚୟ ଲାଭ କରି ସ୍ତବ୍ଧ ଓ ଉତ୍କଣ୍ଠିତ ହୋଇ ଉଠନ୍ତି।

ଏଇ ପରମାଣୁଶକ୍ତି ଦ୍ୱାରା ନାନାପ୍ରକାର ମାରଣାସ୍ତ୍ର ଉଦ୍ଭାବିତ ହୋଇଛି ସତ କିନ୍ତୁ ତା' ସଙ୍ଗେ ଏଇ ମଣିଷ ସମ୍ମୁଖରେ ତା'ର ଅଗ୍ରଗତି ଅନନ୍ତ ସମ୍ଭାବନାର ଦ୍ୱାର ଖୋଲି ଦେଇଛି। ବିଜ୍ଞାନର ପ୍ରଗତିର ରଥ ଏତେଦିନ ଧରି ବାଷ୍ପୀୟ ଓ ବୈଦ୍ୟୁତିକ ଶକ୍ତି ଟାଣି ଆସିଥିଲା, କିନ୍ତୁ ପରମାଣୁଦେହ ଦୀର୍ଣ୍ଣ କରି ଯେଉଁ ନୂତନ ଶକ୍ତି ଦେଖାଦେଲା ତା'ର ଗୋଟିଏ ହାତରେ ଦେଖିବାକୁ ମିଳେ ବିନାଶର ବଜ୍ର, ଅନ୍ୟ ହାତରେ ସୃଷ୍ଟିର ଶତଦଳ।

ଶ୍ରୀଶ୍ରୀଠାକୁରଙ୍କର ଗଭୀର ଧ୍ୟାନପୂତ ଦୃଷ୍ଟିରେ ସେଦିନ ଯାହା ଧରା ଦେଇଥିଲା, ପରବର୍ତ୍ତୀ ସମୟରେ ଆମେ ଦେଖିଲୁ ଯେ ତାହାର ହିଁ ବାସ୍ତବ ରୂପ, ଯାହାର ପ୍ରୟୋଗ-ବିନ୍ୟାସର ଉପରେ ନିର୍ଭର କରୁଛି ଆଜି ସୃଷ୍ଟିର ଧ୍ୱଂସ ବା ଅଗ୍ରଗତି।

□□□

ପିତୃଦେବ

ଶ୍ରୀଶ୍ରୀଠାକୁରଙ୍କର ପିତୃଦେବ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ମହାଶୟ ଥିଲେ ବଡ଼ ସରଳ ଓ ଅମାୟିକ ପ୍ରକୃତିର ଲୋକ। ସେ ଅତିଥି-ଅଭ୍ୟାଗତଙ୍କର ଯତ୍ନ ଓ ସେବା କରି ଖୁବ୍ ତୃପ୍ତିଲାଭ କରୁଥିଲେ। ବ୍ୟାବହାରିକ ଜ୍ଞାନ ବି ଯେପରି ପ୍ରଖର ଥିଲା ସେହିପରି ଲୋକଙ୍କର ମନୋବୃତ୍ତି ବୁଝି ଚାଲିବାର କ୍ଷମତା ମଧ୍ୟ ଥିଲା ଅସାଧାରଣ।

ଦିନେ ସେ ଗଳ୍ପଛଳରେ ମୋତେ କହିଲେ— "ଲୋକଙ୍କର ଆଖି ଦେଖିଲେ ହିଁ ବୁଝାଯାଏ କିଏ କିପରି ପ୍ରକୃତିର ଲୋକ, ଆଉ ଯିଏ ଯେପରି ପ୍ରକୃତିର ଲୋକ ତା'ସହ ସେହିପରି ବ୍ୟବହାର କରିବାକୁ ହୁଏ।" ଏହା କହି ଜଣକର ନାମ ଉଲ୍ଲେଖ କରି ମୋତେ କହିଲେ— "ସେଇ ଲୋକଟି ବଡ଼ ଖଳପ୍ରକୃତିର ଲୋକ— ତା' ଆଖି ଦେଖିଲେ ହିଁ ଜଣାଯାଏ, ମୁହଁରେ ସେ ଯେତେ ସଂତତାର ଅଭିନୟ କରୁ ନା କାହିଁକି।" ଆଉ ଜଣକର ନାମ ଉଲ୍ଲେଖ କରି କହିଲେ— "ସେ ଯେ ଖୁବ୍ ସରଳ ଓ ସତ୍-ପ୍ରକୃତିର ଲୋକ ତାହା ତା'ର ଆଖି ଦେଖିଲେ ଜଣାଯାଏ। ତୁମେ ତାହା ନିରଖି-ପରଖି କରି ଦେଖ।"

ଏକଥା କହି କହିଲେ— "ଦେଖ, ଲୋକର ଉପକାର କରିବାକୁ ହେଲେ ବି ବେଶ୍ ସତର୍କତାର ସହ ତାହା କରିବାକୁ ପଡ଼େ। ଯାହାର ଉପକାର କରୁଛ ସେ ଯେପରି ପରେ ତୁମର ଅନିଷ୍ଟ କରି ନପାରେ ସେଥିପ୍ରତି ବେଶ୍ ହୁସିଆର ହୋଇ ତେବେ ଯାଇ ଉପକାର କରିବା ଦରକାର ହୁଏ।"

ମୁଁ କହିଲି— "ଉପକାର କଲେ ସେ ପୁଣି ଅପକାର କରିବ କାହିଁକି ?"

ସେ କହିଲେ— "ତାହା ବୋଧହୁଏ ଜାଣ ନା? ଏମିତି ବହୁଲୋକ ଅଛନ୍ତି ଯେଉଁମାନେ ତୁମ ପାଖରୁ ଉପକୃତ ହୋଇଛନ୍ତି ବୋଲି ଲୋକସମାଜରେ ପ୍ରକାଶ ପାଇଲେ ନିଜକୁ ବଡ଼ ହୀନ ମନେ କରନ୍ତି। ଏପରିକି ଉପକାରୀର ବିରୋଧରେ ଶତ୍ରୁତା ଆଚରଣ କରିବାକୁ ମଧ୍ୟ ଦ୍ୱିଧା ବୋଧ କରନ୍ତି ନାହିଁ। ମଣିଷ ପାଖରେ ଏପରି ବିପରୀତ ପ୍ରଚାର କରନ୍ତି ଯାହାଦ୍ୱାରା ମଣିଷ ବୁଝିପାରେ ଯେ ଉକ୍ତ ଲୋକ କେବେ ବି କାହାରି ଉପକାର କରେ ନାହିଁ। ତେଣୁ, ମଣିଷର ଉପକାର କରିବାକୁ ହେଲେ ମଧ୍ୟ ହୁସିଆର ହୋଇ ତାହା କରିବା ଦରକାର ଯାହାଦ୍ୱାରା ସେ ତୁମର କୌଣସି ଅନିଷ୍ଟ କରିନପାରେ।"

Scanned with CamScanner

ଦିନେ ଦିପହରରେ ଖିଆ-ପିଆ ସାରି ଘର ଭିତରୁ ଆଶ୍ରମ ଆଡ଼କୁ ଆସୁଛି— ଏହି ସମୟରେ କର୍ତ୍ତା (ଶ୍ରୀଶ୍ରୀଠାକୁରଙ୍କର ପିତୃଦେବଙ୍କୁ ସମସ୍ତେ କର୍ତ୍ତା ବୋଲି ଡାକନ୍ତି) ତାଙ୍କ ଘରୁ ମୋତେ ଡାକିଲେ । ତାଙ୍କ ପାଖକୁ ଯିବାପରେ ସେ ମୋତେ ବସିବାକୁ କହିଲେ ଓ ପଗ୍ଚରିଲେ, କ'ଣ ଲଗେଇ ଖାଇଲି, ଖିଆ-ପିଆ ବା ରହିବାର କୌଣସି କଷ୍ଟ ହେଉଛି କି ନା । ମୁଁ କହିଲି— କୌଣସି ଦିଗରୁ କିଛି କଷ୍ଟ ତ ନାହିଁ ବରଂ ଏଠି ଖୁବ୍ ଆନନ୍ଦରେ ଅଛି ।

ସେ କହିଲେ— "ତୁମେମାନେ ଭଦ୍ରଲୋକଙ୍କର ପୁଅ— ତୁମେମାନେ ତ ଏଇକଥା କହିବ । ମୁଁ ଅନୁକୂଳକୁ କୁହେ— ତୋ ଘରେ ଏତେ ଭଦ୍ରଲୋକଙ୍କର ପାଦର ଧୂଳି ପଡ଼େ, ସମସ୍ତଙ୍କ ଘରେ ତ ପଡ଼େ ନାହିଁ । ଏହାକୁ ମଧ୍ୟ ଗୋଟିଏ ବଡ଼ ଭାଗ୍ୟ ବୋଲି କହିବାକୁ ହେବ । ତୁ ଡାକ୍ତରି କର, ଭଲଭାବେ ରୋଜଗାର କର, ଲୋକବାକ ଯିଏ ଆସନ୍ତି ସେମାନଙ୍କୁ ଭଲଭାବେ ଖୁଆ । ସେ କଥା ନାହିଁ, ଡାକ୍ତରି ଛାଡ଼ିଦେଇ ଧେଇ-ଧେଇ କରି କୀର୍ତ୍ତନ ନେଇ ମାତି ରହିଛି । ସେଥିରୁ କ'ଣ ମିଳିବ? ମଣିଷର ସେବା ହିଁ ତ ଧର୍ମ ।"

ଏଇକଥା ସବୁ କହି ପରେ କହିଲେ— "ତୁମେସବୁ ତା'ର ଅର୍ଥାତ୍ ତୁମ ଠାକୁରଙ୍କ ଭିତରେ ଏପରି କ'ଣ ଦେଖିଲ ଯେ ଏତେ କଷ୍ଟ କରି ପଡ଼ିରହିଛ? ମୁଁ କୁହେ, ଭଗବାନ୍ କ'ଣ ଆଉ କୋଉଠି ଜାଗା ପାଇଲେ ନାହିଁ ଯେ ଶେଷରେ ଶିବ ଚକ୍ରବର୍ତ୍ତିର ଘରେ ଆସି ହାଜର ହେଲେ? ମୁଁ ତ କିଛି ବୁଝିପାରୁ ନାହିଁ । ତୁମମାନଙ୍କର ମା' (ମନୋମୋହିନୀଦେବୀ) ମଧ୍ୟ ତାକୁ ସମର୍ଥନ କରି ଚାଲନ୍ତି । ତାଙ୍କର ମଧ୍ୟ କୌଣସି ବୁଦ୍ଧି-ଶୁଦ୍ଧି ନାହିଁ । ତାହା ଥିଲେ ଆଉ ଏ ପ୍ରକାର ହୁଅନ୍ତାନି ।"

ଉତ୍ତରରେ ମୁଁ କହିଲି— "ଦେଖନ୍ତୁ, ଆପଣଙ୍କ ପୁଅକୁ ଆପଣ ପୁଅ ବୋଲି ଜ୍ଞାନ କରନ୍ତି, ଏହା ଖୁବ୍ ସ୍ୱାଭାବିକ । କିନ୍ତୁ ଆପଣଙ୍କ ପୁଅ ଭିତରେ କୌଣସି ବିଶେଷ ଗୁଣ ନଥିଲେ ଦେଶ-ବିଦେଶରୁ ଏତେ ଲୋକ ତାଙ୍କ ଆକର୍ଷଣରେ ଏଠାକୁ ଆସି ଭିଡ଼ କରନ୍ତେ କାହିଁକି? ସର୍ବଭୂତରେ ଭଗବାନ୍ ଅଛନ୍ତି ଏକଥା ଠିକ୍ । ଭଗବାନ୍‌ଙ୍କଠାରେ ଆମେ ଯେଉଁସବୁ ଗୁଣ ଆରୋପ କରିଥାଉ ସେସବୁ ଗୁଣ ଯଦି କୌଣସି ମଣିଷ ଭିତରେ ଦେଖାଯାଏ, ସେତେବେଳେ ମଣିଷ ତାଙ୍କୁ ହିଁ ଭଗବାନ୍ ବୋଲି କହିଥାଏ । ସେସବୁ ଗୁଣର ପ୍ରକାଶ ଆପଣଙ୍କ ପୁଅ ଭିତରେ ଦେଖି ଲୋକ ତାଙ୍କୁ ଭଗବାନ୍ ବୋଲି କୁହନ୍ତି । ଏଥିରେ ଆଉ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ଯୁଗେ ଯୁଗେ ଭଗବାନ୍ ତ ଏହିପରି କେତେବେଳେ ଦେବକୀ ଗର୍ଭରେ, କେତେବେଳେ ଶଚୀମାତାଙ୍କ ଗର୍ଭରେ, କେତେବେଳେ ବା ଚନ୍ଦ୍ରମଣି ଗର୍ଭରେ ଜନ୍ମ ନେଇଛନ୍ତି । ସେହିପରି ଆପଣଙ୍କ ଘରେ ଯଦି ଆସିଥାନ୍ତି ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ଆପଣ ମହା ଭାଗ୍ୟବାନ୍ ।"

ମୋର ଏ କଥାର ସେ ଆଉ କୌଣସି ଉତ୍ତର ଦେଲେ ନାହିଁ ।

❑❑❑

ମୋର ପାରିବାରିକ ଜୀବନ

ମୋର ଆଶ୍ରମକୁ ଆସିବାର ଦୁଇ-ତିନିଦିନ ପରେ ଦିନେ ମାତା ମନୋମୋହିନୀଦେବୀ ମୋତେ କହିଲେ— "ତୁ ବିବାହ କରିଛୁ, ତୁ ବରାବର ଏଇଠି ରହିବୁ ଆଉ ସ୍ତ୍ରୀକୁ ବାପଘରେ ରଖିଦବୁ ତାହା କ'ଣ ଠିକ୍? ସ୍ତ୍ରୀକୁ ଏଠିକି ନେଇ ଆସିବାର ବ୍ୟବସ୍ଥା କର ।"

ମୁଁ କହିଲି— "ସେ ତ ଆମ ନିଜ ଘରେ ପିଇସୀ ପାଖରେ ବି ଯାଇ ରହିପାରେ ।"

ମା କହିଲେ— "ତୁ ଏଠି ରହିବୁ ଆଉ ତୋର ସ୍ତ୍ରୀ ତା ବାପଘରେ ବା ତୋ ନିଜଘରେ ଚିରଦିନ ଏକୁଟିଆ ରହିବ— ସେଇଟା ସୁନ୍ଦର ଦେଖାଯାଉନି । ତୁ ତାକୁ ଏଠିକି ନେଇଆ । ମଝିଆଁ ବୋହୂ (କ୍ଷେପୁଦାଙ୍କ ସ୍ତ୍ରୀ) ସାଥୀରେ ଏକସଙ୍ଗେ ରହିବ । ତତେ କୌଣସି ଝଞ୍ଜଟ ସମ୍ଭାଳିବାକୁ ପଡ଼ିବନି ।"

ମୁଁ ମା'ଙ୍କୁ କହିଲି— "କିନ୍ତୁ ତା'ର ବାପା-ମା ତାଙ୍କ ଝିଅକୁ ଆଶ୍ରମ ପଠାଇବାକୁ ରାଜୀ ହେବେ କି? କୌଶଳ କରି ଆଣିବାକୁ ପଡ଼ିବ ।"

ଉତ୍ତରରେ ମା' କହିଲେ— "ଯାହା କରି ହଉ ତାକୁ ଏଠିକି ନେଇ ଆସିବା ଭଲ ।" ଏହା କହି କହିଲେ— "ଏଇ ବିଷୟରେ ମୁଁ ତୋର ଠାକୁରଙ୍କୁ କହିବି ।"

ଶ୍ରୀଶ୍ରୀଠାକୁର ମଧ୍ୟ ମା'ଙ୍କର କଥା ସମର୍ଥନ କଲେ । ଠିକ୍ ହେଲା ଦିନେ କଲିକତା ଯାଇ ତାକୁ ଏଠିକି ନେଇଆସିବି । ସେତେବେଳେ ଅଗଷ୍ଟ ମାସ, ୧୯୧୯ ମସିହା । କୁଷ୍ଟିୟାରେ ଶ୍ରୀଶ୍ରୀଠାକୁରଙ୍କର ଆଗାମୀ ଜନ୍ମୋତ୍ସବ ବିରାଟ୍ ଆକାରରେ ମହା ସମାରୋହ ସହକାରେ ହେବ । ତାରି କଳ୍ପନା-ଜଳ୍ପନା ଚାଲିଛି । ସେଇ ବର୍ଷ ହିଁ ଶ୍ରୀଶ୍ରୀଠାକୁରଙ୍କର ଆବିର୍ଭାବ-ତିଥି "ବିଶ୍ୱଗୁରୁ ଆବିର୍ଭାବ ମହାମହୋତ୍ସବ" ନାମରେ ବିରାଟ୍ ଆକାରରେ କୁଷ୍ଟିୟାରେ ଅନୁଷ୍ଠିତ ହୁଏ । କୁଷ୍ଟିୟାରୁ କଲିକତା ଯାଇ ଶ୍ୱଶୁରଙ୍କୁ କହିଲି— ମୋର ସାନ ଭଉଣୀ କୁଷ୍ଟିୟାରେ ଥାଏ । ମୋର ବାହାଘରବେଳେ ସେ ଅସୁସ୍ଥ ଥିବାରୁ ବାହାଘରକୁ

Scanned with CamScanner

ଆସିପାରି ନଥିଲା, ତେଣୁ ବୋହୁକୁ ଦେଖି ପାରିନି । ତା'ର ବୋହୂକୁ ଦେଖିବାର ଖୁବ୍ ଇଚ୍ଛା । ସପ୍ତାହ ଖଣ୍ଡେ ପାଇଁ ତାକୁ ନେଇଯିବାକୁ ଚାହୁଁଚି । ଏଇ କଥା ଶୁଣି ସେ କୌଣସି ଆପତ୍ତି କଲେ ନାହିଁ ।

ମୋର ବିବାହ ହେଇଥିଲା ୧୯୧୬ ମସିହା ଡିସେମ୍ବର ମାସରେ, କଲିକତାର ଗୋଟିଏ ବର୍ଦ୍ଧିଷ୍ଣୁ ପରିବାରରେ । ମୋ' ସ୍ତ୍ରୀର ବୟସ ସେତେବେଳେ ଏଗାର ବର୍ଷ, ନାଁ ଥିଲା ତା'ର 'ନିରୁପମା' । ଶ୍ରୀଶ୍ରୀଠାକୁର ତାକୁ 'ରାଣୀମା' ବୋଲି ଡାକୁଥିଲେ, ତେଣୁ ଆଶ୍ରମକୁ ଆସିବା ପରଠାରୁ ସେଇ ନାମରେ ସେ ପରିଚିତ ହୋଇ ପଡ଼ିଥିଲା ।

ମୋର ଶ୍ୱଶୁର-ମହାଶୟ ସେତେବେଳେ ବଙ୍ଗଳା ଗଭର୍ଣ୍ଣମେଣ୍ଟର ବିଚାର-ବିଭାଗରେ ବିଚାରପତି ପଦରେ ଅଧିଷ୍ଠିତ ଏବଂ ଖୁଡୁତାଶୁର-ମହାଶୟ ବିଲାତ ଯାଇ ଏଫ.ଆର୍.ସି.ଏସ୍. ପାସ୍ କରି ଲଣ୍ଡନରେ ସ୍ୱାଧୀନଭାବରେ ଡାକ୍ତରି ଆରମ୍ଭ କରିଛନ୍ତି ।

ମୋର ମାମୁ-ଶଶୁର ଥିଲେ Imperial Libraryର ଅଧ୍ୟକ୍ଷ, ବହୁଭାଷାବିତ୍ ହରିନାଥ ଦେ ମହାଶୟ । କଲିକତାରେ ଥିବା ସମୟରେ ସମ୍ଭବତଃ ତାଙ୍କରି ସୂତ୍ରରୁ ବେଙ୍ଗଲ-ଗଭର୍ଣ୍ଣମେଣ୍ଟର ଚୀଫ୍ ସେକ୍ରେଟାରୀଙ୍କ ସହ ମୋର ଶଶୁର-ମହାଶୟଙ୍କର ବେଶ୍ ପରିଚୟ ଥିଲା । ତେଣୁ ଏଥର ତାଙ୍କରି କଥା ଉଲ୍ଲେଖ କରି ମୋତେ କହିଲେ, "ମୁଁ ତୁମକୁ Executive Serviceରେ ପୂରେଇଦବାପାଇଁ ତାଙ୍କୁ ଅନୁରୋଧ କରିଛି ଏବଂ ସେ ଆଗାମୀ ଜାନୁଆରୀ ମାସରେ ତୁମକୁ ତାଙ୍କ ସହ ଦେଖା କରିବାକୁ କହିଛନ୍ତି । ସେ ମୋ' ପାଖରେ ସ୍ୱୀକାର କରିଛନ୍ତି ଯେ ଡେପୁଟି ମାଜିଷ୍ଟ୍ରେଟ୍‌ର nomination ତୁମକୁ ଦେବେ ।" ସେତେବେଳେ ଡେପୁଟି ମାଜିଷ୍ଟ୍ରେଟ୍ ନମିନେଶନ୍‌ରେ ହିଁ ହଉଥିଲା ।

ସାମନା-ସାମନି ତାଙ୍କୁ କିଛି କହିବାକୁ ସାହସ କରିପାରିଲିନି— କହିଲି, ଜାନୁଆରୀ ମାସ ତ ବର୍ତ୍ତମାନ ଅନେକ ଡେରି ଅଛି,— ସେତେବେଳେ ଦେଖାଯିବ । ଏଇ କଥା କହି ଉକ୍ତ ପ୍ରସଙ୍ଗ ସେହି ସମୟପାଇଁ ଏଡ଼େଇଦେଲି ।

ଯାହା ହେଉ, ସ୍ତ୍ରୀକୁ ଆଣି କୁଷ୍ଟିୟାରେ ତ ଆସି ପହଞ୍ଚିଲି । ଭଉଣୀ କହିଲା,— "ଉତ୍ସବ ମାତ୍ର ଏକମାସ ବାକୀ ଅଛି, ଏଇ କେତେଦିନ ଭାଉଜ ଏଠି ଥାଆନ୍ତୁ । ଉତ୍ସବ ସରିଯିବା ପରେ ଆଶ୍ରମ ହେଇ ତାଙ୍କୁ ଘରକୁ ନେଇଯାଅ ।"

ମୋର ବି ଏ ପ୍ରସ୍ତାବ ଖୁବ୍ ମନକୁ ପାଇଲା,— ଶଶୁର-ମହାଶୟଙ୍କୁ ତେଣୁ ଚିଠି ଲେଖିଦେଲି ଯେ ମୋ' ଭଉଣୀ ତାକୁ ଶୀଘ୍ର ଛାଡ଼ିବାକୁ ରାଜୀ ନୁହଁ, ତେଣୁ ବର୍ତ୍ତମାନ ତା'ର ଯିବା ହେଇପାରିବନି । ତା ସହ ଏ କଥା ବି ଜଣେଇଲି ଯେ ଚାକିରି କରିବାର ଆକାଙ୍କ୍ଷା ମୋର ମୋଟେ ନାହିଁ ।

ମୋର ଚିଠି ପାଇ ସେ ଅତ୍ୟନ୍ତ ବିଚଳିତ ହୋଇ ଆବେଗପୂର୍ଣ୍ଣ ଭାଷାରେ ମୋତେ ଗୋଟିଏ ଚିଠି ଦେଲେ । ସେ ଲେଖିଲେ ଯେ, ତୁମେ ହଠାତ୍ ଭାବାତିଶଯ୍ୟରେ ଏପରି କରିବାକୁ ଉଦ୍ୟତ ହେଇଛ କିନ୍ତୁ ଭାବାବେଗ ତ ସ୍ଥାୟୀ ହୁଏ ନାହିଁ । ଭାବାବେଗ

ଚାଲିଗଲେ ଏଥିପାଇଁ ତୁମକୁ ଦୁଃଖ କରିବାକୁ ହେବ । ମୋର ଭବିଷ୍ୟତ୍ ସମ୍ବନ୍ଧରେ ଧୀରଭାବେ ବିବେଚନା କରି ଯେପରି ତାଙ୍କ ପତ୍ରର ଉତ୍ତର ଦିଏ ।

ଉତ୍ତରରେ ମୁଁ ତାଙ୍କ ପାଖକୁ ଲେଖିଲି— ମୁଁ ମୋର ଜୀବନ କିପରିଭାବେ ଅତିବାହିତ କରିବି ତାହା ସବୁଦିନ ପାଇଁ ସ୍ଥିର କରି ନେଇଛି, ତେଣୁ ଏଇ ବିଷୟରେ ମୋତେ ଆପଣଙ୍କର ଉପଦେଶ ଦେବା ବୃଥା । ଏହାଦ୍ୱାରା ହୁଏତ ତିକ୍ତତାର ସୃଷ୍ଟି ହେବ । ତେବେ କନ୍ୟାର ପିତା ହିସାବରେ ଆପଣଙ୍କର ଦୁଃଖ ହେବା ସ୍ୱାଭାବିକ, କାରଣ ଆପଣ କେବେବି ଚାହାନ୍ତିନି ଯେ ଏପ୍ରକାର ଜଣେ ଖାମଖିଆଲୀ ଲୋକ ସାଥିରେ ଆପଣଙ୍କ କନ୍ୟାର ଭାଗ୍ୟ ଜଡ଼ିତ ହେଉ । ଆପଣଙ୍କର କନ୍ୟା ଅବଶ୍ୟ ଯଦି ଆପଣଙ୍କ ପାଖରେ ରହିବାକୁ ଚାହେଁ ତେବେ ସବୁଦିନପାଇଁ ଆପଣଙ୍କ ପାଖରେ ରହିପାରେ, ନତୁବା ମୋ' ପାଖରେ ରହିବାକୁ ହେଲେ ଦୁଃଖକଷ୍ଟକୁ ହିଁ ବରଣ କରି ନେବାକୁ ହେବ ।

ଶଶୁର-ମହାଶୟଙ୍କ ସହ ଏଇ ସମସ୍ତ ପତ୍ରାଳାପ କଥା ମୁଁ କାହାକୁ କହିନି । ଶ୍ରୀଶ୍ରୀଠାକୁରଙ୍କୁ ମଧ୍ୟ ଜଣେଇନି । କାରଣ, ଶ୍ରୀଶ୍ରୀଠାକୁର ପୂର୍ବେ ମୋତେ କହିଦେଇଛନ୍ତି ଯେ କିପରିଭାବେ ମୋତେ ଜୀବନ ଅତିବାହିତ କରିବାକୁ ହେବ । ଆଉ, ଆତ୍ମୀୟ-ସ୍ୱଜନ, ବନ୍ଧୁବାନ୍ଧବଙ୍କୁ ମଧ୍ୟ କହିନି ଏଇଥିପାଇଁ ଯେ, ସେମାନେ ମୋର ଭାବଧାରା ସମର୍ଥନ ତ କରିବେ ନାହିଁ ବରଂ ମୋତେ ବ୍ୟତିବ୍ୟସ୍ତ କରିପକାଇବେ ନାନାବିଧ ସମାଲୋଚନା କରି । ତେଣୁ ଏ ବିଷୟରେ କାହାକୁ କିଛି ନ କହି ପୂରା ନୀରବ ରହିଯାଇଥିଲି ।

❑❑❑

Scanned with CamScanner

କୁଷ୍ଟିୟା-ମହୋତ୍ସବ

୧୪,୧୫ ସେପ୍ଟେମ୍ବର, ୧୯୧୮

କଲିକତାରୁ ଆସି କୁଷ୍ଟିୟାରେ କିଛିଦିନପାଇଁ ରହିଗଲି ଉତ୍ସବ ଉପଲକ୍ଷେ କାମ ଥିବାରୁ। ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ଅନୁପ୍ରେରଣାରେ କୁଷ୍ଟିୟାର ସତ୍‌ସଙ୍ଗୀମାନେ ଜଗତ୍‌ବରେଣ୍ୟ ବିଭିନ୍ନ ମହାପୁରୁଷଙ୍କର ଜନ୍ମତିଥି-ଉତ୍ସବ ପାଳନ କରିବାକୁ ଆରମ୍ଭ କରିଛନ୍ତି। ହଜରତ ମହମ୍ମଦ, ଭଗବାନ୍ ଯୀଶୁ ଖାଲି କ'ଣ ମୁସଲମାନ୍ ଆଉ ଖ୍ରୀଷ୍ଟିଆନ୍‌ମାନଙ୍କର ପୂଜ୍ୟ? ସର୍ବଜଗତର ସମସ୍ତଙ୍କର ପୂଜ୍ୟ କ'ଣ ସେମାନେ ନୁହନ୍ତି? ସେମାନଙ୍କର ଅମର ଜୀବନ କ'ଣ ସମସ୍ତଙ୍କର ଆଦର୍ଶସ୍ଥାନୀୟ, ଅନୁସରଣୀୟ ନୁହେଁ? ନିଶ୍ଚୟ ଅନୁସରଣୀୟ। ତେଣୁ ସେମାନଙ୍କର ଜନ୍ମତିଥିରେ ସେମାନଙ୍କର ଜନ୍ମୋତ୍ସବ ପାଳନ କରାହେବାକୁ ଲାଗିଲା ମହା-ଆଡ଼ମ୍ବରରେ, ଦଳ ଓ ମତ ନିର୍ବିଶେଷରେ। ସବୁ ସମ୍ପ୍ରଦାୟର ଲୋକ ସେଥିରେ ଯୋଗ ଦେବାକୁ ଲାଗିଲେ। ପ୍ରତ୍ୟେକ ଉତ୍ସବ 'ଦୀୟତାଂ ଭୁଜ୍ୟତାମ୍' ରବରେ ମୁଖରିତ ହେଉଥିଲା; କେଉଁଟିରେ ଭାତ, କେଉଁଠିରେ ଖେଚୁଡ଼ି, ଆଉ କେଉଁ ଉତ୍ସବରେ ଚୁଡ଼ା-ଦହି ଓ ଫଳାହାରର ବ୍ୟବସ୍ଥା ଥିଲା।

ଏହିପରି ଶ୍ରୀଶ୍ରୀଠାକୁର ସର୍ବମାନବ ଭିତରେ ଭ୍ରାତୃତ୍ୱବୋଧ ଜାଗ୍ରତ କରିତୋଳିଲେ ସମସ୍ତଙ୍କ ଭିତରେ। ଘୃଣା, ହିଂସା, ଈର୍ଷା ପରିବର୍ତ୍ତେ ସବୁ ସମ୍ପ୍ରଦାୟର ଲୋକଙ୍କ ଭିତରେ ଜାଗିଉଠିଲା ଭ୍ରାତୃପ୍ରେମ,. ଭଲପାଇବା। ଶ୍ରୀଶ୍ରୀଠାକୁରଙ୍କର ଏଇ ସମସ୍ତ ମାନବସମାଜ ପ୍ରତି ପ୍ରେମଭାବ ଆକର୍ଷଣ କଲା ତାଙ୍କ ଆଡ଼କୁ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ। ଅନେକ ମୁସଲମାନ୍ ଓ ଖ୍ରୀଷ୍ଟିୟାନ୍ ତାଙ୍କର ପ୍ରେମରେ ଆକୃଷ୍ଟ ହୋଇ ଏଇ ସମୟରେ ତାଙ୍କର ଶରଣାପନ୍ନ ହୋଇଥିଲେ।

ପ୍ରତି ଉତ୍ସବରେ ସମସ୍ତ ଦଳ-ନିର୍ବିଶେଷରେ ଲୋକମାନଙ୍କୁ ଯେଉଁ ଖାଇବାକୁ ଦିଆ ହେଉଥିଲା ତାକୁ 'ଦରିଦ୍ର-ନାରାୟଣ ସେବା' ବୋଲି ଆଖ୍ୟା ଦିଆ ହୋଇଥିଲା। ଶ୍ରୀଶ୍ରୀଠାକୁର ସେ କଥା ଶୁଣି ଦିନେ କହିଲେ— "ଇଏ କେମିତିକା କଥା ହେଲା? ସମସ୍ତ ନରଙ୍କୁ ଯିଏ ପୂର୍ଣ୍ଣ-ଐଶ୍ୱର୍ଯ୍ୟର ପଥ ଦେଖାଇ ଦିଅନ୍ତି ସେ ହେଲେ ଦରିଦ୍ର! ନାରାୟଣ କ'ଣ କେବେହେଲେ ଦରିଦ୍ର ହୋଇପାରନ୍ତି? ଯାହାଙ୍କୁ ଦରିଦ୍ର ମନେ କରି ନେଇଛ ସେମାନଙ୍କର ଆଉ ସେବା କରିବ କ'ଣ? ସେମାନଙ୍କୁ ଦୟା କରି ଦିଟା ଖାଇବାକୁ ଦଉଚ ମାତ୍ର। ଏହାଦ୍ୱାରା ତୁମମାନଙ୍କର ଅହଂଭାବ ଲଘୁ ନ ହୋଇ, ଅହଂକୁ ଜାହିର କରାହେଲା ନାହିଁକି? ଦମ୍ଭ ହିଁ ପ୍ରକାଶ ପାଏ ନାହିଁକି ଏହାଦ୍ୱାରା? ସବୁ ଉଦ୍ଦେଶ୍ୟ ବ୍ୟର୍ଥ ହୁଏ। ମଣିଷର ସେବା କରିଲେ କୃତାର୍ଥତାର ବୋଧ ଆସିବ, ଆନନ୍ଦ ଆସିବ। ନରର ସେବା ଭିତର

ଦେଇ ବହୁ ରୂପରେ ନାରାୟଣଙ୍କର ସେବା ହୁଏ, ସେ ସେବାର ଦକ୍ଷିଣା ହୁଏ ଦୀନତା, ଯାହାକୁ ସେବା ଦଉଛ ତାର ତୃପ୍ତିରେ ତୁମର ତୃପ୍ତି।"

ତେଣୁ 'ଦରିଦ୍ର-ନାରାୟଣ ସେବା' ପରିବର୍ତ୍ତେ ତା'ର ନାମ ରଖା ହେଲା 'ନର-ନାରାୟଣ ସେବା'। ଜାତି-ଧର୍ମର ବିଚାର ନାହିଁ, ଗରିବ ବୋଲି ଅଶ୍ରଦ୍ଧା ନାହିଁ। ସାଦରେ ଡାକି ପାଦ ଧୋଇଦେଇ ଆସନରେ ବସେଇ ଖାଇବାକୁ ଦିଆହେଲା ପ୍ରତ୍ୟେକଙ୍କୁ. ଡାକି ଅଣା ହେବାକୁ ଲାଗିଲା ସାଧୁ, ଫକୀର, ମୁସାଫିର ସମସ୍ତଙ୍କୁ। ଯିଏ ରନ୍ଧା ଖାଦ୍ୟ ଖାଇବାକୁ ଚାହେଁ ନାହିଁ ତାକୁ ଦିଆ ହେଉଥିଲା ଅପକ୍ୱ ଭୋଜ୍ୟ। କୌଣସି-କୌଣସି ଉତ୍ସବରେ ଶ୍ରୀଶ୍ରୀଠାକୁର ସ୍ୱୟଂ ଉପସ୍ଥିତ ରହି ସମସ୍ତଙ୍କର ଆନନ୍ଦ ବର୍ଦ୍ଧନ କରୁଥିଲେ। ସେତେବେଳେ ବିପୁଳ ଉତ୍ସାହ-ଉଦ୍ଦୀପନା ସୃଷ୍ଟି ହେଉଥିଲା।

ଏହିପରିଭାବେ ସବୁ ମହାପୁରୁଷଙ୍କର ଉତ୍ସବ କରି-କରି ହଠାତ୍ ସତ୍‌ସଙ୍ଗୀମାନଙ୍କର ମନରେ ଗୋଟାଏ ସନ୍ଦେହ ପଶିଗଲା,— ଆମେ ତ ପୂର୍ବତନ ସବୁ ମହାପୁରୁଷଙ୍କର ଉତ୍ସବ କରୁଛୁ, କିନ୍ତୁ ବର୍ତ୍ତମାନ ଯିଏ ପୁରୁଷୋତ୍ତମ ପୂର୍ବତନ ସମସ୍ତ ମହାପୁରୁଷଙ୍କର ଯାହାଙ୍କ ଭିତରେ ପୂର୍ଣ୍ଣ ପରିପ୍ରକାଶ— କାଇଁ, ତାଙ୍କର ଜନ୍ମତିଥି ତ ଆମେ ପାଳନ କରୁ ନାହୁଁ? ଏହା ନକରିବା ଆମମାନଙ୍କ ପକ୍ଷେ ଠିକ୍ ହେଉଛି କି? ଆମେମାନେ ପ୍ରତ୍ୟବାୟର ଭାଗୀ ହେଉ ନାହୁଁ କି?

ଯେମିତି ଏଇ ଚିନ୍ତା ମନରେ ପଶିଚି ସମସ୍ତେ ମିଶି ଠିକ୍ କରି ପକେଇଲେ, ଆଗାମୀ ୨୯ ଓ ୩୦ ଭାଦ୍ର, ୧୩୨୫ ସାଲ, ଇଂରାଜୀ ୧୪ ଓ ୧୫ ସେପ୍ଟେମ୍ବର, ୧୯୧୮— ଏଇ ଦୁଇଦିନ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ପାଳନ କରାହେବ ମହା ଆଡ଼ମ୍ବରରେ। ଜଗତ୍‌ବାସୀଙ୍କୁ ପ୍ରଚାର କରି ଜଣେଇବାକୁ ହେବ ପରମପୁରୁଷଙ୍କର ଆବିର୍ଭାବ ହୋଇଛି ନବ କଳେବରରେ।— ତୁମେମାନେ କିଏ କେଉଁଠି ଅଛ ଆସି ଦେଖ, ପରୀକ୍ଷା-ନିରୀକ୍ଷା କର, ଚକ୍ଷୁକର୍ଣ୍ଣର ବିବାଦ ଭଞ୍ଜନ କରି ଯାଅ।

ଠିକ୍ ହେଲା ଧର୍ମସଭା, କୀର୍ତ୍ତନ, ଆମୋଦ-ପ୍ରମୋଦ ଏସବୁ ତ ହେବ, ତା ଛଡ଼ା ପ୍ରଚୁର ପ୍ରସାଦ-ବିତରଣ କରିବାକୁ ହେବ ଲୋକମାନଙ୍କ ମଧ୍ୟରେ ଅପର୍ଯ୍ୟାପ୍ତଭାବେ। କି ପ୍ରସାଦ ହବ? ଠିକ୍ ହେଲା ଖାଣ୍ଟି ଘିଅର ଲୁଚି, ତରକାରୀ ଓ ମଣ୍ଡା ଇତ୍ୟାଦି ବିତରଣ କରିବାକୁ ହେବ, ସେଥିରେ ଯେତେ ଖର୍ଚ୍ଚ ହେଉ ନା କାହିଁକି। ଅଶ୍ୱିନୀଦା (ବିଶ୍ୱାସ) ଗୋଟାଏ ନିମନ୍ତ୍ରଣ-ପତ୍ରର ମୁସାବିଦା କରିଦେଲେ। ବିଶ୍ୱଗୁରୁଙ୍କର ଆବିର୍ଭାବ ଜଣାଇ ଛପେଇ ଦିଆହେଲା ଅସଂଖ୍ୟ ପ୍ରଚାର ଓ ପ୍ରାଚୀର-ପତ୍ର। ଗ୍ରାମେ-ଗ୍ରାମେ ନଗରେ-ନଗରେ ପ୍ରଚାରର ବ୍ୟବସ୍ଥା ହେଲା। ଅର୍ଥ ସଂଗ୍ରହପାଇଁ ଉଠିପଡ଼ି ଲାଗିଲେ ସମସ୍ତେ। ପ୍ରଧାନ ସଂଗ୍ରାହକମାନଙ୍କ ମଧ୍ୟରେ ଥିଲେ ଅଶ୍ୱିନୀଦା (ବିଶ୍ୱାସ), ବୀରୁଦା (ରାୟ), ଡା. ଗୋକୁଳଦା (ମଣ୍ଡଳ), ପ୍ରଫୁଲ୍ଲଦା (ରାୟ), ଡା. ସତ୍ୟ ଦତ୍ତ ଓ ସତୀଶ ଜୋୟାରଦାର ପ୍ରଭୃତି।

ଗୌରୀଶଙ୍କର ଅଗରୱାଲଙ୍କର ପ୍ରକାଣ୍ଡ ଘରେ ବସିଲା ଉତ୍ସବର ଅଫିସ୍। ରଜବାଲି ଖାଁ-ମହାଶୟ ଛାଡ଼ିଦେଲେ ତାଙ୍କର ପ୍ରକାଣ୍ଡ ଘର ଓ ସୁବିସ୍ତୀର୍ଣ୍ଣ ପ୍ରାଙ୍ଗଣ ଉତ୍ସବପାଇଁ।

Scanned with CamScanner

ଏହା ମୋହିନୀ ମିଲ୍‌ର ସଂଲଗ୍ନ, ତେଣୁ ମୋହିନୀ ମିଲ୍‌ର କର୍ମକର୍ତ୍ତୃଗଣ ନେଲେ ବିଦ୍ୟୁତ୍ ସରବରାହର ଭାର । ରଜବାଲି ଖାଁଙ୍କର ସୁବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ, ସୁବିସ୍ତୀର୍ଣ୍ଣ ମଣ୍ଡପ ତିଆରିର ଭାର ନେଲେ ରେଳବାଇ ଇଞ୍ଜିନିୟର ଶ୍ରୀଯୁକ୍ତ ଶ୍ରୀଶଚନ୍ଦ୍ର ନନ୍ଦୀ । ତା'ର ଗୋଟିଏ ଅଂଶରେ ରହିଲା ଷ୍ଟୋର୍, ରାନ୍ଧିବାର ବ୍ୟବସ୍ଥା, ତା'ପରେ ପର୍ବତ ପ୍ରମାଣ ଲୁଚି ଓ ତରକାରୀ ରଖିବାର ବ୍ୟବସ୍ଥା । ତାପରେ ସେଠାରୁ ରେଳ ଲାଇନ୍ ପକା ହେଲା । ତା ଉପରଦେଇ ଚାଲିବ ରେଳର ଠେଲାଗାଡ଼ି ବୋଝେଇ କରି ଲୁଚି-ମଣ୍ଡା ଆଦି ଖାଦ୍ୟଦ୍ରବ୍ୟ ନିର୍ଦ୍ଦିଷ୍ଟ ଭୋଜନ ସ୍ଥାନକୁ ଅଭ୍ୟାଗତ ମାନଙ୍କପାଇଁ । ସେଠାରେ ଖାଦ୍ୟାଦି ପରିବେଶିତ ହେବ ଲୋକଙ୍କର ପତ୍ରରେ-ପତ୍ରରେ । ରେଳବିଭାଗର କର୍ମକର୍ତ୍ତାମାନଙ୍କୁ ଧରି ଶ୍ରୀଶଦା ଏଇସବୁ ସୁନ୍ଦର ବ୍ୟବସ୍ଥା କରିଛନ୍ତି ।

ଅଭ୍ୟାଗତମାନଙ୍କର ରହିବାପାଇଁ ସହରର ଅନେକ ବଡ଼ ବଡ଼ ଘର ଠିକ୍ କରାହେଲା । କୁଷ୍ଟିୟା ସହରର ହିନ୍ଦୁ-ମୁସଲମାନ୍, ବଙ୍ଗାଳୀ-ଅଣବଙ୍ଗାଳୀ ସମସ୍ତେ ମିଶି ବିରାଟ ଉତ୍ସବର ଗୁରୁଦାୟିତ୍ୱ ବହନ କରିନେଲେ । କୁଷ୍ଟିୟା ବଜାରର ମହାଜନମାନେ କହିଲେ— 'ଏଇ ବିରାଟ୍ ଉତ୍ସବ ସାଫଲ୍ୟମଣ୍ଡିତ କରି ତୋଳିବାକୁ ଗଲେ ପ୍ରଚୁର ଅର୍ଥ ଦରକାର । ସେଥିପାଇଁ ଘାବରେଇ ଯିବେ ନାହିଁ, ଆମେ ଅଛୁ । ଶ୍ରୀଶ୍ରୀଠାକୁରଙ୍କର ସେବାରେ ଯାହା ଲାଗିବ ଆମେ ଦବୁ ।'

ବିଶ୍ୱଗୁରୁ ମହାମହୋତ୍ସବର ସବୁ ବ୍ୟବସ୍ଥା ନିଖୁଣଭାବେ କରାହେଲା । କିନ୍ତୁ ସେତେବେଳ ପର୍ଯ୍ୟନ୍ତ ଏ ବିଷୟରେ ଶ୍ରୀଶ୍ରୀଠାକୁରଙ୍କର ଆଶୀର୍ବାଦ ଓ ଅନୁମତି ନିଆ ହେଇନି । ତେଣୁ କେତେଜଣ ଭକ୍ତ ଗଲେ ପାବନା ଶ୍ରୀଶ୍ରୀଠାକୁରଙ୍କର ଅନୁମତି ପ୍ରାର୍ଥନା କରିବାକୁ ।

ଶ୍ରୀଶ୍ରୀଠାକୁର ବଙ୍କେଇ ବସିଲେ, କିହଲେ— ''ସିଏ କି କଥା, ମୋତେ ବିଶ୍ୱଗୁରୁ, ଅବତାର ଇତ୍ୟାଦି ବୋଲି ପ୍ରଚାର କରାହେଉଛି କାହିଁକି? ମୁଁ କ'ଣ କୋଉଦିନ ଆପଣମାନଙ୍କ ପାଖରେ କହିଛି ଯେ ମୁଁ ବିଶ୍ୱଗୁରୁ, ଅବତାର ଇତ୍ୟାଦି? ଆପଣମାନେ ମୋତେ ଯେଉଁ ଠାକୁର ବୋଲି ଡାକନ୍ତି, ସେଥିରେ ବି ମୁଁ କେତେ ଆପତ୍ତି କରିଛି । ତାହା ବି ଆପଣମାନେ ଗ୍ରହଣ କଲେନି । ଶେଷରେ ଭାବିନେଲି, ଲୋକେ ରୋଷେଇଆ ବାହ୍ମଣଙ୍କୁ ବି ତ ଠାକୁର ବୋଲି ଡାକନ୍ତି । ମୁଁ ବି ନହେଲେ ସେହିପରି ଜଣେ ।''

ଆହୁରି ମଧ୍ୟ କହିଲେ, ''ବିଶ୍ୱଗୁରୁ, ଅବତାର ଇତ୍ୟାଦି ବୋଲି ପ୍ରଚାର କରି ଲୋକଙ୍କର ବିଶେଷ କ'ଣ ଉପକାର କରା ହେବ? ପ୍ରକୃତ ପକ୍ଷେ ଅବତାରାଦି-ସମ୍ବନ୍ଧରେ ଲୋକମାନଙ୍କର ଗୋଟାଏ ସ୍ଥିର ଧାରଣା କିଛି ନାହିଁ । ନିଜର ମନଗଢ଼ା ଏକ ଏକ ପ୍ରକାର ଧାରଣା ମାତ୍ର ଅଛି, ସେହି ପ୍ରକାରଟା ଏଠାରେ ଦେଖିବାକୁ ଚାହାନ୍ତି । ସେମାନଙ୍କର ଧାରଣା-ଅନୁଯାୟୀ ନ ହେଲେ ପିଛେଇ ଯା'ନ୍ତି । ତା' ଅପେକ୍ଷା ଯଦି ଜଣେ ଉଚ୍ଚ-ଦରର ମଣିଷ, ଜଣେ ଅନୁଭୂତି-ସମ୍ପନ୍ନ ଲୋକ, ଜଣେ ମାନବପ୍ରେମିକ ଏହିପରି ଧାରଣା ନେଇ ଆସେ

ତା'ହେଲେ ସେପରି କେତେକାଂଶରେ ମିଳେଇ ପାଏ ଏବଂ କ୍ରମଶଃ ବାକ୍ୟାନୁସରଣ ଓ ଚରିତ୍ରାନୁସରଣ କରିବା ଫଳରେ ବିଶେଷ ଉପକୃତ ହୁଏ । ଏହିପରି ଯଦି କେତେଜଣ ଲୋକ ବି ତିଆରି ହୋଇ ଯାଆନ୍ତି, ତେବେ ସେମାନଙ୍କ ଦେଇ ଢେର କାର୍ଯ୍ୟ ହେବ । ହୁଜୁଗ ବା ଉତ୍ତେଜନାରେ ବେଶୀ ଲୋକ ଆସି ପାରନ୍ତି ସତ କିନ୍ତୁ ସେମାନଙ୍କଦେଇ ସ୍ଥାୟୀଭାବେ କୌଣସି କାର୍ଯ୍ୟ ହୁଏ ନାହିଁ । କାରଣ, ସେମାନେ ପୂର୍ବଘଟିତ ସଂସ୍କାର ସାଥିରେ ସବୁ ମିଳେଇ ନପାଇବା କାରଣରୁ ପୂର୍ଣ୍ଣବିଶ୍ୱାସୀ ହୋଇପାରନ୍ତି ନାହିଁ, ଆଉ ଠିକ୍ ଆଦେଶ ପାଳନ କରି ଚାଲନ୍ତି ନାହିଁ । ଅନ୍ଧବିଶ୍ୱାସୀମାନଙ୍କଦ୍ୱାରା କି ମହତ୍ କାର୍ଯ୍ୟ ହେବ? ଖୁବ୍ ବିଶ୍ୱାସ ଦରକାର । ଜାଣନ୍ତି ତ ବିଶ୍ୱାସୀର ଅସୀମ ଶକ୍ତି । ପ୍ରଥମେ ଯଦି ସହୃଦୟ ବନ୍ଧୁରୂପେ ସଖାଭାବେ ଲୋକେ ମିଶନ୍ତି ଆଉ ଭଲପାଆନ୍ତି, ତାହେଲେ ତା'ଫଳରେ କଥା ଶୁଣି ଚାଲନ୍ତି, କ୍ରମେ ଉପଯୁକ୍ତ ହୋଇ କେହି ଯଦି ଏଠାରେ (ନିଜକୁ ନିର୍ଦ୍ଦେଶ କରି) ଭଗବତ୍ ବା ଅବତାରତ୍ୱ ବୋଲି କିଛି ଥାଏ, ତେବେ ତାହା ଦେଖିବାକୁ ପାଇବ । ଗୀତାରେ ଯେପରି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଛନ୍ତି— 'ହେ ଅଚ୍ୟୁତ, ମୁଁ ତୁମକୁ ପୂର୍ବରୁ ଚିହ୍ନିପାରି ନଥିଲି, ସଖା ବୋଲି କେତେ ଡାକିଛି । ମୋର ଅପରାଧ କ୍ଷମାକର ।' ଶେଷରେ ସେ ବି ହୁଏତ ତାହା ହିଁ କହିବ ।

''ଆଉ ଦେଖନ୍ତୁ ବିଶ୍ୱଗୁରୁ, ଅବତାର ଇତ୍ୟାଦି ଗ୍ରସ୍ତ ହେବା କୁଷ୍ଠବ୍ୟାଧିଗ୍ରସ୍ତ ହେବା ପରି । କୁଷ୍ଠୀକୁ ଲୋକେ ସ୍ପର୍ଶ କରନ୍ତି ନାହିଁ, ବିଶ୍ୱଗୁରୁ ଇତ୍ୟାଦି ହେଲେ ବି ଲୋକମାନେ ସେହିପରି ସର୍ବସଙ୍କୋଚ ତ୍ୟାଗ କରି ମିଶି ପାରନ୍ତି ନାହିଁ । ଯେତେ ଚେଷ୍ଟା କରା ହେଉନା କାହିଁକି, ଲୋକଙ୍କର କିପରି ଗୋଟାଏ ସଂକୋଚଭାବ ଆସିଯାଏ । ତେଣୁ ମୋତେ ଉକ୍ତ ପ୍ରକାରେ ପ୍ରଚାର କରି ମୋତେ ଖଣ୍ଡିଆ କରି ଦିଅନ୍ତୁ ନାହିଁ, ମୋର କାମ କରିବା ପଥରେ ଗୋଟାଏ ବାଧା ସୃଷ୍ଟି କରନ୍ତୁ ନାହିଁ । ଆଉ, ତା ସତ୍ତ୍ୱେ ମଧ୍ୟ ଯଦି ଆପଣମାନେ ତାହା କରନ୍ତି— ମୋତେ ଖଣ୍ଡିଆ କରି ଥୁଣ୍ଟା-ଜଗନ୍ନାଥ କରି ରଖନ୍ତି ତେବେ ମୋ' କାର୍ଯ୍ୟର ଭାର ଆପଣମାନଙ୍କୁ ନେବାକୁ ପଡ଼ିବ, ସେତେବେଳେ ପଛଘୁଞ୍ଚା ଦେଲେ ଚଳିବ ନାହିଁ ।''

ଶ୍ରୀଶ୍ରୀଠାକୁରଙ୍କୁ କୌଣସିପ୍ରକାରେ ରାଜୀ କରାଯାଇ ପାରିଲା ନାହିଁ । ଉତ୍ସବର ଆୟୋଜନ ସବୁ ସମ୍ପୂର୍ଣ୍ଣ ହୋଇଯାଇଛି । ବର୍ତ୍ତମାନ ଉତ୍ସବ ବନ୍ଦ କରିବା କିପରି ସମ୍ଭବ? ଏ କଥାର ଉତ୍ତରରେ ସେ କହିଲେ— ମୋର ଜନ୍ମୋତ୍ସବ ନକରି ଏମିତି ଗୋଟାଏ ଧର୍ମୋତ୍ସବ ପରି କରନ୍ତୁ । ନର-ନାରାୟଣଙ୍କ ସେବା ହେଉ, ଧର୍ମ-କଥା ଆଲୋଚନା ହେଉ, କୀର୍ତ୍ତନ-କଥକତା ହେଉ, ସେଇତ ଭଲ ହେବ । ହତାଶ ହୋଇ ଫେରିଗଲେ କୁଷ୍ଟିୟାର ଭକ୍ତଗଣ । ସେଠାରେ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ କଥା ଶୁଣି ହତବୁଦ୍ଧି ହେଇଗଲେ । ବର୍ତ୍ତମାନ କ'ଣ କରାଯିବ? ଏଇ ଉତ୍ସବରେ ତ ଖାଲି ସତ୍‌ସଙ୍ଗୀ ନାହାନ୍ତି; ଅଣସତ୍‌ସଙ୍ଗୀ ମୁସଲମାନ୍, ଖ୍ରୀଷ୍ଟିଆନ୍, ଜୈନ ଆଦି ବହୁ ମତ ଓ ସମ୍ପ୍ରଦାୟର ଲୋକ ଅଛନ୍ତି— ସେ ସମସ୍ତଙ୍କୁ କିପରି ବୁଝାଯାଇ ପାରିବ?

Scanned with CamScanner

ଅତଏବ ସ୍ଥିର କରାଗଲା, ସମସ୍ତେ ମିଶି ଏତେଦୂର ଆଗେଇଯିବା ପରେ ତ ଉତ୍ସବ ଆଉ କୌଣସିପ୍ରକାରେ ବନ୍ଦ କରାଯାଇ ପାରିବ ନାହିଁ। ଯେଉଁ ଉପାୟରେ ହିଁ ହେଉ ଶ୍ରୀଶ୍ରୀଠାକୁରଙ୍କଠାରୁ ଅନୁମତି ଆଦାୟ କରିବାକୁ ହେବ। ପୁନର୍ବାର ଧାଇଁଲେ ସତ୍ୟ ଦତ୍ତ ଓ ଆଉ କେତେଜଣ ହିମାଇତପୁରକୁ। ଏଥର ଯାଇ ଧାରଣା ଦେଇ ପଡ଼ିରହିଲେ ମାଆଙ୍କର ପାଦତଳେ। ସେମାନେ ବେଶ୍ ଭଲଭାବେ ଜାଣନ୍ତି ଯେ ମାଆଙ୍କୁ ରାଜୀ କରେଇ ପାରିଲେ ମାତୃଭକ୍ତ ପୁଅର ଅମତ ପାଣି ହୋଇଯିବ। ମଆ ପ୍ରଥମେ ରାଜୀ ହେଲେନି। କହିଲେ— ମୋ' ପୁଅକୁ ନେଇ କ'ଣ ତୁମେସବୁ ପିଲାଖେଳ କରୁଚ? ଶେଷରେ ସମସ୍ତଙ୍କର ବ୍ୟାକୁଳତା ଦେଖି ରାଜୀ ହେଲେ।

ମାଆ ରାଜୀ ହେଲେ ସତ କିନ୍ତୁ ପୁଣି ମୁସ୍‌କିଲ ପଡ଼ିଗଲା ଶ୍ରୀଶ୍ରୀଠାକୁରଙ୍କୁ ନେଇ। ସେ କହିଲେ,— "ମାଆ ହିଁ ଆପଣଙ୍କର ଉତ୍ସବକୁ ଯିବେ, ସେଇ ଯଥେଷ୍ଟ। ଭକ୍ତମାନଙ୍କ ପାଖରେ ହାତ ଯୋଡ଼ି କହିଲେ— "ମୋତେ ଆପଣମାନେ ତା' ଭିତରେ ପୂରେଇବେ ନାହିଁ। ମୋର ସେଠିକି ଯିବାକୁ ମୋଟେ ଇଚ୍ଛା ନାହିଁ।"

ପୁଣି ଯାଇ ଭକ୍ତମାନେ ମାଆଙ୍କ ପାଦରେ ପଡ଼ି କହିଲେ, "ଶ୍ରୀଶ୍ରୀଠାକୁରଙ୍କୁ ଆମେ ନବାକୁ ଚାହୁଁଚୁ; ଶ୍ରୀଶ୍ରୀଠାକୁର ନଗଲେ କେମିତି ହବ, ମା? ଆପଣଙ୍କୁ ଯେମିତି କରି ହେଉ ଶ୍ରୀଶ୍ରୀଠାକୁରଙ୍କୁ ରାଜୀ କରେଇ ସାଙ୍ଗରେ ନେଇ ଯିବାକୁ ହବ। ଆମମାନଙ୍କର ପ୍ରଥମ ଅନୁରୋଧ ଯେତେବେଳେ ରକ୍ଷା କରିଛନ୍ତି, ସେତେବେଳେ ଏ ଅନୁରୋଧଟିକୁ ରକ୍ଷା କରିବାକୁ ହେବ, ମା।"

ମାଆ ଯାଇ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— "ସେମାନଙ୍କର ଯେତେବେଳେ ଏତେ ଇଚ୍ଛା ତୁ ଚାଲ ନା ମୋ' ସାଙ୍ଗରେ, ଥରେ ଯାଇ ବୁଲିଆସିବା। ମୁଁ ତ ତୋ ସାଙ୍ଗରେ ଥିବି, ତୋର କୌଣସି ଅସୁବିଧା ହବାକୁ ଦେବି ନାହିଁ।"

ଉତ୍ତରରେ ଶ୍ରୀଶ୍ରୀଠାକୁର କହିଲେ— "ତୁମେ ମଧ୍ୟ ଯେତେବେଳେ ଏତେକରି କହୁଛ ସେତେବେଳେ ଆଉ କ'ଣ କହିବି? ତୁମ କଥାର ଅବାଧ୍ୟ କୋଉଦିନ ହେଇନି, ଆଉ ହେବି ବି ନାହିଁ। ଯିବି ତୁମ ସାଙ୍ଗରେ"।

ଏହିପରି ଶ୍ରୀଶ୍ରୀଠାକୁରଙ୍କର ସମ୍ମତି ନେଇ ଭକ୍ତମାନେ ଉତ୍‌ଫୁଲ୍ଲ ହୋଇ ଚାଲିଗଲେ। ଡାକ୍ତର ସତ୍ୟ ଦତ୍ତ ରହିଗଲେ ମା' ଓ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଯିବାପାଇଁ।

ଉତ୍ସବ ଆଗଦିନ ରାତି ୧୧ଟା ସମୟରେ ମାଆ ଓ ଶ୍ରୀଶ୍ରୀଠାକୁରଙ୍କ ସହ ସତ୍ୟ ଦତ୍ତ କୁଷ୍ଟିୟାର ଷ୍ଟିମର-ଷ୍ଟେସନରେ ଆସି ପହଞ୍ଚିଲେ, ଏତେ ରାତିରେ ବି ସେହି ସ୍ଥାନଟି ଜନାରଣ୍ୟରେ ପରିଣତ ହେଇଯାଇଥିଲା। ଦଳ ଦଳ ହୋଇ ଲୋକ ଠିଆହୋଇଛନ୍ତି ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାପାଇଁ। ଷ୍ଟିମରଟି ଘାଟରେ ପହଞ୍ଚିବା ସଙ୍ଗେ ସଙ୍ଗେ ଶଙ୍ଖ, ଘଣ୍ଟା, କଂସାଳ, ଖୋଳ, କରତାଳ ସବୁ ବାଜି ଉଠିଲା ଏକସଙ୍ଗେ। ଅଯୁତ କଣ୍ଠରେ ଉଚ୍ଛ୍ୱସିତ ହେଇ ଉଠିଲା— "ହରିବୋଲ"। ସମବେତ ମାଆମାନଙ୍କ କଣ୍ଠରେ ଧ୍ୱନିତ ହେଲା ହୁଳହୁଳି

ଧ୍ୱନି। କିଏ ଆଗ ପ୍ରଣାମ କରିବ ଏଥିପାଇଁ ଆରମ୍ଭ ହେଇଗଲା ଭୀଷଣ ଠେଲାପେଲା। ଶ୍ରୀଶ୍ରୀଠାକୁର ଦୂରରୁ ଏ ଦୃଶ୍ୟ ଦେଖିପାରି ଷ୍ଟିମରରୁ ଓହ୍ଲେଇବା ମାତ୍ରେ ହିଁ କାହାକୁ ପ୍ରଣାମ କରିବାର କୌଣସିପ୍ରକାର ଅବସର ନ ଦେଇ ସମସ୍ତଙ୍କ ଉଦ୍ଦେଶ୍ୟରେ ମାଟିରେ ମୁଣ୍ଡ ଲଗେଇ ଲମ୍ବ ହୋଇ ପ୍ରଣାମ କଲେ। ସେତେବେଳେ ଯିଏ ଯେଉଁଠି ଥିଲେ ସମସ୍ତେ ସାଷ୍ଟାଙ୍ଗ ପ୍ରଣାମ କଲେ ମାଟିରେ ମୁଣ୍ଡ ଲଗେଇ। ପ୍ରଣାମର ସମସ୍ୟା ମେଣ୍ଟିଗଲା। ସ୍ତୂପୀକୃତ ଫୁଲ ଓ ମାଳାରାଶି ପଡ଼ିବାକୁ ଲାଗିଲା ଶ୍ରୀଶ୍ରୀଠାକୁର ଓ ମାଆଙ୍କ ମସ୍ତକରେ, ବେକରେ ଓ ପାଦରେ।

ସେସବୁରୁ ଉଦ୍ଧାର ପାଇ ଶ୍ରୀଶ୍ରୀଠାକୁର ମା'ଙ୍କୁ ନେଇ ଅଗ୍ରସର ହେଲେ ଉତ୍ସବ-ମଣ୍ଡପ ଦିଗରେ। ଷ୍ଟିମର-ଷ୍ଟେସନକୁ ସଂଲଗ୍ନ କୁଷ୍ଟିୟାର ରେଳ-ଷ୍ଟେସନ। ରେଳ-ଷ୍ଟେସନଟି ପାର ହେଲେ ହିଁ ଉତ୍ସବମଣ୍ଡପ, ସଭା-ମଣ୍ଡପ, ଖାଇବା ସ୍ଥାନ, ରୋଷେଇର ସ୍ଥାନ ଏବଂ ଷ୍ଟୋର-ରୁମ୍। ସେ ସବୁ ତନ୍ନ ତନ୍ନ କରି ଦେଖିଲେ। ରୋଷେଇଘରଠାରୁ ଖାଇବା ଜାଗା ପର୍ଯ୍ୟନ୍ତ ରେଳଲାଇନ୍ ବସାଯାଇଛି। ଲାଇନ୍ ଉପରେ ଚାଲିବ ରେଳର ଠେଲାଗାଡ଼ି। ଲୁଚି, ମଣ୍ଡା ଆଦି ପରଶାଯିବ ଲୋକଙ୍କ ପତ୍ରରେ ପତ୍ରରେ। ଷ୍ଟୋର୍-ରୁମ୍‌ରେ ବିରାଟ ବିରାଟ ତେଲର ପିମ୍ପା ଭର୍ତ୍ତି ହୋଇ ରହିଛି। ସେଇସବୁ ପିମ୍ପାଭର୍ତ୍ତି ତେଲ ଢାଳିଦିଆ ହେଉଛି ଓ ତାହା ନଳ ଦେଇ ବିରାଟ-ବିରାଟ କଡ଼େଇରେ ଆସି ପଡୁଚି। ସେଥିରେ ରନ୍ଧା ହେଉଛି ଡାଲି, ତରକାରୀ ଇତ୍ୟାଦି।

ସମସ୍ତ ସ୍ଥାନ ବୈଦ୍ୟୁତିକ ଆଲୋକରେ ଝଲମଲ କରୁଛି। ଅଭିନବ ବ୍ୟବସ୍ଥା ବାସ୍ତବରେ। ଶ୍ରୀଶଦାଙ୍କୁ ଡାକି ଶ୍ରୀଶ୍ରୀଠାକୁର ତା'ର ଏଇସବୁ ବ୍ୟବସ୍ଥାର ଖୁବ୍ ତାରିଫ କଲେ। ଏଇସବୁ ଦେଖି ଶ୍ରୀଶ୍ରୀଠାକୁର ଯିବା ସମୟରେ ସମସ୍ତଙ୍କୁ ଡାକି କହିଲେ— ଅତିଥିମାନଙ୍କ ପ୍ରତି ଯେପରି ବିଶେଷ ନଜର ଥାଏ, ସେବା-ଯତ୍ନର କୌଣସି ତ୍ରୁଟି ନ ହୁଏ, କେହି ଯେପରି ଅଭୁକ୍ତ ନ ରହେ। ଶ୍ରୀଶ୍ରୀଠାକୁରଙ୍କର ଉତ୍ସବମଣ୍ଡପକୁ ଆସିବା ଏଇ ପ୍ରଥମ ଆଉ ଏଇ ଶେଷ। ଏହା ପରେ ଆଉ ସେ ଉତ୍ସବମଣ୍ଡପରେ ପଦାର୍ପଣ କରିନାହାନ୍ତି। ସେଇ ରାତିରେ ଶ୍ରୀଶ୍ରୀଠାକୁର ଯାଇ ଉଠିଲେ ପ୍ରଫୁଲ ରାୟଦା'ଙ୍କ ବସାରେ।

ସେଇ ଦିନଠାରୁ କୁଷ୍ଟିୟା ସହର ଜନସମାଗମରେ ଟଳମଳ କରିବାକୁ ଲାଗିଲା, ଯେତେ ଯାତ୍ରୀ ରେଳ, ଷ୍ଟିମର, ନୌକାଯୋଗେ ଆସୁଛନ୍ତି, ସେମାନେ ସମସ୍ତେ ଆସି ପହଞ୍ଚୁଚନ୍ତି କୁଷ୍ଟିୟାରେ। ଉତ୍ସବ ଆରମ୍ଭ ହେବାର ପୂର୍ବଦିନ ରାତିରେ ଯେପରି ଲୋକ ସମାଗମ ହେବାର ଅନୁମାନ କରାଯାଇଥିଲା ତା'ଠାରୁ ଦଶଗୁଣ ଅଧିକ ଲୋକ ହୋଇଥିଲେ। ସାରା ରାତି ଧରି ଭୋଜନପର୍ବ ଚାଲିବାକୁ ଲାଗିଲା। କିଏ କେଉଁଠି ଅଭୁକ୍ତ ଅଛନ୍ତି, ଜାଣିବାପାଇଁ ସ୍ୱେଚ୍ଛାସେବକମାନେ ସାରା ସହର ବୁଲି ବୁଲି ଅନୁସନ୍ଧାନ କରି ଲୋକଙ୍କୁ ଖୁଆଇଥିଲେ। ଗୋଟିଏ ଲୋକ ବି ଅଭୁକ୍ତ ହୋଇ ଫେରି ଯାଇ ପାରିନି। ମହିଳାମାନଙ୍କପାଇଁ ଚାରିପାଞ୍ଚଟି ବୃହତ୍ ଅଟ୍ଟାଳିକା ନିର୍ଦ୍ଦିଷ୍ଟ ଥିଲା। ସେମାନଙ୍କପାଇଁ ଖାଦ୍ୟ ସ୍ୱେଚ୍ଛାସେବକମାନେ ସେଇ ସ୍ଥାନରେ ପହଞ୍ଚାଇଦେଲେ।

Scanned with CamScanner

ସେଇ ରାତିରେ ପ୍ରସିଦ୍ଧ କୀର୍ତ୍ତନୀଆମାନେ ଆସି ପହଞ୍ଚିଲେ— ରାମଦାସ ବାବାଜୀ, ଗଣେଶ କୀର୍ତ୍ତନୀଆ, ଛୋଟ ରସିକ, ରାମାନନ୍ଦ, ହୃଷୀକେଶ ପ୍ରଭୃତି । ସେ ସମୟରେ ବଙ୍ଗଳାଦେଶରେ ଏଇମାନେ ଥିଲେ ପ୍ରସିଦ୍ଧ କୀର୍ତ୍ତନୀଆ ।

କୁଷ୍ଟିୟାର ରେଳଷ୍ଟେସନରେ ଯାତ୍ରୀମାନଙ୍କର ଅଭ୍ୟର୍ଥନାପାଇଁ ନିଯୁକ୍ତ ଥିଲୁ ଶ୍ରୀରାଧାବିନୋଦ ବସୁ ଓ ମୁଁ । ରାଧାବିନୋଦ ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର ବାଣ୍ଟି ଉତ୍ସବର ପ୍ରଥମ ଦିନ ଆସି ପହଞ୍ଚିଲା ।

ଉତ୍ସବର ପ୍ରଥମ ଦିନ ଗାଡ଼ିରୁ ଓହ୍ଲାଇଲେ ଶାକ୍ୟସିଂହ ସେନ । ଓହ୍ଲାଇ ସେ କହିଲେ— କଲିକତାରେ ବିଶ୍ୱଗୁରୁ ମହାମହୋତ୍ସବର ପ୍ରଚାରପତ୍ର ମରାହୋଇଛି । ସେଇ ପ୍ରଚାରପତ୍ର ଦେଖି କଲିକତା ବାସୀଗଣ ସେମାନଙ୍କ ତରଫରୁ ମୋତେ ପଠେଇଛନ୍ତି ବିଶ୍ୱଗୁରୁଙ୍କୁ ଦେଖି ଯିବାକୁ, କ'ଣ ତାଙ୍କର ମତବାଦ, ସେ କ'ଣ କରିବାକୁ ଚାହାଁନ୍ତି । ବିଶ୍ୱଗୁରୁଙ୍କୁ ଦେଖି ମୋର କି ଧାରଣା ହେଉଛି ତାହା ଜାଣିବାପାଇଁ କଲିକତାର ଗଣ୍ୟମାନ୍ୟ ଅନେକ ଲୋକ ଉଦ୍‌ଗ୍ରୀବ ହୋଇ ଅଛନ୍ତି ।

ତାଙ୍କ ସାଙ୍ଗରେ ଯାଉ ଯାଉ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ମୋ' କଥା ଶୁଣି ସେ କହିଲେ— ଆପଣଙ୍କର କଥା ଶୁଣିତ ଭଲ ଲାଗୁଛି କିନ୍ତୁ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ ନକରିବା ପର୍ଯ୍ୟନ୍ତ ମୁଁ ଏବିଷୟରେ କୌଣସି ସ୍ଥିର ଧାରଣା କରିପାରୁ ନାହିଁ । ତାଙ୍କୁ ସାଙ୍ଗରେ ନେଇ ଯାଇ ୟୁନିୟନ ବ୍ୟାଙ୍କର ଦୋତାଲାରେ ତାଙ୍କର ବାସ ସ୍ଥାନ ନିର୍ଦ୍ଦିଷ୍ଟ କରି ଦେଲି । ଶ୍ରୀଶ୍ରୀଠାକୁରଙ୍କ ପାଖରୁ ପଚାରି ଆସି ତାଙ୍କୁ ଜଣାଇଲି ଯେ ଅପରାହ୍ନ ପାଞ୍ଚଟାରେ ତାଙ୍କ ସହ ଦେଖା ହେବ । ମୁଁ ସେତେବେଳେ ଆସି ଆପଣଙ୍କୁ ତାଙ୍କ ପାଖକୁ ନେଇ ଯିବି ।

ଉତ୍ସବର ପ୍ରଥମ ଦିନ ସକାଳବେଳା ପ୍ରଭୂତ ବସ୍ତ୍ର ବିତରିତ ହେଲା ଗରିବ-ଦୁଃଖୀମାନଙ୍କ ଭିତରେ । ବସ୍ତ୍ର-ବିତରଣ ପରେ ଉତ୍ସବ-କ୍ଷେତ୍ର ଭୋଜନର କଳରବରେ ମୁଖରିତ ହୋଇଉଠିଲା । ସଙ୍ଗେ-ସଙ୍ଗେ ମେଘଗର୍ଜନ ସହିତ ବୃଷ୍ଟି ମଧ୍ୟ ହେଲା । ପ୍ରଥମ ଦିନର ବର୍ଷା ସେତେ ଅସୁବିଧା ସୃଷ୍ଟି କରି ପାରିନି । କିନ୍ତୁ ଦ୍ୱିତୀୟଦିନ ମୁଷଳ ଧାରାରେ ବର୍ଷା ହେଲା । ଖାଇବା ସ୍ଥାନ କର୍ଦ୍ଦମାକ୍ତ ହୋଇ ଉଠିଲା । ଲୋକଙ୍କୁ ବସେଇ ଖାଇବାକୁ ଦେବା ଅସମ୍ଭବ ହୋଇ ପଡ଼ିଲା । ସେତେବେଳେ ପ୍ରତ୍ୟେକ ଘରେ ଭୋଜ୍ୟଦ୍ରବ୍ୟ ପହଞ୍ଚେଇ ଦେବାକୁ ଲାଗିଲେ ସ୍ୱେଚ୍ଛାସେବକମାନେ । ସେଠାରେ ସେମାନେ ଅତିଥି-ଅଭ୍ୟାଗତମାନଙ୍କୁ ବସେଇ ଖୁଆଇବାକୁ ଲାଗିଲେ । ଲୋକସଂଖ୍ୟା ଏତେ ଅଧିକ ହେଲା ଯେ ସେଥିରେ ବି ଯଥେଷ୍ଟ ହେଲା ନାହିଁ । ବଜାର ଭିତରେ ସଦର ରାସ୍ତା କଡ଼ରେ 'ଅନ୍ନସତ୍ର' ଖୋଲିଦିଆଗଲା; ମାରୁଆଡ଼ି, ବିଶିଷ୍ଟ ଭଦ୍ରଲୋକ, ଦୋକାନୀଗଣ ଅଭ୍ୟାଗତମାନଙ୍କପାଇଁ ବିଭିନ୍ନ ସ୍ଥାନରେ 'ଅନ୍ନସତ୍ର' ଖୋଲିଦେଲେ, କିନ୍ତୁ ପ୍ରବଳ ଜନସ୍ରୋତର ଚାପ ଆଗରେ ତାହା ବି ଯଥେଷ୍ଟ ହେଲା ନାହିଁ । ଅଗତ୍ୟା ଭକ୍ତଗଣ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଦୌଡ଼ିଲେ ବର୍ଷା ବନ୍ଦ କରିବାର ପ୍ରାର୍ଥନା ନେଇ । ସେ କହିଲେ— 'ପ୍ରକୃତିର ତ କୌଣସି କୋପ ନାହିଁ କାହା ଉପରେ । ବର୍ଷା ଦିନେ ବର୍ଷା ନିଶ୍ଚୟ ହବ ।

ସେଥିପାଇଁ ବ୍ୟବସ୍ଥା କରନ୍ତୁ । ନିଜର କ୍ଷମତା ବଢ଼ାନ୍ତୁ । ମୁଁ ତ ଦେଖୁଛି ଏଥିରେ ଭଲ ହିଁ ହେଉଛି । ଏତେ ଲୋକ ଗୋଟିଏ ଜାଗାରେ ସମବେତ ହେଇଛନ୍ତି ଯେ ଏପ୍ରକାର ବର୍ଷା ନ ହୋଇଥିଲେ ଝାଡ଼ାପରିସ୍ରା ଗନ୍ଧରେ ପରିବେଶ ଦୂଷିତ ହୋଇଥା'ନ୍ତା । ପ୍ରକୃତି ଆପଣମାନଙ୍କୁ ସାହାଯ୍ୟ ହିଁ କରୁଛି ।' ଯା'ହେଉ, ଏଇପରିଭାବେ ଉତ୍ସବର ପରିସମାପ୍ତି ଘଟିଲା ।

ଶ୍ରୀଶ୍ରୀଠାକୁର କେତେବେଳେ ପ୍ରଫୁଲ୍ଲଦାଙ୍କ ଘରେ, କେତେବେଳେ ଅଶ୍ୱିନୀଦାଙ୍କ ଘରେ ରହୁଥିଲେ । ଦିଜଣଙ୍କ ଘର ପାଖାପାଖି । ସେଠାରେ ଦଳ ବାନ୍ଧି ଲୋକ ଜମା ହେଉଥିଲେ ଶ୍ରୀଶ୍ରୀଠାକୁରଙ୍କୁ ଥରେମାତ୍ର ଦର୍ଶନ କରିବାପାଇଁ । ତାରି ଭିତରେ କେହି କେହି ଶ୍ରୀଶ୍ରୀଠାକୁରଙ୍କୁ ନାନା ପ୍ରଶ୍ନ ବି ପଚାରୁଥିଲେ ।

ଏମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ଶାକ୍ୟସିଂହ ସେନ । ଶ୍ରୀଶ୍ରୀଠାକୁରଙ୍କ ପାଖରୁ ତାଙ୍କର ସମସ୍ତ ପ୍ରଶ୍ନର ସନ୍ତୋଷ ଜନକ ସମାଧାନ ପାଇ ଦୀକ୍ଷା ନେଇ କଲିକତା ଫେରିଗଲେ । ଏହିପ୍ରକାରେ ଶ୍ରୀଶ୍ରୀଠାକୁରଙ୍କର କଲିକତା ଯିବାର ପଥ ପ୍ରଶସ୍ତ ହେଲା ଏବଂ ପ୍ରଥମଥର ସେ କଲିକତା ଯାଇ କାରବାଲା ଟ୍ୟାଙ୍କ ଲେନ୍‌ରେ ଶାକ୍ୟଦାଙ୍କ ଘରେ ରହିଥିଲେ ।

ଶ୍ରୀଶ୍ରୀଠାକୁରଙ୍କର 'ଜନ୍ମ-ଜୟନ୍ତୀ' ଉପଲକ୍ଷେ ମାଆମାନଙ୍କର ଦାନ ମଧ୍ୟ ନଗଣ୍ୟ ନଥିଲା । ବହୁ ସ୍ୱର୍ଣ୍ଣାଳଙ୍କାର ମାଆମାନେ ଏଇ ଉପଲକ୍ଷେ ଅକାତରେ ଦାନ କରିଥିଲେ । ଦିନକର କଥା ମୋର ମନେ ଅଛି । ଗୋକୁଳଦା ମୋତେ ସାଙ୍ଗରେ ନେଇ ପ୍ରଫୁଲ୍ଲଦାଙ୍କ ଘରକୁ ଯାଇ ତାଙ୍କୁ କହିଲେ— ତୁମେ ଉଦ୍ୟୋକ୍ତାମାନଙ୍କ ଭିତରୁ ଜଣେ, ଉପଯୁକ୍ତ ଦାନ ତୁମ ପାଖରୁ ଆମେ ଚାହୁଁଛୁ । ଶୁଣି ସେ କହିଲେ— ସେ କଥା ତ ଠିକ୍, ତେବେ ଟଙ୍କା ତ ମୋ' ପାଖରେ ବର୍ତ୍ତମାନ ନାହିଁ । ଗୋକୁଳଦା କହିଲେ— ଟଙ୍କା ନଥିଲେ ମୂଲ୍ୟବାନ୍ ଏପରି କିଛି ଦିଅ ଯାହା ତୁମ ପକ୍ଷେ ଶୋଭନୀୟ ହୁଏ ଏବଂ ଦେବାରେ ଏତେ ଟିକିଏ ବି କଷ୍ଟ ନ ହୁଏ । ଏଇ କଥା ଶୁଣି ସେ ତାଙ୍କ ସ୍ତ୍ରୀଙ୍କୁ ଯାଇ ଗୋକୁଳଦାଙ୍କ କଥା କହିଲେ । ସେ ତାହା ଶୁଣିବା ମାତ୍ରେ ତେର ଭରିର ଗୋଟିଏ ନେକ୍‌ଲେସ୍ ଯାହା ସେ ବେକରେ ପିନ୍ଧୁଥିଲେ ଏବଂ ଯାହା ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା ତାହା ଆନନ୍ଦମନରେ ଖୋଲି ସ୍ୱାମୀଙ୍କ ହାତରେ ଦେଇ କହିଲେ— 'ଏଇ ନିଅ ତୁମ ଉତ୍ସବର ଚାନ୍ଦା ।' ଏହିପରି କୁଷ୍ଟିୟାର ମାଆମାନେ, କେତେ ସ୍ୱର୍ଣ୍ଣାଳଙ୍କାର ଯେ ଦାନ କରିଥିଲେ ତା କହିହେବ ନାହିଁ ।

ଏଇ ପ୍ରଫୁଲ୍ଲଦାଙ୍କ ପାଖରୁ ପରେ ଶୁଣିଚି, ଭାବର ଉଚ୍ଛ୍ୱାସରେ ସେମାନେ ଏଇ ଯେଉଁ ମହୋତ୍ସବର ଅନୁଷ୍ଠାନ କରିଥିଲେ, ପରବର୍ତ୍ତୀ ସମୟରେ ତାହାଦ୍ୱାରା ପ୍ରଚାର କାର୍ଯ୍ୟରେ ସୁବିଧା ହେବା ଦୂରେ ଥାଉ, ବାଧା-ପ୍ରତିବନ୍ଧକ ହିଁ ସୃଷ୍ଟି ହୋଇଥିଲା । ସେ କଥା ଯଥାସ୍ଥାନରେ ଉଲ୍ଲେଖ କରିବି ।

❑❑❑

ବହିର୍ବିଶ୍ୱେ ପ୍ରଚାର

ଶ୍ରୀଶ୍ରୀଠାକୁରଙ୍କର ପ୍ରଚାର-ଆନ୍ଦୋଳନ ପ୍ରଥମେ ତାଙ୍କର ନିଜ ଗ୍ରାମ ଓ ଚତୁଃପାର୍ଶ୍ୱବର୍ତ୍ତୀ ଗ୍ରାମ ମଧ୍ୟରେ ସୀମାବଦ୍ଧ ଥିଲା । ସଂଗୀ ଓ ସହକର୍ମୀମାନେ ମଧ୍ୟ ଥିଲେ ଗ୍ରାମର ଲୋକ— ଅନନ୍ତ-ମହାରାଜ, କିଶୋରୀଦା, ଦୁର୍ଗାନାଥଦା, କୋକନ, ତରଣୀ ପ୍ରଭୃତି । ପାବନା ସହରର ପାର୍ଶ୍ୱବର୍ତ୍ତୀ ଗ୍ରାମ ଶାଲବେଡ଼ିୟାରୁ ଅଦ୍ୱୈତବଂଶର ପୂଜ୍ୟପାଦ ଗୋସାଇଁଦା ଆସି ଶ୍ରୀଶ୍ରୀଠାକୁରଙ୍କର ଶରଣାପନ୍ନ ହେଲେ । ସେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରୟ ନେବା ପରେ ତାଙ୍କ ନିଜର ଯେଉଁ ଶିଷ୍ୟ-ସେବକ ଥିଲେ ସେମାନଙ୍କୁ ଏଇ ସତ୍‌ମନ୍ତ୍ରରେ ଦୀକ୍ଷା ଦେବାପାଇଁ ଅନୁମତି ପ୍ରାର୍ଥନା କଲେ । ଶ୍ରୀଶ୍ରୀଠାକୁର ଆନନ୍ଦରେ ଅନୁମତି ଦେଲେ । ପ୍ରକୃତପକ୍ଷେ ସେଇସମୟରୁ ଶ୍ରୀଶ୍ରୀଠାକୁରଙ୍କର ବହିର୍ବିଶ୍ୱେ ପ୍ରଚାରର ରାସ୍ତା ଖୋଲିଗଲା, ଶ୍ରୀଅଦ୍ୱୈତ ମହାପ୍ରଭୁ ଯେପରି ଶ୍ରୀମନ୍‌ମହାପ୍ରଭୁ ଶ୍ରୀକୃଷ୍ଣଚୈତନ୍ୟଙ୍କର ପ୍ରଚାରର ପ୍ରଧାନ ସହାୟକ ଥିଲେ, ସେଇ ବଂଶର ସନ୍ତାନ ପୂଜ୍ୟପାଦ ଗୋସାଇଁଦାଙ୍କୁ ମଧ୍ୟ ସେହିପରି ଶ୍ରୀଶ୍ରୀଠାକୁରଙ୍କର ବହିର୍ବିଶ୍ୱେ ପ୍ରଚାରର ପ୍ରଥମ ପଥିକୃତ୍ ବୋଲି କୁହାଯାଇପାରେ । କୁଷ୍ଟିୟାରେ ଶ୍ରୀଶ୍ରୀଠାକୁରଙ୍କର ପ୍ରଚାରର ମୂଳ ହେଉଛନ୍ତି ସେ ।

କୁଷ୍ଟିୟା ଓ ତତ୍ ପାର୍ଶ୍ୱବର୍ତ୍ତୀ ଗ୍ରାମ ବାଡ଼ାଦି, ବାରଖାଦା, ତାଲବେଡ଼େ ପ୍ରଭୃତି ଗ୍ରାମରେ ଗୋସାଇଁଦାଙ୍କର ବହୁ ଶିଷ୍ୟ ଥିଲେ । ସେ ଶ୍ରୀଶ୍ରୀଠାକୁରଙ୍କର ଅନୁମତି ନେଇ ତାଙ୍କର ସେଇ ଶିଷ୍ୟମାନଙ୍କୁ ଶ୍ରୀଶ୍ରୀଠାକୁରଙ୍କର ସତ୍‌ମନ୍ତ୍ରରେ ଦୀକ୍ଷିତ କରିବାକୁ ଲାଗିଲେ । ବାଡ଼ାଦିର ଖୋକା-ଡାକ୍ତର (ଗୋପେନ୍ଦ୍ରନାଥ ସାହା) ଗୋସାଇଁଦାଙ୍କ ପାଖରୁ ପ୍ରଥମେ ଏଇ ସତ୍‌ମନ୍ତ୍ରରେ ଦୀକ୍ଷିତ ହୁଅନ୍ତି । ଶ୍ରୀଶ୍ରୀଠାକୁର ପ୍ରଥମେ କୁଷ୍ଟିୟା ଆସି ଖୋକା-ଡାକ୍ତରଙ୍କ ଘରେ ହିଁ ଅବସ୍ଥାନ କରନ୍ତି । ଖୋକା-ଡାକ୍ତରଙ୍କ ସହ କୁଷ୍ଟିୟାର ଡାକ୍ତର ଗୋକୁଳ ମଣ୍ଡଳଙ୍କର ବେଶ୍ ସୌହାର୍ଦ୍ଦ୍ୟ ଥିଲା । ଖୋକା-ଡାକ୍ତରଙ୍କ ଘରେ ହିଁ ଡାକ୍ତର ଗୋକୁଳ ମଣ୍ଡଳଙ୍କ ସହ ଶ୍ରୀଶ୍ରୀଠାକୁରଙ୍କର ସାକ୍ଷାତ୍ ଓ ପରିଚୟ ହୁଏ ଏବଂ ଦୀକ୍ଷାଲାଭ ଘଟେ । ପୁଣି ଗୋକୁଳଦାଙ୍କ ସହ ଓକିଲ ପ୍ରଫୁଲ୍ଲଦାଙ୍କର ଥିଲା ଗଭୀର ପ୍ରୀତିପୂର୍ଣ୍ଣ ସମ୍ପର୍କ, ସେଇ ସୂତ୍ରରେ ପ୍ରଫୁଲ୍ଲଦା ମଧ୍ୟ ଦୀକ୍ଷିତ ହୁଅନ୍ତି । କ୍ରମେ ପ୍ରଫୁଲ୍ଲଦାଙ୍କର ଆତ୍ମୀୟ ଓ ବନ୍ଧୁ ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଅନେକେ ଦୀକ୍ଷା ନିଅନ୍ତି । ଏହିପରିଭାବେ ଡାକ୍ତର ସତୀଶ ଜେୟାରଦାର,

ଡାକ୍ତର ସତ୍ୟ ଦତ୍ତ, ଖୋକସା-ଜାନୀପୁରର ଡାକ୍ତର ଯତୀନ ରାୟ ଓ ପୂର୍ଣ୍ଣଚନ୍ଦ୍ର ସାହା ପ୍ରଭୃତି ଦୀକ୍ଷା ନିଅନ୍ତି ।

ପୁନଶ୍ଚ ଏଇ ସମୟରେ କୁଷ୍ଟିୟାର ଅନେକେ ସ୍ୱପ୍ନରେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଦୀକ୍ଷାଲାଭ କରନ୍ତି । ସେମାନଙ୍କ ମଧ୍ୟରେ ଅଶ୍ୱିନୀଦା (ମୁକ୍ତାର), ତ୍ରୈଲୋକ୍ୟଦା (ଓକିଲ) ପ୍ରଭୃତି ଥିଲେ । କୁଷ୍ଟିୟାରେ ଏହି ସମୟରେ ସତ୍‌ମନ୍ତ୍ରରେ ଦୀକ୍ଷା ନେବାର ଯେପରି ଗୋଟାଏ ଗହଳି ଲାଗିଯାଇଥିଲା । ଅନେକ ସରକାରୀ କର୍ମଚାରୀ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କର ମହାଭାବାବସ୍ଥା ଦେଖି ଓ ତାଙ୍କ ପ୍ରେମରେ ଆକୃଷ୍ଟ ହୋଇ ଦୀକ୍ଷିତ ହୁଅନ୍ତି ।

ଶ୍ରୀଶ୍ରୀଠାକୁର ପ୍ରଥମେ ଆସି ଯେତେବେଳେ ଖୋକା-ଡାକ୍ତରଙ୍କ ଘରେ ଅବସ୍ଥାନ କରନ୍ତି ସେତେବେଳେ ଯେଉଁ ଘରେ ତାଙ୍କ ରହିବାର ବ୍ୟବସ୍ଥା କରାଯାଇଥିଲା ସେ-ଘରେ ସେ ଗୋଟିଏ ମଲା ତେଲୁଣୀପୋକ ଦେଖିବାକୁ ପାଆନ୍ତି । ଓଲଟ-ପାଲଟ କରି ନାନାପ୍ରକାରେ ପରୀକ୍ଷା କରି ସେ ସ୍ଥିର-ନିଶ୍ଚୟ ହେଲେ ଯେ ତେଲୁଣୀପୋକଟି ସମ୍ପୂର୍ଣ୍ଣ ମୃତ । ସେତେବେଳେ ସେ କୌତୂହଳୀ ହୋଇ ମଲା ତେଲୁଣୀପୋକଟି ଆଡ଼କୁ ଏକଦୃଷ୍ଟିରେ ଅନେଇ ରହି ମନେ-ମନେ ନାମ ଜପ କରିବାକୁ ଲାଗିଲେ । ଏହିପରି ନିରବଚ୍ଛିନ୍ନଭାବେ ତିନି ଘଣ୍ଟା ନାମ ଜପ କରିବା ପରେ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ମଲା ତେଲୁଣୀପୋକଟି ଚିତ୍ ହୋଇ ଗୋଡ଼ହାତ ହଲଉଛି । କିଛି ସମୟ ପରେ ସିଧା ହୋଇ ଚାଲିଗଲା । ସେ ଏକଦୃଷ୍ଟିରେ ଅନେଇରହି ଯେଉଁ ନାମ କରୁଥିଲେ ସେଇ ନାମର କମ୍ପନ ଫଳରେ ମୃତ ତେଲୁଣୀପୋକଟି ବଞ୍ଚି ଉଠିଲା ଦେଖି ସେ ସମସ୍ତଙ୍କୁ ଡାକି କହିଲେ— ଆପଣମାନେ ଯଦି କଠିନ ରୋଗଗ୍ରସ୍ତ ମଣିଷକୁ ବା ମୃତକଳ୍ପ ବ୍ୟକ୍ତିକୁ ସ୍ପର୍ଶ କରି ଅନବରତ ନାମର କମ୍ପନ ତା'ଭିତରେ ସଞ୍ଚାରିତ କରିପାରନ୍ତି ତା'ହେଲେ ରୋଗ ନିରାମୟ ହୋଇପାରେ, ମୃତକଳ୍ପ ବ୍ୟକ୍ତି ମଧ୍ୟ ଜୀବନ ଫେରିପାଇପାରେ ।

ଶ୍ରୀଶ୍ରୀଠାକୁରଙ୍କର ସେଇକଥା ଶୁଣି କୁଷ୍ଟିୟାର ସତ୍‌ସଙ୍ଗୀଗଣ Life Research Society (ଜୀବନ ଗବେଷଣା ସମିତି) ନାମକ ଗୋଟିଏ ଦଳ ଗଠନ କଲେ । ସେମାନେ ଡାକ୍ତରମାନଙ୍କ ଦ୍ୱାରା ପରିତ୍ୟକ୍ତ ରୋଗୀମାନଙ୍କର ଅଙ୍ଗ ସ୍ପର୍ଶ କରି 'ନାମ-କମ୍ପନ' ଦ୍ୱାରା ସେମାନଙ୍କୁ ବଞ୍ଚେଇଦେବାକୁ ଲାଗିଲେ ଏବଂ ବହୁ ଲୋକଙ୍କ ଘରୁ ସେଥିପାଇଁ ସେମାନଙ୍କୁ ଅନୁରୋଧ ଆସିବାକୁ ଲାଗିଲା ।

ମୁଁ ମଧ୍ୟ ନିଜେ ଏହିପରି ଗୋଟିଏ ରୋଗୀକୁ ନାମ ଦ୍ୱାରା ବଞ୍ଚେଇବା ଘଟଣାରେ ସମ୍ପୃକ୍ତ ଥିଲି । ତା' ନାଁ ଶ୍ରୀକାନ୍ତ ସରକାର । ବୟସ ଅନୁମାନ ୨୭/୨୮ । ସେ ମ୍ୟାନେନ୍‌ଜାଇଟିସ୍ ରୋଗରେ ଆକ୍ରାନ୍ତ ଥିଲା । ସେତେବେଳେ ଏଇ ରୋଗର ବିଶେଷ କୌଣସି ଚିକିତ୍ସା ଜଣା ନଥିଲା । ତା'ର ଜୀବନର ଆଉ କୌଣସି ଆଶା ନାହିଁ ଦେଖି ଡାକ୍ତରମାନେ ତାକୁ ପରିତ୍ୟାଗ କରି ଚାଲିଗଲେ । ସେତେବେଳେ ରାତି ୧୧ଟା । ରୋଗୀର

Scanned with CamScanner

ନାଡ଼ି ଓ ହୃତ୍‌ପିଣ୍ଡର କ୍ରିୟା ସ୍ତବ୍ଧ ହୋଇଗଲା । ସେଇ ଅବସ୍ଥାରେ ବି ତାଂକୁ ସ୍ପର୍ଶ କରି ମୁଁ ଓ ଆଉ ପାଞ୍ଚଜଣ ଅନବରତ ନାମ କରିବାକୁ ଲାଗିଲୁ । ସାରାରାତି ଏହିପରି ନାମ କରିବା ପରେ ସକାଳବେଳା ରୋଗୀର ହୃତ୍‌ପିଣ୍ଡର କାର୍ଯ୍ୟ ଟିକିଏ ଆରମ୍ଭ ହୋଇଚି ବୋଲି ଜଣା ପଡ଼ିଲା । ସେତେବେଳେ ବି ରୋଗୀ ସମ୍ପୂର୍ଣ୍ଣ ଅଜ୍ଞାନ । ଆମେ ଛଅଜଣ ଯେତେବେଳେ ପ୍ରାତଃକୃତ୍ୟାଦି ନିମିତ୍ତ ବିଦାୟ ନେଲୁ ସେତେବେଳେ ଆଉ ଛଅଜଣ ରୋଗୀକୁ ସ୍ପର୍ଶ କରି ନାମ କରିବାକୁ ଲାଗିଲେ । ଏହିପରି ଦିନରାତି ନାମ କରାହେବାକୁ ଲାଗିଲା । ଦୁଇଦିନ ପରେ ତୃତୀୟଦିନ ରୋଗୀର ପୂର୍ଣ୍ଣ ଜ୍ଞାନ ଫେରି ଆସିଲା । ଗୋଟିଏ ରୋଗୀ ମୃତ୍ୟୁର କବଳରୁ ଏହିପରି ବର୍ତ୍ତି ସୁସ୍ଥ ହେବାର ଦେଖି ଆମମାନଙ୍କର ଯେ କି ଅପୂର୍ବ ଆନନ୍ଦ ହୋଇଥିଲା ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ । ଶ୍ରୀକାନ୍ତର ବିଧବା ମା' ଓ ସ୍ତ୍ରୀ ଶ୍ରୀକାନ୍ତର ପୁନର୍ଜୀବନ ପ୍ରାପ୍ତିପାଇଁ ଆମ ପାଖକୁ ଆସି ହାତ ଯୋଡ଼ି ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ବାରମ୍ବାର କୃତଜ୍ଞତା ପ୍ରକାଶ କରିବାକୁ ଲାଗିଲେ ।

ଏଇ ପ୍ରସଙ୍ଗରେ ପୂର୍ବୋକ୍ତ ଖୋକା-ଡାକ୍ତରଙ୍କ ସମ୍ବନ୍ଧରେ ଗୋଟାଏ ହାସ୍ୟରସୋଦ୍ଦୀପକ ଘଟଣା ମନେ ପଡ଼ୁଛି, ସେକଥା ଏଠାରେ କହିବାର ଲୋଭ ସମ୍ବରଣ କରିପାରୁ ନାହିଁ । ଥରେ ଶ୍ରୀଶ୍ରୀମାତା ମନୋମୋହିନୀ ଦେବୀଙ୍କ ସହ ହିମାଇତପୁରରୁ କୁଷ୍ଟିୟା ଯାଇଛି । ତା'ର ପୂର୍ବଦିନ ରାତିରେ ପ୍ରଫୁଲ୍ଲଦା (ରାୟ)ଙ୍କ ଝିଅର ବାହାଘର ହୋଇଯାଇଛି । ସେଦିନ ବର-ଭୋଜନ । ଦିନ ଦୁଇଟାବେଳେ ବର-ଭୋଜନରେ ପ୍ରଚୁର ଖାଇଲି । ଉପରବେଳା ଗ୍ୱାରିଟା ସମୟରେ ଗୋକୁଳଦାଙ୍କ ଘରକୁ ଗଲି । ସେ କହିଲେ— "ଆମ ଘରକୁ ଯେତେବେଳେ ପ୍ରଥମ କରି ଆସିଛନ୍ତି, କିଛି ଖାଇବାକୁ ହେବ ।"

ମୁଁ ନାନାପ୍ରକାର ଆପତ୍ତି ଜଣାଇଲି— "ଏଇ ତ କିଛି ସମୟ ଆଗରୁ ବାହାଘର ନିମିତ୍ତରେ ଖାଇ ଆସିଲି । ବର୍ତ୍ତମାନ କ'ଣ ଆଉ କିଛି ଖାଇବା ସମ୍ଭବ ?"

ସେ ଆମ୍ବ ଆଉ ପ୍ରଚୁର ସନ୍ଦେଶ ଆଣି ଦେଲେ । ତାହା ଗଳାଧଃ କରଣ କରାହେଲା ।

ସେଠୁ ସନ୍ଧ୍ୟାରେ ବାଜାଦିରେ ଖୋକା-ଡାକ୍ତରଙ୍କ ଘରେ ଆସି ପହଞ୍ଚିଲି । ଖୋକା-ଡାକ୍ତର ମଧ୍ୟ ଖାଇବାପାଇଁ ଅନୁରୋଧ ଜଣାଇଲେ ।

ମୁଁ କହିଲି— "ଦି'ଟା ଜାଗାରେ ଖାଇ ଆସି ଆଉ କ'ଣ ଖାଇବା ସମ୍ଭବ?"

ଖୋକା-ଡାକ୍ତର କହିଲେ— "ମୋ ନାଁ ଖୋକା । ଅଳି ରଖିବାକୁ ପଡ଼ିବ, ସେକଥା ମୁଁ ଜମା ଶୁଣିବିନି, ଖାଇବାକୁ ହବ ।"

ସେତେବେଳେ ମୁଁ କହିଲି— "କ'ଣ ଖାଇବାକୁ ଦେବେ?"

ସେ କହିଲେ "ଭଲ ଚୁଡ଼ା ଅଛି, ମୋଟା ଦୁଧ ଅଛି ଆଉ ଆମ୍ବ ଅଛି ।"

ମୁଁ କହିଲି— "ମିଠାଆମ୍ବ ତ ?"

ସେ କହିଲେ— "ହଁ, ଗଛପାଚିଲା ମିଠାଆମ୍ବ ଅଛି ।"

ତା'ପରେ ଖାଇ ବସିଲି । ସେ ଆମ୍ବ ଆଣି କାଟି ଦବାକୁ ଲାଗିଲେ । ଖାଉ ଖାଉ ତାଙ୍କ ଘରେ ଯେତେ ଆମ୍ବ ଥିଲା ସେ ସବୁ ଖିଆ ହୋଇଗଲା । ତା'ପରେ ପାଖ ପଡ଼ିଶା ଘରେ ଯେଉଁ ଆମ୍ବ ଥିଲା, ତାକୁ ଆଣି ଦବାକୁ ଲାଗିଲେ । ଏହିପରି ପଚସ୍ତରିଟା ଆମ୍ବ ଖିଆ ହେଇଗଲା । ସେତେବେଳେ ସେ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ— ଆପଣମାନେ ଶ୍ରୀଶ୍ରୀଠାକୁରଙ୍କର ନିଜ ଲୋକ, ଆପଣମାନେ ଯେ ବିଶ୍ୱମ୍ଭର ମୂର୍ତ୍ତି ଧାରଣ କରିପାରନ୍ତି ସେକଥା ମୋତେ ଜଣା ନଥିଲା । ମୋ' ନିଜର ଗର୍ବ ଚୂନା ହେଲା । ଆଉ ଆପଣଙ୍କୁ ଖାଇବା କଥା କହିବି ନାହିଁ ।

ସେଦିନ ଯେ ଏତେ କିପରି ଖାଇପାରିଲି ତାହା ବର୍ତ୍ତମାନ ଧାରଣା ବି କରିପାରୁ ନାହିଁ ।

କୁଷ୍ଟିୟା-ଉତ୍ସବର ବହୁ ପୂର୍ବରୁ ଗୋସାଇଁଦା କୁଷ୍ଟିୟାର ପାଶ୍ୱବର୍ତ୍ତୀ ବିଭିନ୍ନ ଗ୍ରାମରେ ଆଶ୍ରମ ପ୍ରତିଷ୍ଠା କରି ସେଠାରେ ରହୁଥିଲେ ଏବଂ ସଙ୍ଗେ ସଙ୍ଗେ କୀର୍ତ୍ତନ ଓ ପ୍ରଗ୍ୱରର କାର୍ଯ୍ୟ ଚଲଉଥିଲେ । ଏହିପରି ସେ ବାଡ଼ାଦି, ବାରଖାଦା, ତାଳବେଡ଼ିୟା ପ୍ରଭୃତି ଗ୍ରାମରେ ଆଶ୍ରମ ସ୍ଥାପନ କରି ଜନସାଧାରଣଙ୍କ ଭିତରେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ସଞ୍ଚାରିତ କରିବାକୁ ଲାଗିଲେ । ସେ ସାଧାରଣ ମଣିଷଙ୍କ ଦୁଃଖ ସୁଖ, ହସ-କାନ୍ଦର ଜୀବନ ସହିତ ଅନ୍ତରଙ୍ଗଭାବେ ମିଶୁଥିଲେ । ହୃଦୟଭରା ମମତା ଓ ଅଫୁରନ୍ତ ଅନାବିଳ ସ୍ନେହ ଦେଇ ପରକୁ ଆପଣାର କରିତୋଳୁଥିଲେ । ଆପଣାର କରି ମାଟିର ପୃଥିବୀରେ ସେମାନଙ୍କ ପାଖରେ ସ୍ୱର୍ଗର ସ୍ୱାଦ ପହଞ୍ଚେଇଦେଉଥିଲେ, ଦୀକ୍ଷା ଦେଇ ସେମାନଙ୍କୁ ନିକଟତମ କରିନେଉଥିଲେ । ତାଙ୍କର କୀର୍ତ୍ତନରେ ଅପୂର୍ବ ଭାବୋନ୍ମତ୍ତତା ଚରିତ୍ର-ମାଧୁର୍ଯ୍ୟ ଓ ମିଷ୍ଟ ହୃଦ୍ୟତାପୂର୍ଣ୍ଣ ବ୍ୟବହାର ସମସ୍ତଙ୍କୁ ମୁଗ୍ଧ କରୁଥିଲା ।

କୁଷ୍ଟିୟା ଉତ୍ସବର ଅବ୍ୟବହିତ ପୂର୍ବରୁ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାରଙ୍କର କଦଳୀ-ବଟିଗ୍ରାମରେ ଆଶ୍ରମ ସ୍ଥାପନ କରି ସେ ବହୁ ଲୋକଙ୍କୁ ଦୀକ୍ଷା ଦିଅନ୍ତି । ଏଠାରେ କମଳାପୁରର ଜମିଦାର ସୁରେନ୍ଦ୍ରଭୂଷଣ ବିଶ୍ୱାସ ଓ ଗିରୀନ୍ଦ୍ରଭୂଷଣ ବିଶ୍ୱାସ ତାଙ୍କ ନିକଟରୁ ଦୀକ୍ଷା ନିଅନ୍ତି । କୁଷ୍ଟିୟା-ଉତ୍ସବ ପରେ ସୁରେନ୍ଦାଙ୍କ ଅନୁରୋଧରେ ସେ କମଳାପୁର ଯାଇ ଆଶ୍ରମ ସ୍ଥାପନ କରନ୍ତି । ପରେ ସେଠାରୁ ଉଠିଆସି ହିମାଇତପୁର ଗ୍ରାମ ସଂଲଗ୍ନ କାଶୀପୁରକୁ ଆସି ବସବାସ କରନ୍ତି ।

ପରଦୁଃଖ କାତରତା ଥିଲା ତାଙ୍କର ସ୍ୱଭାବଜ ଧର୍ମ । କେତେ ଦିନ ଦେଖିଛି— ଘରେ ତାଙ୍କର ଖାଇବାପାଇଁ କିଛି ନାହିଁ । ସେ ଭିକ୍ଷା ନିମନ୍ତେ ବାହାରି, ଭୋଜ୍ୟ ସଂଗ୍ରହ କରି ଘରକୁ ଫେରୁଛନ୍ତି । ବାଟରେ କେହିଜଣେ ଆସି ତା'ର ଦୁଃଖ ଓ ଅଭାବଅଭିଯୋଗର କଥା ଜଣାଇଲା । ତା'ର ଦୁଃଖର କଥା ଶୁଣି ସେ ଏତେ ଅଭିଭୂତ ହୋଇପଡ଼ିଲେ ଯେ ନିଜ ଘରର ଅବସ୍ଥା ବିନ୍ଦୁମାତ୍ର ଚିନ୍ତା ନ କରି ସେଇ ପଥ ମଧ୍ୟରେ ତାକୁ ସବୁତକ

Scanned with CamScanner

ଦେଇଦେଇ ଶୂନ୍ୟହସ୍ତରେ ଘରକୁ ଫେରିଲେ। ଏଇ ଦେବୋପମ ମଣିଷ ଜଣକ ଆଜି ଆଉ ଆମ ଭିତରେ ନାହାନ୍ତି, କିନ୍ତୁ ତାଙ୍କର ଅକୃପଣ ଅନ୍ତରର ନିଃଶେଷରେ ବିତରିତ ସ୍ନେହପ୍ରେମର କେତେ ଅଲିଖିତ କାହାଣୀ ସ୍ମୃତିର ମଣିମୟ ଭବନରେ ସାଇତା ହୋଇ ରହିଛି। ଏପ୍ରକାର ଆତ୍ମଭୋଳା, ଇଷ୍ଟନିଷ୍ଠ, ହୃଦୟବାନ୍ ମଣିଷର ଅଭାବ ଆଜି ଆମେମାନେ ପ୍ରାଣେ ପ୍ରାଣେ ଅନୁଭବ କରୁଛୁ।

ଭକ୍ତର ଆକର୍ଷଣରେ ଯେ ଭଗବାନଙ୍କର ଆସନ ଟଳେ ତା'ର ଅତ୍ୟୁଜ୍ଜ୍ୱଳ ଦୃଷ୍ଟାନ୍ତ ଦିନେ ଦେଖିଥିଲି। ସେଇ ଅପୂର୍ବ ମନୋରମ ଦୃଷ୍ଟାନ୍ତ ସେ କୁଷ୍ଟିୟାର ସତୀଶ ଜୋୟାରଦାରଙ୍କର କଦଳୀବାଡ଼ି ଆଶ୍ରମରେ ଅବସ୍ଥାନ କରୁଥିବା ସମୟରେ ଦେଖାଇଥିଲେ। ପୂଜ୍ୟପାଦ ଗୋସାଇଁଦା ଦିନେ କହିଲେ ଯେ ସେ ଅତି ଭକ୍ତିନିଷ୍ଠାର ସହ ଭୋଗ ନିବେଦନ କରି ଦେଖିଛନ୍ତି ଯେ ଶ୍ରୀଶ୍ରୀଠାକୁର ସ୍ୱୟଂ ତାହା ଜାଣିପାରି ସେଇ ସ୍ଥାନରେ ଉପସ୍ଥିତ ହୋଇ ସେ ନିବେଦିତ ଭୋଗ ଗ୍ରହଣ କରିଛନ୍ତି। ତାଙ୍କର ଏଇ କଥା ଶୁଣି ସତୀଶଦା ଗୋସାଇଁଦାଙ୍କୁ କହିଲେ— ଶ୍ରୀଶ୍ରୀଠାକୁର ଯେ ଅନ୍ତର୍ଯ୍ୟାମୀ ତାର ଯଥେଷ୍ଟ ପ୍ରମାଣ ମୁଁ ନିଜେ ପାଇଛି। ଆପଣ ଥରେ ଦୟାକରି ଏହିପରି ଭୋଗ ନିବେଦନ କରି ତାଙ୍କୁ ଏଠାକୁ ଆକର୍ଷଣ କରିଆଣି ଭୋଗ ଗ୍ରହଣ କରାଇ ଆମ୍ଭମାନଙ୍କୁ ଧନ୍ୟ କରନ୍ତୁ। ଶ୍ରୀଶ୍ରୀଠାକୁର ସେହିସମୟରେ ହିମାଇତପୁର ଆଶ୍ରମରେ ଥିଲେ। ଗୋସାଇଁଦା ହସିହସି କହିଲେ— ମୋତେ ଯଦି କୀର୍ତ୍ତନରେ ପାଗଳ କରିଦେଇପାରିବେ ଅର୍ଥାତ୍ ଖୁବ୍ ମତେଇଦେଇପାରିବେ ଆଉ ସେଇ ଅବସ୍ଥାରେ ମୋଦ୍ୱାରା ଭୋଗ ନିବେଦନ କରେଇନେଇପାରିବେ ତା'ହେଲେ ହୋଇପାରେ।

ଦିନେ ସନ୍ଧ୍ୟା ପରେ କଦଳୀବାଡ଼ି-ଆଶ୍ରମରେ ତୁମୁଳ କୀର୍ତ୍ତନ ଆରମ୍ଭ ହେଲା। ଗୋସାଇଁଦା କୀର୍ତ୍ତନରେ ମତୁଆଲା ହୋଇ ପାଗଳପ୍ରାୟ ହେଲେ, ଖେଚୁଡ଼ି-ପ୍ରସାଦ ତିଆରି କରିବାକୁ କହିଲେ। ତା' କରାହେଲା। ସେ ଭାବାବେଗରେ ଝୁଲି ଝୁଲି ଆସି ଭୋଗ-ନିବେଦନ କଲେ। ପ୍ରାୟ ଦୁଇଘଣ୍ଟା କଟିଗଲା, ଶ୍ରୀଶ୍ରୀଠାକୁର ଆସୁ ନାହାନ୍ତି, କି ନିବେଦିତ ଭୋଗ ଗ୍ରହଣ କରୁ ନାହାନ୍ତି। ସେତେବେଳେ ଉପସ୍ଥିତ ସମସ୍ତେ କହିଲେ— 'ପ୍ରଭୁ' ଆପଣଙ୍କର ଠାକୁର ବି ଆସିଲେନି, ନିବେଦିତ ଭୋଜ୍ୟ ବି ଗ୍ରହଣ କଲେନି। ଆମକୁ ଭୋକ ଲାଗିଲାଣି, ଏବେ ପ୍ରସାଦ ଦିଅନ୍ତୁ।'

ଗୋସାଇଁଦା ଏକଥା ଶୁଣି କହିଲେ— 'ସେ ଯଦି ନ ଆସନ୍ତି ଆଉ ଏଇ ନିବେଦିତ ଭୋଗ ଗ୍ରହଣ ନ କରନ୍ତି ତା'ହେଲେ ଜାଣିବି, ମୋର ନିବେଦନରେ କୌଣସି ତ୍ରୁଟି ଅଛି। ଯା'ହେଉ, ଏ ଭୋଗର ଅଗ୍ରଭାଗ କାହାକୁ ବି ଦେବି ନାହିଁ। ଅଗ୍ରଭାଗ କିଛି ରଖି ଦେଉଛି, ତା' ପରେ ଆପଣମାନେ ପ୍ରସାଦ ଗ୍ରହଣ କରନ୍ତୁ। ମୋର ବିଶ୍ୱାସ ସେ ଆସିବେ ଏବଂ ଏଇ ଭୋଗର ଦ୍ରବ୍ୟ ସେ ଗ୍ରହଣ କରିବେ। ତା'ପରେ ଭୋଗର ଅଗ୍ରଭାଗ ରଖିଦେଇ ପ୍ରସାଦ ବିତରଣ କରି ଦିଆହେଲା।

ସମସ୍ତଙ୍କର ପ୍ରସାଦ ପାଇବା ଶେଷ ହୋଇଛି, ଏପରି ସମୟରେ ହଠାତ୍ ଶ୍ରୀଶ୍ରୀଠାକୁର ମହାରାଜ, କିଶୋରୀଦା ଓ ଆଉ ଦୁଇ-ତିନିଜଣ ଭକ୍ତ ସହ ହିମାଇତପୁରରୁ ସତୀଶଦାଙ୍କ କଦଳୀବଗିଗ୍ୱରେ ଆସି ଗୋସାଇଁଦାଙ୍କ ନିବେଦିତ ଖେଚୁଡ଼ି-ପ୍ରସାଦ ଖାଇ ସମସ୍ତଙ୍କୁ ଧନ୍ୟ ଓ କୃତାର୍ଥ କଲେ। ସେଇ ମାଘମାସ ଶୀତରେ ରାତି ଦଶଟାବେଳେ ସେମାନଙ୍କର କୁଷ୍ଟିୟା ଆସିବାର କୌଣସି କାରଣ ହିଁ ନଥିଲା। ହଠାତ୍ ସେମାନେ ପଦ୍ମା ଓ ଗୌରୀ ଦୁଇଟା ନଦୀ ପାର ହୋଇ ଦଶ ମାଇଲ ପାଦରେ ଗ୍ୱଲି ଗ୍ୱଲି ଗୋସାଇଁଦାଙ୍କ ଆଶ୍ରମରେ ଆସି ଉପସ୍ଥିତ ହେଲେ। ସେମାନଙ୍କ ସାଥୀରେ ଯଦୁ ପାଲ ନାମକ ଜଣେ ଅପରିଚିତ ଭଦ୍ରଲୋକ ଥିଲେ। ତା'ପାଖରୁ ଜଣାଗଲା ଯେ ସେ ହିମାଇତପୁର ସତ୍‌ସଙ୍ଗ ଆଶ୍ରମରେ ବସି ଶ୍ରୀଶ୍ରୀଠାକୁରଙ୍କ ସାଥୀରେ ଆଳାପ-ଆଲୋଚନା କରୁଥିଲା। ଯେତେବେଳେ ପ୍ରାୟ ରାତି ଆଠଟା ସେତେବେଳେ ଶ୍ରୀଶ୍ରୀଠାକୁର କହିଲେ— 'ଚଲ୍ ଭାଇ, ଏକ୍‌ବାର୍ କୁଷ୍ଟିୟାତେ ଯାଇ। ଏଖନ୍‌ଇ ଯାଇ, ଚଲ୍' (ଗ୍ୱଲ ଭାଇ, ଥରେ କୁଷ୍ଟିୟା ଯିବା। ଏବେ ଯିବା, ଗ୍ୱଲ)— ଏହା କହି ସେ ସମସ୍ତଙ୍କୁ ବିଶେଷ ଅନୁରୋଧ କରି ସାଙ୍ଗରେ ନେଇଆସିଲେ। ସେଇ ସମୟରେ ଏତେ ରାତିରେ ନଦୀ ପାର ହେବାପାଇଁ ଡୁଲି-ଡଙ୍ଗା ନଥାଏ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଉଭୟ ନଦୀରେ ସେଇ ଅସମୟରେ ଡଙ୍ଗା ଯେପରି ସେମାନଙ୍କପାଇଁ ପ୍ରସ୍ତୁତ ଥିଲା। ସେଇ ରାତିରେ ଶ୍ରୀଶ୍ରୀଠାକୁର ଏତେ ଦ୍ରୁତ ବେଗରେ ବାଟ ଗ୍ୱଲୁଥିଲେ ଯେ ସଙ୍ଗୀମାନଙ୍କୁ ତାଙ୍କ ସାଥୀରେ ତାଳ ରଖିବାପାଇଁ ଦୌଡ଼ି ଗ୍ୱଲିବାକୁ ପଡୁଥିଲା।

ସେତେବେଳେ ଶ୍ରୀଶ୍ରୀଠାକୁର ପୂର୍ଣ୍ଣ-ଯୌବନରେ ପଦାର୍ପଣ କରିଛନ୍ତି, ତେବେ ବି ତାଙ୍କର ଲୀଳାଖେଳା ଥିଲା ବାଳକତୁଲ୍ୟ ସରଳ ଓ ମଧୁର। ଆସି ହୁଏତ କାହା କୋଳରେ ବସିପଡ଼ିଲେ। କେତେବେଳେ କାହାକୁ ଚୁମା ଦେଉଥିଲେ, କାହାକୁ ବା ନାକ ଦେଇ ସ୍ପର୍ଶ କରୁଥିଲେ, ଆଲିଙ୍ଗନ କରୁଥିଲେ, ମସ୍ତକ ଓ ଶରୀର ଆଘ୍ରାଣ କରୁଥିଲେ। ପୁଣି କାହା ବେକରେ ହାତ ଛନ୍ଦି ଜଡ଼େଇ ଧରି କଥା କହୁଥିଲେ। କାହାକୁ ହୁଏତ କୋଳକୁ ଟାଣିନେଇ ନାଚିବାକୁ ଆରମ୍ଭ କରୁଥିଲେ। ଏପରି କେତେ ଲୀଳାଭିନୟ ଯେ କରୁଥିଲେ ତାହା କହି ଶେଷ କରାଯାଇ ପାରିବ ନାହିଁ। ତାଙ୍କର ଏଇସବୁ ହାବ-ଭାବ ଓ ବ୍ୟବହାର ଏତେ ମଧୁର ଲାଗୁଥିଲା ଯେ ଏହିପରି ଭାବେ ତାଙ୍କୁ ପୁନରାୟ ପାଇବାର ଗୋଟାଏ ପ୍ରବଳ ନିଶା ଯେପରି ଲାଗିରହୁଥିଲା। କେତେବେଳେ ଘର ଭିତରେ ବା ଗଛମୂଳେ ବସି ତାଙ୍କର ଚିନ୍ତା କରୁଛି, ହଠାତ୍ କୁଆଡୁ ଆସି ବେକ ଜଡ଼େଇ ଧରିଲେ ବା କୋଳରେ ଶୋଇ ପଡ଼ିଲେ। କେତେବେଳେ ରାସ୍ତାରେ ଯାଉଛି, ହଠାତ୍ ଆଗେଇ ଆସି ପଗ୍ୱରିଲେ— କୁଆଡ଼େ ଯାଉଛନ୍ତି ? ଗ୍ୱଲନ୍ତୁ, ଆପଣଙ୍କ ସାଥୀରେ ମୁଁ ବି ଯିବି।

□□□

ତପୋବନର ମୂଳକଥା

କ୍ରମେ ଆହୁରି ବହୁ ଭକ୍ତ ଜଣ ଜଣ କରି ଆସି ଜୁଟିବାକୁ ଲାଗିଲେ । ଖୋକସାର ପୂର୍ଣ୍ଣଦା, ଯତୀନଦା, ଜାନକୀ ରାୟ, ଯୋଗେନ ସରକାର, ପ୍ରମଥ ଶିକଦାର ପ୍ରଭୃତି ଆସିଲେ । କୁଷ୍ଟିୟା-ଉତ୍ସବର ପ୍ରାୟ ଦୁଇବର୍ଷ ପୂର୍ବେ ଶ୍ରୀଶ୍ରୀଠାକୁରଙ୍କର ଭକ୍ତ କୃଷ୍ଣଚନ୍ଦ୍ର ଦାସ ଖୋକସା-ଜାନୀପୁର ହାଇସ୍କୁଲ୍‌ରେ ଶିକ୍ଷକରୂପେ ନିଯୁକ୍ତ ହୁଅନ୍ତି । ତାଙ୍କର ଯାଜନରେ ସ୍କୁଲ୍‌ର ଶିକ୍ଷକବୃନ୍ଦ ଉଦ୍‌ବୁଦ୍ଧ ହୋଇ ଉଠନ୍ତି । ତା'ଫଳରେ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଶ୍ରୀଯୋଗେନ୍ଦ୍ରନାଥ ସରକାର, ଏମ୍.ଏ., ବି.ଏଲ୍., ସହକାରୀ ପ୍ରଧାନ ଶିକ୍ଷକ ପ୍ରମଥନାଥ ଶିକଦାର, ବି.ଏସ୍.ସି., ବି.ଏଲ୍., ସ୍କୁଲ୍‌ର ହେଡ୍ ପଣ୍ଡିତ, ସତୀଶ ଗୋସ୍ୱାମୀ, ହେଡ୍ ମୌଲବୀ, କିରାଣୀ ଓ ଆଉ କେତେଜଣ ଶିକ୍ଷକ ସତ୍‌ମନ୍ତ୍ରରେ ଦୀକ୍ଷିତ ହୁଅନ୍ତି । ସେତେବେଳେ ଖୋକସା-ଜାନୀପୁର ହାଇସ୍କୁଲ୍ ହିଁ ଖୋକସାରେ ସତ୍‌ସଙ୍ଗର କେନ୍ଦ୍ର ହୋଇଉଠେ ।

ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ଆସି ତାଙ୍କ ଶ୍ରୀମୁଖରୁ ପିଲାମାନଙ୍କୁ କି ପ୍ରଣାଳୀରେ ଶିକ୍ଷା ଦେଲେ ସୁଫଳ ମିଳିବ ଓ ସେମାନେ ମଣିଷ ହୋଇପାରିବେ ଏଇ ସବୁ ବିଷୟ ଶୁଣି ଏବଂ 'ତପୋବନ' ନାମରେ ଗୋଟିଏ ଆଦର୍ଶ ଶିକ୍ଷାମନ୍ଦିର ସ୍ଥାପନ ଲାଗି ତାଙ୍କର ଆନ୍ତରିକ ଇଚ୍ଛା ଜାଣି, ସ୍କୁଲ୍‌ର କର୍ତ୍ତୃପକ୍ଷ ଓ ଶିକ୍ଷକବୃନ୍ଦ ଖୋକସା-ଜାନୀପୁର ହାଇସ୍କୁଲ୍‌କୁ ହିଁ ତପୋବନ ବିଦ୍ୟାଳୟରେ ପରିଣତ କରିବାକୁ ଇଚ୍ଛା ପ୍ରକାଶ କରନ୍ତି । କିନ୍ତୁ ଖୋକସା-ଜାନୀପୁର ବିଦ୍ୟାଳୟ ଗଭର୍ଣ୍ଣମେଣ୍ଟ ସାହାଯ୍ୟ ପ୍ରାପ୍ତ ବୋଲି ଏବଂ ସ୍କୁଲ୍‌ର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଯେଉଁମାନେ ସତ୍‌ମନ୍ତ୍ର ଗ୍ରହଣ କରି ନାହାନ୍ତି ସେମାନଙ୍କର ଆପତ୍ତି ହେତୁ ଉକ୍ତ ସଂକଳ୍ପ ପରିତ୍ୟକ୍ତ ହୁଏ ।

ଶ୍ରୀଶ୍ରୀଠାକୁର ପ୍ରଥମେ ଖୋକସା ଯାଇ ଜାନକୀନାଥ (ରାୟ)ଙ୍କ ଘରେ ଉପସ୍ଥିତ ହୁଅନ୍ତି ୧୯୧୭ ମସିହା ଅକ୍ଟୋବର ମାସର ପ୍ରଥମ ସପ୍ତାହରେ । ଏହା କୁଷ୍ଟିୟା-ଉତ୍ସବର ପ୍ରାୟ ଏକ ବର୍ଷ ପୂର୍ବର ଘଟଣା । ଖୋକସାରେ ଶ୍ରୀଶ୍ରୀଠାକୁରଙ୍କର ଭାବୋନ୍ମାଦକାରୀ ଅପୂର୍ବ କୀର୍ତ୍ତନ ଓ ତତ୍‌ପରେ ତାଙ୍କର ଭାବସମାଧି ଦେଖି ଖୋକସାବାସୀ ବହୁ ଲୋକ

ସତ୍‌ମନ୍ତ୍ରରେ ଦୀକ୍ଷାଗ୍ରହଣ କରନ୍ତି । ସେଇ ସମୟରେ ଖୋକସାରେ ତପୋବନ ବିଦ୍ୟାଳୟ ପ୍ରତିଷ୍ଠାପାଇଁ ତିନି ବିଘା ଜମି ଓ ନଗଦ କେତେ ଶହ ଟଙ୍କା ଦାନ କରନ୍ତି ଜାନକୀନାଥ ରାୟ । ଉକ୍ତ ଜମିରେ ତପୋବନ ବିଦ୍ୟାଳୟ ପ୍ରତିଷ୍ଠିତ ହେବ ବୋଲି ସ୍ଥିର ହୁଏ । ଜମି ପରିଷ୍କାର କରି ଭିତ୍ତିପ୍ରସ୍ତର ସ୍ଥାପିତ ହୁଏ ଏବଂ ଦଲାଣର ଇଟାବସା କାମ ମଧ୍ୟ ଆରମ୍ଭ ହୁଏ । ତା'ଛଡ଼ା ୧୯୧୬ ମସିହାରେ ପୂର୍ଣ୍ଣଚନ୍ଦ୍ର ସାହା, ଯତୀନଦା (ରାୟ) ଓ ଶ୍ରୀଯୋଗେନ ସରକାର ମିଶି ଖୋକସାରେ ଗୋଟାଏ ଲୁଗା ଦୋକାନ ଖୋଲନ୍ତି । ୧୯୧୭ ମସିହାରେ ସେଠାକୁ ଶ୍ରୀଶ୍ରୀଠାକୁର ଯିବା ପରେ, ତାଙ୍କ ସହ ଆଲୋଚନା କରି ଏହାକୁ ସେମାନେ 'ହିତୈଷୀଭଣ୍ଡାର' ନାମ ଦେଇ ଗୋଟାଏ ଲିମିଟେଡ୍ କମ୍ପାନୀ କରନ୍ତି । ମୂଳଧନ ହୁଏ ପଚିଶ ହଜାର ଟଙ୍କା ।

ସେଇ କମ୍ପାନୀ ଯୋଗ୍ୟତାର ସହ ପରିଚାଳିତ ହେବା କାରଣରୁ ଏକ ଲାଭଜନକ ପ୍ରତିଷ୍ଠାନରେ ପରିଣତ ହୁଏ । ପରେ ସେହି କମ୍ପାନୀକୁ ଆହୁରି ବଡ଼ କରି ଏକ କୋଟି ଟଙ୍କାର ଏକ କମ୍ପାନୀ ରେଜିଷ୍ଟ୍ରି କରା ହୁଏ, ଏହାର ନାମ ଦିଆଯାଏ Commerce and Culture of India Limited. ଏହି କମ୍ପାନୀର ଉଦ୍ଦେଶ୍ୟ ଥିଲା ଅତି ମହତ୍ । ବ୍ୟବସାୟରେ କମ୍ପାନୀର ଯାହା ଆୟ ହେବ ତାର ଅଧିକାଂଶ ବ୍ୟୟିତ ହେବ ଭାରତୀୟ ଶିକ୍ଷା ଓ ସଂସ୍କୃତିର ପ୍ରଚାରପାଇଁ । ବିଭିନ୍ନ ସ୍ଥାନରେ ଆଦର୍ଶ ଶିକ୍ଷାକେନ୍ଦ୍ର, ସ୍କୁଲ୍-କଲେଜ୍, ଗବେଷଣାଗାର ସ୍ଥାପନ; ଭାରତୀୟ ସଂସ୍କୃତି ବିଷୟକ ପୁସ୍ତକ ପ୍ରଣୟନ ଓ ପ୍ରକାଶ; ଭାରତର ବିଭିନ୍ନ ପ୍ରାନ୍ତରେ ଓ ବିଦେଶରେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ପ୍ରଚାରକଗଣଙ୍କୁ ପ୍ରେରଣ କରିବା ଇତ୍ୟାଦି ଏଇସବୁ ସତ୍‌କାର୍ଯ୍ୟର ବ୍ୟୟ ଉକ୍ତ କମ୍ପାନୀର ଆୟରୁ ନିର୍ବାହ ହେବ । ଏହାର ସଦର ଦପ୍ତରକୁ ଖୋକସାରୁ କୁଷ୍ଟିୟା ଅଣା ହୁଏ ଏବଂ କମ୍ପାନୀର ଟଙ୍କା ଆଦାନ-ପ୍ରଦାନର ସୁବିଧାପାଇଁ ଗୋଟିଏ ବ୍ୟାଙ୍କ ବି ପ୍ରତିଷ୍ଠା ହୁଏ । ସତ୍‌ସଙ୍ଗ-ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଖୋକସାକୁ କେନ୍ଦ୍ରକରି ସତ୍‌ସଙ୍ଗ କର୍ମ-ପ୍ରତିଷ୍ଠାନ ଗଢ଼ିତୋଳିବାର ଉଦ୍ୟମ ଆରମ୍ଭ ହୁଏ ।

ମୁଁ ଯେଉଁ ସମୟର କଥା କହୁଛି ସେ ସମୟରେ ଖୋକସାରୁ ସମସ୍ତେ ଆସିଥିଲେ, କି ଉପାୟରେ ତପୋବନର କାମ ତ୍ୱରାନ୍ୱିତ କରାଯିବ ସେ ବିଷୟରେ ଶ୍ରୀଶ୍ରୀଠାକୁରଙ୍କର ପରାମର୍ଶ ନେବାକୁ । ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରୀଶ୍ରୀଠାକୁର କହିଲେ—

"ଦେଖନ୍ତୁ, ଦେଶରେ ବର୍ତ୍ତମାନ ଯେଉଁ ଶିକ୍ଷା ଚାଲିଛି, ସେଥିରେ ଶ୍ରଦ୍ଧାର କୌଣସି ସ୍ଥାନ ହିଁ ନାହିଁ, ତାହା ବ୍ୟକ୍ତିତ୍ୱ ବିକାଶପାଇଁ ମୋଟେ ଉପଯୁକ୍ତ ନୁହେଁ । ପ୍ରାଚୀନକାଳରେ ଛାତ୍ରମାନେ ଗୁରୁଗୃହରେ ରହି ଆଚାର୍ଯ୍ୟଙ୍କ ପ୍ରତି ଶ୍ରଦ୍ଧା-ଅନୁରାଗର ଭିତର ଦେଇ ତାଙ୍କରି ପ୍ରୀତ୍ୟର୍ଥେ ବିଦ୍ୟା ଅନୁଶୀଳନ କରୁଥିଲେ । ଗୁରୁ ମଧ୍ୟ ଥିଲେ ଇଷ୍ଟାନୁରାଗୀ ଏବଂ ଚାରିତ୍ର୍ୟ, ପାଣ୍ଡିତ୍ୟ, ବ୍ୟାବହାରିକ ନୈପୁଣ୍ୟ ଓ ଆଧ୍ୟାତ୍ମିକ ସାଧନାରେ ତତ୍ପର । ତାଙ୍କର ଚାରିତ୍ରିକ ବିଭୂତିର ସ୍ନେହଳ ସ୍ପର୍ଶରେ ଶିଷ୍ୟମାନେ ଭରପୂର ହୋଇ ରହୁଥିଲେ ।

Scanned with CamScanner

ଏହିପରି ଆଚାର୍ଯ୍ୟ-ଅନୁରାଗ ମାଧ୍ୟମରେ ଯେଉଁ ଶିକ୍ଷା, ତା'ର ଅଭାବ ଘଟିବାରୁ ଜାତୀୟ ଜୀବନରେ ଏ ଅଧଃପତନ ଆସିଛି।

"ଯାହାଦ୍ୱାରା ଉନ୍ମୁକ୍ତ ପ୍ରକୃତି କୋଳରେ ଉପଯୁକ୍ତ ଆଚାର୍ଯ୍ୟଙ୍କ ସାନ୍ନିଧ୍ୟରେ ରହି ଛାତ୍ରମାନେ ସେମାନଙ୍କର ସହଜାତ ସଂସ୍କାର ଓ ଅଭ୍ୟାସଗୁଡ଼ିକୁ ସୁନିୟନ୍ତ୍ରିତ କରିବାରେ ଅଭ୍ୟସ୍ତ ହୋଇଉଠନ୍ତି ଓ ସଙ୍ଗେ-ସଙ୍ଗେ ସେମାନଙ୍କର ବୈଶିଷ୍ଟ୍ୟାନୁପାତିକ ନାନାପ୍ରକାର ଭାଷା, କୃଷି, ଶିଳ୍ପ, ବିଜ୍ଞାନ, କଳା ପ୍ରଭୃତିର ଶିକ୍ଷା ପାଇ ଉନ୍ମେଷଶାଳିନୀ ବୁଦ୍ଧି, ପ୍ରତିଭା ଓ ପ୍ରତ୍ୟୁତ୍ପନ୍ନମତିତାର ଅଧିକାରୀ ହୋଇ ଜୀବନ୍ତ କର୍ମପ୍ରେରଣା ନେଇ ଦେଶର ଓ ଜାତିର ପ୍ରକୃତ ସେବାର ଅଧିକାରୀ ହୋଇଉଠନ୍ତି— ସେଇ ଉଦ୍ଦେଶ୍ୟରେ ହିଁ ମୋର ତପୋବନ ବିଦ୍ୟାଳୟର ପରିକଳ୍ପନା।

"ପ୍ରାଚୀନକାଳରେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ହିଁ ଥିଲା ତପୋବନ। ପ୍ରଥମେ ଏହିପରି ଗୋଟିଏ ଆଦର୍ଶ ତପୋବନ ବିଦ୍ୟାଳୟ ସ୍ଥାପନ କରି, ପରେ ନାନା-ସ୍ଥାନରେ ଯଦି ଆହୁରି ଏହିପରି ଶିକ୍ଷାକେନ୍ଦ୍ର ସ୍ଥାପନ କରିପାରନ୍ତି, ତାହେଲେ ହିଁ ଦେଶର ପ୍ରକୃତ ସେବା କରାହେବ।

❑❑❑

ହରିଣାକୁଣ୍ଡୁରେ ଶ୍ରୀଶ୍ରୀଠାକୁର

୧୨ ଅକ୍ଟୋବର ୧୯୧୮

କୁଷ୍ଟିୟା-ଉତ୍ସବର ତିନି ସପ୍ତାହ ପରେ କଲିକତାରୁ ଶ୍ରୀଯୁକ୍ତ ଶାକ୍ୟସିଂହ ସେନ୍‌ଙ୍କ ପିତା 'ଭୂ-ପ୍ରଦକ୍ଷିଣ'-ପ୍ରଣେତା ସୁପ୍ରସିଦ୍ଧ ବାରିଷ୍ଟର ଚନ୍ଦ୍ରଶେଖର ସେନ୍-ମହାଶୟ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସିଲେ ହିମାଇତପୁର-ଆଶ୍ରମ। ସେ ଶ୍ରୀଶ୍ରୀଠାକୁରଙ୍କ-ସାଥିରେ ଆଳାପ-ଆଲୋଚନା କରି ସନ୍ତୁଷ୍ଟ ହୋଇ ଦୀକ୍ଷା ନେଲେ। ଯିବା ସମୟରେ ସେ ଶ୍ରୀଶ୍ରୀଠାକୁରଙ୍କୁ ବିଶେଷଭାବେ ଅନୁରୋଧ କରି ଯା'ନ୍ତି କଲିକତା ଯିବାପାଇଁ ସେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ,— ଆପଣ ଆଉ ଗୋପନରେ ଏଠି ଲୁଚି ରହିଲେ ଚଳିବ ନାହିଁ। ବହିର୍ବିଶ୍ୱରେ ଆପଣଙ୍କର ଭାବଧାରା ପ୍ରଚାରର ସମୟ ଆସିଛି। ତା'ର ପ୍ରକୃଷ୍ଟ କ୍ଷେତ୍ର ହେଉଛି କଲିକତା। ତେଣୁ କଲିକତା ଯିବା ଆପଣଙ୍କର ଏକାନ୍ତ ଆଶୁ ପ୍ରୟୋଜନ। ମୁଁ କଲିକତା ଯାଇ ମୋର ବନ୍ଧୁବାନ୍ଧବଙ୍କୁ ଖବର ଦେଇ ରଖିବି ଯାହାଦ୍ୱାରା ଆପଣ କଲିକତା ଗଲେ ସେମାନେ ଆପଣଙ୍କ ସାଥିରେ ସାକ୍ଷାତ୍ କରି ଧନ୍ୟ ହୋଇପାରନ୍ତି।

ବାରିଷ୍ଟର ଚନ୍ଦ୍ରଶେଖର ସେନ୍ ଚାଲିଯିବା ପରେ ଦିନେ ଶ୍ରୀଶ୍ରୀଠାକୁର ମୋତେ ଡାକି କହିଲେ— ଚାଲନ୍ତୁ ଆପଣଙ୍କ ଘରକୁ ଥରେ ଯାଇ ବୁଲିଆସିବା। ଯା' ପରେ ମୋର ଆଉ କୁଆଡ଼େ ହୁଏତ ଯିବା ହୋଇପାରିବ ନାହିଁ।

ଶ୍ରୀଶ୍ରୀଠାକୁର ନିଜ ତରଫରୁ ଆମ ଘରକୁ ଯିବାର ଇଚ୍ଛା ପ୍ରକାଶ କରନ୍ତେ ମୁଁ ଆନନ୍ଦରେ ଆତ୍ମହରା ହୋଇପଡ଼ିଲି। ମନେ ହେଲା, ଏମିତି କି ପୁଣ୍ୟକର୍ମ କରିଛି ଯେ ଶ୍ରୀଶ୍ରୀଠାକୁର ନିଜଆଡ଼ୁ ଆମ ଘରକୁ ଯିବାକୁ ଚାହୁଁଛନ୍ତି। କେତେ ଲୋକ କେତେ ଜାଗାକୁ ଶ୍ରୀଶ୍ରୀଠାକୁରଙ୍କୁ ନେଇଯିବାପାଇଁ ସନିର୍ବନ୍ଧ ଅନୁରୋଧ ଜଣାଇଛନ୍ତି, ଶ୍ରୀଶ୍ରୀଠାକୁରଙ୍କୁ ତାହା ସବିନୟେ ପ୍ରତ୍ୟାଖ୍ୟାନ କରିବାର ଦେଖିଛି, ଅଥଚ ସେ ନିଜେ ଚାହୁଁଛନ୍ତି ଆମ ଘରକୁ ଯିବାକୁ। ତେଣୁ ନିଜକୁ ମହା ଭାଗ୍ୟବାନ୍ ବୋଲି ମନେ କଲି।

ସଙ୍ଗେ ସଙ୍ଗେ ଟଙ୍କା ସଂଗ୍ରହ କରି ଶ୍ରୀଶ୍ରୀଠାକୁରଙ୍କର ବାଲ୍ୟବନ୍ଧୁ ନନୀଭାଇ(ପ୍ରମଥନାଥ ସାହାଚୌଧୁରୀ)ଙ୍କ ନିକଟରେ ସମସ୍ତଙ୍କର ଯିବାର ଭଡ଼ା ଦେଇ ଶ୍ରୀଶ୍ରୀଠାକୁରଙ୍କ ସମେତ ସମସ୍ତଙ୍କୁ ନେଇଯିବାକୁ କହିଲି ମୋର ନିଜ ଗାଁ ହରିଣାକୁଣ୍ଡୁ (ଯଶୋହର)କୁ। ଠିକ୍ ହେଲା, ସେମାନେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ୧୮ ଅକ୍ଟୋବର, ୧୯୧୮ରେ ଏଠୁ ବାହାରି ଆଲାମଡାଙ୍ଗା ରେଳ-ଷ୍ଟେସନରେ ପହଞ୍ଚିବେ। ସେଠାରୁ ହରିଣାକୁଣ୍ଡୁ ଗାଁ ପ୍ରାୟ ଏଗାର ମାଇଲ୍ ଦୂର। ଆମ ଗାଁର ଶ୍ରୀରାଧାବିନୋଦ ବସୁ ସେତେବେଳେ ଆଲାମଡାଙ୍ଗାରେ ବ୍ୟବସାୟ-ଉପଲକ୍ଷେ ସ୍ଥାୟୀଭାବେ ରହୁଥିଲେ। କୁଷ୍ଟିୟା-ଉତ୍ସବର କିଛିଦିନ ପୂର୍ବେ ସେ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରିଥିଲେ। ମୁଁ ଆଶ୍ରମରୁ ଗ୍ରାମାଭିମୁଖେ ଯାତ୍ରା କଲି। ବାଟରେ ଆଲାମଡାଙ୍ଗାରେ ରାଧାବିନୋଦ ସହିତ ଦେଖା କରି ତାକୁ ଶ୍ରୀଶ୍ରୀଠାକୁରଙ୍କର ଦଳବଳସହ ଆଗମନର ଶୁଭସମ୍ବାଦ ଜ୍ଞାପନ କଲି ଏବଂ କହିଲି, ସେ ଯେପରି ଷ୍ଟେସନ୍‌ରୁ ସମସ୍ତଙ୍କୁ ନେଇଯାଏ ଓ ଅନ୍ୟାନ୍ୟ ବ୍ୟବସ୍ଥାଦି ଯାହା କରିବା ଦରକାର ତାହା କରେ। ତାକୁ ଏଇସବୁ କଥା କହି ମୁଁ ଆମ ଘରକୁ ଚାଲିଗଲି।

ଷ୍ଟେସନ୍‌ରୁ ଗାଁକୁ ଯିବାପାଇଁ ଦିଟା ପାଲିଙ୍କି ଓ ଅନେକ ବଳଦଗାଡ଼ିର ବ୍ୟବସ୍ଥା କରାହୋଇଥିଲା, କାରଣ, ଆଲାମଡାଙ୍ଗାରୁ ହରିଣାକୁଣ୍ଡୁ ଯିବାର ରାସ୍ତା ସେତେବେଳେ ଅନ୍ୟ କୌଣସି ଯାନବାହନପାଇଁ ଉପଯୋଗୀ ନଥିଲା। ଯଥାସମୟରେ ଶ୍ରୀଶ୍ରୀଠାକୁର, ଅନନ୍ତ-ମହାରାଜ, ଗୋସାଇଁଦା, କିଶୋରୀଦା, ବୀରୁଦା, ଅଶ୍ୱିନୀଦା, ସତ୍ୟଦତ୍ତ, ସତୀଶ ଜୋୟାରଦାର ପ୍ରଭୃତି କୀର୍ତ୍ତନର ଦଳବଳସହ ଆଲାମଡାଙ୍ଗାରେ ପହଞ୍ଚିଲେ। ରାଧାବିନୋଦ ଷ୍ଟେସନ୍‌ରେ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ ଜଣାଇଲା। ସେଠାରେ କିଛି ଜଳଯୋଗ କରି ସମସ୍ତେ ବାହାରିଲେ ପାଦଚଲା ରାସ୍ତାରେ। କାରଣ, ଶ୍ରୀଶ୍ରୀଠାକୁର ପାଲିଙ୍କିରେ ବସିବାକୁ ମନାକଲେ। ସେ କହିଲେ— ମୋର ଚାଲିବାର ଅଭ୍ୟାସ ଅଛି, ମୁଁ ଚାଲିଚାଲି ହିଁ ଯିବି।

ସେତେବେଳେ ସମସ୍ତେ ତାଙ୍କ ସାଥିରେ ଚାଲିଚାଲି ଗଲେ। ବଳଦଗାଡ଼ି କେତେଟାରେ ସେମାନଙ୍କର ଜିନିଷପତ୍ର ବୋଝେଇକରି ଦିଆଗଲା। ଶ୍ରୀଶ୍ରୀଠାକୁରଙ୍କ ସହ ସମସ୍ତେ ରାସ୍ତା ସାରା କୀର୍ତ୍ତନ କରିକରି ଆମ ଘରେ ଆସି ପହଞ୍ଚିଲେ। ଜୟଢକ୍‌କା, କଂସାଳ, ଘଣ୍ଟା ଇତ୍ୟାଦି ବାଦ୍ୟ ସହ ଗାଁ ଗୋଟାକ ମୁଖରିତ ହୋଇଉଠିଲା, ସନ୍ଧ୍ୟାବେଳେ ଶାନ୍ତ-ସମାହିତ ଗ୍ରାମ୍ୟଜୀବନରେ ଗୋଟାଏ ପ୍ରବଳ ଆଲୋଡ଼ନ ସୃଷ୍ଟି ହେଲା। ଗ୍ରାମବାସୀ ସମସ୍ତେ ଛୁଟିଆସିଲେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାପାଇଁ, ସେମାନେ ପୂର୍ବରୁ ଶୁଣିଥିଲେ ଯେ ଶ୍ରୀଶ୍ରୀଠାକୁର ସେହି ଗାଁକୁ ଆସୁଛନ୍ତି ବୋଲି। ଅଳ୍ପ ସମୟ ଭିତରେ ଘରଟି ଜନାରଣ୍ୟରେ ପରିଣତ ହେଲା। ଶ୍ରୀଶ୍ରୀଠାକୁରଙ୍କର ଗୌରକାନ୍ତି, ଅପୂର୍ବ ସହାସ୍ୟ ବଦନମଣ୍ଡଳ, ସୁଠାମ ଦେହ, ଆଜାନୁଲମ୍ବିତ ବାହୁ ଓ ପ୍ରେମମୟ ଭାବ ଦର୍ଶନକରି କେହି ହଲିବାକୁ ଚାହୁଁ ନଥାନ୍ତି ସମସ୍ତେ ତାଙ୍କ ସହ ଆଳାପ କରିବାକୁ ଚାହୁଁଥାନ୍ତି। ସେମାନଙ୍କୁ ହାତଯୋଡ଼ି ନିବେଦନ କରି

କହିଲି— ବହୁ ପଥ ଅତିକ୍ରମ କରି ଶ୍ରୀଶ୍ରୀଠାକୁର ବର୍ତ୍ତମାନ ଶ୍ରାନ୍ତ, କ୍ଳାନ୍ତ, ତାଙ୍କୁ ଟିକିଏ ବିଶ୍ରାମ କରିବାକୁ ଦିଅନ୍ତୁ। ଆସନ୍ତାକାଲି ସକାଳେ ଆସିଲେ ତାଙ୍କସହ ଦେଖା ହେବ।

ତା'ପରଦିନ ଶନିବାର, କୋଜାଗରୀ ପୂର୍ଣ୍ଣିମା, କାର୍ତ୍ତିକ ୨ୟା, ଇଂରାଜୀ ୧୯ ଅକ୍ଟୋବର, ୧୯୧୮। ସକାଳପହରୁ ଦଳ ଦଳ ହୋଇ ଲୋକ ଆସି ସମବେତ ହେବାକୁ ଲାଗିଲେ। ଦଳେ ଦଳେ ବସି ଆଲୋଚନା କରି ଚାଲିଲେ। ମହାରାଜ, କିଶୋରୀଦା, ସତ୍ୟ ଦତ୍ତ, କେଷ୍ଟଦାସ ପ୍ରଭୃତି ଆଲୋଚନା କରିଚାଲିଲେ। ମଧ୍ୟାହ୍ନ ଅତୀତ ହେବାକୁ ବସିଲା, ତେବେବି ଆଲୋଚନା, ବାଦାନୁବାଦ, ତର୍କର ଝଡ଼ ଯେପରି ଆଉ ବନ୍ଦ ହେବାକୁ ନାରାଜ।

ଉପରବେଳା କିଶୋରୀଦା, ଗୋସାଇଁଦା ପ୍ରଭୃତି କୀର୍ତ୍ତନର ଦଳବଳସହ ଗ୍ରାମ-ପରିକ୍ରମାରେ ବାହାରିଲେ।

ସଂଧ୍ୟାବଧୂ ରୂପେଲି ଓଢ଼ଣିରେ ତା'ର ସର୍ବାଙ୍ଗ ଆବୃତ କରି ଧୀର ପଦକ୍ଷେପରେ ଧରଣୀ-ପୃଷ୍ଠରେ ଅବତରଣ କଲା। କୋଜାଗରୀ ପୂର୍ଣ୍ଣିମାରେ ଘରେ ଘରେ ଲକ୍ଷ୍ମୀପୂଜାର ଶଙ୍ଖ, ଘଣ୍ଟା ବାଜିଉଠେ। ପୂର୍ଣ୍ଣଚନ୍ଦ୍ରର ରୂପେଲି ଝରଣାର ପ୍ଲାବନ ବହିଯାଏ— ଆମ୍ବ, ପଣସ, ନଡ଼ିଆଗଛର ଶାଖା-ପ୍ରଶାଖାରେ। ସେଇସବୁ ଗଛର ପତ୍ରରାଜିର ମର୍ମର-ଧ୍ୱନିରେ ସତେ ଯେପରି କେଉଁ ଏକ ଗୋପନ ଭାଷାରେ ଆଲୋଚନା ଚାଲୁଥାଏ। ଘରର ସମ୍ମୁଖସ୍ଥ ପୁଷ୍କରିଣୀ ଜଳରେ ରୂପେଲି ରଶ୍ମି ପଡ଼ି ଚକ୍ ଚକ୍ କରୁଥାଏ। ଆଉ ଘରର ପାଖ ଦେଇ ଗୋଟିଏ ଛୋଟ ନାଳୀ ଅଙ୍କାବଙ୍କା ପଥରେ ତରତର ହୋଇ ବହିଚାଲିଛି ତରଳ ରୂପାର ସ୍ରୋତ ପରି। ଠିକ୍ ଏଇ ସମୟରେ ଗ୍ରାମ-ପରିକ୍ରମା ଶେଷ କରି ନାଳର ଧାର ଦେଇ କୀର୍ତ୍ତନିଆ ଦଳ ଆସି ଘରେ ପ୍ରବେଶ କଲେ।

ବାହାରେ ହଲ୍‌ଘର ଭିତରେ କୀର୍ତ୍ତନ ଆରମ୍ଭ ହେଲା। ଜୟଢକ୍‌କା, କଂସାଳ-ଘଣ୍ଟା ଧ୍ୱନିରେ, କୀର୍ତ୍ତନର ଉଲ୍ଲାସରେ, ହରିବୋଲ ଧ୍ୱନିରେ ଏବଂ ମାଆମାନଙ୍କର ହୁଳହୁଳି-ଧ୍ୱନିରେ ମନେ ହେଲା ଯେପରି ଘରର ଛାତ ଭାଙ୍ଗିପଡ଼ିବ। ଚତୁର୍ଦ୍ଦିଗରେ ଅସଂଖ୍ୟ ଜନତା ଘରେ ପଶି ନପାରି ସୋତ୍ସୁକ-ନୟନରେ ଅପେକ୍ଷମାଣ। କିଛିସମୟ ପରେ ଶ୍ରୀଶ୍ରୀଠାକୁର କୀର୍ତ୍ତନରେ ଆସି ଯୋଗଦେଲେ। ଭାବର ଅତିଶଯ୍ୟରେ ସମସ୍ତଙ୍କୁ ଛାତିରେ ଜଡ଼େଇ ଧରିବାକୁ ଲାଗିଲେ। ଅନୁଭୂତପୂର୍ବ ଶିହରଣରେ ସେମାନଙ୍କର ଦେହ-ମନ ପୁଲକିତ ହୋଇଉଠିଲା। ପରିପୂର୍ଣ୍ଣ ଯୌବନର ଅପରୂପ ରୂପ ନେଇ ଅନୁନୁକରଣୀୟ ମୋହନ ଭଙ୍ଗୀରେ ପ୍ରାଣର ଉଚ୍ଛଳ ପ୍ରାଚୁର୍ଯ୍ୟରେ— ସେ ଦୁଇବାହୁ ଟେକି ନାଚି ନାଚି ସମସ୍ତଙ୍କୁ ଆତ୍ମହରା କରିଦେଲେ। ତା'ପରେ ମହାରାଜଙ୍କ କାନ୍ଧରେ ଗୋଟାଏ ହାତରଖି ଆଉ ଏକ ହାତ ଉପରକୁ ଟେକି କୀର୍ତ୍ତନ କରିବାକୁ ଲାଗିଲେ। ପରେ ପୁଣି ମହାରାଜଙ୍କୁ ଛାଡ଼ିଦେଇ ଦୁଇବାହୁ ଟେକି ନୃତ୍ୟ କରୁ କରୁ ତାଙ୍କର ଦିବ୍ୟ ଶରୀର ବାହ୍ୟ ଚୈତନ୍ୟହୀନ ଓ ବିବଶ ହୋଇ ଶବ ପ୍ରାୟ ଢଳିପଡ଼ିଲା। ମହାରାଜ ଆସ୍ତେ ଧରି ତାଙ୍କୁ ମାଟିରେ

Scanned with CamScanner

ଶୁଆଇ ଦେଲେ। ସେତେବେଳେ ତାଙ୍କର ବଦନମଣ୍ଡଳ ଈଷତ୍ ଆରକ୍ତିମ ସ୍ୱର୍ଗୀୟ ବିଭାରେ ମଣ୍ଡିତ, କପାଳଟା ଦର୍ପଣ ପରି ଚିକ୍‌ଚିକ୍ କରୁଛି। ଶରୀର ନିଷ୍ପନ୍ଦ, ଡାହାଣ ପାଦର ବୁଢ଼ା ଆଙ୍ଗୁଠିଟା ଖାଲି ଥରଥର୍ କମ୍ପୁଛି। ଏହି ଅବସ୍ଥାରେ ଧୀର, ଉଦାତ୍ତ ସ୍ୱରରେ ବାଣୀ ନିର୍ଗତ ହେଲା—

"ଯାଉ, ଦେଖ! ତୁମେ ଠିଆହୁଅ! ତୁମେ ଯାଅନା। ତୁମେ ଚ୍ୟୁଲିଯାଅନା। ଧରନା ତାକୁ। ଧରନା ତାକୁ। ଛାଡ଼ିଦିଅ। ମୁଁ କହୁଛି ତାକୁ ଛାଡ଼ିଦିଅ।

"ବାପ୍‌ରେ ବାପ୍ କି ଭୀଷଣ ଅନ୍ଧକାର! ଦୁର୍ଭେଦ୍ୟ! ଆଉ ଯେ ପଶିପାରୁ ନାହିଁ! କିଏ ଅଛ? ବିରାଟ୍ ଅନ୍ଧକାର! କାହାରି ବି ସ୍ୱର ନାହିଁ। କାହାରି ବି ଶବ୍ଦ ନାହିଁ। କେବଳ ଘୋର ଅନ୍ଧକାରର ସ୍ତୂପ। ଇଏ କ'ଣ! ଆଉ କିଛି ହିଁ ତ ଦେଖିପାରୁ ନାହିଁ। ସବୁ ହଜିଗଲା। ଯାହାକିଛି ସବୁ ଚ୍ୟୁଲିଯାଏ। ଆଉ କିଛି ହିଁ ରହେନାହିଁ। ଏ ଯେ ସମସ୍ତ ସତ୍ତା ମିଳେଇ ଯାଉଛି। ନିଦ। ଏ ନିଦରେ ଚେଇଁରହିବା କଷ୍ଟକର। ସବୁ ନିଦେଇଯାଉଛି। ସେ ନିଦ ମଧୁର ବରଂ..." ଇତ୍ୟାଦି।

ପ୍ରଥମ ଅଂଶଟି କାହାକୁ ଲକ୍ଷ୍ୟ କରି କହୁଛନ୍ତି ତାହା ବୁଝାଗଲା ନାହିଁ। ସାଧକ ସାଧନାବଳରେ ଊର୍ଦ୍ଧ୍ୱତର-ଲୋକକୁ ଅଗ୍ରସର ହେବା ସମୟରେ ପ୍ରତ୍ୟେକ ମଣ୍ଡଳର ଶେଷ ସୀମାରେ ଗୋଟିଏ ତମସାର ସ୍ତର ଅତିକ୍ରମ କରିବାକୁ ହୁଏ। ଏହିପରି ଆହୁରି ଊର୍ଦ୍ଧ୍ୱତର-ଲୋକକୁ ଅଗ୍ରସର ହେବା ସମୟରେ ସତ୍ୟଲୋକରେ ଓଁକାର ଶବ୍ଦ ଶ୍ରୁତ ହୁଏ। ତା'ପରେ ଏବଂ ବଂଶୀ-ଶବ୍ଦ ଶୁଣାଯିବା ପୂର୍ବରୁ ଗଭୀର ତୀବ୍ର ତମସାଚ୍ଛନ୍ନ ସ୍ତର ପାରି ହେବାକୁ ପଡ଼େ। ତାକୁ ସନ୍ତଗଣ "ତିମିରଖଣ୍ଡ" ବୋଲି ବର୍ଣ୍ଣନା କରିଛନ୍ତି। ଶ୍ରୀଶ୍ରୀଠାକୁର ଅନ୍ୟ ସ୍ଥାନରେ ଏ ବିଷୟରେ କହିବାକୁ ଯାଇ କହିଛନ୍ତି— "ଅନ୍ଧାର-ବୋଧ ମଧ୍ୟ ଯେପରି ସେତେବେଳେ ଅନ୍ଧକାରାଚ୍ଛନ୍ନ ହୋଇଉଠେ।" ଭାବବାଣୀର ଶେଷୋକ୍ତ ବର୍ଣ୍ଣନାଟି ସେଇ ତିମିରଖଣ୍ଡର ବର୍ଣ୍ଣନା। ଭାବାବସ୍ଥାରେ ସେ ସେଇ ସ୍ତର ପାରିହୋଇ ଚ୍ୟୁଲିଛନ୍ତି ଏବଂ ତା'ବିଷୟରେ କହୁଛନ୍ତି।

ପରଦିନ ସକାଳୁ ସେଇ ହଲ୍‌ଘରେ ଅନେକ ଲୋକ ସମବେତ ହେବାକୁ ଲାଗିଲେ। ନାନାପ୍ରକାର ଆଲୋଚନା ଚ୍ୟୁଲିଲା। ଅନେକେ ଦୀକ୍ଷା ମଧ୍ୟ ନେଲେ। ଗ୍ରାମର ଜମିଦାରୀ-କାର୍ଯ୍ୟାଳୟର ନାଏବ ସୁଶିକ୍ଷିତ ଶ୍ରୀଯତୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସିଲେ। ଗୋଟିଏ ଦୁଇଟି ପ୍ରଶ୍ନ ଶ୍ରୀଶ୍ରୀଠାକୁରଙ୍କୁ ପଚ୍ୟୁରିଲେ। ଉପସ୍ଥିତ ଭଦ୍ରଲୋକମାନଙ୍କ ମଧ୍ୟରେ ଜଣେ ନାଏବ-ମହାଶୟଙ୍କୁ ଦେଖାଇ କହିଲେ— ସେ ବେଶ୍ ଭଲ ଗୀତ ଗାଇପାରନ୍ତି।

ଶ୍ରୀଶ୍ରୀଠାକୁର ସେତେବେଳେ ନାଏବ-ମହାଶୟଙ୍କ କୋଳରେ ମୁଣ୍ଡରଖି ଶୋଇଥିଲେ। ନାଏବ-ମହାଶୟଙ୍କ ଆଡ଼କୁ ଚ୍ୟୁହିଁ କହିଲେ— ଗୋଟିଏ ଗୀତ ଗାଇ ଶୁଣାଇବେ କି ଦାଦା?

'ହଁ ! ନିଶ୍ଚୟ' ଏହା କହି କିଛିସମୟ ପରେ ସେ ଶ୍ରୀଶ୍ରୀଠାକୁରଙ୍କୁ ଗୀତ ଗାଇ ଶୁଣାଇଲେ। ଭଗବଦ୍-ବିଷୟକ ଗୀତ— ଗୀତର କେତେଟା ଧାଡ଼ି ଏବେ ଆଉ ମନେ ନାହିଁ। ଶ୍ରୀଶ୍ରୀଠାକୁର ସେତେବେଳେ ତାଙ୍କ କୋଳରୁ ଉଠି ଗୋଟାଏ ତକିଆରେ ମୁଣ୍ଡ ରଖି ଗୀତ ଶୁଣିବାକୁ ଲାଗିଲେ। ଗାୟକର ସୁମିଷ୍ଟ ସ୍ୱର ଏବଂ ଭଗବଦ୍-ବିଷୟରେ ତଦ୍‌ଗତଚିତ୍ତତା ସମସ୍ତଙ୍କୁ ମୋହିତ କରିଦେଲା। ଶ୍ରୀଶ୍ରୀଠାକୁରଙ୍କର ମଧ୍ୟ ନିବିଷ୍ଟ ମନରେ ଗୀତ ଶୁଣୁ ଶୁଣୁ ଭାବାନ୍ତର ଉପସ୍ଥିତ ହେଲା। ପ୍ରଥମେ ମୁଣ୍ଡଟା ଏପଟ-ସେପଟ ହେବାକୁ ଲାଗିଲା, ତା'ପରେ ତାହା ଥମିଗଲା। ଦେହ ସ୍ଥିର ଅଚଞ୍ଚଳ ହୋଇ ଆସିଲା। ମହାରାଜ ଖୁବ୍ ଶୀଘ୍ର ଆସି ମୁଣ୍ଡତଳୁ ତକିଆଟା ହଟେଇଦେଲେ। ସେ ଧୀରେ ଧୀରେ ସମାଧିସ୍ଥ ହୋଇପଡ଼ିଲେ। ଡାହାଣପାଦର ବୁଢ଼ାଆଙ୍ଗୁଠିଟା ଥରଥର କରି କମ୍ପିବାକୁ ଲାଗିଲା। ତା'ପରେ ମେଘ-ଗମ୍ଭୀର ସ୍ୱରରେ ବାଣୀ ନିର୍ଗତ ହେଲା—

"ତାହା ଏକପ୍ରକାର ସ୍ୱ-ଅସ୍ତିତ୍ୱର ଅନନ୍ତତ୍ୱ। ଆତ୍ମାଠାରୁ ଇଚ୍ଛା— Existence— 'ସ୍ୱ'ର କ୍ରମନିଦ୍ରା କ୍ରମଜାଗରଣ ସୋଽହଂ ପୁରୁଷ। ଅବିନ୍ଦୁର ବ୍ୟାପ୍ତିର ବିରୋଧ ହୁଏ ନାହିଁ... ଯେତେବେଳେ ହିଁ ମୋର ଜୀବବୋଧ ହୁଏ, ମୁଁ ମୁକ୍ତ, ମୁଁ ବଦ୍ଧ। ଯଦି ଖେଳ ଭୁଲିବାକୁ ଚ୍ୟୁହଁ, ମୁକ୍ତ-ବଦ୍ଧର ସେପାରେ ଯାଅ। ଆଉ ଯଦି ଜୀବନ୍ମୁକ୍ତ ହେବାକୁ ଚ୍ୟୁହଁ ତେବେ ସ୍ମରଣ କର ତୁମେ ଚୈତନ୍ୟ, ମୁକ୍ତ-ଚୈତନ୍ୟ ତୁମରି ଭିତରେ।"... ଇତ୍ୟାଦି।

ସମାଧି-ଭଙ୍ଗର ପୂର୍ବାବସ୍ଥାରେ କହିଉଠିଲେ— "ମୁଁ ପାଣି ପିଇବି ରେ, ପାଣି ପିଇବି।"

ମହାରାଜ ଗୋଟିଏ ତମ୍ବାପାତ୍ରରେ ପାଣି ନେଇ ଦେଲେ। ସେତେବେଳେ ସମୟ ବି ଅଧିକ ହୋଇଥିଲା। ସମାଧି-ଭଙ୍ଗ ପରେ ଜଣ ଜଣ କରି ସମସ୍ତେ ବିଦାୟ ନେଲେ।

ଲିପିବଦ୍ଧ ଭାବବାଣୀସମୂହର ପ୍ରଥମ ବାଣୀ ୧୩୨୧ ମସିହା ୩୧ ଜ୍ୟେଷ୍ଠ, ରାତ୍ରି ଦୁଇଟା ସମୟରେ ହୁଏ। ସେ ସମୟରେ ଶ୍ରୀଶ୍ରୀଠାକୁର ଅନନ୍ତ-ମହାରାଜଙ୍କ ଘରେ ଚେୟାରରେ ଉପବିଷ୍ଟ ଅବସ୍ଥାରେ ନିଜେ ଗୀତ ବୋଲୁ ବୋଲୁ ସମାଧିସ୍ଥ ହୋଇପଡ଼ନ୍ତି। ଇତିପୂର୍ବେ ଯେଉଁ କେତେଦିନ ଶ୍ରୀଶ୍ରୀଠାକୁରଙ୍କର ଭାବସମାଧି ଦେଖିଛି, ତାହା କୀର୍ତ୍ତନକାଳୀନ ହିଁ ହୋଇଛି, ଅନ୍ୟର ଗୀତ ଶୁଣୁ ଶୁଣୁ ସମାଧିସ୍ଥ ହୋଇଛନ୍ତି କି ନା ଜଣା ନାହିଁ।

ଶ୍ରୀଶ୍ରୀଠାକୁର ଆମ ଗ୍ରାମରୁ ଚ୍ୟୁଲି ଆସିବାର ଠିକ୍ ଆଗଦିନ ଗାଁର କେତେଜଣ ପୁରୁଖା ଅଭିଜ୍ଞ ଲୋକ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଗୋଟିଏ ନିବେଦନ ନେଇ ଉପସ୍ଥିତ ହେଲେ। ସେମାନଙ୍କ ସାଥୀରେ ନାଏବ ଯତୀନ୍ଦ୍ର ଭଟ୍ଟାଚାର୍ଯ୍ୟ ମହାଶୟ ମଧ୍ୟ ଥିଲେ।

ସେମାନେ କହିଲେ— "ଏଇ ଗାଁ ପାଖରେ ଜୋଡ଼ାଦହ ଗ୍ରାମରେ ଗୋଟିଏ ହାଇସ୍କୁଲ୍ ଥିଲା, ତାହା ଉଠି ଯାଇଥିଲା, କେବଳ ସ୍କୁଲ୍ ଘରଟି ଛଡ଼ା ତା'ର ଆଉ କିଛି ହିଁ ନଥିଲା। ନା ଥିଲେ ଶିକ୍ଷକ, ନା ଥିଲେ ଛାତ୍ର। ସେଇ ସ୍କୁଲ୍‌ଟିର ପୁନଃ-ପ୍ରତିଷ୍ଠାପାଇଁ ଗାଁ ଗାଁରେ ସୁଶୀଲ୍ ବି.ଏ. ପାସ୍ କରି ହିଁ ଗାଁକୁ ଆସି ତା'ର ଦାୟିତ୍ୱଭାର ଗ୍ରହଣ କରେ।

Scanned with CamScanner

ମିଟିଂ କରି ଛାତ୍ର ଯୋଗାଡ଼ କଲା, ଅର୍ଥ ଯୋଗାଡ଼ କଲା । କେତେ ବର୍ଷ ଧରି ସ୍କୁଲର କୌଣସି ଛାତ୍ର ପାସ୍ କରିନଥିଲେ । ତେଣୁ ସ୍କୁଲଟି ବିଶ୍ୱ ବିଦ୍ୟାଳୟର ଅନୁମୋଦନ ପାଇବାରୁ ବଞ୍ଚିତ ହୁଏ । ସ୍କୁଲର ଦାୟିତ୍ୱ ନେଇ ସେ ନିଜେ ହେଡ୍‌ମାଷ୍ଟର୍ ହୋଇ ଛାତ୍ରମାନଙ୍କୁ ପଢ଼ାଇ ସେ ବର୍ଷର ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ କେତେ ଜଣ ଛାତ୍ରଙ୍କୁ ପ୍ରବେଶିକା ପରୀକ୍ଷାରେ ଭଲଭାବେ ଉତ୍ତୀର୍ଣ୍ଣ କରାଏ । ତା'ପରେ ବିଶ୍ୱବିଦ୍ୟାଳୟ ଯାଇ ଦରଖାସ୍ତ କରି ବିଶ୍ୱବିଦ୍ୟାଳୟର ଅନୁମୋଦନ ନେଇଆସେ । ସଙ୍ଗେ ସଙ୍ଗେ ଇନ୍‌ସ୍‌ପେକ୍ଟର-ଅବ୍-ସ୍କୁଲ୍‌ସ୍‌ଙ୍କୁ ଧରି 'ଗ୍ରାଣ୍ଟ୍ ଇନ୍ ଏଡ୍‌'ର ବ୍ୟବସ୍ଥା କରେ ଏବଂ ଭବିଷ୍ୟତରେ ଯେପରି ମ୍ୟାନେଜିଂ କମିଟିରେ କୌଣସି ଗୋଳମାଳ ନ ହୁଏ, ସେଥିପାଇଁ ମହକୁମା ହାକିମ ବି.କେ.ବସୁ, ଆଇ.ସି.ଏସ୍.ଙ୍କୁ ଧରି ତାଙ୍କୁ ସଭାପତି କରି ମ୍ୟାନେଜିଂ କମିଟିର ପୁନର୍ଗଠନ କରି ସ୍କୁଲ୍‌କୁ ସ୍ଥାୟୀଭାବେ ଠିଆ କରେଇଦିଏ ।

''ବର୍ଷକ ଭିତରେ ସେ ଏଇସବୁ କାମ ଶେଷ କରି ଏମ.ଏ. ଏବଂ ଲ' ପଢ଼ିବାପାଇଁ କଲିକତା ଚାଲିଯାଏ । ସେ ସ୍କୁଲଟି ଏବେ ଭଲଭାବେ ଚାଲିଛି । ତା'ର ଏଇ କାମ ଦେଖି ଆମେ ଆଶାନ୍ୱିତ ଯେ ସେ ଗାଁରେ ରହିଲେ ତା'ଦ୍ୱାରା ଗାଁର ବହୁ ଉନ୍ନତିକର କାର୍ଯ୍ୟ ସାଧିତ ହେବ । ତା'ଛଡ଼ା ତା'ର ବାପା ଏଇ ଗାଁ ଓ ପାର୍ଶ୍ୱବର୍ତ୍ତୀ ଗାଁ ଗୁଡ଼ିକର ଲୋକମାନଙ୍କର ଆପଦ ବିପଦର ଆଶ୍ରୟଥିଲେ । ଗରିବ ଛାତ୍ରମାନଙ୍କର ଲେଖାପଢ଼ାର ସୁବିଧା ସୁଯୋଗ କରିଦେବା, କନ୍ୟାଦାୟଗ୍ରସ୍ତ ଲୋକଙ୍କୁ କନ୍ୟାଦାୟରୁ ଉଦ୍ଧାର କରିବା, ବେକାର ଯୁବକମାନଙ୍କର କର୍ମସଂସ୍ଥାନ କରିଦେବା, କ୍ଷୁଧିତକୁ ଅନ୍ନଦାନ ପ୍ରଭୃତି ସତ୍‌କର୍ମ ହିଁ ଥିଲା ତା'ର ବାପାଙ୍କର ଜୀବନର ବ୍ରତ । ତାଙ୍କ ପୁଅ ପାଖରୁ ମଧ୍ୟ ଆମେ ଗ୍ରାମବାସୀଗଣ ଅନେକ କିଛି ଆଶା ରଖିଛୁ । ସେ ଗାଁ ଛାଡ଼ି ଆପଣଙ୍କ ପାଖକୁ ଚାଲି ଯାଇଛି, ତା'କୁ ଫେରି ପାଇବାପାଇଁ ଆପଣଙ୍କ ପାଖରେ ଆବେଦନ ଜଣାଇବାକୁ ଆସିଛୁ ।''

ସେମାନଙ୍କର ବକ୍ତବ୍ୟ ଶୁଣି ଶ୍ରୀଶ୍ରୀଠାକୁର କହିଲେ— ଏ ବିଷୟରେ ମୋର ଆଉ କ'ଣ କହିବାର ଅଛି! ସୁଶୀଲଦା ନିଜେ ହିଁ ଏ ବିଷୟରେ ଯାହାକିଛି ସ୍ଥିର କରି ଆପଣମାନଙ୍କୁ କହିବେ ।

ସେମାନେ ଚାଲିଯିବା ପରେ ଶ୍ରୀଶ୍ରୀଠାକୁର ମୋତେ କହିଲେ— ସେମାନେ ଏଇସବୁ କଥା କହୁଥିଲେ । ଆପଣ କ'ଣ କରିବେ?

ମୁଁ କହିଲି— ମୋର ଯାହା କହିବା କଥା ତାହା ତ ଆପଣଙ୍କୁ ଆଗରୁ ହିଁ କହିଛି । ବର୍ତ୍ତମାନ ନୂଆ କରି କହିବାର ଆଉ କ'ଣ ଅଛି?

ସେତେବେଳେ ଶ୍ରୀଶ୍ରୀଠାକୁର ମୋତେ କହିଲେ— ତା'ହେଲେ ସେମାନଙ୍କୁ କହିଦେବେ— ବାପା ଯେଉଁସବୁ କାମ କରିଯାଇଛନ୍ତି ତା'ର ପୁନରାବୃତ୍ତି ନ କରି, ତା' ପରର କାମ ତ ପୁଅର ଆରମ୍ଭ କରିବା କର୍ତ୍ତବ୍ୟ । (ଶାସ୍ତ୍ରରେ ଅଛି ''ଅଥାତୋ ବ୍ରହ୍ମଜିଜ୍ଞାସା'' ଅର୍ଥାତ୍ ସତ୍‌କର୍ମାଦି ପରେ ବ୍ରହ୍ମଜିଜ୍ଞାସା ଆସେ ।)

ଯେଉଁ କେତେଦିନ ଶ୍ରୀଶ୍ରୀଠାକୁର ଆମର ସେଠି ଥିଲେ ସବୁ ସମୟରେ ଲୋକ ସମାରୋହ ଲାଗି ରହିଥିଲା । ଗାଁ ଖଣ୍ଡିକ କୀର୍ତ୍ତନ କଳରବରେ ସର୍ବଦା ମୁଖରିତ ହେଉଥିଲା । ୧୮ ଅକ୍ଟୋବର ଦିନ ଶ୍ରୀଶ୍ରୀଠାକୁର ଦଳବଳସହ ଆସିଥିଲେ ଆଉ ୨୬ ଅକ୍ଟୋବରର ସକାଳୁ ସକାଳୁ ଖିଆପିଆ ଶେଷ କରି ସମସ୍ତେ ପାଦରେ ଚାଲି ଚାଲି ଯାତ୍ରା କଲେ ଆଲାମଡାଙ୍ଗା ଷ୍ଟେସନ୍ ଅଭିମୁଖେ ।

ହରିଣାକୁଣ୍ଡୁ ଗାଁଟି ଗୋଟିଏ ଅତି ପ୍ରାଚୀନ ଗଣ୍ଡଗ୍ରାମ । ବ୍ରାହ୍ମଣ, କାୟସ୍ଥ, ବୈଦ୍ୟ ପ୍ରଭୃତି ବହୁଲୋକଙ୍କର ବସବାସ ଏଇ ଗାଁରେ । ପଦବୀ ଅନୁସାରେ ଗାଁଟି ବିଭିନ୍ନ ପଡ଼ାରେ ବିଭକ୍ତ, ଯେପରି ବୋସ୍ ପଡ଼ା, ରାୟ ପଡ଼ା, ଜୋୟାର୍‌ଦାର ପଡ଼ା, ବାଁଡୁଜ୍ୟେ ପଡ଼ା ଇତ୍ୟାଦି । ଶ୍ରୀଶ୍ରୀଠାକୁର ଯିବାର ଅବ୍ୟବହିତ ପୂର୍ବେ ସମସ୍ତ ପଡ଼ାର ଆବାଳବୃଦ୍ଧବନିତା ଆମ ଘରେ ଆସି ସମବେତ ହେଲେ । ଏଇ କେତେଦିନ ଗାଁରେ ରହିବାଦ୍ୱାରା ସମସ୍ତେ ଯେପରି ତାଙ୍କର ଆପଣାର ଲୋକ ହୋଇଯାଇଥିଲେ । ସମସ୍ତଙ୍କ ପାଖରୁ ସେ ଛଳ ଛଳ ଆଖିରେ କରଯୋଡ଼ି ବିଦାୟ ନେଲେ । ସମବେତ ସମସ୍ତଙ୍କର ଆଖିରେ ପାଣି ଜମିଆସିଲା— ଯେପରି ଏକାନ୍ତ ଆପଣାର ଲୋକ ସୁଦୂର କେଉଁ ଦେଶକୁ ଚାଲିଯାଉଛନ୍ତି । ଯିବା ସମୟରେ ମୋ' ସ୍ତ୍ରୀ ରାଣୀକୁ ଡାକି କହିଲେ— ଶୀଘ୍ର ଆସିବୁ ତ?

ସେ ମୁଣ୍ଡ ହଲେଇ ସମ୍ମତି ଜଣାଇଲା ।

□□□

ବରାହନଗର ଓ ନୈହାଟି

ଶରତ୍‌ଚନ୍ଦ୍ର ଦେ ଥିଲେ ଠାକୁର ହରନାଥଙ୍କର ଶିଷ୍ୟ । ଠାକୁର ହରନାଥ କଲିକତା ଆସିଲେ ଶରତ୍ ଦେର ଘର ମାଣିକତଲାରେ ଆସି ରହୁଥିଲେ । ଶରତ୍ ଦେଙ୍କର ବରାହନଗରରେ ଗଙ୍ଗା ନଦୀର ଧାରରେ ଗୋଟାଏ ପ୍ରକାଣ୍ଡ ଉଦ୍ୟାନ ଶୋଭିତ ପ୍ରମୋଦଭବନ(ବାଗାନବାଡ଼ୀ) ଥିଲା । ସେ ଥରେ ବୀରୁଦାଙ୍କୁ ଅନୁରୋଧ କରନ୍ତି— ଶ୍ରୀଶ୍ରୀଠାକୁର କଲିକତା ଆସିଲେ ମୋର ବରାହନଗରସ୍ଥିତ ଘରେ ଯଦି ଦଳବଳସହ ରହନ୍ତି ତାହାହେଲେ ମୁଁ ଧନ୍ୟ ହେବି । ଦୟାକରି ମୋର ଏଇ ଅନୁରୋଧ ତାଙ୍କୁ ଜଣାଇବେ ।

ବୀରୁଦା ଶ୍ରୀଶ୍ରୀଠାକୁରଙ୍କୁ ଏ କଥା କହିବାରୁ ସେ ରାଜୀ ହେଲେ । ଠିକ୍ ହେଲା— ହରିଣାକୁଣ୍ଡୁରୁ ଫେରିବା ବାଟରେ ଆଲାମଡାଙ୍ଗାରୁ ସିଧା ବରାହନଗର ଯିବେ । ହରିଣାକୁଣ୍ଡୁରୁ ଆଲାମଡାଙ୍ଗା ରେଳ ଷ୍ଟେସନରେ ପହଞ୍ଚି ଅନନ୍ତ-ମହାରାଜ, କିଶୋରୀଦା, ଗୋସାଇଁଦା ଓ କୀର୍ତ୍ତନର ଦଳବଳ ସମସ୍ତେ ପ୍ରଥମେ ଯେଉଁ ଟ୍ରେନ୍ ପାଇଲେ ସେଇ ଟ୍ରେନ୍‌ରେ କଲିକତା ଯାତ୍ରା କଲେ ଏବଂ ବରାହନଗରସ୍ଥିତ ଶରତ୍ ଦେଙ୍କର ପ୍ରମୋଦଭବନରେ ଯାଇ ହାଜର ହେଲେ ।

ଶ୍ରୀଶ୍ରୀଠାକୁର, ଶାକ୍ୟସିଂହ ସେନ୍, ରାଧାବିନୋଦ ଏଇ ତିନିଜଣ ରାଧାବିନୋଦର ଆଲାମଡାଙ୍ଗାସ୍ଥିତ ଗୋଲାଘରେ ରହିଗଲେ । ପରଦିନ ସେ ତିନିଜଣ କଲିକତା ଯାତ୍ରାକଲେ ଏବଂ ବରାହନଗର ସ୍ଥିତ ଶରତ୍ ଦେଙ୍କ ପ୍ରମୋଦଭବନରେ ଯାଇ ସମସ୍ତଙ୍କ ସାଥୀରେ ମିଳିତ ହେଲେ । ଶରତ୍ ଦେ-ମହାଶୟ ସମସ୍ତଙ୍କର ରହିବା ଓ ଖାଇବାର ଯଥୋପଯୁକ୍ତ ବ୍ୟବସ୍ଥା କରିଥିଲେ ଏବଂ ଯେଉଁ କେତେଦିନ ଶ୍ରୀଶ୍ରୀଠାକୁର ସେଠାରେ ଥିଲେ ସେ କେତେଦିନ କଲିକତାରୁ ଆସି ତାଙ୍କ ଶ୍ରୀଚରଣରେ ସଭକ୍ତି ପ୍ରଣାମ ନିବେଦନ କରି ଯାଉଥିଲେ । ସେତେବେଳେ ତୁମୁଳ କୀର୍ତ୍ତନାନନ୍ଦରେ ସମଗ୍ର ପ୍ରମୋଦଭବନଟି ମୁଖରିତ ରହୁଥିଲା ।

ଶରତ୍ ଦେଙ୍କର ପ୍ରମୋଦଭବନରେ ଅବସ୍ଥାନ କାଳୀନ ଦିନକର ଘଟଣା । ରାଧାବିନୋଦ ସାରାଦିନ କୀର୍ତ୍ତନ ପରେ ପରିଶ୍ରାନ୍ତ ହୋଇ ପ୍ରମୋଦଭବନରେ ଶୋଇପଡ଼ିଛି ।

ତା' ପାଦରେ ଖୁବ୍ ବ୍ୟଥା ହେଉଛି । ସେ ମନେ ମନେ ଭାବୁଛି— କେହି ଯଦି ତା'ର ପାଦଦିଟା ଟିକିଏ ଚିପି ଦିଅନ୍ତା, ତାହାଲେ ଖୁବ୍ ଭଲ ହୁଅନ୍ତା । ଏହିପରି ଚିନ୍ତା କରୁ କରୁ ସେ ଶୋଇପଡ଼ିଲା । ହଠାତ୍ ନିଦ ଭାଙ୍ଗିଯିବା ପରେ ସେ ଦେଖିଲା ଯେ ଶ୍ରୀଶ୍ରୀଠାକୁର ତା'ର ପାଦତଳେ ବସି ତା'ର ପାଦ ଦିଟା ଚିପି ଦେଉଛନ୍ତି । ସେ ଦେଖି ଚମକିତ ହୋଇ ଉଠିବସି ଶ୍ରୀଶ୍ରୀଠାକୁରଙ୍କୁ କହିଲା— "ଆପଣ ଇଏ କ'ଣ କରୁଛନ୍ତି, ଏଥିଦ୍ୱାରା ଯେ ମୋର ମହା ଅପରାଧ ହେବ !"

ଶ୍ରୀଶ୍ରୀଠାକୁର— "ତୋର ପାଦ ଘୋଳିମୋଳି ହେଉଥିଲା କି ନାହିଁ, ସେଇଥିପାଇଁ !" ଏକଥା କହି ଉଠିଗଲେ ।

ଶରତ୍ ଦେଙ୍କର ପ୍ରମୋଦଭବନରେ ପାଞ୍ଚଦିନ ଅବସ୍ଥାନ କରି ଶ୍ରୀଶ୍ରୀଠାକୁର କେତେଜଣ ଭକ୍ତ ସହ ନୈହାଟିରେ ତାଙ୍କର ଅମିୟ ଶଶୀଭୂଷଣ ଚକ୍ରବର୍ତ୍ତୀ-ମହାଶୟଙ୍କର ବସାରେ ଆସି ପହଞ୍ଚିଲେ;— କୀର୍ତ୍ତନର ଦଳବଳସହ ଆଉ ସମସ୍ତେ ପାବନା ଅଭିମୁଖେ ଯାତ୍ରା କଲେ । ନୈହାଟିରେ ମଧ୍ୟ ଅନେକେ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି । ସେମାନଙ୍କ ମଧ୍ୟରେ କଲିକତାର ସୁପ୍ରସିଦ୍ଧ ହୋମିଓପ୍ୟାଥ୍ ଡା. ହରିଚରଣ ମୁଖୁର୍ଜ୍ୟା, ପଣ୍ଡିତଙ୍କ ଯୋଗେନ ସେନ ପ୍ରଭୃତି ଥିଲେ ।

❑❑❑

Scanned with CamScanner

ସନ୍ନ୍ୟାସିନୀ

ଏଇ ସମୟରେ ଜଣେ ଗୈରିକବାସ ପରିହିତା ସନ୍ନ୍ୟାସିନୀ ସେଠାରେ ଆସି ଉପସ୍ଥିତ ହୁଏ । ସେ ବରାହନଗର ପ୍ରମୋଦଭବନରେ ମଧ୍ୟ ଉପସ୍ଥିତ ଥିଲା । ସେ ନିଜର ନାମ ହରିଦାସୀ ଦେବୀ ବୋଲି ପରିଚୟ ଦିଏ ଏବଂ ଶରତ୍ ଦେ-ମହାଶୟ ପ୍ରଭୃତିଙ୍କର ସୁପରିଚିତା ବୋଲି କୁହେ ।

ଶ୍ରୀଶ୍ରୀଠାକୁର ସତୀଶ ଜୋୟାରଦାରଙ୍କୁ ଡାକି କହିଲେ— ସନ୍ନ୍ୟାସିନୀ-ମା ଏଠିକି ଆସିଲେ କାହିଁକି ପଚାରନ୍ତୁ ତ ।

ସତୀଶଦାଙ୍କର ପ୍ରଶ୍ନର ଉତ୍ତରରେ ସେଇ ମା' କହିଲେ— ତୁମମାନଙ୍କର ଠାକୁର ଚାଲିଆସିବାରୁ ମନଟା କେମିତି ହେଇଗଲା, ପ୍ରାଣଟା କିପରି ଛଟପଟ ହେବାକୁ ଲାଗିଲା । ତେଣୁ ଏଠିକି ଚାଲିଆସିଲି ।

ସେଇ ସନ୍ନ୍ୟାସିନୀ-ମା' ଦେଖିବାକୁ ଶ୍ୟାମବର୍ଣ୍ଣା ହେଲେ ମଧ୍ୟ ଲାବଣ୍ୟବତୀ ଯୁବତୀ, ଅତ୍ୟନ୍ତ ବୁଦ୍ଧିମତୀ ଏବଂ ସଂଗୀତରେ ପାରଦର୍ଶିନୀ ଥିଲା । ନୈହାଟିରୁ ଆମେ ଯେତେବେଳେ ପାବନା ଯିବାକୁ ପ୍ରସ୍ତୁତ ହେଲୁ ସେତେବେଳେ ସେଇ ସନ୍ନ୍ୟାସିନୀ କୌଣସିପ୍ରକାରେ ଆମର ସଙ୍ଗ ପରିତ୍ୟାଗ କରିବାକୁ ରାଜୀ ହେଲା ନାହିଁ । ସେତେବେଳେ ଶ୍ରୀଶ୍ରୀଠାକୁର ସତୀଶଦାଙ୍କୁ ଡାକି କହିଲେ— ସେ ଯଦି କୁଷ୍ଟିୟାରେ ଆପଣଙ୍କ ପାଖରୁ ହୋମିଓପ୍ୟାଥି ଶିକ୍ଷା କରି ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଡାକ୍ତରି କରିବାକୁ ରାଜୀ ଥାଏ, ତେବେ ଯାଇପାରେ । ସନ୍ନ୍ୟାସିନୀ ସେଇ ପ୍ରସ୍ତାବରେ ରାଜୀ ହୋଇ କୁଷ୍ଟିୟା ଆସି ସତୀଶଦାଙ୍କ ବସାରେ ପହଞ୍ଚିଲା, କିନ୍ତୁ ଶତୀଶଦାଙ୍କ ବସାରେ ମାତ୍ର ଦିନେ ରହି ହିମାଇତପୁର-ଆଶ୍ରମକୁ ଚାଲିଆସିଲା ।

ପ୍ରଥମେ ସେ ଖୁବ୍ ଭକ୍ତର ଭାବ ଦେଖାଉଥିଲା । ଶେଷରେ ଦିନେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଗୋପନରେ ପ୍ରକାଶ କରେ ଯେ ସେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି କାମଭାବରେ ଆସକ୍ତା । ଶ୍ରୀଶ୍ରୀଠାକୁର ତାକୁ ମା' ବୋଲି ଡାକୁଥିଲେ ଏବଂ ତାକୁ ମାତୃଭାବରେ ଅନୁପ୍ରାଣିତା କରିବାକୁ ବିଶେଷଭାବେ ଚେଷ୍ଟା କରୁଥିଲେ । ଦିନେ ଗଭୀର ରାତ୍ରିରେ ଶ୍ରୀଶ୍ରୀଠାକୁର ତାଙ୍କ କୁଟୀରରେ ନିଦ୍ରିତ ଥିଲେ । ସେଇ ସମୟରେ ସେଇ ସନ୍ନ୍ୟାସିନୀ ନିର୍ଜନ ଅନ୍ଧକାରରେ ସମସ୍ତଙ୍କ ଅଜ୍ଞାତରେ କୁଟୀରରେ ପ୍ରବେଶ କରି ଶ୍ରୀଶ୍ରୀଠାକୁରଙ୍କର ଶେଯ ଉପରକୁ ଉଠି

ତାଙ୍କ ଦେହ ଉପରେ ପଡ଼ି ଆଲିଙ୍ଗନ କରିବାକୁ ଉଦ୍ୟତ ହୁଅନ୍ତେ ସୁପ୍ତୋତ୍‌ଥିତ ବ୍ୟାଘ୍ର ସଦୃଶ ଶେଯ ଉପରୁ ଡେଇଁପଡ଼ି ଶ୍ରୀଶ୍ରୀଠାକୁର ତାକୁ ଦୂରକୁ ନିକ୍ଷିପ୍ତ କରନ୍ତି ଏବଂ ଚିତ୍କାର କରି ସମସ୍ତଙ୍କୁ ଡାକ ପକାନ୍ତି । ଉକ୍ତ ରମଣୀ ଇତିମଧ୍ୟରେ ଚକ୍ଷୁର ପଲକ ମାତ୍ରେ କୁଆଡ଼େ ଯେପରି ଅନ୍ତର୍ହିତା ହୋଇଗଲା ।

ଶ୍ରୀଶ୍ରୀଠାକୁରଙ୍କ ପାଖରୁ ସବୁ ବୃତ୍ତାନ୍ତ ଶୁଣି ଆମେ ତାକୁ ଖୋଜିବାକୁ ବାହାରିଲୁ । ଆଶ୍ରମ ଭିତରେ ତନ୍ନ ତନ୍ନ କରି ଖୋଜି କେଉଁଠି ହେଲେ ନପାଇ ଦୂରରେ ପଦ୍ମା ନଦୀ କୂଳରେ ଯାଇ ଦେଖୁ ଯେ ସେ ନଦୀ କୂଳରେ ଧ୍ୟାନାସନରେ ବସିଛି!

ମୁଁ ଓ କେଷ୍ଟ ଦାସ ଥିଲୁ, କେଷ୍ଟଦାସ ପଚାରିଲା— ହଁ ମା', ଏତେ ରାତିରେ ତୁମେ ଏକାକୀ ଏଠି ବସି କ'ଣ କରୁଛ? ହରିଦାସୀ ନୀରବ ।

ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଏପ୍ରକାର ଦୁର୍ବ୍ୟବହାର କରିବା ସତ୍ତ୍ୱେ ସେ ସମସ୍ତଙ୍କୁ ଜଣେଇଦେଲେ— କେହି ଯେପରି ତା'ଉପରେ କୌଣସି ଅତ୍ୟାଚାର ନ କରେ । ତା'ର ଖାଇବା ଓ ରହିବାର ଯେପରି କୌଣସି ଅଯତ୍ନ ନ ହୁଏ ।

ସେଇ ସନ୍ନ୍ୟାସିନୀ ଶ୍ରୀଶ୍ରୀଠାକୁରଙ୍କୁ ଅନ୍ଧାର ରାତିରେ କୁତ୍ସିତଭାବେ ଆଉ ତିନିଥର ଆକ୍ରମଣ କରେ, କିନ୍ତୁ ପ୍ରତିଥର ହିଁ ବ୍ୟର୍ଥ ହୁଏ । ତାହା ଫଳରେ ସେ ଉଗ୍ରଚଣ୍ଡୀ ମୂର୍ତ୍ତି ଧାରଣ କରେ । ସେତେବେଳେ ଆଶ୍ରମସ୍ଥ ସମସ୍ତେ ଆଶ୍ରମରୁ ତାକୁ ଦୂର କରି ଦେବାକୁ ବଦ୍ଧପରିକର ହୁଅନ୍ତି । ଶ୍ରୀଶ୍ରୀଠାକୁର ସମସ୍ତଙ୍କୁ ଡାକି କୁହନ୍ତି— "ସେ ନିଜେ ନ ଗଲେ ତାକୁ ତଡ଼ି ଦିଆଯିବ ନାହିଁ । ଆମେମାନେ ଭଲ ହେଲେ ସେ କିଛି କରିପାରିବ ନାହିଁ ।

ପ୍ରାୟ ଦୁଇ ବର୍ଷ ଆଶ୍ରମରେ ରହି ଶେଷରେ ସେ ନିଜର ମୁଣ୍ଡ ନିଜେ ମୋଡ଼ି ଆଶ୍ରମରୁ ବାହାରି ଚାଲିଯାଏ । ସେ ପୂର୍ବେ ପରିଚୟ ଦେଇଥିଲା ଯେ ସେ ବ୍ରାହ୍ମଣ-କନ୍ୟା, ପ୍ରକୃତରେ ସେ ଥିଲା ରଜକ-କନ୍ୟା । ସେ ବହୁ ସାଧୁ ପୁରୁଷଙ୍କୁ କୁଆଡ଼େ ଏଇଭାବେ ପରୀକ୍ଷା କରି ସଫଳତା ଲାଭ କରିଥିଲା, ଏଇଠି ହିଁ ସେ ପରାସ୍ତ ହେଲା । ଯିବା ସମୟରେ ପ୍ରକାଶ କରିଗଲା ଯେ ସେ କୌଣସି ଲୋକର ପ୍ରରୋଚନାରେ ହିଁ ଏଇ କାର୍ଯ୍ୟ କରିବାକୁ ଏଠାକୁ ଆସିଥିଲା ।

ସେଇ ହରିଦାସୀ-ମା' ଆଶ୍ରମରୁ ଚାଲିଯିବାର ପୂର୍ବଦିନ ଗୋଟିଏ ବିଚିତ୍ର ଘଟଣା ଘଟେ । ତାହା ୧୯୧୯ ମସିହା ଏପ୍ରିଲ୍ ମାସର ପ୍ରଥମ ଆଡ଼କୁ ହେବ । ସେଦିନ ସନ୍ଧ୍ୟା ପରେ ଭୟାନକ ଝଡ଼ ଉଠିଛି । ଶ୍ରୀଶ୍ରୀଠାକୁର ସେଇ ଝଡ଼ରେ ଅନ୍ଧକାରାଚ୍ଛନ୍ନ ରାତ୍ରିରେ ପଦ୍ମାନଦୀର ଚରରେ ଏକା ଏକା ପଦଚାରଣା କରୁଥିଲେ । ତାହା ଦେଖି ହରିଦାସୀ-ମା' ଚିତ୍କାର କରି କହିଲା— "ଖୁବ୍ ବତାସ ଓ ଅନ୍ଧକାର, ଆଶ୍ରମକୁ ଉଠି ଆସନ୍ତୁ ।"

ଶ୍ରୀଶ୍ରୀଠାକୁର ଉତ୍ତରରେ କହିଲେ— "ତୁ ଯା, ମୁଁ ଏବେ ଯିବି ନାହିଁ ।"

ତଥାପି ହରିଦାସୀ-ମା' ଚିତ୍କାର କରି କହିଲା— 'ଭୟାନକ ଝଡ଼ ଉଠିଛି । ଅନ୍ଧକାର ମଧ୍ୟ ଭୀଷଣ । ଶୀଘ୍ର ଘରକୁ ଆସନ୍ତୁ ।'

Scanned with CamScanner

ଏଥର ସେ କୌଣସି ଉତ୍ତର ହିଁ ଦେଲେ ନାହିଁ । ଟିକିଏ ପରେ ଦେଖିବାକୁ ମିଳିଲା ଶ୍ରୀଶ୍ରୀଠାକୁରଙ୍କ ଶରୀରରୁ ଏକ ପ୍ରକାର ଗୋଲାପୀ ରଙ୍ଗର ଜ୍ୟୋତି ନିର୍ଗତ ହୋଇ ବହୁ ଦୂର ପର୍ଯ୍ୟନ୍ତ ବିଛାଡ଼ି ହୋଇପଡ଼ିଛି । ସେଇ ଆଲୋକ ଉପରେ ଆକାଶରୁ ତଳେ ମାଟି ପର୍ଯ୍ୟନ୍ତ ଏବଂ ପଦ୍ମାନଦୀର ଏପଟରୁ ସେପଟ ପର୍ଯ୍ୟନ୍ତ ବିଛାଡ଼ି ହୋଇପଡ଼ିଛି । ଏଇ ଅପୂର୍ବ ଆଲୋକରେ ରାସ୍ତାଘାଟ, ବାଡ଼ି-ଘର-ଦୁଆର ଆଲୋକିତ ହୋଇ ସୁସ୍ପଷ୍ଟ ଦେଖାଯାଉଛି ।

ହରିଦାସୀ-ମା' ଶ୍ରୀଶ୍ରୀଠାକୁରଙ୍କ ଶରୀରରୁ ଏପ୍ରକାର ଆଲୋକ ନିର୍ଗତ ହେବାର ଦେଖି ଭୟରେ ବିହ୍ୱଳ ହୋଇ ଚିତ୍କାର କରି ସମସ୍ତଙ୍କୁ ଡାକ ପକେଇଲା । ସେଇ ଚିତ୍କାର ଶୁଣି ଅନନ୍ତ-ମହାରାଜ ଓ ଦୁର୍ଗାନାଥଦା (ସାନ୍ୟାଲ) ଛୁଟିଆସି ସେଇ ଜ୍ୟୋତି ଦେଖିବାକୁ ପାଇଲେ । ଆହୁରି ଅନେକେ ଦୂରରୁ ସେଇ ଆଲୋକ ଦେଖି ପାରିଥିଲେ । ସେଇ ଜ୍ୟୋତି ୧୦/୧୫ ମିନିଟ୍‌କାଳ ସ୍ଥାୟୀ ହୋଇଥିଲା । ଯେଉଁମାନେ ସେଇ ଆଲୋକ ଦେଖିଥିଲେ ସେମାନେ ସ୍ତମ୍ଭିତ ହୋଇଯାଇଥିଲେ । ମୁଁ ସେ-ସମୟରେ ସେଠାରେ ଉପସ୍ଥିତ ନଥିଲି । ପରେ ଅନନ୍ତ-ମାହାରାଜ ଓ ଦୁର୍ଗାନାଥଦାଙ୍କୁ ପଚ୍ଚାରିବାରୁ ସେମାନେ କହିଲେ— ଘଟଣାଟି ସମ୍ପୂର୍ଣ୍ଣ ସତ୍ୟ ଓ ଅତ୍ୟାଶ୍ଚର୍ଯ୍ୟ । ଶ୍ରୀଶ୍ରୀଠାକୁରଙ୍କୁ ଜିଜ୍ଞାସା କରିବାକୁ ସେ ନିଜେ ହିଁ କହିଲେ— ହଁ । ସେଇ ଅତ୍ୟୁଜ୍ଜ୍ୱଳ ଆଲୋକରେ ଚାରିଦିଗ ଆଲୋକିତ ହୋଇଯାଇଥିଲା!

ସେତେବେଳେ ମୁଁ ପଚାରିଲି ଏହା କିପରି ବା ହେଲା ଆଉ ଏପରି ହେବାର କାରଣ ବା କ'ଣ?

ଶ୍ରୀଶ୍ରୀଠାକୁର— ମୋ' ପାଖରେ ମଧ୍ୟ ଏହା ରହସ୍ୟଜନକ । ମୁଁ ଏ ସମ୍ବନ୍ଧରେ କିଛି ହିଁ କହିପାରିବି ନାହିଁ । ମୋ' ପାଖରେ ଯେଉଁ କେତୋଟି ଘଟଣା ରହସ୍ୟଜନକ (Mystery) ହୋଇ ରହିଛି, ତା' ଭିତରୁ ଏହା ଗୋଟିଏ ।

ଏଇ ଅତ୍ୟାଶ୍ଚର୍ଯ୍ୟ ଘଟଣା ସଂଘଟିତ ହେବାର ପରଦିନ ହିଁ ସେଇ ହରିଦାସୀ-ମା' ସମସ୍ତଙ୍କର ଅଲକ୍ଷରେ କୁଆଡ଼େ ଯେ ଚାଲିଗଲା ତା'ର ଆଉ କୌଣସି ସନ୍ଧାନ ମିଳିଲା ନାହିଁ । ଏଇ ଅପୂର୍ବ ଜ୍ୟୋତି ଦେଖି ସେ ଭୀତସଂତ୍ରସ୍ତ ହୋଇ ପଳେଇଗଲା କି ନାହିଁ, ସେ କଥା କିଏ କହିବ?

❑❑❑

ଦୁର୍ଗାନାଥଦାଙ୍କର ରୋଗମୁକ୍ତି

ଦୁର୍ଗାନାଥଦାଙ୍କ କଥା ଉଠିବାରୁ ତାଙ୍କ ବିଷୟରେ ଆଉ ଗୋଟିଏ ଅତ୍ୟାଶ୍ଚର୍ଯ୍ୟ ଘଟଣାର କଥା ମନେ ପଡୁଛି । ତାହା ଏଠାରେ ଉଲ୍ଲେଖ କରୁଚି ।

ଦୁର୍ଗାନାଥଦା ଭୟାନକ ଉଦରାମୟ ରୋଗରେ ବହୁଦିନ ଧରି ପୀଡ଼ିତ ଥିଲେ । ଗାଁର ଚିକିତ୍ସା ଶେଷ କରି କଲିକତା ଆସି ବଡ଼ ବଡ଼ କବିରାଜ, ଏଲୋପ୍ୟାଥ୍, ହୋମିଓପ୍ୟାଥ୍ ଆଦିଙ୍କଦ୍ୱାରା ଚିକିତ୍ସିତ ହେଲେ । ସେମାନେ ସାମାନ୍ୟତମ ରୋଗ ଉପଶମ କରିପାରିଲେ ନାହିଁ । ଅବଶେଷରେ ଜୀବନ-ସମ୍ବନ୍ଧରେ ହତାଶ ହୋଇ ସେ ଶେଷ ପନ୍ଥା ହିସାବରେ ବୈଦ୍ୟନାଥ ଧାମ(ଦେଓଘର) ଆସି ବାବା ବୈଦ୍ୟନାଥଙ୍କ ପାଖରେ ଅଧିଆ ପଡ଼ିବାକୁ ମନସ୍ଥ କଲେ । ବୈଦ୍ୟନାଥଧାମ ଆସି ରୋହିଣୀ-ରୋଡ୍‌ରେ ଡାକ୍ତର କାର୍ତ୍ତିକ ବୋସ୍‌ଙ୍କର 'ଡାକ୍ତର ଲଜ୍'ରେ ବସା ନେଲେ ଏବଂ ତା'ପରଦିନ ହିଁ ବାବା ବୈଦ୍ୟନାଥଙ୍କ ମନ୍ଦିରକୁ ଯାଇ ଧାରଣା ଦେବାକୁ ଆରମ୍ଭ କଲେ । ଏକ ମାସ ଧାରଣା ଦେବା ପରେ ବାବା ବୈଦ୍ୟନାଥଙ୍କର ଆଦେଶ ହେଲା— "ତୁ ଏଠିକି ଆସିଚୁ କାହିଁକି? ତୋ' ଗାଁ ପାଖ ଗାଁରେ ଯେଉଁ 'ଅନୁକୂଳ ଠାକୁର' ଅଛନ୍ତି ତାଙ୍କ ପାଖକୁ ଯା ।"

ଏଇ ଆଦେଶ ପାଇ ତା'ପରଦିନ ସେ ଗ୍ରାମ୍ୟାଭିମୁଖେ ଯାତ୍ରା କଲେ । ଦୁର୍ଗାନାଥଦାଙ୍କ ସାଥୀରେ ଅନନ୍ତ-ମହାରାଜଙ୍କର ଖୁବ୍ ବନ୍ଧୁତ୍ୱ ଥିଲା । ତାଙ୍କୁ ସାଙ୍ଗରେ ନେଇ ସେ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା କଲେ ଏବଂ ବାବା ବୈଦ୍ୟନାଥଙ୍କର ପ୍ରତ୍ୟାଦେଶର କଥା ତାଙ୍କୁ ନିବେଦନ କଲେ ।

ଶ୍ରୀଶ୍ରୀଠାକୁର କହିଲେ— ତେବେ ଭଲକଥା, ଏଇଠି ରହନ୍ତୁ । ଏହା କହି ସାଙ୍ଗରେ ଜନନୀ ମନୋମୋହିନୀଦେବୀଙ୍କ ପାଖକୁ ଦୁର୍ଗାନାଥଦାଙ୍କୁ ନେଇଗଲେ ଏବଂ କହିଲେ—

Scanned with CamScanner

ଦୁର୍ଗାନାଥଦା ଏଇଠି ହିଁ ଖାଇବେ। ମା'ଙ୍କୁ ଏକାନ୍ତରେ ଡାକି ନେଇ କହିଲେ— ଦୁର୍ଗାନାଥଦାଙ୍କପାଇଁ ମୋଟା ଆଶୁଧାନ (ବିଆଳିଧାନ)ର ଚାଉଳ ଓ ଗାଢ଼ ମଟରଡାଲି ରାନ୍ଧିବୁ।

ମା'— ତୁ କ'ଣ କହୁଚୁ? ଯାହାର ଖୁବ ସରୁ ଚାଉଳ ଖାଇଲେ ମଧ୍ୟ ସେସବୁ ପେଟରୁ ଗୋଟା ଗୋଟା ପଡ଼େ ତା' ପକ୍ଷରେ ମୋଟା ଆଶୁ-ଚାଉଳ ଆଉ ମଟରଡାଲି ତ ବିଷବତ୍। ଯାକୁ ଖାଇଲେ ତାର ମୃତ୍ୟୁ ଆଜି ହିଁ ହୋଇଯାଇପାରେ।

ଶ୍ରୀଶ୍ରୀଠାକୁର— ତୁ ଭୟ କରନା। ଦୁର୍ଗାନାଥଦାପାଇଁ ମୁଁ ଯାହା କହୁଛି, ସେଇଆ ରାନ୍ଧ୍ ତ। ତା'ପରେ ଦେଖିବୁ କ'ଣ ହଉଛି।

ମା' ଯଥାସମୟରେ ମୋଟା ଆଶୁ-ଚାଉଳ ଏବଂ ଘନ ମଟରଡାଲି ରାନ୍ଧି ଦୁର୍ଗାନାଥଦାଙ୍କୁ ଖାଇବାକୁ ଡାକିଲେ। ଶ୍ରୀଶ୍ରୀଠାକୁର ମଧ୍ୟ ପାଖରେ ଆସି ବସିଲେ। ଦୁର୍ଗାନାଥଦାଙ୍କର ତ ଭାତର ରୂପ ଦେଖି ଚକ୍ଷୁ ସ୍ଥିର। ଭାବିଲେ— ଯାକୁ ଖାଇଲେ ତ ମୋର ମରିବା ନିଶ୍ଚିତ। କାରଣ ମୋ' ଶରୀରର ଶକ୍ତି ନାହିଁ ଏ ଖାଦ୍ୟକୁ ହଜମ କରିବ। ଶ୍ରୀଶ୍ରୀଠାକୁର ଦୁର୍ଗାନାଥଦାଙ୍କର ମନର ଅବସ୍ଥା ବୁଝିପାରି କହିଲେ— ଦାଦା, ଭୟ କରନ୍ତୁ ନାହିଁ, ଖାଇବା ଆରମ୍ଭ କରନ୍ତୁ।

ଦୁର୍ଗାନାଥଦା ଡରି ଡରି ଅଳ୍ପ ଅଳ୍ପ ଖାଇବାକୁ ଆରମ୍ଭ କଲେ। ଶ୍ରୀଶ୍ରୀଠାକୁର ସେତେବେଳେ ଉତ୍ସାହ ଦେଇ କହିଲେ— ବେଶୀ ବେଶୀ କରି ଖା'ନ୍ତୁ, ବେଶ୍ ପେଟ ପୂରେଇ ଖା'ନ୍ତୁ। ଜମା ଡରନ୍ତୁ ନାହିଁ।

ଦୁର୍ଗାନାଥଦା ତଥାପି ଡରି ଡରି ଖାଇବାକୁ ଲାଗିଲେ ଏବଂ ଖାଇବାକୁ ତାଙ୍କୁ ଭଲ ବି ଲାଗୁଥିଲା। ସେ ପେଟ ପୂରେଇ ଖାଇନେଲେ।

ଶ୍ରୀଶ୍ରୀଠାକୁର— ବର୍ତ୍ତମାନ ଶୋଇ ବିଶ୍ରାମ କରନ୍ତୁ ଯାଇ, ଯାଆନ୍ତୁ।

ଚାରିଟା ବେଳେ ଶ୍ରୀଶ୍ରୀଠାକୁର ଦୁର୍ଗାନାଥଦାଙ୍କ ପାଖକୁ ଆସି ପଚାରିଲେ— ପେଟ ଗୋଳମାଳର କିଛି ସୁରାକ ପାଉଛନ୍ତି କି?

ଦୁର୍ଗାନାଥଦା— ଭାବୁଥିଲି ପେଟ ଭୀଷଣ ଖରାପ ହେବ। କିନ୍ତୁ ସେମିତି ତ କିଛି ଠଉରେଇ ପାରୁନି।

ଶ୍ରୀଶ୍ରୀଠାକୁର— ଆପଣ ଖାଇବାକୁ ଏତେ ଡରୁଥିଲେ। ଦେଖିଲେ ତ, ଆପଣଙ୍କର ପେଟର ଗୋଳମାଳ ଭଲ ହେଇଗଲା କେମିତି ?

ତା'ର କିଛି ସମୟପରେ ଦୁର୍ଗାନାଥଦା ପାଇଖାନା ଗଲେ।

ଶ୍ରୀଶ୍ରୀଠାକୁର ପୁଣି ଫେରିଆସି ପଚାରିଲେ— କେମିତି ପାଇଖାନା ହେଲା ?

ଦୁର୍ଗାନାଥଦା— ବେଶ୍ ଟାଣ ପାଇଖାନା ହେଲା। ମୁଁ ତ ଭାବିପାରୁ ନାହିଁ ଯେ କିପରି ଏହା ସମ୍ଭବ ହେଲା। ଗତ ଛଅମାସ ଧରି ଦୈନିକ ଅନ୍ତତଃ ପନ୍ଦର ଥର ପତଳା ପାଇଖାନା ହେଉଥିଲା, ଆଉ ଯାହା ଖାଉଥିଲି ହଜମ ନହୋଇ ପଛବାଟେ ପଡୁଥିଲା।

କିପରି ଏହା ସମ୍ଭବ ହେଲା, ମୁଁ ନିଜେ ଭାବି କିଛି ସ୍ଥିର କରି ପାରୁନାହିଁ। ଏହା ମୋ' ପ୍ରତି ଆପଣଙ୍କର ଅପାର କରୁଣା।

ସେଇଦିନଠାରୁ ଦୁର୍ଗାନାଥଦାଙ୍କର ପେଟର ଅସୁସ୍ଥତା ସବୁଦିନପାଇଁ ଭଲ ହୋଇଗଲା।

ଜନନୀ ମନୋମୋହିନୀଦେବୀଙ୍କ ନିକଟରୁ ଦୁର୍ଗାନାଥଦାଙ୍କର କଠିନ ଉଦରାମୟର ଏଇ ଅପୂର୍ବ ଔଷଧର ବ୍ୟବସ୍ଥା ଏବଂ ତାଙ୍କର ଆରୋଗ୍ୟଲାଭ କରିବା କଥା ଶୁଣି ଦିନେ ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲି— ସମ୍ପୂର୍ଣ୍ଣ ବିରୁଦ୍ଧଧର୍ମୀ ଖାଦ୍ୟ ଦେଇ ଦୁର୍ଗାନାଥଦାଙ୍କର ଆରୋଗ୍ୟଲାଭ କିପରି ସମ୍ଭବ ହେଲା? ଏହାତ ବୁଝିପାରୁ ନାହିଁ। ଏହା ଭିତରେ ତ କାର୍ଯ୍ୟକାରଣ କୌଣସି ସମ୍ପର୍କ ଖୋଜି ପାଉନାହିଁ।

ମୋର ପ୍ରଶ୍ନ ଶୁଣି ସେ କହିଲେ— ରୋଗ ଭଲ କରିବାକୁ ହେଲେ ରୋଗର ନିଦାନ କ'ଣ ତାହା ଆଗେ ଜାଣିବାକୁ ହୁଏ ଅର୍ଥାତ୍ କି କାରଣରୁ ରୋଗର ଉତ୍ପତ୍ତି ବା ସୂତ୍ରପାତ ହୋଇଛି ତାହା ଜାଣିବା ଦରକାର। ଦୁର୍ଗାନାଥଦାଙ୍କର ରୋଗୋତ୍ପତ୍ତିର କାରଣ ହେଲା ଏଇ— ଏକ ସମୟରେ ତାଙ୍କର ମୋଟା ଆଶୁ (ବିଆଳି ଧାନର) ଚାଉଳର ଭାତ, ଗାଢ଼ ମଟର ଡାଲି ଦେଇ ଖାଇବାର ପ୍ରବଳ ଇଚ୍ଛା ହୋଇଥିଲା, କିନ୍ତୁ ନାନାକାରଣରୁ ସେ ଖାଦ୍ୟ ତାଙ୍କ ପକ୍ଷରେ ଖାଇବା ସମ୍ଭବ ହେଇନି। ସେଇ ପ୍ରବଳତମ ଇଚ୍ଛା ଦମିତ ହୋଇ ସଂଶ୍ଲିଷ୍ଟ ସ୍ନାୟୁଜାଲ ବିକୃତ ହୋଇ ଏଇ ରୋଗର ଉତ୍ପତ୍ତି ହୁଏ। ତେଣୁ ସେପ୍ରକାର ଖାଦ୍ୟ ବିରୁଦ୍ଧଧର୍ମୀ ହେଲେ ମଧ୍ୟ ତା'ଦ୍ୱାରା ରୋଗ ନିରାମୟ ହେଲା।

ମୁଁ ପ୍ରଶ୍ନ କଲି— ଯେଉଁ ପ୍ରକାର ଅନ୍ତର୍ଦୃଷ୍ଟି ଥିଲେ ଏଭଳି ରୋଗର ନିଦାନ ଜାଣିବା ସମ୍ଭବ, ସେ ପ୍ରକାର ଚିକିତ୍ସକ ମିଳିବେ କେଉଁଠୁ ?

ଶ୍ରୀଶ୍ରୀଠାକୁର— ତାହା ସମ୍ଭବ ହେବ ନାହିଁ କାହିଁକି ? ଚେଷ୍ଟା କଲେ ସମ୍ଭବ ହେବ।

ମୁଁ— ତାହା ଯଦି ସମ୍ଭବ ହୋଇଥାନ୍ତା ତା'ହେଲେ କଲିକତାର ପ୍ରସିଦ୍ଧ କବିରାଜ, ଏଲୋପ୍ୟାଥ୍, ହୋମିଓପ୍ୟାଥ୍ ଆଦି କେହି ଦୁର୍ଗାନାଥଦାଙ୍କର ରୋଗ ଭଲ କରିପାରିଲେ ନାହିଁ କାହିଁକି?

ଯାର ଉତ୍ତରରେ ସେ ଆଉ କିଛି କହିଲେ ନାହିଁ।

❑❑❑

ସର୍ବଜୀବେ ପ୍ରେମ

୧୯୧୯ ମସିହା ଅଗଷ୍ଟ ମାସରେ ଶ୍ରୀଶ୍ରୀଠାକୁର କଲିକତା ଯାଇଥିଲେ । ତା' ପୂର୍ବରୁ ୧୯୧୯ମସିହାର ଏପ୍ରିଲ୍ ୧୪ତାରିଖ ଚୈତ୍ର ସଂକ୍ରାନ୍ତିଦିନ ଗୋଟିଏ ଘଟଣା ଘଟେ । ତାହା ଏଠାରେ ଉଲ୍ଲେଖଯୋଗ୍ୟ.।

ପ୍ରେମ ଆଉ ଭଲପାଇବାର କଥା ଆମେ ବହିରେ ପଢୁ— ବକ୍ତୃତାରେ ଶୁଣୁ, କିନ୍ତୁ ଯେତେବେଳେ ସେଇ ପ୍ରେମ କୌଣସି ମଣିଷ ଭିତରେ ମୂର୍ତ୍ତ ହୋଇଉଠେ, ସେଇ ମଣିଷଟି ହୋଇଉଠେ ଶିବ-ସୁନ୍ଦରର ପ୍ରତୀକ, ତାଙ୍କୁ ଦର୍ଶନ କଲେ ବି ପୁଣ୍ୟ, ତାଙ୍କ କଥା ଭାବିଲେ ବି ପୁଣ୍ୟ । ତାଙ୍କର ସଙ୍ଗଲାଭ ଜୀବନର ପରମ କାମ୍ୟ । ଏ ପ୍ରକାର ଭଲପାଇବାର ମୂର୍ତ୍ତ ପ୍ରତୀକ ଧରାଧାମକୁ ଥରେ ଆସିଥିଲେ ତଥାଗତରୂପେ, ଯିଏ ଛାଗଶିଶୁର ଜୀବନ ରକ୍ଷା ନିମିତ୍ତ ନିଜର ଜୀବନ ବଳି ଦେବାକୁ ଉଦ୍ୟତ ହୋଇଥିଲେ । ବର୍ତ୍ତମାନ ବିଂଶ ଶତାବ୍ଦୀରେ ତତ୍ତୁଲ୍ୟ ଭଲପାଇବାର ମୂର୍ତ୍ତନା ଆମେ ଦେଖିବାକୁ ପାଉ ଶ୍ରୀଶ୍ରୀଠାକୁରଙ୍କ ମଧ୍ୟରେ ।

ଚୈତ୍ର ସଂକ୍ରାନ୍ତି ଦିନ ହିମାଇତପୁର ସତ୍‌ସଙ୍ଗବାଟୀ ନିକଟସ୍ଥ ଶ୍ମଶାନ ଭୂମିରେ ଜଣେ ଶକ୍ତିସାଧକ ଛାଗ ବଳିଦେଇ ପୂଜା କରିବାପାଇଁ ଖୁବ୍ ବାଦ୍ୟ ବଜେଇ ଧୁମଧାମ୍‌ରେ ଆରମ୍ଭ କଲେ । ଶ୍ରୀଶ୍ରୀଠାକୁର ଛାଗବଳି ସହ୍ୟ କରିପାରନ୍ତି ନାହିଁ । ଜଗନ୍ମାତା ସମସ୍ତଙ୍କର ମାଆ, ଛାଗଶିଶୁର ମଧ୍ୟ ମାଆ । ତେଣୁ ମା'ର ସନ୍ତାନକୁ ବଳି ଦେଇ ମା'ର ପୂଜା ହୋଇପାରେନା, ମା' ସେ ପୂଜା ଗ୍ରହଣ କରିପାରନ୍ତି ନାହିଁ ।

ଶ୍ରୀଶ୍ରୀଠାକୁରଙ୍କ ପ୍ରାଣରେ ଆଘାତ ଦେବାପାଇଁ ହିଁ ଉକ୍ତ ଶକ୍ତିସାଧକ ଅନ୍ୟତ୍ର ଶ୍ମଶାନ ଥିବା ସତ୍ତ୍ୱେ ସ୍ୱେଚ୍ଛାପୂର୍ବକ ହିମାଇତପୁର ଶ୍ମଶାନ୍ କ୍ଷେତ୍ରକୁ ତାଙ୍କର ଜୀବବଳି ଓ ପୂଜାର ସ୍ଥଳରୂପେ ମନୋନୀତ କରନ୍ତି । ଶ୍ରୀଶ୍ରୀଠାକୁର ଶକ୍ତିସାଧକ ନିକଟକୁ ଯାଇ ଅନେକ-ଅନୁନୟ ବିନୟ କରିବାକୁ ଲାଗିଲେ, କେତେ କାତର ପ୍ରାର୍ଥନା ଜଣାଇଲେ ଛାଗ ଶିଶୁଟିକୁ ଛାଡ଼ି ଦେବାପାଇଁ । ଶକ୍ତିସାଧକ ସନ୍ନ୍ୟାସୀ ଶ୍ରୀଶ୍ରୀରଠାକୁରଙ୍କର କଥା ଗ୍ରାହ୍ୟ କଲେ ନାହିଁ ।

ସେତେବେଳେ ଶ୍ରୀଶ୍ରୀଠାକୁର ସେଇ ସାଧକଙ୍କୁ କହିଲେ— ଦେଖନ୍ତୁ, ଆପଣଙ୍କର ଏହା ଏକ ଯଜ୍ଞ । ଯଜ୍ଞରେ ବ୍ରାହ୍ମଣକୁ ଦାନ ଦେବାର ବ୍ୟବସ୍ଥା ଅଛି । ମୁଁ ବ୍ରାହ୍ମଣ, ମୋତେ ଏଇ ଛାଗଶିଶୁଟି ଦାନ କରନ୍ତୁ । ସାଧକ ଆରକ୍ତିମ ନୟନରେ ଶ୍ରୀଶ୍ରୀଠାକୁରଙ୍କ ଆଡ଼କୁ ଲକ୍ଷ୍ୟ କରି କହିଲେ— ଏ ଛାଗଶିଶୁଟିକୁ ତୁମକୁ ମୁଁ କୌଣସିପ୍ରକାରେ ଦେଇପାରିବି ନାହିଁ । ସେତେବେଳେ ଶ୍ରୀଶ୍ରୀଠାକୁର କହିଲେ— ଦେଖନ୍ତୁ, ପଶୁବଳି ଛଡ଼ାତ ମା'ଙ୍କର ପୂଜା ହୁଏ । ଆପଣ ଦୟାକରି ଏଇ ଛାଗଶିଶୁକୁ ବଳି ନଦେଇ ଅନ୍ୟ ଉପଚାରରେ ପୂଜା କରନ୍ତୁ । ଏହା କହି ସେ ସେଇ ସାଧକର ପଦଯୁଗଳ ଧରି ସନିର୍ବନ୍ଧ ଅନୁରୋଧ କରିବାକୁ ଲାଗିଲେ । ସନ୍ନ୍ୟାସୀ ଯେତେବେଳେ ସେଥିରେ ମଧ୍ୟ ରାଜୀ ହେଲେ ନାହିଁ, ସେତେବେଳେ ଶ୍ରୀଶ୍ରୀଠାକୁର ତାଙ୍କୁ କରଯୋଡ଼ି କହିଲେ— ତା'ହେଲେ ଛାଗଶିଶୁ ପରିବର୍ତ୍ତେ ମୋତେ ହିଁ ବଳି ଦିଅନ୍ତୁ ।

ଶ୍ରୀଶ୍ରୀଠାକୁରଙ୍କର ଏହିପ୍ରକାର ଆତ୍ମବଳି ଦେବାର କଥା ଶୁଣି ଶ୍ରୀଶ୍ରୀଠାକୁରଙ୍କର ଜଣେ ପରମଭକ୍ତ, ଅନୁକୂଳ ବ୍ରହ୍ମଚାରୀ, ଯିଏ ସେଠାରେ ଉପସ୍ଥିତ ଥିଲେ ସେ ଶକ୍ତିସାଧକଙ୍କୁ କହିଲେ— ଦେଖନ୍ତୁ, ମୋର ପରମାରାଧ୍ୟ ଶ୍ରୀଶ୍ରୀଠାକୁର ପ୍ରାଣରେ ଏତେ କଷ୍ଟ ପାଉଛନ୍ତି ଯେ ଛାଗଶିଶୁ ପରିବର୍ତ୍ତେ ନିଜର ପ୍ରାଣବଳି ଦେବାକୁ ଉଦ୍ୟତ ହୋଇଛନ୍ତି । ଆପଣ ଗୋଟିଏ କାମ କରନ୍ତୁ, ଯଦି ବଳି ଦେବାକୁ ହୁଏ ତେବେ ମୋତେ ହିଁ ବଳି ଦିଅନ୍ତୁ, ମୁଁ ହିଁ ଏଇ ବଳିର ଶ୍ରେଷ୍ଠ ପାତ୍ର । ମୁଁ ବ୍ରାହ୍ମଣ ସନ୍ତାନ, ବ୍ରହ୍ମଚାରୀ, ମୋର କେହି ନାହାନ୍ତି । ଯଦି ମୋତେ ବଳି ଦେବାକୁ ଆପଣଙ୍କୁ ଭୟ ଲାଗୁଛି ତେବେ ଆପଣଙ୍କର ଖଣ୍ଡାଟି ମୋତେ ଦିଅନ୍ତୁ, ମୁଁ ନିଜେ ହିଁ ନିଜକୁ ବଳିଦେବି । ଏହା ମୋର ଆତ୍ମବଳି ହିଁ ହେବ, ସେଥିରେ ଆପଣଙ୍କର କୌଣସି ଦୋଷ ହେବନାହିଁ ।

ଶକ୍ତିସାଧକ ସେଥିରେ ମଧ୍ୟ ରାଜୀ ହେଲେନାହିଁ । ବୋଧହୁଏ, ଭୟ ହେତୁରୁ— କାଳେ ତାଙ୍କୁ ନରହତ୍ୟାର ଦାୟରେ ପଡ଼ିବାକୁ ହେବ । ଏହା ମଧ୍ୟରେ ବାଦାନୁବାଦ ଓ ଗଣ୍ଡଗୋଳ ଶୁଣି ଜନନୀ ମନୋମୋହିନୀ ସେଠାରେ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁରଙ୍କ ହାତ ଧରି ସତ୍‌ସଙ୍ଗ ବାଟୀକୁ ନେଇଗଲେ । ମାତୃଭକ୍ତି ପରାୟଣ ଶ୍ରୀଶ୍ରୀଠାକୁର ମାତୃଆଜ୍ଞା ଲଙ୍ଘନକରି ନପାରି ମା'ଙ୍କ ସହିତ ଆଶ୍ରମ ଫେରିଆସିଲେ ସତ କିନ୍ତୁ ପ୍ରାଣରେ ଧୈର୍ଯ୍ୟ ଧାରଣ କରି ନପାରି ଅସ୍ଥିରଭାବେ ପାଗଳପରି ଛୁଟାଛୁଟି କରିବାକୁ ଲାଗିଲେ ।

ଭକ୍ତ ନଫରଚନ୍ଦ୍ର ଘୋଷ ଶ୍ରୀଶ୍ରୀଠାକୁରଙ୍କର ଏଇ ଅସହ୍ୟ ଯନ୍ତ୍ରଣା ଦେଖି ସ୍ଥିର ରହିନପାରି ସେଇ ଶକ୍ତିସାଧକ ପାଖରୁ ଛାଗଶିଶୁଟିକୁ ନେଇ ଆସିବାପାଇଁ ଜନନୀ ମନୋମୋହିନୀ ଦେବୀଙ୍କ ପାଖରେ ଅନୁମତି ଚାହିଁଲା । ଜନନୀ କହିଲେ— ଯଦି କୌଣସି ପ୍ରକାର ବାଦ ବିସମ୍ବାଦ ବା ଗୋଳମାଳ ନ କରି ଆଣିପାର ତେବେ ଆଣ । ଏଣେ ସେଇ ଶକ୍ତିସାଧକର ଆଦେଶରେ ପ୍ରାୟ ୨୫/୩୦ଜଣ ଲୋକ ସେଇ ଛାଗଶିଶୁର ପହରାରେ ନିଯୁକ୍ତ ଥିଲେ । ସେମାନେ ସେଇ ଛାଗଶିଶୁକୁ ଚକ୍ରାକାରେ ବେଷ୍ଟନ କରି ରଖିଥିଲେ ।

Scanned with CamScanner

ଭକ୍ତ ନଫରଚନ୍ଦ୍ର 'ଜୟଗୁରୁ' ବୋଲି ଏକ ପ୍ରବଳ ହୁଙ୍କାର ଦେଇ ସେମାନଙ୍କର ବ୍ୟୂହ ମଧ୍ୟକୁ ଲମ୍ଫ ପ୍ରଦାନ କରି ଛାଗଶିଶୁକୁ କାଖରେ ଧରି ଡେଇଁ ଡେଇଁ ସତ୍‌ସଂଗ ଆଶ୍ରମରେ ଆସି ହାଜର ହେଲା। ଏତେ ଅତର୍କିତ ଓ ବିଦ୍ୟୁତ୍‌ବତ୍ କ୍ଷିପ୍ରଗତିରେ ନଫରଭାଇ ଏଇ କାମଟି ଶେଷ କଲା ଯେ ଶକ୍ତିସାଧକ ଓ ତା'ର ଲୋକମାନେ କ'ଣ ଘଟିଗଲା ତାହା ଠଉର କରିବା ପୂର୍ବରୁ ସେ ଛାଗଶିଶୁଟିକୁ ନେଇ ଚାଲିଆସିଲା। ଶେଷରେ ସେମାନେ ଯେତେବେଳେ ଜାଣିଲେ ଯେ କ'ଣ ଘଟିଛି, ସେତେବେଳେ ସେମାନେ ସ୍ପନ୍ଦନହୀନ ପରି ଅବସ୍ଥାନ କରିବାକୁ ଲାଗିଲେ। ସେଇ ଶକ୍ତିସାଧକ ଓ ତା'ର ଦଳବଳ ସେମାନଙ୍କର ପୂଜା ପଣ୍ଡ ହେଲା ଦେଖି ଭୟ ପ୍ରଦର୍ଶନ ଓ ଅଭିସମ୍ପାତ୍ ବର୍ଷଣ କରୁ କରୁ ଚାଲିଗଲେ। କହିଗଲେ— ମା'ଙ୍କର ପୂଜା ନଷ୍ଟ କରିଛନ୍ତି, ସେମାନଙ୍କର ଆଉ ନିସ୍ତାର ନାହିଁ।

ଶ୍ରୀଶ୍ରୀଠାକୁର ମୃତ୍ୟୁମୁଖରୁ ଉଦ୍ଧାରପ୍ରାପ୍ତ ଛାଗଶିଶୁଟିକୁ ପାଇ ଆଦର ଚୁମ୍ବନରେ ତାକୁ ଅସ୍ଥିର କରି ତୋଳିଲେ।

ଶ୍ରୀଶ୍ରୀଠାକୁରଙ୍କର ଏଇ ଅପାର୍ଥିବ ପ୍ରେମ କେବଳ ମନୁଷ୍ୟ ଓ ଜୀବଜଗତ ମଧ୍ୟରେ ସୀମାବଦ୍ଧ ନୁହେଁ। ତାଙ୍କ ସମ୍ମୁଖରେ କେହି ଗୋଟିଏ ଗଛର ଡାଳ ଭାଙ୍ଗିଲେ ମଧ୍ୟ ସେ ଶିହରି ଉଠନ୍ତି, ବେଦନା ଅନୁଭବ କରନ୍ତି। ଯେପରି ତାଙ୍କର ଗୋଟାଏ ଅଙ୍ଗ କଟିଗଲା। ଯିଏ ସମଗ୍ର ବିଶ୍ୱକୁ ସତ୍ୟ-ସତ୍ୟ ଆପଣାର ଅଙ୍ଗ ବୋଲି ଅନୁଭବ କରନ୍ତି ତାଙ୍କ ପକ୍ଷରେ ଏପରି ଅନୁଭବ କରିବା ସମ୍ଭବ। ଏପରି ସର୍ବବ୍ୟାପୀ ପ୍ରେମ ଯାହାଙ୍କ ଭିତରେ ମୂର୍ତ୍ତ ହୋଇ ଉଠେ ସେ ପ୍ରେମର ମୂର୍ତ୍ତିମାନ୍ ବିଗ୍ରହ, ପ୍ରେମାବତାର। ଜଗତର କଲ୍ୟାଣପାଇଁ ଏପରି ମହାମାନବର ଆବିର୍ଭାବ କ୍ୱଚିତ୍ କେବେ କେବେ ହୋଇଥାଏ।

ଏଇ ଘଟଣାର କେତେବର୍ଷପରେ ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡ଼ିଯାଉଥିଲେ। ଅତର୍କିତଭାବରେ ଗୋଟିଏ ଶିକାରୀ ପକ୍ଷୀଦୁଇଟିକୁ ଲକ୍ଷ୍ୟକରି ଗୁଳି ଛାଡ଼େ। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀଦୁଇଟି ଉଡ଼ିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀଶ୍ରୀଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀରର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି?— ଏୟା କହି କୁଟୀରରୁ ତଳକୁ ଓହ୍ଲାଇଆସି ବନ୍ଧ କଡ଼େ କଡ଼େ ଆଗେଇଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳଭାବେ ଦଉଡ଼ା ଦଉଡ଼ି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀଶ୍ରୀଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ— **"ହାୟ, ହାୟ, ପକ୍ଷୀଦୁଇଟି ମଲେ!"** କହି ଆର୍ତ୍ତନାଦ କରିଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳି ବିଦ୍ଧ ହୋଇଛି ଏଇପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ

ଛଟପଟ ହୋଇ ମାଟିରେ ପଡ଼ି 'ଆହା ଉହୁ' କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ।

ସର୍ବଜୀବ ସହିତ ଏକାତ୍ମତା ଶ୍ରୀଶ୍ରୀଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ାଗାଡ଼ିରେ ବସି କୁଷ୍ଟିୟାରୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀଶ୍ରୀଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର), ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନ ପାରିବାରୁ କୋଚ୍‌ମ୍ୟାନ୍ ପାଏଁ ପାଏଁ ତିନି ପାହାର ଚାବୁକ୍ ମାରେ ଘୋଡ଼ା ପିଠିରେ। ଚାବୁକ୍ ମାରିବା ମାତ୍ରେ ହିଁ ଶ୍ରୀଶ୍ରୀଠାକୁର ଗାଡ଼ିରୁ ଓହ୍ଲାଇପଡ଼ିଲେ ଏବଂ "ଘୋଡ଼ାର ଖୁବ୍ କଷ୍ଟ ହେଉଛି— ଆସନ୍ତୁ ଆମେ ଚାଲିଯିବା"— ଏୟା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲାଇପଡ଼ିବାକୁ କହିଲେ। ତା'ପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀଶ୍ରୀଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ୍ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ— ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକମାଡ଼ର ଦାଗ ଆସିଲା କିପରି?

ଶ୍ରୀଶ୍ରୀଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀରଭାବରେ କହିଲେ— ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚ୍‌ମ୍ୟାନ୍ ଘୋଡ଼ାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ୍ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଉଥିଲା। ତେଣୁ, ସେମିତି ଦାଗ ହେଇଥିବ ବୋଧହୁଏ।

ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ— ଘୋଡ଼ାକୁ ଚାବୁକ୍ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେକଥା ବୁଝି ପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁ ନାହିଁ।

ସେତେବେଳେ ସେ କହିଲେ— ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ।

ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା।

Scanned with CamScanner

ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ— ଯାହାଙ୍କ ଘରକୁ ଏମାନେ ଯାଇଥିଲେ— ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଗ୍ଚରିଲି। ସେ ତିନିଜଣଯାକ ସମସ୍ତେ କହିଲେ ଯେ ଶ୍ରୀଶ୍ରୀଠାକୁରଙ୍କ ପିଠିରେ ତିନିଟି ଗ୍ଚବୁକ୍‌ର ଦାଗ ସେମାନେ ଦେଖିଛନ୍ତି, ଏକଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଗ୍ଚବୁକ୍‌ର ଦାଗ ଶ୍ରୀଶ୍ରୀଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି— ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ।

ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ୍ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବରେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ୍ ଯୀଶୁଙ୍କ ସମ୍ବନ୍ଧରେ ଗଭୀରଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ-କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୨୬ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର-ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ୍ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ୍ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଂଜ୍ ଜାର୍‌ଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାକୁ ପରୀକ୍ଷା କରିବାକୁ ଯା'ନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି।

ବାରାଦି ଗ୍ରାମର ଉକ୍ତ ଘଟଣା ସଙ୍ଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀଶ୍ରୀଠାକୁର କିଶୋରୀମୋହନ ଦାସଙ୍କ ସହ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡ଼ିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡ଼ି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡ଼ିରେ ନଟକି ରହିଥାଏ ଆଉ ପ୍ରାଣ ପଣେ ଡାକ ଛାଡୁଥାଏ। ତା'ର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀଶ୍ରୀଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀଶ୍ରୀଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ୍ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋର୍‌ରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀଶ୍ରୀଠାକୁର ଉପରୁ ସେଇ ଦଉଡ଼ି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ

ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋର୍‌ରେ ଦଉଡ଼ି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡ଼ିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରିଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀଶ୍ରୀଠାକୁର ଲୁଗାର ଖୋସଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀଶ୍ରୀଠାକୁର ବେକରେ ଗୁଡ଼େଇଥିବା ଲୁଗା ଖୋଲିବାମାତ୍ରେ କିଶୋରୀଦା ଦେଖିପାରିଲେ— ବେକରେ ଦଉଡ଼ିଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀଶ୍ରୀଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀଶ୍ରୀଠାକୁରଙ୍କୁ ପଗ୍ଚରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ?

ଶ୍ରୀଶ୍ରୀଠାକୁର— ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡ଼ି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ' ବେକରେ ବି ସେହିପରି ଦାଗ ହୋଇଛି।

କିଶୋରୀଦା ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ— ଏହା କିପରି ସମ୍ଭବ? ତା'ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତଭାବେ ଜଡ଼ିତ(Identified)? ସେମାନଙ୍କର ସୁଖ ଦୁଃଖ କ'ଣ ନିଜର ସୁଖ ଦୁଃଖ ବୋଲି ଅନୁଭବ କରନ୍ତି?

ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀଶ୍ରୀଠାକୁରଙ୍କୁ ମୁଁ ନିଜେ ପଗ୍ଚରି ଏବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ଉପରେ ଉଚ୍ଚତର ଜୀବ ପ୍ରତି ଶ୍ରୀଶ୍ରୀଠାକୁରଙ୍କର ଅଦ୍ଭୁତ ପ୍ରେମର କଥା କୁହାଗଲା। ନିମ୍ନତର ପ୍ରାଣୀ ଏପରିକି ବିଷ୍ଠାର କୀଟ ମଧ୍ୟ ତାଙ୍କ ପ୍ରେମରୁ ବଞ୍ଚିତ ନୁହେଁ। ନିମ୍ନଲିଖିତ ଘଟଣାରୁ ତା'ର ପରିଚୟ ମିଳିପାରିବ। ଯେଉଁ ସମୟର କଥା କହୁଛି ସେତେବେଳେ ପାବନା ଆଶ୍ରମରେ ପକ୍କା ପାଇଖାନା ନ ଥିଲା। ଶ୍ରୀଶ୍ରୀଠାକୁର ସେତେବେଳେ ବାଉଁଶତିଆରି ମଞ୍ଚାର ପାଇଖାନାରେ ପାଇଖାନା କରୁଥିଲେ। ସେ ସର୍ବପ୍ରଥମେ ପାଇଖାନାରେ ବସି ତଳ ଆଡ଼କୁ ଗ୍ଚହିଁ ଦେଖନ୍ତି, ମଇଳା ଭିତରେ କୌଣସି ଗୋବରପୋକ ଅଛି କି ନାହିଁ। ଯେଉଁଦିନ ପୋକ ଥିବାର ଦେଖନ୍ତି, ସେଦିନ ଆଉ ତାଙ୍କର ପାଇଖାନା କରାହୁଏ ନାହିଁ। ପାଇଖାନାରୁ ଓହ୍ଲେଇ ପଛ ଆଡ଼କୁ ଯାଇ ପୋକ ଗୁଡ଼ିକୁ କାଢ଼ିବାକୁ ଆରମ୍ଭ କରନ୍ତି। ସବୁ ପୋକଙ୍କୁ ଉଦ୍ଧାର ନ କରିବା ପର୍ଯ୍ୟନ୍ତ ତାଙ୍କର ଅସ୍ୱସ୍ତି ଦୂର ହୁଏନାହିଁ। ସବୁ ପୋକ କାଢ଼ି ସାରିବା ପରେ ପାଇଖାନା କରି ତେଲ ଲଗେଇ ପଦ୍ମା ନଦୀରେ ସ୍ନାନକରି ଘରକୁ ଫେରନ୍ତି। ଯେଉଁଦିନ ସେ ପାଇଖାନାରୁ ଆସି ତେଲ ମାଗନ୍ତି ସେଦିନ ବୁଝାଯାଏ ଯେ ସେ ମଇଳା ଭିତରୁ ପୋକଙ୍କୁ ଉଦ୍ଧାର କରିଛନ୍ତି।

ଦିନେ କଥା ପ୍ରସଙ୍ଗରେ ଗୋବରପୋକ କଥା ପଡ଼ିବାରୁ ସେ କହିଲେ— "ଦେଖନ୍ତୁ, ଭଗବାନ୍ ଏଇ ପୋକମାନଙ୍କୁ କିପରି ଶକ୍ତି ଦେଇଛନ୍ତି। ଯେତେବେଳେ

ଉଡ଼ିଆସନ୍ତି ସେତେବେଳେ ମନେହୁଏ ସତେ ଯେପରି ଗୋଟିଏ ଏରୋପ୍ଲେନ୍ ଆସୁଛି । ପୁଣି, ଦେହରେ ଏପରି ତୈଳାକ୍ତ ପଦାର୍ଥ ଦେଇଛନ୍ତି ଯାହାଦ୍ୱାରା କୌଣସି ମଇଳା ଲାଗି ରହେ ନାହିଁ । କିନ୍ତୁ ଏଇ ପୋକ ଯେତେବେଳେ ବିଷ୍ଠାହାଣ୍ଡି ବା ଗୋବରଗଦାରେ ପଡ଼େ ସେତେବେଳେ ଭୁଲିଯାଏ ଯେ ତା'ର ଏତେ ଶକ୍ତି ଅଛି । ଭୁଲିଯାଏ— ଟିକିଏ ଡେଣା ଝାଡ଼ିଦେଲେ ହିଁ ସବୁ ମଇଳା ଖସିପଡ଼ିବ । ଗୋବରଗଦାରେ ପଡ଼ି ଉବୁଟୁବୁ ହୋଇ ମରିବ ପଛେ, ତା'ର ନିଜର ଶକ୍ତି ସମ୍ବନ୍ଧରେ ଏତେ ଟିକିଏ ବି ଚୈତନ୍ୟ ହେବ ନାହିଁ । ମଣିଷର ବି କିନ୍ତୁ ସେଇ ଏକା ଅବସ୍ଥା । ସଂସାରରେ ରହି ଦୁଃଖ ଦୈନ୍ୟରେ ବିବ୍ରତ ହୋଇ ସେ ଭୁଲିଯାଏ ଯେ ସେ ପରମପିତାର ସନ୍ତାନ, ଶକ୍ତିର ତନୟ, ଇଚ୍ଛା କରିଲେ ହିଁ ଦୁର୍ଦ୍ଦଶା ହାତରୁ ନିଷ୍କୃତି ପାଇପାରେ । କିନ୍ତୁ ମଣିଷ ତାହା ଭାବେ ନାହିଁ, ନିଜକୁ ଅକ୍ଷମ ବା ଦୁର୍ବଳ ଭାବି ମରେ ।''

ଗଛଲତା ବାବଦରେ ମଧ୍ୟ ତାଙ୍କର ସେଇ ଗୋଟିଏ ଭାବ । ପୂର୍ବରୁ କହିଛି ଯେ ଆଶ୍ରମ ପ୍ରାଙ୍ଗଣରେ ଅନେକ ବାବଲା (ବର୍ବୁର) ଗଛ ଥିଲା । ଗୋଟାଏ ବାବଲା ଡାଳ ବତାସରେ ନଇଁପଡ଼ି ଯିବା ଆସିବାରେ ଅସୁବିଧା କରୁଥିଲା । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ଉପସ୍ଥିତିରେ ସେଇ ଡାଳଟା କାଟିବାକୁ କେହି ସାହସ କରିପାରିଲେ ନାହିଁ, କାରଣ ତାହା କଲେ ସେ ଖୁବ୍ କଷ୍ଟ ପାଇବେ । ଦିନେ ସକାଳେ ଶ୍ରୀଶ୍ରୀଠାକୁର କେତେଜଣ ଭକ୍ତଙ୍କ ସହ କାଶୀପୁରର ଯୋଗେଶ ରାୟଙ୍କ ଘରକୁ ବୁଲି ଯାଇଥିଲେ । ସେଇ ଅବସରରେ ନଫରଭାଇ ସେଇ ଡାଳଟି କାଟିପକେଇଲେ । ଶ୍ରୀଶ୍ରୀଠାକୁର କାଶୀପୁରରୁ ଫେରିଆସି ସେଇ ଡାଳଟି କଟା ହୋଇଛି ଦେଖିକି ମର୍ମାନ୍ତିକ ବେଦନା ପ୍ରକାଶ କଲେ ତାହା ବର୍ଣ୍ଣନା କରିହେବ ନାହିଁ । ନଫରଭାଇଙ୍କୁ ଡାକି କହିଲେ— ଶେଷକୁ ତୁ ଏଇ କାମ କଲୁ? ଡାଳଟା ନ କାଟି କାଣ୍ଡ ସହିତ ଯଦି ଟାଣି ବାନ୍ଧି ରଖିଥାନ୍ତୁ, ତାହେଲେ ତ ହେଇଥାନ୍ତା । ଏହା କହି ସେଇ ନଫରଦ୍ୱାରା ହିଁ ଗୋବର, ନଡ଼ା, ମାଟି ଅଣେଇ ଗଛର ସେଇ କ୍ଷତ ସ୍ଥାନରେ ବ୍ୟାଣ୍ଡେଜ୍ ବାନ୍ଧି ନିୟମିତ କ୍ଷତସ୍ଥାନରେ ପାଣି ଦେବାର ବ୍ୟବସ୍ଥା କରାଇଲେ । ବୃକ୍ଷଦେହର କ୍ଷତ ଯେପରି ନିଜ ଅଙ୍ଗର ହିଁ କ୍ଷତ । ଝଡ଼ରେ ଗଛର ଶାଖା ପ୍ରଶାଖାଦି ଭାଙ୍ଗିଗଲେ ମଧ୍ୟ ଅନୁରୂପ ବ୍ୟବସ୍ଥା କରୁଥିଲେ । ଆଶ୍ରମରେ ଘର ତିଆରି କରିବା ସମୟରେ ଯେତେଦୂର ସମ୍ଭବ ଗଛ ନ କାଟି ତାହା ତିଆରି କରିବାର ଚେଷ୍ଟା କରୁଥିଲେ । ଘରର ଜାଗା ଅଜାଗାରେ କିମ୍ବା ବାରଣ୍ଡା କଡ଼ର ଗଛଗୁଡ଼ିକ ବଞ୍ଚେଇ ସେ ଘର ତିଆରି କରୁଥିଲେ । ତାଙ୍କ ନିଜପାଇଁ ଗୋଟିଏ ଖଡ଼ଘର ତିଆରି କରିବା ସମୟରେ ଗୋଟାଏ ଗବଗଛ ସେଠି ଥିଲା । ତାକୁ ନ କାଟି ମଝିରେ ରଖି ପକ୍କା ବାରଣ୍ଡା ତିଆରି ହେଲା ।

❑❑❑

New Era Publishing

ଏଇ ସମୟରେ କୁଷ୍ଟିୟାର ଓକିଲ ପ୍ରଫୁଲ୍ଲଦା ଦିନେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ,— ''ଓକିଲାତି ମୋତେ ଭଲ ଲାଗୁନାହିଁ, କିଛି ଟଙ୍କା ପାଇଲେ ମୁଁ ବହି ବ୍ୟବସାୟ କରନ୍ତି ।''

ଏକଥା ଶୁଣି ଶ୍ରୀଶ୍ରୀଠାକୁର ଡାକ୍ତର ଗୋକୁଳଦାଙ୍କୁ ଅନୁରୋଧ କରନ୍ତି ପ୍ରଫୁଲ୍ଲଦାଙ୍କୁ ସାହାଯ୍ୟ କରିବାକୁ, ଗୋକୁଳଦା ତାଙ୍କୁ ଏକକାଳୀନ ୧୫ ହଜାର ଟଙ୍କା ଦିଅନ୍ତି । ସେତେବେଳେ କଲିକତାରେ ହେଦୋ ପାଖାପାଖି କର୍ଣ୍ଣଓ୍ୱାଲିସ୍ ଷ୍ଟ୍ରୀଟ୍‌ରେ ବିଗ୍ରହପତି ପ୍ରତୁଲ ଚଟାର୍ଜୀଙ୍କ ଘରର ତଳ ମହଲା ଭଡ଼ା ନେଇ ଶ୍ରୀଶ୍ରୀଠାକୁରଙ୍କର ବହି ଇତ୍ୟାଦି ପ୍ରକାଶପାଇଁ New Era Publishing House ନାମ ଦେଇ ଗୋଟିଏ ପ୍ରକାଶନ-ଭବନ ଖୋଲା ହେଲା । ଏଇ ଭବନର ଅଧିକର୍ତ୍ତା ହେଲେ ପ୍ରଫୁଲ୍ଲଦା ।

ଶ୍ରୀଶ୍ରୀଠାକୁର ଦିନେ କଥାରେ କଥାରେ ତାଙ୍କୁ କହିଲେ,— ''ବହି ଦୋକାନ କରିବା ତ ପଇସା ରୋଜଗାରପାଇଁ ନୁହଁ, ମନେ ରଖିବେ ମୂଳ ଉଦ୍ଦେଶ୍ୟ ହେଲା ପ୍ରଚାର । ଏଥିପାଇଁ ଆପଣଙ୍କୁ କଲିକତାର ସମସ୍ତଙ୍କ ସହ ପରିଚିତ ହେବାକୁ ପଡ଼ିବ । ଜଣକୁ ଧରିବେ, ତା'ଦ୍ୱାରା ଅନ୍ୟ ଲୋକ ସହ ପରିଚିତ ହେବେ । ଶେଷରେ ଏପରି ହେବ ଯେ ବହୁ ଲୋକ ଆପଣଙ୍କ ପାଖକୁ ଆସିବେ, କଥାବାର୍ତ୍ତା ହେବେ ଆଉ ତୁମର ସଙ୍ଗ କରିବାକୁ ବ୍ୟସ୍ତ ହୋଇପଡ଼ିବେ ।''

ପ୍ରଫୁଲ୍ଲଦା କହିଲେ ଯେ ତାଙ୍କ ମୁହଁରୁ ତ କଥା ବାହାରେ ନାହିଁ ଆଉ ତା' ଛଡ଼ା ବିଶ୍ୱଗୁରୁ ନାମ ପ୍ରଚାରିତ ହେବାରୁ ଶ୍ରୀଶ୍ରୀଠାକୁରଙ୍କ ନାଁ ଶୁଣିଲେ ପରିଚିତ ପ୍ରତିପତ୍ତିଶାଳୀ ଅନେକ ଲୋକ ସେଥିନେଇ ଥଟ୍ଟା ବିଦ୍ରୂପ କରନ୍ତି ବୋଲି ସେମାନଙ୍କ ପାଖକୁ ଯିବାକୁ ଇଚ୍ଛା ହୁଏନାହିଁ ।

Scanned with CamScanner

ଶ୍ରୀଶ୍ରୀଠାକୁର— "କଥା ବାହାରେ ନାହିଁ ବୋଲି ବସିରହିଲେତ ଚଳିବନି, ଆଉ ବିଶ୍ୱଗୁରୁ ନାମ ପ୍ରଚାର କରିବାକୁ ଯାଇ ପ୍ରକୃତରେ କାର୍ଯ୍ୟରେ ବିଘ୍ନ ସୃଷ୍ଟି ହୋଇଛି, ମୁଁ ବି ସେଇ ସମୟରୁ ଯେପରି ସଙ୍କୁଚିତ ହୋଇଯାଇଛି । ମୁଁ ସେତେବେଳେ ବାରଣ କରିଥିଲି କିନ୍ତୁ ଆପଣମାନେ ସେକଥା ଶୁଣିଲେନି ।

"ବର୍ତ୍ତମାନ ତା'ବୋଲି ପଛେଇଗଲେ ଚଳିବନି । ଯଦି କେହି 'ବିଶ୍ୱଗୁରୁ' ବୋଲି ବିଦ୍ରୂପ କରନ୍ତି, ସେମାନଙ୍କୁ କହିବେ— ସେ ବିଶ୍ୱଗୁରୁ, କି ଭଗବାନ୍, କି ସେ ମହାପୁରୁଷ, ତାହା ମୁଁ ଜାଣିନି, ସେ ସାଧନା ବା ଉପଲବ୍ଧି ମୋର ନାହିଁ । ମୁଁ ଜାଣେ, ତାଙ୍କୁ ମୁଁ ଖୁବ୍ ଭଲପାଏ, ସେ ମଧ୍ୟ ମୋତେ ଭଲପାଆନ୍ତି । ମୁଁ ସବୁ ଭୁଲିଯାଇପାରେ କିନ୍ତୁ ତାଙ୍କ ପ୍ରତି ଭଲପାଇବା ମୁଁ କେବେହେଲେ ଭୁଲିପାରିବି ନାହିଁ, ତାଙ୍କ ସହ ମୋର ଅନ୍ତର ଯେପରି କେଉଁ ଏକ ଅବିଚ୍ଛେଦ୍ୟ ସୂତ୍ରରେ ଗୁନ୍ଥା ।

"କହିବେ,— କେତେ ଅଭାବ, କେତେ ଅଭିଯୋଗ, କେତେ ପୀଡ଼ନ, କେତେ ତାଡ଼ନା, କେତେ କାମକ୍ରୋଧର ଉଦ୍ଦାମ ନୃତ୍ୟ, କେତେ ଦୁଃଖ କଷ୍ଟ ମୋ' ଉପର ଦେଇଚାଲିଛି । କିନ୍ତୁ ସେଇସବୁ ଅବସ୍ଥା ଭିତରେ କିଏ ଯେପରି ମୋତେ ଆଖି ଆଗରେ ରଖିଛି, ମୋତେ ରକ୍ଷା କରିଚାଲିଛି ।"

କହିବେ,— "ଏପରି ଏକ ଜାହାଜରେ ଚଢ଼ିଛି, ଯାହା ଉପରେ କେତେ ଯାତ୍ରୀଙ୍କର କେତେ ପଦପାତ, କେତେ ବାଈନାଚ, କେତେ ଫୁଟ୍‌ବଲ ଖେଳ ଚାଲିଛି; କାମକ୍ରୋଧାଦିର ଅଭିନୟ ଚାଲିଛି; ଜାହାଜ କିନ୍ତୁ ସମସ୍ତ ସହ୍ୟ କରି, ଉପେକ୍ଷା କରି, ମୋର ଗନ୍ତବ୍ୟସ୍ଥଳ, ମୋର ଲକ୍ଷ୍ୟସ୍ଥଳ ଆଡ଼କୁ ମୋତେ ବହନ କରି ନେଇଚାଲିଛି, ଆଉ ସେଠି ମୋତେ ନିଶ୍ଚୟ ପହଞ୍ଚାଇଦେବ ଏଇ ଦୃଢ଼ ବିଶ୍ୱାସ ନେଇ ମୁଁ ବସିଛି । ଏସବୁ ତ ଆପଣଙ୍କର ନିଜର ହିଁ ଉପଲବ୍ଧିର କଥା,— ନୁହେଁ କି? ଏସବୁ କଥା କହିପାରିବେ ନାହିଁ, ଦାଦା ?

"ଯେଉଁମାନେ miracle ଚାହାନ୍ତି, ସେମାନଙ୍କ ପାଖରେ ବି ଭଲପାଇବାର କଥା ହିଁ କହିବେ,— ସେମାନେ ସେଇଥିରେ ହିଁ ମୁଗ୍ଧ ହେବେ । ହଜାର miracleର ଗଳ୍ପ କରନ୍ତୁ, ମଣିଷ ଶୁଣିବାକୁ ବି ଯଦି ଚାହେଁ, ତଥାପି ଜାଣିବେ ତା' ସାଥିରେ ତା'ର ହୃଦୟର କୌଣସି ଯୋଗସୂତ୍ର ନାହିଁ । ଆଉ ଭଲପାଇବାରେ କିଏ ବା ମୁଗ୍ଧ ନ ହେବ? ଯେଉଁଦିନ ଦେଖିବି, ଆପଣମାନଙ୍କର ପ୍ରେମରେ, ଆପଣମାନଙ୍କର ଚରିତ୍ରରେ ସବୁ ଲୋକ ଏତେ ମୁଗ୍ଧ ଯେ ସେମାନେ ମୋତେ ଭୁଲିଯାଇ ଆପଣମାନଙ୍କୁ ଚାହାନ୍ତି, ଆପଣମାନଙ୍କର ହିଁ ନାମ କରନ୍ତି, ସେଦିନ ମୁଁ ନିଜକୁ ହିଁ ସାର୍ଥକ ଜ୍ଞାନ କରିବି ।"

ବସ୍ତୁତଃ ଦେଖିବାକୁ ମିଳେ ଯେ ସବୁକଥାରେ ଶ୍ରୀଶ୍ରୀଠାକୁର ନିଜେ ଆତ୍ମଗୋପନ କରି ତାଙ୍କର ଆଶ୍ରିତ ଅଭାଜନମାନଙ୍କୁ ଲୋକଚକ୍ଷୁରେ ପ୍ରାଧାନ୍ୟ ଦେବାପାଇଁ ବ୍ୟାକୁଳ । ଏପରି କି ସେ ଯେ ନିଃସ୍ୱାର୍ଥଭାବେ, ଅତନ୍ଦ୍ରଚିତ୍ତରେ ସେମାନଙ୍କର ହିତ ସାଧନ କରିଚାଲିଛନ୍ତି,

ଏକଥା ମଧ୍ୟ ତାଙ୍କୁ କହିବାର ଉପାୟ ନାହିଁ । ଶ୍ରୀଶ୍ରୀଠାକୁର ପ୍ରଫୁଲ୍ଲଦାଙ୍କୁ ଦିନେ ଯେଉଁକଥା କହିଥିଲେ ସେଥିରେ ତାହା ପରିସ୍ଫୁଟ ହେବ—

"ମୋତେ ଶାକ୍ୟଦା ସେଦିନ କହୁଥିଲା,— ଆଚ୍ଛା, ସତ କୁହନ୍ତୁ ଦେଖି, ଆପଣ ରାମକୃଷ୍ଣ ନା ଯୀଶୁଖ୍ରୀଷ୍ଟ, ମୋର ଧାରଣା ଯେ ଆପଣ ନିଶ୍ଚୟ ଯୀଶୁଖ୍ରୀଷ୍ଟ ।— ଏମାନେ କାହିଁକି ଏସବୁ କଥା କୁହନ୍ତି ମୁଁ ବୁଝିପାରେନା । ଆଚ୍ଛା, ମୁଁ କ'ଣ କାହାକୁ ଭଲପାଏ, ସତ କୁହନ୍ତୁ, ଭଲପାଇବାର କୌଣସି ଚିହ୍ନ କ'ଣ ମୋ' ଭିତରେ ଦେଖିବାକୁ ପାଆନ୍ତି? ମୁଁ ତ ଦେଖେ ମୁଁ ଗୋଟାଏ ମସ୍ତବଡ଼ ସ୍ୱାର୍ଥର ଦାସ । ସେଇ ସ୍ୱାର୍ଥନିମିତ୍ତ ମୋର ଅକରଣୀୟ କିଛି ହେଲେ ନାହିଁ । ମୁଁ ମୋର ସ୍ୱାର୍ଥପାଇଁ ନିଷ୍ଠୁର, ପିଶାଚ, ରାକ୍ଷସ । ସେଇ ସ୍ୱାର୍ଥ ରକ୍ଷା ହିଁ ମୋର ସର୍ବସ୍ୱ,— ମୋତେ ଯୀଶୁ କୁହ କି ରାମକୃଷ୍ଣ ହିଁ କୁହ ବା ଚୋର ଡକାୟତ ଯାହା କୁହ, ମୋର କୌଣସିଥିରେ ଆପତ୍ତି ନାହିଁ, କେବଳ ମୋର ସ୍ୱାର୍ଥର ଡଙ୍ଗା ଚାଲିବାକୁ ଦେଲେ ହିଁ ହେଲା ।"

'ମୁଁ' ଯାହାର ଭୁବନମୟ ତା'ର ସ୍ୱାର୍ଥସିଦ୍ଧିର ରୂପ ଅଲଗା; ତାହା ଦେଖି ମଣିଷ ବିହ୍ୱଳ ହୋଇପଡ଼େ ।

ଯାହା ହେଉ, ଶେଷ ପର୍ଯ୍ୟନ୍ତ The New Era Publishing House ମାଧ୍ୟମରେ ପ୍ରଚାର କାର୍ଯ୍ୟ କିଛି ଆଗେଇଲା ନାହିଁ, ତା'ଛଡ଼ା ପ୍ରଫୁଲ୍ଲଦାଙ୍କର ବ୍ୟବସାୟର ବି କୌଣସି ଅଭିଜ୍ଞତା ନ ଥିଲା । ହଠାତ୍ ଏତେ ଟଙ୍କା ପାଇ ତାଙ୍କର ଖର୍ଚ୍ଚର ବହର ମଧ୍ୟ ବଢ଼ିଗଲା, ତେଣୁ କିଛିଦିନ ପରେ ବ୍ୟବସାୟରେ ଅଚଳ ଅବସ୍ଥା ସୃଷ୍ଟି ହେଲା । ସେ ପୁନରାୟ ଗୋକୁଳବାବୁଙ୍କୁ ଧରିବସିଲେ ଟଙ୍କାପାଇଁ କିନ୍ତୁ ସେ ଆଉ ତାଙ୍କ କଥାରେ ବିଶ୍ୱାସ ସ୍ଥାପନ କରିପାରିଲେ ନାହିଁ । ଦୁଇ ବର୍ଷ ଚାଲିବା ପରେ The New Era Publishing House ବନ୍ଦ ହୋଇଗଲା ।

Scanned with CamScanner

ଦ୍ୱିତୀୟ ଅଧ୍ୟାୟ

କଲିକତା ଯାତାୟାତ

ନଭେମ୍ବର ୧୯୧୯

ବରାହନଗରରୁ ପାବନା ଆସି ଶ୍ରୀଶ୍ରୀଠାକୁର କିଛିଦିନ ଅବସ୍ଥାନ କଲେ । ସେଇ ସମୟରେ ଶାକ୍ୟସିଂହଦା ଆଶ୍ରମକୁ ଆସିଲେ । କଲିକତା ଆସି ଶ୍ରୀଶ୍ରୀଠାକୁର, ମା', ମହାରାଜ ଓ ମୋତେ ନେଇ ଯାତ୍ରାକଲେ । କଲିକତାରେ କାରବାଲା ଟ୍ୟାଙ୍କ୍ ଲେନ୍‌ରେ ଶାକ୍ୟଦାଙ୍କ ଘରେ ଅର୍ଥାତ୍ ବାରିଷ୍ଟର ଚନ୍ଦ୍ରଶେଖର ସେନ୍ ମହାଶୟଙ୍କ ଘରେ ଯାଇ ଆମେ ରହିଲୁ । ସେଠିକି ବାରିଷ୍ଟରସାହେବଙ୍କର ଅନେକ ବନ୍ଧୁବାନ୍ଧବଙ୍କ ଆଗମନ ହେଲା । କେତେଜଣ ବାରିଷ୍ଟର ସତ୍‌ମନ୍ତ୍ରରେ ଦୀକ୍ଷିତ ହେଲେ, ସେମାନଙ୍କ ଭିତରେ ରଜତ ରାୟ ଜଣେ । ଆଉ ସମସ୍ତଙ୍କର ନାଁ ମନେ ନାହିଁ । ସେତେବେଳେ ଦୀକ୍ଷିତମାନଙ୍କର ତାଲିକା ଲିପିବଦ୍ଧ କରିବାର ପ୍ରଥା ଆରମ୍ଭ ହୋଇନି । ସେଠାରେ ଅବସ୍ଥାନ ସମୟରେ ସୁପ୍ରସିଦ୍ଧ ଏଟର୍ଣ୍ଣି ହୀରେନ୍ଦ୍ରନାଥ ଦତ୍ତ, ସେଣ୍ଟ୍ରାଲ୍ କଲେଜର ଅଧ୍ୟକ୍ଷ କ୍ଷୁଦିରାମ ବୋସ ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି । ସେଠାରେ ରହି କଲିକତାରେ ଶ୍ରୀଶ୍ରୀଠାକୁରଙ୍କପାଇଁ ଗୋଟାଏ ଅଲଗା ଘର ଭଡ଼ା ନେବାର ଆବଶ୍ୟକତା ବିଶେଷଭାବେ ଅନୁଭୂତ ହୁଏ ଏବଂ ପ୍ରସ୍ତାବ ହୁଏ ଅବିଳମ୍ବେ ଗୋଟାଏ ଘର ବନ୍ଦୋବସ୍ତ କରିବାକୁ ।

କଲିକତାରେ ଚନ୍ଦ୍ରଶେଖର ସେନ୍ ମହାଶୟଙ୍କ ଘରେ ଅବସ୍ଥାନ ସମୟରେ ତାଙ୍କୁ ପଚାରିଲି— ଆପଣ 'ଥିଓସଫି'ର ଜଣେ ବଡ଼ ପଣ୍ଡା; କ'ଣ ଦେଖି ଆପଣ ଶ୍ରୀଶ୍ରୀଠାକୁରଙ୍କର ଶରଣାପନ୍ନ ହେଲେ?

ଚନ୍ଦ୍ରଶେଖରବାବୁ— ଶ୍ରୀରାମକୃଷ୍ଣ ଯେତେବେଳେ ଜୀବିତ ଥିଲେ ସେତେବେଳେ ତାଙ୍କର ଅନେକ ନିନ୍ଦା ହିଁ ଶୁଣିଥିଲି, ସେ କୁଆଡ଼େ ଭଲ ଓ ସୁନ୍ଦର ପିଲାମାନଙ୍କୁ ଖରାପ କରନ୍ତି । ତଥାପି ଦିନେ ତାଙ୍କୁ ଦେଖିବାପାଇଁ ଦକ୍ଷିଣେଶ୍ୱର ଗଲି । ତାଙ୍କର ସେଇ ଛୋଟ ଘରଟିରେ ବସି ସେ ଯେତେବେଳେ କେତେଜଣଙ୍କ ସହ ଗଳ୍ପ କରୁଥିଲେ । ବଙ୍କିମ ଚାଟାର୍ଜୀଙ୍କ କଥା ପଡ଼ିଥିଲା । ସେ କହୁଥା'ନ୍ତି— 'ତୁମ ବଙ୍କିମ ସହ ଦେଖା ହେଲା । ତୁମ ବଙ୍କିମ କହିଲା— ମାନବଜୀବନର ଉଦ୍ଦେଶ୍ୟ— ଆହାର, ନିଦ୍ରା, ମୈଥୁନ । ମୂଳା ଖାଇଲେ ମୂଳାର ହାକୁଡ଼ି ହିଁ ଉଠେ ।' ଆମେ ୟଙ୍ଗ୍ ବେଙ୍ଗଲ ସେତେବେଳେ ବଙ୍କିମଙ୍କ ନାଁ କହିଲେ ଅଜ୍ଞାନ ହୋଇପଡୁ । ତେଣୁ ଶ୍ରୀରାମକୃଷ୍ଣଦେବଙ୍କ ମୁହଁରେ ଏ କଥା ଶୁଣି ମୋତେ ଭଲ ଲାଗିଲାନି । ଭାବିଲି, ନିଜେ ତ ପାଠଶାଠ ପଢ଼ି ନାହାନ୍ତି, ତେଣୁ ବଙ୍କିମଙ୍କର ମର୍ମ କ'ଣ ବୁଝିବେ! ବିରକ୍ତ ହୋଇ ସେଠାରୁ ଚାଲିଆସିଲି । ତଥାପି କିଛିଦିନ ପରେ ପୁଣିଦିନେ ଗଲି କେତେ କ'ଣ ବନ୍ଧୁଙ୍କୁ ସାଥୀରେ ନେଇ । ସେଦିନ ବି ଆମ କେତେ ଜଣଙ୍କୁ ଲକ୍ଷ୍ୟକରି କହିଲେ— "ଆରେ ତମେ ସବୁ ବିଲ୍‌ଡିଂ ଆଦି ଦେଖ ଯାଇ, ଯାଅ ।" ତା'ପରେ ଆଉ ଦିନେ ଯାଇଥିଲି । ସେଦିନ ମାଇକେଲ ମଧୁସୂଦନ ଦତ୍ତଙ୍କର ନିନ୍ଦା ଶୁଣିଲି ତାଙ୍କ ମୁହଁରେ । ବିରକ୍ତ ହୋଇ ଚାଲିଆସିଲି । ତା'ପରେ ଆଉ ଯାଇନି । ସେ ଜୀବିତ ଥିବାବେଳେ ତାଙ୍କୁ ଦେଖି କୌଣସିଦିନ ବି ତାଙ୍କ ବିଷୟରେ କୌଣସି ଭଲ ଧାରଣା ନେଇଆସିପାରିନି । ତାଙ୍କର ଦେହାନ୍ତ ହେବା ପରେ ଏବଂ ଶ୍ରୀରାମକୃଷ୍ଣ କଥାମୃତ ପ୍ରକାଶ ପାଇବା ପରେ ତାହା ପଢ଼ି ଦେଖେ ଯେ— ସତରେ ସେ ଜଣେ ମହାପୁରୁଷ ଥିଲେ । ଆଉ 'ଥିଓସଫି'ର କଥା କହୁଛନ୍ତି, ମୁଁ ସେମାନଙ୍କର ଆଭ୍ୟନ୍ତରିଣ ବିଭାଗ (Inner circle)ର ଜଣେ ପ୍ରାଚୀନ ସଭ୍ୟ । ଏତେ ଦିନ ଧରି ସେମାନଙ୍କ ମତରେ ସାଧନା କରି ଦେଖିଛି, କିଛି ହିଁ ପାଇନି । ମନେ ହେଲା, ମୋ'ଠାରୁ ଏ ମତରେ ଅଭିଜ୍ଞ ହୀରେନ ଦତ୍ତ-ମହାଶୟ ଅଛନ୍ତି । ସେ ସମ୍ଭବତଃ କିଛି ପାଇଥିବେ । ଥରେ ମାନ୍ଦ୍ରାଜ ଥିଓସଫିକାଲ୍ ସମ୍ମିଳନୀରେ ହୀରେନ୍‌ବାବୁଙ୍କ ସହ ଏକାସାଥୀରେ ଟ୍ରେନ୍‌ରେ ଯାଉଥିଲି । ସୁବିଧା ପାଇ ହୀରେନ୍‌ବାବୁଙ୍କୁ ପଚାରିଲି— ଏତେଦିନ ତ ଏ ମତରେ ସାଧନା କରି ବିଶେଷ କିଛି ପାଇଲିନାହିଁ । ଆପଣ କ'ଣ କିଛି ପାଇଛନ୍ତି? ସେତେବେଳେ ସେ କହିଲେ ଯେ ସେ ମଧ୍ୟ କିଛି ପାଇ ନାହାନ୍ତି । ସେ ଆହୁରି କହିଲେ— "ଆନିବେସାନ୍ତ ସମ୍ଭବତଃ କିଛି ପାଇଛନ୍ତି ।"

ହୀରେନ୍‌ବାବୁଙ୍କଠାରୁ ଏକଥା ଶୁଣି ଏ ମତ ବିଷୟରେ ମୋର ସନ୍ଦେହ ହେଲା । ଶାକ୍ୟକୁ ପଠେଇଲି ବିଶ୍ୱଗୁରୁ ମହୋତ୍ସବରେ ତାଙ୍କୁ(ଶ୍ରୀଶ୍ରୀଠାକୁରଙ୍କୁ) ଦେଖି ଆସିବାକୁ । ଶାକ୍ୟ ଦେଖି ଆସି ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ଖୁବ୍ ଉଚ୍ଛ୍ୱସିତ ପ୍ରଶଂସା କଲା । ମନେ ମନେ ଭାବିଲି— ଜୀବିତ ଥିବାବେଳେ ଶ୍ରୀରାମକୃଷ୍ଣଙ୍କୁ ଭୁଲ୍ ବୁଝି ହରେଇଛି । ଏଥର ଯେମିତି ଭୁଲ୍ ନ କରେ ।

ହିମାଇତପୁର-ଆଶ୍ରମରେ ଯାଇ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ତାଙ୍କର ଅଦ୍ଭୁତ ସରଳତାରେ ମୁଗ୍ଧ ହେଲି । ତାଙ୍କର ଜ୍ଞାନଗର୍ଭକ କଥା ଶୁଣି ତୃପ୍ତି ପାଇଲି । ତାଙ୍କର ଶରଣାପନ୍ନ ହୋଇ ଧନ୍ୟ ହେଲି । ବର୍ତ୍ତମାନ ମୋର ଏକାନ୍ତ ଇଚ୍ଛା ଯେଉଁମାନେ ପ୍ରକୃତରେ ପିପାସୁ ସେମାନଙ୍କ ସଙ୍ଗେ ଶ୍ରୀଶ୍ରୀଠାକୁରଙ୍କର ଯୋଗାଯୋଗ ଘଟେଇଦେବା ।

ଆମେମାନେ କିଛିଦିନ ବାରିଷ୍ଟର ଚନ୍ଦ୍ରଶେଖର ସେନ୍-ମହାଶୟଙ୍କ ଘରେ ରହି ପୁଣି ଆଶ୍ରମକୁ ଫେରି ଆସିଲୁ, ଆସି ବେଶ୍ କିଛିଦିନ ସ୍ଥାୟୀଭାବରେ ରହିଲୁ । ସେ ସମୟରେ ଆଶ୍ରମ ସମ୍ମୁଖସ୍ଥ ଅଗଣାରେ ଥିଲା କେତେଗୋଟି ବାବଲାଗଛ ଆଉ ଦୁଇ ପାଖ ଥିଲା ଭାଟବଣରେ ପରିପୂର୍ଣ୍ଣ । ଭାଟଗଛର ଧଳା ଧଳା ଫୁଲ ଗୁଡ଼ିକ ଶାନ୍ତ-ସ୍ନିଗ୍ଧ ହଂସ ସଦୃଶ ଫୁଟିଉଠି ଚାରିଦିଗ ଆଲୋକିତ କରିଦେଉଥିଲା । ସେଇ ଭାଟବଣ ମଝିରେ ଦୁଇ ପାଖରେ ଦୁଇଟା ଅଳ୍ପ ପ୍ରଶସ୍ତ ବାଉଁଶର ମଞ୍ଚା କରାହୋଇଥିଲା, ସକାଳେ, ସଂଧ୍ୟାରେ ବା ଗଭୀର ରାତ୍ରିରେ ବସି ଭକ୍ତମାନେ ନାମଧ୍ୟାନ କରିବାପାଇଁ । ସାମନାରେ ବିସ୍ତୃତ ପଦ୍ମାନଦୀ ସୁଦୂର ଚକ୍ରବାଳ ପର୍ଯ୍ୟନ୍ତ ପ୍ରସାରିତ, ଯେତେଦୂର ଦୃଷ୍ଟି ଯାଏ ତା'ର ଶେଷସୀମା ଆକାଶ ଦେହରେ ଯାଇ ମିଶିଚି । ସକାଳ ସନ୍ଧ୍ୟାରେ ସେଠାରେ ଅଦୃଶ୍ୟ ଶିଳ୍ପୀର ନିପୁଣ ହାତର କରାମତିରେ ବିଚିତ୍ର ରଙ୍ଗର ବାହାର(ଔଜ୍ଜ୍ୱଲ୍ୟ), ଜଳ, ସ୍ଥଳ ଓ ଆକାଶକୁ କରୁଥିଲା ଉଦ୍ଭାସିତ । ସଂଧ୍ୟାବଧୂ ତ୍ରସ୍ତ ଲଘୁ ପଦକ୍ଷେପରେ ବିଦାୟ ନେବା ପରେ ରାତ୍ରି ଯେତେବେଳେ ତା'ର କଳା ଓଢ଼ଣାରେ ଦେହ ଢାଙ୍କି ଆସି ହାଜର ହେଉଥିଲା— ଚାରିଦିଗ ହେଇଉଠୁଥିଲା ନିଝୁମ୍-ନିସ୍ତବ୍ଧ । ପ୍ରକୃତିର ଏଇ ଉଦାର, ଶାନ୍ତ, ସମାହିତ ପରିବେଶରେ ସମଗ୍ର ସତ୍ତା ଯେପରି ଏକ ଅନାସ୍ୱାଦିତ ଅମୃତରସରେ ସିକ୍ତ ହୋଇଉଠୁଥିଲା । ଆଉ ମନେ ହେଉଥିଲା କେଉଁ ସୁଦୂର ଅଦୃଶ୍ୟଲୋକରୁ ଭାସିଆସୁଛି ଏକ ମଧୁର ସଙ୍ଗୀତଧ୍ୱନି ।

ସକାଳେ ଉଠି ମଝିରେ-ମଝିରେ ଶ୍ରୀଶ୍ରୀଠାକୁର ପଚାରୁଥିଲେ— କେମିତି ରାତି କଟିଲା, କ'ଣ ଅନୁଭବ କଲେ ଇତ୍ୟାଦି । ତା'ଦ୍ୱାରା ନାମଧ୍ୟାନର ଆବେଗଟା ଆହୁରି ବଢ଼ି ଯାଉଥିଲା । ମଝିରେ ମଝିରେ ଅନନ୍ତ-ମହାରାଜ ମଧ୍ୟ ମଞ୍ଚାରେ ଆସି ଆମମାନଙ୍କ ସହ ଧ୍ୟାନରେ ବସୁଥିଲେ । ଶ୍ରୀଶ୍ରୀଠାକୁର ଆସି ଆଲୋଚନାରେ ଯୋଗ ଦେଉଥିଲେ, ଉତ୍ସାହ ଦେଉଥିଲେ । କେଉଁଦିନ ନିଜେ ହିଁ ଅନେକ କଥା କହୁଥିଲେ । ଯେତେବେଳେ ସେ ନାମମୟ ହୋଇ ରହୁଥିଲେ ସେତେବେଳେ ତାଙ୍କର କିପରି ଅବସ୍ଥା ହେଉଥିଲା ଇତ୍ୟାଦି ।

କୌଣସିପ୍ରକାର ସଂକୀର୍ଣ୍ଣତା, ନୀଚତା, ସ୍ୱାର୍ଥପରତା କାହା ହୃଦୟରେ ସ୍ଥାନ ପାଉ ନ ଥିଲା । ଗୋଟାଏ ଭଲପାଇବାର ବାତାବରଣ ସମସ୍ତଙ୍କୁ ଯେପରି ଚାରିଦିଗରୁ ଘେରି ରଖିଥିଲା । ହୁଏତ ମୋର ଲୁଗାଟା ମଇଳା ହେଇଛି, ସଫା କରିବା ଦରକାର, ଭାବୁଛି ପରେ ସଫା କରିବି । ହଠାତ୍ ଦେଖେ, ସେଇଟା କିଏ ଯେପରି ସଫା କରି ଯଥା ସ୍ଥାନରେ ରଖିଦେଇଛି । ଖାଇବା ପରେ କିଏ କାହାର ପତ୍ର ଉଠେଇନେଇ ଅଇଁଠା ଜାଗା

ସଫା କରି ଲିପିଦେବ, ସେଥିପାଇଁ ପ୍ରତିଯୋଗିତା ଲାଗି ଯାଉଥିଲା । କେହି ଦିପଇସାର ମୁଢ଼ି କିଣିଲେ ସମସ୍ତେ ମଶି ଭାଗକରି ଖାଉଥିଲେ । ଦେହ-ପା ଖରାପ ହେଲେ ସମସ୍ତେ ଆସି ଆପଣାଛାଏଁ ହାଜର ହେଉଥିଲେ । ଗୋଡ଼, ହାତ, ଦେହ ଚିପିଦେବା, ଔଷଧ ଖୁଆଇବା, ପଥ୍ୟ ଦେବା ଇତ୍ୟାଦି ବିଷୟରେ ମୋଟେ ଭାବିବାକୁ ପଡ଼ୁ ନଥିଲା । 'ସକଲେର୍ ତରେ ସକଲେ ଆମ୍‌ରା ପ୍ରତ୍ୟେକେ ଆମ୍‌ରା ପରେର୍ ତରେ' (ସମସ୍ତଙ୍କପାଇଁ ସମସ୍ତେ ଆମେ ପ୍ରତ୍ୟେକେ ଆମେ ପରରପାଇଁ)— ଏହା ସେ ସମୟରେ ଆଶ୍ରମରେ ବାସ୍ତବରେ ମୂର୍ତ୍ତ ହୋଇଥିଲା । ପ୍ରକୃତପକ୍ଷେ କାହାକୁ ପର ବୋଲି ମନେ ହେଉ ନଥିଲା, ସମସ୍ତେ ଯେପରି ମୋର ନିଜର ଲୋକ ।

କେହି ନୂଆକରି ଆଶ୍ରମକୁ ଆସିଲେ ଏଇ ମଧୁରଭାବରେ ଆପ୍ଲୁତ ହୋଇ ସହସା ଆଶ୍ରମ ଛାଡ଼ି ଯିବାକୁ ଚାହୁଁ ନଥିଲା— ଖିଆ-ପିଆ ଓ ରହିବାର ନାନା ଅସୁବିଧା ସତ୍ତ୍ୱେ ମଧ୍ୟ । ସମସ୍ତଙ୍କ ଉପରେ ଆକର୍ଷଣର ମଧ୍ୟମଣି ଥିଲେ ଶ୍ରୀଶ୍ରୀଠାକୁର । ସେ ସମସ୍ତଙ୍କ ସାଥୀରେ ଏପରି ଅନ୍ତରଙ୍ଗଭାବେ ମିଶୁଥିଲେ ଓ ଭଲପାଉଥିଲେ ଯେ ସେଇ ଭଲପାଇବାର ସ୍ୱାଦ ପାଇ କେହି ତାଙ୍କ ପାଖରୁ ଦୂରକୁ ଯିବାକୁ ଚାହୁଁ ନଥିଲେ । ଏମିତି କୀର୍ତ୍ତନ, ଗୀତ, ଆଳାପ ଆଲୋଚନା ଓ ନାମଧ୍ୟାନ ଭିତରେ ଦିନରାତି ଯେ କୋଉବାଟ ଦେଇ କଟି ଯାଉଥିଲା ତାହା ଜାଣିହେଉ ନଥିଲା । ଏଇ ପ୍ରତିଷ୍ଠାନ ସେତେବେଳେ ଏତେ ବଡ଼ ହୋଇ ଉଠିନି, ସେତେବେଳେ ଏଠି କର୍ମୀ ଥିଲେ ଅଳ୍ପ । କିନ୍ତୁ ସମସ୍ତେ ଗୋଟିଏ ପ୍ରୀତି-ସୂତ୍ରରେ ଗ୍ରଥିତ ହୋଇ ଯେପରି ଏକ ପରିବାର ଭୁକ୍ତ ଥିଲେ । ସେତେବେଳେ ଏଠାରେ ନଥିଲା କାହାର ଅର୍ଥ, ନା ମିଳୁଥିଲା ପର୍ଯ୍ୟାପ୍ତ ଆହାର୍ଯ୍ୟ, କିନ୍ତୁ ପ୍ରାଣର ଆନନ୍ଦ ଥିଲା ପ୍ରଚୁର ।

ମୁଁ ଯେଉଁ ସମୟର କଥା କହୁଛି ତା'ର ବହୁଦିନ ପରେ ମୁରାରିପୁକୁର ବୋମା କେସ୍‌ର ଆସାମୀ ଶ୍ରୀଅରବିନ୍ଦଙ୍କ ଭାଇ ସୁପ୍ରସିଦ୍ଧ ବିପ୍ଳବୀ ବାରୀନ୍ଦ୍ରକୁମାର ଘୋଷ ଆଣ୍ଡାମାନରୁ ଫେରି ଆଶ୍ରମକୁ ଆସନ୍ତି । ତାଙ୍କର ସହକର୍ମୀ ଅବିନାଶଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଆଣ୍ଡାମାନରୁ ଆସି ସତ୍‌ମନ୍ତ୍ରରେ ଦୀକ୍ଷିତ ହେଲେ । ଅବିନାଶବାବୁ ହିଁ ବାରୀନ୍‌ଦାଙ୍କୁ ସାଙ୍ଗରେ ନେଇ ଆଶ୍ରମକୁ ଆସନ୍ତି । ବାରୀନ୍‌ଦା ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ଏବଂ ଆଶ୍ରମସ୍ଥ ସମସ୍ତଙ୍କର ପ୍ରୀତିପୂର୍ଣ୍ଣ ବ୍ୟବହାରରେ ଏତେ ମୁଗ୍ଧ ହୋଇଥିଲେ ଯେ ଆଶ୍ରମରୁ କଲିକତା ଫେରିଯାଇ 'ନାରାୟଣ' ନାମକ ମାସିକ ପତ୍ରିକାରେ 'ପାବନା ସତ୍‌ସଙ୍ଗର ମଧୁଚକ୍ର' ବୋଲି ଗୋଟିଏ ପ୍ରବନ୍ଧରେ ହିମାଇତପୁର ଆଶ୍ରମର ମନୋଜ୍ଞ ବିବରଣ ପ୍ରକାଶ କରନ୍ତି ଏବଂ ବାରୀନ୍‌ଦା ଶ୍ରୀଶ୍ରୀଠାକୁରଙ୍କ କଥା ପ୍ରଥମେ ବାରିଷ୍ଟର ସି.ଆର୍.ଦାସ ମହାଶୟଙ୍କୁ ଜଣାନ୍ତି । ସି.ଆର୍.ଦାସ ମଧ୍ୟ ତାଙ୍କ ପାଖରୁ ଶ୍ରୀଶ୍ରୀଠାକୁରଙ୍କ କଥା ଜାଣି ତାଙ୍କୁ ଦର୍ଶନ କରିବାପାଇଁ ହିମାଇତପୁର ଆଶ୍ରମକୁ ଆସିବାର ସଙ୍କଳ୍ପ କରନ୍ତି । କିନ୍ତୁ ନାନା କାରଣରୁ ତାଙ୍କର ସେତେବେଳେ ଆସିବା ଆଉ ସମ୍ଭବ ହୁଏ ନାହିଁ । ବାରୀନ୍‌ଦା ଆଶ୍ରମକୁ ଆସି ସି.ଆର୍.ଦାସଙ୍କ କଥା ଉଲ୍ଲେଖ କରି ଆମମାନଙ୍କୁ କହିଥିଲେ ସେଇ ଗୋଟାଏ ଲୋକ ଦେଖିଲି, ଯେପରି ତିଆରି ହୋଇ ହିଁ

ଅଛି । ତାଙ୍କ ପକ୍ଷରେ ଆଉ ବେଶୀଦିନ ବାରିଷ୍ଟରି କରିବା ସମ୍ଭବ ହେବ ବୋଲି ମୋର ମନେ ହେଉନାହିଁ ।

ଅତୀତର ଏଇସବୁ ଘଟଣା ଏତେଦିନ ଧରି ନିଶ୍ଚିନ୍ତରେ ସ୍ମୃତିର କବରରେ ନିଦ୍ରାଚ୍ଛନ୍ନ ରହିଥିଲା, ଆଜି ସେସବୁ ବିଷୟରେ ଚିନ୍ତା କରୁ କରୁ ଯେପରି ସେଗୁଡ଼ିକ ହଠାତ୍ ଜାଗି ଉଠୁଛନ୍ତି; ଗୋଟାଏ ଗୋଟାଏ ଜୀବନ୍ତ ଛବି ହୋଇ ମନର ପରଦାରେ ଭାସିଯାଉଛନ୍ତି । ଜୀବନର ଅଙ୍କାବଙ୍କା ପଥ ଦେଇ ଚାଲିଆସିଛି ଅନେକ ଦୂର, ତଥାପି ସେଇ ହଜେଇଦେଇଥିବା ଦିନଗୁଡ଼ିକ ପ୍ରତି ଯେପରି ମମତାର ଅନ୍ତ ନାହିଁ । ସେଇ ଦିନଗୁଡ଼ିକ ମୋତେ ଆନନ୍ଦ ଦେଇଛି ପ୍ରଚୁର, ସେଗୁଡ଼ିକ ମୋରି ହିଁ ଆନନ୍ଦ, ମୋର ଜୀବନ ସହିତ ଯେପରି ତା'ର ଅବିଚ୍ଛେଦ୍ୟ ସମ୍ପର୍କ ।

୧୯୧୯ ମସିହା ଅଗଷ୍ଟ ମାସରେ କଲିକତାର ୭ନଂ ଈଶ୍ୱର ମିଲ୍ ବାଇ ଲେନ୍‌ରେ ଶ୍ରୀଶ୍ରୀଠାକୁରଙ୍କପାଇଁ ଗୋଟାଏ ଘର ଭଡ଼ା ନିଆ ହେଲା । ଅଗଷ୍ଟମାସ ଶେଷ ଆଡ଼କୁ ଉକ୍ତ ଘରେ ଶ୍ରୀଶ୍ରୀଠାକୁରଙ୍କ ସହ ମୁଁ, ମାଆ, ମହାରାଜ, ଅଶ୍ୱିନୀଦା, ସତୀଶ ଜୋୟାରଦାର ପ୍ରଭୃତି ଆସି ରହିଲୁ । ସେପ୍ଟେମ୍ବର ୨ ତାରିଖ, ମଙ୍ଗଳବାର ଅପରାହ୍ଣରେ ବାରିଷ୍ଟର୍ ଜେ.ଏନ୍.ଦତ୍ତ (ସୁଭାଷଚନ୍ଦ୍ର ବୋସ୍‌ଙ୍କ ମାମୁ) ଓ ତାଙ୍କ ସ୍ତ୍ରୀ ଦତ୍ତ-ମା' ଏବଂ ତାଙ୍କ କନ୍ୟା ଲେଖା ମିତ୍ର(ବାରିଷ୍ଟର ସାର୍ ବି.ସି.ମିତ୍ରଙ୍କ ପତ୍ନୀ), ସୁଭାଷ ବୋସ୍‌ଙ୍କ ମାଆ ପ୍ରଭାବତୀଦେବୀ, ବାରିଷ୍ଟର ଚନ୍ଦ୍ରଶେଖର ସେନ୍‌ଙ୍କ ସହ ଆସି ଉପସ୍ଥିତ ହୁଅନ୍ତି । ଦତ୍ତ-ମା' ସେଠାକୁ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଥମ ଦର୍ଶନ କରି ହିଁ ତାଙ୍କର କୌଣସି ପରିଚୟ ଜିଜ୍ଞାସା ନ କରି ପାଗଳୀଙ୍କ ପରି ନତଜାନୁ ହୋଇ ପିନ୍ଧା ବସନକୁ ଗଳଲଗ୍ନୀକୃତ କରି ସ୍ତବ କରିବାକୁ ଲାଗିଲେ—

''ନମୋ ବ୍ରହ୍ମଣ୍ୟଦେବାୟ ଗୋବ୍ରାହ୍ମଣହିତାୟ ଚ ।
ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ ।।''

ଶ୍ରୀଶ୍ରୀଠାକୁର ସେତେବେଳେ ଅତି ନମ୍ରଭାବରେ ଦତ୍ତମା'ଙ୍କୁ କହିଲେ— ''ମା', ମୁଁ ସାମାନ୍ୟ ମଣିଷ । ତୁ ମୋତେ ଏସବୁ କହି ସ୍ତବ କରୁଛୁ କାହିଁକି ମା'?''

ଦତ୍ତମା' ଭକ୍ତି ଗଦ୍ ଗଦ୍ କଣ୍ଠରେ କହିଲେ— ''ସ୍ୱପ୍ନରେ ଦେଖାଦେଇ ମୋତେ ଖାଇବାକୁ ମାଗିଛ । ଭଏ ଯେ ସେଇ ମୂର୍ତ୍ତି, ସେଇ କଣ୍ଠସ୍ୱର । ତୁମେ ସେତେବେଳେ କହିଥିଲ— 'ତୁ ଯେ ମୋତେ ଡାକିଛୁ ।' ମୁଁ ତା'ର ଉତ୍ତରରେ କହିଲି— 'ମୁଁ ମୋ' ଭଗବାନ୍‌ଙ୍କୁ ଡାକିଛି, ତୁମେ କ'ଣ ମୋର ଭଗବାନ୍?' ତୁମେ କହିଲ— 'ହଁ, ସେଇଆ' 'ମୁଁ କହିଲି— 'ମୁଁ ତୁମକୁ ପ୍ରଣାମ କରୁଚି ।' ତୁମେ କହିଲ— 'ତୁ ବାତ୍ସଲ୍ୟ ଭାବରେ ଡାକିଛୁ । ପ୍ରଣାମ କରିବାକୁ ପଡ଼ିବନି ।' ସେତେବେଳେ ମୁଁ ତୁମକୁ ପ୍ରଣାମ୍ କଲି, ଆଉ ତୁମେ ପଳେଇଗଲ ।'' ଏଇଆ କହି ଦତ୍ତମା' କେତେବେଳେ ହସିଲେ, କେତେବେଳେ କାନ୍ଦିଲେ, କେତେବେଳେ ସ୍ତବ କଲେ, କେତେବେଳେ ବା ସେ—

'ରାମ ରାଘବ ! ରାମ ରାଘବ! ରାମ ରାଘବ! ରକ୍ଷ ମାମ୍ ।
କୃଷ୍ଣ କେଶବ! କୃଷ୍ଣ କେଶବ! କୃଷ୍ଣ କେଶବ! ପାହିମାମ୍ ।' ଗାନ କରି ସ୍ୱେଦକମ୍ପ ଅଶ୍ରୁପୁଲକାନ୍ୱିତ ଦେହରେ ଗାଇବାକୁ ଓ ନାଚିବାକୁ ଲାଗିଲେ । ଦତ୍ତମା'ଙ୍କର ସେଇ ସ୍ୱର୍ଗୀୟ ଭାବ ଦର୍ଶନ କରି ପୁରୁଷ-ନାରୀ ନିର୍ବିଶେଷରେ ସମସ୍ତେ ଭାବରେ ବିହ୍ୱଳ ହୋଇ ସ୍ତବ୍ଧ-ବିସ୍ମୟରେ ସଜଳ ନୟନରେ ଠିଆ ହୋଇ ଏଇ ଅପୂର୍ବ ଦୃଶ୍ୟ ଦେଖିବାକୁ ଲାଗିଲେ । ଆଖପାଖ ଚତୁର୍ଦ୍ଦିଗରେ ଘରର ଛାତ ଏବଂ ଅଳିନ୍ଦରୁ ଅସଂଖ୍ୟ ନରନାରୀ ସୋତ୍ସୁକ ନୟନରେ ଏ ଆଡ଼କୁ ଏକଦୃଷ୍ଟିରେ ଚାହିଁ ଏଇ ଅପୂର୍ବ ଦୃଶ୍ୟ ଦେଖୁଥିଲେ । ଶ୍ରୀଶ୍ରୀଠାକୁର ସେତେବେଳେ ଧୀରସ୍ଥିର ନିଶ୍ଚଳ ଅପଲକ ନୟନରେ ଦତ୍ତମାଙ୍କ ଆଡ଼କୁ ଚାହିଁ ରହିଛନ୍ତି । ଦତ୍ତମା ତାଙ୍କ ଆଡ଼କୁ ଚାହିଁ କହିଲେ— 'ହେଇ ଦେଖ— ମୋର ସଚଳ ଠାକୁର ଅଚଳ ହେଇଛନ୍ତି ।'

ଏପରି ଯିଏ କଠୋର ବାସ୍ତବବାଦୀ ବୁଦ୍ଧିଜୀବୀ ଶାକ୍ୟଦା, ଯାହା ଭିତରେ ଭାବାବେଗ କ୍ୱଚିତ୍ ଦେଖିଚି, ସେ ମଧ୍ୟ ଭାବାବେଗରେ ସ୍ଥିର ରହି ନ ପାରି ଅଶ୍ରୁପ୍ଲାବିତ ନେତ୍ରରେ ନାଚିବାକୁ ଆରମ୍ଭ କରିଦେଲେ । ଦତ୍ତମା'ଙ୍କ କନ୍ୟାର ଶରୀର ମୁହୁର୍ମୁହୁଃ ରୋମାଞ୍ଚିତ ହେବାକୁ ଲାଗିଲା । ସେ ବସିଥିଲେ, ଲମ୍ବ ହୋଇ ଶୋଇପଡ଼ିଲେ । ଅଳ୍ପ ସମୟ ପରେ ଉଠି କହିଲେ— ମୁଁ ନାମ ପାଇଛି । ସତକୁ ସତ ଦୈବଯୋଗରେ ସେଇ ମୁହୂର୍ତ୍ତରେ ସେ ସତ୍‌ନାମ ପାଇଗଲେ । ସେସମୟରେ ସେଠାରେ ଏମିତି ଏକ ଅପାର୍ଥିବ, ଅନିର୍ବଚନୀୟ ସ୍ୱର୍ଗୀୟ ଭାବ ସମସ୍ତଙ୍କ ଭିତରେ ଉଦୟ ହୋଇଥିଲା ଯେ ତାହା ପ୍ରତ୍ୟକ୍ଷଦର୍ଶୀ ନ ହେଲେ ଅନ୍ୟକୁ ବୁଝେଇ କହିବା ଆଦୌ ସମ୍ଭବ ନୁହେଁ । ପରେ ସନ୍ଧ୍ୟା ସମୟରେ ଦତ୍ତମା'ଙ୍କୁ ଘରକୁ ଫେରିଯିବାପାଇଁ ତାଙ୍କର ସ୍ୱାମୀ ବାରିଷ୍ଟର ଜେ.ଏନ୍. ଦତ୍ତ ଅନୁରୋଧ କଲେ । ସେତେବେଳେ ସେ କରୁଣ କଣ୍ଠରେ ଶ୍ରୀଶ୍ରୀଠାକୁରଙ୍କୁ ଲକ୍ଷ୍ୟ କରି କହିଲେ— 'ଠାକୁର, ଏମାନେ ପୁଣି ମୋତେ ସଂସାର କାରାଗାରକୁ ନେଇଯାଉଛନ୍ତି । ମୋତେ ରକ୍ଷା କର ।'

ଶ୍ରୀଶ୍ରୀଠାକୁର— 'ମା', ସ୍ୱାମୀଙ୍କ କଥା ଶୁଣିବା ଉଚିତ । ସ୍ୱାମୀ ଦେବତା । ଯାଅ, ଘରକୁ ଯାଅ ।'

ଦତ୍ତମା'— 'ତେବେ କୁହ— ମୁଁ ଡାକିଲେ ତୁମେ ଦେଖା ଦେବ ତ ?'

ଶ୍ରୀଶ୍ରୀଠାକୁର ସେକଥା ସ୍ୱୀକାର ନ କରି ବୁଲେଇ-ବଙ୍କେଇ ଉତ୍ତର ଦେବାକୁ ଲାଗିଲେ ।

ଦତ୍ତମା' ବି କୌଣସିମତେ ଛାଡ଼ିଲେ ନାହିଁ ।

ସେତେବେଳେ ଶ୍ରୀଶ୍ରୀଠାକୁର ଦତ୍ତମା'ଙ୍କ କାନରେ ଚୁପ୍‌ଚାପ୍ କ'ଣ ଯେପରି କହିଲେ । ଆଉ ଦତ୍ତମା' ସହାସ୍ୟବଦନରେ ଆନନ୍ଦିତ ମନରେ ମଟର-ଗାଡ଼ିରେ ଯାଇ ବସିଲେ ।

Scanned with CamScanner

ଏହାର ଠିକ୍ ଦୁଇ ସପ୍ତାହ ପରେ ସେପ୍ଟେମ୍ବର ୧୭ ତାରିଖ ଦିପହରକୁ ସେଇସବୁ ସଙ୍ଗିନୀ ଓ ସ୍ୱାମୀଙ୍କ ସହ ଦତ୍ତମା' ଈଶ୍ୱର ମିଲ୍ ଲେନ୍‌ର ଘରେ ଆସି ପହଞ୍ଚିଲେ। ସମସ୍ତଙ୍କର ଖିଆପିଆ ହେଇଚି, କେବଳ ଦତ୍ତମା'ଙ୍କର ଖିଆ ହେଇନି। ଦତ୍ତ-ମା' କହିଲେ, ସେ ଖାଇବାକୁ ଯିବା ସମୟରେ ଶ୍ରୀଶ୍ରୀଠାକୁର ତାଙ୍କ ନିକଟରେ ଆର୍ବିଭୂତା ହୋଇ ସଂସ୍କୃତରେ କ'ଣ ଗୋଟାଏ ଶ୍ଳୋକ କହିଲେ। ଏଇ ଶ୍ଳୋକ ଶୁଣି ଦତ୍ତମା' ଭାବରେ ବିଭୋର ହୋଇପଡ଼ିଲେ ଏବଂ ସେଇ ଅବସ୍ଥାରେ ଶ୍ରୀଶ୍ରୀଠାକୁର ପାଖକୁ ଚ୍ଳିଆସିଲେ। ଆସି ଶ୍ରୀଶ୍ରୀଠାକୁରଙ୍କୁ ସମ୍ବୋଧନ କରି କହିଲେ— 'ଠାକୁର, ତୁମେ ମୋତେ ଥରେ ଦେଖାଦେଇ ଚ୍ଳିଆସିଲ କାହିଁକି? ଆଉ ତୁମେ ଯେଉଁ ଶ୍ଳୋକଟି ସେତେବେଳେ କହିଥିଲ, ମୋର ସ୍ୱାମୀ ତାହା ମୋ' ପାଖରୁ ଶୁଣି ନୋଟ୍ ବହିରେ ଟିପି ରଖିଛନ୍ତି। ସେଇ ଶ୍ଳୋକଟି ନ କହିଲେ ମୁଁ ଆଉ କୌଣସିମତେ ଯିବିନି।

ଶ୍ରୀଶ୍ରୀଠାକୁର— 'ମୁଁ ତୁମ ଘରକୁ ବି ଯାଇନି। କୌଣସି ସଂସ୍କୃତ ଶ୍ଳୋକ ବି କହିନି।'

ଦତ୍ତମା' କିନ୍ତୁ ସେଇ ଶ୍ଳୋକଟି ଶ୍ରୀଶ୍ରୀଠାକୁରଙ୍କ ମୁହଁରୁ ନ ଶୁଣି ଛାଡ଼ିବେ ନାହିଁ। ଏଣେ ଶ୍ରୀଶ୍ରୀଠାକୁର ମଧ୍ୟ ଏ ବିଷୟରେ କିଛି ହିଁ କହୁ ନାହାନ୍ତି। ଅବଶେଷରେ ଶ୍ରୀଶ୍ରୀଠାକୁର ସ୍ପଷ୍ଟ ଭାବରେ ନ କହି ଗୋଟାଏ ଗୀତ ଗାଇ ତା' ମଧ୍ୟଦେଇ କହିଲେ—

'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା' ଶୁଚଃ॥'

ସେତେବେଳେ ଦତ୍ତମା' ''ଏଇ ସେଇ ଶ୍ଳୋକ, ଏଇ ସେଇ ଶ୍ଳୋକ'' ଏଇ କଥା କହି ଆନନ୍ଦରେ ବିହ୍ୱଳ ହୋଇ ଚିତ୍କାର କରିଉଠିଲେ। ତା'ର କିଛିସମୟ ପରେ କିଞ୍ଚିତ୍ ପ୍ରକୃତିସ୍ଥ ହୋଇ ମାଆଙ୍କ ପାଖକୁ (ମାତା ମନୋମୋହିନୀ ଦେବୀଙ୍କ ପାଖକୁ) ଯାଇ ଅନ୍ନ ଗ୍ରହଣ କଲେ।

ଈଶ୍ୱର ମିଲ୍ ବାଇ ଲେନ୍‌ର ଘରେ ଅବସ୍ଥାନ ସମୟରେ ଅଶ୍ୱିନୀଦା ଦିନେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— 'ଆଜି କୁଷ୍ଟିୟା ଯିବାକୁ ଚ୍ହୁଁଚି।'

ଶ୍ରୀଶ୍ରୀଠାକୁର— 'ଆଜି ନ ଗଲେ କ'ଣ ଚଳିବନି?'

ଅଶ୍ୱିନୀଦା— 'ଆସନ୍ତା କାଲି କୁଷ୍ଟିୟା କୋର୍ଟରେ ମୋର ୫/୬ଟି ମକଦ୍ଦମା ଅଛି। ସେଥିରୁ ପ୍ରାୟ ୫୦/୬୦ ଟଙ୍କା ପାଇବି। ନ ଗଲେ ଟଙ୍କାର କ୍ଷତି ତ ହେବ, ତା'ଛଡ଼ା ମହକିଲ ବି ଅସନ୍ତୁଷ୍ଟ ହେବେ। ସେମାନଙ୍କୁ କଥା ଦେଇଆସିଛି ଯେ ମକଦ୍ଦମା ତାରିଖ ଦିନ ଉପସ୍ଥିତ ରହି ସେମାନଙ୍କର ମକଦ୍ଦମା ଲଢ଼ିବି। ନ ଗଲେ କଥାରେ ଖିଲାପ ହେବ। ତେଣୁ ମୋର ଆଜି ନ ଗଲେ ଚଳିବିନି।'

ଆହୁରି ନାନା କଥା ପରେ ବି ଯେତେବେଳେ ଅଶ୍ୱିନୀଦା ପ୍ରତିନିବୃତ୍ତ ହେବାକୁ ରାଜୀ ହେଲେନି, ସେତେବେଳେ ଶ୍ରୀଶ୍ରୀଠାକୁର ଅତି ଦୀନଭାବରେ କାକୁତିମିନତି କରିବାକୁ ଲାଗିଲେ ଯାହାଦ୍ୱାରା ଅଶ୍ୱିନୀଦା ସେଦିନ ନ ଯାଆନ୍ତି।

ସେଦିନ ଆଉ ତାଙ୍କର କୁଷ୍ଟିୟା ଯିବା ହେଲା ନାହିଁ। ତା' ପରଦିନ ବାହାରି କୁଷ୍ଟିୟା କୋର୍ଟରେ ଉପସ୍ଥିତ ହୋଇ ସେ ଜାଣିପାରିଲେ ଯେ ମାଜିଷ୍ଟ୍ରେଟ୍ ସେଦିନ ଅଶ୍ୱିନୀଦାଙ୍କ ନାମରେ ୭୦୦ ଟଙ୍କାର ଜାମିନ୍ ବାଜ୍ୟାପ୍ତ ବୋଲି ନୋଟିସ୍ ଜାରି କରିଥିଲେ ଆଦାୟ କରିବାପାଇଁ।

ଜଣେ ଆସାମୀକୁ ସେ ତଲବ ଅନୁସାରେ ହାଜିର କରେଇ ଦେବାକୁ ବାଧ୍ୟ ଥିଲେ। ଆସାମୀ ପଳାତକ, ଦୁଷ୍ଟାମି କରି ତଲବ ଅନୁସାରେ କୋର୍ଟରେ ହାଜର ହେଇନି। ଅଶ୍ୱିନୀଦା ସେଦିନ କୋର୍ଟରେ ଉପସ୍ଥିତ ଥିଲେ ସେଦିନ ତାଙ୍କୁ ହିଁ ସେଇ ୭୦୦ ଟଙ୍କା ଦଣ୍ଡ ଦେବାକୁ ପଡ଼ିଥାନ୍ତା, କିନ୍ତୁ କଲିକତାରେ ଥିଲେ ବୋଲି ଅବ୍ୟାହତି ପାଇଗଲେ।

ଅଶ୍ୱିନୀଦାଙ୍କର ଚିଠି ପାଇ ଆମେ ବୁଝିଲୁ ଯେ ସେଦିନ କାହିଁକି ଶ୍ରୀଶ୍ରୀଠାକୁର ଅଶ୍ୱିନୀଦାଙ୍କୁ ଏପରିକରି ପ୍ରତିନିବୃତ୍ତ କରିଥିଲେ।

୭ନଂ ଈଶ୍ୱର ମିଲ୍ ବାଇ ଲେନ୍‌ର ଘରଟି ଥିଲା ବାଗ୍‌ବାଜାରର ଦୁର୍ଗାମାଉସୀ ପ୍ରଭୃତିଙ୍କର ଭାଇର ଘର। ଶେଖରମାଉସୀ, ଦୁର୍ଗାମାଉସୀ ଓ ମାୟାମାଉସୀ ତିନିଜଣଯାକ ଅଳ୍ପବହୁତ ଆଗ-ପଛ ହୋଇ ବିଧବା ହୋଇ ଭାଇର ଘରେ ସେତେବେଳେ ରହୁଥିଲେ। ବୈଧବ୍ୟ ହେତୁ ଶୋକାଭିଭୂତ ହୋଇ ସେମାନେ ଏକପ୍ରକାର ଆହାର-ନିଦ୍ରା ତ୍ୟାଗ କରି ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଜନନୀ ମନୋମୋହିନୀ ସେମାନଙ୍କର ଏଇ ଶୋଚନୀୟ ଅବସ୍ଥାର କଥା ଶୁଣି ଦିନେ ସେମାନଙ୍କ ଘରକୁ ଯାଇ ସେମାନଙ୍କୁ ନାନା ପ୍ରବୋଧନା ବାକ୍ୟରେ ସଂଜୀବିତ କରି ତୋଳନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କ କଥା କୁହନ୍ତି। ମା'ଙ୍କର ଉପଦେଶ ଓ ସାହଚର୍ଯ୍ୟରେ ସେମାନଙ୍କର ଶୋକଭାର ଅନେକ ପରିମାଣରେ ଲାଘବ ହୁଏ। ନିଜର ବଡ଼ ଭଉଣୀ ସ୍ଥାନରେ ସେମାନେ ମା'ଙ୍କୁ 'ଦିଦି' ବୋଲି ସମ୍ବୋଧନ କରନ୍ତି। ସେମାନେ ତିନି ଜଣ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି। ତାଙ୍କୁ ଦର୍ଶନ କରି ତାଙ୍କ ସାଥୀରେ ଆଳାପ କରି ସେମାନେ ମୁଗ୍ଧ ହୁଅନ୍ତି ଏବଂ ତିନିଜଣଯାକ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି। ସେମାନେ ମା'ଙ୍କୁ 'ଦିଦି' (ନାନୀ ବା ଅପା) ବୋଲି ସମ୍ବୋଧନା କରୁଛନ୍ତି ବୋଲି ଶ୍ରୀଶ୍ରୀଠାକୁର ସେମାନଙ୍କୁ 'ମାସିମା' (ମାଉସୀ) ବୋଲି ସମ୍ବୋଧନ କରୁଥାନ୍ତି। ଶ୍ରୀଶ୍ରୀଠାକୁରଙ୍କର ମାଉସୀ, ଫଳରେ ସେମାନେ ସମସ୍ତଙ୍କର ମାଉସୀ ହୋଇପଡ଼ିଲେ। ସତ୍‌ସଙ୍ଗୀମାତ୍ରେ ହିଁ ସେ ତିନିଜଣଙ୍କୁ ମାଉସୀ ବୋଲି ଡାକନ୍ତି।

ଶ୍ରୀଶ୍ରୀଠାକୁର ଯେତେବେଳେ ବୌବାଜାରରେ ନ୍ୟାସ୍‌ନାଲ୍ ମେଡିକାଲ୍‌ରେ ପଢୁଥିଲେ ସେତେବେଳେ ବୈଦ୍ୟନାଥ ବୋଲି ତାଙ୍କର ଜଣେ ସହପାଠୀ ଥିଲା। ସେ କେଉଁଠୁ ଖବର ପାଏ ଯେ ତା'ର ସହପାଠୀ ଅନୁକୂଳଚନ୍ଦ୍ର ବର୍ତ୍ତମାନ ଆଧ୍ୟାତ୍ମିକ କ୍ଷେତ୍ରରେ

Scanned with CamScanner

ପାରଦର୍ଶୀ ହୋଇ 'ଶ୍ରୀଶ୍ରୀଠାକୁର' ନାମରେ ପରିଚିତ ହୋଇଛନ୍ତି ଏବଂ କଲିକତା ଆସି ଅବସ୍ଥାନ କରୁଛନ୍ତି ଓ କଲିକତାର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । ଏଇ ଖବର ପାଇ ସେ ହଠାତ୍ ଦିନେ ଈଶ୍ୱର ମିଲ୍ ଲେନ୍‌ର ଘରେ ଆସି ପହଞ୍ଚେ । ଶ୍ରୀଶ୍ରୀଠାକୁର ଅପ୍ରତ୍ୟାଶିତଭାବେ ତାଙ୍କର ପୁରୁଣା ବନ୍ଧୁକୁ ଦେଖି ଖୁବ୍ ଉଲ୍ଲସିତ ହୋଇଉଠନ୍ତି । ତାକୁ ଗାଢ଼ ଆଲିଙ୍ଗନରେ ଆବଦ୍ଧ କରି ତା' ବିଷୟରେ ନାନାପ୍ରକାର କୁଶଳ ପ୍ରଶ୍ନାଦି ଜିଜ୍ଞାସା କରନ୍ତି ଏବଂ ଆମ ସମସ୍ତଙ୍କୁ ତା'ସହ ପରିଚୟ କରାଇଦିଅନ୍ତି ।

ବୈଦ୍ୟନାଥ ଭାବିଥିଲା ଯେ ତା'ର ସହପାଠୀ ବର୍ତ୍ତମାନ ମସ୍ତବଡ଼ ଲୋକ ହେଇଯାଇଚି, ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତା'ର ଶିଷ୍ୟ । ସିଏ କ'ଣ ଆଉ ତାକୁ ଚିହ୍ନିପାରିବ? କିନ୍ତୁ ଶ୍ରୀଶ୍ରୀଠାକୁର ପ୍ରଥମ ଦର୍ଶନରେ ତାକୁ ଚିହ୍ନିପକେଇ ନିକଟତମ ବନ୍ଧୁ ସଦୃଶ ତାଙ୍କର ସମପର୍ଯ୍ୟାୟର ଲୋକ ପରି ତାକୁ ଗ୍ରହଣ କଲେ ଦେଖି ସେ ମୁଗ୍ଧ ହେଇଗଲା ।

ବୈଦ୍ୟନାଥ ଥିଲା ବଡ଼ ଆମୋଦିଆ (ହାସ୍ୟରସିକ) ଲୋକ । ହରବୋଲ ପରି ନାନା ପ୍ରକାର ଶବ୍ଦ କରି ଲୋକଙ୍କୁ ହସେଇ ପାରୁଥିଲା ଖୁବ୍ । ତା'ର ପ୍ରଶସ୍ତ ବକ୍ଷ, ଆୟତ-ଲୋଚନ, ବିଶେଷତଃ ତା'ର ସୁଦୀର୍ଘ ଗୁମ୍ଫଯୁଗଳ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା ।

ପୁରୁଣା ସାଙ୍ଗକୁ ପାଇ ଶ୍ରୀଶ୍ରୀଠାକୁରଙ୍କର କି ଆନନ୍ଦ! ମାଙ୍କୁ ଡାକି କହିଲେ— 'ଯାକୁ ଭଲ କରି ଖାଇବାକୁ ଦବୁ ।'

ବୈଦ୍ୟନାଥ ନାନା ଆପତ୍ତି ଉଠେଇଲେ । ଠାକୁର କହିଲେ— 'ଏତେଦିନ ପରେ ତୋ ସହ ଦେଖା । ଆଜି ସହଜରେ ଛାଡୁନି । ଏକା ସାଙ୍ଗରେ ବସି ଖାଇବା, ତୋର କୌଣସି ଆପତ୍ତି ଆଜି ଶୁଣିବିନି ।'

ଅଗତ୍ୟା ବୈଦ୍ୟନାଥକୁ ରାଜୀ ହେବାକୁ ପଡ଼ିଲା । ତା' ପରେ ତା' ସହ ଛାତ୍ର-ଜୀବନର ଅନେକ ଗଳ୍ପ ହେଲା । ସେ ସମୟରେ କଥା-ପ୍ରସଙ୍ଗରେ ସେମାନଙ୍କ କଲେଜ-ଜୀବନର ଅଧ୍ୟାପକ ଡା. ଶଶୀଭୂଷଣ ମିତ୍ରଙ୍କ କଥା ଉଠିଲା । ବୈଦ୍ୟନାଥଦା କହିଲେ ଯେ ସେ ବର୍ତ୍ତମାନ ୨୯ନଂ ପ୍ୟାରୀମୋହନ ସୁର୍ ଗାର୍ଡ଼ନ୍ ଲେନ୍‌ରେ ଘର କରିଛନ୍ତି । ସେଇ ଘରେ ହିଁ ରହନ୍ତି । ଦିନେ ତାଙ୍କୁ ସାଙ୍ଗରେ ଏଠିକି ନେଇ ଆସିବି ।

ଡାକ୍ତର ଶଶୀଭୂଷଣ ମିତ୍ରଙ୍କ କଥା ପଡ଼ିବାରୁ ମୁଁ କହିଲି, ମୁଁ ତ ତାଙ୍କୁ ଚିହ୍ନିଚି । ସୁରେନ୍ଦ୍ରନାଥ ମୈତ୍ର ବୋଲି ଗୋଟିଏ ପିଲା ଆମ ସାଥୀରେ ଏଣ୍ଟ୍ରାନ୍ସ୍ ପଢୁଥିଲା । ସେ ସେଇ ପରୀକ୍ଷାରେ ଫେଲ୍ ହୋଇ ନ୍ୟାସ୍‌ନାଲ୍ ମେଡିକାଲ୍ କଲେଜ୍‌ରେ ଆସି ଭର୍ତ୍ତି ହେଲା । ତା'ର ବାପା ଥିଲେ ଓକିଲ । ତା'ର ବାପା ଖୁବ୍ ଅସୁସ୍ଥ ହୋଇ ପଡ଼ିବାରୁ ସେ ମୋତେ ଅନୁରୋଧ କଲା ବାପାଙ୍କର ଚିକିତ୍ସାପାଇଁ ତା'ସହ କଲିକତା ଆସିବାକୁ । ସେତେବେଳେ ଆଇ.ଏ. ପରୀକ୍ଷା ଦେଇ ସେଇମାତ୍ର ଘରକୁ ଆସିଛି । ଅବସର ସମୟ ଥିଲା ପ୍ରଚୁର । ତେଣୁ ତା' କଥାରେ ରାଜୀ ହୋଇଗଲି । ଡାକ୍ତରଙ୍କୁ ଡାକିଆଣିବା ଓ ଔଷଧପତ୍ର ଆଣିବା

ଇତ୍ୟାଦି କାମର ଭାର ଥିଲା ମୋ' ଉପରେ । ପ୍ରଥମେ ସୁରେନ୍‌ର ବାପାଙ୍କୁ ଶଶୀବାବୁଙ୍କର ଚିକିତ୍ସାଧୀନ ରଖା ହେଲା । ମୁଁ ନ୍ୟାସ୍‌ନାଲ୍ ମେଡ଼ିକାଲ୍ କଲେଜ୍‌କୁ ପ୍ରାୟ ହିଁ ଯାଉଥିଲି ଡାକ୍ତର ଶଶୀବାବୁଙ୍କ ପାଖକୁ । ସେଇ ସମୟରେ ସେଠାରେ ଅନେକଥର ଶ୍ରୀଶ୍ରୀଠାକୁରଙ୍କୁ ଦେଖିଚି । ସେକଥା ଏ ସମ୍ପର୍କରେ ମନେ ପଡ଼ିଗଲା । ସେତେବେଳେ କିଏ ଜାଣିଥିଲା ଯେ ଭବିଷ୍ୟତରେ ଇଏ ହିଁ ହେବେ ମୋର ପରମାରାଧ୍ୟ ଗୁରୁଦେବ— ଇଷ୍ଟଦେବତା !

ଶଶୀବାବୁ ଈଶ୍ୱର ମିଲ୍ ବାଇ ଲେନ୍‌ରେ ହିଁ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି । ଦୀକ୍ଷା ନେବା ପରଠାରୁ ସେ ଶ୍ରୀଶ୍ରୀଠାକୁର 'ବାବା' ବୋଲି ଡାକୁଥିଲେ । ଶ୍ରୀଶ୍ରୀଠାକୁର ତାଙ୍କୁ 'ସାର୍' ବୋଲି ଡାକୁଥିଲେ । ପ୍ରଣାମବେଳେ ଉଭୟେ ଉଭୟଙ୍କୁ ଗଡ଼ (ଲମ୍ବ) ହୋଇ ପ୍ରଣାମ କରୁଥିଲେ । ଜଣେ ଆଉ ଜଣକର ସାକ୍ଷାତ୍‌ରେ ଧୂମପାନ କରୁ ନଥିଲେ । ଆମେମାନେ ଶଶୀବାବୁଙ୍କୁ ମାଷ୍ଟରମହାଶୟ (ମାଷ୍ଟର୍‌ମଶାଇ) ବୋଲି ଡାକୁଥିଲୁ ।

ପୂର୍ବରୁ କହିଛି ଯେ ୧୯୧୯ ମସିହା ଅଗଷ୍ଟ ମାସର ଶେଷଆଡ଼କୁ ଶ୍ରୀଶ୍ରୀଠାକୁର ୭ନଂ ଈଶ୍ୱର ମିଲ୍ ବାଇ ଲେନ୍‌ର ଘରକୁ ଆସନ୍ତି । ସେଇ ଘରେ କେତେ ମାସ ରହିବା ପରେ ଶ୍ରୀଶ୍ରୀଠାକୁର ଜନନୀ ମନୋମୋହିନୀ, ଅନନ୍ତ-ମହାରାଜ ପ୍ରଭୃତିଙ୍କ ସହ ପାବନା ଆଶ୍ରମକୁ ଫେରି ଆସନ୍ତି । ଉକ୍ତ ଘରର ମାଲିକ ତାଙ୍କ ନିଜର ପ୍ରୟୋଜନରେ ସେଇ ଘରର ଆବଶ୍ୟକତା ଅନୁଭବ କରିବାରୁ ସେଇ ଘରଟି ଆମକୁ ଛାଡ଼ିଦେବାକୁ କୁହନ୍ତି । ତଦନୁସାରେ ଆଉ ଗୋଟିଏ ଭଡ଼ାଘର ଖୋଜା ଚାଲିଥାଏ । ଶେଷରେ ୧/୧-ସି ହରିତକୀ ବାଗାନ୍ ଲେନ୍‌ସ୍ଥିତ ଏକ ଘର ଭଡ଼ା ନିଆ ହୁଏ । ଏଇ ହରିତକୀ ବାଗାନ୍ ଲେନ୍‌ର ଘରେ ଶ୍ରଦ୍ଧେୟ ଖେପୁଦା (ଶ୍ରୀଶ୍ରୀଠାକୁରଙ୍କର ମଧ୍ୟମ ଭ୍ରାତା ଶ୍ରୀପ୍ରଭାସଚନ୍ଦ୍ର ଚକ୍ରବର୍ତ୍ତୀ) ସପରିବାରେ ରହି ଆଇନ୍ ଅଧ୍ୟୟନ କରୁଥିଲେ, ମୁଁ ମଧ୍ୟ ତାଙ୍କ ସହିତ ରହୁଥିଲି ।

କିଛିଦିନ ପରେ ୧୯୨୦ ମସିହା ଶାରଦୀୟ ଦୁର୍ଗାପୂଜା ପୂର୍ବରୁ ଶ୍ରୀଶ୍ରୀଠାକୁର ଅନନ୍ତ-ମହାରାଜ, କିଶୋରୀଦା, କେଷ୍ଟ ଦାସ, ଜନନୀ ମନୋମୋହିନୀ ପ୍ରଭୃତିଙ୍କ ସହ ଏଇ ଘରକୁ ଆସିଲେ । ଏଇ ଘରେ ଥିବା ସମୟରେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାପାଇଁ ବହୁ ଲୋକଙ୍କର ସମାଗମ ହେଉଥିଲା । ଶ୍ରଦ୍ଧେୟ ଶଶୀଭୂଷଣ ମିତ୍ର ମହାଶୟ ସେତେବେଳେ ବେଲେଘାଟା ଅଞ୍ଚଳରେ ରହୁଥିଲେ । ଡାକ୍ତର ହିସାବରେ ତାଙ୍କର ସେଇ ଅଞ୍ଚଳରେ ଖୁବ୍ ସୁନାମ ଥିଲା । ତଙ୍କ ପ୍ରମୁଖରୁ ଶ୍ରୀଶ୍ରୀଠାକୁରଙ୍କର କଲିକତା ଶୁଭାଗମନର ସମ୍ବାଦ ପାଇ ବେଲେଘାଟା ଅଞ୍ଚଳର ବହୁ ଲୋକ— ଯତୀନ ବୋସ୍, କ୍ଷେତ୍ର ବୋସ୍, ସତ୍ୟ କବି, ବଲାଇ ଘୋଷ, ସୁରେନ୍ ରୁଦ୍ର, ନରେନ୍ ରୁଦ୍ର, ଅଭିରାମ ଖାଁ, ତାଙ୍କ ପୁତ୍ର ଡା. ସତୀଶ ଖାଁ ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି ଏବଂ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି ।

ବେଲେଘାଟା ଅଞ୍ଚଳର ବହୁ ଲୋକ ଦୀକ୍ଷା ଗ୍ରହଣ କରିବାରୁ ସେଠାରେ ସତ୍‌ସଙ୍ଗର ଗୋଟାଏ ଶାଖା ପ୍ରତିଷ୍ଠିତ ହୁଏ । ନିୟମିତଭାବେ ସତ୍‌ସଙ୍ଗ ଚାଲୁଥାଏ । ଶ୍ରୀଶ୍ରୀଠାକୁର, ଜନନୀ ମନୋମୋହିନୀ, ଅନନ୍ତ-ମହାରାଜ, କିଶୋରୀଦା, ଗୋସାଇଁଦାଙ୍କ

Scanned with CamScanner

ସହ ଆମେ ମଝିରେ ମଝିରେ ସେଠାକୁ ଯାଉଥିଲୁ । ସେଠାରେ ତୁମୁଳ କୀର୍ତ୍ତନ ହେଉଥିଲା । ଗୋସାଇଁଦା ବେଲେଘାଟା ଅଞ୍ଚଳରେ କିଛିଦିନ ସ୍ଥାୟୀଭାବେ ଅବସ୍ଥାନ କରିବାରୁ ସେଇ ଅଞ୍ଚଳରେ ଆହୁରି ବହୁ ଲୋକ ଦୀକ୍ଷା ଗ୍ରହଣ କରନ୍ତି ।

ଅନୁରୂପଭାବେ କୁଞ୍ଜଦା, ଲାଲଭାଇ, ଧୀରେନ୍ ଭଟ୍ଟାଚାର୍ଯ୍ୟ (ସିଁଥିର) ଦୀକ୍ଷା ଗ୍ରହଣ କରିବାରୁ ସିଁଥି (ଦମ୍‌ଦମ୍)ରେ ମଧ୍ୟ ଗୋଟାଏ ସତ୍‌ସଙ୍ଗ ଶାଖା-କେନ୍ଦ୍ର ଗଢ଼ି ଉଠେ । ତାହା ଏବେ ବି ଚାଲିଛି । କୁଞ୍ଜଦାଙ୍କର ବାପା ଏବଂ କକେଇ ଉଭୟେ ସେଇ ଅଞ୍ଚଳର ପ୍ରସିଦ୍ଧ କବିରାଜ ଥିଲେ । ତାଙ୍କ ଘରକୁ ରାମକୃଷ୍ଣ ପରମହଂସ ଓ ବିବେକାନନ୍ଦ ଅନେକ ଥର ଆସିଥିଲେ । ତାଙ୍କର ବାପା ପରମହଂସଦେବଙ୍କର ଚିକିତ୍ସକ ଥିଲେ । ଆମେମାନେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ସହ ସେଇ ଘରକୁ ବହୁବାର ଯାଇଛୁ ।

ଶଶୀବାବୁଙ୍କ ନିକଟରୁ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଅବଗତ ହୋଇ ଶ୍ରୀଯୁକ୍ତ ହୀରାଲାଲ୍ ଦାସ-ମହାଶୟ ତାଙ୍କୁ ଦର୍ଶନ କରିବାକୁ ଆସନ୍ତି । ସେ କୈଶୋର ଓ ଯୌବନର ପ୍ରଥମ ଭାଗରେ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କର ସାହଚର୍ଯ୍ୟରେ କଟେଇଥିଲେ ।

ସେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଥମ ଦର୍ଶନରେ ହିଁ ତାଙ୍କର ଅଦ୍ଭୁତ ସାରଲ୍ୟ, ହାବଭାବ ଓ କଥା କହିବାର ଭଙ୍ଗୀ ଦେଖି କହି ଉଠିଲେ— ଏ ଯେ ଦେଖୁଛି ଠିକ୍ ଠିକ୍ ରାମକୃଷ୍ଣଦେବଙ୍କ ପରି । ମନେହୁଏ ସେ ହିଁ ଯେପରି ପୁଣି ନବକଳେବରରେ ଆସିଛନ୍ତି । ପରମହଂସଦେବ ଖୁବ୍ ତମାଖୁ ଖାଉଥିଲେ, ଇଏ ମଧ୍ୟ ଦେଖୁଛି ସେଇ ତମାଖୁର ଭକ୍ତ ।

ହୀରାଲାଲଦା ବୃଦ୍ଧ ହେଲେ ମଧ୍ୟ ଉଦ୍ୟମ, ଉଲ୍ଲାସ ଓ ସ୍ଫୂର୍ତ୍ତିରେ ଯୁବକ ସଦୃଶ ଥିଲେ । ଶ୍ରୀଶ୍ରୀଠାକୁର ତାଙ୍କୁ young oldman (ବୃଦ୍ଧ ଯୁବକ) ବୋଲି କହୁଥିଲେ । ସେମାନେ ଦୁଇଭାଇ— ହୀରାଲାଲଦା ଓ ଯୋଗେନ୍‌ଦା । ଉଭୟେ ଶ୍ରୀଶ୍ରୀଠାକୁରଙ୍କର ଏକନିଷ୍ଠ ଭକ୍ତ ଥିଲେ । ସେ ଦୁଇଜଣଙ୍କର ଆଗ୍ରହ-ଆତିଶଯ୍ୟରେ ଅନେକଦିନ ସେମାନଙ୍କର ମାଣିକତଲା ଘରେ ମୁଁ କଟେଇଛି ।

□□□

ମାସିକ ପତ୍ରିକା

ଶ୍ରୀଶ୍ରୀଠାକୁର କିଛିଦିନ ହରିତକୀ ବାଗାନରେ କଟେଇବା ପରେ ଆଶ୍ରମ ଫେରିଆସିଲେ, ଆମେ ମଧ୍ୟ ଫେରିଆସିଲୁ । ଆଶ୍ରମ ଆସି ଶ୍ରୀଯୁକ୍ତ ଶାକ୍ୟଦା ଓ ଅଶ୍ୱିନୀଦା ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଗୋଟାଏ ମାସିକ ପତ୍ରିକା ପ୍ରକାଶର ଇଚ୍ଛା ଜ୍ଞାପନ କରନ୍ତି । ମାସିକା ପତ୍ରିକାର ନାମ କ'ଣ ହେବ ଏବଂ ସମ୍ପାଦକ କିଏ ହେବେ ତାହା ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ସହ ଆଲୋଚନା କରନ୍ତି । ସ୍ଥିର ହେଲା ଯେ ପତ୍ରିକାର ନାମ 'ସତ୍‌ସଙ୍ଗୀ' ହେବ, ଆଉ ସମ୍ପାଦକ ହେବେ ଶାକ୍ୟଦା, ପତ୍ରିକା ପରିଚାଳନାର ଭାର ଶାକ୍ୟଦା ଓ ଅଶ୍ୱିନୀଦା ଉଭୟଙ୍କ ଉପରେ ରହିବ । ଜଣେ ମହିଳା ଭକ୍ତ ନିକଟରୁ ଦୁଇହଜାର ଟଙ୍କା ନେଇ ଶ୍ରୀଶ୍ରୀଠାକୁର ପତ୍ରିକା ପ୍ରକାଶପାଇଁ ଶାକ୍ୟଦା ଓ ଅଶ୍ୱିନୀଦାଙ୍କୁ ଦେଲେ ।

ପତ୍ରିକା ପ୍ରକାଶ ଉଦ୍ଦେଶ୍ୟରେ କଲିକତା ଯିବାର ଦୁଇ ଚାରିଦିନ ଆଗରୁ ଅଶ୍ୱିନୀଦା ଶ୍ରୀଶ୍ରୀଠାକୁରଙ୍କୁ କହିଲେ— 'ଠାକୁର, ଶାକ୍ୟଦାଙ୍କର ଯେମିତି ମୁଣ୍ଡ ଗରମ ମୋର ବି ତଦ୍ରୂପ । ବର୍ତ୍ତମାନ ଆମ ଭିତରେ ଯଦି କୌଣସି ମତ ବିରୋଧ ହୁଏ, ତେବେ ତା'ର ମୀମାଂସା କରିବ କିଏ? ଆଉ, ଏହା ହେବା ଖୁବ୍ ସ୍ୱାଭାବିକ । ଧରନ୍ତୁ, ଗୋଟାଏ ଲେଖାକୁ ଶାକ୍ୟଦା କହିଲେ ପ୍ରକାଶ ଉପଯୋଗୀ ଆଉ ମୁଁ ତା'ର ପ୍ରତିବାଦ କଲି । ସେତେବେଳେ ଏଇ କଥା ନେଇ ତୁମୁଳ ଗଣ୍ଡଗୋଳ ହେଲେ କ'ଣ କରାଯିବ?'

ଶ୍ରୀଶ୍ରୀଠାକୁର— 'ଆପଣମାନଙ୍କ ମଧ୍ୟରେ ମତବିରୋଧ ହେଲେ ସୁଶୀଲଦା ତା'ର ମୀମାଂସା କରିଦେବେ ଏବଂ ତାଙ୍କ କଥା ସେତେବେଳେ ଆପଣମାନଙ୍କୁ ମାନିବାକୁ ପଡ଼ିବ ।'

ଶାକ୍ୟଦା— 'ତା'ହେଲେ ସୁଶୀଲଦାଙ୍କୁ ତ ଆମ ସହ ଯିବାକୁ ହେବ ।'

ଶ୍ରୀଶ୍ରୀଠାକୁର— 'ହଁ, ନିଶ୍ଚୟ ଯିବେ ।'

ଏଇସବୁ କଥା ଠିକ୍ କରି ଆମେ ତିନିଜଣ ଆଶ୍ରମରୁ ବାହାରି ହରିତକୀ ବାଗାନ୍ ଲେନ୍‌ର ଘରେ ଆସି ପହଞ୍ଚିଲୁ । କଲିକତା ଆସି ପ୍ରଥମ ଦିନ କଥା ହେଲା ପତ୍ରିକା ପ୍ରକାଶ କରିବାକୁ ହେଲେ ହରିତକୀ ବାଗାନ୍ ଲେନ୍‌ରୁ ତାହା ପ୍ରକାଶ କରିବା ସୁବିଧାଜନକ ହେବ ନାହିଁ । କାରଣ, ଏ ଘରକୁ ଶ୍ରୀଶ୍ରୀଠାକୁର ମଝିରେ ମଝିରେ ଆସିବେ, ସେତେବେଳେ ଏ ଘର ଜନାରଣ୍ୟରେ ପରିଣତ ହେବ । ସେତେବେଳେ ପତ୍ରିକା ପ୍ରକାଶରେ ବାଧା ଉପୁଜିବ । ତେଣୁ ଅଲଗା ଗୋଟାଏ ଘର ଦରକାର ।

Scanned with CamScanner

ଶାକ୍ୟଦା କହିଲେ— ଆଲୋକ ଓ ପବନ ଚଳାଚଳ କରୁଥିବା ଗୋଟାଏ ଭଲ ଘର ଦରକାର । ତା' ନହେଲେ ଲେଖାଲେଖି କରିବା ମୋ' ପକ୍ଷେ ସମ୍ଭବ ହେବ ନାହିଁ।

ଅଶ୍ୱିନୀଦା କହିଲେ— ତା'ହେଲେ ତ ଘର ଭଡ଼ା ଦେବାରେ ଏ କେତେଟା ଟଙ୍କା ସରିଯିବ ।

ଏଇ କଥାରେ ଉଭୟଙ୍କ ମଧ୍ୟରେ ତୁମୁଳ ବାକ୍ ଯୁଦ୍ଧ ଲାଗିଗଲା ।

ମୁଁ ସେତେବେଳେ କହିଲି— ଖୋଜାଖୋଜି କଲେ ବାଗବାଜାର ଅଞ୍ଚଳରେ ଆଲୁଅ ଓ ପବନଯୁକ୍ତ ଭଲ ଘର ଅଳ୍ପ ଭଡ଼ାରେ ମିଳିଯାଇପାରେ । ଚେଷ୍ଟା କରି ଦେଖାଯାଉ ।

ସେତେବେଳେ ଆଣ୍ଡାମାନ୍ ଫେରନ୍ତା ବିପ୍ଳବୀ ବାରୀନ୍ ଘୋଷ, ଉପେନ ବାଁଡୁଜ୍ୟେ ପ୍ରଭୃତି ମିଶି 'ବିଜଳୀ' ନାଁ ଦେଇ ଗୋଟାଏ ପତ୍ରିକା ପ୍ରକାଶର ଚେଷ୍ଟା କରୁଥିଲେ । ଶାକ୍ୟଦା ସେମାନଙ୍କ ସହ ଦେଖା କରି ଠିକ୍ କରିଆସିଲେ ଯେ ଗୋଟାଏ ବଡ଼ ଘର ଭଡ଼ା ନିଆହେବ । ତା'ର ଅର୍ଦ୍ଧାଂଶ ସେମାନେ ନେଇ 'ବିଜଳୀ' (ବିଜୁଳି) କାଗଜ ପ୍ରକାଶ କରିବେ ଏବଂ ଅନ୍ୟ ଅଂଶଟି ନେଇ ଆମେ 'ସତ୍‌ସଙ୍ଗୀ' କାଗଜ ବାହାର କରିବୁ ।

ସେତେବେଳେ ଶାକ୍ୟଦାଙ୍କୁ ମୁଁ କହିଲି—

'ଶାକ୍ୟଦା, ଏଇଟା କ'ଣ ଠିକ୍ ହେଲା? ଆମେ ଦୂରରେ ଦୂରରେ ଅଛୁ, ତେଣୁ ସେମାନଙ୍କର ଆମ ପ୍ରତି ଶ୍ରଦ୍ଧା ଅଛି ଆଉ ଆମେ ମଧ୍ୟ ସେମାନଙ୍କ ପ୍ରତି ଶ୍ରଦ୍ଧାଶୀଳ । ଆମେ ଯଦି ଗୋଟିଏ ଘରେ ରହୁ ତା'ହେଲେ ଧରନ୍ତୁ ଆଜି ଯେପରି ବାଗ୍‌ବିତଣ୍ଡା ଆପଣ କଲେ ଅଶ୍ୱିନୀଦାଙ୍କ ସାଥୀରେ, ଏମିତି ଯଦି ପ୍ରାୟ ହିଁ ହୋଇଗଲେ ଏବଂ ତାହା ହେବାଟା ମଧ୍ୟ ସ୍ୱାଭାବିକ, ତା'ହେଲେ ଆପଣ କୁହନ୍ତୁ— ସେମାନେ ଆପଣଙ୍କୁ ବର୍ତ୍ତମାନ ଯେଉଁ ଶ୍ରଦ୍ଧାପୂର୍ଣ୍ଣ ଆଖିରେ ଦେଖୁଛନ୍ତି ସେଇ ଶ୍ରଦ୍ଧା କ'ଣ ଆପଣଙ୍କ ପ୍ରତି ରହିବ ?'

କଥାଟା ବୁଝିପାରି ଶାକ୍ୟଦା କହିଲେ—

'ଭାଇ, ଠିକ୍‌କଥା କହିଛ । ମୁଁ ବର୍ତ୍ତମାନ ହିଁ ଯାଇ ସେମାନଙ୍କୁ କହିଦେଇ ଆସେଁ ଯେ ଆମର ଘର ଅନ୍ୟ ଜାଗାରେ ଠିକ୍ ହୋଇଯାଇଛି । ସେଇଦିନ ହିଁ ନନ୍ଦଲାଲ୍ ବସୁ ଲେନ୍‌ରେ ଗୋଟିଏ ଆଲୋକ ପବନଯୁକ୍ତ ଖୁବ୍ ଭଲ ଘର ପତ୍ରିକାପାଇଁ ଠିକ୍ ହେଲା ।'

'ସତ୍‌ସଙ୍ଗୀ' ପତ୍ରିକା ପ୍ରକାଶ ପାଇଲା । କିଛି ମାସ ପତ୍ରିକା ପ୍ରକାଶ ପାଇବା ପରେ ପାଠକମହଲରେ 'ସତ୍‌ସଙ୍ଗୀ' ପତ୍ରିକାର ଲେଖା ଓ ନୂତନ ଭାବଧାରା ବେଶ୍ ସୁନାମ ଅର୍ଜନ କଲା । ଏକା ସାଙ୍ଗରେ ବାରୀନଦା ପ୍ରଭୃତିଙ୍କ 'ବିଜଳୀ' ପତ୍ରିକା ବି ପ୍ରକାଶ ପାଇଲା । 'ବିଜଳୀ' ପତ୍ରିକାରେ ସୁଲେଖକ ଉପେନ ବାଁଡୁଜ୍ୟେ (ପରେ ବସୁମତୀ ପତ୍ରିକାର ସମ୍ପାଦକ ହୋଇଥିଲେ) ଲେଖୁଥିଲେ 'ସ୍ୱାମୀ ଅନନ୍ତାନନ୍ଦେର୍ ପତ୍ର' ଆଉ 'ସତ୍‌ସଙ୍ଗୀ' ପତ୍ରିକାରେ ତା'ର ଜବାବ ଲେଖୁଥିଲେ ଶାକ୍ୟଦା 'ବିଶେ ପାଗଲାର୍ ଚିଠି' ନାମକ ଧାରାବାହିକ ପ୍ରବନ୍ଧରେ । ଦିନେ ଉପେନ୍ଦାଙ୍କ ସହ ଦେଖା କରିବାକୁ ଯାଇଥିଲି । ସେତେବେଳେ ସେ ଶାକ୍ୟଦାଙ୍କ ଲେଖାର

ଖୁବ୍ ପ୍ରଶଂସା କରିଥିଲେ । କହିଲେ— ଶାକ୍ୟଦାଙ୍କର ଖୁବ୍ Powerful pen (ଶକ୍ତିଶାଳୀ କଲମ) । ବର୍ତ୍ତମାନ ଏପରି ଲେଖକ ବଙ୍ଗଳାଦେଶରେ ଖୁବ୍ କମ୍ ଅଛନ୍ତି ।

'ସତ୍‌ସଙ୍ଗୀ' କାଗଜ ବର୍ଷେ ଚାଲିବା ପରେ ଦ୍ୱିତୀୟ ବର୍ଷରେ କାଗଜର ନାମ ପରିବର୍ତ୍ତନ କରି 'ଋତ୍ୱିକ୍' ନାମରେ ପ୍ରକାଶିତ ହୁଏ । ସେତେବେଳେ ଦେଶରେ ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଓ ଚରଖା ଆନ୍ଦୋଳନ ଆରମ୍ଭ ହୋଇଥାଏ । ଶାକ୍ୟଦା 'ଋତ୍ୱିକ୍' ପତ୍ରିକାରେ ଏକ ସୁଦୀର୍ଘ ପ୍ରବନ୍ଧରେ ଏହି ଆନ୍ଦୋଳନର ବିଶଦ ସମାଲୋଚନା ବାହାର କରନ୍ତି । ଅସହଯୋଗ ଓ ଚରଖା ଆନ୍ଦୋଳନ ବିରୋଧରେ ସମାଲୋଚନା 'ଋତ୍ୱିକ୍' ପତ୍ରିକାରେ ହିଁ ପ୍ରଥମ ପ୍ରକାଶିତ ହୁଏ । ତା'ପରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଅସହଯୋଗ ଓ ଚରଖା ଆନ୍ଦୋଳନ ବିରୋଧରେ ତୀବ୍ର ସମାଲୋଚନା ପ୍ରକାଶ ପାଏ । ଉଭୟଙ୍କର ସମାଲୋଚନାର ଧାରା ପ୍ରାୟ ଏକାପ୍ରକାରର ଥିଲା ।

କୃଷ୍ଣଚନ୍ଦ୍ର ଦାସ 'ସତ୍‌ସଙ୍ଗୀ' ପତ୍ରିକାରେ ପ୍ରକାଶପାଇଁ ଗୋଟିଏ ପ୍ରବନ୍ଧ ଲେଖି ପଠାନ୍ତି । ପ୍ରବନ୍ଧର ଭାଷା ଶାକ୍ୟଦାଙ୍କର ଆଦୌ ମନକୁ ଗଲାନାହିଁ । ସେ କହିଲେ— ଏ ଗୁରୁଚଣ୍ଡାଳୀ ଭାଷାର ପ୍ରବନ୍ଧ କୌଣସିମତେ ମୋ' ପତ୍ରିକାରେ ଛପେଇ ପାରିବିନାହିଁ । ତାହା ହେଲେ ପତ୍ରିକାର ଯେଉଁ ସୁନାମ ହୋଇଛି ତାହା ନଷ୍ଟ ହେବ । ପ୍ରବନ୍ଧର ଭାଷା ପରିଶୁଦ୍ଧ କରି ଛପେଇବାର ଅନୁମତି ଯଦି ପ୍ରବନ୍ଧକାର ମୋତେ ଦିଅନ୍ତି ତେବେ ଛପେଇପାରେ, ନତୁବା ନୁହେଁ ।

କୃଷ୍ଣଚନ୍ଦ୍ର ଦାସ କହିପଠେଇଲେ ଯେ, ତାଙ୍କର ଗୋଟିଏ ଅକ୍ଷର ବି ବଦଳାଯାଇ ପାରିବ ନାହିଁ । ସେତେବେଳେ ସତ୍‌ସଙ୍ଗୀ ମହଲରେ କୃଷ୍ଣଚନ୍ଦ୍ର ଦାସର ଅସମ୍ଭବ ପ୍ରଭାବ । ଠାକୁର ତାଙ୍କୁ ଯଥେଷ୍ଟ ସ୍ନେହ ଓ ଖାତିର କରୁଥିଲେ । ଠାକୁରଙ୍କର ଆଦର୍ଶ ଓ ଭାବଧାରା ବୁଝିବାପାଇଁ ସମସ୍ତଙ୍କୁ କୃଷ୍ଣଚନ୍ଦ୍ର ଦାସ ପାଖକୁ ପଠାଉଥିଲେ । ତେଣୁ ସତ୍‌ସଙ୍ଗୀ ମାତ୍ରେ ହିଁ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧାର ଆଖିରେ ଦେଖୁଥିଲେ । ତାଙ୍କୁ ଲୋକଚକ୍ଷୁରେ ସମ୍ମାନ ଓ ଶ୍ରଦ୍ଧାର ଆସନରେ ପ୍ରତିଷ୍ଠିତ କରିବାପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଏପରି ବି କହିବା ଶୁଣିଛି ଯେ, ସେ ଇଚ୍ଛା କଲେ ମୋ' ଭଳି କେତେ ମଣିଷ ସୃଷ୍ଟି କରିପାରେ । ତେଣୁ ଏଭଳିଆ କୃଷ୍ଣଚନ୍ଦ୍ର ଯାହା କହୁଥିଲେ ତାହା ସତ୍‌ସଙ୍ଗୀ ନିକଟରେ ଥିଲା ଅକାଟ୍ୟ । ଏଇ କୃଷ୍ଣଚନ୍ଦ୍ର ଦାସ ପ୍ରତି ଶ୍ରୀଶ୍ରୀଠାକୁରଙ୍କର ଏତେ ଖାତିର ଓ ସ୍ନେହ ଦେଖାଇବା ପଛରେ ଗୋଟାଏ ଇତିହାସ ଅଛି ।

କୃଷ୍ଣଚନ୍ଦ୍ର ଦାସର ଘର ଥିଲା ହିମାଇତପୁରର ପାର୍ଶ୍ୱବର୍ତ୍ତୀ କାଶୀପୁର ଗ୍ରାମରେ ଅନନ୍ତ-ମହାରାଜଙ୍କ ଘର ପାଖରେ । ତାଙ୍କର ପିତା କମାର କାମ କରି ଅତି କଷ୍ଟରେ ଜୀବିକା ନିର୍ବାହ କରୁଥିଲେ । ତେଣୁ ସାଧାରଣ ଲୋକ କୃଷ୍ଣଚନ୍ଦ୍ର ଦାସଙ୍କୁ କମାର ବୋଲି ଜାଣିଥିଲେ । ପ୍ରକୃତରେ ସେ ଥିଲେ କାୟସ୍ଥ । ସେ କଲିକତା ସଂସ୍କୃତ କଲେଜରୁ ଦୁଇଥର ବି.ଏ. ପରୀକ୍ଷା ଦେଇ ଫେଲ୍ ହୁଅନ୍ତି । ଶ୍ରୀଶ୍ରୀଠାକୁର ତାଙ୍କର ପାଠପଢ଼ାବେଳେ ତାଙ୍କୁ

Scanned with CamScanner

ଯଥେଷ୍ଟ ଆର୍ଥିକ ସାହାଯ୍ୟ କରିଥିଲେ । ରାଜେନ୍ଦ୍ରନାରାୟଣ ଚୌଧୁରୀ ମହାଶୟ (ଗାଁର ଜମିଦାର ଓ ଶ୍ରୀଶ୍ରୀଠାକୁରଙ୍କର ଆତ୍ମୀୟ) ଦିନେ ଆଶ୍ରମକୁ ଆସି କୃଷ୍ଣଚନ୍ଦ୍ର ଦାସଙ୍କୁ ଶ୍ରୀଶ୍ରୀଠାକୁରଙ୍କ ସହ ଗୋଟିଏ ଆସନରେ ଉପବିଷ୍ଟ ଥିବାର ଦେଖନ୍ତି । ଯେଉଁ ସମୟର କଥା କହୁଛି ସେତେବେଳେ ଗାଁର ସାଧାରଣ ଲୋକ ଗଣ୍ୟମାନ୍ୟ ଉଚ୍ଚଶ୍ରେଣୀର ବ୍ରାହ୍ମଣ ସହ ଏକାସନରେ ବସିବାକୁ ସାହସ କରୁନଥିଲେ ଏବଂ ତାହା ରୀତିବହିର୍ଭୂତ ଥିଲା । ଜମିଦାର ଚୌଧୁରୀ-ମହାଶୟ କୃଷ୍ଣଚନ୍ଦ୍ର ଦାସଙ୍କୁ ତଦବସ୍ଥାରେ ଦେଖି ଖୁବ୍ ରାଗିଯା'ନ୍ତି । ସଙ୍ଗେ ସଙ୍ଗେ ତାଙ୍କ ପାଦର ଚଟି-ଜୋତା ଖୋଲି— ଶଳା କମାର! ତୋର ଏତେଦୂର ସ୍ପର୍ଦ୍ଧା ଯେ ତୁ ବ୍ରାହ୍ମଣ ସହ ଏକାସନରେ ବସିବାକୁ ସାହସୀ ହୋଇଛୁ? ଏଇଆ କହି ଚଟି-ଜୋତାରେ ତାଙ୍କୁ ପ୍ରହାର କରିବାକୁ ଉଦ୍ୟତ ହୁଅନ୍ତି । ସେତେବେଳେ ଏଇ ଘଟଣା ପରେ କୃଷ୍ଣଚନ୍ଦ୍ର ଦାସଙ୍କୁ ଏକାନ୍ତରେ ଡାକିନେଇ ଶ୍ରୀଶ୍ରୀଠାକୁର କୁହନ୍ତି— 'ତୁ ମୋର ପାଦ ଛୁଇଁ ପ୍ରତିଜ୍ଞା କର ମୁଁ ଯାହା କହିବି ତୁ ତାହା ଶୁଣିବୁ । ତା'ହେଲେ ଦେଖିବୁ ଏଇ ରାଜେନ୍ ଚୌଧୁରୀ ଦିନେ ତୋତେ ଆସି ପ୍ରଣାମ କରିବେ ।' ବସ୍ତୁତଃ ତା' ପରଠାରୁ ଶ୍ରୀଶ୍ରୀଠାକୁର ସମସ୍ତଙ୍କ ଆଗରେ କୃଷ୍ଣଚନ୍ଦ୍ରର ଉଚ୍ଚ ପ୍ରଶଂସା କରିବାକୁ ଆରମ୍ଭ କରନ୍ତି । ସମସ୍ତଙ୍କୁ ତାଙ୍କ ନିକଟକୁ ପଠାନ୍ତି ଆଉ କହନ୍ତି— 'ସିଏ ଯାହା କୁହେ ତାହା ମୋର ହିଁ କଥା ।' ସେ ସମୟରେ ଆଳାପଆଲୋଚନା ଯାହାକିଛି ଶ୍ରୀଶ୍ରୀଠାକୁରଙ୍କ ବିଷୟରେ କରା ହେଉଥିଲା ତାହା ସବୁ କୃଷ୍ଣଚନ୍ଦ୍ର ଦାସ ହିଁ ସାଧାରଣତଃ କରୁଥିଲେ । ତାର ଆଳାପଆଲୋଚନା, ବାକ୍ୟ ଓ ବ୍ୟବହାରରେ ଲୋକେ ପରିତୃପ୍ତ ହେଉଥିଲେ । ରାଜେନ୍ ଚୌଧୁରୀ ମହାଶୟ ତାର ଏସବୁ ଆଲୋଚନା ଓ ବ୍ୟବହାରରେ ଏପରି ପରିତୃପ୍ତ ହେଲେ ଯେ, ଦିନେ ଆସି ସେ କୃଷ୍ଣଚନ୍ଦ୍ର ଦାସଙ୍କୁ ପ୍ରଣାମ କରି କହିଲେ— ସତରେ ତୁମେ ବ୍ରାହ୍ମଣ । ମୁଁ ତୁମ ପ୍ରତି ଅନ୍ୟାୟ କରିଛି ।

ଯେଉଁଦିନ ରାଜେନ୍ ଚୌଧୁରୀ-ମହାଶୟ କୃଷ୍ଣଚନ୍ଦ୍ର ଦାସ ପ୍ରତି ଏପ୍ରକାର ସମ୍ମାନ ଦେଖାଇଲେ ସେଦିନ ଯେପରି ଶ୍ରୀଶ୍ରୀଠାକୁର ସ୍ୱସ୍ତିର ନିଃଶ୍ୱାସ ମାରିଲେ ।

ମୋର ମନେ ହୁଏ, ଶ୍ରୀଶ୍ରୀଠାକୁରଙ୍କର କୃଷ୍ଣଚନ୍ଦ୍ର ଦାସ ପ୍ରତି ସମସ୍ତଙ୍କର ଶ୍ରଦ୍ଧା ଆକର୍ଷଣ କରାଇବାର ମୂଳ କାରଣ ଥିଲା ପୂର୍ବୋକ୍ତ ଘଟଣା । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କର କୃଷ୍ଣଚନ୍ଦ୍ର ଦାସ ପ୍ରତି ଅହେତୁକ କୃପା କୃଷ୍ଣଚନ୍ଦ୍ର ଦାସ ସ୍ୱୟଂ ଉପଲବ୍ଧି କରିପାରିଲେ ନାହିଁ । ଏଇ କୃଷ୍ଣଚନ୍ଦ୍ର ଦାସ ହିଁ ପରେ ଶ୍ରୀଶ୍ରୀଠାକୁରଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ରରେ ଲିପ୍ତ ହୋଇଥିଲେ । ତାହା ପରବର୍ତ୍ତୀ ଅଧ୍ୟାୟରେ ଲେଖିବାର ଚେଷ୍ଟା କରିବି ।

କୃଷ୍ଣଚନ୍ଦ୍ର ଦାସର ଉକ୍ତ ପ୍ରବନ୍ଧ ନେଇ ଶାକ୍ୟଦାଙ୍କ ସହ ମତଭେଦ ହେଲା । ଶ୍ରୀଶ୍ରୀଠାକୁର କୃଷ୍ଣଚନ୍ଦ୍ର ଦାସଙ୍କୁ ସମର୍ଥନ କଲେ । ତାହାଦ୍ୱାରା ଶାକ୍ୟଦାଙ୍କର ଅହଂ ଆଘାତପ୍ରାପ୍ତ ହେଲା । ସେ ପତ୍ରିକାର ସମ୍ପାଦନା ଛାଡ଼ିଦେଲେ ।

❑❑❑

ହରିତକୀ ବାଗାନ୍ ଲେନ୍‌ରେ

ମାଷ୍ଟର୍-ମହାଶୟ (ଶଶୀଭୂଷଣ ମିତ୍ର) ଦୀକ୍ଷା ନେବା ସମୟରେ କଲିକତାର ଇଣ୍ଟାଲିବାସୀ ସୁରେଶଚନ୍ଦ୍ର ମୁଖୋପାଧ୍ୟାୟ (ଇଏ ଲାହାବାଦ୍ ସତ୍‌ସଙ୍ଗର ତୃତୀୟ ଗୁରୁ, ମହାରାଜ ସାହେବଙ୍କର ଦୀକ୍ଷିତ ଥିଲେ ।) ଶ୍ରୀଶ୍ରୀଠାକୁରଙ୍କ ପାଖରୁ ପୁନରାୟ ଦୀକ୍ଷା ନିଅନ୍ତି ।

ତାଙ୍କ ପୂର୍ବରୁ ଇନ୍ଦୁହରଣ ମୁଖାର୍ଜୀ, ଯିଏ ଦ୍ୱିତୀୟ ଗୁରୁ ହୁଜୁର-ମହାରାଜଙ୍କ ପାଖରୁ ଏଲାହାବାଦ୍‌ରେ ଦୀକ୍ଷା ନେଇଥିଲେ, ସେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ପୁଣି ଦୀକ୍ଷା ନିଅନ୍ତି ।

ବର୍ମା ଗଭର୍ଣ୍ଣମେଣ୍ଟର ଉଚ୍ଚ-ରାଜକର୍ମଚାରୀ, ବର୍ମାନିବାସୀ ନିବାରଣଚନ୍ଦ୍ର ଦତ୍ତ ମହାଶୟ ମଧ୍ୟ ମହାରାଜ-ସାହେବଙ୍କର ଦୀକ୍ଷିତ ଥିଲେ । ଏହାର ଅବ୍ୟବହିତ ପରେ ସେ ଶ୍ରୀଶ୍ରୀଠାକୁରଙ୍କର କଥା ଶୁଣି ପାବନା ଯାଆନ୍ତି । ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି, ସେ ହିଁ ଯେ ବର୍ତ୍ତମାନ ସନ୍ତ-ସଦ୍‌ଗୁରୁ ଏ ଧାରଣା ତାଙ୍କର ଦୃଢ଼ ହୁଏ ଏବଂ ସେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କର ଆଶ୍ରୟ ଗ୍ରହଣ କରନ୍ତି ।

ଶ୍ରୀଯୁକ୍ତ ସୁରେଶଦା ପ୍ରଥମେ ଯୋଗେନ୍ ସେନଦାଙ୍କ ପାଖରୁ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଜାଣିବାକୁ ପାଆନ୍ତି । ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ଭାବବାଣୀ 'ପୁଣ୍ୟପୁଁଥି' ମାତ୍ର ୧୫ ଦିନର ବିଷୟ ନେଇ ଛପା ହୋଇଥିଲା । ସେଇ 'ପୁଣ୍ୟପୁଁଥି' ନେଇ ଯୋଗେନ୍ ସେନଦା ସୁରେଶଦାଙ୍କୁ ପଢ଼ିବାକୁ ଦିଅନ୍ତି ଓ ଶ୍ରୀଶ୍ରୀଠାକୁରଙ୍କ କଥା କୁହନ୍ତି । ଯୋଗେନ୍‌ଦାଙ୍କ କଥାରେ ତା'ର ସେତେଟା ବିଶ୍ୱାସ ଆସିଲାନି । ତା'ପରେ ଇନ୍ଦୁହରଣଦା ଆସି ବିସ୍ତାରିତଭାବେ ସୁରେଶଦାଙ୍କ ସହ ଆଲୋଚନା କରନ୍ତି ଏବଂ ଶ୍ରୀଶ୍ରୀଠାକୁର ହିଁ ଯେ ବର୍ତ୍ତମାନ ସନ୍ତ-ସଦ୍‌ଗୁରୁ ତା'ର ଅନୁକୂଳ ବିବିଧ ଯୁକ୍ତି ଉପସ୍ଥାପନ କରନ୍ତି ।

ସୁରେଶଦା ସନ୍ତମତ ଗ୍ରହଣ କରିବା ପୂର୍ବରୁ ଢାକାନିବାସୀ ଆଶୁତୋଷ ଚକ୍ରବର୍ତ୍ତୀଙ୍କ ପାଖରୁ ପ୍ରାଣାୟମ ଯୋଗାଭ୍ୟାସ କରନ୍ତି ଏବଂ ଦୀର୍ଘଦିନ ଖୁବ୍ ନିଷ୍ଠାର ସହ ତାହା ଅଭ୍ୟାସ କରୁଥାଆନ୍ତି । ତା'ପରେ ଏଲାହାବାଦ୍‌ରେ ତୃତୀୟ ସନ୍ତ-ସଦ୍‌ଗୁରୁ ମହାରାଜ-ସାହେବଙ୍କର ସନ୍ଧାନ ପାଇ ସେଠାକୁ ଯାଇ ତାଙ୍କ ପାଖରୁ ଦୀକ୍ଷା ଗ୍ରହଣ କରନ୍ତି ଏବଂ ପୂର୍ବଗୁରୁ ଆଶୁତୋଷ ଚକ୍ରବର୍ତ୍ତୀ ମହାଶୟଙ୍କୁ ଶ୍ରୀ ମହାରାଜ-ସାହେବଙ୍କର ସମ୍ବାଦ ଜଣାନ୍ତି । ସୁରେଶଦାଙ୍କ ନିକଟରୁ

Scanned with CamScanner

ଆଶୁବାବୁ ସେଇ ସମ୍ବାଦ ପାଇ ଏଲାହାବାଦରେ ତାଙ୍କ ପାଖକୁ ଚାଲିଯାଆନ୍ତି ।

ଆଶୁବାବୁ କବିରାଜୀ ଚିକିତ୍ସା କରୁଥିଲେ, ତେଣୁ ଏଲାହାବାଦ ଯାଇ ମହାରାଜ-ସାହେବଙ୍କର ସେବକ ଓ ଚିକିତ୍ସକ ରୂପେ ନିଯୁକ୍ତ ହୁଅନ୍ତି । ମହାରାଜସାହେବ ତାଙ୍କୁ ବହୁତ ସ୍ନେହ କରୁଥିଲେ ଏବଂ ମୃତ୍ୟୁର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ମହାରାଜ-ସାହେବଙ୍କ ପାଖରେ ହିଁ ଥିଲେ ।

ମୃତ୍ୟୁର ଠିକ୍ ପୂର୍ବେ ସେ ତାଙ୍କୁ କହିଛନ୍ତି ଯେ, ପରବର୍ତ୍ତୀ ସନ୍ତସଦ୍‌ଗୁରୁ ବ୍ରାହ୍ମଣ ବଂଶରେ ଜନ୍ମ ନେଇଛନ୍ତି । ସେ ବର୍ତ୍ତମାନ କିଶୋରବୟସ୍କ । ତାଙ୍କର ଯେତେବେଳେ ଇଚ୍ଛା ହେବ ସେ ନିଜକୁ ପ୍ରକାଶ କରିବେ । ମହାରାଜ-ସାହେବଙ୍କର ମୁଦ୍ରିତ ବଚନ-ବାଣୀରେ ମଧ୍ୟ ଏକଥା ଲିପିବଦ୍ଧ ଅଛି—

"ଅଭି କୋଇ ବଚ୍ଚା, ସ୍ୱତଃ ସନ୍ତ ହୋ
ଯବ ମୌଜ ହୋଗୀ, ତବ ପ୍ରକଟ ହୋଙ୍ଗେ ।"

ତୃତୀୟ ସନ୍ତ-ସଦ୍‌ଗୁରୁ ମହାରଜ-ସାହେବ (ପଣ୍ଡିତ ବ୍ରହ୍ମଶଙ୍କର ମିଶ୍ର) ଇଂରାଜୀ ୧୯୦୭ ମସିହା ଅକ୍ଟୋବର ୧୨ ତାରିଖରେ ଦେହତ୍ୟାଗ କରନ୍ତି । ସେହିସମୟରେ ଶ୍ରୀଶ୍ରୀଠାକୁରଙ୍କ ବୟସ ଥିଲା ୧୯ ବର୍ଷ ।

ମହାରାଜ-ସାହେବଙ୍କ ମୃତ୍ୟୁ ପରେ ଆଶୁବାବୁ କାଶୀଧାମରୁ ଚାଲିଆସି ସୁରେଶଦାଙ୍କ ସହ ଦେଖା କରନ୍ତି ଏବଂ ମୃତ୍ୟୁ ପୂର୍ବରୁ ମହାରାଜ-ସାହେବ ସନ୍ତଙ୍କ ଆବିର୍ଭାବ ସମ୍ବନ୍ଧରେ ଯେଉଁ କଥା କହିଯାଇଛନ୍ତି ତାହା ତାଙ୍କୁ ଗୋପନରେ କହିଯା'ନ୍ତି । ଶ୍ରଦ୍ଧେୟ ସୁରେଶଦା ତା'ପରେ ପାବନା ଆସି ଦୀକ୍ଷା ନିଅନ୍ତି ଏବଂ ଯେତେଦିନ ଶ୍ରୀଶ୍ରୀଠାକୁର ସେଠାରେ ଥିଲେ, ସେତେଦିନ ସେ ତାଙ୍କ ସାନ୍ନିଧ୍ୟରେ କଟେଇଛନ୍ତି ।

ସତ୍‌ସଙ୍ଗ ପ୍ରେସ୍‌ର ଦାୟିତ୍ୱଭାର ଶ୍ରୀଶ୍ରୀଠାକୁର ତାଙ୍କୁ ହିଁ ଦେଇଥିଲେ । ପରେ ଶ୍ରୀଶ୍ରୀଠାକୁର ଦେଓଘର ଚାଲିଆସିବାରୁ ସେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ସହିତ ଦେଓଘର ଚାଲିଆସନ୍ତି । ସେ ୯୧ ବର୍ଷ ବୟସରେ ଦେହତ୍ୟାଗ କରନ୍ତି ।

ଶ୍ରଦ୍ଧେୟ ସୁରେଶଦା ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଦୀକ୍ଷା ନେବାର ପ୍ରାୟ ଏକ ବର୍ଷ ପରେ ୧୯୨୦ ମସିହା ମେ ୧୫ ତାରିଖ ଶନିବାର ଦିନ ଶ୍ରୀଯୁକ୍ତ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି । ତା'ର ପୂର୍ବଦିନ ସେ କୁଷ୍ଟିୟାର ହାଇସ୍କୁଲ୍‌ରେ ବକ୍ତୃତା ଦେଇଥିଲେ— ଗଛର 'କ୍ରସ୍-ବ୍ରିଡିଂ' ସମ୍ବନ୍ଧରେ ଏବଂ ତା' ସହ ସ୍ଥାୟୀ ରଙ୍ଗ ପ୍ରସ୍ତୁତ ପ୍ରଣାଳୀ ବିଷୟରେ ମଧ୍ୟ କୁହନ୍ତି ।

ଡାକ୍ତର ସତୀଶ ଜୋୟାରଦାର ଛାତ୍ରମାନଙ୍କର ସେଇ ସଭାରେ ଉପସ୍ଥିତ ଥିଲେ । ତ୍ରୈଲୋକ୍ୟଦାଙ୍କର ବକ୍ତୃତା ତାଙ୍କୁ ଭାରୀ ଭଲ ଲାଗିଥିଲା । ସେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଆସି ତାହା କୁହନ୍ତି । ଶ୍ରୀଶ୍ରୀଠାକୁର ସେଇ ସଙ୍ଗେ ସଙ୍ଗେ ସତୀଶଦାଙ୍କୁ ବକ୍ତା ସହିତ ସାକ୍ଷାତ୍ କରି ତାଙ୍କୁ ସାଙ୍ଗରେ ନେଇ ଆସିବାକୁ କୁହନ୍ତି ।

ସତୀଶଦା ତା'ପରଦିନ ତ୍ରୈଲୋକ୍ୟଦାଙ୍କୁ ସାଙ୍ଗରେ ନେଇ କୁଷ୍ଟିୟାରେ ଅଶ୍ୱିନୀଦାଙ୍କ ଘରେ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା କରନ୍ତି । ତ୍ରୈଲୋକ୍ୟଦା ଶ୍ରୀଶ୍ରୀଠାକୁରଙ୍କୁ ଦେଖି ମୁଗ୍ଧ ହୁଅନ୍ତି ଏବଂ ସେଦିନ ରାତିରେ ଅଶ୍ୱିନୀଦାଙ୍କ ଘରେ ହିଁ ରୁହନ୍ତି । ତା'ପରଦିନ ସ୍ୱୟଂ ଶ୍ରୀଶ୍ରୀଠାକୁର ତାଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦିଅନ୍ତି । ଯା'ପରେ ତ୍ରୈଲୋକ୍ୟଦା ନିଜ ଗାଁ ବିକ୍ରମପୁରକୁ ଯା'ନ୍ତି ଏବଂ ସେଠାରୁ ପ୍ରାୟ ମାସକ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ହିମାଇତପୁର-ଆଶ୍ରମ ଆସନ୍ତି । ସେତେବେଳେ ଆଶ୍ରମରେ ଥିବା ସମୟରେ ଶ୍ରୀଶ୍ରୀଠାକୁର ତାଙ୍କୁ ଦୀକ୍ଷାଦାନର ଅଧିକାର ଦିଅନ୍ତି ।

ତା'ପୂର୍ବରୁ ଜନନୀ ମନୋମୋହିନୀ ଦେବୀ, ଅନନ୍ତ-ମହାରାଜ ଓ ଗୋସାଇଁଦା ଏଇ ତିନିଜଣ ମାତ୍ର ଦୀକ୍ଷା ଦେଉଥିଲେ । ଅନନ୍ତ-ମହାରାଜ ଆଶ୍ରମକୁ ଯେଉଁମାନେ ଆସୁଥିଲେ ସାଧାରଣତଃ ସେମାନଙ୍କୁ ଦୀକ୍ଷା ଦେଉଥିଲେ ବା ଶ୍ରୀଶ୍ରୀଠାକୁରଙ୍କ ସାଥୀରେ କଲିକତା ବା ଅନ୍ୟ କୋଉଠିକି ଗଲେ ଦୀକ୍ଷା ଗ୍ରହଣେଚ୍ଛୁମାନଙ୍କୁ ଦୀକ୍ଷା ଦେଉଥିଲେ । ଶ୍ରଦ୍ଧେୟ ଗୋସାଇଁଦା ଅଦ୍ୱୈତବଂଶର ସନ୍ତାନ, ସେ ତାଙ୍କର ବଂଶଗତ ଶିଷ୍ୟମାନଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଉଥାଆନ୍ତି ।

ଶ୍ରଦ୍ଧେୟ ତ୍ରୈଲୋକ୍ୟଦା ଦୀକ୍ଷାଦାନର ଅଧିକାର ପାଇ ବଙ୍ଗର ସର୍ବତ୍ର ଆସାମ ଓ ସୁଦୂର ବ୍ରହ୍ମଦେଶରେ ଯାଇ ପ୍ରଚାର ଆରମ୍ଭ କରନ୍ତି ଏବଂ ହଜାର ହଜାର ଲୋକଙ୍କୁ ଦୀକ୍ଷା ଦିଅନ୍ତି । ବଙ୍ଗଳାରେ ତଥା ବହିର୍ଭାରତରେ ଶ୍ରୀଶ୍ରୀଠାକୁରଙ୍କର ଭାବଧାରା ପ୍ରଚାରର ପ୍ରଥମ ପଥିକୃତ୍ ସେ ହିଁ, ଏ ଗୌରବ ତାଙ୍କର ହିଁ ପ୍ରାପ୍ୟ । ବର୍ତ୍ତମାନ ସତ୍‌ସଙ୍ଗର ନିୟତ କର୍ମୀମାନଙ୍କ ମଧ୍ୟରୁ ଅନେକେ ତାଙ୍କଦ୍ୱାରା ଦୀକ୍ଷିତ । ସେ ତାଙ୍କର ବ୍ୟାପକ ପ୍ରଚାରର କଥା 'ଯାଜନ ପଥେ' ନାମକ ପୁସ୍ତକରେ ବିସ୍ତାରିତଭାବେ ବର୍ଣ୍ଣନା କରିଛନ୍ତି ।

ହରିତକୀ ବାଗାନରେ ଅବସ୍ଥାନ ସମୟରେ ଏପରି ଏକ ଘଟଣା ଘଟେ ଯାହାଦ୍ୱାରା ଶ୍ରୀଶ୍ରୀଠାକୁର ହୃଦୟରେ ଅତ୍ୟନ୍ତ ମର୍ମବେଦନା ଅନୁଭବ କରନ୍ତି । କେତେଜଣ ବ୍ରାହ୍ମ ମହିଳା ଜନନୀ ମନୋମୋହିନୀଙ୍କ ସହ ଆଳାପ-ଆଲୋଚନାରେ ଓ ତାଙ୍କର ସ୍ନେହପୂର୍ଣ୍ଣ ବ୍ୟବହାରରେ ସନ୍ତୁଷ୍ଟ ହୋଇ ତାଙ୍କ ପାଖରୁ ସତ୍‌ମନ୍ତ୍ରରେ ଦୀକ୍ଷା ନିଅନ୍ତି । ସେମାନଙ୍କ ମଧ୍ୟରେ ଜଣେ ଥିଲେ Bengal Govt.ର Asst. Director of Public Health (ପରେ Director of Public Health ହୋଇଥିଲେ) ମହୋଦୟଙ୍କର ସ୍ତ୍ରୀ । ଉକ୍ତ ମହିଳା ଦୀକ୍ଷା ଗ୍ରହଣ କରିବା ପରେ ହିଁ ମାଛ-ମାଂସ ସଂପୂର୍ଣ୍ଣ ବର୍ଜନ କରି ସାତ୍ତ୍ୱିକ ଆହାର ଗ୍ରହଣ କରନ୍ତି ଏବଂ ଜପଧ୍ୟାନରେ ମନୋନିବେଶ କରନ୍ତି । ତା'ର ସ୍ୱାମୀ ମନେ କରିଥିଲେ ଯେ ପ୍ରଥମ ଆବେଗର ଅତିଶଯ୍ୟରେ ତା'ର ସ୍ତ୍ରୀ ଏପରି କରୁଛନ୍ତି । ତେଣୁ ସେ ତା'ର ଆହାରାଦି ଓ ଜପଧ୍ୟାନରେ ପ୍ରଥମେ ବାଧା ଦିଅନ୍ତି ନାହିଁ ବରଂ ତାଙ୍କର ଏଇସବୁ କାର୍ଯ୍ୟରେ ସମ୍ମତି ଦେଇଥିଲେ ଏବଂ ତାଙ୍କୁ ସାଙ୍ଗରେ ନେଇ ନିଜେ ହିଁ ଥରେ ପାବନା ଆଶ୍ରମକୁ ଯାଇଥିଲେ । କିନ୍ତୁ କେତେ ମାସ ଯିବା ପରେ ମଧ୍ୟ ତାଙ୍କ ସ୍ତ୍ରୀର ମତ ପରିବର୍ତ୍ତନ କରିପାରିଲେ

Scanned with CamScanner

ନାହିଁ। ସେତେବେଳେ ସେ ତା'ର ସ୍ତ୍ରୀକୁ ବଳ ପ୍ରୟୋଗ କରି ସ୍ୱମତରେ ଆଣିବାର ପ୍ରୟାସୀ ହେଲେ।

ଦିନେ ସ୍ୱାମୀ-ସ୍ତ୍ରୀ ଉଭୟେ ସେମାନଙ୍କ ବାସଭବନର ଦୋତାଲାରେ ଭୋଜନାଗାରରେ ଭୋଜନ କରି ବସିଛନ୍ତି। ସ୍ୱାମୀପାଇଁ ଆମିଷ ଓ ସ୍ତ୍ରୀପାଇଁ ନିରାମିଷ ଆହାରର ବ୍ୟବସ୍ଥା ଥିଲା। ଖାଉ ଖାଉ ସ୍ୱାମୀ ହଠାତ୍ ମାଛ ନେଇ ସ୍ତ୍ରୀର ମୁଖରେ ଦେବାକୁ ଗଲେ। ସେ ବିରକ୍ତି ସହକାରେ ମୁହଁ ଫେରେଇନେଲେ। ସେଥିରେ ମଧ୍ୟ ସ୍ୱାମୀ ନିରସ୍ତ ନ ହୋଇ ତା' ମୁହଁରେ ଜୋର୍ କରି ମାଛ ପୂରେଇ ଦେବାକୁ ବସିଲେ। ସ୍ତ୍ରୀ ଭୋଜନ ତ୍ୟାଗ କରି ଉଠି ଠିଆ ହେଲେ। ସ୍ୱାମୀ ମଧ୍ୟ ବଳ ପ୍ରୟୋଗ କରି ମାଛ ଖୁଆଇବାପାଇଁ ଉଠି ଠିଆ ହେଲେ।

ସେତେବେଳେ ସ୍ତ୍ରୀ ଉଚ୍ଚ ସ୍ୱରରେ ଚିତ୍କାର କରି କହିଲେ— "ଯାର ଫଳ କୌଣସିପ୍ରକାର ଭଲ ହେବ ନାହିଁ। କିନ୍ତୁ ତୁମେ ଜୋର କରି କେବେ ବି ମୋତେ ମାଛ ଖୁଆଇ ପାରିବ ନାହିଁ।" ଏହା କହି ତିନିତାଲାର ସିଡ଼ି ଚଢ଼ି ଛାତ ଉପରକୁ ଉଠିବାକୁ ଲାଗିଲେ।

ସ୍ୱାମୀ ମଧ୍ୟ ତା' ପଛେ ପଛେ ତ୍ୱରିତ ପଦରେ ଛୁଟିବାକୁ ଲାଗିଗଲେ। ସ୍ତ୍ରୀ ଅଗ୍ରବର୍ତ୍ତିଣୀ— ସେ ଅବସ୍ଥାରେ ସ୍ୱାମୀଙ୍କୁ ଲକ୍ଷ୍ୟ କରି ସ୍ତ୍ରୀ କହିଲେ— ଆଉ ଏକ ପାଦ ମଧ୍ୟ ଯଦି ତୁମେ ମୋ' ଆଡ଼କୁ ଆଗେଇ ଆସ ଏବଂ ମାଛ ହାତରେ ଧରି ତେବେ ତା'ର ବିଷମୟ ପରିଣାମପାଇଁ ତୁମେ ହିଁ ଦାୟୀ ରହିବ।

କିନ୍ତୁ ଶିକ୍ଷିତ ମୂଢ଼ ସ୍ୱାମୀର ସେଥିରେ ମଧ୍ୟ ଚୈତନ୍ୟୋଦୟ ହେଲା ନାହିଁ। ତା'ର ସ୍ତ୍ରୀ ଆଡ଼କୁ ଆଗେଇ ଆସି ତାକୁ ଧରିବାକୁ ଚେଷ୍ଟାକଲେ। ସ୍ତ୍ରୀ ତଦବସ୍ଥାରେ ତିନିତାଲାର ଛାତ ଉପରୁ ଡେଇଁ ତଳେ ଫୁଟ୍‌ପାଥ୍ ଉପରେ ପଡ଼ି ମୃତ୍ୟୁର କୋଳରେ ଆଶ୍ରୟ ଗ୍ରହଣ କଲେ।

ଏଇ ନିଦାରୁଣ ସମ୍ବାଦ ପାଇ ଶ୍ରୀଶ୍ରୀଠାକୁରଙ୍କର କି ମର୍ମନ୍ତୁଦ ଆର୍ତ୍ତନାଦ। ଆମମାନଙ୍କ ମଧ୍ୟରୁ ଅନେକେ ହିଁ ସେଇ ମାଆଟିର ଏଇ କରୁଣ ସମ୍ବାଦ ଶୁଣି ଅଶ୍ରୁ ସଂବରଣ କରିପାରି ନାହାଁନ୍ତି।

ଏଇ ସମୟରେ ତଦାନୀନ୍ତନ ବଙ୍ଗଳା ଗଭର୍ଣ୍ଣମେଣ୍ଟର ମନ୍ତ୍ରୀ ସାର୍ ପି.ସି. ମିତ୍ରଙ୍କ ଭଉଣୀ ସତ୍‌ମନ୍ତ୍ରରେ ଦୀକ୍ଷା ନିଅନ୍ତି। ଭବାନୀପୁରର ଦେବେନ୍ଦ୍ର ଚନ୍ଦ୍ର ଘୋଷ ରୋଡ୍‌ରେ ଏକ ଧନୀ ଓ ଶିକ୍ଷିତ ପରିବାରରେ ତାଙ୍କର ବିବାହ ହୋଇଥିଲା। ସେ ପ୍ରାୟ ହିଁ ଶ୍ରୀଶ୍ରୀଠାକୁରଙ୍କୁ ଭକ୍ତି ନିବେଦନ କରିବାକୁ ହରିତକୀବାଗାନକୁ ଆସୁଥିଲେ।

ଦିନେ ସନ୍ଧ୍ୟାବେଳେ ସେ ସ୍ୱାମୀସହ ହରିତକୀ ବାଗାନକୁ ଆସିଲେ। ସାଙ୍ଗରେ ଗୋଟିଏ ଗହଣା ବାକ୍‌ସ। ଶ୍ରୀଶ୍ରୀଠାକୁରଙ୍କ ପାଦତଳେ ଭକ୍ତିଭାବରେ ପ୍ରଣତ ହୋଇ ନାନା କୁଶଳ ପ୍ରଶ୍ନାଦି ପରେ ସେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— "ଠାକୁର! ମୋ' ମନରେ କିଛିଦିନ ହେଲା ବାସନା ଜାଗିଛି ଆପଣଙ୍କ ସେବାପାଇଁ ମୋର ନିଜସ୍ୱ କିଛି ଦେବି। ମୋର ବହୁ

ମଣିମୁକ୍ତାଦି-ଖଚିତ ରତ୍ନ ଅଳଙ୍କାର ଅଛି, ସେଥିମଧ୍ୟରୁ କିଛି ଆପଣଙ୍କପାଇଁ ଆଣିଛି। ଆପଣ ଏହା ଗ୍ରହଣ କଲେ ମୁଁ କୃତାର୍ଥ ହେବି। କାଳେ ଆପଣ ମନରେ ଭାବିବେ ସ୍ୱାମୀଙ୍କ ଅମତରେ ଏଗୁଡ଼ିକ ଆପଣଙ୍କପାଇଁ ଆଣିଛି— ତେଣୁ ମୋର ସ୍ୱାମୀଙ୍କୁ ମଧ୍ୟ ସାଥୀରେ ଆଣି ଆସିଛି। ସେ ମଧ୍ୟ ଆନନ୍ଦରେ ଏ ବିଷୟରେ ମତ ଦେଇଛନ୍ତି।"

ସେତେବେଳେ ତା'ର ସ୍ୱାମୀ ମଧ୍ୟ ଭକ୍ତିଭରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— "ହଁ ଠାକୁର! ଏହି ସାମାନ୍ୟ ଦାନ ଆପଣ ଗ୍ରହଣ କଲେ ଆମେ ଉଭୟେ କୃତକୃତାର୍ଥ ହେବୁ।"

ଶ୍ରୀଶ୍ରୀଠାକୁର କିଛି ସମୟ ସ୍ତବ୍ଧ ହୋଇ ରହି ସେଇ ମା'ଟିକୁ ଲକ୍ଷ୍ୟ କରି କହିଲେ— "ଆଚ୍ଛା ମା'! ତୁ ବାକ୍ସଟା ଥରେ ଖୋଲ୍। ମୁଁ ଦେଖେଁ, ତୁ ମୋ'ପାଇଁ କ'ଣ ଆଣିଛୁ।"

ସେତେବେଳେ ସେଇ ମାଆଟି ବାକ୍ସ ଖୋଲିବାରୁ ଦେଖାଗଲା ଯେ ତାହା ରତ୍ନ ଅଳଙ୍କାରରେ ପରିପୂର୍ଣ୍ଣ, ଯାହାର ଆନୁମାନିକ ଦାମ୍ ଆମ ହିସାବ ଅନୁସାରେ ସେତେବେଳକାର ସମୟରେ ୪୫ ହଜାର ଟଙ୍କା ହେବ।

ଶ୍ରୀଶ୍ରୀଠାକୁର ଜନନୀ ମନୋମୋହିନୀଙ୍କୁ ଡାକିଆଣି ଗହଣାଗୁଡ଼ିକ ଦେଖାଇଲେ। ତା'ପରେ ସେ ମାଆଟିକୁ ଓ ତା'ର ସ୍ୱାମୀଙ୍କୁ କହିଲେ— "ତୁମେମାନେ ମୋ'ପାଇଁ ଯାହା ଆଣିଛ ତାହା ତ ମୁଁ ଦେଖିଲି, ସେତିକି ଯଥେଷ୍ଟ। ବର୍ତ୍ତମାନ ଏଇ ବାକ୍ସ ସମେତ ସବୁ ଅଳଙ୍କାର ତୁମେମାନେ ଘରକୁ ନେଇଯାଅ।"

ସ୍ୱାମୀ-ସ୍ତ୍ରୀ ଉଭୟେ ସମସ୍ୱରରେ କହିଲେ— "ଆପଣଙ୍କୁ ଦେବୁ ବୋଲି ସଂକଳ୍ପ କରି ଏଇସବୁ ନେଇଆସିଛୁ। ଆଉ କୌଣସିମତେ ଏହାକୁ ଆମେ ଫେରାଇ ନେଇପାରିବୁ ନାହିଁ।"

ଶ୍ରୀଶ୍ରୀଠାକୁରଙ୍କର ନାନା ପ୍ରକାର ଅନୁରୋଧ ଉପରୋଧ ସତ୍ତ୍ୱେ ସେମାନେ ଅଳଙ୍କାର ବାକ୍ସ ନେଇଯିବାକୁ ରାଜୀ ହେଲେନାହିଁ। ଅଳଙ୍କାର ବାକ୍ସ ଶ୍ରୀଶ୍ରୀଠାକୁରଙ୍କ ପାଦପାଖରେ ରଖି ସେମାନେ ଚାଲିଗଲେ। ସେତେବେଳେ ରାତି ପ୍ରାୟ ସାଢ଼େ ନଅଟା।

ସେମାନେ ଚାଲିଯିବା ପରେ ମୋତେ ଡାକି ଶ୍ରୀଶ୍ରୀଠାକୁର କହିଲେ— 'ବର୍ତ୍ତମାନ ଗହଣାବାକ୍ସ ଗାଡ଼ି କରି ନେଇ ସେମାନଙ୍କ ଘରେ ଦେଇଆସନ୍ତୁ।' ସେତେବେଳେ କଲିକତାରେ ଏତେ ଟ୍ୟାକ୍ସିର ପ୍ରଚଳନ ହୋଇନି। ମୁଁ କହିଲି— 'ଏତେ ରାତିରେ ଏଇ ବହୁମୂଲ୍ୟ ଅଳଙ୍କାର ନେଇ ଏତେଦୂର ଯିବା ଆଦୌ ନିରାପଦ ନୁହେଁ।' ଜନନୀ ମନୋମୋହିନୀ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ସେଇ କଥା କହିଲେ ଏବଂ ଆହୁରି କହିଲେ— 'ଶେଷକୁ କ'ଣ ଅଳଙ୍କାର ଦବାକୁ ଯାଇ ରାସ୍ତାରେ ସୁଶୀଲର ପ୍ରାଣ ଯିବ ନା କ'ଣ। ସକାଳ ହେଲେ ସୁଶୀଲ ଓ ମୁଁ ଯାଇ ଗହଣା ବାକ୍‌ସ ସେମାନଙ୍କ ଘରେ ଦେଇଆସିବୁ।' ଅଗତ୍ୟା ମା'ଙ୍କର ଏଇ କଥାରେ ଶ୍ରୀଶ୍ରୀଠାକୁର ରାଜୀ ହେଲେ।

ତା'ପରଦିନ ସକାଳେ ମୁଁ ଓ ମା' ଗୋଟାଏ ଘୋଡ଼ାଗାଡ଼ି କରି ଦେବେନ ଘୋଷ ରୋଡ୍‌ର ତାଙ୍କ ଘରେ ଯାଇ ସେଇ ଗହଣା ବାକ୍ସ ଫେରସ୍ତ ଦେଲୁ।

ସେମାନେ କୌଣସିମତେ ତାହା ଫେରସ୍ତ ନେବାକୁ ଚାହୁଁ ନଥିଲେ। ସେଥିନେଇ ଅନେକସମୟ ଯାଏ କଥା କଟାକଟି ହେଲା, ଶେଷରେ ସେମାନେ ରାଜୀ ହେଲେ। ସେଇ ମାଆଟିର ଦେଢ଼ଶୁର ଆସି କହିଲେ— ଶ୍ରୀଶ୍ରୀଠାକୁରଙ୍କୁ ମୁଁ ଦେଖିନି। କିନ୍ତୁ ଏମିତିକି ନିର୍ଲୋଭ ମଣିଷ ମୋ' ନଜରରେ ଆସିନି। ସେ ନିଶ୍ଚୟ ଜଣେ ମହାପୁରୁଷ ଏଥିରେ ଆଉ ସନ୍ଦେହ ନାହିଁ।

ଶ୍ରୀଶ୍ରୀଠାକୁର ହରିତକୀ ବାଗାନ୍ ଲେନ୍‌ରେ ଥିବା ସମୟରେ ଆଉ ଗୋଟିଏ ଘଟଣାର କଥା ଉଲ୍ଲେଖ କରୁଛି। ଶ୍ରୀଶ୍ରୀଠାକୁର ଦିନେ ମୋ' ପାଖରୁ ଗୋଟିଏ ପକେଟ୍-ୱାଚ୍ ଚାହିଁଲେ। ସେତେବେଳେ ରିଷ୍ଟ-ୱାଚ୍ ସେତେ ଚାଲୁ ନଥିଲା। ମୁଁ 'ଓମେଗା' (Omega) କମ୍ପାନୀରୁ ଗୋଟିଏ ଭଲ ପକେଟ୍-ୱାଚ୍ ଆଣି ତାଙ୍କୁ ଦେଲି ଏବଂ ପଚାରିଲି ଏଇଟି ତାଙ୍କର ପସନ୍ଦ ହୋଇଛି କି ନା। ସେ କହିଲେ— ହଁ, ବେଶ୍ ପସନ୍ଦ ହେଇଛି। ଯାହାକୁ ଆଉ ବଦଳେଇବାକୁ ପଡ଼ିବନି।

ସେ ଘଣ୍ଟାଟିକୁ କିଛିଦିନ ବ୍ୟବହାର କରି ମୋତେ ଫେରେଇଦେଇ କହିଲେ— ଏଇଟା ମୋର ହିଁ ଘଡ଼ି ଆପଣଙ୍କ ପାଖରେ ରହିଲା। ସେଇଦିନଠାରୁ ଘଡ଼ିଟି ମୋ' ପାଖରେ ଥାଏ। ଦିନେ ଉପରବେଳା ହରିତକୀ ବାଗାନ୍ ଲେନ୍‌ର ଦୋତାଲାର ଘରେ, ଯେଉଁ ଘରେ ଶ୍ରୀଶ୍ରୀଠାକୁର ରହୁଥିଲେ ସେ ଘରେ ଟେବୁଲ୍ ଉପରେ ଘଣ୍ଟାଟି ରଖିଦେଇ ବାହାରକୁ ଯାଇଚି ସଂଧ୍ୟା ପରେ ଫେରିଆସି ଦେଖେ— ଘଣ୍ଟାଟି ସେଇ ସ୍ଥାନରେ ନାହିଁ। ବହୁ ଖୋଜାଖୋଜି ପରେ ବି ଘଡ଼ିଟି ମିଳିଲାନି। ମନଟା ଭାରୀ ଖରାପ୍ ହେଇଗଲା। ଶ୍ରୀଶ୍ରୀଠାକୁରଙ୍କ ଘଡ଼ି ସେ ମୋ' ପାଖରେ ରଖିବାକୁ ଦେଇଛନ୍ତି। ମୋର ଅସାବଧାନତାବଶତଃ ଘଡ଼ିଟା କିଏ ନେଲା। ଆଉ ଗୋଟିଏ ଅନୁରୂପ ଘଡ଼ି ଆଣି ଶ୍ରୀଶ୍ରୀଠାକୁରଙ୍କୁ ଦେବି ମନେ ମନେ ଏହି ସଂକଳ୍ପ କଲି। ଶ୍ରଦ୍ଧେୟ ହୀରାଲାଲ ଦାସଦାଙ୍କୁ ମୋର ସଂକଳ୍ପ କଥା କହି ଅନୁରୂପ ଗୋଟିଏ ଘଡ଼ି କିଣିବା କଥା କହିଲି, କାହିଁକି ନା ପୂର୍ବର ସେଇ ଘଡ଼ିଟି ତାଙ୍କରି ମାଧ୍ୟମରେ କିଣା ହୋଇଥିଲା।

ସେ କହିଲେ— ଠିକ୍ ସେହିଭଳି ଆଉ ଗୋଟିଏ ଘଡ଼ି ଶ୍ରୀଶ୍ରୀଠାକୁର ନେବେ କି ନା ତାହା ତାଙ୍କୁ ପଚାରି କିଣିବା ଭଲ।

ଶ୍ରୀଶ୍ରୀଠାକୁରଙ୍କୁ ପଚାରିବାରୁ ସେ କହିଲେ— ଆଉ ନୂଆ ଘଣ୍ଟା କିଣିବା ଦରକାର ନାହିଁ। ସେ କଥାରେ ମୋ' ମନଟା ଆହୁରି ଖରାପ ହେଇଗଲା। ମନେ ମନେ ଶ୍ରୀଶ୍ରୀଠାକୁରଙ୍କ ଚରଣରେ ପ୍ରାର୍ଥନା ଜଣାଇଲି— ଠାକୁର, ତୁମେ ଯଦି ଦୟା କରି ଯିଏ ଘଡ଼ିଟି ନେଇଛି ତା' ମନର ଏପରି ପରିବର୍ତ୍ତନ କରିଦିଅ ଯହିଁରେ ସେ ଆପେ ଆପେ ଘଣ୍ଟାଟି ଫେରସ୍ତ ଦିଏ, ତେବେ ମୋର ଅଶାନ୍ତ ମନ ଶାନ୍ତ ହେବ। ତୁମେ ଯଦି ଅନୁରୂପ ଆଉ ଗୋଟିଏ ଘଣ୍ଟା ନେବାକୁ ରାଜୀ ହୋଇଥାନ୍ତ ତା'ହେଲେ ମୋ' ମନ ଏତେ ଅଶାନ୍ତ ହୋଇ ନଥାନ୍ତା।

ଏଇ ଘଟଣାର ପରଦିନ ଉପରବେଳା କୋନ୍ନଗରର ଜଣେ ଭଦ୍ରଲୋକ ତା'ର ୧୪/୧୫ ବର୍ଷ ବୟସର ଗୋଟିଏ ପିଲାକୁ ସାଙ୍ଗରେ ଆଣି ଶ୍ରୀଶ୍ରୀଠାକୁରଙ୍କ ପାଖରେ ଆସି ଉପସ୍ଥିତ ହେଲେ। ପିଲାଟି ଶ୍ରୀଶ୍ରୀଠାକୁରଙ୍କ ପାଦ ପାଖରେ ଘଣ୍ଟାଟି ରଖି କାନ୍ଦି କାନ୍ଦି କହିବାକୁ ଲାଗିଲା— ପରଦିନ ମୁଁ ବାପାଙ୍କ ସହ ଏଠିକି ଆପଣଙ୍କୁ ଦେଖିବାକୁ ଆସିଥିଲି। ଘଣ୍ଟାଟି ଟେବୁଲ୍ ଉପରେ ଥିବାର ଦେଖି ମୋର ଲୋଭ ହେଲା। ମୁଁ ଘଣ୍ଟାଟି ନେଇଥିଲି। ମୁଁ ଭୁଲ୍ କରିଚି, ଆପଣ ମୋତେ କ୍ଷମା କରନ୍ତୁ।

ଶ୍ରୀଶ୍ରୀଠାକୁର ତାକୁ ସେତେବେଳେ କୋଳ ପାଖରେ ବସେଇ କେତେ ଆଦର କରିବାକୁ ଲାଗିଲେ ଓ କହିଲେ— 'ବାବା, ତୁମର ଘଣ୍ଟା ନାହିଁ ବୋଧହୁଏ। ସେଇଥିପାଇଁ ପଢ଼ାପଢ଼ି କରିବାକୁ ଓ ସ୍କୁଲ୍ ଯିବାକୁ ଅସୁବିଧା ହଉଚି। ସେଇଆ ନା? ବାଳକଟି ମୁଣ୍ଡ ହଲେଇ ତାହା ସ୍ୱୀକାର କଲା। ସେତେବେଳେ ଶ୍ରୀଶ୍ରୀଠାକୁର କହିଲେ— ତୁମର ବାପା-ମା' ତୁମକୁ ବହୁତ ଗାଳି ଦେଇଛନ୍ତି, ମାରିଛନ୍ତି, ତା' ମୁଁ ଜାଣେ। ତୁମେ ଏଇ ଘଣ୍ଟାଟି ନିଅ। ଭଲ କରି ପଢ଼ାପଢ଼ି କର। ଭବିଷ୍ୟତରେ ଆଉ ଏମିତି କାମ କରିବନି।'

ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଶାସନ ପରିବର୍ତ୍ତେ ଆଦର-ସ୍ନେହର ଉପଢ଼ୌକନ ପାଇ ବାଳକଟି ହର୍ଷ ଓ ବିଷାଦରେ ମୁହ୍ୟମାନ ହୋଇ କାନ୍ଦି ପକେଇଲା। ସେଇ କାନ୍ଦ ଆଉ କୌଣସିମତେ ବନ୍ଦ ହେଲାନାହିଁ।

ଶ୍ରୀଶ୍ରୀଠାକୁର ତାକୁ କେତେ ବୁଝାଇଲେ— ସେ ଘଣ୍ଟାଟି କୌଣସିମତେ ନେବାକୁ ରାଜୀ ହେଲାନାହିଁ।

ଶ୍ରୀଶ୍ରୀଠାକୁର ତା' ଦେହରେ ସସ୍ନେହେ ହାତ ବୁଲାଇ ଆଣି ରସଗୋଲା ଖାଇବାକୁ ଦେଲେ। ତାଙ୍କର ଆଦର-ସ୍ନେହ ପାଇ ପିଲାଟି ଶାନ୍ତ ହେଲା। ତା'ପରେ ଠାକୁର ତାକୁ କହିଲେ— ଜୀବନଗଲେ ବି ଏପରି କାମ ଆଉ କରନା, ବାପା-ମା'ଙ୍କ ମନରେ କଷ୍ଟ ଦିଅନାହିଁ, ଇତ୍ୟାଦି କହି ପିଲାଟିକୁ ତା' ବାପାଙ୍କ ସହ ଘରକୁ ପଠେଇଦେଲେ। ଆଉ ଘଣ୍ଟାଟିକୁ ପୁଣି ମୋତେ ରଖିବାକୁ ଦେଲେ।

ଏଇ ଘଡ଼ିଟି ନେଇ ଶ୍ୟାମବାଜାରରେ ମୋର ଜଣେ ଆତ୍ମୀୟଙ୍କ ଘରକୁ ଯାଇଥିଲି। ସେଠୁ ବି ସେଇ ଘରର ଜଣେ ଚାକର ଟୋକା ଘଡ଼ିଟି ଚୋରି କରିଥିଲା। ପରେ ଅନୁତପ୍ତ ହୋଇ ଘଣ୍ଟାଟି ମୋତେ ଫେରାଇ ଦିଏ।

ଏଇ ଘଡ଼ି ସକାଶେ ଆଉ ଗୋଟିଏ ଆଶ୍ଚର୍ଯ୍ୟ ଘଟଣା ଘଟେ। ଗ୍ରୀଷ୍ମକାଳରେ ମୁଁ ଦିନେ ସଂଧ୍ୟା ପୂର୍ବରୁ କିଲ୍ଲାପଡ଼ିଆଆଡ଼େ କାର୍ଜନ ପାର୍କକୁ ବୁଲିବାକୁ ଯାଇଥିଲି। ପାଗଟା ଅତ୍ୟନ୍ତ ଗରମ ହୋଇଥିବାରୁ ଦେହର ଜାମା ଖୋଲି ପଡ଼ିଆରେ ବସିଥିଲି। ଉଠିଆସିବା ବେଳେ ଆଉ ଲକ୍ଷ୍ୟ କରିନି ପକେଟରେ ଘଡ଼ି ଅଛି କି ନା। ଟ୍ରାମ୍‌ରେ ଚଢ଼ି ୱେଲିଂଟନ୍ ସ୍କୋୟାର୍ ପାଖରେ ଆସି ସମୟ ଦେଖିବାପାଇଁ ଘଡ଼ି-ପକେଟରେ ହାତ ମାରି ଦେଖେ ଘଡ଼ି ନାହିଁ। ସେତେବେଳେ ମନେହେଲା ସମ୍ଭବତଃ ଯେଉଁଠି ବସିଥିଲି ସେଇଠି ପଡ଼ି

Scanned with CamScanner

ଯାଇଥିବ । ତେଣୁ ଟ୍ରାମ୍‌ରୁ ଓହ୍ଲେଇ ଆଉ ଏକ ଟ୍ରାମ୍‌ରେ Esplanade (ଗଡ଼ପଡ଼ିଆ)କୁ ଆସି ପୁଣି ସେଇ ସ୍ଥାନରେ ତନ୍ନ ତନ୍ନ କରି ଖୋଜିଲି । କେହି ପାଇ ହୁଏତ ନେଇଯାଇଛି । ଘଣ୍ଟାଟି ପାଇବାର ଆଶା ତ୍ୟାଗ କଲି । ଭାବିଲି, ଏତେଦିନ ପରେ ତା'ହେଲେ ଘଣ୍ଟାଟା ସତରେ ହରେଇଲି ।

ତା' ପରଦିନ ସନ୍ଧ୍ୟାବେଳେ ଗଡ଼ପଡ଼ିଆ ଆଡ଼େ ବୁଲିବାକୁ ଯାଇ ପୂର୍ବଦିନ ଯେଉଁ ଜାଗାରେ ଯାଇ ବସିଥିଲି— ଠିକ୍ ସେଇ ଜାଗାରେ ଯାଇବସିଲି । ସଂଧ୍ୟା ହେବାକୁ ଯାଉଛି ଏପରି ସମୟରେ ଗୋଟିଏ ଆଠ ବର୍ଷର ପିଲାକୁ ସାଙ୍ଗରେ ଧରି ଜଣେ ପ୍ରୌଢ଼ ଭଦ୍ରଲୋକ ମୁଁ ଯେଉଁଠି ବସିଥିଲି ସେଇଆଡ଼କୁ ଆସୁଥିବାର ଦେଖିଲି । ପିଲାଟି ମୋ' ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି ତା'ର ବାପାକୁ କହୁଛି— ବାପା, ସେଇ ଜାଗାରେ ଘଡ଼ିଟି ପାଇଥିଲି । ସେତେବେଳେ ଦୁଇଜଣ ମୋର ଅତି ନିକଟରେ ପହଞ୍ଚି ଯାଇଛନ୍ତି, ମୁଁ ଭଦ୍ରଲୋକଟିକୁ କହିଲି— ଗତକାଲି ସଂଧ୍ୟାବେଳେ ମୁଁ ଏଇଠାରେ ଜାମା ଖୋଲି ବସିଥିଲି । ପକେଟରୁ ଗୋଟାଏ Omega ପକେଟ୍-ୱାଚ୍ ପଡ଼ିଯାଇଥିଲା । ଫେରି ଆସି ମୁଁ ତାକୁ ଆଉ ଖୋଜି ପାଇଲିନାହିଁ ।

ଭଦ୍ରଲୋକ— ମୋ' ପୁଅ ବୁଲୁବୁଲୁ ସଂଧ୍ୟାବେଳେ ଏ ଘଣ୍ଟାଟି ଏଇଠୁ ପାଇଥିଲା । ଦେଖନ୍ତୁ, ଏଇ ଘଣ୍ଟାଟି କ'ଣ ଆପଣଙ୍କର? ଏହା କହି ସେ ଘଡ଼ିଟି ମୋ' ହାତରେ ଦେଲେ ।

ମୁଁ ଘଣ୍ଟା ପାଇ ଅତ୍ୟନ୍ତ ଆନନ୍ଦିତ ହେଲି ଏବଂ କହିଲି— 'ଏଇଟା ମୋରି ଘଡ଼ି।'

ତା'ପରେ ଏଇ ଘଡ଼ିଟିର ଆନୁପୂର୍ବିକ ଇତିହାସ ସେଇ ଭଦ୍ରଲୋକଟିକୁ କହିଲି । ସବୁ ଶୁଣି ସେଇ ଭଦ୍ରଲୋକ କହିଲେ— ଠାକୁରଙ୍କର ଘଡ଼ି ବୋଲି ହିଁ ବୋଧହୁଏ ଏପରି ଅଦ୍ଭୁତପୂର୍ବଭାବେ ପୁନରାୟ ଆପଣଙ୍କ ପାଖକୁ ଫେରିଆସିଲା । ସେଇ ଘଡ଼ିଟି ଏପର୍ଯ୍ୟନ୍ତ ମୋ' ପାଖରେ ଅଛି ।

ମାଣିକତଲା ନିବାସୀ ଗୌରଚନ୍ଦ୍ର ବଦୀ ଏଇ ସମୟରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଆସି ଦୀକ୍ଷା ଗ୍ରହଣ କରନ୍ତି । ଦୀକ୍ଷା ନେବା ପରେ ପ୍ରକାଶ କରନ୍ତି ଯେ, ତାଙ୍କ ଘରର ଜଣେ ପ୍ରୌଢ଼ା ସ୍ତ୍ରୀଲୋକ ଉପରେ ଭୂତାବେଶ ହୋଇଛି । ଭୂତାବିଷ୍ଟ ହେଲେ ଯେଉଁପ୍ରକାର ବ୍ୟବହାର ଓ କଥାବାର୍ତ୍ତାର ଗଳ୍ପ ଶୁଣିବାକୁ ମିଳେ, ସେ ସେଇମିତି କରୁଚି । କେତେବେଳେ ଚିତ୍‌କାର କରୁଚି, କେତେବେଳେ ପ୍ରଳାପ କରୁଚି, ଉନ୍ମତ୍ତ ପ୍ରାୟ ଅଙ୍ଗଭଙ୍ଗୀ କରୁଚି ଆଉ କହୁଚି— ''ମୁଁ ଏଠାରୁ କେବେ ବି ଯିବି ନାହିଁ।''

ଗୌରଦାଙ୍କ ପାଖରୁ ଏକଥା ଶୁଣି କୌତୂହଳୀ ହୋଇ ଆମେ କେତେଜଣ ତାଙ୍କ ଘରକୁ ସେଇ ସ୍ତ୍ରୀଲୋକଟିକୁ ଦେଖିବାକୁ ଗଲୁ ଆଉ ଗୌରଦା ଯାହା କହୁଥିଲେ ସେହିପ୍ରକାର ହିଁ ଦେଖିଲୁ । ମୋର ଆଉ ଗୋଟିଏ ଭୂତଲାଗିବା ଲୋକ ବିଷୟରେ ଅଭିଜ୍ଞତା ଥିଲା, ସେକଥା ଗୌରଦାଙ୍କୁ କହିଲି— କିଛିଦିନ ମୁଁ ବାଁକୁଡ଼ା ସହରରେ ଶାକ୍ୟଦାଙ୍କ ଘରେ ଥିଲି । ସେଠାରେ ତାଙ୍କର ଗୋଟିଏ ରୋଷେଇଆ ବ୍ରାହ୍ମଣ ଥିଲା । ହଠାତ୍ ଦିନେ ସେଇ ବ୍ରାହ୍ମଣଟା ଭୂତାବିଷ୍ଟ ହୋଇ ନାନାପ୍ରକାର ବିକଟ ଚିତ୍‌କାର ଓ ପ୍ରଳାପ କରୁଥାଏ । ଗୋଟାଏ ଗୁଣିଆ ଡକେଇ ନାନାପ୍ରକାର ଝଡ଼ାଫୁଙ୍କା କରାଗଲା । ଗୁଣିଆକୁ ସେ କହିଲା ଯେ, ସେ ଘରର କୂଅ ଭିତରେ ରହୁଥିଲା, ରୋଷେଇଆ ନନାଟି ପାଣି କାଢ଼ିବାବେଳେ ସେ ତା' କାନ୍ଧରେ ଆସି ବସିଯାଇଛି । ଗୁଣିଆ କିନ୍ତୁ ତା' କାନ୍ଧରୁ ଭୂତ ଛଡ଼େଇବାର ଖୁବ୍ ଚେଷ୍ଟା କରି ମଧ୍ୟ କୃତକାର୍ଯ୍ୟ ହେଲାନାହିଁ ।

ଅବଶେଷରେ ଶାକ୍ୟଦା ଗୋଟିଏ ଉପାୟ ପାଞ୍ଚିଲେ । କୂଅର ପାଣିକଢ଼ା ବାଲ୍ଟିରେ ଶ୍ରୀଶ୍ରୀଠାକୁରଙ୍କର ଗୋଟାଏ ଫଟୋ ବସେଇ କୂଅ ଭିତରକୁ ଧୀରେ ଧୀରେ ଛାଡ଼ିଲେ । ଆଉ, ସଙ୍ଗେ ସଙ୍ଗେ ସେଇ ଭୂତାବିଷ୍ଟ ରୋଷେଇଆ-ନନାର କି ଚିତ୍କାର— ''ଇଏ କ'ଣ କଲେ? ମୁଁ ଏହାର ତେଜ ମୋତେ ସହ୍ୟକରି ପାରୁନାହିଁ । ଏଇଟା ଶିଘ୍ର କାଢ଼ି ନିଅନ୍ତୁ । ମୁଁ ଆଉ ଏଠି ରହିବି ନାହିଁ । ଗ୍ୱଲିଯିବି ।'' ଏହା କହି ସେଇ ଭୂତ ବ୍ରାହ୍ମଣଟିକୁ ଛାଡ଼ି ଗ୍ୱଲିଗଲା ।

ମୋ' ପାଖରୁ ଏଇକଥା ଶୁଣି ଗୌରଦା ଭୁବନଚନ୍ଦ୍ର ନାଥ ନାମରେ ଯେଉଁ ପିଲାଟି ତାଙ୍କ ଘରେ ରହି ପଢ଼ାପଢ଼ି କରୁଥିଲା, ତାକୁ ପଠେଇଲେ ନଗେନ ଘୋଷାଲ୍‌ଙ୍କ ଓରିଏଣ୍ଟାଲ୍ ଷ୍ଟୋର୍‌ରୁ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଫଟୋ ଆଣିବାପାଇଁ । ଆମ ଆଗରେ ହିଁ ଭୁବନ ଶ୍ରୀଶ୍ରୀଠାକୁରଙ୍କର ଫଟୋ ନେଇଆସି ସେଇ ଭୂତାବିଷ୍ଟ ସ୍ତ୍ରୀଲୋକର ସାମନାରେ ଧରିବାରୁ ସେ ଚିତ୍‌କାର କରି କହିଲା— ''ଏଇଟା କାହାର ଚେହେରା? ଏଇଟା ଶୀଘ୍ର ଦୂରେଇ ନେଇଯାଅ । ତା' ଆଡ଼କୁ ମୁଁ ଗ୍ୱହିଁ ପାରୁନି । ତାକୁ ଦେଖିଲେ ମୋତେ ବଡ଼ ଭୟ ଲାଗୁଚି । ମୁଁ ବର୍ତ୍ତମାନ ତୁମ ଘରୁ ଗ୍ୱଲିଯାଉଚି ।'' ତା'ପରେ ହିଁ ସେଇ ସ୍ତ୍ରୀଲୋକଟି ଶାନ୍ତଭାବ ଧାରଣ କଲା ।

ଉପରବେଳା ନଗେନ ଘୋଷାଲ୍‌ଦା ଆସି ତାଙ୍କର ସେଇ ଶ୍ରୀଶ୍ରୀଠାକୁରଙ୍କର ଫଟୋଟି ନେଇଗଲେ । ନେଇଯିବା ପରେ ହିଁ ସ୍ତ୍ରୀଲୋକଟିକୁ ପୁଣି ଭୂତ ଲାଗିଲା ଏବଂ ପୂର୍ବପରି ସେ ଚିତ୍‌କାର କରିବାକୁ ଲାଗିଲା । ସେତେବେଳେ ଗୌରଦା ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଫଟୋ କିଣିଆଣି ସେଇ ଘରେ ରଖିଦେଲେ । ଭୂତ ସବୁଦିନପାଇଁ ଛାଡ଼ି ଗ୍ୱଲିଗଲା, ଆଉ ଆସିନି ।

ଶୁଣିଛି, ଜଣେ ମଣିଷର wave length ଯେପରି, ତା'ର ଫଟୋର ମଧ୍ୟ wave length ସେହିପରି । ତେଣୁ ମନେ ହୁଏ, ମଣିଷ ଦେହରୁ ଯେଉଁ aura ବା ତେଜ ବିଚ୍ଛୁରିତ ହୁଏ ତାର ଫଟୋରୁ ମଧ୍ୟ ସେହିପରି ତେଜ ବିଚ୍ଛୁରିତ ହେବା ସମ୍ଭବ । ସେଇଥିପାଇଁ ବୋଧହୁଏ ଅପକୃଷ୍ଟ ପ୍ରେତାତ୍ମାଗଣ ମହାପୁରୁଷମାନଙ୍କର ଫଟୋରୁ ଯେଉଁ ତେଜ ବିଚ୍ଛୁରିତ ହୁଏ, ତାହା ସହ୍ୟକରି ପାରନ୍ତି ନାହିଁ । ଏପରି ନହେଲେ ଉପର୍ଯ୍ୟୁକ୍ତ ଘଟଣା କିପରି ବ୍ୟାଖ୍ୟା କରାଯାଇପାରେ ତା' ମୁଁ ଜାଣେନା ।

□□□

Scanned with CamScanner

ହେମକବି

ଶ୍ରୀଶ୍ରୀଠାକୁର ସେତେବେଳେ ଆଶ୍ରମରୁ ମଝିରେ ମଝିରେ ଆସି ହରିତକୀ ବାଗାନରେ କିଛିଦିନ ରହୁଥିଲେ । ଶ୍ରୀଶ୍ରୀଠାକୁର ଆସିଲେ ବହୁ ଲୋକ ତାଙ୍କୁ ଦର୍ଶନ କରିବାକୁ ଆସୁଥିଲେ । କୀର୍ତ୍ତନରେ, ଆଳାପ-ଆଲୋଚନାରେ ଘରଟି ସର୍ବଦା ମୁଖରିତ ହେଉଥିଲା । କେତେ ପ୍ରକାର ଲୋକ ଯେ ଆସୁଥିଲେ ତାହା କହି ଶେଷ କରି ହେବନାହିଁ । ପ୍ରତ୍ୟେକଙ୍କ ସହ ଶ୍ରୀଶ୍ରୀଠାକୁରଙ୍କର କଥାବାର୍ତ୍ତା, ବ୍ୟବହାର, ଚଳନ ଓ ଗ୍ରହାଣି ଗୋଟାଏ ଦେଖିବାର ବିଷୟ ଥିଲା । ସେସବୁ ଚିତ୍ର ଯେପରି ଏବେ ବି ଆଖି ସାମନାରେ ଭାସିଯାଉଚି, କିନ୍ତୁ ତାହା ଭାଷାରେ ଫୁଟେଇ ତୋଳିବାର ଶିଳ୍ପଚାତୁର୍ଯ୍ୟ ମୋର ନାହିଁ । ଆଉ ତାହା ଠିକ୍ ଠିକ୍ ଭାଷାରେ ଫୁଟେଇତୋଳି ପାରିବା ଯେ ସମ୍ଭବ ଏ ଧାରଣା ମଧ୍ୟ ମୋର ନାହିଁ ।

ଦିନେ ଉପରବେଳା ସୁପ୍ରସିଦ୍ଧ କଥକ ଓ କବି ହେମଚନ୍ଦ୍ର ମୁଖୋପାଧ୍ୟାୟ ଶ୍ରୀଶ୍ରୀଠାକୁରଙ୍କର ନାଁ ଶୁଣି ତାଙ୍କୁ ଦେଖିବାକୁ ଆସିଲେ । ସେ ମଦ୍ୟପ ଥିଲେ । ଶ୍ରୀଶ୍ରୀଠାକୁରଙ୍କୁ ଦେଖିବାକୁ ଆସିବେ ବୋଲି ସେଦିନ ବେଶୀ କରି ମଦ ଖାଇ ଆସିଛନ୍ତି । ଉଦ୍ଦେଶ୍ୟ, ଶ୍ରୀଶ୍ରୀଠାକୁରଙ୍କୁ ପରୀକ୍ଷା କରିବା— ସେଇ ଅବସ୍ଥାରେ ଶ୍ରୀଶ୍ରୀଠାକୁର ତାଙ୍କୁ ଘୃଣା କରୁଛନ୍ତି କି ନା । ଯଦି ଘୃଣା ନ କରନ୍ତି ତେବେ ବୁଝିବି ସେ ସତରେ ମହାପୁରୁଷ ।

କଥକ-ମହାଶୟ ଘରେ ପ୍ରବେଶ କରିବା ମାତ୍ରେ— ''ଆସନ୍ତୁ ଦାଦା''— ଏଇଆ କହି ଶ୍ରୀଶ୍ରୀଠାକୁର ତାଙ୍କୁ ସସ୍ନେହେ ଆଲିଙ୍ଗନ କଲେ । ଅତ୍ୟଧିକ ମଦ୍ୟପାନ ହେତୁ ସେ ଆଲିଙ୍ଗନରେ ଦେହ ଅଜାଡ଼ିଦେଲେ । ଶ୍ରୀଶ୍ରୀଠାକୁର ସଙ୍ଗେ ସଙ୍ଗେ ବସିପଡ଼ିଲେ ଏବଂ ହେମଦାଙ୍କ ମସ୍ତକ ନିଜ ଜଂଘ ଉପରେ ରଖିଲେ । ଶ୍ରୀଶ୍ରୀଠାକୁରଙ୍କ କୋଳରେ ଶୋଇ ହେମଦା ଅନର୍ଗଳ କହିଚାଲିଲେ । ଶ୍ରୀଶ୍ରୀଠାକୁର ଏକଦୃଷ୍ଟିରେ ତାଙ୍କର ମୁହଁ ଆଡ଼କୁ ଅନେଇ ରହିଲେ ଏବଂ ତାଙ୍କ କଥା ଶୁଣିବାକୁ ଲାଗିଲେ ଆଉ ମୃଦୁ ମୃଦୁ ହସିବାକୁ ଲାଗିଲେ । କିଛି ସମୟ ପରେ ହେମ-କବି ଶ୍ରୀଶ୍ରୀଠାକୁରଙ୍କର ମୁହଁକୁ ଚାହିଁ କହିଲେ— ଠାକୁର! ଏଇମାତ୍ର ମୁଁ ମଦ ଖାଇ ଆସିଲି ।

ଶ୍ରୀଶ୍ରୀଠାକୁର— ମୁହଁର ଗନ୍ଧରୁ ତ ତାହା ଜାଣିପାରୁଛି ।

ହେମଦା— କାଇଁ, ମୁଁ ମଦ ଖାଇଚି ବୋଲି ତ ଆପଣ ମୋତେ ଘୃଣା କଲେନି?

ଶ୍ରୀଶ୍ରୀଠାକୁର ସସ୍ନେହେ— ମୋର ବାଁ ହାତରେ ଯଦି ଗୋଟିଏ ଘା ହୁଏ ତେବେ ମୋର ଡାହାଣ ହାତ ତାକୁ ସେବା କରି ଭଲ କରିବ, ନା ତାକୁ କାଟି ଫୋପାଡ଼ିଦେବ?

ହେମଦା— ଠାକୁର । ଏମିତି କଥା ତ ଯା ପୂର୍ବରୁ ଆଉ କାହା ପାଖରୁ ଶୁଣିନି ।

ଆହୁରି ଅନେକ କଥା କହି କବିବର ସେଦିନ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ବିଦାୟ ନେଲେ ।

ଏହାର କିଛିଦିନ ପରେ ଶ୍ରୀଶ୍ରୀଠାକୁର ପାବନା-ଆଶ୍ରମକୁ ଫେରି ଆସିଲେ । ତାଙ୍କର ଆଶ୍ରମରେ ଅବସ୍ଥାନ ସମୟରେ ହଠାତ୍ ଦିନେ କବିବର ହେମଚନ୍ଦ୍ର ମୁଖୋପାଧ୍ୟାୟ ଆଶ୍ରମରେ ଆସି ହାଜର ହେଲେ ଏବଂ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— ଆପଣଙ୍କର ସାହଚର୍ଯ୍ୟରେ କିଛିଦିନ ରହିବି ବୋଲି ଏଠାକୁ ଆସିଲି ।

ଶ୍ରୀଶ୍ରୀଠାକୁର (ସହାସ୍ୟେ)— ଭଲ ହିଁ ହବ । ତା'ହେଲେ କିଛିଦିନ ଆପଣଙ୍କ ସାଥୀରେ ସ୍ଫୂର୍ତ୍ତିରେ ସମୟ କଟିବ ।

କବିବରଙ୍କର ତେର ବର୍ଷ ବୟସରୁ ମଦ୍ୟପାନର ଅଭ୍ୟାସ । ଅପରାହ୍ଣ ୪ଟା ବାଜିଲେ ହିଁ ତାଙ୍କର ମଦ୍ୟପାନର ନିଶା ଜାଗେ । ଆଶ୍ରମରେ ସେ ମଦ ପାଇବେ କୋଉଠୁ? ତେଣୁ ପ୍ରତ୍ୟହ ଉପରବେଳା ପାବନା ସହରକୁ ଯାଇ ତାଙ୍କର ମଦନିଶା ମେଣ୍ଟାଇବାକୁ ପଡ଼େ । ପାବନା ସହରର ଲୋକମାନେ ଏକେ ତ ଆଶ୍ରମର ଲୋକମାନଙ୍କୁ ଭଲ ଆଖିରେ ଦେଖୁ ନଥିଲେ, ତା'ପରେ ସେମାନେ ଆଶ୍ରମବାସୀ ଜଣେ ବ୍ୟକ୍ତିକୁ ପ୍ରକାଶ୍ୟରେ ମଦ ଖାଇବାର ଦେଖି କୁହାକୁହି ହେବାକୁ ଲାଗିଲେ— ଦେଖ, ଆଶ୍ରମ ଗୋଟାଏ ମଦଖୋର ଓ ବଦ୍‌ମାସ୍‌ମାନଙ୍କର ଆଡ୍ଡା । ଦିନେ ପାବନା ସହରକୁ ଯାଇଥିଲି । କେତେଜଣ ଭଦ୍ରଲୋକ ମୋତେ ଏଇ କଥା କହିଲେ ଏବଂ ଦୃଷ୍ଟାନ୍ତସ୍ୱରୂପ ହେମକବି କଥା ଉଲ୍ଲେଖ କଲେ । ପାବନାରୁ ଫେରିଆସି ମୁଁ ଶ୍ରୀଶ୍ରୀଠାକୁରଙ୍କୁ ଏଇସବୁ କଥା କହିଲି । ସେତେବେଳେ ଶ୍ରୀଶ୍ରୀଠାକୁର ହେମଦାଙ୍କୁ ଡାକି କହିଲେ— ଆପଣ ତ ମୋ' ପାଖକୁ ଆସିଛନ୍ତି, ମୋର ଅତିଥି ଆପଣ ?

ହେମଦା— ହଁ, ନିଶ୍ଚୟ ।

ଶ୍ରୀଶ୍ରୀଠାକୁର— ତା'ହେଲେ ଆପଣଙ୍କର ଯାହାକିଛି ଦରକାର ମୋତେ କହିବେ । ମୁଁ ସବୁ ଆପଣଙ୍କୁ ଦେବି ।

ହେମଦା— ସବୁ ଆପଣ ଦେବେ? ମୋର ଯଦି ମଦ ଦରକାର ହୁଏ?

ଶ୍ରୀଶ୍ରୀଠାକୁର— ମଦ ଯଦି ଦରକାର ହୁଏ, ତାହା ବି ମୋତେ କହିବେ । ମୁଁ ତାହା ଆପଣଙ୍କୁ ଦେବି ।

ହେମଦା— ତା'ହେଲେ ତ ମୋର ଖୁବ୍ ସୁବିଧା ହେଲା । ମୋତେ ଆଉ କଷ୍ଟ କରି ତିନିମାଇଲ୍ ଚାଲିଚାଲି ପାବନା ଯିବାକୁ ପଡ଼ିବନି ।

ତା'ପରଦିନ ଅପରାହ୍ଣ ୪ଟାବେଳେ କବିଙ୍କର— ମଦଖାଇବାର ବେଳ ହେଇଚି । ଶ୍ରୀଶ୍ରୀଠାକୁରଙ୍କୁ ଆସି ସେ କହିଲେ— ଠାକୁର ମୋର ମଦ ଖାଇବାର ସମୟ ହେଇଚି । ବର୍ତ୍ତମାନ ମୋର ମଦ ଦରକାର ।

ଶ୍ରୀଶ୍ରୀଠାକୁର ଏକଥା ଶୁଣି ହେମଦାଙ୍କୁ ସାଙ୍ଗରେ ନେଇ ଡିସ୍‌ପେନ୍‌ସାରୀ ଘରକୁ ଆସିଲେ ଏବଂ କମ୍ପାଉଣ୍ଡରକୁ କହିଲେ— ଗୋଟିଏ ଗ୍ଲାସ୍ ଭାଇନାମ୍, (ଗୋଲିସିୟା ଦେବାକୁ । କମ୍ପାଉଣ୍ଡର୍ ଭାଇନାମ ଗୋଲିସିୟା ବୋତଲରୁ ଗ୍ଲାସ୍‌ରେ ଢାଳି ।) ସେଇ ଗ୍ଲାସ୍‌ଟିକୁ ଶ୍ରୀଶ୍ରୀଠାକୁରଙ୍କୁ ଦେଲେ ।

Scanned with CamScanner

ଶ୍ରୀଶ୍ରୀଠାକୁର ସେଇ ଗ୍ଲାସ୍ ହେମଦାଙ୍କ ହାତରେ ଦେଇ କହିଲେ— ଏଇ ନିଅନ୍ତୁ, ଖା'ନ୍ତୁ ।

ହେମଦା ମଦ୍ୟପାନରେ ଅଭ୍ୟସ୍ତ । ତେଣୁ ସେ ସହଜରେ ତାହା ଗଳାଧଃକରଣ କରିଦେଲେ ।

ଶ୍ରୀଶ୍ରୀଠାକୁର— ଏଇ ତ ଆପଣ ଚାହିଁଲେ ଆଉ ମୁଁ ମଦ ଦେଲି । ମଦ ଦରକାର ହେଲେ ଆଉ କାହାପାଖରୁ ବା କେଉଁଠୁ ହେଲେ ଖାଇବେ ନାହିଁ । ମୋତେ କହିବେ, ମୁଁ ଦେବି ।

ହେମଦା— ହଁ ! ନିଶ୍ଚୟ ।

ଏଇପରି ଶ୍ରୀଶ୍ରୀଠାକୁରଙ୍କର ହାତରୁ ଗ୍ଲାସ୍ ନେଇ ମଦ୍ୟପାନ କ୍ରମାଗତ ତିନିଦିନ ଚାଲିଲା । ଚତୁର୍ଥ ଦିନ ଉପରବେଳା ହେମଦା ଶ୍ରୀଶ୍ରୀଠାକୁରଙ୍କୁ ଆସି କହିଲେ— ଠାକୁର ! ମୁଁ ମନେକରିଥିଲି ଯେ ଆପଣ ଅତ୍ୟନ୍ତ ସୋଜା ସରଳ ଲୋକ । କିନ୍ତୁ ବର୍ତ୍ତମାନ ବୁଝିପାରୁଛି— ଆପଣ ଅତି ବଡ଼ ଛଳ, ଅତି ବଡ଼ କୁଟିଳ ।

ଶ୍ରୀଶ୍ରୀଠାକୁର— କାହିଁକି? କ'ଣ ହେଲା?

ହେମଦା— ମୁଁ ଆପଣଙ୍କ ପାଖରୁ ମଦ ନେଇ ଖାଇବି ଏପ୍ରକାର ବନ୍ଧନରେ ମୋତେ ପକେଇଲେ କାହିଁକି?

ଶ୍ରୀଶ୍ରୀଠାକୁର— ଦେଖନ୍ତୁ, ଆପଣ ବିପ୍ରସନ୍ତାନ, ମୁଁ ବି ସେଇଆ । ମୁଁ କଥା ଦେଇଛି, ଆପଣ ବି କଥା ଦେଇଛନ୍ତି । ମୁଁ ମୋର କଥା ରକ୍ଷାକରି ଚାଲିଛି ଆଉ ଆପଣ ବା ତାହା କରିବେ ନାହିଁ କାହିଁକି?

ହେମଦା— ସେଇଟା ହିଁ ତ ମୁସ୍କିଲ୍ କଥା, ଆପଣ ହିଁ ଚାଲାକି କରି ମୋତେ ଏଇ ଫାନ୍ଦରେ ପକେଇଛନ୍ତି । ସମସ୍ତେ ଆପଣଙ୍କ ପାଖକୁ ଆସି, ଆପଣଙ୍କର ମଧୁର ସଙ୍ଗ ଓ ଅମୃତୋପମ ଉପଦେଶ ଶୁଣି ସେମାନଙ୍କର ଜୀବନଚଳନ ସୁଧାରି ନେଉଛନ୍ତି ଆଉ ମୁଁ ଆପଣଙ୍କର ସେଇ ମଙ୍ଗଳମୟ ହସ୍ତରୁ ମଦ ନେଇ ଖାଉଛି । ଏହା ମୁଁ କୌଣସି ପ୍ରକାର ବରଦାସ୍ତ କରିପାରୁନାହିଁ । ତେଣୁ କହୁଛି— ଆପଣ ମୋତେ ଏ ବନ୍ଧନରୁ ମୁକ୍ତି ଦିଅନ୍ତୁ ।

ଶ୍ରୀଶ୍ରୀଠାକୁର— କଥା ଦେଇ କ'ଣ ଖିଲାପ କରିବା ଭଲ, ନା ବ୍ରାହ୍ମଣର ଉଚିତ ସେଇଟା ?

ହେମଦା— ''କାଲିଠାରୁ ମୋ' ମନରେ ଭୟାନକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଆପଣଙ୍କ ହାତରୁ ମଦ ନେଇ କୌଣସିମତେ ଖାଇପାରିବି ନାହିଁ । ତା'ହେଲେ ତ ଦେଖୁଚି ଯେ ମୋର ମଦ ଖାଇବାଟା ହିଁ ଛାଡ଼ିଦେବାକୁ ପଡ଼ିବ ।''

ବାଲ୍ୟାବଧି ଯେଉଁ ନିଶା ସେ କରି ଆସିଥିଲେ, ଅଗତ୍ୟା ଏତେଦିନେ ତାକୁ ଛାଡ଼ିବାକୁ ପଡ଼ିଲା ।

□□□

ଶ୍ରୀଶ୍ରୀଠାକୁରଙ୍କର ଅସୁସ୍ଥତା

ଏପ୍ରିଲ୍ ୧୯୨୧

୧୯୨୧ ମସିହାର ଏପ୍ରିଲ୍‌ମାସ । ଶ୍ରୀଶ୍ରୀଠାକୁର ସେତେବେଳେ ହିମାଇତପୁର ଆଶ୍ରମରେ ଅଛନ୍ତି । ଦିନେ ପୂର୍ବାହ୍ନରେ, ଅନୁମାନ ୧୦ଟା ସମୟରେ, ଶ୍ରୀଶ୍ରୀଠାକୁର ମୋତେ ଆଦେଶ ଦେଲେ ଘର ଭିତରୁ ଗିନାଏ ସୋରିଷ ତେଲ ଆଣିବାପାଇଁ ।

ମୁଁ— ଏତେ ତେଲ କ'ଣ ହେବ?

ଶ୍ରୀଶ୍ରୀଠାକୁର— ଆମେ ସମସ୍ତେ ମିଶି ଏକସଙ୍ଗେ ତେଲ ମାରିହେଇ ସ୍ନାନ କରିବା ।

ତାଙ୍କର ଏଇ ଉକ୍ତିରୁ ମୋର ମନେ ହେଲା, ସେ ସମସ୍ତଙ୍କୁ ନିଜ ହାତରେ ତେଲ ଲଗେଇଦେଇ ସ୍ନାନ କରିବାକୁ ନେଇଯିବେ । ତେଣୁ ଘର ଭିତରୁ ତେଲ ଆଣିବାକୁ ଯାଇ ମୁଁ ନିଜେ ଆଗେ ଭଲ କରି ତେଲ ମାରିହେଇ ପଡ଼ିଲି ଓ ତା'ପରେ ତେଲ ଗିନା ନେଇଆସି ଶ୍ରୀଶ୍ରୀଠାକୁରଙ୍କ ପାଖରେ ରଖିଦେଲି ।

ମୋର ଅନୁମାନ ସତ୍ୟରେ ପରିଣତ ହେଲା । ଶ୍ରୀଶ୍ରୀଠାକୁର ଜଣ ଜଣ କରି ଡାକିନେଇ ତେଲ ଲଗେଇଦେବାକୁ ଲାଗିଲେ, ସମସ୍ତ ଶରୀରରେ ଏପରିକି ପାଦ ପର୍ଯ୍ୟନ୍ତ— ସେମାନଙ୍କର ନାନା ଆପତ୍ତି ସତ୍ତ୍ୱେ । ଅନେକେ ପାଦରେ ତେଲ ମାରିବାପାଇଁ ଘୋର ଆପତ୍ତି କଲେ, କିନ୍ତୁ ସେ ତାହା କୌଣସିପ୍ରକାରେ ଶୁଣିଲେ ନାହିଁ ।

କଲିକତାର ହୀରାଲାଲ ଦାସଦା ସେତେବେଳେ ଆଶ୍ରମରେ ଉପସ୍ଥିତ ଥିଲେ । ତାଙ୍କୁ ଦେଖିବାକୁ ନ ପାଇ ତାଙ୍କୁ ଖୋଜିବାପାଇଁ ଲୋକ ପଠାଇଲେ । ସେ ସେତେବେଳେ ପାଇଖାନା ଯାଇଥିଲେ । ତାଙ୍କୁ ବି ଡକେଇ ଆଣି ଆପାଦମସ୍ତକ ତେଲ ଲଗେଇଦେଲେ । ଶେଷକୁ ମୋର ଖୋଜା ପଡ଼ିଲା । ମୁଁ କହିଲି— ମୁଁ ଅନେକ ଆଗରୁ ଘର ଭିତରୁ ଭଲ କରି ତେଲ ଲଗେଇ ଆସିଛି, ଦେଖନ୍ତୁ । ଏହା କହି ନିଜ ଦେହ ଦେଖାଇଲି ।

ସେଦିନ ଆଶ୍ରମରେ ଯେତେ ଲୋକ ଉପସ୍ଥିତ ଥିଲେ ସମସ୍ତଙ୍କୁ ସେ ଏହିପରି ଆପାଦମସ୍ତକ ତେଲ ଲଗାଇଦେଲେ । ତା'ପରେ କହିଲେ— ସମସ୍ତେ ଜୋତା ଓ ଲୁଗା ସାଙ୍ଗରେ ନେଇ ଚାଲନ୍ତୁ । ନଦୀରେ ସ୍ନାନ କରି ଲୁଗା ବଦଳାଇ ଜୋତା ପିନ୍ଧି ସମସ୍ତେ ଆସିବା । ସମସ୍ତେ ଜୋତା ଓ ଲୁଗା ନେଇ ପଦ୍ମା କୂଳକୁ ଗଲେ । ମୁଁ ବି ସେଇ ଦଳ

Scanned with CamScanner

ଭିତରେ ଥିଲି । ମୋର ମନେ ହେଲା, ଶ୍ରୀଶ୍ରୀଠାକୁରଙ୍କର ଉଦ୍ଦେଶ୍ୟ ଭଲ ନୁହଁ । ତେଣୁ ସମସ୍ତଙ୍କ ଆଗରୁ ନଈରେ ପଶି ଗୋଟାଏ ବୁଡ଼ା-ପହଁରାରେ ଅନେକ ଦୂର ଚ୍ଵାଲିଗଲି । ପରେ ପରେ ଏହିପରି ୪/୫ଟି ବୁଡ଼ା-ପହଁରାରେ ନଈ ପାର ହୋଇ ଆରପାଖି ଚରରେ ଯାଇ ଉଠିଲି— ସେତେବେଳେ ମୁଁ ପହଁରା ଓ ଗଛ ଚଢ଼ାରେ ଖୁବ୍ ଧୂରନ୍ଧର ଥିଲି । ସେପାଖି ଚରରେ ଯାଇ ଏପଟକୁ ଚ୍ଵାହିଁ ଦେଖିଲି— ଶ୍ରୀଶ୍ରୀଠାକୁର ଜଣ ଜଣକୁ ନଈ ଭିତରକୁ ନେଇ ଦେହ-ହାତ ଘଷି ଗାଧୋଇ ଦେଇ ପାଦ ପୋଛିଦେଇ ଜୋତା ପିନ୍ଧେଇ ଦେଉଛନ୍ତି ଓ ସେମାନଙ୍କର ପାଦୋଦକ ନିଜ ମୁଣ୍ଡରେ ପକାଉଛନ୍ତି । ଏହିପରି ଜଣ ଜଣ କରି ସମସ୍ତଙ୍କୁ ଗାଧୋଇ ଦେଉଛନ୍ତି । ଶେଷକୁ ମୋ' ବିଷୟରେ ପଚ୍ଵାରିଲେ ।

ସେମାନେ କହିଲେ— ସିଏ ତ ପହଁରି ପହଁରି ଯାଇ ନଈ ଆରପଟେ । ଏଇ ତ ଦେଖାଯାଉଚି ।

ଶ୍ରୀଶ୍ରୀଠାକୁର କହିଲେ— ପହଁରି ସେପଟକୁ ଯାଇଚି, ପୁଣି ପହଁରି ଏପଟକୁ ଆସିବାକୁ ତାକୁ କଷ୍ଟ ହବ । ଏହା କହି କେତେଜଣଙ୍କୁ ନୌକା ଦେଇ ପଠେଇଦେଲେ ମୋତେ ଆଣିବାପାଇଁ । ଯେତେବେଳେ ନୌକାଟି ଚରର ନିକଟବର୍ତ୍ତୀ ହେଇଆସିଲା ଏବଂ ଶ୍ରୀଶ୍ରୀଠାକୁର ମୋ'ପାଇଁ ନଈକୂଳରେ ଅପେକ୍ଷା କରୁଛନ୍ତି, ସେତେବେଳେ ନୌକାଟି ଚରରେ ପହଞ୍ଚିବା ପୂର୍ବରୁ ନଈକୁ ଡେଇଁପଡ଼ି ବୁଡ଼ା-ପହଁରାରେ ଅନେକଦୂର ଚ୍ଵାଲିଗଲି । ଶ୍ରୀଶ୍ରୀଠାକୁର ଏହା ଦେଖି ମୋ'ପାଇଁ ଆଉ ଅପେକ୍ଷା ନକରି ସମସ୍ତଙ୍କୁ ନେଇ ଆଶ୍ରମକୁ ଫେରିଗଲେ ଏବଂ ନୌକାଟି ବି ଫେରିଗଲା । ସମସ୍ତେ ଚ୍ଵାଲିଗଲା ପରେ ମୁଁ ପହଁରି ପହଁରି ଏକୂଳରେ ଆସି ପହଞ୍ଚିଲି । ଦେହ-ହାତ ପୋଛିହୋଇ ଲୁଗା ପିନ୍ଧି ଆଶ୍ରମକୁ ଗଲି । ଆଶ୍ରମକୁ ଆସି ଦେଖେ ଶ୍ରୀଶ୍ରୀଠାକୁର ସମସ୍ତଙ୍କୁ ନେଇ ଖାଇ ବସିଛନ୍ତି, ମୁଁ ବି ସେମାନଙ୍କ ସାଙ୍ଗରେ ବସିପଡ଼ିଲି ।

ସେଇଦିନ ଉପରବେଳା ଶ୍ରୀଶ୍ରୀଠାକୁରଙ୍କ ସହ ଆମ୍ଭେମାନେ, ଅଗଣାରେ ବାବଲାଗଛ ତଳେ ବସିଛୁ, ନାନା ଗଳ୍ପ ଚ୍ଵାଲିଛି । ଏପରି ସମୟରେ ଶ୍ରୀଶ୍ରୀଠାକୁର କହିଲେ— ସମସ୍ତେ ମିଶି କବାଡ଼ି ଖେଳିଲେ କେମିତି ହୁଅନ୍ତା? କହିବା ସଙ୍ଗେ ସଙ୍ଗେ ଦଳ ଭାଗ ହୋଇଗଲା । ଗୋଟିଏ ଦଳରେ ଶ୍ରୀଶ୍ରୀଠାକୁର, ମହାରାଜ, ମୁଁ, ହୀରାଲାଲ ଦାସଦା ପ୍ରଭୃତି ଓ ଅନ୍ୟ ଦଳରେ ନଫରଭାଇ, ରାଧିକାଦା, ବୀରୁଦା ପ୍ରଭୃତି । ଖେଳରେ ଶ୍ରୀଶ୍ରୀଠାକୁରଙ୍କର ବାଳକ ଭଳି କି ଉଲ୍ଲାସ!

ବେଶ୍ କିଛି ସମୟ ଧରି ଖେଳ ଚ୍ଵାଲିଲା । କିଛି ସମୟ ବିଶ୍ରାମ ପରେ ଶ୍ରୀଶ୍ରୀଠାକୁର ବୀରୁଦାଙ୍କୁ ଲକ୍ଷ୍ୟ କରି କହିଲେ— ଆସନ୍ତୁ ଦେଖି ବୀରୁଦା । ଆପଣଙ୍କୁ କାନ୍ଧରେ ନେଇପାରେ କି ନା? ଏହା କହି ବୀରୁଦାଙ୍କୁ କାନ୍ଧରେ ବସେଇଲେ । ପରେ ପୁଣି ଶ୍ରୀଶ୍ରୀଠାକୁର ବୀରୁଦାଙ୍କ କାନ୍ଧରେ ବସିଲେ । ଏଇପରି କ୍ରୀଡ଼ା-କୌତୁକ ଚ୍ଵାଲିବାକୁ ଲାଗିଲା । ଶ୍ରୀଶ୍ରୀଠାକୁର ଜଣ ଜଣ କରି ସମସ୍ତଙ୍କୁ କାନ୍ଧରେ ନେଲେ ଓ ସେମାନଙ୍କ କାନ୍ଧରେ ବସିଲେ । ମୁଁ ଶ୍ରୀଶ୍ରୀଠାକୁରଙ୍କୁ

କାନ୍ଧରେ ନେଇ କିଛି ସମୟ ଚ୍ଵାଲିଲି । ଶେଷରେ ତାଙ୍କୁ ଓହ୍ଲେଇଦେଇ ଏକା-ଦୌଡ଼ାରେ ପଳେଇଗଲି । କାରଣ, ମୁଁ ଜାଣିଚି ତା'ପରେ ହିଁ ସେ ମୋତେ କାନ୍ଧରେ ବସେଇବେ, ଆଉ ଦୁଇ ହାତରେ ମୋର ପାଦ ଦୁଇଟି ଧରିନେଇ ଚ୍ଵାଲିବେ, ଯେମିତି ସମସ୍ତଙ୍କୁ ନେଇ ଚ୍ଵାଲୁଛନ୍ତି । ତାହା ଦେଖି ମୋର ମନେ ହୋଇଥିଲା ଏଥିରୁ ରକ୍ଷା ପାଇବାକୁ ହେଲେ ପଳେଇଯିବା ଛଡ଼ା ଗତ୍ୟନ୍ତର ନାହିଁ ।

ଶ୍ରୀଶ୍ରୀଠାକୁରଙ୍କର ଏଇ ଅଦ୍ଭୁତ ଲୀଳା 'ଚୈତନ୍ୟଚରିତାମୃତ'ରେ ଶ୍ରୀଚୈତନ୍ୟଙ୍କର— ''କାନ୍ଧେ ଚଢ଼େ କାନ୍ଧେ ଚଢ଼ାୟ କରେ କ୍ରୀଡ଼ା ରଣ'' ଏହି କଥାହିଁ ସ୍ମରଣ କରେଇଦିଏ । ଶ୍ରୀଶ୍ରୀଠାକୁରଙ୍କ ସହ ଯେ ଆମର ଗୁରୁଶିଷ୍ୟ ସମ୍ପର୍କ ସେକଥା ତାଙ୍କର ଆଚ୍ଵାର-ବ୍ୟବହାରରେ ଘୁଣାକ୍ଷରେ ମଧ୍ୟ ପ୍ରକାଶ ପାଉ ନଥିଲା । ଆମ ସହ ତାଙ୍କର ହାବଭାବ ଥିଲା ପ୍ରାଣପ୍ରିୟ ସଖା ପରି— ହାସ୍ୟ, କୌତୁକ, କୌତୂହଳ, ଆମୋଦ-ପ୍ରମୋଦରେ ସମୁଜ୍ଜ୍ୱଳ ।

ଶ୍ରୀଶ୍ରୀଠାକୁର ମଧ୍ୟ ଠିକ୍ ସଖାପରି ଆମମାନଙ୍କର ଚ୍ଵାପଲ୍ୟ ଓ କଠୋର-କଟୁ ବ୍ୟବହାରକୁ ଅମ୍ଳାନଚିତ୍ତରେ ହସହସ ମୁହଁରେ ସହ୍ୟକରି ନେଇଛନ୍ତି । ବସ୍ତୁତଃ ତାଙ୍କର ଏଇ ଅପାର୍ଥିବ ପ୍ରାଣପ୍ରିୟ ସଖା ପରି ଅମାୟିକ ବ୍ୟବହାର ହିଁ ସେତେବେଳେ ଆକୃଷ୍ଟ କରିଥିଲା ସମସ୍ତଙ୍କୁ ତାଙ୍କ ପ୍ରତି ଏବଂ ତାଙ୍କୁ ମଧ୍ୟ ସେମାନେ ଆପଣାର କରିନେଇ ପାରିଥିଲେ । କିନ୍ତୁ ଏହାର ଗୋଟାଏ ବିପରୀତ ଦିଗ ମଧ୍ୟ ଅଛି, ତାହା ହେଉଛି ତାଙ୍କ ପ୍ରତି ପ୍ରତିଦାନସ୍ୱରୂପ ଆମମାନଙ୍କର କଟୁ ବ୍ୟବହାର— ଯାହା ସେ ହସହସ ମୁହଁରେ ସହ୍ୟକରି ନେଇଥିଲେ । ଗୋଟିଏ ଘଟଣା ଉଲ୍ଲେଖ କଲେ ଏକଥାଟି ସ୍ପଷ୍ଟରୂପେ ଫୁଟିଉଠିବ ।

ଉପରେ ଯେଉଁ ଘଟଣା କଥା ଉଲ୍ଲେଖ କଲି ତାର କିଛିଦିନ ପୂର୍ବେ ସେଇ ବର୍ଷ ମାଘମାସର ଘଟଣା । ଶ୍ରୀଶ୍ରୀଠାକୁରଙ୍କର ସଂଧ୍ୟା ପୂର୍ବରୁ କୁଷ୍ଟିୟାରେ ପହଞ୍ଚିବା କଥା । କିନ୍ତୁ ନୌକାର ଅସୁବିଧା ହେବା ହେତୁ ତାଙ୍କୁ ସେଦିନ ସଂଧ୍ୟା ପରେ ବାହାରିବାକୁ ପଡ଼ିଥିଲା ଏବଂ ସେ କୁଷ୍ଟିୟାରେ ଆସି ପହଞ୍ଚିଲେ ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ । ସେଇ ସମୟରେ ଶ୍ରୀଶ୍ରୀଠାକୁର ଅଶ୍ୱିନୀଦାଙ୍କ ଘରେ ଯାଇ ରହୁଥିଲେ । ବୀରୁଦା, ଅଶ୍ୱିନୀଦା ଦୁଇଜଣ ମିଶି ଯୁକ୍ତି କଲେ— ଶ୍ରୀଶ୍ରୀଠାକୁର ଯେମିତି ଠିକ୍ ସମୟରେ ଆସିନାହାନ୍ତି, ଆଜି ଯଦି ରାତିରେ ଆସନ୍ତି ତେବେ ତାଙ୍କୁ ଜବତ କରିବାକୁ ପଡ଼ିବ, ଶାସ୍ତି ଦେବାକୁ ହେବ । ଶ୍ରୀଶ୍ରୀଠାକୁର ରାତିରେ ଆସିଲେ ଘରର ଦରଜା କୌଣସିମତେ ଖୋଲାଯିବ ନାହିଁ, ଭୟଙ୍କର ଶୀତ ରାତିରେ ତାଙ୍କୁ ବାହାରେ କଟାଇବାକୁ ପଡ଼ିବ ।

ରାତି ସାଢ଼େ ଗୋଟାଏ ସମୟରେ ଶ୍ରୀଶ୍ରୀଠାକୁର ମହାରାଜ, ନଫର ଘୋଷ ପ୍ରଭୃତି ସହ ଆସି ବୀରୁଦା ଓ ଅଶ୍ୱିନୀଦାଙ୍କୁ ଖୁବ୍ ଡାକିଲେ— ''ଦୁଆର ଖୋଲନ୍ତୁ, ଦାରୁଣ ଶୀତରେ ବାହାରେ ରହିବା ଅସମ୍ଭବ । ମୋର ଅପରାଧ ଯଦି କିଛି ହୋଇଥାଏ ତେବେ କ୍ଷମା କରିଦିଅନ୍ତୁ, ଏତେ ନିର୍ଦ୍ଦୟ ହୁଅନ୍ତୁ ନାହିଁ ।'' ସେମାନେ କୌଣସିପ୍ରକାରେ ଦରଜା

Scanned with CamScanner

ଖୋଲିଲେ ନାହିଁ, ସାରା ରାତି ଭୟଙ୍କର ଶୀତରେ ଶ୍ରୀଶ୍ରୀଠାକୁର ସମସ୍ତଙ୍କୁ ନେଇ ବାହାର ଅଗଣାରେ ପଡ଼ିରହିଲେ । ସକାଳ ହେବାରୁ ବୀରୁଦା, ଅଶ୍ୱିନୀଦା ଦରଜା ଖୋଲି ବାହାରକୁ ଆସି ଶ୍ରୀଶ୍ରୀଠାକୁରଙ୍କୁ କହିଲେ— କେମିତି ଜବ୍ଦ!

ଶ୍ରୀଶ୍ରୀଠାକୁର କାତର କଣ୍ଠରେ କହିଲେ— ମୁଁ ଆପଣମାନଙ୍କର ଛୋଟଭାଇ, ଦୋଷ ଯଦି କରିଥାଏ ତେବେ କ'ଣ ଏହିପରି ଶାସ୍ତି ଦିଆଯାଏ?

ଏ ପ୍ରକାର ବ୍ୟବହାର ବାସ୍ତବିକ ମର୍ମାନ୍ତିକ, ବିଶେଷତଃ ଶିଷ୍ୟମାନଙ୍କ ପାଖରୁ ।

ଆଶ୍ରମ-ପ୍ରାଙ୍ଗଣରେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଆମେମାନେ ଯେତେବେଳେ ଏହିପରି ଖେଳରେ ମାତିଛୁ, ସନ୍ଧ୍ୟା ପ୍ରାୟ ଆସି ଯାଇଛି— ଏପରି ସମୟରେ ଖବର ଆସିଲା ଜିଲ୍ଲା-ପ୍ରଶାସକ ରାୟବାହାଦୁର ସୁରେଶଚନ୍ଦ୍ର ସେନ-ମହାଶୟ ଆସନ୍ତା କାଲି ଆଶ୍ରମ ଦେଖିବାକୁ ଆସିବେ । ସେ ଖବର ପାଇଛନ୍ତି ଯେ ବିପ୍ଳବୀଦଳର ଲୋକ ଆଶ୍ରମକୁ ଆସନ୍ତି । ସେଥିପାଇଁ ତଦନ୍ତ କରିବାକୁ ସେ ଆସୁଛନ୍ତି ।

ଶ୍ରୀଶ୍ରୀଠାକୁର କହିଲେ, ସେ ଯେତେବେଳେ ନିଜ ତରଫରୁ ଆସୁଛନ୍ତି ଏବଂ ଖବର ବି ପଠେଇଛନ୍ତି ତେଣୁ ତାଙ୍କୁ ଯଥାଯୋଗ୍ୟ ଅଭ୍ୟର୍ଥନା କରିବା ଉଚିତ ।

ମୁଁ କହିଲି— ତା'ହେଲେ ତ ଆଶ୍ରମ-ପ୍ରାଙ୍ଗଣଟି ଆଜି ହିଁ ପରିଷ୍କାର ପରିଚ୍ଛନ୍ନ କରି ରଖିବା ଉଚିତ । ଏହା କହି କେତୋଟି ଝାଡୁ ଯୋଗାଡ଼ କରି ଆମେମାନେ ଆଶ୍ରମ-ପ୍ରାଙ୍ଗଣରେ ଝାଡୁଦେବାରେ ଲାଗିଗଲୁ । ଶ୍ରୀଶ୍ରୀଠାକୁର ମଧ୍ୟ ଗୋଟିଏ ଝାଡୁ ନେଇ ଆମ ସାଥୀରେ ଝାଡୁ ଦେବାରେ ଲାଗିଲେ ।

ପରଦିନ ସକାଳେ (୫ ଏପ୍ରିଲ୍, ୧୯୨୧ ମସିହା) ଜିଲା ମାଜିଷ୍ଟ୍ରେଟ୍ ସୁରେଶବାବୁ ଆସିଲେ ଆଶ୍ରମ ଦେଖିବାକୁ । ସେତେବେଳେ ଆଶ୍ରମରେ କର୍ମପ୍ରତିଷ୍ଠାନ କିଛି ହିଁ ଗଢ଼ିଉଠି ନଥିଲା । ବିସ୍ତୀର୍ଣ୍ଣ ପଦ୍ମାକୂଳରେ ବାବଲା ବଣ ଭିତରେ ଛୋଟ ଛୋଟ କେତୋଟି କୁଡ଼ିଆ ଘର ମାତ୍ର । ସୁରେଶବାବୁ ଆଶ୍ରମର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହେଲେ । ସମ୍ମୁଖରେ ଯେତେ ଦୂର ଦୃଷ୍ଟି ଯାଏ— ବିଶାଳ ପଦ୍ମାର ଜଳରାଶି ଯେମିତି ଉଚ୍ଛୁଳି ଉଠୁଚି । ଆଶ୍ରମ-ପ୍ରାଙ୍ଗଣରେ ଠିଆ ହୋଇ ସେଦିଗରେ ଦୃଷ୍ଟି ନିବଦ୍ଧ କରି କେତେ ସମୟ ସେଇ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁରହି ଶ୍ରୀଶ୍ରୀଠାକୁରଙ୍କୁ କହିଲେ— ଆଶ୍ରମପାଇଁ ଆପଣ ବେଶ୍ ଉପଯୁକ୍ତ ସ୍ଥାନ ହିଁ ମନୋନୀତ କରିଛନ୍ତି । ଏଠାକୁ ଆସିଲେ କୌଣସି ପ୍ରକାର ସଂକୀର୍ଣ୍ଣତା ମନରେ ସ୍ଥାନ ପାଏ ନାହିଁ । ଆପଣାଛାଏଁ ଗୋଟାଏ ବିରାଟ ଉଦାରଭାବ ମନକୁ ଅଧିକାର କରେ । କିନ୍ତୁ ମୁଁ ଶୁଣିଛି ଅନେକ ବିପ୍ଳବୀ କୁଆଡ଼େ ମଝିରେ ମଝିରେ ଏଠି ଆସି ରହନ୍ତି । ମୋର ଅନୁରୋଧ ସେମାନଙ୍କୁ ଯେପରି ଆପଣ ଏଠାରେ ଆଶ୍ରୟ ନ ଦିଅନ୍ତି । ତା'ହେଲେ ଆମ ପକ୍ଷରେ ବଡ଼ ମୁସ୍କିଲ୍ ହେବ ।

ଶ୍ରୀଶ୍ରୀଠାକୁର— ''ଦେଖନ୍ତୁ, ମୋ' ପାଖକୁ ସବୁପ୍ରକାର ଲୋକ ଆସନ୍ତି— ଧନୀ-ଦରିଦ୍ର, ସତ୍-ଅସତ୍ ଆର୍ତ୍ତ ହୋଇ । ମୁଁ କାହାକୁ ଏଠିକି ଆସ ନାହିଁ— ଏ କଥା

କହିପାରେ ନାହିଁ । ସେମାନେ ଶାନ୍ତିର ପଥ ପାଇବାପାଇଁ ଏଠିକି ଆସନ୍ତି । ସେମାନଙ୍କୁ ସେଇ ପଥ କହିଦିଏ, ଯାହା ମୋତେ ଜଣାଅଛି । ସେମାନେ ମଧ୍ୟ ସେମାନଙ୍କର ଗନ୍ତବ୍ୟ ପଥ ବୁଝିନେଇ ସେଇ ପଥରେ ଚାଲିବାର ଚେଷ୍ଟା କରନ୍ତି । ଆଉ ଦେଖନ୍ତୁ, ସ୍ୱାଧୀନତା କହିଲେ ମୁଁ ଇଂରେଜ-ବିଦ୍ୱେଷ ବୁଝେ ନାହିଁ । ସ୍ୱାଧୀନତା ଅର୍ଜନ କରିବାକୁ ହେଲେ ନିଜ ଭିତରେ ସେଇସବୁ ଗୁଣ ଫୁଟେଇ ତୋଳିବାକୁ ହେବ ଯାହା ମନୁଷ୍ୟତ୍ୱ ବିକାଶର ସହାୟକ । ତା'ହେଲେ ସ୍ୱାଧୀନତା ଆପଣାଛାଏଁ ଆସିବ ।''

ରାୟ୍ ବାହାଦୁର— ''ସେମାନେ ଯଦି ସେମାନଙ୍କର ଭ୍ରାନ୍ତ ମତ ବୁଝି ଆପଣଙ୍କର ପ୍ରଦର୍ଶିତ ପଥରେ ଚାଲନ୍ତି, ତା'ହେଲେ ଆଉ କ୍ଷତି କ'ଣ ?''

ଶ୍ରୀଶ୍ରୀଠାକୁରଙ୍କର ସେଦିନ ଶିଷ୍ୟମାନଙ୍କ ପାଦ ଧୋଇ ଓ ପୋଛିଦେବା ମୂଳରେ କି ଉଦ୍ଦେଶ୍ୟ ଥିଲା ତାହା ଜାଣିନି । କିନ୍ତୁ ଦୁର୍ଭାଗ୍ୟର ବିଷୟ ତା' ପରଦିନଠାରୁ ଶ୍ରୀଶ୍ରୀଠାକୁରଙ୍କ ଦେହରେ ଜର ଦେଖାଦେଲା । ପ୍ରତ୍ୟହ ଅପରାହ୍ନରେ ଜର ଆସୁଥିଲା । ପ୍ରଥମେ ମହାରାଜ ହିଁ ଚିକିତ୍ସା କରୁଥିଲେ । ତା'ପରେ କୁଷ୍ଟିଆର ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ, କଲିକତାର ଡାକ୍ତର ଶଶୀଭୂଷଣ ମିତ୍ର (ମାଷ୍ଟର ମହାଶୟ) ଜଣ ଜଣ କରି ଚିକିତ୍ସା କଲେ, କିନ୍ତୁ କୌଣସି ଫଳ ହେଲା ନାହିଁ । ତା'ପରେ ପାବନା ସହରର ପ୍ରସିଦ୍ଧ ଏଲୋପ୍ୟାଥ୍, ହୋମିଓପ୍ୟାଥ୍ ଏବଂ ପ୍ରାଚୀନ କବିରାଜ ଯୋଗେନବାବୁଙ୍କ ଦ୍ୱାରା ମଧ୍ୟ ସେ ଚିକିତ୍ସିତ ହେଲେ । କୌଣସି ଚିକିତ୍ସାରେ ସୁଫଳ ଦେଖାଗଲା ନାହିଁ । ଏପରି ଦୀର୍ଘସ୍ଥାୟୀ ଜର ପାଇଁ ସମସ୍ତେ ବିଶେଷ ଚିନ୍ତିତ ହୋଇପଡ଼ିଲେ । ଶ୍ରୀଶ୍ରୀଠାକୁରଙ୍କର ଶରୀର ମଧ୍ୟ ବିଶେଷ ଦୁର୍ବଳ ହୋଇପଡ଼ିବାକୁ ଲାଗିଲା ।

ଚିକିତ୍ସାରେ କୌଣସି ଫଳ ନ ହେବାରୁ ଅନେକଙ୍କର ମନରେ ତ ଧାରଣା ବଦ୍ଧମୂଳ ହେଲା ଯେ ସେଦିନ ସମସ୍ତଙ୍କର ପାଦ ଧୋଇ ସେମାନଙ୍କର ପାପତାପ ବିଧୌତ କରିଦେଇ ସେମାନଙ୍କର କର୍ମଫଳ ନିଜେ ନେଇ ସେ ଏଇ ରୋଗ ଭୋଗ କରୁଛନ୍ତି । ତା' ନହେଲେ ସେଇ ଘଟଣାର ପରଦିନଠାରୁ ଏଇ ଜ୍ୱରଭୋଗ କାହିଁକି ହୁଅନ୍ତା? ଆଉ ଅଭିଜ୍ଞ ଚିକିତ୍ସକମାନଙ୍କର ଚିକିତ୍ସାରେ ବା କୌଣସି ଫଳ ମିଳନ୍ତା ନାହିଁ କାହିଁକି? ପଞ୍ଚଚତ୍ୱାରିଂଶତ୍ ଦିବସର ଭାବବାଣୀ ଖଳିଲପୁରେ ହୁଏ । ସେଦିନ ୨୭ ଫେବୃୟାରୀ, ୧୯୧୭ ମସିହା । ଉକ୍ତ ଭାବବାଣୀରେ ଶ୍ରୀଶ୍ରୀଠାକୁର କହିଥିଲେ— ''Medium cannot last long. ବୁଝିଲୁ ଅନନ୍ତ, ପାଞ୍ଚ ବର୍ଷରୁ ବେଶୀ ରହିବ ନାହିଁ ।''

ଭାବବାଣୀ ପ୍ରଥମେ ଆରମ୍ଭ ହୁଏ ୧୯୧୪ ମସିହା ଜୁନ୍ ୧୪ ରବିବାର ଦିନ । ତେଣୁ ୧୯୧୯ ମସିହା ଜୁନ୍ ୧୪କୁ ପାଞ୍ଚ ବର୍ଷ ପୂରା ହୋଇଯାଏ । ଅତଏବ ଭାବବାଣୀର ବଚନ ଅନୁସାରେ ଶ୍ରୀଶ୍ରୀଠାକୁର ବୋଧହୁଏ ନରଦେହରେ ଆଉ ରହିବେ ନାହିଁ, ଦଳେ ଲୋକ ଏଇଆ ଅନୁମାନ କରିବାକୁ ଲାଗିଲେ । ସେମାନେ ଏହା ସହିତ ଭଗବାନ୍ ଯୀଶୁଙ୍କର ଉଦାହରଣ ଦେବାକୁ ଲାଗିଲେ । ସେ ମୃତ୍ୟୁ ପୂର୍ବରୁ ତାଙ୍କର ଶିଷ୍ୟମାନଙ୍କର ପାଦ ଧୋଇଦେଇ ସେମାନଙ୍କର ପାପତାପ ନେଇ ଅବଶେଷରେ କ୍ରୁଶବିଦ୍ଧ

Scanned with CamScanner

ହୋଇ ପ୍ରାଣତ୍ୟାଗ କଲେ। ଏଇ କଥା ଭାବି ସମସ୍ତେ ବିଶେଷ ଶଙ୍କାକୁଳ ହୋଇପଡ଼ିଲେ।

ଏଠାରେ ବିଶେଷ ଉଲ୍ଲେଖ୍ୟଯୋଗ୍ୟ ଯେ ଶ୍ରୀଶ୍ରୀଠାକୁରଙ୍କର ଏଇ ଭାବବାଣୀର ଅପବ୍ୟାଖ୍ୟା କରି ଶ୍ରୀଶ୍ରୀଠାକୁରଙ୍କର ଭକ୍ତ ଶ୍ରୀକୃଷ୍ଣଚନ୍ଦ୍ର ଦାସ ଏହାପରେ ଶ୍ରୀଶ୍ରୀଠାକୁରଙ୍କୁ ହତ୍ୟା କରିବାର ଚକ୍ରାନ୍ତରେ ଲିପ୍ତ ହୁଏ। ତା'ର ସେ ବ୍ୟାଖ୍ୟା ଓ ଚକ୍ରାନ୍ତ ବିଷୟ ପରବର୍ତ୍ତୀ ଅଧ୍ୟାୟରେ ବିବୃତ ହେବ।

ଶ୍ରୀଶ୍ରୀଠାକୁର ଯେତେବେଳେ ଏହିପରି ମାସ ପରେ ମାସ ଜ୍ୱର ଭୋଗ କରି ଚାଲିଛନ୍ତି ସେତେବେଳେ ଦିନେ ସକାଳବେଳା— ଯେଉଁ ସମୟରେ ସେ କଥଞ୍ଚିତ୍ ସୁସ୍ଥ ରହୁଥିଲେ— ତାଙ୍କ ପାଖରେ ଯାଇ ବସିଲି। ଅନ୍ୟାନ୍ୟ କଥାବାର୍ତ୍ତା ପରେ ପଚାରିଲି— "ଯେଉଁ ଦେହ ବିଶୁଦ୍ଧ ଓ ଅପାପବିଦ୍ଧ ସେ ଦେହରେ ରୋଗ ବୀଜାଣୁର ପ୍ରାଦୁର୍ଭାବ କିପରି ସମ୍ଭବ ତା' ତ ବୁଝିପାରୁ ନାହିଁ। ଭଗବାନ୍ ଶ୍ରୀରାମକୃଷ୍ଣଙ୍କ ଦେହରେ ମଧ୍ୟ Cancer ହୋଇଥିଲା। କିନ୍ତୁ କାହିଁକି? ସେତେବେଳେ ତାଙ୍କର ଶିଷ୍ୟଗଣ ବିଶେଷ କରି ନରେନ୍ଦ୍ରନାଥ (ବିବେକାନନ୍ଦ) ଏ ବିଷୟରେ ପ୍ରଶ୍ନ କରନ୍ତେ ସେ କହିଥିଲେ— ତୁମେ ଯେଉଁମାନେ ମୋ' ପାଖରେ ଅଛ, ତୁମମାନଙ୍କର ପାପତାପ କାନ୍ଧରେ ବହନ କରି ନେବା ହେତୁ ମୋର ଏ ବ୍ୟାଧି! ଆପଣଙ୍କର ବି କ'ଣ ସେଇଆ ?"

ଶ୍ରୀଶ୍ରୀଠାକୁର— "ମୁଁ ମୋତେ ଭଗବାନ୍ ଶ୍ରୀରାମକୃଷ୍ଣ ବା ଅନ୍ୟ କୌଣସି ମହାପୁରୁଷଙ୍କ ପରି ବୋଲି ଜାଣିନି। ମୁଁ ମୋ' ପରି। ଦେଖନ୍ତୁ ମୋ' ପରି ମୁଁ ଯଦି ଏକାନ୍ତରେ ରହିପାରିଥାଆନ୍ତି, ତାହେଲେ ଏ ଦେହରେ କୌଣସି ରୋଗର ଆବିର୍ଭାବ ହୁଏତ ହୋଇପାରିନଥାନ୍ତା। କିନ୍ତୁ ସେପରି ତ ରହିବା ସମ୍ଭବ ନୁହେଁ। ତେଣୁ ସମସ୍ତଙ୍କର ଆଧି-ବ୍ୟାଧି ମୋତେ ସ୍ପର୍ଶ କରେ, ତେଣୁ ବେଳେବେଳେ ଦେଖିବାକୁ ପାଏ ଯେ ଗଙ୍ଗା ଉପର ଦେଇ ଯେପରି କେତେ ରକମର ମଇଳା ଭାସି ଚାଲିଛି, ସେହିପରି ମୋ' ଉପର ଦେଇ କେତେ ପ୍ରକାର କାମ, କ୍ରୋଧ, ଲୋଭ, ମୋହର ମଇଳା ଭାସିଚାଲିଛି। ପାରିପାର୍ଶ୍ୱିକର ସେଇସବୁ ଭାବ ମୋ' ଉପରେ ପ୍ରଭାବ ବିସ୍ତାର କରେ।"

ଶ୍ରୀଶ୍ରୀଠାକୁରଙ୍କର ଏଇ କଥା ଶୁଣି ମୋ' ମନରେ ଦୃଢ଼ ଧାରଣା ହେଲା ଯେ, ଶିଷ୍ୟମାନଙ୍କର ପାଦ-ପ୍ରକ୍ଷାଳନ ଦ୍ୱାରା ସେମାନଙ୍କର ପାପତାପ ନିଜ ଦେହରେ ନେଇ ସେମାନଙ୍କୁ କର୍ମଫଳମୁକ୍ତ କରି ସେ ନିଜ ଦେହରେ ସେସବୁ ରୋଗ ଭୋଗ କରୁଛନ୍ତି।

ଭାବିଲି, ସାଧାରଣତଃ ଆମେ ଯାହାକୁ ଭଲ ମଣିଷ କହୁ ସେମାନେ ନିଜେ ସୁସ୍ଥ ରହି ଅନ୍ୟମାନେ ଯାହାଦ୍ୱାରା ସୁସ୍ଥ ଓ ସ୍ୱସ୍ଥ ରହନ୍ତି, ସେଇ କାମନା କରନ୍ତି। ଏକମାତ୍ର ଜନନୀଠାରେ ଦେଖିବାକୁ ପାଏ, ପୁତ୍ରର ବ୍ୟାଧି ନିଜ ଦେହକୁ ଟାଣିନେଇ ଆପଣା ସନ୍ତାନର ରୋଗମୁକ୍ତିର ଆକାଙ୍କ୍ଷା। ଭଲପାଇବାର ମୂର୍ତ୍ତପ୍ରତୀକ ଶ୍ରୀଶ୍ରୀଠାକୁରଙ୍କର ତାଙ୍କର ଭକ୍ତମାନଙ୍କ ପ୍ରତି କି ଅପରିସୀମ ଭଲପାଇବା! ସେଇ ଭଲପାଇବା ସ୍ୱତଃସ୍ରୋତା ମାତୃସ୍ନେହ ପରି। ସେଇ ଭଲପାଇବାବଶତଃ ସ୍ୱୀୟ ସନ୍ତାନସମ ଶିଷ୍ୟମାନଙ୍କର ସବୁ ରୋଗ-ଯାତନା ନିଜ

ଦେହକୁ ଟାଣିନେଇ ସେମାନଙ୍କୁ ରୋଗ-ଯାତନାରୁ ମୁକ୍ତି ଦେଉଛନ୍ତି। ଏପ୍ରକାର ଭଲପାଇବା ଏକମାତ୍ର ନରୋତ୍ତମଙ୍କଠାରେ ହିଁ ସମ୍ଭବ।

ଯେତେବେଳେ କୌଣସି ଚିକିତ୍ସାରେ ଫଳ ମିଳିଲା ନାହିଁ, ସେତେବେଳେ ସ୍ଥିର ହେଲା ଯେ କଲିକତା ଯାଇ ତଦାନୀନ୍ତନ ପ୍ରସିଦ୍ଧ ଚିକିତ୍ସକ ଡା. ଆର୍.ଏଲ୍. ଦତ୍ତଙ୍କ ସହ ପରାମର୍ଶ କରି ତାଙ୍କର ମତ ନେଇ ଯାହା ଦରକାର କରାହେବ। ସେଥିପାଇଁ ମୁଁ ଓ ଜନନୀ ମନୋମୋହିନୀ କଲିକତା ଗଲୁ। ଡା. ଦତ୍ତଙ୍କୁ ଜନନୀ ମନୋମୋହିନୀ ପୂର୍ବରୁ ଜାଣିଥିଲେ। ସେ ଏକଦା ପାବନାର ସିଭିଲ୍-ସର୍ଜନ୍ ଥିଲେ। ଡା. ଦତ୍ତ ମା'ଙ୍କୁ କହିଲେ ଯେ, ପୁଅକୁ ଏଠିକି କଲିକତା ନେଇ ଆସ, ମୁଁ ଦେଖିବି। ପରେ ବାୟୁ ପରିବର୍ତ୍ତନପାଇଁ କାର୍ଶିୟାଂ ନେଇଯାଅ। ମୁଁ ବି ଶୀଘ୍ର ସେଠିକି ଯାଉଛି, ଦରକାର ହେଲେ ତାଙ୍କୁ ସେଠି ବି ଦେଖିପାରିବି।

ଦୀର୍ଘ ଏକ ବର୍ଷ ରୋଗ ଭୋଗ ପରେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଜନନୀ ମନୋମୋହିନୀ ପରିବାରବର୍ଗ ଓ ମହାରାଜ, ଶଶଧର, କର୍ମକାର, ନନୀଭାଇଙ୍କ (ପ୍ରମଥନାଥ ସାହାଚୌଧୁରୀ), ନଫରଭାଇ ପ୍ରଭୃତି ସହ ୧୯୨୨ ମସିହା ମେ ୨୭ ତାରିଖ ଦିନ କାର୍ଶିୟାଂ ଯିବା ଉଦ୍ଦେଶ୍ୟରେ ଆଶ୍ରମରୁ ବାହାରିଲେ। ଶ୍ରୀଶ୍ରୀଠାକୁର କଲିକତାରେ ପହଞ୍ଚିବା ପରେ ମାଷ୍ଟର-ମହାଶୟ (ଶଶୀଭୂଷଣ ମିତ୍ର) T.B. Specialist ଡା. ଗୋପାଳ ଚାଟାର୍ଜୀଙ୍କୁ ନେଇ ଆସିଲେ ଶ୍ରୀଶ୍ରୀଠାକୁରଙ୍କୁ ଦେଖାଇବାପାଇଁ। ଗୋପାଳ ଚାଟାର୍ଜୀ ଆସି ଶ୍ରୀଶ୍ରୀଠାକୁରଙ୍କୁ ଦେଖି ତାଙ୍କର T.B. ହୋଇଛି ବୋଲି ମତ ପ୍ରକାଶ କଲେ ଏବଂ ସମସ୍ତଙ୍କର ନିଷେଧ ସତ୍ତ୍ୱେ ତାଙ୍କୁ ଗୋଟିଏ ଇଂଜେକ୍ସନ୍ ଦେଲେ। ଡାକ୍ତର ଆର୍.ଏଲ୍. ଦତ୍ତଙ୍କୁ ଅଣାହେଲା। ସେ ଆସି ବେଶ୍ ଭଲ କରି ପରୀକ୍ଷା କରିଦେଖି କହିଲେ— ଏହା T.B. କେବେ ବି ନୁହେଁ ଏବଂ T.B. ଇଂଜେକ୍ସନ୍ ଦେବା ଅନ୍ୟାୟ ହୋଇଛି। ଏ ମ୍ୟାଲେରିଆ। ମ୍ୟାଲେରିଆର ବିଭିନ୍ନ type ଅଛି, ଏହା ଏକ ବିଶେଷ ଧରଣର ମ୍ୟାଲେରିଆ। ତାଙ୍କପାଇଁ ଔଷଧ ଦେଇଗଲେ ଏବଂ କାର୍ଶିୟାଂ ଯିବା କଥା କହିଗଲେ। ସେ ମଧ୍ୟ ଶୀଘ୍ର କାର୍ଶିୟାଂ ଯିବେ ବୋଲି କହିଗଲେ।

କାର୍ଶିୟାଂରେ ପୂର୍ବରୁ ଘର ଠିକ୍ କରାହୋଇଥିଲା। ଶ୍ରୀଶ୍ରୀଠାକୁର ଓ ଅନ୍ୟ ସମସ୍ତେ କଲିକତାରୁ ବାହାରି କାର୍ଶିୟାଂରେ ଯାଇ ପହଞ୍ଚିଲେ। ସେମାନଙ୍କୁ କାର୍ଶିୟାଂ ଯିବାର ବନ୍ଦୋବସ୍ତ କରିଦେଇ ମୁଁ ଆଶ୍ରମକୁ ଫେରିଆସିଲି। ଆଶ୍ରମରେ ମୁଁ, ରାଧିକାଦା ଓ ଆଉ ଜଣେ ଦୁଇଜଣ ରହିଲୁ।

ଏଇ ରାଧିକାଦା ଥିଲେ ଜଣେ ଅକ୍ଳାନ୍ତକର୍ମୀ। ସେତେବେଳେ ଶ୍ରୀଶ୍ରୀଠାକୁର ପରିବାରର ଯେଉଁସବୁ ଚାଷଜମି ଓ ଚରର ନୂଆ ଜମି ନିଆ ହୋଇଥିଲା ସେସବୁ ତତ୍ତ୍ୱାବଧାନର ଭାର ଥିଲା ରାଧିକାଦାଙ୍କ ଉପରେ। ସେ ଅକ୍ଳାନ୍ତ ପରିଶ୍ରମ କରି ସେ ସମୟରେ ଜମିରୁ ଯେଉଁ ପରିମାଣର ଧାନ ସଂଗ୍ରହ କରୁଥିଲେ ତାଙ୍କର ଅକାଳ ମୃତ୍ୟୁ ପରେ ସେଇ ପରିମାଣର ଧାନ ଆଉ କେହି ଅମଳ କରି ପାରିନାହାନ୍ତି। ତାଙ୍କର ଅକାଳ ମୃତ୍ୟୁ ଖୁବ୍ ଦୁଃଖଦାୟକ। ଶ୍ରୀଶ୍ରୀଠାକୁର ଯେତେବେଳେ ମାଣିକତଳା ଘରେ ରହନ୍ତି ଏବଂ

Scanned with CamScanner

ସେଇ ଘରେ ଯେଉଁ ବର୍ଷ C.R. Das ଆସି ଶ୍ରୀଶ୍ରୀଠାକୁରଙ୍କ ସାଥୀରେ ଦେଖା କରନ୍ତି— ସେଇ ବର୍ଷ ହିଁ ନିମୋନିୟା ରୋଗରେ ଆକ୍ରାନ୍ତ ହୋଇ ହରିତକୀ ବାଗାନ ଲେନ୍‌ରେ ତାଙ୍କର ମୃତ୍ୟୁ ହୁଏ । ଶ୍ରୀଶ୍ରୀଠାକୁର ତାଙ୍କର ମୃତ୍ୟୁରେ ଅତ୍ୟନ୍ତ ବ୍ୟଥା ଅନୁଭବ କରନ୍ତି ।

ଶ୍ରୀକୃଷ୍ଣଚନ୍ଦ୍ର ଦାସ ମଧ୍ୟ ଏହି ସମୟରେ ଆଶ୍ରମରେ ଥିଲେ । ସେ ଶ୍ରୀଶ୍ରୀଠାକୁର ଯେତେବେଳେ ଜ୍ୱର ଭୋଗୁଥିଲେ ସେଇ ସମୟରେ ପାବନାର ହିତୈଷୀ ପ୍ରେସ୍‌ରୁ 'ଶାଶ୍ୱତ ସମ୍ବାଦ' ନାମରେ ଗୋଟିଏ ସାମୟିକ ପତ୍ରିକା ବାହାର କରନ୍ତି । ପ୍ରଥମେ ଏହା ଅନିୟମିତଭାବେ ହିଁ ପ୍ରକାଶ ପାଉଥିଲା । ପରେ ପାକ୍ଷିକ ପତ୍ରିକା ରୂପେ ପ୍ରକାଶିତ ହୁଏ । କିନ୍ତୁ ଅନ୍ୟଲୋକର ପ୍ରେସ୍‌ରୁ ଠିକ୍ ସମୟରେ ପତ୍ରିକା ବାହାର କରିବାରେ ଅସୁବିଧା ହେଉଥାଏ । ସେତେବେଳେ ସେ ଶ୍ରୀଶ୍ରୀଠାକୁରଙ୍କୁ ଏଇ ଅସୁବିଧାର କଥା କୁହନ୍ତି ଏବଂ ଗୋଟିଏ ପ୍ରେସ୍‌ପାଇଁ ଅବେଦନ ଜଣାନ୍ତି । ଯତୀନ ରାୟ ଏବଂ ଅନ୍ୟ କେତେଜଣ କର୍ମୀ ଈଶ୍ୱରଦି, ଶାନ୍ତାହାର ପ୍ରଭୃତି ରେଲଷ୍ଟେସନରେ ଫେରି କରି ଓ ବକ୍ତୃତା ଦେଇ ଏଇ କାଗଜ ବିକ୍ରିକରି ଏହାର ପ୍ରଚାରରେ ସହାୟତା କରନ୍ତି । ଶ୍ରୀଶ୍ରୀଠାକୁର କାର୍ଶିୟାଂ ଚାଲିଯିବା ପରେ ଶ୍ରୀକୃଷ୍ଣଚନ୍ଦ୍ର ଦାସ କିଛିଦିନ ପରେ ହିଁ 'ସତ୍ୟାଶ୍ରୟୀ' ଏଇ ନାମ ନେଇ ଗୌହାଟି ଚାଲିଯାନ୍ତି ଏବଂ ସେଠାକାର ପ୍ରସିଦ୍ଧ-ଆଇନଜ୍ଞ ରାୟବାହାଦୁର କାଳୀଚରଣ ସେନ୍-ମହାଶୟଙ୍କ ଘରେ ଯାଇ ଅବସ୍ଥାନ କରନ୍ତି ।

ଶ୍ରୀକୃଷ୍ଣଚନ୍ଦ୍ର ଦାସ ଗୌହାଟି ଚାଲିଯିବା ପରେ ମୁଁ ଆଶ୍ରମର ଗୋଟିଏ କାମରେ ଦିନେ ଦୁଇଦିନ ପରେ କଲିକତା ଚାଲିଗଲି । ସେତେବେଳେ କଲିକତା ଗଲେ ମୁଁ ମାଣିକତଲାରେ ଶ୍ରଦ୍ଧେୟ ହୀରାଲାଲ ଦାସଦାଙ୍କ ଘରେ ହିଁ ରହୁଥିଲି । ସଂଧ୍ୟାବେଳେ କଲିକତାରେ ପହଞ୍ଚି ମୁହଁହାତ ଧୋଇ ବିଶ୍ରାମ କରିବା ପରେ ନାମଧ୍ୟାନରେ ବସିଲି । ଧ୍ୟାନରେ ମନୋନିବେଶ କରିବାରୁ ଦେଖିବାକୁ ପାଇଲି ଶ୍ରୀଶ୍ରୀଠାକୁର ରୋଗ ଯନ୍ତ୍ରଣାରେ ଅତ୍ୟନ୍ତ କାତର ହୋଇ ଛଟପଟ ହେଉଛନ୍ତି । ତିନି-ତିନିଥର ଧ୍ୟାନରେ ମନୋନିବେଶ କରିବାକୁ ଯାଇ ତିନି-ତିନି ଥର ସେଇ ଏକା ଦୃଶ୍ୟ ମୋର ଆଖି ସାମନାରେ ଭାସି ଉଠିଲା, ସେତେବେଳେ ଧ୍ୟାନରୁ ଉଠି ହୀରାଲାଲଦାଙ୍କୁ ମୋ' ଧ୍ୟାନର କଥା କହିଲି ଏବଂ ଜଣାଇଲି ଯେ, ଶ୍ରୀଶ୍ରୀଠାକୁରଙ୍କପାଇଁ ମୋ' ମନ ବଡ଼ ଉଦ୍‌ବିଗ୍ନ ହୋଇଉଠିଛି । ମୁଁ କାର୍ଶିୟାଂ ଚାଲିଯିବି? ଠିକ୍ ଏଇ ସମୟରେ ମାଷ୍ଟର-ମହାଶୟ ଡାକ୍ତର ଶଶୀଭୂଷଣ ମିତ୍ର ଗୋଟିଏ ଟେଲିଗ୍ରାମ୍ ହାତରେ ଧରି ହୀରାଲାଲଦାଙ୍କୁ ଆସି କହିଲେ— ଏଇ ବର୍ତ୍ତମାନ କାର୍ଶିୟାଂରୁ ଟେଲିଗ୍ରାମ୍ ପାଇଲି । ଠାକୁର ଭୟାନକ ଅସୁସ୍ଥ, ମୋତେ ଆଉ ଗୋକୁଳବାବୁଙ୍କୁ ଅବିଳମ୍ବେ ଯିବାପାଇଁ ତାର କରାହୋଇଛି ।

ମୁଁ ସେତେବେଳେ ମାଷ୍ଟର-ମହାଶୟଙ୍କୁ କହିଲି— ମୁଁ ବି ଆପଣଙ୍କ ସାଙ୍ଗରେ ଯିବି । ତା' ପରଦିନ ମାଷ୍ଟର-ମହାଶୟଙ୍କ ସାଙ୍ଗରେ କାର୍ଶିୟାଂ ଯାତ୍ରା କଲି, ଗୋକୁଳବାବୁଙ୍କ ସାଥୀରେ ବି ସେଇ ଟ୍ରେନ୍‌ରେ ଦେଖା ହେଲା । ଆମେ ତିନିଜଣ ଏକାସାଙ୍ଗରେ କାର୍ଶିୟାଂରେ ଯାଇ ପହଞ୍ଚିଲୁ ।

ସେଠାରେ ପହଞ୍ଚି ଦେଖିଲୁ ଶ୍ରୀଶ୍ରୀଠାକୁରଙ୍କ ଅବସ୍ଥା ଅତି ସଂକଟଜନକ । ମୁଁ ସ୍ନାନାହାର ସାରି ଶ୍ରୀଶ୍ରୀଠାକୁରଙ୍କ ପାଖେ ଯାଇ ବସିଲି । ଗୋକୁଳବାବୁ, ମାଷ୍ଟର-ମହାଶୟ ଶ୍ରୀଶ୍ରୀଠାକୁରଙ୍କୁ ପରୀକ୍ଷା କଲେ । ପ୍ରବଳ ଜ୍ୱର ତ ଅଛି, ତା' ଛଡ଼ା ନାନାପ୍ରକାର ଉପସର୍ଗ । ଗଳାରେ, ଛାତିରେ ଓ ଅନ୍ୟାନ୍ୟ ସ୍ଥାନରେ ନାନା ପ୍ରକାରର ଅସ୍ୱସ୍ତି; ଛାତିରେ ଶ୍ଳେଷ୍ମା ବି ଅଛି, ହାର୍ଟ୍‌ରେ ବି ଗୋଳମାଳ ଅଛି । ସେଦିନ ଦ୍ୱିପହର ବେଳକୁ ସମସ୍ତେ ଘରୁ ବାହାରି ଯାଇଛନ୍ତି । ମା' ଯାଇଛନ୍ତି ଡାକ୍ତର ଆର୍.ଏଲ୍. ଦତ୍ତଙ୍କ ଘରକୁ ଶ୍ରୀଶ୍ରୀଠାକୁରଙ୍କ ଅବସ୍ଥା ଜଣାଇବାକୁ । ମହାରାଜ, ଡା. ଗୋକୁଳବାବୁ ଓ ମାଷ୍ଟର-ମହାଶୟଙ୍କୁ ନେଇ ବାହାରିଯାଇଛନ୍ତି, ଆଉ ଅନ୍ୟାନ୍ୟ ସମସ୍ତେ ବି ନାନା ଆଡ଼େ ବାହାରି ଯାଇଛନ୍ତି । ଭିତର ଘରେ କେବଳ ବଡ଼ମା ଓ ଶ୍ରୀଶ୍ରୀଠାକୁରଙ୍କର ଛୋଟ ଭଉଣୀ ପ୍ରସାଦୀ ।

ଏପରି ସମୟରେ ହଠାତ୍ ଲକ୍ଷ୍ୟ କଲି— ଶ୍ରୀଶ୍ରୀଠାକୁର ଅଶେଷ ଯନ୍ତ୍ରଣାରେ ଏକପ୍ରକାର ନିଥର ନିସ୍ପନ୍ଦ ହୋଇଆସୁଛନ୍ତି । ମନେ ହେଲା ସେ ଯେପରି sink କରିଯାଉଛନ୍ତି । ମୁଁ ଦିଗହରା ହୋଇ କିଛି ଠିକ୍ କରି ନପାରି ପ୍ରସାଦୀକୁ ଡାକି କହିଲି— ଶୀଘ୍ର ପାଣିନେଇ ଆସ । ବଡ଼ମା ଆଉ ପ୍ରସାଦୀ ପାଣି ଆଣି ଦେବାକୁ ଲାଗିଲେ, ମୁଁ ବି ଅନବରତ ପାଣି ଢାଳିବାକୁ ଲାଗିଲି । ଘରେ ଗୋଟାଏ ଲୋକ ନାହିଁ ଯାହାକୁ ଡାକ୍ତର ଡକେଇ ପଠେଇ ପାରିବି । ଯାହା ହେଉ ଅନବରତ ପାଣି ଢାଳି ଢାଳି ଦେଖିଲି ଶ୍ରୀଶ୍ରୀଠାକୁରଙ୍କର ଧୀରେ ଧୀରେ ଚୈତନ୍ୟ ଫେରି ଆସୁଛି । ଏହି ସମୟରେ ଦେଖେ ଶ୍ରୀଶ୍ରୀଠାକୁରଙ୍କର ମାଉସୀପୁଅ ଭାଇ ଜ୍ୟୋତିଷଚନ୍ଦ୍ର ଚକ୍ରବର୍ତ୍ତୀ (ମଙ୍ଗଳ) ଘରକୁ ଆସିଲେ । ତାଙ୍କୁ କହିଲି— ତୁମେ ଆର୍.ଏଲ୍. ଦତ୍ତଙ୍କ ପାଖକୁ ଯାଅ । ସେଠି ମା' ଅଛନ୍ତି, ଆର୍.ଏଲ୍. ଦତ୍ତଙ୍କୁ ସାଙ୍ଗରେ ନେଇ ତାଙ୍କୁ ସଙ୍ଗେ ସଙ୍ଗେ ଆସିବାକୁ କୁହ, ଶ୍ରୀଶ୍ରୀଠାକୁରଙ୍କର ଏହିପରି ଅବସ୍ଥା ।

ମା' ସେଇ ସମ୍ବାଦ ଶୁଣି ହନ୍ତଦନ୍ତ ହୋଇ ଡା. ଦତ୍ତଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଲେ ଆଉ ଯିଏ ଯେଉଁଠି ଥିଲେ ସମସ୍ତେ ଜଣେ ଜଣେ ଆସି ସମବେତ ହେଲେ । ଶ୍ରୀଶ୍ରୀଠାକୁର କିଞ୍ଚିତ୍ ସୁସ୍ଥ ହେବା ପରେ କହିଲେ— "ଆଜି ସୁଶୀଲଦା ପାଖରେ ନଥିଲେ ମୋର ପ୍ରାଣ ହୁଏତ ବାହାରିଯାଇଥାନ୍ତା ! ଆଉ କିଏ ପାଖରେ ଥିଲେ ମୋର ଛାତି, ଗଳା, ହାର୍ଟ ଇତ୍ୟାଦିର ନାନାପ୍ରକାର complication ଦେଖି ପାଣି ଢାଳିବାକୁ ହୁଏତ ସାହସ କରି ନଥାନ୍ତା । କିନ୍ତୁ ସୁଶୀଲ୍‌ଦା ସେସବୁ ଚିନ୍ତା ନକରି ଯେପରିଭାବେ ମୋର ଆଖି, ମୁହଁ ଓ ମଥାରେ ପାଣି ଦେବାକୁ ଲାଗିଲେ ତା' ଫଳରେ ମୁଁ ପ୍ରାଣ ଫେରି ପାଇଲି, ପରମପିତା ସେଇଥିପାଇଁ ସମ୍ଭବତଃ ସୁଶୀଲଦାଙ୍କୁ ଆଜି ଏଠାକୁ ଆଣିଛନ୍ତି ।"

ମୁଁ ଭାବିଲି— ଶ୍ରୀଶ୍ରୀଠାକୁର ଦୟା କରି ମୋତେ ଧ୍ୟାନରେ ଦର୍ଶନ ଦେଇ ଏପରିଭାବେ ତାଙ୍କ ପାଖକୁ ଟାଣି ନେଇଆସିଛନ୍ତି— ବୋଧହୁଏ ଏଇ ସକାଶେ । ତେଣୁ ନିଜକୁ କୃତାର୍ଥ ମନେ କଲି ।

□□□

Scanned with CamScanner

ସତ୍ୟାଶ୍ରୟୀ
କୃଷ୍ଣ ଦାସ

ଶ୍ରୀଶ୍ରୀଠାକୁର ଏକମାସରୁ ଅଧିକ କାଳ କାର୍ଶିୟାଂରେ ରହି ରୋଗମୁକ୍ତ ହୋଇ ଆଶ୍ରମ ଫେରିଆସିଲେ । ତାଙ୍କୁ ସୁସ୍ଥ ଶରୀରରେ ଆଶ୍ରମରେ ପାଇ ଆଶ୍ରମବାସୀ ସମସ୍ତଙ୍କର ଆଉ ଆନନ୍ଦର ସୀମା ନାହିଁ । ଶ୍ରୀକୃଷ୍ଣଚନ୍ଦ୍ର ଦାସ ଯିଏ 'ସତ୍ୟାଶ୍ରୟୀ' ନାମ ଗ୍ରହଣ କରି ଗୌହାଟି ଯାଇଥିଲେ ସେ ମଧ୍ୟ ଆଶ୍ରମ ଫେରିଆସିଲେ । ଶ୍ରୀଶ୍ରୀଠାକୁର କାର୍ଶିୟାଂ ଯିବା ପୂର୍ବରୁ ଶ୍ରୀକୃଷ୍ଣଚନ୍ଦ୍ର ଦାସ ତାଙ୍କୁ ପ୍ରେସ୍‌ର ପ୍ରୟୋଜନୀୟତାର କଥା ଜଣାଇଥିଲେ । ଶ୍ରୀଶ୍ରୀଠାକୁର ଫେରିଆସିବାର କେତେ ମାସ ପରେ ହିଁ ସେ ତାଙ୍କୁ ପୁଣି ପ୍ରେସ୍ କଥା କୁହନ୍ତି । ଶ୍ରୀଶ୍ରୀଠାକୁର ସେତେବେଳେ Settlement Officer ଶ୍ରୀ ସତୀଶଚନ୍ଦ୍ର ବସୁଙ୍କୁ ଶ୍ରୀକୃଷ୍ଣଚନ୍ଦ୍ର ଦାସଙ୍କପାଇଁ ଗୋଟିଏ ପ୍ରେସ୍ ମେସିନ୍ ଖରିଦ୍ କରିଦେବାପାଇଁ କୁହନ୍ତି । ସେ ୩୦୦୦ ଟଙ୍କା ଦେଇ ଗୋଟିଏ Hand Press ଓ Treadl (Machine) ଟିକିଏ ପୁରୁଣା ଖରିଦ୍ କରି ନେଇଆସିଲେ । ବାଜିତପୁର ଷ୍ଟିମାର୍ ଘାଟରେ ଗୋଟିଏ ଘର ଭଡ଼ା ନେଇ ପ୍ରେସ୍‌ଟି ବସା ହେଲା । ଅନ୍ୟାନ୍ୟ ସାଜସରଞ୍ଜାମ ବି ଯୋଗାଡ଼ କରି ଅଣାହେଲା ।

ଦିନେ କୃଷ୍ଣଚନ୍ଦ୍ର ଦାସ ମୋତେ ପଚାରିଲେ ପ୍ରେସ୍‌ର କ'ଣ ନାମ ଦିଆଯିବ, କୁହନ୍ତୁ ତ ।

ମୁଁ— ସତ୍‌ସଙ୍ଗ ତରଫରୁ ପ୍ରେସ୍ ସ୍ଥାପିତ ହେଲା ଏବଂ ସତ୍‌ସଙ୍ଗର ମୁଖପତ୍ର ସେଠୁ ପ୍ରକାଶିତ ହେବ, ତେଣୁ 'ସତ୍‌ସଙ୍ଗ ପ୍ରେସ୍' ନାମ ଦେଲେ ତ ଭଲ ହେବ ।

କୃଷ୍ଣଚନ୍ଦ୍ର— ନା, ତା' ହେବ ନାହିଁ ।

ମୁଁ — ତା'ହେଲେ ଯେକୌଣସି ନାମ ଦେଇପାରନ୍ତି, ସେଥିରେ କିଛି ଯାଏଆସେ ନାହିଁ ।

ସତ୍‌ସଙ୍ଗ ପ୍ରେସ୍ ନାମ ନ ଦେବା ପଛରେ ଯେଁତା'ର କିଛି ଗୋଟାଏ ମତଲବ ଅଛି ତାହା ସେତେବେଳେ ଭଲଭାବେ ବୁଝିପାରି ନଥିଲି । ତେବେ ମୋ' ମନରେ କିପରି ଯେମିତି ଗୋଟାଏ ସନ୍ଦେହ ଆସିଲା— କାହିଁକି ସେ 'ସତ୍‌ସଙ୍ଗ ପ୍ରେସ୍' ନାମ ଦେବାକୁ

ଆପତ୍ତି କଲେ? ଯା' ହେଉ ସରସ୍ୱତୀ ପୂଜାଦିନ ପ୍ରେସ୍ ଅନୁଷ୍ଠାନିକ ଭାବେ ଖୋଲା ହେଲା ଏବଂ 'ସରସ୍ୱତୀ ପ୍ରେସ୍' ଏଇ ନାମ ଦିଆହେଲା । ପ୍ରେସ୍‌ର ଘୋଷଣାପତ୍ରରେ (Declaration)ର କୃଷ୍ଣଚନ୍ଦ୍ର ଦାସର ନାମ ସ୍ୱତ୍ୱାଧିକାରୀ ହିସାବରେ ଦିଆ ହୁଏ । ସତ୍‌ସଙ୍ଗର କର୍ମୀମାନେ ହିଁ ସେଠି compositor ଓ printer ନିଯୁକ୍ତ ହେଲେ ଏବଂ ପୂର୍ବେ 'ଶାଶ୍ୱତ ସମ୍ବାଦ' ନାମରେ ଯେଉଁ ପାକ୍ଷିକ ପତ୍ରିକା ପାବନାର 'ହିତୈଷୀ' ପ୍ରେସ୍‌ରୁ ଛାପି ବାହାର କରାହେଉଥିଲା, ତାହା 'ଶାଶ୍ୱତ ସମ୍ବାଦ ଓ ସୁପଥ ସଙ୍କେତ' ଏଇ ନାମରେ ସରସ୍ୱତୀ ପ୍ରେସ୍‌ରୁ ଛପା ହୋଇ ପ୍ରକାଶ ପାଇବାକୁ ଲାଗିଲା । ପତ୍ରିକାର ସମସ୍ତ ପ୍ରବନ୍ଧାଦି କୃଷ୍ଣଚନ୍ଦ୍ର ଦାସ କର୍ତ୍ତୃକ ଲେଖା ହେଉଥିଲା । ଲେଖା ମଧ୍ୟ ସେପରି ସୁପାଠ୍ୟ ନଥିଲା । କିନ୍ତୁ ସତ୍‌ସଙ୍ଗର କର୍ମୀମାନେ ବିଭିନ୍ନ ରେଲୱେ ଷ୍ଟେସନରେ ଫେରି କରି ଏ ପ୍ରବନ୍ଧର ପ୍ରୟୋଜନୀୟତା ଓ ସାରବତ୍ତା ବୁଝେଇଦେଇ ପତ୍ରିକା ଯାତ୍ରୀମାନଙ୍କୁ ବିକ୍ରି କରୁଥିଲେ । ଏଥିରେ କର୍ମୀମାନଙ୍କୁ ବିଶେଷ ପରିଶ୍ରମ ପଡୁଥିଲା । କୃଷ୍ଣଚନ୍ଦ୍ର ଦାସର ନିଜ ଘର କାଶୀପୁର ଗାଁରୁ ବାଜିତପୁର ଯାଇ ପ୍ରେସ୍‌ର କାର୍ଯ୍ୟକର୍ମ ଦେଖାଶୁଣା ଓ ପରିଚାଳନା କରିବାରେ ଅସୁବିଧା ହେବାକୁ ଲାଗିଲା ଏବଂ ସେଇ ଅସୁବିଧାର କଥା ଜଣାଇ ସେ ଶ୍ରୀଶ୍ରୀଠାକୁରଙ୍କର ଅନୁମତି ପ୍ରାର୍ଥନା କଲେ— ପ୍ରେସ୍‌ଟି ତାଙ୍କ ନିଜ ଘରକୁ ଉଠେଇ ନେଇଯିବାପାଇଁ ।

ଶ୍ରୀଶ୍ରୀଠାକୁର କହିଲେ— ତୋର ଯେତେବେଳେ ଏତେ ଅସୁବିଧା ହେଉଛି ବୋଲି କହୁଛୁ ସେତେବେଳେ ପ୍ରେସ୍‌ଟି ତୋ' ଘରକୁ ଉଠେଇ ନେଇଯା । ତଦନୁସାରେ କୃଷ୍ଣଚନ୍ଦ୍ର ତାଙ୍କ ନିଜ ଘରେ ପ୍ରେସ୍‌ପାଇଁ ଅଲଗା ଘର କରି ସେଠିକି ପ୍ରେସ୍ ଉଠେଇନେଲେ । ପ୍ରେସ୍‌ର କର୍ମୀବୃନ୍ଦ ମଧ୍ୟ ତାଙ୍କର ହାତକୁ ଆସିଗଲେ ଏବଂ ସେମାନଙ୍କ ସାଥୀରେ ତାଙ୍କର ବେଶ୍ ଘନିଷ୍ଠତା ଜମି ଉଠିଲା ।

ଏହା ମଧ୍ୟରେ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡଃ ପଞ୍ଚାନନ ମିତ୍ର, P.R.S.,P.H.D. ସତ୍‌ମନ୍ତ୍ରରେ ଦୀକ୍ଷା ନେଇ ସ୍ଥାୟୀଭାବେ ଆଶ୍ରମରେ ବସବାସ କରିବାକୁ ଲାଗିଲେ । ଶ୍ରୀଶ୍ରୀଠାକୁର ସତ୍‌ସଙ୍ଗର ଭାବଧାରା ବୁଝିବାପାଇଁ ଯେମିତି ସମସ୍ତଙ୍କୁ କହନ୍ତି ସେମିତି ତାଙ୍କୁ ମଧ୍ୟ କୃଷ୍ଣଚନ୍ଦ୍ର ଦାସ ପାଖକୁ ଯିବାକୁ କହିଲେ । କୃଷ୍ଣଚନ୍ଦ୍ର ଦାସ ସଂସ୍ପର୍ଶରେ ଘନିଷ୍ଠଭାବେ ଆସିବା ହେତୁ ଉକ୍ତ ମିତ୍ର ମହାଶୟ ତାଙ୍କର ଖୁବ୍ ଭକ୍ତ ଓ ପ୍ରିୟ ହୋଇଉଠିଲେ । ଦଳେ କର୍ମୀଙ୍କୁ ଓ ବିଶେଷ କରି ମିତ୍ର-ମହାଶୟଙ୍କୁ ତାଙ୍କର ସ୍ୱପକ୍ଷରେ ପାଇ କୃଷ୍ଣ ଦାସଙ୍କ ମନରେ ଦୁରଭିସନ୍ଧି ଦେଖା ଦେଲା । ତାଙ୍କର 'ଠାକୁର' ହେବାର ଇଚ୍ଛା ଜାଗିଲା । ଏଥିପାଇଁ ସେ ନାନା ପ୍ରକାର ଫନ୍ଦି-ଫିକର ଓ ବୁଦ୍ଧି ପାଞ୍ଚିବାକୁ ଲାଗିଲେ । ଭାବବାଣୀର ପଞ୍ଚଚତ୍ୱାରିଂଶତ୍ ଦିବସର ବାଣୀରେ ଥିଲା— "Medium cannot last long." ବୁଝିଲୁ ଅନନ୍ତ, ପାଞ୍ଚ ବର୍ଷରୁ ବେଶୀ ରହିବ ନାହିଁ ।— ଏଇ ବାଣୀର ଅପବ୍ୟାଖ୍ୟା କରି ସେ ତାଙ୍କର ଅନୁଗତମାନଙ୍କ ମୁଣ୍ଡରେ ଏଇ ଭାବଟା ବିଶେଷ କରି ପୂରେଇଦେଲେ ଯେ ଶ୍ରୀଶ୍ରୀଠାକୁରଙ୍କ ଭିତରେ ବର୍ତ୍ତମାନ ଆଉ ଠାକୁରତ୍ୱ ନାହିଁ— ଏଇ ଭାବବାଣୀର ଉକ୍ତି ଅନୁସାରେ । କାହିଁକି

ନାଁ ପାଞ୍ଚବର୍ଷ ଅତୀତ ହୋଇଯାଇଛି । ବର୍ତ୍ତମାନ ଏଇ Holy Medium ଶଇତାନର ଆବାସଭୂମି ହୋଇଛି । ତେଣୁ ଯିଏ ଏଇ ଶଇତାନର ଆବାସଭୂମିକୁ ଅପସାରିତ କରିପାରିବ, ପ୍ରକୃତ ସତ୍ୟପ୍ରଗ୍ଧର ଓ ଉଦ୍‌ଘାଟନର ଗୌରବ ତା'ର ହିଁ ପ୍ରାପ୍ୟ ହେବ । ସେ ବିଶେଷ କରି ଜଣେ ବିପ୍ର-ସନ୍ତାନ ଓ ଜଣେ କ୍ଷତ୍ରିୟ-ସନ୍ତାନର ମସ୍ତିଷ୍କରେ ଏଇକଥା ପୂରେଇ ଦେବାକୁ ସମର୍ଥ ହେଲେ ।

ଏଣେ ଶ୍ରୀଶ୍ରୀଠାକୁର ବାଗାନ-ବାଡ଼ୀରେ ଗୋଟିଏ ନିର୍ଜନ ଘରେ ଏକୁଟିଆ ରହୁଥିଲେ । ଉକ୍ତ ବିପ୍ର-ସନ୍ତାନ ତାଙ୍କର ଖାଦ୍ୟ ରାନ୍ଧିଦେଲେ ହିଁ ସେ ଖାଉଥିଲେ ଏବଂ ଖାଇବା ପୂର୍ବରୁ ସେ କ୍ଷତ୍ରିୟ-ସନ୍ତାନକୁ ଡାକି ତାକୁ ସୁଗନ୍ଧି ତୈଳ ଇତ୍ୟାଦି ଲଗେଇଦେଇ ଓ ସ୍ନାନ କରେଇ ତା' ସହ ଏକାସାଙ୍ଗରେ ଖାଇ ବସୁଥିଲେ । ରନ୍ଧନାଦି ସେଇ ବିପ୍ର-ସନ୍ତାନ ହିଁ କରୁଥିଲେ । ତା'ଛଡ଼ା ଶ୍ରୀଶ୍ରୀଠାକୁର ସେତେବେଳେ ଆଉ କାହା ହାତରେ ଖାଉ ନଥିଲେ । ତାହା ଦେଖି ଆମେ ଭାବୁଥିଲୁ ଓ କୁହାକୁହି ହେଉଥିଲୁ— ଏହା କାହିଁକି? ଏହାର ନିଶ୍ଚୟ କୌଣସି ଗୂଢ଼ ରହସ୍ୟ ଅଛି । ଆଉ, ସେମାନଙ୍କର ନାନାପ୍ରକାର କଥାବାର୍ତ୍ତାର ଭିତରଦେଇ ମଧ୍ୟ ପ୍ରକାଶ ପାଉଥିଲା ଯେ ସେମାନେ ଯେପରି ଶ୍ରୀଶ୍ରୀଠାକୁରଙ୍କ ପ୍ରତି ବିଶ୍ୱାସ କ୍ରମଶଃ ହରେଇ କୃଷ୍ଣଦାସ ପ୍ରତି ବେଶୀମାତ୍ରାରେ ଅନୁରକ୍ତ ହୋଇଛନ୍ତି । କୃଷ୍ଣଦାସର ପ୍ରରୋଚନାରେ ସେମାନେ ଶ୍ରୀଶ୍ରୀଠାକୁରଙ୍କର ଚାଲିଚଳନର ନାନାପ୍ରକାର ଦୋଷାରୋପ କରି କହିବାକୁ ମଧ୍ୟ ଦ୍ୱିଧା ବା କାର୍ପଣ୍ୟବୋଧ କରୁନଥିଲେ । ଦିନେ ମଧ୍ୟାହ୍ନରେ ମୋତେ ନିର୍ଜନରେ ପାଇ ସେଇ କ୍ଷତ୍ରିୟ-ସନ୍ତାନଟି କହିଲେ— ଶୁଣୁଛନ୍ତି ଦାଦା, ଶ୍ରୀଶ୍ରୀଠାକୁରଙ୍କ ଭିତରେ କୁଆଡ଼େ ଆଉ ଠାକୁରତ୍ୱ ନାହିଁ ।

ମୁଁ— ଏ କଥା କିଏ କହିଲା?

କ୍ଷତ୍ରିୟ ସନ୍ତାନଟି— ସ୍ୱୟଂ କୃଷ୍ଣଚନ୍ଦ୍ର ଦାସ ଏ କଥା କହିଛନ୍ତି ।

ମୁଁ— ସେ କହିଲେ ଯେ ଏକଥା ମାନି ନେବାକୁ ହେବ ଏହାର ତ କିଛି ମାନେ ନାହିଁ । ସେ ଯେତେ ବଡ଼ ହିଁ ହୁଅନ୍ତୁ ନା କାହିଁକି । Realisation ମାନେ ତାହା ହେଇଯିବା । Realised manର ଯେଉଁସବୁ ଅନୁଭୂତି ତା'ର ମସ୍ତିଷ୍କ-କୋଷରେ ଅଙ୍କିତ ହୁଏ ତାହା କ'ଣ କେବେ ଲିଭିଯାଇପାରେ? Realised manର ନ ହେଲେ ବାଦ ଦିଅନ୍ତୁ, ଆପଣଙ୍କର ବାଲ୍ୟକାଳରେ ଯେଉଁସବୁ ସ୍ମୃତି ମନ ଭିତରେ ସଞ୍ଚିତ ହୋଇରହିଛି, ତାହା କ'ଣ ଆପଣ କହିପାରିବେ ଯେ ସେସବୁ ଆପଣ ପୂରାପୂରି ବିସ୍ମୃତ ହୋଇଛନ୍ତି? ଆପଣ ଓ ମୋ' ପରି ଲୋକର ଯଦି ଶୈଶବକାଳର ସ୍ମୃତିର ବିଲୁପ୍ତି ନ ଘଟେ ତେବେ Realised manର— ଯିଏ ସେୟା ହୋଇଯାନ୍ତି— ତାଙ୍କର ସ୍ମୃତିଲୋପ କିପରି ସମ୍ଭବ ତା' ତ ମୋ' ମଗଜରେ ଆସୁନି, କେଷ୍ଟ ଦାସ କୁହନ୍ତୁ ବା ଆଉ ଯିଏ କୁହନ୍ତୁ ।

କ୍ଷତ୍ରିୟ-ସନ୍ତାନ (ସେଇ ବିପ୍ର-ସନ୍ତାନଟିର ନାଁ କହି)— ସେ ମଧ୍ୟ ଏଇ କଥା କହିଛନ୍ତି ।

ମୁଁ— ତାଙ୍କ ପାଖକୁ ମୁଁ ଯାଉଛି । ଦେଖେଁ, ତାଙ୍କ କଥା ପଛରେ କି ଯୁକ୍ତି ଅଛି, ତାହା ସିଧାସଳଖ ତାଙ୍କ ପାଖରୁ ଜାଣିବାକୁ ଚାହେଁ ।

ଏହା କହି ତାଙ୍କୁ ଖୋଜିଖୋଜି ତାଙ୍କ ଘରକୁ ଗଲି, ସେ ଘରେ ନ ଥିଲେ, ବୁଝିଲି ସେ କାଶୀପୁର କୃଷ୍ଣଚନ୍ଦ୍ର ଦାସଙ୍କ ଘରକୁ ଯାଇଛନ୍ତି ।

ଏଇ କଥା ଶୁଣିବା ସମୟରୁ ବାରମ୍ବାର ମନେ ହେବାକୁ ଲାଗିଲା ଯେ ଏହା ପଛରେ ଗୋଟାଏ ଗୂଢ଼ ଦୁରଭିସନ୍ଧି ଓ ଷଡ଼ଯନ୍ତ୍ର କାମ କରୁଛି । ଏହା ଭାବି ଶ୍ରୀଶ୍ରୀଠାକୁରଙ୍କୁ ଏଇ କଥା ଜଣାଇବାର ବିଶେଷ ପ୍ରୟୋଜନ ବୋଧ କଲି ।

ଶ୍ରୀଶ୍ରୀଠାକୁର— ଯିଏ ଆପଣଙ୍କୁ ଏଇସବୁ କଥା କହିଛି ତା' ହାତରେ ଏଇ କଥାଗୁଡ଼ିକ ଲେଖେଇ ତା'ର ସ୍ୱାକ୍ଷର ନେଇ ପାରିବେ?

ମୁଁ— କାହିଁକି ପାରିବି ନାହିଁ? ଯେତେବେଳେ ସେ ମୋତେ କହିଛି, ନିଶ୍ଚୟ ତା' ହାତରେ ଲେଖେଇନେଇ ପାରିବି ।

ଏହା କହି ଗୋଟିଏ କାଗଜ ହାତରେ ନେଇ ଯେଉଁ ଘରେ ଉକ୍ତ କ୍ଷତ୍ରିୟ-ସନ୍ତାନ ରହୁଥିଲେ ସେଇ ଘରକୁ ଯାଇ ତାଙ୍କୁ କହିଲି— ଯେଉଁକଥା ଆପଣ ମୋତେ କହିଛନ୍ତି ସେ କଥା କାଗଜରେ ଲେଖି ଦିଅନ୍ତୁ ।

ପ୍ରଥମେ ସେଇସବୁ କଥା ଲେଖିବାକୁ ସେ ଟିକଏ ଦ୍ୱିଧାବୋଧ କରୁଥିଲେ । ମୁଁ ଜିଦ୍ କରିବାରୁ ସେ କାଗଜରେ ଲେଖିବାକୁ ଆରମ୍ଭ କଲେ । ଏହା ଭିତରେ ଶ୍ରୀଶ୍ରୀଠାକୁର ମଧ୍ୟ ସେଠାରେ ଆସି ଉପସ୍ଥିତ ହେଲେ । ଆମ ଦୁଇଜଣଙ୍କ ସାମନାରେ କେଷ୍ଟ ଦାସ ଯାହା ଯାହା ତାଙ୍କୁ କହିଥିଲା ସେ ସବୁକଥା ସେ ଲେଖିଦେଲେ ।

ଶ୍ରୀଶ୍ରୀଠାକୁର ସେତେବେଳେ ସେଇ ବିପ୍ରସନ୍ତାନର ସନ୍ଧାନ ନେବାକୁ କହିଲେ । ସେଇ ସମୟରେ କୃଷ୍ଣଚନ୍ଦ୍ର ଦାସର ଅନୁଗତମାନଙ୍କ ଭିତରେ ଗୋଟାଏ ହଇଚଇ ପଡ଼ିଗଲା । ସେମାନେ ତତ୍‌କ୍ଷଣାତ୍ କୃଷ୍ଣଚନ୍ଦ୍ର ଦାସ ପାଖରେ ସମ୍ବାଦ ଦେଲେ ଯେ ସେଇ କ୍ଷତ୍ରିୟ-ସନ୍ତାନ ସୁଶୀଲଦାଙ୍କୁ ସବୁକଥା କହିଛନ୍ତି ଏବଂ ସୁଶୀଲଦା ତାହା ଶ୍ରୀଶ୍ରୀଠାକୁରଙ୍କୁ ଜଣାଇଛନ୍ତି ।

ପରେ କୃଷ୍ଣଚନ୍ଦ୍ର ଦାସ ସେଇ କ୍ଷତ୍ରିୟ-ସନ୍ତାନକୁ ଭୟାନକ ଭୀତି ପ୍ରଦର୍ଶନ କରି କୁଆଡ଼ କହିଥିଲା, ମୋତେ ନ ଜଣାଇ, ତୁମେ କାହିଁକି ସୁଶୀଲଦାଙ୍କୁ ଏସବୁ କହିଲ? ସୁଶୀଲଦାଙ୍କୁ ଯାହା କହିବା କଥା ତାହା ମୁଁ ନିଜେ କହିଥା'ନ୍ତି । ଏଇଟା ଖୁବ୍ ଗର୍ହିତ କାର୍ଯ୍ୟ ହୋଇଛି ।

ସେତେବେଳେ ସନ୍ଧ୍ୟା ଆସନ୍ନ ପ୍ରାୟ । ମୁଁ ସେଇ ବିପ୍ରସନ୍ତାନର ଅନୁସନ୍ଧାନରେ କାଶୀପୁର ବାହାରିଗଲି । ବାଟରେ ତାଙ୍କସହ ଦେଖାହେଲା । ସେ ଚଳିଚଳି ଆସୁଛନ୍ତି ।

କହିବା ବାହୁଲ୍ୟ, ସେଇ ଦିନ ହିଁ କୃଷ୍ଣଚନ୍ଦ୍ର ଦାସ ସେଇ ବିପ୍ରସନ୍ତାନର ସହାୟତାରେ ବିରାଟ ସର୍ବନାଶ ଓ ମହା ଅଘଟଣ ଘଟାଇବାକୁ ଚେଷ୍ଟା କରିଥିଲା । କୃଷ୍ଣଚନ୍ଦ୍ର ତାକୁ ବିଶେଷଭାବରେ ପ୍ରରୋଚନା ଦେଇଥିଲା ଯେପରି ସେଇଦିନ ହିଁ ସେ ଶ୍ରୀଶ୍ରୀଠାକୁରଙ୍କୁ

Scanned with CamScanner

ଧରାଧାମରୁ ଚିରଦିନପାଇଁ ଅପସାରିତ କରିଦିଏ। ମଝି ବାଟରେ ମୋ' ସହ ତା'ର ସାକ୍ଷାତ୍ ହେବା ଫଳରେ ଯେତେବେଳେ ଜାଣିଲା ଯେ, ସେମାନଙ୍କର ଅଭିସନ୍ଧି ଧରାପଡ଼ି ଯାଇଛି, ସେତେବେଳେ ସେ ମୁହୂର୍ତ୍ତେ ସ୍ତମ୍ଭିତ ହୋଇ ଠିଆହୋଇ ରହିଲା। ପରେ ମୋ' ସାଙ୍ଗରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସିଲା। ଶ୍ରୀଶ୍ରୀଠାକୁରଙ୍କ ପାଖରେ ତାକୁ ହାଜର କରାଇ ମୁଁ ଦୂରରେ ଠିଆହୋଇ ରହିଲି।

ଶ୍ରୀଶ୍ରୀଠାକୁର ତାକୁ ସମ୍ବୋଧନ କରି କହିଲେ— ଦାଦା! ଏଇସବୁ କ'ଣ ଶୁଣୁଛି?

ତା'ର ଉତ୍ତରରେ ସେ କ'ଣ କହିଲେ ତାହା ମୋର କର୍ଣ୍ଣଗୋଚର ହେଲା ନାହିଁ। କିନ୍ତୁ ତା' ପରଦିନ ତାଙ୍କୁ ଦେଖେ ଗୋଟାଏ ଦଉଡ଼ି ହାତରେ ଧରି ଏପଟସେପଟ ହଉଛନ୍ତି। ମନଟା ଯେପରି ଉଦ୍‌ଭ୍ରାନ୍ତ।

ତାଙ୍କୁ ପଚାରିଲି— ଆପଣଙ୍କୁ ଏପରି ଅବସ୍ଥାରେ ଦେଖୁଛି କାହିଁକି?

ସେତେବେଳେ ମୋର ଧାରଣା ହେଇନି ଯେ ସେଦିନ ସେ କି ଭୀଷଣ ସଂକଳ୍ପ ନେଇ ଆଶ୍ରମକୁ ଆସୁଥିଲେ। ତେଣୁ ତାଙ୍କୁ କହିଲି— ଯଦି କିଛି ଅନ୍ୟାୟ କରିଥା'ନ୍ତି ଏବଂ ଭୁଲ୍ ବୁଝିଥାଆନ୍ତି ତା'ହେଲେ ଅନୁତପ୍ତ ହୋଇ ସେ ରାସ୍ତା ତ୍ୟାଗ କରି ପ୍ରକୃତ ରାସ୍ତାରେ ଚାଲିଲେ ହିଁ ତ ହେଲା।

ସେତେବେଳେ ସେ କହିଲେ— ସୁଶୀଲଦା, ମୁଁ ଯେଉଁ କାମ କରିବାକୁ ଯାଉଥିଲି ସେଥିରେ ମୋର ମରଣ ଛଡ଼ା ସେ ପାପର ଆଉ ପ୍ରାୟଶ୍ଚିତ୍ତ ନାହିଁ। ତେଣୁ ମରଣର ରାସ୍ତା ଖୋଜୁଛି।

ତାଙ୍କ ହାତରେ ଦଉଡ଼ି ଦେଖି ସେ ଧାରଣାଟା ଆହୁରି ସ୍ଫୁଟତର ହୋଇଉଠିଲା। ମୁଁ ଶ୍ରୀଶ୍ରୀଠାକୁରଙ୍କୁ ଯାଇ ଏକଥା ଜଣାଇଲି। ଶ୍ରୀଶ୍ରୀଠାକୁର ତାକୁ ତାଙ୍କ ପାଖକୁ ନେଇଆସିବାକୁ କହିଲେ। ତାକୁ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଛାଡ଼ିଦେଇ ମୁଁ ବାହାରିଆସିଲି।

ଶ୍ରୀଶ୍ରୀଠାକୁର ତାକୁ ଅନେକ ପ୍ରକାର ବୁଝେଇବାକୁ ଲାଗିଲେ। ପରେ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଶୁଣିଲି ଯେ ସେ (ବିପ୍ର-ସନ୍ତାନଟି) ସେଇ ଦିନ ହିଁ ଖାଦ୍ୟଦ୍ରବ୍ୟ ସହ ବିଷ ମିଶାଇ ଶ୍ରୀଶ୍ରୀଠାକୁରଙ୍କୁ ଇହଧାମରୁ ଅପସାରିତ କରିବାର ସଂକଳ୍ପ ନେଇ ହିଁ ଆଶ୍ରମକୁ ଆସୁଥିଲା। ପରେ ସେ ମୋ' ଆଗରେ କହିଥିଲା, ମୋ' ମଥାଟା କାହିଁକି ଯେ ଏମିତି ହୋଇଗଲା ତାହା ବୁଝି ହିଁ ପାରିଲି ନାହିଁ। ଶ୍ରୀଶ୍ରୀଠାକୁର ମୋତେ ଏଠିକି ନେଇଆସି ଅର୍ଥ, ସାମର୍ଥ୍ୟ ସବୁ ଦେଇ ପରିବାର ପ୍ରତିପାଳନ କରିଛନ୍ତି, ଯତ୍ନ କରିଛନ୍ତି, ଆଉ ତାଙ୍କ ପ୍ରତି ଅନ୍ୟଲୋକ କଥାରେ ମୋର କାହିଁକି ଏ ଭାବ ଆସିଲା ତାହା ବୁଝିପାରିଲି ନାହିଁ। କେଷ୍ଟ ଦାସର କଥା ବି ସେ କହିଲେ— କେଷ୍ଟ ଦାସର ତ କିଛି ହିଁ ନଥିଲା। ତାକୁ ପ୍ରେସ୍ କରିଦେଇ ସବୁ ଦିଗରେ ଠିଆ କରେଇଦେଇ ବଡ଼ କରିବାକୁ ଚାହିଁଛନ୍ତି ଶ୍ରୀଶ୍ରୀଠାକୁର। କେଷ୍ଟ ଦାସ କାହିଁକି ଏଇ ହୀନ ଚକ୍ରାନ୍ତରେ ପ୍ରବୃତ୍ତ ହେଲା ଏବଂ ମୁଁ ବା ତା'ର ଯନ୍ତ୍ର ହେଲି କାହିଁକି?

ମୁଁ— ଯାହା ହବା କଥା ତାହା ତ ହେଇଯାଇଛି। ସେସବୁ ବିଷୟ ଭାବିଲେ ଦାଗ ଆହୁରି ଗଭୀରଭାବେ ପଡ଼ିଯିବ। ତେଣୁ ସେସବୁ ବିଷୟ ଆଉ ଭାବନ୍ତୁ ନାହିଁ।

ଏଣେ କେଷ୍ଟ ଦାସ ଯେତେବେଳେ ଦେଖିଲା ଯେ ତା'ର ହୀନ ଚକ୍ରାନ୍ତ ଚାରିଆଡ଼େ ପ୍ରକାଶ ପାଇଯାଇଛି, ସେତେବେଳେ ସେ କାଶୀପୁରର ନିଜ ଘରୁ ପାବନା ସହରକୁ ଚାଲିଗଲା। ଯିବାବେଳେ ଶ୍ରୀଶ୍ରୀଠାକୁରଙ୍କର ବାଲ୍ୟସହଚର ଶଶଧର କର୍ମକାରକୁ କହିଗଲା— ଆଶ୍ରମର କେତେଜଣ ଦୁଷ୍ଟଲୋକ ମୋ' ବିରୋଧରେ ଲାଗି ମୋତେ ହେୟ ଓ ଜଘନ୍ୟ ନାରକୀୟ କାର୍ଯ୍ୟର ସ୍ରଷ୍ଟା ବୋଲି ପ୍ରତିପନ୍ନ କରିବାକୁ ଚେଷ୍ଟା କରୁଛନ୍ତି। ଏସବୁ ଗୋଳମାଳ ଶାନ୍ତ ପଡ଼ିଗଲେ ମୁଁ ପୁଣି ତାଙ୍କ ପାଖକୁ ଆସିବି। ମୁଁ ତାଙ୍କର ଯେଉଁ ସେବକ ଥିଲି ସେଇ ସେବକ ହିଁ ଅଛି। ଏକଥା ତୁମେ ମୋର ହୋଇ ଶ୍ରୀଶ୍ରୀଠାକୁରଙ୍କୁ ଜଣାଅ।

ଶଶଧର କର୍ମକାର ଶ୍ରୀଶ୍ରୀଠାକୁରଙ୍କୁ ଏକଥା କହିବା ପରେ ଶ୍ରୀଶ୍ରୀଠାକୁର ସମସ୍ତଙ୍କ ମନରେ କୃଷ୍ଣ ଦାସ ସମ୍ବନ୍ଧରେ ଭଲ ଧାରଣା ଆଣିବାପାଇଁ କହିଲେ— 'କେଷ୍ଟ ଖୁବ୍ ଗୋଟାଏ ଭଲ ଚାଲ ଖେଳିଛି। ଏତେ କାମ କରି କେଷ୍ଟ ଦାସ ବୁଝିନେଇପାରିଲା କେଉଁମାନେ ଖାଣ୍ଟି ଲୋକ ଆଉ କେଉଁମାନେ ବା ଅଖାଣ୍ଟି ଲୋକ। ଏଥର ସେ ତା'ର ଏଇ ଜ୍ଞାନ ଉପରେ ନିର୍ଭର କରି ସଂଗଠନ କାମରେ ଅଗ୍ରସର ହେବ ଏବଂ ସଂଗଠନ ଭଲଭାବରେ କରିପାରିବ।' ଶ୍ରୀଶ୍ରୀଠାକୁର ଏହିପରି କହି କୃଷ୍ଣଦାସଙ୍କୁ ସମସ୍ତଙ୍କ ଆକ୍ରୋଶରୁ ସାମୟିକଭାବେ ବଞ୍ଚେଇ ଦେଲେ।

ଶ୍ରୀଶ୍ରୀଠାକୁରଙ୍କ ମୁହଁରେ ଏକଥା ଶୁଣି ସମସ୍ତେ ବିସ୍ମୟରେ ହତଭମ୍ବ ହେଇପଡ଼ିଲେ। ସେତେବେଳେ ଆମର ଶ୍ରଦ୍ଧେୟ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟଦା ଅଳ୍ପଦିନ ହେବ ଆସି ଆଶ୍ରମରେ ଯୋଗ ଦେଇଥାନ୍ତି। ସେ ମୋତେ କହିଲେ— 'ତାହେଲେ ଆମେମାନେ ହିଁ ଭୁଲ୍ କରିଛୁ।'

ମୁଁ କେଷ୍ଟଦାଙ୍କୁ କହିଲି— 'ଏହା କେବେହେଲେ ହୋଇପାରେନା। କେଷ୍ଟ ଦାସ ଅଧ୍ୟାପକ ପଞ୍ଚାନନ ମିତ୍ର ସହ ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ ଅପପ୍ରଚାର କରିବାପାଇଁ କଲିକତା ଯାଇଛନ୍ତି। ଆପଣ ଆଜି ହିଁ ସେମାନଙ୍କର ଅପପ୍ରଚାର ବନ୍ଦ କରିବାପାଇଁ କଲିକତା ଯାଆନ୍ତୁ, ମୁଁ ଏଠି ଅଛି।

ଶ୍ରଦ୍ଧେୟ କେଷ୍ଟଦା କଲିକତା ଯାଇ ଚିଠିରେ ମୋତେ ଜଣାଇଲେ ଯେ ମୋର ଅନୁମାନ ଠିକ୍ ଥିଲା, ସେମାନେ ସତ୍‌ସଙ୍ଗୀମାନଙ୍କର ପ୍ରତ୍ୟେକଙ୍କ ଘରକୁ ଯାଇ ଶ୍ରୀଶ୍ରୀଠାକୁରଙ୍କ ନାମରେ ହୀନ କୁତ୍ସା ରଟନା କରୁଛନ୍ତି।

କେଷ୍ଟ ଦାସର ଏଇ ବିରୋଧାଚରଣର କିଛିଦିନ ପୂର୍ବେ କୁଷ୍ଟିୟାରେ ବୀରୁଦା, ଅଶ୍ୱିନୀଦା, ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ ଏବଂ ତାଙ୍କ ପାଖରୁ ଦୂରେଇ ଯାଇଥିଲେ। ସେ ଅବଶ୍ୟ ଅନ୍ୟ କାରଣରୁ। ବୀରୁଦାଙ୍କର ଧାରଣା ଥିଲା ଯେ ଶ୍ରୀଶ୍ରୀଠାକୁରଙ୍କୁ ସାଙ୍ଗରେ ନେଇ ଦେଶ-ଦେଶରେ ଘୁରି ବୁଲିଲେ ଶ୍ରୀଶ୍ରୀଠାକୁରଙ୍କର

Scanned with CamScanner

ପ୍ରଗ୍ୱର ଖୁବ୍ ଭଲଭାବେ ହେବ । ଶ୍ରୀଶ୍ରୀଠାକୁର ଆମ ସମସ୍ତଙ୍କୁ ତାଙ୍କ କାମରେ ଆତ୍ମନିୟୋଗ କରିବାକୁ କହୁଛନ୍ତି ଅଥଚ ସେ ନିଜେ ମା'ର ଅଞ୍ଚଳର ନିଧି ହୋଇ ପରିବାର-ପରିଜନ ସହ ଘରେ ବସି ରହୁଛନ୍ତି । ସେ ପ୍ରଥମେ ତ୍ୟାଗ ସ୍ୱୀକାର କରି ଆମକୁ ପଥ ଦେଖାଇବେ, ତେବେ ସିନା ହେବ ।

ଶ୍ରୀଶ୍ରୀଠାକୁର ସେମାନଙ୍କୁ କହିଥିଲେ— ଆପଣମାନେ ମୋତେ ଶ୍ରେଷ୍ଠ ବୋଲି ଜାଣି ଗୁରୁପଦରେ ବରଣ କରିନେଇଥିଲେ । ଆପଣମାନଙ୍କର ଏଇ ସ୍ୱୀକୃତିରୁ ବୁଝାଯାଏ ଯେ ଆପଣମାନଙ୍କର ବୋଧଶକ୍ତି ଅପେକ୍ଷା ମୋର ବୋଧଶକ୍ତି ଟିକିଏ ବେଶୀ ଅଛି । ତାହା ଯଦି ହୁଏ ତେବେ କ'ଣ କଲେ ପ୍ରଗ୍ୱର ଭଲ ହେବ ତା'ର ବୁଦ୍ଧି ମଧ୍ୟ ଆପଣମାନଙ୍କ ଅପେକ୍ଷା ମୋର ଟିକିଏ ବେଶୀ ଅଛି ବୋଲି ଧାରଣା କରିପାରନ୍ତି । ତେଣୁ ଆପଣମାନଙ୍କର କଥା ଅନୁସାରେ ମୋତେ ନ ଚଳାଇ ଆପଣମାନେ ମୋ' କଥା ଅନୁସାରେ ଗ୍ୱଳିତ ହୁଅନ୍ତୁ, ତାହା କ'ଣ ବାଞ୍ଛନୀୟ ନୁହେଁ?

କିନ୍ତୁ ସେ କଥାରେ ସେମାନଙ୍କର ମନ ବୁଝିଲା ନାହିଁ । ତେଣୁ ସେମାନେ ଶ୍ରୀଶ୍ରୀଠାକୁରଙ୍କର ଆନ୍ଦୋଳନରୁ ଦୂରକୁ ହଟିଗଲେ ।

ଶ୍ରୀଶ୍ରୀଠାକୁର ପ୍ରତି ପଦକ୍ଷେପରେ ଭିତରେ ଓ ବାହାରେ କେତେ ଯେ ବାଧାବିଘ୍ନର ଦୁସ୍ତର ତରଙ୍ଗ ଅତିକ୍ରମ କରି ଆଗେଇ ଗ୍ୱଲିଛନ୍ତି ସେକଥା ଭାବିଲେ ବିସ୍ମିତ ହେବାକୁ ହୁଏ । ସେ ପର୍ବତପ୍ରମାଣ ବାଧାରେ ମଧ୍ୟ ବିଚଳିତ ନ ହୋଇ ତାଙ୍କର ଦୃଢ଼ସଂକଳ୍ପରେ ଆଗେଇ ଗ୍ୱଲିଛନ୍ତି । ପ୍ରକୃତ ମହାନ୍ ଓ ଭବିଷ୍ୟଦ୍‌ଦ୍ରଷ୍ଟା ବୋଲି ହିଁ କୌଣସି ପ୍ରକାର ବାଧା ତାଙ୍କର ଗତିପଥରେ ଅନ୍ତରାୟ ହୋଇ ଠିଆହୋଇନି ।

❑❑❑

ପୁରୀଧାମରେ

ଡିସେମ୍ବର ୧୯୨୨

୧୯୨୨ ମସିହା ପୂଜାଛୁଟି ପରେ ନେତାଜୀ ସୁଭାଷଚନ୍ଦ୍ର ବସୁଙ୍କର ଜନକ-ଜନନୀ ଆଶ୍ରମ ଆସନ୍ତି । ସେମାନେ ଉଭୟେ ହିଁ ଶ୍ରୀଶ୍ରୀଠାକୁରଙ୍କର ଏକନିଷ୍ଠ ଭକ୍ତ ଥିଲେ । ସେହି ସମୟରେ ଦିନେ କଥାପ୍ରସଙ୍ଗରେ ସୁଭାଷ-ଜନନୀ ଶ୍ରୀଶ୍ରୀଠାକୁରଙ୍କୁ ପୁରୀ ନେଇଯିବାର ଇଚ୍ଛା ମାତା ମନୋମୋହିନୀଙ୍କ ପାଖରେ ପ୍ରକାଶ କରନ୍ତି ଏବଂ ମାତା ମନୋମୋହିନୀ ସେ କଥା ଶ୍ରୀଶ୍ରୀଠାକୁରଙ୍କୁ ଜଣାନ୍ତି । ଶ୍ରୀଶ୍ରୀଠାକୁର କହିଲେ— ମୋର ଯିବା ତ ମୁସ୍କିଲ୍, କାରଣ ମୋର ପୁରୀଯିବା ସମ୍ବାଦ ପାଇଲେ ସତ୍‌ସଙ୍ଗୀମାନେ ଯିଏ ଯେଉଁଠି ଅଛନ୍ତି ସମସ୍ତେ ପୁରୀରେ ଯାଇ ଉପସ୍ଥିତ ହେବେ । ସେ ସମସ୍ତଙ୍କର କଥା ବୁଝିବାକୁ ବୋସମା ଓ ବୋସଦାଙ୍କର ଅନେକ ଅସୁବିଧା ହେବ ।

ଏକଥା ଶୁଣି ଜାନକୀବାବୁ ଓ ବୋସମା ଉଭୟେ କହିଲେ— ଆମେମାନେ ସେଥିପାଇଁ ପ୍ରସ୍ତୁତ ଅଛୁ, ଭକ୍ତମାନଙ୍କର ସେବା କରିବୁ— ଯାଠାରୁ ଅର୍ଥ-ବ୍ୟୟର ସାର୍ଥକତା କେଉଁଠି? ସେମାନଙ୍କ ମୁହଁରୁ ଏକଥା ଶୁଣି ଶ୍ରୀଶ୍ରୀଠାକୁର ପୁରୀ ଯିବା ପ୍ରସ୍ତାବରେ ରାଜୀ ହୋଇଗଲେ ।

ପ୍ରଥମେ ମୁଁ ଶ୍ରୀବଡ଼ମା ଓ ଠାକୁର-ପରିବାରର ଅନ୍ୟାନ୍ୟ ସମସ୍ତଙ୍କୁ ନେଇ ପୁରୀ ଯାତ୍ରା କଲି । ଆମେ ପୁରୀ ଯାଇ ଆର୍ମଷ୍ଟ୍ରଂ ରୋଡ୍‌ରେ ଅବସ୍ଥିତ ଜାନକୀବାବୁଙ୍କ ପିତାଙ୍କ ନାମରେ ନାମିତ 'ହରନାଥ ଲଜ୍'ରେ ଯାଇ ପହଞ୍ଚିଲୁ । ପରେ ୧୯୨୨ ମସିହା ଡିସେମ୍ବର ୩୧ ତାରିଖ ଦିନ ଶ୍ରୀଶ୍ରୀମା, ଶ୍ରୀଶ୍ରୀଠାକୁର, ଅନନ୍ତମହାରାଜ, ନଫରଭାଇ ପ୍ରଭୃତି ଆଶ୍ରମରୁ ପୁରୀ ଉଦ୍ଦେଶ୍ୟରେ ଯାତ୍ରା କଲେ ଏବଂ ସେମାନେ ମଧ୍ୟ 'ହରନାଥ ଲଜ୍'ରେ ଯାଇ ପହଞ୍ଚିଲେ । ପରେ ଗୋସାଇଁଦା, କିଶୋରୀଦା ପ୍ରଭୃତି କୀର୍ତ୍ତନଦଳ ସହ ପୁରୀରେ ଆସି ଉପସ୍ଥିତ ହେଲେ । ଶ୍ରୀଶ୍ରୀଠାକୁର ପୁରୀ ଯାଉଛନ୍ତି ଶୁଣି କଲିକତା ଏବଂ ଅନ୍ୟାନ୍ୟ ସ୍ଥାନର ବହୁ ସତ୍‌ସଙ୍ଗୀ ପୁରୀ ଯାଇ ପହଞ୍ଚିଲେ, ସେମାନଙ୍କପାଇଁ ଆହୁରି ଘର ନିଆଗଲା ।

ଏହି ଅସଂଖ୍ୟ ଭକ୍ତମଣ୍ଡଳୀର ସେବା ନିମିତ୍ତ ବସୁଦମ୍ପତି ଆପ୍ରାଣ ଥିଲେ । ସେମାନେ ପ୍ରତ୍ୟହ ସକାଳେ ଆସି ସନ୍ଧାନ ନେଉଥିଲେ— କାହାର କ'ଣ କ'ଣ ଦରକାର, କାହାର କିଛି ଅସୁବିଧା ଅଛି କି ନାହିଁ, ସକାଳେ ଜଳଖିଆ କ'ଣ କରାହେବ ଇତ୍ୟାଦି ପ୍ରତ୍ୟେକ

ବିଷୟରେ ଖୁଣ୍ଟିଖାଣ୍ଟି ଖବର ନେଉଥିଲେ ଏବଂ ତା'ର ବିହିତ ବ୍ୟବସ୍ଥା କରୁଥିଲେ। ଏତେଲୋକ ସମାବେଶରେ ମଧ୍ୟ ସେମାନେ ବିନ୍ଦୁମାତ୍ର କ୍ଷୁବ୍ଧ ଓ ବିଚଳିତ ନହୋଇ ସମସ୍ତଙ୍କର ସେବାଯତ୍ନ କରୁଥିଲେ, ସେମାନଙ୍କର ଆଚାର-ବ୍ୟବହାରରେ ସାମାନ୍ୟତମ ବୁଝାଯାଉ ନଥିଲା ଯେ ସେମାନେ ବିରକ୍ତ ହେଉଛନ୍ତି, ବରଂ ସର୍ବଦା ଆନନ୍ଦର ଭାବ ହିଁ ପ୍ରକାଶ ପାଉଥିଲା। ଶ୍ରୀଶ୍ରୀଠାକୁରଙ୍କ ସହ ସମବେତ ଭକ୍ତମଣ୍ଡଳୀ ପ୍ରାୟ ଦୁଇମାସ ପୁରୀରେ ଥିଲେ। ସେମାନଙ୍କର ସମସ୍ତ ବ୍ୟୟଭାର ତ ସେମାନେ ବହନ କଲେ, ଏପରିକି ସମସ୍ତ ସତ୍‌ସଙ୍ଗୀଙ୍କର ଫେରିଆସିବାର ବାଟଖର୍ଚ୍ଚ ପର୍ଯ୍ୟନ୍ତ ସାନନ୍ଦେ ଦାନ କରିଥିଲେ।

ପୁରୀରେ ଅବସ୍ଥାନ ସମୟରେ 'ହରନାଥ୍ ଲଜ୍' ଘରଟି ସର୍ବଦା କଳକୋଳାହଳରେ ମୁଖରିତ ହୋଇରହୁଥିଲା ଏବଂ ପୁରୀ ସହର ଢକ୍‌କାନିନାଦ ସହ କୀର୍ତ୍ତନରେ ଉଦ୍‌ବେଳିତ ହୋଇଉଠୁଥିଲା। ମୋଟ କଥା, ଶ୍ରୀଶ୍ରୀଠାକୁର ପୁରୀ ଆସିବାରୁ ସେଠାରେ ଗୋଟାଏ ପ୍ରଚାର ହେଇଯାଇଥିଲା। ବହୁ ଶିକ୍ଷିତ ସମ୍ଭ୍ରାନ୍ତ ଭଦ୍ରଲୋକ ସେମାନଙ୍କର ନାନା ସମସ୍ୟା ସମାଧାନପାଇଁ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସୁଥିଲେ। ଶ୍ରୀଶ୍ରୀଠାକୁର ସହାସ୍ୟ-ବଦନରେ ତାହା ମୀମାଂସା କରି ଦେଉଥିଲେ।

ଦିନକର ଘଟଣା ମନେଅଛି, ପୁରୀର ସରକାରୀ ଓକିଲ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା କରିବାକୁ ଆସି ତାଙ୍କୁ ପ୍ରଶ୍ନ କଲେ— ଠାକୁର ମୁଁ ଭଗବାନ୍‌ଙ୍କୁ ଡାକିବି କାହିଁକି? ମୋର ତ କୌଣସି ଅଭାବ ନାହିଁ ଯେ ଅଭାବ ପୂରଣପାଇଁ ତାଙ୍କୁ ଡାକିବା ଦରକାର ହେବ। ମୁଁ ନିଜେ ଯଥେଷ୍ଟ ରୋଜଗାର କରେ, ପୁଅମାନେ ସମସ୍ତେ ଶିକ୍ଷିତ ଏବଂ well-established ଘରେ ମୋର କୌଣସି ଅଶାନ୍ତି ନାହିଁ, ସମସ୍ତେ ସୁଖଶାନ୍ତିରେ ଅଛନ୍ତି। ତେଣୁ ଭଗବାନ୍‌ଙ୍କୁ ଡାକିବାର କୌଣସି ପ୍ରୟୋଜନୀୟତା ତ ଅନୁଭବ କରୁନାହିଁ। ଏହା କ'ଣ ଅନ୍ୟାୟ?

ଶ୍ରୀଶ୍ରୀଠାକୁର— ସତରେ ଆପଣଙ୍କର ଯେତେବେଳେ କୌଣସି ଅଭାବବୋଧ ନାହିଁ ସେତେବେଳେ ଆପଣ ଭଗବାନ୍‌ଙ୍କୁ ଡାକିବେ କାହିଁକି? ଅଭାବରେ ପରିଶ୍ରାନ୍ତ ମନ ହିଁ ଭଗବାନ୍‌ଙ୍କୁ ଅନୁସନ୍ଧାନ କରେ। ଯେତେବେଳେ ଅଭାବବୋଧ କରିବେ ସେତେବେଳେ ହିଁ ତ ତାଙ୍କର ଶରଣ ନେବେ। କୌଣସି ଅଭାବ ନାହିଁ, ତେଣୁ ଭଗବାନଙ୍କ ଦିଗରେ ମନ ନାହିଁ। ଏଥିରେ ତ ଅନ୍ୟାୟ କିଛି ଦେଖୁନାହିଁ।

ଏହିପରି କେତେ ସବୁ ଅଦ୍ଭୁତ ପ୍ରଶ୍ନ ନେଇ କେତେ ଲୋକ ଆସୁଥିଲେ। ଦିନରାତି ଘରଟି ଆଳାପ-ଆଲୋଚନାରେ ମୁଖରିତ ହୋଇରହୁଥିଲା। ଦିନେ ଦିନେ କୀର୍ତ୍ତନର ଦଳ ସହ ଢକ୍‌କାନିନାଦରେ ପୁରୀ ସମୁଦ୍ର-ସୈକତରେ ଶ୍ରୀଶ୍ରୀଠାକୁରଙ୍କ ସହ ଆମେମାନେ ସ୍ନାନ କରିବାକୁ ଯାଉଥିଲୁ ଏବଂ ତରଙ୍ଗର ଉଠାପଡା ସହ ସମତାଳରେ ଢକ୍‌କାନିନାଦ ଓ କୀର୍ତ୍ତନର ଉଠାପଡା ଚାଲୁଥିଲା। ଅନ୍ୟାନ୍ୟ ସ୍ନାନାର୍ଥୀମାନେ ମଧ୍ୟ ତାହା ଦେଖି ମୁଗ୍ଧ ନୟନରେ ଶ୍ରୀଶ୍ରୀଠାକୁର ଏବଂ କୀର୍ତ୍ତନଦଳ ଆଡ଼କୁ ଅନେଇ ରହୁଥିଲେ। କେତେ ଦିନ

ସମୁଦ୍ର-ସ୍ନାନ ପରେ ଶ୍ରୀଶ୍ରୀଠାକୁର ଆଉ ସମୁଦ୍ରକୁ ସ୍ନାନପାଇଁ ଯାଉ ନଥିଲେ। ସମୁଦ୍ରର ପାଣି ଆଣି ତାଙ୍କୁ ଘରେ ସ୍ନାନ କରାଇ ଦିଆହେଉଥିଲା।

ପୁରୀରେ ଅବସ୍ଥାନ ସମୟରେ ଜଣେ ସ୍ଥାନୀୟ ପାଚକ-ବ୍ରାହ୍ମଣ ଆମର ରନ୍ଧନ-କାର୍ଯ୍ୟରେ ନିଯୁକ୍ତ ଥିଲା। ସେ ଚାଉଳ ଚୋରି କରି ଅଗଣାରେ ଅବସ୍ଥିତ ଗୋଟିଏ ନିମ୍ବଗଛ ପାଖରେ ଗାତ କରି ସମସ୍ତଙ୍କ ଅଗୋଚରରେ ଜମା କରି ରଖୁଥିଲା ଖୁବ୍ ସାବଧାନତାର ସହ। ଦିନେ ତା'ର କୁକୀର୍ତ୍ତି ହଠାତ୍ ଧରା ପଡ଼ିଗଲା। ସମସ୍ତେ ତାକୁ ମାରିବାକୁ ଉଦ୍ୟତ ହେବାବେଳେ ସେଠାରେ ଶ୍ରୀଶ୍ରୀଠାକୁର ଆସି ପହଞ୍ଚିଲେ। ସେ ସବୁକଥା ଶୁଣି ତାକୁ ପ୍ରଶ୍ନ କଲେ— ତୁ ଚୋରି କରୁଛୁ କାହିଁକି?

ସେ କହିଲା— ଘରେ ଅଭାବ, ସାମାନ୍ୟ ଚାକିରି କରି ଏଇ ଅଭାବ ମେଣ୍ଟୁନାହିଁ, ତେଣୁ ଚୋରି କରିଛି।

ଶ୍ରୀଶ୍ରୀଠାକୁର ତାକୁ ସେଇସବୁ ଚୋରି କରିଥିବା ଚାଉଳ ତ ଦେଲେ, ତା'ଛଡ଼ା ଟଙ୍କା ଦେଲେ ଏବଂ ଆଉ ଚାଉଳ ମଧ୍ୟ ଦେଲେ। ସେ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଏପରି ବ୍ୟବହାର ପାଇ ସାଶ୍ରୁନୟନରେ ସାଷ୍ଟାଙ୍ଗ ପ୍ରଣିପାତ କରି କାନ୍ଦି କାନ୍ଦି କହିଲା— ମୋତେ କ୍ଷମା କରନ୍ତୁ, ମୁଁ ଆଉ ଏକାମ କରିବି ନାହିଁ। ସେ ଆଉ ଚୋରି କରେନି, ଯେତେଦିନ ଥିଲା ଭଲଭାବେ ହିଁ ଆମମାନଙ୍କର ସେବାଯତ୍ନ କରିଥିଲା।

ଦିନେ ସକାଳେ ଶ୍ରୀଶ୍ରୀଠାକୁର ଖଡ଼ମ-ପାଦରେ ପୁରୀର ସମୁଦ୍ରକୂଳରେ ବୁଲିବାକୁ ବାହାରିଲେ। ସମୁଦ୍ର କୂଳେ କୂଳେ କିଛିବାଟ ଯାଇ ସାକ୍ଷୀଗୋପାଳର ରାସ୍ତା ଧରି ଯାଉଯାଉ ଛଅ-ସାତ ମାଇଲ୍ ଦୂରବର୍ତ୍ତୀ ସାକ୍ଷୀଗୋପାଳରେ ଉପସ୍ଥିତ ହେଲେ। ହଠାତ୍ ଶ୍ରୀଶ୍ରୀଠାକୁରଙ୍କର ଅଦର୍ଶନରେ ସମସ୍ତେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ଚାରିଆଡ଼କୁ ସମସ୍ତେ ଧାଁଧପଡ଼ କରିବାକୁ ଲାଗିଲେ। କାରଣ ସେ ଯେ କାହାକୁ କିଛି ନ କହି ସାକ୍ଷୀଗୋପାଳରେ ଯାଇ ଉପସ୍ଥିତ ହେବେ ଏକଥା କେହି ସ୍ୱପ୍ନରେ ମଧ୍ୟ କଳ୍ପନା କରିପାରିନାହାନ୍ତି। ଅବଶେଷରେ ସେ ନିଜେ ହିଁ ଠିକ୍ ସନ୍ଧ୍ୟାର ଅବ୍ୟବହିତ ପରେ ଖଡ଼ମ ପାଦରେ ମାଡ଼ି ଚାଲି ଚାଲି ପୁଣି 'ହରନାଥ ଲଜ୍'ରେ ଆସି ପହଞ୍ଚିଲେ। ସାରାଦିନ ତାଙ୍କୁ ନପାଇ ସମସ୍ତଙ୍କର ଯେ କି ଦୁଶ୍ଚିନ୍ତା ତାହା ବର୍ଣ୍ଣନା କରିହେବ ନାହିଁ। ହଜିଲା ଧନକୁ ଫେରିପାଇ ସମସ୍ତଙ୍କର ଉଲ୍ଲାସ ଓ ଆନନ୍ଦର ସୀମା ରହିଲା ନାହିଁ। ଶ୍ରୀଶ୍ରୀଠାକୁରଙ୍କୁ ଜିଜ୍ଞାସା କରିବାରୁ ସେ କହିଲେ— ମୁଁ ସକାଳେ ଟିକେ ବୁଲି ବାହାରିଥିଲି, ସାକ୍ଷୀଗୋପାଳ ଯିବି କି ଅନ୍ୟ କୋଉଠିକି ଯିବି ଏ ଧାରଣା ନେଇ ବାହାରିନି। କିନ୍ତୁ ଏମିତି ଚାଲୁ ଚାଲୁ ସାକ୍ଷୀଗୋପାଳରେ ଯାଇ ପହଞ୍ଚିଗଲି।

ଆମେ ପୁରୀରେ ଥିବା ସମୟରେ ଦିନେ ଗୋସାଇଁଦା, କିଶୋରୀଦା, ନଫରଭାଇ, କୋକନ, ତରଣୀ ଓ ଅନ୍ୟାନ୍ୟ କୀର୍ତ୍ତନର ଦଳବଳ ସହ କୀର୍ତ୍ତନ କରି କରି ଜଗନ୍ନାଥଦେବଙ୍କ ମନ୍ଦିରର ସିଂହଦ୍ୱାରରେ ପହଞ୍ଚିଲୁ। ସିଂହଦ୍ୱାରରେ ପହଞ୍ଚି କିଶୋରୀଦା ଓ ଗୋସାଇଁଦାଙ୍କର ଉଦଣ୍ଡ କୀର୍ତ୍ତନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା। ପଣ୍ଡାମାନେ ମଧ୍ୟ ଆସି ଚାରିପାଖରେ

Scanned with CamScanner

ସମବେତ ହେଲେ । ମନ୍ଦିରରେ ଚମଡ଼ା-ଜିନିଷ ନେଇ ପ୍ରବେଶ ନିଷେଧ, ଚର୍ମବାଦ୍ୟ ମଧ୍ୟ ନିଷେଧ । ତେଣୁ ଯେମିତି ଆମେ ମନ୍ଦିରରେ ପ୍ରବେଶ କରିନପାରିବୁ ସେଥିପାଇଁ ବାଧାଦେବାକୁ ପଣ୍ଡାମାନେ ମଧ୍ୟ ଆସି ସମବେତ ହୋଇଥିଲେ । କିନ୍ତୁ ଏପରି ପ୍ରବଳ ମତୁଆଲା କୀର୍ତ୍ତନ ଏବଂ ଉଲ୍ଲମ୍ଫନ ଚାଲିଲା ଯେ ଆମକୁ ବାଧାଦେବା ପଣ୍ଡାମାନଙ୍କ ପକ୍ଷେ ଆଉ ସମ୍ଭବ ହେଲାନାହିଁ । ପଣ୍ଡାମାନଙ୍କର ବ୍ୟୂହ ଭେଦ କରି କୀର୍ତ୍ତନଦଳ ଆଗେଇ ଚାଲିଲା ମନ୍ଦିର ଭିତରକୁ । ମୁକ୍ତିମଣ୍ଡପ ପାଖରେ ଯାଇ ଏଥର ସମସ୍ତ ପଣ୍ଡା ସମବେତ ହୋଇ ଆମକୁ ଖୁବ୍ ଜୋର୍ ବାଧାଦେଲେ । ତେଣୁ ଆମକୁ ସେଇଠୁ ଫେରିବାକୁ ପଡ଼ିଲା । ସେଦିନ କୀର୍ତ୍ତନଦଳରେ ଶ୍ରୀଶ୍ରୀଠାକୁର ନଥିଲେ । ଶ୍ରୀଶ୍ରୀଠାକୁର ଆଉଦିନେ ମହାରାଜଙ୍କୁ ସାଙ୍ଗରେ ନେଇ ମନ୍ଦିରରେ ଶ୍ରୀଜଗନ୍ନାଥଦେବଙ୍କୁ ଦର୍ଶନ କରିବାକୁ ଆସିଥିଲେ । ଶ୍ରୀବିଗ୍ରହ ସାମନାରେ ଠିଆହୋଇ ବେଶ୍ ଭଲଭାବରେ ତାଙ୍କର ଦର୍ଶନ କରିଥିଲେ । ପଣ୍ଡାମାନେ ଶ୍ରୀଶ୍ରୀଠାକୁରଙ୍କୁ ଯଦିଓ ଚିହ୍ନି ନଥିଲେ ତଥାପି ସେମାନେ ତାଙ୍କୁ ବେଶ୍ ଯତ୍ନ କରି ସାମନାକୁ ନେଇ ଶ୍ରୀବିଗ୍ରହ ଦର୍ଶନରେ ସହାୟତା କରିଥିଲେ ।

ପୁରୀରେ ଥିବା ସମୟରେ ଶ୍ରୀଶ୍ରୀସ୍ୱାମୀ ନିଗମାନନ୍ଦ ପରମହଂସ ଓ ସ୍ୱାମୀ ବିଶୁଦ୍ଧାନନ୍ଦ (ଗନ୍ଧବାବା) ମହୋଦୟଙ୍କ ସହିତ ଆମମାନଙ୍କର ଅନେକ ଆଳାପ-ଆଲୋଚନା ହୋଇଥିଲା । ଗନ୍ଧବାବା lense (ଯବକାଚ) ସାହାଯ୍ୟରେ ତୁଳାରେ ଅନେକପ୍ରକାର ଗନ୍ଧ ଉତ୍ପନ୍ନ କରି ଆମକୁ ଶୁଂଘିବାକୁ ଦେଇଥିଲେ । ବାସ୍ତବିକ କିପରି ଯେ ସେଇ ଗନ୍ଧ ଉତ୍ପନ୍ନ ହେଉଥିଲା ତାହା ବଡ଼ ଆଶ୍ଚର୍ଯ୍ୟର ବିଷୟ ।

ଶ୍ରୀଶ୍ରୀଠାକୁର ପୁରୀରେ ଥିବା ସମୟରେ ଅନେକ ଲୋକ ଦୀକ୍ଷା ଗ୍ରହଣ କରିଥିଲେ । ମାଘମାସ ଶେଷରେ ଶ୍ରୀଶ୍ରୀଠାକୁର ଚାଲିଆସିବା ପରେ ଗୋସାଇଁଦା ସେଠାରେ ରହିଗଲେ । ସେ ମଧ୍ୟ ସେଠାରେ ଅନେକ ଲୋକଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇଥିଲେ ।

ପୁରୀରୁ ଆସିବାପରେ ଜନନୀ ମନୋମୋହିନୀ ଦେବୀ, ସତ୍‌ସଙ୍ଗର ସାଧାରଣ ଭୋଜନାଗାରର ନାମ 'ଆନନ୍ଦବଜାର' ରଖନ୍ତି, ଜଗନ୍ନାଥ-ମନ୍ଦିରର ଆନନ୍ଦ-ବଜାରର ନାମ ଅନୁସାରେ । ସେଇ ସମୟରୁ ଏଇ ଭୋଜନାଳୟ 'ଆନନ୍ଦ-ବଜାର' ନାମରେ ପରିଚିତ ହୋଇଆସୁଛି ।

□□□

ଶିକ୍ଷା ଓ ବିଜ୍ଞାନ

ଏଇ ସମୟରେ ଶ୍ରଦ୍ଧେୟ କେଷ୍ଟଦା (କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ) ସସ୍ତ୍ରୀକ ଆଶ୍ରମ ଆସି ଆଶ୍ରମ କାମରେ ସ୍ଥାୟୀଭାବରେ ଯୋଗଦାନ କରନ୍ତି । ପୂର୍ବେ ସେ ଶ୍ରୀଶ୍ରୀଠାକୁର ଯେତେବେଳେ ହରିତକୀ ବାଗାନ୍ ଲେନ୍‌ରେ ଅବସ୍ଥାନ କରୁଥିଲେ ସେତେବେଳେ ତାଙ୍କ ସାଥୀରେ ସାକ୍ଷାତ୍ କରନ୍ତି । ପ୍ରଥମ ସାକ୍ଷାତ୍‌କାର ପରେ ସେ ତାଙ୍କର ବନ୍ଧୁ ଧୀରେନ୍ଦ୍ର ଚକ୍ରବର୍ତ୍ତୀଙ୍କ ସହ ଆଶ୍ରମ ଆସନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କ ସହ ଆଳାପ-ଆଲୋଚନା କରି ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି ।

ସେ ସେତେବେଳେ ପ୍ରସିଦ୍ଧ ବିଜ୍ଞାନବିତ୍ ଡଃ ସି.ଭି. ରମଣଙ୍କ ଅଧୀନରେ ଗବେଷଣା କାର୍ଯ୍ୟରେ ରତ ଶ୍ରୀଶ୍ରୀଠାକୁରଙ୍କ ସାଥୀରେ ଆଳାପ-ଆଲୋଚନା ପରେ ସେ ଡଃ ରମଣଙ୍କୁ ଯାଇ କୁହନ୍ତି— "ମୁଁ ଏପରି ଜଣେ ଲୋକ ସଂସ୍ପର୍ଶରେ ଆସିଛି ଯାହାଙ୍କର ୟୁନିଭର୍ସିଟିର ବିଦ୍ୟା ବୋଲି କିଛି ନାହିଁ । ଅଥଚ ମୁଁ ଯାହା ଜାଣେ ବିଜ୍ଞାନ ସମ୍ବନ୍ଧରେ, ତା' ଅପେକ୍ଷା ବି ତାଙ୍କର ଜ୍ଞାନ ଆହୁରି ଗଭୀର । ଆଉ ଇଏ ଖାଲି ପଦାର୍ଥ-ବିଜ୍ଞାନ ବିଷୟରେ ଜ୍ଞାନ ନୁହେଁ, ମୁଁ ତାଙ୍କ ସାଥୀରେ ଆଳାପ କରି ଦେଖିଛି ସେ ପ୍ରତ୍ୟେକ ବିଷୟରେ ଜ୍ଞାନର ଚରମସୀମାରେ ପହଞ୍ଚିଛନ୍ତି । ଯେଉଁ ଗବେଷଣା କଲେ ଏପରି ଜ୍ଞାନର ଅଧିକାରୀ ହେବା ସମ୍ଭବ, ସେଇ ଗବେଷଣା କ'ଣ ଶ୍ରେୟ ନୁହେଁ?"

ଡଃ ରମଣ ସେତେବେଳେ ତାଙ୍କୁ କୁହନ୍ତି— "ତୁମେ ଯଦି ଏଇ ସିଦ୍ଧାନ୍ତ ହିଁ କରିଥାଅ ଏବଂ ସେପରି ଗବେଷଣା କରିବାକୁ ମନସ୍ଥ କରିଥାଅ ତା'ହେଲେ ମୁଁ ତୁମକୁ ବାଧା ଦେଇପାରିବି ନାହିଁ ।" ସେତେବେଳେ ସେ ତାଙ୍କର କାର୍ଯ୍ୟରୁ ଇସ୍ତଫା ଦେଇ ଆଶ୍ରମରେ ଆସି ଶ୍ରୀଶ୍ରୀଠାକୁରଙ୍କର କାର୍ଯ୍ୟରେ ଆତ୍ମନିୟୋଗ କରନ୍ତି ।

ଶ୍ରୀଶ୍ରୀଠାକୁର ପ୍ରଥମେ କେଷ୍ଟଦାଙ୍କୁ କୁହନ୍ତି— Atmosphereରେ ଗୋଟାଏ Electricityର layer ଅଛି । ତାକୁ ଯଦି ଆୟତ୍ତ କରାଯାଏ, ତା'ହେଲେ ଆମେ ଅତି ସହଜରେ Electricity ପାଇପାରିବା ।

ସେଇ ସୂତ୍ର ନେଇ କେଷ୍ଟଦା ଏ ବିଷୟରେ ଗବେଷଣା ଆରମ୍ଭ କଲେ । ପ୍ରଥମେ ଆକାଶରେ ଅତି ବଡ଼ ଆକାରର ଘୁଡ଼ି ଉଡ଼େଇ ପରୀକ୍ଷା ଆରମ୍ଭ ହେଲା । ଘୁଡ଼ିକୁ ସରୁ ରୂପା ତାର ସାହାଯ୍ୟରେ ଉପରକୁ ଉଡ଼ା ହେଉଥିଲା । ସେଇ ଘୁଡ଼ି ମଧ୍ୟରେ ରୂପାର

Scanned with CamScanner

କେତେଗୁଡ଼ିଏ point ଥିଲା, Atmospherର Electric layer ସଂସ୍ପର୍ଶରେ ଯେତେବେଳେ ଘୁଡ଼ିଟି ଆସୁଥିଲା ସେତେବେଳେ ତଳେ ହାତରେ ଥିବା ନଟେଇରେ shock ଅନୁଭବ କରାଯାଉଥିଲା। ଏହାଦ୍ୱାରା ବୁଝାଗଲା ଯେ ସତରେ Atmosphereରେ ଗୋଟାଏ layer of electricity ଅଛି, କିନ୍ତୁ ତାକୁ କାର୍ଯ୍ୟରେ ଲଗେଇବାକୁ ହେଲେ ଯେଉଁପ୍ରକାର ଯନ୍ତ୍ର ପ୍ରୟୋଜନ ତାହା ସଂଗ୍ରହ କରିବା ସେତେବେଳେ ସତ୍‌ସଙ୍ଗ ପକ୍ଷରେ ସମ୍ଭବ ନ ଥିଲା। ତେଣୁ ଏହାକୁ ନେଇ ଆଉ ଅଧିକ ଆଗେଇ ହେଲା ନାହିଁ।

ତା' ପରେ wind power ଡାଇନାମୋ ଉପରେ ଗବେଷଣା ଆରମ୍ଭ ହୁଏ। ପବନରେ ପଙ୍ଖାଗୁଡ଼ିକ ଘୁରୁଚି, ତା'ପାଖରେ ଗୋଟିଏ ଡାଇନାମୋ ଏପରିଭାବେ ସେଟ୍ କରାହୋଇଛି ଯାହାଫଳରେ ପବନରେ ପଙ୍ଖା ଘୂରିଲେ ଡାଇନାମୋଟି ଚାଲୁ ହୋଇଯାଏ। ସେଇ ଡାଇନାମୋରୁ ନାନା ପ୍ରକାରର ଯନ୍ତ୍ରପାତି ଓ ତାର ସାହାଯ୍ୟରେ ଅନେକ ଲାଇଟ୍ ଜଳାହୋଇଛି।

ଏଇ wind powerରେ ଡାଇନାମୋ ତିଆରି କରିବାପାଇଁ ଡାକ୍ତର ଯତୀନ ରାୟ, ପି.ଏନ୍. ଦତ୍ତ ଏଣ୍ଡ୍ କମ୍ପାନୀର କାରଖାନାକୁ ଯାଆନ୍ତି। ସେତେବେଳେ ପି.ଏନ୍. ଦତ୍ତଙ୍କ ନାମ ଖୁବ୍ ବିଖ୍ୟାତ ଥିଲା। ସେ ଅତି ଛୋଟ ଅବସ୍ଥାରୁ ଉନ୍ନତିକରି ଏକ କୋଟି ଟଙ୍କାରୁ ମଧ୍ୟ ଅଧିକ ମୂଲ୍ୟର ଯନ୍ତ୍ରପାତି ତାଙ୍କ କାରଖାନାରେ ବସେଇପାରିଥିଲେ। ଏଇ କାରଖାନାରେ ଆମର ଅଟଳବିହାରୀ ଦାସ କାମ କରୁଥିଲେ। ତା'ର ଅଦ୍ଭୁତ କାର୍ଯ୍ୟଦକ୍ଷତା ଏବଂ କ୍ଳେଶସୁଖପ୍ରିୟତା ଦେଖି ଡାକ୍ତର ଯତୀନଦା ମୁଗ୍ଧ ହୁଅନ୍ତି ଏବଂ ଅଟଳ ସତ୍‌ସଙ୍ଗର ଗୋଟାଏ asset ହେବବୋଲି ତାକୁ ଶ୍ରୀଶ୍ରୀଠାକୁରଙ୍କ କଥା କହି ଆଶ୍ରମକୁ ନେଇଆସନ୍ତି। ବାସ୍ତବିକ ଅଟଳଭାଇର ଯେଉଁ ଶ୍ରମନିଷ୍ଠା, କର୍ମନିଷ୍ଠା ସେତେବେଳେ ଦେଖିଛି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସେ ସାମାନ୍ୟ କେତେ କପ୍ ଚା ମାତ୍ର ଖାଇ ମୁହୂର୍ତ୍ତ ମାତ୍ର ବିଶ୍ରାମ ନ ନେଇ ସାରାଦିନ କାମ କରିଯାଉଥିଲା। ଏହିପରି ଦିନ ପରେ ଦିନ କାମ କରିବାର ଦେଖିଛି। ସାରା ଦିନରାତି ସେ କାମ କରୁଥିଲା।

୧୩୨୩ ସାଲରେ ହିମାଇତପୁରର ବସନ୍ତ ସାହା-ଚୌଧୁରୀ ଓ ରାଧାରମଣ ସାହା-ଚୌଧୁରୀଙ୍କୁ ତପୋବନ ବିଦ୍ୟାଳୟ ପ୍ରତିଷ୍ଠାକଳ୍ପେ ପ୍ରଥମେ ୩ ବିଘା * ଓ ପରେ ଆଉ ୨ ବିଘା ଜମି ଦାନ କରନ୍ତି। ଜାଗାଟି ଭୟଙ୍କର ଜଙ୍ଗଲପୂର୍ଣ୍ଣ ଥିଲା। ଜଙ୍ଗଲ ପରିଷ୍କାର କରାହେଲା। ଗୋଟାଏ ବୃହତ୍ ଆମ୍ବଗଛ ଥିଲା, ତା' ଚାରିପାଖରେ ବାଉଁଶର ମଞ୍ଚା ବନ୍ଧା ହେଲା। ସେଇଠାରେ ମଞ୍ଚା ଉପରେ ବସି ବିରାଜଦାଙ୍କର ଦୁଇ ପୁଅ ଦିବାକର ଓ ପ୍ରଭାକର, ଅମର (ବଡ଼ଦା) ଓ ମଣି (ଛୋଟଦା) ପାଠପଢ଼ା ଆରମ୍ଭ କଲେ। ଗୋସାଇଁଦାଙ୍କ ପୁଅ ହରି ପରେ ଆସି ସେମାନଙ୍କ ସହ ଯୋଗଦେଲା।

* ଏକ ବିଘା = ୨୦ କାଠା ବା ୬୪୦୦ ବର୍ଗହାତ ବା ପ୍ରାୟ ୧/୩ ଏକର।

ହିମାଇତପୁରର ହରିଭୂଷଣ ଦାସ ମହନ୍ତ ତପୋବନର ପ୍ରଥମ ଶିକ୍ଷକ ନିଯୁକ୍ତ ହୁଅନ୍ତି। ଶିକ୍ଷକମହାଶୟ ସେମାନଙ୍କୁ ନେଇ ବିଭିନ୍ନ ଗଛତଳେ ବସି ପଢ଼ାଇବାକୁ ଆରମ୍ଭ କରନ୍ତି। ତା'ପରେ ଘରର ପ୍ରୟୋଜନୀୟତା ଅନୁଭୂତ ହେଲା। କାରଣ ବର୍ଷାଦିନେ ଗଛତଳେ ଆଉ କ୍ଲାସ୍ କରିବା ସମ୍ଭବ ନୁହେଁ, କିନ୍ତୁ ଘର କରିବାପାଇଁ ଆବଶ୍ୟକ ଅର୍ଥର ଅଭାବ ଥିଲା। ସେ-ସମୟରେ ସତ୍‌ସଙ୍ଗୀ ମଧ୍ୟ ବେଶୀ ନଥିଲେ ଯାହା ଫଳରେ ଅର୍ଥର ଅଭାବ ଥିଲା। ଯେଉଁମାନେ ମଝିରେ ମଝିରେ ଆଶ୍ରମ ଆସୁଥିଲେ ସେମାନଙ୍କ ନିକଟରୁ ଏକ ଏକ ଟଙ୍କା ସଂଗ୍ରହ କରି ୯୯ ଟଙ୍କା ହେଲା। ନାଜିରପୁରର ଦୁର୍ଗାନାଥ ସାନ୍ୟାଲଦାଙ୍କର ଆତ୍ମୀୟ ଅମରନାଥ ଲାହିଡ଼ୀ-ମହାଶୟ ଗୋଟିଏ ଘର ବିକ୍ରି କରିବେ ଶୁଣି ଦେଖିବାକୁ ଗଲି। ପ୍ରକାଣ୍ଡ ଏକ ଖଡ଼ ଛପର ଘର। ସେ ୨୦୦ ଟଙ୍କା ମୂଲ୍ୟ ଚାହିଁଲେ। ସେତେବେଳେ ହାତରେ ୧୦୦ ଟଙ୍କାରୁ ବେଶୀ ନାହିଁ। ତାଙ୍କୁ କହିଲି— ଏଇ ଘର ଆମେ ନବୁ। ଆପଣ କିଛିଦିନ ଅପେକ୍ଷା କରନ୍ତୁ। ତା'ପରେ ଆଉ ୧୦୦ ଟଙ୍କା ସଂଗ୍ରହ କରି ୨୦୦ ଟଙ୍କା ଦେଇ ସେଇ ଚାଳଘର କିଣି ଓ ତାକୁ ଭାଙ୍ଗିଆଣି ତପୋବନର ଜମିରେ ଘର ତିଆରି କରାହେଲା।

ଶ୍ରୀଶ୍ରୀଠାକୁରଙ୍କର ପ୍ରଥମରୁ ଇଚ୍ଛା ଥିଲା ପିଲାମାନେ ସାଧାରଣ ପାଠ ସହିତ ବିଜ୍ଞାନର ମଧ୍ୟ କିଛି କିଛି ଶିକ୍ଷା କରନ୍ତୁ। ସେଥିପାଇଁ Science Cottage ନାମ ଦେଇ ଗୋଟିଏ ଛୋଟ ବିଜ୍ଞାନାଗାର ସ୍ଥାପନ କରାଗଲା। କ୍ରମେ ଶ୍ରୀଚରଣ ବସାକ ତପୋବନରେ ପ୍ରଧାନଶିକ୍ଷକ ନିଯୁକ୍ତ ହୁଅନ୍ତି। ପରେ ରାଜଗୋପାଳ ଓ ଆଉ କେତେଜଣ ଶିକ୍ଷକ ଯୋଗଦାନ କରନ୍ତି।

ପଢ଼ାଘର ତ ହେଲା, କିନ୍ତୁ ରୋଷେଇଘର କାହିଁ? ପିଲାମାନେ ବାହାରେ ରନ୍ଧାବଢ଼ା କରୁଥିଲେ। ବିଶେଷ କରି ଅମର (ବଡ଼ଦା) ହିଁ ସେତେବେଳେ ରୋଷେଇ କରୁଥିଲା, ସେଇଠାରେ ହିଁ ଖାଉଥିଲା। ଆଉ ହାଣ୍ଡି-କଡ଼େଇ ଇତ୍ୟାଦି ଗଛରେ ଟାଙ୍ଗି ରଖୁଥିଲା। ଏହିପରି ବେଶ୍ କିଛିଦିନ ଚାଲିବା ପରେ ଧୀରେ ଧୀରେ ରୋଷେଇଘର ତିଆରି ହେଲା। ସେତେବେଳେ ବି ଅମର (ବଡ଼ଦା) ନିଜେ ହିଁ ରୋଷେଇ କରୁଥିଲା। ହାଣ୍ଡି-କଡ଼େଇ ବି ନିଜ ହାତରେ ପରିଷ୍କାର କରୁଥିଲା। କ୍ରମଶଃ ଛାତ୍ର-ସଂଖ୍ୟା ବଢ଼ିବାକୁ ଲାଗିଲା। ତା'ପରେ ମଜିଲପୁରର ଶୈଳମା ଆସି ସ୍ଥାୟୀଭାବରେ ତପୋବନ ବୋର୍ଡ଼ିଂର ପିଲାମାନଙ୍କପାଇଁ ରନ୍ଧାରନ୍ଧି କରି ଖାଇବାକୁ ଦେବାର ଭାର ନିଅନ୍ତି। ପ୍ରୟୋଜନ ଅନୁସାରେ ଲକ୍ଷ୍ମୀର ଦୁଲାଲୀମା ମଧ୍ୟ ମଝିରେ ମଝିରେ ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେଉଥିଲେ। ତପୋବନର ଜମିରେ ନାନାପ୍ରକାର ପନିପରିବା ପିଲାମାନେ ଉତ୍ପାଦନ କରୁଥିଲେ। ପିଲାମାନଙ୍କୁ ଗୋଟାଏ ଗୋଟାଏ plot ଭାଗ କରିଦିଆ ହେଉଥିଲା। ପ୍ରତିଯୋଗିତା ହେଉଥିଲା, କେଉଁମାନେ ଭଲ ଫସଲ ଫଳେଇ ପାରୁଛନ୍ତି। ବେଳେ ବେଳେ ପିଲାମାନେ କୋବି, ବାଇଗଣ ଇତ୍ୟାଦି ମୁଣ୍ଡେଇ ନେଇ ସ୍ଥାନୀୟ ହାଟରେ ବିକ୍ରି

Scanned with CamScanner

କରିଆସନ୍ତି । ମଝିରେ ମଝିରେ ପିଲାମାନେ ମାଷ୍ଟରମାନଙ୍କ ସହ ଆଶ୍ରମ-ପ୍ରାଙ୍ଗଣ ଝାଡୁ ଦେଇ ପରିଷ୍କାର କରିଦିଅନ୍ତି ।

ପୁଅମାନଙ୍କର ତପୋବନ ସ୍ଥାପନ ହେବା ପୂର୍ବରୁ ତପୋବନକୁ ଲାଗି ଆଉ ଏକ ଜମିରେ ଝିଅମାନଙ୍କର ସ୍କୁଲ୍ ସ୍ଥାପିତ ହୋଇଥିଲା । ଝିଅମାନେ ମଧ୍ୟ ଉକ୍ତ ଆଶ୍ରମ-ପ୍ରାଙ୍ଗଣ ପରିଷ୍କାର କରିବା କାର୍ଯ୍ୟରେ ଯୋଗଦାନ କରୁଥିଲେ । ତା'ପରେ ଝିଅମାନେ ଯେପରି ସହଜରେ ଔଷଧପତ୍ର ଚିହ୍ନନ୍ତି ଓ ଛୋଟ ଛୋଟ ରୋଗବ୍ୟାଧିର ଚିକିତ୍ସା ଘରେ ବସି ହିଁ କରିପାରନ୍ତି, ତା'ପାଇଁ ଗୋଟାଏ ନୂଆ ଜିନିଷ କରାହେଲା । ଝିଅମାନଙ୍କ ସ୍କୁଲ୍‌ର ଚାରିପଟେ ସୁନ୍ଦର ବଗିଚା କରି ବିଭିନ୍ନ ଔଷଧପତ୍ରର ଗଛ ଲଗା ହେଲା । ପ୍ରତ୍ୟେକ ଗଛରେ ଗୋଟାଏ ଲେଖାଁଏ nameplate ମରା ହୋଇଥିଲା । ସେଥିରେ ଏଇ ଗଛଟିର ନାମ, ଏଇ ଗଛଦ୍ୱାରା କ'ଣ ହୁଏ, ଗୁଣାଗୁଣ କ'ଣ କ'ଣ, କେଉ ରୋଗରେ କେଉଁ ମାତ୍ରାରେ ତାହା ବ୍ୟବହାର କରାଯାଏ ଇତ୍ୟାଦି ଗୋଟାଏ ସଂକ୍ଷିପ୍ତ ବିବରଣୀ ଥିଲା । ଝିଅମାନେ ତାକୁ ଦେଖି ସହଜରେ ଶିକ୍ଷାଲାଭ କରୁଥିଲେ ।

ଆଶ୍ରମରେ ସେତେବେଳେ କଞ୍ଚା ପାଇଖାନା ଥିଲା । ସହରରୁ ମେହେନ୍ତର ଆସି ପ୍ରତିଦିନ ତାହା ପରିଷ୍କାର କରୁଥିଲା । ସେତେବେଳେ ଆଷାଢ଼-ଶ୍ରାବଣ ମାସ ହେବ । ଖୁବ୍ ବର୍ଷା ଚାଲିଛି । ଉପର୍ଯ୍ୟୁପରି ୧୦/୧୫ ଦିନ ଧରି ବର୍ଷା ହେବାରୁ ମେହେନ୍ତର ଆଉ ଆସିପାରିନି । ସେଥିଯୋଗୁଁ ସେଇ ସମସ୍ତ (୧୦/୧୨ଟାରୁ କମ୍ ନୁହେଁ) ପାଇଖାନାର କୁଣ୍ଡ ମଇଳାରେ ଭର୍ତ୍ତି ହୋଇ ତାହା ବାହାରେ ପଡେ ଏବଂ ଏତେ ଦୁର୍ଗନ୍ଧ ହୁଏ ଯେ ସେଇ ଅଞ୍ଚଳରେ ବସବାସ କରିବା ଅସମ୍ଭବ ହୋଇଉଠେ । ସେତେବେଳେ ଆଶ୍ରମର ପିଲା ଅମର (ବଡ଼ଦା) ହରି ପ୍ରଭୃତିଙ୍କୁ ସାଥୀରେ ନେଇ ସେଇ ସମସ୍ତ ପାଇଖାନାର ମଇଳା ସ୍ୱହସ୍ତରେ ସ୍ୱେଚ୍ଛାରେ ଓ ଆନନ୍ଦଚିତ୍ତରେ ପରିଷ୍କାର କରେ, ପୁଣି ମେହେନ୍ତର ଆସିବା ପର୍ଯ୍ୟନ୍ତ ।

ଅମର ଆଶ୍ରମବାସୀଙ୍କର ଜ୍ଞାତ କିମ୍ବା ଅଜ୍ଞାତସାରରେ ଏହିପରି କାମ ମଝିରେ ମଝିରେ କରୁଥିଲା— କୌଣସି ଅସୁବିଧା ଦେଖା ଦେଲେ ହିଁ । ଅମରର ବୟସ ସେତେବେଳେ ୧୧/୧୨ ବର୍ଷ ହେବ । ତା'ପରବର୍ଷ ଅର୍ଥାତ୍ ୧୯୨୪ ମସିହାରେ ଶ୍ରୀଶ୍ରୀଠାକୁରଙ୍କର ଜନ୍ମତିଥି- ଉପଲକ୍ଷେ ଏକ ବିରାଟ ଉତ୍ସବ ଅନୁଷ୍ଠିତ ହୁଏ । ଉତ୍ସବରେ ତପୋବନର ବାଳକ-ବାଳିକାମାନଙ୍କୁ ପରିତୋଷିକ ବିତରଣର ବ୍ୟବସ୍ଥା କରାହୁଏ । ଶ୍ରୀମାନ୍ ଅମର (ବଡ଼ଦା)କୁ ତାର ଏଇ ଅଳ୍ପ ବୟସରେ ହିଁ ଏପରି ସର୍ବପ୍ରକାର ସେବାମୂଳକ ଜନହିତକର କାର୍ଯ୍ୟପାଇଁ ଗୋଟିଏ ସ୍ୱର୍ଣ୍ଣପଦକ ଦିଆ ହୁଏ ।

ପୁଅ-ଝିଅମାନେ ଶ୍ରେୟଜନଙ୍କ ପ୍ରତି ଏତେ ଶ୍ରଦ୍ଧାବାନ୍ ଥିଲେ ଯେ ସେମାନଙ୍କୁ ପରିଶ୍ରମଜନିତ କୌଣସି କାମ କରିବାକୁ ଦେଖିଲେ ସେମାନେ ସ୍ୱତଃପ୍ରବୃତ୍ତ ହୋଇ ଶ୍ରଦ୍ଧେୟମାନଙ୍କ ହାତରୁ ସେଇସବୁ କାମ କାଢ଼ିନେଇ ନିଜେ ହିଁ ସମ୍ପାଦନ କରୁଥିଲେ ।

ଗୋଟାଏ ସହଜ ଶ୍ରଦ୍ଧାର ଭାବ ଗଗନ-ପବନରେ ସଞ୍ଚାରିତ ହୋଇଥିଲା, କିଏ କାହାର ସେବା କରି ଧନ୍ୟ ହେବ ତା'ପାଇଁ ପ୍ରତିଯୋଗିତା ଲାଗିଯାଉଥିଲା । ତେଣୁ ନୂଆ ଲୋକ ଆସିଲେ ସେ ଅନୁଭବ କରୁଥିଲେ ଯେ ସେ ଯେପରି ନିଜ ଘରକୁ ଆପଣାର ଲୋକଙ୍କ ପାଖକୁ ଆସିଛନ୍ତି । ଯଦିଚ ସେସମୟରେ ଆହାର୍ଯ୍ୟର ଅପ୍ରତୁଳତା ଖୁବ୍ ହିଁ ଥିଲା, କିନ୍ତୁ ଆନନ୍ଦର ପ୍ରାଚୁର୍ଯ୍ୟରେ ସେ ଅପ୍ରତୁଳତାର ଛାୟା କାହା ମନରେ କୌଣସି ରେଖାପାତ କରିପାରୁ ନ ଥିଲା ।

ତପୋବନରେ ପ୍ରଥମ ଯୁଗରେ ଯିଏ ତପୋବନର ଗଠନକାର୍ଯ୍ୟରେ ଯଥେଷ୍ଟ ସାହାଯ୍ୟ କରିଥିଲେ ତାଙ୍କର ନାମ ଆଜି ବିଶେଷ କରି ମନେପଡ଼େ । ସେ ହେଲେ ଇଷ୍ଟପ୍ରାଣ ସତ୍‌ସଙ୍ଗୀ ମହମ୍ମଦ ଖଲିଲର ରହମାନ । ସେ ଥିଲେ ଇନ୍‌କମ୍ ଟ୍ୟାକ୍‌ସ୍‌ର ଆସେସର୍ । ଥରେ କୁଷ୍ଟିୟାରୁ ସେ ତପୋବନପାଇଁ କର୍‌ଗେଟ୍‌ର ଟିଣ ଓ ଖୁଣ୍ଟି ନୌକାଯୋଗେ ଆଶ୍ରମ ପଠାଇଲେ । ଯେତେବେଳେ ସନ୍ଧ୍ୟା ଆସନ୍ନପ୍ରାୟ ସେହିସମୟରେ ନୌକା ଆସି ଆଶ୍ରମର ଘାଟରେ ପହଞ୍ଚିଲା । ପଦ୍ମା ସେତେବେଳେ ଦୂରକୁ ହଟିଯାଇଛି । ମାଝିମାନେ ସେମାନଙ୍କର ବୋଝ ଓହ୍ଲାଇ ଦେଇ ଚାଲିଗଲେ । ଲୋକବାକ କାହାକୁ ପାଇଲି ନାହିଁ ଯିଏ ସେଇସବୁ ଖୁଣ୍ଟି ଓ ଟିଣ ଆଶ୍ରମକୁ ବୋହି ନେଇଆସିବ । ଗତ୍ୟନ୍ତର ନ ଦେଖି ଶ୍ରୀଶ୍ରୀଠାକୁରଙ୍କୁ କହିଲି— ସେଇସବୁ ଜିନିଷ ସେଠି ପଡ଼ିରହିଲେ ରାତିରେ ଚୋରି ହୋଇଯାଇପାରେ ।

ଶ୍ରୀଶ୍ରୀଠାକୁର— ଚାଲନ୍ତୁ ଯିବା, ଆମେ ଦୁଇଜଣ ହିଁ ସବୁ ବୋହି ନେଇଆସିବା ।

ମୁଁ ଓ ଶ୍ରୀଶ୍ରୀଠାକୁର ଦୁଇପଟେ ମୁଣ୍ଡଦେଇ ଟିଣ ବୋହି ନେଇଆସି ଆଶ୍ରମରେ ରଖିବାକୁ ଲାଗିଲୁ । ଦୁଇ-ତିନି ବୋଝ ଟିଣ ଏମିତି କରି ବୋହି ନେଇଆସିବା ପରେ ଗୋଟାଏ ଚହଳ ପଡ଼ିଗଲା ଯେ ଶ୍ରୀଶ୍ରୀଠାକୁର ନିଜେ ଟିଣ ବୋହିକରି ଆଣୁଛନ୍ତି । ଏଇକଥା ପ୍ରଚାର ହେବା ସଙ୍ଗେ ସଙ୍ଗେ ଯିଏ ଯେଉଁଠି ଥିଲେ ଧାଇଁଆସି ନଦୀତୀରରେ ସମବେତ ହେଲେ ଏବଂ ମୁହୂର୍ତ୍ତ ମଧ୍ୟରେ ସବୁ ମାଲ ଆଶ୍ରମକୁ ବୁହାହୋଇ ଚାଲିଆସିଲା ।

ଶ୍ରୀଶ୍ରୀଠାକୁର ଏହିପରି ସବୁପ୍ରକାର କାମରେ ନିଜେ ଅଗ୍ରଣୀ ହୋଇ ରାସ୍ତା ଦେଖାଇଛନ୍ତି ଏବଂ ସମସ୍ତେ ତାଙ୍କୁ ସେପରିଭାବେ ଅନୁସରଣ କରିଛନ୍ତି ।

□□□

Scanned with CamScanner

ମନୋମୋହନ ଥିଏଟର

ନଭେମ୍ବର ୧୯୨୩

ଦିନେ ଶ୍ରୀଶ୍ରୀଠାକୁରଙ୍କୁ କହିଲି— ଠାକୁର! ତପୋବନପାଇଁ ଆହୁରି ଟଙ୍କା ଦରକାର। ଏଇଠି ରହି ଟଙ୍କା ସଂଗ୍ରହ କରିବା କଷ୍ଟକର। ତେଣୁ ଭାବୁଚି କଲିକତା ଯାଇ ମନୋମୋହନ ଥିଏଟରର ସ୍ୱତ୍ୱାଧିକାରୀ (ସେତେବେଳେ ମନୋମୋହନ ଥିଏଟର ଗୋଟାଏ ଖୁବ୍ ଜନପ୍ରିୟ ନାଟ୍ୟ-ପ୍ରତିଷ୍ଠାନ ଥିଲା) ମନୋମୋହନ ପାଣ୍ଡେଙ୍କୁ ଧରି ଗୋଟାଏ benifit night ଗ୍ରହିଁନେଲେ, ତପୋବନପାଇଁ କିଛି ଟଙ୍କା ସଂଗ୍ରହ ହୋଇପାରିବ।

ଶ୍ରୀଶ୍ରୀଠାକୁର (ସୋତ୍ସାହେ)— ଖୁବ୍ ଭଲ କଥା। ମନୋମୋହନ ଥିଏଟରକୁ ଏଠିକି ନେଇଆସିଲେ ଆହୁରି ଭଲ ହେବ।

ମୁଁ— କ'ଣ କହୁଛନ୍ତି ଠାକୁର! ସେ ଯେ ବିରାଟ କାରବାର! ଗ୍ରିପଟ ଘେରାଉ କରିବାକୁ ପଡ଼ିବ, ପ୍ଲାଟ୍‌ଫର୍ମ, ଗ୍ୟାଲେରୀ ଇତ୍ୟାଦି କରିବାରେ ବହୁତ ଖର୍ଚ୍ଚ ହେବ। ତା' ଉପରେ ଦର୍ଶକମଣ୍ଡଳୀ କିପରି ହେବେ ତାହା ବି ଜଣା ନାହିଁ।

ଶ୍ରୀଶ୍ରୀଠାକୁର— ଦର୍ଶକମଣ୍ଡଳୀ ଯଥେଷ୍ଟ ହେବେ। ଥରେ 'ମିନର୍ଭା ଥିଏଟର୍' ପାବନା ଆସିଥିଲା, ସେଥିରେ ଯଥେଷ୍ଟ ଲୋକ ହୋଇଥିଲେ।

ମୁଁ— ହୋଇପାରେ, କିନ୍ତୁ ଏତେ ହାଙ୍ଗାମା ଭିତରେ ପଶି ଶେଷକୁ କ'ଣ ଖର୍ଚ୍ଚ ଆମକୁ ପୋଷେଇବ? ମୁଁ ଭାବିଥିଲି ମନୋମୋହନ ପାଣ୍ଡେଙ୍କୁ ଧରି ଗୋଟାଏ benifit night କଲିକତାରେ ନେଇଥାନ୍ତୁ। ତା'ପରେ ସେମାନଙ୍କର ଖର୍ଚ୍ଚବାର୍ଚ୍ଚ ଯାଇ ଯେଉଁ ଟଙ୍କା ରହିବ ସେଇଟା ଆମର ହେବ। ସେଥିରେ ଖୁବ୍ ସହଜରେ କାମ ହେଇଯିବ।

ଶ୍ରୀଶ୍ରୀଠାକୁର— ନା, ନା ଏଠିକି ନେଇ ଆସନ୍ତୁ ଯାଇ...।

ସେତେବେଳେ ବୁଝିଲି ଯେ କି ଗୁରୁଦାୟିତ୍ୱଭାର ମୋ' ମୁଣ୍ଡରେ ଲଦି ଦେଇ ମୋର ଦାୟିତ୍ୱବହନ କ୍ଷମତା ବଢ଼ାଇବାର ଚେଷ୍ଟା ସେ କରୁଛନ୍ତି। ଆଉ ଦ୍ୱିରୁକ୍ତି ନ କରି

ତାଙ୍କର କଥାକୁ ଶିରୋଧାର୍ଯ୍ୟ କରି, ଟ୍ରେନ୍‌ଭଡ଼ା କୌଣସି ପ୍ରକାର ଭିକ୍ଷା କରି ଯୋଗାଡ଼ କରି ମନୋମୋହନ ଥିଏଟର୍‌କୁ ଆଣିବାପାଇଁ କଲିକତା ଯାତ୍ରା କଲି।

କଲିକତା ଯାଇ ମନୋମୋହନ ପାଣ୍ଡେଙ୍କ ସହ ଦେଖା କରି ଶ୍ରୀଶ୍ରୀଠାକୁର ଓ ଆଶ୍ରମର କଥା କହି ତପୋବନର ଆଦର୍ଶ ସମ୍ବନ୍ଧରେ ସବିସ୍ତାରେ ତାଙ୍କୁ ଜଣାଇ ମନୋମୋହନ ଥିଏଟର୍‌କୁ ପାବନା ନେଇଯିବା କଥା କହିଲି।

ମନୋମୋହନ ପାଣ୍ଡେ ସବୁ ଶୁଣି କହିଲେ— ପାଗଳ ହେଲେ ନା କ'ଣ, ଏତେ ବିପଦ ଭିତରକୁ ଯାଉଛନ୍ତି କାହିଁକି? ଗୋଟାଏ benifit night ଦଉଚି, ତା'ର ଖର୍ଚ୍ଚବାର୍ଚ୍ଚ ବାଦ ଦେଇ ଯାହା ବଳିବ ତାକୁ ଆପଣ ନେଇଯାଆନ୍ତୁ। ସେଇଟା ହିଁ ତ ସୋଜା। ଆଉ, ମଫସଲକୁ ଥିଏଟରପାର୍ଟି ନେଇଯିବା ଅନେକ ବ୍ୟୟସାପେକ୍ଷ ଓ ସେଥିରେ ବହୁ ବିପଦ ମୁଣ୍ଡେଇବାକୁ ହେବ।

ମୁଁ— ପ୍ରଥମେ ମୁଁ ତ ସେୟା ଭାବିଥିଲି। କିନ୍ତୁ ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛା ଯେ ଆପଣ ଆପଣଙ୍କ ପାର୍ଟିର ଯେତେ ପ୍ରସିଦ୍ଧ ନଟ-ନଟୀ ଅଛନ୍ତି ସେ ସମସ୍ତଙ୍କୁ ନେଇ ନିଜେ ଥରେ ଯାଆନ୍ତୁ। ସେଥିରେ ଆପଣଙ୍କର ବି ଶ୍ରୀଶ୍ରୀଠାକୁର ଦର୍ଶନ ହେବ ଏବଂ ତାଙ୍କର ଇଚ୍ଛା ପୂରଣ କରିପାରିଲେ ମୁଁ ବି ନିଜକୁ କୃତାର୍ଥ ମନେ କରିବି। ବଙ୍ଗ ରଙ୍ଗମଞ୍ଚର ପ୍ରସିଦ୍ଧ ଅଭିନେତା ଦାନୀବାବୁ (ଗିରୀଶ ଘୋଷଙ୍କର ପୁଅ)ଙ୍କୁ ତ ନେଇଯିବାକୁ ହେବ।

ମନୋମୋହନ ବାବୁ ସନ୍ତୁଷ୍ଟ ହୋଇ କହିଲେ— ଆଚ୍ଛା, ମୁଁ ତ ନିଶ୍ଚୟ ଯିବି, ପ୍ରସିଦ୍ଧ ଅଭିନେତା ଦାନୀବାବୁ ଓ ଅଭିନେତ୍ରୀ ଆଶ୍ଚର୍ଯ୍ୟମୟୀ ପ୍ରଭୃତିଙ୍କ ମଧ୍ୟରୁ ଯେପରି ଜଣେ ବାଦ ନପଡ଼ନ୍ତି ତା'ର ବ୍ୟବସ୍ଥା ବି କରିବି। ଆପଣ ମୋର ମ୍ୟାନେଜର ଗୁରୁବାବୁଙ୍କ ସହିତ ଆସନ୍ତା କାଲି ଦେଖା କରନ୍ତୁ। ମୁଁ ତାକୁ ଆଜି ହିଁ ଆପଣଙ୍କ କଥା କହିଦେବି।...

ଏକଥା ଶୁଣି ସେଦିନ ଗ୍ରୁଲିଆସିଲି। ତା' ପରଦିନ ସକାଳେ ମ୍ୟାନେଜର ଗୁରୁବାବୁଙ୍କ ସାଥୀରେ ଦେଖା କରି ସବୁ କଥା କହିଲି। ତା' ପୂର୍ବରୁ ମନୋମୋହନବାବୁ ତାଙ୍କୁ ଆମ ପ୍ରସ୍ତାବ ଜଣାଇଥିଲେ। ଗୁରୁବାବୁ ମୋତେ କହିଲେ— ୫୦୦ ଟଙ୍କା ଅଗ୍ରିମ ଦେଇଯା'ନ୍ତୁ, ଆଉ ଅଢ଼େଇହଜାର ଟଙ୍କା ଥିଏଟର ଶେଷ ହେଲେ ଦେବେ। ତିନି ରାତି ଆପଣଙ୍କର ସେଠି ଅଭିନୟ ହେବ। ୧୫ ଦିନ ପରେ ଆମେ ବାହାରିବୁ, ଆପଣମାନେ ସବୁ ବ୍ୟବସ୍ଥା ସୁନ୍ଦରଭାବେ କରି ରଖିଥିବେ।

ହୀରାଲାଲ ଦାସଦାଙ୍କ ପାଖକୁ ଯାଇ କହିବୋଲି ୫୦୦ଟଙ୍କା ନେଇ ଗୁରୁବାବୁଙ୍କୁ ଆଗ୍ରିମ ଦେଇ ରସିଦ୍ ନେଲି ଏବଂ ସେଇଦିନ ହିଁ ଆଶ୍ରମ ଆସି ଶ୍ରୀଶ୍ରୀଠାକୁରଙ୍କ ଚରଣରେ ସବୁ ନିବେଦନ କଲି।

ଶ୍ରୀଶ୍ରୀଠାକୁର ଶୁଣି କହିଲେ— ବର୍ତ୍ତମାନ ୩/୪ ହଜାର ବାଉଁଶର ଅର୍ଡର ଦିଅନ୍ତୁ।

ସେତେବେଳେ ଭିକ୍ଷା କରି ୨୦ ଟଙ୍କା ଯୋଗାଡ଼ କରି ସୋଭାନ ମିସ୍ତ୍ରି ହାତରେ ଦେଇ କହିଲି— ମୋର ୩ ହଜାର ବାଉଁଶ ଦରକାର। ତୁମେ ଶୀଘ୍ର ଯୋଗାଡ଼ କରି ଦିଅ। ଆଉ ବାକୀ ଟଙ୍କା ପରେ ଦଉଚି।

ବାଉଁଶ ଯୋଗାଡ଼ ହୋଇଯିବା ପରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଯିବାରୁ ସେ କହିଲେ— ଗ୍ୟାଲେରୀ, ପ୍ଲାଟଫର୍ମ ଇତ୍ୟାଦି କରିବାପାଇଁ ତକ୍ତା (କାଠପଟା) ଦରକାର। ଏସବୁ ଯୋଗାଡ଼ କରି ନେଇଆସନ୍ତୁ— ଏହା କହି କେତେ କାଠ ଲାଗିବ, କେତେ ମାପର ହେବ ତାହାସବୁ ଠିକ୍ କରିଦେଲେ।

ଅନୁମାନ କଲି ପ୍ରାୟ ୫/୬ ହଜାର ଟଙ୍କାର ତକ୍ତା ଲାଗିବ। ହାତରେ ଗୋଟିଏ ବି ପଇସା ନାହିଁ। ଶୂନ୍ୟହସ୍ତରେ କୁଷ୍ଟିୟାରେ ପହଞ୍ଚି କୁଷ୍ଟିୟାର ବଡ଼ କାଠ-ବ୍ୟବସାୟୀର ଦୋକାନରେ ଯାଇ ସବୁ ମୂଲଗୁଲ୍ କଲି। ସେଥିରେ ଦେଖିଲି ମୁଁ ଯାହା ଅନୁମାନ କରିଥିଲି ତାହା ସତ୍ୟ।

ସେମାନଙ୍କୁ ମୋର ଉଦ୍ଦେଶ୍ୟ ବିଷୟରେ ଜଣାଇ କହିଲି ଟଙ୍କାଟା ବର୍ତ୍ତମାନ ଦେଇପାରିବି ନାହିଁ, ଧୀରେ ଧୀରେ ଦେବି। ସେମାନେ କହିଲେ,— ବାବୁ, ତାହା କ'ଣ ହୁଏ? ଆପଣମାନଙ୍କୁ ଜାଣିନୁ, ଚିହ୍ନିନୁ, ଆପଣମାନଙ୍କ ସହ ଆମର କୌଣସି କାରବାର ନାହିଁ। ନଗଦ ଟଙ୍କା ନହେଲେ ଆମେ ମାଲ୍ ଦେଇପାରିବୁ ନାହିଁ।

ମହତ୍ ଉଦ୍ଦେଶ୍ୟ ଓ ଆଦର୍ଶର କଥା ସେମାନଙ୍କ କାନରେ ମୋଟେ ପଶିଲା ନାହିଁ। ସେମାନେ କହିଲେ— ଆମେ ବ୍ୟବସାୟ କରିବାକୁ ବସିଚୁ, ସଦାବ୍ରତ ଖୋଲିନୁ।

...ଯେତେବେଳେ ମୋର ସମସ୍ତ ଆବେଦନ ବ୍ୟର୍ଥ ହେଲା ସେତେବେଳେ ଶେଷ ପ୍ରସ୍ତାବ ହିସାବରେ ସେମାନଙ୍କୁ କହିଲି— ସହରର କୌଣସି ଆସ୍ଥାଭାଜନ ବ୍ୟକ୍ତି ଯଦି ଏଇ ତକ୍ତା ଟଙ୍କାର ଗ୍ୟାରେଣ୍ଟି ଦିଅନ୍ତି ତେବେ ଆପଣ ଦେଇପାରିବେ କି?

ସେତେବେଳେ ସେଇ ମହାଜନ କହିଲେ— କିଏ ସେଇ ବ୍ୟକ୍ତି ଯିଏ ଆପଣଙ୍କର ଗ୍ୟାରେଣ୍ଟି ହେବେ?

ମୁଁ— ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ ଯଦି ଗ୍ୟାରେଣ୍ଟି ଦିଅନ୍ତି, ତେବେ ଦେଇପାରିବେ ତ?

ସେ କହିଲେ— ହଁ। ଗୋକୁଳବାବୁ ଯଦି ଗ୍ୟାରେଣ୍ଟି ଦିଅନ୍ତି, ତେବେ ୫ ହଜାର କାହିଁକି, ୧୦ ହଜାର ଟଙ୍କାର ଜିନିଷ ନେଇଯାଇପାରନ୍ତି।

ମହାଜନଙ୍କ ସହ କଥା ହେଉ ହେଉ ମଧ୍ୟାହ୍ନ ୧୨ଟା ବାଜିଗଲା। ସେଠୁ ଆସି ଗୋକୁଳବାବୁଙ୍କ ଘରେ ପହଞ୍ଚିଲି। ଗୋକୁଳବାବୁ ସେତେବେଳେ ଖାଇ ବସିଛନ୍ତି, ମୋ' ଆସିବା ଖବର ପାଇ ଭାତଥାଳି ଛାଡ଼ି ଉଠିଆସିଲେ। ମୁଁ ସେତେବେଳେ ମୋର ଯାହା କଥା ସବୁ ତାଙ୍କୁ ଖୋଲି କହିଲି ଏବଂ ମାରୱାଡ଼ି ମହାଜନଙ୍କ ସାଥିରେ ଯେଉଁ କଥା ହୋଇଥିଲା ତାହା ମଧ୍ୟ କହିଲି।

ଗୋକୁଳବାବୁ— ଆଚ୍ଛା, ସେସବୁ ପରେ ହେବ, ଆଗ ସ୍ନାନ କରି ଖାଇନିଅନ୍ତୁ।

ମୁଁ— ମୋର ଏ କାମ ନ ସରିବା ପର୍ଯ୍ୟନ୍ତ ମୁଁ ସ୍ନାନାହାର କରିପାରିବି ନାହିଁ। ସେ ମଧ୍ୟ ନଛୋଡ଼ବନ୍ଧା, ମୋତେ ନ ଖୁଆଇ ଛାଡ଼ିବେ ନାହିଁ। ଯେତେବେଳେ ସେ ବୁଝିପାରିଲେ ଯେ ମୁଁ ମୋ' ସଂକଳ୍ପରେ ଅଟଳ, ସେତେବେଳେ ସେ କହିଲେ,— ଇଏ ତ ମହା ମୁସ୍କିଲରେ ପଡ଼ିଲି। ମଧ୍ୟାହ୍ନ ଗଡ଼ିଗଲାଣି। ଦେଢ଼ଟା ବାଜିଯାଇଛି। ଆପଣଙ୍କୁ ଉପବାସୀ ରଖି ମୁଁ ବା ଖାଇବି କିପରି?

ମୁଁ— (ଖୁବ୍ ଆବେଗଭରେ) ଦେଖନ୍ତୁ ଗୋକୁଳବାବୁ, ଆଜି ସନ୍ଧ୍ୟା ଭିତରେ ଯେକୌଣସିପ୍ରକାରେ ହିଁ ହେଉ ନୌକା ବୋଝେଇ କରି ତକ୍ତା ମୋତେ ପଠେଇବାକୁ ପଡ଼ିବ— କିପରି ହେବ ତାହା ମୁଁ ଜାଣିନି। ଆପଣଙ୍କ ଭରସାରେ ମୁଁ ଆସିଛି। ଦେଖେଁ, ଶ୍ରୀଶ୍ରୀଠାକୁର କିପରି କ'ଣ କରୁଛନ୍ତି। ଏ ବ୍ୟବସ୍ଥା ଆଗ ନ ହେଲେ ମୁଁ ଅନ୍ନଜଳ କିଛି ହିଁ ଗ୍ରହଣ କରିପାରିବି ନାହିଁ।

ଅବଶେଷରେ ଗୋକୁଳବାବୁ କଥା ଦେଲେ— "ଆପଣ ସ୍ନାନାହାର କରନ୍ତୁ, ଭୋଜନ ପରେ ଆପଣଙ୍କ ସହ ସେଇ ଦୋକାନକୁ ଯାଇ ଟଙ୍କାର ଗ୍ୟାରେଣ୍ଟି ଦେଇଆସିବି।" ଗୋକୁଳବାବୁଙ୍କର ଏଇ ନିର୍ଭର ପ୍ରତିଶ୍ରୁତି ପରେ ମୁଁ ସ୍ନାନ ସାରି ଭୋଜନ କଲି, ବେଳ ସେତେବେଳକୁ ଅଢ଼େଇଟା।

ତିନିଟାବେଳେ ଗୋକୁଳବାବୁଙ୍କୁ ସାଙ୍ଗରେ ନେଇ ତାଙ୍କ ଗାଡ଼ିରେ ମାରୱାଡ଼ି ଦୋକାନକୁ ଗଲି। ଗୋକୁଳବାବୁ ସେଇ ମହାଜନକୁ କହିଲେ— ଏମାନଙ୍କର ଯାହା ତକ୍ତାର ପ୍ରୟୋଜନ ତାହା ଆଜି ହିଁ ନୌକା ବୋଝେଇ କରି ପାବନା ପଠେଇଦିଅନ୍ତୁ, ମୁଁ ଏଇ ଟଙ୍କାର ଗ୍ୟାରେଣ୍ଟି ରହିଲି।

ନୌକା ବୋଝେଇ କରିବାକୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଲାଗିଲା। ନୌକା ପଠେଇଦେଇ ମୁଁ ସନ୍ଧ୍ୟା ଗାଡ଼ିରେ ଈଶ୍ୱରଦି ଅଭିମୁଖେ ଯାତ୍ରା କଲି। ଆଶ୍ରମରେ ପହଞ୍ଚୁ ପହଞ୍ଚୁ ଅନେକ ରାତି ହୋଇଗଲା, ତେଣୁ ସେଇ ରାତିରେ ଆଉ ଶ୍ରୀଶ୍ରୀଠାକୁରଙ୍କ ସାଙ୍ଗରେ ଦେଖା ହେଲାନାହିଁ। ସକାଳେ ଉଠି ଦେଖେ ତକ୍ତାଭରା ନୌକା ବି ଘାଟରେ ଆସି ପହଞ୍ଚିଛି। ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲି— ପ୍ରୟୋଜନ ଅନୁସାରେ ସମସ୍ତ ତକ୍ତା ନେଇଆସିଛି।

ସେ ଶୁଣି ଖୁସୀ ହେଲେ, କହିଲେ— ସବୁ ତ ହେଲା, ବର୍ତ୍ତମାନ ଆଲୋକ ବ୍ୟବସ୍ଥା କ'ଣ ହେବ?

ମୁଁ— ମୁଁ ତ ଭାବିଛି ପାବନାରୁ କେତୋଟି 'ଡେ-ଲାଇଟ୍' ଭଡ଼ା କରି ନେଇଆସିବି। ସେଥିରେ ଆଲୁଅ ବ୍ୟବସ୍ଥା ହେଇଯିବ।

ଶ୍ରୀଶ୍ରୀଠାକୁର (ଈଷତ୍ ହସି)— ତା' କ'ଣ କେବେ ହୁଏ? ଇଲେକ୍ଟ୍ରିକ୍ ଲାଇଟ୍‌ର ବ୍ୟବସ୍ଥା କରିବାକୁ ହେବ।

ସେତେବେଳେ ପାବନା ସହର ବି ଇଲେକ୍ଟ୍ରିକ୍ ଲାଇଟ୍‌ର ମୁହଁ ଦେଖିନି।

Scanned with CamScanner

ମୁଁ କହିଲି— ସେଥିପାଇଁ ତ ଇଞ୍ଜିନ୍ ଦରକାର, ଡାଇନାମୋ ଦରକାର, ଇଲେକ୍‌ଟ୍ରିକ୍ ଓୟାରିଂ, ବଲବ୍ ଇତ୍ୟାଦି ସବୁ ଦରକାର । ସେ ତ ବିରାଟ ବ୍ୟାପାର, ସେଥିପାଇଁ ବହୁ ହଜାର ଟଙ୍କା ଦରକାର ।

ଶ୍ରୀଶ୍ରୀଠାକୁର— ତାହା ତ ଦରକାର ହେବ । ବର୍ତ୍ତମାନ କଲିକତା ବାହାରି ଯାଆନ୍ତୁ, ଏଇସବୁ ଯୋଗାଡ଼ କରି ଆଣନ୍ତୁ ।

...ସେତେବେଳେ ଥିଏଟର୍ ଆରମ୍ଭ ହେବାକୁ ଆଉ ଆଠଦିନ ମାତ୍ର ବାକୀ! ଆଉ ଦ୍ୱିରୁକ୍ତି ନ କରି ଶ୍ରୀଶ୍ରୀଠାକୁରଙ୍କ କଥା ମୁଣ୍ଡରେ ନେଇ କୌଣସିପ୍ରକାରେ ରେଳଭଡ଼ାଟା ଭିକ୍ଷା କରି ନେଇ କଲିକତା ଯାତ୍ରା କଲି । ସେତେବେଳେ କଲିକତାରେ ମୁଷ୍ଟିମେୟ ସତ୍‌ସଙ୍ଗୀ ଥିଲେ ଏବଂ ଏପରି କେହି ନଥିଲେ ଯିଏ ଚାହିଁବା ମାତ୍ରେ ୮/୧୦ ହଜାର ଟଙ୍କା ବାହାର କରିଦେଇପାରେ । ଆଉ କାହାର ଥିଲେ ସେ ଦବ ବା କାହିଁକି? କ'ଣ ଦେଖି ବା ଏତେ ଟଙ୍କା ମୋତେ ଦେବ? ଯା ହେଉ, ସେସବୁ ବିଷୟ ଚିନ୍ତା ନ କରି ତାଙ୍କର ଚିନ୍ତା ମୁଣ୍ଡରେ ନେଇ ନାମ କରି କରି କଲିକତାରେ ଆସି ପହଞ୍ଚିଲି । ଏଇ ବିଶ୍ୱାସ ଏକା ସମ୍ବଳ ମୋର— 'ଦଦାମି ବୁଦ୍ଧିଯୋଗଂ', ଗୀତାରେ ଯାହା କୁହାଯାଇଛି— ଏଇ ବୁଦ୍ଧିଯୋଗରେ ମୁଁ ନିଶ୍ଚୟ ପନ୍ଥା ପାଇଯିବି ।

ଜଣେ ସତ୍‌ସଙ୍ଗୀ ଭାଇକୁ ସାଙ୍ଗରେ ନେଇ T.E. Thomson, Alfred Herbert ପ୍ରଭୃତି କମ୍ପାନୀରେ ଇଞ୍ଜିନ୍ ଆଉ ଡାଇନାମୋ ଦେଖି ଓ ଦର କରି ଆସିଲି, ଏଜରା ଷ୍ଟ୍ରିଟ୍‌ରେ ଯାଇ ଇଲେକ୍‌ଟ୍ରିକ୍ ଓୟାରିଂ, ବଲବ୍ ଇତ୍ୟାଦି ଦର କରିଆସିଲି ।

ମୋର ସଙ୍ଗୀ ଭାଇଟି ମୋର ଏସବୁ ମୂଲଚାଲ କରିବା ଦେଖି ଭାବିଲା ଯେ ମୁଁ ନଗଦ ବହୁ ହଜାର ଟଙ୍କା ନେଇ ଜିନିଷ ଖରିଦ୍ କରିବାକୁ ଆସିଛି । କିନ୍ତୁ ଯେତବେଳେ ସେ ମୋ' ପାଖରୁ ଶୁଣିଲା ଯେ ମୋ' ପକେଟ୍‌ରେ ଗୋଟିଏ ଟଙ୍କା ବି ନାହିଁ ସେତେବେଳେ ସେ କହିପକେଇଲା— ଏଇ ତ ଦେଖୁଚି ଆପଣଙ୍କର ନିଛକ ପାଗଳାମି । ଦିନେ ଦୁଇଦିନ ଭିତରେ ତ ଏଇସବୁ କିଣି ନ ପଠେଇଲେ କିଛି ହବନି । ଏତେଟଙ୍କା ଆପଣ କେଉଁଠୁ ପାଇବେ— ମୁଁ ତ ଭାବି ଠିକ୍ କରିପାରୁ ନାହିଁ ।

ତାକୁ କହିଲି— ଶ୍ରୀଶ୍ରୀଠାକୁରଙ୍କ ଦୟାରେ ଦେଖନ୍ତୁ ନା କ'ଣ ହଉଚି, ସେ ମୋତେ ଏପରି ବୁଦ୍ଧି ଦେବେ ଯାହାଦ୍ୱାରା ଟଙ୍କା ଠିକ୍ ମୋ' ହାତକୁ ଆସିଯିବ । ସେତେବେଳେ ମୁଁ ନିଜେ ବି ଜାଣିନି— କିପରିଭାବେ ଟଙ୍କା ଆସିବ ।

ତାଙ୍କରି ଚିନ୍ତା ମୁଣ୍ଡରେ ରଖି ଅନବରତ ନାମର ଚକା ଘୂରିବାକୁ ଲାଗିଲା । ଆଉ, ମନେ ମନେ ଭାବୁଚି— କାହା ପାଖକୁ ଗଲେ ଏ ସମସ୍ୟାର ସମାଧାନ ହୋଇପାରିବ । ତାଙ୍କୁ ଡାକି ଡାକି ଏବଂ ତାଙ୍କର ଚିନ୍ତା କରୁକରୁ ହଠାତ୍ ମନକୁ ଆସିଲା, ଯେ ଜଣେ ବିଧବା ମାଁର ଦଶହଜାର ଟଙ୍କା ଅଛି ଏବଂ ସେ ତାହା ଜଣେ ଲୋକକୁ ବ୍ୟବସାୟରେ ଖଟେଇବାକୁ ଦେଇଛନ୍ତି । ଯେମିତି ମନେ ହେଉଚି ସେମିତି ଆଉ ଆଗ-ପଛ ବିବେଚନା ନ କରି ସେଇ

ରାତିରେ ହିଁ ଛୁଟିଲି ସେଇ ମା'ଙ୍କ ପାଖକୁ । ମା'ଙ୍କ ପାଖକୁ ଯାଇ ଅନେକ କହିବୋଲି ମା'ଙ୍କୁ ରାଜୀ କରେଇଲି । କିନ୍ତୁ ସେଇ ମା'ଟି କହିଲେ— ଜଣେ ଲୋକ ପାଖରେ ଟଙ୍କା ଖଟେଇବାକୁ ଦେଇଚି । ସେ କ'ଣ ସାଙ୍ଗେ ସାଙ୍ଗେ ଚାହିଁବାମାତ୍ରେ ଟଙ୍କାଟା ଦେଇପାରିବ?

ମୁଁ କହିଲି— ସେ ଭାର ମୋ' ଉପରେ । ମୁଁ ସକାଳେ ଆସି ଆପଣଙ୍କୁ ନେଇ ସେଇ ମହାଜନ ପାଖକୁ ଯିବି । ଆପଣ ଆପଣଙ୍କ ଉଦ୍ଦେଶ୍ୟର କଥା ତାଙ୍କ ଆଗରେ କହିବେ । ତା'ପରେ ବାକୀ ଯାହା କହିବା କଥା ତାହା ମୁଁ ହିଁ ତାଙ୍କୁ କହିବି ।

ମହାଜନ ପାଖରେ ମା'ଟି ପ୍ରସ୍ତାବ କରିବା ମାତ୍ରେ ସେ ବଙ୍କେଇ ବସିଲେ । ତା'ର ସେଇ ଭାବ ଦେଖି ମୋ' ମୁହଁରେ ଯେପରି ଆତସବାଜିର ବାଣ ଫୁଟିଗଲା । ମନେ ହେଲା ଶ୍ରୀଶ୍ରୀଠାକୁର ଯେପରି ଲଗାମ ଠେଲିଦେଉଛନ୍ତି । ମୋର କଥାର ସ୍ରୋତରେ ସେଇ ଭଦ୍ରଲୋକଟି ଶେଷରେ ବ୍ୟତିବ୍ୟସ୍ତ ହୋଇ କହିଲେ— ଆଚ୍ଛା, ଆପଣଙ୍କର ଟଙ୍କା ନେଇଯା'ନ୍ତୁ ।

ସାଙ୍ଗେ ସାଙ୍ଗେ ସେ ଚେକ୍ ଲେଖିଦେଲେ । ସେଇ ଦଶହଜାର ଟଙ୍କା ନେଇ ସେଇଦିନ ହିଁ T.E. Thomson କମ୍ପାନୀରେ ଜମାଦେଇ Express Trainରେ ସେଇ ଦିନ ହିଁ ଯେପରି ମାଲ୍ ଯାଏ ତା'ର ବ୍ୟବସ୍ଥା କରିଆସିଲି । ଇଲେକ୍‌ଟ୍ରିକ୍ ଜିନିଷପତ୍ର ପଠାଇବାର ବ୍ୟବସ୍ଥା ମଧ୍ୟ ସେଇ ଦିନ ହିଁ କଲି । ସବୁ ବ୍ୟବସ୍ଥା ହେଇଯିବା ପରେ ମୋର ମୁଣ୍ଡ ବହୁତ ହାଲୁକା ବୋଧ ହେଲା ।

ଆମର ବଙ୍କିମଚନ୍ଦ୍ର ରାୟ ସେତେବେଳେ ବି.ଏ. ପାସ୍ କରି ବ୍ୟବସାୟ କରିବ କି ଉଚ୍ଚତର ଶିକ୍ଷାପାଇଁ ଚେଷ୍ଟା କରିବ— ଏହିପରି ଦ୍ୱନ୍ଦ୍ୱ ଭିତରେ କଲିକତାରେ ବୁଲାବୁଲି କରୁଥିଲା । ସେ ସେତେବେଳେ ହରିତକୀ ବାଗାନର ସତ୍‌ସଙ୍ଗ-ବାଟୀରେ ରହୁଥିଲା । ବଙ୍କିମକୁ କହିଲି— ମନୋମୋହନ ଥିଏଟର୍ ଆଶ୍ରମକୁ ଯାଉଚି, ତୁମେ ଚାଲ ।

ବଙ୍କିମ କହିଲା— ସାତ ଦିନପାଇଁ ଯାଇପାରେ, ତାଠୁ ବେଶୀ ନୁହଁ ।

ମୁଁ— ହଉ ହେଲା, ତୁମେ ସାତ ଦିନ ପରେ ଫେରିଆସ ।

ସେତେବେଳେ ବଙ୍କିମକୁ ସାଙ୍ଗରେ ନେଇ ଆଶ୍ରମ ଆସିଲି । ସେଇଦିନ ଥିଲା ୧୯୨୩ ମସିହାର ୧୮ ନଭେମ୍ବର । ତା'ର ସେ ସାତ ଦିନ ଆଜି ବି ପୂର୍ଣ୍ଣ ହୋଇନି । ନିୟତ-କର୍ମୀ ହିସାବରେ ସେଇଦିନଠାରୁ ସେ ଶ୍ରୀଶ୍ରୀଠାକୁରଙ୍କ ସେବାରେ ନିୟୋଜିତ । ହୁଏତ ତା'ର ଶେଷନିଶ୍ୱାସ ତ୍ୟାଗ ସଙ୍ଗେ ସଙ୍ଗେ ସେଇ ସାତଦିନର ମିଆଦ ପୂର୍ଣ୍ଣ ହେବ ।

୨୧ ନଭେମ୍ବର, ୧୯୨୩ ମସିହା । ମନୋମୋହନ ଥିଏଟର୍‌ର ବିଖ୍ୟାତ ନଟ-ନଟୀମାନଙ୍କୁ ନେଇ ସ୍ୱତ୍ୱାଧିକାରୀ ମନୋମୋହନ ପାଣ୍ଡେ ଆଶ୍ରମ ଆସିଲେ । ଦାନୀବାବୁ ଓ ମନୋମୋହନ ପାଣ୍ଡେଙ୍କ ସହ ଶ୍ରୀଶ୍ରୀଠାକୁରଙ୍କର ଅନେକ ଆଳାପ-ଆଲୋଚନା ହେଲା । ଦାନୀବାବୁ, ତାଙ୍କର ପିତା ଗିରୀଶଚନ୍ଦ୍ର ଘୋଷ ଓ ପରମହଂସଦେବଙ୍କ ସମ୍ବନ୍ଧରେ ଅନେକ କଥା ଶ୍ରୀଶ୍ରୀଠାକୁରଙ୍କୁ ଶୁଣାଇଥିଲେ ।

Scanned with CamScanner

ଥିଏଟର୍ ତିନି ଦିନ ହେଲା । ପ୍ରଥମ ଦିନରେ ଯଥେଷ୍ଟ ଆୟ ହୋଇଥିଲା । ପ୍ରଥମଦିନର ଆୟରୁ ଆମେ ଅନୁମାନ କରିଥିଲୁ ଆମର ସମସ୍ତ ଖର୍ଚ୍ଚବାର୍ଚ୍ଚ ଯାଇ ଅନେକ ଲାଭ ହେବ । କିନ୍ତୁ ସ୍ଥାନୀୟ ଲୋକଙ୍କର ଶତ୍ରୁତା-ଆଚରଣ ହେତୁ ତାହା ବ୍ୟର୍ଥ ହେଲା । ଦ୍ୱିତୀୟ ଦିନ ଅଭିନୟ ପୂର୍ବରୁ ସକାଳ ଦଶଟା ବେଳେ ପାବନାରୁ କେତେଜଣ ଭଦ୍ରଲୋକ ଆସି ସେମାନଙ୍କପାଇଁ ୩୦ ଟା Complimentary ଟିକଟ ଦାବି କରିବସିଲେ । ଆମେ କହିଲୁ— ଦେଖନ୍ତୁ, ଏହା ତପୋବନ ଉଦ୍ଦେଶ୍ୟରେ ଆମେ କରିବୁ । ଆମ ଭିତରେ କାହାକୁ ମଧ୍ୟ ଆମେ Complimentary ଟିକଟ ଦେଇନୁ, ଏପରିକି ଶ୍ରୀଶ୍ରୀଠାକୁର ମଧ୍ୟ ଟିକଟ କିଣି ରଙ୍ଗମଞ୍ଚରେ ପ୍ରବେଶ କରିଛନ୍ତି । କେବଳ ଦୁଇଜଣଙ୍କୁ Complimentary ଟିକଟ issue କରାହୋଇଛି— ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଓ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ । ଏ କ୍ଷେତ୍ରରେ ଆପଣମାନେ ବିବେଚନା କରି ଦେଖନ୍ତୁ, ଏତେସଂଖ୍ୟକ free ticket ଦେବା ଠିକ୍ କିନା ।

ଆମ କଥାରେ ସନ୍ତୁଷ୍ଟ ନ ହୋଇ ସେମାନେ ଚାଲିଗଲେ ଏବଂ ପାବନା ସହରରେ ପ୍ରଚାର କରିଦେଲେ ଯେ ମାଜିଷ୍ଟ୍ରେଟ୍ injunction (ଆଦେଶ) ଦେଇ ଥିଏଟର୍ ବନ୍ଦ କରି ଦେଇଛନ୍ତି । ଆମେ ଢୋଲ ପିଟି ତା'ର ପ୍ରତିବାଦ ଜଣାଇଲେ ମଧ୍ୟ ଦ୍ୱିତୀୟଦିନ ଦର୍ଶକ ଅନେକ କମିଗଲେ । ତୃତୀୟ ଦିନ ସେମାନେ ପ୍ରଚାର କରିଦେଲେ ଯେ ଦାନୀବାବୁ, ଆଶ୍ଚର୍ଯ୍ୟମୟୀ, କ୍ଷେତ୍ରବାବୁ ପ୍ରଭୃତି ବିଖ୍ୟାତ ଶିଳ୍ପୀମାନେ ଚାଲିଯାଇଛନ୍ତି । ତେଣୁ ତୃତୀୟ ଦିନରେ ମଧ୍ୟ ଦର୍ଶକ ସଂଖ୍ୟା କମିଗଲେ । ଦୁଃଖର ବିଷୟ, ଏଇସବୁ ପ୍ରଚାରର ମୂଳ ପଣ୍ଡା ଥିଲା ପ୍ରାଣବନ୍ଧୁ ବାଗ୍‌ଚୀ, ଆମର ବାଦଲଭାଇଙ୍କର ବନ୍ଧୁ ।

ଯାହା ହେଉ ଥିଏଟର୍‌ର ପ୍ରାପ୍ୟ ଟଙ୍କା ତୁଟେଇ ଦେଇ ସେମାନଙ୍କୁ ବିଦା କରାଗଲା । ବାଉଁଶ, କାଠ ଇତ୍ୟାଦି ଯାହା ଯୋଗାଡ଼ କରାହୋଇଥିଲା ତାହା ଆଶ୍ରମର ଗୃହନିର୍ମାଣ କାର୍ଯ୍ୟରେ ଲାଗିଗଲା । ଇଞ୍ଜିନ୍ ଓ ଡାଇନାମୋ ଆଶ୍ରମରେ ଆଣି ବସା ହେଲା, ଇଲେକ୍‌ଟ୍ରିକ୍ ଓ୍ୱାରିଂ ସବୁ ଲଗା ହେଲା ଏବଂ ଆଶ୍ରମ ଏଇ ପ୍ରଥମ ବୈଦ୍ୟୁତିକ ଆଲୋକମାଳାରେ ସୁଶୋଭିତ ହେଲା । ଥିଏଟର୍ ହେଇଯିବା ପରେ ପୋଷ୍ଟମାଷ୍ଟର-ଜେନେରାଲ୍‌ଙ୍କୁ ଧରି ତାଙ୍କ ପାଖରୁ ସେମାନଙ୍କର rejected telegraph postଗୁଡ଼ିକ ଭିତରୁ ଭଲ ଭଲ post ବାଛି ଅଣା ହେଲା ଏବଂ ସେଗୁଡ଼ିକୁ ଆଶ୍ରମର ବୈଦ୍ୟୁତିକ pillar ହିସାବରେ ବ୍ୟବହାର କରା ହେଲା ।

ସେ ସମୟରେ ସହରରୁ ଅନେକଲୋକ ବୈଦ୍ୟୁତିକ ଆଲୋକମାଳାରେ ଶୋଭିତ-ପଦ୍ମାତୀର ଏବଂ ଜଙ୍ଗଲ ଭିତରେ ପର୍ଣ୍ଣକୁଟୀରରେ ବୈଦ୍ୟୁତିକ ଆଲୋକର କିପରି ଶୋଭା ହୁଏ ତାହା ଦେଖିବାକୁ ଆସୁଥିଲେ ।

ଏଇସବୁ ଘଟଣା ଏତେ ବିସ୍ତୃତଭାବରେ ଲେଖୁଚି ଏଇକଥା କହିବାପାଇଁ ଯେ ତାଙ୍କ କାର୍ଯ୍ୟରେ ଯଦି କେହି ଆପ୍ରାଣ ହୋଇ ଲାଗେ ତେବେ ସେ ଅସମ୍ଭବକୁ ସମ୍ଭବ କରି

ତୋଳିପାରେ । ତା'ର ବୁଦ୍ଧିର ଯୋଗାଣ ସେ ଯୋଗେଇ ଦିଅନ୍ତି, କେବଳ ନିମିତ୍ତମାତ୍ର ହେବା ଦରକାର । ଏହିପରି ହୋଇପାରିଲେ ବା 'ସେ ଯନ୍ତ୍ରୀ ଆଉ ମୁଁ ଯନ୍ତ୍ର' ଏଇ ବୁଦ୍ଧି ଆସିଲେ କୌଣସି ଅବସ୍ଥାରେ ମଧ୍ୟ ପଶ୍ଚାଦ୍‌ପଦ ହେବାକୁ ପଡ଼େ ନାହିଁ, ସାଫଲ୍ୟ ତା'ର ସହଚର ହୋଇଯାଏ ।

ଏଠାରେ ତା'ର ଆଉ ଗୋଟିଏ ଦୁଇଟି ଦୃଷ୍ଟାନ୍ତ ମୋ' ନିଜର ଅଭିଜ୍ଞତାରୁ ଦେଉଛି ଏଇଥିପାଇଁ ଯେ, ତାଦ୍ୱାରା ଶ୍ରୀଶ୍ରୀଠାକୁରଙ୍କର କର୍ମୀ ଓ ଭକ୍ତ-ସେବକ ଯେଉଁମାନେ ସେମାନେ ଆଶା ପାଇବେ, ଭରସା ପାଇବେ ତାଙ୍କ କାର୍ଯ୍ୟରେ ଝାମ୍ପି ପଡ଼ିବାପାଇଁ । ମୁଁ ତାଙ୍କର ସେବକ ନାମରେ ପରିଚିତ ହେବାର ସ୍ପର୍ଦ୍ଧା ରଖୁନାହିଁ କିମ୍ବା ଭକ୍ତି କାହାକୁ କହନ୍ତି ତାହା ମଧ୍ୟ ଜାଣିନାହିଁ । ଯେଉଁ କ୍ଷୀଣତମ ଆକର୍ଷଣ ତାଙ୍କ ପ୍ରତି ମୋର ଅଛି ତା'ର ସହାୟତାରେ ମୁଁ ଯାହା କରିପାରିଛି ସେଥିରେ ମୋର ମନେ ହୁଏ ଯେଉଁମାନେ ପ୍ରକୃତ ସେବକ ବା ଭକ୍ତ ସେମାନଙ୍କ ପାଖରେ ଅସମ୍ଭବ ବୋଲି କିଛି ହିଁ ରହିପାରେ ନାହିଁ । ଏଇ ଯେଉଁ ସାମାନ୍ୟ ଗୋଟିଏ ଅଧେ କାମ ଯାହା କରିବାର ଯୋଗ୍ୟ ନ ହୋଇ ମଧ୍ୟ ତାଙ୍କପାଇଁ କରିପାରିଛି, ସେଇ ଅଭିଜ୍ଞତାରୁ ମୁଁ ଏକଥା କହୁଛି ।

ଥରେ ଆଶ୍ରମର ଉତ୍ସବରେ ଶ୍ରୀଶ୍ରୀଠାକୁର କହିଲେ— ଥିଏଟର୍ ଷ୍ଟେଜ୍, ପ୍ୟାଣ୍ଡେଲ୍ ପ୍ରଭୃତି, ଆଇରନ୍-ଜୟେଷ୍ଟ୍, ଆଙ୍ଗେଲ୍ ଇତ୍ୟାଦି ଦେଇ structure ଠିଆ କରି କରଗେଟ୍‌ର ଟିଣ ଦେଇ ତାକୁ ଛାଇବାକୁ ହେବ । ସେତେବେଳେ, ଉତ୍ସବର ପ୍ରାୟ ମାସକ ଆଗରୁ ଯେଉଁସବୁ ବିଶିଷ୍ଟ ବ୍ୟକ୍ତି ଆସିବେ ଏବଂ ଯାହା ଯାହା ଆମୋଦ-ପ୍ରମୋଦ ହେବ ସେସବୁ ଲେଖି ପ୍ରୋଗ୍ରାମ୍ ଛପା ହେଉଥିଲା । ନିମନ୍ତ୍ରଣପତ୍ର ଛପା ହେବା ପରେ ଶ୍ରୀଶ୍ରୀଠାକୁର ଏଇ ପ୍ରସ୍ତାବ କଲେ । ଶ୍ରୀଶ୍ରୀଠାକୁରଙ୍କର ଯେମିତି କଥା ସେମିତି କାମ । ଶ୍ରୀଶ୍ରୀଠାକୁର କର୍ମୀମାନଙ୍କୁ ନେଇ ଲାଗିଗଲେ ବିରାଟ୍ ବିରାଟ୍ ବାଉଁଶବଣ ଉପାଡ଼ି ପକେଇବାରେ । ମୋତେ କହିଲେ ଟଙ୍କା ଯୋଗାଡ଼ କରି କଲିକତାରୁ ଆଇରନ୍-ଜୟେଷ୍ଟ୍, ଆଙ୍ଗେଲ୍ ଓ କର୍‌ଗେଟ୍‌ର ଟିଣ ଓ ଅନ୍ୟାନ୍ୟ ଯାବତୀୟ ମାଲ୍ ଆଣିବାପାଇଁ । କଲିକତା ଓ ଆଶ୍ରମରୁ ୫୦୦ ଟଙ୍କା ଯୋଗାଡ଼ ହେଲା । ସେଇ ଟଙ୍କା ନେଇ ଖଲିଲ-ଭାଇଙ୍କୁ କହିଲି— ଏଇ ୫୦୦ ଟଙ୍କା ଆପଣଙ୍କୁ ଦଉଚି ଆଉ ଯାହା ମାଲ୍ ଦରକାର ତା'ର ଚିଠି ଦଉଚି । ଆପଣଙ୍କର ତ ବହୁ ବ୍ୟବସାୟୀଙ୍କ ସହ ଜଣାଶୁଣା ଅଛି, ଆପଣ ଏଇ ଟଙ୍କା ଅଗ୍ରିମ ଦେଇ ଏଇ ଜିନିଷସବୁ ବ୍ୟବସ୍ଥା କରି ପଠେଇଦେଇ ପାରିବେ କି?

ଖଲିଲ ଭାଇ— ହଁ, ନିଶ୍ଚୟ ପାରିବି ।

ମୁଁ ତାଙ୍କ କଥାରେ ଆଶ୍ୱସ୍ତ ହୋଇ କଲିକତାରୁ ଆଶ୍ରମ ଫେରିଆସି ଶ୍ରୀଶ୍ରୀଠାକୁରଙ୍କୁ ସବୁକଥା ନିବେଦନ କଲି ।

ସାତଦିନ ଚାଲିଗଲା, ମାଲପତ୍ର କିଛି ଆସି ପହଞ୍ଚିଲାନି । ସେତେବେଳେ ବ୍ୟତିବ୍ୟସ୍ତ ହୋଇ ପୁଣି କଲିକତା ଦଉଡ଼ିଲି । ଖଲିଲଭାଇ ଦୁଃଖ ପ୍ରକାଶ କରି କହିଲେ— ଯେଉଁ

Scanned with CamScanner

ଦୋକାନରେ ମାଲ୍ ପଠାଇବାପାଇଁ ୫୦୦ଟଙ୍କା ଜମା ଦେଇଥିଲି ସେମାନେ ପ୍ରଥମେ ରାଜୀ ହୋଇ ବର୍ତ୍ତମାନ ଅସ୍ୱୀକାର କରୁଛନ୍ତି।

ମୁଁ— ଖଲିଲଭାଇ! ସେମାନେ ତ ଅସ୍ୱୀକାର କଲେ, କିନ୍ତୁ ଅବସ୍ଥାଟା କ'ଣ ହେଲା ବୁଝିପାରୁଛନ୍ତି ତ!

ଖଲିଲ ଭାଇ— ଅଚ୍ଛା, ଆଜି ମୋର ଇନ୍‌କମ୍‌ଟ୍ୟାକ୍ସ ଅଫିସର୍‌ଙ୍କୁ ସାଙ୍ଗରେ ନେଇ ତା' ଦୋକାନକୁ ଯିବି। ଆପଣ ବାହାରେ ଥିବେ, ଆମେ ଭିତରେ ଯାଇ କଥାବାର୍ତ୍ତା କରିବୁ।

ମୁଁ ବାହାରେ ଠିଆହୋଇ ରହିଛି। ସେମାନେ ଭିତରକୁ ଯାଇ ଦୋକାନରେ ମାଲିକଙ୍କୁ ସବୁକଥା କହିଲେ। ସେତେବେଳେ ଦୋକାନର ମାଲିକ ଅଫିସର୍‌ଙ୍କୁ କହିଲେ— ଦେଖନ୍ତୁ ଏଇ ପାର୍ଟିଙ୍କୁ ଆମେ ଚିହ୍ନିନୁ। ୫୦୦ଟଙ୍କା ନେଇ ୧୦ ହଜାର ଟଙ୍କାର ମାଲ୍ କ'ଣ ବାକିରେ ଦିଆଯାଇପାରେ? ଆପଣ କ'ଣ ଏହାର ଗ୍ୟାରେଣ୍ଟି ହେବେ? ସେ ଦୁଇଜଣଯାକ ମୁହଁ ଆମ୍ବିଳା କରି ପଦାକୁ ଆସିଲେ।

ଖଲିଲଭାଇ ଆସି କହିଲେ— ନା, କିଛି କରିପାରିଲୁ ନାହିଁ।

ମୁଁ— ଖଲିଲଭାଇ, ଆପଣ ତ 'ନା' କହି ପାର ପାଇଗଲେ କିନ୍ତୁ ମୁଁ କ'ଣ କରିବି? ମୋତେ ଯେ ଦିନେ-ଦୁଇଦିନ ଭିତରେ ମାଲ୍ ପଠେଇବାକୁ ପଡ଼ିବ। ଏହା କହି ରାସ୍ତାରେ ଠିଆ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରି ତାଙ୍କର ନାମ କରିବାକୁ ଲାଗିଲି। ଭାବିଲି ହଟିଗଲେ ଚଳିବନି। ଏଇ ଦୋକାନରୁ ହିଁ ମତେ ମାଲ୍ ନେବାକୁ ପଡ଼ିବ। ଗୋଟାଏ grim determination ନେଲି। ଖୁବ୍ ନାମ କରୁଚି। ଆଉ ତା'ଛଡ଼ା ସମୟ ବି ନାହିଁ। ଅନ୍ୟ ଦୋକାନକୁ ଗଲେ ସେମାନେ ସମସ୍ତେ ସେଇ ଏକା କଥା ହିଁ କହିବେ, ତେଣୁ ଖାଲିଟାରେ ଏ ଦୋକାନ-ସେଦୋକାନ ହେବା ବୃଥା।

ଏହା ସ୍ଥିର କରି ଦର୍ମାହାଟାର ସେଇ ଦୋକାନର ମାଲିକ, ଭବତୋଷ ଘଟକଙ୍କ ସାଥିରେ ଦେଖା କରିବାପାଇଁ ଭିତରେ ପଶିଲି। ଭବତୋଷ ବାବୁଙ୍କ ପାଖରେ ମୋର ପରିଚୟ ଦେଲି ଯେ ମୁଁ ସତ୍‌ସଙ୍ଗରୁ ଆସିଛି।

ଭବତୋଷ ବାବୁ— ଏଇ ଯେ କିଛି ସମୟ ଆଗରୁ ଆପଣଙ୍କର ଲୋକ ତ ଚ୍ୟଲିଗଲେ। କାଇଁ, ଟଙ୍କା ଆଣିଛନ୍ତି କି?

ମୁଁ— ଟଙ୍କା ତ ପାଇବେ। ବ୍ୟବସାୟ କ୍ଷେତ୍ରରେ ଟଙ୍କାଟା କ'ଣ ବଡ଼? ନା, ମଣିଷ ବା ମଣିଷର ବ୍ୟବହାରଟା ହିଁ ବଡ଼? କହିପାରିବେ କି?

ଭବତୋଷ ବାବୁ— ଏ କଥା ପଚ୍ୟରିବାର ମାନେ କ'ଣ?

ମୁଁ— ଆପଣଙ୍କୁ ଏଇ କଥା ପଚ୍ୟରୁଚି ଏଇ ଉଦ୍ଦେଶ୍ୟରେ ଯେ ଆପଣ ଆଜି ବ୍ୟବସାୟ କରି ଦୁଇ-ଚ୍ୟରି ଲକ୍ଷ ଟଙ୍କାର ମାଲିକ ହୋଇଛନ୍ତି। ଆପଣ ବି ଭଦ୍ରସନ୍ତାନ, ମୁଁ

ବି ଭଦ୍ରସନ୍ତାନ। ଏହାକହି ପଚ୍ୟରିଲି— ମୋତେ ଦେଖି କ'ଣ ଆପଣଙ୍କର ଭଦ୍ରସନ୍ତାନ ବୋଲି ମନେ ହୁଏ ନାହିଁ ?

ଭବତୋଷବାବୁ— ଏକଥା କାହିଁକି କହୁଛନ୍ତି ?

ମୁଁ— ଅଚ୍ଛା ! ମୁଁ ଯେ ଭଦ୍ରସନ୍ତାନ ଏ କଥା ଆପଣ ମାନିନେଲେ। ଦେଖନ୍ତୁ! ମୋର ବୁଦ୍ଧି ଅଛି, କଠିନ ପରିଶ୍ରମ ମୁଁ ବି କରିପାରିବି, ମଣିଷ ସାଥିରେ ବ୍ୟବହାର କିପରି କରିବାକୁ ହୁଏ, ତାହା ବି ଜାଣେ। ସାହସ ମୋର ଅଛି। ଏଇସବୁ ନେଇ ମୁଁ ଯଦି ବ୍ୟବସାୟ କରିଥାନ୍ତି, ତେବେ ଆପଣଙ୍କ ପରି ଦୁଇ-ଚ୍ୟରି ଲକ୍ଷ ଟଙ୍କା ରୋଜଗାର କରିବା କ'ଣ ମୋ' ପକ୍ଷେ କଷ୍ଟକର ହୋଇଥାନ୍ତା— ଯଦି ଟଙ୍କାଟା ହିଁ ମୋର ଲକ୍ଷ୍ୟ ହୋଇଥାନ୍ତା? ମୋର ଦୋଷ ହେଲା ଏଇ ଯେ ମୁଁ ନିଜର ସ୍ୱାର୍ଥପାଇଁ ଟଙ୍କା ରୋଜଗାର ନ କରି ଦେଶ-ଦଶର ଯାହାଦ୍ୱାରା କଲ୍ୟାଣ ହେବ ସେଥିରେ ଆତ୍ମନିୟୋଗ କରିଛି। ଆଉ, ଆପଣ କ'ଣ କରିଛନ୍ତି? ଆପଣ ଆପଣଙ୍କର energy ନିଜ ସ୍ୱାର୍ଥପାଇଁ ବ୍ୟୟ କରି ଟଙ୍କା ଉପାର୍ଜନ କରିଛନ୍ତି। ଆପଣଙ୍କର ସେ ଟଙ୍କା ଦେଶ-ଦଶର ଉପକାରପାଇଁ ଯଦି ଦାନ କରନ୍ତି, ତେବେ ହିଁ ତା'ର ସାର୍ଥକତା। ଏବେ ଆପଣ ଦେଶକାମରେ ଟଙ୍କା ଦିଅନ୍ତୁ, ଆଉ ନହେଲେ ଆପଣ ଓହ୍ଲେଇ ଆସନ୍ତୁ— ମୋ' ସାଥିରେ କାନ୍ଧରେ କାନ୍ଧ ମିଳେଇ କାମ କରନ୍ତୁ। ରାଜୀ ଅଛନ୍ତି କି ?

ମୋର ଏଇପ୍ରକାର ତେଜୋଦ୍ଦୀପ୍ତ କଥା ଶୁଣି ସେ ଟିକିଏ ଘାବରେଇ ଗଲେ ଓ କର୍ମଚ୍ୟରୀମାନଙ୍କୁ ଡାକି କହିଲେ— ହେଇ ଦେଖ! ଏ ଭଦ୍ରଲୋକ କ'ଣ କହୁଛନ୍ତି। ଭଲ କଥା ହିଁ ତ କହୁଛନ୍ତି।

ମୁଁ— ଆପଣଙ୍କ ସାଥିରେ କଥା କଟାକଟି ତ ଢେର ହେଲା। ଅସଲ କାମ କ'ଣ ହେଲା?

ସେତେବେଳେ ମଧ୍ୟାହ୍ନ ୧୨ଟା। ଘଣ୍ଟାକୁ ଚ୍ୟହିଁ ଭବତୋଷ ବାବୁ କହିଲେ— ବର୍ତ୍ତମାନ ୧୨ଟା, ଗୋଟାଏ ଭିତରେ ମୋତେ ଆଉ ୫୦୦ ଟଙ୍କା ଆଣିଦିଅନ୍ତୁ, ତା'ପରେ ଦେଖିବି। ଏହା କହି ସେ ଉଠିପଡ଼ିଲେ। ମୁଁ ବି ଚ୍ୟଲିଆସିଲି। କିନ୍ତୁ ମନେ ମନେ ପ୍ରମାଦ ଗଣିଲି। କାହା ପାଖକୁ ଯିବି, କିଏ ବା ଚ୍ୟହିଁବା ମାତ୍ରେ ମୋତେ ୫୦୦ ଟଙ୍କା ଦେବ? ମୁଁ ହିସାବ କରି ଦେଖିଲି ଏଇ ଘଣ୍ଟାକ ମଧ୍ୟରେ ଅଫିସ୍-କ୍ୱାର୍ଟରସ୍‌କୁ ଯାଇ ଫେରିପାରିବି। ଯେମିତି ଏଇ କଥା ମନେ ହେଇଚି ସେମିତି ଡାଲହାଉସି ଯାଉଥିବା ଟ୍ରାମ୍‌ରେ ଚଢ଼ି ବସିଲି। ଡାଲହାଉସି ସ୍କୋୟାରରେ ଓହ୍ଲେଇ ମ୍ୟାନୁଫେକ୍ଚରର୍ସ୍ ଲାଇଫ୍ ଇନ୍‌ସିଓରେନ୍‌ସ୍ କମ୍ପାନୀରେ, ଯେଉଁଠି ପ୍ରାଣକୃଷ୍ଣ ମଲ୍ଲିକ କାମ କରୁଥିଲେ, ସେଠିକି ଗଲି। ଖୁବ୍ ଉତ୍ତେଜିତ କଣ୍ଠରେ ତାଙ୍କୁ କହିଲି— ମୋତେ ବର୍ତ୍ତମାନ ୫୦୦ ଟଙ୍କା ଦିଅନ୍ତୁ। କାହିଁକି, ତା'ର ଉତ୍ତର ଦବାର ସମୟ ମୋର ନାହିଁ।

ପ୍ରାଣକୃଷ୍ଣଦା— ଟଙ୍କା ଏଇକ୍ଷଣି ମୁଁ କୋଉଠୁ ପାଇବି? ଅଫିସ୍‌କୁ କ'ଣ କିଏ ଟଙ୍କା ଆଣିକି ଆସେ?

ମୁଁ— ଉଠନ୍ତୁ। ଆସନ୍ତୁ। କୋଉଠୁ ଟଙ୍କା ପାଇବେ ମୁଁ ଦେଖେଇ ଦଉଚି!

ମୋ' କଥା ଶୁଣି ସେ ହତଭମ୍ବ ହୋଇ ଉଠି ଠିଆହେଲେ। ତାଙ୍କ ପାଖ କୋଠରିରେ ତାଙ୍କର ବଡ଼ସାହେବ କାମ କରନ୍ତି। ତାଙ୍କୁ ଏକ ଧକ୍କା ମାରି springବାଲା ଦରଜା ଭିତରେ ପୂରେଇଦେଲି। ସାହେବ ଆଚମ୍ବିତ ହୋଇ ତାଙ୍କୁ ଦେଖି ପଚ୍ଚରିଲେ— Mr. Mallick, what do you want? ସେତେବେଳେ ମୁଁ ମନେ ମନେ ଶ୍ରୀଶ୍ରୀଠାକୁରଙ୍କୁ ଡାକୁଚି ଆଉ କହୁଚି— ହେ ଠାକୁର! ମଲ୍ଲିକଦା ଯେପରି ଟଙ୍କାଟା ସାହେବଙ୍କ ପାଖରୁ ଚ୍ଚହେଁ, ମୋ' ପ୍ରାଣର ଡାକ ଶ୍ରୀଶ୍ରୀଠାକୁର ଯେପରି ଶୁଣିଲେ— ମନ୍ତ୍ରମୁଗ୍ଧ ପ୍ରାଣକୃଷ୍ଣଦା ସାହେବଙ୍କୁ କହିପକେଇଲେ— ମୋର ୫୦୦ ଟଙ୍କା ଦରକାର। ସାହେବ ଶୁଣିବା ମାତ୍ରେ ଡ୍ରୟାର୍ ଖୋଲି ୧୦୦ ଟଙ୍କାର ୫ଟି ନୋଟ୍ ବାହାର କରି ତାଙ୍କ ହାତକୁ ବଢ଼ାଇଦେଲେ। ସେଇ ଟଙ୍କା ନେଇ ପ୍ରାଣକୃଷ୍ଣଦା ଆସିବା ମାତ୍ରେ ଝାମ୍ପ ମାରି ତାଙ୍କ ହାତରୁ ୫୦୦ ଟଙ୍କା ନେଇ ଟ୍ରାମ୍ ପାଖକୁ ଧାଇଁଲି। ତାଙ୍କୁ କହିଲି— ପରେ ସବୁ କହିବି।

ଭବତୋଷ ବାବୁଙ୍କ ଦୋକାନରେ ଯେତେବେଳେ ପହଞ୍ଚିଲି ସେତେବେଳେ ଗୋଟାଏ ବାଜିବାକୁ ଆଉ ୫ ମିନିଟ୍ ମାତ୍ର ବାକୀ। ସେ ଗୋଟାଏ ବାଜିଲେ ଗାଡ଼ିରେ ବସି ଘରକୁ ଯିବେ, ସେଥିପାଇଁ ପ୍ରସ୍ତୁତ ହୋଇବସିଛନ୍ତି। ତାଙ୍କ ହାତରେ ଯାଇ ୫୦୦ ଟଙ୍କା ଦେଇ କହିଲି— ଏଇ ନିଅନ୍ତୁ ଆପଣଙ୍କର ଟଙ୍କା।

ଭବତୋଷ ବାବୁ ମୋ' ପିଠିରେ ଗୋଟାଏ ଥାପଡ଼ ମାରି କହିଲେ— ହାଁ! ଆପଣ ସବୁ ପାରିବେ। ଆଜି ହିଁ ଆପଣଙ୍କର ମାଲ୍ ଯିବ। ଆଜି ସବୁ ଯାଇ ନ ପାରିଲେ କାଲି ଭିତରେ ଚ୍ଚଲିଯିବ।

ଏଇ ଯେଉଁ ଘଟଣା ଘଟିଲା ଏହାର କୃତିତ୍ୱ ଏତେ ଟିକିଏ ବି ମୋର ନୁହଁ। ସେ ହିଁ ମୋ' ମୁହଁରେ କଥା ଯୋଗେଇ, ବୁଦ୍ଧି ଯୋଗେଇ ତାଙ୍କର ଶରଣାଗତକୁ ସାହାଯ୍ୟ କରିଛନ୍ତି।

ଏହିପରି ଘଟଣା ତାଙ୍କର କାମ କରିବାକୁ ଯାଇ ଜୀବନରେ ବହୁବାର ଘଟିଛି। ବହୁ ବିପଦରେ, ଜୀବନ-ସଂଶୟରେ, ତାଙ୍କର ଅଦୃଶ୍ୟ ହସ୍ତ ମୋତେ ବହୁବାର ରକ୍ଷା କରିଛି। ସେସବୁ ଘଟଣା ଏଠାରେ ଆଉ ଉଲ୍ଲେଖ କରିବାକୁ ଚ୍ଚହୁଁ ନାହିଁ। ବର୍ତ୍ତମାନ ତପୋବନ କଥାକୁ ଫେରିଆସୁଛି।

❑❑❑

ତପୋବନ

ତପୋବନର ଅର୍ଥ ସଂଗ୍ରହପାଇଁ ପିଲାମାନଙ୍କୁ ବାକ୍ସ ଦିଆ ହେଉଥିଲା। ସେମାନେ ଏବଂ ମାଷ୍ଟରମାନେ ଷ୍ଟିମରଘାଟକୁ ଯାଇ ଯାତ୍ରୀମାନଙ୍କ ପାଖରୁ ଅର୍ଥ ସଂଗ୍ରହ କରୁଥିଲେ। ଅତି କଷ୍ଟ ଭିତରେ ହିଁ ତପୋବନର ଶୈଶବ କଟିଛି— କିନ୍ତୁ ଛାତ୍ର ଓ ଶିକ୍ଷକମାନେ ସମସ୍ତେ ପ୍ରାଣର ଦରଦ ଦେଇ ତପୋବନକୁ ଭଲପାଉଥିଲେ ଏବଂ କିପରି ଏହା ଭଲଭାବେ ଠିଆହୋଇପାରିବ ସେଥିପାଇଁ ସେମାନଙ୍କର ଆପ୍ରାଣ ଚେଷ୍ଟା ଥିଲା।

ତପୋବନର ପ୍ରଥମ ଶିକ୍ଷକ ହରିଭୂଷଣ ଦାସ ମହାନ୍ତ। ତା'ପରେ ଆସିଲେ ଶ୍ରୀଚରଣ ବସାକ, ରାଜୁଗୋପାଳ ଗାଙ୍ଗୁଲୀ, ସୁଖମୟ ସେନ୍, ବଙ୍କିମଚନ୍ଦ୍ର ରାୟ, ବ୍ରଜଗୋପଳ ଦତ୍ତରାୟ, ବିମଳ ମୁଖାର୍ଜୀ ଇତ୍ୟାଦି। ଶ୍ରୀଚରଣ ବସାକ ଥିଲେ ହେଡ୍‌ମାଷ୍ଟର୍। ସେ ଚ୍ଚଲିଯିବା ପରେ ବିହାରର ହାଜୀପୁର ସ୍କୁଲର ହେଡ୍‌ମାଷ୍ଟର୍ ଶ୍ରୀଭୂଷଣଚନ୍ଦ୍ର ନାଥ, ବି.ଏ., ବିଟି. ତପୋବନର ହେଡ୍‌ମାଷ୍ଟର୍ ହୋଇ ଆସିଲେ। ସେଠାରେ ସେ ସେତେବେଳେ ୨୦୦ ଟଙ୍କା ମାସିକ ବେତନ ପାଉଥିଲେ। ମୁଁ ହାଜୀପୁର ଯାଇ ତାଙ୍କୁ ତପୋବନର ଦାୟିତ୍ୱ ନେବା କଥା କହିଲି ଏବଂ ତା' ସହିତ କହିଲି ଯେ— ଆପଣ ଏଠାରେ ସ୍ୱଚ୍ଛନ୍ଦରେ ଅଛନ୍ତି କିନ୍ତୁ ସେଠିକି ଗଲେ ଆପଣଙ୍କୁ କଷ୍ଟ କରି ରହିବାକୁ ପଡ଼ିବ। ଏଠି ଆପଣ ୨୦୦ ଟଙ୍କା ପାଉଛନ୍ତି କିନ୍ତୁ ଆମର ସେଠି ମାତ୍ର ୨୦ ଟଙ୍କାରୁ ବେଶୀ ଦେଇପାରିବୁ ନାହିଁ। ସେଥିରେ ହିଁ ସେ ସାନନ୍ଦେ ସମ୍ମତ ହୋଇ ସ୍କୁଲରୁ ଲମ୍ବା ଛୁଟି ନେଇ ମୋ' ସହ ଆଶ୍ରମ ଆସିଲେ।

ଅବଶେଷରେ ହାଜୀପୁର ସ୍କୁଲ୍‌ର କର୍ମକର୍ତ୍ତାମାନେ ଯେତେବେଳେ ଜାଣିପାରିଲେ ଯେ ସେମାନଙ୍କ ସ୍କୁଲ୍‌ର ହେଡ୍‌ମାଷ୍ଟର୍ ଆଉ ସେମାନଙ୍କ ସ୍କୁଲ୍‌କୁ ଫେରିଆସିବେ ନାହିଁ ସେତେବେଳେ ସେମାନେ ଗୋଟାଏ ଡେପୁଟେସନ୍ ସ୍କୁଲ୍ ତରଫରୁ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ପଠାଇଲେ। ସେଥିରେ ସେମାନେ ଜଣାଇଲେ ଭୂଷଣବାବୁଙ୍କୁ ଆମେ ଚ୍ଚହୁଁ। ତାଙ୍କୁ ଆମେ ଆଉ ୧୦୦ ଟଙ୍କା ବେଶୀ ଦେବୁ। ସେଇ ବେଶୀ ଅର୍ଥ ଦେଇ ସେ ଆଶ୍ରମକୁ ସାହାଯ୍ୟ କରିପାରିବେ। ସେମାନେ ଆହୁରି

ଶ୍ରୀଶ୍ରୀଠାକୁରଙ୍କ ପାଖରେ ଆବେଦନ କଲେ, ତପୋବନ ଯେପରି ଆପଣଙ୍କର ସ୍କୁଲ୍, ହାଜୀପୁର ସ୍କୁଲ୍‌ଟା ବି ସେହିପରି ଆପଣଙ୍କର ସ୍କୁଲ୍ ବୋଲି ମନେ କରନ୍ତୁ।

ଶ୍ରୀଶ୍ରୀଠାକୁର ସେମାନଙ୍କୁ ଜଣାଇଲେ— ଆପଣମାନେ ଭୂଷଣଦାଙ୍କ ପାଖକୁ ଯା'ନ୍ତୁ, ସେ ଯଦି ଯିବାକୁ ଚାହାନ୍ତି, ତା'ହେଲେ ମୋର କୌଣସି ଆପତ୍ତି ନାହିଁ। ଭୂଷଣଦା ସେମାନଙ୍କୁ ହାତ ଯୋଡ଼ି କହିଲେ—ଦେଖନ୍ତୁ, ଟଙ୍କାର ଆକାଙ୍କ୍ଷା ମୋର ନାହିଁ, ଏଠାକୁ ଆସିଛି ଶ୍ରୀଶ୍ରୀଠାକୁରଙ୍କ ଚରଣତଳେ ରହି ତାଙ୍କର କିଞ୍ଚିତ୍ ସେବା କରିବି ବୋଲି। ମୋର ଏଠାରୁ ଯିବାପାଇଁ ମୋଟେ ଇଚ୍ଛା ନାହିଁ, ଆପଣମାନେ ମୋତେ କ୍ଷମା କରିବେ। ସେମାନେ ଦୁଃଖିତ ଅନ୍ତରରେ ଫେରି ଚାଲିଗଲେ।

ଭୂଷଣଦା ହାଜୀପୁରର ଅତ୍ୟନ୍ତ ଜନପ୍ରିୟ ହେଡ୍‌ମାଷ୍ଟର୍ ଥିଲେ। ବର୍ତ୍ତମାନ ବିହାର-ମନ୍ତ୍ରିସଭାରେ ତାଙ୍କର ଛାତ୍ର ମନ୍ତ୍ରୀପଦରେ ଅଛନ୍ତି। ଭୂଷଣଦାଙ୍କ କଥା ଏଠାରେ ଉଲ୍ଲେଖ କଲି— କିପରି ସ୍ୱାର୍ଥ ତ୍ୟାଗ କରି ଶ୍ରୀଶ୍ରୀଠାକୁରଙ୍କ ସେବାର ଉଦ୍ଦେଶ୍ୟ ନେଇ ସେ ତପୋବନ-କାର୍ଯ୍ୟରେ ଯୋଗଦାନ କରିଥିଲେ— ତାହା ସମସ୍ତଙ୍କ ପାଖରେ ତୋଳିଧରିବାପାଇଁ। ସେତେବେଳେ ଯେଉଁସବୁ ଶିକ୍ଷକ ଆସିଥିଲେ ସେମାନେ ଠିକ୍ ଏଇଭାବ ନେଇ ହିଁ ତପୋବନ କାର୍ଯ୍ୟରେ ଯୋଗଦାନ କରିଥିଲେ। ସେମାନେ ପିଲାମାନଙ୍କ ପ୍ରତି ଦରଦଭରା ଭଲପାଇବା ନେଇ ଯେଉଁ ଶିକ୍ଷା ଦେଉଥିଲେ ତା'ଫଳରେ ପିଲାମାନେ ମଧ୍ୟ ସବୁ ବିଷୟରେ କେତେ ଉନ୍ନତ ହୋଇଥିଲେ ତାହା ତଦାନୀନ୍ତନ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ମନ୍ମଥନାଥ ମୁଖାର୍ଜିଙ୍କର ଏଇ ଉକ୍ତିରୁ ବୁଝାଯିବ—

"ସୁଦୂର ପାବନା ଜିଲ୍ଲାରେ ସତ୍‌ସଙ୍ଗ ପ୍ରତିଷ୍ଠାନରେ ଯେଉଁ ଶିକ୍ଷା ଅନୁଷ୍ଠାନ ହୋଇଛି, ଅନେକଦିନ ଧରି ମୁଁ ଯେଉଁ ସ୍ୱପ୍ନ ଦେଖୁଛି, ଏଇ ପ୍ରତିଷ୍ଠାନ ମଧ୍ୟଦେଇ ସେଇ ସ୍ୱପ୍ନ ମୂର୍ତ୍ତ ହୋଇଉଠିଛି। ଏହା ପ୍ରତି ଲକ୍ଷ୍ୟ ରଖି ଜୋର୍ କରି କହୁଛି ଯେ ଏହିପରି ଶିକ୍ଷାନୁଷ୍ଠାନ ବଙ୍ଗଳାର ଘରେ ଘରେ କରଣୀୟ। ଯେତେଦିନଯାଏ ବଙ୍ଗଳାର ଜିଲ୍ଲା-ଜିଲ୍ଲାରେ, ଗାଁ-ଗାଁରେ ଏହିପରି ପ୍ରତିଷ୍ଠାନ ଗଢ଼ି ନ ଉଠିବ, ଯେତେଦିନଯାଏ ଘରେ ଘରେ ଲୋକ ନ ବୁଝିବେ ଯେ ପିଲାମାନଙ୍କୁ ଏହିପରି ଶିକ୍ଷା ନ ଦେଲେ ଯଥାର୍ଥ ଶିକ୍ଷା ହେବ ନାହିଁ, ସେତେଦିନ ଯାଏ ଆମ ଦେଶର ଶୁଭଦିନ ଉପସ୍ଥିତ ହେବାର ବିନ୍ଦୁମାତ୍ର ଆଶାଭରସା ନାହିଁ।"

ପ୍ରଥମେ ତପୋବନକୁ ଯେଉଁସବୁ ଶିକ୍ଷକ ଆସିଥିଲେ ସେମାନେ ସମସ୍ତେ ସ୍କୁଲ୍‌ରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ମାଟ୍ରିକୁଲେଶନ୍ ପାସ୍ କରିଥିଲେ। ତେଣୁ ଶ୍ରୀଶ୍ରୀଠାକୁର ଯେତେବେଳେ ସେମାନଙ୍କୁ କହିଲେ ଯେ— ଦୀର୍ଘ ୧୦ ବର୍ଷ ସମୟ ନଷ୍ଟ ନ କରି, ୧୦ ବର୍ଷର ପାଠ୍ୟ ୩ ବର୍ଷ ଭିତରେ ଶେଷ କରିବାକୁ ହେବ— ଶିକ୍ଷକମାନେ କହିଲେ—ଏହା କୌଣସିପ୍ରକାରେ ସମ୍ଭବ ନୁହେଁ।

ସେତେବେଳେ ଶ୍ରୀଶ୍ରୀଠାକୁର ପାଠ୍ୟକ୍ରମ ଠିକ୍ କରିଦେଲେ ଏବଂ ପିଲାମାନଙ୍କୁ କିପରି ପଢ଼ାଇବାକୁ ହେବ ତାହା ଶିକ୍ଷକମାନଙ୍କ ସାମନାରେ ପିଲାମାନଙ୍କୁ ପଢ଼ାଇ ଦେଖେଇଦେଲେ। ଆହୁରି ମଧ୍ୟ କହିଲେ ଯେ ପିଲାମାନଙ୍କର ଭଲପାଇବା ଓ ଶ୍ରଦ୍ଧା ଆକର୍ଷଣ କରିପାରିଲେ ହିଁ ପିଲାମାନେ ଶିକ୍ଷକଙ୍କ କଥା ମନୋଯୋଗ ଦେଇ ଶୁଣନ୍ତି ଏବଂ ଶିକ୍ଷକଙ୍କର ଦେଇଥିବା ପଢ଼ା ପ୍ରସ୍ତୁତ କରିବାକୁ ଯତ୍ନବାନ୍ ହୁଅନ୍ତି। ତେଣୁ ଶିକ୍ଷାର ମୂଳ ସୂତ୍ର ହେଲା ଛାତ୍ରଛାତ୍ରୀମାନଙ୍କର ଭଲପାଇବା ଆକର୍ଷଣ କରିବା। ଆଉ ତାହା କରିବାପାଇଁ ହେଲେ ଶିକ୍ଷକମାନଙ୍କର ନିଜର ଇଷ୍ଟଙ୍କ ପ୍ରତି ଆକର୍ଷଣ ରହିବା ପ୍ରୟୋଜନ।

ଜଣେ ଜଣେ ଶିକ୍ଷକ ଗୋଟିଏ ଗୋଟିଏ କ୍ଲାସ୍‌ର ସମସ୍ତ ବିଷୟ ପଢ଼ାଇବେ, ଶ୍ରୀଶ୍ରୀଠାକୁର ଏହିପରି ବ୍ୟବସ୍ଥା କଲେ। ଶିକ୍ଷକମାନେ ଯାହାଦ୍ୱାରା ସମସ୍ତ ବିଷୟ ପଢ଼ାଇପାରିବେ ସେଥିପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଚେଷ୍ଟା କରୁଥିଲେ। ଏହା ଫଳରେ ପ୍ରତ୍ୟେକ ଶିକ୍ଷକ ଉପଯୁକ୍ତ ହେଉଥିଲେ ସବୁ ବିଷୟରେ।

ଏଇ ଯୋଗ୍ୟତା ନେଇ ସେମାନେ ଯେତେବେଳେ ଗୋଟିଏ ଶ୍ରେଣୀର ଛାତ୍ରମାନଙ୍କୁ ସମସ୍ତ ବିଷୟ ପଢ଼ାଉଥିଲେ ସେତେବେଳେ ସେମାନଙ୍କର ଚରିତ୍ରର ମାଧୁର୍ଯ୍ୟ ସେଇସବୁ ଛାତ୍ରମାନଙ୍କୁ ବିଶେଷଭାବେ ଅନୁପ୍ରାଣିତ କରି ତୋଳୁଥିଲା, ବିଭିନ୍ନ ମାଷ୍ଟରଙ୍କର ବିଭିନ୍ନ ପ୍ରକାରର impression (ଛାପ) ଛାତ୍ରମାନଙ୍କର ମଥାରେ ପଡ଼ି ସେମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁ ନ ଥିଲା। ଏହାଦ୍ୱାରା ଛାତ୍ରର ସହଜାତ ସଂସ୍କାରଗୁଡ଼ିକ 'ସୂତ୍ରେ ମଣିଗଣା ଇବ' ସଂହତ ହୋଇଉଠୁଥିଲା। ବସ୍ତୁତଃ ଜଣକ ପାଖରେ ସବୁ ବିଷୟ ପଢ଼ିଲେ ଛାତ୍ରମାନେ ଭଲ ଧରିପାରୁଥିଲେ, ବୋଧଟା ଐକକେନ୍ଦ୍ରିକ ହେବା ହେତୁ ପଢ଼ା ଭିତରେ ଗୋଟାଏ ସୁରର ଐକ୍ୟ ବିଦ୍ୟମାନ ଥାଏ। ସେଥିରେ ଛାତ୍ରମାନେ ଢେର୍ ବେଶୀ ଉପଯୁକ୍ତ ହୁଅନ୍ତି ଏବଂ ପାଠ ମଧ୍ୟ ଭଲ ହୁଏ। ଅବଶ୍ୟ ଶିକ୍ଷକର ଆଦର୍ଶପ୍ରାଣତା ଓ ଯୋଗ୍ୟତା ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରେ।

ଶ୍ରମର ମର୍ଯ୍ୟାଦା ଶିକ୍ଷା ଦେବାପାଇଁ ଛାତ୍ରମାନଙ୍କୁ ଶିକ୍ଷକମାନଙ୍କର ସହଯୋଗିତାରେ ଉଦ୍ୟାନ ରଚନା ଏବଂ ଉଦ୍ୟାନଜାତ ଦ୍ରବ୍ୟ-ସାମଗ୍ରୀ ମୁଣ୍ଡରେ ନେଇ ହାଟ-ବଜାରରେ ବିକ୍ରୟ, ଗୃହନିର୍ମାଣ, ମଜୁରିଆର କାର୍ଯ୍ୟ ଇତ୍ୟାଦି କରିବାକୁ ପଡୁଥିଲା। ତା'ଛଡ଼ା ଆଶ୍ରମର ଯେଉଁ କର୍ମପ୍ରତିଷ୍ଠାନସମୂହ ଗଢ଼ୁଉଠିଥିଲା—ଶିଳ୍ପ-ବିଭାଗ, କାରଖାନା, ବଢ଼େଇକାମ, କେମିକାଲ୍ ୱାର୍କସ୍, ଇଂଜିନିୟରିଂ ୱାର୍କ୍ସ ଇତ୍ୟାଦିର କାର୍ଯ୍ୟଧାରା ଦେଖି ଦେଖି ପିଲାମାନଙ୍କର ଯେଉଁ ବିଭାଗ ପ୍ରତି ବିଶେଷ ଝୁଙ୍କ ଦେଖାଯାଉଥିଲା— କାର୍ଯ୍ୟକାରୀ (ବୈଷୟିକ ବା ଧନ୍ଦାମୂଳକ) ଶିକ୍ଷା ହିସାବରେ

Scanned with CamScanner

ସେମାନଙ୍କୁ ସେଇ ଦିଗରେ ଶିକ୍ଷା ଦେବାର ବ୍ୟବସ୍ଥା କଥା ମଧ୍ୟ ଶ୍ରୀଶ୍ରୀଠାକୁର କହିଥିଲେ, କିନ୍ତୁ ଠିକ୍ ଠିକ୍ ସେସବୁ କାର୍ଯ୍ୟରେ ପରିଣତ କରାଯାଇପାରିନି ।

ଆମମାନଙ୍କର ଏଇ ସମସ୍ତ ବୈଶିଷ୍ଟ୍ୟ ଓ ଶିକ୍ଷା ଦେବାର ପଦ୍ଧତି ବଜାୟ ରଖି ଯାହାଦ୍ୱାରା ଆମର ସ୍କୁଲ୍ କଲିକତା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ affiliate (ଅନ୍ତର୍ଭୁକ୍ତ) କରନ୍ତି ସେଥିପାଇଁ ଆବେଦନ କରା ହୋଇଥିଲା । କିନ୍ତୁ ସେମାନେ ମଞ୍ଜୁର କଲେ ନାହିଁ । ସେମାନେ କହିଲେ—ଦଶଟା ଶ୍ରେଣୀ ରଖିବାକୁ ପଡ଼ିବ, ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଅନୁସରଣ କରିବାକୁ ହେବ ଏବଂ ବିଶ୍ୱବିଦ୍ୟାଳୟର ଯେଉଁ ନିୟମ, ସେଇ ଅନୁଯାୟୀ ଶିକ୍ଷକମାନଙ୍କୁ ବେତନ ଦେବାକୁ ହେବ—ଅବୈତନିକ ବା ସ୍ୱେଚ୍ଛାକୃତ ସେବା ଚଳିବ ନାହିଁ ।

ଦେଶାତ୍ମବୋଧର ପ୍ରବଳ ବନ୍ୟା ସେତେବେଳେ ବହିଗ୍ଲିଛି ଅଥଚ ଶିକ୍ଷାଦାନକୁ ବ୍ରତ ବୋଲି ଗ୍ରହଣ କରିବା ବା ତା' ଫଳରେ ଦଶ ବର୍ଷର ପାଠ ତିନିବର୍ଷରେ ଶେଷ କରିବା, ଦୁଇଟି ପ୍ରସ୍ତାବ ଇଂରାଜୀ ଛାଞ୍ଚରେ ଗଢ଼ା ବିଶ୍ୱବିଦ୍ୟାଳୟ ପାଖରେ ବେସୁରା ମନେ ହେଲା । Affiliation ହେଲାନାହିଁ, ତପୋବନର ମୌଳିକ ପଦ୍ଧତି ଅନୁଯାୟୀ ତିନି ବର୍ଷରେ ପାଠ୍ୟକ୍ରମ ଶେଷ କରି ଆଶ୍ରମର ପିଲାମାନେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷାରେ ପ୍ରାଇଭେଟ୍ ଛାତ୍ର ହିସାବରେ appear କରି ଭଲଭାବେ ଉତ୍ତୀର୍ଣ୍ଣ ହେବାକୁ ଲାଗିଲେ ।

❑❑❑

ପଦ୍ମା



ପଦ୍ମାର ବନ୍ଧ - ଦକ୍ଷିଣରେ ମାତୃମନ୍ଦିର

୧୯୨୩ ମସିହା ଜୁଲାଇ ମାସରେ ଶ୍ରୀଶ୍ରୀଠାକୁର ଦିନେ ଅପରାହ୍ଣରେ ପଦ୍ମା ବନ୍ଧରେ ନିମଗଛ ତଳେ ବସିଛନ୍ତି । ବାରିଷ୍ଟର ଜେ.ଏନ୍. ଦତ୍ତ ((ସୁଭାଷଚନ୍ଦ୍ର ବସୁଙ୍କ ମାମୁ), ଦତ୍ତମା, ଅନନ୍ତ-ମହାରାଜ, ନଫରଭାଇ, ତ୍ରୈଲୋକ୍ୟଦା, ନନୀଭାଇଙ୍କ (ପ୍ରଥମନାଥ ସାହାଚୌଧୁରୀ) ଓ ମୁଁ ସମସ୍ତେ ମିଳି ତାଙ୍କୁ ଘେରି ବସିଛୁ । ସମ୍ମୁଖରେ ଗୈରିକବସନା ପଦ୍ମା ଉନ୍ମାଦିନୀ ପରି କୂଳ ଖାଇ ଖାଇ ଛୁଟି ଗ୍ଲିଛି । ପାବନା ସହର ବୋଧହୁଏ ଆଉ କିଛି ସମୟ ପରେ ନଦୀଜଳରେ ଲୀନ ହେଇଯିବ । ଆଶ୍ରମ ପାଙ୍ଗଣ ପ୍ରାୟ ଭାଙ୍ଗି ପଡ଼ିବାର ଉପକ୍ରମ ଆରମ୍ଭ ହୋଇଛି ।

ଶ୍ରୀଶ୍ରୀଠାକୁର ତମାଖୁ ଖାଉ ଖାଉ କହିଲେ, ଏଇକ୍ଷିଣା ଯଦି ବନ୍ଧ ଦିଆଯାଏ ତେବେ ରକ୍ଷା । ସେଇ ଦିନଟା ଥିଲା ଶନିବାର ।

ଦତ୍ତସାହେବ କହିପକେଇଲେ— ବର୍ତ୍ତମାନ ବନ୍ଧ ଦେବା କିପରି ସମ୍ଭବ? ଟଙ୍କା କାହିଁ? ଆଜି ଶନିବାର, କଲିକତା ଯାଇ ବ୍ୟାଙ୍କରୁ ସୋମବାର ଟଙ୍କା ଉଠେଇଲେ ମଙ୍ଗଳବାର ବନ୍ଧ କାମ ଆରମ୍ଭ କରାଯାଇପାରେ ।

ଶ୍ରୀଶ୍ରୀଠାକୁର କହିଲେ— ତା'ହେଲେ ଚଳିବନି । ବର୍ତ୍ତମାନ ଆରମ୍ଭ କରି ନ ପାରିଲେ ପଦ୍ମାଗର୍ଭରେ ଆଶ୍ରମ ବିଲୀନ ହୋଇଯିବ । ଶ୍ରୀଶ୍ରୀଠାକୁରଙ୍କର ଏଇ କଥା ଶୁଣି ଦତ୍ତମା ତାଙ୍କର ମୂଲ୍ୟବାନ୍ ହାର ବେକରୁ କାଢ଼ି ନନୀଭାଇଙ୍କ ହାତରେ ଦେଇ କହିଲେ— ଏଇ ହାର ବନ୍ଧକ ଦେଇ ଆପଣମାନେ ପ୍ରୟୋଜନୀୟ ଦ୍ରବ୍ୟାଦି ନେଇଆସନ୍ତୁ । ଶ୍ରୀଶ ନନ୍ଦୀ, ଇଞ୍ଜିନିୟର ସେଠାରେ ଉପସ୍ଥିତ ଥିଲେ । ସେ ମାପଚୁପ କରି ହିସାବ କରି କହିଲେ— ୧୧୦୦ ଟଙ୍କା ଲାଗିବ ।

Scanned with CamScanner

ନନୀଭାଇଙ୍କ ଓ ନଫରଭାଇ ସଙ୍ଗେ ସଙ୍ଗେ ପାବନା ଚାଲିଗଲେ। ହାର ବନ୍ଧକ ଦେଇ ଟଙ୍କା ଆଣି ଇଟା, ସିମେଣ୍ଟ, ବାଲି ପ୍ରଭୃତି ସଂଗ୍ରହ କରି ପଠେଇ ଦେଲେ। ତୁମୁଳ ଉଦ୍ୟମରେ କାମ ଆରମ୍ଭ ହେଲା, ଆଶ୍ରମରେ ସ୍ତ୍ରୀ-ପୁରୁଷ, ବାଳକ-ବାଳିକା ସମସ୍ତେ ମଜୁରିଆ ହେଇ କାମରେ ଲାଗିଗଲେ। ଶ୍ରୀଶ୍ରୀଠାକୁର ବସି ବସି କାମ ଦେଖିବାକୁ ଲାଗିଲେ ଏବଂ ସମସ୍ତଙ୍କୁ ଉତ୍ସାହ ଦେବାକୁ ଲାଗିଲେ। ରାତି ୩ଟା ପର୍ଯ୍ୟନ୍ତ ଅକ୍ଳାନ୍ତଭାବେ କର୍ମୀମାନେ କାମ କରିଚାଲିଲେ। ସେତେବେଳକୁ ଆଶ୍ରମର ପୂର୍ବରୁ ପଶ୍ଚିମ ପ୍ରାନ୍ତ ପର୍ଯ୍ୟନ୍ତ ଦୁଇହାତ ଉଚ୍ଚା ବନ୍ଧ ବନ୍ଧା ହୋଇଯାଇଛି।

ଶ୍ରୀଶ୍ରୀଠାକୁର କହିଲେ— ଆଜି ଏଇପର୍ଯ୍ୟନ୍ତ ଥାଉ। ପୁଣି କାଲି ସକାଳୁ ବନ୍ଧକାମ ଆରମ୍ଭ ହେବ। କେତେ ଘଣ୍ଟା ପରେ ହିଁ କର୍ମୀମାନେ ଆସି ପୁଣି କାମରେ ଲାଗିଗଲେ। ଗାଁ ଲୋକ ଥଟ୍ଟା କରି କହିବାକୁ ଲାଗିଲେ ଠାକୁର ବନ୍ଧ ଦେଇ ନଈବଢ଼ିକୁ ଅଟକେଇବେ, ଦେଖାଯାଉ କିମିତି ଠାକୁର ପଦ୍ମାର ବଢ଼ିକୁ ଅଟକଉଛନ୍ତି ?

କିନ୍ତୁ କି ଆଶ୍ଚର୍ଯ୍ୟ! ସେଥରକ ଆଶ୍ରମ ତ ରକ୍ଷା ପାଇଗଲା, କିନ୍ତୁ ଆଶ୍ରମ ସମ୍ମୁଖରେ ପ୍ରକାଣ୍ଡ ଚଡ଼ା ପଡ଼ିଗଲା। ପଦ୍ମା ହଟିଗଲା ଅନେକଦୂର।

ଏଇ ସମୟରେ ହିମାଇତପୁର ନିବାସୀ କାଳୀଚରଣ ହାଲଦାର ନାମରେ ଜଣେ କେଉଟ ଆସି ଶ୍ରୀଶ୍ରୀଠାକୁରଙ୍କ ପାଖରେ କାନ୍ଦି ପକେଇଲା। କହିଲା— ଠାକୁର! ଆମେ ଦିନରାତି ଖରାରେ, ବର୍ଷାରେ, ପାଣିରେ ଭିଜି ମାଛ ମାରୁ, ତଥାପି ଆମର ପେଟର ଭାତ ଓ ପିନ୍ଧିବାପାଇଁ ଲୁଗା ଯୋଗାଡ଼ କରିପାରୁନାହିଁ। କାରଣ ଯାହା ମାଛ ଧରୁ, ସେଥିପାଇଁ ଜମିଦାରଙ୍କୁ ନିୟମିତ ଖଜଣା ଦେବା ସତ୍ତ୍ୱେ ବି ସେମାନଙ୍କର ଅନେକ ଅନ୍ୟାଯ୍ୟ ଦାବି ଆମକୁ ପୂରଣ କରିବାକୁ ହୁଏ, ଯେପରି ଜମିଦାରଙ୍କର ପୁଅଝିଅଙ୍କର ବାହାଘର, ଅନ୍ନପ୍ରାଶନ ଇତ୍ୟାଦିରେ ବାଧ୍ୟତାମୂଳକ ଭାବେ ଆମ କ୍ଷମତାରୁ ଅଧିକ ଦବାକୁ ପଡ଼େ। ତା' ଉପରେ ଅମଲାମାନଙ୍କର ଏପରିକି ପାଇକ, ପିଆଦାମାନଙ୍କର ବି ବିଭିନ୍ନ ଅନୁଷ୍ଠାନର ଚାହିଦା ପୂରଣ କରିବାକୁ ହୁଏ। ଫଳରେ ଆମପାଇଁ ଆଉ କିଛି ରହେନାହିଁ। ଅନେକ ଭାବିଚିନ୍ତି ଆପଣଙ୍କ ପାଖକୁ ଆସିଛି ଏଇ ଆଶା ନେଇ ଯେ ଆପଣ ଏଇ କେଉଟ ଜାତିଟାକୁ ରକ୍ଷା କରିବାପାଇଁ ଗୋଟାଏ କିଛି ବ୍ୟବସ୍ଥା ନିଶ୍ଚୟ କରିଦେବେ। ଆପଣ ଆମ ଜାତିକୁ ନ ବଞ୍ଚାଇଲେ ଆମର ମରଣ ନିଶ୍ଚୟ।

ଶ୍ରୀଶ୍ରୀଠାକୁର କାଳୀଚରଣ ହାଲଦାରର କଥା ଶୁଣି ଖୁବ୍ ଦୁଃଖିତ ହେଲେ ଏବଂ ମୋତେ ଡାକି କହିଲେ— ଦେଖନ୍ତୁ ତ! ଏଇ ଜାତିଟାକୁ କୌଣସି ଉପାୟରେ ଜମିଦାରଙ୍କ ଅତ୍ୟାଚାରରୁ ରକ୍ଷା କରିପାରନ୍ତି କି ନା। ମୋ' ସହ ଶ୍ରଦ୍ଧେୟ କ୍ଷେପୁଦା (ପ୍ରଭାସ ଚକ୍ରବର୍ତ୍ତୀ), ଗାଁର ଜ୍ଞାନଚନ୍ଦ୍ର ଚୌଧୁରୀ-ମହାଶୟଙ୍କୁ ମଧ୍ୟ ଶ୍ରୀଶ୍ରୀଠାକୁର ଏକସଙ୍ଗେ ଡାକି ଏଇ ବିଷୟରେ ଯଥାବିହିତ ଚେଷ୍ଟା କରିବାକୁ କହିଲେ। ଶ୍ରଦ୍ଧେୟ ଜ୍ଞାନଦା ପୂର୍ବରୁ କେଉଟମାନଙ୍କ ସହ ମିଳାମିଶା କରୁଥିଲେ। ସେମାନଙ୍କର ସବୁ ଅବସ୍ଥା ତାଙ୍କୁ ଜଣାଥିଲା। ତାଙ୍କ ପାଖରୁ ଜମିଦାରମାନେ କାହିଁକି ଅତ୍ୟାଚର କରନ୍ତି, କିପରି ଅତ୍ୟାଚାର କରନ୍ତି, ଇତ୍ୟାଦି ବିଷୟ ଜାଣିନେଲି।

ସେ କହିଲେ— କେଉଟ ଜାତି ଅତ୍ୟନ୍ତ ବୋକା ଓ ଭୟାଳୁ। ମାଲିମୋକଦମାକୁ ଏମାନେ ଭାରି ଭୟ କରନ୍ତି। ଦଙ୍ଗା-ହାଙ୍ଗାମା ଭିତରକୁ ଯିବାକୁ ଚାହାନ୍ତି ନାହିଁ। ଚଷାମାନଙ୍କର ଯୋଉ ବୁଦ୍ଧି ଅଛି, ଏମାନଙ୍କର ସେଇ ବୁଦ୍ଧି ବି ନାହିଁ। ବଙ୍ଗାଳି ମାଛ ଖା'ନ୍ତି ବୋଲି ସେମାନେ ବେଶୀ ବୁଦ୍ଧିମାନ୍ ଏହିପରି ଗୋଟାଏ ଚଳନ୍ତି ଧାରଣା ଅଛି। କିନ୍ତୁ ଏମାନେ ପାଣିପାଖରେ ହିଁ ବାରମାସ ରହନ୍ତି ଏବଂ ମାଛ ଖାଇ ହିଁ ଏମାନଙ୍କର ଜୀବନ କଟେ। କିନ୍ତୁ ଦେଖେ, ଏମାନଙ୍କର ବୁଦ୍ଧି ତ ମୋଟେ ନାହିଁ। ତେଣୁ ମାଛ ଖାଇବା ଉପରେ ଯେ ବୁଦ୍ଧିର ପ୍ରଖରତା ନିର୍ଭର କରେ ଏକଥା ଏ ଜାତିକୁ ଦେଖିଲେ ମନେ ହୁଏ ନାହିଁ।

ଯାହା ହେଉ, ଜ୍ଞାନଦାଙ୍କ ପାଖରୁ ସେମାନଙ୍କ ବିଷୟ ସବୁ ଶୁଣିନେଇ ଭାବିବାକୁ ଲାଗିଲି— କ'ଣ କରାଯାଇପାରେ। ମନେ ହେଲା ସ୍ଥାନୀୟ ଜିଲ୍ଲା ମାଜିଷ୍ଟ୍ରେଟ୍ ରାୟ ବାହାଦୁର ରମଣୀମୋହନ ଦାସଙ୍କ ସଙ୍ଗେ ଦେଖା କରି ତାଙ୍କୁ ସବୁ କହି ତାଙ୍କ ପାଖରୁ କିଛି ପରାମର୍ଶ ନେବି। ଏଇକଥା ଭାବି ତାଙ୍କ ପାଖକୁ ଯାଇ ଜ୍ଞାନଦାଙ୍କ ପାଖରୁ ଯାହା ଯାହା ସେମାନଙ୍କର ଅବସ୍ଥା ବିଷୟରେ ଜାଣିଥିଲି ତାହା ତାଙ୍କ ଆଗରେ ସବୁ କହି ପରାମର୍ଶ ମାଗିଲି— ଏ ଗରିବ ଜାତିଟାର ମଙ୍ଗଳପାଇଁ ଆମେ କ'ଣ କରିପାରିବା।

ସେ ଟିକିଏ ଚିନ୍ତା କରି କହିଲେ— ଗୋଟାଏ case ଠିଆ କରନ୍ତୁ।

ମୁଁ— କିପରି case ଠିଆ କରିବୁ ?

ମାଜିଷ୍ଟ୍ରେଟ୍— କେଉଟମାନଙ୍କୁ ପଦ୍ମାରେ ମାଛ ମାରିବାକୁ କୁହନ୍ତୁ। ଜମିଦାରମାନେ ବାଧା ଦେବାକୁ ଆସିଲେ ସେମାନେ ନ ଶୁଣି ମାଛ ମାରନ୍ତୁ। ସେଥିରେ ଜମିଦାରମାନଙ୍କର ଲୋକଙ୍କ ସହିତ ଗୋଟାଏ ଦଙ୍ଗା-ହାଙ୍ଗାମା ହେବ। ଜମିଦାରର ପାଇକ-ବରକନ୍ଦାଜ ମାରିବାକୁ ଆସିଲେ ଏମାନେ ବି ସେମାନଙ୍କୁ ବାଧାଦେବେ। ଦଙ୍ଗା-ହାଙ୍ଗାମା ହେବା ମୁହୂର୍ତ୍ତରେ ହିଁ ଆପଣମାନେ ଆସି case file କରିବେ ଜମିଦାରମାନଙ୍କ ବିରୋଧରେ ମୋ' ପାଖରେ। ତା'ହେଲେ ମୁଁ bind down କରିଦେବି ଜମିଦାରମାନଙ୍କୁ।

କେଉଟମାନେ ଅତି ଭୀରୁ ଜାତି। ଦଙ୍ଗା କଥା ଶୁଣି ସେମାନେ ତ ଡରିଗଲେ। ସେମାନେ କହିଲେ— ପ୍ରବଳ ପ୍ରତାପାନ୍ୱିତ ଜମିଦାରଙ୍କ ସାଥିରେ ଆମେ କ'ଣ ଲଢ଼ିପାରିବୁ? ସେମାନଙ୍କୁ ବୁଝାଇବାକୁ ଏବଂ ଏ କାମରେ ସେମାନଙ୍କୁ ଉତ୍ତେଜିତ କରିବାକୁ ବଡ଼ କଷ୍ଟ ହେଲା। ଅବଶେଷରେ ମାଜିଷ୍ଟ୍ରେଟ୍‌ଙ୍କ ସହ ମୋର ଯେଉଁ ଗୋପନ କଥାବାର୍ତ୍ତା ହୋଇଛି ତାହା ସେମାନଙ୍କୁ ବୁଝେଇଦେବାରୁ ସେମାନେ ଏ କାମ କରିବାକୁ ରାଜୀ ହେଲେ।

ମାଜିଷ୍ଟ୍ରେଟ୍ ରମଣୀବାବୁଙ୍କ ସାଥିରେ ମୋର ପୂର୍ବରୁ ଗୋଟାଏ ସୌହାର୍ଦ୍ଦ୍ୟର ଭାବ ଗଢ଼ି ଉଠିଥିଲା, ତେଣୁ ସେ ଖୋଲାଖୋଲି ଭାବେ ମୋତେ ଏଇସବୁ କଥା କହିବାକୁ ଦ୍ୱିଧା ବୋଧ କରନ୍ତି ନାହିଁ।

ଆଶ୍ରମର ଅନତିଦୂରରେ କେଉଟମାନେ ମାଛ ମାରିବାପାଇଁ ଘେରିଜାଲ ପକେଇଲେ। ଜମିଦାରର ଲୋକମାନେ ପୂର୍ବରୁ ଜାଣିପାରିଥିଲେ ଏମାନେ କେତେବେଳେ ଜାଲ ପକେଇବେ, ସେଥିପାଇଁ ସେମାନେ ବହୁ ପାଇକ-ପିଆଦା ନେଇ ନଈକୂଳରେ ଉପସ୍ଥିତ ଥିଲେ।

Scanned with CamScanner

ଆମେ ପଛରେ ରହି ଏମାନଙ୍କୁ ଉତ୍ସାହ ଦେଇ ପାଣିକି ଓହ୍ଲେଇ ଦେଲୁ । ତୁମୁଳ ଦଙ୍ଗା ଲାଗିଗଲା । ଦୁଇ ପକ୍ଷର ଲୋକ ଜଖମ ହେଲେ । ଦଙ୍ଗା ଲାଗିବା ମାତ୍ରେ ହିଁ ଆମର ଲୋକ ଯାଇ ଜମିଦାର ବିରୋଧରେ case file କରିଦେଲେ । ଏଇ caseରେ କେଉଟମାନଙ୍କ ପକ୍ଷରେ ପ୍ରସିଦ୍ଧ ଜନନେତା ଜେ.ଏମ୍. ସେନ୍‌ଗୁପ୍ତଙ୍କୁ ନିଯୋଗ କରାହୋଇଥିଲା । ମାମଲାରେ କେଉଟମାନଙ୍କ ପକ୍ଷର ବିଜୟ ହେଲା । ମାଜିଷ୍ଟ୍ରେଟ୍ ତାଙ୍କ ରାୟରେ ଜମିଦାର ପକ୍ଷର ଲୋକମାନେ ଏକ ବର୍ଷ ମଧ୍ୟରେ ପାଣିରେ ପଶି ପାରିବେ ନାହିଁ ବୋଲି ଆଦେଶ ଦେଇଦେଲେ । ଏଇ ମକଦ୍ଦମାରେ ଜିତି କେଉଟମାନଙ୍କର ଆନନ୍ଦ ଦେଖେ କିଏ! ସେମାନେ କୌଣସିଦିନ ସ୍ୱପ୍ନରେ ବି ଭାବିପାରି ନଥିଲେ ଯେ, ସେମାନେ ଜମିଦାର ବିପକ୍ଷରେ ଲଢ଼େଇ କରି ଜିତିପାରିବେ । ଆମ ଉପରେ ସେମାନଙ୍କର ଆସ୍ଥା ଆସିଗଲା । ସେମାନେ ସ୍ୱଚ୍ଛନ୍ଦରେ ପଦ୍ମା ନଦୀରେ ମାଛ ମାରି ବିକ୍ରି କରି ଯଥେଷ୍ଟ ଆୟ କରିବାକୁ ଲାଗିଲେ । ସେମାନଙ୍କର ଦୁଃଖର ଦିନ ଅବସାନ ହେଲା ।

ଏଇ ଅବସରରେ ସେମାନଙ୍କୁ ସଂହତ ଓ କେନ୍ଦ୍ରୀଭୂତ କରିବାପାଇଁ ଗୋଟିଏ ମତ୍ସ୍ୟଜୀବୀ ସମିତି ଗଠନ କରାହେଲା । ଯେଉଁ ସମସ୍ତ ମତ୍ସ୍ୟଜୀବୀ ପାକ୍‌ସୀଠାରୁ ଗୋୟାଲନ୍ଦ ଘାଟ ପର୍ଯ୍ୟନ୍ତ ପଦ୍ମାରେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ, ସେମାନଙ୍କୁ ନେଇ ଏଇ ସମିତି ଗଠନ କରିବାର ପ୍ରସ୍ତାବ ହେଲା । ଏଇ ସମିତି ଗଠନ ଉଦ୍ଦେଶ୍ୟରେ ସେତେବେଳେ ମୋତେ ନଦୀଗର୍ଭରେ କେଉଟମାନଙ୍କ ସହିତ କେତେ ମାସ ନୌକାଯୋଗେ ବୁଲିବାକୁ ପଡ଼ିଥିଲା । ଗୋୟାଲନ୍ଦ ତଳକୁ ପଦ୍ମାର ଜଳାଧିକାରର ସ୍ୱତ୍ୱାଧିକାରୀ ଥିଲେ ସୁପ୍ରସିଦ୍ଧ ଜନନେତା କିରଣଶଙ୍କର ରାୟ ଓ କୁମୁଦଶଙ୍କର ରାୟ । ସେମାନଙ୍କ ପାଖକୁ ଯାଇ ଆମେ ପ୍ରସ୍ତାବ ଦେଇଥିଲୁ ଯେ— ଆପଣମାନଙ୍କର ଜଳପଥରୁ ଯେଉଁ ବାର୍ଷିକ ଆୟ ହୁଏ, ତାହା ପାଇକ-ପିଆଦା ପଠେଇ କେଉଟମାନଙ୍କ ପାଖରୁ ଆଦାୟ ନକଲେ ବି ଚଳିବ । କରଣ, କେଉଟମାନଙ୍କର ଯେଉଁ ସମିତି ହେଲା, ସେଠାରୁ ଏକସଙ୍ଗେ ଆପଣମାନଙ୍କ ପାଖକୁ ଆୟକର ପଠାହେବ । ଆପଣମାନେ ଏଇ ବ୍ୟବସ୍ଥାରେ ରାଜୀ ହୁଅନ୍ତୁ ।

କିନ୍ତୁ ଜମିଦାରଙ୍କ ଅମଲାମାନଙ୍କର ସେଥିରେ ବିଶେଷ ଅସୁବିଧା ଥିଲା । ସେମାନଙ୍କ ପରାମର୍ଶରେ ଜମିଦାରମାନେ ଆମ ପ୍ରସ୍ତାବରେ ରାଜୀ ହେଲେନାହିଁ । ଗୋୟାଲନ୍ଦ ଘାଟରେ ସେଠାକାର ଜମିଦାରବାବୁମାନଙ୍କ ସାଥୀରେ ମଧ୍ୟ ଗୋଟାଏ ଦଙ୍ଗାହାଙ୍ଗାମା କରିବାକୁ ପଡ଼ିଥିଲା ।

ଏହିପରି ମତ୍ସ୍ୟଜୀବୀ ସମିତି ଗଠନ କରି ଏବଂ ସେମାନେ ଯେମିତି ନିଜେ ମାଛ ଧରିପାରନ୍ତି ଏବଂ ସେମାନଙ୍କର ସୁବିଧା ଅନୁସାରେ ଚାଲାଣ ଦେଇପାରନ୍ତି ସେଇ ବ୍ୟବସ୍ଥା କରି ସେମାନଙ୍କ ସମିତିର ଭାର ସେମାନଙ୍କ ହାତରେ ଅର୍ପଣ କରି ଚାଲିଆସିଲି । ଶ୍ରୀଶ୍ରୀଠାକୁର ଯେଉଁ ଦାୟିତ୍ୱଭାର ଦେଇଥିଲେ ତାହା ତାଙ୍କରି ଆଶୀର୍ବାଦରେ କିୟତ୍ ପରିମାଣରେ ସଫଳ କରିପାରିଥିଲି, ଏଇଥିରେ ହିଁ ମୋ' ପରିଶ୍ରମର ସାର୍ଥକତା ।

□□□

ଟିଉବ୍‌ୱେଲ୍

ପୂର୍ବରୁ କହିଛି, ଆଶ୍ରମରେ ବନ୍ଧ ଦେବାପରେ ପଦ୍ମାନଦୀ ଅନେକ ଦୂରକୁ ହଟିଗଲା । ତେଣୁ ଆଶ୍ରମରେ ଜଳକଷ୍ଟ ଦେଖାଦେଲା । ଏତେ ଦୂରରୁ କାଦୁଅ ଭିତରେ ପଶି ଯାଇ ପାଣି ଆଣିବା କଷ୍ଟକର ହେଇପଡ଼ିଲା ।

ଶ୍ରୀଶ୍ରୀଠାକୁର ଦିନେ କହିଲେ— "ପାଣିପାଇଁ ତ ବଡ଼ କଷ୍ଟ ପାଇବାକୁ ପଡ଼ୁଛି । ବର୍ତ୍ତମାନ ତ ଟିଉବ୍‌ୱେଲ୍ ବସା ହେଉଛି, ଆଶ୍ରମପାଇଁ ଗୋଟାଏ ଟିଉବ୍‌ୱେଲ୍ କଲେ ହୁଅନ୍ତା । ଏଥିପାଇଁ ଚେଷ୍ଟା କରି ଦେଖନ୍ତୁ ।"

ସେତେବେଳେ ଗୋଟାଏ ଟିଉବ୍‌ୱେଲ୍ କରିବାକୁ ଆଠ-ନଅ ଶହ ଟଙ୍କା ଖର୍ଚ୍ଚ ହେଉଥିଲା । ଏତେ ଟଙ୍କା ବା ହଠାତ୍ ଆସିବ କୋଉଠୁ? ତେଣୁ ଭାବିଚିନ୍ତି ଡିଷ୍ଟ୍ରିକ୍ଟ-ବୋର୍ଡ଼ର ଚେୟାର୍‌ମ୍ୟାନ୍, ପାବନା ତାରାସର ଜମିଦାର ଶ୍ରୀପ୍ରଥମଭୂଷଣ ରାୟ-ମହୋଦୟଙ୍କୁ ଧରି ଆମ ଆଶ୍ରମପାଇଁ ଗୋଟାଏ ଟିଉବ୍‌ୱେଲ୍ ଦେବାକୁ ଅନୁରୋଧ କଲି ।

ସେ କହିଲେ— ଏଇଟା ମୁଁ ଏକା ଦେଇପାରିବିନି, ଆପଣ ଡିଷ୍ଟ୍ରିକ୍ଟ ବୋର୍ଡ଼ର ପ୍ରଧାନ ପ୍ରଧାନ ସଦସ୍ୟମାନଙ୍କୁ କୁହନ୍ତୁ ।

ତାଙ୍କ କଥା ଅନୁସାରେ ସଦସ୍ୟମାନଙ୍କ ପାଖକୁ ଯାଇ ସେମାନଙ୍କୁ ରାଜୀ କରାଇଲି । ବୋର୍ଡ଼ର ପରବର୍ତ୍ତୀ ମିଟିଂରେ ଆଶ୍ରମପାଇଁ ଗୋଟିଏ ଟିଉବ୍‌ୱେଲ୍ ଦେବାର ପ୍ରସ୍ତାବ ପଡ଼ିଲା । ସେତେବେଳେ ଠିକାଦାର ମାର୍ଫତ୍‌ରେ ଡିଷ୍ଟ୍ରିକ୍ଟ-ବୋର୍ଡ଼ର କାମ ହେଉଥିଲା ଏବଂ ପ୍ରତ୍ୟେକ ଟିଉବ୍‌ୱେଲ୍‌ପାଇଁ ୮୦୦ ଟଙ୍କା ଦିଆହେଉଥିଲା । ଡିଷ୍ଟ୍ରିକ୍ଟ-ବୋର୍ଡ଼ର ଅନୁମତି ପାଇବା ପରେ ମୁଁ କଲିକତା ଗଲି ।

କଲିକତାରେ 'ଦଶଭୁଜା ଜଳଛତ୍ର' ନାମରେ ଗୋଟିଏ ଟିଉବ୍‌ୱେଲ୍ ଖନନକାରୀ କମ୍ପାନୀର ସ୍ୱତ୍ୱାଧିକାରୀ ଶ୍ରୀବିପଦବାରଣ ସରକାରଙ୍କ ସହ ଦେଖା କରି କହିଲି— ଗୋଟାଏ ଟିଉବ୍‌ୱେଲ୍ କରିବାକୁ କେତେ ଖର୍ଚ୍ଚ ପଡ଼େ?

ସେ କହିଲେ— ଏ କଥା ପଚାରୁଛନ୍ତି କାହିଁକି?

ମୁଁ— ପାବନା ଡିଷ୍ଟ୍ରିକ୍ଟ-ବୋର୍ଡ଼ ଆମ ଆଶ୍ରମପାଇଁ ଗୋଟାଏ ଟିଉବ୍‌ୱେଲ୍ ମଞ୍ଜୁର୍ କରିଛନ୍ତି, କଣ୍ଟ୍ରାକ୍ଟର୍ ସେଥିପାଇଁ ୮୦୦ ଟଙ୍କା ନେବ । ଆଶ୍ରମ ଓ ଶ୍ରୀଶ୍ରୀଠାକୁରଙ୍କର କଥା ମଧ୍ୟ ଏପ୍ରସଙ୍ଗରେ ତାଙ୍କ ସହ ଆଲୋଚନା ହେଲା ।

ସବୁ ଶୁଣି ସେ କହିଲେ— ଆପଣମାନେ ଡିଷ୍ଟ୍ରିକ୍ଟ-ବୋର୍ଡ଼ରୁ ଏଇ ୮୦୦ ଟଙ୍କା ନିଜେ ନେଇଆସନ୍ତୁ । ତା'ହେଲେ ସେଇ ୮୦୦ ଟଙ୍କାରେ ଆପଣଙ୍କ ଆଶ୍ରମରେ ୪ଟା ଟିଉବ୍‌ୱେଲ୍ ମୁଁ କରିଦେବି । ମୁଁ ଜଣେ ଅଭିଜ୍ଞ ଲୋକ ଦେବି, ତାକୁ ଆପଣମାନେ ୨୦ଟଙ୍କା ମାତ୍ର ଦେବେ ଏବଂ ଆଶ୍ରମର କର୍ମୀମାନେ ଶ୍ରମିକ ହେବେ ଆଉ ଏଇସବୁ ମାଲ୍ କୌଣସି ଦୋକାନରୁ ନେଇଯିବେ ।

ତାଙ୍କର ଏଇ କଥା ଶୁଣି ମୁଁ ଆଶ୍ରମକୁ ଆସି ଚେୟାର୍‌ମ୍ୟାନ୍‌ଙ୍କୁ ଧରିଲି ଓ କହିଲି ଯେ ଆମ ଆଶ୍ରମର ଟିଉବ୍‌ୱେଲ୍‌ର କଣ୍ଟ୍ରାକ୍ଟ ଆମକୁ ହିଁ ଦିଅନ୍ତୁ, ତା'ହେଲେ ସେଇ ବ୍ୟୟରେ ଆମେ ଚାରିଟା ନଳକୂଅ ବସେଇ ପାରିବୁ ।

ସେ କହିଲେ— କଥା ତ ଭଲ, କିନ୍ତୁ expert contractor (ଅଭିଜ୍ଞ ଠିକାଦାର) ଛଡ଼ା ଡିଷ୍ଟ୍ରିକ୍ଟ-ବୋର୍ଡ଼ କାହାକୁ କଣ୍ଟ୍ରାକ୍ଟ ଦେଇପାରେ ନାହିଁ । ଆପଣମାନେ ତ ଏସବୁ କୌଣସି କାମ କରନ୍ତିନି, ତେଣୁ ଆପଣମାନଙ୍କୁ କଣ୍ଟ୍ରାକ୍ଟ ଦେବେ କିପରି ?

ମୁଁ— ଆମେ ଟିଉବ୍‌ୱେଲ୍ ଖନନ କରିବା ପରେ ଆପଣଙ୍କ ଇଂଜିନିୟରଦ୍ୱାରା ପରଖିନେବେ ତାହା ଠିକ୍ ହୋଇଛି କି ନାହିଁ, ନ ହେଲେ କଣ୍ଟ୍ରାକ୍ଟ ବାତିଲ କରିଦେବ ।

ଚେୟାର୍‌ମ୍ୟାନ୍— ତା'ହେଲେ ଆପଣଙ୍କୁ ପୁଣି ସବୁ ସଦସ୍ୟଙ୍କ ପାଖକୁ ଯିବାକୁ ପଡ଼ିବ । କାରଣ, ଏଇଟା ଗୋଟାଏ special case. ମୁଁ ପୁଣି ସବୁ ସଦସ୍ୟଙ୍କ ଘରକୁ ଯାଇ ସେମାନଙ୍କୁ ରାଜୀ କରାଇଲି । ତାହା ମଧ୍ୟ ବୋର୍ଡ଼ର ମିଟିଂରେ ପାସ୍ ହୋଇଗଲା ।

ତା'ପରେ ପୁଣି କଲିକତା ଗଲି । ସୁର-ନିୟୋଗୀ-କୁମାର କମ୍ପାନୀକୁ ଯାଇ ୪ଟା ଟିଉବ୍‌ୱେଲ୍‌ର ସମସ୍ତ ମାଲ୍ ଅନେକ କହିବୋଲି ବାକିରେ ଆଣିଲି । ସେମାନେ ନିଜ ଖର୍ଚ୍ଚରେ ମାଲ୍ ପଠେଇଦେଲେ । କହିଲି— ଡିଷ୍ଟ୍ରିକ୍ଟ ବୋର୍ଡ଼ର ଟଙ୍କା ପାଇଲେ ଆପଣଙ୍କ ଟଙ୍କା ପରିଶୋଧ କରିଦେବି । ସେଥିରେ ସେମାନେ ରାଜୀ ହେଇଗଲେ ।

ସେଠୁ ଗଲି ବିପଦବାରଣ ବାବୁଙ୍କ ପାଖକୁ । ତାଙ୍କୁ କହିଲି ସେ ଯେପରି ଦୁଇଦିନ ପରେ ଅଭିଜ୍ଞ ଲୋକ ପଠେଇଦିଅନ୍ତି ଆଶ୍ରମକୁ, ଏହା ଭିତରେ ମାଲ୍ ଯାଇ ପହଞ୍ଚିଯିବ ।

ଠିକ୍ ସମୟରେ ସେମାନଙ୍କର ଅଭିଜ୍ଞ ଲୋକ ଆସି ପହଞ୍ଚିଗଲା ଏବଂ ଆସିବା ମାତ୍ରେ କାମ ଆରମ୍ଭ ହେଲା । ଆମେ ସବୁ ଶ୍ରମିକ ହୋଇ କାମରେ ଲାଗିଗଲୁ, ରାତିଦିନ କାମ ଚାଲିବାକୁ ଲାଗିଲା । କେତେ ଦିନ ଭିତରେ ଆଶ୍ରମରେ ଚାରିଟା ଟିଉବ୍‌ୱେଲ୍ ବସିଗଲା ।

ଏଇ ଚାରିଟା ଟିଉବ୍‌ୱେଲ୍ ବସାଇ ଆମେ ଶିଖିଗଲୁ କିପରି ଟିଉବ୍‌ୱେଲ୍ ବସେଇବାକୁ ହୁଏ । କର୍ମୀମାନଙ୍କ ଭିତରୁ ଅନେକେ କହିବାକୁ ଲାଗିଲେ ଯେ ଆମେମାନେ ବର୍ତ୍ତମାନ ନିଜେ ଟିଉବ୍‌ୱେଲ୍ ଖନନ କରିପାରିବୁ ।

ସେତେବେଳେ କୃଷ୍ଣନଗରରେ ସତ୍‌ସଙ୍ଗୀ ଭାଇ ସତୀଶଚନ୍ଦ୍ର ବୋସ୍ ସବ୍‌ଡେପୁଟି କଲେକ୍ଟର୍ ଥିଲେ । ତାଙ୍କ ହାତରେ ସେଇ ଅଞ୍ଚଳରେ ଟିଉବ୍‌ୱେଲ୍ କଣ୍ଟ୍ରାକ୍ ଦେବାର

ଭାର ଥିଲା । ତାଙ୍କୁ ଯାଇ ଧରିବାରୁ— ଆମେ ନୂଆ, ଆଗରୁ କୋଉଠି ହେଲେ କାମ କରିନୁ— ଏହା ସତ୍ତ୍ୱେ ସେ ଆମକୁ କଣ୍ଟ୍ରାକ୍ଟ ଦେଲେ । ଦେବା ସମୟରେ କହିଦେଲେ— ଦେଖନ୍ତୁ, ମୋର ସମ୍ମାନ ଯହିଁରେ ରହେ, ତାହା ହିଁ କରିବେ ।

ପ୍ରଥମ ଟିଉବ୍‌ୱେଲ୍‌ର କଣ୍ଟ୍ରାକ୍ଟ ନେଇ ବୀରେନ୍ ବିଶ୍ୱାସ, ବିଜୟ ରାୟ, ରାଧାରମଣ ଜୋୟାର୍ଦ୍ଦାର ପ୍ରଭୃତି କର୍ମୀମାନେ କୃଷ୍ଣନଗର ସନ୍ନିକଟରେ ଇଟେବେଡ଼େ ନାମକ ମୁସଲମାନ-ପ୍ରଧାନ ଅଞ୍ଚଳରେ ଟିଉବ୍‌ୱେଲ୍ ବସାଇବାକୁ ଗଲେ । କର୍ମୀମାନେ ଶ୍ରମିକ ହିସାବରେ ଟିଉବ୍‌ୱେଲ୍‌ର କାମ କରିଛନ୍ତି ସତ କିନ୍ତୁ ମାଟି ପରୀକ୍ଷା କରି କୋଉଠି ଫିଲ୍‌ଟର୍ ପଏଣ୍ଟ ବସେଇବାକୁ ହୁଏ ତାହା ବାସ୍ତବଭାବରେ ଶିଖି ନାହାନ୍ତି । ତେଣୁ ସେମାନେ ଦିନରାତି ପରିଶ୍ରମ କରି ମଧ୍ୟ ଫିଲ୍‌ଟର୍ ପଏଣ୍ଟଟା କୋଉଠି ବସେଇବାକୁ ହେବ ଠିକ୍ କରି ନପାରିବାରୁ ସେଇ ମାଟିର ଲେଭେଲ୍ ପାରହୋଇ ଚାଲିଯାଇଥିଲେ । ଏହା ଫଳରେ ସେମାନଙ୍କୁ ଛଅ-ସାତ ଥର ପାଇପ୍ ଉଠେଇବାକୁ ଓ ପୁଣି ବସେଇବାକୁ ପଡ଼ିଲା, ହତାଶ ହୋଇ ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି ସବୁ କହିଲେ । ବିଭିନ୍ନ ସ୍ତରର ମାଟି ବି ନେଇଆସିଲେ ।

ସେଇସବୁ ଦେଖି ଶ୍ରୀଶ୍ରୀଠାକୁର କହିଲେ— ତୁମେମାନେ ଭୁଲ କରିଛ, ଫିଲ୍‌ଟର୍ ପଏଣ୍ଟ୍‌ର ଲେଭେଲ୍ ତୁମେମାନେ cross କରି (ପାରହୋଇ) ଚାଲିଯାଇଛ । ସେଥିପାଇଁ ପାଇପ୍ ଏତେଥର ବସେଇବାକୁ ଓ ଉଠେଇବାକୁ ହୋଇଛି ।

ଶ୍ରୀଶ୍ରୀଠାକୁରଙ୍କର କଥା ଶୁଣି ଫେରିଯାଇ ସେମାନେ ଠିକ୍ ଜାଗାରେ filter point (ଫିଲ୍‌ଟର୍ ପଏଣ୍ଟ) ବସାଇ ଟିଉବ୍‌ୱେଲ୍ ବସେଇବା ଶେଷ କଲେ । ଶ୍ରଦ୍ଧେୟ ସତୀଶଦା ମଧ୍ୟ ସ୍ୱସ୍ତିର ନିଃଶ୍ୱାସ ଛାଡ଼ିପାରିଲେ । ଏଇସବୁ ଭଦ୍ରଲୋକର ପିଲାମାନଙ୍କୁ ଦିନରାତି ନଖାଇ, ନଶୋଇ ଏହିପରି ଅମାନୁଷିକ ପରିଶ୍ରମ କରିବାର ଦେଖି ଗ୍ରାମବାସୀ ମୁସଲମାନମାନେ ବିସ୍ମିତ ହୋଇ ଯାଇଥିଲେ । ସେମାନେ ସ୍ୱେଚ୍ଛାରେ ଦୁଧ ଗରମ କରି ଆଣି ଏମାନଙ୍କ ମୁହଁ ପାଖରେ ଧରୁଥିଲେ ପିଇବାପାଇଁ ଆଉ କହୁଥିଲେ— କିଛି ନ ଖାଇଲେ ତ ଆପଣମାନେ ମରିଯିବେ । ସେମାନେ ଖୁବ୍ ସହାନୁଭୂତିସମ୍ପନ୍ନ ହୋଇଉଠିଥିଲେ ଏଇ ସତ୍‌ସଙ୍ଗର କର୍ମୀମାନଙ୍କ ପ୍ରତି— ସେମାନଙ୍କର ଏଇ କାମର ତତ୍ପରତା ଦେଖି ।

ଇଟେବେଡ଼େର ଏଇ ନଳକୂଅ ଖନନ ଦ୍ୱାରା କର୍ମୀମାନେ ପ୍ରକୃତପକ୍ଷେ ଏଥର ପ୍ରକୃତ କୌଶଳ ଜାଣିଲେ ଏବଂ ଦୁଇ-ତିନି ଦଳରେ ବିଭକ୍ତ ହୋଇ ଜିଲ୍ଲା-ଜିଲ୍ଲାରେ କଣ୍ଟ୍ରାକ୍ଟ ନେଇ କାମ ଆରମ୍ଭ କରିବାକୁ ଲାଗିଲେ । ଏଇଥିରୁ ସତ୍‌ସଙ୍ଗରେ ଇଂଜିନିୟରିଂ ୱାର୍କ୍‌ସର ସୃଷ୍ଟି ହେଲା ।

ଏଇସବୁ ଡିଷ୍ଟ୍ରିକ୍ଟ-ବୋର୍ଡ଼ର କଣ୍ଟ୍ରାକ୍ଟ କାମ କରୁ କରୁ ସତ୍‌ସଙ୍ଗ ଇଂଜିନିୟରିଂ ୱାର୍କ୍‌ସ ଇଷ୍ଟର୍ଣ୍ଣ ବେଙ୍ଗଲ୍ ରେଲୱେରୁ ପାକ୍‌ସୀ ବ୍ରୀଜ୍‌ର ରିଭର ବୋରିଂ କାମର କଣ୍ଟ୍ରାକ୍ଟ ପାଇଲା, ୪୦ ହଜାର ଟଙ୍କାର । ଏହା ଗୋଟାଏ ବିଶେଷ ଧରଣର କାମ । କୃତିତ୍ୱର

Scanned with CamScanner

ସହିତ ସତ୍‌ସଙ୍ଗ ଇଂଜିନିୟରିଂ ଓ୍ୱାର୍କ୍ସ ଏଇ କାମ ସମ୍ପନ୍ନ କରି ରେଲ୍‌ୱେ କର୍ତ୍ତୃପକ୍ଷଙ୍କଠାରୁ ବିଶେଷ ପ୍ରଶଂସା ଲାଭ କରିଥିଲେ ।

ଏଇ କାମ ଦକ୍ଷତାର ସହ କରିବା ହେତୁ ଗଡ଼ାଇ ନଦୀର ବୋରିଂ ଓ୍ୱାର୍କ୍ସ ମଧ୍ୟ ସତ୍‌ସଙ୍ଗ ଇଞ୍ଜିନିୟରିଂ ଓ୍ୱାର୍କ୍ସ ଡିପାର୍ଟ୍‌ମେଣ୍ଟକୁ କରିବାକୁ ଦିଆହୋଇଥିଲା । ଏଇସବୁ କାମରୁ ଯେଉଁ ଲାଭ ହୋଇଥିଲା ସେଇ ଲାଭର ଅଂଶରୁ ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ହିମାଇତପୁର ଏବଂ ତତ୍‌ପାର୍ଶ୍ୱବର୍ତ୍ତୀ ଗ୍ରାମ-ସମୂହର ଜଳକଷ୍ଟ ନିବାରଣପାଇଁ ସତ୍‌ସଙ୍ଗର ଏଇ ପୂର୍ତ୍ତବିଭାଗ ୨୦ଟି ନଳକୂଅ ବିନାମୂଲ୍ୟରେ କରିଦିଅନ୍ତି । ସେଥିପାଇଁ ଜିଲ୍ଲା କର୍ତ୍ତୃପକ୍ଷ ସତ୍‌ସଙ୍ଗର ଏଇ ଦାନ ବିଶେଷ କୃତଜ୍ଞତା ପ୍ରକାଶ କରନ୍ତି ।

❑❑❑

ତୃତୀୟ ଅଧ୍ୟାୟ

ଦେଶବନ୍ଧୁ ଚିତ୍ତରଞ୍ଜନ

ଏପ୍ରିଲ୍—୧୯୨୪

୧୯୨୪ ମସିହା ଏପ୍ରିଲ୍ ମାସରେ ଶ୍ରୀଶ୍ରୀଠାକୁର କଲିକତା ଆସନ୍ତି ଏବଂ ହରିତକୀ ବାଗାନ୍‌ର ବସାରେ ଅବସ୍ଥାନ କରନ୍ତି । ସେଠାରେ ବହୁ ସଂଖ୍ୟକ ଲୋକଙ୍କର ଆଗମନ ହେବା ଫଳରେ ସ୍ଥାନଭାବ ଘଟୁଥିଲା । ସେଥିପାଇଁ ହରିତକୀ ବାଗାନ୍‌ର ଅନତି ଦୂରରେ ଶ୍ରୀଶ୍ରୀଠାକୁରଙ୍କ ନିମିତ୍ତ ଗୋଟିଏ ବୃହତ୍ ଘର ଭଡ଼ା ନିଆହୋଇଥିଲା । ସେ ଆସିଲେ ସେ ଘରେ ହିଁ ଅବସ୍ଥାନ କରୁଥିଲେ ।

ସେ ସମୟରେ ସତ୍‌ସଙ୍ଗର ପ୍ରଚେଷ୍ଟାରେ ବାୟୁଚାଳିତ ତଡ଼ିତ୍‌ଯନ୍ତ୍ର ଉଦ୍ଭାବିତ ହୋଇଥିଲା । ସେଥିପାଇଁ ସାହାଯ୍ୟପ୍ରାର୍ଥୀ ହୋଇ ସଦେୟ କେଷ୍ଟ ଦାସ, ଯତୀନ୍ ରାୟ ଓ ମୁଁ ଦେଶବରେଣ୍ୟ ନେତା ବାରିଷ୍ଟର ଚିତ୍ତରଞ୍ଜନ ଦାଶଙ୍କ ସହିତ ଦେଖା କରିବାକୁ ଯାଇଥିଲୁ । ଶ୍ରୀଯୁକ୍ତ ହେମେନ୍ ଦାଶଗୁପ୍ତ (ଯିଏ ପରେ ଦେଶବନ୍ଧୁଙ୍କର ଜୀବନୀ ଲେଖିଥିଲେ) । ସାଙ୍ଗରେ ରହି ପ୍ରଥମେ ଦେଶବନ୍ଧୁଙ୍କ ସାଥିରେ ଆମର ପରିଚୟ କରାଇଦେଲେ ।

ଦେଶବନ୍ଧୁ କହିଲେ,— ''ଏ କେଉଁ ସତ୍‌ସଙ୍ଗ, ପାବନାର କି ?''

ଆମେ ହଁ କହିବାରୁ ଶ୍ରୀଶ୍ରୀଠାକୁରଙ୍କ କଥା ଉଠିଲା । ଖୁବ୍ ଆଗ୍ରହର ସହିତ ସେ କହିଲେ, ''ତାଙ୍କ କଥା ମୁଁ ବାରୀନ୍ ପାଖରୁ ଅନେକ ଥର ଶୁଣିଚି; ବହୁ ଦିନରୁ ତାଙ୍କ ସହିତ ସାକ୍ଷାତ୍ କରିବାର ଆଗ୍ରହ ଜାତ ହୋଇଛି ।''

ଶ୍ରୀଅରବିନ୍ଦଙ୍କର କନିଷ୍ଠ ଭ୍ରାତା ବାରୀନ୍ ଦ୍ୱୀପାନ୍ତରରୁ ଆସି ଶ୍ରୀଶ୍ରୀଠାକୁରଙ୍କ ସାହଚର୍ଯ୍ୟରେ ହିମାଇତପୁରରେ କିଛିଦିନ କଟେଇଥିଲେ ଏବଂ ତାଙ୍କର ଚରିତ୍ରମାଧୁର୍ଯ୍ୟରେ ଏବଂ ତାଙ୍କ ସହିତ ଆଧ୍ୟାତ୍ମିକ ଆଳାପ ଆଲୋଚନାରେ ମୁଗ୍ଧ ହୋଇଥିଲେ । ସେ ସତ୍‌ସଙ୍ଗରୁ

Scanned with CamScanner

ଫେରିଆସି ଦେଶବନ୍ଧୁଙ୍କୁ ଶ୍ରୀଶ୍ରୀଠାକୁରଙ୍କ କଥା କହନ୍ତି ଏବଂ ତାଙ୍କର ସୁପ୍ରତିଷ୍ଠିତ ନାରାୟଣ ପତ୍ରିକାରେ 'ସତ୍‌ସଙ୍ଗର ମଧୁଚକ୍ର' ନାମରେ ଏକ ପ୍ରବନ୍ଧ ପ୍ରକାଶ କରନ୍ତି ।

ଦେଶବନ୍ଧୁ ଆଗ୍ରହର ସହ ପଚ୍ଚାରିଲେ, "ଆପଣଙ୍କର ଠାକୁର ବର୍ତ୍ତମାନ କେଉଁଠି ଅଛନ୍ତି ?"

ଆମେ କହିଲୁ, "କଲିକତାରେହିଁ ଅଛନ୍ତି ।"

ସେ ଚେୟାର୍ ଛାଡ଼ି ଠିଆ ହୋଇପଡ଼ି କହିଲେ, "ଏଠାରେ କେଉଁଠି ?"

ଆମେ କହିଲୁ, "ମାଣିକତଲାରେ ।"

ଏ କଥା କହିବାରୁ ସେ କହିଲେ, "ଘରଟା କେଉଁଠି, ଘରର ନମ୍ବର କେତେ ? ମୁଁ ଆଜି ହିଁ ତାଙ୍କ ସଙ୍ଗେ ଦେଖା କରିବାକୁ ଯିବି ।"

ତାଙ୍କର ଏ ଉତ୍ତେଜନା ଆମକୁ ଅତିଶୟ ବିସ୍ମୟାବିଷ୍ଟ କଲା, ସେଥିରେ ତାଙ୍କୁ ଯେଉଁ ବିଷୟ କହିବାପାଇଁ ଯାଇଥିଲୁ ସେଦିନ ଆଉ ସେ ବିଷୟ କହିବା ସମ୍ଭବ ହେଲାନାହିଁ ।

ସେ କହିଲେ, "ଆଜି କର୍ପୋରେସନ୍‌ର ଗୋଟାଏ ସଭା ଅଛି, ସେ ସଭାରେ ମୋତେ ଯୋଗଦାନ କରିବାକୁ ହେବ । ସେ ସଭା ଶେଷରେ ମୁଁ ଶ୍ରୀଶ୍ରୀଠାକୁରଙ୍କ ସହିତ ଦେଖା କରିବାକୁ ଯିବି । ଆପଣମାନଙ୍କ ମଧ୍ୟରୁ ଜଣେ ଯଦି କର୍ପୋରେସନ୍‌ର ସଭା ଭାଙ୍ଗିବା ସମୟରେ ଉପସ୍ଥିତ ରହନ୍ତି ତାହାହେଲେ ଭଲ ହେବ ।"

ସୁଧୀର ମୁଖାର୍ଜୀ ବୋଲି ଜଣେ ସତ୍‌ସଙ୍ଗୀ, ପୂର୍ବେ କଂଗ୍ରେସ କର୍ମୀ ହିସାବରେ କିଏ ଦେଶବନ୍ଧୁଙ୍କ ସାଥୀରେ ପରିଚିତ ଥିଲେ, ସେ ଏହି କାର୍ଯ୍ୟର ଭାର ନେଲେ ।

ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଗଲା, ତଥାପି ସେମାନେ ଆସିଲେ ନାହିଁ ଦେଖି ଆମେ ଉଦ୍‌ବିଗ୍ନ ହୋଇପଡ଼ିଲୁ । ପରେ ସୁଧୀର ଆସି ଖବର ଦେଲେ ଯେ, ମିଟିଂ ଭାଙ୍ଗିବାକୁ ଅନେକ ଡେରି ହୋଇଗଲା, ସଙ୍ଗେ ସଙ୍ଗେ ପୁଣି ୯ଟାରେ ଟ୍ରେନ୍ ଧରିବାକୁ ହେବ ସିରାଜଗଞ୍ଜ କଂଗ୍ରେସ ଅଧିବେଶନରେ ସଭାପତିତ୍ୱ କରିବାପାଇଁ । ସେଥିପାଇଁ ସେ ଆଜି ଆଉ ଆସିପାରିଲେ ନି, ଖବର ପଠେଇଲେ, ସିରାଜଗଞ୍ଜ କନ୍‌ଫେରେନ୍‌ସ୍‌ରୁ ଫେରିଆସିବା ପରେ ସେ ଶ୍ରୀଶ୍ରୀଠାକୁରଙ୍କ ସହିତ ଦେଖା କରିବେ ।

ଆଜି ଦେଶବନ୍ଧୁ ଆସୁନାହାନ୍ତି ଏବଂ ରାତି ଗାଡ଼ିରେ ସିରାଜଗଞ୍ଜ ଯାଉଛନ୍ତି ଶୁଣି ଶ୍ରୀଶ୍ରୀଠାକୁର ମତେ କହିଲେ, "ଆପଣ ମଧ୍ୟ ସେ ଗାଡ଼ିରେ ସିରାଜଗଞ୍ଜ ଯାଆନ୍ତୁ । ଟ୍ରେନ୍‌ରେ ତାଙ୍କ ସହିତ ଆଳାପ ଆଲୋଚନା କରିବେ ।"

ମୁଁ କହିଲି, "ସେ ତ ଫାଷ୍ଟକ୍ଲାସ୍‌ରେ ଯିବେ, ମତେ ମଧ୍ୟ ତାହାହେଲେ ଫାଷ୍ଟକ୍ଲାସ୍‌ରେ ଯିବାକୁ ହେବ ।"

ଶ୍ରୀଶ୍ରୀଠାକୁର କହିଲେ, "ହଁ, ନିଶ୍ଚୟ ।"

ସେଇ ସଙ୍ଗେ ସଙ୍ଗେ ଭିକ୍ଷା କରି ଯାତାୟାତର ଭଡ଼ା ସଂଗ୍ରହ କରାଗଲା । ଖୁବ୍ ଶୀଘ୍ର ଖିଆପିଆ ଶେଷ କରି ଶିୟାଲଦହ ଷ୍ଟେସନ୍ ଉଦ୍ଦେଶ୍ୟରେ ଯାତ୍ରା କଲି ଏବଂ

ଯେଉଁ ଡବା ଦେଶବନ୍ଧୁଙ୍କପାଇଁ ନିର୍ଦ୍ଦିଷ୍ଟ ଥିଲା ସେଇ ଡବାରେ ହିଁ ପୂର୍ବରୁ ସ୍ଥାନ ନେଇନେଲେ । ତା'ପରେ ଦେଶବନ୍ଧୁ ଏବଂ ଅନ୍ୟାନ୍ୟ ନେତାମାନେ ଆସିଲେ । ସେଇ ଡବାରେ ମତେ ଦେଖି ସେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ କହିଲେ, "ଆପଣ ମଧ୍ୟ କ'ଣ ସିରାଜଗଞ୍ଜ ଯାଉଛନ୍ତି କି ?"

ତା'ପରେ ଅନ୍ୟାନ୍ୟ ନେତାମାନେ ଯିଏ ଯାହାର ସ୍ଥାନକୁ ଚାଲିଗଲେ, ଗାଡ଼ି ଛାଡ଼ିଦେଲା । ପ୍ରାୟ ୧୧ଟା ପର୍ଯ୍ୟନ୍ତ ତାଙ୍କ ସହିତ ଶ୍ରୀଶ୍ରୀଠାକୁର ଓ ସେ ସମ୍ପର୍କରେ ଅନେକ ଆଳାପ ଆଲୋଚନା ହେଲା । ତା'ପରେ ସେ ଶଯ୍ୟା ଗ୍ରହଣ କଲେ, ମୁଁ ମଧ୍ୟ ଶୋଇପଡ଼ିଲି । ସିରାଜଗଞ୍ଜର ଷ୍ଟେସନ୍‌ରେ ପହଞ୍ଚିବା ଆଗରୁ ଦେଶବନ୍ଧୁଙ୍କୁ ଦେଖିବାପାଇଁ ପ୍ରତ୍ୟେକ ଷ୍ଟେସନ୍‌ରେ ଯଥେଷ୍ଟ ଲୋକ ଭିଡ଼ ହୋଇଥିଲା । ସିରାଜଗଞ୍ଜ ଷ୍ଟେସନ୍‌ରେ ପହଞ୍ଚିବା ମାତ୍ରେ ହିଁ ସେଠାକାର ନେତୃବୃନ୍ଦ ଓ ସ୍ୱେଚ୍ଛାସେବକମାନେ ମୁଁ ଦେଶବନ୍ଧୁଙ୍କ ଲୋକ ଏୟା ମନେ କରି ମୋର ବିଛଣାପତ୍ର ମଧ୍ୟ ଦେଶବନ୍ଧୁଙ୍କର ଜିନିଷପତ୍ର ସହିତ ନେଇଗଲେ ଏବଂ ଦେଶବନ୍ଧୁଙ୍କର ଯେଉଁ କୋଠରିରେ ରହିବାର ବ୍ୟବସ୍ଥା କରାଗଲା ମୋର ମଧ୍ୟ ସେଇଠାରେ ରହିବାର ବ୍ୟବସ୍ଥା କରାଗଲା । ଦେଶବନ୍ଧୁଙ୍କ ସହିତ ଯିବାରୁ, ଗୋଟିଏ ଲାଭ ହେଲା ଏଇ— ବଙ୍ଗଳାର ବିଶିଷ୍ଟ ନେତାମାନଙ୍କ ସହିତ ପରିଚିତ ହୋଇଗଲି ସେଠାରେ । ଏ ରାଜନୈତିକ ଗଣ୍ଡଗୋଳ ଓ ଝାମେଲା ମଧ୍ୟରେ ବି ସେ ଯେତେବେଳେ ସମୟ ପାଉଥିଲେ ସେତେବେଳେ ମତେ ଡାକିନେଇ ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ଆଳାପ ଆଲୋଚନା କରୁଥିଲେ । ସିରାଜଗଞ୍ଜ କନ୍‌ଫେରେନ୍‌ସ୍ ଶେଷ ହେବା ପରେ ମୁଁ କଲିକତା ଫେରି ଆସିଲି, ଦେଶବନ୍ଧୁ ତା'ର ଦିନେ ଦୁଇଦିନ ପରେ ଫେରିଲେ ।

ଫେରିବା ପରେ ଦିନେ ସନ୍ଧ୍ୟା ସମୟରେ ଦେଶବନ୍ଧୁ ମାଣିକତଲାସ୍ଥିତ ଭବନରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସିଲେ । ସେତେବେଳେ ଭବନଟି କୀର୍ତ୍ତନାନନ୍ଦରେ ମୁଖରିତ ହୋଇ ଯେପରି ଫାଟି ପଡୁଥିଲା । ଶ୍ରୀଶ୍ରୀଠାକୁର ଦୋତାଲାର ଛାତ ଉପରେ ମନ୍ଦୁରା ପାରି ଶୋଇଥିଲେ । ସେଠାକୁ ତାଙ୍କୁ ନେଇନିଆହେଲା । ଦେଶବନ୍ଧୁଙ୍କୁ ଦେଖି ଶ୍ରୀଶ୍ରୀଠାକୁର ଯେପରି ଚିରପରିଚିତ ପ୍ରାୟ ଉଠିବସି— ଆସନ୍ତୁ ଦାଦା, ବସନ୍ତୁ ! ଏହି ସମ୍ବୋଧନ କରି ସେହି ମନ୍ଦୁରାରେ ବସାଇଲେ ।

ନାନା କଥାବାର୍ତ୍ତା ଚାଲିବାକୁ ଲାଗିଲା । ସ୍ୱରାଜ, ନନ୍-କୋଅପରେସନ୍, ଚରଖା ଇତ୍ୟାଦି ବହୁ ବିଷୟରେ ଶ୍ରୀଶ୍ରୀଠାକୁରଙ୍କ ସହିତ ଆଳାପ ହେବାକୁ ଲାଗିଲା ।...

ମହାତ୍ମାଜୀଙ୍କ କଥା ଉଠିଲା । ଦେଶବନ୍ଧୁ କହିଲେ— ମହାତ୍ମାଜୀଙ୍କୁ ମୁଁ ପ୍ରଥମେ ଆଧ୍ୟାତ୍ମିକ ଦୃଷ୍ଟିସମ୍ପନ୍ନ ମହାପୁରୁଷ ଭାବି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲି; ତେଣୁ ଏକବର୍ଷ ତାଙ୍କ କଥା ଅନୁସାରେ ଚାଲିବି ବୋଲି ପ୍ରତିଶ୍ରୁତି ଦେଇଥିଲି । ତାଙ୍କର moral discipline ଦେଖି ସତରେ ଅବାକ୍ ହୋଇଛି, କିନ୍ତୁ ତାଙ୍କର vision ସମ୍ବନ୍ଧରେ କ୍ରମଶଃ

Scanned with CamScanner

disappoined ହେଲି । ତେଣୁ ଏକବର୍ଷ ପରେ noncooperation ଛାଡ଼ି ଦେଇ ଆମେମାନେ ସ୍ୱରାଜ୍ୟ ଦଳ ଗଠନ କରିଛୁ ।

ଚରଖା ଓ ଖଦଡ଼ ବିଷୟରେ କହିଲେ— ତାହାଦ୍ୱାରା ଯେ ଦେଶର ଉପକାର ହେବ ତାହା ମୁଁ ବିଶ୍ୱାସ କରେ, କିନ୍ତୁ ସେଥିରେ ଯେ ଦେଶୋଦ୍ଧାର ହେବ ତାହା ମୁଁ ବିଶ୍ୱାସ କରେ ନାହିଁ । ତେବେ ମହାତ୍ମାଜୀଙ୍କର ସେଥିରେ ଦୃଢ଼ ବିଶ୍ୱାସ ।

ଶ୍ରୀଶ୍ରୀଠାକୁର କହିବାକୁ ଲାଗିଲେ— ''ଦେଖନ୍ତୁ ଦାଶଦା, କେବଳ ଖଦଡ଼ରେ କ'ଣ ହେବ ? ଆଉ ଜେଲ୍ ଗଲେ ହିଁ ବା କ'ଣ ହେବ ? ଇଂରେଜମାନଙ୍କୁ କ'ଣ ଏପରି ଶକ୍ତିହୀନ ମନେକରନ୍ତି ଯେ କେବଳ ଖଦଡ଼ ପିନ୍ଧିଲେ ଆଉ ଜେଲ୍ ଗଲେ ହିଁ ସେମାନେ ଭାରତ ଛାଡ଼ି ପଳେଇଯିବେ ? ଖାଲି ଜେଲ୍ ଗଲେ ଯାହା ହେବାକଥା ତାହା ହିଁ ହେବ; ସ୍ୱାସ୍ଥ୍ୟ କ୍ଷୟ ହୋଇ ଶକ୍ତି ନଷ୍ଟ ହେବ ।''

ଦେଶବନ୍ଧୁ ପ୍ରଶ୍ନ କଲେ— ''ତେବେ କ'ଣ କରିବୁ ?''

ଶ୍ରୀଶ୍ରୀଠାକୁର— ''ଦେଶଟାକୁ ଯଦି ସ୍ୱାଧୀନ କରିବାକୁ ଚାହାନ୍ତି ତେବେ ଆପଣମାନଙ୍କୁ ଦେଖିବାକୁ ହେବ ଇଂରେଜମାନେ ସମଗ୍ର ଦେଶଟାକୁ କିପରି ସେବା ଦେଇ ଦେଶର ଅନ୍ତର ଜୟ କରିପାରିଛନ୍ତି । ଆପଣମାନେ ମଧ୍ୟ ଦେଶର ସେବାରେ ଲାଗିଯାନ୍ତୁ— କେଉଁଠି ଦେଶବାସୀଙ୍କର ଦୁଃଖ, ଜନସାଧାରଣଙ୍କ କେଉଁଠି ଅଭାବ, ପ୍ରାଣେ ପ୍ରାଣେ ଦରଦ ଦେଇ ବୁଝି ତାହା ଦୂର କରିବା ନିମିତ୍ତ ତୀବ୍ର ଭାବରେ ଲାଗିଯାନ୍ତୁ— ଆଉ ଆପଣମାନଙ୍କର ସେବା ଯେତେବେଳେ ଦେଶବାସୀ ଇଂରେଜମାନଙ୍କର ସେବା ଅପେକ୍ଷା ବେଶୀ ବୋଲି ପ୍ରାଣେ ପ୍ରାଣେ ଅନୁଭବ କରିବେ ସେତେବେଳେ 'ସ୍ୱରାଜ ସ୍ୱରାଜ'. ବୋଲି ଚିତ୍କାର ନ କଲେ ମଧ୍ୟ ସ୍ୱରାଜ ଆପଣାଛାଏଁ ଆସିବ ।''

ଦେଶବନ୍ଧୁ— ''କିନ୍ତୁ ଯାହା କରିବାକୁ ଯାଉଛୁ, ସେଥିରେ ଇଂରେଜମାନେ ବାଧା ଦେଉଛନ୍ତି ।''

ଶ୍ରୀଶ୍ରୀଠାକୁର— ''ଏପରି ଜାଗାରେ ଏପରି ଅବସ୍ଥାରେ ଠିଆ ହୋଇ କାର୍ଯ୍ୟ କରିବାକୁ ହେବ ଯହିଁରେ କାହା ସହିତ ବିରୋଧ ଉପସ୍ଥିତ ନ ହୁଏ । ଇଷ୍ଟ୍ଇଣ୍ଡିଆ କମ୍ପାନୀ ଯେତେବେଳେ ଏ ଦେଶକୁ ଆସିଥିଲା, ସେତେବେଳେ ସେମାନେ ଆସିଥିଲେ ସେମାନଙ୍କର ବ୍ୟବସାୟ ନେଇ, ସେମାନଙ୍କର କୃଷ୍ଟି ନେଇ । ସେମାନଙ୍କର ବ୍ୟବସାୟ ମାଧ୍ୟମରେ ଦେଶବାସୀଙ୍କର ଚାହିଦା ମେଣ୍ଟାଇବାକୁ ଲାଗିଲେ ଏବଂ ତତ୍‌ସଙ୍ଗେ ସଙ୍ଗେ ସେମାନଙ୍କର higher culture establish କରାଇବାକୁ ଲାଗିଲେ । ପାଦ୍ରୀମାନେ ବସେଇଦେଲେ ସ୍କୁଲ୍, ପ୍ରେସ୍, ହାସ୍‌ପାତାଲ୍ ଇତ୍ୟାଦି । ସେସବୁ କ୍ରମଶଃ ଦେଶର ମନ ଜୟ କରିନେଲା । ଆପଣମାନେ ଯଦି ସେହିପରି ସେମାନଙ୍କୁ ଖାଲି ଗାଳିଗୁଲଜ ନ କରି, ଖାଲି ବକ୍ତୃତା ନ କରି, ଦେଶର କେଉଁଠି ବ୍ୟଥା ତାହା ଅନୁଭବ କରି ଦେଶର ସେବା କରିବାରେ ଲାଗିଯାନ୍ତି ତେବେ ସିନା ଆପଣମାନେ ଦେଶର ହୃଦୟ

ଜୟ କରିପାରିବେ । ମଣିଷର ସବୁପ୍ରକାର ଅଭାବ ଦୂର କରିବା— ଏହା ଯଦି politics ହୁଏ ତେବେ ଏହା ମୋର politics ।''

ଶ୍ରୀଶ୍ରୀଠାକୁରଙ୍କର ଏହିସବୁ ବାକ୍ୟାଳାପ ଶୁଣି ଦେଶବନ୍ଧୁ ଉଦ୍ଦୀପ୍ତ ହୋଇଉଠି କହିଲେ— ''ତେବେ କ'ଣ କରିବୁ କହିଦିଅନ୍ତୁ । ମୋତେ ମଧ୍ୟ ଏ ରାଜନୀତି ଭଲ ଲାଗେନାହିଁ । କିନ୍ତୁ ଏପରିଭାବେ ଜଡ଼ିତ ହୋଇପଡ଼ିଛି ଯେ ଆଉ ବାହାରିପାରୁ ନାହିଁ । ସେପରି ଜଣେ ଉପଯୁକ୍ତ ଲୋକ ମଧ୍ୟ ପାଉନାହିଁ ଯାହା ହାତରେ ସବୁ ଦାୟିତ୍ୱ ଟେକିଦେଇ ମୁଁ ନିଶ୍ଚିନ୍ତ ହୋଇପାରିବି ।''

ଶ୍ରୀଶ୍ରୀଠାକୁର ପ୍ରଶ୍ନ କଲେ,— ''ଆଚ୍ଛା ଦାଶଦା, ଏଇ ଯେ ଉପଯୁକ୍ତ ଲୋକ ପାଉନାହାନ୍ତି ବୋଲି କହିଲେ ଏହା କିପରି କହିପାରୁଛନ୍ତି ? କାହିଁକି ଏତେବଡ଼ ଦେଶଟାରେ ଆପଣଙ୍କର ସାହାଯ୍ୟକାରୀ ଜଣେ ମଧ୍ୟ ଖୋଜି ପାଉନାହାନ୍ତି, ସେକଥା ଥରେ ଭାବି ଦେଖିଛନ୍ତି କି ?''

ଦେଶବନ୍ଧୁ କହିଲେ— ''ଯାହା ଉପରେ ନିର୍ଭର କରିବାକୁ ଯାଏ ସେ ଠିକ୍ ଠିକ୍ ପାରେ ନାହିଁ । ପୁଣି ଯାହାର ଭଲ କରେ, ସେ ହିଁ ହୋଇଉଠେ ନିନ୍ଦୁକ, ବିଶ୍ୱାସଘାତକ ।''

ଶ୍ରୀଶ୍ରୀଠାକୁର— ''ଦେଖନ୍ତୁ ତେବେ, ଆପଣହିଁ କହିଛନ୍ତି ସାରା ବଙ୍ଗଳାରେ ମଣିଷ ପରି ମଣିଷ ଖୋଜି ପାଉନାହାନ୍ତି । ଅଥଚ ଏକା ଆପଣତ ସ୍ୱରାଜ ଆଣିପାରିବେ ନାହିଁ । ସାହାଯ୍ୟକାରୀ ନ ପାଇଲେ କାର୍ଯ୍ୟ କରିବେ କେଉଁମାନଙ୍କୁ ନେଇ ?

''ଆହୁରି ଦେଖନ୍ତୁ, ଦେଶରେ ମଣିଷ ପରି ମଣିଷର ଅଭାବ ଆପଣମାନେ ଦେଖିବାକୁ ପାଉଛନ୍ତି, ଅଥଚ ଏତେ ଉଦ୍ୟମ କରି ଆପଣମାନେ ସ୍ୱାଧୀନତା ଆଣିବାକୁ ଚାହୁଁଛନ୍ତି । ସେଥିରେ ବୁଝାଯାଉଛି ଯେ, ଆପଣମାନେ ସ୍ୱାଧୀନତା ଚାହାଁନ୍ତି ନାହିଁ । ଯଦି ଚାହିଁଥାନ୍ତେ ତେବେ ମୋର ମନେ ହୁଏ— ଆଗେ ମଣିଷ ତିଆରି କରିଥାନ୍ତେ; ତା' ନ କରି ଆପଣମାନେ କେବଳ ଇଂରେଜମାନଙ୍କର ଦୋଷ ହିଁ ଦେଖୁଛନ୍ତି । ସେମାନଙ୍କର ଦୋଷ ଦେଖି ଦେଖି ସେମାନଙ୍କର କି କି ଗୁଣ ଯୋଗୁଁ ଆମମାନଙ୍କୁ ସେମାନଙ୍କର ଅଧୀନରେ ରହିବାକୁ ହୋଇଛି, ତାହା ଆଉ ଦୃଷ୍ଟିରେ ପଡୁନାହିଁ ।

''ଦେଶରେ ମଣିଷ ହେବେ କିପରି ଦାଶଦା, ଦେଶର ସମାଜଟା ଏକଦମ୍ ପଚିଯାଇଛି । ଘରେ ଘରେ ଅଶାନ୍ତି, ଦାମ୍ପତ୍ୟ ସୁଖ ନାହିଁ, ଶିଶୁ ମୃତ୍ୟୁ । ଆଜିକାଲି ବିବାହ ବିଧିମାଫିକ୍ ହେଉନାହିଁ, ତେଣୁ ଭଲ ପିଲା ହେବେ କିପରି ? ସମାଜକୁ ଯଦି ସଂସ୍କାର କରିପାରନ୍ତି ତେବେ ଏହା ଅସମ୍ଭବ ନୁହେଁ ଯେ ୨୦-୨୫ ବର୍ଷ ମଧ୍ୟରେ ଏପରି ଯୁବକ ପାଇବେ ଯେଉଁମାନେ ଦେଶରେ କର୍ମୀର ଅଭାବ ଦୂର କରିବେ ।''

ଦେଶ, ସମାଜ, ସ୍ୱାସ୍ଥ୍ୟ, ଅର୍ଥ ଓ ସୁଶିକ୍ଷା ଇତ୍ୟାଦି ସମ୍ବନ୍ଧରେ କଥା ହେବାକୁ ଲାଗିଲା ଯାହା ଦେଶବନ୍ଧୁଙ୍କ ପରି ଆମ୍ଭମାନଙ୍କର ମଧ୍ୟ ଅନ୍ତର ସ୍ପର୍ଶ କଲା । ଦେଶବନ୍ଧୁ ମନ୍ତ୍ରମୁଗ୍ଧ ପରି ଶ୍ରୀଶ୍ରୀଠାକୁରଙ୍କ ମୁଖନିଃସୃତ କଥା ଶୁଣିବାକୁ ଲାଗିଲେ ।

Scanned with CamScanner

ଶ୍ରୀଶ୍ରୀଠାକୁରଙ୍କର ଏହିସବୁ କଥା ଶୁଣି ଶୁଣି ଦେଶବନ୍ଧୁ କହିବାକୁ ଲାଗିଲେ— "ମୁଁ ଏହିସବୁ କାର୍ଯ୍ୟରେ ମନପ୍ରାଣ ଦେଇ ଲାଗିପାରୁନାହିଁ । ପଲ୍ଲୀସେବା କରିବାକୁ ଯେପରି ମୋର ମନ ଚାହେଁ । ଆଉ ଏପରି ଗୋଳମାଳ ବଢ଼ାଇ ସ୍ୱରାଜ ହେବନାହିଁ ତାହା ମଧ୍ୟ ମୁଁ ବୁଝିପାରୁଛି । ତଥାପି ଏଇ ମୃତକଳ୍ପ ଦେଶକୁ ଗୋଟାଏ ଉନ୍ମାଦନାରେ ମତାଇ ରଖିବାକୁ ଚାହିଁଛି, ଆଉ କିପରି କରି ନିଜେ ହିଁ ଯେପରି ସେହି ଉନ୍ମାଦନାର ଘୂର୍ଣ୍ଣିପାଖରେ ପଡ଼ିଯାଇଛି ।"

ଶେଷରେ ଶ୍ରୀଶ୍ରୀଠାକୁର କହିଲେ— "ଦେଖନ୍ତୁ ଦାଶଦା, ଯିଏ ସବୁକିଛି ଦେଖିପାରନ୍ତି ଏପରି ଜଣେ ଋଷି ବା Seer ପଛରେ ନ ଥିଲେ କୌଣସି କାର୍ଯ୍ୟ ହୁଏ ନାହିଁ । ଅର୍ଜୁନଙ୍କର ଶ୍ରୀକୃଷ୍ଣ ଥିଲେ । ରାମଦାସ ଥିଲେ ବୋଲି ଶିବାଜୀ ମହାରାଷ୍ଟ୍ର ଜାତି ଗଢ଼ିତୋଳିଥିଲେ, ଆଉ ଚାଣକ୍ୟ ଥିଲେ ବୋଲି ଚନ୍ଦ୍ରଗୁପ୍ତ ଚନ୍ଦ୍ରଗୁପ୍ତ ହୋଇପାରିଥିଲେ । ଆଉ ରାଣାପ୍ରତାପ କେତେ ଶକ୍ତିଶାଳୀ ହୋଇ ମଧ୍ୟ, ଏତେ କରି ମଧ୍ୟ ସେପରି କିଛି ଗଢ଼ିତୋଳି ପାରିଲେ ନାହିଁ; କେବଳ ତାଙ୍କ ପଛରେ ଏପରି କେହି ନ ଥିଲେ ବୋଲି ।"

ଦେଶବନ୍ଧୁ ସେତେବେଳେ ବାଳକ ପରି କହିଲେ— "ତେବେ କ'ଣ କରିବାକୁ ହେବ ମତେ କହିଦିଅନ୍ତୁ ।"

ଶ୍ରୀଶ୍ରୀଠାକୁର— "ନାମ, ଖୁବ୍ ନାମ କରିବାକୁ ହୁଏ, ଦାଦା !"

ଦେଶବନ୍ଧୁ— "ନାମ ତ କେତେ କରିଛି । କାହିଁ କିଛି ତ ହେଲା ନାହିଁ ।"

ଶ୍ରୀଶ୍ରୀଠାକୁର— "ଶୁଣିନେବାକୁ ହୁଏ, କିପରି କରିବାକୁ ହୁଏ । ଆଉ ତାହା ଅନବରତ କରିବାକୁ ହୁଏ ।"

ଦେଶବନ୍ଧୁ— "କିପରି କରିବି କହିଦିଅନ୍ତୁ ।"

ଶ୍ରୀଶ୍ରୀଠାକୁର— "ମା'ଙ୍କ ପାଖରୁ ଶୁଣିନିଅନ୍ତୁ, ମା' ଜାଣନ୍ତି ।"

ଶ୍ରୀଶ୍ରୀଠାକୁରଙ୍କ ଜନନୀ ମନୋମୋହିନୀ ଦେବୀ ସେଠାରେ ଉପସ୍ଥିତ ନ ଥିଲେ । ସେ ଆସିବା ମାତ୍ରକେ ଦେଶବନ୍ଧୁ ଉଠିଯାଇ ତାଙ୍କ ପାଖରେ ବସିଲେ । ଦେଶବନ୍ଧୁ ଦୀକ୍ଷା ଗ୍ରହଣରେ ଇଚ୍ଛା ପ୍ରକାଶ କରିବାରୁ ମା' କହିଲେ, — "ଦେଖ, ତୁମେମାନେ ବଡ଼ଲୋକ । ବଡ଼ ବଡ଼ ଲୋକମାନଙ୍କୁ ମୋର ମୋଟେ ବିଶ୍ୱାସ ହୁଏନାହିଁ । ସେମାନେ ଭଗବାନ୍‌ଙ୍କୁ ଯେପରି ଅନୁଗ୍ରହ କରନ୍ତି ।"

ଅଦୂରେ ଶ୍ରୀଶ୍ରୀଠାକୁର ବସିଥିଲେ, ତାଙ୍କୁ ଦେଖେଇ ମା' କହିଲେ— "ସେ ବାଳକ, ତା'ର କ'ଣ ବୁଦ୍ଧିଶୁଦ୍ଧି ଅଛି ? ତା' କଥାରେ ଅନେକେ ଡେଇଁ ପଡ଼ନ୍ତି । ଶେଷରେ ଠିକ୍ ରହିପାରନ୍ତି ନାହିଁ । ଯାଅ, ଯାଇ ମନ ଠିକ୍ କରିଆସ । ତୁମମାନଙ୍କ ପରି ବଡ଼ଲୋକଙ୍କର ଆମପାଖରୁ ନାମ ନେବା ସାଜେ ନାହିଁ ।"

ମା'ଙ୍କ କଥା ଶୁଣି ଦେଶବନ୍ଧୁ କହିଲେ— "ମା' ! ମୁଁ ଆପଣଙ୍କର ଦୟା ପାଇବି ନାହିଁ, ତା' ମୁଁ ଜାଣେ । ମୋ' ପରି ପାପୀ ଉପରେ ଦୟା କିପରି ହେବ ? ମା'! ଜଗନ୍ନାଥ ମନ୍ଦିରକୁ କେତେ ଲୋକ ଯାଆନ୍ତି, ମୁଁ ଅଭିମାନରେ କେବେ ବି ସେ ମନ୍ଦିରଦ୍ୱାର ମାଡ଼ିନାହିଁ ।

ଜଗନ୍ନାଥ ସମସ୍ତଙ୍କୁ ଦୟା କରନ୍ତି ବୋଲି ଦେଖିବାକୁ ପାଏ, କେବଳ ମୋତେ ହିଁ ଦୟା କରନ୍ତି ନାହିଁ ।"

ଦେଶବନ୍ଧୁଙ୍କର କାତରୋକ୍ତିରେ ମା'ଙ୍କର ମନ ଓଦା ହୋଇଗଲା ।

ମା' କହିଲେ— "ଦେଖ, କେତେ ଲୋକଙ୍କୁ ତ ଦେଖିଲି । ସେମାନେ କିଛିଦିନ ପରେ ଛାଡ଼ି ଦିଅନ୍ତି । ଧରିରଖିପାରନ୍ତି ନାହିଁ । ଶେଷରେ କହନ୍ତି ସେଥିରେ କିଛି ହୁଅନ୍ତି ନାହିଁ । ଶେଷରେ କେତେ କ'ଣ କହି ନିନ୍ଦା କରିବାକୁ ଆରମ୍ଭ କରନ୍ତି । ତୁମେ ଚିତ୍ତରଞ୍ଜନ, ଦେଶବିଖ୍ୟାତ ତୁମର ନାମ । କେତେ ଲୋକ ତୁମକୁ ମାନନ୍ତି । କେତେ ବଡ଼ଲୋକ ତୁମେ । ଆଉ ବଡ଼ଲୋକ ଯେତେବେଳେ ଆମପରି ଲୋକପାଖକୁ ଆସନ୍ତି ସେତେବେଳେ କୃତାର୍ଥ କରିବାକୁ ହିଁ ଆସନ୍ତି । ଯଦି କୃତାର୍ଥ କରିବାକୁ ଆସିଥାଅ ତେବେ ନାମ ନେଇ ତୁମର କୌଣସି ଲାଭ ନାହିଁ । ଅନ୍ୟାନ୍ୟ ବଡ଼ଲୋକଙ୍କ ପରି ତୁମେ ମଧ୍ୟ କିଛିଦିନ ପରେ ସବୁ ଛାଡ଼ିଦେବ ।"

ଚିତ୍ତରଞ୍ଜନ ମା'ଙ୍କ କଥା ଶୁଣି ଦୃଢ଼ କଣ୍ଠରେ କହିଲେ— "ମା', ଚିତ୍ତର ଅନେକ ଦୋଷ ଥାଇପାରେ କିନ୍ତୁ ପରମ ଶତ୍ରୁ ଏକଥା କେବେ ବି କହିପାରିବ ନାହିଁ ଯେ ସେ ଯେଉଁଠି ସେଠି ଯାଇ ମଥା ନତ କରେ । ଆଉ ଯେଉଁଠି ସେ ମଥା ନତ କରେ ସେଠାରୁ କେବେ ବି ମଥା ଉଠାଏ ନାହିଁ । ମୁଁ ମା' କୃତାର୍ଥ କରିବାକୁ ଆସିନାହିଁ । କୃତାର୍ଥ ହେବାକୁ ଆସିଛି । ଆପଣ ମତେ ଦୀକ୍ଷା ଦିଅନ୍ତୁ ।"

ଦେଶବନ୍ଧୁଙ୍କ କଥାରେ ମା'ଙ୍କର ହୃଦୟ ତରଳିଗଲା । ଛାତ ଉପରେ ଉନ୍ମୁକ୍ତ ଆକାଶ ତଳେ ମା' ଦେଶବନ୍ଧୁଙ୍କୁ ଦୀକ୍ଷା ଦେଲେ ଓ କେତେ କଥା କହିଲେ । ଦୀକ୍ଷା ଗ୍ରହଣ ପରେ ସେ ଶ୍ରୀଶ୍ରୀଠାକୁର ଓ ମା'ଙ୍କର ପଦଧୂଳି ନେଇ ତଳକୁ ଓହ୍ଲେଇ ଯାଇ ଗାଡ଼ିରେ ବସିଲେ । ୧୯୨୪ ମସିହାର ମେ ୧୪ ତାରିଖରେ ଦେଶବନ୍ଧୁ ଦୀକ୍ଷା ଗ୍ରହଣ କରନ୍ତି ।

ଦେଶବନ୍ଧୁ ଦୀକ୍ଷା ନେବା ପରେ ବିଶେଷ କରି ବଙ୍ଗଳାର ରାଜନୀତି ମହଲରେ ଓ ତାଙ୍କର ସ୍ୱରାଜପାର୍ଟିରେ ଗୋଟାଏ ଆଲୋଡ଼ନ ସୃଷ୍ଟି ହେଲା । ସେମାନଙ୍କ ବିଷୟରେ ଅନେକଙ୍କର ଏହି ଧାରଣା ହେଲା ଯେ, ଧର୍ମର ଘୂର୍ଣ୍ଣିବାତ୍ୟାରେ ପଡ଼ି ସେ ହୁଏତ ରାଜନୈତିକ ଆନ୍ଦୋଳନ ଛାଡ଼ିଦେଲେ । ସେଥିପାଇଁ ସେମାନେ ତାଙ୍କର ଏହି ଦୀକ୍ଷାଗ୍ରହଣକୁ ଭଲ ଆଖିରେ ଦେଖିପାରିଲେ ନାହିଁ । ଆଉ ଏକ ଦଳ ଥିଲା ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କୁ ଭଲ ଆଖିରେ ଦେଖିପାରୁ ନଥିଲେ । ସେମାନେ ଠିକ୍ କଲେ ଦେଶବନ୍ଧୁଙ୍କୁ ଯେଉଁ ପ୍ରକାରେ ହେଉ ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ଆଉ ଯିବାକୁ ଦେବେ ନାହିଁ ଏବଂ ସେଥିପାଇଁ ଉପାୟ ବାହାର କରିବେ ।

ଏ ଦଳର କେତେଜଣ ଦିନେ ଶ୍ରୀଯୁକ୍ତ ହେମେନ୍ଦ୍ରନାଥ ଦାଶଗୁପ୍ତ ମହାଶୟଙ୍କୁ ଏହି କଥା ଜଣାଇଲେ । ଶ୍ରୀ ହେମେନ୍ଦ୍ରନାଥ ଦାଶଗୁପ୍ତ, ଗିରୀଶ ଘୋଷଙ୍କ ଜୀବନୀ ଓ ନାଟ୍ୟ ସମାଲୋଚନା ଲେଖି ପଦକ-ପୁରସ୍କାର ଲାଭ କରିଥିଲେ । ସେ ଏମ୍.ଏ., ବି.ଏଲ୍. ପଢ଼ିଥିଲେ ଏବଂ ଓକିଲ ଥିଲେ । ହେମେନ୍ଦ୍ରବାବୁ ସେମାନଙ୍କର ଏହି ଅଭିମତ ଜାଣି କହିଲେ—

Scanned with CamScanner

"ତୁମେମାନେ ଏପ୍ରକାର ଚେଷ୍ଟାରୁ ବିରତ ହୁଅ । ମୁଁ ଜାଣେ ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ,— He has got a very strong feeling. ତୁମେମାନେ କର୍ତ୍ତାଙ୍କ ପାଖରେ (ଦେଶବନ୍ଧୁଙ୍କୁ ସେମାନେ କର୍ତ୍ତା ବୋଲି ଡାକୁଥିଲେ) ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ କୌଣସି କଥା କହିଲେ ହିଁ ସେ ତୁମମାନଙ୍କ ପ୍ରତି ଅତିଶୟ ଅସନ୍ତୁଷ୍ଟ ହେବେ । ତାଙ୍କର ଅସନ୍ତୋଷଭାଜନ ହୋଇ ତୁମମାନଙ୍କର କି ସୁବିଧା ହେବ ?"

ଶ୍ରଦ୍ଧେୟ ମହେନ୍ଦ୍ରବାବୁ ନିଜେ ମତେ ଏ କଥା କହିଛନ୍ତି । ଅନେକଙ୍କର ପୁଣି ଧାରଣା— ଦେଶବନ୍ଧୁ ମୋଟେ ହିଁ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଦୀକ୍ଷା ଗ୍ରହଣ କରିନାହାନ୍ତି । ଏକଥା ଖଣ୍ଡନ କରିପାଇଁ ସେମାନଙ୍କୁ ଶ୍ରୀହେମେନ୍ଦ୍ରନାଥ ଦାଶଗୁପ୍ତଙ୍କ ଲିଖିତ "ଦେଶବନ୍ଧୁ ଜୀବନ ଚରୀତ", ପ୍ରଥମ ସଂସ୍କରଣ ପାଠ କରିବାକୁ କହିଲି । ସେଥିରେ ସେ ଏ ବିଷୟର ବିସ୍ତୃତ ବିବରଣୀ ଦେଇଛନ୍ତି । ତାହା ପାଠ କଲେ ସେମାନଙ୍କର ଭ୍ରମ ଦୂର ହେବ ।

ଦୀକ୍ଷା ନେବାର ତିନିଦିନ ପରେ ଦେଶବନ୍ଧୁ ପୁଣି ମାଣିକତଳାଘରେ ଶ୍ରୀଶ୍ରୀଠାକୁରଙ୍କ ସାଙ୍ଗେ ଦେଖା କରିବାକୁ ଆସନ୍ତି । ଏଇଦିନ ଗ୍ରାମସଂଗଠନ କିପରି କରିବାକୁ ହେବ ବିଶେଷକରି ସେଇ କଥା ଆଲୋଚନା ହେଲା । ଗାଁ-ଗାଁରେ କୁଟୀର-ଶିଳ୍ପ ସ୍ଥାପନ, ଗାଁରେ ଛୋଟ-ଛୋଟ ବ୍ୟାଙ୍କ ସ୍ଥାପନକରି କିପରି ଶିଳ୍ପର ଉନ୍ନତି ହୋଇପାରେ ଓ ଦାରିଦ୍ର୍ୟ ଦୂର କରାଯାଇପାରେ, କିପରି ଗ୍ରାମବାସୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଚରିତ୍ର ଓ କର୍ମନୈପୁଣ୍ୟରେ ନୂତନ ଜୀବନ ଲାଭ କରିପାରନ୍ତି ଏଇସବୁ କଥା ଆଲୋଚନା ହେଲା । ଦେଶବନ୍ଧୁ ଯିବାବେଳେ କହିଗଲେ— ମୁଁ ମୋର Forward ପତ୍ରିକାରେ ଖୁବ୍ ଶୀଘ୍ର Village Re-organisation Scheme (ଗ୍ରାମ-ସଂସ୍କାର)ର କଥା ପ୍ରକାଶ କରିବି । ତା'ର କିଛିଦିନପରେ ସେ ଗ୍ରାମ-ସଂସ୍କାରର କଥା ସେଇ ପ୍ରତିକାରେ ପ୍ରକାଶ କରନ୍ତି ।

ସେଦିନ ମାଣିକତଳା ଘରୁ ବିଦାୟ ନେବାବେଳେ ଦେଶବନ୍ଧୁ ଶ୍ରୀଶ୍ରୀଠାକୁରଙ୍କୁ ଆଉ ଗୋଟିଏ ଅନୁରୋଧ ଜଣେଇ ଯା'ନ୍ତି । ସେ ଶ୍ରୀଶ୍ରୀଠାକୁରଙ୍କୁ କୁହନ୍ତି— "ଦେଶର କାମ କରି ଆଉ ସମୟ ପାଉନାହିଁ ଯାହାଦ୍ୱାରା ଇଚ୍ଛା କଲେ ହିଁ ଆପଣଙ୍କର ସଙ୍ଗସୁଖ ଲାଭ କରିପାରିବି । ଆପଣଙ୍କର କର୍ମୀମାନଙ୍କ ମଧ୍ୟରୁ ଯଦି ଏପରି ଜଣଙ୍କୁ ଦିଅନ୍ତି ଯିଏ ମୋ' ଘରେ ଯାଇ ମଝିରେ ମଝିରେ ରହିପାରିବେ; ତେବେ ତାଙ୍କ ସହିତ ଅବସର ସମୟରେ ଗଳ୍ପକରି ଆପଣଙ୍କ ବିଷୟରେ ଅନେକ କଥା ଜାଣିପାରନ୍ତି ।"

ଶ୍ରୀଶ୍ରୀଠାକୁର କହିଲେ— "ଆଚ୍ଛା ଚିନ୍ତାକରି ଦେଖିବି । ଆପଣଙ୍କ ଘରକୁ କାହାକୁ ପଠେଇବାର ଚେଷ୍ଟା କରିବି ।"

ଦେଶବନ୍ଧୁ ଚାଲିଯିବାର କିଛିଦିନପରେ ଆମର ପାବନା ଫେରିଯିବାର କଥା ପଡ଼ିଛି, ଏଇ ସମୟରେ ଦିନେ ଶ୍ରୀଶ୍ରୀଠାକୁର ମୋତେ ଡାକି କହିଲେ— "ଆପଣଙ୍କୁ ତ ବିଭିନ୍ନ କାମରେ ବରାବର କଲିକତା ଆସିବାକୁ ପଡ଼େ । କଲିକତା ଆସିଲେ ଦେଶବନ୍ଧୁଙ୍କ ଘରେ ଯାଇ ରହିବେ ଏବଂ ତାଙ୍କ ସହିତ ଗଳ୍ପଆଲୋଚନା କରିବେ ।"

ମୁଁ କହିଲି-- 'ଠାକୁର, ସେମାନେ ବଡ଼ଲୋକ । ସେମାନଙ୍କ ଘରକୁ ଯାଇ ରହିବା-ଖାଇବା କ'ଣ ଆମଭଳିଆ ସାଧାରଣ ଲୋକର ପୋଷେଇବ? କଲିକତା ଆସିଲେ ତାଙ୍କ ସହ ଦେଖାକରି ଆଳାପ-ଆଲୋଚନାଦି କରିପାରେ, କିନ୍ତୁ ତାଙ୍କ ଘରେ ରହିବା କଥାରେ ମୋର କାହିଁକି ମନ ଯାଉନି ।"

ଶ୍ରୀଶ୍ରୀଠାକୁର— "ହଁ, ହୁଅନ୍ତୁ ଅବା ସିଏ ବଡ଼ଲୋକ, ହେଲେ ସେଥିରେ କ'ଣ ଅଛି? ତାଙ୍କ ଘରେ ରହିବାରେ ଆପଣଙ୍କୁ ବାଧିବ କାହିଁକି? ପୁଣି କଲିକତା ଆସିଲେ ତାଙ୍କରି ଘରେ ଯାଇ ରହିବେ ।"

ଶ୍ରୀଶ୍ରୀଠାକୁରଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଏହା ପରେ ଆଶ୍ରମ ଯାଇ ପୁନରାୟ କଲିକତା ଆସିବାର ପ୍ରୟୋଜନ ହେଲା । ସେଥର କଲିକତା ଆସି ଦେଶବନ୍ଧୁଙ୍କର ଭବାନୀପୁର ଘରେ ଯାଇ ପହଞ୍ଚିଲି । ଦେଶବନ୍ଧୁ ମୋତେ ପାଇ ମହାଖୁସୀ । ଦୋତାଲାରେ ଯେଉଁ ଘରେ ସେ ରହୁଥିଲେ ତା'ପାଖ ଘରେ ମୋର ରହିବାର ସ୍ଥାନ ନିର୍ଦ୍ଦେଶ କରିଦେଲେ ।

ତାଙ୍କ ଘରେ ରହିବା ହେତୁ ତାଙ୍କ ସାଥିରେ ଘନିଷ୍ଠଭାବେ ମିଶିବାର ସୁଯୋଗ ହେଲା । ସେଥିଯୋଗୁଁ ଦେଶବନ୍ଧୁ କି ମହାପ୍ରାଣ ବ୍ୟକ୍ତି ଥିଲେ ତାହା ବୁଝିବାର ସୁଯୋଗ ମିଳିଲା । ସେ ସକାଳେ ଆସିଥିବା କଂଗ୍ରେସନେତା ଓ କର୍ମୀ ଏବଂ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଦେଖାସାକ୍ଷାତ୍ କରି ପ୍ରାୟ ଆଠଟା-ସାଢ଼େଆଠଟା ପାଖାପାଖି ବାହାରିଯାନ୍ତି, ଆଉ ଦିନ ବାରଟା-ସାଢ଼େବାରଟା ପାଖାପାଖି ଫେରନ୍ତି । ପୁଣି ଅପରାହ୍ଣ ତିନିଟା ପରେ ବାହାରିଯାଇ ରାତି ଦଶଟା-ଏଗାରଟା ବେଳେ ଫେରନ୍ତି । ଇଂରାଜୀରେ ଗୋଟାଏ କଥା ଅଛି-- 'burning the candle at both ends.' ମୋର ମନେହୁଏ ଦେଶପାଇଁ ଏହିପରି ଅମାନୁଷିକ ପରିଶ୍ରମ କରି ତାଙ୍କର ଜୀବନଦୀପ ଅକାଳେ ନିର୍ବାପିତ ହୋଇଗଲା !

ସେତେବେଳେ ସେ ସ୍ୱରାଜ୍ୟ ପାର୍ଟି ଗଠନ-ବିଷୟରେ ଖୁବ୍ ବ୍ୟସ୍ତ ଥିଲେ । କୋଉ-କୋଉଦିନ ମଧ୍ୟାହ୍ନ-ଭୋଜନ ସମୟରେ ଓ ତା'ପରେ ଦିନ ତିନିଟା ପର୍ଯ୍ୟନ୍ତ ତାଙ୍କ ଘରେ ଅଥବା ବାରଣ୍ଡାରେ ବସି ଆଳାପ-ଆଲୋଚନା ଚାଲୁଥିଲା । ଜ୍ଞାନ, ଗୁଣ ଓ ଅଭିଜ୍ଞତାରେ ସେ କେତେ ଶ୍ରେଷ୍ଠ । ତାଙ୍କ ପାଖରେ ମୁଁ ବାଳକ କହିଲେବି ଅତ୍ୟୁକ୍ତି ହେବନାହିଁ । ଅଥଚ ସେ ଏତେ ନିରଭିମାନୀ ଥିଲେ ଯେ ମୋର ପ୍ରତ୍ୟେକ କଥା ଗଭୀର ମନୋଯୋଗ ସହ ଶୁଣୁଥିଲେ ଏବଂ ବିସ୍ତୃର ବିଶ୍ଳେଷଣ କରି ତା'ର ଦୋଷଗୁଣ କହିଦେଉଥିଲେ ।

ଦିନେ ଆଶ୍ରମର କଥା-ପ୍ରସଙ୍ଗରେ Wind Power Dynamo କଥା କହିଲି । ସେ ହସି କହିଲେ— "ମୁଁ ଫକିର ହେଲି ଆଉ ଆପଣମାନେ ତା'ପରେ ଆସିଲେ । ଆଗପରି ସମୟ ହୋଇଥିଲେ ମୁଁ ଏକା ହିଁ ଏଇଟାକୁ ଗଢ଼ିତୋଳି ପାରିଥାନ୍ତି ।

ସେତେବେଳେ ନିଃସ୍ୱ ହୋଇ ମଧ୍ୟ ସେ ଆମକୁ ଏଥିପାଇଁ ଦୁଇହଜାର ଟଙ୍କା ଦେଇଥିଲେ । ସେ ଅନ୍ୟସହ ଅଂଶୀଦାର ହିସାବରେ ଗୋଟାଏ କେମିକାଲ୍ ଓ୍ୱାର୍କସ୍ ଖୋଲିଥିଲେ । ସେଇଟା ବନ୍ଦ ହେଇଗଲା । ତେବେ କେତେକ furniture ଓ ଯନ୍ତ୍ରପାତି

Scanned with CamScanner

ଓ ଗୋଟିଏ fine chemical balance ସେ ଆମର ବିଜ୍ଞାନାଗାରପାଇଁ ଦେଇଥିଲେ। ତାଙ୍କ ନିଜର ବ୍ୟବହୃତ ଛୋଟ Remington type-writer ମଧ୍ୟ ଆମକୁ ଦେଇଥିଲେ। ସେଇଟା ଏବେ ବି ଅଛି।

ଦିନେ କଥା-ପ୍ରସଙ୍ଗରେ ମୁଁ ତାଙ୍କୁ ପଚାରିଲି— "ଆପଣଙ୍କସହ ଆଳାପ-ଆଲୋଚନା କରି ବୁଝିପାରୁଛି ଯେ ଗାନ୍ଧିଜୀଙ୍କ ମତବାଦ ସହିତ ଆପଣଙ୍କର ମତବାଦର ଖୁବ୍ ପାର୍ଥକ୍ୟ ଅଛି, ତା'ସତ୍ତ୍ୱେ ଆପଣ ଗାନ୍ଧିଜୀଙ୍କୁ guide ବା ଆଦର୍ଶ ବୋଲି ଗ୍ରହଣ କଲେ କିପରି ?"

ଉତ୍ତରରେ ସେ କହିଲେ— "ଯେତେବେଳେ ମହାତ୍ମାଜୀ ଖୋଲାଖୋଲିଭାବେ ଘୋଷଣା କଲେ ଯେ— "Either I shall raise the banner of Swaraj by the 31st of December or retire to the Himalayas" ସେତେବେଳେ ମୁଁ ମନେ ମନେ ଭାବିଲି, ଦେଶର ତ ଏଇ ଶୋଚନୀୟ ଅବସ୍ଥା, ଏ ଅବସ୍ଥାରେ ଡିସେମ୍ବର ୩୧ତାରିଖ ଭିତରେ ସ୍ୱରାଜ ଆସିବ କିପରି? ହୁଏତ ସେ ଋଷି, ଭବିଷ୍ୟତ ଦେଖି ପାରୁଛନ୍ତି, ତେଣୁ ଏପରି କହୁଛନ୍ତି। ଆଉ, ଯଦି ସେ ଋଷି ହୋଇଥାନ୍ତି, ତା'ହେଲେ ତାଙ୍କୁ ଅନୁସରଣ କରିବା ହିଁ ତ ମୋର କର୍ତ୍ତବ୍ୟ। ଏହା ମନେକରି ମୁଁ ତାଙ୍କର ନିର୍ଦ୍ଦେଶ ମାନିନେଇଥିଲି। ଶେଷରେ ବମ୍ବେ-ଅଧିବେଶନରେ ମୁଁ ଓ ମୋତିଲାଲ୍ ନେହେରୁ ଯେତେବେଳେ argumentରେ ତାଙ୍କୁ corner କଲୁ ସେତେବେଳେ ଦେଖୁ ଯେ ସେ ତାଙ୍କର ପୂର୍ବ କଥାରୁ ଓହରି ଯାଉଛନ୍ତି, ଆମ argumentରେ ନିଜ କଥାରେ ଦୃଢ଼ ରହିନପାରି;— ସେତେବେଳେ ଯାଇ ମୋର ଭୁଲ୍ ଭାଙ୍ଗିଲା। ମୁଁ ମନେକଲି— ଋଷି ଭବିଷ୍ୟଦ୍ ଦେଖିପାରନ୍ତି, ତେଣୁ ସେ କେବେହେଲେ ତାଙ୍କର ମତ ବଦଳାନ୍ତି ନାହିଁ। ତେଣୁ ଇଏ ଋଷି ନୁହଁନ୍ତି। ତାଙ୍କର କେତେକ moral principle ଅଛି। ସେଗୁଡ଼ିକ ସେ ଦୃଢ଼ଭାବେ ଅନୁସରଣ କରନ୍ତି। ଆଉ କିଛି ନୁହେଁ। ସେଇ ସମୟରୁ ମୋ' ସାଥୀରେ ପଦେ-ପଦେ ବିରୋଧ ହେବାକୁ ଲାଗିଲା। ଶେଷରେ ବାଧ୍ୟହୋଇ ମୁଁ ଆଉ ମୋତିଲାଲ୍‌ଜୀ ସ୍ୱରାଜ୍ୟଦଳ ଗଠନ କଲୁ!"

ଦେଶ ବିଷୟରେ, ଦେଶର ନେତାମାନଙ୍କ ବିଷୟରେ, ବାଂଲାଦେଶ ବିଷୟରେ ସେତେବେଳେ କେତେ କଥା ଦେଶବନ୍ଧୁଙ୍କ ସାଥୀରେ ହୋଇଚି, ବର୍ତ୍ତମାନ ଅବଶୋଷ ହୁଏ ଯେ ସେସବୁର କୌଣସି ନୋଟ୍ ରଖିନି। ତାହା ଥିଲେ ଗୋଟାଏ ଅମୂଲ୍ୟ ସମ୍ପଦ ହେଇଥା'ନ୍ତା। ସେସବୁ କଥା ସ୍ମୃତିପଟରୁ ଲିଭିଯାଇଛି।

ଦେଶବନ୍ଧୁଙ୍କ ଘରକୁ ଦେଶବରେଣ୍ୟ ଭାରତର ବହୁ ନେତାଙ୍କର ଶୁଭାଗମନ ହେଉଥିଲା। ସେଇଠାରେ ହିଁ ମୋତିଲାଲ୍ ନେହେରୁଙ୍କ ସଙ୍ଗେ ପ୍ରଥମ ପରିଚୟ ଓ ଆଳାପ ହୋଇଥିଲା। ତା'ଛଡ଼ା ବଙ୍ଗଳାର ସୁଭାଷଚନ୍ଦ୍ର, ଯତୀନ୍ଦ୍ରମୋହନ ସେନଗୁପ୍ତ, ତୁଳସୀ ଗୋସାଇଁ ପ୍ରଭୃତିଙ୍କ ସାଙ୍ଗରେ ମଧ୍ୟ ଘନିଷ୍ଠଭାବେ ମିଳାମିଶା କରିବାର ଓ ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ କହିବାର ଶୁଭ-ସଂଯୋଗ ଘଟିଥିଲା।

ମହାତ୍ମାଜୀ ୧୯୧୫ ମସିହାର ଆରମ୍ଭ ବେଳକୁ ଆଫ୍ରିକାରୁ ଭାରତ ଆସନ୍ତି, ତା'ପରଠାରୁ କଲିକତା ଆସିଲେ ଦେଶବନ୍ଧୁଙ୍କ ଘରେ ହିଁ ଅବସ୍ଥାନ କରନ୍ତି; ସେମାନଙ୍କର ମତ ବିରୋଧ ହେବାପରେ ମଧ୍ୟ ଏହାର କୌଣସି ବ୍ୟତିକ୍ରମ ହେଇନି।

ଥରେ ମୁଁ ଦେଶବନ୍ଧୁଙ୍କ ଘରେ ଥିବା ସମୟରେ ତାଙ୍କ ଘରକୁ ମହାତ୍ମାଜୀଙ୍କର ଶୁଭାଗମନ ହେଲା। ମହାତ୍ମାଜୀ ସେତେବେଳେ ଚରଖା ପ୍ରଶ୍ନରେ ଉନ୍ମତ୍ତ ବୋଲି କହିଲେ ଭୁଲ୍ ହେବନାହିଁ। ଦିନେ କଥାପ୍ରସଙ୍ଗରେ ସେ ମୋତେ କହିବାକୁ ଲାଗିଲେ କିପରି ଚରଖାଦ୍ୱାରା ଦେଶ ଉଦ୍ଧାର ହେବ, ଅର୍ଥନୈତିକ ସମସ୍ୟାର ସମାଧାନ ହେବ, ଚରଖା ବ୍ୟାଙ୍କ ସ୍ଥାପିତ ହେବ ଇତ୍ୟାଦି। ପ୍ରାୟ ୫୦ମିନିଟ୍ କାଳ ତାଙ୍କ ସହିତ ଚରଖା ବିଷୟରେ ଆଳାପକରି ମୋର ମନେ ହେଲା— ଚରଖା ସମ୍ବନ୍ଧରେ in all its aspects ସେ କି ଗଭୀରଭାବରେ ଧ୍ୟାନ ନ କରିଛନ୍ତି! ଏଥିରେ ନିଜକୁ ଏପରି ଗଭୀରଭାବେ ଅନୁପ୍ରାଣିତ କରି ତୋଳିଛନ୍ତି ବୋଲି ସିନା ଅନିଚ୍ଛୁକ ଲୋକମାନଙ୍କ ଭିତରେ ବି ତାଙ୍କର ଏଇ ଚରଖା movement ଚଳେଇଯାଇ ପାରୁଛନ୍ତି!

ଚରଖା ବିଷୟରେ ଏଇସବୁ ଆଲୋଚନା ପରେ ସେ କହିଲେ— "ଗୀତାରେ ବି ତ ଚରଖା କଥା ଅଛି।"

ମୁଁ କହିଲି— "କ'ଣ କହୁଛନ୍ତି? ଗୀତାରେ ଚରଖା କଥା ?"

ସେ କହିଲେ— 'ଏବଂ ପ୍ରବର୍ତ୍ତିତଂ ଚକ୍ରମ୍।' ମୁଁ ତାଙ୍କ କଥା ଶୁଣି ହୋ-ହୋ କରି ହସିଉଠିଲି। ସେ ମଧ୍ୟ ସେଇ ହସରେ ଯୋଗ ଦେଲେ।

...ଦିନେ ମହାତ୍ମାଜୀଙ୍କ ସହିତ ଏକ ଗାଡ଼ିରେ ହାଓଡ଼ା ମଇଦାନରେ ଗୋଟିଏ ମିଟିଙ୍ଗ୍‌ରେ ଯୋଗ ଦେବାକୁ ଗଲି। ମହାତ୍ମାଜୀ ଆଉ ଗାଡ଼ିରୁ କୌଣସିପ୍ରକାରେ ଓହ୍ଲେଇପାରୁ ନାହାନ୍ତି। ଚାରିପଟୁ ବିପୁଳ ଜନଗଣ ତାଙ୍କୁ ବେଢ଼ିଯାଇଛନ୍ତି ଏବଂ ତାଙ୍କର ସ୍ପର୍ଶରେ ଓ ପାଦଧୂଳିରେ ମହା ପୁଣ୍ୟ ହେବ ମନେକରି ଅସଂଖ୍ୟ ହାତ ତାଙ୍କ ମଥାରେ ଲାଗୁଛି; କାରଣ ପାଦ ତ ମଟର ଭିତରେ ରହିଛି, ତାହା ସ୍ପର୍ଶ କରିବାର କ୍ଷମତା ନାହିଁ। ମହାତ୍ମାଜୀ ଅସଂଖ୍ୟ ହାତ ସ୍ପର୍ଶର ଚାପରେ ବିବ୍ରତ ହୋଇ କହିବାକୁ ଲାଗିଲେ— 'ଏ କ୍ୟାୟାରେ, ଏ କ୍ୟାୟାରେ'। ଶେଷରେ ଅତି କଷ୍ଟରେ ସ୍ୱେଚ୍ଛାସେବୀଗଣ ଲୋକମାନଙ୍କ ଭକ୍ତିର ଆତିଶଯ୍ୟରୁ ତାଙ୍କୁ ଉଦ୍ଧାର କଲେ। ସେତେବେଳେ ସେ ଜନଗଣଙ୍କ ନିକଟରେ ଯୁଗାବତାର ବୋଲି ପ୍ରଖ୍ୟାତ ହୋଇଛନ୍ତି, ସେଥିପାଇଁ ଲୋକମାନଙ୍କ ହାତରୁ କମ୍ ଲାଞ୍ଛନା ଭୋଗ କରିବାକୁ ହୋଇନି!

ଥରେ ସରୋଜିନୀ ନାଇଡୁଙ୍କ ସ୍ୱାମୀ ଡାଃ ମେଜର ନାଇଡୁ ମହାତ୍ମାଜୀଙ୍କ ସହିତ ଦେଖା କରିବାକୁ ଦେଶବନ୍ଧୁଙ୍କ ଘରକୁ ଆସିଲେ। ଶୁଣିଲି ସେ ସରୋଜିନୀ ନାଇଡୁଙ୍କ ବିରୋଧରେ ଅଭିଯୋଗ ନେଇ ଆସିଛନ୍ତି। ବୁଝିଲି ସରୋଜିନୀ ନାଇଡୁଙ୍କ ସହିତ ତାଙ୍କ ସ୍ୱାମୀଙ୍କର ସେମିତି ମନର ମେଳ ନାହିଁ।

Scanned with CamScanner

ଦେଶବନ୍ଧୁଙ୍କ ଘରେ ହିଁ ସରୋଜିନୀ ନାଇଡୁଙ୍କ ସହିତ ମୋର ପ୍ରଥମ ପରିଚୟ ହୁଏ । ତା'ପରେ ଦ୍ୱିତୀୟବାର ତାଙ୍କ ସହିତ ଦେଖାହୁଏ, ଦିଲ୍ଲୀ କ୍ଲଥ-ମିଲ୍‌ର ସ୍ୱତ୍ୱାଧିକାରୀ ଲାଲା ଶ୍ରୀରାମଙ୍କର ଦିଲ୍ଲୀସ୍ଥିତ ସୁରମ୍ୟବାଟୀରେ । ସେଥର ତାଙ୍କୁ ପାବନା ଆଶ୍ରମରେ ଶ୍ରୀଶ୍ରୀଠାକୁରଙ୍କ ଜନ୍ମୋତ୍ସବରେ ଯୋଗ ଦେବାକୁ ଆମନ୍ତ୍ରଣ ଜଣାଇଲି । ସେ ମଧ୍ୟ ସାଗ୍ରହେ ଆମନ୍ତ୍ରଣ ଗ୍ରହଣ କଲେ ଏବଂ ସମୟାନୁଯାୟୀ କଲିକତା ପର୍ଯ୍ୟନ୍ତ ଆସିଲେ । କିନ୍ତୁ ଦୁଃଖର ବିଷୟ ବଙ୍ଗଳାର ଜଣେ ପ୍ରସିଦ୍ଧ ଜନନେତା ତାଙ୍କୁ ଆଶ୍ରମ-ସମ୍ବନ୍ଧରେ ବିରୁଦ୍ଧ କଥା କହି ତାଙ୍କ ମନରେ ସନ୍ଦେହ ସୃଷ୍ଟି କଲେ । ସରୋଜିନୀ ନାଇଡୁ କଲିକତାରୁ ଫେରିଗଲେ । ଆଶ୍ରମକୁ ଆଉ ଆସିଲେ ନାହିଁ ।

ଏଇ ଘଟଣାରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଗୋଟିଏ କଥା ମୋର ମନେପଡ଼େ । ସେ ଦୁଃଖ କରି ମୋତେ ଦିନେ କହିଥିଲେ— ଦେଖ, ମୋର ଏଇ ଶାନ୍ତି ନିକେତନରେ ବିଶ୍ୱର ବଡ଼ ବଡ଼ ଲୋକଙ୍କର ପଦଧୂଳି ପଡ଼ିଛି କିନ୍ତୁ ଦୁଃଖର ବିଷୟ ବଙ୍ଗଳାର ବଡ଼ଲୋକଙ୍କର ପଦଧୂଳି ଆଜିଯାଏ ପଡ଼ିଲା ନାହିଁ ।

ବିଧାତାର କି ଅଭିସମ୍ପାତ ଜାଣିନି, ବଙ୍ଗାଳୀ ବଙ୍ଗାଳୀର ଭଲ ଦେଖିପାରେ ନାହିଁ । ରବୀନ୍ଦ୍ରନାଥଙ୍କର ସେଇ ଦିନର ଆଉଗୋଟିଏ କଥା ମୋ' ମନରେ ଗଭୀର ରେଖାପାତ କରିଛି । ସେ ସେଦିନ ଦୁଃଖ କରି ମୋତେ କହିଥିଲେ— "ଦେଖ, ଏଇ ବୃଦ୍ଧବୟସରେ ଅପଟୁ ଶରୀର ନେଇ ପୁଅ-ଝିଅମାନଙ୍କୁ ନଚେଇ ମୋର ଏଇ ପ୍ରତିଷ୍ଠାନପାଇଁ ଅର୍ଥସଂଗ୍ରହ କରିବାକୁ ପଡୁଛି ।"

ସେଠାରେ ସେଦିନ ରବୀନ୍ଦ୍ରନାଥଙ୍କର ପୁଅ ରଥୀନ୍ଦ୍ରନାଥ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ କଥାର ଉତ୍ତରରେ ମୁଁ କହିଲି— "ଆପଣ ନହେଲେ ଯେତେଦିନ ବଞ୍ଚିଛନ୍ତି ସେତେଦିନ ଏଇମିତି କରି ଏଇ ପ୍ରତିଷ୍ଠାନକୁ ଚଳେଇବେ । କିନ୍ତୁ ଆପଣଙ୍କ ପରେ ଏହିପରି କରି କିଏ ଏଇ ପ୍ରତିଷ୍ଠାନକୁ ଚଳେଇବ ?"

ଉତ୍ତରରେ ସେ କହିଲେ— "ଦେଖ, ସେ ଚିନ୍ତା ମୋର ନୁହେଁ । ଶିଳ୍ପୀ ଯିଏ, ସେ ମନ ଆନନ୍ଦରେ ଗଢ଼ିଯିବ; ଭବିଷ୍ୟଦ୍‌ର ଚିନ୍ତା ତା ମନରେ ସ୍ଥାନ ପାଏ ନାହିଁ । ଭବିଷ୍ୟତରେ ଯେଉଁମାନେ ଆସିବେ ସେମାନେ ହିଁ ସେ ଚିନ୍ତା କରିବେ ।"

ଦେଶବନ୍ଧୁଙ୍କ ଘରେ ଅବସ୍ଥାନ ସମୟରେ ସେ ଦିନେ ମୋତେ କହିଲେ— "ଦେଖନ୍ତୁ! ବାଲୀଗଞ୍ଜ ଲେକ୍ ଧାରରେ ୫୦ ବିଘା (୧ବିଘା=ପ୍ରାୟ ୧/୩) ଏକର ଜମି ମୋର controlରେ ଅଛି, ସେଇଟା ମୁଁ ଆପଣଙ୍କ ଆଶ୍ରମକୁ ଦେଇପାରେ । ଶ୍ରୀଶ୍ରୀଠାକୁରଙ୍କୁ କହି ଆପଣମାନେ ଯଦି ଏଠାରେ ଆଶ୍ରମ ସ୍ଥାପନ କରନ୍ତି ତା'ହେଲେ ଦେଶର ଜନସାଧାରଣ ଓ ବଡ଼ ବଡ଼ ଲୋକ ଆପଣମାନଙ୍କର କାର୍ଯ୍ୟକର୍ମ ପ୍ରତ୍ୟକ୍ଷ ଭାବରେ ଦେଖିପାରିବେ ଓ ସେମାନଙ୍କର ସାହାଯ୍ୟ ଓ ସହାନୁଭୂତି ମଧ୍ୟ ପାଇବେ ପ୍ରଚୁର; ଆଶ୍ରମ ମଧ୍ୟ ସୁସ୍ଥୁ ଓ ସୁନ୍ଦରଭାବେ ଗଢ଼ିଉଠିବ । ଆଶ୍ରମ ସ୍ଥାପନର ଉଦ୍ଦେଶ୍ୟ ସଫଳ ହେବ ଖୁବ୍ ଶୀଘ୍ର ।"

ସେଥର କଲିକତାରୁ ଆଶ୍ରମକୁ ଯାଇ ଦେଶବନ୍ଧୁଙ୍କର ପ୍ରସ୍ତାବଟା ଶ୍ରୀଶ୍ରୀଠାକୁରଙ୍କ ପାଖରେ ପେଶ୍‌କଲି ଓ କହିଲି— "କଲିକତାରେ ଯଦି ଆମର ଏଇ ଆଶ୍ରମ ସ୍ଥାପନ କରାଯାଏ ତେବେ ଆମର ଉଦ୍ଦେଶ୍ୟ ଓ ଆଦର୍ଶ ଲୋକମାନଙ୍କ ସମକ୍ଷରେ ତୋଳିଧରିବାର ଖୁବ୍ ସୁବିଧା ହେବ ।"

ମୁଁ ଆଶା କରିଥିଲି ଯେ ଶ୍ରୀଶ୍ରୀଠାକୁର ଏ ପ୍ରସ୍ତାବରେ ସମ୍ମତି ଦେବେ । ସବୁ ଶୁଣି ସେ କହିଲେ— "ଦାଶଦା ଓ ଆପଣ ଯାହା ଅନୁମାନ କରିଛନ୍ତି ତାହା ଠିକ୍, ଆପଣଙ୍କର ଆଶ୍ରମ ସେଠି ହେଲେ ତାହା ଶୀଘ୍ର ବଡ଼ ହେଇଉଠିବ । କିନ୍ତୁ ମୁଁ କ'ଣ ଭାବୁଛି ଜାଣନ୍ତି? ଗୋଟାଏ ନିପଟ ପଡ଼ା ଗାଁ, ଯେଉଁଠି କୌଣସି କିଛିର ସୁବିଧା ନାହିଁ ବରଂ ପଦେପଦେ ବାଧାବିଘ୍ନ ଅନେକ, ଏହିପରି ଗୋଟାଏ ଜାଗାରେ ଯଦି ଆପଣମାନେ ଆପଣଙ୍କର ଆଶ୍ରମ ଗଢ଼ିତୋଳି ପାରନ୍ତି ତା'ହେଲେ ଭବିଷ୍ୟତରେ ଆଉ କୌଣସି ବାଧାବିଘ୍ନ ଆପଣଙ୍କୁ ଅଟକେଇ ପାରିବନାହିଁ । ତେଣୁ କଲିକତାରେ ସୁବିଧା ପାଇବା ଅପେକ୍ଷା ଏଇ ହିମାଇତପୁରରେ ରହି ଆଶ୍ରମର କାର୍ଯ୍ୟ ଚଳେଇ ନବାକୁ ମୁଁ ପସନ୍ଦ କରେ ।"

ମୁଁ କହିଲି— "ଆମେ ଯଦି ବର୍ତ୍ତମାନ କଲିକତାରେ ଆଶ୍ରମ ସ୍ଥାପନ ନ ବି କରୁ ତଥାପି ଦେଶବନ୍ଧୁ ଯେତେବେଳେ ୫୦ବିଘା ଜମି ଦେବାକୁ ଚାହିଁଛନ୍ତି । ସେ ଜମିଟା ଏବେ ନେଇ ରଖିଦେଲେ କ୍ଷତି କ'ଣ? ଭବିଷ୍ୟତରେ ସେଇ ଜମିଟା ବିକ୍ରି କରିଦେଲେ ବି କୋଟିଏ ଟଙ୍କା ପାଇପାରିବା ।"

ଶ୍ରୀଶ୍ରୀଠାକୁର— "ସେଠାରେ ଆଶ୍ରମ ସ୍ଥାପନର ଯେତେବେଳେ କୌଣସି ସଂକଳ୍ପ ହିଁ ଆପାତତଃ ନାହିଁ, ସେତେବେଳେ ଜମି ନବୁ କାହିଁକି?"

ଏପରି ନିସ୍ପୃହତା ବା ଲୋଭଶୂନ୍ୟତା ମଣିଷଠାରେ ସମ୍ଭବ ହୁଏ କିପରି ତାହା ମୁଁ ଜାଣିପାରେନା!

ସେଥର ଆଶ୍ରମରୁ ଫେରିଯାଇ ପୁଣି ଦେଶବନ୍ଧୁଙ୍କ ଘରେ ଉପସ୍ଥିତ ହେଲି । ଦିନେ ମଧ୍ୟାହ୍ନ ଭୋଜନ ପରେ ଆଲୋଚନା-ପ୍ରସଙ୍ଗରେ ତାଙ୍କୁ ପଚାରିଲି— "ଆପଣ ପ୍ରଥମ ଦର୍ଶନରେ ହିଁ ଶ୍ରୀଶ୍ରୀଠାକୁରଙ୍କୁ ଆପଣଙ୍କର ଗୁରୁରୂପେ ବରଣକଲେ କିପରି? ଆପଣଙ୍କର ଦେଶବ୍ୟାପୀ ସୁନାମ ଆଉ ବଙ୍ଗଳାର ଲୋକଙ୍କ ପାଖରେ ବି ଶ୍ରୀଶ୍ରୀଠାକୁର ଏକପ୍ରକାର ଅପରିଚିତ । ଗୋଟାଏ ଭାବାବେଗର ପ୍ରାବଲ୍ୟରେ ବିଚଳିତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ଗୁରୁରୂପେ ବରଣ କରିନାହାନ୍ତି ତ! ଯଦି ତାହା କରିଥା'ନ୍ତି ତା'ହେଲେ ଭାବର ପ୍ରାବଲ୍ୟରେ ଭଙ୍ଗା ପଡ଼ିଲେ ଆପଣଙ୍କର ଗୁରୁନିଷ୍ଠା କ'ଣ ଚାଲିଯିବନି?"

ଦେଶବନ୍ଧୁ— "ନା ତା' ନୁହେଁ । ମୁଁ ଭାବର ପ୍ରାବଲ୍ୟରେ ତାଙ୍କୁ ଗ୍ରହଣ କରିନି । ମୁଁ ଯେତେବେଳେ ଡୁମ୍‌ରାଓନ୍‌ରେ case ଲଢୁଥିଲି ସେତେବେଳେ ବାରୀନ (ଶ୍ରୀଅରବିନ୍ଦଙ୍କ କନିଷ୍ଠ ଭ୍ରାତା) ମୁହଁରୁ ଶ୍ରୀଶ୍ରୀଠାକୁରଙ୍କ କଥା ଶୁଣିଥିଲି । ସେତେବେଳେ ହିଁ ତାଙ୍କ ସାଥୀରେ ଦେଖା କରିବାର ପ୍ରବଳ ଆଗ୍ରହ ହୁଏ । ନାନା କାମରେ ଜଡ଼ିତ ଥିବାରୁ, ସେତେବେଳେ

ଆଉ ତାହା ସମ୍ଭବ ହୋଇନି । କଲିକତାରେ ସେ ଅଛନ୍ତି ଏକଥା ଆପଣମାନଙ୍କ ପାଖରୁ ଶୁଣି ଯେତେବେଳେ ମାଣିକତଲା ଘରେ ତାଙ୍କୁ ଦେଖିବାକୁ ଯାଏ ସେତେବେଳେ ପ୍ରଥମ ଦର୍ଶନରେ ହିଁ ଯାହା ମୋତେ ମୁଗ୍ଧ କରିଥିଲା ତାହା ହେଉଛି ତାଙ୍କର wonderful childlike simplicity (ବିସ୍ମୟକର ବାଳକସୁଲଭ ସରଳତା), ତାହା ଦେଖି ମୁଁ ଭାବିଲି ଶ୍ରୀଶ୍ରୀଠାକୁରଙ୍କର ବୟସ (୩୬) ହୋଇଛି, ଅଥଚ କି ଶିଶୁସୁଲଭ ସରଳତା ତାଙ୍କର! ଇଏତ ଗୋଟାଏ ସହଜ କଥା ନୁହେଁ । ପୂର୍ଣ୍ଣଜ୍ଞାନ ନ ହେଲେ ଏପ୍ରକାର ସାରଲ୍ୟ ସମ୍ଭବ ନୁହେଁ । ତା'ପରେ ମୁଁ ଯେତେବେଳେ ତାଙ୍କ ସହ ଦେଖାକରିବାକୁ ଯାଏ ସେତେବେଳେ । was beset with innumerable difficulties which, in spite of the knowledge and experience, I had I could not solve. (ମୁଁ ଏତେ ଅସଂଖ୍ୟ ବାଧାବିଘ୍ନରେ ଜଡ଼ିତ ହୋଇ ପଡ଼ିଥିଲି ଯେ ମୋର ସଞ୍ଚିତ ଅଭିଜ୍ଞତା ଓ ଜ୍ଞାନ ଦେଇ ତାହା ସମାଧାନ କରିପାରୁନଥିଲି) । ମୋ' ଜୀବନର ସେଇସବୁ ଅସୁବିଧା ଓ ବାଧାବିଘ୍ନର କଥା ଯେତେବେଳେ ତାଙ୍କ ଆଗରେ କହିଲି ସେତେବେଳେ ସେ ମୁହୂର୍ତ୍ତ ମାତ୍ର ଚିନ୍ତା ନକରି ସାମାନ୍ୟ କେଇପଦ କଥାରେ ମୋର ସମସ୍ତ ସମସ୍ୟାର ସମାଧାନ କରିଦେଲେ । ସେତେବେଳେ ମୁଁ ଜାଣିଲି— ଇଏ କେବଳ ଶିଶୁପରି ସରଳ ନୁହନ୍ତି, ଅସାଧାରଣ ଜ୍ଞାନୀ ମଧ୍ୟ । ତେଣୁ ସେତେବେଳେ ତାଙ୍କ ପାଖରେ ଆତ୍ମସମର୍ପଣ କରିବା ଛଡ଼ା ମୋର ଆଉ କୌଣସି ଗତ୍ୟନ୍ତର ରହିଲା ନାହିଁ ।

ଗୋଟାଏ କଥା ଏଠାରେ କହିବାକୁ ଭୁଲିଯାଇଛି । ଦେଶବନ୍ଧୁ ଦୀକ୍ଷାଗ୍ରହଣ ପରେ ବମ୍ବେ ଚାଲିଯାଆନ୍ତି ଏବଂ ସେଠାରୁ ଫେରିଆସି ନିଜର ପୁତ୍ର ଚିରରଞ୍ଜନ ଓ ପୁତ୍ରବଧୂ ସୁଜାତା ଦେବୀଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇ ଶ୍ରୀମାନ୍ ସୁଧୀରଚନ୍ଦ୍ର ମୁଖାର୍ଜୀଙ୍କ ସାଥୀରେ ସେମାନଙ୍କୁ ଆଶ୍ରମ ପଠାଇ ଦିଅନ୍ତି । ସେମାନେ ସୁଦୀର୍ଘଦିନ ଆଶ୍ରମରେ ଥିଲେ ।

ଦେଶବନ୍ଧୁ ଦୀକ୍ଷାଗ୍ରହଣ ପରେ ଯେଉଁଠିକି ଯାଉଥିଲେ ସେଠି ଶ୍ରୀଶ୍ରୀଠାକୁରଙ୍କ କଥା ସମସ୍ତଙ୍କ ଆଗରେ କହୁଥିଲେ । ସେ କଥା ମୁଁ ଜାଣିପାରିଥିଲି ଯେତେବେଳେ ବମ୍ବେରେ ଡଃ ଜୟାକରଙ୍କ ସଙ୍ଗେ ମୋର ସାକ୍ଷାତ୍ ହେଲା । ଦେଶବନ୍ଧୁଙ୍କ ସାଥୀରେ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ସୁଦୀର୍ଘ ଆଳାପ ହେବାରୁ ତାଙ୍କ ମନରେ ଏଇ ଧାରଣା ହୁଏ ଯେ ରାଜନୀତିର ଘୂର୍ଣ୍ଣାବର୍ତ୍ତରେ ପଡ଼ି ଦେଶବନ୍ଧୁଙ୍କର ବ୍ୟକ୍ତିତ୍ୱ ଓ ପ୍ରତିଭା କ୍ଷୁଣ୍ଣ ହୋଇଥିଲା, ଧର୍ମଜୀବନ ଅନୁସରଣ କରିଥିଲେ ସେ ଦେଶପାଇଁ ଆହୁରି ବଡ଼ ଦାନ ରଖିଯାଇ ପାରିଥା'ନ୍ତେ । ପରେ ଏଇ କଥା ଡଃ ଜୟାକର ତାଙ୍କର ଆତ୍ମଜୀବନୀ,—The story of my lifeରେ ଲେଖିଛନ୍ତି—

"Altogether, I always felt that Das, in another age, with greater freedom to achieve his ideas, unmeshed in the melstorm of party-politics, would have been the centre of great movement not unlike what a couple of his predeces-

sors had created in Bengal. His fearlessness and sacrifice would then have met with a far longer and more generous response than be received during his life time."

ଡଃ ଜୟାକର ଥିଲେ ବାରିଷ୍ଟର ଏବଂ ବମ୍ବେ ବିଶ୍ୱବିଦ୍ୟାଳୟର Vice-Chancellor ସେ ମୋତେ ଏକଥା କହିଲେ— "ଶ୍ରୀଶ୍ରୀଠାକୁରଙ୍କୁ ମୁଁ ଦେଖିନି । ଦେଶବନ୍ଧୁଙ୍କ ପାଖରୁ ତାଙ୍କ କଥା ଶୁଣି ତାଙ୍କୁ ମୋର ଦେଖିବାର ଇଚ୍ଛା ହୋଇଛି । ଜାଣିନି ସେଇ ଇଚ୍ଛା ପୂର୍ଣ୍ଣ ହେବ କିନା ।"

ମଥୁରା ଯାଇ ସେଠି ନିଖିଳ ଭାରତ କଂଗ୍ରେସ କମିଟିର ଜଣେ ବିଶେଷ ସଦସ୍ୟଙ୍କ ସାଥୀରେ ପରିଚୟ ହୁଏ । ତାଙ୍କର ନାଁଟା ମୋର ମନେ ନାହିଁ । ସେ ମଧ୍ୟ ମୋତେ କହିଥିଲେ ଯେ ସେ ମଧ୍ୟ ଦେଶବନ୍ଧୁଙ୍କ ପାଖରୁ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଅନେକ କଥା ଶୁଣିଛନ୍ତି ।

...ଯେତେଦିନ ଦେଶବନ୍ଧୁଙ୍କ ଘରେ କଟେଇଚି, କୌଣସିଦିନ ତାଙ୍କୁ କୌଣସି କିଛିରେ ସେମିତି ଉତ୍ତେଜିତ ହେବାର ଦେଖିନି । ସମସ୍ତଙ୍କ ସାଥୀରେ ବେଶ୍ ଥଣ୍ଡା ମିଜାଜରେ ତାଙ୍କୁ ଆଲୋଚନା କରିବାର ଦେଖିଚି । ଏହାର ବ୍ୟତିକ୍ରମ ଦେଖିଲି ଦିନେ ସକାଳବେଳା । ସେତେବେଳେ ସେ ତାଙ୍କର ବାହାରଘରେ ଯାଇ ବସିଛନ୍ତି । ସାଧାରଣତଃ ସକାଳବେଳା ବାହାରଘରେ ଯାଇ ବସିବା ସମୟରେ ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଯାଇ ବସେ ଓ ଗପସପ କରେ । ସେଦିନ ମୋର ଯିବାରେ ଟିକିଏ ଡେରି ହୋଇଥିଲା । ଏହାରି ଭିତରେ ଦେଶବନ୍ଧୁଙ୍କର ଉତ୍ତେଜିତ କଣ୍ଠସ୍ୱର ଶୁଣି ଶୀଘ୍ର ଶୀଘ୍ର ବାହାର ଘରଆଡ଼କୁ ଆଗେଇଲି । ଯାଇ ଦେଖେ ତାଙ୍କର ସ୍ୱରାଜ୍ୟଦଳର ଶୈଳେଶ ବିଶୀ, ସତ୍ୟେନ ମିତ୍ର, ହେମେନ ଦାଶଗୁପ୍ତ ପ୍ରଭୃତିଙ୍କ ସହିତ ଖୁବ୍ ଉତ୍ତେଜିତ ହୋଇ କହୁଛନ୍ତି । ମୁଁ ଯାଇ ଶୁଣିଲି ଯେ ଦେଶବନ୍ଧୁ କହୁଛନ୍ତି— "ଯିଏ କହିପାରନ୍ତି, I pawned my wife for a vote in the council, ସେ ଯଦି ମୋ' ସହିତ କାନ୍ଧରେ କାନ୍ଧ ମିଶେଇ କାମ କରିବାକୁ ଚାହାନ୍ତି ତେବେ ମୁଁ ତାହା କରିବାକୁ ରାଜୀ ଅଛି । କିନ୍ତୁ ତାଙ୍କ ଘରକୁ ଯାଇ ତାଙ୍କୁ ଖୋସାମୋଦ କରି ନେଇଆସିବି ଏତେ ବଡ଼ ମହାତ୍ମା ମୁଁ ଏବେ ବି ହେଇନି ।"

ପରେ ବୁଝିଲି ଯେ ସେ ବିପିନ ପାଲଙ୍କ ବିଷୟରେ କହୁଥିଲେ । ସ୍ୱରାଜ୍ୟ ଦଳର କେତେଜଣ ସଭ୍ୟ ଦେଶବନ୍ଧୁଙ୍କୁ ଅନୁରୋଧ ଜଣେଇବାକୁ ଆସିଥିଲେ ଯେ ସେ ଯଦି ନିଜେ ଶ୍ରୀଯୁକ୍ତ ବିପିନ ପାଲଙ୍କ ଘରକୁ ଯାଇ ତାଙ୍କୁ ଅନୁରୋଧ କରନ୍ତି ତା'ହେଲେ ସେ ସ୍ୱରାଜ୍ୟ ଦଳରେ ଯୋଗଦେଇ ପାରନ୍ତି । ସେମାନଙ୍କର ସେଇ ଅନୁରୋଧରେ ଉତ୍ତେଜିତ ହୋଇ ଦେଶବନ୍ଧୁ ଏଇ କଥା କହିଥିଲେ ।

ବିପିନ ପାଲ ମହାଶୟ ଯେତେବେଳେ ଥରେ ଖୁବ୍ ଆର୍ଥିକ ସଙ୍କଟରେ ପଡ଼ିଥିଲେ ସେତେବେଳେ ଦେଶବନ୍ଧୁ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କର ସାହାଯ୍ୟପାଇଁ ଆଗେଇ ଯାଇଥିଲେ ଓ ତାଙ୍କର ଆର୍ଥିକ ସଙ୍କଟ ଦୂର କରିଥିଲେ ।

Scanned with CamScanner

ଆଉଥରେ ଦେଶବନ୍ଧୁଙ୍କୁ ଉତ୍ତେଜିତ ହେବାର ଦେଖିଥିଲି ସିରାଜଗଞ୍ଜ ସମ୍ମେଳନ ସମୟରେ। ଦେଶବନ୍ଧୁ ସଙ୍କଳ୍ପ କରିଥିଲେ ଯେ ସେ ଗୋପୀନାଥ ସାହା (ଯିଏ ପୁଲିସ୍ କମିସନର ଟେଗାର୍ଟ-ଭ୍ରମରେ ଜଣେ ନିରୀହ ଇଂରେଜକୁ ଗୁଳି କରି ହତ୍ୟା କରିଥିଲେ ଏବଂ ବିଗ୍ଚାରରେ ଯାହାଙ୍କର ଫାଶୀ ହେଲା)ଙ୍କୁ ଶହୀଦ ବୋଲି ଘୋଷଣା କରି ପ୍ରସ୍ତାବ ପାସ୍ କରେଇନେବେ। ସମ୍ମେଳନ ପୂର୍ବେ ବିଷୟ-ନିର୍ବାଚନୀ ସଭାର ମିଟିଂରେ ମୌଲାନା ଆକ୍ରାମ ଖାଁ ପ୍ରଭୃତି କେତେଜଣ ସଦସ୍ୟ ତାଙ୍କୁ ଏ ବିଷୟରେ ବିରତ ରହିବାକୁ ଅନୁରୋଧ କରନ୍ତି ଏବଂ କୁହନ୍ତି ଯେ ଏ ବିଷୟରେ ସେମାନେ ଦେଶବନ୍ଧୁଙ୍କ ବିପକ୍ଷରେ ଠିଆହେବେ।

ସେତେବେଳେ ଦେଶବନ୍ଧୁ ଖୁବ୍ ଉତ୍ତେଜିତ ହୋଇ ଦୃପ୍ତକଣ୍ଠରେ କହିଲେ— "ମୁଁ ଚିତ୍ତରଞ୍ଜନଦାସ, ଆପଣମାନଙ୍କ ପାଖରେ କହୁଛି ଯେ ଆଜିକାର ପ୍ରକାଶ୍ୟ ସମ୍ମେଳନର ଅଧିବେଶନରେ ମୁଁ ଗୋପୀନାଥ ସାହା ସମ୍ପର୍କରେ ନିଶ୍ଚୟ ପ୍ରସ୍ତାବ ପାସ୍ କରିନେବି, ଆପଣମାନଙ୍କର କ୍ଷମତା ଥାଏ ତ ମୋତେ ଅଟକେଇବେ।"

ସେଦିନ ପ୍ରକାଶ୍ୟ ଅଧିବେଶନରେ ତାଙ୍କର ଆବେଗମୟୀ ବକ୍ତୃତାର ପ୍ରଭାବରେ ସମସ୍ତେ ତାଙ୍କ ମତର ସମର୍ଥନ କଲେ ଏବଂ ପ୍ରସ୍ତାବ ପାସ୍ ହୋଇଗଲା।

ଦେଶବନ୍ଧୁ ଯେ କିଭଳି ମହାପ୍ରାଣ ବ୍ୟକ୍ତି ଥିଲେ ତା'ର ପ୍ରମାଣ ମୁଁ ଯେତେବେଳେ କଲେଜ ହଷ୍ଟେଲରେ ରହି ପଢ଼ାପଢ଼ି କରୁଥିଲି ସେତେବେଳେ ହିଁ ପାଇଛି। ଦିନେ ଜଣେ ଦରିଦ୍ର ବୃଦ୍ଧ ବ୍ରାହ୍ମଣ (ବାଁକୁଡ଼ାବାସୀ) ତାଙ୍କର କନ୍ୟାର ବିବାହ ଉପଲକ୍ଷେ ସାହାଯ୍ୟପ୍ରାର୍ଥୀ ହୋଇ ଆମ ହଷ୍ଟେଲକୁ ଆସିଲେ। ବାଁକୁଡ଼ା ଜିଲାର ଗୋଟିଏ ପିଲା ହଷ୍ଟେଲରେ ରହୁଥିଲା। ସେଇ ଛାତ୍ରଟି ଏଇ ବୃଦ୍ଧର ସ୍ୱଗ୍ରାମବାସୀ। ସେ କହିଲା— ବୃଦ୍ଧ ଦରିଦ୍ର କିନ୍ତୁ ସତ୍‌ଲୋକ। ତା'କଥା ଶୁଣି ଆମେ ହଷ୍ଟେଲର ସବୁ ପିଲା ଠିକ୍ କଲୁ ଯେ ସମସ୍ତେ କିଛି କିଛି ଦେଇ ବୃଦ୍ଧକୁ ସାହାଯ୍ୟ କରିବୁ। ପଚ୍ଚିଶ ଟଙ୍କା ଆମେ ସଂଗ୍ରହକରି ବୃଦ୍ଧକୁ ଦେଲୁ।

ଦେବା ପରେ ଭାବିଲୁ— ଏତିକିରେ ତାଙ୍କର କିଛି ବି ହବନାହିଁ। ସେତେବେଳେ ମୁଁ ଦେଶବନ୍ଧୁଙ୍କର ବଦାନ୍ୟତା କଥା ଶୁଣିଥିଲି, ତେଣୁ ସେଇ ବୃଦ୍ଧକୁ ଡାକି ମହାପ୍ରାଣ ଚିତ୍ତରଞ୍ଜନ ଦାସଙ୍କର ଘରର ନାମ ଓ ଠିକଣା ଲେଖିଦେଇ କହିଲି— ସକାଳ ଆଠଟାବେଳେ ଚିତ୍ତରଞ୍ଜନ ଦାସବାବୁ ବାହାର ଘରେ ବସନ୍ତି (ସେତେବେଳେ ତାଙ୍କର ନାମ ଦେଶବନ୍ଧୁ ହୋଇନି)। ତାଙ୍କ ସାଙ୍ଗରେ ଦେଖା କରି ଆପଣଙ୍କର କନ୍ୟାଦାୟ କଥା ଜଣାଇ କେତେ ଟଙ୍କା ଆପଣଙ୍କର ଏକାମରେ ଲାଗିବ ତାହା ତାଙ୍କୁ ନିଃସଙ୍କୋଚରେ ନିବେଦନ କରିବେ। ସେ ନିଶ୍ଚୟ ଆପଣଙ୍କୁ ସାହାଯ୍ୟ କରିବେ। ମୁଁ ତାଙ୍କୁ ଏଇକଥା କହି ତ ପଠେଇଲି, କିନ୍ତୁ ସେତେବେଳେ ବି ଜାଣି ନଥିଲି ଯେ ବୃଦ୍ଧ ତାଙ୍କଦ୍ୱାରା କେତେ ପରିମାଣରେ ଉପକୃତ ହେବେ। ବୃଦ୍ଧ ଯିବାକୁ ସାହସ କରୁନଥିଲେ। ମୁଁ ତାଙ୍କୁ ସାହସ ଦେଇ କହିଲି— ଦାଶବାବୁଙ୍କ ପାଖରୁ ଆପଣ କେବେହେଲେ ବ୍ୟର୍ଥ ମନୋରଥ ହୋଇ ଫେରିବେ ନାହିଁ, ଯଦି ତାଙ୍କୁ ଧରିପାରନ୍ତି।

ମୋର କଥାନୁଯାୟୀ ସେଇ ବୃଦ୍ଧ ତା' ପରଦିନ ସକାଳ ଆଠଟାବେଳେ ଯାଇ ଦାଶ-ମହାଶୟଙ୍କ ସାଥୀରେ ଦେଖାକରି ତାଙ୍କର କନ୍ୟାଦାୟର କଥା କହିଲେ। ଦାଶ-ମହାଶୟ ପଚ୍ଚାରିଲେ— "କେତେ ହେଲେ ଆପଣଙ୍କର ଝିଅ ବାହାଘର ହୋଇପାରିବ?"

ବୃଦ୍ଧ ବିନୀତଭାବରେ କହିଲେ— "ଏକ ହଜାର ଟଙ୍କା ହେଲେ ମୋର ଝିଅ ବାହାଘରପାଇଁ ସମସ୍ତ ଖର୍ଚ୍ଚ ଭରଣା ହୋଇଯିବ।"

ଦାଶ-ମହାଶୟ ଦ୍ୱିତୀୟ ପ୍ରଶ୍ନ ନକରି ଚେକ୍‌ବହି ବାହାର କରି ଏକହଜାର ଟଙ୍କାର ଗୋଟାଏ ଚେକ୍ ଲେଖି ସେଇ ବ୍ରାହ୍ମଣଟିର ହାତରେ ଦେଲେ। ବ୍ରାହ୍ମଣ ତ ଅବାକ୍ ବିସ୍ମୟରେ ତାଙ୍କ ଆଡ଼କୁ ଚ୍ୱାହିଁ ଚେକ୍‌ଟା ହାତରେ ନେଲେ ଏବଂ ତାଙ୍କୁ ନମସ୍କାର କରି ଚେକ୍ ନେଇ ଚ୍ଚାଲିଆସିଲେ।

ତା'ପରଦିନ ହିଁ ବ୍ରାହ୍ମଣ ହଷ୍ଟେଲକୁ ଆସି ମୋତେ କହିଲେ— "ଯେଉଁ ଲୋକ ପାଖକୁ ଆପଣ ପଠେଇଥିଲେ ଏପରି ଲୋକ ଏ କଳିଯୁଗରେ ବି ଅଛନ୍ତି ତାହା ମୁଁ ପୂର୍ବରୁ ଧାରଣା ହିଁ କରିପାରି ନଥିଲି। ମୁଁ ତାଙ୍କ ପାଖରେ ମୋର କନ୍ୟାଦାୟ କଥା କହିବା ମାତ୍ରେ, ସେ କେବଳ ପଚ୍ଚାରିଲେ— କେତେ ହେଲେ କନ୍ୟାଦାୟ ଉଦ୍ଧାର ହେବ। ମୁଁ କହିଲି ଏକହଜାର ଟଙ୍କା ହେଲେ ହେବ। ଆଉ ତାହା ଶୁଣି ହିଁ ମୋ' କଥାରେ ବିନ୍ଦୁମାତ୍ର ସନ୍ଦେହ ନ କରି ୧୦୦୦ ଟଙ୍କାର ଗୋଟିଏ ଚେକ୍ ଲେଖି ମୋ' ହାତରେ ଦେଲେ। ମୁଁ ଯେ ତାଙ୍କୁ ମିଛ କହି ଠକେଇପାରେ ଏ ଚିନ୍ତା ତାଙ୍କ ମନରେ ସ୍ଥାନ ହିଁ ପାଇଲା ନାହିଁ। ଏପରି ମଣିଷକୁ ମୋର ଦେବତା ବୋଲି ହିଁ ମନେ ହେଲା। ଆପଣ ମୋର ଯେ କି ଉପକାର କଲେ ତାହା ମୁଁ ଭାଷାରେ ବ୍ୟକ୍ତ କହି କୃତଜ୍ଞତା ପ୍ରକାଶ କରିପାରୁ ନାହିଁ।

ମୁଁ ସେତେବେଳେ କହିଲି—, "ମୁଁ ଆଉ କ'ଣ କଲି! ଯିଏ ଦେଇଛନ୍ତି ତାଙ୍କ ପାଖରେ ଆପଣ ଚିରକୃତଜ୍ଞ ରହନ୍ତୁ— ଏତିକି ଦରକାର।"

ଆଉଦିନେ ସକାଳବେଳା ଯେତେବେଳେ ସେ ଓ ମୁଁ ତାଙ୍କର ବାହାରଘରେ ବସିଥିଲୁ ସେତେବେଳେ ବି ସ୍ୱଚକ୍ଷୁରେ ତାଙ୍କର ମହତ୍ ହୃଦୟର ପରିଚୟ ପାଇଛି। ଗୋଟିଏ ଭିକାରି ଆସି ବାହାର ଦରଜା ପାଖରେ ଠିଆହେଲା। ସେ ପିନ୍ଧିଥିଲା ଶତଛିନ୍ନ ଜୀର୍ଣ୍ଣଲୁଗା। ଦେଶବନ୍ଧୁଙ୍କ ପାଖରେ ଗୋଟିଏ ଲୁଗା ଭିକ୍ଷା ମାଗିଲା। ଦେଶବନ୍ଧୁ ତାଙ୍କର ଚ୍ଚାକରକୁ* ଡାକି କହିଲେ,— "ଯାକୁ ମୋର ଗୋଟାଏ ଲୁଗା ଦେଇଦେ।"

ଚ୍ଚାକରଟି ଭିକାରିଟିକୁ ଡାକିନେଇ ଭିତର ଘରକୁ ଗଲା। ତାକୁ ଚ୍ଚାରିଅଣା

* ସେଇ ଚ୍ଚାକରଟିର ନାଁ ଆଉ ଏବେ ମନେ ନାହିଁ। ଦେଶବନ୍ଧୁ ଯେତେବେଳେ ଜେଲ୍‌ରେ ଥିଲେ, ସେବି ସେତେବେଳେ ଜେଲ୍‌ରେ କଇଦୀ ଥିଲା। ଦେଶବନ୍ଧୁଙ୍କର ଖଲାସ ହେବା ସଙ୍ଗେ ସଙ୍ଗେ ସେ ବି ଖଲାସ ହୁଏ। ସେଇସମୟରୁ ସେ ଦେଶବନ୍ଧୁଙ୍କ ଘରେ ତାଙ୍କ ସେବାରେ ନିଯୁକ୍ତ ଥିଲା।

ପଇସା ଦେଇ କହିଲା— "ଲୁଗା ନାହିଁ, ତୁ ଏଇ ପଇସା ନେଇ ଚାଲିଯା। କର୍ତ୍ତାଙ୍କ ସାମନାକୁ ଆଉ ଯାଆନା।"

ସେଇ ଭିକାରିଟି ବୁଲିବାଲି ପୁଣି ଦେଶବନ୍ଧୁଙ୍କର ସାମନାରେ ଆସି ହାଜର ହେଲା। ଦେଶବନ୍ଧୁ ତାକୁ ପୁଣି ସାମନାରେ ଆସି ଠିଆ ହେବାର ଦେଖି କହିଲେ— "କିରେ! ଲୁଗା ପାଇନୁ?"

ଭିକାରି— "ନା ହଜୁର!"

ଦେଶବନ୍ଧୁ ଚାକରକୁ ଡାକ ପକେଇଲେ।

ଚାକରଟି ଆସିଲା।

ଦେଶବନ୍ଧୁ— "ତତେ ଯେ ୟାକୁ ମୋର ଗୋଟାଏ ଲୁଗା ଦବାକୁ କହିଲି, ତୁ ତାହା ଦେଲୁନାହିଁ କାହିଁକି ?"

ଚାକର— "ଆପଣଙ୍କର ବଳକା ଲୁଗା କାହିଁ ? ଗୋଟିଏ ତ ଆପଣ ପିନ୍ଧିଛନ୍ତି, ଆଉ ଗୋଟିଏ ମାତ୍ର ଲୁଗା ଅଛି ଯାହା ଆପଣ ଗାଧୋଇସାରି ପିନ୍ଧିବେ। ସେଇଟା ଦେଇଦେଲେ ଆପଣ ଗାଧୋଇସାରି କ'ଣ ପିନ୍ଧିବେ?"

ଦେଶବନ୍ଧୁ— "ମୋର ସେଇ ଲୁଗାଟା ୟାକୁ ଦେଇଦେ। ମୁଁ ଗାଧୋଇସାରି ମୋର ଏଇ ପିନ୍ଧାଲୁଗାକୁ ଦେହରେ ଶୁଖେଇନେଇ ପିନ୍ଧିବି।"

କି ମହତ୍ ପ୍ରାଣର ପରିଚୟ! ଯେଉଁ ଦେଶବନ୍ଧୁ ଆଇନ୍ ବ୍ୟବସାୟ କରି ଲକ୍ଷ ଲକ୍ଷ ଟଙ୍କା ଆୟକରି ଅକାତରେ ଖର୍ଚ୍ଚ କରିଛନ୍ତି ଓ ବାଣ୍ଟିଛନ୍ତି, ସେଇ ଦେଶବନ୍ଧୁ ଯେତେବେଳେ ଦେଶପାଇଁ ଦଧୀଚିପରି ସର୍ବସ୍ୱ ଦାନ କରିଦେଲେ ସେତେବେଳେ ତାଙ୍କର ସୁବିଧା-ଅସୁବିଧା ଦେଖିବାପାଇଁ ଦେଶର ଲୋକ ଆଗେଇ ଆସିଲେ ନାହିଁ। କି ଦୁଃଖର ବିଷୟ!

ତାଙ୍କର ଖର୍ଚ୍ଚ ଆଦି କିପରି ଥିଲା ତାହା ତାଙ୍କର ପୁତ୍ର ଚିରରଞ୍ଜନ ପାଖରୁ ଶୁଣିଥିଲି। ଦେଶବନ୍ଧୁ ବିଡନ ଉଦ୍ୟାନରେ ପ୍ରକାଶ୍ୟଭାବେ ଘୋଷଣା କଲେ ଯେ ଆଜିଠାରୁ ସେ ଆଇନ ବ୍ୟବସାୟ ତ୍ୟାଗ କଲେ। ସେଦିନ ଘରକୁ ଆସି ଡିନର ଟେବୁଲ୍‌ରେ ବସି ଖାଇବା ପରେ ତାଙ୍କର ପିଅନ 'ଶ୍ୟାମପେନ' ମଦ ନେଇଆସିଲା। ପିତା-ପୁତ୍ର ଏକାସାଙ୍ଗରେ ବସି ଖାଇବା ପରେ ମଦ ଖାଉଥିଲେ। ଦେଶବନ୍ଧୁ କହିଲେ— ମୁଁ ଆଉ ମଦ ଖାଇବି ନାହିଁ।

ଚିରରଞ୍ଜନ ବି ମଦ ଖାଇଲା ନାହିଁ।

ସେତେବେଳେ ଦେଶବନ୍ଧୁ ଚିରରଞ୍ଜନକୁ କହିଲେ— ତୁମର ମାସିକ ପକେଟ୍ ଖର୍ଚ୍ଚ ବାବଦରେ ମୁଁ ତୁମକୁ ପାଞ୍ଚ ହଜାର ଟଙ୍କା କରି ଦଉଥିଲି। ବର୍ତ୍ତମାନ ତ ଓକିଲାତି ଛାଡ଼ିଦେଲି। ବର୍ତ୍ତମାନ ଆଉ ତୁମକୁ ଏତେ ଦେଇପାରିବି ନାହିଁ। ବର୍ତ୍ତମାନ ତୁମର ଯତ୍‌ସାମାନ୍ୟ ହାତଖର୍ଚ୍ଚ, ଯାହା ନିହାତି ନ ହେଲେ ନ ଚଳେ, ତାହା ତୁମକୁ ଦେବି।

ଚିରରଞ୍ଜନ କହିଲେ— ମୋତେ ଆଉ କିଛି ଦବାକୁ ପଡ଼ିବନି।

ଚିରରଞ୍ଜନ ପାଖରୁ ଶୁଣିଛି ତାଙ୍କର ଭଉଣୀମାନଙ୍କର ହାତଖର୍ଚ୍ଚପାଇଁ ସେ ପ୍ରତିମାସରେ ତିନି-ଚାରିହଜାର ଟଙ୍କା ଦେଉଥିଲେ। ଏହିପରି ହିଁ ଥିଲା ତାଙ୍କ ଖର୍ଚ୍ଚର ବହର ଏକ ସମୟରେ। ଦାନ ମଧ୍ୟ ଥିଲା ସ୍ୱତଃ, ଅଜସ୍ର,— କେହି ତାଙ୍କ ପାଖକୁ ପ୍ରାର୍ଥୀ ହୋଇଗଲେ କେତେବେଳେ ହେଲେ ଖାଲି ହାତରେ ଫେରିଆସେ ନାହିଁ।

ବିଡ଼ନ ସ୍କୋୟାର୍‌ର ସେଇ ମିଟିଂ ପରେ ସବୁ ଅଭ୍ୟାସ ସେ ତ୍ୟାଗ କରିଥିଲେ। ପରେ ନିଜେ ହିଁ ମୋତେ କହିଥିଲେ— "ମଦ ତ୍ୟାଗ କଲାବେଳେ ମୋର ବିଶେଷ କଷ୍ଟ ହୋଇନି। କିନ୍ତୁ ତମାଖୁ ଖାଇବା ଛାଡ଼ିବା ବେଳେ ମୋତେ ଯେ କି କଷ୍ଟ ହୋଇଥିଲା ତାହା ବର୍ଣ୍ଣନା କରିପାରିବି ନାହିଁ। ମିଜାଜ ସାଙ୍ଘାତିକ ଖରାପ ହୋଇ ଯାଇଥିଲା। ଏକ ମାସ ପର୍ଯ୍ୟନ୍ତ କେହି ମୋ' ପାଖକୁ ଆସିବାକୁ ସାହାସ କରୁନଥିଲେ। ତା'ପରେ ଆସ୍ତେ ଆସ୍ତେ ସବୁ ଠିକ୍ ହୋଇଯାଏ।"

ଦେଶବନ୍ଧୁ ନିଜର ପୁତ୍ରପରିଜନଙ୍କର ଭବିଷ୍ୟତ୍ ଚିନ୍ତା ନକରି ନିଜର ଘରଟି ପର୍ଯ୍ୟନ୍ତ ଦେଶ ସେବାରେ ଦାନକରି, ବିଶପ-ଲିଫ୍ରୟ୍ ରୋଡ଼୍‌ରେ ଗୋଟାଏ ଫ୍ଲାଟ୍‌ରେ ଆସି ରହିଲେ। ଶରୀର ଅସୁସ୍ଥ ଥିବାରୁ, ତା'ର କିଛିଦିନ ପରେ ସ୍ୱାସ୍ଥ୍ୟୋନ୍ନତି-କାମନାରେ ସେ ପାଟନାରେ କନିଷ୍ଠଭ୍ରାତା P.R.Dasଙ୍କ ଘରକୁ ଆସିଲେ। ସେ ପାଟନା ଆସିଛନ୍ତି ଶୁଣି ମୁଁ ଶ୍ରଦ୍ଧେୟ କେଷ୍ଟଦାଙ୍କୁ ସାଙ୍ଗରେ ନେଇ ତାଙ୍କ ସହିତ ଦେଖା କରିବାପାଇଁ P.R.Dasଙ୍କ ଘରେ ଯାଇ ପହଞ୍ଚିଲି। ସେ ସେତେବେଳେ ପାଟନା-ହାଇକୋର୍ଟର ଜଜ, ଦେଶବନ୍ଧୁଙ୍କ ସାଥୀରେ ଦେଖା କରିବାକୁ ଯାଇ ତାଙ୍କ ସାଙ୍ଗରେ ବି ଆଳାପ ହେଲା, ଆଲୋଚନା ହେଲା ଆଶ୍ରମ ଓ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ।

ଦେଶବନ୍ଧୁ କହିଲେ ଯେ ସେ ପାଟନା ଆସି ଅନେକାଂଶରେ ଭଲ ବୋଧ କରୁଛନ୍ତି।

କଥା-ପ୍ରସଙ୍ଗରେ ତାଙ୍କୁ ପଚାରିଲି, "ବମ୍ବେର 'ବାଓଲା ହତ୍ୟା' ମାମଲାରେ ଆସାମୀ ପକ୍ଷ ଆପଣଙ୍କୁ ଦଶଲକ୍ଷ ଟଙ୍କା ଦେଇ ସେମାନଙ୍କ ପକ୍ଷ ସମର୍ଥନପାଇଁ ନିଯୁକ୍ତ କରିବେ ବୋଲି ଶୁଣୁଛି।"

ଦେଶବନ୍ଧୁ— "ଏକଥା ତ ମୁଁ ବି ଶୁଣିଚି।"

ମୁଁ— "ଯଦି ସତରେ ସେମାନେ ଆପଣଙ୍କୁ ନିଯୁକ୍ତ କରନ୍ତି, ତେବେ କ'ଣ ଆପଣ ସେମାନଙ୍କ case ନେଇ ପୁଣି courtରେ ଲଢ଼ିବେ ?"

ଦେଶବନ୍ଧୁ— "ସେମାନେ ନିଯୁକ୍ତ କଲେ case ନେବି ବୋଲି ଠିକ୍ କରିଛି। ଟଙ୍କାର କେତେ ପ୍ରୟୋଜନ ତାହା ବର୍ତ୍ତମାନ ବୁଝିପାରୁଛି। ବମ୍ବେର 'ପାରେଖ' ମୋତେ ଆମ ପାର୍ଟିପାଇଁ ପାଞ୍ଚଲକ୍ଷ ଟଙ୍କା ମାଗିଛନ୍ତି, ମୁଁ ଠିକ୍ କରିଛି ଯଦି ସେ ଟଙ୍କା ପାଏ ତାହେଲେ ଆପଣଙ୍କ ଆଶ୍ରମକୁ ୩ଲକ୍ଷ ଦେବି ଆଉ ୨ଲକ୍ଷ ଆମ ପାର୍ଟିପାଇଁ ରହିବ..... ଆପଣମାନେ ଆଶ୍ରମର କାମ କରିଯିବେ। ଟଙ୍କାର ଅଭାବ ହେବ ନାହିଁ, ମୁଁ ଟଙ୍କା ଯୋଗାଡ଼ କରିଦେବି।"

Scanned with CamScanner

ପାଟନାରେ ପି.ଆର୍. ଦାସଙ୍କ ଘରେ କିଛିଦିନ ରହି ମୁଁ ଓ କେଷ୍ଟଦା ବନାରସ ଅଭିମୁଖେ ବାହାରିଗଲୁ । ଉଦ୍ଦେଶ୍ୟ ଥିଲା ବନାରସ ଯାଇ ଡଃ ଆନିବେସାନ୍ତ ଓ ଡଃ ଭଗବାନ୍ ଦାସଙ୍କ ସହିତ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଆଲୋଚନା କରିବା । ଆନିବେସାନ୍ତ ସେତେବେଳେ କାଶୀରେ ନଥିଲେ, ଡଃ ଭଗବାନ୍ ଦାସଙ୍କ ସହିତ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଆଳାପ-ଆଲୋଚନା କରି ଆମେ ଦୁଇଜଣ କାଶୀରୁ ଆଶ୍ରମ ଫେରିଆସିଲୁ ।

ଏହାପରେ ଦେଶବନ୍ଧୁଙ୍କ ସହିତ ପୁଣି ଦେଖାହୁଏ କଲିକତାରେ, ଫରିଦପୁର କନ୍‌ଫରେନ୍‌ସର ପୂର୍ବେ । ଦେଶବନ୍ଧୁ ଫରିଦପୁର ଆସୁଛନ୍ତି ଶୁଣି ଶ୍ରୀଶ୍ରୀଠାକୁର ଦେଶବନ୍ଧୁଙ୍କୁ ନିମ୍ନଲିଖିତ ଚିଠିଟି ଲେଖି ମୋ' ହାତରେ ଦିଅନ୍ତି—

ଦେଶବନ୍ଧୁ, ଦାଶଦା ମୋର !

ଅନେକଦିନ ହେଲା ଦେଖିନି ଦାଦା ଆପଣଙ୍କୁ । ମଝିରେ ମଝିରେ ଖୁବ୍ ଦେଖିବାକୁ ଇଚ୍ଛାହୁଏ । [illegible]ବାର ପ୍ରଲୋଭନ କମେଇଦେବାକୁ କୌଣସିମତେ ଇଚ୍ଛା ହୁଏନାହିଁ । ଶୁଣିଲି, ଆପଣ ଫରିଦପୁର ଆସୁଛନ୍ତି । ଫରିଦପୁର ଆଉ ପାବନା ବେଶୀ ଦୂର ନୁହଁ । ଆପଣଙ୍କର [illegible] ମୋ' ପାଖକୁ ଆସିବାକୁ ଖୁବ୍ କଷ୍ଟ ହେବ ଦାଶଦା? ମୋର କିନ୍ତୁ ଖୁବ୍ ଇଚ୍ଛା ହୁଏ କିଛିଦିନ ଆପଣଙ୍କୁ ନେଇ ଖୁବ୍ ଫୂର୍ତ୍ତି କରନ୍ତି । ପରମପିତାଙ୍କ ଦୟାରେ ବୋଧହୁଏ ଆପଣଙ୍କର ଭଲ ହେବ । ଆପଣ ଆସିଲେ ସୁଶୀଲଦା ପ୍ରଭୃତି ମଧ୍ୟ ଖୁସୀ ହେବେ । ସମସ୍ତେ ଖୁସୀ ହେବେ । ଏମାନଙ୍କର ବହୁ କଷ୍ଟରେ ଗଢ଼ା ପ୍ରତିଷ୍ଠାନଗୁଡ଼ିକ ଧନ୍ୟହେବ ଦାଦା! କେତେ ନିନ୍ଦା, କେତେ କଳଙ୍କ, କେତେ ଅନଟନ ଅପବାଦର ପାହାଡ଼ ଠେଲି, ଅକୃତଜ୍ଞତାର ନଦୀ ପହଁରି, ଏଗୁଡ଼ିକ କରିଛନ୍ତି ଏମାନେ । ଆପଣ ଆସିଲେ ସାର୍ଥକ ହେବ, ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠିବ, ଛାତିର ନିଆଁକୁ ଗ୍ରସିଦେଇ କାମରେ ଲାଗିଯିବେ ଏମାନେ ବୋଧହୁଏ ।

ମହାତ୍ମାଜୀ ବି ନା କ'ଣ ବଙ୍ଗଳା ଭ୍ରମଣରେ ବାହାରୁଛନ୍ତି । ତାଙ୍କୁ ଏଠିକି ଆସିବାର ଅନୁରୋଧ କରିବି ଏପରି ସାହସ ନାହିଁ । ଆଉ କାହାର ବି ଏଠି ଅଛି କି ନା ଜାଣିନି । ଆପଣଙ୍କର ଦୟା ଯଦି ତାଙ୍କୁ ଆଣିପାରେ ।

ମୁଁ ଜାଣେ ଦାଦା, ଆପଣଙ୍କ ପାଖକୁ ଚିଠି ଲେଖିବାର ହିଁ ନୁହେଁ, ତେବେ 'ଆପଣ ହିଁ ଏଇ ମୋର ସାହସ । ଆଉ ଯିଏ ହଉ ବା ଯାହା ହିଁ ହଉ, ସମସ୍ତଙ୍କର ଗର୍ବ ଆପଣ । ମୋର ତ ନିତାନ୍ତ ହିଁ ସେୟା, ମୋର ଆବ୍ଦାର କରି । ଶୁଣିଥିଲି ମଝିରେ ଶରୀରଟା ଆପଣଙ୍କର ଟିକିଏ ଭଲ ହୋଇଥିଲା । ପୁଣି ଜର ହେଉଥିଲା । ବର୍ତ୍ତମାନ କେମିତି ଅଛନ୍ତି ଦାଦା? ଭୋମ୍ବଲ ଓ ମୋର ମାଆମାନେ ବୋଧହୁଏ ପରମପିତାଙ୍କ କୃପାରୁ ଦୈହିକ ଭଲରେ ଅଛନ୍ତି ।

ମୋର ଆନ୍ତରିକ 'ରା' ଜାଣିବେ ଦାଦା !

ଆପଣଙ୍କର ଦୀନ

'ମୁଁ'

ଶ୍ରୀମାନ୍ ସୁଧୀର ମୁଖାର୍ଜୀ ଓ ମୁଁ ଏଇ ଚିଠିଟି ନେଇ କଲିକତା ଯାଇ ଦେଶବନ୍ଧୁଙ୍କ ସାଥିରେ ଦେଖାକରି ତାଙ୍କୁ ଦେଲୁ । ସେ ମୁଣ୍ଡରେ ଛୁଆଁଇ ଶ୍ରୀଶ୍ରୀଠାକୁରଙ୍କର ଚିଠିଟି ଗ୍ରହଣ କଲେ ଏବଂ ପଢ଼ି କହିଲେ ଯେ, ଫରିଦପୁର କନ୍‌ଫରେନ୍‌ସରୁ ଫେରିଆସି ଦାର୍ଜିଲିଂ ଯିବା ବାଟରେ ଆଶ୍ରମକୁ ଯିବେ । ତାଙ୍କ ସାଙ୍ଗରେ ଏକଥା ବି ଠିକ୍ ହେଲା, ଯେଉଁ ଟ୍ରେନ୍‌ରେ ସେ ଫରିଦପୁର ଯିବେ ସେଇ ଟ୍ରେନ୍‌ରେ ସୁଧୀର ଓ ମୁଁ ତାଙ୍କ ସାଙ୍ଗରେ ଫରିଦପୁର ଯିବୁ । ସେଠାରୁ କଲିକତା ଫେରି ତାଙ୍କୁ ନେଇ ଆଶ୍ରମ ଆସିବୁ ।

ନିର୍ଦ୍ଦିଷ୍ଟ ଦିନ ଦେଶବନ୍ଧୁଙ୍କ ସହିତ ଆମେ ଦୁଇଜଣ ଫରିଦପୁର ଯାତ୍ରାକଲୁ । ଫରିଦପୁର ଯାଇ ଦେଶବନ୍ଧୁ ଯେଉଁ ଘରେ ରହିଲେ, ଆମେ ମଧ୍ୟ ସେଇ ଘରେ ରହିଲୁ । ସେଇ ଘରେ ପହଞ୍ଚି ହାତମୁହଁ ଧୋଇବା ପରେ ଦେଶବନ୍ଧୁ ବାହାର ଘରେ ଆସି ବସିଲେ । ମୋ' ଆଡ଼କୁ ଲକ୍ଷ୍ୟ କରି କହିଲେ— "ଦେଖନ୍ତୁ! ଯେତେବେଳେ ମୋ' ନିଜର ଘର ଥିଲା ସେତେବେଳେ ଭାବୁଥିଲି ମାତ୍ର ସେଇ ଗୋଟିକ ମୋ' ଘର । ବର୍ତ୍ତମାନ ମୋ' ନିଜର କୌଣସି ଘର ନାହିଁ, ଯେଉଁ ଘରକୁ ଯାଏ ସେଇଟା ହିଁ ମୋ' ନିଜର ଘର ବୋଲି ବୋଧହୁଏ । ଫରିଦପୁର ଆସି ଏଇ ଘରେ ରହିଛି, ମନେ ହେଉଛି ଏଇଟା ହିଁ ମୋ' ନିଜ ଘର । ବର୍ତ୍ତମାନ ମନେ ହେଉଛି ସାରା ବିଶ୍ୱ ହିଁ ମୋର ଘର । ପୂର୍ବର ସେଇ ଭାବଟା ଭଲ ନା ବର୍ତ୍ତମାନର ଏଇ ଭାବଟା ଭଲ ?"

ମୁଁ— "ବର୍ତ୍ତମାନର ଏଇ ଭାବଟା ହିଁ ଯେ ଭଲ ସେଥିରେ ଆଉ କୌଣସି ସନ୍ଦେହ ନାହିଁ, କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ଶୂନ୍ୟ କରି ଏଇ ଭାବ ଆସ୍ୱାଦନ କରିପାରେ, ଏପରି ଲୋକ ଜଗତରେ କେଇଜଣ ଅଛନ୍ତି?"

ଫରିଦପୁର କନ୍‌ଫରେନ୍‌ସ୍ ଆରମ୍ଭ ହେଲା । ମହାତ୍ମାଜୀ ମଧ୍ୟ ସେଇ ଭାଷଣରେ ଉପସ୍ଥିତ ଥିଲେ । ଫରିଦପୁର କନଫରେନ୍‌ସ୍‌ରେ ଦେଶବନ୍ଧୁଙ୍କର ଭାଷଣରେ ଯେପରି ଗୋଟିଏ ନୂତନ ସୁର ଝଙ୍କୃତ ହୋଇଥିଲା । ତାହା ସମସ୍ତଙ୍କୁ ମୁଗ୍ଧ କରିଥିଲା ।

ଅଧିବେଶନ ଚାଲିବା ସମୟରେ ସୁଧୀର ଗୁରୁତର ଅସୁସ୍ଥ ହୋଇପଡ଼ିଲା; ତା'ର କଲେରା ଦେଖା ଦେଲା । ତାକୁ ନେଇ ଶ୍ରଦ୍ଧେୟ ବିପିନଦାଙ୍କ ବାହାରଘରେ ଆସି ପହଞ୍ଚିଲି । ବିପିନଦା ଥିଲେ ହୋମିଓପାଥ, ସେ ନିଜେ ଚିକିତ୍ସା କରିବାକୁ ଲାଗିଲେ । ତାର ଝାଡା ପରିସ୍ରା, ଲୁଗାପଟା ସବୁ ମୋତେ ହିଁ ପରିଷ୍କାର କରିବାକୁ ପଡୁଥିଲା, ସେବା ପଥ୍ୟାଦିପାଇଁ ମଧ୍ୟ ବ୍ୟସ୍ତ ରହିବାକୁ ପଡୁଥିଲା । ତେଣୁ ଦେଶବନ୍ଧୁଙ୍କ ସାଥିରେ ଆଉ ଦେଖାସାକ୍ଷାତ୍ ହେଉ ନଥିଲା ବା ତାଙ୍କ ସହିତ କଲିକତା ଫେରିଯିବା ବି ସମ୍ଭବ ହେଲାନାହିଁ । ତେଣୁ ଫରିଦପୁରରୁ ଶ୍ରଦ୍ଧେୟ କେଷ୍ଟଦାଙ୍କୁ ପତ୍ର ଲେଖି ଜଣାଇଲି— ଦେଶବନ୍ଧୁଙ୍କ ସହିତ ମୋର କଲିକତା ଯିବା ହେଲା ନାହିଁ ଆପଣ ଯେପରି ନିର୍ଦ୍ଦିଷ୍ଟ ଦିନ କଲିକତା ଯାଇ ତାଙ୍କୁ ଆଶ୍ରମକୁ ନେଇଯାଆନ୍ତି । ସୁଧୀର ଟିକିଏ ସୁସ୍ଥ ହେଲେ ମୁଁ ଆଶ୍ରମକୁ ଫେରିଯିବି ।

Scanned with CamScanner

ତେଣୁ ଆଶ୍ରମରୁ କେଷ୍ଟଦା କଲିକତା ଯାଇ ଦେଶବନ୍ଧୁଙ୍କୁ ସାଙ୍ଗରେ ନେଇଆସିଲେ ।

୧୯୨୫ ମସିହା ମେ ୧୧ତାରିଖ । ଦେଶବନ୍ଧୁ ଆଶ୍ରମ ଆସି ପଦ୍ମାକୂଳରେ ଗୋଟାଏ ଛୋଟ ବଙ୍ଗଳାରେ ରହିଲେ । ତାଙ୍କ ବଙ୍ଗଳା ସମ୍ମୁଖରେ ପଦ୍ମାକୂଳରେ ଗୋଟାଏ ବେଦି ଥିଲା । ସେଠାରେ ବସି ଗଭୀର ରାତି ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁରଙ୍କ ସହିତ ସେ ଆଳାପ-ଆଲୋଚନା କରୁଥିଲେ— ଆଧ୍ୟାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ, ବିଜ୍ଞାନ ଇତ୍ୟାଦି ବହୁ ବିଷୟରେ ଆଲୋଚନା ହେଉଥିଲା । ଦାର୍ଜିଲିଂରୁ ଫେରିଆସି ସେ କି କି କାମ କରିବେ, ଶ୍ରୀଶ୍ରୀଠାକୁରଙ୍କ ସାଙ୍ଗରେ ବସି ସେସବୁ ପରାମର୍ଶ କଲେ । ଯେଉଁ କୁଟୀରଟିରେ ସେ ରହୁଥିଲେ ସେଇଟା ସେ କିଣିନେବେ ଏବଂ ଏଠାରୁ ଗୋଟାଏ ଇଂରାଜୀ ସାପ୍ତାହିକ କାଗଜ ବାହାର କରିବେ, ଏଇସବୁ କଥା ସ୍ଥିର ହେଲା । ସତ୍‌ସଙ୍ଗ ବ୍ୟାଙ୍କ କିପରି ଆରମ୍ଭ ହେବ, ସେ ବିଷୟରେ ପରାମର୍ଶ କରି ଠିକ୍ ହେଲା ସେ ହିଁ ବ୍ୟାଙ୍କର ପ୍ରଥମ director ହେବେ । ସତ୍‌ସଙ୍ଗରୁ ପୂର୍ବେ ଯେଉଁ Commerce and Culture of India ନାମରେ ଗୋଟିଏ କମ୍ପାନୀ ଗଠିତ ହୋଇଥିଲା ତାକୁ ପୁନରୁଜ୍ଜୀବିତ କରିବାପାଇଁ ଉକ୍ତ କମ୍ପାନୀର directorମାନଙ୍କ ପାଖକୁ ନିଜେ ପତ୍ର ଲେଖି ପଠାଇଲେ । ଆମକୁ ଆହୁରି କହିଲେ— "ଦାର୍ଜିଲିଂରୁ ଫେରି ଆସି ଏଥର ଏଇଠାରେ ହିଁ All India Congress Committeeର ମିଟିଂ ଡାକିବି । ସେଥିରେ ଦେଶର ସବୁ ବରେଣ୍ୟ ନେତାମାନେ ଯୋଗ ଦେବେ । ସେମାନଙ୍କ ପାଖରେ ଶ୍ରୀଶ୍ରୀଠାକୁରଙ୍କର ଜୀବନ ଏବଂ ଭାବଧାରାର କଥା ତୋଳି ଧରିବି ।"

ମହାତ୍ମାଜୀ ସେତେବେଳେ ବଙ୍ଗଳା ଭ୍ରମଣରେ ବାହାରିଛନ୍ତି । ତାଙ୍କୁ ମଧ୍ୟ ବିଶେଷ କରି ଚିଠି ଲେଖିଦେଲେ, ଆଶ୍ରମଟି ଥରେ ଦେଖିଯିବାପାଇଁ ।

ଆଶ୍ରମରୁ ଦାର୍ଜିଲିଂ ଯାତ୍ରା କରିବା ପୂର୍ବେ ସେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— ମୁଁ ଜଣେ ବିଶ୍ୱସ୍ତ Personal Assistant ଖୋଜି ପାଉ ନାହିଁ । ଆପଣ ଯଦି ଆପଣଙ୍କର କର୍ମୀମାନଙ୍କ ମଧ୍ୟରୁ ଜଣକୁ ଦିଅନ୍ତି ତେବେ ଭଲ ହୁଅନ୍ତା । ତାଙ୍କ କଥାନୁସାରେ ଶ୍ରୀଶ୍ରୀଠାକୁର ଆଶ୍ରମର କର୍ମୀ ମନୋହରଚନ୍ଦ୍ର ବସୁଙ୍କୁ ତାଙ୍କ ସହିତ ଦେଲେ । ସେ ଦେଶବନ୍ଧୁଙ୍କ ସାଥୀରେ ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ଥିଲେ ।

ଦେଶବନ୍ଧୁ ଆଶ୍ରମରେ ୩/୪ଦିନ ରହିବା ପରେ ଅନେକାଂଶରେ ସୁସ୍ଥ ବୋଧ କରିବାକୁ ଲାଗିଲେ । ତାଙ୍କର ଆଶ୍ରମରୁ ଯିବାର ଅନିଚ୍ଛା ସତ୍ତ୍ୱେ ଆତ୍ମୀୟସ୍ୱଜନଙ୍କ ତାଗିଦରେ ତାଙ୍କୁ ଦାର୍ଜିଲିଂ ଯିବାକୁ ପଡ଼ିଲା । ଶ୍ରୀଶ୍ରୀଠାକୁର ତାଙ୍କର ଦାର୍ଜିଲିଂ ଯିବା ଦୁଇ ଦୁଇ ଥର ସ୍ଥଗିତ କଲେ ସତ କିନ୍ତୁ ଅନିଚ୍ଛା ସତ୍ତ୍ୱେ ପରେ ଯିବାକୁ ଅନୁମତି ଦେବାକୁ ବାଧ୍ୟହେଲେ । ଶ୍ରୀଶ୍ରୀଠାକୁର ତାଙ୍କର ଯିବାବେଳେ କହିଲେ— ଯିବାକୁ ଦେବାର ମୋର ମୋଟେ ଇଚ୍ଛା ନଥିଲା, କିନ୍ତୁ କ'ଣ କରିବି ଉପାୟ ନାହିଁ ।

ସେ ଓ ବାସନ୍ତୀ ଦେବୀ ଯାତ୍ରାକଲେ ମନୋହରଦାଙ୍କୁ ସାଙ୍ଗରେ ନେଇ, ମୁଁ ସେମାନଙ୍କୁ ଗାଡ଼ିରେ ନେଇ ଈଶ୍ୱରଦି ଷ୍ଟେସନରେ ଛାଡ଼ି ଆସିବାକୁ ଗଲି । ପୁତ୍ର ଚିରରଞ୍ଜନ, ପୁତ୍ରବଧୂ ସୁଜାତା ଦେବୀ ଓ ତାଙ୍କର ଝିଅମାନେ ଆଶ୍ରମରେ ରହିଗଲେ । ଗାଡ଼ିରେ ବସି ସେ ଶ୍ରୀଶ୍ରୀଠାକୁରଙ୍କ କଥା କହିବାକୁ ଲାଗିଲେ । କହୁ କହୁ କହିଲେ— ମୁଁ ଆଶ୍ଚର୍ଯ୍ୟ ହେଇଯାଏ ମୋ' ଜୀବନର ସମସ୍ତ ଆଶା, ଆକାଙ୍କ୍ଷା, ଚିନ୍ତାଧାରା, ଯାହା ଏତେଦିନ ଧରି ଅସ୍ପଷ୍ଟ ଥିଲା, ତାହା ଶ୍ରୀଶ୍ରୀଠାକୁରଙ୍କ ସଙ୍ଗ ପାଇ ସ୍ଫୁଟତର ହୋଇ ଉଠିଛି ମୋ' ପାଖରେ । ମୁଁ ଖାଲି ଭାବେ ଆଉ ଆଶ୍ଚର୍ଯ୍ୟ ହୁଏ ଯେ କିପରି ଜଣକର ଆଶା, ଆକାଙ୍କ୍ଷା ଓ ଚିନ୍ତାଧାରା, ଏପରି ଆଉଜଣଙ୍କ ସହିତ ମିଳିଯାଇପାରେ । ଦିଟା ଶରୀର ଅଲଗା କିନ୍ତୁ ମନର ଏପ୍ରକାର ଅପୂର୍ବ ମେଳ କିପରି ସମ୍ଭବହୁଏ, ତାହା ବୁଝିପାରେ ନାହିଁ ।

□□□

ମହାତ୍ମାଜୀ

ଦେଶବନ୍ଧୁ ଦାର୍ଜିଲିଂ ଯିବାର ଠିକ୍ ପରେ, ମହାତ୍ମାଜୀ ଆଶ୍ରମରେ ରହୁଥିବା ଚିରରଞ୍ଜନଙ୍କୁ ପତ୍ର ଦେଇ ଜଣାନ୍ତି ଯେ ସେ ଆଶ୍ରମ ପରିଦର୍ଶନ କରିବାକୁ ଯିବେ । ଉତ୍ତରରେ ଚିରରଞ୍ଜନ ତାଙ୍କୁ ଲେଖନ୍ତି ଯେ ପାବନା ଆସିଲେ ସେ ଓ ତାଙ୍କ ସହ ଯେଉଁମାନେ ଆସିବେ, ସମସ୍ତେ ଯେପରି ପ୍ରଥମେ ଆଶ୍ରମକୁ ଆସନ୍ତି ଏବଂ ଆମମାନଙ୍କର ଆତିଥ୍ୟ ଗ୍ରହଣ କରନ୍ତି ।

ମହାତ୍ମାଜୀ ଆସିବେ ବୋଲି ଶୁଣି ଆମେମାନେ ତାଙ୍କର ସମ୍ମାନାର୍ଥେ ଖଦଡ଼ ଲୁଗା ପରିଧାନ କରି ଅଭ୍ୟର୍ଥନାପାଇଁ ପ୍ରସ୍ତୁତ ହୋଇ ରହିଲୁ । ଆଶ୍ରମର ପୁଅଝିଅମାନେ ଚରଖାରେ ସୂତା କାଟିବାରେ ଅଭ୍ୟସ୍ତ ହେଲେ । ମହାତ୍ମାଜୀ ପତ୍ରରେ ଜଣାଇଲେ ଯେ ସେ ୨୩ ମେ (୧୯୨୫)ଦିନ ଦିପହର ବେଳକୁ ଈଶ୍ୱରଦି ଆସିବେ ଏବଂ ସେଠାରୁ ସିଧା ଆଶ୍ରମକୁ ଆସିବେ ।

ତାଙ୍କର ଚିଠି ପାଇ ମୁଁ ଓ ଚିରରଞ୍ଜନ ଯଥାସମୟରେ ଶାନ୍ତାହାର ଷ୍ଟେସନକୁ ଯାଇ ତାଙ୍କ ଗାଡ଼ି ପାଖରେ ପହଞ୍ଚିଲୁ ଓ ତାଙ୍କୁ ଅଭ୍ୟର୍ଥନା ଜଣାଇଲୁ । କିନ୍ତୁ ଈଶ୍ୱରଦି ଷ୍ଟେସନରେ ଗାଡ଼ିପହଞ୍ଚିବା ପରେ, ପାବନାର Reception Committeeର Chairman ଯୋଗେନ୍ଦ୍ରନାଥ ମୈତ୍ର ତାଙ୍କ ଗାଡ଼ି ପାଖକୁ ଆସି ତାଙ୍କୁ ଅଭ୍ୟର୍ଥନା ଜଣାଇଲେ ଏବଂ ପାବନା ଯିବାପାଇଁ ଜିଦ୍ କରିବାକୁ ଲାଗିଲେ ।

ମହାତ୍ମାଜୀ କହିଲେ— "ମୁଁ ଏମାନଙ୍କୁ କଥା ଦେଇଛି ଯେ ପ୍ରଥମେ ଆଶ୍ରମ ଯିବି, ସେଠାରେ ଖିଆପିଆ କରି ତାପରେ ପାବନା ଆସିବି ।"

ଯୋଗେନବାବୁ ଜିଦ୍ କରିବାକୁ ଲାଗିଲେ, "ତାହା କେବେ ହେଇପାରେନା । ଆପଣ ପ୍ରଥମେ ଆମର ସେଠିକି ଯିବେ, ତା'ପରେ ଆଶ୍ରମ ଯିବେ । Reception Committeeର Chairman ହିସାବରେ ମୁଁ ଆସିଛି ଆପଣଙ୍କୁ ଅଭ୍ୟର୍ଥନା କରିବାକୁ, ତେଣୁ ଆପଣ ଆମର ସେଠିକି ପ୍ରଥମେ ଯିବେ । ଆମର ଏଇ ଅନୁରୋଧ ଆପଣ କୌଣସିମତେ ଏଡ଼ାଇପାରିବେ ନାହିଁ ।"

ମହାତ୍ମାଜୀ ଚିରରଞ୍ଜନ ଓ ମୋ' ଆଡ଼କୁ ଚାହିଁ ଅତ୍ୟନ୍ତ ଦୁଃଖିତ ଚିତ୍ତରେ କହିଲେ,— "See, how helpless I am !"

ମହାତ୍ମାଜୀଙ୍କ ସାଙ୍ଗରେ କୃପାଳିନୀ ଥିଲେ । ଯୋଗେନବାବୁଙ୍କର ଜିଦି ଦେଖି ସେ ଉତ୍ତେଜିତ ହୋଇ କହିଲେ— "ଆପଣ କି ପ୍ରକାର ଲୋକ? You must company with the wishes of Mahatmaji !"

କିନ୍ତୁ ଯୋଗେନବାବୁ ନଛୋଡ଼ବନ୍ଧା । ସେତେବେଳେ ମହାତ୍ମାଜୀଙ୍କର ଶୋଚନୀୟ ଅବସ୍ଥା ଦେଖି ଆମେ କହିଲୁ— "ମହାତ୍ମାଜୀ, ଆପଣ ଆଗେ ପାବନା ଯାଆନ୍ତୁ । ସେଠାରେ ପ୍ରଥମେ ଆତିଥ୍ୟ ଗ୍ରହଣ କରନ୍ତୁ ।"

ସେଥିରେ ମହାତ୍ମାଜୀ ଯେପରି ଦମ୍ ନେଇ ବଞ୍ଚିଗଲେ, ଏଇ ସଙ୍କଟରୁ ମୁକ୍ତି ପାଇ । ଆମେ ମହାତ୍ମାଜୀଙ୍କ ସହ Reception Committeeର Chairmanଙ୍କ ଘରେ ଯାଇ ପହଞ୍ଚିଲୁ । ତା'ପରେ ସେଠାରେ ବିଶ୍ରାମାନ୍ତେ ମହାତ୍ମାଜୀଙ୍କୁ ସାଙ୍ଗରେ ନେଇ ବାଜିତପୁର ଷ୍ଟିମରଘାଟ ପାଖକୁ ଆସି ଗାଡ଼ିରୁ ଓହ୍ଲାଇ, ନୌକାଯୋଗେ ଆଶ୍ରମକୁ ଆସିଲୁ ।

ଷ୍ଟିମରଘାଟରେ ଗୋଟାଏ ବିଚିତ୍ର ଘଟଣା ଘଟେ । ମହାତ୍ମାଜୀ ଯେତେବେଳେ ଗାଡ଼ିରୁ ଓହ୍ଲାଇ ନୌକାଆଡ଼କୁ ଯାଉଛନ୍ତି— ସେତେବେଳେ ଆମ ଆଶ୍ରମର କର୍ମୀ, ହେମଗୋବିନ୍ଦ ମୁନ୍ସୀ ଧାଇଁଆସି ମହାତ୍ମାଜୀଙ୍କୁ ଗଭୀରଭାବେ ଆଲିଙ୍ଗନ କରି ଦୁଇ ଗାଲରେ ଚୁମା ଦେବାକୁ ଲାଗିଲେ । ମହାତ୍ମାଜୀ ଚିତ୍କାର କରି କହିଲେ— 'ଏ କ୍ୟାୟା ରେ? ଏ କ୍ୟାୟା ରେ?' ସେତେବେଳେ ବାଧ୍ୟ ହୋଇ ମୋତେ କହିବାକୁ ହେଲା— ଇଏ ଗୋଟାଏ ପାଗଳ । ଏହା କହି ମହାତ୍ମାଜୀଙ୍କୁ ତା'ର ଆଲିଙ୍ଗନରୁ ଜୋର କରି ମୁକ୍ତ କଲି ।

ନୌକା ଆଶ୍ରମରେ ଆସି ଉପସ୍ଥିତ ହେବାପରେ ଦେଖାଗଲା— ସମସ୍ତ ଆଶ୍ରମ ଲୋକରେ ଲୋକାରଣ୍ୟ, ତିଳ ପକେଇବାକୁ ଜାଗା ନାହିଁ । ସେମାନଙ୍କ ମଧ୍ୟରେ ମହାତ୍ମାଜୀ ପୁଣି ହେମ ଗୋବିନ୍ଦକୁ ଦେଖି କହିଲେ— "Beware of that man!"... ଏତେ ଭିଡ଼ରେ ଶ୍ରୀଶ୍ରୀଠାକୁରଙ୍କ ସହିତ ମହାତ୍ମାଜୀଙ୍କର କୌଣସି ଆଳାପ-ଆଲୋଚନା ବା କଥାବାର୍ତ୍ତା ସମ୍ଭବ ହେଲା ନାହିଁ ।

ଜନନୀ ମନୋମୋହିନୀ ଆଶ୍ରମରେ କର୍ତ୍ତାଙ୍କର Cottageର ବାରଣ୍ଡାରେ ମହାତ୍ମାଜୀଙ୍କ ବେକରେ ହାତ ଛନ୍ଦି ମୋତେ କହିଲେ— ମହାତ୍ମାଙ୍କୁ କୁହ— "ତୁମେ ଜଗତ ପାଖରେ ମହାତ୍ମା ହୋଇପାର, ମୋ' ପାଖରେ ତୁମେ ପୁଅ; ମୁଁ ପୁଅ ହିସାବରେ ତୁମକୁ ଦେଖେ ।"

ମୁଁ ସେଇକଥା ମହାତ୍ମାଜୀଙ୍କୁ ବୁଝେଇ କହିବାରୁ ମହାତ୍ମାଜୀ ଖୁବ୍ ହସିଲେ । ମା' ମହାତ୍ମାଜୀଙ୍କୁ କହିଲେ— "ତୁମର ଖାଇବାପାଇଁ ଯେଉଁସବୁ ଜିନିଷପତ୍ର ଫଳମୂଳାଦି ଆମେ ଆୟୋଜନ କରି ରଖିଥିଲୁ, ତାହା ତୁମ ସାଙ୍ଗରେ ପଠେଇ ଦଉଛୁ । ତୁମେ ତ ଆଉ ଆମର ଏଠି ଖାଇଲ ନାହିଁ, ତେବେ ତୁମେ କିଛି ଗ୍ରହଣ କଲେ ମୁଁ ଖୁସୀ ହେବି ।"

ମହାତ୍ମାଜୀ ଆନନ୍ଦମନରେ ସେସବୁ ସାଙ୍ଗରେ ଧରି ନେଇଗଲେ । ଆଶ୍ରମ ପରିଦର୍ଶନ ପରେ ମହାତ୍ମାଜୀ ଆଶ୍ରମର Visitors Bookରେ ଯେଉଁ ମନ୍ତବ୍ୟ ଲେଖି ରଖିଗଲେ, ସେଥିରେ ସେ ଚରଖା କଥା ହିଁ ବିଶେଷ କରି କହିଗଲେ,— ଚରଖାକୁ ଯେପରି ବିଶେଷ ଓ ପ୍ରଧାନ ସ୍ଥାନ ଦିଆହୁଏ । ସେ ମୋତେ ଆହୁରି କହିଗଲେ ଯେ ଆପଣମାନେ ଖଦି-ପ୍ରତିଷ୍ଠାନରୁ ଚରଖା ନେଇଆସିବେ । ସତୀଶ ଦାଶଗୁପ୍ତ, ଯିଏ ସେସମୟରେ ବଙ୍ଗଳାର ଗାନ୍ଧୀ ବୋଲି

ଖ୍ୟାତ ହୋଇଥିଲେ— ତାଙ୍କୁ ପଠେଇ ଦେଇଥିଲେ ଆମକୁ ଚରଖାର ସବୁ ସାଜସରଞ୍ଜାମ ଦେବାପାଇଁ ।

ଏଇ ପ୍ରସଙ୍ଗରେ ଦେଶବନ୍ଧୁ C.R.Dasଙ୍କର ଗୋଟିଏ କଥା ମନେପଡ଼େ । ଯେତେବେଳେ ଦେଶବନ୍ଧୁ ଆଶ୍ରମକୁ ଆସିଥିଲେ ସେତେବେଳେ ତାଙ୍କୁ ଆଶ୍ରମର ପ୍ରତିଷ୍ଠାନଗୁଡ଼ିକ ମୁଁ ବୁଲେଇ ଦେଖେଇବାକୁ ଲାଗିଲି— ବିଜ୍ଞାନ-କୁଟୀର, Cross-breeding of plants and flowers ଏବଂ ଆହୁରି ଆନ୍ୟାନ୍ୟ ଶିଳ୍ପବିଭାଗ । ସେତେବେଳେ ସବୁ ଦେଖୁ ଦେଖୁ ସେ ମୋତେ କହିଥିଲେ— "ମହାତ୍ମାଜୀଙ୍କୁ ଏସବୁ ବେଶୀକିଛି ଦେଖାଇବେ ନାହିଁ ସେ ଏସବୁ appreciate କରିବେ ବୋଲି ମନେ ହୁଏନା । ତାଙ୍କୁ ଚରଖା ଏବଂ ଖଦଡ଼ର ଯାହା କିଛି ଅଛି ତାହା ଦେଖାଇବେ ।"

ଆଶ୍ରମ ବୁଲିଯିବାର ପ୍ରାୟ ଦଶଦିନ ପରେ ମହାତ୍ମାଜୀ ଦାର୍ଜିଲିଂ ଯା'ନ୍ତି ଏବଂ ସେଠାରେ ଦେଶବନ୍ଧୁଙ୍କ ସାନ୍ନିଧ୍ୟରେ କିଛିଦିନ କଟାନ୍ତି । ଏଇ ଅବସରରେ ସେମାନଙ୍କ ମଧ୍ୟରେ ଯେଉଁ ଅନ୍ତରଙ୍ଗ ଆଳାପ ହୁଏ ସେଥିରୁ ଏଇ ବୁଝାଯାଏ ଶ୍ରୀଶ୍ରୀଠାକୁରଙ୍କ ସାହଚର୍ଯ୍ୟରେ ଦେଶବନ୍ଧୁଙ୍କର ସ୍ୱଭାବ ଓ ଦୃଷ୍ଟିଭଙ୍ଗୀର କିପରି ଆମୂଳ ପରିବର୍ତ୍ତନ ସାଧିତ ହୋଇଥିଲା । ବ୍ୟକ୍ତି, ସମାଜ ଓ ରାଷ୍ଟ୍ରଜୀବନରେ ଧର୍ମର ପଥ ହିଁ ଏକମାତ୍ର ପଥ— ତାଙ୍କ ମନରେ ଏଇ ବଦ୍ଧମୂଳ ଧାରଣା ମହାତ୍ମାଜୀଙ୍କୁ ବିସ୍ମିତ କରେ । ଦେଶବନ୍ଧୁଙ୍କର ମୃତ୍ୟୁ ପରେ, ବିଭିନ୍ନ ପତ୍ରିକାରେ ମହାତ୍ମାଜୀ ଏଇ କେତେଦିନରେ ଯାହା ଲେଖିଥିଲେ, ସେଥିରୁ ତାହା ପରିସ୍ଫୁଟ ହେବ ।*

ଆଶ୍ରମ ସନ୍ଦର୍ଶନରେ ମହାତ୍ମାଜୀ ସେପରିଭାବେ ପ୍ରଭାବିତ ହୋଇନାହାନ୍ତି ଦେଖି

'ନବଜୀବନ'— ୨୮-୬-୨୫= ଦେଶବନ୍ଧୁଙ୍କ ବଦମିଜାଜର ପିରଚୟ ଅନେକେ ହିଁ ଆଗରୁ ପାଇଛନ୍ତି କିନ୍ତୁ ଫରିଦପୁରେ ପ୍ରଥମେ ମୁଁ ତାଙ୍କର ସ୍ୱଭାବରେ ଯେଉଁ ମିଷ୍ଟତାର ସ୍ୱାଦ ପାଇଲି ତାହା ଯେପରି ତା'ପରଠାରୁ ବଢ଼ିଚାଲିଲା... ଦାର୍ଜିଲିଂ ଆସି ଲକ୍ଷ୍ୟକଲି ତାଙ୍କର ଏଉ ନବକଳେବରର ପୂର୍ଣ୍ଣ ପରିଣତି । ମୋର ସେଉ ପାଞ୍ଚଦିନର (ଦାର୍ଜିଲିଂରେ ଦେଶବନ୍ଧୁଙ୍କ ସାହଚର୍ଯ୍ୟରେ କଟେଇଥିବା) ଅଭିଜ୍ଞତାର କଥା କହିବାକୁ ମୋର କ୍ଳାନ୍ତି ନାହିଁ— ତାଙ୍କର ପ୍ରତିକଥା ଓ କାମରେ ଯେପରି ଖାଲି ପ୍ରେମର ହିଁ ଅଭିବ୍ୟକ୍ତି ।

'Young India'— ୧୮-୬-୨୫= ଏଇ ମହାନ୍ ଦେଶପ୍ରେମୀଙ୍କ ସହିତ ଦାର୍ଜିଲିଂରେ ପାଞ୍ଚଦିନର ସାହଚର୍ଯ୍ୟ ଆମ ଭିତରେ ଏକ ଅପୂର୍ବ ଅନ୍ତରଙ୍ଗତା ସୃଷ୍ଟି କରିଥିଲା । ସେତେବେଳେ ହିଁ ବୁଝିଥିଲି ଯେ ସେ କେବଳ ବିରାଟ ମଣିଷ ନୁହନ୍ତି, ଗୋଟିଏ ନିଖାଦ (ଖାଣ୍ଟି) ମଣିଷ । ଭାରତ ଗୋଟିଏ ରତ୍ନ ହରାଇଲା!

'Young India' ୨୫-୬-୨୫= ଏଇ ପାଞ୍ଚଟି ଅମୂଲ୍ୟ ଦିନରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ହିଁ ଥିଲା ତାଙ୍କର ଗଭୀର ଧର୍ମଭାବର ଦ୍ୟୋତକ ।

'ନବଜୀବନ'— ୨୮-୬-୨୫= ଦାର୍ଜିଲିଂରେ ତାଙ୍କ ପାଖକୁ ଯେତେବେଳେ ଯାଏ, ସେତେବେଳେ ସେ ଘର ଭିତରକୁ ମାଛମାଂସ ପଶିବାକୁ ଦେଉ ନଥିଲେ । ସେ ମୋତେ କେତେଥର କହିଥିଲେ, "ପାରିଲେ ଆଉ କେବେ ବି ମାଛମାଂସ ଖାଇବି ନାହିଁ । ମୋତେ ଖାଇବାକୁ ଭଲ ଲାଗେ ନାହିଁ ଆଉ ସେଥିରେ ଆଧ୍ୟାତ୍ମିକ ବିକାଶରେ ମଧ୍ୟ ବାଧା ଘଟେ । ମୋର ଗୁରୁଦେବ ବିଶେଷଭାବେ କହିଛନ୍ତି, ମୁଁ ବର୍ତ୍ତମାନ ଯେଉଁ ସାଧନାର ପଥ ଗ୍ରହଣ କରିଛି ସେଥିରେ ମୋ' ପକ୍ଷରେ ଆମିଷ ବର୍ଜନ କରିବା ବିଧେୟ ।"

ସେ ତାଙ୍କୁ ପୁନରାୟ ଆଶ୍ରମ ଯାଇ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ କିଛିଦିନ କଟେଇବାକୁ ସନିର୍ବନ୍ଧ ଅନୁରୋଧ କରନ୍ତି । ଶ୍ରୀଶ୍ରୀଠାକୁରଙ୍କର ବିଷୟରେ ଦେଶବନ୍ଧୁଙ୍କର ରୋଗଶଯ୍ୟାରେ ଥିବା ସମୟରେ ଏଇ ଉକ୍ତି, ୧୬ ଜୁଲାଇର 'Young India' ପତ୍ରିକାରେ ମହାତ୍ମାଜୀ ଏଇଭାବେ ଲିପିବଦ୍ଧ କରି ଯାଇଛନ୍ତି,—

"I have learnt from my Guru, the value of truth in all our dealings. I want you to live with him for a few days atleast. Your need is not the same as mine. But he has given me strength, I did not possess before. I see things clearly which I saw dimly before."

'Young India'— (At Darjeeling) ୧୬-୭-୨୫= ଦେଶବନ୍ଧୁଙ୍କ ଘରେ ମୁଁ ପୂର୍ବରୁ ମଧ୍ୟ ଆତିଥ୍ୟ ଗ୍ରହଣ କରିଛି କିନ୍ତୁ ସେସବୁ ସାକ୍ଷାତ୍-ଆଲୋଚନା ।

ହୋଇଥିଲା ନିରୋଳା ରାଜନୀତିକୁ ହିଁ କେନ୍ଦ୍ରକରି; ନିଜ ନିଜର ନିର୍ଦ୍ଧାରିତ କର୍ମର ଗଣ୍ଡୀରେ ହିଁ ଆମେ ଥିଲୁ ଆବଦ୍ଧ । ଦାର୍ଜିଲିଂର ଘଟଣା ଅଲଗା, ସେଠାରେ ତାଙ୍କୁ ମୁଁ ଏକାନ୍ତ ଆପଣାର ଲୋକ ହିସାବରେ ହିଁ ପାଇଥିଲି । ସେ ଯାଇଥିଲେ ବିଶ୍ରାମ ନେବାକୁ ଆଉ ମୁଁ ତାଙ୍କର ସାନ୍ନିଧ୍ୟ କାମନାରେ । ମୋର ବିଶ୍ରାମ କଥାଟା ଥିଲା ବାହାନା ମାତ୍ର, ଦେଶବନ୍ଧୁ ସେଠାରେ ନଥିଲେ ତୁଷାର-ଶୋଭିତ ଶୈଳଶୃଙ୍ଗର ଶୋଭାକୁ ମୁଁ ଉପେକ୍ଷା ହିଁ କରିଥା'ନ୍ତି । ସେତେବେଳେ ସେ ମୋତେ ପେନ୍‌ସିଲ୍‌ରେ ଲେଖା ଚିରକୁଟ ପଠେଇବା ଆରମ୍ଭ କରିଥିଲେ,— ସେଥିରୁ ଗୋଟାକରେ ଲେଖିଥିଲେ, "ମନେ ଥାଏ ଯେପରି, ମୁଁ ହେଉଛି ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ, ଆପଣ ବର୍ତ୍ତମାନ (ବଙ୍ଗଳା ଭ୍ରମଣ ସମୟରେ) ମୋର ଆଶ୍ରୟରେ ଅଛନ୍ତି! ଦାର୍ଜିଲିଂକୁ ଆସିବାକୁ ପଡ଼ିବ, ଏଇ ମୋର ନିର୍ଦ୍ଦେଶ!" ତାଙ୍କର ସେଉ ମଧୁର ପତ୍ରଗୁଡ଼ିକ ଯଦି ରଖିଥା'ନ୍ତି!

ଠିକ୍ ରୋଗଶଯ୍ୟାରେ ନ ହେଲେ ବି ସେ ସେତେବେଳେ ଆରୋଗ୍ୟ-ଶଯ୍ୟାରେ, ତାଙ୍କ ନିଜର ହିଁ ସେବାର ପ୍ରୟୋଜନ । ତା ସତ୍ତ୍ୱେ ବି ମୋର ଓ ମୋ ସଙ୍ଗୀମାନଙ୍କର ସୁଖସୁବିଧାପାଇଁ ସବୁକିଛି ଖୁଣ୍ଟିନାଣ୍ଟି ନିଜେ ହିଁ ବ୍ୟବସ୍ଥା କରୁଥିଲେ, ଆଉ ସେ ବ୍ୟବସ୍ଥା ମଧ୍ୟ ଗୋଟାଏ ଯାହିତାହି ବ୍ୟାପାର ନୁହେଁ ।

ତାଙ୍କର ଏହିପ୍ରକାର ଆଳାପ ପ୍ରସଙ୍ଗରେ ଛେଦ ଟାଣି ପାଠକମାନଙ୍କୁ କହିରଖେ ଯେ କ୍ରମେ ଯେଉଁସବୁ କଥା ହେଲା, ତାହା ଆଧ୍ୟାତ୍ମିକ ରସାଳାପର ହିଁ ନାମାନ୍ତର— ସେ ଅନର୍ଗଳ କହିଯିବାକୁ ଲାଗିଲେ, ସେତେବେଳେ ସେ କ'ଣ କରୁଛନ୍ତି, ଦେହରେ ଟିକିଏ ବଳ ପାଇଲେ ହିଁ ବା କ'ଣ କରିବାକୁ ମନସ୍ଥ କରିଛନ୍ତି । ତାଙ୍କର ଗଭୀର ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧରେ ମୋର କୌଣସି ଧାରଣା ହିଁ ନଥିଲା; ଜାଣି ନଥିଲି ଯେ ଏକାଧିକ ଅଭିଜାତ ବଙ୍ଗାଳୀ ପରି ଏଇଟାହିଁ ତାଙ୍କ ଜୀବନର ନିୟାମକ ବୃତ୍ତି । ଏଇ ଆଳାପ ପରେ ହିଁ ତାହା ପ୍ରକାଶ ପାଇଲା । ଚାରିବର୍ଷ ପୂର୍ବେ ମନେପଡ଼େ, ଗଙ୍ଗାକୂଳରେ କୁଟୀର ରଚନା କରି ବାସ କରିବାର ଇଚ୍ଛା ସେ ଥରେ ପ୍ରକାଶ କରିଥିଲେ; ତା'ପରେ ସ୍ୟାସୁନ-ହାସପାତାଳରେ ମୋତେ ଦେଖିବାକୁ ଆସି ଯେତେବେଳେ ପୁଣି ଏକଥା କହିଲେ, ସେତେବେଳେ ମୁଁ ରହସ୍ୟ କରି କହିଥିଲି— କୁଟୀର ତିଆରି ହେଲେ ମୁଁ ମଧ୍ୟ ତାଙ୍କର ସାଥୀ ହେବି । ଦାର୍ଜିଲିଂରେ ମୋର ଭୁଲ୍ ଭାଙ୍ଗିଲା । ସ୍ପଷ୍ଟ ବୁଝିଲି, ରାଜନୀତି କ୍ଷେତ୍ରରେ ଯେପରି ସେ ପଥଭୁଲା ପଥିକ ପରି ଆସି ପଶିଥିଲେ, ଧର୍ମଜୀବନରେ ହିଁ ଯେପରି ତାଙ୍କର ସ୍ୱଭାବଜ ଆଗ୍ରହ ।

ଏଇସବୁ ଉକ୍ତିରୁ ବୁଝାଯାଏ ଦେଶବନ୍ଧୁଙ୍କର ଚରିତ୍ର ମହାତ୍ମାଗାନ୍ଧୀଙ୍କୁ କିପରିଭାବେ ପ୍ରଭାବିତ କରିଥିଲା । କିନ୍ତୁ ଦେଶବନ୍ଧୁ ନିଜେ ଯାହାଦ୍ୱାରା ପ୍ରଭାବିତ ହୋଇଥିଲେ ତାଙ୍କର ପ୍ରଭାବ ମହାତ୍ମାଙ୍କ ଉପରେ ବିଶେଷ ପଡ଼ିଲା ନାହିଁ । ପଡ଼ିଥିଲେ ହୁଏତ ଆଧୁନିକ ଭାରତର ଇତିହାସ ଅନ୍ୟଭାବେ ରଚିତ ହୋଇଥା'ନ୍ତା !

Scanned with CamScanner

୧୬ ଜୁନ୍ ୧୯୨୫ ମସିହା— ଦାର୍ଜିଲିଂର 'Step Aside'ଘରେ ଦେଶବନ୍ଧୁଙ୍କର ଦେହାନ୍ତ ହୁଏ। ସେଦିନ ତାଙ୍କର ଶଯ୍ୟାପାର୍ଶ୍ୱରେ ସବୁସମୟରେ ଆମର ଶ୍ରଦ୍ଧେୟ ମନୋହରଦା ଉପବିଷ୍ଟ ଥିଲେ। ତାଙ୍କ ମୁହଁରୁ ଶୁଣିଛି, ଦେଶବନ୍ଧୁ ମୃତ୍ୟୁର ପୂର୍ବମୁହୂର୍ତ୍ତରେ, — "ଭୋମ୍ବଲ! ମୁଁ ପାବନା ଯିବି,"— ଏଇ କଥା ପଦକ କହି ଶେଷନିଃଶ୍ୱାସ ତ୍ୟାଗ କରନ୍ତି।

କଲିକତାରେ ଦେଶବନ୍ଧୁଙ୍କର ଶ୍ରାଦ୍ଧବାସରରେ ଶ୍ରୀଶ୍ରୀଠାକୁରଙ୍କର ଏକ ପୂର୍ଣ୍ଣାବୟବ ପ୍ରତିକୃତି କୁସୁମଦାମରେ ସଜ୍ଜିତ କରି ରଖାଯାଇଥିଲା। ଜନନୀ ମନୋମୋହିନୀ ଦେବୀଙ୍କ ସହ ଆମେମାନେ ସେଠାରେ ଉପସ୍ଥିତ ଥିଲୁ। ଶ୍ରୀଶ୍ରୀଠାକୁର ଯାଇନଥିଲେ।

ଏଇ ଶ୍ରାଦ୍ଧ-ଉପଲକ୍ଷେ ଯେତେବେଳେ ମହାତ୍ମାଜୀ କଲିକତା ଆସନ୍ତି ସେତେବେଳେ ସେ ସ୍ୱୟଂ ଓ ଡଃ ରାଜେନ୍ଦ୍ରପ୍ରସାଦ ଶ୍ରୀଶ୍ରୀଠାକୁରଙ୍କ ସହିତ ଦେଖା କରିବାକୁ ଆସିଥିଲେ ଅଖିଳ ମିସ୍ତ୍ରି ଲେନ୍‌ର ଘରକୁ। ଶ୍ରୀଶ୍ରୀଠାକୁର ସେତେବେଳେ ସେଇ ଘରେ ଅବସ୍ଥାନ କରୁଥିଲେ। ସେତେବେଳେ ସେ ଶ୍ରୀଶ୍ରୀଠାକୁରଙ୍କୁ କହିଥିଲେ, "ଆପଣଙ୍କ ସଂସ୍ପର୍ଶରେ ଆସି ଦେଶବନ୍ଧୁଙ୍କର ଯେଉଁ ଅଦ୍ଭୁତ ମାନସିକ ପରିବର୍ତ୍ତନ ସାଧିତ ହୋଇଛି ତାହା ଦାର୍ଜିଲିଂରେ ତାଙ୍କ ସହିତ ଆଳାପ କରି ବେଶ୍ ବୁଝିପାରିଛି।"

ଏଇ ସମୟରେ ମୋତିଲାଲ ନେହେରୁ କଲିକତା ଆସି ଦେଶବନ୍ଧୁଙ୍କର ଜାମାତା ବାରିଷ୍ଟର ସୁଧୀର ରାୟଙ୍କ ଗୃହରେ ଅବସ୍ଥାନ କରନ୍ତି। ଏଇଠାରେ ତାଙ୍କ ସାଥୀରେ ମୋର ଦ୍ୱିତୀୟ ଓ ଶେଷଥରପାଇଁ ଆଳାପ ହୁଏ। ଦେଶବନ୍ଧୁ ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କର ମାନସିକ ପରିବର୍ତ୍ତନ ଯାହା ସେ ଲକ୍ଷ୍ୟ କରିଥିଲେ, ସେଦିନର ଆଳାପର ତାହା ହିଁ ଥିଲା ବିଷୟବସ୍ତୁ।

ଦେଶବନ୍ଧୁଙ୍କ ମୃତ୍ୟୁରେ ଶୋକାକୁଳ ଦେଶବାସୀ, ତାଙ୍କର ସହଧର୍ମିଣୀ ବାସନ୍ତୀ ଦେବୀଙ୍କୁ ଦେଶର ନେତ୍ରୀରୂପେ ଗ୍ରହିଥିଲେ। ଶ୍ରୀଶ୍ରୀଠାକୁର ଚିରରଞ୍ଜନ ମାଧ୍ୟମରେ ବାସନ୍ତୀ ଦେବୀଙ୍କୁ ଜଣାଇଥିଲେ ଯେ, ଏଇ ସମୟରେ ଶୋକବିହ୍ୱଳ ନ ହୋଇ, ସେ ଯେପରି ତାଙ୍କର ସ୍ୱର୍ଗତ ସ୍ୱାମୀଙ୍କର ପଦାଙ୍କ ଅନୁସରଣ କରି ତାଙ୍କରି ହିଁ ପ୍ରାରବ୍ଧ କାର୍ଯ୍ୟର ଭାର ଗ୍ରହଣ କରନ୍ତି;— କଲିକତା କର୍ପୋରେସନ୍‌ର ମେୟର୍, ବେଙ୍ଗଲ୍ କଂଗ୍ରେସର ସଭାପତି ପଦ ଏବଂ ଦୈନିକ 'ଫରୱାର୍ଡ୍' କାଗଜର ସମ୍ପାଦକର କାର୍ଯ୍ୟଭାର ଗ୍ରହଣ କରି ଅଗ୍ରସର ହୁଅନ୍ତି— ପୁତ୍ର ଚିରରଞ୍ଜନକୁ ସାଙ୍ଗରେ ନେଇ। ତା'ହେଲେ ସେ ମଧ୍ୟ କାଳକ୍ରମେ ଏଇସବୁ ଦାୟିତ୍ୱ ଗ୍ରହଣ କରି ଦେଶର ସେବା କରିପାରିବ।

ବାସନ୍ତୀଦେବୀ, ଶୋକାଭିଭୂତା ହୋଇ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ଶ୍ରୀଶ୍ରୀଠାକୁରଙ୍କର ସେଇ କଥାର ମର୍ଯ୍ୟାଦା ରକ୍ଷା କରିପାରନ୍ତି ନାହିଁ। ଏପରିକି, ଦେଶବନ୍ଧୁ ଶେଷ ସମୟରେ ତାଙ୍କୁ ଯେଉଁ ଅନୁରୋଧ କରି ଯାଇଥିଲେ, ଥରେ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା କରିବାକୁ ତାହା ମଧ୍ୟ ସେ ରକ୍ଷାକରି ପାରିନାହାନ୍ତି। ଏକଥା ମୁଁ ବାସନ୍ତୀଦେବୀଙ୍କ ମୁହଁରୁ ଶୁଣିଥିଲି।

ଦେଶବନ୍ଧୁଙ୍କର ଦେହାନ୍ତ ହେବାର କିଛିଦିନପରେ ମୁଁ ଦିନେ ତାଙ୍କର ନଫରକୁଣ୍ଡୁ ରୋଡ୍‌ସ୍ଥିତ ଘର ପାଖଦେଇ ଯାଉଥିଲି। ସେ ସେତେବେଳେ ଦୋତାଲାର ବାରଣ୍ଡାରେ ଠିଆହୋଇଥିଲେ। ମୋତେ ସେଇ ରାସ୍ତାରେ ଯାଉଥିବାର ଦେଖି ଏବଂ ଆଖିରେ ଆଖି ପଡ଼ିବାରୁ ଅଙ୍ଗୁଳି-ସଂକେତଦ୍ୱାରା ଡାକିଲେ। ଦୋତାଲାକୁ ଉଠି ଯାଇ ତାଙ୍କ ପାଖରେ ଠିଆହେଲି। ସେ ମୋତେ ବସିବାକୁ କହି, ନିଜେ ଯାଇ ମୋ'ପାଇଁ ସରବତ୍ ଏବଂ ଫଳ ନେଇଆସି ଖାଇବାକୁ ଦେଲେ, ଆଉ ତା ସହିତ କଥା କହିବାକୁ ଲାଗିଲେ। କହିଲେ— "ସେ (ଅର୍ଥାତ୍ ଦେଶବନ୍ଧୁ) ମୃତ୍ୟୁଶଯ୍ୟାରେ ମୋତେ ଗୋଟାଏ ଅନୁରୋଧ କରି ଯାଇଥିଲେ, ସେଇଟା ମୁଁ ରକ୍ଷା କରିପାରିନି। ସେଥିପାଇଁ ମନେ ମନେ ଦୁଃଖ ବି ହୁଏ। କିନ୍ତୁ ପ୍ରବଳ ବାଧା। ସେ ବାଧା ମୁଁ କୌଣସିମତେ ଅତିକ୍ରମ କରିପାରୁ ନାହିଁ।"

ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି— "କ'ଣ କହୁଛନ୍ତି ମା! ଆପଣଙ୍କର ସ୍ୱାମୀ ଭୁବନବିଖ୍ୟାତ; ଏପରି ସ୍ୱାମୀର ସ୍ତ୍ରୀ ହୋଇ ତାଙ୍କର ମୃତ୍ୟୁଶଯ୍ୟାରେ ଅନୁରୋଧ ରଖିପାରିଲେ ନାହିଁ— ଏହା କିପରି କଥା? ଯେତେ ବାଧା ଆସୁପଛେ, ତାକୁ ଯେକୌଣସି ପ୍ରକାରେ ଅତିକ୍ରମ କରି ତାଙ୍କର ଶେଷ ଅନୁରୋଧ ରକ୍ଷା କରିବା କ'ଣ ଉଚିତ ନୁହେଁ ମା! ଆଉ ବାଧାଟା ବା କ'ଣ ଏମିତି ଗୁରୁତର ଯେ ଆପଣ ତାହା ଅତିକ୍ରମ କରି ପାରୁନାହାନ୍ତି ?"

ସେତେବେଳେ ସେ ଅଶ୍ରୁସିକ୍ତ ନୟନରେ ଧୀରେ-ଧୀରେ କହିଲେ— "ସେ ମୃତ୍ୟୁଶଯ୍ୟାରେ ମୋର ମୋତେ ଅନୁରୋଧ କରିଯାଇଥିଲେ, ଶ୍ରୀଶ୍ରୀଠାକୁରଙ୍କ ସହିତ ମୁଁ ଯେପରି ଥରେ ଦେଖାକରେ। ମୁଁ ତାଙ୍କର ସେ କଥା ରଖିପାରିନି।"

ମୁଁ ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲି— "ସେ କି କଥା? ଚାଲନ୍ତୁ ନା! ଆଜିହିଁ ଆପଣଙ୍କୁ ସାଙ୍ଗରେ ଧରି ଶ୍ରୀଶ୍ରୀଠାକୁରଙ୍କ ପାଖକୁ ନେଇଯିବି।"

ସେ ସେତେବେଳେ ଗମ୍ଭିର ହୋଇ କହିଲେ— "ଏତେ ସହଜ ହୋଇଥିଲେ ମୁଁ ନିଜେ ତ ଯାଇପାରି ଥା'ନ୍ତି। ଯିବାର ଅନ୍ତରାୟ ମୋର ଦୁର୍ଜୟ ଅଭିମାନ। ସେ ମରିଯିବା ପରେ 'ଠାକୁର' ତ ମୋତେ ଦିନକପାଇଁ ବି ଡାକିଲେ ନାହିଁ।"

ମୁଁ— "ମା, ଅଭିମାନ ଆପଣଙ୍କର ଯେତେ ହିଁ ଥାଉ ନା କାହିଁକି, ମୃତ ସ୍ୱାମୀଙ୍କର କଥା ସ୍ମରଣ କରି, ତାଙ୍କର ମରଜଗତର ଶେଷ ଅନୁରୋଧ ରକ୍ଷା କରିବାପାଇଁ, ସେଇ ଅଭିମାନକୁ ଜଳାଞ୍ଜଳି ଦେବା କ'ଣ ଉଚିତ ନୁହେଁ ମା ?"

ସେ କହିଲେ— "ଉଚିତ ସେ କଥା ତ ବୁଝିପାରୁଛି, କିନ୍ତୁ ମୁଁ ତାହା କୌଣସିମତେ କରିପାରୁନି।"

ତା'ପରେ ବାସନ୍ତୀଦେବୀ ଥରେ ଏଟର୍ଣ୍ଣୀ ଅସୀମ ଦତ୍ତଙ୍କ ସହିତ ଦେଓଘର ଆସିଥିଲେ, ନିର୍ମଳଚନ୍ଦ୍ର ଚାଟାର୍ଜୀ ବାରିଷ୍ଟରଙ୍କ ସହିତ ଦେଖା କରିବାପାଇଁ। ନିର୍ମଳବାବୁ ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ କିଛିଦିନ କଟାଇବାପାଇଁ ଠାକୁର ବଙ୍ଗଳା ନିକଟସ୍ଥ ରଙ୍ଗନଭିଲାରେ ଥିଲେ। ବାସନ୍ତୀଦେବୀ ରଙ୍ଗନଭିଲା ଆସିଲେ କିନ୍ତୁ ଠାକୁର ବଙ୍ଗଳାକୁ ଗଲେ ନାହିଁ।

❑❑❑

Scanned with CamScanner

ନେତାଜୀ ସୁଭାଷ

ସୁଭାଷଚନ୍ଦ୍ରଙ୍କର ପିତା-ମାତା ଶ୍ରୀଶ୍ରୀଠାକୁରଙ୍କର ଶିଷ୍ୟ ଥିଲେ, ତେଣୁ ତାଙ୍କ ନିଜ ଘରେ ହିଁ ସୁଭାଷଚନ୍ଦ୍ର, ଶରତ୍‌ଚନ୍ଦ୍ର, ଡାଃ ସୁନୀଲ ବସୁ, ସତୀଶଚନ୍ଦ୍ର ପ୍ରଭୃତିଙ୍କ ସହିତ ସାକ୍ଷାତ୍ ଆଳାପ-ପରିଚୟର ସୁଯୋଗ ହୋଇଥିଲା । ଦେଶବନ୍ଧୁଙ୍କ ଘରେ ସୁଭାଷଚନ୍ଦ୍ରଙ୍କ ସହ ଆହୁରି ଘନିଷ୍ଠଭାବରେ ପରିଚୟ ହେବାର ସୁଯୋଗ ମିଳେ । ସେ ସମୟରେ ମୋର ମନେଅଛି, ସୁଭାଷଚନ୍ଦ୍ର ମୋତେ କହିଥିଲେ— "ପିଲାଦିନରୁ ମୋର ଧର୍ମ ପ୍ରତି ଗଭୀର ଆକର୍ଷଣ ଥିଲା । ଯେପରିଭାବେ ହେଉ, ରାଜନୀତି କ୍ଷେତ୍ରରେ ଆସି ପଶିଯାଇଛି, ମନେ ମନେ ଭାବିଛି ଆଉ କୌଣସି ଦିଗରେ ନଯାଇ, ଜୀବନଟା ଏଇ ଭାବରେ ହିଁ ବଳିଦେବି ।"

ସୁଭାଷଚନ୍ଦ୍ର I.C.S. ପାସ୍ କରିବା ପରେ ଚାକିରି ନକରି ଦେଶସେବାରେ ଆତ୍ମନିୟୋଗ କରିବେ ଏହିପରି ସିଦ୍ଧାନ୍ତ ନେଇ ଭାରତ ଫେରିଲେ । ଦେଶକୁ ଫେରିବାର କିଛିଦିନ ପରେ ଶ୍ରୀଶ୍ରୀଠାକୁରଙ୍କ ସହିତ ସାକ୍ଷାତ୍ କରିବାପାଇଁ ତାଙ୍କର ମାମୁ, ବାରିଷ୍ଟର ଜେ.ଏନ୍. ଦତ୍ତଙ୍କ ସହିତ ବାଗବାଜାର କାଳୀପ୍ରସାଦ ଚକ୍ରବର୍ତ୍ତୀ ଷ୍ଟ୍ରିଟ୍‌ରେ ଦୁର୍ଗା-ମାଉସୀଙ୍କ ଘରକୁ ଆସନ୍ତି । ସେତେବେଳେ ଶ୍ରୀଶ୍ରୀଠାକୁର, ଜନନୀ ମନୋମୋହିନୀ ଦେବୀ, ଅନନ୍ତ-ମହାରାଜ ଓ ମୁଁ ଦୁର୍ଗା-ମାଉସୀଙ୍କ ଘରେ ଥିଲୁ । ପ୍ରଥମ ବିଶ୍ୱଯୁଦ୍ଧ ପରେ ସେଥର influ-enza ସଂକ୍ରାମକ ବ୍ୟାଧି ରୂପେ ଦେଖାଦିଏ । ସେତେବେଳେ ଏଇ ଜରକୁ war fever କୁହାଯାଉଥିଲା । ଏଇ war feverରେ ସେତେବେଳେ ଶ୍ରୀଶ୍ରୀଠାକୁର ଓ ମୁଁ ପ୍ରବଳଭାବେ ଆକ୍ରାନ୍ତ ହେଉ । ସେତେବେଳେ ଦୁର୍ଗା-ମାଉସୀ ଓ ଘରର ଅନ୍ୟାନ୍ୟ ସମସ୍ତେ ଆମର ଯେପରିଭାବେ ସେବାଯତ୍ନ କରିଥିଲେ ତାହା ବର୍ତ୍ତମାନ ମନେ ପଡ଼ିଲେ ସେମାନଙ୍କ ପ୍ରତି ମନ ଭକ୍ତିଭାବରେ ଆପ୍ଲୁତ ହୁଏ ।

ସୁଭାଷଚନ୍ଦ୍ର ଏଇ ସମୟରେ ଶ୍ରୀଶ୍ରୀଠାକୁରଙ୍କ ସାଥୀରେ ଆଳାପ କରିବାକୁ ଆସି ବ୍ୟର୍ଥ ମନୋରଥ ହୋଇ ଫେରିଯା'ନ୍ତି । ମୁଁ ରୋଗଶଯ୍ୟାରେ ଶୋଇ ଏଇ ସର୍ବପ୍ରଥମ ସୁଭାଷଚନ୍ଦ୍ରଙ୍କୁ ଦେଖେ, ସାକ୍ଷାତ୍‌ଭାବେ ଆଳାପ କରିବାର ସୁଯୋଗ ସେ ପର୍ଯ୍ୟନ୍ତ ହୋଇନି ।

ଏହାର କିଛିବର୍ଷ ପରେ ସେ ଆଶ୍ରମ ଦେଖିବାକୁ ହିମାଇତପୁର ଆସନ୍ତି । ତାଙ୍କୁ ସାଙ୍ଗରେ ଧରି ସତ୍‌ସଙ୍ଗର ବିଭିନ୍ନ ପ୍ରତିଷ୍ଠାନ ବୁଲି ବୁଲି ଦେଖାଏ ଓ ଶ୍ରୀଶ୍ରୀଠାକୁରଙ୍କର କର୍ମଧାରା, ସମାଜସଂସ୍କାର ଇତ୍ୟାଦି ବହୁ ବିଷୟରେ ଆଳାପ ହୁଏ ।

ଆଶ୍ରମ ଦେଖି ସେ କହିଲେ— ସାଧାରଣତଃ ଆଶ୍ରମ କହିଲେ ଲୋକେ ସନ୍ନ୍ୟାସୀ ବା ଗୃହତ୍ୟାଗୀମାନଙ୍କର ଆଶ୍ରମକୁ ବୁଝନ୍ତି । ଗୃହୀ ହୋଇ ପରିବାର-ପରିଜନ ସହ ଆଶ୍ରମଜୀବନ ଯାପନ କରିବାର ଦୃଷ୍ଟାନ୍ତ ଆପଣମାନେ ହିଁ ପ୍ରଥମେ ଦେଖାଇଛନ୍ତି । ପରିବାର-ପରିଜନଙ୍କର ଭାର ମୁଣ୍ଡରେ ନେଇ, ଦୈନ୍ୟ ଅଭାବ ଅଭିଯୋଗ ମଧ୍ୟ ଦେଇ ଆପଣମାନେ ଆଗେଇ ଚାଲିଛନ୍ତି । ତେଣୁ ମୋର ମନେ ହୁଏ, ଆପଣମାନେ ଗୋଟାଏ ବଡ଼ ଗୁରୁଦାୟିତ୍ୱ ନେଇଛନ୍ତି । ଆପଣମାନେ ଯଦି ସତରେ ଏହିପରିଭାବେ ଆଶ୍ରମ ଗଢ଼ି ତୋଳିପାରନ୍ତି ତା'ହେଲେ ଆପଣମାନେ ଦେଶ ପାଖରେ ଗୋଟାଏ ଉଜ୍ଜ୍ୱଳ ଦୃଷ୍ଟାନ୍ତର ସ୍ଥଳ ହୋଇ ରହିବେ । ଗୃହୀ ହୋଇ ମଧ୍ୟ ଆଶ୍ରମ ଜୀବନଯାପନ କରାଯାଏ, ଏ କଥା ଲୋକଙ୍କ ପାଖରେ ଆଉ ଅବିଶ୍ୱାସ୍ୟ ବୋଲି ବୋଧ ହେବ ନାହିଁ ।

ବିବାହ ଓ ସମାଜ ସଂସ୍କାରର କଥା ଶୁଣି କହିଲେ— ଦେଖନ୍ତୁ, ଏ ବିଷୟରେ ଆପଣମାନେ ଯାହା କହିବାକୁ ଚାହୁଁଛନ୍ତି, ତାହା ଦୃଢ଼କଣ୍ଠରେ ଲୋକଙ୍କ ସାମନାରେ ଘୋଷଣା କରନ୍ତୁ, ତା'ଦ୍ୱାରା ଦଳେ ଲୋକ ଆପଣମାନଙ୍କର ଘୋର ବିରୋଧୀ ହୋଇ ଠିଆ ହେବେ ସତ କିନ୍ତୁ ଅପରଦିଗରେ ଏପିର କେତେକ ଏକନିଷ୍ଠ ଲୋକ ପାଇବେ ଯେଉଁମାନେ ଆପଣମାନଙ୍କର ପ୍ରୋଗ୍ରାମ୍‌କୁ ସକ୍ରିୟଭାବେ ସମର୍ଥନ କରିବେ । ସେମାନଙ୍କର ସାହାଯ୍ୟରେ ଅଣମାନଙ୍କର କାର୍ଯ୍ୟ ଖୁବ୍ ଆଗେଇଯିବ । ବିରୁଦ୍ଧବାଦୀମାନେ ଆପଣମାନଙ୍କୁ ରୋକି ପାରିବେ ନାହିଁ ।

ଆଶ୍ରମର ସବୁଆଡ଼େ ବୁଲି ଦେଖିବା ପରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି ଭକ୍ତିଭରେ ତାଙ୍କୁ ପ୍ରଣାମ କରି କହିଲେ— ମୋର ମା' ମୋତେ ଥରେ ଆଶ୍ରମଟା ଦେଖି ଯିବାକୁ କହିଥିଲେ, ତେଣୁ ଦେଖିବାକୁ ଆସିଲି । ଦେଖି ବେଶ୍ ଭଲ ଲାଗିଲା । ଯାଙ୍କ(ଲେଖକଙ୍କ) ସାଥୀରେ ସତ୍‌ସଙ୍ଗର ଭାବଧାରା ନେଇ ବିସ୍ତୃତ ଆଲୋଚନା ହେଲା । ଏ ସମ୍ବନ୍ଧରେ ମୋର ମତାମତ ତାଙ୍କୁ ଜଣାଇଦେଇଛି ।

ଶ୍ରୀଶ୍ରୀଠାକୁର ତାଙ୍କୁ ତାଙ୍କର ବାପା, ମା' ଏବଂ ଅନ୍ୟାନ୍ୟ ସମସ୍ତଙ୍କର କୁଶଳ ପ୍ରଶ୍ନାଦି କଲେ, ସୁଭାଷଚନ୍ଦ୍ର ଯଥାଯଥ ଉତ୍ତର ଦେଲେ । ତା'ପରେ ସେ ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ— ଦେଶପାଇଁ ତ ବିଭିନ୍ନ କାମ କରିବାକୁ ଅଛି । ତେବେ ଦେଶର ପ୍ରକୃତ ସେବା କରିବାକୁ ହେଲେ କେଉଁଠୁ ଆରମ୍ଭ କରିବାକୁ ହେବ? ଏ ବିଷୟରେ ଆପଣଙ୍କର ମତ କ'ଣ?

ଶ୍ରୀଶ୍ରୀଠାକୁର— ମୋର କଥା ହେଉଛି, ଦେଶର କାମ କରିବାକୁ ହେଲେ ପ୍ରଥମେ ମଣିଷ ତିଆରିର programme ନେବାକୁ ହେବ । ଭଲ ମଣିଷ ପାଇବାକୁ ହେଲେ ହିଁ ବିବାହ-ସଂସ୍କାର ଆଶୁ ପ୍ରୟୋଜନ । ଆଉ ଏହା ଏପରିଭାବେ କରିବାକୁ ହେବ ଯାହାଦ୍ୱାରା ସବୁ ବିବାହ compatible (ସୁସଙ୍ଗତ) ହୁଏ; ଆଉ compatibleମାନେ ବିହିତ ସଙ୍ଗତି । ବର୍ଣ୍ଣ, ବଂଶ, ଆୟୁ, ସ୍ୱାସ୍ଥ୍ୟ ଇତ୍ୟାଦି ସବୁ ହିସାବ

Scanned with CamScanner

କରି ଦେଖି-ଶୁଣି କାମ କରିବାକୁ ହୁଏ । ବିହିତ ବିବାହ ହେଲେ ହିଁ ଭଲ ସନ୍ତାନ ଆସେ, ଆଉ ସେତେବେଳେ ସେଇମାନଙ୍କଦ୍ୱାରା ହିଁ ଦେଶର, ଦଶର ସମସ୍ତଙ୍କର କାମ ହୁଏ । ସେଥିପାଇଁ ମଣିଷ-ତିଆରିର ବ୍ୟବସ୍ଥା ଆଗେ କରିବା ଦରକାର । ଦାଶଦା (ଦେଶବନ୍ଧୁ ଚିତ୍ତରଞ୍ଜନ) ଯେତେବେଳେ ମୋତେ କହିଲେ ଯେ ସେ ମଣିଷ ଖୋଜି ପାଉ ନାହାନ୍ତି ଯାହା ଉପରେ ଭାର ଦେଇ ସେ ଟିକିଏ ହଟି ଠିଆହୋଇ ପାରିବେ,— ତା'ର ଉତ୍ତରରେ ମୁଁ ଏଇ କଥା ହିଁ କହିଛି ।

ସୁଭାଷଚନ୍ଦ୍ର— ମଣିଷ-ତିଆରିର ଯେ ଆଶୁ ପ୍ରୟୋଜନ ତାହା ଚିନ୍ତା କରିଛି । କିନ୍ତୁ ତାହା କରିବାକୁ ହେଲେ ଯେ ବିବାହ-ସଂସ୍କାରର ପ୍ରୟୋଜନ ତାହ ଭାବି ଦେଖିନାହିଁ । ବିବେକାନନ୍ଦ ମଧ୍ୟ ମଣିଷ-ତିଆରିର କଥା କହି ଯାଇଛନ୍ତି କିନ୍ତୁ କିପରି ହେବ ତାହା ବିଶେଷଭାବେ କହିଯାଇ ନାହାନ୍ତି । ମୋର ମନେ ହୁଏ, ସେ ଶିକ୍ଷା ଉପରେ ଜୋର ଦେଇଛନ୍ତି । କିନ୍ତୁ ବର୍ତ୍ତମାନ ଭାବି ଦେଖୁଛି, ଭଲ ସଂସ୍କାର ସମ୍ପନ୍ନ ଶିଶୁ ଯଦି ଜନ୍ମ ନହୁଏ, ତେବେ ଖାଲି ଶିକ୍ଷା ସେମାନଙ୍କର ବିଶେଷ କ'ଣ କରିପାରିବ? ବୀଜରୁ ଗଛହୁଏ, ବୀଜ ଭଲ ହେଲେ ହିଁ ଗଛ ଭଲ ହେବ । ଏହା ଆପଣଙ୍କ କଥା ଶୁଣି ବୁଝିପାରୁଛି । କିନ୍ତୁ ଏହା ତ ଦୀର୍ଘ ସମୟ-ସାପେକ୍ଷ ।

ଶ୍ରୀଶ୍ରୀଠାକୁର— ଦୀର୍ଘ ସମୟ ତ ନିଶ୍ଚୟ ନେବ । ଆମେ ତ ଏତେଦିନ ପର୍ଯ୍ୟନ୍ତ ଜାତି ବା ସମାଜପାଇଁ କିଛି କରିନୁ । ବହୁ ମଇଳା ଜମିଯାଇଛି । ତାହା ସଫା କରିବାକୁ ସମୟ ନିଶ୍ଚୟ ଲାଗିବ । କୌଣସି short-cut programme ରେ ଜାତିର ପ୍ରକୃତ କଲ୍ୟାଣ ହେବ ବୋଲି ମୋର ମନେ ହୁଏ ନାହିଁ ।

ଆହୁରି ନାନା କଥା ଆଲୋଚନା ହେବା ପରେ ସେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବିଦାୟ ନେଲେ । ଯିବା ସମୟରେ ଶ୍ରୀଶ୍ରୀଠାକୁର, ସୁବିଧା ହେଲେ ତାଙ୍କୁ ପୁଣି ଆସିବାକୁ କହିଲେ ।

ସେ ମଥା ନତ କରି ସମ୍ମତି ଜଣାଇଲେ ।

ସୁଭାଷଜନନୀ ପ୍ରଭାବତୀ ଦେବୀ ମୋତେ ଖୁବ୍ ସ୍ନେହ କରୁଥିଲେ । ତେଣୁ କଲିକତା ଯାଇ ତାଙ୍କ ସାଥିରେ ଦେଖା ନକଲେ ସେ ଦୁଃଖ କରୁଥିଲେ । ସେଥିପାଇଁ କଲିକତା ଗଲେ ହିଁ ଥରେ ତାଙ୍କ ସଙ୍ଗେ ଦେଖା କରି ଆସୁଥିଲି । ସେଇ ଉପଲକ୍ଷେ ସୁଭାଷଚନ୍ଦ୍ରଙ୍କ ସହିତ ବହୁବାର ଦେଖା ହୋଇଛି ଓ ମଝିରେ ମଝିରେ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ମଧ୍ୟ ଅନେକ୍ ଆଲୋଚନା ହୋଇଛି ।

ସୁଭାଷଜନନୀ ଦିନେ ସୁଭାଷର ପିଲାଦିନର କଥା କହୁ କହୁ ମୋତେ କହିଲେ— ସୁଭାଷର ସ୍ୱଭାବଟା ପିଲାବେଳୁ ମୋର ଅନ୍ୟ ପୁଅମାନଙ୍କଠାରୁ ଅଲଗା କିସମର ଥିଲା । ସେ ମୋ' ପାଖରେ ଶୋଉଥିଲା । ମଝିରେ ମଝିରେ ରାତିରେ ଉଠି ଦେଖେ ସୁଭାଷ ପାଖରେ ନାହିଁ । ଦିନେ ବିଛଣାରୁ ଉଠି ତାକୁ ଖୋଜି ଖୋଜି ଯାଇ ଦେଖେ ସେ ଛାତ

ଉପରେ ମୁଣ୍ଡତଳେ ହାତ ରଖି ଶୋଇଛି । ତାକୁ ଡାକି କହିଲି— ଏଠି ଏମିତି ଶୋଉଛୁ କାହିଁକି?

ସୁଭାଷ କହିଲା— ତୁମେ ମୋତେ ନରମ ବିଛଣାରେ ଶୁଆଇ ଦେହଟାକୁ ନରମ କରିଦେଉଛ । ଭବିଷ୍ୟତରେ ଏଇ ନରମ ଦେହ ନେଇ ଆଉ କୌଣସି କଠିନ କାମ କରିପାରିବି ନାହିଁ, ତେଣୁ ବିଛଣାରୁ ଉଠି ଏମିତି ଛାତ ଉପରେ ଶୋଉଛି ।

ପୁଅର କଥା ଶୁଣି ମୁଁ ତ ଅବାକ୍! କହିଲି— ତୋତେ ପୁଣି କଷ୍ଟ କରିବାକୁ ହେବ କାହିଁକି?

ସୁଭାଷ ଉତ୍ତର ଦେଲା— ଜୀବନରେ ବଡ଼ ହେବାକୁ ହେଲେ, ଦେଶପାଇଁ କାମ କରିବାକୁ ହେଲେ, ଦେହକୁ ମଜବୁତ କରିବା ଦରକାର ।

ଆଉ ଦିନେ ସୁଭାଷଜନନୀଙ୍କ ସହିତ ସ୍ୱାମୀ-ସ୍ତ୍ରୀର ସମ୍ବନ୍ଧ କିପରି ହେବା ଦରକାର ସେ ବିଷୟରେ କଥା ପଡ଼ିବାରୁ ସେ କହିଲେ— ସ୍ୱାମୀ-ସ୍ତ୍ରୀ ଭିତରେ କଥାନ୍ତର ବା ମନାନ୍ତର ଯେପରି ହୁଏ, ତାହା ମୁଁ ମୋ' ଜୀବନରେ ଜାଣିନି ।

ତାଙ୍କର ଏଇ କଥା ଶୁଣି ବର୍ତ୍ତମାନ ମୋର ଶ୍ରୀଶ୍ରୀଠାକୁରଙ୍କ କଥା ମନେ ପଡ଼ିଗଲା । ଶ୍ରୀଶ୍ରୀଠାକୁର କୁହନ୍ତି— ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଗଭୀର ଭଲପାଇବା ରହିଲେ ପିଲାପିଲି ଭଲ ହୁଅନ୍ତି । ଏ ବିଷୟରେ ସୁଭାଷଚନ୍ଦ୍ରଙ୍କର ଜନକ-ଜନନୀଙ୍କୁ ଦେଖି ଶ୍ରୀଶ୍ରୀଠାକୁରଙ୍କ କଥାର ସତ୍ୟତାର ପ୍ରମାଣ ମିଳେ । ସୁଭାଷଜନନୀ ପ୍ରକୃତରେ ଥିଲେ ରତ୍ନଗର୍ଭା ।

ସୁଭାଷଜନନୀଙ୍କ ବିଷୟରେ ଆଉ ଗୋଟାଏ କଥା କହିବାକୁ ଚାହେଁ; ଏକଥା ତାଙ୍କରି ମୁହଁରୁ ଶୁଣିଥିଲି ।

ସୁଭାଷଚନ୍ଦ୍ରଙ୍କର ଅନ୍ତର୍ଧାନ ପରେ C.I.D. ବିଭାଗର ଜଣେ ଉଚ୍ଚ ରାଜକର୍ମଚାରୀ ଆସି ତାଙ୍କୁ ପ୍ରଶ୍ନ କଲେ— "ସୁଭାଷବାବୁ ଅସାମାନ୍ୟ ମାତୃଭକ୍ତ ଥିଲେ । ଆପଣଙ୍କୁ ନ ପଚାରି ସେ କୌଣସି କାମରେ ହାତ ଦେଉ ନଥିଲେ— ସେକଥା ଆମେ ଜାଣୁ । ସେ ଅନ୍ତର୍ଧାନ ହେବା ପୂର୍ବେ ଆପଣଙ୍କୁ ନିଶ୍ଚୟ କହିଯାଇଛନ୍ତି ଯେ ସେ କୁଆଡ଼େ ଯାଉଛନ୍ତି । ଆପଣ ସେକଥା ଅନୁଗ୍ରହ କରି ଆମକୁ ଜଣାଇଦେବେ କି ?"

ସୁଭାଷଜନନୀ ସେଇ ରାଜକର୍ମଚାରୀଙ୍କୁ କହିଥିଲେ— ଆପଣଙ୍କ କଥାର ଉତ୍ତର ଦେବା ପୂର୍ବରୁ ଆପଣ ମୋର ଗୋଟାଏ କଥାର ଉତ୍ତର ଦିଅନ୍ତୁ— ମୋର ଏଇ ଘରର ଆଖପାଖ ଚାରିଦିଗରେ ଗୋଇନ୍ଦା ଦେଇ ଆପଣମାନେ ଏପରିଭାବେ ଛାଇ ରଖିଛନ୍ତି ଯେ ଗୋଟାଏ କାଉ-ବଗ ମଧ୍ୟ ଆପଣମାନଙ୍କର ସତର୍କ ଦୃଷ୍ଟି ଏଡ଼ାଇ ଚାଲିଯାଇ ପାରେ ନାହିଁ । ଏ ଅବସ୍ଥାରେ ମୋ' ପୁଅ ଯେ ଆପଣମାନଙ୍କର ସଦା ଜାଗ୍ରତ ଓ ସତର୍କ ଦୃଷ୍ଟି ଏଡ଼ାଇ କୁଆଡ଼େ ଚାଲିଯିବ, ଏଇଟା ସମ୍ପୂର୍ଣ୍ଣ ଅବିଶ୍ୱାସ୍ୟ, ତେଣୁ ମୋ' ପୁଅକୁ ଆପଣମାନେ ନେଇ କୋଉଠି ଲୁଚେଇ ରଖିଛନ୍ତି ଆଗେ ତା'ର ଜବାବ ଦିଅନ୍ତୁ!

Scanned with CamScanner

ସୁଭାଷଚନ୍ଦ୍ର ଆଉ ଥରେ ଆଶ୍ରମକୁ ଆସିଥିଲେ ତାଙ୍କର ସେଇ ଐତିହାସିକ ଅନ୍ତର୍ଧାନର ବେଶ୍ କିଛିଦିନ ପୂର୍ବେ ଅର୍ଥାତ୍ ଅନ୍ତରୀଣ ଅବସ୍ଥାର ଠିକ୍ ପୂର୍ବେ। ସୁଭାଷ ସେତେବେଳେ ଜନନେତା ହିସାବରେ ସବିଶେଷ ପ୍ରତିଷ୍ଠା ଲାଭ କରିସାରିଛନ୍ତି, ତେଣୁ ସେ ଆଶ୍ରମକୁ ଆସିବାରୁ ଏତେ ଅତ୍ୟଧିକ ଲୋକସମାଗମ ହେଲା ଯେ ଶ୍ରୀଶ୍ରୀଠାକୁରଙ୍କ ସହିତ ତାଙ୍କର ସାକ୍ଷାତ୍‌ମାତ୍ର ହିଁ ହେଲା, କୌଣସି କଥା ହେବାର ସୁଯୋଗ ହେଲା ନାହିଁ।

ତାଙ୍କୁ ବାଟେଇଦେଇ ଆସିବା ସମୟରେ ସେ ମୋତେ କହିଲେ— ଶ୍ରୀଶ୍ରୀଠାକୁରଙ୍କୁ କେତୋଟି କଥା ପଗ୍ଭରିବି ବୋଲି ଆସିଥିଲି, ଏତେ ଲୋକ ଭିଡ଼ରେ ତାହା ଆଉ ସମ୍ଭବ ହେଲା ନାହିଁ।

ମୁଁ କହିଲି— ଆସନ୍ତୁ ନା, ମୁଁ ଲୋକଙ୍କୁ ହଟେଇଦେଇ ଯାହାଦ୍ୱାରା ଶ୍ରୀଶ୍ରୀଠାକୁରଙ୍କ ସହିତ ଆପଣ privately କଥାଭାଷା କରିପାରନ୍ତି ତା'ର ବ୍ୟବସ୍ଥା କରିଦେବି। କିନ୍ତୁ ସେ ତାହା ଅସ୍ୱୀକାର କରି କହିଲେ— ଏତେ ଲୋକଙ୍କର ଅସୁବିଧା କରି ତାହା କରିବାକୁ ଚାହେଁ ନାହିଁ।

ଏହା ହେଉଛି ସୁଭାଷଙ୍କ ସହିତ ଶେଷ ସାକ୍ଷାତ୍‌କାର। ଆଶ୍ରମରୁ କଲିକତା ଫେରିଯିବା ପରେ ସେ ଅନ୍ତରୀଣ ହୁଅନ୍ତି। ତାଙ୍କର ଏଲଗିନ୍ ରୋଡ୍‌ସ୍ଥିତ ଘରେ, ଯେଉଁଘରେ ସେ ଏକାକୀ ବନ୍ଦୀପରି ଜୀବନଯାପନ କରୁଥିଲେ ସେ ଘରେ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଫଟୋ ଥିଲା। ସେଥିରୁ ବୁଝାଯାଏ ଯେ ସେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଗଭୀର ଶ୍ରଦ୍ଧାସମ୍ପନ୍ନ ଥିଲେ।

□□□

କୃଷ୍ଣା ଓ କୃତଘ୍ନତା

ପୂର୍ବରୁ କୁହାହୋଇଛି ଯେ ଶ୍ରୀଶ୍ରୀଠାକୁର ସତ୍‌ସଙ୍ଗୀ ଭ୍ରାତା ଶ୍ରୀସତୀଶଚନ୍ଦ୍ର ବସୁଙ୍କଦ୍ୱାରା କେଷ୍ଟ ଦାସପାଇଁ ଗୋଟାଏ ପ୍ରେସ୍ ଖରିଦ୍ କରେଇଦେଇଥିଲେ। କେଷ୍ଟ ଦାସ ସେଇ ପ୍ରେସ୍‌ରୁ ତା'ର ପତ୍ରିକା ବାହାର କରୁଥିଲା। ପରେ ସେଇ ପ୍ରେସ୍‌କୁ ନିଜର କହି ଆତ୍ମସାତ୍ କରିନେଲା। ସେତେବେଳେ ସତୀଶ ବସୁ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— "ମୁଁ କେଷ୍ଟ ଦାସ ପାଖରୁ ହ୍ୟାଣ୍ଡ୍-ନୋଟ୍ ନେଇ ରଖିଛି। ଆପଣ ଯଦି କହିବେ ତେବେ ପ୍ରେସ୍ ଓ ତା'ର ଯାବତୀୟ ସାଜସରଞ୍ଜାମ ସବୁ ନେଇଆସି ପାରିବି।'

ଶ୍ରୀଶ୍ରୀଠାକୁର ମନା କଲେ ଏବଂ କହିଲେ— "ତା'ର ପ୍ରେସ୍ ଓ ସରଞ୍ଜାମ ମୁଁ ଛୁଇଁବାକୁ ବି ଇଚ୍ଛା କରେ ନାହିଁ।" ତେଣୁ ସତୀଶ ବସୁଙ୍କୁ ତାଙ୍କର ସେଇ ସଂକଳ୍ପରୁ ବିରତ ରହିବାକୁ ହେଲା। ପରେ ସତ୍‌ସଙ୍ଗର ଗୋଟିଏ ନିଜସ୍ୱ ପ୍ରେସ୍‌ର ପ୍ରୟୋଜନୀୟତା ଅନୁଭବ କରି ସେଇ ସତୀଶ ବସୁଙ୍କୁ ହିଁ ପ୍ରେସ୍‌ପାଇଁ ଫ୍ଲାଟ୍, ଟ୍ରେଡେଲ୍ ମେସିନ୍ ଇତ୍ୟାଦିର କଥା କହିଲେ। ସତୀଶ ବସୁ ଏକକାଳୀନ ପ୍ରେସ୍‌ପାଇଁ ପାଞ୍ଚହଜାର ଟଙ୍କା ଦେଲେ। ସେଥିରେ Indo-Swiss Trading Co.ରୁ ଦୁଇଟା ଭଲ German treadle machine କିଣା ହେଲା।

Indo-Swiss Trading Co. ଥିଲା ଆମର ସତ୍‌ସଙ୍ଗୀ ଭାଇ ମୁକ୍ତାଗାଛାର ହେଡ୍‌ମାଷ୍ଟର୍ ସୁରେନ୍ଦ୍ରନାଥ ଦାଶଗୁପ୍ତଙ୍କର ଭାଇମାନଙ୍କର କମ୍ପାନୀ, ସୁରେନ୍‌ଦାଙ୍କର ମଧ୍ୟମ ଭ୍ରାତା ବୀରେନ ଦାଶଗୁପ୍ତ ସେତେବେଳେ ଜର୍ମାନୀରେ ରହୁଥିଲେ। ସେ ନିଜେ ଦେଖିଶୁଣି ଜର୍ମାନୀରୁ ପ୍ରେସ୍ ପଠାଉଥିଲେ। ସେମାନେ ପ୍ରାୟ ବିନା ଲାଭରେ ଆମ ଆଶ୍ରମପାଇଁ ପ୍ରେସ୍ ଦେଲେ। ତାଙ୍କର କନିଷ୍ଠ ଭ୍ରାତା, ଶ୍ରୀଖଗେନ୍ଦ୍ରନାଥ ଦାଶଗୁପ୍ତ, ବର୍ତ୍ତମାନ ବାଂଲା ଗଭର୍ଣ୍ଣମେଣ୍ଟର ପୂର୍ତ୍ତମନ୍ତ୍ରୀ— ପାବନା ଆଶ୍ରମକୁ ଆସିଥିଲେ। Treadle machine ହେବା ପରେ ହେବା ପରେ ପତ୍ରିକା ଛାପିବାପାଇଁ ଗୋଟିଏ ଫ୍ଲାଟ୍ ମେସିନ୍, ରୁଲିଂ ମେସିନ୍, କାଗଜକଟା ମେସିନ୍, ଟାଇପ୍ ଇତ୍ୟାଦି ସବୁ ଅଣା ହେଲା। ଏଇ ପୂର୍ଣ୍ଣାଙ୍ଗ ପ୍ରେସ୍‌ର ନାଁ ଦିଆହେଲା ସତୀଶ ବସୁଙ୍କର ମା'ଙ୍କ ନାଁ ଅନୁସାରେ 'ସତ୍‌ସଙ୍ଗ କ୍ଷୀରୋଦା-ସ୍ମୃତି ପ୍ରେସ୍'।

ଆଶ୍ରମର କର୍ମୀମାନେ କେହି ପ୍ରେସ୍ କାମ ଜାଣି ନଥିଲେ । ବ୍ୟବହାର ଅଭାବରୁ ଏବଂ କାମ ଜାଣି ନଥିବାରୁ, ଅନେକ ଯନ୍ତ୍ରପାତି ସାଜସରଞ୍ଜାମ ନଷ୍ଟ ହେବାକୁ ଲାଗିଲା । ଶ୍ରୀଶ୍ରୀଠାକୁର ସେଆଡ଼କୁ ବିଶେଷ ନଜର ନଦେଇ କହିଲେ— "ତୁମେମାନେ ଶିଖିନିଅ, ପରେ ଅନ୍ୟଙ୍କୁ ମଧ୍ୟ ଶିଖେଇପାରିବ ।"

ସତ୍‌ସଙ୍ଗ ପ୍ରେସ୍‌ର ପ୍ରଥମ କର୍ମୀମାନଙ୍କ ମଧ୍ୟରେ ଥିଲେ ନିବାରଣଚନ୍ଦ୍ର ବାଗ୍‌ଚୀ, ହରେନ୍ଦ୍ରନାଥ ଗାଙ୍ଗୁଲୀ, ମଣି ଘୋଷ, କାଳୀପଦ ବାଗ୍‌ଚୀ, ଅବିନାଶ ପାଲ ପ୍ରଭୃତି । ଅବିନାଶ ପ୍ରଥମେ ଅଟଳ ସହିତ ସତ୍‌ସଙ୍ଗ କାରଖାନାରେ କାମ କରୁଥିଲା, ପରେ ପ୍ରେସ୍‌ର ମେସିନ୍ ଚଳେଇବା କାମରେ ନିଯୁକ୍ତ ହୁଏ । ସ୍ତ୍ରୀଲୋକମାନେ କମ୍ପୋଜିଙ୍ଗ୍ କାମରେ ନିଯୁକ୍ତା ହୋଇଥିଲେ । ସେମାନଙ୍କ ମଧ୍ୟରେ— ରତ୍ନେଶ୍ୱର ଦାଶଗୁପ୍ତର ମା, ପରିମଳ-ମା (କ୍ଷେତ୍ର ବସୁର ସ୍ତ୍ରୀ), ଟୁଲୁମା, ପ୍ରଫୁଲ୍ଲଦେବୀ ପ୍ରଭୃତି ଥିଲେ ।

ସତ୍‌ସଙ୍ଗ ପ୍ରେସ୍‌ରୁ ପତ୍ରିକା ବାହାର କରିବାପାଇଁ ଶ୍ରୀଶ୍ରୀଠାକୁର ବ୍ୟସ୍ତ ହୋଇ ଉଠିଲେ । ଜଣେ ଅଭିଜ୍ଞ ଭଲ ଲେଖକର ଖୋଜା ଚାଲିଲା । କିନ୍ତୁ ସେତେବେଳେ ତ ଅଭିଜ୍ଞ ଭଲ ଲେଖକକୁ ପଇସା ଦେଇ ନିଯୁକ୍ତ କରିବାର କ୍ଷମତା ଆମର ନଥିଲା, ତେଣୁ ଆଶ୍ରମରେ କଷ୍ଟ ଭିତରେ ଖାଇ ପିଇ ରହି କିଛି ହାତଖରଚ ନେଇ ସମ୍ପାଦନା କାମ ଚଳେଇପାରେ ଏପରି ଜଣେ ଲୋକର ଖୋଜା ଚାଲିଲା । ସେସମୟରେ କଲିକତାରେ ଯେଉଁ କେତେଜଣ ସତ୍‌ସଙ୍ଗୀ ଥିଲେ ସେମାନଙ୍କୁ ଏବିଷୟରେ କହିଦିଆଗଲା ।

ଶ୍ରୀଯୁକ୍ତ ନଳିନାକ୍ଷ ଚାଟାର୍ଜୀ ଶ୍ରଦ୍ଧେୟ ସୁରେଶଦାଙ୍କର ଜାମାତା ଥିଲେ । ସେ ସେତେବେଳେ Postal Departmentରେ କାମ କରୁଥିଲେ । ମୋତେ ଜଣାଇଲେ ଯେ, ସେ ଜଣେ ଲୋକର ସନ୍ଧାନ ପାଇଛନ୍ତି । ସେ ନିଜକୁ ସମାଜସେବକ ବୋଲି ପରିଚୟ ଦିଅନ୍ତି ଏବଂ ସମାଜର ସେବା କରିବା ହିଁ ବଡ଼ କାମ ବୋଲି ମନେ କରନ୍ତି । ତାଙ୍କର ଲେଖା ମଧ୍ୟ ସେ ଦେଖିଛନ୍ତି । ସେ କେତୋଟି paper edit ବି କରିଛନ୍ତି । ତାଙ୍କ ପାଖରୁ ସେ ଆଶ୍ରମ କଥା ଶୁଣି ଆଶ୍ରମରେ ରହି କାମ କରିବାକୁ ରାଜୀ ହୋଇଛନ୍ତି ।

ନଳିନାକ୍ଷଦାଙ୍କର ଚିଠି ପାଇ କଲିକତା ଯାଇ ନଳିନାକ୍ଷଦାଙ୍କ ଅଫିସ୍‌ରେ ସେଇ ଭଦ୍ରଲୋକଙ୍କ ସହିତ ଦେଖା ହେଲା । ସେ ତାଙ୍କର ସମସ୍ତ ଲେଖାର ନମୁନା ନେଇ ଉପସ୍ଥିତ ଥିଲେ । ତାଙ୍କର ଲେଖା ଦେଖି ମୋର ବି ପସନ୍ଦ ହେଲା । ଆମ ଆଶ୍ରମର କଥା, ଆଶ୍ରମର ଉଦ୍ଦେଶ୍ୟ ଓ ଆଦର୍ଶର କଥା ଏବଂ ଶ୍ରମକରି, କଷ୍ଟ କରି ତାଙ୍କୁ ସେଠାରେ ରହିବାକୁ ହେବ ଇତ୍ୟାଦି କଥା ତାଙ୍କୁ କହିଲି । ଦୁଃଖକଷ୍ଟର କଥା ଶୁଣି ସେ କହିଲେ— "ମୁଁ ସବୁପ୍ରକାର ଅବସ୍ଥା ଭିତରଦେଇ ଚାଲିଆସିଛି । ତେଣୁ ଦୁଃଖ-କଷ୍ଟକୁ ମୋର ଡର ନାହିଁ ।"

ତାଙ୍କ ପାଖରୁ ଶୁଣିଲି— ସେ ପ୍ରଥମେ ହିନ୍ଦୁ, ତା'ପରେ ଖ୍ରୀଷ୍ଟିୟାନ୍, ତା'ପରେ ମୁସଲମାନ ହୋଇଥିଲେ, ପୁଣି ମୁସଲମାନରୁ ହିନ୍ଦୁ ହୋଇଛନ୍ତି । ଏଇ ଭଦ୍ରଲୋକର ନାଁ ହେଲା ହରିପ୍ରସାଦ ମଲ୍ଲିକ । ତାଙ୍କୁ କହିଲି— "ଆଶ୍ରମରେ ଯଦି ରହିବାକୁ ହୁଏ ତା'ହେ

ସର୍ବାଗ୍ରେ ଆପଣଙ୍କର ସେଠିକି ଯାଇ ନିଜଆଖିରେ ଦେଖିଶୁଣି ଆସିବା ଏବଂ ଶ୍ରୀଶ୍ରୀଠାକୁରଙ୍କ ସହି ପରିଚୟ କରି ଆସିବା ପ୍ରୟୋଜନ । ତା'ପରେ ଆପଣ ଠିକ୍ କରିପାରିବେ ସେଠାରେ ରହିଲେ ଆପଣଙ୍କୁ ପୋଷେଇବ କି ନାହିଁ ।"

ସେ କହିଲେ— "ଠିକ୍ କଥା କହିଛନ୍ତି । ତା'ହେଲେ ଚାଲନ୍ତୁ ଆପଣଙ୍କ ସାଙ୍ଗରେ ଆଶ୍ରମ ଯିବା ।"

ସେତେବେଳେ ବି ମୁଁ ବୁଝିପାରିନାହିଁ ଯେ କିଭଳି ଲୋକକୁ ମୁଁ ଆଶ୍ରମ ନେଇଯାଉଛି ।

ହରିପ୍ରସାଦ ମଲ୍ଲିକ ଆଶ୍ରମକୁ ଆସି, ଆଶ୍ରମର ପରିବେଶ ଏବଂ ଜୀବନଯାତ୍ରାର ପ୍ରଣାଳୀ ଦେଖି ଏବଂ ଶ୍ରୀଶ୍ରୀଠାକୁରଙ୍କ ସହ ଆଳାପ କରି ମୁହଁରେ ବେଶ ସନ୍ତୋଷ ପ୍ରକାଶ କଲେ ଏବଂ କହିଲେ— ଏଠାରେ ଯଦି ମୋତେ ସ୍ଥାୟୀଭାବରେ ରହିବାକୁ ହୁଏ ତେବେ ମୋର ସ୍ତ୍ରୀ-ପିଲାଛୁଆଙ୍କୁ ମଧ୍ୟ ସାଙ୍ଗରେ ନେଇଆସିବାକୁ ହେବ ।

ଆମେ କହିଲୁ— ତାହା ତ ନିଶ୍ଚୟ ।

ସେ ତାଙ୍କର ପରିବାରବର୍ଗଙ୍କୁ ନେଇ ଆସିବାପାଇଁ କଲିକତା ଗଲେ । କଲିକତା ଯାଇ ସେ ପତ୍ର ଦେଲେ ଯେ ପରିବାରବର୍ଗ ସହ ଆଶ୍ରମକୁ ଯିବାପାଇଁ ତାଙ୍କର ଟଙ୍କାର ପ୍ରୟୋଜନ । ଶ୍ରୀଶ୍ରୀଠାକୁର ମୋତେ କଲିକତା ପଠାଇଲେ ଭିକ୍ଷା କରି ଅର୍ଥ ସଂଗ୍ରହ କରି ତାଙ୍କୁ ସପରିବାରେ ନେଇଆସିବାପାଇଁ ।

ହରିପ୍ରସାଦ ମଲ୍ଲିକର ଘରକୁ ଯାଇ ଦେଖେ ଯେ ସେତେବେଳ ସେ ଭଦ୍ରଲୋକ ଦୁଧବାଲା, କୋଇଲାବାଲା, ଘରବାଲାର ତାଗିଦାରେ ବ୍ୟତିବ୍ୟସ୍ତ ।

ମୁଁ କହିଲି— ଆପଣଙ୍କୁ ଯିବାକୁ ହେଲେ ତ ଏସବୁ ପରିଶୋଧ କରିଯିବାକୁ ହେବ । ଆପଣଙ୍କର ନିହାତି କେତେ ନ ହେଲେ ନ ଚଳେ ଜଣାନ୍ତୁ । ସେସବୁ ତ ମୋତେ ଯୋଗାଡ଼ କରିବାକୁ ହେବ ।

ତାଙ୍କ ପାଖରୁ ଯେଉଁ ଲିଷ୍ଟ ପାଇଲି ସେଥିରେ ଦେଖିଲି ଅନ୍ତତଃ ୪୦୦ଟଙ୍କା ଦରକାର ।

ମୁଁ କହିଲି— ଆପଣ ପ୍ରସ୍ତୁତ ହୁଅନ୍ତୁ, ମୁଁ ୩/୪ ଦିନ ଭିତରେ ଟଙ୍କା ଯୋଗାଡ଼ କରି ଆପଣଙ୍କୁ ନେଇ ଆଶ୍ରମ ଯିବି । ଦେଣା ତୁଟେଇ ଦେଇ ମଲ୍ଲିକମହାଶୟଙ୍କୁ ନେଇ ଆଶ୍ରମ ଆସିଲି ।

ଆଶ୍ରମରେ କିଛିଦିନ ରହିବା ପରେ ତାଙ୍କର ସ୍ୱରୂପ ପ୍ରକାଶ ପାଇବାକୁ ଲାଗିଲା । ଆନନ୍ଦବଜାରରେ ତାଙ୍କର ଛୁଆପିଲାଙ୍କର ଖାଇବାର ବ୍ୟବସ୍ଥା ହେଲା । ରହିବାର ଜାଗା ଠିକ୍ ହେଲା । ସେତେବେଳ ଯାଏ ପ୍ରେସ୍‌କାମରେ ସେ ଯୋଗ ଦେଇନାହାନ୍ତି । କିନ୍ତୁ ତାଙ୍କର ନିତ୍ୟନୂତନ ଚାହିଦା ବଢ଼ିବାକୁ ଲାଗିଲା । ତାଙ୍କର ଛୁଆପିଲାଙ୍କର ଜାମାପଟାର ଅଭାବ, ସୌଖୀନ୍ ଦ୍ରବ୍ୟାଦିର ପ୍ରୟୋଜନ— ଏଇସବୁ ନାନା ଆଳରେ ପ୍ରାୟ ହିଁ ଶ୍ରୀଶ୍ରୀଠାକୁରଙ୍କ

Scanned with CamScanner

ପାଖରୁ ଟଙ୍କା ଗ୍ରହୁଁଥିଲେ । ଶ୍ରୀଶ୍ରୀଠାକୁର କୌଣସିପ୍ରକାର ଦ୍ୱିଧା ନ କରି ତାଙ୍କର ଯେତେବେଳେ ଯାହା ଗ୍ରହିଦା ତାହା ପୂରଣ କରୁଥାନ୍ତି । କିନ୍ତୁ ତାଙ୍କର ଗ୍ରହିଦା କ୍ରମେ ବଢ଼ିବାକୁ ଲାଗିଲା ।

ତାଙ୍କର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମେଳ ଆଦୌ ନଥିଲା । ପ୍ରତିଦିନ ତାଙ୍କ ଘରେ କଳି ହେଉଥିଲା । ହାତାହାତି ମରାମରି ବି ହେଉଥିଲା । ସ୍ୱାମୀ ସ୍ତ୍ରୀ ବିରୋଧରେ ଏବଂ ସ୍ତ୍ରୀ ସ୍ୱାମୀ ବିରୋଧରେ ନାଲିଶ କରୁଥିଲେ । ଏହିପରିଭାବେ ସେମାନେ ଶ୍ରୀଶ୍ରୀଠାକୁରଙ୍କୁ ଅହରହ ବ୍ୟତିବ୍ୟସ୍ତ କରି ତୋଳୁଥିଲେ । ସେମାନଙ୍କର ପାରିବାରିକ କଳହ ଆଶ୍ରମର ଶାନ୍ତ ପରିବେଶକୁ ବିଷାକ୍ତ କରିତୋଳିଲା । ସେମାନଙ୍କର ପରସ୍ପର କଳହର ଭିତରଦେଇ ପ୍ରକାଶ ପାଇଲା ଯେ ହରିପ୍ରସାଦ ମଲ୍ଲିକ ଗୋଟିଏ ବିଧବା ବ୍ରାହ୍ମଣ-କନ୍ୟାକୁ ତା'ର ଅନିଚ୍ଛା ସତ୍ତ୍ୱେ ମିଶନାରୀମାନଙ୍କ ପାଖରୁ ନେଇଆସିଥିଲା, ତେଣୁ ଏପରି କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀଙ୍କର ମେଳ ନ ହେବାର ସମ୍ଭାବନା ହିଁ ବେଶୀ ।

ଦିନେ ଏଇ କଳହ ଚରମସୀମାରେ ଯାଇ ପହଞ୍ଚିଲା । ରାତି ସେତେବେଳେ ୩ଟା, ଅତ୍ୟନ୍ତ ଉତ୍ତେଜିତ ହୋଇ ମଲ୍ଲିକବାବୁ ଆସି ଶ୍ରୀଶ୍ରୀଠାକୁରଙ୍କର ନିଦ୍ରା ଭଙ୍ଗ କରି ସ୍ତ୍ରୀ ବିରୋଧରେ ଅଭିଯୋଗ କଲେ ।

ଶ୍ରୀଶ୍ରୀଠାକୁର ତାଙ୍କୁ ନାନା ଭାବରେ ପ୍ରକୃତିସ୍ଥ କରିବାର ଚେଷ୍ଟା କଲେ, କିନ୍ତୁ ସେ କୌଣସିମତେ ଦମିତ ନ ହୋଇ ଆହୁରି ଉତ୍ତେଜିତ ହୋଇ ତାଙ୍କ ସାମନାରେ ଖୁବ୍ ପାଟିତୁଣ୍ଡ କରିବାକୁ ଲାଗିଲେ । ଅଗତ୍ୟା ଶ୍ରୀଶ୍ରୀଠାକୁର ତାଙ୍କୁ ନିରସ୍ତ କରିବାପାଇଁ ନିଜେ ହିଁ ଶାସ୍ତି ଗ୍ରହଣ କଲେ— ନିଜର ଚଟିଜୋତା ନେଇ ନିଜ ଦେହରେ ପୁନଃ ପୁନଃ ଆଘାତ କରିବାକୁ ଲାଗିଲେ । ଅନ୍ୟୂନ ଦୁଇ ଶହରୁ ଅଧିକ ଥର ସେ ଏହିପରି ନିଜ ଦେହରେ ଅଘାତକଲେ ନିର୍ଦ୍ଦୟଭାବରେ । ତାଙ୍କୁ ସେତେବେଳେ କେହି ନିରସ୍ତ କରିବାକୁ ସକ୍ଷମ ହେଲେନାହିଁ । କାହାର ସାଧ୍ୟ ନଥିଲା ଯେ ତାଙ୍କୁ ଧରିବ । ସମସ୍ତେ ସ୍ତମ୍ଭିତ ହୋଇ ଠିଆହୋଇ ରହିଲେ ।

ସେତେବେଳେ ରାଜସାହୀ କଲେଜର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ମୁଖୋପାଧ୍ୟାୟ ସସ୍ତ୍ରୀକ ଆଶ୍ରମରେ ଥିଲେ । ଏଇ ମଲ୍ଲିକମହାଶୟ ଦିନେ ତାଙ୍କୁ କିଛି ଟଙ୍କା ମାଗିଲେ ଆଉ ତାଙ୍କର ସହାନୁଭୂତି ପାଇବା ଆଶାରେ ତାଙ୍କୁ କହିଲେ— ''ଠାକୁର ମୋତେ ଆନନ୍ଦବଜାରରେ ଖାଇବାକୁ ନିଷେଧ କରିଛନ୍ତି ଏବଂ କେହି ଯେପରି ମୋତେ କୌଣସି ସାହାଯ୍ୟ ନ କରେ ଏକଥା ସମସ୍ତଙ୍କୁ କହିଦେଇଛନ୍ତି । ମୁଁ ବର୍ତ୍ତମାନ କେଉଁଠୁ କୌଣସି ସାହାଯ୍ୟ ପାଉନାହିଁ । ଅତଏବ ଆପଣ ମୋତେ କିଛି ଭିକ୍ଷା ଦେଇ ଜୀବନ ବଞ୍ଚାନ୍ତୁ ।''

ଅଶ୍ୱିନୀବାବୁ ମଲ୍ଲିକମହାଶୟଙ୍କର ଏ କଥା କୌଣସିପ୍ରକାରେ ବିଶ୍ୱାସ କରିପାରିଲେ ନାହିଁ, ଶ୍ରୀଶ୍ରୀଠାକୁରଙ୍କ ପକ୍ଷରେ ଏପ୍ରକାର ରୂଢ଼ ଆଚରଣ କୌଣସିମତେ ସମ୍ଭବ ନୁହେଁ ମନେ କରି ସେ ସେଇଦିନ ହିଁ ଶ୍ରୀଶ୍ରୀଠାକୁରଙ୍କୁ ଏଇସବୁ କଥା କହିଦେଲେ । ଶ୍ରୀଶ୍ରୀଠାକୁର ମଲ୍ଲିକ ମହାଶୟଙ୍କୁ ଡାକି ପଠାଇଲେ । ମଲ୍ଲିକ ମହାଶୟ ଅସୁସ୍ଥତାର ଛଳନା କରି

କୌଣସିମତେ ଆଉ ଶ୍ରୀଶ୍ରୀଠାକୁର ବା ଅଶ୍ୱିନୀବାବୁଙ୍କ ପାଖରେ ଉପସ୍ଥିତ ହେଲେ ନାହିଁ । ଅଶ୍ୱିନୀବାବୁ ସେତେବେଳେ ଘଟଣାଟା ବୁଝିପାରିଲେ ।

ଏଇ ଘଟଣା ପରେ ମଲ୍ଲିକମହାଶୟ ଆଉ ଶ୍ରୀଶ୍ରୀଠାକୁରଙ୍କ ସାଙ୍ଗରେ କିଛିଦିନ ଧରି ଦେଖା କଲେନାହିଁ । ତା'ପରେ ହଠାତ୍ ଦିନେ ରାତିରେ କାହାକୁ କିଛି ନଜଣାଇ ସେ ପାବନା ସହରକୁ ଯାଇ କିଛି ଟଙ୍କା ପଇସା ସଂଗ୍ରହ କରି କଲିକତା ଚାଲିଯା'ନ୍ତି ।

କଲିକତା ଯାଇ ସେ ସତ୍‌ସଙ୍ଗ-ବାଟୀରେ ଅବସ୍ଥାନ କରନ୍ତି । ସେତେବେଳେ ବି ନାନାପ୍ରକାରେ ସେ ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ କୁତ୍ସା ରଟନା କରୁଥାନ୍ତି ଏବଂ ଆଶ୍ରମରେ ତାଙ୍କ ସ୍ତ୍ରୀକୁ ଅଟକେଇ ରଖାହୋଇଛି ଏହିପରି ଅଭିଯୋଗ କରନ୍ତି । ସେ ଆଶ୍ରମକୁ ପତ୍ର ଦେଲେ ଟଙ୍କା ପଠେଇବାପାଇଁ ଏବଂ ଟଙ୍କା ନ ପଠେଇଲେ ତାଙ୍କ ସ୍ତ୍ରୀକୁ ଅଟକେଇ ରଖା ହୋଇଛି ଏହିପରି ଅଭିଯୋଗ କରିବେ ବୋଲି ଜଣେଇଲେ । ପ୍ରକୃତପକ୍ଷେ ଦିନେ ସତ୍‌ସଙ୍ଗ ଭବନର ସାମନାରେ, (ବିଧାନସରଣୀ ଓ ବିବେକାନନ୍ଦ ରୋଡ୍‌ର ମୋଡ଼ରେ) ପ୍ରକାଶ୍ୟ ରାସ୍ତାରେ ଠିଆ ହୋଇ ସେ କହିବାକୁ ଲାଗିଲେ— ସତ୍‌ସଙ୍ଗ ମୋ' ସ୍ତ୍ରୀକୁ ଅଟକେଇ ରଖିଛି, ତାକୁ ଆସିବାକୁ ଦେଉନାହିଁ, ଇତ୍ୟାଦି ଇତ୍ୟାଦି । ଏହିପରି ଚିତ୍କାର କରି ସେ ଗୋଟାଏ ଜନତାର ସମାବେଶ କରିପକେଇଲେ ।

ଏଇସବୁ ସମ୍ବାଦ ଶୁଣି ଆଶ୍ରମରୁ ତାଙ୍କ ସ୍ତ୍ରୀକୁ ଜଣେ ଭଦ୍ରଲୋକଙ୍କ ସହିତ ପଠେଇ ଦିଆ ହେଲା ମଲ୍ଲିକମହାଶୟଙ୍କ ପ୍ରଦତ୍ତ ଠିକଣାରେ । କିନ୍ତୁ ସେଇ ଭଦ୍ରଲୋକ ମଲ୍ଲିକମହାଶୟଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ସେଇ ଠିକଣାରେ ଯାଇ ପହଞ୍ଚି ଦେଖନ୍ତି ତ ସେ ଠିକଣା ମିଛ । ସେଠି ସେ ନାହାନ୍ତି । ଅତଃପର ଭଦ୍ରଲୋକ ମଲ୍ଲିକମହାଶୟଙ୍କର ଜଣେ ବନ୍ଧୁଙ୍କ ଘରେ ସେମାନଙ୍କୁ ରଖି ଆସିଲେ ଏବଂ ମଝିରେ ମଝିରେ ଯାଇ ମଲ୍ଲିକମହାଶୟ ଆସିଲେଣି କି ନାହିଁ ତାର ଖୋଜଖବର ନେବାକୁ ଲାଗିଲେ ।

ଅତ୍ୟନ୍ତ ପରିତାପର ବିଷୟ ତାଙ୍କର ଏଇ ଦୟାପରବଶତାର ପୁରସ୍କାର ସ୍ୱରୂପ ମଲ୍ଲିକମହାଶୟ ସେଇ ଭଦ୍ରଲୋକର ଅଫିସ୍‌କୁ ଯାଇ ତାଙ୍କର ଉପର ହାକିମଙ୍କ ପାଖରେ ଅଭିଯୋଗ କରନ୍ତି ଯେ ଉକ୍ତ ଭଦ୍ରଲୋକ ତାଙ୍କ ସ୍ତ୍ରୀ ସହିତ ଅବୈଧ ପ୍ରଣୟରେ ଲିପ୍ତ । ଏଇପରି ଅଭିଯୋଗ କରି ସେ ତାଙ୍କର ଚାକିରି ଖତମ କରିଦେବାର ଚେଷ୍ଟା କରନ୍ତି ।

କହିବା ବାହୁଲ୍ୟ, ସେଇ ଭଦ୍ରଲୋକ ସେତେବେଳେ ଦୁଃଖ କରି ମୋ' ଆଗରେ କୁହନ୍ତି ଯେ ଆପଣମାନଙ୍କ କଥା ଶୁଣି ଭଲ କରିବାକୁ ଯାଇ ଶେଷକୁ ମୋର ଚାକିରି ଯିବାକୁ ବସିଛି । ବର୍ତ୍ତମାନ ମୁଁ କ'ଣ କରିବି? ତାଙ୍କର ଏ ପରିସ୍ଥିତିର କଥା ଶୁଣି ମୁଁ ସେତେବେଳେ ତାଙ୍କର ଉପର ହାକିମଙ୍କ ପାଖକୁ ଯାଇ ସମସ୍ତ ଘଟଣା ଆନୁପୂର୍ବିକ ବର୍ଣ୍ଣନା କରେ ଏବଂ ମଲ୍ଲିକ ମହାଶୟଙ୍କର ଅଭିଯୋଗ ଯେ ସମ୍ପୂର୍ଣ୍ଣ ମିଥ୍ୟା ସେ କଥା ଜଣାଏ । ତହା ଫଳରେ ଭଦ୍ରଲୋକଙ୍କର ଚାକିରି ବଜାୟ ରହେ ।

Scanned with CamScanner

ବର୍ତ୍ତମାନ ହରିପ୍ରସାଦ ମଲ୍ଲିକ ସତ୍‌ସଙ୍ଗକୁ ବିପର୍ଯ୍ୟସ୍ତ କରିବାପାଇଁ 'ଶନିବାରେର୍ ଚିଠି'ର ସମ୍ପାଦକ ସଜନୀକାନ୍ତ ଦାସ ମହାଶୟଙ୍କ ସାଥୀରେ ଦେଖା କରି ସତ୍‌ସଙ୍ଗ ବିରୋଧରେ ନାନା କୁତ୍ସା ରଚନା କରନ୍ତି। ତାଙ୍କ ସହତ ବିଦ୍ରୋହୀ କୃଷ୍ଣଚନ୍ଦ୍ର ଦାସର ସଙ୍ଗୀ, ଅଧ୍ୟାପକ ପଞ୍ଚାନନ ମିତ୍ର ମଧ୍ୟ ଯୋଗ ଦିଅନ୍ତି।

ଏଇ ପଞ୍ଚାନନ ମିତ୍ର ପୁଣି ଅଶୋକ ଚଟ୍ଟୋପାଧ୍ୟାୟ ମହାଶୟଙ୍କର ବନ୍ଧୁଥିଲେ ଏବଂ ଅଶୋକ ଚଟ୍ଟୋପାଧ୍ୟାୟ ମଧ୍ୟ 'ଶନିବାରେର୍ ଚିଠି'ର ସମ୍ପାଦକମଣ୍ଡଳୀର ଜଣେ କର୍ତ୍ତା ଥିଲେ। ଏହିପରି ହରିପ୍ରସାଦ ମଲ୍ଲିକ ଗୋଟାଏ ମଣ୍ଡଳୀ ଗଠନ କରି 'ଶନିବାରେର୍ ଚିଠି' ମାଧ୍ୟମରେ ଆଶ୍ରମର କୁତ୍ସା ପ୍ରଚାରରେ ଲାଗିଗଲେ। ଏହା ଦଳେ ଲୋକଙ୍କ ପାଖରେ ଖୁବ୍ ମୁଖରୋଚକ ହେଲା। ଏଇ ସାପ୍ତାହିକଟିର ପ୍ରଚାର ଯଥେଷ୍ଟ ଥିଲା ଶିକ୍ଷିତମହଲରେ, ତେଣୁ ଏକଥା ନେଇ ଶିକ୍ଷିତମହଲରେ ବେଶ୍ ଆଲୋଚନାର ବିଷୟ ହେଲା।

ଯେତେବେଳେ 'ଶନିବାରେର୍ ଚିଠି' ଆଶ୍ରମର ବିରୁଦ୍ଧ-ପ୍ରଚାରରେ ଲିପ୍ତ ସେତେବେଳେ ମୁଁ ଦିନେ ସେଇ ଅଫିସକୁ ଯାଇ ଅଶୋକ ଚଟ୍ଟୋପାଧ୍ୟାୟ ... ଦାସ ମହାଶୟଙ୍କ ସହିତ ଦେଖା କରେ। ମୁଁ ଆଶ୍ଚର୍ଯ୍ୟ ବୋଧ କଲି ଯେ ସେମାନେ ... ନାମ ସହିତ ଯଦିଓ ଖୁବ୍ ପରିଚିତ, ସେମାନଙ୍କ ସାଥୀରେ ଏଇ ମୋର ପ୍ରଥମ ସାକ୍ଷାତ୍‌କାର ଓ ଆଳାପ।

ସଜନୀବାବୁ ମୋତେ କହିଲେ— "ଆପଣଙ୍କ କଥା ଅନେକ ଶୁଣିଛି।"

ମୁଁ— "ସତେ ନା! କାହା ପାଖରୁ ଶୁଣିଛନ୍ତି?"

ସଜନୀବାବୁ— "କାହିଁକି, ପଞ୍ଚାନନବାବୁ ଓ ହରିପ୍ରସାଦ ବାବୁଙ୍କ ପାଖରୁ ଆପଣଙ୍କ କଥା ଶୁଣିଛି। ଆପଣ କ'ଣପାଇଁ ଆସିଛନ୍ତି?"

ମୁଁ— "କି ପ୍ରୟୋଜନରେ ଆସିଛି ତାହା ତ ବୁଝିପାରୁଛନ୍ତି। ଆପଣମାନେ ଆପଣଙ୍କ କାଗଜରେ ଆଶ୍ରମ ବିରୋଧରେ ନିନ୍ଦା ପ୍ରଚାର କରି ଚାଲିଛନ୍ତି ଛଦ୍ମ ନାମରେ। ଗୋଟାଏ ପ୍ରତିଷ୍ଠାନ ବିରୋଧରେ କୌଣସି ଅଭିଯୋଗ ଥିଲେ ସେ ବିଷୟରେ ଅନୁସନ୍ଧାନ କରି ଦେଖିବା କ'ଣ କର୍ତ୍ତବ୍ୟ ମନେ କରନ୍ତି ନାହିଁ? ଏହା କ'ଣ ସମ୍ପାଦକମାନଙ୍କର କର୍ତ୍ତବ୍ୟ ଭିତରେ ନୁହେଁ? ଚାଲନ୍ତୁ ନା ଆପଣମାନେ ମୋ' ସହିତ ଆଶ୍ରମକୁ। ଆପଣମାନଙ୍କୁ ମୁଁ ହିଁ ଖର୍ଚ୍ଚ ବହନ କରି ନେଇଯିବି। ଆଶ୍ରମରେ କିଛିଦିନ ରହିବେ। ଆମର ଆତିଥ୍ୟ ଗ୍ରହଣ କରିବେ। ସବୁ ପୁଙ୍ଖାନୁପୁଙ୍ଖରୂପେ ଦେଖି ଆପଣମାନେ ଯାହା ଲେଖୁଛନ୍ତି ତାହା ଯଦି ଯଥାର୍ଥରେ ଘଟିଥାଏ, ତା'ହେଲେ ଛଦ୍ମ ନାମରେ ତାହା ପ୍ରକାଶ ନ କରି ପ୍ରକାଶ୍ୟ ନାମ ଦେଇ ହିଁ ତାହା ଲେଖିବେ। ସେଥିରେ ଆମେ ଖୁସୀ ହେବୁ, ଆପଣମାନଙ୍କୁ ଧନ୍ୟବାଦ ଜଣାଇବୁ।"

ସଜନୀବାବୁ— "ଆମେ ବିଶ୍ୱାସ୍ୟ ଲୋକ ପାଖରୁ ହିଁ ଶୁଣିଛୁ।"

ମୁଁ— "ଆପଣଙ୍କର ବିଶ୍ୱାସ୍ୟ ଲୋକ ଆମର ଶତ୍ରୁସ୍ଥାନୀୟ ବି ତ ହୋଇପାରେ। ଈର୍ଷାବଶତଃ ସେମାନେ ଆପଣଙ୍କୁ ନାନା କଥା କହିପାରନ୍ତି। ସେମାନଙ୍କ କଥା ଉପରେ ବିଶ୍ୱାସ କରି ଏଭଳି ମିଥ୍ୟା ଅଶ୍ଳୀଳ କଥା ପ୍ରକାଶ କରିବା କ'ଣ ଭଦ୍ରଜନୋଚିତ?"

ସେଦିନ ଏହିପରି ବାଦାନୁବାଦ କରି ଚାଲିଆସିଲି। ତା'ପରେ ଶ୍ରଦ୍ଧେୟ କେଷ୍ଟଦାଙ୍କ ସହିତ ପରାମର୍ଶ କରି ଆମେ ଦୁଇଜଣ 'ଶନିବାରେର ଚିଠି'ର ଅଫିସ୍‌କୁ ଯାଇ ସଜନୀବାବୁଙ୍କୁ ଆମନ୍ତ୍ରଣ କରି ଆମ କଲିକତାର ସତ୍‌ସଙ୍ଗ ବାଟୀକୁ ନେଇଆସିଲୁ। କିଞ୍ଚିତ୍ ଜଳଯୋଗ କରେଇ ତାଙ୍କୁ କହିଲୁ— "ଚାଲନ୍ତୁ ନା ଆମ ଆଶ୍ରମକୁ। ଏତେ ତ ନିନ୍ଦା କରୁଛନ୍ତି। ସେଇ ଆଶ୍ରମଟା ଥରେ ଦେଖିଆସନ୍ତୁ।"

ସେତେବେଳେ ସେ ଟିକିଏ ଲଜ୍ଜିତ ହୋଇ ଯେପରି କହିଲେ— "ଆମେ ଯାହା ଲେଖିଛୁ ବା ଲେଖୁଛୁ ତାହା ଯାହାହେଉ, ଯଦି ଆପଣମାନଙ୍କର ଆଶ୍ରମର ଆଦର୍ଶରେ ସତ୍ୟ ବୋଲି କିଛି ଥାଏ ତାହା ଆମର ଏଇ ଆଘାତରେ ଭାଙ୍ଗିପଡ଼ିବ ନାହିଁ। ଆଉ ଯଦି ଆଶ୍ରମରେ ଏଭଳି ଦୁଷ୍ଟ କିଛି ଥାଏ ତେବେ ତାହା ଭାଙ୍ଗିପଡ଼ିବ। ତେଣୁ ଆପଣମାନେ ଯଦି ଏଇ ଆଘାତ ସହ୍ୟ କରି ମଧ୍ୟ ତିଷ୍ଠି ରହିପାରନ୍ତି, ତା'ହାଲେ ବୁଝିବୁ ଆପଣମାନଙ୍କର ଆଦର୍ଶ ସତ୍ୟ ଓ ଆଶ୍ରମରେ ସତ୍ୟ ବୋଲି କିଛି ଅଛି।"

ସେ ଆମର ଶତ ଅନୁରୋଧ ସତ୍ତ୍ୱେ କୌଣସିପ୍ରକାରେ ଆଶ୍ରମକୁ ଯିବାକୁ ରାଜୀ ହେଲେ ନାହିଁ ଏବଂ ସେହିପରି ଲେଖିବାକୁ ଲାଗିଲେ।

ସେତେବେଳେ ଅନନ୍ୟୋପାୟ ହୋଇ ମୁଁ ଭାବିବାକୁ ଲାଗିଲି ଯେ କି ଉପାୟରେ ଏହାକୁ ନିରସ୍ତ କରାଯାଇପାରିବ, ଇଏ ତ ଭଲ କଥା ଶୁଣିବା ଭଳି ଲୋକ ନୁହଁ! ମନେ ମନେ କୌଣସିପ୍ରକାର ଏ ଅପମାନ ସହ୍ୟ କରିପାରୁନଥିଲି, ଦେହର ରକ୍ତ ଟକମକ ହୋଇ ଫୁଟିବାକୁ ଲାଗିଲା। ଯାହାଙ୍କର ପ୍ରତି କଥାରେ, ଚାହାଣିରେ, କାର୍ଯ୍ୟରେ ଓ ଚରିତ୍ରରେ କେବଳ ଭଲପାଇବା, ଯିଏ ପ୍ରେମଦ୍ୱାରା ମଣିଷକୁ ଶାସନ କରନ୍ତି, ଯାହାଙ୍କର ଜୀବନ କେବଳ ଜୀବର ମଙ୍ଗଳପାଇଁ ନିୟୋଜିତ, ତାଙ୍କ ବିଷୟରେ ଅଯଥା ଏଇସବୁ କଥା ସହ୍ୟକରି କୌଣସି ପ୍ରକାରେ ଅକର୍ମା ହୋଇ ବସିରହିବା ଚଳିବ ନାହିଁ।

ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଶୁଣିଛି ଭକ୍ତିରେ ତେଜ, ଅଛି, ପରାକ୍ରମ ଅଛି। ଚାଣକ୍ୟଙ୍କର କଥା ମନେପଡ଼ିଲା, 'ଶଠେ ଶାଠ୍ୟଂ ସମାଚରେତ୍'।

ଏଇକଥା ଭାବି ଭାବି ଦିନ ଯାପନ କରୁଛି, ହଠାତ୍ ମୋ' ସହ ବିପ୍ଳବୀ ଅମର ଚଟ୍ଟୋପାଧ୍ୟାୟଙ୍କର (ଉତ୍ତରପାଡ଼ାର) ସାକ୍ଷାତ୍ ହେଲା। ତାଙ୍କୁ ସବୁ କଥା ଖୋଲି କହିଲି। ଏ କଥା ବି ତାଙ୍କୁ ଜଣାଇଲି ଯେ ବାରମ୍ବାର ସଜନୀବାବୁଙ୍କୁ ଆଶ୍ରମ ଯିବାକୁ ଅନୁରୋଧ କରିଛି, କିନ୍ତୁ ତାଙ୍କୁ ରାଜୀ କରେଇ ପାରିଲି ନାହିଁ। କ'ଣ କଲେ ଏହାର ପ୍ରତିକାର ହେବ, ସେଇ କୌଶଳର କଥା ଭାବୁଛି।

ଅମରବାବୁ କହିଲେ— "ଗୋଟାଏ ବୁଦ୍ଧି ଦେଇପାରିବି, ଯଦି ପାରିବେ। ଦୁର୍ଦ୍ଧାନ୍ତ ପୁଲିସ୍-କମିଶନର ଟେଗାର୍ଟ ସାହେବଙ୍କ ସହିତ ଦେଖା କରି ଯଦି ତାଙ୍କୁ convince କରେଇପାରନ୍ତି ତେବେ ଆପଣଙ୍କର କାର୍ଯ୍ୟ ହାସଲ ହେବ। ଗଭର୍ଣ୍ଣରଙ୍କ ସହିତ ଦେଖା ହୋଇପାରେ କିନ୍ତୁ ତାଙ୍କ ସହ ଦେଖା କରିବା ବଡ଼ କଷ୍ଟ। ଚେଷ୍ଟା କରି ଦେଖନ୍ତୁ ନା"।

ସେଇଦିନଠାରୁ ଟେଗାର୍ଟ ସାହେବଙ୍କ ସହିତ ଦେଖା କରିବାପାଇଁ ଉଠିପଡ଼ି ଲାଗିଲି। ଲାଲବଜାରକୁ ଯାଇ ଅନୁସନ୍ଧାନ କରି ଜାଣିଲି ଯେ ପ୍ରକୃତରେ ତାଙ୍କ ସାଥିରେ ଦେଖା ହେବା ଦୁଷ୍କର। କିନ୍ତୁ ପଛକୁ ହଟିଲି ନାହିଁ। ଟେଗାର୍ଟଙ୍କ ସେକ୍ରେଟାରୀ ଯିଏ ଥିଲେ ତାଙ୍କ ସାଙ୍ଗରେ ଯାଇ ପରିଚୟ କରିଦେଲି। ବରାବର ଯିବାଆସିବାରେ ବେଶ୍ ବନ୍ଧୁତ୍ୱର ଭାବ ଜମି ଉଠିଲା। ସେତେବେଳେ ତାଙ୍କୁ ଦିନେ ମୋର ଆସିବାର ଉଦ୍ଦେଶ୍ୟ ବ୍ୟକ୍ତ କଲି। ମୋର ଠିକଣା ତାଙ୍କୁ ଦେଲି। କହିଲି— "ଆପଣଙ୍କର C.I.D. ଦ୍ୱାରା ଆମ ବିଷୟରେ thoroughly investigate କରି ଆପଣ ଆଗେ convinced ହୁଅନ୍ତୁ।"

ସେକ୍ରେଟାରୀ— "ଆଚ୍ଛା! ଆପଣ ୭ ଦିନ ପରେ ପୁଣି ଆସିବେ।"

ସାତଦିନ ପରେ ଯିବାରୁ ସେ ହସ ହସ ମୁହଁରେ ମୋତେ କହିଲେ— "ଆପଣଙ୍କ ବିଷୟରେ ମୁଁ thoroughly convinced ହୋଇଛି। ଏଥର ଆପଣଙ୍କ ସାଥିରେ ସାହେବଙ୍କର ସାକ୍ଷାତ୍ କରେଇଦେବି। କାଲି ଦିଟା ବେଳକୁ ଆପଣ ଆସିବେ।"

ତା' ପରଦିନ ଦୁଇଟାବେଳେ ଲାଲବଜାର ଯାଇ ଟେଗାର୍ଟ ସାହେବଙ୍କୁ ମୁଁ ମୋର ଆଗମନର ଉଦ୍ଦେଶ୍ୟ ସବୁ କହିଲି।

ଟେଗାର୍ଟ (ଈଷତ୍ ହସି)— "Gentleman! Just make out a case!"

ମୁଁ— "How to do that ?"

ଟେଗାର୍ଟ— "Ask my secretary"

ଏଇ କଥା କହି ଉଠିଗଲେ। ତାଙ୍କ ସେକ୍ରେଟାରୀଙ୍କୁ ପଚ୍ଚାରିଲି।

ସେକ୍ରେଟାରୀ— "ବିଭିନ୍ନ ସ୍ଥାନରୁ, ଏପରିକି କଲିକତାର ବିଭିନ୍ନ ଜାଗାରୁ 'ଶନିବାରେର୍ ଚିଠି' ଅଶ୍ଳୀଳ ସାହିତ୍ୟ ସମ୍ବନ୍ଧରେ complain କରି ଟେଗାର୍ଟ ସାହେବଙ୍କ ପାଖକୁ ଦରଖାସ୍ତ ପଠାନ୍ତୁ। ସେସବୁ ଦରଖାସ୍ତ ଆସିଲେ legal opinionପାଇଁ ତାହା Public Prosecutor ରାୟ ବାହାଦୁର ତାରକନାଥ ସାଧୁଙ୍କ ନିକଟକୁ ପଠାହେବ। ସେ ଏହାଭିତରେ ତାଙ୍କ ସଙ୍ଗେ ଦେଖା କରି ତାଙ୍କୁ ମଧ୍ୟ convince କରନ୍ତୁ। ସେ prosecutionର ମତ ଦେଲେ ହିଁ ଏଇ ପତ୍ରିକା ବିରୋଧରେ ଗଭର୍ଣ୍ଣମେଣ୍ଟ ଅଭିଯୋଗ ଆଣିବ।

ବିଭିନ୍ନ ସ୍ଥାନରୁ 'ଶନିବାରେର ଚିଠି'ର ଅଶ୍ଳୀଳ ସାହିତ୍ୟ ପ୍ରଚ୍ଚାର ବିରୋଧରେ ଦରଖାସ୍ତ ଆସିବାକୁ ଆରମ୍ଭ କଲା। ବେଶ୍ କେତେ ଶହ ଦରଖାସ୍ତ ପଡ଼ିବା ପରେ ଟେଗାର୍ଟ ସାହେବ ସେଗୁଡ଼ିକୁ Public Prosecutor ତାରକ ସାଧୁଙ୍କ ପାଖକୁ ପଠାଇଦେଲେ। ଇତି ମଧ୍ୟରେ କେତେ ଥର ରାୟବାହାଦୁର ତାରକ ସାଧୁଙ୍କ ସଙ୍ଗେ ଦେଖା କରି ବେଶ୍ ଭାବ ଜମେଇ ନେଲି ଏବଂ ସେ ମଧ୍ୟ ମୋ' ପାଖରୁ ସବିସ୍ତାରେ ସବୁ ଶୁଣି convinced ହେଲେ ଏବଂ ମୋତେ କଥା ଦେଲେ ଯେ file ତାଙ୍କ ପାଖକୁ opinion ପାଇଁ ଆସିଲେ for prosecution ମତ ଦେବେ।

କହିବା ବାହୁଲ୍ୟ, ଅଶ୍ଳୀଳ ସାହିତ୍ୟ ପ୍ରଚ୍ଚାରପାଇଁ ସଜନୀକାନ୍ତ ଦାସ ଅଭିଯୁକ୍ତ ଓ ଦଣ୍ଡିତ ହେଲେ। 'ଶନିବାରେର ଚିଠି'ରେ ଏହିପରି ଆଶ୍ରମ ସମ୍ବନ୍ଧରେ କୁତ୍ସା ପ୍ରଚ୍ଚାରର ଯବନିକାପାତ ହେଲା।

ଏଇ ସମୟରେ ସତ୍‌ସଙ୍ଗ ବିରୋଧରେ 'ଶନିବାରେର ଚିଠି' ଯେମିତି ଅଶ୍ଳୀଳ ଭାବରେ କୁତ୍ସା ପ୍ରଚ୍ଚାରରେ ଲାଗିଥିଲା ସେମିତି କଲିକତାରୁ ପ୍ରକାଶିତ 'ଭୋଟରଙ୍ଗ" ନାମକ ପତ୍ରିକାରେ ମଧ୍ୟ ଆଶ୍ରମ ବିରୋଧରେ ମିଥ୍ୟା ଅଭିଯୋଗ ପ୍ରଚ୍ଚାରିତ ହେବାକୁ ଲାଗିଲା, ଶତ୍ରୁସ୍ଥାନୀୟ ଗ୍ରାମବାସୀମାନଙ୍କ ପ୍ରରୋଚନାରେ। 'ଭୋଟରଙ୍ଗ" ପତ୍ରିକାର ସମ୍ପାଦକ ଥିଲେ କୃଷ୍ଣେନ୍ଦୁ ଭୌମିକ। ସେ ପାବନାବାସୀ। ତାଙ୍କ ସହିତ ଦୁଷ୍ଟ ଓ ଦୁର୍ଦ୍ଧାନ୍ତ ପ୍ରକୃତିର ଗ୍ରାମବାସୀମାନେ ମଧ୍ୟ ଏକଜୁଟ ହୋଇ ଆଶ୍ରମ ବିରୋଧରେ ଉଠିପଡ଼ି ଲାଗିଲେ। ବସ୍ତୁତଃ ବାହାରର ଓ ଗ୍ରାମର ଏହି ଉଭୟବିଧ ଆକ୍ରମଣରେ ଆଶ୍ରମବାସୀମାନେ ବଡ଼ ବିବ୍ରତ ବୋଧ କରିବାକୁ ଲାଗିଲେ।

ସେତେବେଳର ଗୋଟିଏ ଘଟଣା ଉଲ୍ଲେଖ କରୁଛି, ଯାହାକୁ ନେଇ ଗାଁରେ ପ୍ରଥମେ ଉତ୍‌ପାତ ଆରମ୍ଭ ହୁଏ।... ମଜୁମଦାର-ମହାଶୟଙ୍କ ଘର ଶ୍ରୀଶ୍ରୀଠାକୁରଙ୍କ ଘରଠୁ ଅଳ୍ପ ଦୂରରେ ଥିଲା। ତାଙ୍କର ମାଟିଘର। ତାଙ୍କ ଘରକୁ ବିଜୁଳି ଆଲୁଅ ଦେବାପାଇଁ ସେ ଶ୍ରୀଶ୍ରୀଠାକୁରଙ୍କୁ ଅନୁରୋଧ କରନ୍ତି। ଶ୍ରୀଶ୍ରୀଠାକୁର ବାଉଁଶବଣ ଭିତରଦେଇ ତାର ନେଇ ତାଙ୍କ ଘରେ ଆଲୁଅର ବ୍ୟବସ୍ଥା କରିଦିଅନ୍ତି କର୍ମୀମାନଙ୍କ ସହାୟତାରେ। ସେତେବେଳେ ସତ୍ ସଙ୍ଗରେ ବିଭିନ୍ନ ପ୍ରତିଷ୍ଠାନର କାମ ଚ୍ଚାଲିଥିଲା, ବିଶ୍ୱବିଜ୍ଞାନ-କେନ୍ଦ୍ର, ଓ୍ୱାର୍କସପ୍, ପାଓ୍ୱାର୍ ହାଉସ୍, କେମିକାଲ୍ ଓ୍ୱାର୍କସ୍ ପ୍ରଭୃତି। ଏସବୁର ନିର୍ମାଣ କାର୍ଯ୍ୟରେ ସେତେବେଳେ ବିଜୁଳି ଆଲୁଅର ପ୍ରୟୋଜନ ଯଥେଷ୍ଟ ଥିଲା। ସେଇ ବିଜୁଳି ତାର ଉପରେ ଉକ୍ତ ମଜୁମଦାର ବାବୁଙ୍କ ଜମିର ଦୁଇଟି ବାଉଁଶ ଶୋଇ ପଡ଼ିବାରୁ ବିଦ୍ୟୁତ୍ ଚଳାଚଳରେ ବାଧା ଉପୁଜେ। ଭଦ୍ରଲୋକଟିକୁ ବାଉଁଶ ଦୁଇଟି କାଟି ଦେବାପାଇଁ ବାରମ୍ବାର ଅନୁରୋଧ କରି ବିଫଳ ହୋଇ ଏବଂ ଉପାୟାନ୍ତର ନ ଦେଖି ଆଶ୍ରମର କର୍ମୀମାନେ ବାଉଁଶ ଦୁଇଟିର ଅଗ୍ରଭାଗର କିୟଦଂଶ କାଟି ଦେଇ ବାଧା ଅପସାରଣ କରିଦିଅନ୍ତି। ସେଥିରେ ଭଦ୍ରଲୋକ ଅତିଶୟ କ୍ଷିପ୍ତ ହୁଅନ୍ତି। କତିପୟ ଦୁଷ୍ଟଲୋକର ପରାମର୍ଶରେ ଏବଂ ନିଜର ବୁଦ୍ଧି ଭ୍ରମବଶତଃ ସେ

Scanned with CamScanner

ଅଦାଲତକୁ ଯାଇ ନାଲିଶ କରନ୍ତି ଯେ, ତାଙ୍କର ପାଞ୍ଚଶହ ବାଉଁଶ ସତ୍‌ସଙ୍ଗର କର୍ମୀମାନେ କାଟି ନେଇଛନ୍ତି, ଇତ୍ୟାଦି । ବିଗ୍ଭରରେ ଏଇ ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲା । ମିଥ୍ୟା ମକଦ୍ଦମା ରୁଜୁ କରିବା ଅପରାଧରେ ସେ ନିଜେ ହିଁ ଅଭିଯୁକ୍ତ ହେଲେ । କିନ୍ତୁ ସେ ଏଥିରେ ନିରସ୍ତ ନ ହୋଇ ନାନାଭାବରେ ଗ୍ଭରିପଟର ବିଭିନ୍ନ ଲୋକଙ୍କୁ ଆଶ୍ରମ ବିରୋଧରେ ଉତ୍ତେଜିତ କରିବାରେ ଲାଗିଥାଆନ୍ତି ଏବଂ ସୁଯୋଗ ପାଇଲେ ହିଁ କର୍ମୀମାନଙ୍କୁ ଲାଞ୍ଛନା କରିବାର ଚେଷ୍ଟାରେ ରହିଥାଆନ୍ତି । କହିବା ବାହୁଲ୍ୟ, ମଜୁମଦାର ମହାଶୟଙ୍କ ବିରୋଧରେ କର୍ତ୍ତୃପକ୍ଷ ଆମକୁ ମକଦ୍ଦମାର କ୍ଷତିପୂରଣ ଦେବାପାଇଁ ପାଲଟା ମାମଲା ଦାୟର କରିବାକୁ କୁହନ୍ତି, କିନ୍ତୁ ଶ୍ରୀଶ୍ରୀଠାକୁର ତାହା କରିବାକୁ ଦିଅନ୍ତି ନାହିଁ ।

ଆଉ ଗୋଟିଏ ଘଟଣା । ଜମିଦାର ବସନ୍ତ ଚୌଧୁରୀର ଭ୍ରାତୁଷ୍ପୁତ୍ରର ଅଧିନାୟକତ୍ୱରେ ଗାଁର କେତେଜଣ ପିଲା ଶ୍ରୀଶ୍ରୀଠାକୁରଙ୍କ ନାଁରେ ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ ଏବଂ ପାବନା କଲେଜର କେତେଜଣ ଛାତ୍ରଙ୍କ ସମ୍ମୁଖରେ ଅଶ୍ଳୀଳ ବାକ୍ୟ କୁହନ୍ତି । କଲେଜର ଜଣେ ଛାତ୍ର ତା'ର ପ୍ରତିବାଦ କରିବାରୁ ସେଇ ଭ୍ରାତୁଷ୍ପୁତ୍ର ରୁଲ୍ ବାଡ଼ିରେ ତାକୁ ପ୍ରହାର କରେ । ସେଥିଯୋଗୁଁ ଦୁଇପକ୍ଷ ମଧ୍ୟରେ ହାତାହାତି ହୁଏ । ଏ ପକ୍ଷର ପିଲାମାନେ ରୁଲ୍ ଛଡ଼େଇନେଇ ଦଳବଳ ସମେତ ଆସି ଶ୍ରୀଶ୍ରୀଠାକୁରଙ୍କୁ ସବୁ ଜଣାନ୍ତି ।

ଶ୍ରୀଶ୍ରୀଠାକୁର ସେତେବେଳେ ଡାକ୍ତର ଯତୀନ ରାୟ-ମହାଶୟଙ୍କୁ ଡାକି ଛାତ୍ରମାନଙ୍କୁ ସାଙ୍ଗରେ ନେଇ ଜମିଦାରବାବୁଙ୍କୁ ସବୁବିଷୟ ଜଣାଇବାକୁ ଏବଂ ସେ ଯାହା ଉପଯୁକ୍ତ ବିବେଚନା କରିବେ ତଦନୁଯାୟୀ କାମ କରିବାକୁ ନିର୍ଦ୍ଦେଶ ଦିଅନ୍ତି । ବସନ୍ତବାବୁ ଖୁବ୍ ଦୁଃଖ ପ୍ରକାଶ କଲେ ଏବଂ ଯଥାବିହିତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଲେ । କିନ୍ତୁ ଫଳ କିଛି ହେଲା ନାହିଁ । ଆଶ୍ରମର କର୍ମୀମାନଙ୍କ ଉପରେ ଅକାରଣ ମାରଧର ଗ୍ଭଲିବାକୁ ଲାଗିଲା । ଆଶ୍ରମର କର୍ମୀ ଶ୍ରୀ ବଙ୍କିମ ରାୟ କୌଣସି କାମରେ ପାବନା ଯାଉଥିଲେ । ବାଟରେ ଜମିଦାରବାବୁଙ୍କ ପଡ଼ାର ଗୋଟିଏ ରାସ୍ତା ଉପରେ ପୂର୍ବନିର୍ଦ୍ଦିଷ୍ଟ କେତେକ ଲୋକ ତାକୁ ଖୁବ୍ ମାଡ଼ ଦିଅନ୍ତି । ଏ ଘଟଣା ଶୁଣି ଶ୍ରୀଶ୍ରୀଠାକୁର ନିଜେ ବସନ୍ତବାବୁଙ୍କ ପାଖକୁ ଯା'ନ୍ତି ଏବଂ ଆଉ ଯେମିତି ଏପରି ନ ଘଟେ ସେଥିପାଇଁ ଅନୁରୋଧ କରନ୍ତି । ଏଣେ ଜମିଦାରବାବୁଙ୍କର ଭ୍ରାତୁଷ୍ପୁତ୍ର ଏବଂ ତା'ର ମାମୁ ବଙ୍କିମ ନାଁରେ ନାଲିଶ କରିବାପାଇଁ ପାବନାରେ ଉପସ୍ଥିତ । ଏଇ ଅବସ୍ଥାରେ ବଙ୍କିମ ନିଜେ ଅଦାଲତରେ ଉପସ୍ଥିତ ହୋଇ ତାକୁ ମାଡ଼ ହୋଇଥିବାର ଅଭିଯୋଗ ଲେଖି ଦରଖାସ୍ତ କରେ ।

ବିଭିନ୍ନ କାମରେ କର୍ମୀମାନଙ୍କୁ ସେତେବେଳେ ପ୍ରାୟ ହିଁ ପାବନା ଯିବାକୁ ପଡୁଥିଲା । ସୁଯୋଗ ଦେଖି ଦୁଷ୍ଟ ଲୋକମାନେ ଆଶ୍ରମର କର୍ମୀମାନଙ୍କୁ ଏହିପରି ବରାବର ମାରପିଟ କରୁଥିଲେ । ଖାଲି ମାରପିଟ ନୁହଁ, ଦିନେ ଦେଖାଗଲା ଆଶ୍ରମର ଗୋଟିଏ ଗ୍ଭଳଘର ମଥାନରେ ନିଆଁ ଜଳି ଉଠିଛି, ରାତିରେ ଆଶ୍ରମରେ ଢେଲା ପଡ଼ିଛି,— ଏହିପରି କେତେ

ଅତ୍ୟାଗ୍ଭର ଯେ ଗ୍ଭଲୁଥିଲା ତା'ର ଇୟତ୍ତା ନାହିଁ । ଶ୍ରୀଶ୍ରୀଠାକୁର ଗାଁର ସମସ୍ତଙ୍କ ପାଖରେ ଶାନ୍ତିରକ୍ଷାର ଆବେଦନ କରୁଥା'ନ୍ତି ।

ଦିନେ ଦୁଇଟି ପିଲା ପାବନା କଲେଜରୁ ସାଇକେଲରେ ଘରକୁ ଫେରୁଥିଲେ । ସେମାନଙ୍କ ମଧ୍ୟରେ ଗୋଟିଏ ପିଲା ସତ୍‌ସଙ୍ଗୀ ଥିଲା । ତାକୁ ହଠାତ୍ ଗାଁର ସେଇ ଦୁଷ୍ଟ ପିଲାମାନେ ସାଇକେଲ୍‌ରୁ ପକେଇଦେଇ ଖୁବ୍ ମାରଧର କରନ୍ତି । ସାଙ୍ଗରେ ଥିବା ଆର ପିଲାଟି ପ୍ରତିବାଦ କରିବାରୁ ସେ ମଧ୍ୟ ମାଡ଼ ଖାଇଲା । ସେ ସତ୍‌ସଙ୍ଗ ସହ ସଂଶ୍ଳିଷ୍ଟ ନଥିଲା, ଅଯଥା ମାଡ଼ ଖାଇ ସେ ବାଧ୍ୟ ହୋଇ ସବୁ ଘଟଣା ତା'ର ଅଭିଭାବକମାନଙ୍କ ଆଗରେ ପ୍ରକାଶ କରେ । ସେଇ ଅଭିଭାବକ ସେତେବେଳେ ବିହିତ ବ୍ୟବସ୍ଥାପାଇଁ ଅଦାଲତର ଆଶ୍ରୟ ଗ୍ରହଣ କରନ୍ତି । ଗାଁରେ ପିଲାମାନେ ଅଭିଭାବକଟିକୁ ଖୁବ୍ ଭୟ ଦେଖାନ୍ତି ଏବଂ ଧମକ ଦିଅନ୍ତି । ସେଇ ଧମକରେ ଡରିଯାଇ ଅତ୍ୟାଚରିତ ହେବାର ଆଶଙ୍କାରେ ସେ ପୁଣି ଅଦାଲତରେ ଦରଖାସ୍ତ ଦେଇ କେସ୍ ଉଠେଇ ଆଣନ୍ତି । ଏଇ ଥିଲା, ସେତେବେଳକାର ଅବସ୍ଥା । ଏଇସବୁ ଅବସ୍ଥା ଭିତରଦେଇ ଆଶ୍ରମ-କର୍ମୀମାନଙ୍କୁ କେତେ ଯେ ଲାଞ୍ଛନା ଭୋଗ କରିବାକୁ ନ ହୋଇଛି, ତାହା ଆଜି ଭାବି ହେଉ ନାହିଁ ।

ଏଇ ସମୟରେ ହିମାଇତପୁର ୟୁନିୟନ୍-ବୋର୍ଡ଼ ଗଠିତ ହୁଏ । ସର୍ବସମ୍ମତିକ୍ରମେ ମୁଁ ୟୁନିୟନ୍ ବୋର୍ଡ଼ର ପ୍ରେସିଡେଣ୍ଟ୍ ନିର୍ବାଚିତ ହୁଏ । ଇସ୍‌ମାଇଲ୍ ମୋଲ୍ଲା ନାମରେ ଜଣେ ମୁସଲମାନ ଆଶ୍ରମର ଖୁବ୍ ଅନୁଗତ ଥିଲା । ସେ ମଧ୍ୟ ଆମମାନଙ୍କର ସମର୍ଥନରେ ମେମ୍ବର ନିଯୁକ୍ତ ହୁଏ । ଗାଁର ବସନ୍ତ ଚୌଧୁରୀ ମଧ୍ୟ ମେମ୍ବର ନିଯୁକ୍ତ ହୁଅନ୍ତି । ଇସ୍‌ମାଇଲ୍ ମୋଲ୍ଲା ନିର୍ବାଚିତ ହେବାରୁ ବସନ୍ତବାବୁ ଖୁବ୍ ଅସନ୍ତୋଷ ପ୍ରକାଶ କରନ୍ତି । ସେ କହିଲେ ଯେ, ଇସ୍‌ମାଇଲ୍ କିଛିଦିନ ପୂର୍ବେ ଆମ ଘରେ ଶଗଡ଼ିଆ କାମ କରି ଜୀବିକା ନିର୍ବାହ କରିଛି, ତା' ସାଥିରେ ସମାନ ଆସନରେ ବସି କୌଣସିପ୍ରକାରେ ମେମ୍ବରଗିରି କରିପାରିବି ନାହିଁ ।

'ତା'ଛଡ଼ା ସତ୍‌ସଙ୍ଗ ବ୍ୟାଙ୍କ୍ ସ୍ଥାପିତ ହେବାରୁ ଏବଂ କୃଷିଜୀବୀମାନଙ୍କୁ ଖୁବ୍ କମ୍ ସୁଧରେ ଟଙ୍କା ଦେବାର (ଯେଉଁମାନେ ପୂର୍ବେ ଅଧିକ ସୁଧରେ ସାହାବାବୁମାନଙ୍କଠାରୁ ଋଣ ନେଉଥିଲେ) ବ୍ୟବସ୍ଥା ହେବାରୁ ସେମାନଙ୍କ ବେଶ୍ ସୁବିଧା ହେଲା ଏବଂ ସେମାନେ ଆଶ୍ରମର ବାଧ୍ୟ ଓ ଅନୁଗତ ହୋଇପଡ଼ିଲେ । ସେମାନଙ୍କର ପ୍ରଭାବ ଏହିପରିଭାବେ ଖର୍ବ ହେବାରୁ ସାହାବାବୁମାନେ ସତ୍‌ସଙ୍ଗକୁ ବିଷଦୃଷ୍ଟିରେ ଦେଖିବାକୁ ଲାଗିଲେ । ତେଣୁ ସତ୍‌ସଙ୍ଗର ପ୍ରତିପତ୍ତି ଖର୍ବ କରିବାପାଇଁ ସାହାବାବୁଙ୍କ ପ୍ରରୋଚନାରେ ସାହାପଡ଼ାର ସମସ୍ତେ ମିଶି ଆଶ୍ରମକୁ ଜବତ କରିବାପାଇଁ ଉପାୟ ପାଞ୍ଚିଲେ ।

ସାହାପଡ଼ାରେ ଗୋଟିଏ ଗେଞ୍ଜି କାରଖାନା ଥିଲା । ଦିନେ ଭୋର-ସକାଳେ ସେଇ କାରଖାନାର ଗେଞ୍ଜିସବୁ ସେମାନେ ନିଜେ ହିଁ ଇତସ୍ତତଃ ବିକ୍ଷିପ୍ତ କରି କେତେକ ଲୋକଙ୍କୁ ଗେଞ୍ଜି କଳରୁ ଆଶ୍ରମ ଯିବା ରାସ୍ତାରେ ଠିଆ କରେଇଦେଲେ ଆଉ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ରାୟବାହାଦୁର ଭୋଳାନାଥ ବାନାର୍ଜୀଙ୍କୁ ଖବର ପଠେଇଦେଲେ ଯେ,

"ଆଶ୍ରମର ଲୋକମାନେ ଶତ୍ରୁତା କରି ଆମ ଗେଞ୍ଜି କାରଖାନା ଲୁଟ୍ କରିଛନ୍ତି । ଆପଣ ଯଦି ଏଇକ୍ଷିଣା ଆସନ୍ତି ତା'ହେଲେ ଆଶ୍ରମର ବହୁ ଲୋକଙ୍କୁ ଘଟଣାସ୍ଥଳରେ ଦେଖିବାକୁ ପାଇବେ ।'

ସେମାନଙ୍କର କଥା ଶୁଣି ଭୋଳାନାଥବାବୁ ତତ୍କ୍ଷଣାତ୍ ଗୋଟାଏ ଘୋଡ଼ା ଚଢ଼ି ଦ୍ରୁତବେଗରେ ଘଟଣାସ୍ଥଳକୁ ଆସନ୍ତି । ତାଙ୍କୁ ଘଟଣାସ୍ଥଳର ପାଖାପାଖି ଆସି ପହଞ୍ଚିଯିବାର ଦେଖି ଯେଉଁ ଲୋକମାନଙ୍କୁ ଆଶ୍ରମ ରାସ୍ତାରେ ଠିଆ କରେଇ ରଖା ହୋଇଥିଲା, ଇଙ୍ଗିତ ଦେବା ମାତ୍ରେ ସେମାନେ ଆଶ୍ରମ ଆଡ଼କୁ ଦୌଡ଼ି ପଳେଇବାକୁ ଲାଗିଲେ । ସେମାନଙ୍କ ଆଡ଼କୁ ଅଙ୍ଗୁଳି ସଙ୍କେତ କରି ସେମାନେ କହିଲେ— ଏଇ ଦେଖନ୍ତୁ, ଏଇ ଯେ ସବୁ ଦୌଡ଼ି ପଳଉଛନ୍ତି । ଆଶ୍ରମର ଦୁର୍ବୃତ୍ତମାନେ ଗେଞ୍ଜିକଳ ଲୁଟ୍ କରିବାକୁ ଆସିଥିଲେ, ଆପଣଙ୍କୁ ଦେଖି ପଳେଇଗଲେ । ସେମାନେ ପୁଲିସ୍ ସାହେବଙ୍କୁ ଏକଥା ବି ଜଣାଇଲେ ଯେ, ଶ୍ରୀଶ୍ରୀଠାକୁର ନିଜେ ଆସି ଘଟଣାସ୍ଥଳରେ ଉପସ୍ଥିତ ରହି ଏଇ ଲୁଟତରାଜ କରେଇଛନ୍ତି ।

ପୁଲିସ୍‌ସାହେବ— I refuse to believe it. ଯାହାଙ୍କ ହାତରେ ଏତେ ଲୋକ ଅଛନ୍ତି, ତାଙ୍କୁ ଘଟଣାସ୍ଥଳକୁ ଆସି ହୁକୁମ୍ ଦେବାକୁ ପଡ଼ି ନପାରେ ।

ପୁଲିସ୍ ସାହେବ ସେତେବେଳେ ମୋତେ, ଶ୍ରୀଶ୍ରୀଠାକୁରଙ୍କର ମଧ୍ୟମ ଭ୍ରାତା ଶ୍ରୀପ୍ରଭାସଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଓ ଅବିନାଶଚନ୍ଦ୍ର ଅଧିକାରୀ, M.A., B.L. ମହାଶୟଙ୍କୁ ପୁଲିସ୍‌ଦ୍ୱାରା ଡକେଇ ପଠେଇଲେ ଘଟଣାସ୍ଥଳକୁ । ଆମେ ତାଙ୍କ ପାଖକୁ ଯିବାରୁ ପୁଲିସ୍‌ସାହେବ କହିଲେ— "ଆପଣମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ, ଆପଣମାନେ ସମସ୍ତେ ମିଶି ଏଇ କାରଖାନା ଲୁଟ୍ କରେଇଛନ୍ତି । There are overwhelming evidence against you.

ମୁଁ ସେତେବେଳେ କହିଲି— "This is indeed news to us". ଆପଣ ତ ଘଟଣାସ୍ଥଳରେ ଉପସ୍ଥିତ । ଆପଣ ଅନୁସନ୍ଧାନ କରି ଯାହା ଉପଯୁକ୍ତ ମନେ କରନ୍ତି, ତାହା କରନ୍ତୁ ।'

ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍— "ମୁଁ ଯାହା ପ୍ରମାଣ ପାଉଛି ସେଥିରେ ଆପଣମାନଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରୁଛି । you are under arrest."

ଏଇସବୁ ହେଇଯିବା ପରେ ମୁଁ ପୁଲିସ୍ ସାହେବଙ୍କୁ କହିଲି— ଆପଣଙ୍କର ଖାସ୍ ପ୍ରକୋଷ୍ଠକୁ ଯାଇ ଆପଣଙ୍କ ସାଥୀରେ ଗୋପନରେ ଗୋଟିଏ କଥା କହିବାକୁ ଚାହୁଁଚି । ଅନୁମତି ଦେବେ କି ?"

ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍— "ହଁ, ନିଶ୍ଚୟ ।'

ତା'ପରେ ତାଙ୍କ ବଙ୍ଗଳାକୁ ଏକାକୀ ଯାଇ ମୁଁ ତାଙ୍କୁ କହିଲି— "ଆମ ବିପକ୍ଷରେ ପ୍ରତିପକ୍ଷ ଭୟାନକ ଅଭିଯୋଗ ଆଣିଛନ୍ତି । ଆପଣ ଭଦ୍ରଲୋକ ଏବଂ ଆମେମାନେ ମଧ୍ୟ

ଭଦ୍ରସନ୍ତାନ । ଆପଣଙ୍କୁ ଏଇ ଅଭିଯୋଗ ବିଷୟରେ ଗୋଟିଏ ଅନୁରୋଧ କରିବି । ଆପଣଙ୍କ ପୁଲିସ୍‌ବିଭାଗର କୌଣସି ଅଫିସର୍, ଯାହାଙ୍କୁ ଦୁର୍ନୀତିପରାୟଣ ବା ପକ୍ଷପାତଦୁଷ୍ଟ ନୁହନ୍ତି ବୋଲି ଆପଣ ଜାଣନ୍ତି, ତାଙ୍କ ଦ୍ୱାରା ଘଟଣାଟିର ଅନୁସନ୍ଧାନ କରାନ୍ତୁ । ସେଥିରେ ଯଦି ଆମର ଦୋଷ ପ୍ରମାଣିତ ହୁଏ ତା'ହେଲେ ଆମେ ଯେକୌଣସି ଶାସ୍ତି ହସହସ ମୁହଁରେ ମଥା ପାତି ସହିନେବୁ ।"

ସେ ବିସ୍ମିତ ହୋଇ ମୋ' ମୁହଁକୁ ଚାହିଁ କହିଲେ— "ଆପଣ ସତ କହୁଛନ୍ତି, ତା'ହେଲେ ଆପଣମାନେ ସୁଖୀ ହେବେ?"

ମୁଁ— "ହଁ, ନିଶ୍ଚୟ । ସେଇଥିପାଇଁ ତ ଆପଣଙ୍କୁ ଏଇ ଅନୁରୋଧ କରିବାକୁ ଆସିଛି ।'

ପୁଲିସ୍‌ସାହେବ ସେତେବେଳେ ଅନ୍ୟ ସ୍ଥାନରୁ ଜଣେ ସୁଦକ୍ଷ; କର୍ମକୁଶଳ ମୁସଲମାନ ସବ୍-ଇନ୍‌ସ୍‌ପେକ୍ଟରଙ୍କୁ ଅଣେଇ ତାଙ୍କ ଉପରେ ଏଇ caseର ତଦନ୍ତ ଭାର ଦେଲେ । ଆମ ଭଙ୍ଗଚର୍ଯ୍ୟ ତରଫରୁ ଶ୍ରଦ୍ଧେୟ ହରିଦାସ (ଶ୍ରୀଶ୍ରୀଠାକୁରଙ୍କର ମାଉସୀପୁଅ ଭାଇ) ମହାଶୟଙ୍କର ଶ୍ୱଶୁର, ଉପେନ୍ଦ୍ରନାଥ ଚୌଧୁରୀ ମହାଶୟ ଏଇ ମକଦ୍ଦମାର ପରିଚାଳନା ଦାୟିତ୍ୱରେ ନିଯୁକ୍ତ ହେଲେ ।

ଉକ୍ତ ମୁସଲମାନ ସବ୍-ଇନ୍‌ସ୍‌ପେକ୍ଟରଟି ମାସେ କାଳ କଠିନ ପରିଶ୍ରମ କରି ଏଇ ଘଟଣାର ତନ୍ନ ତନ୍ନ ଅନୁସନ୍ଧାନ କରି ସମସ୍ତ ସତ୍ୟ ଉଦ୍‌ଘାଟନ କଲେ । କେଉଁମାନେ ଏଇ case କରିବାପାଇଁ ପରାମର୍ଶ ଦେଇଛନ୍ତି, କିଏ କିଏ ମତଲବ କରି ଗେଞ୍ଜି ଏଣେତେଣେ ପକେଇଥିଲେ, କେଉଁ କେଉଁମାନେ ଆଶ୍ରମବାସୀ ସାଜି ଆଶ୍ରମ ଅଭିମୁଖରେ ଦୌଡୁଥିଲେ— ଯଥାଯଥ ସବୁ ଘଟଣା ଗୋଇନ୍ଦା ପରି ଅନୁସନ୍ଧାନ କରି ବାହାର କଲେ ଏବଂ final report ପୁଲିସ୍-ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ଦାଖଲ କଲେ । ମିଥ୍ୟା ଅଭିଯୋଗ ଆଣିବା ଏବଂ ପୁଲିସ୍‌କୁ ହଇରାଣ କରିଥିବାପାଇଁ ସେ ଗେଞ୍ଜି କଳର ମାଲିକ ଏବଂ ଅନ୍ୟାନ୍ୟ ସମସ୍ତଙ୍କୁ ଅଭିଯୁକ୍ତ କଲେ ।

ରିପୋର୍ଟ ପାଇବା ପରେ ପୁଲିସ୍‌ସାହେବ ମୋତେ ଡକେଇ ପଠେଇଲେ ଏବଂ ହସ ହସ ମୁହଁରେ କହିଲେ— "ଆପଣ ସେଦିନ ଯେଉଁ ଅନୁରୋଧ କରିଥିଲେ, ସେଥିପାଇଁ ଆପଣଙ୍କୁ ଧନ୍ୟବାଦ । ଯଦି ମୁଁ Local police officer ଉପରେ ଏଇ କାମର ଭାର ଦେଇଥାନ୍ତି, ତା'ହେଲେ ପ୍ରକୃତ ସତ୍ୟ ଘଟଣା କ'ଣ ତାହା ମୁଁ ନିଜେ ବି ଜାଣିପାରି ନଥାନ୍ତି ଏବଂ ଆପଣମାନଙ୍କ ବିଷୟରେ ମୋର ଗୋଟାଏ ଭୁଲ୍ ଧାରଣା ରହିଯାଇଥାନ୍ତା ।

"ଆଉ ଗୋଟାଏ କଥା କହୁଛି— ଏଇ ଦୁଷ୍ଟପ୍ରକୃତିର ଲୋକମାନଙ୍କୁ ଜବତ କରିବା ଦରକାର । ଏମାନେ ଥରେ ଜବତ ହେଲେ ଆଉ କେବେବି ଆପଣମାନଙ୍କ ବିରୋଧରେ ଲାଗିବାକୁ ସାହସ କରିବେ ନାହିଁ । ତେଣୁ ମୁଁ କହୁଛି, ଏମାନଙ୍କ ବିରୋଧରେ

Scanned with CamScanner

ପ୍ରଭୃତ କ୍ଷତିପୂରଣର ଦାବି କରି ନାଲିଶ ଦାୟର କରିଦିଅନ୍ତୁ, ମୁଁ ଆପଣମାନଙ୍କୁ ସାହାଯ୍ୟ କରିବି। ଆପଣ ମୋ' ତରଫରୁ ଠାକୁରଙ୍କୁ ଏ କଥା ନିବେଦନ କରନ୍ତୁ।''

ମୁଁ— ''ତାହା ନିଶ୍ଚୟ କରିବି। କିନ୍ତୁ ସେ ତ କାହାର କ୍ଷତିର କାରଣ ହେବାକୁ ଚାହାନ୍ତି ନାହିଁ।''

ପୁଲିସ୍‌ସାହେବ— ''ତା' ଯଦି ନ ହୁଏ ତାହେଲେ ତାଙ୍କୁ ଏହିପରି ଅତ୍ୟାଚାର ସହ୍ୟ କରିବାକୁ ପଡ଼ିବ।''

ଶ୍ରୀଶ୍ରୀଠାକୁରଙ୍କ ପାଖରେ ଆସି ପୁଲିସ୍‌ସାହେବଙ୍କ କଥା ନିବେଦନ କଲି। ସେ ଶୁଣିଲେ, କିନ୍ତୁ ସେ ସମୟରେ କିଛି କହିଲେ ନାହିଁ।

ତା'ପରେ ସେଇ ଗେଞ୍ଜି କଳର ମାଲିକ ଆସି ଶ୍ରୀଶ୍ରୀଠାକୁରଙ୍କ ଗୋଡ଼ ତଳେ ପଡ଼ି କାନ୍ଦି ପକେଇଲା। କହିଲା— ''ଯେଉଁମାନେ ମୋତେ ପ୍ରରୋଚିତ କରି ଏଇସବୁ କାଣ୍ଡ କରେଇଛନ୍ତି ସେମାନେ ଜଣେ ଜଣେ ସମସ୍ତେ ମୋତେ ଛାଡ଼ି ତାଙ୍କ ବାଟରେ ରହିଛନ୍ତି। କେହି ବର୍ତ୍ତମାନ ମୋର ସାହାଯ୍ୟକାରୀ ନାହିଁ। ଆପଣ ନ ବଞ୍ଚେଇଲେ ମୁଁ ବିଚରା ମରିଯିବି। ଆଉ ଭବିଷ୍ୟତରେ ଜୀବନ ଥାଉ ଥାଉ ଅନ୍ୟର ପ୍ରରୋଚନାରେ କେବେହେଲେ ଏପରି କାମ କରିବି ନାହିଁ, ଢେର୍ ଶିକ୍ଷା ପାଇଛି।''

ଶ୍ରୀଶ୍ରୀଠାକୁର ସେତେବେଳେ ମୋତେ ଡାକି କହିଲେ— ''ଏଇ ତ ଇଏ ଆସି ଏମିତି କହୁଛି। ତା'ର ଆଉ ଦୋଷ କ'ଣ? ଯେଉଁମାନେ ଉସ୍‌କେଇ ଦେଇଥିଲେ ସେମାନେ ଏବେ ଆଉ ତା' ସାଥିରେ ନାହାନ୍ତି। ଗୋଟାଏ ଲୋକକୁ ଧନ-ପ୍ରାଣରେ ମାରି ଆପଣମାନଙ୍କର କି ଲାଭ ହବ? ... ଏମିତି ତ ପ୍ରାୟ ହିଁ ହୁଏ। ପୁଲିସ୍-କର୍ତ୍ତୃପକ୍ଷମାନେ ଅନୁରୋଧ କଲେ ବି ଆପଣମାନେ ଯା' ବିରୋଧରେ କିଛି କରିବେ ନାହିଁ।''

ବହୁ କ୍ଷେତ୍ରରେ ଦେଖିଛି, ଅପରାଧୀ ଯାହାର ଭୟଙ୍କର ଶାସ୍ତି ପାଇବା ଉଚିତ, ସେ ଖାପଚରେ ଆସି ପଡ଼ିଲେ ବି, ଶ୍ରୀଶ୍ରୀଠାକୁରଙ୍କର ଧରିତ୍ରୀ ପରି ସହନଶୀଳତା ଏବଂ କ୍ଷମାଗୁଣ ତାକୁ ରକ୍ଷା କରିଛି। ସେ ପ୍ରତ୍ୟେକ ମଣିଷର ରକ୍ଷାର ଏବଂ ପରିପୂରଣର ହିଁ ପକ୍ଷପାତୀ, ଧ୍ୱଂସର ନୁହଁ। ଏପ୍ରକାର ସହାନୁଭୂତି ଏବଂ ଦୟା କେବଳ ତାଙ୍କଠାରେ ହିଁ ସମ୍ଭବ।

ଶ୍ରୀଶ୍ରୀଠାକୁରଙ୍କର ଅପୂର୍ବ ସହନଶୀଳତା ଓ କ୍ଷମାଗୁଣର ପରାକାଷ୍ଠାର ଆଉ ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଏଠାରେ ପାଠକଙ୍କ ପାଖରେ ତୋଳି ଧରୁଛି, ଯଦିଚ ଏ ଘଟଣା ପୂର୍ବୋକ୍ତ ଘଟଣାର କେତେ ବର୍ଷ ପରେ ଘଟିଥିଲା।

ସେଦିନ ଦୋଳ-ପୂର୍ଣ୍ଣିମା ଆଶ୍ରମବାସୀ ପ୍ରାୟ ସମସ୍ତେ କାଶୀପୁର ଗାଁରେ ଅନନ୍ତ-ମହାରାଜଙ୍କ ଘରକୁ ନିମନ୍ତ୍ରିତ ହୋଇ ଯାଇଥିଲେ ଦୋଳପୂର୍ଣ୍ଣିମା ଉତ୍ସବକୁ। ସେସମୟରେ ଆଶ୍ରମରେ ପ୍ରାୟ କେହି ନ ଥିଲେ। ଏଇ ଅବସରରେ ପାବନାର କେତେଜଣ ଗୁଣ୍ଡା-ଯୁବକ ଆଶ୍ରମକୁ ଆସନ୍ତି। ଆଶ୍ରମର ଗୋଟିଏ ଝିଅ ଯେତେବେଳେ ସଂଧ୍ୟାର ଠିକ୍ ପୂର୍ବରୁ

ନଳକୂଅରୁ ପାଣି ନେଉଥିଲା, ଗୋଟିଏ ଗୁଣ୍ଡାଟୋକା ତା' ଉପରକୁ କୁଙ୍କୁମ ଫୋପାଡ଼େ। ଏଇ ସମୟରେ କୂଅ ନିକଟରେ ବନ୍ଧ କଡ଼ରେ ତପୋବନ ବିଦ୍ୟାଳୟର ଶିକ୍ଷକ ସୁଖମୟ ସେନଗୁପ୍ତ ଉପବିଷ୍ଟ ଥିଲେ। ସେ ଗୁଣ୍ଡାଟିକୁ ଦୌଡ଼ି ଧରିବାକୁ ଯିବାରୁ ସେ ପଳେଇଗଲା। ସେ ଗୁଣ୍ଡାଟି ସେତେବେଳେ ସହରକୁ ଯାଇ ଲରୀରେ ବସେଇ ଦଳେ ଗୁଣ୍ଡାଙ୍କୁ ନେଇଆସେ। ସେମାନଙ୍କ ମଧ୍ୟରୁ ଜଣେ ପ୍ରଥମେ ଆସି ସୁଖମୟଦାଙ୍କୁ ଛୁରୀ ସାହାଯ୍ୟରେ ମୁଣ୍ଡରେ ଆଘାତ କରେ। ସୁଖମୟଦା ଗୁରୁତରଭାବେ ଆହତ ହୋଇ ପଡ଼ିଯାନ୍ତି ମାଟିରେ ଏବଂ କ୍ଷତସ୍ଥାନରୁ ତୀବ୍ରବେଗରେ ରକ୍ତ ଝରିବାକୁ ଲାଗେ। ସେମାନେ ଆଶ୍ରମର ଅନ୍ୟାନ୍ୟ କର୍ମୀମାନଙ୍କୁ ଖୋଜିବାରେ ଲାଗନ୍ତି। ଆଶ୍ରମର ସ୍ତ୍ରୀଲୋକମାନେ ଗୁଣ୍ଡାମାନଙ୍କୁ ଏଇପରିଭାବେ ଛୁରୀ ହାତରେ ଧରି ଇତସ୍ତତଃ ବୁଲିବାର ଦେଖି ଖୁବ୍ ଆତଙ୍କିତ ହୋଇ ପଡ଼ନ୍ତି।

ସେତେବେଳେ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଛି। ଏଇ ଘଟଣା ଜନନୀ ମନୋମୋହିନୀଙ୍କର ଦୃଷ୍ଟି ଆକର୍ଷଣ କରେ। ଯେତେବେଳେ ଗୁଣ୍ଡାମାନେ ଆଶ୍ରମବାସୀମାନଙ୍କୁ ଆହତ କରିବାପାଇଁ ଅନ୍ଧାରରେ ଘୂରି ବୁଲୁଥିଲେ ସେତେବେଳେ ଜନନୀଦେବୀ ଅଣ୍ଟାରେ ଲୁଗା ଭିଡ଼ି ନିର୍ଭୟରେ ସେମାନଙ୍କ ମଝିରେ ଆସି ଉଭା ହେଲେ। ମୁଁ ସେତେବେଳେ ମହାରାଜଙ୍କ ଘରୁ ଆସୁଥିଲି। ରାସ୍ତାରୁ ଏ ଖବର ପାଇ ଯେତେବେଳେ ଧାଇଁ ଆସି ଆଶ୍ରମ-ପ୍ରାଙ୍ଗଣରେ ଉପସ୍ଥିତ ହେଲି। ସେତେବେଳେ ଦେଖେ ପୂର୍ବଦିଗର କୁଟୀର ପଛରେ ଅମୂଲ୍ୟ ଘୋଷଙ୍କ ମା' ଠିଆ ହୋଇଛନ୍ତି। ମୋତେ ଦେଖି ସେ ଚିତ୍‌କାର କରିକହିଲେ— ''ଏଇ ଦେଖନ୍ତୁ! ମାଙ୍କୁ କିପରି ଗୁଣ୍ଡାମାନେ ଘେରିଯାଇଛନ୍ତି!''

ଟିକିଏ ଆଗେଇଯାଇ ଦେଖେ ଯେ ମା' ଗୁଣ୍ଡାମାନଙ୍କ ହାତରୁ ଛୁରା କାଢ଼ି ନେଉଛନ୍ତି, ଜନନୀଙ୍କର ସେଇ ଭୀଷଣ ରୁଦ୍ରମୂର୍ତ୍ତି ଦେଖି ଗୁଣ୍ଡାମାନେ ତାଙ୍କୁ ଆଉ ଆଘାତ କରିବାକୁ ସାହସ ପାଉନାହାନ୍ତି। ମୁଁ ମା' କାଳେ ଆହତ ହେବେ ଏୟା ମନେ କରି ମା'ଙ୍କୁ ଧରି ନେଇଆସିଲି। ଦେଖୁ ଦେଖୁ ସତ୍‌ସଙ୍ଗ ପ୍ରାଙ୍ଗଣ ଜନ-କୋଳାହଳରେ ପୂର୍ଣ୍ଣ ହୋଇଗଲା, ମହାରାଜଙ୍କ ଘରୁ ସେତେବେଳେ ଅନେକେ ଆସିଯାଇଛନ୍ତି। ଦୁର୍ବୃତ୍ତମାନଙ୍କୁ ଧରିବାପାଇଁ ସମସ୍ତେ ଦଉଡ଼ାଦଉଡ଼ି କରିବାକୁ ଲାଗିଲେ। ଗୋଟିଏ ଯୁବକ ଧରା ପଡ଼ିଗଲା। ଆଉ ସମସ୍ତେ ସେତେବେଳେ ଲରୀ କରି ପଳେଇଗଲେ।

ଏଇ ଘଟଣାରେ ପୁଲିସ୍‌ର ଖୁବ୍ ଜୋର୍ ତଦନ୍ତ ଚାଲିଲା। କ୍ରମେ ସଂଶ୍ଳିଷ୍ଟ ସମସ୍ତ ଅପରାଧୀ ଧରାପଡ଼ିଗଲେ। ଅନୁସନ୍ଧାନରୁ ଜଣାଗଲା, ଏମାନେ ଅନେକେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ପୁଅ, ପୁତୁରା ବା ନିକଟତମ ଆତ୍ମୀୟ। ସରକାରପକ୍ଷ ଦୁର୍ବୃତ୍ତମାନଙ୍କୁ କଠୋର ଶାସ୍ତି ଦେବାପାଇଁ ଉଠିପଡ଼ି ଲାଗିଲେ। ସେତେବେଳେ ପାବନାରେ ଜିଲ୍ଲା-ମାଜିଷ୍ଟ୍ରେଟ୍ ଥିଲେ ମାନନୀୟ ଏସ୍.ଏନ୍. ବାନାର୍ଜୀ (ଆଇ.ସି.ଏସ୍., ସେ ପରେ ରେଭିନ୍ୟୁ ବୋର୍ଡ଼ର ମେମ୍ବର ହୋଇଥିଲେ)। ଏଇ ଘଟଣା ପରେ ତାଙ୍କ ସହ ଦେଖା କରିବାକୁ ଯିବାରୁ ସେ ମୋତେ ସ୍ପଷ୍ଟ କହିଲେ— ''ଏଇସବୁ ଗୁଣ୍ଡାଦଳ ଅନବରତ ସହରର ଶାନ୍ତି

Scanned with CamScanner

ନଷ୍ଟ କରୁଛନ୍ତି, ସେମାନଙ୍କୁ ହାତେ ହାତେ କୌଣସିଦିନ ଧରା ହୋଇ ନଥିଲା । ଏଇଥର ଯେତେବେଳେ ଧରା ପଡ଼ିଛନ୍ତି, ସେମାନେ ବିଶିଷ୍ଟ ଲୋକଙ୍କ ପୁଅ ହେଲେ ମଧ୍ୟ ମୁଁ ସେମାନଙ୍କୁ ଶାସ୍ତି ନଦେଇ ଛାଡ଼ିବିନି ।

ତା'ପରେ ସେଇସବୁ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି କହିଲେ— ''ଯାହା ହେଇଯାଇଛି ଯାଇଛି । ମାଜିଷ୍ଟ୍ରେଟ୍ ସାହେବଙ୍କୁ ଆପଣ ଯଦି କୁହନ୍ତି ତା'ହେଲେ ସେ ଆପଣଙ୍କ କଥା ରକ୍ଷା କରିବେ ଏବଂ ସେମାନଙ୍କୁ ଛାଡ଼ିଦେବେ । ଆମେ କହିଲେ ସେ ଶୁଣିବେନି । ଆପଣ ଏମାନଙ୍କୁ ଏଇ ଥରକ କ୍ଷମା କରନ୍ତୁ ।

ସେତେବେଳେ ଶ୍ରୀଶ୍ରୀଠାକୁର ମୋତେ ଡାକି କହିଲେ— ''ମାଜିଷ୍ଟ୍ରେଟ୍ ସାହେବ ଯଦି ମୋ' ସାଥୀରେ ଥରେ ଦେଖା କରନ୍ତି ତେବେ ଖୁବ୍ ଭଲ ହୁଏ ।''

ମୁଁ ଶ୍ରୀଶ୍ରୀଠାକୁରଙ୍କର ଏଇ କଥା ମାଜିଷ୍ଟ୍ରେଟ୍ ସାହେବଙ୍କୁ ଯାଇ କହିବାରୁ ସେ କହିଲେ— ''ଠାକୁର କ'ଣପାଇଁ ମୋ' ସାଥୀରେ ଦେଖା କରିବାକୁ ଚାହାନ୍ତି, ତାହା ମୁଁ ବୁଝିପାରୁଚି । ମୁଁ ବର୍ତ୍ତମାନ ତାଙ୍କ ସହିତ ଦେଖା କରିବି ନାହିଁ । ଗୁଣ୍ଡାମାନଙ୍କୁ ସମୁଚିତ ଶାସ୍ତି ଦେବା ପରେ ତାଙ୍କ ସହ ଦେଖା କରିବି । ଏଇ କଥା ତାଙ୍କୁ ଯାଇ କହିବେ ।''

ସେତେବେଳେ ଆଶ୍ରମରେ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ପାଳିତ ହେଉଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ସେଇ ଅନୁଷ୍ଠାନରେ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ । ହିମାଇତପୁର ବିଶ୍ୱବିଜ୍ଞାନ-କେନ୍ଦ୍ରର ଦୋତାଲାର ହଲ୍‌ଘରେ ଗୀତ ବାଦ୍ୟ ଚାଲିଥିଲା । ସଂଗୀତାଚାର୍ଯ୍ୟ ଶ୍ରୀଗୋପେଶ୍ୱର ବନ୍ଦ୍ୟୋପାଧ୍ୟାୟ ଏବଂ ଅନ୍ୟାନ୍ୟ ବହୁ ସଙ୍ଗୀତଜ୍ଞ ସେଇ ଜଲସା (ନୃତ୍ୟଗୀତାଦିର ବୈଠକ)ରେ ଉପସ୍ଥିତ ଥିଲେ । ମାଜିଷ୍ଟ୍ରେଟ୍ ସତ୍ୟେନବାବୁ ଗୋପେଶ୍ୱରବାବୁଙ୍କର ଛାତ୍ର ଥିଲେ, ତାଙ୍କ ପାଖରୁ ଏକ ସମୟରେ ଗୀତ ଶିଖୁଥିଲେ । ତାଙ୍କର ଆସିବା ଖବର ପାଇ ସେ ମଧ୍ୟ ସେଇ ଜଲସାରେ ଯୋଗଦାନ କରିଛନ୍ତି ।

ଆସର ଖୁବ୍ ଭଲଭାବେ ଜମିଉଠିଛି, ସମସ୍ତେ ଗୀତ ଶୁଣିବାରେ ବ୍ୟସ୍ତ । ଶ୍ରୀଶ୍ରୀଠାକୁର ସେତେବେଳେ ଆଶ୍ରମ-ପ୍ରାଙ୍ଗଣରୁ ଆସି କାହାକୁ କିଛି ନ କହି ବିଶ୍ୱବିଜ୍ଞାନ-କେନ୍ଦ୍ରର ଦୋତାଲାର ସିଡ଼ି ତଳେ ଏପରିଭାବେ ଠିଆ ହୋଇ ରହିଲେ ଯେମିତି କେହି ତାଙ୍କୁ ଦେଖି ନପାରନ୍ତି । ଜଲସା ସନ୍ଧ୍ୟାରେ ଆରମ୍ଭ ହୋଇଛି ଏବଂ ରାତି ୯ଟାରେ ଶେଷ ହେବ, ସତ୍ୟେନ ବାବୁଙ୍କର ବିଶେଷ ଅନୁରୋଧରେ ସେଇ ସମୟରେ ଏଇ ବ୍ୟବସ୍ଥା କରାହୋଇଥିଲା ।

ଜଲସା ଭାଙ୍ଗିବା ପରେ ସତ୍ୟେନବାବୁ ସିଡ଼ି ଦେଇ ତଳକୁ ଓହ୍ଲେଇ ଆସୁଛନ୍ତି, ତାଙ୍କ ପଛରେ ମୁଁ ଅଛି । ଶେଷ ପାହାଚରେ ପାଦ ଦେଇ ଶ୍ରୀଶ୍ରୀଠାକୁରଙ୍କୁ ଦେଖି ସେ ହତ୍‌ବତ୍ରେଇ ଯାଇ ନମସ୍କାର କରି କହିଲେ— ''ଆପଣ ଏଠି ଠିଆ ହେଇଚନ୍ତି କାହିଁକି?''

ଶ୍ରୀଶ୍ରୀଠାକୁର— ''ଆପଣଙ୍କ ସାଥୀରେ ଦେଖା କରିବାପାଇଁ ।''

ସତ୍ୟେନବାବୁ— ''ଆପଣ ମୋତେ ଡାକିଥିଲେ । ସୁଶୀଲବାବୁଙ୍କର ହାତରେ ଖବର ପଠେଇଥିଲେ, ତାହା ମୁଁ ପାଇଛି । ମୁଁ ନିଜେ ତ ଆପଣଙ୍କ ସାଥୀରେ ପରେ ଆସି

ଦେଖା କରିଥାନ୍ତି । ଆପଣ କାହିଁକି ଠିଆ ହୋଉଛନ୍ତି ଏପରିଭାବେ? ଏତେ ରାତିରେ ଆପଣ ଆସିଲେ ବା କାହିଁକି ଏଠିକି?

ଶ୍ରୀଶ୍ରୀଠାକୁର ଚୁପ୍ କରି ତାଙ୍କ ମୁହଁକୁ ଚାହିଁ ଠିଆହୋଇ ରହିଲେ ।

ସତ୍ୟେନବାବୁ ସେତେବେଳେ କହିଲେ— ''ଆପଣ ଯାହା କହିବେ ତାହା ତ ମୋର ଜଣାଅଛି ।''

ଶ୍ରୀଶ୍ରୀଠାକୁର— ''ମୋର ପିଲା ଯଦି ଏମିତି କାମ କରିଥା'ନ୍ତା, ସେତେବେଳେ ମୁ କ'ଣ କରିଥାନ୍ତି? ମୁଁ କ'ଣ ସେମାନଙ୍କର ମୁକ୍ତିପାଇଁ ଚେଷ୍ଟା କରି ନଥାନ୍ତି । ଏମାନେ ତ ମୋରି ପୁଅ ହିଁ । ତେଣୁ ଆପଣଙ୍କ ପାଖରେ ସେମାନଙ୍କର ମୁକ୍ତି ଭିକ୍ଷା ଚାହୁଁଚି ।''

ସତ୍ୟେନବାବୁ— ''ଆପଣ ଯଦି କୌଣସି କଥା କୁହନ୍ତି, ତାହା ରକ୍ଷା ନ କରିବା ମୋ' ପକ୍ଷେ ବଡ଼ କଠିନ । ମୁଁ ତ ଭାବିଥିଲି ଏମାନଙ୍କୁ ସମୁଚିତ ଶାସ୍ତି ଦେଇ ପରେ ଆପଣଙ୍କ ସାଥୀରେ ଦେଖା କରି ସବୁ କହିଥାନ୍ତି । କାହିଁକିନା, ଏମାନେ ଏପରିଭାବେ ଶାସ୍ତି ପାଇଲେ, ଆଉ ଆଶ୍ରମରେ କୌଣସି ଦିନ ଉପଦ୍ରବ କରିବାକୁ ସାହସୀ ହେବେ ନାହିଁ ଏବଂ ସହରର ଶାନ୍ତି ମଧ୍ୟ ବିଘ୍ନିତ ହେବ ନାହିଁ । ଆପଣ ଯେତେବେଳେ କହୁଛନ୍ତି ସେତେବେଳେ ଆପଣଙ୍କ କଥା ନ ମାନି ମୋର ଉପାୟ ନାହିଁ, ତେବେ ଗୋଟାଏ ଅନୁରୋଧ ଆପଣଙ୍କୁ କରିବି । ଏମାନଙ୍କର ଅଭିଭାବକମାନେ ଯଦି ଆପଣଙ୍କ ପାଖକୁ ଆସନ୍ତି, ସେମାନଙ୍କୁ କହିଦେବେ ମୋ' ସହିତ ଦେଖା କରିବାକୁ । ମୁଁ ଅଭିଭାବକମାନଙ୍କ ପାଖରୁ ମୁଚୁଲିକା (Security-bond) ଲେଖେଇନେଇ ସେମାନଙ୍କୁ ଛାଡ଼ିଦେବି, ଯାହାଦ୍ୱାରା ସେମାନେ ଭବିଷ୍ୟତରେ ଆଉ ଶାନ୍ତିଭଙ୍ଗ ନ କରି ପାରନ୍ତି ।''

ଏହା କହି ସତ୍ୟେନବାବୁ ଶ୍ରୀଶ୍ରୀଠାକୁରଙ୍କୁ ପୁଣି ପ୍ରଣାମ କରି ଚାଲିଗଲେ ।

ଏହିପରି ଅନ୍ୟାୟ ଆକ୍ରମଣକାରୀମାନଙ୍କୁ ଶାସ୍ତି ଦେବାର ସୁବିଧା ଗ୍ରହଣ ନ କରି ଅପରାଧୀମାନଙ୍କୁ ମୁକ୍ତି ଦେବାର ଶ୍ରୀଶ୍ରୀଠାକୁରଙ୍କୁ ଅନେକବାର ଦେଖିଛି । ଏପରି କ୍ଷମାର ଦୃଷ୍ଟାନ୍ତ ବିରଳ । ତାଙ୍କର ଏହିପରି ଅହେତୁକ କ୍ଷମାର ଦୃଷ୍ଟାନ୍ତ ଦେଖି ଆମମାନଙ୍କ ମଧ୍ୟରୁ ଅନେକଙ୍କୁ ଭଲ ଲାଗେନି । ଏପରି କରିବା କ'ଣ ମଙ୍ଗଳଜନକ? ଅପରାଧୀର ଶାସ୍ତି ପାଇବା ତ ଉଚିତ । କିନ୍ତୁ ତାଙ୍କର ମହତ୍ ଗୁଣରେ ଆକୃଷ୍ଟ ହୋଇ ପରେ ସେଇସବୁ ଗୁଣ୍ଡାମାନେ ଅନେକେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସନ୍ତି ଓ ତାଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ମଧ୍ୟରୁ ଅନେକଙ୍କର ଜୀବନରେ ଆଶ୍ଚର୍ଯ୍ୟ ପରିବର୍ତ୍ତନ ସଂଘଟିତ ହୁଏ । ବର୍ତ୍ତମାନ ସେମାନେ ଶ୍ରୀଶ୍ରୀଠାକୁରଙ୍କର ଭକ୍ତ ହୋଇଉଠିଛନ୍ତି ଏବଂ ତାଙ୍କର ଆଦର୍ଶକୁ ପ୍ରତିଷ୍ଠା କରିବାପାଇଁ ଆପ୍ରାଣ ହୋଇ ଚେଷ୍ଟା କରୁଛନ୍ତି ।

Scanned with CamScanner

ପ୍ରତିକୂଳ ଅବସ୍ଥା ଓ ସଂଗଠନ

ପୂର୍ବେ ଗୋଟିଏ କଥା ଉଲ୍ଲେଖ କରିବାକୁ ଭୁଲିଯାଇଛି । ଦେଶବନ୍ଧୁ ଚିତ୍ତରଞ୍ଜନ ଆଶ୍ରମକୁ ଆସିବା ପୂର୍ବରୁ ସତ୍‌ସଙ୍ଗକୁ Registered Society କରା ହେବ କି ନା ଏଇ କଥା ନେଇ କଳ୍ପନା-ଜଳ୍ପନା ଚାଲିଥିଲା । ଦେଶବନ୍ଧୁ ଆଶ୍ରମକୁ ଆସିବା ପରେ ଶ୍ରୀଶ୍ରୀଠାକୁର ଏଇ ବିଷୟରେ ଦେଶବନ୍ଧୁ ମତାମତ ଜାଣିବାକୁ ଚାହାନ୍ତି । ଦେଶବନ୍ଧୁ କୁହନ୍ତି— Society Act ଅନୁସାରେ ସତ୍‌ସଙ୍ଗକୁ ରେଜିଷ୍ଟ୍ରି କରିବାହିଁ ଭଲ ବୋଲି ମନେ ହୁଏ ।

ଦେଶବନ୍ଧୁ ଚାଲିଯିବା ପରେ ଶ୍ରୀଶ୍ରୀଠାକୁରଙ୍କର ନିର୍ଦ୍ଦେଶ ଅନୁସାରେ ୧୯୨୫ ମସିହାରେ ସତ୍‌ସଙ୍ଗକୁ ୧୮୬୦ ମସିହାର ଭାରତୀୟ ଆଇନର ୨୧ ଧାରା ଅନୁସାରେ ରେଜିଷ୍ଟ୍ରି କରାହୁଏ । ଏହିପରି ସତ୍‌ସଙ୍ଗକୁ Registered Society ପରିଣତ କରାଗଲା । ସତ୍‌ସଙ୍ଗ ପ୍ରତିଷ୍ଠାନ ପରିଚାଳନା ପାଇଁ ଶ୍ରୀଶ୍ରୀଠାକୁର ନିମ୍ନଲିଖିତ ସଭ୍ୟମାନଙ୍କୁ ମନୋନୀତ କରନ୍ତି ।

ସଭାପତି— ଶ୍ରୀଯୁକ୍ତା ମନୋମୋହିନୀ ଦେବୀ ।

ସହ-ସଭାପତି— ଶ୍ରୀଅନନ୍ତ ନାଥ ରାୟ ।

ସମ୍ପାଦକ— ଶ୍ରୀସୁଶୀଲଚନ୍ଦ୍ର ବସୁ ।

ସହ-ସମ୍ପାଦକ— ଶ୍ରୀ ବ୍ରଜଗୋପାଳ ଦତ୍ତରାୟ ।

ସଭ୍ୟଗଣ— ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଶ୍ରୀପ୍ରଭାସଚନ୍ଦ୍ର ଚକ୍ରବର୍ତ୍ତୀ, ଶ୍ରୀ ଅବିନାଶ ଅଧିକାରୀ, ଶ୍ରୀକିଶୋରୀମୋହନ ଦାସ, ଡଃ ଯତୀନ ରାୟ ।

ଶ୍ରୀଶ୍ରୀଠାକୁର ଯେତେବେଳେ ମୋତେ ସମ୍ପାଦକରୂପେ ମନୋନୀତ କରନ୍ତି ସେତେବେଳେ ମୁଁ ଆପତ୍ତି କରିଥିଲି ଏବଂ କହିଥିଲି— ପରିଷଦର ବାହାରେ ରହି ଆପଣଙ୍କର କାମ କରିବାକୁ ମୁଁ ସୁବିଧାଜନକ ମନେ କରେ । ପରିଷଦ ଭିତରେ ରହି କାମ କରିବାକୁ ଗଲେ ଅନେକ ଝାମେଲା ସମ୍ଭାଳିବାକୁ ହୁଏ । ଶ୍ରୀଶ୍ରୀଠାକୁର ମୋର ସେଇ କଥା ନ ଶୁଣି ମୋତେ ସମ୍ପାଦକ ହେବାପାଇଁ କହିଲେ । ଫଳରେ ସମ୍ପାଦକର ଦାୟିତ୍ୱ ମୋତେ ନବାକୁ ପଡ଼ିଲା ।

ତା'ପରେ ଶ୍ରୀଶ୍ରୀଠାକୁରଙ୍କର ଆଦେଶକ୍ରମେ ତାଙ୍କର ନିର୍ଦ୍ଦେଶିତ କାର୍ଯ୍ୟରେ ମୋତେ ଭାରତ-ଭ୍ରମଣ ଯିବାକୁ ପଡ଼ିଲା, ସେତେବେଳେ ତାଙ୍କର ନିର୍ଦ୍ଦେଶ ଅନୁସାରେ ମୁଁ ହେଲି ସଭାପତି, ଶ୍ୟାମଚରଣ ମୁଖାର୍ଜୀ ହେଲେ ସମ୍ପାଦକ, ଶ୍ରୀପ୍ରସନ୍ନ କୁମାର ଦତ୍ତ ହେଲେ ସହ-ସମ୍ପାଦକ ଏବଂ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ ସହ-ସଭାପତି ହେଲେ ।

ଏହାପରେ ସତ୍‌ସଙ୍ଗ-ପରିଷଦର ଅନେକ ଅଦଳବଦଳ ହୁଏ ଏବଂ ମୁଁ ସେଇ ସମୟରୁ ପରିଷଦ ସହିତ ଯୁକ୍ତ ଅଛି । ବର୍ତ୍ତମାନ ଶ୍ରୀଶ୍ରୀଠାକୁରଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଅମରେନ୍ଦ୍ରନାଥ ଚକ୍ରବର୍ତ୍ତୀ ସତ୍‌ସଙ୍ଗ କର୍ମପ୍ରତିଷ୍ଠାନର ଯାବତୀୟ କର୍ମଭାର ସ୍ୱହସ୍ତରେ ଗ୍ରହଣ କରି ସୁଷ୍ଠୁଭାବେ ପରିଚାଳନା କରୁଛନ୍ତି ।

ବାଳିକା ବିଦ୍ୟାଳୟ, ତପୋବନ, ଇଞ୍ଜିନିୟରିଂ ୱାର୍କ୍ସ ଗଠିତ ହେବା ସଙ୍ଗେ-ସଙ୍ଗେ କେମିକାଲ ୱାର୍କ୍ସର କାର୍ଯ୍ୟ ମଧ୍ୟ ଆରମ୍ଭ ହୁଏ । ଦେଶବନ୍ଧୁ ଚାଲିଯିବା ପରେ ହିଁ ପ୍ରୟୋଜନର ତାଗିଦରେ ଏଗୁଡ଼ିକ ଗଢ଼ିଉଠେ ।

ମୋର କନିଷ୍ଠା ଭଗ୍ନୀ ଶ୍ରୀମତୀ ହେମାଙ୍ଗିନୀ ବିଶ୍ୱାସର ଅସୁସ୍ଥତାପାଇଁ ଶ୍ରୀଶ୍ରୀଠାକୁର 'ପ୍ରିଭେଣ୍ଟିନା' ନାମକ ଔଷଧର ଫର୍ମୁଲା ଦିଅନ୍ତି ଏବଂ ସେତେବେଳେ ବଙ୍କିମଚନ୍ଦ୍ର ରାୟ ଶ୍ରୀଶ୍ରୀଠାକୁରଙ୍କର ନିର୍ଦ୍ଦେଶ ଅନୁସାରେ 'ପ୍ରିଭେଣ୍ଟିନା' ନାମକ ମଲମ ତିଆରି କରନ୍ତି । 'ପ୍ରିଭେଣ୍ଟିନା' ହିଁ ସତ୍‌ସଙ୍ଗ କେମିକାଲ୍ ୱାର୍କ୍ସର ପ୍ରଥମ ପ୍ରସ୍ତୁତ ଔଷଧ ।

ତା'ପରେ ଅନିଦ୍ରା ଦୂର କରେ ଏବଂ ମସ୍ତିଷ୍କ ଥଣ୍ଡା ରଖେ ଏହିପରି ଏକ ତେଲର ପ୍ରୟୋଜନ ଅନୁଭୂତ ହେବାରୁ— ଶ୍ରୀଶ୍ରୀଠାକୁର ବର୍ତ୍ତମାନର 'ନବରଞ୍ଜିନୀ' ତେଲର ଫର୍ମୁଲା ଦେଇ ବଙ୍କିମକୁ ତାହା ପ୍ରସ୍ତୁତ କରିବାକୁ କୁହନ୍ତି ବଙ୍କିମ ତେଲ ପ୍ରସ୍ତୁତ କରି ଶ୍ରୀଶ୍ରୀଠାକୁରଙ୍କୁ ଦେଖାଇଲେ, କିନ୍ତୁ ତେଲର ସବୁଜ ରଙ୍ଗ ସ୍ଥାୟୀ ହେଲା ନାହିଁ । ସେ ସମୟରେ 'ଟେକ୍ନୋଲୋଜିକାଲ୍' ବିଭାଗ ଖୋଲିବାର ପ୍ରସ୍ତାବ ହେବାରୁ ଖବରକାଗଜରେ ଜଣେ ବିଶେଷଜ୍ଞପାଇଁ ବିଜ୍ଞାପନ ଦିଆ ହୁଏ । ଡାକ୍ତର ଶ୍ୟାମାଦାସ ବନ୍ଦ୍ୟୋପାଧ୍ୟାୟ ସେଇ ବିଭାଗରେ କର୍ମଭାର ଗ୍ରହଣ କରିବାପାଇଁ ଆସିଲେ । ଉକ୍ତ ନବରଞ୍ଜିନୀ ତେଲର ସବୁଜ ରଙ୍ଗ ଯେପରି ସ୍ଥାୟୀ ହୁଏ ଏବିଷୟରେ ତାଙ୍କର ପରାମର୍ଶ ଗ୍ରହଣ କରାହେଲା । ସେ ପ୍ରଥମେ Synthetic dye ବ୍ୟବହାର କରିବାକୁ ପରାମର୍ଶ ଦିଅନ୍ତି ଏବଂ ସେଥିରେ 'ନବରଞ୍ଜିନୀ'ର ସବୁଜ ରଙ୍ଗ ସ୍ଥାୟୀ ହୁଏ ।

ମୁକ୍ତାଗାଛାର ଶ୍ରୀଯୁକ୍ତ ଅବିନାଶଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପାଖରେ ପେଟରୋଗପାଇଁ ଔଷଧର ଗୋଟିଏ ଫର୍ମୁଲା ଥିଲା । ଶ୍ରୀଶ୍ରୀଠାକୁରଙ୍କୁ ସେ ସେଇ ଫର୍ମୁଲା କଥା କହିବାରୁ ଶ୍ରୀଶ୍ରୀଠାକୁର ଆଉ କିଛି ଉପାଦାନ ଯୋଗ କରି, Mist Azamunjit Compound ନାମରେ ଔଷଧ ପ୍ରସ୍ତୁତ କରିବାକୁ ଆଦେଶ ଦିଅନ୍ତି । ଏଇ ଔଷଧ ପ୍ରସ୍ତୁତ ହେବା ପରେ ଏହାର ପ୍ରୟୋଗରେ ବହୁ ଲୋକଙ୍କର ପୁରାତନ ପେଟ ରୋଗ ଭଲ ହେବାକୁ ଲାଗିଲା । ସାଂଘାତିକ କଲେରା (ହଇଜା) ରେ ମଧ୍ୟ ଏହି ଔଷଧ ଆଶ୍ଚର୍ଯ୍ୟଜନକ ଭାବରେ ଫଳଦାୟକ ହେଲା ।

ଏଇ ତିନିଟି ଔଷଧକୁ ନେଇ ପ୍ରଥମେ ସତ୍‌ସଙ୍ଗ କେମିକାଲ ଓ୍ୱାର୍କ୍ସର କାମ ଆରମ୍ଭ ହେଲା । Mist Azamunjit Compoundର ପ୍ରସିଦ୍ଧି ଏତେ ବ୍ୟାପକ ହେଲା ଯେ, ସମସ୍ତ ବଙ୍ଗଳାଦେଶର ଡିଷ୍ଟ୍ରିକ୍ଟ-ବୋର୍ଡ଼ ଏବଂ କଲିକତା କର୍ପୋରେସନର ଚିକିତ୍ସା-ବିଭାଗ ଏଇ ଔଷଧ ବ୍ୟବହାର କରୁଥିଲେ ।

କେମିକାଲ ଓ୍ୱାର୍କ୍ସର କାମ ପ୍ରଥମେ ବଙ୍କିମ ରାୟ ଆରମ୍ଭ କରନ୍ତି । ତା'ପରେ କାର୍ଯ୍ୟବୃଦ୍ଧି ସଙ୍ଗେ ସଙ୍ଗେ ଶ୍ୟାମାଦାସ ବ୍ୟାନାର୍ଜୀ, ବୀରେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ, ଶ୍ୟାମାଚରଣ ମୁଖାର୍ଜୀ ପ୍ରଭୃତି ଯୋଗଦାନ କରନ୍ତି ।

ଜଣେ ମା' ସୂତିକାରୋଗ ଦୀର୍ଘଦିନ ଭୋଗି ଅତିଶୟ କଷ୍ଟ ପାଉଥିଲେ— କୌଣସି ଔଷଧରେ ତାଙ୍କର ରୋଗ ଆରୋଗ୍ୟ ନ ହେବାରୁ ସେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଆସି ତାଙ୍କର ଦୁଃଖ ଓ କଷ୍ଟର କଥା ନିବେଦନ କରନ୍ତି । ଶ୍ରୀଶ୍ରୀଠାକୁର ପ୍ରତିକାରପାଇଁ ଗୋଟିଏ ଔଷଧର ଫର୍ମୁଲା ଦେଲେ । ସେଇ ଔଷଧ ବ୍ୟବହାର କରି ସେଇ ମା'ଟିର ଦୀର୍ଘଦିନର ରୋଗ ସମ୍ପୂର୍ଣ୍ଣ ନିରାମୟ ହୁଏ ଏବଂ ପରେ ମଧ୍ୟ ବହୁ ସୂତିକାରୋଗଗ୍ରସ୍ତ ମହିଳା ଉକ୍ତ ଔଷଧ ବ୍ୟବହାର କରି ସମ୍ପୂର୍ଣ୍ଣଭାବେ ରୋଗମୁକ୍ତ ହୋଇଛନ୍ତି ।

ଏହିପରି ପ୍ରୟୋଜନର ତାଗିଦରେ ବିଭିନ୍ନ ସମୟରେ ବିଭିନ୍ନ ଔଷଧର ଫର୍ମୁଲା ଶ୍ରୀଶ୍ରୀଠାକୁର ଦେଇଛନ୍ତି, ସେଥିରୁ ବିଭିନ୍ନ ରୋଗର ଔଷଧ ପ୍ରସ୍ତୁତ ହୋଇଛି ଏବଂ ଏବେ ବି ହେଉଛି ।

ସତ୍‌ସଙ୍ଗ କେମିକାଲ ଓ୍ୱାର୍କ୍ସର କାର୍ଯ୍ୟ ଯେତେବେଳେ ବଢ଼ିଗଲା ସେତେବେଳେ ଯନ୍ତ୍ରପାତିର ପ୍ରୟୋଜନ ବିଶେଷଭାବେ ଅନୁଭୂତ ହେବାରୁ ସଂଘଭ୍ରାତା ୨୪ ପରଗଣାର ଗୁଷ୍ଟିୟାର ଜମିଦାର, ଶ୍ରୀତିନୁଧନ ଚାଟାର୍ଜୀ ଏକକାଳୀନ ଏଥିପାଇଁ ୧୩ ହଜାର ଟଙ୍କା ଦାନ କରନ୍ତି । ମେଛୁୟାବାଜାର ଷ୍ଟ୍ରିଟ୍‌ରେ (ଅଧୁନା କେଶବ ସେନ୍ ଷ୍ଟ୍ରିଟ୍‌ରେ) ତାଙ୍କର ବିରାଟ ତ୍ରିତଳ ପ୍ରାସାଦ ଥିଲା ।

ଶ୍ରୀଶ୍ରୀଠାକୁରଙ୍କର ବରାବର ବିଜ୍ଞାନ-ଗବେଷଣା ପ୍ରତି ପ୍ରବଳ ଅନୁରାଗ ଥିଲା । ସେ ବରାବର କହୁଥିଲେ— "ଦେଶରେ ବିଜ୍ଞାନର ଗବେଷଣା ଯଦି ପ୍ରସାରଲାଭ ନକରେ ତେବେ ଦେଶ ଉନ୍ନତି ଲାଭ କରିପାରିବ ନାହିଁ ।" ତେଣୁ ସେ ହଠାତ୍ ଦିନେ କହିଲେ— "ଏଇଠାରେ ବିଜ୍ଞାନାଗାର ସ୍ଥାପନ କରିବାକୁ ହେବ ।" ଏଇ ପଲ୍ଲୀଗ୍ରାମରେ ବିଜ୍ଞାନାଗାର ସ୍ଥାପନର କଥା ଶୁଣି ସମସ୍ତେ ହତବାକ୍ ହୋଇଗଲେ,— ସେଥିରେ ତ ବହୁ ଅର୍ଥ ଏବଂ ବହୁ ମୂଲ୍ୟବାନ୍ ଯନ୍ତ୍ରପାତିର ଆବଶ୍ୟକ ହେବ ଏବଂ ଉପଯୁକ୍ତ ଗବେଷକ ଓ ଉଚ୍ଚଶିକ୍ଷିତ କର୍ମୀର ମଧ୍ୟ ପ୍ରୟୋଜନ । ସେତେବେଳେ ଆଶ୍ରମର କର୍ମୀମାନଙ୍କୁ ଦୁଇବେଳା ଗଣ୍ଡାଏ ଖାଇବାକୁ ବି ଜୁଟୁ ନଥିଲା । ଏ ଅବସ୍ଥାରେ ଉଚ୍ଚକୋଟୀର ଗବେଷଣାଗାର ପ୍ରତିଷ୍ଠା କିପରି ଯେ ସମ୍ଭବ ସେବିଷୟରେ ସମସ୍ତେ ସନ୍ଦେହ ପ୍ରକାଶ କଲେ । କିନ୍ତୁ ଶ୍ରୀଶ୍ରୀଠାକୁର ପ୍ରସ୍ତାବ ଦେଇ କ୍ଷାନ୍ତ ହେଲେ ନାହିଁ— ଗବେଷଣାଗାରକୁ ରୂପ ଦେବାପାଇଁ ଉଠିପଡ଼ି ଲାଗିଗଲେ ।

ସତ୍‌ସଙ୍ଗର ଉତ୍ତରଭାଗରେ ଜନନୀ ମନୋମୋହିନୀଦେବୀଙ୍କର ଗୋଟିଏ ବିସ୍ତୀର୍ଣ୍ଣ ଜମି ଥିଲା । ବିଶ୍ୱବିଜ୍ଞାନାଗାର ସ୍ଥାପନପାଇଁ ଶ୍ରୀଶ୍ରୀଠାକୁର ସେଇ ଜମିଟା ମା'ଙ୍କ ପାଖରୁ ମାଗିନେଲେ ଏବଂ ମୁକ୍ତାଗାଛାର ଜମିଦାର ଶ୍ରୀଯତୀନ୍ଦ୍ରନାରାୟଣ ଆଚାର୍ଯ୍ୟଚୌଧୁରୀଙ୍କ ପାଖରୁ ବିଶ୍ୱବିଜ୍ଞାନାଗାରପାଇଁ ଅର୍ଥ ସାହାଯ୍ୟ ଗ୍ରହିଲେ । ପ୍ରଧାନତଃ ତାଙ୍କରି ସାହାଯ୍ୟରେ ବିଶ୍ୱବିଜ୍ଞାନ-କେନ୍ଦ୍ରରେ ନିଅଁଖୋଳା ଓ କାନ୍ଥତଥା କାମ ଆରମ୍ଭ ହେଲା ।

ବିଶ୍ୱବିଜ୍ଞାନ-କେନ୍ଦ୍ରର ତଳମହଲା କାମ ସରିବା ପରେ ଉପରମହଲା କାମ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ଶ୍ରୀଶ୍ରୀଠାକୁର ତପୋବନ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଡାକି ରାଜମିସ୍ତ୍ରିମାନଙ୍କ ସହିତ ପିଲାମାନଙ୍କୁ ନେଇ କାମ କରିବାକୁ କହିଲେ— ଯାହାଦ୍ୱାରା ସେମାନେ ନିଜ ହାତରେ ଦଲାଣ-ତିଆରି କାମ ଶିଖିଯାଇ ପାରନ୍ତି । କିନ୍ତୁ ନିଯୁକ୍ତ ରାଜମିସ୍ତ୍ରିମାନେ ଭଦ୍ରଲୋକର ପିଲାମାନଙ୍କର ଏଇ କାମରେ ଯୋଗଦାନ କରିବାଟାକୁ ମୋଟେ ପସନ୍ଦ କଲେ ନାହିଁ, ଏପିରକି, ଶିକ୍ଷକ ଓ ଛାତ୍ରମାନଙ୍କୁ ଯଥେଷ୍ଟ କଟୁ-ମନ୍ତବ୍ୟ ବି ଦେଉଥିଲେ । ଏଇ କଥାସବୁ ଶୁଣି ଶ୍ରୀଶ୍ରୀଠାକୁର ଶିକ୍ଷକ ଓ ଛାତ୍ରମାନଙ୍କୁ ଡାକି କହିଲେ— ସେମାନେ ଯେପରି ରାଜମିସ୍ତ୍ରିମାନଙ୍କ କଥା ନ ଶୁଣି କାମ ଶିଖିନିଅନ୍ତି । ସେ ରାଜମିସ୍ତ୍ରିକାମର ସମସ୍ତ ସରଞ୍ଜାମ କିଣି ସେମାନଙ୍କୁ ଦେଲେ । ଏହିପରି ତପୋବନର ଶିକ୍ଷକ ଓ ଛାତ୍ର ମିଶି ଗୋଟାଏ ରାଜମିସ୍ତ୍ରିଦଳ ଗଠିତ ହେଲା ।

ପ୍ରଥମେ ଏଇ ନବଗଠିତ ଦଳରେ କର୍ମୀଙ୍କ ସଂଖ୍ୟା ଥିଲା ପନ୍ଦରଜଣ, ପରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧିପାଏ । ବିଶ୍ୱବିଜ୍ଞାନ-କେନ୍ଦ୍ରର ଦ୍ୱିତଳର କାମ ଶେଷ ହେବା ପରେ ଏଇ ନବଗଠିତ ଦଳ ୯୦ଫୁଟ୍ ଲମ୍ବ ଏବଂ ୩୦ଫୁଟ୍ ଚଉଡ଼ା ବାରଣ୍ଡା ବିଶିଷ୍ଟ ଗୋଟିଏ ପକ୍କା ଘର ଓ ବିଶ୍ୱବିଜ୍ଞାନ-କେନ୍ଦ୍ରର ଚାରିପଟର ପାଚେରି-ନିର୍ମାଣ କାମ ଶେଷ କରନ୍ତି ।

ଗୃହ-ନିର୍ମାଣର ବ୍ୟୟ-ସମସ୍ୟା ଏଇପରି ସଂକ୍ଷେପ ଓ ସହଜସାଧ୍ୟ କରିନେଇ ଶ୍ରୀଶ୍ରୀଠାକୁର ସ୍ଥିର କଲେ ଯେ, ଦଲାଣର ପ୍ରଧାନ ଉପକରଣ ଇଟା ଯଦି ନିଜେ କାଟିପାରନ୍ତି, ତା'ହେଲେ ବ୍ୟୟଭାର ଆହୁରି ଲାଘବ ହେଇଯିବ ଏବଂ ଗୃହନିର୍ମାଣ କାର୍ଯ୍ୟ ସହଜସାଧ୍ୟ ହେବ । ସଙ୍ଗେସଙ୍ଗେ କର୍ମୀମାନଙ୍କୁ ଶ୍ରୀଶ୍ରୀଠାକୁର ଫେରୋ-ବ୍ରିକ୍ ଓ ଫେରୋ-କଂକ୍ରିଟ୍‌ର କାମ ବାସ୍ତବଭାବରେ ଶିକ୍ଷକ ଓ ଛାତ୍ରମାନଙ୍କୁ ଶିଖାଇବାର ବ୍ୟବସ୍ଥା କଲେ । କର୍ମୀମାନେ ମଧ୍ୟ ବିପୁଳ ଉତ୍ସାହରେ କାମରେ ଲାଗିଗଲେ । ଫେରୋ-କଂକ୍ରିଟ୍ ସାହାଯ୍ୟରେ ସତ୍‌ସଙ୍ଗର ପୋଷ୍ଟଅଫିସ୍ ଓ ବ୍ୟାଙ୍କର ଦଲାଣ ନିର୍ମାଣ ସମ୍ପନ୍ନ କରି ସମସ୍ତଙ୍କର ପ୍ରଶଂସା-ଭାଜନ ହେଲେ । ସାନିଟାରୀ-ଲାଟ୍ରିନ୍‌ର କାମ ମଧ୍ୟ କର୍ମୀମାନେ ଶିଖିନିଅନ୍ତି ଏବଂ ବଙ୍ଗଳାର ବିଭିନ୍ନ ସ୍ଥାନରେ ଏଇସବୁ କାମ କରି ସର୍ବସାଧାରଣ ସେବାରେ ଅଗ୍ରଣୀ ହୁଅନ୍ତି ।

କର୍ମୀମାନେ ସାରାଦିନ ଯେ କେବଳ ଗୃହନିର୍ମାଣ କାମରେ ବ୍ୟାପୃତ ରହନ୍ତି ତାହା ନୁହେଁ— ତା'ଛଡ଼ା ବି ସେମାନେ ଅନ୍ୟାନ୍ୟ କାମ ବି କରୁଥିଲେ ଏବଂ ଛାତ୍ରମାନେ

Scanned with CamScanner

ଅବସର ସମୟରେ ପଢ଼ାପଢ଼ି କରି 'ମାଟ୍ରିକ୍ୟୁଲେସନ୍' ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଉଥିଲେ । କର୍ମୀମାନଙ୍କ ମଧ୍ୟରେ ଅନେକେ ପୁଣି ପ୍ରାଇଭେଟ୍ ଛାତ୍ର ହିସାବରେ ମାଟ୍ରିକ୍ୟୁଲେସନ ଓ ଆଇ.ଏ. ପରୀକ୍ଷା ଦେଇ ପାସ୍ କରିଛନ୍ତି । ଏସବୁ ସମ୍ଭବ ହୋଇଛି ଶ୍ରୀଶ୍ରୀଠାକୁରଙ୍କର ଉତ୍ସାହ, ଉଦ୍ଦୀପନା ଓ ସାହଚର୍ଯ୍ୟରେ ।

ଏଣେ ଦଲାଣ ତିଆରି କାମ ଚାଲିବା ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର କର୍ମୀମାନଙ୍କୁ ଇଟା ତିଆରି କାମରେ ଲାଗିବାକୁ କହିଲେ । ଆଶ୍ରମର ଛୋଟବଡ଼ ନିର୍ବିଶେଷରେ ସମସ୍ତ କର୍ମୀ ଏଇ ନିର୍ମାଣକାମରେ ଲାଗିପଡ଼ିଲେ ।

ଆଶ୍ରମର ଦକ୍ଷିଣପଟର ବନ୍ଧ ତଳକୁ ଇଟା ଖୋଳାର ସ୍ଥାନ ନିର୍ବାଚିତ କରାଗଲା । ପୁରୁଷ କର୍ମୀମାନେ ସମସ୍ତେ ଦିନବେଳା ମାଟି କାଟି ପାଣି ଦେଇ ଗୋଡ଼ରେ ଚକଟି ଇଟାପାଇଁ କାଦୁଅ ପ୍ରସ୍ତୁତ କରି ରଖନ୍ତି । ଉପବେଳା ଆଶ୍ରମର ସମସ୍ତ ମହିଳାକର୍ମୀ ଆସି ସେଠି ପହଞ୍ଚି କେତୋଟି ଦଳରେ ବିଭକ୍ତ ହୋଇ ଇଟାପକା କାମରେ ଲାଗିଯା'ନ୍ତି । ଡେ-ଲାଇଟ୍ ଜଳେଇ ଅନେକ ରାତିପର୍ଯ୍ୟନ୍ତ ମା'ମାନେ ଇଟା ପକେଇ ଯାଉଥିଲେ । ଶ୍ରୀଶ୍ରୀବଡ଼ମା ବି ପରମ-ଉତ୍ସାହରେ ଏଇ ଇଟା କାଟିଛନ୍ତି । ଥରେ ସୁଭାଷଜନନୀ ପ୍ରଭାବତୀ ଦେବୀ, ଏଇ ସମୟରେ ଆଶ୍ରମକୁ ଆସିଥିଲେ । ସେ ମଧ୍ୟ ଅନ୍ୟାନ୍ୟ ମହିଳା କର୍ମୀମାନଙ୍କ ସହିତ ପରମ ଆନନ୍ଦ ଓ ଉତ୍ସାହରେ ଇଟା କାଟିଥିଲେ । ଇଟା ପକେଇବା କାମ ଶେଷ ହେବା ପରେ କର୍ମୀମାନେ ଇଟା ଖଞ୍ଜି ଭାଟି ତିଆରି କରିବା କାମରେ ଲାଗିଗଲେ । ଇଟା ଭାଟି ସଜା ହେବା ପରେ ଯେଉଁଦିନ ଭାଟିରେ ନିଆଁ ଲଗାହେଲା ସେଦିନ କର୍ମୀମାନଙ୍କର କି ଅପୂର୍ବ ଆନନ୍ଦ— ଯେମିତି ଗୋଟାଏ ଉତ୍ସବର ଦିନ!

ଏଇ ସମସ୍ତ କାମରେ ଶ୍ରୀଶ୍ରୀଠାକୁର ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତି ସବୁ ସମୟରେ । ଇଟା ପୋଡ଼ା ଶେଷ ହେବା ପରେ କର୍ମୀମାନେ ସେଇ ଇଟା ଦେଇ ବିଭିନ୍ନ କର୍ମ-ପ୍ରତିଷ୍ଠାନର ଇମାରତ୍(ଅଟ୍ଟାଳିକା) ଗଢ଼ିତୋଳିବାକୁ ଲାଗିଲେ । ଏହିପରିଭାବେ ନିଜେ ଅସୀମ ପରିଶ୍ରମ କରି ଯେଉଁ ପ୍ରତିଷ୍ଠାନ ଗଢ଼ିତୋଳିଥିଲେ ତା'ପ୍ରତି ସେମାନଙ୍କର ଅନ୍ତରର ଆକର୍ଷଣ ଥିଲା ଅସାଧାରଣ । ଏହିପରିଭାବେ ଆଉ କେଉଁଠି କୌଣସି ପ୍ରତିଷ୍ଠାନ କର୍ମୀମାନେ ଗଢ଼ିତୋଳିଛନ୍ତି ବୋଲି ମୋର ଜଣା ନାହିଁ ।

ସତ୍‌ସଙ୍ଗ କେମିକାଲ ୱାର୍କ୍‌ସର ବିଲ୍‌ଡିଂ ଏଇପରି ତିଆରି ହେଲା ଏବଂ ତତ୍ ସଙ୍ଗେ ସଙ୍ଗେ ତା'ପାଖରେ କଳା-କେନ୍ଦ୍ରର ବିଲ୍‌ଡିଂ ମଧ୍ୟ ଗଢ଼ିଉଠିଲା । ଦେଶର ଲୁପ୍ତପ୍ରାୟ କଳା ବିଦ୍ୟାକୁ ପୁନରୁଜ୍ଜୀବିତ କରିବାପାଇଁ ଶ୍ରୀଶ୍ରୀଠାକୁରଙ୍କର କଳାକେନ୍ଦ୍ରର ପ୍ରତିଷ୍ଠା । କଳାଭବନଟିରେ ଗୋଟିଏ ଆଲୋକଚିତ୍ର ଏବଂ ମୃତଶିଳ୍ପ ବିଭାଗ ଖୋଲା ହୋଇଥିଲା । କଳା-କେନ୍ଦ୍ରରୁ ସସ୍‌ପେଣ୍ଟିଂ, ୱାଟର-କଲର୍, ଏନ୍‌ଲାର୍ଜମେଣ୍ଟ, ଅଏଲ୍‌ପେଣ୍ଟିଂ, କମର୍ସିଆଲ୍ ଡିଜାଇନ୍ ଏବଂ ମାଟିରେ ତିଆରି ଦେବ-ଦେବୀ, ମଣିଷର ମୂର୍ତ୍ତି ଓ ନାନାଜାତୀୟ ଖେଳନା ପ୍ରଭୃତି ତିଆରି ହେଉଥିଲା ।

ସୂଚୀ-ଶିଳ୍ପରେ ମହିଳାମାନେ ଏପରି ଦକ୍ଷତାଲାଭ କରିଥିଲେ ଯେ, ରଙ୍ଗୀନ ସୂତାରେ ପ୍ରାକୃତିକ ଦୃଶ୍ୟାବଳୀ ଓ ମଣିଷର ଅବିକଳ ପ୍ରତିକୃତି ତିଆରି କରି ପାରୁଥିଲେ । ତାହା ଦେଖି ଦର୍ଶକଗଣ ସେମାନଙ୍କର ଶିଳ୍ପନୈପୁଣ୍ୟର ଅଶେଷ ପ୍ରଶଂସା କରୁଥିଲେ ଏବଂ କେହି କେହି ଚଢ଼ାମୂଲ୍ୟରେ ସେସବୁ କିଣିନେଉଥିଲେ ।

ଚିତ୍ରକର ସତ୍ୟଚରଣ ଘୋଷ ନାମରେ ଜଣେ ବ୍ୟକ୍ତି ଶ୍ରୀଶ୍ରୀଠାକୁରଙ୍କର ଚରଣାଶ୍ରିତ ହେବାପରେ ଆଶ୍ରମର କର୍ମୀଭାବରେ ଯୋଗଦିଏ । ଶ୍ରୀଶ୍ରୀଠାକୁର ତାକୁ ଏଇ କଳା-କେନ୍ଦ୍ରର ଭାର ଅର୍ପଣ କରନ୍ତି । ସେ ଚିତ୍ରଶିଳ୍ପୀ ହିସାବରେ କାମ କରୁଥାଏ । କହିବା ବାହୁଲ୍ୟ, ଅନ୍ୟାନ୍ୟ କର୍ମୀମାନଙ୍କ ପରି ସତ୍ୟଚରଣର ସାଂସାରିକ ବ୍ୟୟ ଶ୍ରୀଶ୍ରୀଠାକୁର ହିଁ ବହନ କରୁଥିଲେ ।

ଶ୍ରୀଶ୍ରୀଠାକୁରଙ୍କର ବିଭିନ୍ନ ଅବସ୍ଥାର ଫଟୋ ଏବଂ ଚିତ୍ର ଏଇ କଳାକେନ୍ଦ୍ରରେ ତିଆରି ହୋଇ ଭାରତର ନାନା ପ୍ରଦେଶବାସୀ ଶିଷ୍ୟ ଓ ଭକ୍ତଗଣଙ୍କୁ ବିକ୍ରୟ କରାହେଉଥିଲା । ଏହାଦ୍ୱାରା ଏଇ ବିଭାଗର ପ୍ରତିବର୍ଷ ବହୁ ଟଙ୍କା ଉପାର୍ଜନ ହେଉଥିଲା । ଶିଷ୍ୟ ଓ ଭକ୍ତଗଣଙ୍କ ଭିତରେ କେହି କେହି ବହୁ ଟଙ୍କା ଖର୍ଚ୍ଚ କରି ଶ୍ରୀଶ୍ରୀଠାକୁରଙ୍କର ଅଏଲ୍-ପେଣ୍ଟିଂ ତିଆରି କରେଇ ନେଉଥିଲେ । ଏଇସବୁ ଚିତ୍ର ଓ ଫଟୋ ବିକ୍ରିର ଅର୍ଥ ଉକ୍ତ ଚିତ୍ରକର ସତ୍ୟଚରଣ ଘୋଷ ପାଖରେ ରହୁଥିଲା । ଅଧିକ ଟଙ୍କା ତା' ହାତକୁ ଆସିବାରୁ ତା' ମନରେ ଦୁରଭିସନ୍ଧି ଦେଖା ଦେଲା ଏବଂ କିପରି ଏଇ ଟଙ୍କା ଆତ୍ମସାତ୍ କରିବ ସେଇ ଉପାୟ ଚିନ୍ତା କରିବାକୁ ଲାଗିଲା । ଅନ୍ୟାନ୍ୟ ସବୁ କର୍ମୀ ମନେ କରୁଥିଲେ— ସତ୍ୟଚରଣ ମଧ୍ୟ ସେମାନଙ୍କ ପରି ଦରଦଭରା ପ୍ରାଣରେ କଳା-କେନ୍ଦ୍ର ଗଢ଼ିତୋଳୁଛି । କିନ୍ତୁ କାଳକ୍ରମେ ପ୍ରକାଶ ପାଇଲା— ସତ୍ୟଚରଣ 'ସତ୍‌ସଙ୍ଗ କଳାକେନ୍ଦ୍ର' ନାମ ପରିବର୍ତ୍ତେ 'ଅମରାପୁରୀ କଳା-ନିଳୟ' ନାମ ଦେଇ 'କ୍ୟାସ୍-ମେମୋ' ଛପେଇ ବିକ୍ରି କରୁଛି । ଏ କଥା ତାକୁ ପଚାରିବାରୁ ସେ ନିଃସଙ୍କୋଚରେ କହିବସିଲା— କଳା-କେନ୍ଦ୍ରର ସମସ୍ତ ଛବି, ଫଟୋ, ସୂଚୀଶିଳ୍ପ ଯାହା ଅଛି ସେସବୁ ମୋର ନିଜସ୍ୱ । ଏଥିରେ ସତ୍‌ସଙ୍ଗର କୌଣସି ଦାବି ନାହିଁ ।

ସେ 'କଳା-କେନ୍ଦ୍ର'କୁ ଖାଲି ତା' ନିଜର ବୋଲି କହି କ୍ଷାନ୍ତ ହେଲା ନାହିଁ— ବିପକ୍ଷ ଗ୍ରାମବାସୀଙ୍କ ଦଳରେ ଯୋଗ ଦେଇ ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ ନାନା ମିଥ୍ୟା କୁତ୍ସା ରଟନା କରିବାକୁ ଲାଗିଲା ଏବଂ ସତ୍‌ସଙ୍ଗ କର୍ତ୍ତୃପକ୍ଷଙ୍କ ବିରୋଧରେ ଫୌଜଦାରୀ ଓ ଦେୱାନୀ ମାମଲା ରୁଜୁ କରିଦେଲା ଏବଂ ଓକିଲର ପରାମର୍ଶରେ ସତ୍‌ସଙ୍ଗ କଳା କେନ୍ଦ୍ରରେ ହିଁ ବାସ କରିବାକୁ ଲାଗିଲା । କିନ୍ତୁ ସତ୍ୟଚରଣ ସତ୍‌ସଙ୍ଗ ବିରୋଧରେ ଯେଉଁସବୁ ମାମଲା ରୁଜୁ କରିଥିଲା— ନିମ୍ନ ଓ ଉଚ୍ଚ ଅଦାଲତର ବିଚାରରେ ସେ ସମସ୍ତ ମିଥ୍ୟା ବୋଲି ପ୍ରମାଣିତ ହୁଏ ଏବଂ ତା ବିରୋଧରେ ବହୁ ଟଙ୍କା ସତ୍‌ସଙ୍ଗର ପ୍ରାପ୍ୟ ବୋଲି ଡିଗ୍ରୀ ହୁଏ ।

ଅବସ୍ଥା ଏହିପରି ହେବାରୁ ସତ୍ୟଚରଣ ସ୍ତ୍ରୀ-ପୁତ୍ର ନେଇ ସତ୍‌ସଙ୍ଗରୁ ଚାଲିଯିବାକୁ ବାଧ୍ୟ ହୁଏ । ଏହିପରି ବିଶ୍ୱାସଘାତକତା, ଶ୍ରୀଶ୍ରୀଠାକୁରଙ୍କ ନାମରେ ନିନ୍ଦା,

Scanned with CamScanner

କୁଷ୍ଠା ପ୍ରସ୍ୱର ଓ ବହୁଅର୍ଥ ନଷ୍ଟ କରି ସତ୍ୟଚରଣ ଯେଉଁ କ୍ଷତିସାଧନ କଲା ତାହା ଅବର୍ଣ୍ଣନୀୟ, ତଥାପି ଏତାଦୃଶ ଅନ୍ୟାୟକାରୀ ଯେତେବେଳେ ଆଶ୍ରମରୁ ବିଦାୟ ନିଏ, ସେତେବେଳେ ତା'ପାଇଁ କାତର ହୋଇ ଶ୍ରୀଶ୍ରୀଠାକୁର ସତ୍ୟଚରଣକୁ ଛାତିରେ କୁଣ୍ଢେଇ ଧରି ଅଶ୍ରୁ ବିସର୍ଜନ କରି କହିଲେ— "ଆରେ ମୋର ମାଣିକ, ଆରେ ମୋର ଆଦରର ଦୁଲାଳ, ଆରେ ନୟନପିତୁଳି, ତୁ ମୋତେ ଛାଡ଼ି କୁଆଡ଼େ ଯିବୁ!" ସେ ଏକ ହୃଦୟବିଦାରକ ଦୃଶ୍ୟ! କିନ୍ତୁ ବିଶ୍ୱାସଘାତକ ସତ୍ୟଚରଣ ତାଙ୍କର କରୁଣ ଆବେଦନ ଅଗ୍ରାହ୍ୟ କରି ସବୁଦିନପାଇଁ ବିଦାୟ ନେଲା । ବିଶ୍ୱାସଘାତକ, ଅତିଶୟ ଅନ୍ୟାୟକାରୀ ପ୍ରତି ଏଭଳି ମମତ୍ୱବୋଧ ନିତାନ୍ତ ଆପଣାର ଜନ ମନେକରି ଏପରି ଅଶ୍ରୁ ବିସର୍ଜନ ଏକମାତ୍ର ଠାକୁରଙ୍କ ପାଖରେ ହିଁ ସମ୍ଭବ !

ଏଘଟଣାର କିଛିଦିନ ପରେ ଗ୍ରାମର ବିରୁଦ୍ଧ ପକ୍ଷର ଲୋକଙ୍କ ସାହାଯ୍ୟରେ ମହାରାଜ ଅନନ୍ତନାଥ ରାୟଙ୍କର ପୁତୁରା ଶ୍ରୀଭୋଲାନାଥ ରାୟ ଅନନ୍ତ-ମହାରାଜଙ୍କ ବେନାମୀରେ କିଣାଯାଇଥିବା ସତ୍‌ସଙ୍ଗର ଯାବତୀୟ ସମ୍ପତ୍ତିର ଦାବି କରି ମାମଲା ରୁଜୁ କରେ ଏବଂ ଗୁଣ୍ଡା ପ୍ରକୃତିର ଲୋକଙ୍କୁ ଦେଇ ଜମିର ଫସଲ କାଟି ନେଇଯାଏ ଓ କେଉଁ କେଉଁ ସ୍ଥାନରେ ରାତାରାତି ଘର ବି ତିଆରି କରିପକାଏ । ... ଚାଷୀମାନଙ୍କୁ 'ସତ୍‌ସଙ୍ଗ ବ୍ୟାଙ୍କ'ରୁ ଖୁବ୍ ଅଳ୍ପ ସୁଧରେ ଟଙ୍କା କରଜ ଦିଆ ହେଉଥାଏ; ସେଥିଯୋଗୁଁ ଯେଉଁସବୁ ଜମିଦାର ପକ୍ଷର ସ୍ୱାର୍ଥରେ ଆଘାତ ଲାଗେ— ସେମାନେ ମଧ୍ୟ ଏଇ ଭୋଳା ରାୟର ଦଳରେ ଯୋଗ ଦିଅନ୍ତି । ଏହିଭାବେ ବେଶ୍ ଗୋଟାଏ ବଡ଼ ଦଳ ଗଠିତ ହୋଇଯାଏ ସତ୍‌ସଙ୍ଗ ବିରୋଧରେ ।

ଏଇ ଶତ୍ରୁପକ୍ଷର ଅତର୍କିତ ଆକ୍ରମଣରେ ନିହତ ହେଲା— 'ଜ୍ଞାନ' ନାମରେ ସତ୍‌ସଙ୍ଗ ତପୋବନର ଗୋଟିଏ ନିରୀହ ଛାତ୍ର,— ପ୍ରକାଶ୍ୟ ହାଟରେ ନିହତ ହେଲା ଜଣେ ସତ୍‌ସଙ୍ଗର ବିଶିଷ୍ଟ କର୍ମୀ, ଶ୍ରୀହରେନ୍ଦ୍ର ଭଦ୍ର । କିନ୍ତୁ ପରିତାପର ବିଷୟ ପ୍ରକାଶ୍ୟ ହାଟରେ ହରେନ୍ଦ୍ର ଭଦ୍ର ନିହତ ହେଲେ ମଧ୍ୟ— ଗ୍ରାମବାସୀ କେହି ହେଲେ ଆଗେଇ ଆସିଲେ ନାହିଁ ଏଇ ଅନ୍ୟାୟ ହତ୍ୟାର ବିରୋଧରେ ପ୍ରତିବାଦ କରିବାକୁ ବା ସାକ୍ଷ୍ୟ ଦେବାକୁ ।

ଦୀର୍ଘଦିନ ଯାଏ ମକଦ୍ଦମା ଚାଲିବାକୁ ଲାଗିଲା । ଏଇ ମକଦ୍ଦମା ଚାଲିବା ସମୟରେ ହିମାଇତପୁରରୁ ପାବନା କୋର୍ଟ ଯିବାର ରାସ୍ତାରେ କର୍ମୀଗଣ ବରାବର ନିର୍ଯ୍ୟାତିତ ହେବାକୁ ଲାଗିଲେ ।

ଏଇ ସମୟରେ ଶ୍ରୀପ୍ରସନ୍ନକୁମାର ଦତ୍ତ ଥିଲେ ସତ୍‌ସଙ୍ଗର ଯୁଗ୍ମ-ସମ୍ପାଦକ । ସେ ବର୍ମା-ଗଭର୍ଣ୍ଣମେଣ୍ଟର ଉଚ୍ଚ ରାଜକର୍ମଚାରୀ ଥିଲେ । ଶ୍ରୀଶ୍ରୀଠାକୁରଙ୍କ ପାଖରେ ସେ ସ୍ୱପ୍ନରେ ଦୀକ୍ଷା ପ୍ରାପ୍ତ ହୁଅନ୍ତି । ଚାକିରିରୁ ଅବସର ଗ୍ରହଣ କରି ସେ କର୍ମୀ ହିସାବରେ ସତ୍‌ସଙ୍ଗରେ ଯୋଗଦାନ କରନ୍ତି ଏବଂ ସତ୍‌ସଙ୍ଗ କାମରେ ମନ ପ୍ରାଣ ଢାଳିଦିଅନ୍ତି । ସେ

ଶ୍ରୀଦୁର୍ଗାଚରଣ ସରକାର, ଶ୍ରୀହରେନ୍ଦ୍ର ଭଦ୍ର ପ୍ରଭୃତି ଏଇ ସମୟରେ ଶତ୍ରୁପକ୍ଷର ବିରୁଦ୍ଧତା, ଆକ୍ରମଣକୁ ଖାତିର ନ କରି ବିପଦସଙ୍କୁଳ ପାବନା ଯିବାର ରାସ୍ତା ଅତିକ୍ରମ କରି ମାମଲା ପରିଚାଳନା କରିବାକୁ ଯାଉଥିଲେ ।

ଭୋଳା ରାୟ ପକ୍ଷରୁ ଶ୍ରୀଶ୍ରୀଠାକୁରଙ୍କୁ ସାକ୍ଷୀ ହିସାବରେ ପାବନା କୋର୍ଟରେ ହାଜର ହେବାପାଇଁ ସମନ ଜାରି କରାହେଲା । ଭାରତର ବିଭିନ୍ନ ପ୍ରାନ୍ତରୁ ମାଜିଷ୍ଟ୍ରେଟ୍‌ଙ୍କର ଏଇ ଆଦେଶ ପ୍ରତ୍ୟାହାରପାଇଁ ବହୁ ଟେଲିଗ୍ରାମ୍ ଗଲା ଏବଂ କେନ୍ଦ୍ରୀୟ ଓ ପ୍ରାଦେଶିକ ସରକାରଙ୍କ ପାଖକୁ ମଧ୍ୟ ଟେଲିଗ୍ରାମ୍ ଗଲା । ପରିଶେଷରେ ଆଶ୍ରମରେ କମିଶନ କୋର୍ଟ ବସି ଶ୍ରୀଶ୍ରୀଠାକୁରଙ୍କର ସାକ୍ଷ୍ୟ ଗୃହୀତ ହୁଏ । ମାଜିଷ୍ଟ୍ରେଟ୍ ଆର୍.ଏନ. ମୁଖାର୍ଜୀ ଏଇ ସାକ୍ଷ୍ୟ ଗ୍ରହଣ କରନ୍ତି । ସେ ତାଙ୍କର ରାୟରେ ଶ୍ରୀଶ୍ରୀଠାକୁରଙ୍କୁ ଦୋଷାରୋପ କରି କେତୋଟି ଅନ୍ୟାୟ ମନ୍ତବ୍ୟ କରିଥିଲେ । ଏହା ବିରୋଧରେ ହାଇକୋର୍ଟକୁ ଯାଇ ଶ୍ରୀଯୁତ ଭୋଲାନାଥଦା (ସରକାର) ବାରିଷ୍ଟର 'ନୋର୍ଡ୍ ସାହେବଙ୍କଦ୍ୱାରା ମୋଶାନ କରେଇ ମାଜିଷ୍ଟ୍ରେଟ୍‌ଙ୍କର ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ ରାୟର ସେଇ ଉକ୍ତି expunge (ପ୍ରତ୍ୟାହାର) କରାଇବାକୁ ବାଧ୍ୟ କରନ୍ତି ।

ମହାରାଜଙ୍କର ସାମାନ୍ୟ ଅନବଧାନତାପାଇଁ ଶ୍ରୀଶ୍ରୀଠାକୁରଙ୍କର ଏବଂ ଆଶ୍ରମବାସୀମାନଙ୍କର ଦାରୁଣ ଦୁର୍ଭୋଗ! ଯେତେବେଳେ ଗୋଟିଏ ପରେ ଗୋଟିଏ ଜମିଜମା ଶ୍ରୀଶ୍ରୀଠାକୁରଙ୍କ ସଂଗୃହୀତ ଅର୍ଥରେ ଅନନ୍ତନାଥଙ୍କ ନାମରେ କିଣା ହେବାକୁ ଲାଗିଲା, ସେତେବେଳେ କାଉନସିଲ୍‌ର ସଭ୍ୟବୃନ୍ଦ ସମସ୍ତେ ତାଙ୍କୁ ଅନୁରୋଧ କରିଥିଲେ ଏଇସବୁ ସମ୍ପତ୍ତି ଶ୍ରୀଶ୍ରୀଠାକୁର ଅଥବା ସତ୍‌ସଙ୍ଗ ନାମରେ ହସ୍ତାନ୍ତର କରିଦେବାକୁ । ସେ 'ଦେଉଛି, ଦେବି' କରି ସମୟ ଗଡ଼େଇଲେ ଏବଂ ତତ୍‌ସହିତ ନିଜଘରେ ଭ୍ରାତୁଷ୍ପୁତ୍ର ଭୋଲାନାଥ ରାୟପାଇଁ ପକ୍କାଘର ତୋଳିବାକୁ ଲାଗିଲେ; ଏ ଘଟଣାରେ ତାଙ୍କର ନିର୍ମଳ ଚରିତ୍ର ଉପରେ ଅନେକଙ୍କର ସନ୍ଦେହ ଆସିଗଲା ।

ସେତେବେଳେ ଅର୍ଦ୍ଧୋଦୟ ଯୋଗ ଉପସ୍ଥିତ— ମହାରାଜ ଅନନ୍ତନାଥ ଅର୍ଦ୍ଧୋଦୟ ଯୋଗରେ ଗଙ୍ଗାସ୍ନାନ କରିବାପାଇଁ କଲିକତା ଯିବାକୁ ବ୍ୟସ୍ତ ହେଲେ । ଶ୍ରୀଶ୍ରୀଠାକୁର କଲିକତା ଯିବାକୁ ପୁନଃ ପୁନଃ ନିଷେଧ କରି ତାଙ୍କୁ କ୍ଷାନ୍ତ କଲେ । ତା'ର କିଛିଦିନ ପରେ ମହାରାଜ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— 'ତେବେ ରଂପୁର, ଢାକା ପ୍ରଭୃତି ଅଞ୍ଚଳ ବୁଲିଆସେଁ । ସେଠାକାର ସତ୍‌ସଙ୍ଗୀମାନେ ମୋତେ ଯିବାପାଇଁ ବାରମ୍ବାର ଲେଖୁଛନ୍ତି— ଏହା' କହି ସାଙ୍ଗରେ କେତେଜଣ କର୍ମୀଙ୍କୁ ନେଇ ଆଶ୍ରମରୁ ବାହାରିଗଲେ ।

ନିୟତିର ଅମୋଘ ଆକର୍ଷଣରେ, ସେ ରଂପୁରରୁ ଅର୍ଦ୍ଧୋଦୟ ସ୍ନାନ ଉପଲକ୍ଷେ କଲିକତା ଚାଲିଆସିଲେ— ଶ୍ରୀଶ୍ରୀଠାକୁରଙ୍କୁ ନ ଜଣାଇ । କଲିକତା ଯାଇ ହିଁ ସେ ଭୟଙ୍କର ବସନ୍ତରୋଗରେ ଆକ୍ରାନ୍ତ ହୁଅନ୍ତି ଏବଂ ସେଇ ରୋଗ ନେଇ ହିଁ ଆଶ୍ରମକୁ ଫେରିଆସନ୍ତି । କିଛିଦିନ ରୋଗ ଭୋଗିବା ପରେ, ୧୯୩୬ ମସିହା ଫେବୃୟାରୀ ୧୨ ତାରିଖ ଦିନ

ସେ ଇହଲୋକ ତ୍ୟାଗ କରି ଚାଲିଯାଆନ୍ତି। ତେଣୁ ଆଉ ଜମିଜମା ଶ୍ରୀଶ୍ରୀଠାକୁରଙ୍କ ନାମରେ ହସ୍ତାନ୍ତର କରିବାର ଇଚ୍ଛା ଥିଲେ ବି ଅବସର ପାଇଁ ନାହାନ୍ତି।

ଶ୍ରୀଶ୍ରୀଠାକୁରଙ୍କର ଦୈହିକ ସ୍ୱାସ୍ଥ୍ୟ ଏପର୍ଯ୍ୟନ୍ତ ମୋଟାମୋଟି ଭଲ ହିଁ ଥିଲା, ଭୋଳା ରାୟର ମକଦମା ଓ ଗ୍ରାମବାସୀମାନଙ୍କର ଆଶ୍ରମସ୍ଥ କର୍ମୀମାନଙ୍କ ଉପରେ ଅକଥ୍ୟ ଅନ୍ୟାୟ ଅତ୍ୟାଚାର ହେତୁ ଦୁଶ୍ଚିନ୍ତାରେ ତାଙ୍କର ରକ୍ତ-ଚାପ ରୋଗ ଦେଖାଦିଏ। ସେଇ ସମୟରୁ ଏପର୍ଯ୍ୟନ୍ତ ସେ ଏଇ ରୋଗରେ କଷ୍ଟ ପାଉଛନ୍ତି।

ଏଇ ରୋଗ ହେବା ପରେ ଦିନେ ଖଡମପାଦରେ ଚାଲୁ ଚାଲୁ ହଠାତ୍ ଗୋଡ଼ ମକଚି ହେଇଯାଏ ଓ ସେହି ମକଚା ଜାଗାଟି ଫୁଲିଉଠେ। କ୍ରମେ ତାହା ଦୁଷ୍ଟ କ୍ଷତରେ ପରିଣତ ହୁଏ ଓ ସେଇ ସ୍ଥାନରୁ ପୂଜ ନିର୍ଗତ ହୁଏ। ପାବନା ଓ କୁଷ୍ଟିୟାର ପ୍ରସିଦ୍ଧ ଡାକ୍ତରମାନଙ୍କର ଚିକିତ୍ସାରେ କୌଣସି ଫଳ ହେଲା ନାହିଁ। ସେତେବେଳେ ଆଶ୍ରମର କର୍ମପ୍ରତିଷ୍ଠାନସମୂହର କାର୍ଯ୍ୟ ପୂର୍ଣ୍ଣ ଉଦ୍ୟମରେ ଚାଲିଛି। ଶ୍ରୀଶ୍ରୀଠାକୁର ସେ ଅବସ୍ଥାରେ ଟ୍ରଲିରେ ବସି ବୁଲି ବୁଲି କାମ ଦେଖୁଥା'ନ୍ତି। ସ୍ଥାନୀୟ ଚିକିତ୍ସକମାନଙ୍କଦ୍ୱାରା କ୍ଷତ ଜାଗା ଭଲ ନ ହେବାରୁ ସେମାନେ ପରାମର୍ଶ ଦେଲେ କଲିକତା ନେଇଯିବାପାଇଁ। ସେଠାକାର ପ୍ରସିଦ୍ଧ ଏଲୋପ୍ୟାଥମାନେ ଦେଖି କହିଲେ, ଅସ୍ତ୍ରୋପଚାର କରିବାକୁ ହେବ ଏବଂ ଦରକାର ହେଲେ ପାଦ କଟା ହେବାକୁ ବି ପଡ଼ିପାରେ। ସେମାନଙ୍କର ଏଇ କଥା ଶୁଣି ତତ୍କାଳୀନ ପ୍ରସିଦ୍ଧ ହୋମିଓପ୍ୟାଥ୍ ଡାକ୍ତର ଇଉନ୍ୟାନ ସାହେବଙ୍କୁ ଅଣା ହେଲା। ତାଙ୍କ ଚିକିତ୍ସାରେ ପାଦର ଫୁଲା ଏବଂ ବ୍ୟଥା ଅନେକ କମିଗଲା ସତ, କିନ୍ତୁ ଅଳ୍ପ ଅଳ୍ପ ପୂଜ ପଡ଼ିବାକୁ ଲାଗିଲା। ସେଇ ଅବସ୍ଥାରେ ତାଙ୍କୁ ଆଶ୍ରମକୁ ଫେରେଇ ଅଣାହେଲା। ସେ ମଧ୍ୟ ଆଶ୍ରମ ଫେରିଆସିବାପାଇଁ ଖୁବ୍ ବ୍ୟସ୍ତ ହୋଇଉଠିଥିଲେ।

ଆଶ୍ରମକୁ ଫେରି ଜନନୀ ମନୋମୋହିନୀ ଜଣେ ପ୍ରସିଦ୍ଧ ତାନ୍ତ୍ରିକ ସାଧକଙ୍କୁ ଡାକି ଶ୍ରୀଶ୍ରୀଠାକୁରଙ୍କର ମଙ୍ଗଳପାଇଁ ଯାଗଯଜ୍ଞ ଅନୁଷ୍ଠାନ କରନ୍ତି। ଶତ୍ରୁପକ୍ଷମାନେ ରଟନା କରିଦେଲେ ଯେ ଆଶ୍ରମରେ ନରବଳି ସହ ତାନ୍ତ୍ରିକ ଯାଗଯଜ୍ଞର ଅନୁଷ୍ଠାନ ହେଉଛି— ତାହା ଶୁଣି ପାବନାର ପୁଲିସ୍ କର୍ମଚାରୀମାନେ ଅନୁସନ୍ଧାନ କରିବାକୁ ଆସିଲେ ଏବଂ ନରବଳିର ସମ୍ବାଦ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜାଣି ଆଶ୍ରମବାସୀଙ୍କ ପାଖରେ କ୍ଷମା ମାଗି ଚାଲିଗଲେ।

ଦୁଇ ବର୍ଷରୁ ଅଧିକ କାଳ ଶ୍ରୀଶ୍ରୀଠାକୁର କଷ୍ଟଭୋଗ କରିବା ପରେ ଦିନେ କ୍ଷତସ୍ଥାନ ନିଜେ ଚିପୁ ଚିପୁ ହଠାତ୍ ଖଣ୍ଡେ ହାଡ଼ର ଟୁକୁରା ବାହାରିଆସିଲା। ତା'ପରେ ସେ ସମ୍ପୂର୍ଣ୍ଣ ଭଲ ହୋଇଗଲେ।

ଏଇ ସମୟରେ ଆଶ୍ରମ ଏବଂ ଶ୍ରୀଶ୍ରୀଠାକୁରଙ୍କ ବିରୋଧରେ ଗ୍ରାମବାସୀ ଓ ପାବନାବାସୀ ସମସ୍ତେ ଏକଜୁଟ ହୋଇ ଏତେ କୁତ୍ସା, ନିନ୍ଦା ଓ ଅପପ୍ରଚାର କରୁଥାନ୍ତି ଯେ, ସମସ୍ତଙ୍କ ମନରେ ଏଇ ବିଶ୍ୱାସ ହେଇଗଲା ଯେ, ଆଶ୍ରମ ଗୋଟିଏ ଅତି କଦର୍ଯ୍ୟ ସ୍ଥାନ।

କିନ୍ତୁ କି ଆଶ୍ଚର୍ଯ୍ୟ— ଶ୍ରୀଶ୍ରୀଠାକୁର ଏଇସବୁ ନିନ୍ଦା, ଗ୍ଳାନି, ଅଖ୍ୟାତି ଓ ଅକଥ୍ୟ ଅତ୍ୟାଚାର କିଛି ଖାତିର ନ କରି, ହିନ୍ଦୁ, ମୁସଲ୍‌ମାନ ନିର୍ବିଶେଷରେ, ଅର୍ଥ, ବାକ୍ ଓ ବାସ୍ତବ କର୍ମରେ ଗ୍ରାମବାସୀମାନଙ୍କୁ ସାହାଯ୍ୟ କରିବାକୁ ଲାଗିଲେ ଏବଂ ଆଶ୍ରମ ସଂଗଠନ କାର୍ଯ୍ୟରେ ପ୍ରବଳ ଉତ୍ସାହରେ ବ୍ରତୀ ହେଲେ।

ନିନ୍ଦା ଓ କୁତ୍ସା ଏତେଦୂର ପ୍ରସାରଲାଭ କରିଥିଲା ଯାହା ସେଇ ସମୟରେ ଆଶ୍ରମର ଉତ୍ସବ ଉପଲକ୍ଷେ ସୁଲେଖିକା ଶ୍ରୀମତୀ ଅନୁରୂପା ଦେବୀଙ୍କୁ ଆମନ୍ତ୍ରଣ ଜଣେଇବାକୁ ଯାଇ ଜାଣିପାରେ। ସେ ସତ୍‌ସଙ୍ଗ ଆଶ୍ରମରୁ ଆସିଛି ବୋଲି ଶୁଣିବା ମାତ୍ରେ କହିଉଠିଲେ— "ଏଇ ଆଶ୍ରମ କ'ଣ ଭଦ୍ରଲୋକର ସ୍ଥାନ? ଏହାର କୁତ୍ସା, ନିନ୍ଦା ଶୁଣି କାନ ବଧିରା ହୋଇଯାଉଛି— ଆପଣ ସେଇ ଆଶ୍ରମରେ ରହନ୍ତି ?"

ମୁଁ କହିଲି— "ହଁ, ମୁଁ ସେଇ ଆଶ୍ରମରେ ସପରିବାରେ ବାସ କରେ ଏବଂ ମୁଁ ସେଠାକାର ଜଣେ କର୍ମକର୍ତ୍ତା ମଧ୍ୟ ଅବଶ୍ୟ। ଆପଣ ତ ନିନ୍ଦା ଅନେକ ଶୁଣିଛନ୍ତି, ତାହା ଆପଣଙ୍କ କଥାରୁ ବୁଝିଲି। କିନ୍ତୁ ଆମ କଥା ବି ତ ଆପଣଙ୍କର ଶୁଣିବା ଉଚିତ! ମୁଁ ଆପଣଙ୍କ ପାଖକୁ ଆସିଛି ଏଇଥିପାଇଁ ଯେ, ଆପଣ ଜଣେ ପ୍ରସିଦ୍ଧ ଲେଖିକା, ସମସ୍ତେ ଆପଣଙ୍କୁ ଜାଣନ୍ତି। ଆପଣ ନିଜେ ଯାଇ, ସେଠାରେ ସବୁ ଦେଖି, ସେଇ ଆଶ୍ରମ ସମ୍ବନ୍ଧରେ ଯଥାଯଥ ବିବରଣ ସାଧାରଣରେ ପ୍ରକାଶ କରନ୍ତୁ। ଏହା ଯଦି ଏତେ କଦର୍ଯ୍ୟ ସ୍ଥାନ ହୋଇଥାଏ, ଦେଶର ଲୋକ କେହି ଯେପରି ତା'ର ଫାନ୍ଦରେ ନ ପଡ଼ନ୍ତି ସେ ବିଷୟରେ ସାବଧାନ କରିଦେଲେ ବି ତ ଦେଶର ଉପକାର ସାଧିତ ହେବ !"

ଏ କଥାର ଉତ୍ତରରେ ସେ କହିଲେ— "ଆପଣଙ୍କର କଥା ମାନିନେଲି, ଆପଣ ଯେତେବେଳେ ଏପରି ଦୃଢ଼ଭାବରେ କହୁଛନ୍ତି ସେତେବେଳେ ମୁଁ ଆପଣଙ୍କ ଆଶ୍ରମକୁ

Scanned with CamScanner

ଯାଇ ନିଜ ଆଖିରେ ସବୁ ଦେଖି ଆସିବି । ଦେଖି ଆସି, 'ପ୍ରବାସୀ' ସମ୍ପାଦକ ରାମାନନ୍ଦବାବୁଙ୍କୁ ବି ଜଣାଇଦେବି । କାରଣ ତାଙ୍କ ସାଥିରେ ବି ଏ ବିଷୟରେ କଥାବାର୍ତ୍ତା ହୋଇଛି ।''

ଅତଃପର ଉତ୍ସବ ଉପଲକ୍ଷେ ଆଶ୍ରମ ଆସି ଶ୍ରୀଯୁକ୍ତା ଅନୁରୂପା ଦେବୀ ଏହିପରି ମନ୍ତବ୍ୟ ଲେଖିଯାଆନ୍ତି—

''ସତ୍‌ସଙ୍ଗ ଆଶ୍ରମ ବିରୋଧରେ ଗୁରୁତର ଅଭିଯୋଗ ଶୁଣି ମନ ଆଦୌ ଏହାର ସ୍ୱପକ୍ଷରେ ନ ଥିଲା, କିନ୍ତୁ ସତ କଥା କହିବାକୁ ଗଲେ, ଅନ୍ୟତ୍ର ଏପ୍ରକାର ଅନ୍ୟାୟ ବିରୋଧରେ ଯେପରି ମନୋଭାବ ହୁଏ ଏ କ୍ଷେତ୍ରରେ କାହିଁକି ଯେ ସେପରି ହୋଇ ନାହିଁ ତାହାହିଁ ଏକ ବିସ୍ମୟର ବିଷୟ! ମନେହୁଏ, ଦୋଷାରୋପଟା ଏତେ ହିଁ ଅଦ୍ଭୁତଭାବର ଯେ, ସେଥିରେ କୌଣସି ସ୍ଥିରମସ୍ତିଷ୍କ ଲୋକ ପୂର୍ଣ୍ଣବିଶ୍ୱାସ ସ୍ଥାପନ କରିପାରେ ନାହିଁ । ତା'ପରେ ମନେ ହେଲା ଖୁନୀ ଆସାମୀର ମଧ୍ୟ ଯେତେବେଳେ ସ୍ୱପକ୍ଷ ସମର୍ଥନର ଅଧିକାର ଅଛି, ସେତେବେଳେ ଏମାନେ ଯାହା କହିବାକୁ ଚାହାନ୍ତି, ତାହା କହିବାକୁ ଏମାନଙ୍କୁ ସୁଯୋଗ ଦେବା ଯୁକ୍ତିଯୁକ୍ତ; ନିଜେ ହିଁ ଯାଇ ସତ୍ୟାନୁସନ୍ଧାନ କରିବି । ଯାହା ହେଉ, ଏଠିକି ଆସି ଏପରି ତୃପ୍ତ ଓ ନିଶ୍ଚିନ୍ତ ହୋଇଛି, ଏପରି ଆନନ୍ଦ ଲାଭ କରିଛି ଏବଂ ତା'ସହିତ ମୋ' ଦେଶର ଲୋକମାନଙ୍କର (ଅନ୍ୟ ଗୋଟିଏ ଦଳର) ଏଇ ହୀନ ଈର୍ଷାପ୍ରସୂତ ସଂକୀର୍ଣ୍ଣତାର ପରିଚୟ ପାଇ ଏପିର ମର୍ମାହତ ହୋଇଛି ଯେ ତାହା ବର୍ଣ୍ଣନା କରିପାରିବି ନାହିଁ ।''

କାବ୍ୟ ଓ ଅଳଙ୍କାର-ଶାସ୍ତ୍ରରେ ସୁପଣ୍ଡିତ ଓ କଲିକତା ସଂସ୍କୃତ କଲେଜର ଅଧ୍ୟାପକ ରାଜେନ୍ଦ୍ରନାଥ ବିଦ୍ୟାଭୂଷଣ ମହାଶୟ ପରେ ଆମନ୍ତ୍ରିତ ହୋଇ ଆସି ଏହିପରି ମନ୍ତବ୍ୟ ଲେଖିଯା'ନ୍ତି—

''ସତ୍ସଙ୍ଗ-ଆଶ୍ରମ ଦେଖି ମୁଁ ବଡ଼ ଆନନ୍ଦ ଲାଭ କଲି, ଏପରି ଆଶ୍ରମ ଦେଶରେ ଯେତେ ବୃଦ୍ଧି ପାଏ— ସେତେ ହିଁ ମଙ୍ଗଳ । ପାବନାରେ ବହୁ ଭଦ୍ରଲୋକଙ୍କ ସହ ଏଇ ବିଷୟରେ ଆଲୋଚନା ହୋଇଛି, କିନ୍ତୁ ଅନେକଙ୍କ ମୁହଁରୁ ଏଇ ଆଶ୍ରମ ବିରୋଧରେ ନିନ୍ଦାବାଦ ଶୁଣିଛି । ବାସ୍ତବିକ ମୁଁ ନିଜ ଆଖିରେ ଏହାର କାର୍ଯ୍ୟ ଦର୍ଶନ କରି ମୋର ଯେଉଁ ଧାରଣା ପାବନା ଆସି ହୋଇଥିଲା— ତାହା ବିଲୁପ୍ତ ହେଲା । ଏହାକୁ 'ସତ୍‌ସଙ୍ଗ ଆଶ୍ରମ' ନାଁ ନ ଦେଇ ଯଦି ଋଷି ଆଶ୍ରମ' ନାଁ ଦିଆହୋଇଥାଆନ୍ତା, ତେବେ ଯେପରି ଆହୁରି ଭଲ ମନେକରିଥାନ୍ତି । ଏଇ ଆଦର୍ଶରେ ସ୍ଥାନେ ସ୍ଥାନେ ଆଉ ମଧ୍ୟ କେତୋଟି ଆଶ୍ରମ ହେଲେ ଦେଶର କଲ୍ୟାଣ ହେବ । ଅନେକ ଉଚ୍ଚଶିକ୍ଷିତ ଲୋକ ଏହାର ଉନ୍ନତିକଳ୍ପେ ଏଠାରେ ବାସ କରୁଛନ୍ତି । ଏମାନେ ଅନେକେ ହିଁ ସପରିବାରେ ବାସ କରୁଛନ୍ତି ।

''ପାବନା ଆସି ଆଉ ଗୋଟିଏ କଥା ଶୁଣିଥିଲି ଯେ ମହାତ୍ମା ଅନୁକୂଳଠାକୁର ଅନେକଙ୍କୁ ସମ୍ମୋହନ ବିଦ୍ୟାରେ ବଶୀଭୂତ କରି ସର୍ବସ୍ୱାନ୍ତ କରନ୍ତି । ମୋତେ ବି ସେଇପରି କରିବେ ବୋଲି ସେମାନେ ମୋତେ ଭୟ ଦେଖାନ୍ତି । କିନ୍ତୁ ଠାକୁରଙ୍କୁ ଦେଖି ସେପରି ମନେହେଲା ନାହିଁ, ବରଂ ମୁଁ ଖୁସୀ ହିଁ ହୋଇଛି । ତାଙ୍କର ସାଧାରଣ ପରିଧେୟ ବସ୍ତ୍ର

ଦେଖି ଆନନ୍ଦ ହେଲି, ଯଦି ତାଙ୍କୁ ଗେରୁଆ ବସ୍ତ୍ରରେ ଶୋଭିତ ଦେଖିଥା'ନ୍ତି ତେବେ ବୋଧହୁଏ ମୋର ଅନ୍ୟ ଧାରଣା ହୋଇଥା'ନ୍ତା । ଭିକ୍ଷାଦ୍ୱାରା ସେ ପ୍ରତିଷ୍ଠାନଟିର ଉନ୍ନତି କରିଛନ୍ତି । ଆଶା କରେ ପୁନରାୟ ଆସି ଏହାର ଆହୁରି ଉନ୍ନତି ଦେଖିବି ।

''ମୁଁ ଏତେ ମୁଗ୍ଧ ହୋଇଛି ଯେ, ମୋର ଗୋଟିଏ ପୁଅକୁ ଏଇ ଆଶ୍ରମରେ ଶିକ୍ଷା ଦେବାପାଇଁ ପଠାଇବି ବୋଲି ମନସ୍ଥ କରିଛି । ଏଠାରେ ବିଳାସିତା ବା ଆଡ଼ମ୍ବର ଭାବ ପର୍ଯ୍ୟନ୍ତ ନାହିଁ । ଏଠି ଯେଉଁମାନେ ଅଛନ୍ତି, ସେମାନଙ୍କର ବିଳାସ ଚିହ୍ନମାତ୍ର ବି ଦେଖିଲି ନାହିଁ । ସ୍ଥାନୀୟ ପାବନାର ଲୋକମାନେ ଅନେକେ ହିଁ କାହିଁକି ଯେ ଏଇ ଆଶ୍ରମର ବିରୁଦ୍ଧଭାବ ପ୍ରକାଶ କରନ୍ତି, ତାହା ବୁଝିପାରିଲି ନାହିଁ । ତେବେ ଏହା ହିଂସାବୁଦ୍ଧି ଛଡ଼ା ଆଉ କ'ଣ ହୋଇପାରେ? ଯେଉଁମାନେ ପାବନା ଆସି ଏଇ ଆଶ୍ରମର ବିରୁଦ୍ଧ କଥା ଶୁଣିବେ, ସେମାନେ ଆଶ୍ରମଟିକୁ ସ୍ୱଚକ୍ଷୁରେ ଦେଖି ନିଜର ସଂଶୟ ମୋଚନ କରି ପାରିବେ ।''

ଏହାର କିଛିଦିନ ପରେ, ୧୯୩୯ ମସିହା ଜୁଲାଇ ୩୦ ତାରିଖରେ, ''ପଥେର ପାଁଚାଲୀ''ର ଲେଖକ, ସୁସାହିତ୍ୟିକ ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟ ଆଶ୍ରମ ଆସନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କ ସହିତ ଆଲୋଚନାରେ ଅନୁପ୍ରାଣିତ ହୋଇ ଦୀକ୍ଷା ନେବାକୁ ମନସ୍ଥ କରନ୍ତି । ସେଦିନ ସମୟାଭାବରୁ ତାହା ହୋଇପାରିଲା ନାହିଁ, ସେ ପୁଣି ଶୀଘ୍ର ଆସିବେ ବୋଲି କହି ଚାଲିଗଲେ ।

ସେ ଦିନକପାଇଁ ପାବନା ଆସନ୍ତି ଗୋଟିଏ ଉତ୍ସବରେ ସଭାପତିତ୍ୱ କରିବାପାଇଁ ଆଉ ସେଇ ସ୍ୱଳ୍ପ ପରିସର ସମୟରେ ଆଶ୍ରମ ଆସି ବୁଲିଯା'ନ୍ତି । ଦ୍ୱିତୀୟ ମହାଯୁଦ୍ଧ ଓ ତତ୍‌ପରବର୍ତ୍ତୀ ଅଶାନ୍ତ ଆବହାଓ୍ୱାରେ ସେ ଆଉ ଆସି ପାରନ୍ତି ନାହିଁ । ଶ୍ରୀଶ୍ରୀଠାକୁର ଦେଓଘର ଆସିବା ପରେ ଅନେକ ଜ୍ଞାନୀଗୁଣୀ ଲୋକ ଯେତେବେଳେ ଆସିବାକୁ ଲାଗିଲେ ସେତେବେଳେ ସେ ଆଉ ମର୍ତ୍ତ୍ୟଜଗତରେ ନାହାନ୍ତି ।

ଗ୍ରାମବାସୀମାନଙ୍କର ଆଶ୍ରମ ବିରୋଧରେ ବିରୋଧାଚରଣର କଥା ପୂର୍ବରୁ କୁହା ହୋଇଛି । ଏଇ ବିରୋଧାଚରଣ ଆହୁରି ପ୍ରବଳ ଆକାର ଧାରଣ କରେ— ଯେତେବେଳେ ଆଶ୍ରମର କର୍ମପ୍ରତିଷ୍ଠାନସମୂହର ବିସ୍ତାରପାଇଁ ଜମି ଦରକାର ପଡ଼େ । ଗ୍ରାମବାସୀମାନେ ଆଶ୍ରମ କର୍ତ୍ତୃପକ୍ଷଙ୍କର ବିଶେଷ ଅନୁରୋଧ ସତ୍ତ୍ୱେ ଆଶ୍ରମର ଆଖପାଖରେ ଥିବା ପତିତ ଓ ଜଙ୍ଗଲାକୀର୍ଣ୍ଣ ଜମି, ନ୍ୟାଯ୍ୟ ମୂଲ୍ୟ ଅପେକ୍ଷା ବେଶୀ ମୂଲ୍ୟ ଦେଲେ ବି ଦେବାକୁ ଅସ୍ୱୀକାର କରନ୍ତି । ଆଶ୍ରମ କର୍ତ୍ତୃପକ୍ଷ ବାଧ୍ୟ ହୋଇ ଅବଶେଷରେ ଗଭର୍ଣ୍ଣମେଣ୍ଟର ଭୂମି ଅଧିକାର ଆଇନ (Land Acquisition Act) ଅନୁସାରେ ସଂଗ୍ରହ କରିବାପାଇଁ ଦରଖାସ୍ତ କରନ୍ତି ।

ଜିଲ୍ଲା-ମାଜିଷ୍ଟ୍ରେଟ୍ ସରଜମିନ ତଦନ୍ତ କରିବାକୁ ଆସି ଚାରିପାଖର ଜମି ଅବସ୍ଥା ନିଜେ ଦେଖି, ଗ୍ରାମବାସୀମାନଙ୍କର ବିଶେଷ କୌଣସି ଅସୁବିଧା ହେବ ନାହିଁ ବା ସେମାନଙ୍କୁ କାହାକୁ ଉତ୍‌ଖାତ (ଦୂରୀକୃତ) ହେବାକୁ ପଡ଼ିବ ନାହିଁ ବୋଲି ଅନୁଭବ କରି, ସତ୍‌ସଙ୍ଗ

Scanned with CamScanner

ଆଶ୍ରମ ସପକ୍ଷରେ ଏଇ ଜମି ଅଧିକାରର ଅନୁମୋଦନ କରି ଊର୍ଦ୍ଧ୍ୱତନ କର୍ତ୍ତୃପକ୍ଷଙ୍କ ନିକଟକୁ ସେଇ ଦରଖାସ୍ତ ପଠେଇଦେଲେ ।

ଗ୍ରାମବାସୀମାନେ ଯେତେବେଳେ ଜାଣିପାରିଲେ ଯେ, ମାଜିଷ୍ଟ୍ରେଟ୍-ସାହେବ ଆଶ୍ରମ କର୍ତ୍ତୃପକ୍ଷଙ୍କର ଦରଖାସ୍ତ ଅନୁମୋଦନ କରି ପଠେଇଛନ୍ତି ଏବଂ ଏଇ ଜମି ଅଧିଗ୍ରହଣର ପ୍ରତିବାଦରେ ସେମାନଙ୍କ ତରଫରୁ ଯେଉଁସବୁ ଦରଖାସ୍ତ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ସେମାନେ ପେଶ୍ କରିଥିଲେ ସେସବୁ ଅଗ୍ରାହ୍ୟ କରିଛନ୍ତି— ସେତେବେଳେ ସେମାନେ ମରିବେ ପଛେ ଛାଡ଼ିବେ ନାହିଁ— ଏହିପରି ଭାବ ନେଇ ପ୍ରବଳ ହିଂସାପରାୟଣ ହୋଇଉଠିଲେ ଏବଂ ଆଶ୍ରମ ବିରୋଧରେ ଲାଗିଗଲେ— ଆଶ୍ରମକୁ ସବୁପ୍ରକାରେ ବିପର୍ଯ୍ୟସ୍ତ କରିବାପାଇଁ । ଅବଶେଷରେ ଯେତେବେଳେ ସେମାନେ ଦେଖିଲେ, ସେମାନଙ୍କର ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ହେବାକୁ ଯାଉଛି ଏବଂ ରାଜସାହୀ ବିଭାଗର ତଦାନୀନ୍ତନ କମିସନର ମିଃ ରବଟର୍ସନ ଆଶ୍ରମର ଦରଖାସ୍ତ ଭଲଭାବରେ ଅନୁମୋଦନ କରି ଉପରକୁ ପଠେଇଛନ୍ତି, ସେତେବେଳେ ଗତ୍ୟନ୍ତର ନ ଦେଖି ନିରୁପାୟ ହୋଇ ସେମାନେ ଶ୍ରୀଶ୍ରୀଠାକୁରଙ୍କୁ ଆସି ଏଇ 'ଜମି ନ ନେବାପାଇଁ ଅନୁରୋଧ କଲେ । ଶ୍ରୀଶ୍ରୀଠାକୁର ଗ୍ରାମବାସୀମାନଙ୍କର ଏଇ ଦାବି, ଅନ୍ୟାୟ ଓ ଅସଙ୍ଗତ ବୋଲି ଜାଣି ମଧ୍ୟ ସେମାନଙ୍କର ମନୋବେଦନା ଦୂର କରିବାପାଇଁ ଏଇ land acquisition ସ୍ଥଗିତ ରଖିବାପାଇଁ ଆମକୁ କହିଲେ । ଆମେ ବାଧ୍ୟ ହୋଇ ଏହାକୁ ସ୍ଥଗିତ ରଖିଲୁ । ସେଥିରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ବିଭାଗୀୟ କମିସନର ଆମ ପ୍ରତି ଖୁବ୍ ଅସନ୍ତୁଷ୍ଟ ହୋଇଥିଲେ,— କାହିଁକି ଆମେ ସେମାନଙ୍କୁ ଏଥିପାଇଁ ଏତେ କଷ୍ଟ ଦେଲୁ— ଯଦି ଜମିଟା ଆମର ନବାର ନ ଥିଲା । କିନ୍ତୁ ଆମମାନଙ୍କର ତ କୌଣସି ଉପାୟାନ୍ତର ନ ଥିଲା— ଶ୍ରୀଶ୍ରୀଠାକୁରଙ୍କର କଥା ମାନିବାକୁ ହିଁ ପଡ଼ିବ ।

ଏଣେ କିନ୍ତୁ ଆଶ୍ରମର କର୍ମପ୍ରତିଷ୍ଠାନସମୂହର କାର୍ଯ୍ୟ ପୂର୍ଣ୍ଣ ଉଦ୍ୟମରେ ଚାଲିବାକୁ ଲାଗିଲା— ଶ୍ରୀଶ୍ରୀଠାକୁରଙ୍କର ଅନୁପ୍ରେରଣାରେ । ନୂଆ ନୂଆ ପ୍ରତିଷ୍ଠାନ ସ୍ଥାପିତ ହେବାକୁ ଲାଗିଲା । ଦେଶର ଆର୍ଥିକ ଦୁରାବସ୍ଥା ଓ ବେକାର ସମସ୍ୟା ଦୂର କରିବାପାଇଁ— ଶହ ଶହ ବେକାର ଯୁବକ ଯାହାଦ୍ୱାରା କାରିଗରୀ ଶିକ୍ଷାରେ ଶିକ୍ଷିତ ହୋଇ ସ୍ୱାବଲମ୍ବୀ ହୋଇ ପାରିବେ ଏଇ ଚିନ୍ତା କରି, ଗୋଟିଏ ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ୱାର୍କସପ୍ ସ୍ଥାପନର କଥା କହିଲେ । ଗୋଟିଏ ଛୋଟ ଚାଳଘରେ ମାତ୍ର ଗୋଟିଏ ହାମର ଓ ସାମାନ୍ୟ କେତୋଟି କମାରଶାଳର ଯନ୍ତ୍ରପାତି ନେଇ କାରଖାନାର କାମ ପ୍ରଥମେ ଆରମ୍ଭ ହେଲା । ସେତେବେଳେ କେହି ବି ଧାରଣା କରିପାରି ନ ଥିଲେ, ଏଇ ସାମାନ୍ୟ କାରଖାନା ପରେ ଗୋଟିଏ ବୃହଦାକାର କାରଖାନାରେ ପରିଣତ ହେବ ।

ପ୍ରାୟ ଜଙ୍ଗଲାକୀର୍ଣ୍ଣ ଦୁଇ ବିଘା ଜମି, କର୍ମୀଗଣ ନିଜହାତରେ ପରିଷ୍କାର କରି ଏଇ ବୃହତ କାରଖାନା ଘର ନିର୍ମାଣ କରିଥିଲେ । କାରଖାନାରେ ମେସିନ୍‌ର କଳକବ୍‌ଜା ଏବଂ ଗବେଷଣାର ଯନ୍ତ୍ରାଦି ନିର୍ମାଣପାଇଁ ଉପଯୁକ୍ତ ନାନାପ୍ରକାର ଆଧୁନିକ ଓ ଉନ୍ନତ

ଧରଣର ସାଜସରଞ୍ଜାମ ସଂଗ୍ରହ କରାହୁଏ । ଲେଦର କାମ, ଦାନ୍ତି କାଟିବା, ଛିଦ୍ର କରିବା କାମ, ପ୍ଲେନିଂ କାମ, ସବୁପ୍ରକାର ଢଳେଇକାମ, ଇଲେକ୍ଟ୍ରୋପ୍ଲେଟିଂ କାମ, ମଟରଗାଡ଼ିର ସବୁପ୍ରକାର କାମ, ବ୍ୟାଟେରି ତିଆରି କରିବା, ବ୍ୟାଟେରି ମରାମତି ଓ ଚାର୍ଜ କରିବା, ଆର୍ମେଚର୍ ୱାଇଣ୍ଡିଂ, ଡାଇନାମୋ ମରାମତି ପ୍ରଭୃତି କାମ ମଧ୍ୟ ଏଠାରେ ହେଉଥିଲା ।

ଏଇସବୁ ବହୁମୂଲ୍ୟ କାରଖାନର ଯନ୍ତ୍ରପାତି ତତ୍କାଳୀନ ପ୍ରସିଦ୍ଧ ବ୍ୟବସାୟୀ ପି.ଏନ. ଦତ୍ତ ଏଣ୍ଡ୍ କୋଃ ପାଖରୁ ଖରିଦ କରାହୁଏ । ଏଇ ପି.ଏନ୍. ଦତ୍ତ ସେତେବେଳେ ଅତି ଛୋଟ ଅବସ୍ଥାରୁ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପ୍ରଭୂତ ଉନ୍ନତି କରନ୍ତି ଏବଂ ତାଙ୍କ କାରଖାନା ଏଭଳି ବିରାଟ ରୂପ ଧାରଣ କରେ ଯେ, ତା'ର ଯନ୍ତ୍ରପାତିଗୁଡ଼ିକର ମୂଲ୍ୟ ଏକ କୋଟି ଟଙ୍କାରୁ ମଧ୍ୟ ଅଧିକ ହୁଏ । ସେ ଆଶ୍ରମର ସେବାମୁଖର କର୍ମପ୍ରତିଷ୍ଠାନର କଥା ଶୁଣି ସ୍ୱୟଂ ଆଶ୍ରମକୁ ଆସି ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ଖୁବ୍ ପ୍ରୀତ ହୁଅନ୍ତି । ଶ୍ରୀଶ୍ରୀଠାକୁର ତାଙ୍କୁ କୁହନ୍ତି— "ଆପଣ କାରଖାନା କାମରେ ଦକ୍ଷ ଓ ଅଭିଜ୍ଞ । ଆପଣ ଆମ କାରଖାନାକୁ ଏପରିଭାବେ ସଜେଇଦିଅନ୍ତୁ, ଯାହାଫଳରେ ଯେକୌଣସି କାମ ଏଠାରେ ହୋଇପାରେ । ଏପରିସବୁ ମେସିନ୍ ଦେବେ— ଯାହାଦ୍ୱାରା କୌଣସି କାମ ଅଟକିବ ନାହିଁ ।"

ସେ ସେହିପରିଭାବେ ସମସ୍ତ ମେସିନ୍ ଆମକୁ ଦେଇଥିଲେ । ତା'ଫଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେ ଏଇ କାରଖାନାରୁ ବିଭିନ୍ନ ପ୍ରକାର ଦ୍ରବ୍ୟାଦି ପ୍ରସ୍ତୁତ କରି ଗଭର୍ଣ୍ଣମେଣ୍ଟକୁ ସାହାଯ୍ୟ କରିଥିଲୁ ।

ଉକ୍ତ ପି.ଏନ. ଦତ୍ତଙ୍କ କାରଖାନାରେ ଆମର ଅକ୍ଳାନ୍ତକର୍ମୀ ଗୁରୁଭ୍ରାତା, ଶ୍ରୀଅଟଳବିହାରୀ ଦାସ କାମ କରୁଥିଲା । ଅଟଳ ହିଁ ପ୍ରଥମେ ଆସି ହାମର ଓ କମାରଶାଳାର ସାମାନ୍ୟ ଯନ୍ତ୍ର ନେଇ କାରକାନାର କାମ ଆରମ୍ଭ କରେ । ତା'ପରେ ତା'ର ଭାଇମାନେ ଏବଂ ଅନ୍ୟାନ୍ୟ କର୍ମୀ ଆସି ଏଇ କାମରେ ଯୋଗଦାନ କରନ୍ତି ।

ଏଇ କାରଖାନା ପାଖରେ ଦାରୁଶିଳ୍ପାଳୟ ପ୍ରତିଷ୍ଠିତ ହୁଏ । ସେଠାରେ ଯେଉଁସବୁ ସତ୍‌ସଙ୍ଗର କୋଠାଘର ତିଆରି ହେଉଥିଲା— ତା'ର କବାଟ ଝରକା, ଚେୟାର୍, ଟେବୁଲ୍, ବେଞ୍ଚ ଏବଂ ସତ୍‌ସଙ୍ଗ ଗବେଷଣାଗାରପାଇଁ ସୂକ୍ଷ୍ମ ଯନ୍ତ୍ରାଧାର ପ୍ରଭୃତି ତିଆରି ହେଉଥିଲା ।

ସେତେବେଳେ ପାବନା ସହର ଗେଞ୍ଜି-ଶିଳ୍ପର ଗୋଟିଏ ବିଶେଷ କେନ୍ଦ୍ରରୂପେ ଗଢ଼ିଉଠିଥିଲା, ସେଇ ଗେଞ୍ଜି ପ୍ୟାକ୍ କରିବାପାଇଁ ସେମାନଙ୍କର ବହୁ କାର୍ଡ଼ବୋର୍ଡ଼-ବାକ୍ସର ପ୍ରୟୋଜନ ହେଉଥିଲା । ସେମାନଙ୍କର ସେଇ ପ୍ରୟୋଜନ ମେଣ୍ଟେଇବାପାଇଁ କୁଟୀର-ଶିଳ୍ପ ହିସାବରେ ଆଶ୍ରମରେ କାର୍ଡ଼ବୋର୍ଡ଼-ବକ୍ସ ମ୍ୟାନୁଫ୍ୟାକ୍‌ଚରିଂ ବିଭାଗ ପ୍ରତିଷ୍ଠିତ ହୁଏ । ତା'ଛଡ଼ା ଷ୍ଟିମ୍-ଲଣ୍ଡ୍ରୀ, ବେକାରୀ ଇତ୍ୟାଦି ମଧ୍ୟ କୁଟୀର-ଶିଳ୍ପ ହିସାବରେ ସ୍ଥାପିତ ହୋଇଥିଲା ।

ଏଇ କାରଖାନା ସ୍ଥାପନ ଓ ବିଶ୍ୱବିଜ୍ଞାନ କେନ୍ଦ୍ର ନିର୍ମାଣ ପ୍ରସଙ୍ଗରେ ଆଜି ଆମର ଇଷ୍ଟପ୍ରାଣ ଗୁରୁଭ୍ରାତା, ମୁକ୍ତାଗାଛାର ଜମିଦାର ଯତୀନ୍ଦ୍ରନାରାୟଣ ଆଚାର୍ଯ୍ୟଚୌଧୁରୀଙ୍କ କଥା

ବିଶେଷ କରି ମନେ ପଡ଼େ। ସେ ଏଥିପାଇଁ ବିଭିନ୍ନ ସମୟରେ ମୋଟ ଚାଳିଶ ହଜାର ଟଙ୍କା ଦାନ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କର ଅନ୍ତିମ ପରିଣାମ କଥା ଭାବି ମଧ୍ୟ ମନ ଅଶ୍ରୁ-ଭାରାକ୍ରାନ୍ତ ହୋଇଉଠେ।

ଯେଉଁ ସମୟର କଥା କହୁଛି, ସେତେବେଳେ ଆଶ୍ରମର ସଂଗଠନମୂଳକ ଏଇସବୁ କାମ ଚାଲିଛି। ସେ କଲିକତାରୁ ଶିଲଂ-ମେଲ୍‌ରେ ସନ୍ଧ୍ୟା ସମୟରେ ଈଶ୍ୱରଦି ଷ୍ଟେସନକୁ ଆସି ଗୋଟିଏ ଟ୍ୟାକ୍ସି ଭଡ଼ା କରି ଆଶ୍ରମରେ ପହଞ୍ଚିଲେ। ଆଶ୍ରମରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— ଆସନ୍ତା କାଲି ମୟମନସିଂହରେ ମୋର ବିଶେଷ କାମ ଅଛି, ସୁତରାଂ ଆଜି ରାତିରେ ହିଁ ମୋତେ ଯିବାକୁ ହେବ। ସେଥିପାଇଁ ଟ୍ୟାକ୍ସି ଭଡ଼ା କରି ଆସିଛି। ଶ୍ରୀଶ୍ରୀଠାକୁର ତାଙ୍କର ଯିବାର ଆଗ୍ରହର ଆତିଶଯ୍ୟ ଦେଖି କହିଲେ— "ଆସିବା ମାତ୍ରେ ଯିବାକଥା କାହିଁକି? ଏଇମାତ୍ର ତ ଆସିଲେ, ଅନ୍ତତଃ ଗୋଟିଏ ଦିନ ରହିଯା'ନ୍ତୁ।"

ଯତୀନ୍ଦ୍ରନାରାୟଣ ଉତ୍ତର ଦେଲେ— "ନା ଠାକୁର, ସେକଥା କହିବେ ନାହିଁ। କାଲି ପହଞ୍ଚି ନ ପାରିଲେ ମୋର ବିଶେଷ କ୍ଷତି ହେଇଯିବ।"

ତା'ପରେ ଶ୍ରୀଶ୍ରୀଠାକୁରଙ୍କ ସହିତ ସେ ନାନା କଥା ଅଲୋଚନା କରିବାକୁ ଲାଗିଲେ। କ୍ରମଶଃ ରାତି ଅଧିକ ହେଇଗଲା, ଶ୍ରୀଶ୍ରୀଠାକୁର ତାଙ୍କୁ ଖାଇବାକୁ କହିଲେ। ସେ ଖିଆପିଆ କରି ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— "ତେବେ ଠାକୁର ମୁଁ ଏବେ ଯାଉଛି।"

ଶ୍ରୀଶ୍ରୀଠାକୁର ବାରମ୍ବାର ତାଙ୍କୁ ଯିବାକୁ ନିଷେଧ କଲେ— "ଟ୍ୟାକ୍ସି ଭଡ଼ା କରି ଆସିଛନ୍ତି ତ କ'ଣ ହେଲା, ଟ୍ୟାକ୍ସିର ଭଡ଼ା ଦେଇ ବିଦା କରିଦିଅନ୍ତୁ। ଅନ୍ତତଃ ଆଜି ରାତିପାଇଁ ଏଇଠି ରହିଯା'ନ୍ତୁ। ଭୋର ଚାରିଟା ସମୟରେ ଆଶ୍ରମର ଗାଡ଼ିରେ ଆପଣଙ୍କୁ ଈଶ୍ୱରଦି ପଠେଇଦେବି। ଗୋଟିଏ ରାତିପାଇଁ ରହିଗଲେ ଆପଣଙ୍କର ବିଶେଷ କୌଣସି ଅସୁବିଧା ହେବ ନାହିଁ।

କିନ୍ତୁ କେଜାଣି କାହିଁକି, ସେ ଯିବାକୁ ଜିଦି ଧରି ବସିଲେ। ପୂର୍ବେ କୌଣସିଦିନ ସେ ଏପରିଭାବେ ଶ୍ରୀଶ୍ରୀଠାକୁରଙ୍କ ନିଷେଧକୁ ଉପେକ୍ଷା କରିନାହାନ୍ତି। ସେ ଶ୍ରୀଶ୍ରୀଠାକୁରଙ୍କ କଥାର ଉତ୍ତରରେ କହିଲେ— "ମୋତେ ଏପରିଭାବେ ଆପଣ ନିଷେଧ କରିବେ ନାହିଁ, ମୋତେ ଯିବାକୁ ହେବ। ଆପଣ ନିଷେଧ କଲେ ମୋର ମନଟା ଅତିଶୟ ଖରାପ ହେଇଯିବ, ତେଣୁ ଆଉ ବାଧା ଦେବେ ନାହିଁ।"

ଯତୀନଦାଙ୍କର କଥା ଶୁଣି ଶ୍ରୀଶ୍ରୀଠାକୁର ଛଳଛଳ ଆଖିରେ ତାଙ୍କ ଆଡ଼କୁ ଚାହିଁ ରହିଲେ।

ଯତୀନଦା ଠାକୁରଙ୍କୁ ସେହିପରି ଅବସ୍ଥାରେ ପ୍ରଣାମ କରି ଟ୍ୟାକ୍ସିରେ ବସିଲେ। ଯତୀନଦା ଚାଲିଯିବାର ପରକ୍ଷଣରେ ଠାକୁର ଦୀର୍ଘନିଶ୍ୱାସ ଛାଡ଼ି କହିଲେ— "କ'ଣ କରିବି, କୌଣସିମତେ ଅଟକେଇ ପାରିଲି ନାହିଁ।"

ସେ ରାତିରେ ଠାକୁରଙ୍କର ନିଦ ହେଲା ନାହିଁ।

ରାତି ଅନୁମାନ ସାଢ଼େ ତିନିଟା ସମୟରେ ଈଶ୍ୱରଦିରୁ ପାବନା-ଗାମୀ ଗୋଟିଏ ମଟର ଆଶ୍ରମକୁ ଖବର ନେଇ ଆସିଲା ଯେ, ଯତୀନବାବୁଙ୍କର ଟ୍ୟାକ୍ସି ଈଶ୍ୱରଦିରୁ ପାଞ୍ଚ ମାଇଲ ଦୂରରେ ଗୋଟିଏ ଗଛ ସହିତ ଧକ୍କା ହୁଏ। ଯତୀନବାବୁଙ୍କର ଦେହଟା ଛିଟିକିଯାଇ ଗଛରେ ବାଜି ତାଙ୍କର ମୁଣ୍ଡ ଚୂନା ଚୂନା ହୋଇଯାଇଛି। ତାଙ୍କର ସହଯାତ୍ରୀ ଅନୁଚରମାନେ ସମସ୍ତେ ସୁସ୍ଥ ଦେହରେ ଅଛନ୍ତି। ଏଇ ସମ୍ବାଦ ଶୁଣି ଶ୍ରୀଶ୍ରୀଠାକୁର ଆର୍ତ୍ତନାଦ କରିଉଠିଲେ। କହିଲେ— "ମୋର କି ଦୁର୍ଭାଗ୍ୟ, ତାକୁ କୌଣସି ପ୍ରକାରେ ବାଗ ମନେଇ ପାରିଲି ନାହିଁ, ସେ ମୋ' କଥା ମୋଟେ ଶୁଣିଲା ନାହିଁ।"

ଯତୀନଦାଙ୍କର ହୃଦୟ ଅମାୟିକ ବ୍ୟବହାରରେ ଆଶ୍ରମର ସମସ୍ତେ ତାଙ୍କ ପ୍ରତି ଅନୁରକ୍ତ ଥିଲେ। ରନ୍ଧନ-ବିଦ୍ୟାରେ ସେ ଦ୍ରୌପଦୀ ପରି ପଟୁ ଥିଲେ, ଶ୍ରୀଶ୍ରୀଠାକୁରଙ୍କୁ ନୂଆ ନୂଆ ନାନାପ୍ରକାର ଖାଇବା ଜିନିଷ ତିଆରି କରି ଖୁଆଇବାକୁ ଭଲ ପାଉଥିଲେ ଏବଂ ଠାକୁର ମଧ୍ୟ ତାଙ୍କର ହାତରନ୍ଧା ଖାଇ ଖୁବ୍ ପରିତୃପ୍ତ ହେଉଥିଲେ। ପ୍ରକୃତରେ ତାଙ୍କ ପରି ରନ୍ଧନ ବିଦ୍ୟାବିଶାରଦ ମୋର ଦୀର୍ଘ ଜୀବନକାଳ ଭିତରେ ଆଉ ଦେଖିନି।

ଏଇ ସୁବୃହତ୍ କାରଖାନାର ପ୍ରୟୋଜନରେ ଗୋଟିଏ ପାୱାର୍-ହାଉସ୍ ପ୍ରତିଷ୍ଠିତ ହେଲା। ସେଥିରୁ ଅବଶ୍ୟ ଛାପାଖାନା, ଷ୍ଟିମ୍-ଲଣ୍ଡ୍ରୀ ଓ ଅନ୍ୟାନ୍ୟ କୁଟୀର-ଶିଳ୍ପ କାମ ଏବଂ ରାସ୍ତାର ଆଲୋକସଜ୍ଜାପାଇଁ ବିଦ୍ୟୁତ୍ ସରବରାହ ହେବାକୁ ଲାଗିଲା।

ଏଇ ପାୱାର୍-ହାଇସ୍‌ପାଇଁ ୪୫ ଅଶ୍ୱଶକ୍ତି ବିଶିଷ୍ଟ ଦୁଇଟି ଇଞ୍ଜିନ୍ ଗୋଟିଏ ମାରୱାଡ଼ିର ଫାର୍ମରୁ କିଣା ହୁଏ। ସେମାନଙ୍କୁ କେତେ ହଜାର ଟଙ୍କା ଅଗ୍ରିମ ଦିଆ ହୁଏ, ଏବଂ ସେମାନେ ଏଇ ସର୍ତ୍ତ ରଖନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଦିନ ଅପରାହ୍ଣ ପାଞ୍ଚଟା ମଧ୍ୟରେ ବାକୀ କେତେ ହଜାର ଟଙ୍କା ଦେଇ ନ ପାରିଲେ ପ୍ରଦତ୍ତ ଟଙ୍କା ବାଜ୍ୟାପ୍ତ ହେବ। ନିର୍ଦ୍ଦିଷ୍ଟ ଦିନରେ ବାକୀ ଟଙ୍କା ସଂଗ୍ରହ କରିବା କୌଣସିପ୍ରକାରେ ସମ୍ଭବ ହେଲାନାହିଁ। ମୁଁ ପ୍ରମାଦ ଗଣିଲି, ସେତେବେଳେ ଆଶ୍ରମର ଯେଉଁ ଦୀନ ଅବସ୍ଥା ସେଥିରେ ଏତେ ଟଙ୍କା ନଷ୍ଟ ହେଇଯିବାର ଚିନ୍ତାରେ ମନ ଉଦ୍‌କ୍ଷିପ୍ତ ହେଇଉଠିଲା।

ଶ୍ରୀଶ୍ରୀଠାକୁରଙ୍କ ନାମ କରିବାକୁ ଲାଗିଲି ଏବଂ ଭାବିବାକୁ ଲାଗିଲି— ଅନ୍ତତଃ ଅପରାହ୍ଣ ୪ଟା ମଧ୍ୟରେ କାହା ପାଖରୁ ଏ ଟଙ୍କା ସଂଗ୍ରହ କରି ୫ଟା ମଧ୍ୟରେ ଜମା ଦେବାକୁ ହେବ। ହଠାତ୍ ମୁଣ୍ଡରେ ଗୋଟାଏ ବୁଦ୍ଧି ଜୁଟିଲା, ଶ୍ରୀଶ୍ରୀଠାକୁରଙ୍କର ଅଶେଷ ଦୟାରେ। ଭାବିଲି— ଏଇ କେତେ ଘଣ୍ଟା ମଧ୍ୟରେ ଏଇ କେତେ ହଜାର ଟଙ୍କା ସଂଗ୍ରହ କରିବା ତ ଦେଖୁଛି ଏକପ୍ରକାର ଅସମ୍ଭବ, ତେଣୁ ଜଣେ ଧନୀ ସତ୍‌ସଙ୍ଗୀ ଘରକୁ ଯାଇ ଟଙ୍କାପାଇଁ ଦିନ ଦଶଟା ବେଳେ ଧାରଣା ଦେଲି।

ଯେତେ ସେମାନଙ୍କୁ ମିନତି କରି କହିଲି ଯେ, ଏଇ ବିପଦରୁ ମୋତେ ଉଦ୍ଧାର କରି ଦିଅନ୍ତୁ, ଆପଣଙ୍କର ଟଙ୍କା ମୁଁ ନିଶ୍ଚୟ ପରିଶୋଧ କରିଦେବି, ସେମାନେ ଆଉ ମୋ'

Scanned with CamScanner

କଥାରେ ବିଶ୍ୱାସ ସ୍ଥାପନ କରି ପାରିଲେ ନାହିଁ । ଅଥଚ ଚକ୍ଷୁଲଜ୍ଜାର ଖାତିରରେ ପୂରାପୂରି ନା ବି କହିପାରୁ ନାହାନ୍ତି, ନାନା ପ୍ରକାର ବାହାନା କରୁଛନ୍ତି । ମୁଁ ଅନ୍ୟ କୌଣସି ଉପାୟ ନ ଦେଖି ତାଙ୍କ ଦୁଆରମୁହଁରେ ଧାରଣା ଦେଇ ବସିଛି । ସେମାନେ ଖାଇବାପାଇଁ ବହୁ ଅନୁରୋଧ ଉପରୋଧ କରିବାକୁ ଲାଗିଲେ । ମୁଁ କହିଲି— "ଖାଇବା ଚିନ୍ତା ମୋ' ମୁଣ୍ଡରୁ ଖସିଯାଇଛି; ଏ କାମ ଶେଷ ନହେଲେ ମୁଁ କୌଣସିମତେ ଅନ୍ନଗ୍ରହଣ କରିପାରିବି ନାହିଁ । ଅବଶେଷରେ କେଜାଣେ ଶ୍ରୀଶ୍ରୀଠାକୁରଙ୍କୁ ଡାକି ଡାକି ସେମାନଙ୍କର କରୁଣା ହେଲା । ଦିନ ଗ୍ୱରିଟାବେଳେ ସେମାନେ ମୋର ଆବଶ୍ୟକତା ଅନୁଯାୟୀ ଛଅ-ହଜାର ଟଙ୍କା ଦେଇଦେଲେ, ମୁଁ ଠିକ୍ ଅପରାହ୍ଣ ୫ଟା ବେଳେ ସେଇ ଫାର୍ମରେ ଟଙ୍କା ଜମା ଦେଇ ରସିଦ୍ ନେଇଆସିଲି ଏବଂ ସେମାନଙ୍କୁ କହିଆସିଲି— ଶୀଘ୍ର ଯେପରି ଇଞ୍ଜିନ୍ ଓ ଡାଇନାମୋ ଦୁଇଟା ପଠା ହୁଏ ।

ଦୁଇମାସ ପରେ ଉକ୍ତ ଧନୀ ସତ୍‌ସଙ୍ଗୀଙ୍କ ପାଖରୁ ଉଧାର ଆଣିଥିବା ଛଅ ହଜାର ଟଙ୍କା ପରିଶୋଧ କରିବାକୁ ସମର୍ଥ ହୋଇଥିଲି । ଟଙ୍କାଟା ଫେରସ୍ତ ଦେଇ ସେମାନଙ୍କୁ କହିଆସିଥିଲି— "ବିପଦ ସମୟରେ ଆପଣମାନଙ୍କ ଦ୍ୱାରସ୍ଥ ହୋଇଥିଲି, ଆପଣମାନେ ଟଙ୍କା ଫେରସ୍ତ ପାଇବେ ନାହିଁ ବୋଲି ଭାବି ଦେବାକୁ କୁଣ୍ଠିତ ହୋଇଥିଲେ, ଆପଣମାନଙ୍କର କରଜ ଟଙ୍କା ପରିଶୋଧ କରିପାରିଥିବାରୁ ଆଜି ମୁଁ ଆନନ୍ଦିତ ।"

ମାଆମାନଙ୍କର ପ୍ରସବ ସମୟରେ ଗାଁ ଗଣ୍ଡାରେ ବହୁ ଶିଶୁଙ୍କର ଅକାଳମୃତ୍ୟୁ ହେଉଥିଲା ତାହା ଦେଖି ଶ୍ରୀଶ୍ରୀଠାକୁର, ଆଶ୍ରମ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମର ନାରୀ ଓ ଶିଶୁମାନଙ୍କର କଲ୍ୟାଣାର୍ଥେ, ଗୋଟିଏ ଧାତ୍ରୀ-ବିଦ୍ୟାଳୟ ପ୍ରତିଷ୍ଠା କରନ୍ତି । ଏଇ ଧାତ୍ରୀ-ବିଦ୍ୟାଳୟରେ ଆଶ୍ରମର ଅନେକ ମହିଳା ଧାତ୍ରୀବିଦ୍ୟାରେ ଶିକ୍ଷିତା ହୋଇ ଗାଁ ଓ ପାଖ ଗାଁର ନାରୀମାନଙ୍କର ପ୍ରସବ ସମୟରେ ଅଶେଷ ପ୍ରକାର ସାହାଯ୍ୟ କରୁଥାଆନ୍ତି ।

ବର୍ଷ ଶେଷରେ ଧାତ୍ରୀବିଦ୍ୟାର ପରୀକ୍ଷାରେ ଉତ୍ତୀର୍ଣ୍ଣ ମହିଳାମାନଙ୍କୁ ପଦକ ଓ ପୁରସ୍କାର ଦିଆ ହେଉଥିଲା । ଏଇ ପୁରସ୍କାର ବିତରଣ ସଭାରେ ବିଶିଷ୍ଟ ଓ ଅଭିଜ୍ଞ ଚିକିତ୍ସକଗଣ ସଭାପତି ଆସନ ଅଳଙ୍କୃତ କରୁଥିଲେ ।

ଥରେ ଏପରି ଏକ ସଭାରେ ମୁଁ ଡିରେକ୍ଟର୍ ଅଫ୍ ପବ୍ଲିକ୍ ହେଲ୍‌ଥ୍, ଡାଃ ବେଣ୍ଟଲୀ ସାହେବଙ୍କୁ ଆମନ୍ତ୍ରଣ ଜଣାଏ । ତାଙ୍କ ସହିତ ଏକା ଟ୍ରେନ୍‌ରେ ଈଶ୍ୱରଦି ଷ୍ଟେସନ୍‌କୁ ଆସି ସକାଳବେଳା ପହଞ୍ଚିଲି । ପହଞ୍ଚି ସାହେବଙ୍କୁ ପଗ୍ୱରିଲି— ସେ ଏଠି ପ୍ରାତରାଶ (breakfast) କରିବେ କି ନା ।

ସାହେବ କହିଲେ— "I have already taken my breakfast."

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି— "କି ବ୍ରେକ୍‌ଫାଷ୍ଟ ଗ୍ରହଣ କଲେ?"

ସେ କହିଲେ— "ଗଜାବୁଟ ଆଉ ଅଦା ମୁଁ ସାଙ୍ଗରେ ଆଣିଥିଲି ।"

ସେ ଆହୁରି କହିଲେ— "ତୁମ ଦେଶର ଲୋକଙ୍କର କି ଦୁର୍ବୁଦ୍ଧି ଦେଖ ତୁମମାନଙ୍କର ଯେଉଁସବୁ ଭଲ ପ୍ରଥା ଥିଲା ସେସବୁ ଛାଡ଼ିଦେଇ ତୁମେମାନେ ଆମମାନଙ୍କର

(ଇଂରେଜମାନଙ୍କର) ସବୁ ମନ୍ଦ ଅଭ୍ୟାସ ଗ୍ରହଣ କରିଛ— ଯେପରି ସକାଳେ ଉଠି ଖାଲି ପେଟରେ ଗ୍ୱ ଖାଇବା ପ୍ରଭୃତି ।"

ଏଇ ପ୍ରସଙ୍ଗରେ ବେଣ୍ଟଲୀ ସାହେବଙ୍କର ଗୋଟିଏ ମହାନୁଭବତାର କଥା ମନେ ପଡ଼େ । ଥରେ ଆଶ୍ରମ କାମ୍‌ରେ ବହୁ କାଠର ଆବଶ୍ୟକତା ପଡ଼େ ଏବଂ ଅନୁସନ୍ଧାନକରି ଜାଣିପାରେ ଯେ, ଇଷ୍ଟର୍ଣ୍ଣ ବେଙ୍ଗଲ ରେଲ୍‌ଓ୍ୱେ ଗୋଦାମରୁ ଶସ୍ତା ଦରରେ ସେଇ କାଠ ମିଳିପାରିବ— ଯଦି ରେଲ୍‌ଓ୍ୱେର ଏଜେଣ୍ଟ୍‌ସାହେବ ଅନୁମତି ଦିଅନ୍ତି ତେବେ ଯାଇ । ସେ କିପରି ମିଜାଜର ଲୋକ ତାହା ମୋର ଜଣା ନଥିଲା, ତେଣୁ ବେଣ୍ଟଲୀ-ସାହେବଙ୍କୁ ଯାଇ ଧରିଲି, ତାଙ୍କ ନାମରେ ଗୋଟିଏ ଚିଠି ଲେଖି ଦେବାକୁ, ଯେପରି ସେଇ ଚିଠି ନେଇ ମୁଁ ତାଙ୍କ ସହ ଦେଖା କରି ମୋର ପ୍ରୟୋଜନର କଥା ଜଣାଇପାରେ ।

ସବୁ ଶୁଣି ସାହେବ କହିଲେ— "ଖାଲି ଚିଠି ଦେଲେ ତୁମ କାମ ନ ବି ହୋଇପାରେ । ମୁଁ ଇଉନାଇଟେଡ୍ ସର୍ଭିସ୍ କ୍ଲବ୍‌ରେ ଯାଇ ତାଙ୍କ ସହିତ ଦେଖା କରିବି ଏବଂ କହି ତାଙ୍କୁ ରାଜୀ କରେଇ ଆସିବି । ତୁମେ ପରଦିନ ମୋ' ସହ ଦେଖା କର, ସେତେବେଳେ ତୁମକୁ ଚିଠି ଦେବି । ସେଇ ଚିଠି ନେଇ ଗଲେ ତୁମର କାମ ନିଶ୍ଚୟ ହେବ ।"

ନିର୍ଦ୍ଦିଷ୍ଟ ଦିନ ବେଣ୍ଟଲୀ ସାହେବଙ୍କୁ ଦେଖା କରିବାରୁ ସେ ଚିଠି ଲେଖିଦେଲେ ଏବଂ ମୋତେ ହସି କହିଲେ— "ମୁଁ ତାଙ୍କୁ କହିବୋଲି ରାଜୀ କରେଇ ଆସିଛି ଏବଂ ତାଙ୍କୁ ଜଣେଇଛି ଯେ, ମୁଁ ଆଶ୍ରମକୁ ନିଜେ ଯାଇଛି ଏବଂ ଏମାନଙ୍କର କାର୍ଯ୍ୟକ୍ରମ ଦେଖି ଖୁବ୍ ପ୍ରୀତିଲାଭ କରିଛି ।"

□□□

Scanned with CamScanner

ମାସିକ ପତ୍ରିକା

ଆଶ୍ରମର ବିଭିନ୍ନ ବିଭାଗ ସୁପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର କଲିକତାରେ ଅନୁରୂପ ପ୍ରତିଷ୍ଠାନ କରିବାପାଇଁ ଚେଷ୍ଟା କଲେ । ସେତେବେଳେ ଆଶ୍ରମ ପ୍ରେସ୍‌ରୁ 'ସତ୍‌ସଙ୍ଗୀ' ପତ୍ରିକା ନିୟମିତ ପ୍ରକାଶ ପାଉଛି । କଲିକତାରୁ ଯଦି ପତ୍ରିକା ପ୍ରକାଶ କରା ହୁଏ, ତା'ହେଲେ ସାଧାରଣ ଲୋକଙ୍କର ଆଗ୍ରହ ଅଧିକ ଉଦ୍ଦୀପ୍ତ ହେବ ଏବଂ ତା'ସହିତ ପ୍ରଚାର-କାର୍ଯ୍ୟ ମଧ୍ୟ ବଢ଼ିଯିବ— ଏପରି ଚିନ୍ତା କରି ଶ୍ରୀଶ୍ରୀଠାକୁର ସମସ୍ତଙ୍କୁ କଲିକତାରୁ ପ୍ରଥମେ ଗୋଟିଏ ସାପ୍ତାହିକ ପତ୍ରିକା ପ୍ରକାଶ କରି, ତା'ପରେ ତା'ର ପ୍ରଚାର ବୃଦ୍ଧି ହେଲେ ପରେ କ୍ରମେ ତାକୁ ଦୈନିକ ପତ୍ରିକାରେ ରୂପାନ୍ତରିତ କରିବା କଥା କୁହନ୍ତି । ଆହୁରି କୁହନ୍ତି— ପତ୍ରିକାରେ ସବୁପ୍ରକାର ପ୍ରବନ୍ଧ-ନିବନ୍ଧ ଆଦି ରହିବ ଏବଂ ତା'ସହ ସତ୍‌ସଙ୍ଗର ଭାବଧାରା ଏପରିଭାବେ, ଚଳେଇବାକୁ ହେବ, ଲୋକେ ଯାହାଦ୍ୱାରା ମନେ ନ କରନ୍ତି ଯେ, ଏହା କୌଣସି ଦଳୀୟ ପ୍ରତିଷ୍ଠାନର ପ୍ରଚାର-ପତ୍ର ।

ତାଙ୍କ କଥାରେ ଉଦ୍‌ବୁଦ୍ଧ ହୋଇ ଇଷ୍ଟପ୍ରାଣ ସତ୍‌ସଙ୍ଗୀ-ଭ୍ରାତା ମହମ୍ମଦ ଖଲିଲର ରହମାନ ଶ୍ରୀଶ୍ରୀଠାକୁରଙ୍କୁ କଥା ଦେଲେ ଯେ, କଲିକତାରେ ସେ ଗୋଟିଏ ପ୍ରେସ୍ କରିଦେବେ, କେବଳ ପତ୍ରିକା ପ୍ରକାଶପାଇଁ । ସେତେବେଳେ କଲିକତାର ଶାଖାକେନ୍ଦ୍ର ୨୨ନଂ ଘୋଷ୍ ଲେନ୍‌ରେ ଥିଲା । ଖଲିଲ୍‌ଭାଇ ଅର୍ଥ ସଂଗ୍ରହ କରି ତା'ରି ତଳ ମହଲାରେ ପ୍ରେସ୍‌ଟି ପ୍ରତିଷ୍ଠା କରନ୍ତି ।

ପ୍ରେସ୍ ପ୍ରତିଷ୍ଠିତ ହେବା ପରେ ଶ୍ରୀଶ୍ରୀଠାକୁର ମୋତେ ଉକ୍ତ ପ୍ରେସ୍ ଓ ପତ୍ରିକାର ଭାର ନେଇ କଲିକତା ଯିବାକୁ କହିଲେ । ମୁଁ ସେତେବେଳେ ତାଙ୍କୁ ସବିନୟେ ଜଣାଏ ଯେ,— କଲିକତାରେ ରହିବାକୁ ମୋତେ ମୋଟେ ଭଲ ଲାଗେ ନାହିଁ, ସେଠିକି ଗଲେ ପ୍ରାଣ ଯେପରି ଅସ୍ଥିର ହୋଇଉଠେ ଏବଂ ଭାବେ କେତେବେଳେ ଆଶ୍ରମ ଫେରିବି । ଆଉ କିଏ ଦାୟିତ୍ୱ ନେଇ କାର୍ଯ୍ୟକର୍ମ ଚଳେଇଲେ— ମୁଁ ମଝିରେ ମଝିରେ ଯାଇ ଦେଖି ଆସିଲି',— ଏପରି ହେଲେ ହିଁ ଭଲ ହୁଏ ।

ମୋ କଥା ଶୁଣି ଶ୍ରୀଶ୍ରୀଠାକୁର କିଛି ସମୟ ଗମ୍ଭୀର ହୋଇ ରହିଲେ । ପରେ କହିଲେ, "ଆପଣ ଯଦି ନ ଯାନ୍ତି, ତେବେ ମୋତେ ହିଁ କଲିକତା ଯାଇ ବସିବାକୁ ପଡ଼ିବ— ଆପଣ କ'ଣ ସେଇଆ ଚାହାନ୍ତି ?"

ମୁଁ କହିଲି— ଆପଣ ଏକଥା କହିଲେ ମୋର କଲିକତା ଯିବା ଛଡ଼ା ଗତ୍ୟନ୍ତର ଦେଖୁ ନାହିଁ ।

ମୋର ସମ୍ମତି ପାଇ ଶ୍ରୀଶ୍ରୀଠାକୁର ସନ୍ତୁଷ୍ଟ ହୋଇ କହିଲେ— କଲିକତା ଯାଇ ପ୍ରଥମେ ପ୍ରେସ୍‌ଟାକୁ ଠିକ୍‌ଭାବେ ଚାଲୁ କରି, ସାପ୍ତାହିକ ପତ୍ରିକା ପ୍ରକାଶର ବ୍ୟବସ୍ଥା ଯେତେ ଶୀଘ୍ର ହୁଏ କରିବେ ।

ପଚାରିଲି— ପତ୍ରିକାର ନାମ କ'ଣ ଦିଆହେବ?

ସେ କହିଲେ— 'ବିବର୍ଦ୍ଧନ' ଏଇ ନାମ ଦେଇ ପତ୍ରିକା ପ୍ରକାଶ କଲେ ହୁଏ ।

ସଙ୍ଗେ ସଙ୍ଗେ ଡାକ୍ତର ଯତୀନ ରାୟଙ୍କୁ ମୋ' ସହିତ ଦେଲେ ଏବଂ କହିଲେ— ଯତୀନ ରାୟ ପତ୍ରିକାର ସମ୍ପାଦକରୂପେ କାମ କରିବେ ।

ଡାଃ ଯତୀନ ରାୟ ସମ୍ପାଦକ କାମ କରିବାକୁ ହେବ ବୋଲି ଶୁଣି ଶ୍ରୀଶ୍ରୀଠାକୁରଙ୍କୁ କହିଲେ— ଠାକୁର, କେବେ ତ ଲେଖାଲେଖି କାମ କରିନି, କଲିକତାରୁ ପ୍ରକାଶିତ ପତ୍ରିକାର ସମ୍ପାଦନାର ଦାୟିତ୍ୱଭାର ନେଇ କାମ ଚଳେଇ ପାରିବି କି?

ଶ୍ରୀଶ୍ରୀଠାକୁର କହିଲେ— ହଁ, ତୁ ଚେଷ୍ଟା କଲେ ପାରିବୁ । ଏବେଠାରୁ ଲେଖିବାକୁ ଚେଷ୍ଟାକର । ଆଉ, ସୁଶୀଲଦା ତ ସାହାଯ୍ୟ କରିବେ, ଏତେ ଘାବଡ଼େଇ ଯାଉଛୁ କାହିଁକି?

ଶ୍ରୀଶ୍ରୀଠାକୁରଙ୍କର ଆଶୀର୍ବାଦ ମୁଣ୍ଡରେ ନେଇ ଆମେ ଦୁଇଜଣ କଲିକତା ଆସିଲୁ । ସେତେବେଳେ ଘୋଷ ଲେନ୍‌ର ଶାଖା-ସତ୍‌ସଙ୍ଗରେ ଶ୍ରୀଯୁକ୍ତ ଭୋଲାନାଥ ସରକାରଦା ରହୁଥିଲେ । ତାଙ୍କର ଓ ଖଲିଲଭାଇଙ୍କର ଆପ୍ରାଣ ଚେଷ୍ଟାରେ ପ୍ରେସ୍‌ଟି ଚାଲୁ ହେଲା । ତା'ପରେ ଶ୍ରୀରାଜେନ୍ଦ୍ର ମଜୁମଦାର ମଧ୍ୟ ଯାଇ କଲିକତାରେ ହାଜର ହେଲା ଏବଂ ପ୍ରେସ୍ ଓ ତା'ର କର୍ମୀମାନଙ୍କର ଖର୍ଚ୍ଚପତ୍ରାଦି ନିର୍ବାହ ପାଇଁ ବାହାରୁ ବିଭିନ୍ନ ପ୍ରକାର order ଆଣିବାକୁ ଲାଗିଲା ।

ସେତେବେଳେ ସାପ୍ତାହିକ ପତ୍ରିକା 'ବିବର୍ଦ୍ଧନ' ସେଇ ପ୍ରେସ୍‌ରୁ ନିୟମିତ ପ୍ରକାଶ ପାଇବାକୁ ଲାଗିଲା । ଆନନ୍ଦବାଜାର ପ୍ରେସ୍‌ରୁ ଯେଉଁସମୟରେ 'ଦେଶ' (ସାପ୍ତାହିକ) ପତ୍ରିକା ଆତ୍ମପ୍ରକାଶ କରେ ଠିକ୍ ସମସାମୟିକ କାଳରେ 'ବିବର୍ଦ୍ଧନ' ମଧ୍ୟ ପ୍ରକାଶିତ ହୁଏ ।

ଆମର 'ବିବର୍ଦ୍ଧନ' ଚାଲିବାର କିଛିଦିନ ପରେ ହିଁ ଆମେ ଉପଲବ୍‌ଧି କଲୁ, କେବଳ ଗ୍ରାହକମାନଙ୍କର ପ୍ରଦତ୍ତ ଚାନ୍ଦା ଉପରେ ନିର୍ଭର କରି ପତ୍ରିକା ଚଳେଇବା ଅସମ୍ଭବ, ବାହାରର ଅନେକ ବିଜ୍ଞାପନ ବି ସଂଗ୍ରହ କରିବାକୁ ହେବ । ତେଣୁ ମୁଁ ବିଜ୍ଞାପନ ସଂଗ୍ରହ କାମରେ ଲାଗିଗଲି । ବଡ଼ ବଡ଼ ସାହେବ-କମ୍ପାନୀ, ଦେଶୀ ଓ ବିଲାତୀ ଫାର୍ମସମୂହ ଓ ବିଜ୍ଞାପନଦାତା Advertising agentମାନଙ୍କ ପାଖକୁ ଯାଇ ବିଜ୍ଞାପନ ସଂଗ୍ରହ କରିବାକୁ ଲାଗିଲୁ । ଏଇପ୍ରକାର ଚେଷ୍ଟାରେ ପତ୍ରିକାଟିର ଖର୍ଚ୍ଚ ନିର୍ବାହର ଆଉ ଚିନ୍ତା ରହିଲା ନାହିଁ । ତା' ଛଡ଼ା କର୍ମାଧ୍ୟକ୍ଷ ଥିଲା ଶ୍ରୀରାଜେନ୍ଦ୍ରନାଥ ମଜୁମଦାର । ପତ୍ରିକାଟି ଯେମିତି ନିୟମିତଭାବେ

Scanned with CamScanner

ନିର୍ଦ୍ଦିଷ୍ଟ ଦିନରେ ପ୍ରକାଶିତ ହୁଏ ସେ ବିଷୟରେ ତା'ର ତୀକ୍ଷ୍ଣ ଦୃଷ୍ଟି ଥିଲା ଏବଂ ତା'ର ବହୁଳ ପ୍ରଚାରପାଇଁ ବି ସେ ଆପ୍ରାଣ ଚେଷ୍ଟା କରୁଥିଲା ।

ମଝିରେ ମଝିରେ ମୁଁ Imperial Library ଯାଇ ବିଭିନ୍ନ ପୁସ୍ତକ ଘାଣ୍ଟି ବିବିଧ ତଥ୍ୟ ସଂଗ୍ରହ କରି ଆଣି ଦେଇ ଯତୀନଦାଙ୍କୁ ସାହାଯ୍ୟ କରୁଥିଲି । ବିବିଧ ପତ୍ରପତ୍ରିକାରୁ ମଧ୍ୟ articles ଆଣି ଦେଉଥିଲି । ସେଥିରେ 'ବିବର୍ଦ୍ଧନ' ଖୁବ୍ ଜନପ୍ରିୟ ହୋଇଉଠେ ଏବଂ କଲିକତାର ବିଭିନ୍ନ ପତ୍ରିକା ମଧ୍ୟ 'ବିବର୍ଦ୍ଧନ'ରୁ ଅନେକ କିଛି ଉଦ୍ଧାର କରି ପ୍ରକାଶ କରୁଥାଏ ।

ସମ୍ପାଦକୀୟ ସ୍ତମ୍ଭରେ ଯତୀନଦା ଖୁବ୍ ଭଲଭାବରେ ଲେଖିବାକୁ ଅଭ୍ୟସ୍ତ ହୋଇଗଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେ ଅକସ୍ମାତ୍ ଦୁରାରୋଗ୍ୟ ମେନିଞ୍ଜାଇଟିସ୍ ରୋଗରେ ଆକ୍ରାନ୍ତ ହେଲେ । ଡାଃ ଶଶୀଭୂଷଣ ମିତ୍ର, ଡାଃ ପ୍ରଫୁଲ୍ଲ ସରକାର ପ୍ରଭୃତି ଯେଉଁମାନେ ତାଙ୍କୁ ଦେଖୁଥିଲେ ସେମାନେ କହିଲେ ଏଇ ରୋଗୀକୁ ଘରେ ରଖି ଚିକିତ୍ସା କରିବା କଷ୍ଟକର । ସେମାନଙ୍କ ମତ ଅନୁସାରେ ତାଙ୍କୁ ଆର୍.ଜି. କର ମେଡିକାଲ୍ ହାସପାତାଳକୁ ସ୍ଥାନାନ୍ତରିତ କରାହେଲା ଏବଂ ଦୁର୍ଭାଗ୍ୟକ୍ରମେ ସେଇଠି ତାଙ୍କର ମୃତ୍ୟୁ ହେଲା ।

ପ୍ରେସ୍ ଏବଂ ପତ୍ରିକା ବ୍ୟତୀତ ସେତେବେଳେ କଲିକତା ଶାଖା-କେନ୍ଦ୍ରରୁ motor repairing ବିଭାଗ ଏବଂ ବୈଦ୍ୟୁତିକ ବିଭାଗ ଖୋଲା ହେଲା । ବୈଦ୍ୟୁତିକ ବିଭାଗର ଭାର ଥିଲା ଶ୍ରୀଭୂଷଣ ମିତ୍ର ଓ ଶ୍ରୀ ଶ୍ୟାମାପ୍ରସନ୍ନ ଭଟ୍ଟାଚାର୍ଯ୍ୟଙ୍କ ଉପରେ । ମୋଟର ମରାମତି ବିଭାଗର ଭାର କଲିକତାର ସତ୍‌ସଙ୍ଗୀ ଶ୍ରୀରମେଶଚନ୍ଦ୍ର ଦତ୍ତଙ୍କ ଉପରେ ଥିଲା ।

ତା'ଛଡ଼ା ସତ୍‌ସଙ୍ଗ କେମିକାଲ୍ ୱାର୍କସ୍‌ର ପ୍ରସ୍ତୁତ ଔଷଧପତ୍ର କଲିକତାର ଡାକ୍ତରମାନଙ୍କ ମଧ୍ୟରେ ଯେପରି ପ୍ରଚାରିତ ହୁଏ ସେ ଚେଷ୍ଟା ମଧ୍ୟ ହେବାକୁ ଲାଗିଲା । କଲିକତାର ବିଭିନ୍ନ ଡିସ୍ପେନ୍‌ସାରୀରେ ସତ୍‌ସଙ୍ଗ କେମିକାଲ୍ ୱାର୍କ୍‌ସର ପ୍ରସ୍ତୁତ ବିବିଧ ଔଷଧପତ୍ର ସରବରାହ ହେବାକୁ ଲାଗିଲା, କଲିକତା କର୍ପୋରେସନ୍ ମଧ୍ୟ ବହୁ ଔଷଧ ନେଉଥିଲେ ସେମାନଙ୍କ ଡିସ୍ପେନ୍‌ସାରୀପାଇଁ ।... ଏଇ ବିଭାଗର ତତ୍ତ୍ୱାବଧାନ କରୁଥିଲେ ଶ୍ରୀସ୍ମରଜିତ୍ ଘୋଷ୍ ।

□□□

ଋତ୍ୱିକ୍-ସଂଘ

ଜୁଲାଇ ୧୯୩୭

ସତ୍‌ନାମ ପ୍ରଚାରର ପ୍ରଥମଯୁଗରେ ଜନନୀ ମନୋମୋହିନୀ ହିଁ ଦୀକ୍ଷା ଦେଉଥିଲେ; ଆଶ୍ରମରେ ଏବଂ କଲିକତାରେ ବହୁ ଲୋକ ତାଙ୍କ ପାଖରୁ ଦୀକ୍ଷା ନେଇ ଧନ୍ୟ ହୋଇଛନ୍ତି । ବାରିଷ୍ଟର ଚନ୍ଦ୍ରଶେଖର ସେନ୍, ବାରିଷ୍ଟର୍ ବି.ସି. ମିତ୍ରଙ୍କ ପତ୍ନୀ, ବାରିଷ୍ଟର ଜେ.ଏନ୍.ଦତ୍ତ ଓ ତାଙ୍କର ପତ୍ନୀ, ସୁଭାଷ ବୋସ୍‌ଙ୍କର ଜନକ-ଜନନୀ, ଦେଶବନ୍ଧୁ ଚିତ୍ତରଞ୍ଜନ ପ୍ରଭୃତି ଅନେକ ଦେଶମାନ୍ୟ ବ୍ୟକ୍ତିଙ୍କୁ ଜନନୀ ମନୋମୋହିନୀ ଦେବୀ ଦୀକ୍ଷା ଦେଇଥିଲେ ।

ଆଶ୍ରମରେ ଏବଂ କଲିକତାରେ କର୍ମପ୍ରତିଷ୍ଠାନ ଗଢ଼ିଉଠିବା ସଙ୍ଗେ ସଙ୍ଗେ କର୍ମୀ ଏବଂ ଅର୍ଥ ଏ ଦୁଇଟିର ଅଭାବ ବର୍ତ୍ତମାନ ବିଶେଷଭାବେ ଅନୁଭୂତ ହେବାକୁ ଲାଗିଲା । ସେ ସମୟରେ ଆଶ୍ରମ ଯାଇ ଦିନେ ଶ୍ରୀଶ୍ରୀଠାକୁରଙ୍କ ଚରଣରେ ନିବେଦନ କଲି— କର୍ମୀ ଏବଂ ଅର୍ଥ ସଂଗ୍ରହପାଇଁ ବ୍ୟାପକ ପ୍ରଚାର ଦରକାର, ତେଣୁ ପ୍ରଚାରକଙ୍କର ହିଁ ବର୍ତ୍ତମାନ ବିଶେଷ ପ୍ରୟୋଜନ ।

ମୋ କଥା ଶୁଣି ଶ୍ରୀଶ୍ରୀଠାକୁର କହିଲେ, ବହୁ ସନ୍ତାନର ପିତାର ବଡ଼ କଷ୍ଟ । ଶ୍ରୀଶ୍ରୀଠାକୁରଙ୍କର ଏଇ କଥା ଶୁଣି ସେତେବେଳେ ମୁଁ ବୁଝିଲି, ବୋଧହୁଏ ବର୍ତ୍ତମାନ ବି ବ୍ୟାପକଭାବେ ପ୍ରଚାରର ସମୟ ଆସିନି ।

ସେତେବେଳେ ସତ୍‌ସଙ୍ଗରେ ପ୍ରଚାରକ ଥିଲେ ମାତ୍ର ତିନିଜଣ,— ଗୋସାଇଁଦା, ଅନନ୍ତ-ମହାରାଜ ଓ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀ । ଗୋସାଇଁଦା ନଦୀୟା, ଯଶୋହର, କଲିକତା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ରାଜସାହୀ, ପାବନା ପ୍ରଭୃତି ସ୍ଥାନରେ ବୁଲାବୁଲି କରି ଦୀକ୍ଷା ପ୍ରସାର କରୁଥିଲେ । ଅନନ୍ତ ମହାରାଜ ସାଧାରଣତଃ ଶ୍ରୀଶ୍ରୀଠାକୁରଙ୍କ ସହ ଆଶ୍ରମରେ ହିଁ ରହୁଥିଲେ ଏବଂ କେହି ଦୀକ୍ଷା ନେବାକୁ ଆସିଲେ ଦୀକ୍ଷା ଦେଉଥିଲେ । ସେ ପୁଣି ସହଜରେ କାହାକୁ ଦୀକ୍ଷା ଦେବାକୁ ଚାହୁଁ ନଥିଲେ, ଅନେକ ପରୀକ୍ଷା ପରେ ତେବେ ଯାଇ ଦେଉଥିଲେ । ତା'ଛଡ଼ା, ମହାରାଜ ଅନ୍ୟକାର୍ଯ୍ୟ ଉପଲକ୍ଷେ କଲିକତା ବା ନିକଟବର୍ତ୍ତୀ କୌଣସି ଜିଲ୍ଲାକୁ ଗଲେ ସେଠାରେ ଦୀକ୍ଷା ଦେଉଥିଲେ, ଦୀକ୍ଷା ଦେବାପାଇଁ ବୁଲାବୁଲି କରିବାର ଅବସର ତାଙ୍କର ନଥିଲା । କାହିଁକିନା, ଶ୍ରୀଶ୍ରୀଠାକୁରଙ୍କର ପ୍ରୟୋଜନରେ ତାଙ୍କୁ ଶ୍ରୀଶ୍ରୀଠାକୁରଙ୍କ ସହିତ ହିଁ ଅଧିକାଂଶ ସମୟ କଟେଇବାକୁ ପଡୁଥିଲା ।

Scanned with CamScanner

ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶରେ ତ୍ରୈଲୋକ୍ୟଦା ହିଁ ପ୍ରଥମେ ବ୍ୟାପକ ପ୍ରଚାରର କାର୍ଯ୍ୟଭାର ଗ୍ରହଣ କରନ୍ତି । ସେ ଅବିଭକ୍ତ ବଙ୍ଗଳାର ସମସ୍ତ ଜିଲ୍ଲା, ଆସାମ ଓ ବ୍ରହ୍ମଦେଶ ପର୍ଯ୍ୟନ୍ତ ପରିଭ୍ରମଣ କରି ପ୍ରଚାରକାର୍ଯ୍ୟ ଚଳାନ୍ତି ଏବଂ ବହୁ ଲୋକଙ୍କୁ ସଦ୍‌ମନ୍ତ୍ରର ଦୀକ୍ଷିତ କରନ୍ତି ।

ଅନନ୍ତ ମହାରାଜଙ୍କର ତିରୋଧାନର କିଛିଦିନ ପରେ, ଶ୍ରୀଶ୍ରୀଠାକୁର ଆହୁରି ବ୍ୟାପକଭାବେ ପ୍ରଚାରର ପ୍ରୟୋଜନ ଅନୁଭବ କରି, ୧୯୩୭ ମସିହାର ମଝିଆମଝି ସମୟରେ 'ଋତ୍ୱିକ୍-ସଂଘ' ଗଠନ କଲେ । ଶ୍ରଦ୍ଧେୟ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ ଋତ୍ୱିଗାଚାର୍ଯ୍ୟ ପଦରେ ବ୍ରତ ହେଲେ ଏବଂ ଶ୍ୟାମାଚରଣ ମୁଖୋପାଧ୍ୟାୟ ଋତ୍ୱିଗାଚାର୍ଯ୍ୟ-ସଚିବ ପଦରେ ନିଯୁକ୍ତ ହେଲେ ।

ଏହା ସହିତ ଧ୍ୟାନର ନୂତନ ପଦ୍ଧତି, ଯଥା— 'ଚକ୍ରଫଟୋ' ଦେଖି ଧ୍ୟାନ ଏବଂ 'ଶବାସନ' ମଧ୍ୟ ପ୍ରଯୁକ୍ତ ହେଲା, ସାଧନାକୁ ସହଜତର କରିବାପାଇଁ;— ଶ୍ରୀଶ୍ରୀଠାକୁର ନିଜେହିଁ ଅନେକଙ୍କୁ ସେତେବେଳେ ଏଇ ନୂତନ ପଦ୍ଧତି ବତେଇ ଦେଉଥିଲେ । ଏହା ସହିତ 'ଇଷ୍ଟଭୃତି'ର ମଧ୍ୟ ପ୍ରବର୍ତ୍ତନ ହେଲା— ପ୍ରତ୍ୟହ ପ୍ରଭାତରେ ଉଠି ଇଷ୍ଟପୂଜା କରି ଇଷ୍ଟପୋଷଣାର୍ଥେ ସାମର୍ଥ୍ୟାନୁଯାୟୀ କିଛି ଭୋଗ ନିବେଦନ କରି ସଂସାରପାଇଁ କାମ କରିବାକୁ ହେବ ।

ଏଇ ଇଷ୍ଟଭୃତ-ପ୍ରଥା ପ୍ରଥମ ପ୍ରବର୍ତ୍ତନ ସମୟରେ ଅନେକେ ହିଁ ଆପତ୍ତି କରି କହିଥିଲେ— ଏହା ଲୋକଙ୍କ ଭିତରେ ପ୍ରଚଳନ କରିବା ସହଜ ହେବ ନାହିଁ । ସେତେବେଳେ ଶ୍ରୀଶ୍ରୀଠାକୁର ଋତ୍ୱିକ୍‌ମାନଙ୍କୁ କହିଲେ— ତୁମେମାନେ ନିଜେ ପ୍ରଥମେ ଏହା ଆନୁଷ୍ଠାନିକଭାବେ ପାଳନ କର ଏବଂ ପ୍ରଚାରକାର୍ଯ୍ୟରେ ଅଗ୍ରସର ହୁଅ । ଦେଖିବ, ଏହା ଗଣ-ମାନସରେ ସ୍ଥାୟୀ ଆସନ ଲାଭ କରିଛି ।

ଋତ୍ୱିକ୍-ସଂଘ ଗଠନ ଓ ଇଷ୍ଟଭୃତିର ପ୍ରବର୍ତ୍ତନ କରି ଦିନେ ଠାକୁର କହିଲେ— ମୋର ଯାହା କହିବା କଥା ତାହା ମୁଁ କହି ଶେଷ କରିଦେଲି, ଏହାପରେ ଯାହାକିଛି ସବୁ ଆପଣମାନଙ୍କର କରିବା ଉପରେ ହିଁ ନିର୍ଭର କରୁଛି ।... ଏହା ସହିତ ସେ 'ସ୍ୱସ୍ତ୍ୟୟନୀ' ବ୍ରତର ମଧ୍ୟ ବିଧାନ ଦେଇ ସମସ୍ତଙ୍କୁ ତାହା ପାଳନ କରିବାକୁ କହିଲେ ।

୧୯୩୭ ମସିହାର ମଝିଆମଝି ଶ୍ରୀଶ୍ରୀଠାକୁରଙ୍କର ଏଇ ଋତ୍ୱିକ୍-ସଂଘ ଗଠିତ ହେବା ପରେ, ଋତ୍ୱିକ୍‌ଗଣ ପରମ ଉତ୍ସାହରେ ବ୍ୟାପକ ପ୍ରଚାରରେ ଲାଗିଗଲେ, ସେଇ ସମୟରୁ ଶ୍ରୀଶ୍ରୀଠାକୁର ଏଇ ନିୟମ ବିଧିବଦ୍ଧ କରିଦିଅନ୍ତି— ପ୍ରତି ତିନିମାସ ଅନ୍ତରରେ ଋତ୍ୱିକ୍‌ଗଣ ଏକତ୍ରିତ ହୋଇ ସେମାନଙ୍କର ପ୍ରଚାରରେ ସୁବିଧା-ଅସୁବିଧା ବିଷୟରେ ଆଳାପ ଆଲୋଚନା କରିବେ ।

ସେଇ ନିୟମାନୁସାରେ ବର୍ଷରେ ଚାରିଥର ଋତ୍ୱିକ୍-ସମ୍ମେଳନ ଏଯାବତ୍ ଅନୁଷ୍ଠିତ ହୋଇଆସୁଛି । ପ୍ରଥମ ଅଧିବେଶନ ୧୯୩୮ ମସିହା ଜୁଲାଇ ମାସରେ ଅନୁଷ୍ଠିତ ହୁଏ ।

□□□

ମା'ଙ୍କର ମହାପ୍ରୟାଣ

୨୦ ମାର୍ଚ୍ଚ, ୧୯୩୮

୧୯୩୮ ମସିହାର ମାର୍ଚ୍ଚ ମାସରେ, ଶ୍ରୀଶ୍ରୀଠାକୁର ଥରେ କଲିକତା ଯିବାକୁ ମନସ୍ଥ କରନ୍ତି । ପ୍ରତିଥର ଶ୍ରୀଶ୍ରୀଠାକୁର ଅନ୍ୟତ୍ର ଯିବାକୁ ହେଲେ ମାତା ମନୋମୋହିନୀ ଦେବୀଙ୍କୁ ଆଗେ ପଠାନ୍ତି ବା ତାଙ୍କୁ ସାଙ୍ଗରେ ନେଇ ଯାଆନ୍ତି, ଏହାର ବ୍ୟତିକ୍ରମ ଏପର୍ଯ୍ୟନ୍ତ ଦେଖାଯାଇ ନଥିଲା । କିନ୍ତୁ ଶ୍ରୀଶ୍ରୀଠାକୁର ମା'ଙ୍କୁ କହିଲେ— ''ମା', ମୁଁ ମାତ୍ର କେଇଟା ଦିନପାଇଁ କଲିକତା ଯାଉଚି, ତୁ ଆଶ୍ରମରେ ରହି ଏମାନଙ୍କର ସବୁ ଦେଖାଶୁଣା କର ।''

ମା' ତାଙ୍କ ପାଖରୁ ଏଇ କଥା ଶୁଣି ଅତିଶୟ ଆଶ୍ଚର୍ଯ୍ୟ ହେଲେ । ମୋତେ ଆସି କହିଲେ— ''ଅନୁକୂଳ ଏପର୍ଯ୍ୟନ୍ତ ଯୋଉଠିକି ଯାଇଚି— ହୁଏତ ମୋତେ ଆଗେ ପଠେଇଚି, ନ ହେଲେ ସାଙ୍ଗରେ ନେଇ ଯାଇଚି । କିନ୍ତୁ ଏଥର ମୋତେ ଏଠାରେ ରଖି ଏକା କଲିକତା ଯିବାକୁ ଚାହୁଁଚି କାହିଁକି? ଏ ଘଟଣା ମୁଁ ତ କିଛି ବୁଝିପାରୁନି ।''

ନିର୍ଦ୍ଧାରିତ ଦିନ ଶ୍ରୀଶ୍ରୀଠାକୁର ଯିବାପାଇଁ ପ୍ରସ୍ତୁତ ହୋଇ ଗାଡ଼ିରେ ବସିଲେ, ମା' ମଧ୍ୟ ସଙ୍ଗେ ସଙ୍ଗେ ଆସି ଶ୍ରୀଶ୍ରୀଠାକୁରଙ୍କ ପାଖରେ ଗାଡ଼ିରେ ବସିଲେ ।

ମା'ଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଶ୍ରୀଶ୍ରୀଠାକୁର କହିଲେ— ''ଇଏ କ'ଣ! ତୋତେ ଯେ ଏତେ ବୁଝେଇ କହିଲି— ତୁ ମୋ' ସାଙ୍ଗରେ ଯାଆନା, ମୁଁ କେଇଟା ଦିନ ଭିତରେ ଫେରିଆସିବି । ତୁ ମୋର ସେ କଥା କାନରେ ନଦେଇ, ଗାଡ଼ିରେ ଆସି ବସିଲୁ?''

ମା' ଉତ୍ତର ଦେଲେ— ''ନାରେ ନା, ମୁଁ ତୋ ସାଙ୍ଗରେ କଲିକତା ଯାଉନି, ତୋତେ ଟ୍ରେନ୍‌ରେ ଉଠେଇଦେଇ ମୁଁ ପୁଣି ଗାଡ଼ିରେ ଫେରିଆସିବି ।''

ଶ୍ରୀଶ୍ରୀଠାକୁର କହିଲେ— ''ଦେଖିବି, ଷ୍ଟେସନକୁ ଯାଇ ଯେମିତି ପୁଣି ଏଇଭଳି ଟ୍ରେନ୍‌ରେ ଉଠି ନ ବସୁ ।''

ମା' କହିଲେ— ''ନାରେ ନା, ମୁଁ ତୋତେ ଉଠେଇଦେଇ ଷ୍ଟେସନରୁ ଫେରିଆସିବି ।'' ସେ ଶ୍ରୀଶ୍ରୀଠାକୁରଙ୍କୁ ଟ୍ରେନ୍‌ରେ ବସେଇଦେଇ ସେଇ ଗାଡ଼ିରେ ହିଁ ଆଶ୍ରମ ଫେରିଆସିଲେ ।

କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ବିନା ଆଶ୍ରମରେ ତାଙ୍କର ମନ ମୋଟେ ସୁସ୍ଥିର ରହିଲା ନାହିଁ, କେବଳ କହିବାକୁ ଲାଗିଲେ— ''ଅନୁକୂଳ ମୋତେ ଛାଡ଼ି କେମିତି ଏକୁଟିଆ ଗଲା

Scanned with CamScanner

ସେଇକଥା ଭାବୁଚି ।'

ଯେତେଦୂର ମନେ ଅଛି— ଶ୍ରୀଶ୍ରୀଠାକୁର ବୋଧହୁଏ ସୋମବାରଦିନ ବାହାରିଗଲେ । ମା' କୌଣସିପ୍ରକାରେ ଗୁରୁବାର ପର୍ଯ୍ୟନ୍ତ ରହିଲେ, ଶୁକ୍ରବାର ଦିନ ସକାଳେ ଉଠି କହିଲେ— "ନା, ମୁଁ ଆଉ ଏଠି ଏକୁଟିଆ ରହିପାରିବି ନାହିଁ, ଆଜି ହିଁ କଲିକତା ଚାଲିଯିବି ।"

ମୁଁ ତାଙ୍କୁ କହିଲି— "ମା, ଠାକୁର ଯେ ଆପଣଙ୍କୁ ଆଶ୍ରମରେ ହିଁ ରହିବାକୁ କହିଯାଇଛନ୍ତି— ତଥାପି ଯିବେ?"

ସେ କହିଲେ— "ଅନୁକୂଳ ବିନା ଆଶ୍ରମରେ ମୁଁ ରହିପାରୁ ନାହିଁ ।' ଏଇଥା କହି ସେଇଦିନ ହିଁ ସେ କଲିକତା ବାହାରିଗଲେ ।

ଶ୍ରୀଶ୍ରୀଠାକୁର ସେତେବେଳେ ସୁକିୟା ଷ୍ଟ୍ରିଟ୍‌ର ବସାରେ ଥିଲେ । ମା' ଯାଇ ସେଇ ବସାରେ ପହଞ୍ଚିବା ମାତ୍ରେ ମା'ଙ୍କୁ ଦେଖି ଶ୍ରୀଶ୍ରୀଠାକୁରଙ୍କ ମୁହଁଟି ଯେପରି କଳା ପଡ଼ିଗଲା । ସେ କହି ଉଠିଲେ— "ତୋତେ ଯେ ଏତେକରି କହିଆସିଲି— ତୁ ଆଶ୍ରମରେ ଥା, ମୁଁ ଶୀଘ୍ର ଫେରିଆସିବି । ତୁ ମୋର ସେ କଥା ମୋଟେ ଶୁଣିଲୁନି ।'

କଲିକତାରେ ପହଞ୍ଚିବା ପରେ ହିଁ ମାଆଙ୍କର ଜ୍ୱର ଓ ପେଟର ଗୋଳମାଳ ଦେଖା ଦେଲା । ଅନେକ ଚିକିତ୍ସା କରି ମଧ୍ୟ ଜ୍ୱର ପ୍ରଶମିତ ହେଲା ନାହିଁ । ଏଇ ଅବସ୍ଥାରେ ହିଁ ମା, ଶ୍ରୀଶ୍ରୀଠାକୁରଙ୍କ ସହ ଆଶ୍ରମକୁ ଫେରିଆସିଲେ ।

ସେଇ ରୋଗ କ୍ରମେ କାଳରୋଗ ହୋଇ ଠିଆହେଲା । ଏଲୋପ୍ୟାଥିକ୍, ହୋମିଓପ୍ୟାଥିକ୍ କୌଣସି ଚିକିତ୍ସାରେ କିଛି ଫଳ ହେଲାନାହିଁ । ଶେଷରେ ମା'ଙ୍କର ମତ ଅନୁସାରେ କେବଳ ହୋମିଓପ୍ୟାଥିକ୍ ଚିକିତ୍ସା ଚାଲିବାକୁ ଲାଗିଲା । କିନ୍ତୁ କୌଣସି ଚିକିତ୍ସକର ଚେଷ୍ଟା ଫଳପ୍ରଦ ହେଲାନାହିଁ । ୬ ଚୈତ୍ର, ୧୩୪୪ ସାଲ ଦିନ ସମସ୍ତଙ୍କୁ କନ୍ଦେଇ ଜନନୀ ମନୋମୋହିନୀ ଦେବୀ ମହାପ୍ରୟାଣ କଲେ ।

ମାତୃବିହୁନେ ଶୋକାକୁଳ ଶିଶୁ ପରି ଶ୍ରୀଶ୍ରୀଠାକୁରଙ୍କର କି, ଆକୁଳତା! ଯେମିତି ସମସ୍ତ ସଂସାର ତାଙ୍କ ପାଖରେ ଶୂନ୍ୟ ହୋଇଯାଇଛି । ଶ୍ରୀଶ୍ରୀଠାକୁରଙ୍କର ଏଇ ଆକୁଳତାର ଏକ ସୁସ୍ପଷ୍ଟ ଛବି ପରିସ୍ଫୁଟ ହୋଇଉଠିଛି— ଶ୍ରୀଶ୍ରୀଠାକୁରଙ୍କର ନିଜ ହାତର ଲେଖା ଶୋକୋଚ୍ଛ୍ୱାସରେ । ଏଇ ସକରୁଣ ଲିପିଟିକୁ ନିମ୍ନରେ ଉଦ୍ଧାର କରି, ଏଇ ଅଧ୍ୟାୟ ଏଇଠାରେ ହିଁ ଶେଷ କରୁଛି ।

❑❑❑

ରା.ସ୍ୱା.

ମା!

ଅତି ଆକୁଳ ଆଗ୍ରହରେ ଉଦ୍‌ଗ୍ରୀବ ଉତ୍‌କଣ୍ଠା ନେଇ ହିଁ ଏଇ ଘର ଆଉ ତା'ର ଆସବାବ ଯାହାକିଛିର କାମ ସମାପନ କରୁଥିଲି । ଆଶା ଥିଲା— ତୁମେ ଥିବ, ବ୍ୟବହାର କରିବ, ଧନ୍ୟ ହେବି ମୁଁ । ତାହା ହେଲା ନାହିଁ, ତୁମେ ଚାଲିଗଲ, ପାର୍ଥିବ ଶରୀରର ପତନ ହେଲା । ମୋର ହତଭାଗ୍ୟ ଅଦୃଷ୍ଟ, କାଳର ନିଷ୍ଠୁର ଶ୍ଳେଷ-ମଳିନ ଧିକ୍କାରରେ, ମୃତ୍ୟୁ ପରି ଜୀବନ୍ତ ହୋଇ ରହିଲା ।

ମନୀଷୀମାନେ କହିଥା'ନ୍ତି, ମଣିଷ ପାର୍ଥିବ ଶରୀର ଛାଡ଼ିଗଲେ ମଧ୍ୟ, ଆତ୍ମା ଯେମିତି ଥିଲା ସୂକ୍ଷ୍ମ ଶରୀରରେ ସେମିତି ପ୍ରାଣ ନେଇ ହିଁ ବଞ୍ଚିଥାଏ, ପୁଣି ଜାତିସ୍ମର ହୋଇ ବି କୁଆଡ଼େ ସେଇ ମଣିଷ ଜନ୍ମଗ୍ରହଣ କରିପାରେ !

ମା'!

ମା' ମୋର!

ଦୟାଳୁ ଈଶ୍ୱର ଯଦି ତାହା କରନ୍ତି, ତୁମେ ଯଦି କେବେ ବି ଜାତିସ୍ମର ହୋଇ ଏ ଦୁନିଆକୁ ପୁଣି ଫେରିଆସ, ତୁମର ଅନୁକୂଳ କଥା ମନେପଡ଼େ— ନିରାଶ୍ରୟ ବୋଲି, ଯଦି ବେଦନା- ଅନୁକମ୍ପାଜଡ଼ିତ ହୃଦୟ ତୁମର ମୋତେ ଖୋଜେ— ତୁମେ ଆସ, ଆସି ଏଇଠାରେ ହିଁ ରୁହ, ଏଇସବୁ ଜିନିଷ ବ୍ୟବହାର କର ।

ତୁମରି

ହତଭାଗ୍ୟ ଦୀନ ସନ୍ତାନ—

ଅନୁକୂଳ

❑❑❑

Scanned with CamScanner



ଦେଓଘର 'ବଡ଼ାଲ୍-ବାଂଲୋ' ପ୍ରାଙ୍ଗଣରେ ଶ୍ରୀଶ୍ରୀଠାକୁରଙ୍କ ସମୀପରେ ଲେଖକ



'ନିରାଳା-ନିବେଶେ' ଶ୍ରୀଶ୍ରୀଠାକୁର
ଶ୍ରୀ ପ୍ରଫୁଲ୍ଲ କୁମାର ଦାସ ଦୈନିକ ପତ୍ରିକା ପଢ଼ି ଶୁଣାଉଛନ୍ତି

ଚତୁର୍ଥ ଅଧ୍ୟାୟ

ପୁସ୍ତକ-ପ୍ରଣୟନ

ମହାରାଜଙ୍କ ମୃତ୍ୟୁ ପରେ ଯେମିତି ଋତ୍ୱିକ୍-ଆନ୍ଦୋଳନର ସୂତ୍ରପାତ ହୁଏ ସେମିତି ତା' ସହିତ ଶ୍ରୀଶ୍ରୀଠାକୁରଙ୍କର ନାନାବିଧ ଗ୍ରନ୍ଥ-ରଚନାର କାର୍ଯ୍ୟ ମଧ୍ୟ ଆରମ୍ଭ ହୁଏ।

ଅଧ୍ୟାପକ ପଞ୍ଚାନନ ସରକାର ମହୋଦୟ— ନିଜେ କେତେକ ପାରିବାରିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି; ସେଗୁଡ଼ିକର ସମାଧାନ କରି ନ ପାରି ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସି ସେଇସବୁ ପ୍ରଶ୍ନ ଉତ୍‌ଥାପନ କରନ୍ତି ଏବଂ ଶ୍ରୀଶ୍ରୀଠାକୁର ଗୋଟି ଗୋଟି କରି ସେଇ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତି। ପରେ ଏଇ ପ୍ରଶ୍ନୋତ୍ତରମାଳା 'ନାରୀର ପଥେ' ଗ୍ରନ୍ଥରୂପେ ପ୍ରକାଶିତ ହୁଏ।

ତା' ସହିତ ନାରୀମାନଙ୍କର ଚାଲିଚଳନ ଓ ଆଚାର-ବ୍ୟବହାର କିପରି ହେବା ଉଚିତ ଏଇ ବିଷୟରେ ସାଧାରଣଭାବେ, ଶ୍ରୀଶ୍ରୀଠାକୁର କତିପୟ ବାଣୀ ପ୍ରଦାନ କରନ୍ତି। ସେସବୁ ପରେ 'ନାରୀର ନୀତି' ଗ୍ରନ୍ଥରୂପେ ମୁଦ୍ରିତ ହୁଏ।

'ନାରୀର ନୀତି' ଓ 'ନାରୀର ପଥେ' ରଚିତ ହେବା ପରେ ଶ୍ରଦ୍ଧେୟ କେଷ୍ଟଦା ଶ୍ରୀଶ୍ରୀଠାକୁରଙ୍କୁ ନାନା ବିଷୟରେ ପ୍ରଶ୍ନ କରି ସଙ୍ଗେ ସଙ୍ଗେ ଉତ୍ତର ଲେଖି ନେଉଥା'ନ୍ତି। ଏଇ ପ୍ରଶ୍ନୋତ୍ତରମାଳା 'ନାନା-ପ୍ରସଙ୍ଗେ' ନାମରେ ପରେ ଚାରିଖଣ୍ଡରେ ପ୍ରକାଶିତ ହୁଏ, ୧୯୩୫ ମସିହାରେ।

ଶ୍ରଦ୍ଧେୟ କେଷ୍ଟଦାଙ୍କର ପ୍ରଶ୍ନୋତ୍ତରମାଳା ଲେଖା ଶେଷ ହେବା ପରେ ଶ୍ରୀଶ୍ରୀଠାକୁର ମୋତେ କହିଲେ, ''ଆପଣଙ୍କ ମନରେ ଯଦି କୌଣସି ପ୍ରଶ୍ନ ଥାଏ, ତେବେ ଆପଣ ତାହା ପଚାରିପାରନ୍ତି।''

Scanned with CamScanner

ଏହିପରିଭାବେ ଉତ୍ସାହ ପାଇ ତାଙ୍କ ପାଖରେ ଧାରାବାହିକ ଭାବରେ କିଛି ପ୍ରଶ୍ନ ଉପସ୍ଥାପନ କରେ । ତା'ର ଉତ୍ତର ଲେଖା ଆରମ୍ଭ ହୁଏ ୬ ସେପ୍ଟେମ୍ବର, ୧୯୩୫ ମସିହାରୁ । ଏଇସବୁ ପ୍ରଶ୍ନୋତ୍ତର 'କଥା-ପ୍ରସଙ୍ଗେ' ନାମକ ପୁସ୍ତକରେ ତିନିଖଣ୍ଡରେ ପ୍ରକାଶିତ ହୋଇଛି ।

'ଅନୁଭୂତି କ'ଣ?— ତାଙ୍କୁ ମୁଁ ଏଇ ପ୍ରଶ୍ନ ପଚାରିଥିଲି, ୧୬ ଫେବୃଆରୀ ୧୯୩୬ ମସିହାରେ । ସେଇଦିନଠାରୁ କ୍ରମାଗତ କେତେଦିନ ଶ୍ରୀଶ୍ରୀଠାକୁର ନିଜ ଜୀବନର ଆଧ୍ୟାତ୍ମିକ ରାଜ୍ୟର ବିଭିନ୍ନ ସ୍ତରରେ ଅନୁଭୂତ, ଅପୂର୍ବ ଦର୍ଶନ ଓ ତା'ର ବିଶଦ ବିବରଣ କ୍ରମାଗତ କହିଯିବାକୁ ଲାଗିଲେ । ସେ ସମୟରେ ତାଙ୍କର ମୁଖମଣ୍ଡଳର ଭାବବ୍ୟଞ୍ଜନା ଉପସ୍ଥିତ ଭକ୍ତଗଣଙ୍କ ମନରେ ଏକ ଅନିର୍ବଚନୀୟ ରସାବେଶର ସଂଚ୍ଚର କରିଥିଲା । ମନେ ହେଲା— ସେ ବର୍ଣ୍ଣିତଭୂମିରେ ବିଚରଣ କରିବା ସମୟରେ ହିଁ ଯେପରି ତା'ର ପ୍ରତ୍ୟକ୍ଷ ବିବରଣ ଦେଇଚାଲିଛନ୍ତି । ଏଇ ଅତ୍ୟାଶ୍ଚର୍ଯ୍ୟ ବର୍ଣ୍ଣନା ପ୍ରକୃତରେ ବିଶ୍ୱସାହିତ୍ୟରେ ଅତୁଳନୀୟ ।

ଏଇ ଗ୍ରନ୍ଥଲେଖା ଶେଷ ହେବା ପରେ ଶ୍ରୀଶ୍ରୀଠାକୁର କହିଲେ— "ମୁଁ ଯାହାସବୁ କହିଲି ତା'ର ସମର୍ଥନରେ, କୌଣସି ଜ୍ଞାନୀ ମହାପୁରୁଷଙ୍କର ଉକ୍ତି ଯଦି ଥାଏ ତା'ହେଲେ ତାହା ପାଦ-ଟୀକାରେ ସଂଯୋଜନ କରିଦେବେ ।"

ଏଇ ପାଦଟିକା ସଂଗ୍ରହ-ସମୟରେ, ଶ୍ରୀଶ୍ରୀଠାକୁରଙ୍କର ଏଇ ଆଧ୍ୟାତ୍ମିକ ରାଜ୍ୟର ଅନୁଭୂତି-ବିଷୟରେ, ଅନ୍ୟାନ୍ୟ ଅବତାର ମହାପୁରୁଷଗଣଙ୍କର ଅନୁରୂପ ଉକ୍ତି କେଉଁଠି ଅଛି କିନା ଏ ବିଷୟରେ ଗଭୀରଭାବେ ଅନୁସନ୍ଧାନ ଆରମ୍ଭ କରେ ଏବଂ ଏଇ ବିଷୟରେ ଗବେଷଣାପାଇଁ Imperial Library ଯାଇ ଦିନ ପରେ ଦିନ ବହୁ ପୁସ୍ତକ ଘାଣ୍ଟି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ଶ୍ରୀଚୈତନ୍ୟ, ନାନକ, କବୀର, ଶ୍ରୀଶ୍ରୀରାମକୃଷ୍ଣ ପ୍ରଭୃତିଙ୍କର ଆଧ୍ୟାତ୍ମିକ ରାଜ୍ୟର ଅନୁଭୂତିର ଉକ୍ତି ସମ୍ବନ୍ଧରେ ଗଭୀରଭାବେ ଅଧ୍ୟୟନ କରେ କିନ୍ତୁ ଏପ୍ରକାର ବିଶଦ ଓ ଅତ୍ୟାଶ୍ଚର୍ଯ୍ୟ ବର୍ଣ୍ଣନ ଆଉ କେଉଠି ବି ପାଇନି । ତେବେ କୌଣସି କୌଣସି ବିଷୟରେ ସେମାନଙ୍କ ସହିତ ସ୍ଥାନେ ସ୍ଥାନେ, ଶ୍ରୀଶ୍ରୀଠାକୁରଙ୍କ ବର୍ଣ୍ଣନାର ସାଦୃଶ୍ୟ ମିଳୁଛି, ଏତିକି ଯାହା ।

ପୂର୍ବେ ଆମର ମୁସଲମାନ ଇଷ୍ଟଭ୍ରାତା ମହମ୍ମଦ ଖଲିଲର ରହମାନ— କୃଷ୍ଣଚନ୍ଦ୍ର ଦାସର ସହଯୋଗିତାରେ 'ଏକ ସତ୍ୟେ ହିନ୍ଦୁ-ମୁସଲମାନ' ଏଇ ନାମ ଦେଇ ଗୋଟିଏ ପୁସ୍ତକ ପ୍ରକାଶ କରିଥିଲେ । ସେଇ ଗ୍ରନ୍ଥକୁ ଭିତ୍ତି କରି ଇସ୍‌ଲାମ ସମ୍ପର୍କରେ ଖଲିଲର ରହମାନ ଏବଂ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରୀଶ୍ରୀଠାକୁର ଆହୁରି ପ୍ରଶ୍ନ କରିବାକୁ କୁହନ୍ତି । ସେଇ ପ୍ରଶ୍ନୋତ୍ତରର ଉତ୍ତର-ସ୍ୱରୂପ 'ଇସ୍‌ଲାମ-ପ୍ରସଙ୍ଗେ' ଗ୍ରନ୍ଥ ରଚିତ ହୁଏ ।

ଏଇସବୁ ଗ୍ରନ୍ଥ ରଚନା ପୂର୍ବରୁ 'ସତ୍‌ସଙ୍ଗ-ସାହିତ୍ୟ' କହିଲେ ମାତ୍ର ତିନିଖଣ୍ଡି ପୁସ୍ତକ ଥିଲା,— ଶ୍ରୀଶ୍ରୀଠାକୁରଙ୍କର ନିଜହସ୍ତଲିଖିତ 'ସତ୍ୟାନୁସରଣ', ତାଙ୍କର ସମାଧି-

ଅବସ୍ଥାରେ କଥିତ ପ୍ରଥମ ପନ୍ଦର ଦିନର ଭାବବାଣୀ ଓ ଅଶ୍ୱିନୀକୁମାର ବିଶ୍ୱାସଙ୍କ ଲିଖିତ 'ଅମିୟବାଣୀ', ପ୍ରଥମ ଓ ଦ୍ୱିତୀୟଖଣ୍ଡ ।

କୁଷ୍ଟିୟାର ବିଶ୍ୱଗୁରୁ ମହୋତ୍ସବ ପରେ ଶ୍ରୀଯୁକ୍ତ ଶାକ୍ୟସିଂହ ସେନ ପ୍ରଥମେ ଆଶ୍ରମ ଆସି ମାତୃ-ମନ୍ଦିର ପଛରେ ନିଜେ ରହିବାପାଇଁ ଗୋଟିଏ ଖଡ଼ଛପର ଉପରେ ଘର ତିଆରି କରନ୍ତି । ଏଇ ଘରର ପଶ୍ଚିମପଟେ ଗୋଟିଏ ଖୋପ ଥିଲା, ଏଇଠାରେ ବସି ଶ୍ରୀଶ୍ରୀଠାକୁର ଗୋଟିଏ ରାତିରେ 'ସତ୍ୟାନୁସରଣ' ଲେଖିଦିଅନ୍ତି, ଶ୍ରୀଅତୁଳଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମରେ ଜଣେ ବ୍ୟକ୍ତିର ଅନୁରୋଧରେ ।

ଏଇ ଅତୁଳଚନ୍ଦ୍ର ଥିଲେ ପାବନା-ବାଜିତପୁର ଷ୍ଟିମରଘାଟରେ ସବ୍‌ଏଜେଣ୍ଟ, ଶ୍ରୀଶ୍ରୀଠାକୁରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା । ସେଠୁ ବଦଳି ହେବା ସମୟରେ ସେ ଶ୍ରୀଶ୍ରୀଠାକୁରଙ୍କୁ କୁହନ୍ତି,— ଆଉ ତ ଏଣିକି ଆସିବା ସମ୍ଭବ ହେବନାହିଁ, ଆପଣଙ୍କୁ ବି ଆଉ ସବୁ ସମୟରେ ଦେଖିବାକୁ ପାଇବି ନାହିଁ । ତେଣୁ ମୋତେ ଏପରି କେତେକ ଉପଦେଶ ଲେଖିଦିଅନ୍ତୁ— ଯାହା ଅନୁସରଣ କଲେ ମୋର ତଥା ପ୍ରତ୍ୟେକଙ୍କର କଲ୍ୟାଣ ହେବ ।

...ସକାଳେ ହାତ-ମୁହଁ ଧୋଇବା ପରେ ଶ୍ରୀଯୁକ୍ତ ଶାକ୍ୟଦା, ଅଶ୍ୱିନୀଦା, ମୁଁ— ଏବଂ ଯେତେଦୂର ମନେ ପଡ଼େ ସତୀଶଚନ୍ଦ୍ର ଜୋୟାରଦାର ସେଠାରେ ଉପସ୍ଥିତ,— ଆମ ଆଗରେ ସେ ତାଙ୍କ 'ସତ୍ୟାନୁସରଣ' ଆମୂଳଚୂଳ ପଢ଼ି ଶୁଣାଇଲେ ।

ଶାକ୍ୟଦା ଶୁଣି କହିଉଠିଲେ— "ବାଃ, କି ଚମତ୍କାର! ଏଗୁଡ଼ିକ ଛପେଇଲେ ଭଲ ହେବ ।"

ଶ୍ରୀଶ୍ରୀଠାକୁର ଛପେଇବା କଥା ଶୁଣି କହିଲେ— "ଆରେ ଯାଃ, ଆଉ କେତୋଟି ବିଷୟ ଲେଖିବାର ଥିଲା । ଲେଖିବି ବୋଲି ବି ଭାବିଥିଲି । ଏବେ ଆପଣ ଛପେଇବା କଥା କହିଲେଣି; ଆଉ ତ ଲେଖା ବାହାରିବ ନାହିଁ ।"

ଶାକ୍ୟଦା କହିଲେ— "ଛପେଇବା କଥା କହିଲି ବୋଲି ଆଉ ଆପଣଙ୍କର ଲେଖା ବାହାରିବ ନାହିଁ? ସିଏ କି କଥା! ମୁଁ ତା'ହେଲେ ଅନ୍ୟାୟ କଲି ନା କ'ଣ?"

ଶ୍ରୀଶ୍ରୀଠାକୁର ସେ କଥାରେ ଆଉ କିଛି ଉତ୍ତର ଦେଲେ ନାହିଁ ।

୧୯୨୫ ମସିହାରେ 'ସତ୍ୟାନୁସରଣ' ପ୍ରଥମେ ମୁଦ୍ରିତ ହେବା ପରେ ତା'ର ଗୋଟିଏ କପି 'ଓମରଖୈୟାମ୍'ର ଅନୁବାଦକ ସୁକବି କାନ୍ତି ଘୋଷଙ୍କ ହାତରେ ପଡ଼େ, ସମ୍ଭବତଃ ଶ୍ରଦ୍ଧେୟ ବୀରୁଦା (ବୀରେନ୍ଦ୍ରନାଥ ରାୟ) ତାଙ୍କୁ ପୁସ୍ତକଟି ଦେଇଥିଲେ ।

ସେ ପଢ଼ି କହିଲେ— ଏହାର ଗୋଟିଏ ଗୋଟିଏ ବାକ୍ୟ ହୀରା ଖଣ୍ଡ ସଦୃଶ! ଯାହାଙ୍କ ମୁଣ୍ଡରୁ ଏସବୁ ବାହାରିଛି ସେ ଜଣେ ଅସାଧାରଣ ଲୋକ ନିଶ୍ଚୟ । ସେ 'ସତ୍ୟାନୁସରଣ' ପଢ଼ି ଶ୍ରୀଶ୍ରୀଠାକୁରଙ୍କର ଶରଣାପନ୍ନ ହୁଅନ୍ତି ଏବଂ ବହୁଦିନ ପର୍ଯ୍ୟନ୍ତ ଆଶ୍ରମରେ ରହି ଗଭୀରଭାବେ ସାଧନା ଭଜନ କରିଥିଲେ ।

Scanned with CamScanner

ପ୍ରକୃତପକ୍ଷେ 'ସତ୍ୟାନୁସରଣ'ରେ ଶ୍ରୀଶ୍ରୀଠାକୁର ଯାହା ଲେଖିଛନ୍ତି ତାହା ସେ ପରବର୍ତ୍ତୀ ଗ୍ରନ୍ଥ-ସମୂହରେ ବିସ୍ତାରିତଭାବରେ ବ୍ୟାଖ୍ୟା କରିଛନ୍ତି । ଏଇ 'ସତ୍ୟାନୁରସଣ' ବହିଖଣ୍ଡକ ମାତ୍ର ସ୍ୱହସ୍ତରେ ଲେଖା, ଆଉ ସବୁ ବହି ଯାହା ପ୍ରକାଶିତ ହୋଇଛି— ଇଂରାଜୀ ଅଥବା ବଙ୍ଗଳା, ସବୁ dictation, ସେ ମୁହଁରେ କହିଯାଇଛନ୍ତି, ଅନ୍ୟମାନେ ତାହା ଲିପିବଦ୍ଧ କରି ନେଇଛନ୍ତି । ଏଇ 'ସତ୍ୟାନୁସରଣ' ପରେ ପୁସ୍ତକାକାରରେ ପ୍ରକାଶିତ ହୁଏ ଏବଂ ସଙ୍ଗେ ସଙ୍ଗେ ପନ୍ଦରଦିନର ଭାବବାଣୀ, ଭାଷ୍ୟ ଓ ବିବୃତି ସହ ପ୍ରକାଶିତ ହୁଏ ।

ଶ୍ରୀଶ୍ରୀଠାକୁରଙ୍କର ସମାଧି ଅବସ୍ଥାରେ ପ୍ରଥମତଃ ଯେତେବେଳେ ବାଣୀ ନିର୍ଗତ ହେଉଥାଏ, ସେତେବେଳେ ତା' ଉପରେ କେହି ସେତେ ଗୁରୁତ୍ୱ ଦେଇ ନଥିଲେ । ହିମାଇତପୁରର ନିକଟବର୍ତ୍ତୀ— ନାଜୀରପୁର-ନିବାସୀ ଜଜ୍-କୋର୍ଟର ଓକିଲ ବୃନ୍ଦାବନଚନ୍ଦ୍ର ଅଧିକାରୀ ମହାଶୟ ଦିନେ ହଠାତ୍ ଶ୍ରୀଶ୍ରୀଠାକୁରଙ୍କର ସମାଧି ଅବସ୍ଥାରେ ଉପସ୍ଥିତ ହୁଅନ୍ତି ଏବଂ ସେଇ ସମାଧି ଅବସ୍ଥାର ବାଣୀ ଶୁଣି ମୁଗ୍ଧ ଓ ଚମତ୍କୃତ ହୁଅନ୍ତି । ସେତେବେଳେ ସେ ଶ୍ରୀଶ୍ରୀଠାକୁରଙ୍କର ପାର୍ଶ୍ୱଚର ସମସ୍ତଙ୍କୁ ଡାକି କୁହନ୍ତି— ଏସବୁ ଉଚ୍ଚାଙ୍ଗ ଭାବବାଣୀ, ତୁମେମାନେ ଲିପିବଦ୍ଧ କରି ରଖ, ପରେ ଏହାର ମୂଲ୍ୟ ବୁଝିପାରିବ । ତା'ପରଠାରୁ ଭାବବାଣୀ ଲେଖାହେବା ଆରମ୍ଭ ହେଲା । ଏକାସାଙ୍ଗରେ ଦୁଇ-ତିନିଜଣ ଲେଖୁଥିଲେ, କାରଣ ଭାବବାଣୀ ଏତେ ଦ୍ରୁତ ବେଗରେ ନିର୍ଗତ ହେଉଥିଲା ଯେ ଜଣକ ପକ୍ଷରେ ଧରିରଖିବା ସମ୍ଭବ ହେଉ ନଥିଲା । ଲେଖା ହେଇଯିବା ପରେ ସମସ୍ତଙ୍କ ଲେଖା ମିଳେଇ, ସେଦିନର ଭାବବାଣୀ ଠିକ୍ କରାହେଉଥିଲା ।

ଭାବବାଣୀକୁ ଭଲଭାବରେ ବୁଝିବାପାଇଁ ଓକିଲ ବୃନ୍ଦାବନବାବୁ ତା'ର ଗୋଟିଏ ଭାଷ୍ୟ ଓ କୃଷ୍ଣଚନ୍ଦ୍ର ଦାସ 'ବିବୃତି' ବୋଲି ଗୋଟିଏ ବ୍ୟାଖ୍ୟା ଲେଖିଦିଅନ୍ତି । ଏଇ ଭାଷ୍ୟ ଓ ବିବୃତିଯୁକ୍ତ ପନ୍ଦରଦିନର ସମାଧି ଅବସ୍ଥାର ବାଣୀ 'ପୁଣ୍ୟପୁଁଥି' ନାମରେ ପ୍ରକାଶିତ ହୁଏ ।

ଶ୍ରୀଶ୍ରୀଠାକୁର କୁଷ୍ଟିୟା ଗଲେ କିମ୍ବା ଅଶ୍ୱିନୀକୁମାର ବିଶ୍ୱାସ ଆଶ୍ରମକୁ ଆସିଲେ ଶ୍ରୀଶ୍ରୀଠାକୁରଙ୍କୁ ମଝିରେ ମଝିରେ ପ୍ରଶ୍ନ କରନ୍ତି । ତା'ର ଉତ୍ତର ଯାହା ଠାକୁର ଦିଅନ୍ତି— ତତ୍କ୍ଷଣାତ୍ ସେ ଲିପିବଦ୍ଧ କରି ନେଇଆସି ଶ୍ରୀଶ୍ରୀଠାକୁରଙ୍କୁ ପଢ଼ି ଶୁଣାଉଥିଲେ ଏବଂ ଲେଖା ଠିକ୍ ହୋଇଛି କି ନା ସେ ବିଷୟରେ ଶ୍ରୀଶ୍ରୀଠାକୁରଙ୍କର ମତ ନେଇ ନିଃସନ୍ଦେହ ହେଉଥିଲେ । କୌଣସି କୌଣସି ସମୟରେ ଦେଖିଚି— ଶ୍ରୀଶ୍ରୀଠାକୁର ଅଶ୍ୱିନୀଦାଙ୍କ ପ୍ରଶ୍ନର ଉତ୍ତରରେ ଅନର୍ଗଳ କହିଯାଉଛନ୍ତି, ଅଶ୍ୱିନୀଦା ସେତେବେଳେ ଶ୍ରୀଶ୍ରୀଠାକୁରଙ୍କୁ ଆଉ କହିବାକୁ ନିଷେଧ କରି କହୁଥିଲେ— ଠାକୁର, ଏତେ କଥା ଏକାବେଳକେ କହିଲେ ମୋର ମୁଣ୍ଡ ତାହା ଧରିରଖି ପାରିବ ନାହିଁ । ଯାହା କହିଲେ ତାକୁ ଲେଖିଆଣି ଦେଖାଏଁ— ତା'ପରେ ପୁଣି ଶୁଣିବି । ଏହିପରି ଗୋଟିଏ ଗୋଟିଏ ବିଷୟ ଲେଖିଆଣି, ଅଶ୍ୱିନୀଦା ଶ୍ରୀଶ୍ରୀଠାକୁରଙ୍କୁ ପଢ଼ି ଶୁଣାଇ ତାଙ୍କର ମତାମତ ନେଇ ତେବେ ଯାଇ ନିଃସନ୍ଦେହ ହେଉଥିଲେ ।

ଏହିପରି 'ଅମିୟବାଣୀ' ପ୍ରଥମ ଖଣ୍ଡ ପ୍ରକାଶିତ ହୁଏ ୧୯୨୨ ମସିହାରେ । ତା'ର ପ୍ରଥମ ସଂସ୍କରଣରେ ଶାକ୍ୟଦା ଗୋଟିଏ ଭୂମିକା ଲେଖି ଦେଇଥିଲେ, ସେଥିରେ ଶ୍ରୀଶ୍ରୀଠାକୁରଙ୍କର ଜୀବନାଲେଖ୍ୟ ଯେପରି ଅନବଦ୍ୟ ଭାବରେ ଫୁଟେଇତୋଳିଥିଲେ ତାହା ବାସ୍ତବିକ ଅପୂର୍ବ ।

'ଅମିୟବାଣୀ'ର ଦ୍ୱିତୀୟ ଖଣ୍ଡ ପରେ 'ସତ୍‌ସଙ୍ଗ କ୍ଷୀରୋଦାସ୍ମୃତି ପ୍ରେସ୍'ରୁ ପ୍ରକାଶିତ ହୁଏ । ଏଇ ଖଣ୍ଡର ମୁଦ୍ରଣ ଯେତେବେଳେ ପ୍ରାୟ ଶେଷ ହୋଇ ଆସିଛି, ସେତେବେଳେ କେଜାଣି କାହିଁକି, ଶ୍ରଦ୍ଧେୟ କେଷ୍ଟଦା— ଏହାର ପ୍ରଥମ ତୃତୀୟାଂଶର ଭାଷା ଓ ଲେଖା ପରିବର୍ତ୍ତନ କରିଦେଇ ପୁଣି ତାହାକୁ ପୁନର୍ମୁଦ୍ରିତ କରାଇଲେ । ଅଶ୍ୱିନୀଦା ସେତେବେଳେ କେଷ୍ଟଦାଙ୍କୁ ଲେଖିଥିଲେ ଯେ, ମୋର ଏ ଲେଖା ପରିବର୍ତ୍ତନ କରିବା ଠିକ୍ ହେବନାହିଁ, କାରଣ ମୁଁ ପ୍ରତ୍ୟେକ ଲେଖା ଶ୍ରୀଶ୍ରୀଠାକୁରଙ୍କୁ ପଢ଼ି ଶୁଣେଇ ନିଃସନ୍ଦେହ ହୋଇ ତେବେଯାଇ ପ୍ରେସ୍‌ରେ ଦେଇଛି । 'ଅମିୟବାଣୀ'ର ସମଗ୍ର ପ୍ରଥମଖଣ୍ଡ ଓ ଦ୍ୱିତୀୟଖଣ୍ଡର ଶେଷ ଦୁଇ-ତୃତୀୟାଂଶର ଭାଷା ସହିତ ଏହାର ତୁଳନା କଲେ ଏଇ ପାର୍ଥକ୍ୟ ଧରାପଡ଼ିବ । 'ଅମିୟବାଣୀ' ଦ୍ୱିତୀୟଖଣ୍ଡ ସମ୍ପର୍କରେ ଯାହା ଲେଖିଲି ସେ କଥା ଅଧ୍ୟାପକ ପଞ୍ଚାନନ ସରକାର ସମ୍ୟକ୍‌ଭାବେ ଅବଗତ ଅଛନ୍ତି ।

ଦିନେ କଥାପ୍ରସଙ୍ଗରେ କେଷ୍ଟଦା ଶ୍ରୀଶ୍ରୀଠାକୁରଙ୍କୁ କହିଲେ, ଆମେ ଯାହା ପ୍ରଶ୍ନ ପଚାରୁଛୁ, ଆପଣ ତାର ଉତ୍ତର ତ ବଙ୍ଗଳାରେ ହିଁ ଦେଉଛନ୍ତି— ଏହାକୁ ଯଦି ଇଂରାଜୀରେ ତର୍ଜମା କରାଯାଏ, ତେବେ ତା'ର ମୌଳିକ ଭାବଟା (original spirit) ଠିକ୍ ଫୁଟି ଉଠିବ ନାହିଁ । ତେଣୁ ଇଂରାଜୀରେ ଯଦି କିଛି କୁହନ୍ତି, ତେବେ ଭଲ ହୁଅନ୍ତା । ତାଙ୍କ କଥା ଶୁଣି ଶ୍ରୀଶ୍ରୀଠାକୁର କହିଲେ— ଆପଣମାନେ ଏତେଦିନ ମୋସହିତ ଅଛନ୍ତି, ମୋତେ କେତେବେଳେ ବି ଗୋଟାଏ ଇଂରାଜୀ ବାକ୍ୟ କହିବା ଶୁଣିଛନ୍ତି କି? ଭାଷା ନ ଜାଣିଲେ ତା'ଦ୍ୱାରା କିପରି ଭାବ ପ୍ରକାଶ କରାଯାଇପାରିବ କିପରି?

କେଷ୍ଟଦା କହିଲେ— ଆପଣ ଇଚ୍ଛା କଲେ ହିଁ ହେବ ।

ତା'ର ପ୍ରତିବାଦରେ ସେ କହିଲେ— ନା, ତା' ହେଇପାରିବନି ।

ତା' ସତ୍ତ୍ୱେ ବି କେଷ୍ଟଦା କହିଲେ— ଆପଣ ଇଚ୍ଛା କଲେ ହିଁ ଆପଣଙ୍କଠାରୁ ଆମେ ଇଂରାଜୀ dictation ପାଇପାରୁ !... କେଷ୍ଟଦା ପରେ ମୋତେ କହିଥିଲେ ଯେ, ଠାକୁରଙ୍କର ପ୍ରତିବାଦ ସତ୍ତ୍ୱେ ମୁଁ କାହିଁକି ଯେ ସେପରି ଜିଦ୍ କରି କହିଥିଲି, ତାହା ମୁଁ ନିଜେ ହିଁ ବୁଝିପାରିନି ।

ଯାହା ହେଉ, ଏଇ ଘଟଣାର କିଛିଦିନ ପରେ ହଠାତ୍ ଦିନେ ଶ୍ରୀଶ୍ରୀଠାକୁର କେଷ୍ଟଦାଙ୍କୁ ଡାକି କହିଲେ— ଶ୍ରୀଘ୍ର କାଗଜ-ପେନ୍‌ସିଲ୍ ନେଇ ଆସନ୍ତୁ । ତା'ପରେ ଅନର୍ଗଳ ଇଂରାଜୀରେ କହିଯିବାକୁ ଲାଗିଲେ,— କିପରି ସୃଷ୍ଟି ଅବ୍ୟକ୍ତରୁ ବ୍ୟକ୍ତ ହୋଇଉଠିଲା—

Scanned with CamScanner

The booming commotion of *Existence*,
that rolls in the bosom of the *Beyond*,
evolves into a thrilling rhyme
and upheaves
into a shooting becoming of the *Being*,
with echoes that float
with an embodiment of *Energy*:—
that is *Logos*, the *Word*, the *Beginning*.

...ଏହିପରି କହିଯିବାକୁ ଲାଗିଲେ, ଦିନ ପରେ ଦିନ । ତାଙ୍କର ଏଇ ପ୍ରଥମ ଇଂରାଜୀ dictationଗୁଡ଼ିକ "The Massage" ନାମରେ ପୁସ୍ତକାକାରରେ ପ୍ରକାଶିତ ହୁଏ, ୧୯୩୫ ମସିହାରେ ।

ଏଇ "Massage"ର ପାଣ୍ଡୁଲିପି ନେଇ ମୁଁ ଓ ଶ୍ରଦ୍ଧେୟ କେଷ୍ଟଦା କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନ୍ସେଲର୍ ଓ ସ୍କଟିସ୍‌ଚର୍ଚ୍ଚ କଲେଜ୍‌ର ପ୍ରିନ୍ସିପାଲ୍, ଦର୍ଶନ ଅଧ୍ୟାପକ ଆର୍କୁହାଟ ସାହେବଙ୍କ ପାଖକୁ ଯାଉ । ଶ୍ରୀଶ୍ରୀଠାକୁରଙ୍କ ସହ ତାଙ୍କର ପରିଚୟ ଥିଲା, ସେ ଏହାପୂର୍ବେ ଉତ୍ସବ ଉପଲକ୍ଷେ ଥରେ ଆଶ୍ରମ ଆସିଥିଲେ ।... ସେ ପାଣ୍ଡୁଲିପିର କେତୋଟି ପୃଷ୍ଠା ପଢ଼ି କହିଲେ,— ମୁଁ ଜାଣିଥିଲି ଯେ ଠାକୁର ଇଂରାଜୀ ଜାଣି ନାହାନ୍ତି! କିନ୍ତୁ ଏଥିରେ କେତେକ word ଏପରି archaic senseରେ ବ୍ୟବହାର କରାହୋଇଛି— ଯାହା perfect master of the English tongue ନ ହେଲେ ଏପରି କହିବା ସମ୍ଭବ ନୁହେଁ । It is something like a revealation to me!

ଶ୍ରୀଶ୍ରୀଠାକୁରଙ୍କର messageର dictation ଶେଷ ହେବାପରେ ଦିନେ ତାଙ୍କୁ ପଚାରିଲି– ଆପଣ ଇଂରାଜୀ ନଜାଣି ମଧ୍ୟ ଏପରି ସୁନ୍ଦର ଇଂରାଜୀରେ କହିପାରିଲେ କିପରି?

ଉତ୍ତରରେ ସେ କହିଲେ— ଆପଣମାନେ ଅନୁରୋଧ କଲେ— ମୁଁ ଭାବିବାକୁ ଲାଗିଲି ।.. ଦେଖିଲି ଦଳ ଦଳ ହୋଇ ମାଛ ଯେମିତି ପାଣିରେ ପହଁରନ୍ତି, ସେଇପରି ଭାବରାଜି ଇଂରାଜୀଭାଷାରେ ଭୂଷିତ ହୋଇ ଭାସିଚାଲିଛି । ମୁଁ ସେଗୁଡ଼ିକୁ ଧରି ଧରି ଆପଣମାନଙ୍କ ପାଖକୁ ଫିଙ୍ଗିଦେଲି । ସେସବୁ ଇଂରାଜୀର ମାନେ ଯଦି ମୋତେ ପଚାରନ୍ତି, ତା ହେଲେ ହୁଏତ କହିପାରିବି ନାହିଁ ।

ମୁଁ ଶୁଣି କହିଲି— ସେ ଯାହା ହେଉ, ଆପଣ ଇଂରାଜୀରେ ଯେତେବେଳେ dictation ଦେଇ ପାରିଛନ୍ତି, ସେତେବେଳେ ଅନ୍ୟ କୌଣସି ଭାଷାରେ— ମନେ କରନ୍ତୁ ଜର୍ମାନ୍ ଭାଷାରେ ଯଦି କିଛି କହିବାକୁ ଆମେ ଅନୁରୋଧ କରୁ, ତା'ହେଲେ ତାହା କହିବା ସମ୍ଭବ ହେବ କି?

ସେ କହିଲେ— "ହୁଏତ ତାହା ସମ୍ଭବ,... କିନ୍ତୁ ଗୋଟାଏ impulse ଦରକାର ।

କହିଲି— Impulse କହିଲେ ଆପଣ କ'ଣ mean କରୁଛନ୍ତି?

ଉତ୍ତରରେ ସେ କହିଲେ— ଧରନ୍ତୁ, ଜଣେ ଜର୍ମାନ୍ ଭାଷା ଜାଣିଥିବା ଲୋକ ମୋ' ପାଖରେ ଯଦି ଥାଏ ଓ ମଝିରେ ମଝିରେ German languageରେ ପଦେ-ଦିପଦ କଥା କହିବାକୁ ଆରମ୍ଭ କରେ, ତା'ହେଲେ ସେଇଟା sufficient imulse ହୋଇପାରେ German ଭାଷାରେ dictation ଦେବାକୁ ।

ମୁଁ କହିଲି— କ'ଣ କହୁଛନ୍ତି ଠାକୁର! ଆମେ ପିଲାବେଳୁ ଇଂରାଜୀ ଲେଖାପଢ଼ା ଆରମ୍ଭ କରୁଛୁ । ଏତେ ବୟସ ହୋଇଛି । ଇଂରାଜୀ ପଢ଼ିଛୁ ବି ଢେର୍ କିନ୍ତୁ ତଥାପି ଇଂରାଜୀ କହିବାକୁ ବା ଲେଖିବାକୁ ଗଲେ ତାହା ସହଜ ଜଣାପଡ଼େ ନାହିଁ । ଆଉ ଆପଣ କହୁଛନ୍ତି— ଦୁଇ-ଚାରିଟା sentence ଶୁଣିଲେ ବି ଆପଣ ଯେକୌଣସି ବିଦେଶୀ ଭାଷାରେ, ବିଶୁଦ୍ଧଭାବେ କଥା କହିପାରନ୍ତି । ଏକଥା ତ ଆମେ ଭାବି ହିଁ ପାରୁ ନା । ତେଣୁ ସେଇଟା କିପରି ଅଧିଗତ ହୁଏ ତାହା ଚିନ୍ତାରେ ବି ଆସେ ନାହିଁ ।

ସେ ମୋ' କଥାର ସୋଜା ଉତ୍ତର ନ ଦେଇ କହିଲେ— "ନା, ତାହା ସମସ୍ତଙ୍କର ହିଁ ହୋଇପାରେ ।"

'Message' ବହିଟି ପ୍ରକାଶିତ ହେବା ପରେ ତା'ର ଗୋଟିଏ କପି ତଦାନୀନ୍ତନ କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନ୍ସେଲର୍ ଶ୍ରୀପ୍ରମଥନାଥ ବନ୍ଦ୍ୟୋପାଧ୍ୟାୟଙ୍କ ହାତରେ ପଡ଼େ । ସେଇ ବହିଟି ତାଙ୍କର stenographer ଶ୍ରୀଭୂଷଣ ମିତ୍ର ତାଙ୍କୁ ପଢ଼ିବାକୁ ଦେଇଥିଲେ ।

ବହିଟି ପଢ଼ି ସେ ଭୂଷଣବାବୁଙ୍କୁ କୁହନ୍ତି— ସେଇ ଆଶ୍ରମରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ରହୁଥିବା କୌଣସି ଲୋକ ଏଠାରେ ଅଛନ୍ତି କି?

ଭୂଷଣବାବୁଙ୍କ ପାଖରୁ ଖବର ପାଇ ମୁଁ ପ୍ରମଥବାବୁଙ୍କ ସହିତ Universityରେ ସାକ୍ଷାତ୍ କରିବାକୁ ଯାଏ । ସେ ମୋତେ ବସିବାକୁ କହି କହିଲେ— ଦେଖନ୍ତୁ, ମୁଁ ଜାଣିଥିଲି ଶ୍ରୀଶ୍ରୀଠାକୁର ବିଶେଷ କିଛି ଲେଖାପଢ଼ା ଜାଣି ନାହାନ୍ତି । ତା'ପରେ ଯେତେବେଳେ ଶୁଣିଲି ସେ ଇଂରାଜୀରେ ବହି ଲେଖିଛନ୍ତି ସେତେବେଳେ ମନେ କରିଥିଲି ଯେ ତାଙ୍କ ପାଖରେ ଉଚ୍ଚ ଇଂରାଜୀଶିକ୍ଷିତ ବ୍ୟକ୍ତିଗଣ ଅଛନ୍ତି । ସେମାନେ ହୁଏତ ବହି ଲେଖି ଶ୍ରୀଶ୍ରୀଠାକୁରଙ୍କ ନାମରେ ଚଳେଇ ଦେଉଛନ୍ତି । ମୋ' ନିଜର ବି ଗୋଟାଏ ଗର୍ବ ଥିଲା ଯେ ମୁଁ ଖୁବ୍, ଭଲ ଇଂରାଜୀ ଜାଣେ, କିନ୍ତୁ ବହିଟି ପଢ଼ି ବୁଝିଲି ଏପ୍ରକାର ଇଂରାଜୀ ଲେଖା ମୋ' ପକ୍ଷରେ ବା କୌଣସି University product ପକ୍ଷରେ ସମ୍ଭବ ନୁହେଁ । ତେଣୁ ମୋତେ ସ୍ୱୀକାର କରିବାକୁ ହେଲା ଯେ— ଏହା ଶ୍ରୀଶ୍ରୀଠାକୁରଙ୍କର ହିଁ ଇଂରାଜୀ,—and so wonderful!

Scanned with CamScanner

ପ୍ରଥମଖଣ୍ଡ Message ପ୍ରକାଶ ପାଇବା ପରଠାରୁ ଶ୍ରୀଶ୍ରୀଠାକୁର ମଝିରେ ମଝିରେ ଇଂରାଜୀ dictation ଦେଇ ଚାଲିଛନ୍ତି । ସେଗୁଡ଼ିକ ସଙ୍କଳିତ ହୋଇ ଆଜିପର୍ଯ୍ୟନ୍ତ ଏଇ ବହିର ଆଉ ଆଠ ଖଣ୍ଡ ପ୍ରକାଶିତ ହୋଇଛି ।

ଇଂରାଜୀ Messageରେ ପ୍ରଥମ ଖଣ୍ଡ ପ୍ରକାଶିତ ହେବା ପରେ ଶ୍ରଦ୍ଧେୟ କେଷ୍ଟଦା ଶ୍ରୀଶ୍ରୀଠାକୁରଙ୍କୁ ଧରିବସିଲେ ଛଡ଼ା ବା କବିତାରେ କିଛି କହିବାକୁ,— ଯାହା ସମସ୍ତେ, ଏପରିକି ସ୍ତ୍ରୀଲୋକମାନେ ମଧ୍ୟ ସହଜରେ ବୁଝିପାରନ୍ତି ।

ଶ୍ରୀଶ୍ରୀଠାକୁର ହସି କହିଲେ— ମୁଁ କ'ଣ କବି, ଯେ ଛଡ଼ାରେ ବା କବିତାରେ କିଛି କହିବି?

କେଷ୍ଟଦା ନଛୋଡ଼ବନ୍ଧା ହୋଇ ଲାଗିବାରୁ ଶ୍ରୀଶ୍ରୀଠାକୁର ଛଡ଼ାରେ ବା ଛନ୍ଦରେ କହିବାକୁ ଆରମ୍ଭ କଲେ ।... ପ୍ରକୃତପକ୍ଷେ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଏଇସବୁ ଅମୃତବାଣୀ ବାହାର କରି ନେବାର କୃତିତ୍ୱ ଶ୍ରଦ୍ଧେୟ କେଷ୍ଟଦାଙ୍କର । ବାଛୁରୀ ଯେମିତି ଠୁକୁ ଠୁକୁ କରି ମୁଣ୍ଡିଆ ମାରି ଗାଈଠାରୁ ଦୁଧ ବାହାର କରିନିଏ ସେଇପରି କେଷ୍ଟଦା ନିରନ୍ତର ଶ୍ରୀଶ୍ରୀଠାକୁରଙ୍କ ପାଖରେ ଲାଗିରହି ତାଙ୍କ ଭଣ୍ଡାରରୁ ଏଇ ରତ୍ନଗୁଡ଼ିକ ଆହରଣ କରିଛନ୍ତି ।

ଶ୍ରୀଶ୍ରୀଠାକୁରଙ୍କର ଏଇସବୁ ଛଡ଼ା ବା କବିତା 'ଅନୁଶ୍ରୁତି' ନାମକ ବହିରେ କେତେ ଖଣ୍ଡରେ ଛପା ହୋଇଛି ।

"ମାତୃଭକ୍ତି ଅଟୁଟ ଯେତେ,
ସେଇ ପୁଅ ହୁଏ କୃତୀ ସେତେ ।"
"ଧର୍ମେ ବଞ୍ଚେ ବଢ଼େ ସଭିଏଁ,
ସମ୍ପ୍ରଦାୟଟା ଧର୍ମ ନୁହେଁ ।"...

ଇତ୍ୟାଦି slogan ମଧ୍ୟ ସତ୍‌ସଙ୍ଗରେ ପ୍ରଚଳିତ ଅଛି, ଯାହା ପ୍ରକୃତପକ୍ଷେ ଶ୍ରଦ୍ଧେୟ କେଷ୍ଟଦା ହିଁ ଚେଷ୍ଟା କରି ଶ୍ରୀଶ୍ରୀଠାକୁରଙ୍କ ପାଖରୁ ବାହାର କରି ଆଣିଥିଲେ ।

ବିଭିନ୍ନ ସମୟରେ, ବିଭିନ୍ନ ବିଷୟ ନେଇ ସ୍ୱତଃପ୍ରବୃତ୍ତ ହୋଇ ଶ୍ରୀଶ୍ରୀଠାକୁର କେତେବେଳେ ଇଂରାଜୀରେ, କେତେବେଳେ ବଙ୍ଗଳାରେ, କେତେବେଳେ ବା ହିନ୍ଦୀରେ ବାଣୀ ଦେଇଛନ୍ତି— ତାହା ବିଷୟାନୁସାରେ ଗ୍ରଥିତ ହୋଇ ପୁସ୍ତକାକାରରେ ପ୍ରକାଶିତ ହୋଇଛି । ... ଏପରି କୌଣସି ବିଷୟ ନାହିଁ— ସମାଜ, ରାଷ୍ଟ୍ର ବା ବିଜ୍ଞାନର ବିଭିନ୍ନ ବିଭାଗ— ଯାହା ଉପରେ ସେ ଆଲୋକପାତ କରି ନାହାନ୍ତି ।

ଜଣେ ଅଭିଜ୍ଞ ଅଧ୍ୟାପକ ତାଙ୍କର ବ୍ୟବସାୟ ବିଷୟରେ ବାଣୀ ପାଠ କରି କହିଥିଲେ— "ଠାକୁର କ'ଣ କୋଉଦିନ ବ୍ୟବସାୟ କରିଥିଲେ? ତା' ନହେଲେ ସେ ଅଭିଜ୍ଞ ବ୍ୟବସାୟୀ ପରି ଏ ପ୍ରକାର ଜ୍ଞାନ ସଞ୍ଚୟ ବା କଲେ କିପରି?

ଏଇପରି ପ୍ରତ୍ୟେକ ବିଷୟରେ ତାଙ୍କର ଜ୍ଞାନ ଅସାଧାରଣ, ଯେ କୌଣସି ଜଣେ ବ୍ୟକ୍ତି ପକ୍ଷରେ କୌଣସି ପ୍ରକାର ପଠନ-ପାଠନ ବା ଅଭିଜ୍ଞତା ବ୍ୟତିରେକେ ଏଭଳି

ସର୍ବଦେଶଦର୍ଶୀ ଜ୍ଞାନ ଆଇପାରେ ଭାବିଲେ ହିଁ ହତବାକ୍ ହେବାକୁ ହୁଏ । ଶ୍ରୀଶ୍ରୀଠାକୁରଙ୍କର ବିଭିନ୍ନ ବିଷୟ-ସମ୍ବନ୍ଧରେ ପ୍ରଦତ୍ତ ବାଣୀଗୁଡ଼ିକ ପଢ଼ିଲେ ମନେ ହୁଏ,— ଯିଏ ଆଦିକାରଣକୁ ଜାଣିଛନ୍ତି, ତାଙ୍କ ପକ୍ଷରେ ହିଁ ଏପରି ସର୍ବଜ୍ଞତ୍ୱଲାଭ ସମ୍ଭବ ।

ଏଇ ପ୍ରସଙ୍ଗରେ ଶ୍ରୀପ୍ରଫୁଲ୍ଲକୁମାର ଦାସଙ୍କର ଆଲୋଚନା-ପ୍ରସଙ୍ଗର ନାମୋଲ୍ଲେଖ ନ କଲେ ବିଷୟଟି ଅପୂର୍ଣ୍ଣ ରହିଯିବ । ବହୁ ବ୍ୟକ୍ତି ବିଭିନ୍ନ ସମୟରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଶ୍ନ କରିଛନ୍ତି— ଶ୍ରୀଶ୍ରୀଠାକୁରଙ୍କର ସେଇସବୁ ଅମୂଲ୍ୟ ଉପଦେଶ କେତେବେଳେ କହି ଲେଖି ରଖିବାର ଚେଷ୍ଟା କରନ୍ତିନି । ଶ୍ରୀପ୍ରଫୁଲ୍ଲକୁମାର ଦାସ ସତ୍‌ସଙ୍ଗରେ ଯୋଗଦେବା ପରେ ୧୯୩୯ ମସିହାଠାରୁ ବିଭିନ୍ନ ଲୋକଙ୍କର ପ୍ରଶ୍ନ ଏବଂ ତା'ର ଉତ୍ତର ସଂକଳନ କରି, 'ଆଲୋଚନା ପ୍ରସଙ୍ଗେ' ନାମରେ ଅଦ୍ୟାବଧି ଆଠଖଣ୍ଡ ବହି ପ୍ରକାଶ କରିଛନ୍ତି ଏବଂ ଆହୁରି କେତେଖଣ୍ଡ ପ୍ରକାଶିତ ହୋଇ ଚାଲିଛି । ଅତି ସହଜବୋଧ୍ୟ ଭାଷାରେ ଯେଉଁସବୁ ଉତ୍ତର ଶ୍ରୀଶ୍ରୀଠାକୁର ଦେଇଛନ୍ତି— ତାହା ପଢ଼ିଲେ ମୋର ଉପରୋକ୍ତ ମନ୍ତବ୍ୟର ସତ୍ୟତା ଉପଲବ୍ଧି କରି ହେବ ।

ଲୋକେ କହନ୍ତି, ସ୍ୱାମୀ ବିବେକାନନ୍ଦ ହିଁ ଶ୍ରୀଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କୁ ପ୍ରଚାର କରିଛନ୍ତି, କିନ୍ତୁ ମୋର ମନେ ହୁଏ, 'ଶ୍ରୀମା'ଙ୍କ ଲିଖିତ ଶ୍ରୀଶ୍ରୀରାମକୃଷ୍ଣ କଥାମୃତ ଗ୍ରନ୍ଥ ହିଁ ପ୍ରକୃତପକ୍ଷେ ଶ୍ରୀରାମକୃଷ୍ଣଦେବଙ୍କୁ ପ୍ରଚାର କରିଛି । ସେହିପରି ମନେ ହୁଏ, ପରବର୍ତ୍ତୀ ଯୁଗରେ ଶ୍ରୀପ୍ରଫୁଲ୍ଲକୁମାର ଦାସଙ୍କର 'ଆଲୋଚନା-ପ୍ରସଙ୍ଗେ' ହିଁ ଶ୍ରୀଶ୍ରୀଠାକୁରଙ୍କୁ ବୁଝିବା ଦିଗରେ ସର୍ବାପେକ୍ଷା ଶ୍ରେଷ୍ଠ ବହି ହେବ । ଏଥିପାଇଁ ଶ୍ରୀପ୍ରଫୁଲ୍ଲ କୁମାର ଦାସ ଆମ ସମସ୍ତଙ୍କର ଧନ୍ୟବାଦ ।

❑❑❑

Scanned with CamScanner

ବିଜ୍ଞାନ ଓ ଗବେଷଣା

୧୯୩୮ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ Science Congressର ରୌପ୍ୟ-ଜୁବିଲି-ଉତ୍ସବ ଅନୁଷ୍ଠିତ ହୁଏ। ଦେଶ-ବିଦେଶର ବହୁ ବିଜ୍ଞାନୀ ସେଥିରେ ଯୋଗ ଦିଅନ୍ତି। ଶ୍ରୀଶ୍ରୀଠାକୁର ମୋତେ ନିର୍ଦ୍ଦେଶ ଦେଲେ— Science Congressରେ ଯୋଗଦାନକାରୀ ସେଇସବୁ ମନୀଷୀ ବୈଜ୍ଞାନିକମାନଙ୍କ ସହିତ ଦେଖା କରି ଆଳାପ-ଆଲୋଚନା କରିବାକୁ।

ସେମାନଙ୍କ ମଧ୍ୟରୁ କେହି କେହି Great Eastern ବା Grand Hotelରେ ରହୁଛନ୍ତି, କେହି ବା ବିଶିଷ୍ଟ ଭଦ୍ରଲୋକଙ୍କ ଘରେ ଆତିଥ୍ୟ ଗ୍ରହଣ କରିଛନ୍ତି। ଅନୁସନ୍ଧାନ କରି ଜାଣିଲି— ସେମାନଙ୍କର କାର୍ଯ୍ୟକ୍ରମ ଆରମ୍ଭ ହୁଏ ସକାଳ ଆଠଟାରୁ ଏବଂ ଅଧିକ ରାତ୍ରି ପର୍ଯ୍ୟନ୍ତ ସେମାନଙ୍କର ଆଳାପ-ଆଲୋଚନା ଗ୍ୱଲେ, ଅବିରାମ ଭାବରେ। ତେଣୁ ସ୍ଥିର କଲି ଯେ ଅତି ପ୍ରତ୍ୟୁଷରେ ରାତି ଥାଉ ଥାଉ ସେମାନଙ୍କ ସଙ୍ଗେ ଦେଖା କରିବା ଛଡ଼ା ଅନ୍ୟ ଉପାୟ ନାହିଁ।

ହୋଟେଲରେ ସେମାନଙ୍କ ସହିତ ଦେଖା କରିବାକୁ ଗଲି, ସେଠାକାର receptionist କହିଲା ଯେ, ଏତେ ଭୋରରୁ ସେମାନଙ୍କ ସହ ଦେଖା ହୋଇପାରିବ ନାହିଁ। They would be annoyed, I cannot allow you to meet them at such unearthly hour..

ମୋର କିନ୍ତୁ ଦେଖା କରିବା ନିହାତି ଦରକାର। ତେଣୁ ନିଜର କାର୍ଯ୍ୟ ହାସଲପାଇଁ receptionistକୁ ମିଛ କହିବାକୁ ବାଧ୍ୟ ହେଲି। କହିଲି, ସେମାନେ ଏଇ ସକାଳେ ହିଁ ଦେଖା କରିବାକୁ ମୋତେ କହିଛନ୍ତି, କାରଣ ଏଇ ସମୟ ଛଡ଼ା ସେମାନଙ୍କର ଆଉ ସମୟ ନାହିଁ।

Receptionist ପାଖରୁ ସେମାନଙ୍କର ରୁମ୍ ନମ୍ବର ଜାଣିନେଇ ପ୍ରାୟ ଅନ୍ଧାର ଥାଉଁ ଥାଉଁ ସେମାନଙ୍କ ଦରଜାରେ ଆଘାତ କରିଛି— ସେମାନେ night dressରେ ମୋ' ସହିତ ସେମାନଙ୍କୁ ନିଦରୁ ଉଠେଇ ଆଳାପ କରିବା ଲାଗି ସେମାନେ ବିନ୍ଦୁମାତ୍ର ଅସନ୍ତୁଷ୍ଟ ବା ବିରକ୍ତ ହୋଇନାହାନ୍ତି। ବରଂ ମୋତେ ସାଦରେ ଅଭ୍ୟର୍ଥନା କରି ବସେଇ ମୋର ବକ୍ତବ୍ୟ ଧୀରସ୍ଥିରଭାବେ ଶୁଣିଛନ୍ତି। ସେମାନଙ୍କର ସେଇ ଅମାୟିକ ବ୍ୟବହାର ଏବଂ ଧ୍ୟାନଗମ୍ଭୀର ପ୍ରଶାନ୍ତ ମୂର୍ତ୍ତି ଓ ଆନ୍ତରିକତା ଏବଂ ଭାରତୀୟ ଆଦର୍ଶକୁ ଜାଣିବାର ଓ ବୁଝିବାର ଆଗ୍ରହ, ମୋତେ ପ୍ରକୃତରେ ମୁଗ୍ଧ କରିଛି ଏବଂ ମନେ ପକେଇ ଦେଇଛି ପ୍ରାଚୀନ ଭାରତର ଜ୍ଞାନବୃଦ୍ଧ ଋଷିମାନଙ୍କ କଥା— ଯେପରି ସେଇମାନେ ହିଁ ପାଶ୍ଚାତ୍ୟଜଗତରେ ପୁନରାୟ ଜନ୍ମଗ୍ରହଣ କରି ବିଜ୍ଞାନ ଚର୍ଚ୍ଚାରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି।

ଏହିପରି James, Jeans, Eddington, Butler, Jung ଏବଂ ଆହୁରି

ବହୁ ବୈଜ୍ଞାନିକଙ୍କ ସହିତ ଦେଖା କରି ଶ୍ରୀଶ୍ରୀଠାକୁର ଓ ଭାରତୀୟ ଆଦର୍ଶବାଦର କଥା କୁହେ। ସେମାନେ ମୋ' କଥା ଶୁଣି ଖୁବ୍ ସନ୍ତୁଷ୍ଟ ହୋଇଛନ୍ତି— ଆନନ୍ଦ ପ୍ରକାଶ କରିଛନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। କିନ୍ତୁ କହିଛନ୍ତି— ଦୁର୍ଭାଗ୍ୟକ୍ରମେ ଆମର କାର୍ଯ୍ୟସୂଚୀ ଏପରିଭାବେ ବନ୍ଧାହୋଇ ରହିଛି ଯେ, ଗୋଟିଏ ଦିନ ବି ଫୁରସତ୍ ନାହିଁ। କାରଣ, କଲିକତା ବିଶ୍ୱବିଦ୍ୟାଳୟର ଜୁବିଲି-ଉତ୍ସବ ଶେଷ ହେବାପରେ ଭାରତର ବିଭିନ୍ନ ପ୍ରାନ୍ତକୁ ଯିବାର ଠିକ୍ ହୋଇଯାଇଛି।

ସେମାନେ ଏଇକଥା କହି ଦୁଃଖ ପ୍ରକାଶ କରିଛନ୍ତି ଯେ, ଭାରତକୁ ଆସି ଭାରତର ନିଜସ୍ୱ ରୂପ ଦେଖିବା ଓ ବୁଝିବାର ସୁଯୋଗ-ସୁବିଧା ମିଳିବା ସତ୍ତ୍ୱେ ତାହା କାର୍ଯ୍ୟରେ ଲଗେଇ ପାରିଲେ ନାହିଁ।

ଏକମାତ୍ର ଡଃ ଇୟୁଂ ମୋ' ସହିତ ଯାଇ ଶ୍ରୀଶ୍ରୀଠାକୁରଙ୍କୁ ଦେଖିବାପାଇଁ ପ୍ରସ୍ତୁତ ହୋଇଥିଲେ। କିନ୍ତୁ ଦୁର୍ଭାଗ୍ୟକ୍ରମେ ସେ ମଧ୍ୟ ଅସୁସ୍ଥ ହୋଇ Presidency General Hospitalରେ ଯାଇ ଆଶ୍ରୟ ନେଲେ। ସେ ଯେତେଦିନ ହାସପାତାଳରେ ଥିଲେ— ମୁଁ ପ୍ରତିଦିନ ଉପରବେଳା ଯାଇ ତାଙ୍କ ସହ ଦେଖାକରି ତାଙ୍କର ଶଯ୍ୟାପାର୍ଶ୍ୱରେ ବସି, ନାନାପ୍ରକାର ଆଲୋଚନା କରୁଥିଲି। ତାଙ୍କ ସହିତ ଫ୍ରଏଡ୍‌ଙ୍କର ମନସ୍ତତ୍ତ୍ୱ ଉପରେ ବହୁ ଆଲୋଚନା ହୁଏ— କାରଣ ସେ ଫ୍ରଏଡ୍‌ଙ୍କର ସହକର୍ମୀ ଥିଲେ। ଭାରତୀୟ ଦର୍ଶନ, ବେଦାନ୍ତ, ଉପନିଷଦ— ଏ ସବୁ ମଧ୍ୟ ସେ ମନୋଯୋଗ ଦେଇ ପଢ଼ିଥିଲେ ଏବଂ ସେଥିରୁ ନାନାପ୍ରକାର ପ୍ରଶ୍ନ ମୋତେ ପଚାରୁଥିଲେ, ମୁଁ ମଧ୍ୟ ମୋର ସାଧ୍ୟ-ଅନୁସାରେ ତା'ର ଉତ୍ତର ଦେଉଥିଲି।

ଶ୍ରୀଶ୍ରୀରାମକୃଷ୍ଣଙ୍କର ଜୀବନ ଓ ସାଧନା ସମ୍ବନ୍ଧରେ ଆଲୋଚନା-ପ୍ରସଙ୍ଗରେ ସେ ମୋତେ ପଚାରିଥିଲେ— I can not understand how Ramkrishna, having realised the supreme brahman could worship a female Goddess !

ମୁଁ ତାଙ୍କୁ ତା'ର ଯଥାଯଥ ଓ ସନ୍ତୋଷଜନକ ଉତ୍ତର ଦେଇ କହିଥିଲି ଯେ— ଭାରତର ଜଣେ ସାଧାରଣ ଲୋକ ମଧ୍ୟ ଏ ବିଷୟ ବୁଝେ ଓ ଜାଣେ, ସେମାନେ କେବେ ବି ଏ ବିଷୟରେ ଏପରି ପ୍ରଶ୍ନ କରନ୍ତେ ନାହିଁ। ଆଉ ଆପଣ, ଭାରତୀୟ ଦର୍ଶନଶାସ୍ତ୍ର, ଗୀତା, ବେଦାନ୍ତ, ଉପନିଷଦ ପାଠ କରିଛନ୍ତି, ତା' ସତ୍ତ୍ୱେ ଏହା ବୁଝିବାକୁ ଆପଣଙ୍କୁ କଷ୍ଟ ହେଉଛି— ସେ କଥା ଭାବି ମୁଁ ଆଶ୍ଚର୍ଯ୍ୟ ହେଉଛି। ଭାରତର ମର୍ମବାଣୀ ବୁଝିବାକୁ ହେଲେ, କିଛିଦିନ ଭାରତରେ ରହିବା ଦରକାର— ଭାରତୀୟ ମହାପୁରୁଷଙ୍କର ସଙ୍ଗ କରିବା ଦରକାର। ତାହା ନ କରି ଖାଲି ବହି ପଢ଼ି ଶାସ୍ତ୍ରର ମର୍ମାର୍ଥ ଅବଗତ ହେବା ସମ୍ଭବ ନୁହେଁ।

ମୋର ଏଇ କଥା ଶୁଣି ସେ ଦୁଃଖ ପ୍ରକାଶ କରି କହିଲେ— ମୋର ତ ଠାକୁରଙ୍କ ସହିତ ଦେଖା କରିବାର ସୌଭାଗ୍ୟ ହେଲାନାହିଁ। ମୁଁ ଦାକ୍ଷିଣାତ୍ୟ ଯିବି ସେ ଅଞ୍ଚଳର କୌଣସି ମହାପୁରୁଷଙ୍କ ନାମ କୁହନ୍ତୁ— ଯାହାଙ୍କ ସହ ମୁଁ ଦେଖା କରିପାରେ। ... ମୁଁ ରମଣ ମହର୍ଷିଙ୍କ ନାମ କହିଥିଲି ଏବଂ ସେ ଦାକ୍ଷିଣାତ୍ୟ ଯାଇ ରମଣମହର୍ଷିଙ୍କ ସହିତ ସାକ୍ଷାତ୍ କରିଥିଲେ।

□□□

Scanned with CamScanner

ଜାତିସ୍ମର ଓ ଭୃଗୁ

ଏହାପରେ ଶ୍ରୀଶ୍ରୀଠାକୁର ମୋ' ଉପରେ ଦୁଇଟି ବିଷୟର ଭାର ଅର୍ପଣ କଲେ— ଗୋଟିଏ ଜାତିସ୍ମର ସମ୍ବନ୍ଧରେ ତଥ୍ୟ-ଅନୁସନ୍ଧାନ କରିବା ଏବଂ ଦ୍ୱିତୀୟଟି ପ୍ରସିଦ୍ଧ ଜ୍ୟୋତିଷଗ୍ରନ୍ଥ 'ଭୃଗୁସଂହିତା' ସଂଗ୍ରହ କରିବା। ପରବର୍ତ୍ତୀ ଦୁଇବର୍ଷ ଏଥିପାଇଁ ମୋତେ ଭାରତର ଏକପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ପର୍ଯ୍ୟଟନ କରିବାକୁ ପଡ଼େ। ଜାତିସ୍ମର ବିଷୟରେ ପ୍ରାପ୍ତ ତଥ୍ୟାଦି ମୋର 'ଜାତିସ୍ମର କଥା' ଗ୍ରନ୍ଥରେ ବିସ୍ତୃତ ଭାବରେ ଆଲୋଚିତ ହୋଇଛି— ସୁତରାଂ ତା'ର ପୁନରୁଲ୍ଲେଖ ନିଷ୍ପ୍ରୟୋଜନ।

ଭୃଗୁଙ୍କର କୋଷ୍ଠୀ-ସମ୍ବନ୍ଧରେ ମୋର ବିଶେଷ କିଛି ଧାରଣା ନଥିଲା— କେଉଁଠି ଯେ ମିଳିପାରିବ, ସେ ବିଷୟରେ କିଛି ହିଁ ଜାଣି ନଥିଲି। ବନାରସରେ ଜଣେ-ଦୁଇଜଣ ଜ୍ୟୋତିଷୀ ଯେଉଁମାନେ ଏଇ ବ୍ୟବସାୟ କରୁଥିଲେ— ସେମାନଙ୍କ ପାଖକୁ ଯାଇ ବି କୌଣସି ତଥ୍ୟ ଯୋଗାଡ଼ କରି ପାରିଲି ନାହିଁ ଏବଂ ସେମାନଙ୍କ ପାଖରେ ଯେତିକି ଅଂଶ ଅଛି, ବହୁ ଅର୍ଥ-ବିନିମୟରେ ମଧ୍ୟ ସେମାନେ ତା'ର ଏକ ନକଲ ପ୍ରଦାନ କରିବାକୁ ଅସ୍ୱୀକାର କରନ୍ତି।

'ଭୃଗୁସଂହିତା' ସଂଗ୍ରହ କରିବାକୁ ହେଲେ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧରେ କିଛି ଜ୍ଞାନ ଥିବା ଦରକାର। ସେଥିପାଇଁ କିଛିଦିନ ଗଭୀରଭାବେ ଜ୍ୟୋତିଷଶାସ୍ତ୍ର ଚର୍ଚ୍ଚା କରେ। ସେଇ ସମୟରେ ମୋର ଏପରି ଅବସ୍ଥା ହୁଏ ଯେ, ସ୍ୱପ୍ନରେ ମଧ୍ୟ ବିଭିନ୍ନ ରାଶିଚକ୍ର ଦେଖେ। ମୋ' ମନରେ ଏପରି ଧାରଣା ହେଲା ଯେ ଶେଷକୁ ଇଷ୍ଟଚିନ୍ତା ଛାଡ଼ି ମୁଁ ଯେପରି ଏଇ ଜ୍ୟୋତିଷ-ଚର୍ଚ୍ଚା ଭିତରେ ହିଁ ହଜିଯିବି। ତେଣୁ ଥରେ ଏଇ ଭୃଗୁସଂହିତା ସଂଗ୍ରହ ସମୟରେ ଆଶ୍ରମକୁ ଆସି ଶ୍ରୀଶ୍ରୀଠାକୁରଙ୍କୁ ମୋ' ଅବସ୍ଥାର କଥା କୁହେ ଏବଂ ତାଙ୍କ ପାଖରେ ନିବେଦନ କରେ ଯେ, ମୁଁ ଆଉ ଜ୍ୟୋତିଷ ଚର୍ଚ୍ଚା କରିବାକୁ ଚାହୁଁନି। ତେବେ ସାରା ଭାରତ ବୁଲି ପ୍ରାଚୀନ ଜ୍ୟୋତିଷଶାସ୍ତ୍ର ସମ୍ବନ୍ଧରେ ପାଣ୍ଡୁଲିପି କେଉଁଠି କେଉଁଠି ଅଛି— ତାହା ମୁଁ ଦେଖିଆସିଛି ଏବଂ ଜ୍ୟୋତିଷ-ଶିକ୍ଷାରେ ଯଦି କେହି ଆଗ୍ରହୀ ହୁଏ— ତାକୁ ସମୁଦାୟ ତଥ୍ୟାଦି ସଂଗ୍ରହ କରିଦେବାକୁ ପ୍ରସ୍ତୁତ ଅଛି।

ଏକଥା ଶୁଣି ଶ୍ରୀଶ୍ରୀଠାକୁର କହିଲେ— ଜ୍ୟୋତିଷ ଚର୍ଚ୍ଚା କରି ଆପଣଙ୍କର ଯେଉଁ ଅବସ୍ଥା ହୋଇଛି ବୋଲି କହିଲେ ପ୍ରକୃତ ଜ୍ୟୋତିଷୀ ହେବାକୁ ହେଲେ ଠିକ୍ ଏଇଭଳି ହେବାକୁ ହୁଏ।

ମୁଁ କହିଲି— ଏ ବିଷୟରେ ମୋର ଆଉ ଆଗ୍ରହ ନାହିଁ, କାରଣ ଏଥିରେ ଲାଗିରହିଲେ ମୁଁ ଭାବୁଛି— ମୋର ଇଷ୍ଟଚିନ୍ତାରେ ବ୍ୟାଘାତ ସୃଷ୍ଟି ହେବ।

ଏହାପରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ମିନତି ଜଣାଇ ଜ୍ୟୋତିଷ ଚର୍ଚ୍ଚାରୁ ସେଇଦିନ ଇସ୍ତଫା ଦେଲି।

...ଗୋଟିଏ ମଜା କଥା ଏଇ ଯେ, ସାରା ଭାରତ ପରିଭ୍ରମଣର ବ୍ୟୟ ହିସାବରେ, ଶ୍ରୀଶ୍ରୀଠାକୁର ମୋତେ ନଅଟି ଟଙ୍କା ଦେଇଥିଲେ। ସେଇ ନଅଟି ଟଙ୍କା ପରିଭ୍ରମଣ ଶେଷରେ ଫେରେଇ ଆଣିବାକୁ ସମର୍ଥ ହୋଇଥିଲି।

ଏଇ ଦୀର୍ଘଦିନର ଯାତ୍ରାପଥରେ, ବିଭିନ୍ନ ସମୟରେ, ଶ୍ରୀଶ୍ରୀଠାକୁରଙ୍କର ଅଶେଷ କୃପାଲାଭରେ ମୁଁ ଧନ୍ୟ ହୋଇଛି। ମନେ ହେଉଥିଲା, ସେ ଯେପରି ମୋ' ସଙ୍ଗେ ସଙ୍ଗେ ହିଁ ଅଛନ୍ତି। ଯେତେବେଳେ ସମ୍ପୂର୍ଣ୍ଣ ଶୂନ୍ୟହସ୍ତ ହୋଇ ତାଙ୍କୁ ଡାକିଛି— ସେତେବେଳେ ହିଁ ସେ ଏପରି ଲୋକ ସହିତ ଯୋଗାଯୋଗ କରେଇଦେଇଛନ୍ତି ଯେ, ସେମାନେ ଆନନ୍ଦରେ ମୋର ସମସ୍ତ ବ୍ୟୟଭାର ବହନ କରିଛନ୍ତି, କେତେ ଆଦରଯତ୍ନ କରିଛନ୍ତି ଏକାନ୍ତ ଆପଣାର ଲୋକ ପରି। ଭୟଙ୍କର ସଙ୍କଟ-ମୁହୂର୍ତ୍ତରେ ମଧ୍ୟ ତାଙ୍କର କୃପା ଲାଭ କରି ଧନ୍ୟ ହୋଇଛି। ଆଉ, ସେ ଯେ ସର୍ବଦା ମୋ' ସଙ୍ଗେ ସଙ୍ଗେ ଅଛନ୍ତି— ଏକଥା ଆଶ୍ରମକୁ ଫେରିବା ପରେ ବି ଜାଣିପାରିଛି, ଆଶ୍ରମବାସୀଙ୍କ ମୁହଁରୁ ଶୁଣି।

ପ୍ରତିଦିନ 'ସକାଳେ ଓ ସଂଧ୍ୟାରେ ମା'ଙ୍କର କଟେଜ୍ ବାରଣ୍ଡାରେ ଗୋଟିଏ ଚୌକି ଉପରେ ଶ୍ରୀଶ୍ରୀମା'ଙ୍କ ପାଖରେ ବସନ୍ତି ଶ୍ରୀଶ୍ରୀଠାକୁର। ଭକ୍ତମାନେ ସମସ୍ତେ ଆସନ୍ତି ସେଠିକି, ସମ୍ମିଳିତଭାବେ ବିନତୀ ପ୍ରାର୍ଥନା ହୁଏ। ତା'ପରେ ଠାକୁର-ପ୍ରଣାମ କରି ସମସ୍ତେ ଫେରିଯା'ନ୍ତି ନିଜ ନିଜ କାମରେ। ଦିନେ ଏଇ ପ୍ରାର୍ଥନା-ସଭାରେ ଶ୍ରୀଶ୍ରୀଠାକୁର କହିଲେ— ସୁଶୀଲଦା ଆଜିକାଲି ଏପରି ହୋଇଛନ୍ତି ଯେ, ଆଜି ଯଦି ସେ ଘଞ୍ଚ ଅରଣ୍ୟ, ପର୍ବତ ଗୁମ୍ଫା, ଅଥବା ମହାସମୁଦ୍ରର ଅଜଣା ଦ୍ୱୀପକୁ ଚାଲିଯା'ନ୍ତି— ମୋତେ ତାଙ୍କ ସଙ୍ଗେ ସଙ୍ଗେ ଯାଇ ସେଠି ବସିବାକୁ ପଡ଼ିବ।

ଶ୍ରୀସଚ୍ଚିଦାନନ୍ଦ ଗୋସ୍ୱାମୀ ତାଙ୍କର 'ଶ୍ରୀମଦ୍ ଆଚାର୍ଯ୍ୟ ସତୀଶଚନ୍ଦ୍ର ଗୋସ୍ୱାମୀ ଓ ସତ୍‌ସଙ୍ଗ ଆନ୍ଦୋଳନ' ଗ୍ରନ୍ଥ ମଧ୍ୟରେ ଉପରୋକ୍ତ କଥା ଲେଖିଛନ୍ତି।

'ଭୃଗୁସଂହିତା' ସଂଗ୍ରହ କରିବାରେ ଯେ କିଭଳି କଠୋର ପରିଶ୍ରମ କରିବାକୁ ହୋଇଥିଲା— ତା'ର କିଛିଟା ଆଭାସ ମୋର 'ରାଜସ୍ଥାନେର୍ ପଥେ' ଗ୍ରନ୍ଥରେ ଦେଇଛି। ସଂଗ୍ରହ କାର୍ଯ୍ୟରେ ପ୍ରଥମେ ବ୍ୟାପୃତ ହେବା ସମୟରେ, କଲିକତାର ଜଣେ ଅଧ୍ୟାପକଙ୍କ ପାଖରୁ ଶୁଣେ ଯେ, କାଶ୍ମୀରରେ 'ଭୃଗୁସଂହିତା'ର ପାଣ୍ଡୁଲିପି ଅଛି। ତାଙ୍କର ଶୁଣା କଥା ଉପରେ ନିର୍ଭର କରି କାଶ୍ମୀରର ଶ୍ରୀନଗରରେ ଯାଇ ଉପସ୍ଥିତ ହୁଏ— ଅନେକ କଷ୍ଟ ସ୍ୱୀକାର କରି। କିନ୍ତୁ ମହାରାଜଙ୍କର ନିଜସ୍ୱ ଲାଇବ୍ରେରୀ ଓ ପବ୍ଲିକ୍ ଲାଇବ୍ରେରୀ ଅନୁସନ୍ଧାନ କରି ମଧ୍ୟ କିଛି ପାଏ ନାହିଁ। ସାଧାରଣ ପାଠାଗାରର librarian, Mr. Kaul ମୋତେ

Scanned with CamScanner

କହିଲେ ଯେ, ଆପଣ ଭୁଲ୍ ସମ୍ବାଦ ପାଇ ଏଠିକି ଆସିଛନ୍ତି; ଏଠି ଯଦି ଥାଆନ୍ତା ତା'ହେଲେ ଆମେ କ'ଣ ଜାଣି ନ ଥାନ୍ତୁ !

ଖୁବ୍ ହତାଶ ହୋଇପଡ଼ିଲି ଏବଂ ଶ୍ରୀଶ୍ରୀଠାକୁରଙ୍କୁ ମନେ ମନେ ସ୍ମରଣ କରି ପ୍ରାର୍ଥନା କରିବାକୁ ଲାଗିଲି । ମନର ଦୁଃଖ ଅପନୋଦନ କରିବାପାଇଁ ଶ୍ରୀନଗର ମିଉଜିୟମ୍ ଏବଂ ଚିତ୍ରଶାଳାରେ ପ୍ରବେଶ କଲି । ସେଠାରେ ଅପ୍ରତ୍ୟାଶିତ ଭାବରେ ଜଣେ ଭଦ୍ରଲୋକଙ୍କ ସହିତ ଆଳାପ ହେଲା । ସେ କାଶ୍ମୀରବାସୀ— ତାଙ୍କୁ ମୋର ଦୁଃଖ କଥା କହିଲି ।

ତୃଷାର୍ତ୍ତ ପଥିକ ଯେପରି ଶୀତଳ ଜଳ ପାଇଲେ ତା'ର ତୃପ୍ତିର ଅନ୍ତ ରହେ ନାହିଁ, ସେହିପରି ସେହି ଭଦ୍ରଲୋକ ମୋତେ ଆଶ୍ୱାସନା ଦେଇ କହିଲେ— ହଁ, କାଶ୍ମୀରରେ 'ଭୃଗୁସଂହିତା' ଅଛି, ତାର ସନ୍ଧାନ ଆପଣଙ୍କୁ ମୁଁ ଦେଇପାରେ ।

ମୁଁ କହିଲି— ଏଠାରେ ଯେତେ ଲାଇବ୍ରେରୀ ଅଛି, ସବୁ ତନ୍ନ ତନ୍ନ କରି ଖୋଜି ବି ମୁଁ ସନ୍ଧାନ ପାଇନି— ଆପଣ କ'ଣ କରନ୍ତି ?

ସେ କହିଲେ— ମୁଁ ଗ୍ରନ୍ଥାଗାରିକ ମିଃ କାଉଲଙ୍କର ସହକାରୀ ।

ମୁଁ କହିଲି— ମୁଁ ତ ସ୍ୱୟଂ ମିଃ କାଉଲଙ୍କ ସହ ଏ ବିଷୟରେ ଆଳାପ କରିଛି । ସେ କାଟାଲଗ୍ ବାହାର କରି ମୋତେ ଦେଖାଇ କହିଛନ୍ତି— 'ଭୃଗୁସଂହିତା' ଏଠାରେ ନାହିଁ ।

ସେଇ ଭଦ୍ରଲୋକଟି କହିଲେ— ମୁଁ ଅଫିସ୍‌କୁ ଯାଉଛି— ଆପଣ ବି କାଉଲଙ୍କ ପାଖକୁ ଚାଲନ୍ତୁ । ମିଃ କାଉଲ ମୋତେ ଡକେଇ ପଠେଇଲେ ତାଙ୍କ ଆଗରେ ପ୍ରକାଶ କରିବି ।

ମୁଁ ମିଃ କାଉଲ୍‌ଙ୍କ ଆଗରେ ଏ ବିଷୟରେ କହିବାରୁ ସେ ତାଙ୍କ ସହକାରୀଙ୍କୁ ଡକେଇ ପଠେଇଲେ । ତାଙ୍କ ଆଦେଶରେ ସେଇ ସହକାରୀ ଗୋଟିଏ ଅତି ପୁରାତନ କୀଟଦଷ୍ଟ ପୁସ୍ତକ ତାଲିକା ବାହାର କରି ଦେଖାଇଲେ, ଜମ୍ମୁର ଶ୍ରୀରଘୁନାଥଜୀଙ୍କ ମନ୍ଦିର ଲାଇବ୍ରେରୀରେ ମହାରାଜା ରଣବୀର ସିଂହ କର୍ତ୍ତୃକ ସଂଗୃହୀତ 'ଭୃଗୁସଂହିତା' ଅଛି, କିନ୍ତୁ ତାହା ନକଲ କରିବାକୁ ଆଜି ପର୍ଯ୍ୟନ୍ତ କାହାକୁ ମଧ୍ୟ ଦିଆହୋଇନି ।

ଯଦିବା ସନ୍ଧାନ ପାଇଲି— କିନ୍ତୁ ତା'ର କୌଣସି ନକଲ କରି ଆଣିହେବ ନାହିଁ ଶୁଣି ମ୍ରିୟମାଣ ହୋଇପଡ଼ିଲି । ମିଃ କାଉଲ୍ ମଧ୍ୟ କହିଲେ— ପ୍ରକୃତରେ ଏଇସବୁ ପ୍ରାଚୀନ ପୋଥିର ପାଣ୍ଡୁଲିପି ନକଲ କରିବାର ଅନୁମତି ଷ୍ଟେଟ୍ ତରଫରୁ କାହାକୁ ବି ଦିଆ ହୁଏନାହିଁ ।

ମୁଁ କିନ୍ତୁ ଆଶା ଛାଡ଼ିଲି ନାହିଁ । ମନେ ହେଲା, ନିରାଶା ଭିତରେ ଶ୍ରୀଶ୍ରୀଠାକୁରଙ୍କ କୃପାରେ ଯେତେବେଳେ କ୍ଷୀଣ ଆଲୋକରେଖା ଦେଖିବାକୁ ପାଇଛି— ସେତେବେଳେ ଶେଷରେ ତାଙ୍କରି ଦୟାରେ ହିଁ ଏହାର ନକଲ ନେବାକୁ ବି ସମର୍ଥ ହେବି ।

ସେତେବେଳେ କାଶ୍ମୀରରେ ପ୍ରଧାନମନ୍ତ୍ରୀ ସାର ଗୋପାଳସ୍ୱାମୀ ଆୟେଙ୍ଗାର୍, ଯିଏ ପରେ ସ୍ୱାଧୀନ ଭାରତର ପ୍ରଥମ ପ୍ରତିରକ୍ଷାମନ୍ତ୍ରୀ ହୋଇଥିଲେ । ତାଙ୍କ ସହ ସାକ୍ଷାତ୍ କରି କିଛିଦିନ ଆଳାପ-ଆଲୋଚନା କରି ବହୁ କଷ୍ଟରେ ତାଙ୍କ ପାଖରୁ ଅନୁମତି ପାଇପାରିଥିଲି ।

ତାଙ୍କର ନିର୍ଦ୍ଦେଶନାମା ନେଇ— ଜମ୍ମୁରେ ଆସି ରାଜପଣ୍ଡିତଙ୍କ ପାଖରେ ତାହା ଦେଲି । ସେ ସେଇ ନିର୍ଦ୍ଦେଶନାମା ପାଇ ନକଲ କରିବାକୁ କେତେ କ'ଣ ଖର୍ଚ୍ଚ ଲାଗିବ, ତାର ହିସାବ କରିଦେଲେ ।

ତାହା ଶୁଣି ମୁଁ ଆଶ୍ରମ ଫେରିଆସିଲି । ଶ୍ରୀଶ୍ରୀଠାକୁର ମୋ' ପାଖରୁ ସବୁ ଜାଣି, ଉତ୍ସାହରେ କହିଲେ— ଆପଣ ପୁଣି ଜମ୍ମୁ ଯାଆନ୍ତୁ, ବର୍ତ୍ତମାନ କିଛି ଟଙ୍କା ନେଇଯା'ନ୍ତୁ— ପରେ ଏମାନେ (ଯେପୁଦାଙ୍କୁ ଦେଖାଇ) ଦେବେ । ଯେପୁଦା ସେତେବେଳେ ପ୍ରତିନିଧି-ନାୟକ ଏବଂ ଆଶ୍ରମର କର୍ତ୍ତୃତ୍ୱଭାର ତାଙ୍କ ଉପରେ ନ୍ୟସ୍ତ ଥିଲା ।

ମୁଁ ଜମ୍ମୁ ଯାଇ କେତେଜଣ ସଂସ୍କୃତଜ୍ଞ ଜ୍ୟୋତିଷୀଙ୍କୁ 'ଭୃଗୁସଂହିତା'ର ପାଣ୍ଡୁଲିପି ନକଲ କରିବାରେ ନିଯୁକ୍ତ କଲି । ଜମ୍ମୁର ସାଧାରଣ ଭାଷା ଉର୍ଦ୍ଦୁ— ତେଣୁ, ଏଇସବୁ ପଣ୍ଡିତଙ୍କୁ ଅନେକ କଷ୍ଟ ସ୍ୱୀକାର କରି, ବାହାରୁ ଆଣିବାକୁ ପଡ଼ିଥିଲା ।

ଶ୍ରଦ୍ଧେୟ ଯେପୁଦା ଦୁଇଥର ମାତ୍ର କିଛି କିଛି ଟଙ୍କା ପଠେଇ ଯେତେବେଳେ 'ଭୃଗୁସଂହିତା'ର ପାଣ୍ଡୁଲିପିର ନକଲ ପ୍ରାୟ ଶେଷ ହୋଇ ଆସିଛି ଏବଂ ପଣ୍ଡିତମାନେ ସେମାନଙ୍କର ପାରିଶ୍ରମିକପାଇଁ ତାଗିଦ୍ କରୁଛନ୍ତି, ସେତେବେଳେ ସଫା ଜବାବ ଦେଇଦେଲେ— ଆଉ ଟଙ୍କା ପଠେଇବା ସମ୍ଭବ ନୁହେଁ ।

ମୁଁ ତ ଚିଠି ପାଇ ମୁଣ୍ଡରେ ହାତ ଦେଇ ବସିଲି । ଜମ୍ମୁ ଆସି ଏଇ କାମରେ ବ୍ୟସ୍ତ ଅଛି, ଏଠିକାର କୌଣସି ଲୋକ ସହ ପରିଚିତ ହେବାର ସୁଯୋଗ ହୋଇନି । ବର୍ତ୍ତମାନ ପଣ୍ଡିତମାନଙ୍କର ପ୍ରାପ୍ୟ ଟଙ୍କା ପରିଶୋଧ କରି ନ ପାରିଲେ, ମୋତେ ଏମାନେ ହୁଏତ ମାରିପକେଇବେ । ସେଇ ରାତିରେ ଦୁଶ୍ଚିନ୍ତାରେ ଆଦୌ ନିଦ ହେଲାନାହିଁ— ପ୍ରାଣପଣେ ଶ୍ରୀଶ୍ରୀଠାକୁରଙ୍କୁ ଡାକିବାକୁ ଲାଗିଲି ଏବଂ କହିବାକୁ ଲାଗିଲି— ତୁମେ ବୁଦ୍ଧି ଯୋଗେଇଦିଅ, ଯାହାଦ୍ୱାରା ଏ ଦାୟରୁ ଉଦ୍ଧାର ପାଇପାରେ ।

ଏହିପରି ସେଇ ବିନିଦ୍ର ରଜନୀ ଶ୍ରୀଶ୍ରୀଠାକୁରଙ୍କ ପାଖରେ ପ୍ରାର୍ଥନା ଜଣାଉ ଜଣାଉ ମନରେ ଭାସିଉଠିଲା, ଏଠାରେ ଯଦି ଟଙ୍କା ସଂଗ୍ରହ କରିବାକୁ ହୁଏ— ତା'ହେଲେ ଏଠାକାର ସର୍ବାପେକ୍ଷା ପ୍ରଭାବଶାଳୀ ବ୍ୟକ୍ତିର ଶରଣାପନ୍ନ ହେବାକୁ ପଡ଼ିବ, ସେ ହେଲେ ପ୍ରଧାନମନ୍ତ୍ରୀ । କାଶ୍ମୀରରାଜ ହରିସିଂ ଅଛନ୍ତି ସତ,' କିନ୍ତୁ ସେ ଷ୍ଟେଟ୍‌ର କୌଣସି କିଛି ଦେଖନ୍ତି ନାହିଁ ।

ଯେମିତି ଏଇ କଥା ମନରେ ଆସିଚି— ତତ୍‌କ୍ଷଣାତ୍ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାପାଇଁ ତାଙ୍କ ପାଖକୁ ଗଲି । ପନ୍ଦର ମିନିଟ୍ କାଳ ତାଙ୍କ ସହ ଆଳାପ କରି—

Scanned with CamScanner

ଆଳାପ ସମ୍ପୂର୍ଣ୍ଣ ନ ହେବାରୁ ଅନ୍ୟତ୍ର କାମ ଅଛି ବୋଲି କହି ସେଦିନ ବିଦାୟ ନେଲି, ଯାହାଦ୍ୱାରା ସେଇ ସୂତ୍ର ଧରି ପୁଣି ଦେଖା କରି ଏଇ ଆଳାପ ଆରମ୍ଭ କରିପାରେ।

ତା'ର ଦୁଇଦିନ ପରେ ପୁଣି ତାଙ୍କ ସହିତ ଦେଖା କରି ସେଇ ପୂର୍ବକଥିତ ଆଲୋଚନାର ସୂତ୍ର ଧରି କଥାବାର୍ତ୍ତା ଆରମ୍ଭ କଲି ଏବଂ ପ୍ରାୟ ୨୦ ମିନିଟ୍ ଆଳାପ କରିବା ପରେ କଥା ଶେଷ ନ କରି ଚ୍ଛଲିଆସିଲି। କାରଣ, ବୁଝିପାରିଲି ଯେ— ଏ ପର୍ଯ୍ୟନ୍ତ ସେ ଏତେଟା interested ହୋଇନାହାନ୍ତି, ଯାହାଦ୍ୱାରା ସେ ମୋର ଅନୁରୋଧ ରକ୍ଷା କରିପାରନ୍ତି।

ପୁଣି ଦୁଇଦିନ ପରେ ତାଙ୍କ ସହିତ ଦେଖା କରିବାକୁ ଗଲି— ପୂର୍ବ ସୂତ୍ର ଧରି ଆଲୋଚନା ଚ୍ଛଲିବାକୁ ଲାଗିଲା। ଆଲୋଚନାର ବିଷୟବସ୍ତୁ ଥିଲା 'ଅହିଂସା'— ଗାନ୍ଧିଜୀଙ୍କର ଅହିଂସା, ବୁଦ୍ଧଦେବଙ୍କର ଅହିଂସା, ଏବଂ ଶ୍ରୀକୃଷ୍ଣଙ୍କର ଅହିଂସା,— ଏ ତିନୋଟି ଭିତରେ ପାର୍ଥକ୍ୟ କେଉଁଠି ଏବଂ କେଉଁଟା ଅନୁସରଣୀୟ। ସେଦିନ ପ୍ରାୟ ଅଢ଼େଇ ଘଣ୍ଟା ଆଲୋଚନା ଚ୍ଛଲିଲା, ପ୍ରଥମେ ବସି ବସି, ତା'ପରେ ବୁଲି ବୁଲି।... ଏଣେ ପାଖ ଘରେ ଅନ୍ୟ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ସହ ଦେଖା କରିବାକୁ ଅପେକ୍ଷା କରିଛନ୍ତି।

ମୋର ମନେ ହେଲା,—Now is the time to strike. ତେଣୁ ତାଙ୍କୁ କହିଲି— ମୋର ତାଙ୍କ ପାଖକୁ ଆସିବାର ଉଦ୍ଦେଶ୍ୟ।

ସେ ମୋ' କଥା ଶୁଣି ହସି କହିଲେ— ଏଇ ପର୍‌ମିସନପାଇଁ ଆସିଥିଲେ— ପୁଣି ବର୍ତ୍ତମାନ ଅର୍ଥ ସାହାଯ୍ୟପାଇଁ ଆସିଛନ୍ତି। ଆପଣ କ'ଣ ଜାଣି ନାହାନ୍ତି ରାଜ୍ୟର ଅର୍ଥ ରାଜ୍ୟର ସ୍ୱାର୍ଥ ଛଡ଼ା ଅନ୍ୟ ବିଷୟରେ ଖର୍ଚ୍ଚ ହୁଏ ନାହିଁ ବୋଲି ?

ମୁଁ କହିଲି— ଆମ ଆଶ୍ରମର ସବୁ କାମ ତ ଦଶଜଣଙ୍କ ପାଖରୁ ସଂଗ୍ରହ କରି ହିଁ କରାଯାଏ। ଯାହା ଆଣିଥିଲି, ସବୁ ଖରଚ ହୋଇଯାଇଛି— ତେଣୁ ଆପଣଙ୍କ ପରି ବିଦ୍ୟୋତ୍ସାହୀ ସ୍ୱଧର୍ମନିଷ୍ଠ ବ୍ୟକ୍ତିର ଶରଣାପନ୍ନ ହେବା ଛଡ଼ା ଆମର ଆଉ ଗତ୍ୟନ୍ତର ନାହିଁ।

ସେ କହିଲେ— Mr. Bose, you embarass me!

ମୁଁ କହିଲି— ଆପଣଙ୍କୁ ଏ ବିଷୟରେ ବ୍ୟତିବ୍ୟସ୍ତ କରିବାକୁ ମୋଟେ ଚ୍ଛହେଁ ନାହିଁ। ଯଦି ଆପଣଙ୍କର ପଦମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ମୋତେ ସାହାଯ୍ୟ କରିବା ସମ୍ଭବ ହୁଏ, ତେବେ ତାହା କରିବେ ନତୁବା ମୁଁ ସାହାଯ୍ୟ ଚ୍ଛହେଁ ନାହିଁ।... ଯଦିଓ ଏ କଥା କିହିଲି— କିନ୍ତୁ ମୋର ମାନସିକ ଅବସ୍ଥା ସହଜରେ ଅନୁମେୟ। ଫେରି ଆସିବାବେଳେ ତାଙ୍କୁ କହିଆସିଲି— ଆପଣ ସାହାଯ୍ୟ କରିପାରିବେ କିନା ତା'ର ଉତ୍ତର ମୁଁ ବର୍ତ୍ତମାନ ଚ୍ଛହୁଁନି— ମୁଁ ଦୁଇଦିନ ପରେ ପୁଣି ଆପଣଙ୍କ ସହ ସାକ୍ଷାତ୍ କରିବି।

...ଦୁଇଦିନ ପରେ ପୁଣି ତାଙ୍କ ପାଖକୁ ଗଲି।

ସେତେବେଳେ ସେ ହସି କହିଲେ— ଆପଣଙ୍କ କଥା ଚିନ୍ତା କରି ମୋ' ମୁଣ୍ଡକୁ ଗୋଟାଏ ବୁଦ୍ଧି ଆସିଛି— ସେଥିରେ ବୋଧହୁଏ ଆପଣଙ୍କର କାମ ହୋଇପାରେ। ଆପଣଙ୍କୁ ପୂର୍ବରୁ କହିଛି ଯେ ଷ୍ଟେଟ୍‌ର ଟଙ୍କା ବାହାରର କୌଣସି ବିଷୟରେ ଖର୍ଚ୍ଚ କରିବାର ନିୟମ ନାହିଁ। କିନ୍ତୁ 'ରାଜମାତା ଫଣ୍ଡ୍' ବୋଲି ଗୋଟିଏ ଫଣ୍ଡ୍ ଅଛି— ତା'ର ଅର୍ଥ ଧର୍ମକାର୍ଯ୍ୟରେ ବ୍ୟୟିତ ହୁଏ ଏବଂ ତାହା ନିୟନ୍ତ୍ରିତ ହୁଏ ଦେଓ୍ୱାନ୍-ବାହାଦୁରଙ୍କ ଦ୍ୱାରା। କିନ୍ତୁ ପ୍ରଧାନମନ୍ତ୍ରୀ ହୋଇ ଦେଓ୍ୱାନ-ବାହାଦୁରଙ୍କୁ ଏ ବିଷୟରେ ଅନୁରୋଧ କଲେ ମୋର ପଦ ମର୍ଯ୍ୟାଦାରେ ଆଞ୍ଚ ଆସେ।

ମୁଁ କହିଲି— ଆପଣ କାହିଁକି ମୋ'ପାଇଁ ଦେଓ୍ୱାନ-ବାହାଦୁରଙ୍କୁ ଅନୁରୋଧ କରିବାକୁ ଯିବେ? ଆପଣ ଆପଣଙ୍କର ଚୀଫ୍ ସେକ୍ରେଟେରୀଙ୍କୁ କୁହନ୍ତୁ— He will manage it for you.

ସେ ସ୍ୱସ୍ତିର ନିଃଶ୍ୱାସ ଛାଡ଼ି କହିଲେ— ହଁ, ଠିକ୍ କହିଛନ୍ତି। ତା'ପରେ ସେ ଚୀଫ୍ ସେକ୍ରେଟାରୀଙ୍କୁ ଫୋନ୍ କରି ମୋ' ବିଷୟ କହିଲେ। ମୁଁ ଯେପରି ଦେଓ୍ୱାନ୍-ବାହାଦୁରଙ୍କ ପାଖରୁ ସାହାଯ୍ୟ ପାଏ, ତା'ର ବ୍ୟବସ୍ଥା କରିବାକୁ କହିଦେଲେ— 'ବୋସ୍ ତୁମ ସହ ଦେଖା କରିବେ'— ଏହା କହି ମୋତେ ତାଙ୍କ ପାଖକୁ ପଠାଇଲେ। ସେତେବେଳେ ରାମଚନ୍ଦ୍ର କାକ୍ ଚୀଫ୍ ସେକ୍ରେଟେରୀ ଥିଲେ— ସେ ପରେ କାଶ୍ମୀରର ପ୍ରଧାନମନ୍ତ୍ରୀ ହୁଅନ୍ତି। ଚୀଫ୍ ସେକ୍ରେଟାରୀ ଦେଓ୍ୱାନ୍ ବାହାଦୁରଙ୍କୁ ଫୋନ୍ କରି ମୋ' ବିଷୟରେ କହିଲେ, ଏବଂ ଜଣାଇଲେ ଯେ ସେ ମୋତେ ସାହାଯ୍ୟ କଲେ ପ୍ରଧାନମନ୍ତ୍ରୀ ଖୁବ୍ ଖୁସୀ ହେବେ।

ଦେଓ୍ୱାନ୍-ବାହାଦୁରଙ୍କର ମଧ୍ୟ ଗୋଟାଏ କାମ ପ୍ରଧାନମନ୍ତ୍ରୀଙ୍କ ପାଖରେ ଥିଲା— ସେ ମଧ୍ୟ ଚୀଫ୍ ସେକ୍ରେଟେରୀଙ୍କୁ କହିଲେ— ମୋର କାମଟା ବି ପ୍ରଧାନମନ୍ତ୍ରୀଙ୍କୁ କହି କରେଇଦିଅନ୍ତୁ।

ଚୀଫ୍ ସେକ୍ରେଟେରୀ କହିଲେ— ହଁ, ଆନନ୍ଦର ସହ ତାହା କରେଇଦେବି।

ମୁଁ ଦେଓ୍ୱାନ-ବାହାଦୁରଙ୍କୁ ଜଣାଇଲି ଯେ, ଟଙ୍କା ମୁଁ ନିଜେ ନବାକୁ ଚ୍ଛହୁଁ ନାହିଁ; ଆପଣ ମହାମହୋପାଧ୍ୟାୟ ରାଜପଣ୍ଡିତଙ୍କ ପାଖରୁ ହିସାବ ନେଇ, ପଣ୍ଡିତମାନଙ୍କର ପ୍ରାପ୍ୟ ଟଙ୍କା ତାଙ୍କ ହାତରେ ଦେଇଦେବେ।

ଏହାପରେ ଦେଓ୍ୱାନ-ବାହାଦୁର ରାଜପଣ୍ଡିତଙ୍କ ପାଖରୁ ହିସାବ ନେଇ ସବୁ ଟଙ୍କା ପରିଶୋଧ କରି ମୋତେ ଦାୟମୁକ୍ତ କଲେ। ଏହିପରି କାଶ୍ମୀରରେ 'ଭୃଗୁସଂହିତା' ସଂଗ୍ରହର ପରିସମାପ୍ତି ଘଟେ। ଶ୍ରୀଶ୍ରୀଠାକୁରଙ୍କ ଦୟାରେ ହିଁ ଏପରି ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥିଲା।

କାଶ୍ମୀରରୁ 'ଭୃଗୁସଂହିତା'ର ପାଣ୍ଡୁଲିପିର ନକଲ ଆଣି ଯେଉଁଦିନ ସକାଳେ ପାବନା ଆଶ୍ରମରେ ପହଞ୍ଚିଲି, ତାର ପୂର୍ବଦିନ ରାତିରେ ଆଶ୍ରମରେ ଗୋଟିଏ ଘଟଣା ଘଟିଯାଇଛି।

Scanned with CamScanner

ପହଞ୍ଚି ଶୁଣିଲି ଯେ, ଶ୍ରୀଶ୍ରୀଠାକୁରଙ୍କର ଗୁଆ ଡବାରେ ଅତି ମାରାତ୍ମକ ବିଷ ଦିଆ ହୋଇଥିଲା! ଶ୍ରୀଶ୍ରୀଠାକୁର ବଙ୍କିମଚନ୍ଦ୍ର ରାୟଙ୍କୁ ଗୁଆ ମାଗିଲେ, ବଙ୍କିମ ଗୁଆ ଦେବାକୁ ଯାଇ ଗୁଆ ସହିତ ଆଉ ଗୋଟିଏ ପଦାର୍ଥ ଦେଖି ସନ୍ଦେହକ୍ରମେ ତାକୁ ଚିପି ଦେଖିଲା ଏବଂ ସେଇ ଅଙ୍ଗୁଳି ତା'ର ଜିଭରେ ଦେବାମାତ୍ରେ ସବୁଆଡ଼ ଅନ୍ଧକାର ଦେଖାଗଲା। ତା'ପରେ-ରସାୟନାଗାରରେ ସେଇ ଜିନିଷଟା ପରୀକ୍ଷା କରି ଜଣାଗଲା ଯେ ସେଇଟା ଏକ ମାରାତ୍ମକ ବିଷ !

ଏହାର ବହୁ ପୂର୍ବରୁ କୃଷ୍ଣଚନ୍ଦ୍ର ଦାସ ଶ୍ରୀଶ୍ରୀଠାକୁରଙ୍କର ପ୍ରାଣନାଶପାଇଁ ଷଡ଼ଯନ୍ତ୍ରକରିଥିଲା; ତା'ପରେ ଏଥର ଶ୍ରୀଶ୍ରୀଠାକୁରଙ୍କର ଜୀବନନାଶର ଅପଚେଷ୍ଟା କାହାଦ୍ୱାରା କରାହେଲା ତାହା ଜଣାଗଲା ନାହିଁ। କୃଷ୍ଣଚନ୍ଦ୍ର ଦାସ ଶ୍ରୀଶ୍ରୀଠାକୁରଙ୍କୁ ପ୍ରାଣରେ ମାରି ନିଜେ ଠାକୁର ହେବାକୁ ଚାହିଁଥିଲା, ଏଥର ଯାହାଦ୍ୱାରା ଏଇ ଅପଚେଷ୍ଟା କରାହୋଇଥିଲା ତାର ବି ବୋଧହୁଏ ଏଇପରି କୌଣସି ଜଘନ୍ୟ ଅଭିପ୍ରାୟ ଥିଲା।

ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ ରହୁଥିଲେ ଏବଂ ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କର ପାନ, ସୁପାରି, ପାଣି ଇତ୍ୟାଦି ପ୍ରଦାନ କରୁଥିଲେ ସେମାନଙ୍କ ବ୍ୟତୀତ ବାହାରର ଅନ୍ୟ କାହାଦ୍ୱାରା ଏଇ ହୀନ ପ୍ରଚେଷ୍ଟା ସମ୍ଭବ ବୋଲି ମନେ ହୁଏ ନାହିଁ। କିନ୍ତୁ ସେଇ ଦୁଷ୍କୃତକାରୀ କିଏ— ତାହା ଅଦ୍ୟାପି ଅଜ୍ଞାତ ରହିଯାଇଛି, ଶ୍ରୀଶ୍ରୀଠାକୁରଙ୍କୁ ନାନା ପ୍ରଶ୍ନ ପଚାରି ମଧ୍ୟ କୌଣସି ଉତ୍ତର ମିଳିନାହିଁ। ଏ ବିଷୟରେ ପଚାରିଲେ ସେ ବରାବର ମୌନଭାବ ଅବଲମ୍ବନ କରୁଥିଲେ, ମନେ ହୁଏ ସେ ଜାଣି ମଧ୍ୟ କିଛି ଜଣାଇବାକୁ ଚାହିଁନାହାନ୍ତି।

❑❑❑

ରାଜନୈତିକ ସ୍ୱାଧୀନତା

ଚୈତ୍ର ୧୩୭୨ ସାଲ

ଦ୍ୱିତୀୟ ବିଶ୍ୱଯୁଦ୍ଧର ବର୍ଷେ ଆଗରୁ ଯେଉଁସବୁ ସତ୍‌ସଙ୍ଗୀ ବର୍ମାଦେଶରେ ଥିଲେ ଶ୍ରୀଶ୍ରୀଠାକୁର ସେମାନଙ୍କୁ ବଙ୍ଗଳାଦେଶ ଚାଲିଆସିବାକୁ ନିର୍ଦ୍ଦେଶ ଦେଇ ପତ୍ର ଲେଖନ୍ତି ଏବଂ ପରେ ସେଇ ଉଦ୍ଦେଶ୍ୟରେ ବର୍ମାକୁ ଲୋକ ପଠାନ୍ତି। ଶ୍ରୀଶ୍ରୀଠାକୁରଙ୍କର ଏଇ ଆଦେଶ ଶୁଣି ଅନେକେ ଚାଲିଆସିଥିଲେ, ପୁଣି ଅନେକେ ଯେଉଁମାନେ ସେଠାରେ ବାଣିଜ୍ୟ-ବ୍ୟବସାୟ, ଚାକିରି ଇତ୍ୟାଦି କାମ କରୁଥିଲେ, ସେମାନେ ଦେଶକୁ ଫେରିଲେ କି ଉପାୟରେ ଜୀବନଯାତ୍ରା ନିର୍ବାହ କରିବେ, ସେଇ କଥା ଭାବି ସେତେବେଳେ ଆସିପାରନ୍ତି ନାହିଁ।

ଯେଉଁମାନେ ତାଙ୍କ କଥା ଶୁଣି ଚାଲିଆସିଥିଲେ, ସେମାନେ ସବୁଜିନିଷ ସାଙ୍ଗରେ ଆଣିପାରିଥିଲେ, କିନ୍ତୁ ଯେଉଁମାନେ ତାଙ୍କ କଥା ଅବହେଳା କରି ବର୍ମାରେ ରହିଗଲେ— ଯୁଦ୍ଧ ଲାଗିବା ପରେ ସେମାନେ ସର୍ବସ୍ୱାନ୍ତ ହୋଇ, ଅରଣ୍ୟସଂକୁଳ ଦୁର୍ଗମ ପଥ ଅତିକ୍ରମ କରି, ଶ୍ରାନ୍ତ, କ୍ଳାନ୍ତ, ରୋଗଗ୍ରସ୍ତ ଅବସ୍ଥାରେ ପାଦରେ ଚାଲିଚାଲି ଦେଶକୁ ଫେରିଆସିବାକୁ ବାଧ୍ୟ ହୋଇଥିଲେ।

ଏଇ ସଙ୍କଟପୂର୍ଣ୍ଣ ପଥ ଅତିକ୍ରମ କରି ଯେଉଁମାନେ ଦେଶକୁ ଫେରିଆସି ଆଶ୍ରମରେ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁରଙ୍କ ସଙ୍ଗେ ଦେଖା କଲେ, ଶ୍ରୀଶ୍ରୀଠାକୁର ସେମାନଙ୍କୁ କହିଲେ— ମୁଁ ବର୍ଷକରୁ ଅଧିକକାଳ ଆଗରୁ ତୁମକୁ ଆସିବାକୁ କହି ଆସୁଛି, ମୋ' କଥା ଶୁଣି ସେତେବେଳେ ଯଦି ତୁମେ ଦେଶକୁ ଆସିଥା'ନ୍ତ! ସେଇ ଆସିବା କଥା ଆସିଲ, କିନ୍ତୁ ସର୍ବସ୍ୱ ହରେଇ ଆସିଲ!

ଏଇ ସର୍ବହରା ଦଳରେ ଥିଲେ ଆମର ଶ୍ରଦ୍ଧେୟ ଶ୍ରୀଶରତ୍‌ଚନ୍ଦ୍ର କର୍ମକାର। ଦେଶକାମରେ ଆତ୍ମନିୟୋଗ କରି ଦେଶବାସୀମାନଙ୍କର ସେବାପାଇଁ ଶ୍ରୀଶ୍ରୀଠାକୁର ଏଇ ସମୟରେ 'ସ୍ୱସ୍ତି-ସେବକ-ବାହିନୀ' ଗଠନ କରିବା କଥା କୁହନ୍ତି ଏବଂ ଏଇ ବାହିନୀର ସର୍ବନିୟନ୍ତା ରୂପେ ଶ୍ରୀଶରତ୍‌ଚନ୍ଦ୍ର କର୍ମକାରଙ୍କୁ ନିୟୋଗ କରନ୍ତି। ଆଚାର୍ଯ୍ୟ ସତୀଶଚନ୍ଦ୍ରଙ୍କ ସାମନାରେ ଯଜ୍ଞରେ ଆହୁତି ଦେଇ ଶପଥ କରି ପ୍ରଥମ ଦିନରେ ହିଁ ପ୍ରାୟ ଅଢ଼େଇଶହ ଲୋକ ଏଇ ଦଳରେ ଯୋଗଦାନ କରନ୍ତି।

ଯୁଦ୍ଧ ଲାଗିଯିବା ପରେ ଯେଉଁମାନେ ବର୍ମାରେ ରହିଗଲେ, ଆସି ପାରିଲେ ନାହିଁ, ସେମାନଙ୍କୁ ମଧ୍ୟ ଶ୍ରୀଶ୍ରୀଠାକୁର ଅତି ଆଶ୍ଚର୍ଯ୍ୟଭାବରେ ରକ୍ଷା କରିଛନ୍ତି। ସେସବୁ ଘଟଣା, ଯୁଦ୍ଧ ବନ୍ଦ ହେବା ପରେ ଯେଉଁମାନେ ଦେଶକୁ ଫେରିଆସିଥିଲେ ସେମାନଙ୍କ ମୁହଁରୁ ଶୁଣିଛି, ତାରି ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଛି—

Scanned with CamScanner

''ଆମେ ଶ୍ରାନ୍ତ, କ୍ଳାନ୍ତ ହୋଇ କେତୋଟି ପରିବାର ଏକା ସାଙ୍ଗରେ ଗୋଟିଏ ଜାଗାରେ ଆଶ୍ରୟ ନେଇଛୁ, ରାତିରେ ସ୍ୱପ୍ନଯୋଗେ ଶ୍ରୀଶ୍ରୀଠାକୁର ଆମ ଆଗରେ ଉଭା ହୋଇ କହିଲେ— ତୁମେସବୁ ଏହିକ୍ଷଣି ଏ ସ୍ଥାନ ତ୍ୟାଗ କର! ଆମେ ତାଙ୍କର ସ୍ୱପ୍ନାଦେଶ ଶୁଣି ତତ୍‌କ୍ଷଣାତ୍ ସେ ସ୍ଥାନ ଛାଡ଼ି ବାହାରିଆସିଛୁ। ବାହାରିଆସିବାର ପର ମୁହୂର୍ତ୍ତରେ ଜାପାନୀ ବୋମା ସେ ସ୍ଥାନ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଲା !

''ଏହିପରି ଘଟଣା ଥରେ-ଅଧେ ନୁହେଁ, ବାରମ୍ବାର ଘଟିଛି। ପଥଶ୍ରମରେ କ୍ଳାନ୍ତ ହୋଇ ଆମେ ପୁଣି ଆଉ ଏକ ସ୍ଥାନରେ ଆଶ୍ରୟ ନେଇଛୁ, ସେଠି ରହିବାର କେତେଦିନ ପରେ ପୁଣି ଶ୍ରୀଶ୍ରୀଠାକୁର ସ୍ୱପ୍ନରେ ଆବିର୍ଭୂତ ହୋଇ କହିଲେ— ଏ ସ୍ଥାନ ବି ତୁମପାଇଁ ନିରାପଦ ନୁହଁ, ଏ ସ୍ଥାନ ମଧ୍ୟ ତ୍ୟାଗ କରି ଅନ୍ୟତ୍ର ଚାଲିଯାଅ। ସେତେବେଳେ ଆମେ ଏତେଦୂର ଅବସନ୍ନ ଯେ ଶ୍ରୀଶ୍ରୀଠାକୁରଙ୍କର ଆଦେଶ ପାଳନ କରିବା ଆମ ପକ୍ଷେ କଷ୍ଟକର!

''ଦ୍ୱିତୀୟ ରାତ୍ରିରେ ମଧ୍ୟ ସେ ସେହିପରି ସ୍ୱପ୍ନରେ ଆବିର୍ଭୂତ ହୋଇ କହିଲେ— ମୋ' କଥା ତୁମେମାନେ ଶୁଣିଲନି ? ... ତଥାପି ଆମେ ଅନ୍ୟତ୍ର ଯାଇନାହୁଁ।

''ତୃତୀୟ ରାତ୍ରିରେ ପ୍ରଚଣ୍ଡ ରୁଦ୍ରମୂର୍ତ୍ତିରେ ଆମ ଆଗରେ ଆବିର୍ଭୂତ ହୋଇ ରୋଷକଷାୟିତ ଲୋଚନରେ ଆଦେଶ କଲେ— ଏହିକ୍ଷଣି ତୁମେମାନେ ଉଠ, ସମସ୍ତଙ୍କୁ ଉଠାଅ, ଏଠୁ ସଙ୍ଗେ ସଙ୍ଗେ ବାହାରି ଚାଲିଯାଅ!

''ତାଙ୍କର ସେଇ ଭୀଷଣ ଭୟାଳ ମୂର୍ତ୍ତି ଦେଖି ଆମେ ଭୀତଶଙ୍କିତ ହୋଇ ସେ ସ୍ଥାନ ଛାଡ଼ି ଚାଲିଯାଇଛୁ ଏବଂ ଚାଲିଯିବାର ପର ମୁହୂର୍ତ୍ତରେ ଜାପାନୀ ବୋମା-ମାଡ଼ରେ ସେ ସ୍ଥାନ ଧ୍ୱଂସ ହୋଇଯାଇଛି!

''ଆମେ ତାଙ୍କର ଆଦେଶରେ ଯଥାସମୟରେ ଦେଶକୁ ଫେରିଆସି ନ ପାରିଲେ ମଧ୍ୟ ବର୍ମାରେ ରହି ତାଙ୍କର ଅଲୌକିକ କ୍ଷମତା ଏହିପରିଭାବେ ଉପଲବ୍ଧି କରି ଧନ୍ୟ ହୋଇଛୁ, କୃତାର୍ଥ ହୋଇଛୁ।''

ଶ୍ରୀଶ୍ରୀଠାକୁରଙ୍କ ଦୂରଦୃଷ୍ଟିର ଆଉ ଗୋଟିଏ ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖଯୋଗ୍ୟ।... ସେତେବେଳେ କାହାରି ବି କଳ୍ପନାରେ ଏ ଚିନ୍ତା ଆସିନି ଯେ, ଆମର ନେତାମାନେ ହିନ୍ଦୁ ମୁସଲ୍‌ମାନ୍ ଭିତ୍ତିରେ ଦେଶ-ବିଭାଜନ କରି ଦେଶର ଚରମ ସର୍ବନାଶକୁ ଡାକି ଆଣିବେ। ଏହାର ପ୍ରତିବିଧାନପାଇଁ, ଶ୍ରୀଶ୍ରୀଠାକୁର ସେହି ସମୟରୁ ପ୍ରଭାବଶାଳୀ ବ୍ୟକ୍ତି ଓ ଜମିଦାରମାନଙ୍କୁ ବାରମ୍ବାର କହୁଥାନ୍ତି,— ଲୋକସଂଖ୍ୟାର ସମତା ରକ୍ଷାପାଇଁ ମୁସଲମାନ ଅଧ୍ୟୁଷିତ ଅଞ୍ଚଳରେ ହିନ୍ଦୁମାନଙ୍କୁ ଆଣି ବସତି ସ୍ଥାପନ କରିବା କଥା। ଏପରିକି ଯେତେବେଳେ ବିଳାସପୁରରେ ହିନ୍ଦୁମହାସଭାର ଅଧିବେଶନ ପରେ ଡଃ ଶ୍ୟାମାପ୍ରସାଦ ମୁଖୋପାଧ୍ୟାୟ ଓ ବାରିଷ୍ଟର ଶ୍ରୀନିର୍ମଳଚନ୍ଦ୍ର ଚଟ୍ଟୋପାଧ୍ୟାୟ ଉଭୟେ ଶ୍ରୀଶ୍ରୀଠାକୁରଙ୍କ ସହ ଦେଖା କରିବାକୁ ଆସନ୍ତି, ସେମାନଙ୍କୁ ମଧ୍ୟ ଶ୍ରୀଶ୍ରୀଠାକୁର ଏହି ଅନୁରୋଧ କରି କହନ୍ତି— ଏହା ନହେଲେ ଦେଶର ଭବିଷ୍ୟତ ଖୁବ୍ ଅମଙ୍ଗଳପୂର୍ଣ୍ଣ ଏଇଟା ମୁଁ ଦେଖିପାରୁଛି।

ହିନ୍ଦୁ-ମୁସଲମାନଙ୍କ ଭିତରେ ଲୋକସଂଖ୍ୟାର ସମତା ରକ୍ଷା କରିବାପାଇଁ ଶ୍ରୀଶ୍ରୀଠାକୁର ଯେ ଖାଲି ନେତାମାନଙ୍କୁ ଏବଂ ବଡ଼ ବଡ଼ ଜମିଦାରମାନଙ୍କୁ କହି କ୍ଷାନ୍ତ ହୋଇଥିଲେ ତା'ନୁହେଁ, ସେ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁଯାୟୀ ବହୁ ପାରଶବ ଏବଂ ହୈହୟ କ୍ଷତ୍ରିୟଙ୍କୁ ବଙ୍ଗର ବିଭିନ୍ନ ସ୍ଥାନ ଓ ବିହାରରୁ ନେଇଆସି ପାବନା ଜିଲ୍ଲାରେ ବସତି କରି ସେମାନଙ୍କର କର୍ମ-ସଂସ୍ଥାନର ମଧ୍ୟ ବ୍ୟବସ୍ଥା କରିଦେଇଥିଲେ। କିନ୍ତୁ ଏପ୍ରକାର ବିରାଟ ବ୍ୟାପାର ଜଣେ-ଅଧେ ଲୋକର କର୍ମପ୍ରଚେଷ୍ଟାରେ ହେବା ସମ୍ଭବ ନୁହେଁ ବୋଲି ଜାଣି ସମ୍ଭବତଃ ଦେଶବିଭାଜନର ଏକ ବର୍ଷ ପୂର୍ବେ ଶ୍ରୀଶ୍ରୀଠାକୁର ଦେଓଘର ଚାଲିଆସିଥିଲେ।

ତା'ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ବଙ୍ଗ ବିଭାଗ ହୋଇଥିଲା। ସେଇ ସମୟରେ ଥରେ ପାବନାରୁ ବୁଲିଆସି ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନେହେରୁଜୀଙ୍କ ସହିତ ସାକ୍ଷାତ୍ କରି କହେ ଯେ, ମୁଁ ପୂର୍ବବଙ୍ଗଳାରୁ ଆସିଛି। ସେଠାକାର ଅବସ୍ଥା ଅତି ସଙ୍କଟାପନ୍ନ, ଆପଣଙ୍କ ସରକାର ଯଦି ବର୍ତ୍ତମାନ ପୂର୍ବବଙ୍ଗଳା ପ୍ରତି ଦୃଷ୍ଟି ଦିଅନ୍ତି ତାହେଲେ ରକ୍ଷା, ନଚେତ୍ ସମସ୍ୟା ଅଣାୟତ୍ତ ହେଇଯିବ। ସେତେବେଳେ ନେହେରୁଜୀ ମୋତେ କହିଲେ— Oh no, I cannot think of East Bengal people, my Government is already exhausted by bringing so many men and women from West Pakistan. You East Bengal people must remain there and fight out your own cause.

ସେତେବେଳେ ମୁଁ ଉତ୍ତରରେ କହିଲି— ''ଆପଣ କ'ଣ କହୁଛନ୍ତି! ପଞ୍ଜାବୀମାନେ ଯୋଦ୍ଧା ଜାତି ହିସାବରେ ପ୍ରସିଦ୍ଧ, ସେମାନେ ଦେଶରେ ରହି ସେମାନଙ୍କର cause fight out କରିପାରିଲେ ନାହିଁ, ଆଉ ବଙ୍ଗାଳୀ ଯେଉଁମାନେ ଯୋଦ୍ଧା ନୁହନ୍ତି, ସେମାନଙ୍କୁ ଉପଦେଶ ଦେଉଛନ୍ତି to fight out their own cause! ଇଏ କିପରି କଥା?''

ସେତେବେଳେ ମୋ' ପ୍ରଶ୍ନର ଠିକ୍ ଉତ୍ତର ନଦେଇ ସେ ହିନ୍ଦୀରେ କହିଉଠିଲେ— ''ହାମ୍ ଯେଇସା କାମ୍ କିୟା ହ୍ୟାୟ, ଏଇସା କାମ୍ କଭୀ କୈ କିୟା?''

ବୁଝିଲି, ସଦ୍ୟମୁକ୍ତ ଭାରତର ବିଜୟୀ ଅଧିନାୟକ ସେତେବେଳେ ସ୍ତବର ହିଁ ପ୍ରତ୍ୟାଶୀ, ବିଷବୃକ୍ଷର ଯେଉଁ ବୀଜ ଆଜି ଅଙ୍କୁରିତ ହୋଇ ଉଠୁଛି; ତା'ର ପରିଣାମ ସମ୍ବନ୍ଧରେ ତାଙ୍କୁ ଅବଗତ କରିବା ହେବ ଧୃଷ୍ଟତାର ହିଁ ନାମାନ୍ତର। ତଥାପି କହିଲି,— "The country has been partitioned, it is no use discussing now whether the persons concerned acted wisely or otherwise. But there is no denying the fact that a condition has emerged that is quite unique in history. You say you cannot think of East Bengal people, but I say definitely that circumstances are fast approaching a critical stage, when you will

Scanned with CamScanner

be complled to think about them. I merely suggest that if you think and act right now, suffering of the people and embarassment to your government will be minimised."

ସେତେବେଳେ ସେ— Oh! I cannot, I cannot– ଏଇଆ କହି ଉଠି ଚାଲିଗଲେ।

ତା'ପରେ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ଅତ୍ୟାଚାରରେ ପୂର୍ବବଙ୍ଗର ହିନ୍ଦୁମାନଙ୍କର ଜୀବନ ଯେତେବେଳେ ଦୁର୍ବିଷହ ହୋଇଉଠେ— ନରହତ୍ୟା, ଅଗ୍ନିକାଣ୍ଡ ଆଦିର ତାଣ୍ଡବଲୀଳା ଚାଲୁଥାଏ, ସେତେବେଳେ ଶ୍ରୀନେହେରୁଜୀ ଦିଲ୍ଲୀରୁ କଲିକତା ଆସିଲେ ଏହାର ପ୍ରତିକାରପାଇଁ। ସେତେବେଳେ ତାଙ୍କ ସହିତ ଦେଖା କରି ତାଙ୍କୁ କହିଥିଲି— ମୁଁ ଯେତେବେଳେ ଆପଣଙ୍କୁ ପୂର୍ବବଙ୍ଗବାସୀମାନଙ୍କର କଥା ସ୍ମରଣ କରେଇ ଦେଇଥିଲି ସେତେବେଳେ ସେମାନଙ୍କ ବିଷୟରେ ଯଦି ଟିକିଏ ମନୋଯୋଗ ଦେଇଥା'ନ୍ତେ ତା'ହେଲେ ଏ ସର୍ବନାଶୀ କାଣ୍ଡ ଘଟି ନ ଥା'ନ୍ତା। ... ସେ ମୋର ଏଇ କଥାର କୌଣସି ଉତ୍ତର ଦେଲେ ନାହିଁ।

୧୯୪୨ ମସିହାରେ ମହାତ୍ମାଜୀଙ୍କର 'କୁଇଟ୍-ଇଣ୍ଡିଆ' ଆନ୍ଦୋଳନ ଆରମ୍ଭ ହୁଏ, ଭାରତର ସବୁଆଡ଼େ ସେତେବେଳେ ଭୀଷଣ ବିପ୍ଳବବହ୍ନି ଜଳି ଉଠେ। ଏତିକିବେଳେ ବିହାରର ବିପ୍ଳବୀ କର୍ମୀ, ଯାହାଙ୍କର ଛଦ୍ମ ନାମ ଥିଲା 'ଗୋଲଘର', ବିହାରରେ ବ୍ରିଟିଶ ସରକାରଙ୍କର ଭୟାନକ ତ୍ରାସର କାରଣ ହୋଇଉଠେ। ବ୍ରିଟିଶ ସରକାର ତାଙ୍କୁ ଧରିବାପାଇଁ ଏକ ହଜାର ଟଙ୍କା ପୁରସ୍କାର ଘୋଷଣା କରନ୍ତି, କିନ୍ତୁ ତାଙ୍କୁ ଧରିବାର ସବୁ ଚେଷ୍ଟା ବିଫଳ ହୁଏ। ଶ୍ରୀଶ୍ରୀଠାକୁରଙ୍କର ନାମ ଶୁଣି ସେ ସି.ଆଇ.ଡି.ର ଆଖି ଏଡ଼ାଇ ହିମାଇତପୁର ଆଶ୍ରମରେ ଆସି ଉପସ୍ଥିତ ହୁଏ ଏବଂ ଦୀକ୍ଷା ନେବାର ଇଚ୍ଛା ପ୍ରକାଶ କରେ। ଶ୍ରୀଶ୍ରୀଠାକୁର ତାଙ୍କୁ ଦୀକ୍ଷା ଦେବାପାଇଁ କେଷ୍ଟଦାଙ୍କୁ ଆଦେଶ କରନ୍ତି।

ଦୀକ୍ଷା ନେବାବେଳେ ସେ କେଷ୍ଟଦାଙ୍କ ଆଗରେ ତା'ର ଅସଲ ପରିଚୟ ଜଣାଏ। ଋତ୍ୱିଗାଚାର୍ଯ୍ୟ କେଷ୍ଟଦା ତାଙ୍କ ମୁହଁରୁ ସବୁ ଶୁଣି ଶ୍ରୀଶ୍ରୀଠାକୁରଙ୍କୁ କହିବାରୁ ସେ ନିର୍ଦ୍ଦେଶ ଦିଅନ୍ତି— ସବୁ ପ୍ରକାର ବନ୍ଧନରୁ ମୁକ୍ତ ହୋଇ ଏଇ କାମରେ ପଶିବା ଭଲ। ଅର୍ଥାତ୍ ତାଙ୍କୁ ବ୍ରିଟିଶ ସରକାର ପାଖରେ ଆତ୍ମସମର୍ପଣ କରିବାକୁ କୁହନ୍ତି— ଏବଂ କୁହନ୍ତି ଆତ୍ମସମର୍ପଣ କରିବା ପରେ ଚେଷ୍ଟା କରି ତାଙ୍କୁ ଖଲାସ କରାଯିବ।

ସେ ଶ୍ରୀଶ୍ରୀଠାକୁରଙ୍କର ଆଦେଶ ଶୁଣି ବ୍ରିଟିଶ ସରକାର ପାଖରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ହେଲା ସତ କିନ୍ତୁ ତା'ମନରେ ଗଭୀର ସନ୍ଦେହ ରହିଗଲା ଯେ, ବ୍ରିଟିଶ ସରକାର ହାତରୁ ଉଦ୍ଧାର ପାଇବା ତା'ପକ୍ଷେ ସମ୍ଭବ ହେବ କି ନା! ଯାହା ହେଉ, ସେ ଢାକା ଯାଇ ପୁଲିସ ଆଗରେ ନିଜର ପରିଚୟ ଦେଇ ଆତ୍ମସମର୍ପଣ କରେ। ପୁଲିସ୍ ତାଙ୍କୁ କଡ଼ା ପହରାରେ ରଖି, କଲିକତା ଓ ପାଟନାର ପୁଲିସ କର୍ତ୍ତୃପକ୍ଷଙ୍କୁ ତା'ର ଆତ୍ମସମର୍ପଣ କଥା ଜଣାନ୍ତି।

ଢାକା ଜେଲ୍‌ରେ 'ଗୋଲଘର' ବନ୍ଦୀ ଅଛି ଜାଣି ଶ୍ରୀଶ୍ରୀଠାକୁର ରାଜେନ୍(ମଜୁମଦାର)କୁ ଆଦେଶ କଲେ ଢାକା ଯାଇ ତା'ସହ ଦେଖା କରି ତାଙ୍କୁ ଆଶାଭରସା ଦେଇ ଉଦ୍ଦୀପ୍ତ କରିବାକୁ। ତାଙ୍କର ଆଦେଶ ଅନୁସାରେ ରାଜେନ ଢାକା ଯାଇ ଦେଖିଲା ଯେ 'ଗୋଲଘର' ସହିତ ଦେଖା କରିବା କାଠିକର ପାଠ। ଅନେକ ଚେଷ୍ଟା ପରେ, ତା'ର ବନ୍ଧୁସ୍ଥାନୀୟ ଜଣେ ଉଚ୍ଚପଦସ୍ଥ ପୁଲିସ୍ ଅଫିସରଙ୍କ ସହାୟତାରେ ତା' ସହ ଦେଖା କରି ଜଣାଏ ଯେ ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ସେ ତା'ର ମୁକ୍ତିପାଇଁ ଚେଷ୍ଟା କରୁଛି ଏବଂ ଏଇ କାମ କଷ୍ଟସାଧ୍ୟ ହେଲେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଦୟାରେ ସେ କୃତକାର୍ଯ୍ୟ ହେବ, ଏଇ କଥା କହି ସେ ତାଙ୍କୁ ଆଶ୍ୱସ୍ତ କରେ।

ରାଜେନ୍ ଢାକାରେ ଥିବାବେଳେ ଜାଣିପାରେ ଯେ 'ଗୋଲଘର'କୁ ପାଟନା ପଠାହେବ ଏବଂ ତା'ର ମୁକ୍ତିପାଇଁ ପାଟନା ଯାଇ ଚେଷ୍ଟା କରିବାକୁ ହେବ। ରାଜେନ ଢାକାରୁ ଆଶ୍ରମ ଫେରିଆସି ଶ୍ରୀଶ୍ରୀଠାକୁରଙ୍କୁ ସବୁକଥା ଜଣାଇଲା।

ଶ୍ରୀଶ୍ରୀଠାକୁର ସେତେବେଳେ ଭୋଲାନାଥ ସରକାରଙ୍କୁ ଡାକି ଏ ବିଷୟ ତଦ୍‌ବିର କରିବାପାଇଁ ଆପ୍ରାଣ ହୋଇ ଲାଗିଯିବାକୁ କହିଲେ ଏବଂ ରାଜେନକୁ ସାଙ୍ଗରେ ନେବାକୁ କହିଲେ।.. ଏ ଘଟଣାର କିଛିଦିନ ପୂର୍ବେ ରାଜସାହୀ ବିଭାଗର ଡି.ଆଇ.ଜି. ଆଶ୍ରମ ଦେଖିବାକୁ ଆସିଥିଲେ। ସେ ଆଶ୍ରମ ଦେଖି ଏବଂ ଶ୍ରୀଶ୍ରୀଠାକୁରଙ୍କ ସହ ଆଳାପ କରି ବିଶେଷ ପ୍ରୀତ ହୋଇ ଯା'ନ୍ତି। ସେ ରାଜସାହୀରୁ କଲିକତା ବଦଳି ହୋଇଛନ୍ତି ଏଇ ସମ୍ବାଦ ଜାଣି ଭୋଲାନାଥଦା ଓ ରାଜେନ୍ କଲିକତା ଯାଇ ତାଙ୍କସହ ଦେଖା କରନ୍ତି ଓ ତାଙ୍କ ପରାମର୍ଶ ଅନୁସାରେ ପାଟନା ଯାତ୍ରା କରନ୍ତି।

ସେମାନେ ସମସ୍ତିପୁର ଯାଇ ପ୍ରଥମେ ସତ୍‌ସଙ୍ଗୀ-ଭ୍ରାତା ଶୈଳେଶ ବ୍ୟାନାର୍ଜୀ (ଓକିଲ)ଙ୍କୁ ସାଙ୍ଗରେ ନେଲେ। ନାନା ବାଧାବିଘ୍ନ ଅତିକ୍ରମ କରି ସେମାନେ ପୁଲିସ୍‌ର ଉଚ୍ଚ ଅଫିସର ଆଇ.ଜି.ଙ୍କୁ ସନ୍ତୁଷ୍ଟ କରି 'ଗୋଲଘର'ର ମୁକ୍ତିଲାଭ କରାଇବାରେ ସକ୍ଷମ ହୁଅନ୍ତି ଏଇ ସର୍ତ୍ତରେ ଯେ, ତା'ର ସମସ୍ତ ଦାୟିତ୍ୱ ସତ୍‌ସଙ୍ଗକୁ ନେବାକୁ ପଡ଼ିବ। 'ଗୋଲଘର' ଅନ୍ତରୀଣ ଅବସ୍ଥାରେ ରହିବ, ଆଶ୍ରମ ବାହାରକୁ ସେ କୁଆଡ଼େ ଯାଇପାରିବ ନାହିଁ ଏବଂ ପାବନାରୁ ଦାରୋଗା ଆସି ପ୍ରତି ସପ୍ତାହରେ ତାଙ୍କୁ ଦେଖିଯିବ। ଶ୍ରୀଯୁତ ଭୋଲାନାଥଦା ସତ୍‌ସଙ୍ଗ ତରଫରୁ ଏଇସବୁ ସର୍ତ୍ତ ମାନିନେଇ ସ୍ୱୀକାରପତ୍ରରେ ଦସ୍ତଖତ କରନ୍ତି ଏବଂ 'ଗୋଲଘର' ଆପାତତଃ ମୁକ୍ତ ହୋଇ ଆଶ୍ରମକୁ ଆସେ।

ଆଶ୍ରମରେ ଦୀର୍ଘଦିନ ଏହିପରିଭାବେ ଅବସ୍ଥାନ କରିବା ପରେ ତା'ର ଆଚରଣରେ ପୁଲିସ୍ ସନ୍ତୁଷ୍ଟ ହୋଇ ପରେ ତାଙ୍କୁ ପୂର୍ଣ୍ଣମୁକ୍ତି ଦିଏ ଏବଂ ତା'ର ଅନ୍ତରୀଣ ଅବସ୍ଥାର ଅବସାନ ଘଟେ। ତା'ର ଏଇ ଅପ୍ରତ୍ୟାଶିତ ମୁକ୍ତିରେ ତା'ର ପିତା-ମାତା, ଆତ୍ମୀୟସ୍ୱଜନ ଶ୍ରୀଶ୍ରୀଠାକୁରଙ୍କ ଦୟାରେ ହିଁ ଏହା ସମ୍ଭବ ହୋଇଛି ବୋଲି ଜାଣି ସମସ୍ତେ ଆଶ୍ରମକୁ ଆସନ୍ତି ଏବଂ ଦୀର୍ଘଦିନ ଆଶ୍ରମରେ ଅବସ୍ଥାନ କରନ୍ତି। ଏହା ଭିତରେ ଅନେକେ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି।

❑❑❑

Scanned with CamScanner

ସ୍ୱଜନ-ବିୟୋଗ

ତା'ପରେ ଇଂରାଜୀ ୧୯୪୩ ମସିହା, ବଙ୍ଗଳା ୧୩୫୦ ସାଲରେ ବଙ୍ଗଳାକୁ ଆସିଲା ଘୋର ଦୁର୍ଦ୍ଦିନ। ଭୀଷଣ ଦୁର୍ଭିକ୍ଷ ଦେଖା ଦେଲା, ଦଳ-ଦଳ ଲୋକ ଖାଦ୍ୟ-ଅଭାବରେ ରାସ୍ତାରେ ପଡ଼ି ପ୍ରାଣ ହରାଇଲେ। ସାରା ଦେଶବ୍ୟାପୀ ପଡ଼ିଗଲା ହାହାକାର। ଆଶ୍ରମର ଚତୁଃପାର୍ଶ୍ୱରୁ ଦୀନହୀନ ଲୋକ ଖାଦ୍ୟ ପାଇବା ଆଶାରେ ଆଶ୍ରମକୁ ଛୁଟିଆସିଲେ।

ଉପାୟାନ୍ତର ନ ଦେଖି ଶ୍ରୀଶ୍ରୀଠାକୁର ଭକ୍ତବୀର କିଶୋରୀମୋହନଙ୍କୁ ଆଦେଶ କଲେ— ଏଇସବୁ ନିରନ୍ନଙ୍କ ମୁହଁରେ ଅନ୍ନ ଦେବାକୁ ହେବ! କିଶୋରୀମୋହନ ସେ କଠିନ ଦାୟିତ୍ୱ ମଥାରେ ନେଇ ଦିନରାତି ଦଉଡ଼ା ଦଉଡ଼ି କରି ଅନ୍ନ ସଂଗ୍ରହ କରି ଶ୍ରୀଶ୍ରୀଠାକୁରଙ୍କର ଆଦେଶ ପାଳନ କରିବାପାଇଁ ଯେଉଁ କଠୋର ପରିଶ୍ରମ କରିଛନ୍ତି, ସେତେବେଳେ ଯେଉଁମାନେ ତାଙ୍କୁ ଦେଖିଛନ୍ତି, ସେମାନଙ୍କ ଛଡ଼ା ଅନ୍ୟକୁ ତାହା ବୁଝାଇବା କଷ୍ଟକର। ଯେତେବେଳଯାଏ ସେ ପ୍ରାର୍ଥୀମାନଙ୍କୁ ବିଦାୟ କରି ନ ପାରିଛନ୍ତି ସେତେବେଳ ପର୍ଯ୍ୟନ୍ତ ସେ ନିଜେ ଅନ୍ନଗ୍ରହଣ କରନ୍ତି ନାହିଁ। କୌଣସି କୌଣସି ଦିନ ଏହିପରି ତାଙ୍କର ଅନ୍ନଗ୍ରହଣ କଲାବେଳକୁ ଗଭୀର ରାତି ହୋଇଯାଉଥିଲା। କିନ୍ତୁ ଏସବୁ ଦୁଃଖ-କଷ୍ଟ ସେ ହସହସମୁହଁରେ ବରଣ କରି ନେଇଥିଲେ। ତାଙ୍କର ସେଇ ସମୟର ସଦାହାସ୍ୟମୟ ମୁହଁ ଦେଖିଲେ ଏକଥା ମନେ ହେଉ ନଥିଲା ଯେ, ତାଙ୍କର ଦୈହିକ କୌଣସି କଷ୍ଟ ବା କ୍ଳାନ୍ତି ଅଛି।

୧୩୫୦ ସାଲ ଟପି ୫୧ ପଶିବାବେଳେ ଏଇ ଭକ୍ତ-ବୀର, ଶ୍ରୀଶ୍ରୀଠାକୁରଙ୍କର ଆଜନ୍ମ-ଲୀଳା-ସହଚର, କୀର୍ତ୍ତନର ଋଷି, ଅସୁସ୍ଥ ହୋଇ ପଡ଼ିଲେ। ଏ ରୋଗ ଆଉ ଭଲ ହେଲା ନାହିଁ। ୧୮ ବୈଶାଖ ଦିନ ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ମହାପ୍ରୟାଣ କଲେ।

ତାଙ୍କର ମୃତ୍ୟୁରେ ଆଶ୍ରମରେ ଖେଳିଗଲା ଶୋକର ଛାୟା।

ଶ୍ରୀଶ୍ରୀଠାକୁର ମର୍ମାନ୍ତିକ ଶୋକରେ କାତର ହୋଇପଡ଼ିଲେ। ପ୍ରଥମେ ଯେଉଁ ଦୁଇଜଣ ଭକ୍ତ ତାଙ୍କୁ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ଜଣେ ପୂର୍ବେ ପରଲୋକ ଗମନ କରିଥିଲେ। ତାଙ୍କର ଅଭାବ ଯିଏ ଅନେକାଂଶରେ ପୂରଣ କରୁଥିଲେ ସେଇ କିଶୋରୀମୋହନ ବି ଶ୍ରୀଶ୍ରୀଠାକୁରଙ୍କୁ ଛାଡ଼ି ଚାଲିଯିବା ପରେ ତାଙ୍କର ମନଃକଷ୍ଟର ସୀମା ରହିଲା ନାହିଁ।

କିଶୋରୀମୋହନଙ୍କର ମୃତ୍ୟୁ-ଆଘାତର କ୍ଷତ ଭଲ ହେଉ ନ ହେଉଣୁ ପରବର୍ତ୍ତୀ ଜ୍ୟେଷ୍ଠ ମାସରେ ମାଷ୍ଟର-ମହାଶୟ ଶଶିଭୂଷଣଙ୍କର ତିରୋଧାନ ଘଟିଲା। ଏକସମୟର ଶିକ୍ଷାଗୁରୁ ଏବଂ ପରେ ଏକନିଷ୍ଠ ଭକ୍ତ, ଶ୍ରଦ୍ଧେୟ ମାଷ୍ଟର-ମହାଶୟଙ୍କ ଉପରେ ଶ୍ରୀଶ୍ରୀଠାକୁର କଲିକତା ସତ୍‌ସଙ୍ଗର ସମସ୍ତ ସଂଗଠନର ଦାୟିତ୍ୱ ନ୍ୟସ୍ତ କରିଥିଲେ। ତାଙ୍କର ମୃତ୍ୟୁ-ସମ୍ବାଦ ପାଇ ଶ୍ରୀଶ୍ରୀଠାକୁର ଅତିଶୟ ମର୍ମାହତ ହେଲେ।

ଏହାପରେ ଶ୍ରୀଶ୍ରୀଠାକୁରଙ୍କର ଜ୍ୟେଷ୍ଠାକନ୍ୟା ଆଦରର ଦୁଲାଳୀ ସାଧନା ଦେବୀଙ୍କର ସାଙ୍ଘାତିକ ଅସୁସ୍ଥତା। ସାଧନା ଥିଲା ଆଶ୍ରମର ପ୍ରତ୍ୟେକଙ୍କର ପରମ ପ୍ରିୟପାତ୍ରୀ, ତା'ର ସମବୟସ୍କ ଝିଅମାନଙ୍କର ସେ ଥିଲା ନେତ୍ରୀ ସ୍ଥାନୀୟା। ସେମାନଙ୍କୁ ନେଇ ସେ 'ସତ୍‌ସଙ୍ଗ' କରୁଥିଲା, ପୁରୁଷ-ବିହୀନ ନାଟକରେ ଅଭିନୟ କରୁଥିଲା, ଶ୍ରୀଶ୍ରୀଠାକୁରଙ୍କର ଗ୍ରନ୍ଥ ପାଠ କରି ତା'ର ମର୍ମାର୍ଥ ସେମାନଙ୍କୁ ସେ ବୁଝେଇ ଦେଉଥିଲା। ଏକ କଥାରେ, ସେ ଥିଲା ସେମାନଙ୍କର ପରମଦରଦୀ ବନ୍ଧୁ। ତା'ର ଆଗ୍ରହ-ଆଚରଣ, ଲୋକରଞ୍ଜନୀ ବ୍ୟବହାର ପ୍ରଭୃତିପାଇଁ ସେ ସମସ୍ତଙ୍କର ହିଁ ପ୍ରିୟପାତ୍ରୀ ଥିଲା।

ତା'ର ଏଇ ଅସୁସ୍ଥ ଅବସ୍ଥାରେ, ଶ୍ରୀଶ୍ରୀଠାକୁର ମୋତେ ଦିନେ ଡାକି କହିଲେ— ସାଧନାର ରୋଗ ତ ଭଲ ହେଉନାହିଁ, ତାର କୋଷ୍ଠୀଟା ଥରେ ଦେଖିଆସି ପାରିବେ କି,— ତା'ର ଏଇ ସମୟଟା କେମିତି ଚାଲିଛି। ମୁଁ ତାଙ୍କ କଥା ଶୁଣି ସେଇଦିନ ରାତି ଟ୍ରେନ୍‌ରେ କଲିକତା ହୋଇ ବନାରସ ଯିବାର ବନ୍ଦୋବସ୍ତ କରିଦେଲି।

ତା'ପରେ ଶ୍ରୀଶ୍ରୀଠାକୁର ପୁଣି ମୋତେ ଡାକି କହିଲେ— ଆପଣ କଲିକତାରୁ ବନାରସ ଯିବା ପୂର୍ବରୁ ସାଧନାପାଇଁ ଡାକ୍ତର ଦେଖେଇବା ଓ ମେଡିକାଲ କଲେଜରେ ତା'ପାଇଁ କେବିନର ବ୍ୟବସ୍ଥା କରି ଦେଇ ତା'ପରେ ଯିବେ।

ତାଙ୍କ କଥା ଅନୁସାରେ ଶ୍ରୀଶ୍ରୀବଡ଼ମା, ବିବେକରଞ୍ଜନ, ଜୁଆଇଁ ସୁଧାଂଶୁସୁନ୍ଦର, ଡାକ୍ତର ପ୍ୟାରୀମୋହନ ଓ ରୋଗିଣୀ ସହ— ମୁଁ କଲିକତା ବାହାରିଗଲି। ସେଠାରେ ଡାକ୍ତର ଦେଖେଇ ରୋଗିଣୀକୁ କେବିନ୍‌ରେ ଭର୍ତ୍ତି କରିଦେଇ ଯିବାକୁ ଦିନେ ଡେରି ହୋଇଗଲା।

ବନାରସରେ ପହଞ୍ଚି 'ଭୃଗୁ'ର କୋଷ୍ଠୀକାରକ ଶ୍ରୀ ସୁଧୀରରଞ୍ଜନ ଭାଦୁଡ଼ୀଙ୍କ ସହିତ ଦୁଇଦିନ ଦେଖା ହେଲା ନାହିଁ— ତାଙ୍କର ଅସୁସ୍ଥତା ସକାଶେ। ତୃତୀୟ ଦିନ ତାଙ୍କ ସହ ଦେଖା ହେଲା, କହିଲି ମୋର ଆସିବାର ଉଦ୍ଦେଶ୍ୟ। ସେ ସାଧନାଦେବୀଙ୍କର 'ଭୃଗୁ'ର କୋଷ୍ଠୀ ବାହାର କଲେ। ବାହାରକରି ମୋତେପଚାରିଲେ— ରୋଗିଣୀକୁ କିପରି ଅବସ୍ଥାରେ ଦେଖିଆସିଛନ୍ତି ?

— ଆସିବା ଦିନ ତାକୁ ଭଲ ଅବସ୍ଥାରେ ଦେଖିଆସିଛି।

— ବର୍ତ୍ତମାନ ତ ଅବସ୍ଥା ମୋତେ ଭଲ ନୁହଁ ଦେଖୁଛି।

— କିପରି ଜାଣିଲେ?

Scanned with CamScanner

— ଏଇ ଦେଖନ୍ତୁ, ଭୃଗୁ ଲେଖିଛନ୍ତି— 'ଜୀବନ-ମରଣ ପ୍ରଶ୍ନ ଅଧୁନା'।

— 'ଅଧୁନା' ମାନେ କ'ଣ?

— ପ୍ରଶ୍ନସମୟରେ ଅର୍ଥାତ୍ ଆପଣ ଯେତେବେଳେ କୋଷ୍ଠୀ ନେଇ ଆସିଛନ୍ତି ସେଇ ସମୟରେ ତା'ର ଅବସ୍ଥା ଏମିତି, ଅର୍ଥାତ୍ She is hovering between life and death.

— ତା'ହେଲେ ମୁଁ ଯେ ଏଇ ସମୟରେ କୋଷ୍ଠୀ ନେଇଆସିବି ସେଇଟା ବି କ'ଣ ପୂର୍ବରୁ ନିର୍ଦ୍ଦିଷ୍ଟ ହୋଇ ରହିଛି?

— ଆଜି ହିଁ telegram କରି ରୋଗିଣୀର ଅବସ୍ଥା ଜାଣନ୍ତୁ, ତା'ହେଲେ ହିଁ ଏହାର ସତ୍ୟତା ସମ୍ବନ୍ଧରେ ଆପଣ ନିଃସନ୍ଦେହ ହେବେ।

ତାଙ୍କର କଥା ଶୁଣି ମନ ଭାରି ଖରାପ ହୋଇଗଲା। ସଙ୍ଗେ ସଙ୍ଗେ ଯାଇ Reply-paid Telegram କଲି, ରୋଗୀଣୀର ଅବସ୍ଥା କିପରି ଅଛି ଜାଣିବାପାଇଁ। ଉତ୍ତର ପାଇ ଜାଣିଲି— ପ୍ରକୃତରେ ରୋଗିଣୀର ଅବସ୍ଥା ସଙ୍କଟାପନ୍ନ। ଏକଥା ଜାଣି ମନରେ ପ୍ରଶ୍ନ ଆସିଲା— ତା'ହେଲେ କ'ଣ ସବୁ ଘଟଣା ବିଧି-ନିୟନ୍ତ୍ରିତ? ତା'ନ ହେଲେ ଭୃଗୁଙ୍କ ଗଣନା ସହିତ ମିଳିଯାଉଚି କିପରି?

ଯା' ହେଉ, ଭୃଗୁର କୋଷ୍ଠୀ ଲେଖି ନେଇ ଆସିଲି ସେଥିରେ ଲେଖା ଅଛି ଯେ, ଦଶଲକ୍ଷ 'ମହାମୃତ୍ୟୁଞ୍ଜୟ' ନାମ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଜପ କରିପାରିଲେ ଏ ରୋଗିଣୀ ବଞ୍ଚିଉଠିବ ଏବଂ ତା'ର ଭବିଷ୍ୟତ୍ ଜୀବନ ଏହିପରି ହେବ। ନତୁବା ତାର ମୃତ୍ୟୁ ଅବଶ୍ୟମ୍ଭାବୀ।

ସୁଧୀରବାବୁ ଦୁଃଖ କରି କହିଲେ,— ଆସିବାକୁ ବହୁତ ଡେରି କରିଦେଲେ, ନିର୍ଦ୍ଦିଷ୍ଟ ସମୟ ଭିତରେ ଦଶଲକ୍ଷ ନାମ ଜପ କରିବା ତ ସମ୍ଭବ ହେବନାହିଁ, ଯାହା ଜଣା ପଡୁଛି। ତଥାପି ଲେଖି ଦିଅନ୍ତୁ,— ଚେଷ୍ଟା କରି ଦେଖୁ।

ମୁଁ ସେଇଦିନ ହିଁ ସବୁକଥା ଜଣାଇ ଶ୍ରୀଶ୍ରୀଠାକୁରଙ୍କୁ ଚିଠି ଲେଖି ଦେଲି।

ଶ୍ରୀଶ୍ରୀଠାକୁର ଚିଠି ପାଇବା ମାତ୍ରେ କେତେଜଣଙ୍କୁ ଶ୍ରଦ୍ଧାଗ୍ରହରେ ଏଇ ମନ୍ତ୍ରଜପରେ ବସେଇଦେଲେ। କିନ୍ତୁ ବ୍ରତ ଉଦ୍‌ଯାପନ ଶେଷ ହେବା ପୂର୍ବରୁ ୧୩୫୧ ସାଲ ଆଷାଢ଼ ମାସରେ ସମସ୍ତଙ୍କୁ ଶୋକସାଗରରେ ଭସେଇ ମ ପ୍ରସ୍ଥାନ କଲେ ସାଧନାଦେବୀ। ମହାମୁନି ଭୃଗୁଙ୍କ ବାଣୀ ସତ୍ୟରେ ପରିଣତ ହେଲା।

□□□

ଭାରତ ବାହାରେ

ଜ୍ୟେଷ୍ଠ ୧୩୭୩

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାପରେ ଆମେରିକାନ୍ ଫିଲ୍‌ଡ୍ ସର୍ଭିସ୍‌ର୍ କେତେଜଣ କର୍ମୀ ଡାଇମଣ୍ଡ-ହାର୍‌ବର୍‌ରୁ ମଟରଯୋଗେ କଲିକତା ଆସୁଥିଲେ। କେତେ ମାଇଲ୍ ଅନ୍ଧାରିଆ ନିର୍ଜନ ରାସ୍ତା ଅତିକ୍ରମ କରିବା ପରେ ସେମାନେ ଦେଖିବାକୁ ପାଇଲେ ଯେ, ଗୋଟିଏ ଗାଁ-ମୁଣ୍ଡରେ ଅସଂଖ୍ୟ ଲୋକ ରୁଣ୍ଡ ହୋଇଛନ୍ତି, ସମଗ୍ର ସ୍ଥାନଟି ଆଲୋକମାଳାରେ ଝଲମଲ କରୁଛି— ଶଙ୍ଖ, ଘଣ୍ଟା, କଂସାଳ ଏବଂ ଖୋଳ-କରତାଳ ଆଦି ବାଦ୍ୟରେ ସବୁଦିଗ କମ୍ପିଉଠୁଛି। ତାହା ଦେଖି କୌତୂହଳ ବଶତଃ ସେମାନେ ମଟରଗାଡ଼ିରୁ ଓହ୍ଲେଇ ସେଇ ଜାଗାକୁ ଗଲେ ଏବଂ ଯାଇ ଦେଖିଲେ— ଜଣେ ସୁଦର୍ଶନ, ସୌମ୍ୟମୂର୍ତ୍ତି ପୁରୁଷର ଆଲୋକଚିତ୍ର ସିଂହାସନରେ ରଖାଯାଇଛି, ଏବଂ ସମବେତ ଭକ୍ତବୃନ୍ଦ ତାଙ୍କ ଆଗରେ ପ୍ରାର୍ଥନା କରୁଛନ୍ତି। ଆଶ୍ଚର୍ଯ୍ୟହୋଇ ସେମାନେ ଜାଣିବାକୁ ଚାହିଁଲେ— ଯାହାଙ୍କୁ ସେମାନେ ପ୍ରାର୍ଥନା କରୁଛନ୍ତି, ସେ କିଏ?

ଗ୍ରାମବାସୀମାନେ ଇଂରାଜୀଭାଷାରେ ଅନଭିଜ୍ଞ, ସେମାନେ ସିଂହାସନରେ ସ୍ଥାପିତ ପୁରୁଷର ପୂର୍ଣ୍ଣବିବରଣ ଦେଇ ସାହେବମାନଙ୍କୁ ବୁଝାଇ ପାରିଲେ ନାହିଁ। ତେବେ ଏଇଟିକକ ବୁଝାଇଲେ ଯେ, ସେ ଜୀବିତ ଥିବା ଜଣେ ମହାପୁରୁଷ ଏବଂ ତାଙ୍କ ବିଷୟରେ ବିଶଦଭାବେ ଜାଣିବାକୁ ହେଲେ ୬୮ ନଂ ମିର୍ଜାପୁର ଷ୍ଟ୍ରୀଟ୍‌ରେ ସତ୍‌ସଙ୍ଗ-ମନ୍ଦିରକୁ ଯିବାକୁ ହେବ।

ଗ୍ରାମବାସୀମାନଙ୍କ ପାଖରୁ ଏଇ ସମ୍ବାଦ ପାଇ ନିଜର କୌତୂହଳ ନିବୃତ୍ତିପାଇଁ ସେମାନେ ଆସିଲେ ୬୮ ନଂ ମିର୍ଜାପୁର ଷ୍ଟ୍ରୀଟ୍‌କୁ। ସେଠାରେ ଦେଖା ହେଲା— ସତ୍‌ସଙ୍ଗର ନିୟତକର୍ମୀ ଲିଡ୍‌ସ୍‌ର ଇଞ୍ଜିନିୟର ଜେ.ଏନ୍. ଦାସଙ୍କ ସହିତ। ଦାସମହାଶୟଙ୍କ ସହ ଆଳାପଆଲୋଚନା କରି ସେମାନେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରାର ପରିଚୟ ପାଇ ଓ ତାଙ୍କର ଅପୂର୍ବ ଜୀବନର କଥା ଶୁଣି ଛୁଟି ଆସିଲେ ପାବନା ଆଶ୍ରମ— ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାପାଇଁ।

ପ୍ରଥମେ ଯିଏ ଆସିଲେ ତାଙ୍କର ନାମ ମିଃ ଏଡ୍‌ମଣ୍ଡ୍ ଯୋଶେଫ୍ ସ୍ପେନ୍‌ସର୍, ହାର୍ଭାର୍ଡ଼ ଇଉନିଭର୍ସିଟିର ଏମ୍.ଏ.। ସେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରେ ଓ ତାଙ୍କର ସାନିଧ୍ୟ ଓ ସାହଚର୍ଯ୍ୟରେ ଏତେ ମୁଗ୍ଧ ହେଲେ ଯେ, ତାଙ୍କ ଶ୍ରୀଚରଣରେ ଆତ୍ମସମର୍ପଣ କରି ବାକୀ ଜୀବନ ତାଙ୍କରି କାର୍ଯ୍ୟରେ ଅତିବାହିତ କରିବେ ବୋଲି ସଙ୍କଳ୍ପବଦ୍ଧ ହେଲେ।

କଲିକତାରୁ ତାଙ୍କର ଜିନିଷପତ୍ର ନେଇଆସିବାପାଇଁ ଆସି ତାଙ୍କର ଦେଖା ହେଲା ରେ. ଆର୍ଚ୍ଚର ହାଉସରମ୍ୟାନ୍‌ଙ୍କ ସଙ୍ଗେ। ହାଉସରମ୍ୟାନ୍ ସ୍ପେନ୍‌ସାର ନିକଟରୁ ଶ୍ରୀଶ୍ରୀଠାକୁରଙ୍କ ବିଷୟ ଜାଣି ତାଙ୍କ ସହିତ ଶ୍ରୀଶ୍ରୀଠାକୁର ଦର୍ଶନ କରିବାକୁ ଆସିଲେ ଏବଂ ଦୀକ୍ଷାଗ୍ରହଣ କରି ଆଶ୍ରମର କର୍ମୀ ହିସାବରେ ରହିଗଲେ।

Scanned with CamScanner

ତାଙ୍କର ସହକର୍ମୀ ଅନ୍ୟ ଭାଇମାନଙ୍କୁ ଏଇ ସୁସମ୍ବାଦ ଦେବାପାଇଁ ହାଉସରମ୍ୟାନ୍ କଲିକତା ଗଲେ ଏବଂ ଯୁଦ୍ଧଫେରନ୍ତା ଆଉ ଦଶବାରଜଣ ଆମେରିକାନ୍‌ଙ୍କୁ ସାଙ୍ଗରେ ନେଇ ଆଶ୍ରମ ଆସିଲେ । ସେମାନେ ସମସ୍ତେ ଦୀକ୍ଷା ନେଇ ଦେଶକୁ ଫେରିଗଲେ । ଏହିପରି ଆମେରିକାବାସୀମାନଙ୍କ ସହିତ ଶ୍ରୀଶ୍ରୀଠାକୁରଙ୍କର ଯୋଗସୂତ୍ର ସ୍ଥାପିତ ହେଲା ।

ହାଉସରମ୍ୟାନ୍ ଠାକୁରଙ୍କର ଇଂରାଜୀ ବହି ପଢ଼ି କ୍ଷାନ୍ତ ହେଲେ ନାହିଁ— ଅତି ଆଗ୍ରହରେ ବଙ୍ଗଳାଭାଷା ମଧ୍ୟ ଶିଖିନେଲେ— ଠାକୁରଙ୍କର ବଙ୍ଗଳା ବହି ପଢ଼ିବାପାଇଁ । ଏପିରକି ସେ ବଙ୍ଗଳାରେ ଭାଷଣ ଦେବାର ଅଭ୍ୟାସ କଲେ । ବିଭିନ୍ନ ସତ୍‌ସଙ୍ଗ ଅଧିବେଶନ, ଉତ୍ସବ ଓ ସଙ୍ଗଠନ କାର୍ଯ୍ୟରେ, ତାଙ୍କୁ କେତେ ଜାଗାରେ ଯେ ଭାଷଣ ଦେବାକୁ ହୋଇଛି, ତାହା ଲେଖି ଶେଷ କରାଯାଇ ପାରିବ ନାହିଁ ।

ଦେଓଘରେ ଥିବା ସମୟରେ ସେ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଜୀବନୀ ଲେଖନ୍ତି 'Ocean in a Tea-cup' ନାମରେ । ପରେ ଯେତେବେଳେ ନିଜ ଦେଶକୁ ଯା'ନ୍ତି, ସେତେବେଳେ ନିଉୟର୍କର ପ୍ରସିଦ୍ଧ ପୁସ୍ତକ-ପ୍ରକାଶନ ଭବନ, 'ହାର୍ପର୍ ବ୍ରଦର୍ସ୍'ର ଭାଇସ୍-ପ୍ରେସିଡେଣ୍ଟ, ଇଉଜିନ୍ ଏକ୍ସମ୍ୟାନ୍ ଏଇ ବହିର ପାଣ୍ଡୁଲିପି ପଢ଼ି ଏବଂ ହାଉସରମ୍ୟାନ୍‌ଙ୍କ ସହ ଆଳାପ କରି ମୁଗ୍ଧ ହୁଅନ୍ତି । ସେ ବହିଟି ପ୍ରକାଶ ତ କରନ୍ତି ଏବଂ ତା'ଛଡ଼ା କେବଳ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାପାଇଁ ସୁଦୂର ଆମେରିକାରୁ ଦେଓଘର ଆସନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କର ଆଗ୍ରହ-ବ୍ୟବହାର, ଆଳାପ-ଆଲୋଚନାରେ ମୁଗ୍ଧ ହୋଇ ଗଭୀର ଶ୍ରଦ୍ଧାର ସହିତ ଦୀକ୍ଷାଗ୍ରହଣ କରି ଆମେରିକା ଫେରିଯା'ନ୍ତି ।

ବିଖ୍ୟାତ ଦାର୍ଶନିକ ପଣ୍ଡିତ ଓ ତଦାନୀନ୍ତନ ରାଷ୍ଟ୍ରପତି ଡଃ ରାଧାକୃଷ୍ଣନଙ୍କ ବହିର ଆମେରିକାର ପ୍ରକାଶକ ଥିଲେ 'ହାର୍ପର୍ ବ୍ରଦର୍ସ୍' । ସେଇ ସୂତ୍ରେ ଏକ୍ସମ୍ୟାନ୍ ସାହେବ ଆମେରିକା ଫେରିଯିବା ବାଟରେ ଦିଲ୍ଲୀରେ ତାଙ୍କ ସହ ଦେଖା କରନ୍ତି । ଏଇ ସାକ୍ଷାତ୍ ସମୟରେ ସେ ତାଙ୍କ ଆଗରେ ପ୍ରକାଶ କରନ୍ତି ଯେ ସେ ଶ୍ରୀଶ୍ରୀଠାକୁରଙ୍କ ପାଖରୁ ଦୀକ୍ଷାଗ୍ରହଣ କରିଛନ୍ତି ।

ମିଃ ଏକ୍ସମ୍ୟାନ୍ ଭାରତରୁ ଯେତେବେଳେ ଆମେରିକା ପ୍ରତ୍ୟାବର୍ତ୍ତନ କରନ୍ତି, ସେତେବେଳେ ମଝି ବାଟରେ ଇଟାଲୀର ରୋମ୍‌ନଗରରେ ତାଙ୍କର ବିଚିତ୍ର ଅଭିଜ୍ଞତା ହୁଏ । ସେଠାରେ ଗୋଟିଏ ସମାରୋହରେ ସେ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ବକ୍ତୃତା ଦେବାବେଳେ ଜଣେ ଭଦ୍ରମହିଳା ସହସା ମୂର୍ଚ୍ଛିତ ହୋଇପଡ଼ନ୍ତି । ମିଃ ଏକ୍ସମ୍ୟାନ୍ ତାଙ୍କ ମସ୍ତକରେ ହାତଦେଇ ଅନେକ ସମୟ ଧରି ନାମଜପ କରିବା ଫଳରେ ଉକ୍ତ ଭଦ୍ରମହିଳାର ଲୁପ୍ତ ସଂଜ୍ଞା ଫେରିଆସେ । ଚେତନା-ପ୍ରାପ୍ତି ପରେ ସେଇ ମହିଳା ଯେଉଁ କଥା କୁହନ୍ତି, ତାହା ଆହୁରି ଆଶ୍ଚର୍ଯ୍ୟଜନକ— ସେ କୁହନ୍ତି ଯେ ସେ ସେଇଠାରେ ଶ୍ରୀଶ୍ରୀଠାକୁରଙ୍କର ଉପସ୍ଥିତି ଉପଲବ୍ଧି କରିଥିଲେ ।

ମିଃ ହାଉସରମ୍ୟାନ୍ ଆମେରିକାରୁ ଭାରତ ଫେରିଆସିବା ବାଟରେ ଜର୍ମାନୀରେ କେତେଜଣ ଜର୍ମାନ୍‌ଙ୍କୁ ମଧ୍ୟ ଦୀକ୍ଷା ଦେଇ ଆସନ୍ତି ।

❑❑❑

ବୈଦ୍ୟନାଥ ଧାମରେ

୨ ସେପ୍ଟେମ୍ବର, ୧୯୪୬

୧୯୪୬ ମସିହାରେ— ଶ୍ରୀଶ୍ରୀଠାକୁର ଦେଓଘର ଆସିବାର ପୂର୍ବମୁହୂର୍ତ୍ତ ପର୍ଯ୍ୟନ୍ତ ଆଶ୍ରମର କର୍ମପ୍ରବାହ ଅବ୍ୟାହତ ଗତିରେ ଚାଲୁଥାଏ, ଏପରିକି ଆସିବାର ଅବ୍ୟବହିତ ପୂର୍ବେ ମାତା ମନୋମୋହିନୀ ଦେବୀଙ୍କ ନାମରେ ଗୋଟିଏ କଲେଜ ମଧ୍ୟ ସ୍ଥାପିତ ହୁଏ । କେହି ବି କଳ୍ପନା କରି ପାରନ୍ତି ନାହିଁ ଯେ, ଶ୍ରୀଶ୍ରୀଠାକୁର ଏଇ ବିରାଟ କର୍ମ-ଚଞ୍ଚଳ ହିମାଇତପୁର ଆଶ୍ରମ ତ୍ୟାଗ କରି ଅନ୍ୟ କୋଉଠିକି ଚାଲିଯିବେ ।

୧୯୪୬ ମସିହା ଅଗଷ୍ଟ ୩୦ ତାରିଖ ଉପରବେଳା ହଠାତ୍ ମୋତେ ଡାକି ଶ୍ରୀଶ୍ରୀଠାକୁର କହିଲେ— ମୁଁ ଦେଓଘର ଯିବି । ଆଜି ହିଁ ଆପଣ ଯାଇ କଲିକତାରେ ଗାଡ଼ି ରିଜର୍ଭର ବ୍ୟବସ୍ଥା କରି ଦେଓଘର ଯା'ନ୍ତୁ, ଘର ଠିକ୍ କରିବାପାଇଁ ।

ତାଙ୍କର ଏଇ କଥାରେ ସେତେବେଳେ ବି ମୁଁ ବୁଝିପାରିନି ଯେ ସେ ତାଙ୍କର ପ୍ରିୟତମ ଜନ୍ମଭୂମି ଏବଂ ତାଙ୍କରି ସୃଷ୍ଟ ଆଶ୍ରମ ତ୍ୟାଗ କରି ସବୁଦିନପାଇଁ ଚାଲିଯିବାର ଉଦ୍ୟୋଗ କରୁଛନ୍ତି ।

... ତାଙ୍କୁ ପ୍ରଶ୍ନ କଲି— ଗାଡ଼ି ରିଜର୍ଭ କରିବି କେଉଁ କ୍ଲାସ୍‌ରେ ଏବଂ କେତେ ଲୋକଙ୍କପାଇଁ ଆଉ ଦେଓଘରେ ଯେଉଁଘର ଠିକ୍ କରିବା କଥା କହିଲେ ସେଇ ଘର ହିଁ ବା କେମିତିକା ହେବ ଏବଂ କେତେ ଲୋକଙ୍କର ବାସୋପଯୋଗୀ ହେବା ଦରକାର?

ଉତ୍ତରରେ ସେ କହିଲେ— ଯେତେ ବଡ଼ ଘର ମିଳିବ,— ଯେଉଁଥିରେ ବହୁ ଲୋକ ରହିବାପାଇଁ ଜାଗା ହେବ, ଏହିପରି ଘର ଭଡ଼ାରେ ଠିକ୍ କରିବେ । କାରଣ, ମୋ' ସହ ଏମାନେ ସମସ୍ତେ ଯିବେ । ଆଉ ଟ୍ରେନ୍‌ରେ upper classର ଏବଂ third classର ପୂରା ବଗି ରିଜର୍ଭ କରନ୍ତୁ ।

ସେଇ ରାତିରେ ହିଁ ବୀରେନ୍ ମିତ୍ର ଓ ରାଜେନ୍ ମଜୁମଦାରଙ୍କୁ ସାଙ୍ଗରେ ନେଇ କଲିକତା ଗଲି । ପରଦିନ E.I. Railwayର General Managerଙ୍କ ସହ ଦେଖାକରି ମୋର ପ୍ରୟୋଜନ କଥା ତାଙ୍କୁ କହିଲି । ସେ କହିଲେ— Upper Class Reserve ହୋଇପାରେ କିନ୍ତୁ Third Class ର ବଗି ରିଜର୍ଭ ହୋଇ ପାରିବ ନାହିଁ ।

ମୁଁ କହିଲି— କାହିଁକି ହବନି? ମହାତ୍ମାଜୀ ତ ଥାର୍ଡ଼ କ୍ଲାସ୍ ବଗି ରିଜର୍ଭ କରି ସାରା ଭାରତ ପରିଭ୍ରମଣ କରନ୍ତି— ତାହା କିପରି ହୁଏ?

ସେତେବେଳେ ସେ କହିଲେ— Exception has been made in case of Mahatma Gandhi.

ସେତେବେଳେ ମୁଁ କହିଲି— If exception has been made in one case, why it should not be done in Shree Shree Thakur's

ପେଃଚ ପାଃଠ? କଥାବାର୍ତ୍ତା ଏବଂ ଆଲୋଚନା ପରେ ସେ ଅନେକାଂଶରେ ପ୍ରାୟ ରାଜୀ ହୋଇଗଲେ।

ଶ୍ରୀଭୋଳାନାଥ ସରକାର ଓ ରାଜେନ୍ଦ୍ରନାଥଙ୍କ ଉପରେ ଏଇ ଦାୟିତ୍ୱ ଦେଇ ମୁଁ ଓ ବୀରେନ୍ଦ୍ରଲାଲ୍ ମିତ୍ର ଅଗଷ୍ଟ ୩୧ ତାରିଖ ରାତି ଟ୍ରେନ୍‌ରେ ରୱାନା ହୋଇ ତା'ପରଦିନ ସକାଳବେଳା ଦେଓଘରେ ପହଞ୍ଚି ଇଷ୍ଟପ୍ରାଣ ସତ୍‌ସଙ୍ଗୀ ଭ୍ରାତା ସୁରେନ୍ଦ୍ରନାଥ ସେନଙ୍କୁ ସାଙ୍ଗରେ ନେଇ ଘର ଅନୁସନ୍ଧାନରେ ବାହାରିଗଲୁ।

ତା' ପାଖରୁ ସନ୍ଧାନ ପାଇଲି— ସହରର ଏକ ପ୍ରାନ୍ତରେ 'ବଡ଼ାଲ-ବାଂଲୋ' ନାମରେ ଗୋଟିଏ ପ୍ରକାଣ୍ଡ ଘର ଅଛି। ସେଥିରେ ଏକଦା ମୟମନସିଂହର ମହାରାଜା ଆଚାର୍ଯ୍ୟ ଶଶିକାନ୍ତ ଚୌଧୁରୀ ବସବାସ କରୁଥିଲେ। ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ଏଠାରେ କିଛିଦିନ ବାସ କରିଛନ୍ତି। ଏଇ ସୁବୃହତ୍ ଅଟ୍ଟାଳିକା ଏବଂ ତତ୍‌ସଂଲଗ୍ନ ବିସ୍ତୀର୍ଣ୍ଣ ପ୍ରାଙ୍ଗଣ ଦେଖି ପସନ୍ଦ ହେବାରୁ ତତ୍ତ୍ୱାବଧାୟକ ଯତୀନ୍‌ବାବୁଙ୍କୁ ଭଡ଼ା-ସ୍ୱରୂପ ଅଗ୍ରୀମ ଏକଶହ ଟଙ୍କା ଦେଲି ଏବଂ ତାଙ୍କୁ ଅନୁରୋଧ କରି କହିଲି ଯେ, ବର୍ତ୍ତମାନ ଲୋକ ଲଗେଇ ଦିନକ ଭିତରେ ସମ୍ପୂର୍ଣ୍ଣ ଘରଟା ଚୂନକାମ କରିଦେବାକୁ ହେବ, ଦରକାର ହେଲେ ରାତିରେ ବି ଡେ-ଲାଇଟ୍ ଲଗେଇ କାମ କରିଦେବାକୁ ହେବ।

ଏତେ ଲୋକ ଆସିବେ, ଏମାନଙ୍କର ଖିଆପିଆର ବ୍ୟବସ୍ଥା କ'ଣ ହେବ ଏଇ ଚିନ୍ତା କରି ସ୍ଥାନୀୟ 'ରାମକୃଷ୍ଣ ଭଣ୍ଡାର'ରୁ ସବୁ ଜିନିଷ— ଚାଉଳ, ଡାଲି, ମସଲା ଏବଂ କୋଇଲା ଦୋକାନରୁ କୋଇଲା ଇତ୍ୟାଦି ସଂଗ୍ରହ କରି ଅଣା ହେଲା। ଅନୁରୂପଭାବେ ଚୁଡ଼ା, ଗୁଡ଼ ଓ ଦହି ମଧ୍ୟ ସଂଗ୍ରହ କରି ରଖାହେଲା। କାରଣ, କ୍ଷୁଧାର୍ତ୍ତ ଯାତ୍ରୀଦଳ ଆସିବାମାତ୍ରେ କିଛି ଆହାର୍ଯ୍ୟ ଦରକାର ହେବ, ରନ୍ଧାବଢ଼ା କରି ଖିଆପିଆ କଲା ବେଳକୁ ଅନେକ ଡେରି ହୋଇଯିବ।

ପହିଲା ସେପ୍ଟେମ୍ବର, ୧୯୪୬। ଶ୍ରୀଶ୍ରୀଠାକୁର ସମସ୍ତଙ୍କୁ ନେଇ ଆଶ୍ରମର ବଶିଷ୍ଟ କର୍ମୀଗଣସହ ଈଶ୍ୱରଦିରୁ ନିର୍ଦ୍ଦିଷ୍ଟ ସମୟରେ ରିଜର୍ଭ ବଗିରେ ଯାତ୍ରା କଲେ। ବଗିରେ ଏତେ ଭିଡ଼ ହୋଇଥିଲା ଯେ ସୋରିଷ ପକେଇବାକୁ ବି ଜାଗା ନଥିଲା। ନୈହାଟିର ସତ୍‌ସଙ୍ଗୀମାନେ ଶ୍ରୀଶ୍ରୀଠାକୁର ଆସୁଛନ୍ତି ବୋଲି ଜାଣିପାରି ଖାଇବାର ଯଥେଷ୍ଟ ଆୟୋଜନ କରିଥିଲେ ଏବଂ ସମସ୍ତଙ୍କୁ ଖାଇବାକୁ ଦେଇ ପରିତୃପ୍ତ କରିଥିଲେ। ବ୍ୟାଣ୍ଡେଲରେ ଏଇ ରିଜର୍ଭ ବଗି ମୋଗଲସରାଇ ପ୍ୟାସେଞ୍ଜର୍ ସହ ଯୋଡ଼ି ଦିଆହେଲା ଏବଂ ତା'ପରଦିନ ସକାଳ ନଅଟାବେଳେ ଦେଓଘର ଷ୍ଟେସନ୍‌ରେ ଆସି ପହଞ୍ଚିଲା। ଆମେ ଷ୍ଟେସନ୍‌ରୁ ଶ୍ରୀଶ୍ରୀଠାକୁର ଓ ଅନ୍ୟ ସମସ୍ତଙ୍କୁ ନେଇ 'ବଡ଼ାଲ-ବାଂଲୋ'ରେ ଆସି ପହଞ୍ଚିଲୁ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବଙ୍ଗ ବିଭାଗ ହୁଏ। ତା'ର ଏକବର୍ଷ ପୂର୍ବେ, ଯେତେବେଳେ କେହି କଳ୍ପନା ବି କରିନାହାନ୍ତି ଯେ ଦେଶ ଏହିପରି ଅପ୍ରତ୍ୟାଶିତଭାବେ ବିଭକ୍ତ ହେବ, ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ଧ୍ୟାନ-ଦୃଷ୍ଟିରେ ତାହା ବୋଧହୁଏ ଧରାପଡ଼ିଥିଲା। ତେଣୁ ସେ ଏପ୍ରକାର ଅଘଟଣ ଘଟିବା ଆଗରୁ ପ୍ରିୟ ଜନ୍ମଭୂମି ଏବଂ ବହୁ ବାଧାବିଘ୍ନ ଭିତରଦେଇ ଗଢ଼ିତୋଳିଥିବା ଆଶ୍ରମ ହଠାତ୍ ତ୍ୟାଗ କରି ଚାଲିଆସିଲେ ସୁଦୂର ଦେଓଘର।

କପର୍ଦ୍ଦକଶୂନ୍ୟ ଅବସ୍ଥାରୁ, ଯେଉଁ ବିରାଟ ଆଶ୍ରମ ସେ ଗଢ଼ି ତୋଳିଥିଲେ— ଯାହାର ମୂଲ୍ୟ ହେବ ପ୍ରାୟ ଦେଢ଼କୋଟି ଟଙ୍କା— ତାଙ୍କର ସେଇ ଅତି ପ୍ରିୟ ଆଶ୍ରମ ସେ

ଏପରିଭାବେ ତ୍ୟାଗକରି ଚାଲିଆସିବାରେ ତାଙ୍କ ମନରେ ଏତେ ଟିକିଏ ବି ବିକାର ଦେଖାଗଲା ନାହିଁ।... ଶ୍ରୀଶ୍ରୀଠାକୁରଙ୍କର ଏଇ ବିରାଟ ତ୍ୟାଗର ମୂର୍ତ୍ତି ଦେଖି ସେଦିନ ଅତ୍ୟନ୍ତ ବିସ୍ମିତ ହୋଇଥିଲି, ତା'ପରେ ବି କୌଣସିଦିନ ଏଥିପାଇଁ ବିନ୍ଦୁମାତ୍ର ଶୋଚନା କରିବାର ତାଙ୍କୁ ଦେଖିନି। ଏଇଟା ଯେପରି ଗୋଟାଏ ଅତି ତୁଚ୍ଛ ଘଟଣା! ଏପରି ନିସ୍ପୃହତା ଏବଂ ଅନାସକ୍ତି କେବଳ ତାଙ୍କଠାରେ ହିଁ ସମ୍ଭବ।

ଆଉ ଗୋଟିଏ କଥା। ଶ୍ରୀଶ୍ରୀଠାକୁର ସେତେବେଳେ ଅତର୍କିତ ଓ ଅପ୍ରତ୍ୟାଶିତଭାବରେ ଯଦି ଚାଲି ନ ଆସିଥା'ନ୍ତେ ତା' ହେଲେ ପରେ ତାଙ୍କର ଆସିବା ଖୁବ୍ କଷ୍ଟକର ହୋଇପଡ଼ିଥା'ନ୍ତା। ସ୍ଥାନୀୟ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମର ମୁସଲମାନ୍‌ମାନଙ୍କର ସନିର୍ବନ୍ଧ ଅନୁରୋଧ ଓ ମିନତି ଅଗ୍ରାହ୍ୟ କରିବା ତାଙ୍କ ପକ୍ଷରେ ହୁଏତ ସମ୍ଭବ ହୋଇନଥା'ନ୍ତା। ଦେଓଘର ଚାଲିଆସିବା ପରେ ମଧ୍ୟ ପାବନାରୁ ବହୁ ମୁସଲମାନ୍ ଏଠାକୁ ଆସି ଶ୍ରୀଶ୍ରୀଠାକୁରଙ୍କୁ ବାରମ୍ବାର ଅନୁରୋଧ କରିଛନ୍ତି, ହିମାଇତପୁର ଫେରିଯିବାପାଇଁ।

ଦେଓଘର ଆସି ବଡ଼ାଲ-ବାଂଲୋକୁ କେନ୍ଦ୍ରକରି ଆଶ୍ରମ ସ୍ଥାପିତ ହେଲା। ସମସ୍ତେ ଆସି ବଡ଼ାଲ-ବାଂଲୋରେ ରହିଲେ ଏବଂ 'ଆନନ୍ଦବଜାର' ବି ଏଠାରେ ଚାଲିବାକୁ ଲାଗିଲା। କ୍ରମଶଃ ସତ୍‌ସଙ୍ଗୀମାନଙ୍କପାଇଁ ଆଖପାଖରେ ବହୁ ଘର ଭଡ଼ା ନିଆହେଲା।

ଦେଓଘରର ଏଇ ଅଞ୍ଚଳ ସେସମୟରେ ଜନବିରଳ ଥିବାରୁ ଚୋର ଓ ଗୁଣ୍ଡା ପ୍ରଭୃତି ଦୁର୍ବୃତ୍ତମାନଙ୍କର ଆଡ୍‌ଡାସ୍ଥଳ ଥିଲା। ସତ୍‌ସଙ୍ଗୀମାନେ ଆସି ରହିବାରୁ ଏ ସ୍ଥାନଟି କ୍ରମଶଃ ଜନପଦରେ ପରିଣତ ହେବାକୁ ଲାଗିଲା,— ସେଥିରେ ଦୁର୍ବୃତ୍ତମାନଙ୍କର ଅସୁବିଧା ହେବାରୁ ସତ୍‌ସଙ୍ଗୀମାନେ ସେମାନଙ୍କର ଚକ୍ଷୁଃଶୂଳ ହୋଇ ଉଠିଲେ।

ଗଣ୍ଡଗୋଳ ସୃଷ୍ଟିହେଲା ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବକୁ କେନ୍ଦ୍ରକରି। ସେଥର ଉତ୍ସବ ହେବା କଥା ଥିଲା ଖୁଲନାରେ, କିନ୍ତୁ ଶ୍ରୀଶ୍ରୀଠାକୁର ହଠାତ୍ ଦେଓଘର ଚାଲିଆସିବାରୁ ଏଇଠାରେ ହିଁ ଉତ୍ସବର ଆୟୋଜନ କରାହୁଏ।

ଏଥିପାଇଁ ରୋହିଣୀ ରୋଡ୍ ଓ ଦୁମ୍‌କା ରୋଡ୍‌ର ସଙ୍ଗମସ୍ଥଳରେ ଗୋଟିଏ ବିରାଟ ତୋରଣ ତିଆରି କରାଯାଏ ଏବଂ ଉତ୍ସବର ଅଙ୍ଗସ୍ୱରୂପ ଏକ ବିରାଟ ଶୋଭାଯାତ୍ରା ସାରା ସହର ପରିକ୍ରମା କରେ। ପ୍ରସେସନଟି ସହର ପରିକ୍ରମା କରିବାବେଳେ ଦୁର୍ବୃତ୍ତମାନେ ଟେକା-ପଥର ଫୋପାଡ଼ନ୍ତି ଏବଂ ତୋରଣଟିରେ ନିଆଁ ଲଗାଇ ଦିଅନ୍ତି। ସେଥିରେ ବି ସନ୍ତୁଷ୍ଟ ନହୋଇ, ଉତ୍ସବମଣ୍ଡପରେ ଯାତ୍ରା-ଅଭିନୟବେଳେ ସେମାନେ ଗଣ୍ଡଗୋଳ ସୃଷ୍ଟି କରନ୍ତି; ପରେ ଦଳେ ବଦମାସ୍ ବଡ଼ାଲ-ବାଂଲୋରେ ପଶି ମାରପିଟ୍ ଆରମ୍ଭ କରନ୍ତି।

ଆଶୁ ଭଟ୍ଟାଚାର୍ଯ୍ୟ ନାମରେ ଜଣେ ସତ୍‌ସଙ୍ଗୀ କର୍ମୀ, ସେମାନଙ୍କୁ କୌଣସିପ୍ରକାରେ ନିରସ୍ତ କରି ନ ପାରି, ଜଣକର ପାଦ ଧରିବାକୁ ଗଲାବେଳେ ସେଇ ବଦମାସ୍ ଆଶୁ ଭଟ୍ଟାଚାର୍ଯ୍ୟର ଛାତିରେ ପ୍ରଚଣ୍ଡ ପଦାଘାତ କରେ। ସେତେବେଳେ ସତ୍‌ସଙ୍ଗର ଯୁବକବୃନ୍ଦ ଏଇ ଅବସ୍ଥା ଦେଖି କ୍ରୁଦ୍ଧ ହୋଇ ସେମାନଙ୍କୁ ବାଧା ଦିଅନ୍ତି ଏବଂ ବଡ଼ାଲ ବାଂଲୋର ଗେଟ୍ ବନ୍ଦ କରିଦେଇ ସେମାନଙ୍କୁ ସମୁଚିତ ଶାସ୍ତି ଦେବାର ଉଦ୍ୟୋଗ କରନ୍ତି। ସେତେବେଳେ ଗୁଣ୍ଡାମାନେ ଆଉ ଉପାୟାନ୍ତର ନଦେଖି ଭୟରେ ପାଚେରି ଡେଇଁ ପଳାୟନ କରନ୍ତି।

Scanned with CamScanner

ପୁଲିସ୍‌କୁ ଖବର ଦେବାରୁ ପୁଲିସ୍-କର୍ମଚାରୀ ଘଟଣାସ୍ଥଳକୁ ଆସି କେତେଜଣଙ୍କୁ ଗିରଫ କରନ୍ତି। ଦୁଃଖର ବିଷୟ, ସେମାନଙ୍କ ମଧ୍ୟରେ କେତେଜଣ ବଙ୍ଗାଳୀ ଯୁବକ ମଧ୍ୟ ଥିଲେ। ସେମାନଙ୍କର ଅଭିଭାବକମାନେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି ସେମାନଙ୍କୁ ମୁକ୍ତି ଦେବାପାଇଁ କାକୁତି-ମିନତି କରିବାରୁ ଶ୍ରୀଶ୍ରୀଠାକୁରଙ୍କ ଅନୁରୋଧରେ ପୁଲିସ୍-କର୍ତ୍ତୃପକ୍ଷ ସେମାନଙ୍କୁ ଛାଡ଼ିଦିଅନ୍ତି।

ନୂଆ ଜାଗାକୁ ଆସି ଏପରି ଅତ୍ୟାଚାରିତ ହେବାଦ୍ୱାରା ପ୍ରଥମେ ଆମେ ଖୁବ୍ ମର୍ମାହତ ହୋଇଥିଲୁ। ତା'ପରେ ପଣ୍ଡାମାନଙ୍କ ମଧ୍ୟରେ ଅଭିଭାବକ-ସ୍ଥାନୀୟ କେତେଜଣ ବ୍ୟକ୍ତି ଯଥା ଡାକୁବାବୁ ଏବଂ ରାମାନନ୍ଦ ପଣ୍ଡା ପ୍ରଭୃତି ଆସି— ଯେପରି ଭବିଷ୍ୟତରେ ଏପ୍ରକାର ଘଟଣାର ପୁନରାବୃତ୍ତି ନ ଘଟେ ତା'ର ସମସ୍ତ ଦାୟିତ୍ୱ ନିଜେ ନେବେ ବୋଲି ପ୍ରତିଶ୍ରୁତି ଦିଅନ୍ତି।

ଦେଓଘରକୁ ସେତେବେଳେ ଅତି ଅଳ୍ପସଂଖ୍ୟକ ସତ୍‌ସଙ୍ଗୀ ଅର୍ଘ୍ୟାଦି ପଠାଉଥିଲେ, ଅଧିକାଂଶ ପାବନା ଆଶ୍ରମକୁ ଯାଉଥିଲା। ଏଠାକୁ ଆସିବାବେଳେ ବିଶେଷ ଟଙ୍କାପଇସା ସାଙ୍ଗରେ ଆଣି ଆସିବା ସମ୍ଭବ ହୋଇନି। ଯେଉଁସବୁ ସତ୍‌ସଙ୍ଗୀ ପରିବାର ଏଠିକି ଆସିଥିଲେ, ସଂଗୃହୀତ ଅର୍ଥରୁ ସେମାନଙ୍କୁ ଯତ୍‌ସାମାନ୍ୟ ଦେବା ସମ୍ଭବ ହେଉଥିଲା। ଫଳରେ ପ୍ରଥମେ ଆସି ଖୁବ୍ ଅର୍ଥାଭାବ ଦେଖା ଦେଇଥିଲା।

ସେତେବେଳେ ପ୍ରତିନିଧି-ନାୟକ ଥିଲେ ଶ୍ରୀପ୍ରଭାସଚନ୍ଦ୍ର ଚକ୍ରବର୍ତ୍ତୀ (କ୍ଷେପୁଦା), ସେ ଆଶ୍ରମ ଚଳେଇବାର ଦାୟିତ୍ୱ ନେବାକୁ ଚାହିଁଲେନି, ସେଥିପାଇଁ ଶ୍ରୀଶ୍ରୀଠାକୁର ବାଧ୍ୟ ହୋଇ ସେ ଭାର ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଅମରେନ୍ଦ୍ରନାଥ ଚକ୍ରବର୍ତ୍ତୀ (ବଡ଼ଦା)ଙ୍କୁ ଅର୍ପଣ କଲେ।.. କ୍ରମେ ଧୀରେ ଧୀରେ ସତ୍‌ସଙ୍ଗୀମାନେ ଯେଉଁ ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ, ଯୋଗ-ଅର୍ଘ୍ୟ ପ୍ରଭୃତି ପାବନା ପଠାଉଥିଲେ ତାହା ଦେଓଘରକୁ ଆସିବାକୁ ଲାଗିଲା ଏବଂ ବଡ଼ଦାଙ୍କର ସୁଦକ୍ଷ ପରିଚାଳନାରେ ପ୍ରତ୍ୟେକ ପରିବାରର ଅର୍ଥକଷ୍ଟ ପ୍ରଶମିତ ହେଲା। ଶ୍ରୀଶ୍ରୀଠାକୁର ଚାଲିଆସିବା ପରେ ଯେଉଁସବୁ ସତ୍‌ସଙ୍ଗୀ ପାବନା ଆଶ୍ରମରେ ଥିଲେ— 'ସେମାନେ ମଧ୍ୟ ପରିବାର-ପରିଜନ ସହ ଜଣେ-ଜଣେ ଦେଓଘରେ ଆସି ପହଞ୍ଚିବାକୁ ଲାଗିଲେ। ଏହିପରି ଦେଓଘର ଆଶ୍ରମର ପରିଧି କ୍ରମେ-କ୍ରମେ ବଢ଼ିଯିବାକୁ ଲାଗିଲା।

୧୯୪୮ ମସିହାର ପ୍ରଥମଭାଗରେ ସୁରେନ୍ଦ୍ରନାଥ ସୁର ବରିଶାଲରୁ ସପରିବାର ଦେଓଘର ଚାଲିଆସନ୍ତି ଏବଂ କିଛିଦିନ ସତ୍‌ସଙ୍ଗ ଫିଲାନଥ୍ରପିର ଅଧ୍ୟକ୍ଷତା କରନ୍ତି। 'ଆନନ୍ଦବଜାର' ସେତେବେଳେ ବଡ଼ାଲ-ବାଂଲୋରୁ ତାଙ୍କ ଘରକୁ ସ୍ଥାନାନ୍ତରିତ ହୁଏ। ପରେ ଜାମାଇବାବୁ କଲିକତା ଚାଲିଯିବା ପରେ ସେଘରେ କିଛିଦିନ ଚାଲେ। ଅବଶେଷରେ ବଡ଼ଦା 'ଆନନ୍ଦବଜାର'କୁ ବଡ଼ାଲ ବାଂଲୋର ସମ୍ମୁଖସ୍ଥ 'West End House'କୁ ନେଇଆସନ୍ତି।

ଏଣେ ହିମାଇତପୁର ଆଶ୍ରମର ପରିସ୍ଥିତି ଅନ୍ୟରୂପ ଧାରଣ କଲା। ଦେଓଘର ଆସିବା ପରେ ଶ୍ୟାମାପ୍ରସାଦ ମୁଖୋପାଧ୍ୟାୟ ଓ ସନତ୍‌କୁମାର ରାୟଚୌଧୁରୀ, ଏଇ ଦୁଇଜଣ ହିନ୍ଦୁ ମହାସଭାର ନେତାଙ୍କ ସହିତ ଦେଖା ହେବାରୁ ସେମାନେ କହିଲେ— ଆପଣଙ୍କ ଆଶ୍ରମରେ ଯେଉଁସବୁ ବହୁମୂଲ୍ୟ ଯନ୍ତ୍ରପାତି ଏବଂ ପ୍ରିଣ୍ଟିଂ ପ୍ରେସ୍ ଇତ୍ୟାଦି ଅଛି ତାହା ଏବେ ନେଇ

ଆସନ୍ତୁ, ପରେ ତାହା ଆଣିବା ଆଉ ସମ୍ଭବ ହେବ ନାହିଁ। ଏକଥା ଶ୍ରୀଶ୍ରୀଠାକୁରଙ୍କୁ କହିବାରୁ ସେ ସେଗୁଡ଼ିକୁ ନେଇଆସିବାପାଇଁ ନିର୍ଦ୍ଦେଶ ଦେଲେ, କିନ୍ତୁ ପାବନା ଆଶ୍ରମର କର୍ମୀମାନେ ସେକଥା ଶୁଣି ଦେଓଘର ଆସି ଶ୍ରୀଶ୍ରୀଠାକୁରଙ୍କୁ କହିଲେ ଯେ ସେଇସବୁ ଜିନିଷ ଏକବାରେ ସ୍ଥାନାନ୍ତରିତ କରିଦେଲେ ସେଠି ଆଉ କାହାର ରହିବା ସମ୍ଭବ ହେବ ନାହିଁ।

ସେମାନଙ୍କର ଏଇ କଥାରେ ସେଇସବୁ ଜିନିଷ ଆଣିବା କାର୍ଯ୍ୟ ସ୍ଥଗିତ ରହିଲା, ଆଉ ପରେ ସେସବୁ ଆଣିବା ସମ୍ଭବ ହୋଇନି। ଫଳରେ ବିଶ୍ୱବିଜ୍ଞାନ କେନ୍ଦ୍ରର ଯନ୍ତ୍ରପାତି ଯଥା X-ray machine, Ultramicroscope ଇତ୍ୟାଦି ବହୁମୂଲ୍ୟ ଜିନିଷ ମୁସଲମାନ ଗୁଣ୍ଡାମାନଙ୍କ ଦୌରାତ୍ମ୍ୟରେ ଭାଙ୍ଗିରୁଜି ଚୁରମାର ହୋଇଗଲା।

ସେଠୁ ଚାଲିଆସିବା ପରେ ସେଠାକାର କାରଖାନା ଏବଂ ଶ୍ରୀଶ୍ରୀଠାକୁରଙ୍କର ସମ୍ପତ୍ତିବାଡ଼ି ରକ୍ଷଣାବେକ୍ଷଣର ଭାର ମହମ୍ମଦ ଆସାବୁଦ୍ଦିନ ନାମରେ ବଡ଼ଦାଙ୍କର ଜଣେ ବନ୍ଧୁସ୍ଥାନୀୟ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରି ଆମମୋକ୍ତାର-ନାମା (Power of attorney) ଦେଇଦିଆହୁଏ। ସେ କାରଖାନାର ଯନ୍ତ୍ରପାତି ପାବନାର ଉପକଣ୍ଠକୁ ସ୍ଥାନାନ୍ତରିତ କରି ସେଠି କାରଖାନା ଚଳାନ୍ତି ଏବଂ ଜମିଜମା ସମ୍ପତ୍ତି ଇତ୍ୟାଦିର ବୁଝାଶୁଝା କରୁଥା'ନ୍ତି। ଏଥିରେ ତାଙ୍କର କତିପୟ ସ୍ୱଜାତି ଈର୍ଷାପରାୟଣ ହୋଇ ତାଙ୍କୁ ବିପଦରେ ପକେଇବାପାଇଁ ଚେଷ୍ଟା କରନ୍ତି। ସେ ସେଇ ସମୟରେ ମଝିରେ ମଝିରେ ଦେଓଘର ଆସି ବଡ଼ଦାଙ୍କୁ ପରିସ୍ଥିତିର ଗୁରୁତ୍ୱ ବୁଝେଇ ତାଙ୍କ ପାଖରୁ ଯଥାବିହିତ ପରାମର୍ଶ ନେଇ ଯାଉଥିଲେ।

ଏଣେ ପାକିସ୍ତାନ ସରକାର, requisition କରି ପ୍ରେସ୍‌ଟି ଢାକା ନେଇଯାଇ, ସ୍ୱେଚ୍ଛାରେ ତା'ର compensation ମୂଲ୍ୟ ସ୍ୱରୂପ ଏକଲକ୍ଷ ବତିଶ ହଜାର ଟଙ୍କା ଦେବାକୁ ଚାହାନ୍ତି।

ଆଶ୍ରମର ସମୁଦାୟ ସମ୍ପତ୍ତି, କଳକାରଖାନା ଇତ୍ୟାଦିର ମୂଲ୍ୟ ଦେଢ଼କୋଟି ଟଙ୍କା ନିରୂପଣ କରି ଗୋଟିଏ ତାଲିକା ଏହା ମଧ୍ୟରେ ମୁଁ ପାକିସ୍ତାନ ସରକାରଙ୍କୁ ପ୍ରଦାନ କରେ। ପରେ ଦିଲ୍ଲୀ ଯାଇ ପାର୍ଲିଆମେଣ୍ଟର ତଦାନୀନ୍ତନ ସଭ୍ୟ, ଶ୍ରୀରାମସୁଭଗ ସିଂହଙ୍କ ଦ୍ୱାରା ପାର୍ଲିଆମେଣ୍ଟରେ ଏ ପ୍ରସ୍ତାବ ଉତ୍‌ଥାପନ କରେ। ସେଥିରେ ଫଳ କିଛି ହେଲା ନାହିଁ— ଏପରିକି ପ୍ରେସ୍‌ପାଇଁ ଯେଉଁ ଟଙ୍କା ପାକିସ୍ତାନ ସରକାର ଦେବାକୁ ଚାହିଁଥିଲେ ତାହା ମଧ୍ୟ ମିଳିଲା ନାହିଁ।

ପ୍ରଧାନମନ୍ତ୍ରୀ ନେହେରୁଜୀଙ୍କୁ ଏ କଥା ଜଣାଇବାରୁ ସେ କହିଲେ,— "I shall see to it."

ବୋଧହୁଏ, ତାଙ୍କରି ହସ୍ତକ୍ଷେପ ଫଳରେ କିଛିଦିନ ପରେ ପାକିସ୍ତାନ ସରକାରଙ୍କଠୁ ଗୋଟିଏ ଚିଠି ଆସେ, ସେଥିରେ ଜଣେଇଦିଆଯାଏ ଯେ ଆମର ପ୍ରାପ୍ୟ ଟଙ୍କା ପାବନା ଟ୍ରେଜେରୀରେ ଜମା ଦିଆହୋଇଛି।

ଆମେ ତା'ର ଉତ୍ତରରେ ପାକ୍-ସରକାରଙ୍କୁ ଲେଖୁ ଯେ ସେମାନେ ଯେପରି ସେ ଟଙ୍କା ପଶ୍ଚିମବଙ୍ଗ ବା ବିହାର ଗଭର୍ଣ୍ଣମେଣ୍ଟ ମାଧ୍ୟମରେ ଆମକୁ ଦିଅନ୍ତି। ଏହିଭାବରେ ଟଙ୍କା ଦେବାକୁ ସେମାନେ ଅସ୍ୱୀକାର କରନ୍ତେ ଆମେ ଜାଣିବାକୁ ଚାହୁଁ ଯେ କେତେ ଟଙ୍କା ସେମାନେ

Scanned with CamScanner

ପାବନା ଟ୍ରେଜେରୀରେ ଜମା ଦେଉଛନ୍ତି । ସେମାନେ ତାର ଉତ୍ତରରେ ଜଣାନ୍ତି— ମାତ୍ର ବତିଶ ହଜାର ଟଙ୍କା ।

ଆମେ ଉତ୍ତରରେ ଜଣାଇଲୁ ଯେ ସେମାନେ requisition କରିବା ସମୟରେ କେବଳ ପ୍ରେସ୍‌ର ମୂଲ୍ୟ ଏକ ଲକ୍ଷ ବତିଶ ହଜାର ଟଙ୍କା ଧାର୍ଯ୍ୟ କରିଥିଲେ— ବର୍ତ୍ତମାନ ସେମାନେ ମାତ୍ର ବତିଶ ହଜାର ଟଙ୍କା ଜମା ଦେଉଛନ୍ତି କିପରି !... ତା'ର ଉତ୍ତରରେ ସେମାନେ କହିଲେ ଯେ ତା'ଠୁ ବେଶୀ ଟଙ୍କା ସେମାନେ ଦେବେ ନାହିଁ ।

ଏଇ ଟଙ୍କା ବିଷୟରେ ଏଟର୍ଣ୍ଣୀ ସୁଧୀର ରାୟଚୌଧୁରୀଙ୍କୁ ପଚାରିବାରୁ ସେ କହିଲେ ଯେ— ସେ ଟଙ୍କା ମଧ୍ୟ ପାକିସ୍ତାନ ସରକାରଙ୍କର ନ ଦେବାର ହିଁ ମତଲବ, କାରଣ ସେଠାକାର ଟ୍ରେଜେରୀରୁ ଟଙ୍କା ଉଠେଇ ଭାରତ ଆଣିବାକୁ ସେମାନେ କେବେ ବି ଦେବେ ନାହିଁ ।

ପାକିସ୍ତାନ ପାଖରୁ ପ୍ରାପ୍ୟ-ଟଙ୍କା ବିଷୟରେ ପ୍ରଧାନମନ୍ତ୍ରୀ ଶ୍ରୀନେହେରୁଜୀଙ୍କୁ କହିବା ଆଗରୁ external affairs ministryର Secretary, Sri S.M.Dutta, I.C.S. ଙ୍କ ସଙ୍ଗେ ଦେଖାକରି ପଚାରିଥିଲି— ପାକିସ୍ତାନରୁ ଏ ଟଙ୍କା ଆମେ ପାଇବୁ କି ନା ।

ସେତେବେଳେ ସେ ହସି କହିଲେ— ମୋର ନିଜସ୍ୱ ମତ ଯଦି ଜାଣିବାକୁ ଚାହୁଁଛନ୍ତି ତା'ହେଲେ କହିବି— ସେମାନଙ୍କ ନିକଟରୁ କିଛି ହିଁ ଆପଣମାନେ ପାଇବେ ନାହିଁ । ଆମ ସରକାର ପାକିସ୍ତାନ ପାଖରୁ କୋଟି କୋଟି ଟଙ୍କା ପାଇବା କଥା, ତା'ର ଗୋଟିଏ ପଇସା ବି ସେମାନେ ଦେଉନାହାନ୍ତି, ଆପଣଙ୍କ ବେଳକୁ ତା'ର ବ୍ୟତିକ୍ରମ ସେମାନେ କରିବେ କାହିଁକି?

— ପାକିସ୍ତାନ ଯେତେବେଳେ ଆମକୁ କିଛି ଦେଉନାହିଁ ସେତେବେଳେ ଆମ ସରକାର କାହିଁକି ସେମାନଙ୍କର ପ୍ରୟୋଜନୀୟ ଜିନିଷପତ୍ର ଅକାତରେ ଦେଉଛନ୍ତି?

— ନେହେରୁଜୀ ବିଶ୍ୱାସ କରନ୍ତି ଯେ, ସେ ଏହିପରି ସଦ୍‌ବ୍ୟବହାର ଦ୍ୱାରା ଦିନେ ପାକିସ୍ତାନର ହୃଦୟ ଜୟ କରିବାକୁ ସମର୍ଥ ହେବେ ।

— ତାହା କ'ଣ କେବେ ସମ୍ଭବ ହେବ? ଆପଣ କ'ଣ ତାହା ବିଶ୍ୱାସ କରନ୍ତି?

— ଏ ବିଷୟରେ ମୋର ନିଜସ୍ୱ ମତ ପ୍ରକାଶ କରିବା ସମୀଚୀନ ହେବ ନାହିଁ, ତେବେ ନେହେରୁଜୀଙ୍କର ବିଶ୍ୱାସ ସେଇଆ— ଏଇ କଥା କହିପାରେ ।

...ନେହେରୁଜୀଙ୍କ ଜୀବନର ଶେଷଦିନ ପର୍ଯ୍ୟନ୍ତ ମଧ୍ୟ ଏଇ ବିଶ୍ୱାସ ଅଟଳ ଥିଲା କିନା ସନ୍ଦେହ । କାରଣ, ଶେଷରେ ସେ ସ୍ୱୀକାର କରିଥିଲେ ଯେ, ଦେଶବିଭାଜନର ଫଳ ଯେ ଏପରି ଶୋଚନୀୟ ହେବ, ଆଗରୁ ତାହା ଜାଣିଥିଲେ, ଦେଶବିଭାଗରେ କେବେ ବି ସମ୍ମତ ହୋଇ ନଥା'ନ୍ତି ।

ଏଣେ ପାକିସ୍ତାନ ସରକାରଙ୍କର ଏଜେଣ୍ଟ-ସ୍ୱରୂପ ଦୁଇଜଣ ଭଦ୍ରଲୋକ ଦେଓଘର ଆଶ୍ରମକୁ ଆସନ୍ତି— ସେମାନଙ୍କ ମଧ୍ୟରେ ଜଣେ ହିନ୍ଦୁ ଓ ଅନ୍ୟ ଜଣକ ମୁସଲମାନ୍ । ସେମାନେ ଏଇ ପ୍ରସ୍ତାବ ନେଇ ଆସନ୍ତି ଯେପରି ଆମେ ଆଶ୍ରମ-ସଂଲଗ୍ନ ସମୁଦାୟ ଜମି ପାକିସ୍ତାନ ସରକାରଙ୍କୁ ବିକ୍ରି କରିଦେଉ । ଆମେ ସେମାନଙ୍କୁ ଜଣାଇଲୁ ଯେ ଆଶ୍ରମର କୌଣସି ଜମି ଆମେ ବିକ୍ରି କରିବୁନାହିଁ, ପାକିସ୍ତାନ ସରକାର ଯଦି ଜୋର କରି ଦଖଲ କରିବାକୁ ଚାହାନ୍ତି,

ତେବେ ତାହା କରିପାରନ୍ତି,— ତାକୁ ପ୍ରତିବାଦ କରିବାର କ୍ଷମତା ସେତେବେଳେ ଆମ ପାଖରେ ନାହିଁ ।

ପାକିସ୍ତାନ ସରକାର ସେଇ ଜମି ଜବରଦସ୍ତି ଦଖଲ କରି ପ୍ରଥମେ T.B. Hospital ସ୍ଥାପନ କରନ୍ତି, ପରେ ସ୍ଥାନୀୟ ବହୁ ଲୋକଙ୍କ ପ୍ରତିବାଦ ହେତୁ ସେ ଜାଗାରେ Lunatic Asylum ସ୍ଥାପିତ ହୋଇଛି । ପୂର୍ବପାକିସ୍ତାନର ସତ୍‌ସଙ୍ଗୀମାନେ ବର୍ତ୍ତମାନ ସମବେତଭାବେ ଚେଷ୍ଟା କରୁଛନ୍ତି ଯେପରି ଶ୍ରୀଶ୍ରୀଠାକୁରଙ୍କର ପ୍ରିୟ ଜନ୍ମଭୂମି— ଯାହା ସେମାନଙ୍କ ନିକଟରେ ପୁଣ୍ୟ ତୀର୍ଥଭୂମି— ତାକୁ ପୁନରୁଦ୍ଧାର କରିପାରନ୍ତି । ସେମାନଙ୍କର ଏଇ ଚେଷ୍ଟା ଫଳବତୀ ହେଉ— ପ୍ରତ୍ୟେକ ସତ୍‌ସଙ୍ଗୀର ତାହା ହିଁ ଅନ୍ତରର କାମନା ।

ଦେଓଘର ଆସି ପୁଣି ଆଶ୍ରମ-ସ୍ଥାପନପାଇଁ ଜମି ସଂଗ୍ରହର ଚେଷ୍ଟା ଆରମ୍ଭ ହେଲା । ଶ୍ରୀଶ୍ରୀଠାକୁର କହିଲେ,— "ମୋର ସମସ୍ତ ପରିକଳ୍ପନା ରୂପାୟଣପାଇଁ ଏକସଙ୍ଗେ ଅନ୍ତତଃ ଛଅହଜାର ବିଘା (ପ୍ରାୟ ଦୁଇହଜାର ଏକର) ଜମି ଦରକାର । ଏପ୍ରକାର ବିସ୍ତୀର୍ଣ୍ଣ ଜମି ଯଦି ବଙ୍ଗଳାର କୋଉଠି ମିଳିଯାଏ ତ ଭଲ ।"

ଅନୁସନ୍ଧାନ କରି ଜାଣିଲି, ବର୍ଦ୍ଧମାନ ନିକଟବର୍ତ୍ତୀ ପାନାଗଡ଼ରେ ଯୁଦ୍ଧବେଳେ ଆମେରିକାନ୍ ମିଲିଟାରୀ କ୍ୟାମ୍ପ୍ ସ୍ଥାପିତ ହୋଇଥିଲା, ସେଥିପାଇଁ ଛଅ ହଜାର ବିଘା ଜମି ଭାରତ ସରକାରଙ୍କର ମିଲିଟାରୀ ଡିପାର୍ଟମେଣ୍ଟ୍ ହାତରେ ଅଛି । ସେଠିକି ଯାଇ ଦେଖିଲି, ଜମି ଉପରେ ବେଶ୍ କିଛି ସଂଖ୍ୟକ ବିଲ୍‌ଡିଂ ବି ଅଛି ଏବଂ ସେଗୁଡ଼ିକ ଭଲ ଅବସ୍ଥାରେ ହିଁ ଅଛି ।

ଦିଲ୍ଲୀ ଯାଇ ମିଲିଟାରୀ ଡିପାର୍ଟମେଣ୍ଟର ସେକ୍ରେଟାରୀଙ୍କ ସହ ଦେଖା କରି ଜମିର ବିବରଣ ସଂଗ୍ରହ କଲି, ଏକଥା ବି ଜାଣିଲି ଯେ ପ୍ରଧାନମନ୍ତ୍ରୀ ନେହେରୁଜୀଙ୍କ ଅନୁମୋଦନ ଛଡ଼ା ଏ ଜମି ମିଳିବା ସମ୍ଭବ ନୁହେଁ । ବାଧ୍ୟ ହୋଇ ତାଙ୍କ ପାଖରେ ଆମର ପାବନା ଆଶ୍ରମର ବିସ୍ତାରିତ ବିବରଣ ଦେଇ ଅନୁରୂପ ଗୋଟିଏ ପ୍ରତିଷ୍ଠାନ ଭାରତୀୟ ଇଲାକାରେ ଗଢ଼ିତୋଳିବାପାଇଁ ପ୍ରୟୋଜନୀୟ ଜମିର ପ୍ରାର୍ଥନା ଜଣାଇ ଦରଖାସ୍ତ କଲି । ସେଥିରେ ଉଲ୍ଲେଖ ରହିଲା— ସେହିପରି ଜମି ବଙ୍ଗଳାର ପାନାଗଡ଼ରେ ଅଛି ଏବଂ ନେହେରୁଜୀ ଅନୁମୋଦନ କଲେ ଆମେ ସେ ଜମି ଆଶ୍ରମ ଗଢ଼ିତୋଳିବାପାଇଁ ପାଇପାରିବୁ ।

ନେହେରୁଜୀ ଆମର ଆବେଦନ ଏବଂ ଅନୁରୋଧ ବେଶ୍ ସହାନୁଭୂତିର ସହ ଶୁଣିଲେ ଓ ପାନାଗଡ଼ର ସେଇ ଛଅ ହଜାର ବିଘା ଜମି ସତ୍‌ସଙ୍ଗକୁ ଦେବାପାଇଁ ଆଦେଶ ଦେଲେ !... ଆଦେଶପତ୍ରରେ ଦସ୍ତଖତ କରିବା ପରେ ସେ କହିଲେ ଯେ, ଏହି ଜମି ପଶ୍ଚିମବଙ୍ଗ ସରକାରଙ୍କ ଅଧୀନରେ ଅଛି, ତେଣୁ ସେମାନଙ୍କର ଗୋଟିଏ ଅନୁମୋଦନ ନେବା ଦରକାର । ଏହା କହି ଆମର ଆବେଦନ ଓ ତାଙ୍କର ଲିଖିତ ଆଦେଶପତ୍ର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡାଃ ବିଧାନ ରାୟଙ୍କ ପାଖକୁ ପଠେଇଦେଲେ ଏବଂ ମୋତେ କହିଲେ— ଆପଣ ଯାଇ ବିଧାନ ରାୟଙ୍କ ସହ ଦେଖା କରନ୍ତୁ ।

ମୁଁ ତତ୍‌କ୍ଷଣାତ୍ କଲିକତା ଅଭିମୁଖେ ଯାତ୍ରା କଲି କିନ୍ତୁ ପହଞ୍ଚିବା ସଙ୍ଗେ ସଙ୍ଗେ ତାଙ୍କର ସାକ୍ଷାତ୍ ପାଇଲି ନାହିଁ— ସେ ବାହାରେ ଥିଲେ । ଦୁଇଦିନ ପରେ ତାଙ୍କ ସହ ଦେଖା

Scanned with CamScanner

ହେଲା । ଏହା ପୂର୍ବରୁ ସେ ଆମର ନେହେରୁଜୀଙ୍କ ପାଖକୁ ଲିଖିତ ଆବେଦନ ଏବଂ ତାଙ୍କର ଆଦେଶପତ୍ର ପାଇଥିଲେ ।

ବିଧାନବାବୁ ସେତେବେଳେ ଅନେକ ଦର୍ଶନାର୍ଥୀଙ୍କ ଦ୍ୱାରା ପରିବୃତ୍ତ ଥିଲେ । ମୋର କାର୍ଡ଼ ପାଇବାମାତ୍ରେ ଅନ୍ୟାନ୍ୟ ସମସ୍ତଙ୍କୁ ବସେଇରଖି ଗୋଟିଏ ପ୍ରାଇଭେଟ୍ ଗୃହରକୁ ମୋତେ ଡାକି ନେଇଗଲେ । ସେଠାରେ ତାଙ୍କ ସହ ଆଶ୍ରମ ସ୍ଥାପନର ପରିକଳ୍ପନା ଇତ୍ୟାଦି ବିଷୟରେ ପ୍ରାୟ ୪୫ ମିନିଟ୍ ଧରି ଆଲୋଚନା ହେଲା । ଶେଷରେ ସେ କହିଲେ,— "ଛଅ ହଜାର ବିଘା ଜମି ଛୋଟିଆ କଥା? ଆପଣଙ୍କର idea ଅଛି କି, ଛଅ ହଜାର ବିଘା କେତେ ବଡ଼ ଜାଗା? ଏତେ ଜମିକୁ କାମରେ ଲଗେଇବାର କ୍ଷମତା ବର୍ତ୍ତମାନ ବି ଆପଣମାନଙ୍କର ହେଇନି । ଆଠ ଶହ ବିଘା ଜମି ଆପାତତଃ ଆପଣମାନେ ନିଅନ୍ତୁ । ସେଠି କର୍ମପ୍ରତିଷ୍ଠାନ ସ୍ଥାପନ କରନ୍ତୁ, ପରେ ଦରକାର ହେଲେ ପୁଣି ଦିଆଯିବ ।"

ଏହା କହି ଡାଃ ରାୟ ସେଦିନ ମୋତେ ବିଦାୟ ଦେଲେ ଏବଂ ନେହେରୁଙ୍କ ଆଦେଶ-ସମ୍ବଳିତ ଦରଖାସ୍ତ ଉପରେ ଲେଖିଦେଲେ— Union Government may give the land to Satsang, but it will embarass the position of the State Government.

ପରେ ପୁଣି ନେହେରୁଜୀଙ୍କ ସଙ୍ଗେ ଦେଖା କଲି, ସେତେବେଳେ ସେ କହିଲେ, "ମୁଁ ଆଉ କ'ଣ କରିପାରିବି? ଆପଣଙ୍କର State Government ଯେତେବେଳେ ଏପରି ଲେଖିଛନ୍ତି ସେତେବେଳେ ସେମାନଙ୍କୁ embarass କରିବା ତ ମୋ' ପକ୍ଷେ ସମ୍ଭବ ନୁହେଁ । ଆପଣଙ୍କର ମୁଖ୍ୟମନ୍ତ୍ରୀ ଏପରି strongly ନ ଲେଖି ଯଦି Union Governmentର considerationପାଇଁ ଛାଡ଼ିଦେଇଥା'ନ୍ତେ ତା'ହେଲେ ଆପଣମାନଙ୍କୁ ଜମି ଦେବାରେ ଆପତ୍ତି ନ ଥିଲା ।"

ତେଣୁ ବ୍ୟର୍ଥ ମନୋରଥ ହୋଇ ଫେରିଆସିଲି ଆଉ ଶ୍ରୀଶ୍ରୀଠାକୁର ମଧ୍ୟ ଡାଃ ରାୟଙ୍କର ପ୍ରସ୍ତାବ ଅନୁସାରେ ଆଠ ଶହ ବିଘା ଜମି ନେବାକୁ ରାଜୀ ହେଲେ ନାହିଁ କାରଣ ସେଥିରେ ତାଙ୍କର ସମସ୍ତ ପରିକଳ୍ପନା ରୂପାୟିତ ହେବା ସମ୍ଭବ ହେବ ନାହିଁ ।

ଡାଃ ରାୟଙ୍କ ପାଖରୁ ନିରାଶ ହୋଇ ଫେରିଆସିଲି ସତ, କିନ୍ତୁ ଚେଷ୍ଟାରୁ ବିରତ ହେଲି ନାହିଁ । Central Governmentର ପୁନର୍ବସତି ବିଭାଗର ଭାର ପାଇଲେ ଶ୍ରୀଯୁକ୍ତ ମେହେରଚାନ୍ଦ ଖାନ୍ନା । ତାଙ୍କ ପାଖରେ ଏକ ମୁଦ୍ରିତ ଆବେଦନ-ପତ୍ର ନେଇ ହାଜର ହେଲି, ଯାହାଦ୍ୱାରା ସେ ସତ୍‌ସଙ୍ଗର ବର୍ତ୍ତମାନ ଶୋଚନୀୟ ଅବସ୍ଥା ବୁଝି ସତ୍‌ସଙ୍ଗୀମାନଙ୍କର ପୁନର୍ବସତିପାଇଁ ବାଙ୍ଗଲାଦେଶରେ ଉପଯୁକ୍ତ ପରିମାଣ ଜମି ଦାନ କରି ସତ୍‌ସଙ୍ଗୀମାନଙ୍କର ପୁନର୍ବସତିର ବ୍ୟବସ୍ଥା କରନ୍ତି । ଦୁଃଖର ବିଷୟ ସେଠୁ ମଧ୍ୟ ହତାଶ ହୋଇ ଫେରିବାକୁ ହେଲା ।

ଜମିସଂଗ୍ରହପାଇଁ ଧାଁ-ଦଉଡ଼ର ଅନ୍ତ ନାହିଁ । ବୁଲିବୁଲି ଜଣେ ଭଦ୍ରଲୋକଙ୍କ ପାଖରୁ ସନ୍ଧାନ ପାଇଲି ଯେ, ଜଣେ ମୁସଲମାନ୍ ଭଦ୍ରଲୋକଙ୍କର ଗୋଟିଏ ପ୍ଲଟ୍‌ରେ ୧୨୦୦ ବିଘା ଜମି— ଦମଦମର ନାଗେର-ବାଜାରର ପୂର୍ବଦିଗରେ ଅଛି । ଜମି ବିକ୍ରୟର ଭାର ଜଣେ

ଏଟର୍ଣ୍ଣୀ ଉପରେ ନ୍ୟସ୍ତ କରି ଜମିର ମାଲିକ ପାକିସ୍ତାନ ଚାଲିଯାଇଛନ୍ତି । ସନ୍ଧାନ ନେଇ ସେଇ ଏଟର୍ଣ୍ଣୀର ଘରକୁ ଯାଇ ତାଙ୍କ ସହ ସାକ୍ଷାତ୍ କରେ ଏବଂ ତାଙ୍କ ସଙ୍ଗେ ଶ୍ରୀଶ୍ରୀଠାକୁର ଓ ସତ୍‌ସଙ୍ଗର ଆଦର୍ଶ ବିଷୟରେ ବିସ୍ତାରିତ ଭାବେ ଆଲୋଚନା କରେ ।

ମୋର ଆଳାପ-ଆଲୋଚନାରେ ବୋଧହୁଏ ସେ ସନ୍ତୁଷ୍ଟ ହୋଇଥିଲେ, ତେଣୁ ସେ କହିଲେ— ଆପଣମାନେ ଯଦି ଜମି ନିଅନ୍ତି ତା'ହେଲେ ମୁଁ ଯଥାସମ୍ଭବ କମ୍ ମୂଲ୍ୟରେ ସେଇ ଜମି ଦେଇଦେବାର ଚେଷ୍ଟା କରିବି । ମୋର ସବିଶେଷ ଅନୁରୋଧରେ ସେ କହିଲେ— ଆଚ୍ଛା, ପାଣି ମୂଲ୍ୟରେ ଏଇ ଜମି ଆପଣମାନଙ୍କୁ ଦେଇଦଉଛି, ବିଘା ପ୍ରତି ଏକଶହ ଟଙ୍କା ମୂଲ୍ୟ ହିଁ ଦେବେ ।

ଏଇ ଜମି ଦେଖିବାକୁ ଶ୍ରୀମାନ୍ ମଣି (ଛୋଟଦା) ଯାଇଥିଲେ ଏବଂ ତାଙ୍କର ପସନ୍ଦ ବି ହୋଇଥିଲା, କିନ୍ତୁ ତତ୍‌କାଳୀନ ପ୍ରତିନିଧିନାୟକ ଜମି ଦେଖି ପସନ୍ଦ କଲେ ନାହିଁ । ତାଙ୍କର ପ୍ରବଳ ଆପତ୍ତି ହେଲା ଯେ, ଦମ୍‌ଦମ୍ ନାଗେର-ବାଜାରର ସାମନା ଦେଇ ଯେଉଁ ରାସ୍ତା ବରାବର ପୂର୍ବଦିଗକୁ ଯାଇଛି ତା'ର ସ୍ଥାନେ ସ୍ଥାନେ ପାର୍ଶ୍ୱବର୍ତ୍ତୀ ଅଧିବାସୀମାନେ ରାସ୍ତା କଡ଼ର କିଛି ଅଂଶ ଦଖଲ କରି ରହିଛନ୍ତି ।

ତାଙ୍କର ଏଇ ଆପତ୍ତିର ଉତ୍ତରରେ ମୁଁ କୁହେ ଯେ, ଏଇଟା District Board ର ରାସ୍ତା, District Boardରେ ତଦ୍‌ବିର କରି ରାସ୍ତାର ଦଖଲକାରୀମାନଙ୍କୁ ଜମିରୁ ଯଦି ହଟେଇ ନ ପାରିବୁ ତେବେ ଆମେ କୋଉ କାମଟା କରିପାରିବୁ; ବିଶେଷ କରି Boardର District Engineer ଯେତେବେଳେ ଆମର ବିଶେଷ ପରିଚିତ । ମୋର ଏକଥା ପ୍ରତିନିଧିନାୟକ ମହାଶୟ ଶୁଣିଲେ ନାହିଁ । ପରେ ସେଇ ଜମି କାଠା ପ୍ରତି (୨୦କାଠ=୧ବିଘା) ଅଢ଼େଇ ହଜାର ଟଙ୍କା ଦରରେ ବିକ୍ରି ହୋଇଥିଲା ।

ସେଠୁ ମଧ୍ୟ ନିଷ୍ଫଳ ହୋଇ ଫେରି ଆସିଲି । ପରେ ଶ୍ରୀମାନ୍ ମଣି ଓ ଅମୂଲ୍ୟକୁମାର ଘୋଷ ଅନେକ ଖୋଜାଖୋଜି କରି ରାମକାନାଲୀରେ ୫୫୦ ବିଘା ଜମିର ସନ୍ଧାନ ପାଆନ୍ତି ଏବଂ ସେଇ ଜମି ଖରିଦ କରାହୁଏ ।

ଏଇ ଜମି କିଣା ବ୍ୟାପାରରେ ଛୋଟଦାଙ୍କୁ ଖୁବ୍ ଧାଁ-ଦଉଡ଼ ଓ ପରିଶ୍ରମ କରିବାକୁ ପଡ଼ିଥିଲା । ଅତିରିକ୍ତ ପରିଶ୍ରମ ହେତୁ ସେ ରାମକାନାଲୀରେ ଅସୁସ୍ଥ ହୋଇପଡ଼ନ୍ତି । ତାଙ୍କର ଅସୁସ୍ଥତାର ସମ୍ବାଦ ପାଇ ଗୋଟିଏ ଜିପ୍ କରି ବଡ଼ଦା, ଶଚୀନ୍ଦ୍ର ଗାଙ୍ଗୁଲୀ (ଜଜ୍), ଡାଃ ପ୍ୟାରୀ ନନ୍ଦୀ ପ୍ରଭୃତି ରାମକାନାଲୀ ଅଭିମୁଖେ ଯାତ୍ରା କରନ୍ତି । ବାଟରେ ଜିପ୍ ଦୁର୍ଘଟଣାରେ ସମସ୍ତେ ଆହତ ହୁଅନ୍ତି । ସେମାନଙ୍କ ମଧ୍ୟରେ ଡାଃ ପ୍ୟାରୀ ନନ୍ଦୀର ଆଘାତ ସବୁଠାରୁ ଗୁରୁତର ହୋଇଥିଲା । କିଞ୍ଚିତ୍ ସୁସ୍ଥ ହେବା ପରେ ଛୋଟଦାଙ୍କୁ ରାମକାନାଲୀରୁ ଫେରେଇ ଅଣାହେଲା ।

ସେତେବେଳେ ରାମକାନାଲୀ ବିହାରରେ ଥିଲା । ଶ୍ରୀଶ୍ରୀଠାକୁର ଇଚ୍ଛା କରିଥିଲେ, ବିସ୍ତୀର୍ଣ୍ଣ ଜମି ପାଇଲେ ପୂର୍ବବଙ୍ଗଳାରେ ଆଶ୍ରମ ପ୍ରତିଷ୍ଠା କରିବେ, ତାହା ସେତେବେଳେ ଆଉ ହୋଇପାରିଲା ନାହିଁ ।

ଏ ବିଷୟରେ କିନ୍ତୁ ସେ ଚେଷ୍ଟାରୁ ଆଜିଯାଏ ବି ବିରତ ହୋଇ ନାହାନ୍ତି । ସେ ଶୁଣିବାକୁ ପାଇଲେ ଯେ, ଆସାନସୋଲ ନିକଟବର୍ତ୍ତୀ ସାଲାନପୁରରେ ପୁନର୍ବସତି ବିଭାଗରେ

Scanned with CamScanner

ପ୍ରାୟ ୨୫୦୦ ବିଘା ଜମି ଅଛି ଏବଂ ସେ ଜମି ପାଇପାରିଲେ ପାର୍ଶ୍ୱବର୍ତ୍ତୀ ଆଉ ମଧ୍ୟ ୨୫୦୦ ବିଘା ଜମି ମିଳିଯାଇପାରେ । ପୁନର୍ବସତି ବିଭାଗର ଜମିପାଇଁ ଯତି ଶ୍ରୀ ନରେନ୍ଦ୍ରନାଥ ମିତ୍ରଙ୍କୁ ଚେଷ୍ଟା କରିବାକୁ କହିଲେ— ସେ ମଧ୍ୟ ଆଜିଠୁ ଚାରିବର୍ଷ ତଳର କଥା । ନରେନ୍ଦ୍ରନାଥ ବହୁ ଅର୍ଥ ବ୍ୟୟ କରି ଓ ଅନେକ ଚେଷ୍ଟା କରି ମଧ୍ୟ ଆଜିଯାଏ ସେ ଜମିର କୌଣସି ସୁବିଧା କରିପାରି ନାହାନ୍ତି ।

ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛା ଥିଲା, ସେ ଜମି ପାଇଲେ ସେଇଠାରେ ହିଁ ସବୁ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ କରିବେ । କିନ୍ତୁ ତାହା ହସ୍ତଗତ ନ ହେବାରୁ ବାଧ୍ୟହୋଇ ସେ ଏଇ ଦେଓଘରେ ହିଁ ତାଙ୍କର ପିଲାଦିନର ସ୍ୱପ୍ନ, 'ଶାଣ୍ଡିଲ୍ୟ-ବିଶ୍ୱବିଦ୍ୟାଳୟ' ପ୍ରତିଷ୍ଠାପାଇଁ ଚେଷ୍ଟା ଆରମ୍ଭ କରିଛନ୍ତି ଏବଂ ଏହା ସହ ଗଙ୍ଗାନଦୀ ସହିତ ଦେଓଘରର ଦାରୁଆ ନଦୀକୁ ଯୁକ୍ତ କରି ତା'କୁ ଚିର ପ୍ରବହମାନ କରିବାର ପରିକଳ୍ପନା କରିଛନ୍ତି । ତାଙ୍କର ଏଇ ଦୁଇଟି ବିରାଟ ପିରକଳ୍ପନା ଫଳବତୀ ହେଉ ଏହାହିଁ ସମସ୍ତଙ୍କର ଅନ୍ତରର କାମନା ।.. ଏଇ ଦୁଇଟି ପରିକଳ୍ପନା ନେଇ ଦେଓଘର କଲେଜର ଦୁଇଜଣ ପ୍ରଫେସର— ହରିବଲ୍ଲଭ ନାରାୟଣ ଓ ବିନୋଦାନନ୍ଦ ଝା ଆପ୍ରାଣ ଚେଷ୍ଟା କରି ଚାଲିଛନ୍ତି ।

ପଶ୍ଚିମବଙ୍ଗଳାରେ ଜମି ସଂଗ୍ରହପାଇଁ ଚେଷ୍ଟାର କଥା ପୂର୍ବରୁ କୁହା ହୋଇଛି, କିନ୍ତୁ ସେଇଥିରେ ଏହାର ପରିସମାପ୍ତି ଘଟେନି । ଶ୍ରୀଯୁତ ଯତୀନ ଦାସ ଓ ଶ୍ରୀଯୁତ ପ୍ରଫୁଲ୍ଲ ଚାଟାର୍ଜୀ— ବୀରଭୂମ ଜିଲ୍ଲାରେ ଏବଂ ମେଦିନୀପୁରରେ ବି ଏଇ ଜମି ସଂଗ୍ରହପାଇଁ ବହୁତ ବୁଲାବୁଲି କରିଛନ୍ତି ।

ତା'ପରେ ସିଉଡ଼ୀରେ ସହର ଉପକଣ୍ଠରେ, କଡ଼ିଧ୍ୟାରେ ଗୋଟିଏ ସତ୍‌ସଙ୍ଗ କଲୋନୀ ଗଢ଼ିଉଠେ, ଶ୍ରୀଯୁତ କ୍ଷେତ୍ରନାଥ ଶିକ୍‌ଦାରଙ୍କ ପ୍ରଚେଷ୍ଟାରେ । ବୀରଭୂମି ଜିଲ୍ଲାର ହରିପୁରକୁ ମଧ୍ୟ କେନ୍ଦ୍ରକରି ଅନେକ ଜମି ଖରିଦ କରାଯାଏ । କିନ୍ତୁ ସେଇସବୁ ଜମି କାର୍ଯ୍ୟୋପଯୋଗୀ କରିବା ସମ୍ଭବ ହୋଇନି ।

ଅବଶେଷରେ 'ସତ୍‌ସଙ୍ଗ କଲୋନୀ ଏଣ୍ଡ ଇଣ୍ଡଷ୍ଟ୍ରିଜ୍' ନାମରେ ଗୋଟିଏ ଲିମିଟେଡ୍ କମ୍ପାନୀ ଗଠିତ ହୁଏ ଏବଂ ନଦୀୟା ଜିଲ୍ଲାର ରାଣାଘାଟ ମହକୁମା ଅଧୀନ ଜଫରନଗର ଗାଁରେ ଚୂର୍ଣ୍ଣୀ ନଈ କୂଳରେ ଜମିଦାର ଶ୍ରୀଅନାଦି ସେନ୍‌ଙ୍କ ପାଖରୁ ତାଙ୍କର ୫୦୦ ବିଘା ଜମି ଖରିଦ କରାହୁଏ । ଉକ୍ତ ଜମିଦାର ମହାଶୟ ନିଜେ ପୂଜନୀୟା ବଡ଼ମାଙ୍କ ନାମରେ ୫୦ବିଘା ଜମି ଦାନ କରନ୍ତି । କିନ୍ତୁ ଜମିର ଦଖଲ ନେବାକୁ ଯାଇ ଦେଖାଗଲା— ଜମିର ସ୍ୱତ୍ୱ ସମ୍ବନ୍ଧରେ ବହୁ ଗୋଳମାଳ ଅଛି । ଜମି କିଣାରେ ତତ୍ତ୍ୱାବଧାନକାରୀ ଯେଉଁମାନେ ଥିଲେ, ସେମାନେ ଭଲ କରି ସବୁଜିନିଷ ଟିକିନିଖି କରି ନ ଦେଖିବା ହେତୁ ଏହିପରି ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼େ । ସେଇ ଜମି ଆଉ ଦଖଲ କରିବା ସମ୍ଭବ ହୁଏ ନାହିଁ ଏବଂ 'ସତ୍‌ସଙ୍ଗ କଲୋନୀ ଏଣ୍ଡ ଇଣ୍ଡଷ୍ଟ୍ରିଜ୍'କୁ ଲିକୁଇଡେଶନ୍‌ରେ ଦେବାକୁ ହୁଏ । ଏଇ ଘଟଣା ପରେ ବଙ୍ଗଳାରେ ଜମି ସଂଗ୍ରହର ଚେଷ୍ଟାରେ ବିରତି ଘଟେ ।

ଏଣେ ଦେଓଘରେ ସତ୍‌ସଙ୍ଗ ପ୍ରତିଷ୍ଠାନକୁ ଏକ ଦୁର୍ଯୋଗର ସମ୍ମୁଖୀନ ହେବାକୁ ହୁଏ । ଦିନେ ଦିପହରରେ କଲିକତାରୁ ଆଗତ କେତେଜଣ ଯୁବକ, ଇଉନାଇଟେଡ୍ କମର୍ସିଆଲ୍

ବ୍ୟାଙ୍କର ଦେଓଘର ବ୍ରାଞ୍ଚରେ ଆକ୍ରମଣ କରନ୍ତି ଏବଂ ରିଭଲ୍‌ଭର୍ ଦେଖେଇ କେତେଜଣ client ସହ ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଛୋଟ କୋଠରିରେ ଆବଦ୍ଧ କରି ହାତମୁହଁ ବାନ୍ଧି ରଖିଦିଅନ୍ତି । ଯୋଗକୁ ବ୍ୟାଙ୍କର କେବଳ ଗୋଟିଏ ଲୋକର ହାତମୁହଁ ବନ୍ଧା ହୋଇ ନଥିଲା, ସେ ଚିତ୍କାର କରି ବଜାରର ଲୋକଙ୍କର ଦୃଷ୍ଟି ଆକର୍ଷଣ କରେ । ସେମାନେ ଆସି ଏମାନଙ୍କୁ ମୁକ୍ତି ଦିଅନ୍ତି ଓ ଡକାୟତମାନଙ୍କୁ ଧରିବାପାଇଁ ଚାରିଦିଗକୁ ଦଉଡ଼ା ଦଉଡ଼ି କରନ୍ତି । ଏଣେ ଦଳର ଜଣେ ଲୋକ ଗୋଟିଏ ଟ୍ୟାକ୍ସି ଭଡ଼ା କରି ଥାନାଠୁ ଟିକିଏ ଆଗରେ ଅପେକ୍ଷା କରିଥିଲା ଲୁଣ୍ଠନ ଜିନିଷ ଆସିଲେ ଜସିଡ଼ି ଯାଇ ଟ୍ରେନ୍ ଧରିବ ବୋଲି । ପ୍ରାୟ ଲକ୍ଷାଧିକ ଟଙ୍କାର ପୁଟୁଳି ଯେତେବେଳେ ଗାଡ଼ିରେ ପହଞ୍ଚିଲା, ସେତେବେଳେ ଆଉ ଗାଡ଼ି ଷ୍ଟାର୍ଟ ହେଲା ନାହିଁ । ବାଧ୍ୟହୋଇ ସେମାନେ ଗୋଟାଏ ସାଇକେଲ ରିକ୍ସା ନେଲେ । ସେମାନଙ୍କର ଦୁର୍ଭାଗ୍ୟ, ତା'ର ବି ଚକା ଗଲା ଫାଟି । ଗୋଟାଏ ଚଳନ୍ତା ଟାଙ୍ଗାକୁ ଅଟକେଇ ଯେତେବେଳେ ତା ଉପରେ ସବୁ ଜିନିଷ ନଦିଲେ ସେତେବେଳେ ଜସିଡ଼ିରେ ଟ୍ରେନ୍ ଧରିବାର କୌଣସି ଆଶା ନାହିଁ । ବାଧ୍ୟ ହୋଇ ସେତେବେଳେ ସେମାନେ ଜସିଡ଼ିର ରାସ୍ତା ଛାଡ଼ି ପୁରାଣଦହ ଆଡ଼କୁ ମୋଡ଼ ବୁଲେଇଦିଅନ୍ତି । ଏତେ ସମୟ ଡେରିହେବା ଫଳରେ ଲୋକମାନେ ମଧ୍ୟ ସେମାନଙ୍କର ପିଛା ନେଇଛନ୍ତି,— ସେମାନଙ୍କୁ ନିରସ୍ତ କରିବାପାଇଁ ଡକାୟତମାନେ ମୁଠାମୁଠା ନୋଟ୍ ଫୋପାଡ଼ିବାକୁ ଲାଗିଲେ ।

ଅବଶେଷରେ ସେମାନେ ସତ୍‌ସଙ୍ଗୀ-ଅଧ୍ୟୁଷିତ ଅଞ୍ଚଳରେ ପହଞ୍ଚନ୍ତି ଏବଂ ପଳାଇଯିବାର କୌଣସି ରାସ୍ତା ନପାଇ ସତ୍‌ସଙ୍ଗର ପୁରାତନ କର୍ମୀ ଶ୍ରୀଯୁତ ଈଷଦାନନ୍ଦ ବିଶ୍ୱାସଙ୍କ ଘରେ ସେଇ ଲୁଣ୍ଠିତ ଦ୍ରବ୍ୟ ସହ ପ୍ରବେଶ କରନ୍ତି । ପୁଲିସ୍ ଆସି ଲୁଣ୍ଠିତ ଦ୍ରବ୍ୟସହ ଅପରାଧୀମାନଙ୍କୁ ଗିରଫ କରେ ଏବଂ ଗୃହସ୍ୱାମୀ ମଧ୍ୟ ସେମାନଙ୍କ ସହ ସଂଶ୍ଳିଷ୍ଟ ଅଛନ୍ତି ବୋଲି ମନେ କରି ତାଙ୍କୁ ମଧ୍ୟ ଗିରଫ କରି ହାଜତକୁ ନେଇଯା'ନ୍ତି ।

ଏଇ ଘଟଣା ପରେ ସହରର କିଛି ଲୋକ ପ୍ରଚାର କରନ୍ତି ଯେ ସତ୍‌ସଙ୍ଗ ଏହି ବିରାଟ ବ୍ୟୟଭାର, ସେମାନେ ସରକାର ବା ଜନସାଧାରଣଙ୍କ ପାଖରେ ହାତ ନ ପତେଇ କିପରି ବହନ କରନ୍ତି;— ସେମାନେ ଡକାୟତି କରି ନିଶ୍ଚୟ ଏହି ଅର୍ଥ ସଂଗ୍ରହ କରନ୍ତି । ଫଳରେ ବେଶ୍ କିଛିଦିନ ସତ୍‌ସଙ୍ଗୀମାନଙ୍କର ବଜାରରେ ଯିବା ପର୍ଯ୍ୟନ୍ତ ଅସମ୍ଭବ ହେଇ ଉଠିଲା, ସେଠାକୁ ଗଲେ ସେମାନଙ୍କୁ ନାନାପ୍ରକାର କଟୁ ମନ୍ତବ୍ୟ ଶୁଣିବାକୁ ପଡୁଥିଲା । ଅବଶ୍ୟ ଏପରି ଅବସ୍ଥା ବେଶୀଦିନ ସ୍ଥାୟୀ ହୋଇନି ।

ଶ୍ରୀଯୁତ ଈଷଦାନନ୍ଦ ବିଶ୍ୱାସଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ସେସନ କୋର୍ଟ (ଉଚ୍ଚ ଫୌଜଦାରୀ ଅଦାଲତ)କୁ ପଠାହେଲା । ସେସନ ଜଜ ନିଜେ ତଦନ୍ତରେ ଆସି ଈଷଦାନନ୍ଦ ବିଶ୍ୱାସର ଘରର ଅବସ୍ଥାନ ଦେଖି ବୁଝିଲେ ଯେ, ପଛଆଡୁ ତଡ଼ା ଖାଇଲେ ଦୁର୍ବୃତ୍ତମାନଙ୍କର ଏଇ ଘରେ ପଶିବା ଛଡ଼ା ଆଉ ଗତ୍ୟନ୍ତର ନଥିଲା, ସେଥିଇରେ ଏଇ ନରୀହ ମଣିଷଟି ମୁକ୍ତି ପା'ନ୍ତି ।

ସ୍ଥାନୀୟ ଦୁଷ୍ଟ ଲୋକମାନେ ଏଇପରି ନିରାଶ ହେଲେ ମଧ୍ୟ ସତ୍‌ସଙ୍ଗକୁ ଜବତ କରିବାର ପ୍ରଚେଷ୍ଟାରୁ ନିରସ୍ତ ହେଲେ ନାହିଁ, ଅଚିରେ ସେମାନେ ସତ୍‌ସଙ୍ଗ ନାମରେ ଆଉ

Scanned with CamScanner

ଗୋଟିଏ ମକଦ୍ଦମା ରୁଜୁ କରିଦେଲେ । ମାମଲାଟିର ବିଷୟବସ୍ତୁ ହେଲା ବୃଦ୍ଧ ସତ୍‌ସଙ୍ଗୀ ଡାଃ ଶ୍ରୀରେବତୀ ସେନ୍‌ଙ୍କୁ ନେଇ । ସ୍ଥାନୀୟ ଦୁଷ୍ଟ ବ୍ୟକ୍ତିମାନେ ଡାଃ ରେବତୀ ସେନ୍‌ଙ୍କ ବିରୋଧରେ ହଠାତ୍ ଏକ ମିଥ୍ୟା ଅଭିଯୋଗ ଆଣି, ତାଙ୍କୁ ଅଯଥା ପ୍ରହାରାଦି କରନ୍ତି । ତାଙ୍କୁ ବଡ଼ଦାଙ୍କ ପାଖକୁ ନେଇ ଆସିବାରୁ ବଡ଼ଦା ସେମାନଙ୍କୁ କୁହନ୍ତି— ଏପରି ବୃଦ୍ଧଲୋକକୁ ଅଯଥା ମାରଧର ନକରି ତୁମେମାନେ ଯାଙ୍କୁ ପୁଲିସ୍ ହାତରେ ଦେଇଦିଅ । ଏହାପରେ ହାସପାତାଳରେ ଏଇ ବୃଦ୍ଧ ଭଦ୍ରଲୋକର ଚିକିତ୍ସାର ବ୍ୟବସ୍ଥା ବି ସେ କରନ୍ତି । ଏଇ ତୁଚ୍ଛ ଘଟଣାକୁ ଅବଲମ୍ବନ କରି, ଅପରାଧୀକୁ ଆଶ୍ରୟ ଦେବା ଏବଂ ପ୍ରମାଣ ଗୋପନ କରିବାର ମିଥ୍ୟା ଅଭିଯୋଗରେ ପୁଲିସ୍ ବଡ଼ଦାଙ୍କୁ ହାଜତରେ ଆବଦ୍ଧ କରେ । ଛୋଟଦା ମଧ୍ୟ ପୁଲିସ୍‌କୁ ଜଣାନ୍ତି ଯେ ସେ ମଧ୍ୟ ବଡ଼ଦାଙ୍କ ସହିତ ଥିଲେ, ସେଥିରେ ତାଙ୍କୁ ମଧ୍ୟ ଗିରଫ କରାଯାଏ ।

ସାତଦିନ ହାଜତରେ ରହିବା ପରେ ଶ୍ରୀଶ୍ରୀବୈଦ୍ୟନାଥ ଦେବଙ୍କର ଦୁଇଜଣ ବିଶିଷ୍ଟ ପଣ୍ଡା ଜାମିନ୍‌ରେ ଏମାନଙ୍କୁ ମୁକ୍ତକରି ଆଣନ୍ତି । ଜାମିନ୍ ପାଇବା ପରେ ବିରୋଧୀଦଳ କୋର୍ଟରେ ଏଇ ଅଭିଯୋଗ କଲେ ଯେ ପ୍ରତିପକ୍ଷମାନେ ପ୍ରଭାବଶାଳୀ ବ୍ୟକ୍ତି, ସେମାନେ ଜାମିନ୍‌ରେ ଖଲାସ ହୋଇ ଦେଓଘରେ ରହିଲେ ସେମାନଙ୍କ ବିରୋଧରେ ସାକ୍ଷ୍ୟପ୍ରମାଣ ସଂଗ୍ରହ କରିବା ସେମାନଙ୍କ ପକ୍ଷରେ କଷ୍ଟକର ହେବ । କୋର୍ଟ ଏଇ ଆପତ୍ତି ମାନି ନେବାରୁ, ଶ୍ରୀଶ୍ରୀଠାକୁର ବଡ଼ଦା, ଛୋଟଦା ଏବଂ ପରିବାରର ପ୍ରାୟ ସମସ୍ତଙ୍କୁ ନେଇ ଦୁମକାରେ ଗୋଟିଏ ବସା ଭଡ଼ାକରି କେତେମାସ କାଳ ସେଠି ରହନ୍ତି ।

ଶ୍ରୀଶ୍ରୀଠାକୁର ଦୁମକାରେ ଥିବା ସମୟରେ ଦେଓଘରେ ତାଙ୍କର ଜନ୍ମତିଥି ଉତ୍ସବ ଅନୁଷ୍ଠିତ ହୁଏ । ରାଜ୍ୟ ସରକାର ଶେଷପର୍ଯ୍ୟନ୍ତ, ବଡ଼ଦା ଓ ଛୋଟଦାଙ୍କର ପୂର୍ଣ୍ଣ ନିର୍ଦ୍ଦୋଷତା ସ୍ୱୀକାର କରିନେଇ ସେମାନଙ୍କ ବିରୋଧରେ ଆନୀତ ମକଦ୍ଦମା ବାତିଲ୍ କରିଦିଅନ୍ତି ।

ଶ୍ରୀଶ୍ରୀଠାକୁର ଦୁମକାରେ ଥିବା ସମୟରେ ଦୁମକାର ଅନେକ ବିଶିଷ୍ଟ ଲୋକ ଦୀକ୍ଷା ଗ୍ରହଣ କରନ୍ତି ଓ ପାଟନାର Advocate General ଶ୍ରୀ ବଳଦେବ ସହାୟ ପ୍ରଭୃତି ବିଶିଷ୍ଟ ଲୋକ ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ଆସନ୍ତି ।

ଶ୍ରୀଶ୍ରୀଠାକୁର ଦେଓଘର ଆଶ୍ରମକୁ ଫେରିବାର ଅବ୍ୟବହିତ ପରେ ଯେଉଁ ଋତ୍ୱିକ୍ ସମ୍ମେଳନ ହୁଏ ସେଥିରେ ବହୁଲୋକ ବହୁସ୍ଥାନରୁ Special train ଯୋଗେ ଦେଓଘର ଆସି ସମବେତ ହୁଅନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରର କେତେଜଣ ବିଶିଷ୍ଟ ମନ୍ତ୍ରୀ ମଧ୍ୟ ସେଥିରେ ଯୋଗଦାନ କରନ୍ତି । ବସ୍ତୁତଃ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ଛଡ଼ା ସାଧାରଣ conferenceରେ ଏତେ ଲୋକ ସମାଗମ କେବେ ବି ହେଇନି ।

ବିଭିନ୍ନ ସ୍ଥାନରୁ ଏଇ Special trainର ବ୍ୟବସ୍ଥା ମୋତେ ଦିଲ୍ଲୀରେ ରହି କରିବାକୁ ହୋଇଥିଲା । କେନ୍ଦ୍ରୀୟ ରେଳମନ୍ତ୍ରୀଙ୍କ ଆଦେଶାନୁଯାୟୀ ସ୍ଥାନୀୟ ରେଳକର୍ତ୍ତୃପକ୍ଷ ମଧ୍ୟ ଏ ବିଷୟରେ ଯଥାଯଥ ସୁବ୍ୟବସ୍ଥା କରନ୍ତି ଏବଂ ଆମର ବୀରେନ୍ଦ୍ରଲାଲ୍ ମିତ୍ର କଲିକତାରେ ରହି ସ୍ଥାନୀୟ ରେଳ କର୍ତ୍ତୃପକ୍ଷଙ୍କ ସହ ସଂଯୋଗ ରକ୍ଷା କରନ୍ତି ।

ଏଇ ଉପଲକ୍ଷେ ବହୁ Special train ଆସିବାରୁ ଦେଓଘରେ ଓ ଅନ୍ୟାନ୍ୟ ସ୍ଥାନରେ ଏକ ବିରାଟ ଆଲୋଡ଼ନ ସୃଷ୍ଟି ହୁଏ ଏବଂ ଏପ୍ରକାର ବିପୁଳ ଜନସମାବେଶ ଦେଖି

ସ୍ଥାନୀୟ କର୍ତ୍ତୃପକ୍ଷ ଓ ଜନସାଧାରଣ ଶ୍ରୀଶ୍ରୀଠାକୁରଙ୍କର ମହତ୍ତ୍ୱ ଏବଂ ଜନମାନସରେ ତାଙ୍କର ଅସାମାନ୍ୟ ପ୍ରଭାବ ଉପଲବ୍ଧି କରି, ସବୁପ୍ରକାର ସହାୟତା କରିବାକୁ ଆଗେଇ ଆସନ୍ତି ।

ଏହା ପରେହିଁ ସ୍ୱତଃସିଦ୍ଧ ହୋଇ ଉଭାହେଲା, ବର୍ଷରେ ଦୁଇଟି କରି ଉତ୍ସବ— 'ନବବର୍ଷ ପୁରୁଷୋତ୍ତମ ସ୍ୱସ୍ତିତୀର୍ଥ ମହାଯଜ୍ଞ' ନାମ ଦେଇ, ବର୍ଷର ପ୍ରଥମ ଦିବସରେ, ଆଉ ଗୋଟିଏ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ,— ବିଜୟା ଦଶମୀର ଠିକ୍ ପରେ ।

ପ୍ରଥମେ କୁଷ୍ଟିୟାରେ 'ବିଶ୍ୱଗୁରୁ ଆବିର୍ଭାବ ମହାମହୋତ୍ସବ' ନାମରେ ଯେଉଁ ଉତ୍ସବ ଉଦ୍‌ଯାପିତ ହୁଏ, ତା'ର କେତେବର୍ଷ ପରଠାରୁ ହିମାଇତପୁର କେନ୍ଦ୍ର ସତ୍‌ସଙ୍ଗରେ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ପ୍ରତିବର୍ଷ ନିୟମିତଭାବେ ପାଳିତ ହୋଇ ଆସୁଥିଲା । ସେଥିରେ ଦେଶର ନେତୃସ୍ଥାନୀୟ ପ୍ରସିଦ୍ଧ ବ୍ୟକ୍ତିଗଣ— ଯଥା ସାହିତ୍ୟ ସମ୍ରାଟ୍ ଶରତ୍‌ଚନ୍ଦ୍ର, କାମିନୀରାୟ, ସରଳା ଦେବୀ ଚୌଧୁରାଣୀ, ରାଷ୍ଟ୍ରନେତା ବିପିନଚନ୍ଦ୍ର ପାଲ୍, କଲିକତା ହାଇକୋର୍ଟର ଚୀଫ୍-ଜଷ୍ଟିସ୍ ମନ୍ମଥନାଥ ମୁଖାର୍ଜୀ, କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର ଡାଃ ଆର୍କୁହାଟ, ବିଚାରପତି ବି. ଘୋଷ, ମହାରାଜା ମଣୀନ୍ଦ୍ର ନନ୍ଦୀ, ଅଧ୍ୟାପକ ଖଗେନ୍ଦ୍ରନାଥ ମିତ୍ର, ସଲିସିଟର ଯତୀନ୍ଦ୍ରନାଥ ବୋସ, ଏ.କେ. ଫଜଲୁଲ ହକ୍, ଏଡ୍‌ଭୋକେଟ୍ ମହମ୍ମଦ ଓୟାଛେଦ ହୁସେନ୍ ପ୍ରଭୃତି ଯୋଗଦାନ କରିଛନ୍ତି ।

ଦୀର୍ଘଦିନ ଏହିପରିଭାବେ ସତ୍‌ସଙ୍ଗ କେନ୍ଦ୍ରଆଶ୍ରମରେ ଉତ୍ସବ ପରିଚାଳିତ ହେବାପରେ ସ୍ଥିର ହୁ— ଗୋଟିଏ ସ୍ଥାନରେ ଏହିପରି ଉତ୍ସବ ନକରି ଗୋଟିଏ ଗୋଟିଏ ଅଞ୍ଚଳରେ ବର୍ଷଶେଷରେ ବଡ଼ କରି ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ପାଳିତ ହେଲେ ଶ୍ରୀଶ୍ରୀଠାକୁରଙ୍କର ଭାବଧାରା ପ୍ରଚାରରେ ସହାୟକ ହେବ । ତେଣୁ ପର ବର୍ଷଠାରୁ ଯଶୋହର, ବରିଶାଲ, କାଳୀଘାଟ, ମେଦିନୀପୁର, କଲିକତା ପ୍ରଭୃତି ସ୍ଥାନରେ ଉତ୍ସବ ଅନୁଷ୍ଠିତ ହୁଏ । ସ୍ଥାନୀୟ ଲୋକମାନେ ଉଦ୍‌ଯୋଗୀ ହୋଇ ଉତ୍ସବର ସମୁଦାୟ ବ୍ୟବସ୍ଥା କରିବେ, ଏଇ ଉଦ୍ଦେଶ୍ୟରେ ଏପରି ବ୍ୟବସ୍ଥା କରାହୋଇଥିଲା, କିନ୍ତୁ କାର୍ଯ୍ୟସମୟରେ ଦେଖାଗଲା ସେଇସବୁ ସ୍ଥାନରେ ଉତ୍ସବ ଅନୁଷ୍ଠାନ ସମ୍ପନ୍ନ କରିବାପାଇଁ କେନ୍ଦ୍ରରୁ କର୍ମୀ ଓ ବକ୍ତାମାନଙ୍କୁ ଡକେଇ ପଠାହେବାକୁ ଲାଗିଲା ଏବଂ ସେମାନଙ୍କ ବିନା ଉତ୍ସବ କରିବା ସମ୍ଭବ ହେଲା ନାହିଁ!

୧୯୪୯ ମସିହା ସେପ୍ଟେମ୍ବର ମାସରେ, କଲିକତାର ଶ୍ରଦ୍ଧାନନ୍ଦ ପାର୍କରେ ଶ୍ରୀଶ୍ରୀଠାକୁରଙ୍କର ଆବିର୍ଭାବ ତିଥି ଉତ୍ସବ, ମହାନଗରୀର ଯୋଗ୍ୟ ସମାରୋହରେ ଅନୁଷ୍ଠିତ ହୁଏ । ଶ୍ରୀସ୍ମରଜିତ୍ ଘୋଷ ଥିଲେ ଏହାର ପ୍ରଧାନ ଉଦ୍ୟୋକ୍ତା, ଯଦିଚ ଦେଓଘର କେନ୍ଦ୍ର-ସତ୍‌ସଙ୍ଗରୁ ଶ୍ରଦ୍ଧେୟ ବଡ଼ଦା ଶ୍ରୀଯୁତ ସୁଧୀର ବୋସ୍ ଓ ଅନ୍ୟାନ୍ୟ କର୍ମୀମାନଙ୍କୁ ତାଙ୍କର ସହାୟତାପାଇଁ ପଠେଇଦିଅନ୍ତି । ମୋ' ପକ୍ଷରେ ଏଇ ପ୍ରସ୍ତୁତି କାର୍ଯ୍ୟରେ ଯୋଗଦାନ କରିବା ସମ୍ଭବ ନଥିଲା କାରଣ ଟ୍ରାମରୁ ପଡ଼ିଯାଇ ମୋର ପାଦର ହାଡ଼ ଭାଙ୍ଗିଯାଇଥିଲା, ପାଦରେ ପ୍ଲାଷ୍ଟରବନ୍ଧା ଅବସ୍ଥାରେ ସେତେବେଳେ ମୁଁ ଦେଓଘରେ ବିଶ୍ରାମ ନେଉଥିଲି ।

ଭଲକରି ସେତେବେଳେ ମୁଁ ଚାଲି ବି ପାରୁନି, ଶ୍ରୀଶ୍ରୀଠାକୁର ମୋତେ କହିଲେ— ଆପଣ ଯଦି କଲିକତା ଯାଇ ଖାଲି ବସି ବି ରହନ୍ତି, ତେବେ ଉତ୍ସବ କାମ ଅନେକ ଭଲ ହେବ ।

Scanned with CamScanner

ତାଙ୍କର ଆଦେଶ ଶିରୋଧାର୍ଯ୍ୟ କରି ୬୮ ନଂ ମିର୍ଜାପୁର ଷ୍ଟ୍ରିଟ୍‌ରେ ଆସି ପହଞ୍ଚିଲି; ସେଇଠାରେ ସେତେବେଳେ ଉତ୍ସବ ଅଫିସ୍ କରାଯାଇଛି। ମୋର ଆପତ୍ତି ସତ୍ତ୍ୱେ ଏବଂ ପ୍ରତ୍ୟକ୍ଷଭାବରେ କୌଣସି କାମ କରିପାରିବି ନାହିଁ ଜାଣି ମଧ୍ୟ, କଲିକତାବାସୀ ସତ୍‌ସଙ୍ଗୀମାନେ ମୋତେ ଉତ୍ସବ ସମିତିର ପ୍ରେସିଡେଣ୍ଟ ନିର୍ବାଚିତ କଲେ।

ଶ୍ରଦ୍ଧାନନ୍ଦ ପାର୍କରେ ଉତ୍ସବ ଅନୁଷ୍ଠାନ ସମ୍ଭବ ହେବ କିନା, ସେ ବିଷୟରେ ଆରମ୍ଭରୁ ଅନେକେ ସନ୍ଦେହ ପ୍ରକାଶ କରିଥିଲେ, କାରଣ ସେଠାରେ ସେତେବେଳେ ସ୍ଥାନୀୟ ଗୁଣ୍ଡାପ୍ରକୃତିର ଲୋକଙ୍କର ଉପଦ୍ରବ ଚାଲୁଥିଲା। କାର୍ଯ୍ୟକ୍ଷେତ୍ରରେ ହେଲା ବି ସେଇଆ। ଉତ୍ସବ ପୂର୍ବରୁ ପ୍ୟାଣ୍ଡେଲ୍‌ର ଗୋଟିଏ ପଟେ ସେମାନେ ନିଆଁ ଲଗେଇ ଦେଲେ। କର୍ମୀମାନେ ତାକୁ ଲିଭେଇ ଦେଲେ ମଧ୍ୟ, ଏପରି ବିଘ୍ନ ଯେପରି ଆଉ ନ ହୁଏ, ସେଥିପାଇଁ ଆମକୁ ହୁସିଆର ହେବାକୁ ପଡ଼ିଲା।

ଏଇ ଉଦ୍ଦେଶ୍ୟରେ ମୁଁ ସ୍ଥାନୀୟ ଛାତ୍ରଦଳର ନେତା, ଶ୍ରୀସତ୍ୟ ବିଶ୍ୱାସ ଓ ଷ୍ଟୁଡେଣ୍ଟସ୍ ୟୁନିଅନ୍‌ର ସେକ୍ରେଟାରୀ ନେତାଜୀଙ୍କର ଭ୍ରାତୁଷ୍ପୁତ୍ର, ଶ୍ରୀଅରବିନ୍ଦ ବୋସ୍‌କୁ ଡକେଇ ପଠେଇଲି। ସେମାନେ ଆସିବାରୁ କହିଲି,— ତୁମମାନଙ୍କ ଭରସାରେ ଆମେ ଏଇ ପାର୍କରେ ଉତ୍ସବର ଆୟୋଜନ କରିଛୁ, ତୁମେମାନେ ଯଦି ଉତ୍ସବ ସୁସମ୍ପନ୍ନ ହେବାର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜେ ଗ୍ରହଣ କର ତା'ହେଲେ ଆମେ ନିଶ୍ଚିନ୍ତ ହୋଇପାରିବୁ। ସେମାନଙ୍କୁ ଆହୁରି ଅନୁରୋଧ କଲି— ଉତ୍ସବର ଶେଷଦିନ ଗୋଟିଏ ଶୋଭାଯାତ୍ରା ମହାନଗରୀ ପ୍ରଦକ୍ଷିଣ କରିବ, ତା'ର ବ୍ୟବସ୍ଥା ମଧ୍ୟ ତୁମମାନଙ୍କୁ କରିଦେବାକୁ ହେବ।

ଏ ବିଷୟରେ ଉଦ୍ୟୋଗୀ ହୋଇ ସେମାନେ ଦାୟିତ୍ୱ ଗ୍ରହଣ କରିବାରୁ ଏଇ ବିରାଟ ଉତ୍ସବ ନିର୍ବିଘ୍ନରେ ଉଦ୍‌ଯାପିତ ହେଲା। ଏଇ ଉପଲକ୍ଷେ, ରଥରେ ପୁଷ୍ପଦାମ-ସଜ୍ଜିତ ଶ୍ରୀଶ୍ରୀଠାକୁରଙ୍କର ବିରାଟ ପ୍ରତିକୃତି ନେଇ, ଲକ୍ଷାଧିକ ନରନାରୀ ବିବିଧ ବାଦ୍ୟଯନ୍ତ୍ର ଓ ପତାକା ସହ ସମଗ୍ର ଉତ୍ତର କଲିକତା ପ୍ରଦକ୍ଷିଣ କରିଥିଲେ। ଆମର ଆମେରିକାନ୍ ଗୁରୁଭ୍ରାତା— ଆଉଟର ବ୍ରିଜ ସାହେବ୍ ଏଇ ପ୍ରସେସନର ଚଳଚ୍ଚିତ୍ର ଉଠେଇଥିଲେ— ତାହା ବୋଧହୁଏ ଅନେକେ ଦେଖିଛନ୍ତି।

କଲିକତାର ଏଇ ଉତ୍ସବର କେତେ ବର୍ଷପରେ, ଦେଓଘରେ ଉତ୍ସବ ଉପଲକ୍ଷେ Special trainର ସମାରୋହର କଥା ପୂର୍ବରୁ କହିଛି। ତା'ପରଠାରୁ ଏଠାରେ ନିୟମିତ ବର୍ଷରେ ଦୁଇଥର କରି ଉତ୍ସବ ପାଳିତ ହୋଇ ଆସୁଛି,— ଗୋଟିଏ 'ନବବର୍ଷ ପୁରୁଷୋତ୍ତମ ସ୍ୱସ୍ତିତୀର୍ଥ ମହାଯଜ୍ଞ' ନାମରେ ନବବର୍ଷୋତ୍ସବ, ଆଉ ଅନ୍ୟଟି ଶ୍ରୀଶ୍ରୀଠାକୁରଙ୍କର ଜନ୍ମମହୋତ୍ସବ।

□□□

ଏଇ **'ମାନସତୀର୍ଥ ପରିକ୍ରମା'** କେବଳ ଲେଖକଙ୍କର ମନଃସ୍ଥ ସ୍ମରଣୀୟ ଘଟଣାବଳୀର ବିଶଦ ବର୍ଣ୍ଣନା ନୁହେଁ, କହିବାକୁ ଗଲେ ଏହା ଏକାଧାରରେ ଶ୍ରୀଶ୍ରୀଠାକୁରଙ୍କର ଦିବ୍ୟ-ଜୀବନୀ, ଲେଖକ ଶ୍ରଦ୍ଧେୟ ସୁଶୀଲଚନ୍ଦ୍ର ବସୁଙ୍କର ଇଷ୍ଟସମର୍ପିତ ଜୀବନର ଇତିହାସ ବା ଆତ୍ମଜୀବନୀ, ଦେଶବନ୍ଧୁ ଚିତ୍ତରଞ୍ଜନ ପ୍ରଭୃତି କତିପୟ ଦେଶବରେଣ୍ୟ ବ୍ୟକ୍ତି ତଥା ଇଷ୍ଟପ୍ରାଣ ଭକ୍ତପ୍ରବରଙ୍କର ସଂକ୍ଷିପ୍ତ ଜୀବନୀ ଏବଂ ସର୍ବୋପରି ସମ୍ପ୍ରତି ଦ୍ରୁତ ପ୍ରଗତିଶୀଳ 'ସତ୍‌ସଙ୍ଗ'ର ବାଲ୍ୟାବଧି ପ୍ରାୟ ଅର୍ଦ୍ଧଶତ ବର୍ଷର ଏକ ପ୍ରାମାଣିକ ଇତିହାସ ।

କେତେ ଯେ ଝଡ଼ଝଞ୍ଜା, ବାଧାବିଘ୍ନ ଅତିକ୍ରମ କରି କତିପୟ ଇଷ୍ଟପ୍ରାଣ ନିୟତ କର୍ମୀଙ୍କୁ ନେଇ ଶ୍ରୀଶ୍ରୀଠାକୁର ସର୍ବକଲ୍ୟାଣାର୍ଥେ ଏଇ 'ସତ୍‌ସଙ୍ଗ'ର ଭିତ୍ତି ସ୍ଥାପନ କରିଛନ୍ତି, ତା'ର ଇୟତ୍ତା ନାହିଁ । ସେଇସବୁ ହର୍ଷବିଷାଦପୂର୍ଣ୍ଣ ପ୍ରତ୍ୟକ୍ଷଦର୍ଶୀ କାହାଣୀରେ ପରିପୂର୍ଣ୍ଣ ଏଇ ମନୋରମ ପୁସ୍ତକ 'ମାନସତୀର୍ଥ ପରିକ୍ରମା' ।

ପୁସ୍ତକଟି ପ୍ରତ୍ୟେକଙ୍କର ଅବଶ୍ୟ ସଂଗ୍ରହଣୀୟ ଓ ପଠନୀୟ ।

ପ୍ରକାଶ ପଥେ

ଏଇ ଲେଖକଙ୍କର ଆଉ ଦୁଇଟି ପୁସ୍ତକର ଓଡ଼ିଆ ରୂପାନ୍ତର :

'ଜାତିସ୍ମର କଥା' ଓ 'ରାଜସ୍ଥାନ-ପଥେ' ।

Scanned with CamScanner